# ରାଜନୀତି ବିଜ୍ଞାନ

**ଦ୍ୱାଦଶ ଶ୍ରେଣୀ**

## ଭାରତରେ ଗଣତନ୍ତ୍ର, ଅନ୍ତର୍ଜାତୀୟ ରାଜନୀତି

(ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ନିର୍ଦ୍ଧାରିତ)


**ଲେଖକ ମଣ୍ଡଳୀ**

**ପ୍ରଫେସର ପଙ୍କଜ କୁମାର ପ୍ରଧାନ**
*ପ୍ରାକ୍ତନ ପ୍ରାଧ୍ୟାପକ, ରାଜନୀତି ବିଜ୍ଞାନ,*
*ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର*

**ଡକ୍ଟର ସଚ୍ଚିଦାନଂଦ ମିଶ୍ର**
*ପ୍ରାକ୍ତନ ପ୍ରାଧ୍ୟାପକ, ରାଜନୀତି ବିଜ୍ଞାନ,*
*ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ*

**ଡକ୍ଟର ହରିପ୍ରସାଦ ତୁଳ**
*ଅଧ୍ୟକ୍ଷ,*
*ରାମପୁର ମହାବିଦ୍ୟାଳୟ, କଳାହାଣ୍ଡି*

**ଶ୍ରୀ ମାନସ ରଞ୍ଜନ ବେହେରା**
*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ,*
*ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର*

**ଡକ୍ଟର ସୁନନ୍ଦା ହୋତା**
*ପ୍ରାଧ୍ୟାପିକା, ରାଜନୀତି ବିଜ୍ଞାନ*
*ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟ, ଭୁବନେଶ୍ୱର*

**ସମୀକ୍ଷକ**

**ପ୍ରଫେସର ପଙ୍କଜ କୁମାର ପ୍ରଧାନ**
*ପ୍ରାକ୍ତନ ପ୍ରାଧ୍ୟାପକ, ରାଜନୀତି ବିଜ୍ଞାନ,*
*ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ, ବାଲେଶ୍ୱର*



ପ୍ରକାଶକ

**ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା**

ପୁସ୍ତକଭବନ, ଭୁବନେଶ୍ୱର

# ମୁଖବନ୍ଧ

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଆବଶ୍ୟକତା ଓ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ରାଜନୀତି ବିଜ୍ଞାନର ପାଠ୍ୟସୂଚୀକୁ ପରିବର୍ତ୍ତିତ ତଥା ପରିମାର୍ଜିତ କରାଯାଇଛି । ଏହି ପରିବର୍ତ୍ତିତ ନୂତନ ପାଠ୍ୟସୂଚୀ ଅନୁସାରେ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଦ୍ୱାଦଶ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କ ପାଇଁ ପାଠ୍ୟପୁସ୍ତକ ପ୍ରକାଶ କରୁଛନ୍ତି । ପରିଷଦ ଦ୍ୱାରା ମନୋନୀତ ରାଜ୍ୟର ଅଭିଜ୍ଞ ତଥା ବରିଷ୍ଠ ଅଧ୍ୟାପକମଣ୍ଡଳୀ ଏହି କାର୍ଯ୍ୟ ସମ୍ପାଦିତ କରିଛନ୍ତି । ଦ୍ୱାଦଶ ଶ୍ରେଣୀ ନିମନ୍ତେ ପାଠ୍ୟପୁସ୍ତକ ପ୍ରକାଶିତ ହେଉଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ ।

ଏହି ପୁସ୍ତକ ପ୍ରକାଶ ପାଉଥିବା ଅବସରରେ ମୁଁ ପ୍ରଥମେ ଏହାର ପ୍ରଣେତା ଶ୍ରୀ ପଙ୍କଜ କୁମାର ପ୍ରଧାନ, ଡକ୍ଟର ସଚ୍ଚିଦାନନ୍ଦ ମିଶ୍ର, ଡକ୍ଟର ହରିପ୍ରସାଦ ଦୁଳ, ଡକ୍ଟର ମାନସ ରଞ୍ଜନ ବେହେରା ଓ ଡକ୍ଟର ସୁନନ୍ଦା ହୋତା ଏବଂ ସମୀକ୍ଷକ ଶ୍ରୀ ପଙ୍କଜ କୁମାର ପ୍ରଧାନଙ୍କୁ ଆନ୍ତରିକ ଧନ୍ୟବାଦ ପ୍ରଦାନ କରୁଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପାଠ୍ୟସୂଚୀ ପ୍ରସ୍ତୁତକାରୀ ସମିତି ଦ୍ୱାଦଶ ଶ୍ରେଣୀ ପାଇଁ ଏହାକୁ ଏକମାତ୍ର ପାଠ୍ୟ ପୁସ୍ତକ ଭାବରେ ନିର୍ଦ୍ଧାରିତ କରିଥିବାରୁ ମୁଁ ବିଶେଷ ଭାବରେ କୃତଜ୍ଞ ।

ରାଜ୍ୟର ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କର ଆଶା ଓ ଆବଶ୍ୟକତା ପୂରଣ ଦିଗରେ ଏହି ପୁସ୍ତକ ସହାୟକ ହେବ ବୋଲି ମୋର ଆଶା ଓ ବିଶ୍ୱାସ । ବିଷୟବସ୍ତୁର ଉପଯୋଗିତା ଓ ଉପାଦେୟତା ସମ୍ପର୍କରେ ସୁଚିନ୍ତିତ ମତାମତ ପୁସ୍ତକର ମାନ ଉନ୍ନତି ନିମନ୍ତେ ପ୍ରେରଣା ଯୋଗାଇବ ।

**ଶ୍ରୀ ଉମାକାନ୍ତ ତ୍ରିପାଠୀ**
ନିର୍ଦ୍ଦେଶକ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା
ପୁସ୍ତକଭବନ, ଭୁବନେଶ୍ୱର

# ଉପକ୍ରମଣିକା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ରାଜନୀତି ବିଜ୍ଞାନ ପାଠ୍ୟ ଖସଡା ଅନୁଯାୟୀ ଓଡ଼ିଶାର ଦ୍ୱାଦଶ ଶ୍ରେଣୀର ପାଠ୍ୟ ଖସଡାରେ ପରିବର୍ତ୍ତନ କରିଥିବାରୁ ଏକ ନୂତନ ପୁସ୍ତକ ପ୍ରକାଶନ ଆବଶ୍ୟକତା ଜରୁରୀ ହୋଇପଡ଼ିଲା । ନୂତନ ପାଠ୍ୟ ଖସଡା ପ୍ରସ୍ତୁତି ସମୟରେ ସମିତିର ସମସ୍ତ ସଦସ୍ୟ ଅନୁଭବ କଲେ ଯେ ରାଜନୀତି ବିଜ୍ଞାନର ସମସ୍ତ ବିଷୟକୁ ସମୟୋପଯୋଗୀ କରିବା ଆବଶ୍ୟକ, କାରଣ ତାତ୍ତ୍ୱିକ ଓ ବାସ୍ତବିକ ରାଜନୀତିରେ ବହୁ ପରିବର୍ତ୍ତନ ଦେଖାଯାଇଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଏକ ଅଭିଜ୍ଞ ଅଧ୍ୟାପନା ମଣ୍ଡଳୀ ହାତରେ ଏହି ଦାୟୀତ୍ୱ ନ୍ୟସ୍ତ କଲେ । ବର୍ତ୍ତମାନର ଲେଖକ ମଣ୍ଡଳୀ ନାନା ବାଧା ସତ୍ତ୍ୱେ ସେହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଚେଷ୍ଟା କରିଛି ।

ରାଜନୀତି ବିଜ୍ଞାନର ଏହି ପୁସ୍ତକଟି ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ । ଗଣତାନ୍ତ୍ରିକ ପ୍ରକ୍ରିୟା ସହିତ ଭାରତର ଅନୁଭୂତି ଏବଂ ଅନ୍ତର୍ଜାତୀୟ ରାଜନୀତି ଓ ସମ୍ପର୍କ ବିଷୟରେ ଗୁରୁତ୍ୱପୂର୍ଣ୍ଣ ଅବଧାରଣା ଦିଆଯାଇଛି । ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ସୁବିଧା ପାଇଁ କିଛି ନୂତନ ବିଷୟକୁ ବିଶେଷ ଗୁରୁତ୍ୱ ଦିଆଯାଇଛି ।

ଛାତ୍ରମାନଙ୍କ ମନରେ କିଛି ରାଜନୈତିକ ବିଷୟରେ ଅନୁସନ୍ଧିତ୍ସା ବୃଦ୍ଧିପାଇଁ ପ୍ରଥମ ଥର ପାଇଁ ପୁସ୍ତକରେ କିଛି ବ୍ୟଙ୍ଗଚିତ୍ର ସାମିଲ କରାଯାଇଛି ।

ପ୍ରତି ଅଧ୍ୟାୟର ଶେଷରେ CBSE ଢାଞ୍ଚାରେ କିଛି ଆଦର୍ଶ ପ୍ରଶ୍ନାବଳୀ ଦିଆଯାଇଛି । ଆମେ ପ୍ରଶ୍ନକର୍ତ୍ତାଙ୍କୁ ଅନୁରୋଧ କରିବୁ ଯେ ସେମାନେ ଯେତେଦୂର ସମ୍ଭବ ଶୂନ୍ୟସ୍ଥାନ ପୂରଣକର ପ୍ରଶ୍ନଗୁଡ଼ିକୁ ପରୀକ୍ଷାରେ ସାମିଲ କରିବେ ନାହିଁ । ଯେଉଁ ପ୍ରଶ୍ନ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କର କଳ୍ପନା ଶକ୍ତି, ସୃଜନ ଶକ୍ତି ଓ ସ୍ୱତନ୍ତ୍ର ଚିନ୍ତାଧାରାର ଉଦ୍ରେକ ହେବ ସେଭଳି ପ୍ରଶ୍ନ ପକାଇବେ ।

ଶ୍ରୀ ସ୍ୱରାଜ ପ୍ରଧାନ ବ୍ୟଙ୍ଗ ଚିତ୍ରଗୁଡ଼ିକୁ ଆଙ୍କିଛନ୍ତି ଓ ସେଥିପାଇଁ କୌଣସି ପାରିଶ୍ରମିକ ନେଇନାହାନ୍ତି ଏବଂ ସେ ରଚନାସତ୍ତ୍ୱ ବ୍ୟୁରୋକୁ ହସ୍ତାନ୍ତରିତ କରିଛନ୍ତି । ସେଥିପାଇଁ ଆମେ ତାଙ୍କୁ ଧନ୍ୟବାଦ ଜଣାଉଛୁ ।

ଶେଷରେ ଏହି ପୁସ୍ତକଟିକୁ ପ୍ରକାଶ କରିବା ଦିଗରେ ପାଠ୍ୟପୁସ୍ତକ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ ଶ୍ରୀ ଉମାକାନ୍ତ ତ୍ରିପାଠୀ ଉପନିର୍ଦ୍ଦେଶକ ଶ୍ରୀ ବିରାଜ ଭୂଷଣ ମହାନ୍ତି ତଥା ଅନ୍ୟାନ୍ୟ କର୍ମଚାରୀବୃନ୍ଦ ବିଶେଷ ଆଗ୍ରହ ପ୍ରଦର୍ଶନ କରିଥିବାରୁ ଆମେ ସେମାନଙ୍କର ଅବଦାନକୁ କୃତଜ୍ଞତାର ସହ ସ୍ମରଣ କରୁଛୁ ।

– ଲେଖକ ମଣ୍ଡଳୀ

## SYLLABUS

# POLITICAL SCIENCE

### Class-12

1. **Democracy :** Meaning, Types and Features; Challenges to Democratic Process in India- Inequaiity, Illiteracy, Regionalism, Naxalite Problem, Gender Inequality.

2. **Party system in India :** Meaning, Types; One Party Dominance, Coalition Politics; Regional Parties.

3. **Federalism in India :** Features; Centre-State relation; Recent Trends in Indian Federalism.

4. **Local Governance in India :** Rural & Urban Local Bodies- Composition & Functions.

5. **Challenges to nation Building :** Meaning; Communalism; Casteism; Regionalism; Terrorism; Remedies.

6. **Contemporary issues in Indian Politics :** Popular Movements-Women Movement; Environment protection Movements; Development-Displacement Movements.

7. **Indian Foreign Policy :** Basic Features; India its Neighbours-China, Pakistan.

8. **International Organizations :** UN: Major Organs-General Assembly; Security Council; International Court of Justice; Reforms of the UN. India's position in UN. International Economic Organizations- World Bank and the IMF.

9. **Changing Dimension of Security in Contemporary World: Traditional Security Concerns:** Arms Race and Disarmament. **Non-Traditional Security Concerns:** Human security: Global Poverty, Inequality, Health and Education.

10. **Environment and Natural Resources :** Global Environmental Concerns; Development and Environment; Global Warming and Climate Change.

❑ ❑ ❑

## ପ୍ରିୟ ଛାତ୍ର/ଛାତ୍ରୀ ଓ ପାଠକଙ୍କ ପାଇଁ ପଦେ...

### ଆଉକିଛି ଅଧିକ ଜାଣିବା ପାଇଁ ବିଭିନ୍ନ ଉତ୍ସ :

ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟା ଓ ଅନ୍ତର୍ଜାତୀୟ ରାଜନୀତି ବିଷୟରେ ଜାଣିବା ପାଇଁ ଉତ୍ସୁକଙ୍କ ପାଇଁ ବହୁତ ତଥ୍ୟ ପୁସ୍ତକ ସ୍ଥାନିତ କରାଯାଇଛି । ଇଂରାଜୀ, ହିନ୍ଦୀ ଓ ଅନ୍ୟାନ୍ୟ ଭାରତୀୟ ଭାଷାରେ ବହୁ ପୁସ୍ତକ ବଜାରରେ ମିଳୁଛି । ଓଡିଶାର ଛାତ୍ର / ଛାତ୍ରୀ ଓଡିଆ ବ୍ୟତିତ ଇଂରାଜୀ ଓ ହିନ୍ଦୀ ବହି ପଢିପାରିବେ ।

### ଆଉ କିଛି ସୂଚନା :

- ଏହି ପୁସ୍ତକରେ ଯାହା ଆଲୋଚନା କରାଯାଇଛି ବା ସିଲାବସ୍‌ରେ ଯାହା ଦିଆଯାଇଛି, ସେ ବିଷୟରେ ଇଣ୍ଟରନେଟ ଓ ୱିକିପେଡିଆର ବିଶେଷ ଲେଖା ପ୍ରଚୁର ପରିମାଣରେ ଉପଲବ୍ଧ ।
- ଇଂରାଜୀ ଓ ହିନ୍ଦୀରେ ଫ୍ରଣ୍ଟଲାଇନ, ଇଣ୍ଡିଆ ଟୁଡେ, ସେମିନାର, ଓ ୱାର୍ଲ୍ଡ ଫୋକସ୍ ଇତ୍ୟାଦି ପତ୍ରିକାରେ ଏ ବିଷୟ ମାନଙ୍କରେ ବିଶେଷ ଲେଖା ସମୟସମୟରେ ବାହାରିଥାଏ । ପାଠକମାନେ ତାର ଉପଯୋଗ କରିପାରିବେ ।
- ପ୍ରତିଦିନ ଇଂରାଜୀ ଓ ଓଡିଆ ଖବରକାଗଜ ପଢିବା ଗୋଟିଏ ଭଲ ଅଭ୍ୟାସ । ସମ୍ପାଦକୀୟ ଓ ଅନ୍ୟାନ୍ୟ ସ୍ତମ୍ଭରେ ଜାତୀୟ ଓ ଅନ୍ତର୍ଜାତୀୟ ରାଜନୀତି ଉପରେ ଲେଖା ଖବରକାଗଜ ଗୁଡିକରେ ଛପା ଯାଇଥାଏ ।
- ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଇଣ୍ଡିଆ ଇଅରବୁକ୍‌ରେ ବିଭିନ୍ନ ପରିସଂଖ୍ୟାନର ସଦ୍ୟତମ ତଥ୍ୟର ଉପସ୍ଥାପନା ମିଳିପାରିବ ।
- NCERT ଦ୍ୱାରା ପ୍ରକାଶିତ ବହି ମଧ୍ୟ ଛାତ୍ର /ଛାତ୍ରୀ ମାନଙ୍କୁ ବିଶେଷ ସହାୟକ ହୋଇପାରିବ ।

❑ ❑ ❑

# ସୂଚୀପତ୍ର


| ଅଧ୍ୟାୟ | | ବିଷୟ | ପୃଷ୍ଠା |
|---|---|---|---|
| ପ୍ରଥମ | : | ଭାରତରେ ଗଣତନ୍ତ୍ର | ୧ - ୧୯ |
| ଦ୍ୱିତୀୟ | : | ରାଜନୈତିକ ଦଳ | ୨୦ - ୪୩ |
| ତୃତୀୟ | : | ଭାରତର ସଂଘୀୟ ବ୍ୟବସ୍ଥା | ୪୪ - ୬୪ |
| ଚତୁର୍ଥ | : | ଭାରତର ସ୍ଥାନୀୟ ପ୍ରଶାସନ | ୬୫ - ୯୬ |
| ପଞ୍ଚମ | : | ଜାତି ନିର୍ମାଣର କେତୋଟି ସମସ୍ୟା | ୯୭ - ୧୩୨ |
| ଷଷ୍ଠ | : | ଭାରତୀୟ ରାଜନୀତିରେ ସମସାମୟିକ ଆଲୋଚ୍ୟ ବିଷୟ | ୧୩୩ - ୧୫୪ |
| ସପ୍ତମ | : | ଭାରତର ବିଦେଶ ନୀତି | ୧୫୫ - ୧୭୯ |
| ଅଷ୍ଟମ | : | ଅନ୍ତର୍ଜାତୀୟ ଅନୁଷ୍ଠାନ: ମିଳିତ ଜାତିସଂଘ | ୧୮୦ - ୨୦୩ |
| ନବମ | : | ନିରାପତ୍ତାର ପରିବର୍ତ୍ତମାନ ପରିସର | ୨୦୪ - ୨୩୮ |
| ଦଶମ | : | ପରିବେଶ ଓ ପ୍ରାକୃତିକ ସମ୍ପଦ | ୨୩୯ - ୨୫୨ |


□□□

ପ୍ରଥମ ଅଧ୍ୟାୟ

# ଭାରତରେ ଗଣତନ୍ତ୍ର

*"ଯେଉଁ ସରକାରରେ ଶାସନ କ୍ଷମତା କୌଣସି ନିର୍ଦ୍ଦିଷ୍ଟ ଶ୍ରେଣୀର ଲୋକଙ୍କ ହାତରେ ନ ରହି ସମଗ୍ର ଗୋଷ୍ଠୀର ସଦସ୍ୟମାନଙ୍କ ହାତରେ ଆଇନତଃ ନ୍ୟସ୍ତ ଥାଏ, ତାକୁ ଗଣତନ୍ତ୍ର କୁହାଯାଏ।"*

– ଲର୍ଡ୍ ବ୍ରାଇସ୍

**ପାଠ୍ୟ ବିଷୟ :**

ଗଣତନ୍ତ୍ର: ଅର୍ଥ, ପ୍ରକାର ଓ ଉପାଦାନ

ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟାର ଅନ୍ତରାୟ:

- *ଅସମାନତା*
- *ନିରକ୍ଷରତା*
- *ଆଞ୍ଚଳିକତା*
- *ନକ୍ସଲ ସମସ୍ୟା ଓ ଲିଙ୍ଗଗତ ଅସମାନତା ।*

**କ'ଣ ଜାଣିବା ?**

ଗଣତନ୍ତ୍ର: ସୁଗୁଣ; ଦୁର୍ଗୁଣ; ସଫଳତା ପାଇଁ ଆବଶ୍ୟକୀୟ ଉପାଦାନ।

**କ'ଣ ପଢ଼ିବା ?**

ଗଣତନ୍ତ୍ର: ଅର୍ଥ; ପ୍ରକାର ଓ ଉପାଦାନ

ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟାର ଅନ୍ତରାୟ:

- *ଅସମାନତା*
- *ନିରକ୍ଷରତା*
- *ଆଞ୍ଚଳିକତା*
- *ନକ୍ସଲ ସମସ୍ୟା*
- *ଲିଙ୍ଗଗତ ଅସମାନତା ।*

ଆମ ସଂସଦ




ଗଣତନ୍ତ୍ରର ମନ୍ଦିର

## ଗଣତନ୍ତ୍ରର ଅର୍ଥ :

'ଗଣତନ୍ତ୍ର' ଏଭଳି ବହୁଳ ବ୍ୟବହୃତ ଶବ୍ଦ ଯେ, ଏହାର ବ୍ୟାଖ୍ୟା କରିବାର କୌଣସି ଆବଶ୍ୟକତା ଅନୁଭୂତ ହୁଏ ନାହିଁ। ଗ୍ରୀକ୍ ଭାଷାରେ Demos (ଗଣ) ଓ Kratos (କ୍ଷମତା)ର ସମନ୍ୱିତ ଶବ୍ଦରେ ଏହାର ଉତ୍ପତ୍ତି। ସୁତରାଂ ଏହାର ଆକ୍ଷରିକ ଅର୍ଥ ହେଲା ଗଣଶାସନ। ଅର୍ଥାତ୍ ଜନସାଧାରଣଙ୍କ ଦ୍ୱାରା ପରିଚାଳିତ ଶାସନ ହେଲା ଗଣତନ୍ତ୍ର। ରାଷ୍ଟ୍ରବିଜ୍ଞାନର ଜନକ

ଆରିଷ୍ଟଟଲ୍‌ଙ୍କ ମତରେ ଯଦିଓ ଗଣତନ୍ତ୍ର ହେଉଛି ସୁଜନତନ୍ତ୍ର (Polity)ର ନିକୃଷ୍ଟ ରୂପାନ୍ତର, ଆଧୁନିକ କାଳରେ କିନ୍ତୁ ଗଣତନ୍ତ୍ରକୁ ସମସ୍ତ ଶାସନ ବ୍ୟବସ୍ଥା ମଧ୍ୟରେ ଶ୍ରେଷ୍ଠ ତଥା ଆଦର୍ଶ ଶାସନବ୍ୟବସ୍ଥା ରୂପେ ବର୍ଣ୍ଣନା କରାଯାଇଛି ।

**ସଜ୍ଞା :**

- ଲର୍ଡ଼ ବ୍ରାଇସ୍ (Lord Bryce)ଙ୍କ ମତରେ, "ଯେଉଁ ସରକାରରେ ଶାସନ କ୍ଷମତା କୌଣସି ନିର୍ଦ୍ଦିଷ୍ଟ ଶ୍ରେଣୀର ଲୋକଙ୍କ ହାତରେ ନ ରହି ସମଗ୍ର ଗୋଷ୍ଠୀର ସଦସ୍ୟମାନଙ୍କ ହାତରେ ଆଇନତଃ ନ୍ୟସ୍ତ ଥାଏ, ତାକୁ ଗଣତନ୍ତ୍ର କୁହାଯାଏ ।"
- ରାଜନୀତିବିଜ୍ଞାନୀ ସୀଲି (Seeley) କହିଛନ୍ତି, "ଗଣତନ୍ତ୍ର ଏପରି ଏକ ଶାସନ ବ୍ୟବସ୍ଥା ଯେଉଁଥିରେ ସମସ୍ତଙ୍କର ଭାଗିଦାର ରହିଥାଏ ।"
- ଆମେରିକାର ପୂର୍ବତନ ପ୍ରଖ୍ୟାତ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍ (Abraham Lincoln)ଙ୍କ ମତରେ – "ଗଣତନ୍ତ୍ର ହେଲା ଜନଗଣଙ୍କର, ଜନଗଣଙ୍କ ଦ୍ୱାରା ଓ ଜନଗଣଙ୍କ କଲ୍ୟାଣ ପାଇଁ ପ୍ରତିଷ୍ଠିତ ସରକାର ।"

ସୁତରାଂ ଗଣତନ୍ତ୍ର କହିଲେ ଆମେ ବୁଝିବା ଯେ, କୌଣସି ବ୍ୟକ୍ତି ବା ଗୋଷ୍ଠୀ ନୁହନ୍ତି, ସମସ୍ତ ବ୍ୟକ୍ତି ହିଁ ରାଷ୍ଟ୍ରର ସାର୍ବଭୌମ କ୍ଷମତାର ଅଧିକାରୀ । ପ୍ରତ୍ୟେକ ନାଗରିକର ରାଷ୍ଟ୍ର ପରିଚାଳନାରେ ଅଂଶ ଗ୍ରହଣ କରିବାର ଅଧିକାର ରହିଛି । କିନ୍ତୁ ବ୍ୟାପକ ଦୃଷ୍ଟିକୋଣରୁ ବିଚାର କଲେ ଗଣତନ୍ତ୍ର କେବଳ ଗୋଟିଏ ଶାସନ ବ୍ୟବସ୍ଥା ନୁହେଁ, ଏହା ଏକ ଆଦର୍ଶ ସମାଜବ୍ୟବସ୍ଥା ଏବଂ ଆଦର୍ଶ ଜୀବନମାର୍ଗ । ରାଜନୈତିକ ଅର୍ଥରେ ଏହାକୁ ଆମେ ଏକ ପ୍ରତିନିଧିମୂଳକ ଏବଂ ଦାୟିତ୍ୱଶୀଳ ସରକାର କହିପାରିବା । ମାତ୍ର ଅର୍ଥନୈତିକ ତଥା ସାମାଜିକ ସାମ୍ୟ ବିନା ଗଣତନ୍ତ୍ରର ପ୍ରକୃତ ସ୍ୱରୂପ ଉପଲବ୍ଧି କରିହେବ ନାହିଁ । ସୁତରାଂ ସମାଜରେ ପରସ୍ପର ମଧ୍ୟରେ ସାମ୍ୟ, ମୈତ୍ରୀ, ସହନଶୀଳତା ଓ ସହୃଦୟତାର ଭାବ ରହିଥିଲେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ସଫଳ ହୋଇଥାଏ ।

## ଗଣତନ୍ତ୍ରର ଶ୍ରେଣୀବିଭାଗ

ଗଣତନ୍ତ୍ରକୁ ସାଧାରଣତଃ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଏ । (କ) ପ୍ରତ୍ୟକ୍ଷ ଗଣତନ୍ତ୍ର (ଖ) ପରୋକ୍ଷ ବା ପ୍ରତିନିଧିମୂଳକ ଗଣତନ୍ତ୍ର ।

### (କ) ପ୍ରତ୍ୟକ୍ଷ ଗଣତନ୍ତ୍ର (Direct Democracy) :

ପ୍ରତ୍ୟକ୍ଷ ଗଣତନ୍ତ୍ରରେ ରାଷ୍ଟ୍ରର ନାଗରିକମାନେ ପ୍ରତ୍ୟକ୍ଷ ଭାବେ ଶାସନ କାର୍ଯ୍ୟ ପରିଚାଳନା କରନ୍ତି । ପ୍ରାଚୀନ ଗ୍ରୀସ୍‌ର ନଗରରାଜ୍ୟଗୁଡ଼ିକରେ ଏ ପ୍ରକାର ବ୍ୟବସ୍ଥା ପ୍ରଚଳନ ଥିଲା । ନଗରରାଜ୍ୟର ସମସ୍ତ ନାଗରିକ ଗୋଟିଏ ସ୍ଥାନରେ ସମବେତ ହୋଇ ଆଇନ୍ ପ୍ରଣୟନ, ନୀତି ନିର୍ଦ୍ଧାରଣ, ତଥା ସମସ୍ତ ସରକାରୀ କାର୍ଯ୍ୟ ସମ୍ପାଦନ କରୁଥିଲେ । ସମୟେ ସମୟେ ଏହିପରି ଭାବେ ସେମାନେ ଏକତ୍ରିତ ହୋଇ ବିଚାର କାର୍ଯ୍ୟ ମଧ୍ୟ ପରିଚାଳନା କରୁଥିଲେ । ମାତ୍ର ଏହା ସମ୍ଭବ ହେଉଥିଲା, କାରଣ ସେତେବେଳେ ନଗରରାଜ୍ୟଗୁଡ଼ିକର ଆୟତନ କ୍ଷୁଦ୍ର ଥିଲା ଏବଂ ଜନସଂଖ୍ୟା

ଥିଲା ସ୍ୱଚ୍ଛ । ମାତ୍ର ଆଧୁନିକ କାଳରେ ରାଷ୍ଟ୍ରର ଆୟତନ ତଥା ଜନସଂଖ୍ୟାର ଅଭିବୃଦ୍ଧି ଯୋଗୁ ଏହା ଆଉ ସମ୍ଭବପର ହୋଇ ରହିନାହିଁ ।

ବର୍ତ୍ତମାନ ସମୟରେ କେବଳ ସୁଇଜରଲ୍ୟାଣ୍ଡରେ ଏହି ପ୍ରକାର ବ୍ୟବସ୍ଥା ପ୍ରଚଳିତ ଅଛି । ସେଠାରେ ଯେଉଁ ତିନିଗୋଟି ପନ୍ଥା ପ୍ରବର୍ତ୍ତିତ ହୋଇଛି, ତାହା ସାଧାରଣତଃ ପ୍ରତ୍ୟକ୍ଷ ଗଣତନ୍ତ୍ରର ଲକ୍ଷଣ ରୂପେ ବିବେଚିତ ହୋଇଥାଏ । ସେଗୁଡ଼ିକ ହେଲା ( ୧ ) ଗଣଭୋଟ (Referendum) ( ୨ ) ଗଣଦ୍ୟୋଗ (Initiative) (୩) ପ୍ରତ୍ୟାହାର (Recall) ।

**୧. ଗଣଭୋଟ (Referendum) :** ଏ ପ୍ରକାର ବ୍ୟବସ୍ଥାର ତାତ୍ପର୍ଯ୍ୟ ହେଲା, ବ୍ୟବସ୍ଥାପକ ସଭାରେ ପ୍ରଣୀତ ଆଇନ୍ କାର୍ଯ୍ୟକାରୀ ହେବା ପୂର୍ବରୁ, ଜନସାଧାରଣଙ୍କ ନିକଟରେ ଏହାକୁ ଉପସ୍ଥାପିତ କରାଯିବ । ଗଣଭୋଟ ମାଧ୍ୟମରେ ଏହା ଜନସାଧାରଣଙ୍କ ଦ୍ୱାରା ଗୃହୀତ ହେଲାପରେ କାର୍ଯ୍ୟକାରୀ ହୋଇଥାଏ । ଏହାକୁ ବାଧ୍ୟତାମୂଳକ ଜନମତ ସଂଗ୍ରହ କୁହାଯାଏ । ଏହି ବ୍ୟବସ୍ଥା ଫଳରେ ବ୍ୟବସ୍ଥାପକସଭାର ସଭ୍ୟମାନେ ମନମୁଖୀ ଆଇନ୍ ପ୍ରଣୟନ କରିପାରନ୍ତି ନାହିଁ । କେତେକ କ୍ଷେତ୍ରରେ ଏହି ଜନମତ ସଂଗ୍ରହ ବ୍ୟବସ୍ଥା ବାଧ୍ୟତାମୂଳକ ନ ହୋଇ ଇଚ୍ଛାଧୀନ ହୋଇଥାଏ । ଇଚ୍ଛାଧୀନ ବ୍ୟବସ୍ଥାରେ କେବଳ କିଛି ସଂଖ୍ୟକ ଭୋଟଦାତା ଆବେଦନ କଲେ ବ୍ୟବସ୍ଥାପକ ସଭାଦ୍ୱାରା ପ୍ରଣୀତ ଆଇନ୍ ଚିଠା ନିର୍ବାଚକମାନଙ୍କ ନିକଟରେ ଉପସ୍ଥାପିତ ହୋଇ ତାଙ୍କର ମତାମତ ନିଆଯାଇଥାଏ ଏବଂ ତାଙ୍କ ଦ୍ୱାରା ଗୃହୀତ ହେଲେ ତାହା କାର୍ଯ୍ୟକାରୀ ହୁଏ ।

**୨. ଗଣଦ୍ୟୋଗ (Initiative) :** ଯେତେବେଳେ ଲୋକମାନେ କୌଣସି ଆଇନ୍ ପ୍ରଣୟନର ଆବଶ୍ୟକତା ଉପଲବ୍ଧି କରନ୍ତି, ସେତେବେଳେ ଏହି ପନ୍ଥା ଅନୁସରଣ କରାଯାଇଥାଏ । ଲୋକଙ୍କର ବ୍ୟବସ୍ଥାପକସଭାକୁ ନିର୍ଦ୍ଦିଷ୍ଟ ଆଇନ୍ ପ୍ରଣୟନ କରିବା ପାଇଁ ନିର୍ଦ୍ଦେଶ ଦେବା ଅଥବା ଅନୁରୋଧ କରିବାର ଅଧିକାର ରହିଥାଏ । କୌଣସି କୌଣସି କ୍ଷେତ୍ରରେ ମଧ୍ୟ ଲୋକମାନେ ନିଜେ ଆଇନ୍ ଚିଠା ପ୍ରସ୍ତୁତ କରି ବ୍ୟବସ୍ଥାପକ ସଭାକୁ ତାହା ଗ୍ରହଣ କରିବା ପାଇଁ ପଠାଇ ଥାଆନ୍ତି । ଲୋକେ ଆଇନ୍ ପ୍ରଣୟନରେ ପ୍ରାଥମିକ ଉପକ୍ରମ କରୁଥିବାରୁ ଏହାକୁ ଉପକ୍ରମ ମଧ୍ୟ କୁହାଯାଏ ।

**୩. ପ୍ରତ୍ୟାହାର (Recall) :** ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟ ସନ୍ତୋଷଜନକ ନ ହେଲେ, ତାଙ୍କୁ ଯେ କୌଣସି ସମୟରେ ପ୍ରତିନିଧି ପଦରୁ ବିତାଡ଼ିତ କରିବାର ଅଧିକାର ନିର୍ବାଚକଗଣଙ୍କର ରହିଥାଏ । ଏହାକୁ "ପ୍ରତ୍ୟାହାର' କୁହାଯାଏ । ଯେଉଁଠାରେ ଏ ବ୍ୟବସ୍ଥା ପ୍ରଚଳନ ଥାଏ, ସେଠାରେ ନିର୍ଦ୍ଦିଷ୍ଟ ସଂଖ୍ୟକ ନିର୍ବାଚକ ଯେ କୌଣସି ସମୟରେ ନିଜ ପ୍ରତିନିଧିଙ୍କୁ ପଦଚ୍ୟୁତ କରିବା ପାଇଁ ପ୍ରସ୍ତାବ ଆଣି ସଂଖ୍ୟାଗରିଷ୍ଠ ନିର୍ବାଚକଙ୍କର ସମର୍ଥନ କ୍ରମେ ତାହାଙ୍କୁ ପ୍ରତିନିଧିତ୍ୱରୁ ଅନ୍ତର କରିଦେଇପାରନ୍ତି । ସୁତରାଂ ଜଣେ ପ୍ରତିନିଧି ଥରେ ନିର୍ବାଚିତ ହୋଇଗଲେ ସେ ନିରଙ୍କୁଶ ଭାବେ ନିର୍ଦ୍ଦିଷ୍ଟ ସମୟ ପାଇଁ କ୍ଷମତାରେ ରହି ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବାର ସୁଯୋଗ ଲାଭ କରନ୍ତି ନାହିଁ ।

**(ଖ) ପରୋକ୍ଷ ଗଣତନ୍ତ୍ର (Indirect Democracy) :**

ଯେଉଁ ଶାସନରେ ସାର୍ବଭୌମ କ୍ଷମତାର ଅଧିକାରୀ ଜନସାଧାରଣ ସରକାର-ପରିଚାଳନାରେ ପ୍ରତ୍ୟକ୍ଷ ଭାବରେ ଅଂଶ ଗ୍ରହଣ ନକରି ସେମାନଙ୍କ ପ୍ରତିନିଧିମାନଙ୍କ ହାତରେ ଶାସନ ଦାୟିତ୍ୱ ନ୍ୟସ୍ତ କରିଥାଆନ୍ତି, ତାକୁ

ପରୋକ୍ଷ ଗଣତନ୍ତ୍ର ବା ପ୍ରତିନିଧିମୂଳକ ଗଣତନ୍ତ୍ର କୁହାଯାଇଥାଏ। ଏଠାରେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ହିଁ ବାସ୍ତବରେ କ୍ଷମତାର ଅଧିକାରୀ ହୋଇଥାଆନ୍ତି। ସେମାନେ ଜନସାଧାରଣଙ୍କ ନାମରେ ଶାସନ କରନ୍ତି। ଆଧୁନିକ ଯୁଗରେ ଏହି ପ୍ରତିନିଧିମୂଳକ ବା ପରୋକ୍ଷ ଗଣତନ୍ତ୍ର ହିଁ ପ୍ରଚଳିତ।

**ଗଣତନ୍ତ୍ରର ଲକ୍ଷଣ :**

୧. ଗଣତନ୍ତ୍ରର ବିଶେଷ ଲକ୍ଷଣ ବା ମୌଳିକ ନୀତି ହେଲା ଜନସାଧାରଣଙ୍କ ସାର୍ବଭୌମତ୍ୱ। ସେମାନେ ହିଁ ବାସ୍ତବ କ୍ଷମତାର ଅଧିକାରୀ। ସରକାର ଗଠନ କରିଥିବା ପ୍ରତିନିଧିମାନେ ଜନତାର ସେବକ ଭାବରେ କାର୍ଯ୍ୟ କରିଥାଆନ୍ତି। ସେମାନେ ଚାହିଁଲେ ସରକାର ମଧ୍ୟ ବଦଳାଇ ଦେଇପାରନ୍ତି।

୨. ଗଣତନ୍ତ୍ରର ଅନ୍ୟ ଏକ ଲକ୍ଷଣ ହେଲା, ଏଥିରେ ଆଇନର ଶାସନ ଚାଲେ, କୌଣସି ବ୍ୟକ୍ତି ବିଶେଷର ନୁହେଁ। ବ୍ୟକ୍ତି ଯେତେ ପ୍ରଭାବଶାଳୀ ହେଉ ନା କାହିଁକି ସେ ଆଇନ୍‌ର ଅଧୀନ। ତେଣୁ ଲୋକଙ୍କ ଦ୍ୱାରା ସ୍ୱୀକୃତ ଓ ଗୃହୀତ ଏକ ସମ୍ବିଧାନ (ତାହା ଲିଖିତ ହେଉ ବା ଅଲିଖିତ)ର ବିଧି-ବ୍ୟବସ୍ଥା ଅନୁସାରେ ସରକାର ପରିଚାଳିତ ହୋଇଥାଏ।

୩. ରାଜନୈତିକ ସମାନତା ଏବଂ ବ୍ୟକ୍ତି ସ୍ୱାଧୀନତାର ମୂଳମନ୍ତ୍ର ଉପରେ ଗଣତନ୍ତ୍ର ପ୍ରତିଷ୍ଠିତ। ଗଣତନ୍ତ୍ରରେ ପ୍ରତ୍ୟେକ ବ୍ୟକ୍ତି (ସେ ଧନୀ ହେଉ ବା ଗରିବ, ଶିକ୍ଷିତ ହେଉ ବା ଅଶିକ୍ଷିତ)ର ମତର ମୂଲ୍ୟ ରହିଛି। ଏଥିରେ ସମସ୍ତଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ କରାଯାଇଥାଏ। ସେହିପରି ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜର ମତବ୍ୟକ୍ତର ସ୍ୱାଧୀନତା ମଧ୍ୟ ମିଳିଥାଏ। ନିଜର ଧର୍ମ, ସଂସ୍କୃତି, ଚଳଣିକୁ ନେଇ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଏବଂ ଅଧିକାର ଗଣତନ୍ତ୍ରରେ ସ୍ୱୀକୃତ ହୋଇଥାଏ।

୪. ଆଧୁନିକ ଗଣତନ୍ତ୍ର ମୁଖ୍ୟତଃ ପ୍ରତିନିଧିମୂଳକ ହୋଇଥିବାରୁ ରାଜନୈତିକ ଦଳମାନଙ୍କର ସ୍ଥିତି ଅପରିହାର୍ଯ୍ୟ ହୋଇପଡ଼ିଛି। ସୁତରାଂ ସଂଖ୍ୟାଗରିଷ୍ଠ ଲୋକଙ୍କ ସମର୍ଥନ ହାସଲ କରିପାରୁଥିବା ଦଳ ବା ଦଳସମୂହ ସରକାର ଗଢ଼ନ୍ତି। ସୁତରାଂ ଗଣତନ୍ତ୍ରରେ ସମସ୍ତ ନିଷ୍ପତ୍ତି ସଂଖ୍ୟାଗରିଷ୍ଠ ମତରେ ନିର୍ଦ୍ଧାରିତ ହୁଏ। ବହୁମତର ପ୍ରାଧାନ୍ୟ ହିଁ ଗଣତନ୍ତ୍ରର ଲକ୍ଷଣ।

୫. ଗଣତନ୍ତ୍ରର ଅନ୍ୟ ଏକ ବିଶେଷ ଲକ୍ଷଣ ହେଲା, ଏହା ଆଲୋଚନା-ସମାଲୋଚନାର ସରକାର। ପାରସ୍ପରିକ ବିଚାର-ଆଲୋଚନା ମାଧ୍ୟମରେ ହିଁ ସରକାରୀ ନିଷ୍ପତ୍ତି ଗ୍ରହଣ କରାଯାଏ। ସରକାରଙ୍କୁ ସମାଲୋଚନାର ଅଧିକାର ମଧ୍ୟ ଲୋକଙ୍କୁ ମିଳିଥାଏ। ଜନମତକୁ ଉପେକ୍ଷା କରି କ୍ଷମତାରେ ତିଷ୍ଠି ରହିବା କୌଣସି ଗଣତାନ୍ତ୍ରିକ ସରକାର ପକ୍ଷରେ ସମ୍ଭବ ନୁହେଁ।

୬. ଗଣତାନ୍ତ୍ରିକ ଶାସନରେ ପରିବର୍ତ୍ତନ ସମ୍ବିଧାନର ନୀତି-ନିୟମର ଆଧାରରେ ହୋଇଥାଏ। କୌଣସି ବଳପ୍ରୟୋଗ ବା ହିଂସାତ୍ମକ ପଦ୍ଧତିର ଅନୁସରଣରେ ପରିବର୍ତ୍ତନକୁ ଏହା ବିରୋଧ କରିଥାଏ।

ଗଣତନ୍ତ୍ରର ଗୁଣ :

୧. ସାମ୍ୟଭାବ: ଗଣତନ୍ତ୍ରର ପ୍ରଧାନ ଗୁଣ ହେଲା, ଏହା ପ୍ରତ୍ୟେକ ବ୍ୟକ୍ତି ଏବଂ ଗୋଷ୍ଠୀଙ୍କୁ ସମାନ ଦୃଷ୍ଟିରେ ଦେଖିଥାଏ। ଏଥିରେ ପ୍ରତ୍ୟେକ ବ୍ୟକ୍ତିର ଶାସନ କରିବାର ଓ ଶାସିତ ହେବାର ଅଧିକାର ରହିଛି। ଆଇନ୍ ଦୃଷ୍ଟିରେ ସମସ୍ତେ ସମାନ। ଧନୀ, ଦରିଦ୍ର, ଶିକ୍ଷିତ, ଅଶିକ୍ଷିତ ବା ଜାତି-ବର୍ଣ୍ଣ-ଧର୍ମ-ଲିଙ୍ଗ ନିର୍ବିଶେଷରେ ସମସ୍ତଙ୍କ ମତର ସମାନ ଗୁରୁତ୍ୱ ରହିଛି। ବ୍ୟକ୍ତି ମାତ୍ରକେ ଭୋଟ ଗୋଟିଏ। ଏହି ସାମ୍ୟଭାବ ହିଁ ଗଣତନ୍ତ୍ରର ବୈଶିଷ୍ଟ୍ୟ।

୨. ବ୍ୟକ୍ତି-ସ୍ୱାଧୀନତାର ସୁରକ୍ଷା: ଗଣତନ୍ତ୍ରର ଅନ୍ୟ ଗୁଣଟି ହେଲା, ବ୍ୟକ୍ତି ସ୍ୱାଧୀନତାକୁ ଏହା ପ୍ରାଧାନ୍ୟ ଦେଇଥାଏ। କୌଣସି ବ୍ୟକ୍ତିକୁ ତା'ର ଇଚ୍ଛା ବିରୁଦ୍ଧରେ କୌଣସି କାର୍ଯ୍ୟ କରିବାକୁ ବାଧ୍ୟ କରାଯାଇପାରିବ ନାହିଁ। ଏପରିକି ଯେ କୌଣସି ବ୍ୟକ୍ତି ସରକାରଙ୍କୁ ନିର୍ଭୟରେ ସମାଲୋଚନା କରିପାରିବେ। ବ୍ୟକ୍ତିର ଆଉର-ବିଉର, ମତ ପ୍ରକାଶର ସ୍ୱାଧୀନତାକୁ ଗଣତନ୍ତ୍ର କେବଳ ସ୍ୱୀକାର କରି ନଥାଏ, ସୁରକ୍ଷିତ ମଧ୍ୟ ରଖିଥାଏ।

୩. ଉତ୍ତରଦାୟୀ ଶାସନ: ଗଣତନ୍ତ୍ର ହେଉଛି ଏକମାତ୍ର ଶାସନ ବ୍ୟବସ୍ଥା, ଯାହାର ସୃଷ୍ଟି, ସ୍ଥିତି ଓ ବିଲୟ ଜନସାଧାରଣଙ୍କ ଇଚ୍ଛା-ଅନିଚ୍ଛା ଉପରେ ନିର୍ଭର କରିଥାଏ। ଲୋକଙ୍କ ଇଚ୍ଛା ହିଁ ଏଠାରେ ସବୁକିଛି। ସେମାନେ ଚାହିଁଲେ ଯେ କୌଣସି ସରକାରକୁ ଭୋଟ ମାଧ୍ୟମରେ ବଦଳାଇ ଦେଇ ପାରିବେ। ସୁତରାଂ ଗଣତନ୍ତ୍ରରେ ଶାସକମାନେ ସର୍ବଦା ନିଜର କାର୍ଯ୍ୟକଳାପ ପାଇଁ ଶାସିତଙ୍କ ନିକଟରେ ଉତ୍ତରଦାୟୀ ରହନ୍ତି। ସେମାନଙ୍କର ଦାୟିତ୍ୱହୀନତା ଓ ନୀତି ବିରୋଧୀ କାର୍ଯ୍ୟ ସେମାନଙ୍କ ସ୍ଥିତିକୁ ବିପନ୍ନ କରିଥାଏ।

୪. ବ୍ୟକ୍ତିତ୍ୱର ବିକାଶ : ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ ପାଇଁ ଗଣତନ୍ତ୍ର ସହାୟକ ହୋଇଥାଏ। ସାମ୍ୟ, ମୈତ୍ରୀ, ବ୍ୟକ୍ତିଗତ ସ୍ୱାଧୀନତା ପ୍ରଭୃତି ରାଜନୈତିକ ଆଦର୍ଶର ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇଥିବାରୁ ଏହା ମନୁଷ୍ୟକୁ ପ୍ରକୃତ ମନୁଷ୍ୟତ୍ୱର ମର୍ଯ୍ୟାଦା ପ୍ରଦାନ କରିଥାଏ। ପ୍ରତ୍ୟେକ ବ୍ୟକ୍ତି ସମାଜରେ ସମାନ ମର୍ଯ୍ୟାଦା ଉପଭୋଗ କରିଥାଆନ୍ତି। ଫଳରେ ବ୍ୟକ୍ତିର ଆତ୍ମବିଶ୍ୱାସ ବଢ଼େ ଓ ସେ ସମାଜରେ ନିଜର ଗୁରୁତ୍ୱ ଉପଲବ୍ଧି କରି ତାର କର୍ତ୍ତବ୍ୟଗୁଡ଼ିକ ପ୍ରତି ଅଧିକ ସଚେତନ ହୋଇଥାଏ।

୫. ଶିକ୍ଷାଗତ ମୂଲ୍ୟ : ଗଣତନ୍ତ୍ର ବ୍ୟକ୍ତିକୁ ରାଜନୈତିକ ଶିକ୍ଷାଲାଭର ସୁଯୋଗ ଦେଇ ତାହାର ରାଜନୈତିକ ଚେତନାର ଅଭିବୃଦ୍ଧି ସାଧନ କରିଥାଏ। ଏହି ଶାସନ ବ୍ୟବସ୍ଥାରେ ବ୍ୟକ୍ତି ନିଜକୁ ରାଷ୍ଟ୍ରର ସମସ୍ତ କାର୍ଯ୍ୟକଳାପ ସହିତ ସଂଶ୍ଳିଷ୍ଟ ରଖିବାକୁ ଓ ଏହାର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଅବଗତ ହେବାକୁ ସୁଯୋଗ ଲାଭ କରେ। ଫଳରେ ତାର ଦାୟିତ୍ୱବୋଧ ବୃଦ୍ଧି ପାଏ ଏବଂ ସେ ଜଣେ ସୁନାଗରିକ ଭାବେ ରାଷ୍ଟ୍ରର ଉନ୍ନତି ପାଇଁ କାର୍ଯ୍ୟ କରେ। ଏହା ହିଁ ବ୍ୟକ୍ତି ପାଇଁ ଗଣତନ୍ତ୍ରର ବିଶେଷ ଅବଦାନ।

୬. ସର୍ବସାଧାରଣଙ୍କ ହିତସାଧନ : ଗଣତନ୍ତ୍ର ସର୍ବସାଧାରଣଙ୍କ ହିତସାଧନ ପାଇଁ ଅଭିପ୍ରେତ। ଏଥିରେ ଶାସକ ଓ ଶାସିତର ସ୍ୱାର୍ଥ ଏକ ଓ ଅଭିନ୍ନ ହୋଇଥିବାରୁ ଜନସାଧାରଣଙ୍କର ସର୍ବାଧିକ ମଙ୍ଗଳ ସାଧନ କରିବା

ସମ୍ଭବ ହୋଇଥାଏ। ସମସ୍ତଙ୍କର ସୁଖ-ସ୍ୱାଚ୍ଛନ୍ଦ୍ୟ ପ୍ରତି ଯଥୋଚିତ ଧ୍ୟାନ ଦେବାରେ ହିଁ ଗଣତନ୍ତ୍ରର ଶକ୍ତି-ସାମର୍ଥ୍ୟ ପ୍ରକଟିତ ହୋଇଥାଏ।

୭. ଶାନ୍ତି ଓ ସହାବସ୍ଥାନ: ଗଣତନ୍ତ୍ର ହେଉଛି ଶାନ୍ତି ଓ ସହାବସ୍ଥାନର ସରକାର। ସଂଖ୍ୟାଗରିଷ୍ଠଙ୍କ ମତ ଅନୁସାରେ ଶାସନରେ ନୀତି ନିର୍ଦ୍ଧାରିତ ହେଲେ ହେଁ, ସଂଖ୍ୟାଲଘୁର ମତକୁ ସହ୍ୟ କରାଯାଏ। ଏଥିପ୍ରତି ନ୍ୟାୟୋଚିତ ଧ୍ୟାନ ଦିଆଯାଏ। ଗଣତନ୍ତ୍ରରେ ଯେ କୌଣସି ପରିବର୍ତ୍ତନ ଶାନ୍ତିପୂର୍ଣ୍ଣ ଉପାୟରେ, ସାଂବିଧାନିକ ବ୍ୟବସ୍ଥାନୁସାରେ ହିଁ ସମ୍ଭବ ହୁଏ। ହିଂସାର ସ୍ଥାନ ଏଥିରେ ନାହିଁ। "ବୁଲେଟ୍ ନୁହେଁ, ବାଲଟ୍" (ଭୋଟ କାଗଜ) ଉପରେ ହିଁ ଗଣତନ୍ତ୍ର ଆସ୍ଥା ରଖିଥାଏ।

## ଗଣତନ୍ତ୍ରର ଦୋଷ ଦୁର୍ବଳତା :

ଏକ ଆଦର୍ଶ ଶାସନ ବ୍ୟବସ୍ଥା ରୂପେ ବିବେଚିତ ହେଲେ ହେଁ, ଗଣତନ୍ତ୍ର ସଂପୂର୍ଣ୍ଣ ନିଷ୍କଳଙ୍କ ବା ଦୋଷମୁକ୍ତ ନୁହେଁ। "ନିର୍ବୋଧମାନଙ୍କ ସରକାର", "ଅଯୋଗ୍ୟଙ୍କ ଶାସନ", "ସଂଖ୍ୟାଗରିଷ୍ଠଙ୍କ ଏକଚ୍ଛତ୍ରବାଦ" ଇତ୍ୟାଦି ବିଶେଷଣରେ ଭୂଷିତ ହୋଇ ଗଣତନ୍ତ୍ରକୁ ଅନେକ ସମାଲୋଚକଙ୍କ ତୀବ୍ର ସମାଲୋଚନାର ମଧ୍ୟ ଶିକାର ହେବାକୁ ପଡ଼ିଛି। ନିମ୍ନରେ ଏହାର କେତେକ ଦୋଷ-ଦୁର୍ବଳତା ସଂପର୍କରେ ଆଲୋକପାତ କରାଯାଇଛି।

୧. **ସଂଖ୍ୟାର ପ୍ରାଧାନ୍ୟ :** ଗଣତନ୍ତ୍ରର ପ୍ରଧାନ ଦୁର୍ବଳତା ହେଲା, ଏହା ଗୁଣ ଅପେକ୍ଷା ସଂଖ୍ୟା ଉପରେ ଅଧିକ ପ୍ରାଧାନ୍ୟ ଦେଇଥାଏ। ଏଥିରେ ଶିକ୍ଷିତ-ଅଶିକ୍ଷିତ, ଅଜ୍ଞ ଓ ବିଜ୍ଞର କୌଣସି ବିଚାର ନଥାଏ। ବ୍ୟକ୍ତି ମାତ୍ରକେ ଭୋଟ ଗୋଟିଏ। ସଂଖ୍ୟାଗରିଷ୍ଠତା ଭିତ୍ତିରେ ସରକାର ଗଠନ କରାଯାଏ। ମୁଣ୍ଡ ଗଣତି ହୁଏ। ସଂଖ୍ୟା ହିଁ ସବୁକିଛି। ସଂଖ୍ୟାର ଅଦଳବଦଳରେ ସରକାର ବଦଳିଯାଏ।

୨. **ଅଯୋଗ୍ୟ, ଅନୁପଯୁକ୍ତଙ୍କ ଶାସନ :** ଗଣତନ୍ତ୍ରରେ ସଂଖ୍ୟାକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ଏଥିରେ ଅଯୋଗ୍ୟ, ଅନଭିଜ୍ଞଙ୍କ ପ୍ରଭାବ ଅଧିକ। ସାଧାରଣତଃ ଯୋଗ୍ୟ, ଶିକ୍ଷିତ, ଦକ୍ଷ ବ୍ୟକ୍ତିମାନେ ଦଳୀୟ ରାଜନୀତିରେ ପ୍ରବେଶ କରିବାକୁ ଇଚ୍ଛା କରନ୍ତି ନାହିଁ। ସେଥିପାଇଁ ବିଶିଷ୍ଟ ରାଜନୀତିବିତ୍ ଲିକେ (Leckey) କହିଛନ୍ତି, "ଗଣତନ୍ତ୍ର ହେଲା ସର୍ବାପେକ୍ଷା ଦରିଦ୍ର, ସର୍ବାପେକ୍ଷା ଅଜ୍ଞ ଓ ସର୍ବାପେକ୍ଷା ଅକର୍ମଣ୍ୟ ବ୍ୟକ୍ତିମାନଙ୍କର ଶାସନ"; କାରଣ ଏହି ଶ୍ରେଣୀର ଲୋକେ ହିଁ ସମାଜରେ ସଂଖ୍ୟାଧିକ। ସୁତରାଂ ସଂକ୍ଷେପରେ ଗଣତନ୍ତ୍ର ହେଲା ଅଯୋଗ୍ୟ ଓ ଅନୁପଯୁକ୍ତ ବ୍ୟକ୍ତିଙ୍କ ଶାସନ।

୩. **ବ୍ୟୟବହୁଳ ଶାସନ :** ଗଣତନ୍ତ୍ର ହେଉଛି ବ୍ୟୟବହୁଳ ଶାସନ। ସମୟ ଅସମୟରେ ନିର୍ବାଚନ କରିବାରେ କୋଟି କୋଟି ଟଙ୍କା ବ୍ୟୟ ହୋଇଥାଏ। ଏତଦ୍‌ବ୍ୟତୀତ ମନ୍ତ୍ରୀ, ବିଧାୟକ ଏବଂ ସାଂସଦମାନଙ୍କ ଦରମା, ଗସ୍ତଖର୍ଚ୍ଚ, ପେନ୍‌ସନ୍, ବିଧାନସଭା ଓ ପାର୍ଲାମେଣ୍ଟ ପରିଚାଳନାର ଦୈନିକ ଖର୍ଚ୍ଚ ଇତ୍ୟାଦିର ବିବିଧତା ଓ ବହୁଳତା ସାଧାରଣ କରଦାତାଙ୍କ ପାଇଁ ଅସହ୍ୟ ହୋଇଥାଏ।

୪. **ଦଳୀୟ ସ୍ୱାର୍ଥସାଧନ :** ଗଣତନ୍ତ୍ର ମୁଖ୍ୟତଃ ଏକ ଦଳୀୟ ସରକାର ହୋଇଥିବାରୁ ଏଥିରେ ଦଳୀୟ ମନୋବୃତ୍ତି ପରିଲକ୍ଷିତ ହୋଇଥାଏ। ସାଧାରଣତଃ ଶାସକବର୍ଗ ଦେଶର ସ୍ୱାର୍ଥ ଅପେକ୍ଷା ନିଜ ଦଳର ସ୍ୱାର୍ଥ ଉପରେ ଅଧିକ ଧ୍ୟାନ ଦେଇଥାଆନ୍ତି। ଦଳୀୟ ସ୍ୱାର୍ଥର ସୁରକ୍ଷା ପାଇଁ ସେମାନେ ଜାତୀୟ ସ୍ୱାର୍ଥ ବିରୋଧୀ ନୀତି ଆପଣେଇ ନେବାକୁ ମଧ୍ୟ କୁଣ୍ଠାବୋଧ କରନ୍ତି ନାହିଁ। ଫଳରେ ଜାତୀୟ ସମୃଦ୍ଧି ପରିବର୍ତ୍ତେ ଦଳଗତ ବିଦ୍ୱେଷ ଓ ପ୍ରତିଯୋଗିତା ବୃଦ୍ଧିପାଏ ଏବଂ ସାମାଜିକ ଜୀବନ କଳୁଷିତ ହୋଇଥାଏ।

୫. **ଦୁର୍ନୀତିର ପ୍ରାଦୁର୍ଭାବ :** ଗଣତନ୍ତ୍ରରେ ସାଧାରଣତଃ ଦୁର୍ନୀତିର ପ୍ରାଦୁର୍ଭାବ ଅଧିକ ପରିଲକ୍ଷିତ ହୋଇଥାଏ। ଏହି ଶାସନ ବ୍ୟବସ୍ଥାରେ ରାଜନୈତିକ ଦଳମାନଙ୍କର ପ୍ରମୁଖ ଭୂମିକା ରହିଥିବାରୁ, ସେମାନେ ନିର୍ବାଚନ ଲଢ଼ିବା ପାଇଁ ବିଭିନ୍ନ ସୂତ୍ରରୁ ଅର୍ଥ ସଂଗ୍ରହ କରିଥାଆନ୍ତି। ଯେଉଁ ଧନୀ ବ୍ୟକ୍ତି, ବ୍ୟବସାୟୀ ଗୋଷ୍ଠୀ ବା ଶିଳ୍ପପତିମାନେ ରାଜନୈତିକ ଦଳକୁ ଚାନ୍ଦା ଦେଇଥାଆନ୍ତି, ସେମାନେ ନିଜର ସ୍ୱାର୍ଥ ହାସଲ କରିବାକୁ ଚାହାନ୍ତି, ଯେତେବେଳେ ସଂପୃକ୍ତ ଦଳ କ୍ଷମତା ହାସଲର ସୁଯୋଗ ପାଏ। ଫଳରେ ଦୁର୍ନୀତିର କ୍ଷେତ୍ର ଶାସନର ଡୋରି ହାତକୁ ନେବା ପୂର୍ବରୁ ହିଁ ପ୍ରସ୍ତୁତ ହୋଇ ସାରିଥାଏ। ମନ୍ତ୍ରୀମାନେ ଦୁର୍ନୀତିଗ୍ରସ୍ତ ହେଲେ ଅଧସ୍ତନ ସରକାରୀ କର୍ମଚାରୀମାନେ ମଧ୍ୟ ଏଥିରୁ ମୁକ୍ତ ରହିପାରନ୍ତି ନାହିଁ। ଫଳରେ ଗଣତନ୍ତ୍ରରେ ଦୁର୍ନୀତିର ଦ୍ରୁମ ତାର କାୟା ବିସ୍ତାର କରି ଚାଲିଥାଏ।

୬. **ସଂଖ୍ୟାଗରିଷ୍ଠଙ୍କ ଦୌରାତ୍ମ୍ୟ :** ଗଣତନ୍ତ୍ରରେ ସଂଖ୍ୟାଗରିଷ୍ଠ ହିଁ ଶାସନ କରିଥାଆନ୍ତି। ସଂଖ୍ୟାଗରିଷ୍ଠଙ୍କ ମତ ହିଁ ସର୍ବଶ୍ରେଷ୍ଠ ସିଦ୍ଧାନ୍ତ ରୂପେ ଗୃହୀତ ହୋଇଥାଏ। ସୁତରାଂ ସଂଖ୍ୟାଗରିଷ୍ଠତାର ଶକ୍ତିରେ ଶକ୍ତିମାନ ହୋଇ ଶାସକ ଦଳ ନିଜର ମନମୁଖୀ ଆଇନ୍ ପ୍ରଣୟନ କରିବା, ଟିକସ ବସାଇବା ଆଦି କାର୍ଯ୍ୟ କରିଥାଆନ୍ତି। ଗଣତନ୍ତ୍ରର ବଡ଼ ଦୋଷ ହେଲା ଯେ, ଶତକଡା ୫୧ ଜଣ ସଭ୍ୟଙ୍କର ୪୯ ଜଣଙ୍କ ଉପରେ ମନମୁଖୀ ଶାସନ ଜାରି ରହିଥାଏ। ଗଣତନ୍ତ୍ରକୁ ଲୋକଙ୍କର ଶାସନ ରୂପେ ଅଭିହିତ କରାଯାଉଥିଲେ ହେଁ ବାସ୍ତବରେ ଏଥିରେ ସଂଖ୍ୟାଗରିଷ୍ଠଙ୍କର ଦୌରାତ୍ମ୍ୟ ହିଁ ଚାଲିଥାଏ।

୭. **ବ୍ୟକ୍ତିଗତ ସ୍ୱାଧୀନତା କଳ୍ପନା ମାତ୍ର :** ଗଣତନ୍ତ୍ରରେ ସାଧାରଣତଃ ବ୍ୟକ୍ତି-ସ୍ୱାଧୀନତା ସୁରକ୍ଷିତ ରହିଥାଏ ବୋଲି ଯାହା କୁହାଯାଇଛି, ତାହା ଏକ ଅଳୀକ କଳ୍ପନା ବ୍ୟତୀତ ଅନ୍ୟକିଛି ନୁହେଁ। ସାଧାରଣ ବ୍ୟକ୍ତି, ଯେଉଁମାନେ କି ଶାସନ ପରିଚାଳନା କରନ୍ତି, ସେମାନଙ୍କର ପ୍ରକୃତ-ସ୍ୱାଧୀନତା ସମ୍ବନ୍ଧରେ କୌଣସି ଧାରଣା ନଥାଏ। ସେମାନେ ଗତାନୁଗତିକ ରୀତିରେ ନିର୍ଦ୍ଦିଷ୍ଟ ନେତାଙ୍କ ନିର୍ଦ୍ଦେଶରେ ଏବଂ ପ୍ରଶାସନିକ ଅଧିକାରୀଙ୍କ ଇଙ୍ଗିତରେ ଶାସନକାର୍ଯ୍ୟ ପରିଚାଳନା କରିଥାଆନ୍ତି। ଏହି ନିର୍ଦ୍ଦିଷ୍ଟ ପ୍ରଣାଳୀ ବହିର୍ଭୂତ କୌଣସି କାର୍ଯ୍ୟ ବା ମତାମତକୁ ସେମାନେ ସନ୍ଦେହ ଚକ୍ଷୁରେ ଦେଖନ୍ତି ଓ ତାହାକୁ ନିୟନ୍ତ୍ରଣ କରିଥାନ୍ତି। ଫଳରେ ବ୍ୟକ୍ତିଗତ ସ୍ୱାଧୀନତା ଅଳୀକ ପ୍ରତୀତ ହୁଏ।

୮. **ଗତି ମନ୍ଥର :** ଗଣତନ୍ତ୍ର ଆଲୋଚନା-ସମାଲୋଚନାର ସରକାର ହୋଇଥିବାରୁ କୌଣସି ବିଷୟରେ ବା ସମସ୍ୟା ସଂପର୍କରେ ତୁରନ୍ତ ନିଷ୍ପତ୍ତି ନେବା ସମ୍ଭବ ହୁଏ ନାହିଁ। ଅନେକ ସମୟରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର

ଆଶୁ ସମାଧାନ ନ ହୋଇ ଏହାର ଅଧିକ ବିଚାର ପାଇଁ ବିଭିନ୍ନ କମିଟି ଗଠନ କରି ସେମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ। ସୁତରାଂ ଗଣତନ୍ତ୍ରର ବଡ଼ ଦୋଷ ହେଲା ଏହାର ମନ୍ଥର ଗତି। ଫଳରେ କୌଣସି ଜରୁରୀକାଳୀନ ପରିସ୍ଥିତି ପାଇଁ ଏହା ଅନୁପଯୋଗୀ।

୯. **ଶାସନରେ ଅସ୍ଥିରତା :** ଲୋକମତ ଅନୁସାରେ ସରକାର ବଦଳୁଥିବାରୁ ଏକ ଦୀର୍ଘସ୍ଥାୟୀ ଶାସନ ବ୍ୟବସ୍ଥା ସମ୍ଭବପର ହୁଏ ନାହିଁ। ସରକାର ବଦଳିବା ସଂଗେ ସଂଗେ ସରକାରୀ ନୀତି ମଧ୍ୟ ବଦଳି ଯାଇଥାଏ। ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନେ ମଧ୍ୟ ନିଜର ଦଳୀୟ ଆନୁଗତ୍ୟ ପରିବର୍ତ୍ତନ କରିବା ଫଳରେ ଦଳରେ ଏବଂ ଦଳୀୟ ଶାସନରେ ଅସ୍ଥିରତା ବୃଦ୍ଧିପାଏ। ସୁତରାଂ ଏକ ସ୍ଥିର, ସ୍ଥାୟୀ, ସୁଦୃଢ଼ ଶାସନ ଗଣତନ୍ତ୍ରରେ ଅନେକ ସମୟରେ ସ୍ୱପ୍ନ ହୋଇ ରହିଯାଏ।

## ଗଣତନ୍ତ୍ରର ସଫଳତା ପାଇଁ ଉପାଦାନ :

ଗଣତନ୍ତ୍ର ନିଶ୍ଚିତ ଭାବରେ ଏକ ଆଦର୍ଶ ଶାସନ ବ୍ୟବସ୍ଥା। ମାତ୍ର ଅନେକ ସମୟରେ 'ଆଦର୍ଶ' କେବଳ ଏକ ସ୍ୱପ୍ନ ହୋଇ ରହିଯାଏ। ବାସ୍ତବ କ୍ଷେତ୍ରରେ ଏହାର କାର୍ଯ୍ୟକାରିତାରେ ଅନେକ ଦୋଷ ଦୁର୍ବଳତା ଦେଖିବାକୁ ମିଳିଥାଏ। ଏହି ଦୋଷ ଦୁର୍ବଳତାକୁ ଦୂର କରି ଗଣତନ୍ତ୍ରକୁ ସଫଳ ଶାସନ ବ୍ୟବସ୍ଥାରେ ପରିଣତ କରିବାକୁ ହେଲେ କେତେକ ଆବଶ୍ୟକୀୟ ଉପାଦାନ ଗ୍ରହଣ କରିବାକୁ ହେବ। ଏଥିପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ହେବ। ନିମ୍ନରେ ଏ ସଂପର୍କରେ ଆଲୋଚନା କରାଯାଇଛି।

ଜନସାଧାରଣଙ୍କର ଆସ୍ଥା ଓ ଆଗ୍ରହ: ଗଣତନ୍ତ୍ର ହେଉଛି ଜନଗଣଙ୍କର ଶାସନ। ସ୍ୱାୟତ୍ତ ଶାସନ। ଏହାର କେତେକ ନିର୍ଦ୍ଦିଷ୍ଟ ନୀତି ଓ ଆଦର୍ଶ ରହିଛି। ଏହି ଆଦର୍ଶ ପ୍ରତି ଜନସାଧାରଣଙ୍କର ଆସ୍ଥା ଓ ଆଗ୍ରହ ରହିବା ଗଣତନ୍ତ୍ରର ସଫଳତା ପାଇଁ ପ୍ରଥମ ଓ ପ୍ରଧାନ ଆବଶ୍ୟକତା। ଜନ୍ ଷ୍ଟୁଆର୍ଟ ମିଲ କହିଛନ୍ତି, "ଗଣତନ୍ତ୍ରର ସଫଳତା ପ୍ରଧାନତଃ ଜନଗଣଙ୍କର ତିନୋଟି ଗୁଣ ଉପରେ ନିର୍ଭର କରେ। ପ୍ରଥମତଃ ଜନଗଣଙ୍କ ପକ୍ଷରେ ଏହାକୁ ଗ୍ରହଣ କରିବାର ଇଚ୍ଛା ଥିବା ଆବଶ୍ୟକ। ଦ୍ୱିତୀୟତଃ ଏହାକୁ ରକ୍ଷା କରିବା ପାଇଁ ସେମାନଙ୍କର ଶକ୍ତି ଓ ସାମର୍ଥ୍ୟ ଥିବା ଆବଶ୍ୟକ ଏବଂ ତୃତୀୟତଃ ସେମାନେ ନିଜର କର୍ତ୍ତବ୍ୟ ପାଳନ ଓ ଅଧିକାର ସାବ୍ୟସ୍ତ କରିବା ବିଷୟରେ ସଚେତନ ଥିବା ଆବଶ୍ୟକ। ଯେଉଁଠି ନାଗରିକମାନଙ୍କର ଏତାଦୃଶ ଗୁଣ ନଥାଏ, ସେଠାରେ ଗଣତାନ୍ତ୍ରିକ ଶାସନ ସଫଳ ହୋଇପାରେ ନାହିଁ।" ସୁତରାଂ ଗଣତନ୍ତ୍ରର ସଫଳତା ପାଇଁ ଜନସାଧାରଣଙ୍କର ଗ୍ରହଣଶୀଳ ମନୋଭାବର ଆବଶ୍ୟକତା ହିଁ ଅଧିକ।

୧. **ସାର୍ବଜନୀନ ଶିକ୍ଷା :** ରାଷ୍ଟ୍ରକୁ ଶାସନ କରିବା ଏତେ ସହଜକଥା ନୁହେଁ। ଶାସନ ପ୍ରକ୍ରିୟା ହେଉଛି ଏକ ଜଟିଳ ପ୍ରକ୍ରିୟା - ଯାହାକୁ କାର୍ଯ୍ୟକାରୀ କରିବା ପାଇଁ ବୁଦ୍ଧି, ବିଚାର, ଶିକ୍ଷାର ପ୍ରୟୋଜନ ରହିଛି। ଅଜ୍ଞ, ଅଶିକ୍ଷିତ ବ୍ୟକ୍ତିମାନଙ୍କ ପକ୍ଷରେ ରାଷ୍ଟ୍ରର ବିଭିନ୍ନ ସମସ୍ୟା ଅନୁଧ୍ୟାନ କରି ସେଗୁଡ଼ିକର ସମାଧାନ ପନ୍ଥା ନିରୂପଣ କରିବା ସମ୍ଭବପର ନୁହେଁ। ଏପରିକି ନିଜର ଭୋଟ ଅଧିକାର ସାବ୍ୟସ୍ତ କରିବାକୁ ଯାଇ ଜଣେ

ଅଶିକ୍ଷିତ ବ୍ୟକ୍ତି ଭୋଟ ଦାନର ଗୁରୁତ୍ୱ ଉପଲବ୍ଧ ନକରି ଜଣେ ଅଯୋଗ୍ୟ ବ୍ୟକ୍ତିକୁ ନିର୍ବାଚିତ କରିପାରେ। ତେଣୁ ଜନ୍ ଷ୍ଟୁଆର୍ଟ ମିଲ୍ କହିଥିଲେ – "ପ୍ରଥମେ ସାର୍ବଜନୀନ ଶିକ୍ଷା, ତା'ପରେ ସାର୍ବଜନୀନ ମତଦାନର ଅଧିକାର।" ସୁତରାଂ ଗଣତନ୍ତ୍ରର ସଫଳତା ଲାଗି ଶିକ୍ଷାର ଆବଶ୍ୟକତା ରହିଛି।

୨. **ଅର୍ଥନୈତିକ ସମାନତା :** ଗଣତନ୍ତ୍ରର ସଫଳତା ପାଇଁ ଅନ୍ୟ ଏକ ଆବଶ୍ୟକତା ହେଲା ଲୋକଙ୍କ ଅର୍ଥନୈତିକ ସୁରକ୍ଷା। ସେମାନଙ୍କ ଜୀବନଧାରଣର ସର୍ବନିମ୍ନ ଚାହିଦା (ଅର୍ଥାତ୍ ଖାଦ୍ୟ, ବସ୍ତ୍ର, ବାସଗୃହ) ପୂରଣ ହେବା ନିହାତି ଆବଶ୍ୟକ। କାରଣ ଅଭାବରେ ସଦା ସନ୍ତୁଳିତ ବ୍ୟକ୍ତିପାଇଁ ଗଣତାନ୍ତ୍ରିକ ଶାସନର ଆଦର୍ଶ ଓ ମୂଲ୍ୟବୋଧର କିଛି ମୂଲ୍ୟ ନ ଥାଏ। ତା ପାଇଁ ଅନ୍ନ ଚିନ୍ତା ହିଁ ପ୍ରଧାନ ଚିନ୍ତା। ସୁତରାଂ ରାଷ୍ଟ୍ରର ଅର୍ଥନୈତିକ ସମତା ବିନା ଗଣତନ୍ତ୍ରର ସଫଳତା ସମ୍ଭବପର ନୁହେଁ। ଏହା ଧନୀକ ଶ୍ରେଣୀର ସ୍ୱାର୍ଥ ସାଧନର ମାଧ୍ୟମ ହୋଇଯିବ। ନିର୍ବାଚନରେ କେବଳ ଏହି ଶ୍ରେଣୀର ଲୋକମାନେ ହିଁ ଅଂଶ ଗ୍ରହଣ କରିପାରିବେ। ସେଥିପାଇଁ ଅର୍ଥନୈତିକ ଉନ୍ନତି ଏବଂ ନିମ୍ନତମ ଜୀବନଧାରଣର ମାନ ପ୍ରଥମେ ପ୍ରବର୍ତ୍ତନ କରିବାକୁ ହେବ।

୩. **ସଦା ଜାଗୃତୀ :** ସତତ ସତର୍କତା ଏବଂ ସଜାଗ ଜନମତ ହିଁ ଗଣତନ୍ତ୍ରର ସଫଳତାରେ ସହାୟକ ହୋଇଥାଏ। ଲୋକେ ଯଦି କେବଳ ନିର୍ବାଚନ ସମୟରେ ନିଜର ଭୋଟ ଅଧିକାର ପ୍ରୟୋଗ କରି ନିଶ୍ଚିନ୍ତରେ ନିଦ୍ରା ଯାଆନ୍ତି, ତେବେ ସେମାନଙ୍କ ପ୍ରତିନିଧିମୂଳକ ସରକାର ପଥଭ୍ରଷ୍ଟ ହେବାର ଆଶଙ୍କାକୁ ଆଦୌ ଏଡ଼ାଇ ହେବ ନାହିଁ। ସେମାନେ କ୍ଷମତାର ଅପବ୍ୟବହାର କରି ଜନସାଧାରଣଙ୍କର ସ୍ୱାର୍ଥ ପ୍ରତି ବିପଦ ସୃଷ୍ଟି କରିପାରନ୍ତି। ବ୍ୟକ୍ତି ସ୍ୱାଧୀନତା ବିପନ୍ନ ହୋଇପାରେ। ତେଣୁ ଲର୍ଡ଼ ବ୍ରାଇସ୍ କହିଛନ୍ତି– "ସଦା ଜାଗୃତି ହିଁ ସ୍ୱାଧୀନତାର ରକ୍ଷା କବଚ।" ("Eternal vigilance is the price of liberty") ଯେଉଁଠି ଜନମତ ସରକାରର କାର୍ଯ୍ୟକଳାପ ପ୍ରତି ଉଦାସୀନ ରହେ, ସେଠାରେ ଗଣତନ୍ତ୍ର ସଫଳତାର ସହିତ କାର୍ଯ୍ୟକାରୀ ହୋଇପାରେ ନାହିଁ। କୌଣସି ସମୟରେ ସରକାର କୌଣସି ଅସଂଗତ ନୀତି ପ୍ରଣୟନ କଲେ ବା କାର୍ଯ୍ୟ କଲେ ଜନମତର ଚାପରେ ତାହା ପ୍ରତ୍ୟାହାର କରିବାକୁ ବାଧ୍ୟ ହୁଏ। ସୁତରାଂ ଜନସାଧାରଣଙ୍କର ଏଥିପ୍ରତି ସର୍ବଦା ସଜାଗ ଦୃଷ୍ଟି ରହିବା ଆବଶ୍ୟକ।

୪. ନିର୍ଭୀକ, ନିରପେକ୍ଷ ସମ୍ବାଦପତ୍ର: ଜନମତକୁ ଗଠନ ଓ ପ୍ରକାଶ କରିବାର ପ୍ରଧାନ ମାଧ୍ୟମ ହେଲା ସମ୍ବାଦପତ୍ର। ସମ୍ବାଦପତ୍ର ହିଁ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁ ରୂପେ କାର୍ଯ୍ୟ କରିଥାଏ। ସରକାରଙ୍କର ବିଭିନ୍ନ ନୀତି, ନିଷ୍ପତ୍ତିକୁ ଜନସାଧାରଣଙ୍କୁ ଅବଗତ କରାଇବା ଏବଂ ଜନସାଧାରଣଙ୍କ ଅଭିମତକୁ ସରକାରଙ୍କ ନିକଟରେ ପହଞ୍ଚାଇବା ଦିଗରେ ସମ୍ବାଦପତ୍ରମାନେ ହିଁ ବଳିଷ୍ଠ ମାଧ୍ୟମ। ତେଣୁ ସମ୍ବାଦପତ୍ରଗୁଡ଼ିକ ଦଳୀୟ ତଥା ସରକାରୀ ପ୍ରଭାବରୁ ମୁକ୍ତ ରହି, କୌଣସି ଗୋଷ୍ଠୀ ବା ବ୍ୟକ୍ତି ବିଶେଷର ମୁଖପତ୍ର ରୂପେ କାର୍ଯ୍ୟ ନକରି ସ୍ୱାଧୀନ ଓ ନିରପେକ୍ଷ ଭାବେ ପ୍ରକୃତ ଜନମତ ପ୍ରକାଶ କରିବା ଆବଶ୍ୟକ। ସୁତରାଂ ଗଣତନ୍ତ୍ରର ସଫଳତାରେ ପ୍ରଧାନ ସହାୟକ ହେଉଛନ୍ତି ସମ୍ବାଦପତ୍ର ଓ ସମ୍ବାଦ ପରିବେଷଣକାରୀ ସଂସ୍ଥା। ସେଥିପାଇଁ ସେମାନଙ୍କୁ "ରାଷ୍ଟ୍ରର ଚତୁର୍ଥ ସ୍ତମ୍ଭ" ରୂପେ ଅଭିହିତ କରାଯାଇଛି।

୫. **ଦୃଢ଼ ବିରୋଧୀଦଳ :** ଗଣତନ୍ତ୍ରରେ ସଂଖ୍ୟା ଗରିଷ୍ଠ ଦଳ ବା ଦଳସମୂହ କ୍ଷମତା ଭୋଗ କରନ୍ତି ଏବଂ ସଂଖ୍ୟାଲଘୁ ଦଳ ବିରୋଧିର ଭୂମିକା ନିର୍ବାହ କରନ୍ତି। ମାତ୍ର ବିରୋଧୀଦଳର ଭୂମିକା ଶାସକଦଳଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। କାରଣ ଶାସକ ଦଳର ଦୋଷ ଦୁର୍ବଳତା ଆବିଷ୍କାର କରି ଜନସାଧାରଣଙ୍କୁ ସଚେତନ କରିବାର କାର୍ଯ୍ୟ ବିରୋଧୀଦଳର। ବିରୋଧୀଦଳ ଦୃଢ଼ତାର ସହ ସଙ୍ଗଠିତ ହୋଇ କାର୍ଯ୍ୟ କଲେ ଶାସକଦଳ ସର୍ବଦା ନିଜର କାର୍ଯ୍ୟକଳାପ ପାଇଁ ସତର୍କ ରହିବେ। ସାମ୍ବିଧାନିକ ସୀମା ବର୍ହିଭୂତ କୌଣସି ଗର୍ହିତ କାର୍ଯ୍ୟ କରିବା ଲାଗି ଆଗଭର ହେବେ ନାହିଁ। ଗଣତନ୍ତ୍ରରେ ଜନସ୍ୱାର୍ଥର ଜାଗ୍ରତ ପ୍ରହରୀ ରୂପେ ବିରୋଧୀଦଳର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ।

୬. **ଉତ୍ତମ ନେତୃତ୍ୱ :** ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ନେତାର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ଶାସନର ମୁଖ୍ୟ ଭାବରେ ଯିଏ ନେତୃତ୍ୱ ଗ୍ରହଣ କରେ, ସେ ଯଦି ନୀତିନିଷ୍ଠ, ନିଃସ୍ୱାର୍ଥପର ଏବଂ ଦକ୍ଷ ହୋଇଥାଏ, ତେବେ ଗଣତନ୍ତ୍ର ଉନ୍ନତ ମାର୍ଗରେ ଗତିଶୀଳ ହୋଇପାରିବ। ଜଣେ ନେତା ହିଁ ଯଥାର୍ଥରେ ମାର୍ଗ ଦର୍ଶକ ଏବଂ ଅନ୍ୟମାନେ ତାର ନେତୃତ୍ୱକୁ ଗ୍ରହଣ କରିଥାଆନ୍ତି। ନେତା ଯଦି ଦୁର୍ନୀତିଗ୍ରସ୍ତ, ସ୍ୱାର୍ଥପର ହୋଇଯାଏ, ତେବେ ତାର ପ୍ରଭାବ ସମଗ୍ର ଶାସନ ଉପରେ ପଡ଼ିଥାଏ। ଶାସନ ଓ ପ୍ରଶାସନର ଅଧିକାରୀମାନେ ପଥଭ୍ରଷ୍ଟ ହୋଇଯାଆନ୍ତି। ଗଣତନ୍ତ୍ରର ଗତିପଥ କଣ୍ଟକିତ ହୋଇଯାଏ। ସୁତରାଂ ଗଣତନ୍ତ୍ରର ସଫଳତା ସର୍ବଦା ଉତ୍ତମ ନେତୃତ୍ୱ ଉପରେ ନିର୍ଭରଶୀଳ।

୭. ଉତ୍ତମ ସଂବିଧାନ: ଗଣତନ୍ତ୍ର ହେଉଛି ବିଧି-ବିଧାନ-ସମ୍ବିଧାନର ଶାସନ। ସମ୍ବିଧାନର ନୀତି, ନିୟମ, ଆଦର୍ଶ ଯଦି ଜନକଲ୍ୟାଣକାରୀ ହୋଇଥାଏ, ବ୍ୟକ୍ତିର ସ୍ୱାଧୀନତା ପ୍ରତି ସମୁଚିତ ଧ୍ୟାନ ଏଥିରେ ଦିଆଯାଇଥାଏ, ଶାସନକୁ ଦାୟିତ୍ୱଶୀଳ କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଏଥିରେ ଥାଏ, ତେବେ ଗଣତନ୍ତ୍ରର ସଫଳତା ଅବଶ୍ୟମ୍ଭାବୀ। ଏକ ଉତ୍ତମ ସମ୍ବିଧାନ ହିଁ ସଫଳ ଗଣତନ୍ତ୍ରର ପ୍ରାଣପିଣ୍ଡ ରୂପେ କାର୍ଯ୍ୟ କରିଥାଏ।

## ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟାର ଅନ୍ତରାୟ


ଭାରତ ପୃଥିବୀର ଏକ ବୃହତ୍ତ ଗଣତାନ୍ତ୍ରିକ ରାଷ୍ଟ୍ର। ଏହା ଏକ ବହୁ ଜାତି, ବହୁ ଧର୍ମ, ବହୁ ଭାଷା, ବହୁ ସଂସ୍କୃତି ଓ ବହୁ ଆଞ୍ଚଳିକ ବିଭିନ୍ନତାର ଦେଶ। ଏଠାରେ ଗଣତନ୍ତ୍ରକୁ ସଫଳ କରିବା ଏକ ସହଜ ପ୍ରକ୍ରିୟା ନୁହେଁ। ବ୍ରିଟିଶ ଶାସନରୁ ମୁକ୍ତ ହେବା ପରେ ଦେଶର ନୂତନ ସମ୍ବିଧାନ ୧୯୫୦ ମସିହାରେ କାର୍ଯ୍ୟକାରୀ ହୋଇଥିଲା ଏବଂ ଭାରତ ଏକ ଧର୍ମନିରପେକ୍ଷ ଏବଂ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇଥିଲା। ବହୁ ଅସୁବିଧା ଏବଂ ବାଧାବିଘ୍ନ ସତ୍ତ୍ୱେ ମଧ୍ୟ ଭାରତ ଗଣତନ୍ତ୍ରକୁ ପ୍ରତିଷ୍ଠା ପାଇଁ ପ୍ରୟାସ କରିଛି। ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଭାରତର ସମ୍ବିଧାନ ସମାନତା ଏବଂ ନ୍ୟାୟକୁ ଶାସନ ନୀତିର ମୂଳ ଆଧାର ଭାବେ ଗୁରୁତ୍ୱ ପ୍ରଦାନ କରିଛି। ମୌଳିକ ଅଧିକାର, ଧର୍ମନିରପେକ୍ଷତା, ସଙ୍ଘବାଦ, କ୍ଷମତାର ପୃଥକୀକରଣ ଆଦି ସାମ୍ବିଧାନିକ ନୀତି ଗଣତନ୍ତ୍ରକୁ ଦୃଢ଼ୀଭୂତ କରୁଛି। କିନ୍ତୁ ଭାରତର ସାମାଜିକ, ଆର୍ଥିକ, ସାଂସ୍କୃତିକ ଓ ରାଜନୈତିକ ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ। ଅସମାନତା, ନିରକ୍ଷରତା, ଆଞ୍ଚଳିକତା ଲିଙ୍ଗୀୟ ବୈଷମତା, ବେକାରୀ, ବେରୋଜଗାରୀ ତଥା ନକ୍ସଲବାଦ ଭଳି ବିଭିନ୍ନ ସମସ୍ୟା ଭାରତର ଗଣତନ୍ତ୍ର ପ୍ରତି ପ୍ରମୁଖ ଆହ୍ୱାନ ସୃଷ୍ଟି କରୁଛି।

**ଅସମାନତା (Enequality) :**

ଭାରତୀୟ ଗଣତନ୍ତ୍ରର ପର୍ଯ୍ୟବେକ୍ଷକମାନେ ବିସ୍ମିତ ହୁଅନ୍ତି ଯେ, ଏପରି ବ୍ୟାପକ ଅସମାନତା ଥିବା ପରିବେଶରେ ଗଣତନ୍ତ୍ର କିପରି ତିଷ୍ଠି ରହିଛି । ଭାରତରେ ପ୍ରତିନିଧିମୂଳକ ଗଣତନ୍ତ୍ର ସଫଳ ହୋଇଥିଲେ ମଧ୍ୟ ଏହା ଅର୍ଥନୈତିକ ଅସମାନତାକୁ ଦୂର କରିବାରେ ବିଫଳ ହୋଇଛି ।

ଏହି ଅସମାନତା ହେଉଛି ସମାଜରେ ଲୋକମାନଙ୍କ ମଧ୍ୟରେ ଧନ ସମ୍ପତ୍ତି, ଆୟ ବ୍ୟୟ ତଥା ସାଧାରଣ ଜୀବନଧାରଣ କ୍ଷେତ୍ରରେ ଥିବା ତାରତମ୍ୟ । ଭାରତର ଅର୍ଥନୈତିକ ପ୍ରଗତି କିଛି ଧନିକ ଶ୍ରେଣୀ ମଧ୍ୟରେ ସୀମିତ ଥିବାବେଳେ ଧନୀ ଓ ଗରିବ ମଧ୍ୟରେ ତାରତମ୍ୟ ବୃଦ୍ଧି ପାଇବାରେ ଲାଗିଛି । ଅଧିକାଂଶ ଜନସଂଖ୍ୟା ଦାରିଦ୍ର୍ୟର ଶିକାର ହୋଇଛନ୍ତି, ଏପରିକି ସର୍ବନିମ୍ନ ଆବଶ୍ୟକତା ଯଥା- ଖାଦ୍ୟ, ସ୍ୱାସ୍ଥ୍ୟ, ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ।

ଅସମାନତା




"ନିକିତି ତଉଲ ସାନ ବଡକୁ,
ଧନୀ ହୁଏ ଯିଏ ରହେ ତଳକୁ ।"

ଧନ ସମ୍ପତ୍ତିର ଅସମାନ ବଣ୍ଟନର ପ୍ରଭାବରେ କିଛି ଧନୀ ଏବଂ ମୁଷ୍ଟିମେୟ ବ୍ୟକ୍ତିଙ୍କ ହାତରେ କ୍ଷମତା ରହୁଛି ଏବଂ ସେମାନେ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ପ୍ରକ୍ରିୟାକୁ ନିୟନ୍ତ୍ରଣ କରୁଛନ୍ତି । ଏହି ଅର୍ଥନୈତିକ ଅସମତା ଭାରତର ଗଣତନ୍ତ୍ରର ମୂଳଦୁଆକୁ ଭାଙ୍ଗିଦେଇଛି । ଏହାଛଡ଼ା ସାମାଜିକ ବୈଷମ୍ୟ ଓ ବିଭାଜନ ଦ୍ୱାରା ସାମାଜିକ ସ୍ତରରେ ଗଣତନ୍ତ୍ର ନିଜର ଅସ୍ତିତ୍ୱ ହରଉଛି । ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାରେ ଏହି ଅସମତା ଏକ ପ୍ରମୁଖ ପ୍ରତିବନ୍ଧକ । ଏହାର ଦୂରୀକରଣ ଦ୍ୱାରା ହିଁ ଗଣତନ୍ତ୍ରର ସଫଳ ରୂପାୟନ କରାଯାଇପାରିବ ।

**ନିରକ୍ଷରତା (Illiteracy) :**

ଶିକ୍ଷା ଗଣତନ୍ତ୍ରର ସଫଳତା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଶିକ୍ଷା ନାଗରିକମାନଙ୍କୁ ସଚେତନ ଓ ଜାଗ୍ରତ କରାଏ । ଦେଶର ଅର୍ଥନୈତିକ ପ୍ରଗତି ପାଇଁ ଏହା ଜରୁରୀ ଅଟେ । ବିଶ୍ୱର ବହୁ ରାଷ୍ଟ୍ର ଶିକ୍ଷାକୁ ରାଷ୍ଟ୍ର ବିକାଶର ଏକ ମାଧ୍ୟମ ଭାବେ ଗ୍ରହଣ କରିଛନ୍ତି । ସୁତରାଂ ଜାପାନ, ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ, ଜର୍ମାନୀ, ଫ୍ରାନ୍ସ ପରି ରାଷ୍ଟ୍ରରେ ସାକ୍ଷରତା ହାର ଶତକଡ଼ା ୯୯ରେ ପହଞ୍ଚିଲାଣି । କିନ୍ତୁ ଭାରତର ଅଧିକାଂଶ ରାଜ୍ୟରେ ଏହା ଏକ ପ୍ରମୁଖ ଆହ୍ୱାନ । ନିରକ୍ଷରତା ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା କ୍ଷେତ୍ରରେ ଏକ ପ୍ରତିବନ୍ଧକ । ଭାରତରେ ଶତକଡ଼ା ୬୫ ଭାଗ ମହିଳା ଶିକ୍ଷିତ ଥିବାବେଳେ ଶତକଡ଼ା ୮୨ ଭାଗ ପୁରୁଷ ସାକ୍ଷର । ତେଣୁ ଭାରତର ନିରକ୍ଷରତାକୁ ଦୂର କରିବା ପାଇଁ ହେଲେ ପ୍ରଥମେ ନାରୀ ଶିକ୍ଷାକୁ ପ୍ରସାର କରିବା ଆବଶ୍ୟକ ।

ନିରକ୍ଷରତା




"ଆଜ୍ଞା ଆମକୁ କଳାପଟାରେ ପଢାନ୍ତୁ ନାହିଁ, ଆମର ସ୍କୁଲ୍ ଘର ନାହିଁ। ଆମକୁ ଆଣ୍ଡ୍ରୋଏଡ୍ ଫୋନ୍, ଟାବ୍ଲେଟ୍ ପି.ସି. ବା ଲାପଟପ୍‌ରେ ପଢାନ୍ତୁ।"

- ନିରକ୍ଷରତା ହେଉଛି ପଢ଼ିବା ଏବଂ ଲେଖିବା ପାଇଁ ଅସମର୍ଥକୁ ବୁଝାଏ। ଏହା ଭାରତର ଅର୍ଥନୈତିକ ବିକାଶର ଏକ ପ୍ରତିବନ୍ଧକ।
- ନିରକ୍ଷରତା ଜାତୀୟ ଜୀବନ ପାଇଁ ଏକ କ୍ଷତ। ଅଧିକାଂଶ ଜନସାଧାରଣ ଏବେ ବି ନିରକ୍ଷରତାର · ଅଜ୍ଞାନର ଅନ୍ଧକାରରେ ଜୀବନ ଅତିବାହିତ କରୁଛନ୍ତି।
- ନିରକ୍ଷରତା ସାର୍ବଜନୀନ ବିକାଶ ଏବଂ ସୁସ୍ଥ ଜୀବନଯାପନ କ୍ଷେତ୍ରରେ ଏକ ପ୍ରଧାନ ପ୍ରତିବନ୍ଧକ। ଏହା ରାଷ୍ଟ୍ରର ମୂଳଦୁଆକୁ ଦୁର୍ବଳ କରିଦେଉଛି।
- ଏହା ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥାକୁ ମଧ୍ୟ କାର୍ଯ୍ୟହୀନ କରିଦେଉଛି।
- ନିରକ୍ଷରତା ଅଧିକାଂଶ ଅନୁସୂଚିତ ଜାତି ଉପଜାତିଙ୍କ ମଧ୍ୟରେ ଦେଖିବାକୁ ମିଳୁଛି। ଏହା କେବଳ ସେମାନଙ୍କର ଅର୍ଥନୈତିକ ଜୀବନକୁ ପ୍ରଭାବିତ କରୁନି ବରଂ ସେମାନଙ୍କୁ ଅଜ୍ଞାନତା ଅନ୍ଧକାର ଓ ଦାରିଦ୍ର୍ୟତାକୁ ଠେଲିଦେଉଛି।

ସରକାର ସେଥିପାଇଁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷାର ପ୍ରଚଳନ କରିଛନ୍ତି। ଭାରତରେ ଏହାଦ୍ୱାରା ଶିକ୍ଷାର ପ୍ରସାର ହେବ ଏବଂ ସୁନାଗରିକ ସୃଷ୍ଟି ହେବେ। ଆଜିର ଛାତ୍ର କାଲିର ଭବିଷ୍ୟତ। ଶିକ୍ଷା ହିଁ ନାଗରିକ ମଧ୍ୟରେ ସଚେତନତା ସୃଷ୍ଟିକରିପାରିବ ଏବଂ ରାଷ୍ଟ୍ର ଗଠନରେ ସହାୟକ ହେବ।

ସମାଧାନ :

- ଏକ ସୁସ୍ଥ ଏବଂ ସୁଖମୟ ଜୀବନଯାପନ ପାଇଁ ନିରକ୍ଷରତାକୁ ମୂଳରୁ ଉତ୍ପାଟନ କରିବା ଆବଶ୍ୟକ।
- ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ଏବଂ ଛାତ୍ରଛାତ୍ରୀମାନେ ନିଜର ପ୍ରଚେଷ୍ଟା ଦ୍ୱାରା ନିରକ୍ଷରତାକୁ ଦୂର କରିପାରିବେ ଏବଂ ସାମାଜିକ ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ଉନ୍ନତି ଆଣିପାରିବେ।
- ମିଳିତ ଜାତିସଙ୍ଘ ମଧ୍ୟ ଅନୁନ୍ନତ ରାଷ୍ଟ୍ରମାନଙ୍କ ମଧ୍ୟରୁ ନିରକ୍ଷରତାକୁ ଦୂର କରିବାକୁ ପ୍ରୟାସ କରିଛି। ୧୯୯୦ ମସିହାକୁ ଅନ୍ତର୍ଜାତିକ ସ୍ୱାକ୍ଷରତା ଦିବସ ଭାବେ ପାଳନ କରାଯାଉଛି।

- ରାଜନୈତିକ ଦଳମାନଙ୍କର ସଂଖ୍ୟାଲଘୁଙ୍କ ସ୍ୱାର୍ଥକୁ ପୂରଣ କରିବା ଆଳରେ ଭୋଟ ପାଇଁ ହେଉଥିବା ରାଜନୀତି ମଧ୍ୟ ଭାରତରେ ଆଞ୍ଚଳିକବାଦ ବୃଦ୍ଧିକରୁଛି।
- ଜାତୀୟ ଦଳମାନଙ୍କ ମଧ୍ୟରେ ହେଉଥିବା କନ୍ଦଳରୁ ଆଞ୍ଚଳିକ ଦଳର ସୃଷ୍ଟି ମଧ୍ୟ ହୁଏ ଏବଂ ଏହା ଆଞ୍ଚଳିକବାଦକୁ ପ୍ରୋତ୍ସାହିତ କରେ।
- ଭୂମିପୁତ୍ର ନୀତି ଦ୍ୱାରା ଆଞ୍ଚଳିକବାଦ କ୍ରମଶଃ ବୃଦ୍ଧି ପାଉଥିବା ପରିଲିକ୍ଷିତ ହେଉଛି। ଏହାର ନିଯୁକ୍ତି ଓ ଅନ୍ୟ କ୍ଷେତ୍ରରେ କେବଳ ନିଜ ରାଜ୍ୟର ଅଧିବାସୀଙ୍କୁ ହିଁ ସୁଯୋଗ ଦିଆଯାଉଛି।

ଶିକ୍ଷାର ପ୍ରସାର, ସନ୍ତୁଳିତ ବିକାଶ, ଜାତୀୟ ଭାଷାର ବୃଦ୍ଧି, ଗଣମାଧ୍ୟମର ସହଯୋଗ ଫଳରେ ଆଞ୍ଚଳିକବାଦର ବିଲୋପ କରିହେବ ଓ ଗଣତନ୍ତ୍ରକୁ ସୁରକ୍ଷା ଦେଇହେବ।

**ନକ୍ସଲ ସମସ୍ୟା (Naxalite Problem) :**

**ଭାରତରେ ନକ୍ସଲ୍‌ବାଦର ସୃଷ୍ଟି :** ଦରିଦ୍ର, ଶୋଷିତ, ଅବହେଳିତ ଏବଂ ଆଦିବାସୀମାନଙ୍କୁ ପ୍ରତି ହେଉଥିବା ଶୋଷଣରୁ ହିଁ ନକ୍ସଲବାଦର ଜନ୍ମ ହୋଇଥିଲା ଭାରତରେ। ଏହି ଗୋଷ୍ଠୀମାନେ ଶାସନ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟିକରୁଥିବା ଏକ ବିଦ୍ରୋହକାରୀ ଗୋଷ୍ଠୀ। ଏହି ବିଦ୍ରୋହରୁ ହିଁ ଭାରତରେ ନକ୍ସଲ୍ ସମସ୍ୟା ସୃଷ୍ଟି।

ଏହା ଭାରତର ଗଣତନ୍ତ୍ର ପ୍ରତି ଏକ ବିରାଟ ଆହ୍ୱାନ। ଭାରତରେ ନକ୍ସଲ୍ ଆନ୍ଦୋଳନ ବା ନକ୍ସଲବାଦ ଏକ ସାମ୍ୟବାଦୀ ବିଦ୍ରୋହ ଯାହା ପଶ୍ଚିମବଙ୍ଗର ନକ୍ସଲବାଡି ଗ୍ରାମରୁ ହିଁ ପ୍ରଥମେ ସୃଷ୍ଟି ହୋଇଥିଲା। ଏହା ପଶ୍ଚିମବଙ୍ଗରୁ ଆରମ୍ଭ ହୋଇ ବର୍ତ୍ତମାନ ଛତିଶଗଡ଼, ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ତେଲେଙ୍ଗାନାକୁ କ୍ରମଶଃ କାୟା ବିସ୍ତାର କରୁଛି। ଗଣତନ୍ତ୍ରର ଅବସାନ ଘଟାଇ ଏକ ନୂତନ ବ୍ୟବସ୍ଥା ସମତାଭିତ୍ତିରେ ସୃଷ୍ଟି କରିବା ଏହି ଆନ୍ଦୋଳନର ମୁଖ୍ୟ ଲକ୍ଷ୍ୟ। ଆଦିବାସୀମାନଙ୍କ ଉପରେ ହେଉଥିବା ଶୋଷଣ ଓ ଅତ୍ୟାଚାରରୁ ଏହି ବିଦ୍ରୋହର ଜନ୍ମ।

**ନକ୍ସଲବାଦର ଇତିହାସ :** ମାଓ-ସେ-ତୁଙ୍ଗଙ୍କ ସାମ୍ୟବାଦ ଆନ୍ଦୋଳନ ଏବଂ ଋଷିଆର ମାର୍କ୍ସବାଦ ଓ ସାମ୍ୟବାଦ ଆନ୍ଦୋଳନରୁ ଭାରତୀୟ ନକ୍ସଲବାଦକୁ ପ୍ରଭାବିତ କରିଛି। ଏହି ମାଓବାଦର ଆଦର୍ଶକୁ ଗ୍ରହଣ କରି ଭାରତରେ କମ୍ୟୁନିଷ୍ଟ ଦଳର ନେତାମାନେ ଭାରତରେ କମ୍ୟୁନିଷ୍ଟ ପାର୍ଟି ଅଫ୍ ଇଣ୍ଡିଆ ଭାବେ ଏକ ସଙ୍ଗଠନ ସୃଷ୍ଟିକଲେ। ଏହି ସଙ୍ଗଠନର ଲୋକମାନେ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ବିରୋଧ କରି ନୂତନ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ଦାବି କରୁଥିଲେ। ୧୯୪୬ର ତେଭାଗା ଆନ୍ଦୋଳନ ହେଉଛି ପ୍ରଥମ ମାଓ ଆନ୍ଦୋଳନ। ଏହା କୃଷକମାନଙ୍କର ଜମିଦାରଙ୍କ ବିରୋଧରେ ଆନ୍ଦୋଳନ ଥିଲା। ୧୯୬୭ ମସିହାରେ ନକ୍ସାଲ୍‌ବାଡିଠାରେ ଚାରୁ ମଜୁମଦାର ପ୍ରତିନିଧିତ୍ୱରେ ଏକ ନକ୍ସଲ ଆନ୍ଦୋଳନ ହୋଇଥିଲା ଯାହା ଭାରତୀୟ ଗଣତନ୍ତ୍ରକୁ ପ୍ରଭାବିତ କରିଥିଲା।

ଅସନ୍ତୁଳିତ ବିକାଶ, ଆଦିବାସୀମାନଙ୍କ ମୌଳିକ ସମସ୍ୟା ଓ ଶୋଷଣ ହେଉଛି ନକ୍ସଲବାଦର ମୁଖ୍ୟ କାରଣ। କିନ୍ତୁ ବର୍ତ୍ତମାନ ନକ୍ସଲମାନେ ସାଧାରଣ ଜନତାକୁ ମଧ୍ୟ କ୍ଷତି ପହଞ୍ଚାଉଛନ୍ତି। ସରକାରୀ କର୍ମଚାରୀଙ୍କ ଅପହରଣ ଏବଂ ଆଇନ୍ ଶୃଙ୍ଖଳାକୁ ନିଜ ହାତକୁ ନେଇ ସାମାଜିକ ଶାନ୍ତିକୁ ବ୍ୟାହତ କରୁଛନ୍ତି।

**ସରକାରୀ ପଦକ୍ଷେପ :**


**ନକ୍ସଲ ବିରୋଧୀ ବାହିନୀ :** ନକ୍ସଲଙ୍କୁ ପ୍ରତିହତ ଏବଂ ରୋକିବା ପାଇଁ ସରକାର ଗ୍ରୀନ୍ ହଣ୍ଟ ଏବଂ ସି.ଆର୍.ପି.ଏଫ୍.ଙ୍କୁ ନିଯୁକ୍ତି ଆଦି କାର୍ଯ୍ୟକ୍ଷମ କରିଛି ।

**ସଚେତନତା କାର୍ଯ୍ୟକ୍ରମ :** ନକ୍ସଲପ୍ରବଣ ସ୍ଥାନମାନଙ୍କରେ ନକ୍ସଲ ନିୟନ୍ତ୍ରଣ କରିବା ପାଇଁ ସରକାର ଜନସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରିଛନ୍ତି ।

**ଲିଙ୍ଗଗତ ଅସମତା (Gender Inequality) :**

ଲିଙ୍ଗଗତ ଅସମତା ହେଉଛି ନାରୀ ପୁରଷମାନଙ୍କ ସହ ସମାନ ନୁହେଁ । ନାରୀ ଓ ପୁରୁଷ ମଧ୍ୟରେ ଥିବା ତାରତମ୍ୟ ଓ ଲିଙ୍ଗକୁ ନେଇ ଅସମତା ଆଚରଣକୁ ଲିଙ୍ଗଗତ ଅସମତା କୁହାଯାଏ । ଆମ ସମାଜରେ ଥିବା ବିଭିନ୍ନତାରୁ ହିଁ ଏହାର ସୃଷ୍ଟି ।

ଭାରତରେ ଲିଙ୍ଗଗତି ଅସମାନତା କହିଲେ ସ୍ୱାସ୍ଥ୍ୟ, ଶିକ୍ଷା, ଅର୍ଥନୈତିକ ଓ ରାଜନୈତିକ ସ୍ତରରେ ନାରୀ ଓ ପୁରୁଷଙ୍କ ମଧ୍ୟରେ ଥିବା ଅସମାନତାକୁ ବୁଝାଏ ।




**ସଂଜ୍ଞା ଓ ଧାରଣା (Definition and concept) :** ଲିଙ୍ଗ ହେଉଛି ଏକ ସାମାଜିକ ଓ ସାଂସ୍କୃତିକ ଶବ୍ଦ ଯାହା କି ସମାଜରେ ପ୍ରଦାନ କରାଯାଇଥିବା ନାରୀ ଓ ପୁରୁଷ ମଧ୍ୟରେ ଭମିକାରୁ ସୃଷ୍ଟି । କିନ୍ତୁ ସେକ୍ସ (sex) ଶବ୍ଦଟି ଜୈବିକ ଓ ମନସ୍ତାତ୍ତ୍ୱିକ ଶବ୍ଦ ଅଟେ । ଲିଙ୍ଗ ହେଉଛି ଆମ ସାମାଜିକ ବ୍ୟବସ୍ଥା ଓ ମାନସିକତାରୁ ସୃଷ୍ଟି, କିନ୍ତୁ ସେକ୍ସ ଶବ୍ଦଟି ପ୍ରାକୃତିକ ଜୈବିକ ବୈଶିଷ୍ଟ୍ୟରୁ ସୃଷ୍ଟି ।

ଲିଙ୍ଗଗତ ଅସମାନତା ନାରୀମାନଙ୍କ ପ୍ରତି ଥିବା ଲିଙ୍ଗଗତ ପକ୍ଷପାତିତାକୁ ବୁଝାଏ । ଆମ ସମାଜ ନାରୀମାନଙ୍କୁ ଦୁର୍ବଳ ଶ୍ରେଣୀର ବୋଲି ବିବେଚନା କରୁଛି । ନାରୀମାନଙ୍କୁ ପୁରୁଷମାନଙ୍କ ଅଧସ୍ତନ ଭାବେ ଚିନ୍ତାକରାଯାଏ, ନାରୀମାନଙ୍କ ବିରୋଧରେ ପକ୍ଷପାତିତା କେବଳ ଭାରତରେ ନୁହେଁ ସାରା ବିଶ୍ୱରେ ପରିଲକ୍ଷିତ ହେଉଛି ।

**ଭାରତରେ ଲିଙ୍ଗଗତ ଅସମତାର କାରଣ ଓ ପ୍ରକାର ଭେଦ (Causes and types of gender inequality in India) :** ଲିଙ୍ଗଗତ ଅସମତାର ମୂଳ କାରଣ ହେଉଛି ଭାରତୀୟ ସମାଜରେ ଥିବା ପୁରୁଷ ପ୍ରଧାନ

ସାମାଜିକ ବ୍ୟବସ୍ଥା ଆମର ଏହି ପୁରୁଷ କୈନ୍ଦ୍ରିକ ସମାଜରେ ନାରୀମାନଙ୍କୁ ଅବହେଳିତ ଏବଂ ଶୋଷିତ କରାଯାଉଛି। ସ୍ୱାଧୀନ ଭାବେ ନିଜର ନିଷ୍ପତ୍ତି ନେବାର ଅଧିକାରରୁ ବି ବଞ୍ଚିତ ହେଉଛନ୍ତି ଉଭୟ ଘରେ ଏବଂ ବାହାରେ ମଧ୍ୟ।

ମୁସଲିମ୍ ସମ୍ପ୍ରଦାୟରେ ମଧ୍ୟ ନାରୀମାନଙ୍କୁ ଧର୍ମ ନାମରେ ପକ୍ଷପାତିତାର ଶିକାର ହେବାକୁ ପଡୁଛି। ଦୁର୍ଭାଗ୍ୟର କଥା ହେଉଛି ଆମ ସମାଜରେ ଥିବା ସାମାଜିକ ଓ ସାଂସ୍କୃତିକ ବ୍ୟବସ୍ଥା ନାରୀମାନଙ୍କୁ ପୁରୁଷମାନଙ୍କ ଅଧସ୍ତନ ଭାବେ ବିବେଚନା କରିବାକୁ ବାଧ କରୁଛି। ଦାରିଦ୍ର୍ୟତା ଏବଂ ଶିକ୍ଷାର ଅଭାବ ମଧ୍ୟ ଲିଙ୍ଗଗତ ଅସମତାର ଏକ ପ୍ରମୁଖ କାରଣ।

ଆଜି ବି ଆମର ମାନସିକତା ଏପରି ଯେ ଝିଅକୁ ଶିକ୍ଷା ଦେବା ଏକ ଅପବ୍ୟୟ ଭାବେ ବିବେଚନା କରାଯାଏ। ନାରୀମାନଙ୍କ ନିଜ ଇଚ୍ଛା ଅନୁସାରେ ଜୀବନ ଅତିବାହିତ କରିବା ପାଇଁ ସୁଯୋଗ ମଧ୍ୟ ମିଳେ ନାହିଁ।

## ସଂକ୍ଷିପ୍ତ ସୂଚନା

⇨ ଗ୍ରୀକ୍ ଭାଷାର Demos ଏବଂ Kratos ଶବ୍ଦର ସମ୍ମିଶ୍ରଣରେ (Democracy) ବା ଗଣତନ୍ତ୍ର ଶବ୍ଦର ଉତ୍ପତ୍ତି। ଯାହାର ଅର୍ଥ ହେଲା ଗଣଶାସନ। ଗଣତନ୍ତ୍ର ଏପରି ଏକ ଶାସନ, ଯେଉଁଥିରେ ସମସ୍ତଙ୍କର ଅଂଶ ରହିଥାଏ।

⇨ *ଗଣତନ୍ତ୍ରର ଶ୍ରେଣୀ ବିଭାଗ* : ପ୍ରତ୍ୟକ୍ଷ ଗଣତନ୍ତ୍ର ଓ ପରୋକ୍ଷ ଗଣତନ୍ତ୍ର। ପ୍ରତ୍ୟକ୍ଷ ଗଣତନ୍ତ୍ରରେ ରାଷ୍ଟ୍ରର ନାଗରିକମାନେ ପ୍ରତ୍ୟକ୍ଷ ଭାବରେ ଶାସନ କାର୍ଯ୍ୟ ପରିଚାଳନା କରନ୍ତି। ବର୍ତ୍ତମାନ କେବଳ ସ୍ୱିଜରଲାଣ୍ଡରେ ଏହା 'ଗଣଭୋଟ', 'ଗଣଦ୍ୟୋଗ' ଓ 'ପ୍ରତ୍ୟାହାର' ମାଧ୍ୟମରେ ପ୍ରଚଳିତ। ବର୍ତ୍ତମାନ ସର୍ବତ୍ର ପରୋକ୍ଷ ଗଣତନ୍ତ୍ର ପ୍ରଚଳିତ। ଏହା ହେଉଛି ପ୍ରତିନିଧିମୂଳକ ଶାସନ।

⇨ *ଗଣତନ୍ତ୍ରର ଲକ୍ଷଣ* : ଜନସାଧାରଣଙ୍କ ସାର୍ବଭୌମତ୍ୱ; ଆଇନର ଶାସନ; ରାଜନୈତିକ ସମାନତା ଏବଂ ବ୍ୟକ୍ତି ସ୍ୱାଧୀନତା ହେଉଛି ଗଣତନ୍ତ୍ରର ବିଶେଷ ଲକ୍ଷଣ। ତା ଛଡ଼ା ଏହା ହେଉଛି ଆଲୋଚନା-ସମାଲୋଚନା ଭିତ୍ତିକ ସରକାର। ତେଣୁ ରାଜନୈତିକ ଦଳର ସ୍ଥିତି ଅପରିହାର୍ଯ୍ୟ।

⇨ *ଗଣତନ୍ତ୍ରର ଗୁଣ* : ସାମ୍ୟଭାବ, ବ୍ୟକ୍ତି ସ୍ୱାଧୀନତାର ସୁରକ୍ଷା, ଉତ୍ତରଦାୟୀ ଶାସନ, ଶିକ୍ଷାଗତ ମୂଲ୍ୟ, ସର୍ବସାଧାରଣଙ୍କ ହିତସାଧନ, ଶାନ୍ତି ଓ ସହାବସ୍ଥାନ।

⇨ *ଗଣତନ୍ତ୍ରର ଦୋଷ ଦୁର୍ବଳତା* : ଏହା ଗୁଣ ଅପେକ୍ଷା ସଂଖ୍ୟା ଉପରେ ଅଧିକ ପ୍ରାଧାନ୍ୟ ଦେଇଥାଏ।; ଅଯୋଗ୍ୟ ଅନୁପଯୁକ୍ତଙ୍କ ଶାସନ; ଅଧିକ ବ୍ୟୟବହୁଳ; ଦଳୀୟ ସ୍ୱାର୍ଥ ପ୍ରତି ବିଶେଷ ଦୃଷ୍ଟି; ଦୁର୍ନୀତିର ପ୍ରାଦୁର୍ଭାବ; ସଂଖ୍ୟାଗରିଷ୍ଠଙ୍କ ଦୌରାତ୍ମ୍ୟ; ଗତି ମନ୍ଥର; ଶାସନରେ ଅସ୍ଥିରତା।

⇨ *ଗଣତନ୍ତ୍ରର ସଫଳତାର ଉପାଦାନ* : ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ; ସାର୍ବଜନୀନ ଶିକ୍ଷା; ଅର୍ଥନୈତିକ ସମତା; ସତତ ସତର୍କତା; ନିର୍ଭୀକ ଓ ନିରପେକ୍ଷ ସମ୍ବାଦପତ୍ର; ଦୃଢ଼ ବିରୋଧୀଦଳ; ଉତ୍ତମ ନେତୃତ୍ୱ; ଉତ୍ତମ ସମ୍ବିଧାନ।

# ଆଦର୍ଶ ପ୍ରଶ୍ନାବଳୀ

## ବିଭାଗ – କ

**ବିକଳ୍ପ ଉତ୍ତର ଗୁଡ଼ିକରୁ ସଠିକ ଉତ୍ତର ଚୟନ :**

୧. ନିମ୍ନରେ ଗଣତନ୍ତ୍ରର କେତୋଟି ସଜ୍ଞା ଏବଂ ତାର ପ୍ରତିବେଦକଙ୍କର ନାମ ଦିଆଯାଇଛି । ଭୁଲ ନାମରେ ଥିବା ସଜ୍ଞା କୁ ବାଛ ଓ ନିମ୍ନ ପ୍ରଦତ୍ତ ସଂକେତ ଅନୁସାରେ ଚିହ୍ନଟ କର ।

A. "ଗଣତନ୍ତ୍ର ହେଉଛି ଏପରି ଏକ ସରକାର ଯେଉଁଠି ପ୍ରତ୍ୟେକ ବ୍ୟକ୍ତିର ଭାଗିଦାରୀ ଥାଏ।"– ଡିଷୀ

B. "ଗଣତନ୍ତ୍ର ହେଲା ଜନଗଣଙ୍କର, ଜନଗଣଙ୍କ ଦ୍ୱାରା ଓ ଜନଗଣଙ୍କ କଲ୍ୟାଣ ପାଇଁ ପ୍ରତିଷ୍ଠିତ ସରକାର।"– ଲିଙ୍କନ୍

C. "ଯେଉଁ ସରକାରରେ ଶାସନ କ୍ଷମତା କୌଣସି ନିର୍ଦ୍ଦିଷ୍ଟ ଶ୍ରେଣୀର ଲୋକଙ୍କ ହାତରେ ନ ରହି ସମଗ୍ର ଗୋଷ୍ଠୀର ସଦସ୍ୟମାନଙ୍କ ହାତରେ ଆଇନତଃ ନ୍ୟସ୍ତ ଥାଏ, ତାକୁ ଗଣତନ୍ତ୍ର କୁହାଯାଏ।" – ବ୍ରାଇସ୍

D. "ଗଣତନ୍ତ୍ର ହେଉଛି ଏପରି ଏକ ସରକାର ଯେଉଁଥିରେ ଶାସନକର୍ତା ସମଗ୍ର ଜନସଂଖ୍ୟାର ପ୍ରଧାନ ଅଂଶବିଶେଷ ।"– ସିଲି

ସଂକେତ : (i) AB (ii) BC (iii) CD (iv) DA

୨. ଭୋଟଦାତା (Electorate) ଶବ୍ଦର ଅର୍ଥ ହେଲା– (ସଂକେତ ଅନୁସାରେ ଚିହ୍ନଟ କର ।)

A. ନିର୍ବାଚନ ମଣ୍ଡଳୀର ସମସ୍ତ ନାଗରିକ।

B. ନିର୍ବାଚନ ମଣ୍ଡଳୀର ସମସ୍ତ ସାବାଳକ ନାଗରିକ।

C. ନିର୍ବାଚନ ମଣ୍ଡଳୀରେ ବାସ କରୁଥିବା ନାଗରିକ ଓ ଅଣ ନାଗରିକ।

D. ନିର୍ବାଚନ ମଣ୍ଡଳୀର ଆବାଳ ବୃଦ୍ଧ ବନିତା

ସଠିକ ଉତ୍ତର ଚୟନକରି ନିମ୍ନ ସଂକେତ ଅନୁସାରେ ଉତ୍ତର ଦିଅ ।

ସଂକେତ : (i) A (ii) B (iii) C (iv) D

୩. ସାର୍ବଜନୀନ ସାବାଳକ ଭୋଟଦାନ ବ୍ୟବସ୍ଥାରେ– (ସଂକେତ ଅନୁସାରେ ଚିହ୍ନଟ କର ।)

A. ସମସ୍ତ ସାବାଳକ ପୁରୁଷ ମାନଙ୍କର ଭୋଟଦାନର ଅଧିକାର।

B. ସମସ୍ତଙ୍କର ଭୋଟଦାନର ଅଧିକାର।

C. ସମସ୍ତ ସାବାଳକ ମାନଙ୍କର ଭୋଟଦାନର ଅଧିକାର।

D. ସମସ୍ତ ସାବାଳକ ମହିଳା ମାନଙ୍କର ଭୋଟଦାନର ଅଧିକାର।

ସଂକେତ : (ii) A (ii) B (iii) C (iv) D

୪. ଗଣତନ୍ତ୍ରକୁ ସଫଳ ଶାସନ ବ୍ୟବସ୍ଥାରେ ପରିଣତ କରିବାକୁ ହେଲେ କେତେକ ଆବଶ୍ୟକୀୟ ଉପାଦାନ ଗ୍ରହଣ କରିବାକୁ ହେବ। ନିମ୍ନରେ ଦିଆଯାଇଥିବା କେଉଁଗୁଡ଼ିକ ଆବଶ୍ୟକୀୟ ଉପାଦାନ? (ସଂକେତ ଅନୁସାରେ ଚିହ୍ନଟ କର।)

A. ଜନସାଧାରଣଙ୍କର ଆସ୍ଥା ଓ ଆଗ୍ରହ।
B. ସାର୍ବଜନୀନ ବିଜ୍ଞାନ ଶିକ୍ଷା।
C. ଅର୍ଥନୈତିକ ଅସମାନତା।
D. ନିର୍ଭୀକ, ନିରପେକ୍ଷ ସମ୍ବାଦପତ୍ର।

ସଂକେତ: (i) AB (ii) BC (iii) CD (iv) DA

## ବିଭାଗ – ଖ

**ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନାବଳୀ :**

୧. ଗଣତନ୍ତ୍ର କାହାକୁ କୁହାଯାଏ?
୨. ପ୍ରତ୍ୟକ୍ଷ ଗଣତନ୍ତ୍ରର ଅର୍ଥ କ'ଣ?
୩. ପରୋକ୍ଷ ଗଣତନ୍ତ୍ରର ଅର୍ଥ କ'ଣ?
୪. ଗଣଭୋଟ କାହାକୁ କୁହାଯାଏ?
୫. ପ୍ରତ୍ୟାହାର ମାନେ କ'ଣ?
୬. 'ବହୁମତର ଶାସନ' କାହାକୁ କୁହାଯାଏ?
୭. ଜନପ୍ରିୟ ସାର୍ବଭୌମତ୍ୱର ଅର୍ଥ କ'ଣ?
୮. ପ୍ରତିନିଧିତ୍ୱର ଅର୍ଥ ଲେଖ।
୯. ଅସମାନତାର ମାନେ କ'ଣ?
୧୦. ଆଞ୍ଚଳିକତାର ସଂଜ୍ଞା ନିରୂପଣ କର।
୧୧. ନକ୍ସଲବାଦ ମାନେ କ'ଣ?
୧୨. ଲିଙ୍ଗଗତ ବୈଷମ୍ୟ କ'ଣ?

**ଟିପ୍ପଣୀ ଲେଖ :**

୧. ଆଞ୍ଚଳିକତାର ନକାରାତ୍ମକ ପ୍ରଭାବ
୨. 'ଗଣତନ୍ତ୍ର ହେଉଛି ଏକ ଜୀବନଧାରା'
୩. ନକ୍ସଲବାଦର ସମାଧାନ।
୪. ଲିଙ୍ଗଗତ ବୈଷମ୍ୟର କାରଣ
୫. ଭାରତର ନିରକ୍ଷର ସମସ୍ୟାର ସମାଧାନ

## ବିଭାଗ – ଗ

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ :**

୧. ଗଣତନ୍ତ୍ରର ସଂଜ୍ଞା ନିରୂପଣ କର । ଏହା ପ୍ରକାର ସମ୍ପର୍କରେ ବିଶଦ ଆଲୋଚନା କର।

୨. 'ଗଣତନ୍ତ୍ର ହେଉଛି ଏକ ଜୀବନଧାରା'– ଏହି ଉକ୍ତିଟିର ତାତ୍ପର୍ଯ୍ୟ ବିଶଦ୍ ଆଲୋଚନା କର।

୩. ଗଣତନ୍ତ୍ରର ଲକ୍ଷଣ ଗୁଡ଼ିକ ସମ୍ବନ୍ଧରେ ଆଲୋକପାତ କର।

୪. ଗଣତନ୍ତ୍ରର ସଫଳତା ପାଇଁ ଅପରିହାର୍ଯ୍ୟ ସର୍ତ୍ତଗୁଡ଼ିକ ଉପରେ ଆଲୋକପାତ କର।

୫. ଭାରତର ଗଣତନ୍ତ୍ରର ବିଭିନ୍ନ ଅନ୍ତରାୟ ବିଷୟରେ ଆଲୋଚନା କର ।

୬. ନକ୍ସଲବାଦ ମାନେ କ'ଣ ବୁଝ ? ଭାରତର ଗଣତନ୍ତ୍ରକୁ ଏହା କିଭଳି ଭାବରେ ପ୍ରଭାବିତ କରୁଛି ? ଆଲୋଚନା କର।

୭. ଗଣତନ୍ତ୍ରର ସଂଜ୍ଞା ଲେଖ । ଏହାର ଅର୍ଥ ବିଷଦ୍ ଭାବରେ ଆଲୋଚନା କର ।

❑❑❑

ଦ୍ୱିତୀୟ ଅଧ୍ୟାୟ

# ରାଜନୈତିକ ଦଳ

*"ଏକ ରାଜନୈତିକ ବ୍ୟବସ୍ଥାରେ ଯେକୌଣସି ଏକ ଗୋଷ୍ଠୀ କ୍ଷମତା ହାସଲ ଏବଂ ବ୍ୟବହାର କରିବା ପାଇଁ ସଂଗଠିତ ହୋଇଥାଏ ତାହାକୁ ରାଜନୈତିକ ଦଳ କୁହାଯାଏ ।"*

–ମରିଶ ଦୁଭର୍ଜର୍

**ପାଠ୍ୟ ବିଷୟ :**

ଭାରତର ଦଳୀୟ ବ୍ୟବସ୍ଥା

➡ ଅର୍ଥ, ପ୍ରକାର, ଏକ ଦଳୀୟ ଆଧିପତ୍ୟ, ମେଣ୍ଟ ରାଜନୀତି, ଆଞ୍ଚଳିକ ଦଳ

**କ'ଣ ଜାଣିବା ?**

ରାଜନୈତିକ ଦଳ:

➡ ସଂଜ୍ଞା, ଲକ୍ଷଣ, କାର୍ଯ୍ୟ, ଦଳୀୟ ବ୍ୟବସ୍ଥାର ଶ୍ରେଣୀ ବିଭାଗ

**କ'ଣ ପଢିବା ?**

ଭାରତର ଦଳୀୟ ବ୍ୟବସ୍ଥା

➡ ଏକ ଦଳୀୟ ଆଧିପତ୍ୟ, ମେଣ୍ଟ ରାଜନୀତି, ଆଞ୍ଚଳିକ ଦଳ

## ଗଣତନ୍ତ୍ରରେ ରାଜନୈତିକ ଦଳର ମହତ୍ତ୍ୱ :

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ରାଜନୈତିକ ଦଳମାନେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଏମାନଙ୍କ ବିନା ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା ଆଦୌ କାର୍ଯ୍ୟ କରିପାରିବ ନାହିଁ। ଇତିହାସରୁ ଜଣାଯାଏ ଯେ ରାଜନୈତିକ ଦଳଗୁଡ଼ିକ ଗଣତାନ୍ତ୍ରିକ ବ୍ୟବସ୍ଥାର ଅଂଶବିଶେଷ ଭାବେ ଜନ୍ମଲାଭ କରିଛନ୍ତି। ଏହି ଦଳୀୟ ବ୍ୟବସ୍ଥା ଆଧୁନିକ ସମାଜକୁ ଇଂଲଣ୍ଡର ଅବଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଇଂଲଣ୍ଡର ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରାରମ୍ଭରୁ ଏହି ଦଳୀୟ ଶାସନ ବ୍ୟବସ୍ଥାର ଅୟମାରମ୍ଭ ହୋଇଥିଲା। ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଏହି ଦଳୀୟ ଶାସନ ବ୍ୟବସ୍ଥା ପୃଥିବୀର ପ୍ରାୟ ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ରରେ ସଂପୂର୍ଣ୍ଣଭାବେ ବିକଶିତ ହୋଇ ସାରିଥିଲା। ଏମାନଙ୍କ ବିନା ଗଣତନ୍ତ୍ରକୁ କାର୍ଯ୍ୟକାରୀ କରିବା କଥା ଆଦୌ ଚିନ୍ତା କରାଯାଇ ନପାରେ। ସେଥିପାଇଁ ଯଥାର୍ଥରେ, ଦଳ ନାହିଁ ତ ଗଣତନ୍ତ୍ର ନାହିଁ।

## ରାଜନୈତିକ ଦଳର ଅର୍ଥ :

ସାଧାରଣତଃ ରାଜନୈତିକ ଦଳ କହିଲେ ସାମାଜିକ ହିତ ବିଷୟରେ ଏକ ପ୍ରକାରର ମତାବଲମ୍ବୀ ଲୋକଙ୍କ ଦ୍ୱାରା ଗଠିତ ସଂଘ, ଯାହା ମାଧ୍ୟମରେ ସେମାନେ ନିଜର ଉଦ୍ଦେଶ୍ୟ ହାସଲ କରିବାକୁ ଚେଷ୍ଟା କରନ୍ତି । ଅନ୍ୟ ଶବ୍ଦରେ, ସେହି ସମଭାବାପନ୍ନ ବ୍ୟକ୍ତିମାନଙ୍କର ସମଷ୍ଟି ବା ସମାହାର ଯେଉଁମାନେ ସମାଜର ସାମାଜିକ, ଅର୍ଥନୈତିକ, ରାଜନୈତିକ ତଥା ସାଂସ୍କୃତିକ ସମସ୍ୟା ଗୁଡ଼ିକର ଉତ୍ପତ୍ତି ଓ ସମାଧାନର ମାର୍ଗ ସମ୍ବନ୍ଧରେ ଏକମତ ଓ ଲକ୍ଷ୍ୟ ହାସଲ ନିମିତ୍ତ ମିଳିତ ଭାବରେ କାର୍ଯ୍ୟ କରିବାକୁ ସହମତ ।

- ଡ. ବି.ମୁନ୍‌ରୋଙ୍କ ମତରେ ରାଜନୈତିକ ଦଳ ବିନା କୌଣସି ସ୍ଥାନରେ ମୁକ୍ତ ସରକାର ଗଠନ କରିବା ସମ୍ଭବ ନୁହେଁ। ଏହି ଦଳଗୁଡ଼ିକ ଜନସାଧାରଣ ଓ ସରକାରଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିଥାଆନ୍ତି।
- ଏଡମଣ୍ଡ ବର୍କଙ୍କ ମତରେ ଦଳେ ବ୍ୟକ୍ତି ଯେତେବେଳେ ସେମାନଙ୍କ ଚିନ୍ତା ତଥା ନୀତି ଦ୍ୱାରା ଜାତୀୟ ସ୍ୱାର୍ଥର ଅଭିବୃଦ୍ଧି ସାଧନ ପାଇଁ ଏକାଠି ହୋଇଥାନ୍ତି ଆମେ ତାହାକୁ ଏକ ରାଜନୈତିକ ଦଳ କହୁ।
- ମାକ୍‌ଆଇଭରଙ୍କ ମତରେ ଏକ ସଂଗଠନ ନିଜର ନୀତି ତଥା ଆଦର୍ଶକୁ ସାମ୍ବିଧାନିକ ଉପାୟରେ ରାଷ୍ଟ୍ରନୀତି ସହ ସାମିଲ କରିବା ପାଇଁ ଉଦ୍ୟମ କରେ ତେବେ ତାହାକୁ ରାଜନୈତିକ ଦଳ କୁହାଯାଏ।
- ଅଧ୍ୟାପକ ଗିଲକ୍ରିଷ୍ଟ କୁହନ୍ତି ଯେ ରାଜନୈତିକ ଦଳ ହେଉଛି ସଂଗଠିତ ନାଗରିକମାନଙ୍କର ଅନୁଷ୍ଠାନ, ଯେଉଁମାନେ ନିଜର ରାଜନୈତିକ ବିଚାର ଦ୍ୱାରା ପ୍ରଭାବିତ ହୋଇ ଏକ ସଂଗଠନ ମାଧ୍ୟମରେ ସରକାରଙ୍କୁ ନିୟନ୍ତ୍ରଣ କରିଥାଆନ୍ତି। ରାଜନୈତିକ ଦଳର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ତାର ଗୃହୀତ ରାଜନୈତିକ ଆଦର୍ଶ ଓ ନୀତିକୁ ଜନସାଧାରଣଙ୍କ ସମର୍ଥନ ଦ୍ୱାରା କାର୍ଯ୍ୟକାରୀ କରିବା।
- ଆଧୁନିକ ରାଜନୀତି ବିଜ୍ଞାନୀ ମରିଶ ଦୁଭର୍ଜର୍ ରାଜନୈତିକ ଦଳଗୁଡ଼ିକୁ ମୁଖ୍ୟତଃ ସାଂଗଠନିକ ବ୍ୟବସ୍ଥା ରୂପେ ବିଚାର କରି କୁହନ୍ତି ଯେ ରାଜନୈତିକ ଦଳ ହେଉଛି ଦଳେ ବ୍ୟକ୍ତିଙ୍କର ସମାହାର ଯେଉଁମାନେ ସେମାନଙ୍କର ସଂଗଠନ ମାଧ୍ୟମରେ କ୍ଷମତା ଆହରଣ କରିବା ସହ ରାଜନୈତିକ ବ୍ୟବସ୍ଥାରେ ତାହାକୁ କାର୍ଯ୍ୟକାରୀ କରନ୍ତି।

**ରାଜନୈତିକ ଦଳର ଲକ୍ଷଣ :**

ବିଶିଷ୍ଟ ରାଜନୀତି ବିଜ୍ଞାନୀ ମାନଙ୍କର ମତକୁ ଅନୁଧ୍ୟାନ କଲେ ଆମେ ରାଜନୈତିକ ଦଳମାନଙ୍କର ନିମ୍ନୋକ୍ତ କେତେକ ଲକ୍ଷଣ ସମ୍ବନ୍ଧରେ ଧାରଣା କରିପାରିବା।

୧. ପ୍ରତ୍ୟେକ ରାଜନୈତିକ ଦଳର ନିର୍ଦ୍ଦିଷ୍ଟ ନୀତି ଆଦର୍ଶ ଏବଂ କାର୍ଯ୍ୟକ୍ରମ ଥାଏ। ଏହା ଦଳର ସଭ୍ୟମାନଙ୍କୁ ଶୃଙ୍ଖଳିତ କରିଥାଏ।

୨. ରାଜନୈତିକ ଦଳଗୁଡ଼ିକ ସମଭାବାପନ୍ନ ବ୍ୟକ୍ତିମାନଙ୍କର ଏକ ସ୍ଥାୟୀ ସଂଗଠନ।

୩. ରାଜନୈତିକ ଦଳଗୁଡ଼ିକ ସାମ୍ବିଧାନିକ ମାର୍ଗ ଅନୁସରଣ କରି ସେମାନଙ୍କ ଲକ୍ଷ୍ୟ ପୂରଣ କରିଥାଆନ୍ତି।

୪. କ୍ଷମତା ଲାଭ ମାଧ୍ୟମରେ ପ୍ରତ୍ୟେକ ଦଳ ସେମାନଙ୍କ ଆଦର୍ଶ ଜନସାଧାରଣଙ୍କ ଆଗରେ ଉପସ୍ଥାପିତ କରିଥାଆନ୍ତି।

୫. ସାଧାରଣତଃ ଦଳର ଆଗ ଧାଡ଼ିର ନେତୃବୃନ୍ଦ ନୀତି ଓ ଆଦର୍ଶ ପ୍ରଣୟନ କରିଥାଆନ୍ତି। ସାଧାରଣ କର୍ମୀମାନେ କେବଳ ନେତାମାନଙ୍କୁ ଅନୁସରଣ କରିଥାଆନ୍ତି।

୬. ରାଜନୈତିକ ଦଳମାନେ ରାଷ୍ଟ୍ରର ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରିଥାଆନ୍ତି।

**ରାଜନୈତିକ ଦଳମାନଙ୍କର କାର୍ଯ୍ୟ :**

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ରାଜନୈତିକ ଦଳମାନେ ସେମାନଙ୍କର କାର୍ଯ୍ୟକ୍ରମ ସାଂବିଧାନିକ ଉପାୟରେ ସଂଗଠିତ କରିଥାଆନ୍ତି । ଏହି ଦଳମାନଙ୍କ ବିନା ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥା କଥା ଚିନ୍ତା କରାଯାଇ ନପାରେ ।ମେରିଆମ ଓ ମୁନ୍‌ରୋଙ୍କ ମତ ଅନୁସାରେ ରାଜନୈତିକ ଦଳମାନଙ୍କ କାର୍ଯ୍ୟକୁ ନିମ୍ନମତେ ଆଲୋଚନା କରାଯାଇପାରେ ।

- **ରାଜନୈତିକ ଦଳମାନଙ୍କ ଦ୍ୱାରା ସଂସଦୀୟ ଗଣତନ୍ତ୍ର ସମ୍ଭବ ହୁଏ:** ନିର୍ବାଚିତ ସଦସ୍ୟମାନଙ୍କ ଦ୍ୱାରା ପ୍ରତ୍ୟେକ ରାଷ୍ଟ୍ରର ବ୍ୟବସ୍ଥାପିକା ସଭାମାନ ଗଠିତ ହୋଇଥାଏ । ନିର୍ବାଚନରେ ରାଜନୈତିକ ଦଳର ସଭ୍ୟମାନେ ଭାଗ ନେଇଥାନ୍ତି । ସେମାନେ ନିଜ ଦଳର ଆଦର୍ଶ ଏବଂ କାର୍ଯ୍ୟକ୍ରମକୁ ମାଧ୍ୟମ କରି ଜନ ସମର୍ଥନ ଲୋଡ଼ିଥାନ୍ତି । ଯେଉଁ ଦଳ ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ଲାଭ କରେ ସେହି ଦଳ ସରକାର ଗଠନ କରି ଶାସନ କରେ ଏବଂ ଯେଉଁ ଦଳମାନେ ଏହି ସଂଖ୍ୟା ଗରିଷ୍ଠତା ହାସଲ କରିପାରନ୍ତି ନାହିଁ ସେମାନେ ବିରୋଧୀଦଳରେ ବସି ସରକାରଙ୍କୁ ନିୟନ୍ତ୍ରଣ କରିଥାଆନ୍ତି । ସଂସଦୀୟ ବ୍ୟବସ୍ଥାରେ ଶାସକ ଦଳ ଏବଂ ବିରୋଧୀ ଦଳ ଉଭୟେ ଗୁରୁତ୍ୱପୂର୍ଣ୍ଣ । ରାଜନୈତିକ ଦଳ ବିନା ସ୍ଥାୟୀ ଏବଂ ଦୃଢ଼ ସରକାର ଗଠନ ସମ୍ଭବ ନୁହେଁ ।
- **ଜନମତକୁ ସଂଗଠିତ କରିଥାଏ:** ରାଜନୈତିକ ଦଳମାନେ ସେମାନଙ୍କର କାର୍ଯ୍ୟକଳାପ ଦ୍ୱାରା ଜନମତକୁ ସଂଗଠିତ କରିଥାନ୍ତି । ଦେଶ ଓ ରାଜ୍ୟର ସମସ୍ୟା ଏବଂ ସ୍ୱାର୍ଥ ସମ୍ବନ୍ଧରେ ଦଳୀୟ ସଭା ମାଧ୍ୟମରେ ଲୋକମାନଙ୍କୁ ଏମାନେ ସଚେତନ କରିଥାନ୍ତି । ଏହାସହ ନିଜଦଳର ଆଦର୍ଶ ଏବଂ ଆଭିମୁଖ୍ୟ ସେମାନଙ୍କ ନିକଟରେ ସ୍ପଷ୍ଟ କରିଥାଆନ୍ତି । ବିଶେଷ କରି ଭାରତବର୍ଷ ଭଳି ଶିକ୍ଷାକ୍ଷେତ୍ରରେ ପଛରେ ପଡ଼ିଥିବା ଏକ ରାଷ୍ଟ୍ରର ଜନସାଧାରଣଙ୍କ ରାଜନୈତିକ ସଚେତନତା ବୃଦ୍ଧି କରିବାରେ ରାଜନୈତିକ ଦଳମାନଙ୍କ ଯଥେଷ୍ଟ ଅବଦାନ ଅଛି କହିଲେ କିଛି ଭୁଲ୍ ହେବ ନାହିଁ । ଆଲୋଚନା ଓ ସମାଲୋଚନା ମାଧ୍ୟମରେ ସରକାରଙ୍କର କାର୍ଯ୍ୟକଳାପକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୁଡ଼ିକ ଉପରେ ଜନମତକୁ ପ୍ରଭାବିତ କରିଥାଆନ୍ତି ।
- **ଶାସନ ନୀତି ନିର୍ଦ୍ଧାରଣ କରନ୍ତି:** ଜନସାଧାରଣଙ୍କ ସମର୍ଥନ କ୍ରମେ ନିର୍ବାଚନରେ ବିଜୟ ଲାଭକରି ଯେଉଁ ଦଳ ସରକାର ଗଠନ କରେ ସେହି ଦଳ ନିଜର ଆଦର୍ଶ ଅନୁସାରେ ଶାସନ ନୀତି ପ୍ରଣୟନ କରେ । ନିର୍ବାଚନ ପୂର୍ବରୁ ପ୍ରତ୍ୟେକ ଦଳ ସେମାନଙ୍କ ଦଳୀୟ ଆଦର୍ଶ ଓ କାର୍ଯ୍ୟକ୍ରମ ପ୍ରକାଶ କରି ଜନମତକୁ ନିଜ ସପକ୍ଷରେ ସଂଗଠିତ କରିବାକୁ ଚେଷ୍ଟା କରିଥାନ୍ତି । ବହୁ ସମୟରେ ବିରୋଧୀଦଳ ଦ୍ୱାରା ପ୍ରସ୍ତାବିତ ନୀତିକୁ ମଧ୍ୟ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସରକାର ଗ୍ରହଣ କରିଥାନ୍ତି । ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ରାଜନୈତିକ ଦଳମାନେ ବିଭିନ୍ନ ଭାବରେ ସରକାରଙ୍କୁ ପ୍ରଭାବିତ କରିଥାଆନ୍ତି । ନାଗରିକମାନଙ୍କର ଭୋଟକୁ ଶାସନ ନୀତି ସପକ୍ଷ ବା ବିପକ୍ଷରେ ଜନମତ ବୋଲି ସାଧାରଣତଃ ବିଚାର କରାଯାଇଥାଏ ।

- **ରାଜନୈତିକ ସ୍ଥିରତା ରକ୍ଷା କରନ୍ତି:** ରାଜନୈତିକ ଦଳମାନେ ଦେଶର ରାଜନୈତିକ ପ୍ରକ୍ରିୟାରେ ସ୍ଥିରତା ଏବଂ ସ୍ଥାୟୀତ୍ୱ ରକ୍ଷା କରନ୍ତି। ରାଷ୍ଟ୍ରରେ ବୃଦ୍ଧି ପାଉଥିବା ଆଞ୍ଚଳିକ ବିଭେଦ, ବିଚ୍ଛିନ୍ନତା ମନୋଭାବ ତଥା ଉଗ୍ର ସାମ୍ପ୍ରଦାୟିକତାକୁ ପ୍ରତିହତ କରି ରାଜନୈତିକ ସ୍ଥିରତା ରକ୍ଷା କରିବା ପାଇଁ ଦଳମାନେ କାର୍ଯ୍ୟ କରିଥାନ୍ତି। ଉଗ୍ର ଆଞ୍ଚଳିକ ମନୋଭାବ ରାଷ୍ଟ୍ରର ଏକତା ତଥା ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରି ଏହାର ସଂହତିକୁ ପ୍ରତିହତ କରିଥାଏ। ତେଣୁ ଅଧିକାଂଶ ରାଜନୈତିକ ଦଳ ଜନସାଧାରଣଙ୍କ ମଧ୍ୟରୁ ଏହି ସଂକୀର୍ଣ୍ଣତା ଦୂର କରିବା ପାଇଁ ଯଥାସାଧ ଚେଷ୍ଟା କରିଥାନ୍ତି।
- **କ୍ଷମତା ହାସଲ ପାଇଁ କାର୍ଯ୍ୟ କରନ୍ତି:** ଜନସାଧାରଣଙ୍କ ସମର୍ଥନ ଲାଭ କରି କ୍ଷମତା ହାସଲ କରିବା ରାଜନୈତିକ ଦଳମାନଙ୍କ ଲକ୍ଷ୍ୟ। କାରଣ କ୍ଷମତା ମାଧ୍ୟମରେ ହିଁ ଦଳମାନେ ସେମାନଙ୍କ ଆଦର୍ଶ ତଥା କାର୍ଯ୍ୟକ୍ରମକୁ ରୂପାୟିତ କରିବାର ସୁଯୋଗ ପାଇଥାଆନ୍ତି। ସେଥିପାଇଁ ଦଳମାନେ ନିର୍ବାଚନରେ ପ୍ରାର୍ଥୀମାନଙ୍କ ଜରିଆରେ ଦଳର ଆଭିମୁଖ୍ୟକୁ ଜନସାଧାରଣଙ୍କ ପାଖରେ ସ୍ପଷ୍ଟ କରି କ୍ଷମତା ଦଖଲ କରିବା ପାଇଁ ଉଦ୍ୟମ କରିଥାନ୍ତି। ବିଭିନ୍ନ ରାଜନୈତିକ ଦଳମାନେ ମଧ୍ୟ କ୍ଷମତାଲାଭ ଆଶାରେ ନିଜନିଜ ମଧ୍ୟରେ ମେଣ୍ଟ କରିଥାନ୍ତି ଏବଂ ମିଳିତ କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କ ସମର୍ଥନ ଭିକ୍ଷା କରିଥାନ୍ତି।
- **ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରନ୍ତି:** ଲୋକମାନଙ୍କର ଦୁଃଖ, ଦୁର୍ଦ୍ଦଶା, ଆରୋପ ଓ ଅଭିଯୋଗ ଏବଂ ରାଷ୍ଟ୍ରର ସମସ୍ୟାକୁ ଦଳମାନେ ପ୍ରାଧାନ୍ୟ ଦେଇଥାନ୍ତି। ଯେଉଁଦଳ ବା ମେଣ୍ଟ ସରକାର ଗଠନ କରେ ସେମାନେ ଏହି ଅଭାବ ଅସୁବିଧାଗୁଡ଼ିକ ଦୂର କରିବା ପାଇଁ ପଦକ୍ଷେପ ନେଇଥାଆନ୍ତି। ଯେଉଁମାନେ ବିରୋଧୀଦଳରେ ବସନ୍ତି ସେମାନେ ମଧ୍ୟ ଶାସକ ଦଳର ଭୁଲ ଭଟକା ବାଛି ସେମାନଙ୍କୁ ସମାଲୋଚନା କରିଥାଆନ୍ତି ଏବଂ ଜନସାଧାରଣଙ୍କର ଦୁଃଖ ଦୁର୍ଦ୍ଦଶାର ପ୍ରତିକାର ନିମନ୍ତେ ଶାସକ ଦଳର ଦୃଷ୍ଟି ଆକର୍ଷଣ କରିଥାଆନ୍ତି। ଏହାଛଡ଼ା ରାଜନୈତିକ ଦଳମାନେ ସମାଜ ମଙ୍ଗଳ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଇଥାନ୍ତି। ଦୈବୀ ଦୁର୍ବିପାକ ବେଳେ ଏମାନେ କ୍ଷତିଗ୍ରସ୍ତ ଅଞ୍ଚଳର ଉନ୍ନତି ପାଇଁ ବହୁବିଧ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି।

## ଦଳୀୟ ବ୍ୟବସ୍ଥା

ଏକ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ମଧ୍ୟରେ ଶୃଙ୍ଖଳିତ ଭାବେ ରାଜନୈତିକ ଦଳମାନେ କାର୍ଯ୍ୟ କରିଥାନ୍ତି। ଏହି ବ୍ୟବସ୍ଥା ଆଧୁନିକ ପ୍ରତିନିଧିମୂଳକ ଶାସନର ଏକ ଅଙ୍ଗ ଭାବେ କାର୍ଯ୍ୟ କରିଥାଏ। ଏହି ବ୍ୟବସ୍ଥା କାର୍ଯ୍ୟପାଳିକା ସଂସ୍ଥା ଏବଂ ବ୍ୟବସ୍ଥାପିକା ସଂସ୍ଥା ମଧ୍ୟରେ ଯୋଗସୂତ୍ର ରକ୍ଷା କରିଥାଏ। ଦଳମାନେ ପୂର୍ଣ୍ଣ ସମୟ ଦେଇ ଜନସାଧାରଣଙ୍କ ରାଜନୈତିକ ସଚେତନତା ବୃଦ୍ଧି କରିବା ପାଇଁ କାର୍ଯ୍ୟ କରିଥାନ୍ତି।

ଆଧୁନିକ ରାଷ୍ଟ୍ରନୀତିଜ୍ଞମାନେ ଦଳୀୟ ବ୍ୟବସ୍ଥାକୁ ବିଭିନ୍ନ କାରଣରୁ ଘୋର ବିରୋଧ କରିଥାଆନ୍ତି। ସେମାନଙ୍କ ମତରେ ଦଳମାନେ ସମାଜରେ ଲୋକମାନଙ୍କ ମଧ୍ୟରେ ତିକ୍ତତା ଏବଂ ଶତ୍ରୁତା ସୃଷ୍ଟି କରନ୍ତି। ଶାସନ ପରିଚାଳନା କ୍ଷେତ୍ରରେ ଦଳୀୟ ମନୋଭାବ ସୃଷ୍ଟି କରିଥାନ୍ତି। ମିଥ୍ୟା ପ୍ରତିଶ୍ରୁତି, ଲାଞ୍ଚ ଓ ଦୁର୍ନୀତି ଭଳି ଅସାଧୁ ପନ୍ଥା ଅବଲମ୍ବନ

କରନ୍ତି ଏବଂ ଯୋଗ୍ୟ ଓ ପାରଦର୍ଶୀ ବ୍ୟକ୍ତିମାନଙ୍କୁ ଦେଶର ରାଜନୀତିରୁ ଦୂରେଇ ରଖନ୍ତି। ଏ ସମସ୍ତ ଅପକାରିତା ସତ୍ତ୍ୱେ ଦଳୀୟ ବ୍ୟବସ୍ଥା ବିନା ଗଣତନ୍ତ୍ର କାର୍ଯ୍ୟ କରିପାରିବ ନାହିଁ ତେଣୁ ଏହାକୁ ଏକ ଆବଶ୍ୟକୀୟ କୁବ୍ୟବସ୍ଥା ଭାବରେ ଗ୍ରହଣ କରାଯାଇପାରେ।

**ଦଳୀୟ ବ୍ୟବସ୍ଥାର ଶ୍ରେଣୀ ବିଭାଗ :**

ବିଭିନ୍ନ ଦୃଷ୍ଟିକୋଣରୁ ସାଧାରଣତଃ ଦଳୀୟ ବ୍ୟବସ୍ଥାକୁ ତିନି ଭାଗରେ ବିଭକ୍ତ କରାଯାଇପାରେ ଯଥା - ଏକଦଳୀୟ, ଦ୍ୱିଦଳୀୟ ଏବଂ ବହୁଦଳୀୟ ବ୍ୟବସ୍ଥା।

**ଏକଦଳୀୟ ବ୍ୟବସ୍ଥା :**

ଦେଶର ରାଜନୈତିକ କ୍ଷେତ୍ରରେ ଯଦି ଗୋଟିଏ ମୁଖ୍ୟଦଳ କାର୍ଯ୍ୟ କରୁଥାଏ ତେବେ ତାହାକୁ ଏକ ଦଳୀୟ ବ୍ୟବସ୍ଥା କୁହାଯାଏ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପୂର୍ବରୁ ଇଟାଲୀୟ ଫାସିଷ୍ଟ ଦଳ, ଜର୍ମାନୀରେ ନାଜିଦଳ ଓ ତତ୍କାଳୀନ ଋଷିଆରେ କମ୍ୟୁନିଷ୍ଟ ଦଳ ଆଦି ମୁଖ୍ୟଦଳ ଭାବେ କାର୍ଯ୍ୟ କରି ଏକ ଦଳୀୟ ବ୍ୟବସ୍ଥାର ଦୃଷ୍ଟାନ୍ତ ସୃଷ୍ଟି କରିଥିଲେ। ସାଧାରଣତଃ ଏହି ବ୍ୟବସ୍ଥା ସାମ୍ୟବାଦୀ ତଥା ଏକଛତ୍ରବାଦୀ ରାଷ୍ଟ୍ରମାନଙ୍କରେ ଦେଖାଯାଇଥାଏ। ଏହି ଦେଶମାନଙ୍କରେ କେବଳ ଗୋଟିଏ ମୁଖ୍ୟଦଳ ଥାଏ ଏବଂ ସେହିଦଳ ହିଁ ଦେଶର ଶାସନ ତଥା ରାଜନୀତିକୁ ନିୟନ୍ତ୍ରଣ କରିଥାଏ। ବହୁସମୟରେ ଏହି ବ୍ୟବସ୍ଥାରେ ଛୋଟ ଛୋଟ ରାଜନୈତିକ ଦଳମାନେ ମଧ୍ୟ କାର୍ଯ୍ୟ କରିଥାନ୍ତି ମାତ୍ର ସେମାନଙ୍କର ଉପସ୍ଥିତିକୁ ଦେଶର ବୃହତ୍ତର ରାଜନୀତି କ୍ଷେତ୍ରରେ ସ୍ୱୀକାର କରାଯାଏ ନାହିଁ।

ଏହି ବ୍ୟବସ୍ଥାରେ ଦେଶର ମୁଖ୍ୟ ରାଜନୈତିକ ଦଳ ନିଜର ପ୍ରଭୁତ୍ୱ ବିସ୍ତାର କରିଥାଏ ଏବଂ ଅନ୍ୟାନ୍ୟ ଛୋଟ ଛୋଟ ଦଳମାନଙ୍କ ସ୍ଥିତିକୁ ସଂକୁଚିତ କରିଥାଏ। ଅବଶ୍ୟ ଏହାର ଅର୍ଥ ନୁହେଁ ଯେ ଏହି ବ୍ୟବସ୍ଥାରେ ଜନସାଧାରଣ ସେମାନଙ୍କ ମତ ପ୍ରକାଶ କରିବାର ସ୍ୱାଧୀନତା ହରାଇଥାନ୍ତି। କେତେକ କ୍ଷେତ୍ରରେ ସେମାନେ ସରକାରଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ ନିଜର ଦାବି ମଧ୍ୟ ଉପସ୍ଥାପନା କରିବାର ସୁଯୋଗ ପାଇଥାନ୍ତି। ଏହି ବ୍ୟବସ୍ଥାରେ ମୁଖ୍ୟ ରାଜନୈତିକ ଦଳରୁ ପ୍ରାର୍ଥୀମାନେ ପରସ୍ପର ସହ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାର ସୁଯୋଗ ପାଇଥାନ୍ତି। ଏହି ସୁଯୋଗ ଦେଶର ଅନ୍ୟାନ୍ୟ ରାଜନୈତିକ ଦଳମାନଙ୍କୁ ମିଳି ନଥାଏ। ଇରାନ, ସିରିଆ, ଇଜିପ୍ଟ, ଘାନା ପ୍ରଭୃତି ଦେଶମାନଙ୍କରେ ଏହି ଏକ ଦଳୀୟ ବ୍ୟବସ୍ଥା ଦେଖାଯାଏ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଗୋଟିଏ ରାଷ୍ଟ୍ରରେ ଅନେକ ମୁଖ୍ୟ ରାଜନୈତିକ ଦଳ କାର୍ଯ୍ୟ କରୁଥିଲେ ମଧ୍ୟ କେତେକ ବିଶେଷ କାରଣରୁ ଗୋଟିଏ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ନିଜର ଆଧିପତ୍ୟ ବିସ୍ତାର କରିଥାଏ। କୌଣସି ନିର୍ଦ୍ଦିଷ୍ଟ ନିୟମ ଯୋଗୁଁ ଯେ ଏହିଭଳି ହୋଇଥାଏ ତା ନୁହେଁ ବରଂ ଦେଶର ରାଜନୈତିକ ଇତିହାସ, ଜନସମର୍ଥନ ତଥା ଦୃଢ଼ ସାଙ୍ଗଠନିକ ଶକ୍ତି ବା ଯାଦୁକରୀ ବ୍ୟକ୍ତିତ୍ୱର ନେତୃତ୍ୱ ପାଇଁ ଗୋଟିଏ ରାଜନୈତିକ ଦଳ ନିର୍ବାଚନରେ ଜନସାଧାରଣଙ୍କ କ୍ରମାଗତ ସମର୍ଥନ ଲାଭ କରି ଶାସନ ବ୍ୟବସ୍ଥାରେ ନିଜର ଆଧିପତ୍ୟ ବିସ୍ତାର କରିଥାନ୍ତି। ଏହି ଅବସ୍ଥାକୁ ଏକ ଦଳୀୟ ପ୍ରଭୁତ୍ୱ ବ୍ୟବସ୍ଥା ଭାବରେ ଗ୍ରହଣ କରାଯାଇଥାଏ।

**ଦ୍ୱିଦଳୀୟ ବ୍ୟବସ୍ଥା :**

ଯେଉଁ ଦେଶରେ ଦୁଇଟିରୁ ଅଧିକ ମୁଖ୍ୟ ରାଜନୈତିକ ଦଳ ସେ ଦେଶର ରାଜନୈତିକ ବ୍ୟବସ୍ଥାରେ ନିଜର ଆଧିପତ୍ୟ ବିସ୍ତାର କରିଥାନ୍ତି ତାହାକୁ ଦ୍ୱିଦଳୀୟ ବ୍ୟବସ୍ଥା କୁହାଯାଏ । ଅବଶ୍ୟ ଏହି ବ୍ୟବସ୍ଥାରେ ଅନ୍ୟାନ୍ୟ ଛୋଟଛୋଟ ଦଳମାନେ ମଧ କାର୍ଯ୍ୟ କରିପାରନ୍ତି ମାତ୍ର ରାଜନୈତିକ କ୍ଷେତ୍ରରେ ସେମାନଙ୍କୁ ସେତେଟା ଗୁରୁତ୍ୱ ପ୍ରଦାନ କରାଯାଏ ନାହିଁ । ମୁଖ୍ୟ ରାଜନୈତିକ ଦଳ ଦୁଇଟି ପରସ୍ପରର ବିକଳ୍ପ ଭାବରେ କାର୍ଯ୍ୟ କରି ନିର୍ବାଚନ ପ୍ରକ୍ରିୟାକୁ ଅପେକ୍ଷାକୃତ ସରଳ କରିଥାଆନ୍ତି । ଏହି ବ୍ୟବସ୍ଥାରେ ସାଧାରଣତଃ ଦଳୀୟ ଅସ୍ଥିରତା ବା ରାଜନୈତିକ ସଂକଟ ଦେଖାଯାଏ ନାହିଁ । ଦୁଇଟି ରାଜନୈତିକ ଦଳ ଥିବାରୁ ଭୋଟରମାନେ ସୁସ୍ପଷ୍ଟ ରାୟ ଦେଇ ପାରନ୍ତି । ଇଂଲଣ୍ଡ, କାନାଡା, ଯୁକ୍ତରାଷ୍ଟ୍ର ଆମେରିକା ପ୍ରଭୃତି ରାଷ୍ଟ୍ର ମାନଙ୍କରେ ଏହି ଦ୍ୱିଦଳୀୟ ବ୍ୟବସ୍ଥା ସୂଚାରୁ ରୂପେ କାର୍ଯ୍ୟ କରୁଛି । ଅବଶ୍ୟ କେତେକ ସମାଲୋଚକ କୁହନ୍ତି ଯେ ଏହି ବ୍ୟବସ୍ଥାରେ ଦେଶର ଜନମତ ଦଳମାନଙ୍କ ଆଦର୍ଶ ଓ କାର୍ଯ୍ୟକ୍ରମ ଅନୁସାରେ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ ହୋଇଥାଏ । ଫଳରେ ଯେଉଁ ଭୋଟରମାନେ ଏହି ଦୁଇ ଆଦର୍ଶ ବା କାର୍ଯ୍ୟକ୍ରମକୁ ଗ୍ରହଣ କରି ନପାରନ୍ତି ସେମାନଙ୍କ ମତାମତକୁ ଗୁରୁତ୍ୱ ଦିଆଯାଇପାରେ ନାହିଁ ତେଣୁ ସରକାର ଯଥାର୍ଥ ଭାବରେ ଜନମତ ପ୍ରତିଫଳିତ କରିପାରନ୍ତି ନାହିଁ ।

**ବହୁଦଳୀୟ ବ୍ୟବସ୍ଥା :**

ଦୁଇଟିରୁ ଅଧିକ ମୁଖ୍ୟ ରାଜନୈତିକ ଦଳ ଥିବା ରାଷ୍ଟ୍ରମାନଙ୍କରେ ବହୁଦଳୀୟ ବ୍ୟବସ୍ଥା ଦେଖାଯାଏ । ଭାରତବର୍ଷ ଏହାର ଏକ ପ୍ରକୃଷ୍ଟ ଉଦାହରଣ । ଭାରତବର୍ଷର ଦଳଗୁଡ଼ିକ ବ୍ୟକ୍ତି କୈନ୍ଦ୍ରିକ ଆଦର୍ଶ ଉପରେ ପର୍ଯ୍ୟବସିତ ହୋଇଥାଏ । ଦେଶରେ ବହୁ ରାଜନୈତିକ ଦଳ ଦେଖାଗଲେ ମଧ ସେମାନଙ୍କ ମଧରେ ଆଦର୍ଶଗତ ପ୍ରଭେଦ ପ୍ରାୟ ନଥାଏ । ଦେଶର ରାଜନୈତିକ ସମୀକରଣ ଏବଂ ସ୍ଥିରତା ରକ୍ଷା କରିବାରେ ଏହି ବ୍ୟବସ୍ଥା ଆଦୌ ସାହାଯ୍ୟ କରେ ନାହିଁ । ବହୁତ ଗୁଡ଼ିଏ ଦଳ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହେବା ଫଳରେ କୌଣସି ଗୋଟିଏ ଦଳକୁ ଆବଶ୍ୟକୀୟ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିପାରେ ନାହିଁ । ଏହି ଅବସ୍ଥାରେ ପ୍ରାୟ ମିଳିତ ବା ମେଣ୍ଟ ସରକାର ଗଠନ ଅନିବାର୍ଯ୍ୟ ହେଇପଡ଼େ । ନେତୃ-କୈନ୍ଦ୍ରିକ ହୋଇଥିବାରୁ ସରକାରରେ ସ୍ଥାୟୀତ୍ୱ ଦେଖାଯାଏ ନାହିଁ ।

ପଶ୍ଚିମ ଇଉରୋପ ତଥା ପୂର୍ବ ଏସିଆର ବହୁଦେଶରେ ଏହି ବହୁଦଳୀୟ ବ୍ୟବସ୍ଥା ଦେଖାଯାଏ । ଫ୍ରାନ୍ସର ପ୍ରାୟ ୧୩ଟି, ଜର୍ମାନୀରେ ପ୍ରାୟ ୭ଟି, ଇଟାଲୀରେ ୮ଟି, ସୁଇଜରଲ୍ୟାଣ୍ଡରେ ୮ଟି, ଡେନମାର୍କରେ ପ୍ରାୟ ୧୦ଟି ଏବଂ ନେଦରଲ୍ୟାଣ୍ଡରେ ପ୍ରାୟ ୧୪ଟି ରୁ ଅଧିକ ରାଜନୈତିକ ଦଳ ଦେଖାଯାଏ । ସ୍ୱାଧୀନତା ପରଠାରୁ ଭାରତବର୍ଷରେ ରାଜନୈତିକ ଦଳମାନଙ୍କର ଯେପରି ଦ୍ରୁତଗତିରେ ବୃଦ୍ଧି ଏବଂ ଅବକ୍ଷୟ ଦେଖାଯାଇଛି ତାହା ପୃଥିବୀରେ ପ୍ରାୟ ଅନ୍ୟ କୌଣସି ରାଷ୍ଟ୍ରରେ ଦେଖାଯାଇ ନାହିଁ ।

ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ବହୁଦଳୀୟ ବ୍ୟବସ୍ଥାରେ ରାଷ୍ଟ୍ରର ପ୍ରତ୍ୟେକ ବର୍ଗର ଭୋଟର ମାନଙ୍କର ମତ ପ୍ରତିଫଳିତ ହୋଇପାରେ । ଏହି ବ୍ୟବସ୍ଥା ଅଧିକ ଗଣତାନ୍ତ୍ରିକ କହିଲେ କିଛି ଭୁଲ ହେବନାହିଁ ।

## ବିରୋଧୀଦଳ

ଦଳୀୟ ବ୍ୟବସ୍ଥା ସମ୍ପର୍କରେ ଯେ କୌଣସି ଆଲୋଚନା କଲାବେଳେ ବିରୋଧୀ ଦଳ ସମ୍ପର୍କରେ ସୂଚନା ନ ଦେଲେ ସେ ଆଲୋଚନା ପୂର୍ଣ୍ଣାଙ୍ଗ ହେବ ନାହିଁ। ବିରୋଧୀ ଦଳ ବିନା କୌଣସି ଗଣତାନ୍ତ୍ରିକ ବ୍ୟବସ୍ଥା ସୁଷ୍ଠୁରୂପେ କାର୍ଯ୍ୟ କରିପାରିବ ନାହିଁ।

ସରକାର ଗଠନ କରିଥିବା ଦଳ ବା ଦଳମାନଙ୍କୁ କ୍ଷମତାସୀନ ଦଳ କୁହାଯାଏ। ଅବଶିଷ୍ଟ ଯେଉଁ ଦଳମାନେ ସରକାର ଗଠନ କରନ୍ତି ନାହିଁ କିମ୍ବା ପ୍ରତ୍ୟକ୍ଷ ବା ପରୋକ୍ଷରେ ସରକାରଙ୍କୁ ସାହାଯ୍ୟ କରନ୍ତି ନାହିଁ ସେମାନଙ୍କୁ ବିରୋଧୀଦଳ କୁହାଯାଏ। ଗଣତାନ୍ତ୍ରିକ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ସରକାରର ଆବଶ୍ୟକତା ଯେତିକି, ବିରୋଧୀଦଳର ଆବଶ୍ୟକତା ମଧ୍ୟ ସେତିକି। ଗୋଟିଏ ବାକ୍ୟରେ କହିଲେ ବିରୋଧୀଦଳ ସରକାରଙ୍କର ବିବେକ ରକ୍ଷକ (conscience keeper) ଭାବରେ କାର୍ଯ୍ୟ କରିଥାଏ। Lord Actonଙ୍କ ମତରେ କ୍ଷମତା ମଣିଷକୁ ପ୍ରଲୁବ୍ଧ କରେ ଏବଂ ଯାହା ପାଖରେ ଯେତେ ଅଧିକ କ୍ଷମତା ଥାଏ ସେ ସେତିକି ପରିମାଣରେ କ୍ଷମତାର ଅପବ୍ୟବହାର କରେ। ତେଣୁ ସରକାରଙ୍କ ପାଖରେ ବହୁକ୍ଷମତା ରହିଥିବାରୁ ବିରୋଧୀ ଦଳ ସେ କ୍ଷମତାର ବିନିଯୋଗକୁ ନିୟନ୍ତ୍ରିତ କରେ। ବିରୋଧୀ ଦଳର ଦାୟିତ୍ୱ ସଂପନ୍ନ ସମାଲୋଚନା ଏବଂ ପ୍ରତିରୋଧ ସରକାରଙ୍କୁ ସତର୍କ କରିଥାଏ। ସରକାରର କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ସଙ୍ଗେ ସଙ୍ଗେ ତାହାକୁ ଉତ୍ତରଦାୟୀ କରିଥାଏ। ସବୁଠାରୁ ବଡ଼ କଥା ହେଉଛି, ବିରୋଧୀଦଳ ସରକାରଙ୍କର ବିକଳ୍ପ ସୃଷ୍ଟି କରିଥାଏ। କୌଣସି କାରଣରୁ ଯଦି ସରକାର ଭାଙ୍ଗିଯାଏ ତେବେ ବିରୋଧୀଦଳ ଦାୟିତ୍ୱ ନେବା ପାଇଁ ପ୍ରସ୍ତୁତ ହୋଇ ରହିଥାଏ। ଅବଶ୍ୟ ଏହା ଦ୍ୱିଦଳୀୟ ଶାସନ ବ୍ୟବସ୍ଥାରେ ଯେତିକି ସହଜ, ବହୁଦଳୀୟ ବ୍ୟବସ୍ଥାରେ ସେତିକି କଷ୍ଟସାଧ୍ୟ। ବିରୋଧୀଦଳର ଅନ୍ୟ ଏକ ମୁଖ୍ୟ କାର୍ଯ୍ୟ ହେଉଛି ସରକାରଙ୍କୁ ଗଠନମୂଳକ ପରାମର୍ଶ ଦେବାସହ ଗୃହରେ ଦେଶହିତ ଦୃଷ୍ଟିରେ ରଖି ଆବଶ୍ୟକ ସ୍ଥଳେ ସହଯୋଗ ପ୍ରଦାନ କରିବା।

ସୁସଂଗଠିତ ବିରୋଧୀଦଳ ଗଣତନ୍ତ୍ରର ଏକ ଫଳପ୍ରଦ ଅତ୍ୟାବଶ୍ୟକ ଉପକରଣ ଭାବରେ ପ୍ରଥମେ ଇଂଲଣ୍ଡରେ ଅନୁଭବ କରାଯାଇଥିଲା। ବିରୋଧୀଦଳର କାର୍ଯକାରିତାକୁ ଦୃଷ୍ଟିଗୋଚର କରାଇବାପାଇଁ ଜନ୍ ହବହାଉସ ପ୍ରଥମେ ଏକ ଆଖ୍ୟା ଦେଇଥିଲେ – ମହାମହିମଙ୍କର ଅନୁଗତ ବିରୋଧୀ "His Majesty's Loyal Opposition" । ସଂସଦୀୟ ଗଣତନ୍ତ୍ରର କ୍ରମବୃଦ୍ଧି ସହିତ ବିରୋଧୀଦଳର ଉପସ୍ଥିତି ଆଇନ ସମ୍ମତ ହେଲା ଓ ଅନ୍ୟାନ୍ୟ ଇଉରୋପୀୟ ରାଷ୍ଟ୍ର ମଧ୍ୟ ଏହି ବ୍ୟବସ୍ଥାକୁ ଆପଣେଇନେଲେ।

ଦ୍ୱିଦଳୀୟ ବ୍ୟବସ୍ଥା ଅପେକ୍ଷା ବହୁଦଳୀୟ ବ୍ୟବସ୍ଥାରେ ବିରୋଧୀ ଦଳର ଭୂମିକା ଭିନ୍ନ ଅଟେ। ବହୁଦଳୀୟ ବ୍ୟବସ୍ଥାରେ ବିରୋଧୀଦଳ ମାନେ ସେହି ଦଳ ଯେଉଁମାନେ ସରକାରରେ ନଥାନ୍ତି। ବହୁ ଗୁରୁତ୍ୱପୂର୍ଣ୍ଣ ନୀତି ଓ ବିଷୟରେ ସେମାନଙ୍କର ପରସ୍ପରଠାରୁ ମତାନ୍ତର ଥାଏ। ସାଧାରଣତଃ, ସେମାନେ ଆବଶ୍ୟକସ୍ଥଳେ ସରକାର ଗଠନ କରିବାକୁ ସକ୍ଷମ ହୋଇନଥାନ୍ତି।

ବିରୋଧୀଦଳର ଉପସ୍ଥିତି ଗଣତନ୍ତ୍ରର ଏକ ଅତ୍ୟାବଶ୍ୟକୀୟ ଉପାଦାନ । ସାର୍ ଅଇଭର୍ ଜେନିଙ୍ଗସ୍‌ଙ୍କ ମତରେ "ଯଦି ବିରୋଧୀଦଳ ନାହିଁ, ତାହେଲେ ଗଣତନ୍ତ୍ର ନାହିଁ । ଏକ ନିର୍ବାଚିତ ସରକାର ଯେତିକି ଆବଶ୍ୟକ, ଏକ ନିର୍ବାଚିତ ବିରୋଧୀ ମଧ୍ୟ ସେତିକି ଆବଶ୍ୟକ । ସରକାର ଯଦି ଶାସନ କରିବାକୁ ଆଇନ ସମ୍ମତ ସ୍ୱୀକୃତି ପାଇଛନ୍ତି, ବିରୋଧୀ ମଧ୍ୟ ଭୋଟଦାତାଙ୍କ ଆଇନ ସମ୍ମତ ଭିନ୍ନ ମତ ପ୍ରକାଶ କରିବାର ସମ୍ମତି ପାଇଛନ୍ତି ।"

ଏକ ସୁସ୍ଥ ବିରୋଧୀଦଳ ସରକାର ଉପରେ ଯଥେଷ୍ଟ ଚାପ ନପକାଇପାରିଲେ, ପ୍ରଶାସନ ଲଗାମଛଡା ହୋଇଯିବ । ଏହା ସରକାରର ଦୋଷ ତ୍ରୁଟି ଲୋକଲୋଚନକୁ ଆଣିଥାଏ । ଏକ ସୁସଂଗଠିତ ବିରୋଧୀ ଦଳ ସରକାରର ଭୁଲଗୁଡିକୁ ସର୍ବଦା ଜନତାର ସମ୍ମୁଖରେ ଉପସ୍ଥାପନ କରି କର୍ମତତ୍ପର ହେବାପାଇଁ ବାଧ୍ୟ କରିଥାଏ । ବିରୋଧୀ ଦଳ ଭୁଲ ସଂଶୋଧନର ଏକ ଅତ୍ୟାବଶ୍ୟକୀୟ ଉପାଦାନ ।

ତଥାପି, ବିରୋଧୀ ସର୍ବଦା ଆଶାନୁରୂପ କାର୍ଯ୍ୟ କରନ୍ତି ନାହିଁ । ଅଧିକାଂଶ ସମୟରେ ସରକାରକୁ ଉତ୍ତରଦାୟୀ କରାଇବା ପରିବର୍ତ୍ତେ ବିରୋଧୀ ଦଳ ଗୁଡିକର ନେତାମାନେ ନିଜେ ଦାୟୀତ୍ୱହୀନ କାର୍ଯ୍ୟ କରିଥାନ୍ତି । ସେମାନେ ସରକାରକୁ କେବଳ ବିରୋଧ ପାଇଁ ବିରୋଧ କରନ୍ତି । ପ୍ରଶାସନର କୌଣସି ପ୍ରକୃତ ଭୁଲ ଜଣାନ୍ତି ନାହିଁ କିମ୍ବା ସକାରାତ୍ମକ ପ୍ରସ୍ତାବ ଦିଅନ୍ତି ନାହିଁ । ଏଭଳି ଆଚରଣ ଗଣତନ୍ତ୍ରର ମୂଳଦୁଆକୁ ଧ୍ୱଂସ କରିଦେଇପାରେ । ସଂସଦୀୟ ଗଣତନ୍ତ୍ରର ସଫଳ କାର୍ଯ୍ୟକାରିତା ପାଇଁ ଏକ ଉତ୍ତରଦାୟିତ୍ୱ ଥିବା ସରକାରର ଯେତିକି ଆବଶ୍ୟକତା ଅଛି, ଏକ ଉତ୍ତରଦାୟୀ ବିରୋଧୀଦଳଗୁଡିକର ଆବଶ୍ୟକତା ମଧ୍ୟ ସେତିକି । ବିରୋଧୀଦଳ ସରକାରକୁ ଦାୟିତ୍ୱବୋଧତାର ସହିତ କାର୍ଯ୍ୟ କରିବାକୁ ସୁଯୋଗ ଦେବାକୁ ପଡିବ । ଏହା ସଂସଦର କାର୍ଯ୍ୟକଳାପକୁ ବନ୍ଦ ବା ପ୍ରତିହତ କରିବା କଥାନୁହେଁ ।

ପରସ୍ପର ବୁଝାମଣାରେ ସରକାର ଓ ବିରୋଧୀଦଳ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ଅନୁଯାୟୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବେ କାରଣ ଗଣତନ୍ତ୍ର ଏକ ସରକାର ବ୍ୟବସ୍ଥା ଯେଉଁଥିରେ ଆଲୋଚନା, ମନାଇବା ଓ ସହମତିର ଗୁରୁତ୍ୱ ଅଧିକ ଥାଏ । ଯଦି ଦୁହିଙ୍କ ଭିତରୁ ଜଣେ ଅଣସାମ୍ବିଧାନିକ ପଦ୍ଧତିରେ ଅନ୍ୟକୁ ହରାଇବାକୁ ଚେଷ୍ଟା କରେ ଗଣତନ୍ତ୍ରର ମୁଖ୍ୟ ଉଦ୍ଦେଶ୍ୟ ପ୍ରତିହତ ହୁଏ ।

## ଭାରତରେ ଦଳୀୟ ବ୍ୟବସ୍ଥା
### (Party System in India)

ଯେ କୌଣସି ରାଷ୍ଟ୍ରର ବୃହତ୍ତର ରାଜନୈତିକ ବ୍ୟବସ୍ଥାରେ ରାଜନୈତିକ ଦଳମାନେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଗ୍ରହଣ କରିଥାଆନ୍ତି । ଏହି ଦଳୀୟ ବ୍ୟବସ୍ଥା ସେହି ରାଷ୍ଟ୍ରର ଐତିହାସିକ, ସାମାଜିକ, ସାଂସ୍କୃତିକ ଏବଂ ରାଜନୈତିକ ପରିବେଶ ଦ୍ୱାରା ସଂପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଥାଏ । ଭାରତବର୍ଷର ଐତିହ୍ୟ, ଦଳୀୟ ଆଦର୍ଶ, ସାଂସ୍କୃତିକ ବିଭିନ୍ନତା, ଭୌଗୋଳିକ ପରିବେଶ ଏବଂ ସାମାଜିକ-ଅର୍ଥନୈତିକ ବାଧବାଧକତା ଏହାର ଦଳୀୟ ବ୍ୟବସ୍ଥାର କ୍ରମବୃଦ୍ଧିକୁ ବହୁ ପରିମାଣରେ ନିୟନ୍ତ୍ରିତ କରିଛି ।

ଊନବିଂଶ ଶତାବ୍ଦୀର ଶେଷ ବେଳକୁ ଭାରତବର୍ଷରେ ଦଳୀୟ ବ୍ୟବସ୍ଥାର ଆରମ୍ଭ ହୋଇଥିଲା । ସେତେବେଳେ ମହାପରାକ୍ରମୀ ଇଂଲଣ୍ଡ ଭାରତବର୍ଷକୁ ନିଜ ଶାସନାଧୀନ ରଖିଥିଲା । ଏହି ବ୍ରିଟିଶ ଶାସନ ବିରୁଦ୍ଧରେ ଆନ୍ଦୋଳନର ପନ୍ଥା ଗ୍ରହଣ କରି ଦେଶକୁ ସ୍ୱାଧୀନ କରିବା ପାଇଁ ୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ଗଠନ ହିଁ ଏହି ଦେଶର ଦଳୀୟ ବ୍ୟବସ୍ଥାର କ୍ରମ ବିକାଶ ପାଇଁ ମୂଳଦୁଆ ସ୍ଥାପନା କରିଥିଲା । ଅବଶ୍ୟ ୧୯୪୭ ମସିହା ପର୍ଯ୍ୟନ୍ତ ଇଂରେଜମାନଙ୍କର ଭାରତୀୟମାନଙ୍କୁ ଭାଗ ଭାଗ କରି ଶାସନ କରିବା ନୀତି, ଭାରତୀୟ ରାଜନୈତିକ ଦଳମାନଙ୍କର ଆଭିମୁଖ୍ୟକୁ ଯଥେଷ୍ଟ ପରିମାଣରେ ପ୍ରଭାବିତ କରିଥିଲା, ଯାହା ଫଳରେ ହିନ୍ଦୁମହାସଭା, ମୁସଲିମ୍‌ଲିଗ୍ ଏବଂ ଅକାଳୀଦଳ ଭଳି ସାମ୍ପ୍ରଦାୟିକ ଦଳମାନଙ୍କର ଆବିର୍ଭାବ ଘଟିଥିଲା । ଏହି ଦଳମାନଙ୍କ ଆବିର୍ଭାବ ଯୋଗୁଁ ତତ୍‌କାଳୀନ ସମାଜ ସମ୍ପ୍ରଦାୟ ଭିତ୍ତିରେ ବିଖଣ୍ଡିତ ହୋଇ ଜାତୀୟ ଏକତାକୁ ନଷ୍ଟ ବିନଷ୍ଟ କଲା । ତେଣୁ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଭାରତବର୍ଷରେ ଦଳୀୟ ବ୍ୟବସ୍ଥାର ଅଭିବୃଦ୍ଧି ଠିକ୍ ଭାବରେ ହୋଇ ପାରି ନଥିଲା । ସ୍ୱାଧୀନତାର ଅବ୍ୟବହିତ ପରେ ଭାରତବର୍ଷରେ ଏକ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ସଂବିଧାନ ବାସ୍ତବ ରାଜନୈତିକ ଦଳର ଅଭିବୃଦ୍ଧି ପାଇଁ ବାଟ ଫିଟାଇଥିଲା ।

ଅବଶ୍ୟ ଭାରତର ସମ୍ବିଧାନରେ ରାଜନୀତିକ ଦଳ ସମ୍ପର୍କରେ ବିଶେଷ ସୂଚନା ଦିଆଯାଇନାହିଁ । ସମ୍ବିଧାନର ୧୯ ଧାରାରେ ସଂଘ ବା ସମିତି ଗଠନ କରିବାର ଅଧିକାର ବଳରେ ଭାରତୀୟ ରାଜନୈତିକ ଦଳଗୁଡ଼ିକ ଗଠିତ । ସ୍ୱାଧୀନତା ପରେ ଭାରତରେ ଅନେକ ନୂତନ ରାଜନୈତିକ ଦଳ ଗଠିତ ହୋଇଥିଲେ ମଧ୍ୟ ପ୍ରାୟ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଭାରତୀୟ ଜାତୀୟ କଂଗ୍ରେସ କେନ୍ଦ୍ର ଓ ରାଜ୍ୟସ୍ତରରେ ନିଜର ଆଧିପତ୍ୟ ବଜାୟ ରଖିଥିଲା । ପ୍ରକୃତ ପକ୍ଷେ ଭାରତରେ ବହୁଦଳୀୟ ବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ୧୯୬୭ ମସିହାରେ ଚତୁର୍ଥ ସାଧାରଣ ନିର୍ବାଚନ ପରେ କାର୍ଯ୍ୟ କରିବା ଆରମ୍ଭ କରିଥିଲା । କାରଣ ଏହି ନିର୍ବାଚନରେ କଂଗ୍ରେସର ପରାଜୟ ଏହାର ଆଧିପତ୍ୟକୁ କ୍ଷୁଣ୍ଣ କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଦଳଗୁଡ଼ିକର ଗୁରୁତ୍ୱ ବୃଦ୍ଧି କରିଥିଲା । ଏହି ସମୟ ମଧ୍ୟରେ ଜାତୀୟ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଉତ୍‌ଥାନ ପତନ ଦେଖାଦେଇଛି । କେତେକ ରାଜନୈତିକ ଦଳ ସଂପୂର୍ଣ୍ଣ ଭାବେ ବିଲୟ ହୋଇଯାଇଥିବା ବେଳେ ଅନ୍ୟ କେତେକ ରାଜନୈତିକ ଦଳମାନଙ୍କ ମଧ୍ୟରେ ନୂତନ ସମୀକରଣ ଘଟି ସେମାନଙ୍କର ପୁର୍ନବିନ୍ୟାସ ଘଟିଛି । ଭାରତୀୟ ଜାତୀୟ କଂଗ୍ରେସରେ ବହୁ ବିଭାଜନ ଘଟି ତାହା ବହୁ ପରିମାଣରେ ବ୍ୟକ୍ତିକୈନ୍ଦ୍ରିକ ହୋଇ ପଡ଼ିଛି । କେତେଗୁଡ଼ିଏ ଜାତୀୟ ଦଳ ଯଥା ସୋସାଲିଷ୍ଟ ପାର୍ଟି, ଜନସଂଘ ପାର୍ଟି ଆଦି ଏକାଠି ହୋଇ ଜନତା ଦଳ ଭାବରେ କିଛି ବର୍ଷ କାର୍ଯ୍ୟ କଲାପରେ ତାହା ମଧ୍ୟରେ ବିଭାଜନ ଘଟି ତାହା ପୁଣି ଭାରତୀୟ ଜନତା ପାର୍ଟି ଭାବରେ ଉଭା ହୋଇଛି । ଏହିଭଳି ରାଜନୈତିକ ଦଳମାନଙ୍କର ଇତିହାସ ପର୍ଯ୍ୟାଲୋଚନା କଲେ ଆମେ ବର୍ତ୍ତମାନ ମୁଖ୍ୟତଃ ଦୁଇ ପ୍ରକାର ଦଳ ଦେଖିବାକୁ ପାଇବା । ଜାତୀୟ ଦଳ ଯଥା - କଂଗ୍ରେସ, ଭାରତୀୟ ଜନତା ପାର୍ଟି, ଜନତା ଦଳ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏବଂ ମାର୍କ୍ସବାଦୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଏବଂ ଆଞ୍ଚଳିକ ଦଳ ଯଥା - ବିଜୁଜନତା ଦଳ, ତେଲୁଗୁ ଦେଶମ୍, ତୃଣମୂଳ କଂଗ୍ରେସ, ଡ଼ି.ଏମ୍.କେ, ଏ.ଆଇ.ଏ.ଡ଼ି.ଏମ୍.କେ., ପି.ଏମ୍.କେ., ଏ.ଜି.ପି, ଏନ୍.ସି.ପି., ଆର୍.ଜେ଼.ଡି, ଏସ୍.ଜେ.ପି. ଓ ଶିବସେନା । ବାସ୍ତବରେ ଦେଖିବାକୁ ଗଲେ ଜାତୀୟ ଦଳ ଅପେକ୍ଷା ଆଞ୍ଚଳିକ ଦଳମାନଙ୍କର ସଂଖ୍ୟା ଯଥେଷ୍ଟ ଅଧିକ । କାରଣ ଏହି ଆଞ୍ଚଳିକ ଦଳଗୁଡ଼ିକ ରାଜ୍ୟମାନଙ୍କ ମଧ୍ୟରେ ପ୍ରାୟ ସୀମିତ ଏବଂ ଜନସାଧାରଣଙ୍କ ମଧ୍ୟରେ ଆଞ୍ଚଳିକତା

ମନୋଭାବ ସୃଷ୍ଟି କରି, ସେମାନଙ୍କ ଭାବ ପ୍ରବଣତାକୁ ଆୟୁଧ କରି ନିଜ ନିଜ ଦଳର ପ୍ରାଧାନ୍ୟ ବଜାୟ ରଖିବାପାଇଁ ଚେଷ୍ଟା କରିଥାନ୍ତି।

**ଭାରତରେ ଦଳୀୟ ବ୍ୟବସ୍ଥାର ବୈଶିଷ୍ଟ୍ୟ :**

- **ବହୁଦଳୀୟ ବ୍ୟବସ୍ଥା:** ପୃଥିବୀର ଅନ୍ୟାନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ର ତୁଳନାରେ ବୋଧହୁଏ ଭାରତବର୍ଷରେ ସବୁଠାରୁ ଅଧିକ ରାଜନୈତିକ ଦଳ ଦେଖାଯାଏ। ଅବଶ୍ୟ ସଂଖ୍ୟା ଦୃଷ୍ଟିରୁ ସର୍ବାଧିକ ରାଜନୈତିକ ଦଳ ଥିଲେ ମଧ ସେମାନଙ୍କ ମଧରେ ସ୍ଥାୟୀତ୍ୱ ଏବଂ ସ୍ଥିରତା ନିରାଶାଜନକ। ସାଧାରଣତଃ ନିର୍ଦ୍ଦିଷ୍ଟ ସାମାଜିକ ଏବଂ ରାଜନୈତିକ ଆଦର୍ଶକୁ ନେଇ ଗଠିତ ହୋଇଥିବା ଦଳମାନେ ଦୀର୍ଘସ୍ଥାୟୀ ହୋଇଥାନ୍ତି ମାତ୍ର ଭାରତରେ ବିଭିନ୍ନ କାରଣରୁ ଦଳଗୁଡ଼ିକ ଗଠିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର କାର୍ଯ୍ୟ କରିବାର ଆଗ୍ରହରେ ଭଙ୍ଗା ପଡ଼ିଯାଇଥାଏ ଫଳରେ ବହୁଦଳ କେବଳ ନାମକୁ ମାତ୍ର ନିଜ ସ୍ଥିତି ରକ୍ଷା କରିଥାନ୍ତି।
- **ଆଞ୍ଚଳିକ ଦଳର ଅଭିବୃଦ୍ଧି:** ଭାରତବର୍ଷର ବିଭିନ୍ନ ରାଜ୍ୟମାନଙ୍କରେ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ତଥା ଆଞ୍ଚଳିକ ବୈଷମ୍ୟ ଦେଖାଯାଏ। ଏହି ବୈଷମ୍ୟ ବା ତାରତମ୍ୟର ଦ୍ୱାହି ଦେଇ ରାଜନେତାମାନେ ଆଞ୍ଚଳିକ ଦଳ ଗଠନ କରିଥାନ୍ତି। ଏହି ଦଳମାଧମରେ ନିଜନିଜ ଅଞ୍ଚଳର ଉନ୍ନତି କରିବା ପାଇଁ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇ ସେମାନଙ୍କ ସମର୍ଥନ ହାସଲ କରିବା ପାଇଁ ଚେଷ୍ଟା କରିଥାନ୍ତି। ୧୯୬୭ ମସିହା ପରେ ପରେ ଏହି ଆଞ୍ଚଳିକ ଦଳମାନଙ୍କର ସଂଖ୍ୟା ଭାରତ ବର୍ଷରେ ବହୁଭାବରେ ବଢ଼ିବାକୁ ଲାଗିଲା। ସେମାନଙ୍କ ସଂଖ୍ୟା ଏତେ ବୃଦ୍ଧିପାଇଲା ଯେ ଜାତୀୟ ରାଜନୀତିରେ ମଧ ଏହି ଆଞ୍ଚଳିକ ଦଳମାନେ ନିଜ ନିଜର ଆଧିପତ୍ୟ ବିସ୍ତାର କରି ବହୁକ୍ଷେତ୍ରରେ ଜାତୀୟ ଦଳମାନଙ୍କୁ ନିୟନ୍ତ୍ରଣ କଲେ। ଶ୍ରୀଯୁକ୍ତ ଅଟଳବିହାରୀ ବାଜପେୟୀଙ୍କ ନେତୃତ୍ୱରେ ୧୯୯୯ ରେ ଗଠିତ ମିଳିତ ମନ୍ତ୍ରିମଣ୍ଡଳ ଏହାର ଜ୍ୱଳନ୍ତ ଉଦାହରଣ।
- **ସାଙ୍ଗଠନିକ ଦୁର୍ବଳତା:** ଭାରତବର୍ଷରେ ରାଜନୈତିକ ଦଳମାନଙ୍କ କ୍ଷେତ୍ରରେ ଘୋର ସାଙ୍ଗଠନିକ ଦୁର୍ବଳତା ଦେଖାଯାଏ। ଦଳମାନେ ନିଜ ନିଜର ସଂଗଠନକୁ ସକ୍ରିୟ ଏବଂ ସବଳ କରିବା କଥା ଚିନ୍ତା କରନ୍ତି ନାହିଁ। କେବଳ ନିର୍ବାଚନ ସମୟରେ ସଂଗଠନକୁ ସକ୍ରିୟ କରାଯାଏ ଏବଂ ନିର୍ବାଚନ ସରିଗଲେ ସେ କଥା ସମସ୍ତେ ଭୁଲିଯାଆନ୍ତି। ମାତ୍ର ଦେଖାଯାଇଛି ଯେ ଯେଉଁ ଦଳୀୟ ସଂଗଠନ ଗୁଡ଼ିକ ମଜଭୁତ ସେମାନେ ନିର୍ବାଚନରେ ନିଜ ନିଜର ପତିଆରା ବଜାୟ ରଖିପାରିଛନ୍ତି। ସଂଗଠନ ଦଳକୁ ସକ୍ରିୟ କରିଥାଏ ଏବଂ ଏହାର ନିରବଚ୍ଛିନ୍ନ କାର୍ଯ୍ୟକ୍ରମ ଜନସାଧାରଣଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଇଥାଏ, କାରଣ ଏମାନଙ୍କୁ ଜନମତର ବାହକ ବୋଲି କୁହାଯାଏ। ଏହି କାରଣରୁ ଆମ ଦେଶରେ ରାଜନୈତିକ ଦଳ ଯେତେ ଶୀଘ୍ର ଗଠିତ ହୁଏ ସେତିକି ଶୀଘ୍ର ବିଲିନ ମଧ ହୁଏ।
- **ଆଦର୍ଶ ଅପେକ୍ଷା ନେତୃତ୍ୱ ଉପରେ ଅଧିକ ଗୁରୁତ୍ୱ:** ପ୍ରତ୍ୟେକ ଦଳର କିଛିଟା ନୀତି ଓ ଆଦର୍ଶ ଥାଏ। ଦଳଗୁଡ଼ିକ ସେହି ନୀତି ଓ ଆଦର୍ଶକୁ କାର୍ଯ୍ୟକାରୀ କରିବା ପାଇଁ ସୃଷ୍ଟି ହୋଇଥାନ୍ତି। ସେହି ଆଦର୍ଶକୁ

ଜନସାଧାରଣ ସମ୍ମୁଖରେ ଉପସ୍ଥାପନା କରି ନିଜର ଅସ୍ତିତ୍ୱ ଜାହିର କରିଥାନ୍ତି । ମାତ୍ର ଏବେ ବିଗତ ବହୁବର୍ଷ ଧରି ନୀତି ଓ ଆଦର୍ଶ ଅପେକ୍ଷା ଦଳଗଠନ କ୍ଷେତ୍ରରେ ବ୍ୟକ୍ତି ବା ନେତୃତ୍ୱ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଉଛି । ଯେଉଁ ନେତାଙ୍କର ଦକ୍ଷତା ଏବଂ ଅର୍ଥଶକ୍ତି ଯେତିକି ଅଧିକ ଦଳ ସେହି ନେତାଙ୍କ ଉପରେ ସେତିକି ପରିମାଣରେ ନିର୍ଭରଶୀଳ । ଏହି କାରଣରୁ ସ୍ୱର୍ଗତ ବିଜୁ ପଟ୍ଟନାୟକ, ଡଃ ହରେକୃଷ୍ଣ ମହତାବ, ଆନ୍ନା ଦୁରାଇ, ରାଜଗୋପାଳଚାରୀ ପ୍ରଭୃତି ନେତାମାନେ ନିଜ ନିଜର ଦଳ ଗଠନ କରି ଦେଶରେ ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ । ସେହିପରି ବର୍ତ୍ତମାନ ଆନ୍ଧ୍ରପ୍ରଦେଶର ଶ୍ରୀ ଚନ୍ଦ୍ରବାବୁ ନାଇଡୁ, ଚେନ୍ନାଇର ଜୟଲଳିତା ଏବଂ ଆସାମର ପ୍ରଫୁଲ୍ଲ ମହାନ୍ତ, ଓଡ଼ିଶାର ନବୀନ ପଟ୍ଟନାୟକ, ଉତ୍ତରପ୍ରଦେଶର ମୁଲାୟମ ସିଂ ଯାଦବ, ବିହାରର ଶ୍ରୀ ଲାଲୁ ପ୍ରସାଦ ଯାଦବ, ମମତା ବାନାର୍ଜୀ ପ୍ରଭୃତି ନେତାମାନେ ନିଜ ନିଜର ଦଳ ଗଠନ କରି ତାହାର ସର୍ବମୟ କର୍ତ୍ତା ଭାବେ ଭାରତୀୟ ରାଜନୀତିରେ ନିଜର ପ୍ରଭାବ ବିସ୍ତାର କରିଛନ୍ତି । ଏହି ଦଳଗୁଡ଼ିକ ଏହି ନେତାମାନଙ୍କ ପାଖରୁ ଆରମ୍ଭ ହୋଇ ସେହିମାନଙ୍କ ପାଖରେ ହିଁ ଶେଷ ହେବାର ସମସ୍ତ ସମ୍ଭାବନା ରହିଛି କାରଣ ଏହି ଦଳଗୁଡ଼ିକର ଆଦର୍ଶ ହେଉଛନ୍ତି ଏହି ନେତାମାନେ କେବଳ ।


- **ଦଳବଦଳ ରାଜନୀତି:** ଘନଘନ ପକ୍ଷ ପରିବର୍ତ୍ତନ ଦଳୀୟ ରାଜନୀତି କ୍ଷେତ୍ରରେ ଏକ ବ୍ୟାଧି ରୂପେ ଦେଖା ଦେଲାଣି ଏବଂ ଜାତୀୟ ରାଜନୀତି କ୍ଷେତ୍ରରେ ଘୋର ଅସ୍ଥିରତା ସୃଷ୍ଟି କଲାଣି । ଦଳମାନଙ୍କରେ ଆଦର୍ଶ ଏବଂ ଶୃଙ୍ଖଳାର ଅଭାବ ଯୋଗୁ ନିର୍ବାଚିତ ସଦସ୍ୟମାନେ ଘନଘନ ଦଳ ପରିବର୍ତ୍ତନ କରିବାକୁ ପଛାଉ ନାହାନ୍ତି । ପ୍ରତ୍ୟେକ ନିର୍ବାଚିତ ସଦସ୍ୟ ମନ୍ତ୍ରୀ ବା ଅନ୍ୟାନ୍ୟ ପଦପଦବୀ ଲୋଭରେ ଗୋଟିଏ ଦଳ ତ୍ୟାଗ କରି ଅନ୍ୟ ଗୋଟିଏ ଦଳରେ ଯୋଗଦେବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ଫଳରେ ବିଧାୟକ ଓ ସାଂସଦମାନେ ସହଜରେ କିଣାବିକା ହୋଇପାରୁଛନ୍ତି । ଯଦିଓ ଏହାକୁ ରୋକିବା ପାଇଁ ଦଳବଦଳ ନିରୋଧ ଆଇନ ପ୍ରଣୀତ ହୋଇଛି ତଥାପି ତାହା ସଂପୂର୍ଣ୍ଣ ଭାବେ ଏହାକୁ ବନ୍ଦ କରିବା ପାଇଁ ସମର୍ଥ ହୋଇନାହିଁ ।
- **ଦୃଢ଼ ବିରୋଧୀଦଳର ଅଭାବ:** ଦୃଢ଼ ବିରୋଧୀଦଳର ଅଭାବ ଆମ ଦେଶର ଦଳୀୟ ବ୍ୟବସ୍ଥାର ଅନ୍ୟ ଏକ ଲକ୍ଷଣ । ଏକ ସୁସ୍ଥ ଏବଂ ସୁସଂଗଠିତ ବିରୋଧୀଦଳ ଯେକୌଣସି ଗଣତାନ୍ତ୍ରିକ ରାଷ୍ଟ୍ରରେ ଦଳୀୟ ବ୍ୟବସ୍ଥାକୁ ପରିପୁଷ୍ଟ କରିଥାଏ । ଦୁର୍ଭାଗ୍ୟବଶତଃ ବିଭିନ୍ନ କାରଣ ଯୋଗୁଁ ଭାରତବର୍ଷରେ ଦୃଢ଼ ବିରୋଧିଦଳର ଅଭାବ ଦଳୀୟ ବ୍ୟବସ୍ଥାକୁ ବହୁ ଭାବରେ ବିପର୍ଯ୍ୟସ୍ତ କରି ପକାଇଛି । ସେଥିପାଇଁ ସମାଲୋଚକମାନେ କୁହନ୍ତି ଯେ ଭାରତବର୍ଷରେ ବହୁ ରାଜନୈତିକ ଦଳ ଥିଲେ ମଧ୍ୟ ଏକ ଫଳପ୍ରଦ ଦଳୀୟ ବ୍ୟବସ୍ଥା ନାହିଁ ।
- **ଆଭ୍ୟନ୍ତରୀଣ ଗଣତନ୍ତ୍ରର ଅଭାବ:** ଭାରତବର୍ଷରେ ରାଜନୈତିକ ଦଳମାନେ ନିଜର ସାଂଗଠନିକ ଶକ୍ତି ପ୍ରତି ସଚେତନ ନଥିବା ଦୃଷ୍ଟିରୁ ସ୍ୱାଭାବିକ ଭାବେ ଦଳମାନଙ୍କରେ ଆଭ୍ୟନ୍ତରୀଣ ଗଣତନ୍ତ୍ରର ଅଭାବ ପରିଲକ୍ଷିତ ହୁଏ । ଦଳ ଗୁଡ଼ିକ ଆଦର୍ଶ ଅପେକ୍ଷା ନେତୃତ୍ୱ ଉପରେ ଗୁରୁତ୍ୱ ଦେଉଥିବା ଦୃଷ୍ଟିରୁ ନେତାମାନେ ଦଳୀୟ ପରିଚାଳନା ଭାର ଅନ୍ୟମାନଙ୍କୁ ଗଣତାନ୍ତ୍ରିକ ଉପାୟରେ ହସ୍ତାନ୍ତର ନକରି ସମସ୍ତ କ୍ଷମତା ନିଜହାତରେ ଠୁଳ କରିଥାନ୍ତି । ଦଳୀୟ ବ୍ୟବସ୍ଥାରେ ସାମୟିକ ନିର୍ବାଚନ ବ୍ୟବସ୍ଥା ଥିଲେ ମଧ୍ୟ ଏହି ନେତାମାନେ ଦଳର

ନିର୍ବାଚନ କରିବା ପରିବର୍ତ୍ତେ କେବଳ ନିଜ ନିଜର ପାଖଲୋକଙ୍କୁ ଦଳୀୟ ପଦବୀ ପାଇଁ ମନୋନୀତ କରି ଦଳୀୟ ପାଣ୍ଠି ଓ ନୀତିକୁ ନିଜ ଅକ୍ତିଆରରେ ରଖିଥାନ୍ତି। ଏଥିପାଇଁ ପ୍ରାୟ ଦଳମାନଙ୍କରେ ଆଭ୍ୟନ୍ତରୀଣ ବିଶୃଙ୍ଖଳା ବହୁପରିମାଣରେ ଦେଖାଯାଇଥାଏ।

ଏ ସମସ୍ତ ସମାଲୋଚନା ସତ୍ତ୍ୱେ ଅବଶେଷରେ ଏହା କୁହାଯାଇପାରେ ଦଳୀୟ ବ୍ୟବସ୍ଥା ବିନା ଗଣତନ୍ତ୍ର ତିଷ୍ଠି ରହିପାରିବ ନାହିଁ। ଏହି ଦଳୀୟ ବ୍ୟବସ୍ଥାର ପ୍ରବର୍ତ୍ତନ ଯୋଗୁଁ ଭାରତ ବର୍ଷରେ ଗଣତାନ୍ତ୍ରିକ ପ୍ରକ୍ରିୟା ସୁଦୃଢ଼ ହୋଇଛି। ଦଳଗୁଡିକ ସରକାର ଚଳାଇବାକୁ ବୈକଳ୍ପିକ ଶାସକ ବର୍ଗ ପ୍ରଦାନ କରିଥାନ୍ତି। ସେମାନେ ଏକା ପ୍ରକାର ବର୍ଗର ଶାସନକୁ ବାଧା ଦେଇଥାନ୍ତି। ଦଳୀୟ ବ୍ୟବସ୍ଥା ଲୋକଙ୍କୁ ଇଚ୍ଛାନୁସାରେ ଶାସକ ବର୍ଗ ପରିବର୍ତ୍ତନ କରିବାକୁ ସୁବିଧା ପ୍ରଦାନ କରିଥାଏ। ଦଳୀୟ ବ୍ୟବସ୍ଥା କ୍ଷମତାସୀନ ଦଳକୁ ଚେତାଇଦିଏଯେ ସେମାନେ ଲୋକଙ୍କ ଇଚ୍ଛାରେ କ୍ଷମତାରେ ଅଛନ୍ତି। ସେଥିପାଇଁ ସେମାନେ ଦଳମତ ଊର୍ଦ୍ଧ୍ୱରେ ରହି ସର୍ବ ସାଧାରଣଙ୍କ ହିତ ସାଧନ କରିବାକୁ ଚେଷ୍ଟା କରିଥାନ୍ତି। ଦଳମାନଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ପରିବର୍ତ୍ତେ ବହୁ କ୍ଷେତ୍ରରେ ବୁଝାମଣାର ବାୟୁମଣ୍ଡଳ ସୃଷ୍ଟି ହୋଇଛି ଏବଂ ଦଳମାନେ ପାରସ୍ପରିକ ବୁଝାମଣା ଭିତ୍ତିରେ ମିଳିତ ସରକାର ଗଠନ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହା ନିଶ୍ଚିତ ଭାବରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସୁଦୃଢ଼ କରିବ।

**ଏକଦଳୀୟ ଆଧିପତ୍ୟ :**

ସ୍ୱାଧୀନତା ପରବର୍ତ୍ତୀ ଦଳୀୟ ବ୍ୟବସ୍ଥା ବିଶେଷତଃ ପ୍ରଥମ ଦୁଇ ଦଶନ୍ଧିର ରାଜନୈତିକ ପ୍ରକ୍ରିୟାକୁ ଏକଦଳୀୟ ଆଧିପତ୍ୟ ବ୍ୟବସ୍ଥା କହିବା ସମୀଚୀନ କାରଣ ଉଭୟ କେନ୍ଦ୍ର ଏବଂ ପ୍ରାଦେଶିକ ସ୍ତରରେ କଂଗ୍ରେସ ଦଳର ସରକାରର ପ୍ରାଧାନ୍ୟ ଥିଲା। କଂଗ୍ରେସ ସ୍ୱାଧୀନତା ସଂଗ୍ରାମର ତ୍ୟାଗ ଓ ବଳିଦାନ ସ୍ମୃତିର ଉତ୍ତରାଧୀକାର ପାଇଥିଲା ଏବଂ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଭଳି ଆକର୍ଷଣୀୟ ବ୍ୟକ୍ତିତ୍ୱସମ୍ପନ୍ନ ନେତୃବୃନ୍ଦଙ୍କ ଉପସ୍ଥିତି ଯୋଗୁଁ ଅତି ସହଜରେ ୧୯୫୨ ମସିହାର ପ୍ରଥମ ସାଧାରଣ ନିର୍ବାଚନ ଜିଣିବାର ଆଶା କରାଯାଉଥିଲା। ଏଇ ଦଳ ଲୋକ ସଭାର ୪୮୯ ଗୋଟି ଆସନରୁ ୩୬୪ ଟି ହାସଲ କରିଥିଲା। ଭାରତୀୟ କମ୍ୟୁନିଷ୍ଟ ଦଳ ୧୬ ଗୋଟି ଆସନ ପାଇ ଦ୍ୱିତୀୟ ସ୍ଥାନରେ ଥିଲା। ଏହିପରି କଂଗ୍ରେସ ଦଳ ପ୍ରଥମ ସାଧାରଣ ନିର୍ବାଚନରୁ ଭାରତୀୟ ଦଳୀୟ ବ୍ୟବସ୍ଥାରେ ନିଜର ଆଧିପତ୍ୟ ବିସ୍ତାର




ଏକଦଳୀୟ ଆଧିପତ୍ୟ
"ନେହେରୁଙ୍କ ସମୟରେ କଂଗ୍ରେସ ଦଳର ଦମନକାରୀ ସଂଖ୍ୟାଗରିଷ୍ଠତା"

କରିଥିଲା । କଂଗ୍ରେସ ଦଳ ପ୍ରାଦେଶିକ ବିଧାନ ସଭା ଗୁଡିକରେ ମଧ୍ୟ ଏକାପ୍ରକାର ବିଜୟ ହାସଲ କରିଥିଲା । କେବଳ ତ୍ରାଭାଙ୍କୋର-କୋଚିନ, ମାଦ୍ରାସ ଓ ଓଡିଶା ବ୍ୟତିତ ଏହା ସମସ୍ତ ରାଜ୍ୟ ବିଧାନ ସଭାରେ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା । ସେହି ତିନୋଟି ପ୍ରଦେଶରେ ମଧ୍ୟ ପରବର୍ତ୍ତୀ ୧୯୫୭ ଓ ୧୯୬୨ ନିର୍ବାଚନରେ ଜୟଲାଭ କରିଥିଲା । ସେହି ସାଧାରଣ ନିର୍ବାଚନ ମାନଙ୍କରେ କଂଗ୍ରେସ ଦଳ ଲୋକ ସଭାର ଆସନର ତିନିଚତୁର୍ଥାଂଶ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା । ବିରୋଧୀ ଦଳ ଗୁଡିକ କଂଗ୍ରେସ ପାଇଥିବା ଆସନର ଏକ ଦଶମାଂଶ ମଧ୍ୟ ପାଇନଥିଲେ ।

୧୯୫୨ ମସିହାରୁ ୧୯୬୭ ଯାଏଁ ବହୁ ଦଳ ରାଜନୈତିକ ରଣାଙ୍ଗନରେ ସଂଘର୍ଷ କରୁଥିଲେ ମଧ୍ୟ ସେହି ସମୟରେ କଂଗ୍ରେସ ଦଳର ଏକାଧିପତ୍ୟ ଜାରି ରହିଥିଲା । ଅନ୍ୟ ଦଳଗୁଡିକ ପ୍ରତିଯୋଗିତା କରୁଥିଲେ, କିନ୍ତୁ କଂଗ୍ରେସର ଏକାଧିପତ୍ୟ ଆଗରେ ସେମାନଙ୍କର ଆହ୍ୱାନ ଥିଲା ନଗଣ୍ୟ । ବିରୋଧୀ ଦୁର୍ବଳ ଥିବାରୁ କଂଗ୍ରେସର ବିକଳ୍ପ ଭାବରେ ସରକାର ଗଠନ କରିବାରେ ସମର୍ଥ ନଥିଲେ । କେବଳ କଂଗ୍ରେସ ସରକାରକୁ ସମାଲୋଚନା କରିବା ବା ଚାପ ପକାଇବା କାର୍ଯ୍ୟରେ ଲାଗିପଡିଥିଲେ ।

ଭାରତୀୟ ରାଜନୈତିକ ବ୍ୟବସ୍ଥାରେ କଂଗ୍ରେସର ଏକାଧିପତ୍ୟର ମୁଖ୍ୟ କାରଣ ହେଲା ତା'ର ଭିନ୍ନ ଭିନ୍ନ, ଆଉ ମଧ୍ୟ ଅମେଳକ ରାଜନୈତିକ ଗୋଷ୍ଠୀକୁ ଖାପଖୁଆଇ ରଖିପାରିବା ସାମର୍ଥ୍ୟ ଥିଲା । କଂଗ୍ରେସ ଏକ 'ଛତା' ଦଳ ଭଳି କାର୍ଯ୍ୟ କରୁଥିଲା ଯାହାଦ୍ୱାରା ଏହି ଦଳ ବିଭିନ୍ନ ସାମାଜିକ ଗୋଷ୍ଠୀର ସମର୍ଥନ ହାସଲ କରିପାରୁଥିଲା । ବିଭିନ୍ନତାକୁ ଧାରଣକରିବାର ଏହି ସାମର୍ଥ୍ୟ ସ୍ୱାଧୀନତାର ପୂର୍ବ ସମୟରୁ ତା ପାଖରେ ଥିଲା । ବିଶାଳ ରାଜନୈତିକ ଦଳ ଭାବରେ ନୁହେଁ ବରଂ ଏକ ଉଦାରଶୀଳ ମେଣ୍ଟ ଭାବରେ ଏହା କାର୍ଯ୍ୟ କରୁଥିଲା । କଂଗ୍ରେସ ଦଳର ଏକାଧିପତ୍ୟ ତିନୋଟି ସ୍ତରରେ ଦୃଷ୍ଟିଗୋଚର ହେଉଥିଲା- କ୍ଷମତା ସ୍ତରରେ, କ୍ଷମତାର ଏକଚଟିଆ କାରବାର; ସମାଜ ଓ ରାଷ୍ଟ୍ର ସମ୍ପର୍କର ଆଧାରର ନିୟନ୍ତ୍ରଣ; ଏବଂ ରାଜନୈତିକ ଆଦର୍ଶ ସ୍ତରରେ ଏକ ମଧ୍ୟମପନ୍ଥୀ ଆଦର୍ଶର ପରିପୋଷଣ ।

୧୯୬୦ ଦଶକରେ ଭାରତୀୟ ଦଳୀୟ ବ୍ୟବସ୍ଥାର ପ୍ରକୃତିରେ ବିସ୍ତୃତ ପରିବର୍ତ୍ତନ ହୋଇଥିଲା, ବିଶେଷକରି ୧୯୬୭ ପରବର୍ତ୍ତୀ ସମୟରେ । ପରିବର୍ତ୍ତନ ଆଖିଦୃଶିଆ ହୋଇଥିଲା । ବହୁ ପ୍ରଦେଶରେ ଅଣକଂଗ୍ରେସ ସରକାରର ଆବିର୍ଭାବ ହୋଇଥିଲା । କେତେକ ପ୍ରଦେଶରେ ଅଣକଂଗ୍ରେସ ଦଳମାନଙ୍କର ମେଣ୍ଟ ସରକାର ଗଠନ ହେଲା । କୁହାଯାଇପାରେଯେ ୧୯୬୭ ମସିହାର ନିର୍ବାଚନ ପରେ ମେଣ୍ଟ ରାଜନୀତି ପ୍ରକ୍ରିୟାର ସୂତ୍ରପାତ ହୋଇଥିଲା । କେନ୍ଦ୍ରୀୟ ସ୍ତରରେ ମଧ୍ୟ ମତଭେଦ ଓ ଗୋଷ୍ଠୀ କନ୍ଦଳ ଯୋଗୁଁ କଂଗ୍ରେସ ଦଳ ଦୁର୍ବଳ ହୋଇଗଲା । ୧୯୬୯ ମସିହାରେ କଂଗ୍ରେସ ଦଳରେ ବିଭାଜନ ହୋଇଥିଲା । ସହମତିର ଢାଞ୍ଚା, ଯାହାଦ୍ୱାରା କଂଗ୍ରେସ ଦଳ ତିଷ୍ଠି ରହିଥିଲା, ଦୁର୍ବଳ ହେବାରୁ ଦଳୀୟ ବ୍ୟବସ୍ଥାରେ ସୁଦୂର ପ୍ରସାରୀ ପ୍ରଭାବ ଦେଖିବାକୁ ମିଳିଲା । ପରିବର୍ତ୍ତନ ପାଇଁ ଅନ୍ୟାନ୍ୟ ସାମାଜିକ ଓ ରାଜନୈତିକ କାରଣ ମଧ୍ୟ ଥିଲା । ସ୍ୱାଧୀନୋତ୍ତର ସମୟରେ ଅଭ୍ୟୁଦୟ ହୋଇଥିବା ରାଜନୈତିକ ବର୍ଗ ଗୁଡିକ ନିଜର ସଂଖ୍ୟା ବହୁଳତା ସାବ୍ୟସ୍ତ କରି କ୍ଷମତାରେ ସେମାନଙ୍କର ଭାଗ ଦାବିକଲେ ।

## ମେଣ୍ଟ ରାଜନୀତି

ମେଣ୍ଟ ମାନେ ସଂଯୋଗ ବା ସାମୟିକ ଭାବରେ ସମ୍ମିଳିତ ହେବା । ରାଜନୈତିକ ଅର୍ଥରେ ଏହା ରାଜନୈତିକ ଶକ୍ତି ମାନଙ୍କର ସରକାର ଗଠନ ପାଇଁ ଏକ ସାମୟିକ ବୁଝାମଣାକୁ ବୁଝାଏ । ବିଭିନ୍ନ ରାଜନୈତିକ ଦଳ ପରସ୍ପରର ବିରୋଧୀ ସ୍ୱାର୍ଥ ଓ ଆଦର୍ଶ ସତ୍ତ୍ୱେ ଏହି ଧାରଣାରେ ମେଣ୍ଟ କରନ୍ତି ଯେ ସେମାନେ ଅଲଗା ଅଲଗା ଭାବରେ କେବେ ମଧ୍ୟ କ୍ଷମତା ଅକ୍ତିଆର କରି ନିଜର ସାମୂହିକ ସ୍ୱାର୍ଥ ହାସଲ କରିପାରିବେ ନାହିଁ, ଏବଂ ଏପରି ଆଶଙ୍କା ବା ବାଧ୍ୟବାଧକତା ସେମାନଙ୍କୁ ଏକାଠି ହେବାପାଇଁ ପ୍ରଚୋଦିତ କରିଥାଏ ।

**ମେଣ୍ଟ ତିନି ପ୍ରକାରର:** ସଂସଦୀୟ, ନିର୍ବାଚନୀୟ ଓ ସରକାର ଗଠନ ପାଇଁ ହୋଇଥାଏ । ସଂସଦୀୟ ମେଣ୍ଟ: ନିର୍ବାଚନ ପରେ ଯଦି କୌଣସି ଦଳ ନିଜ ସଂଖ୍ୟା ଅନୁସାରେ ସରକାର ଗଠନ କରିବାକୁ ଅସମର୍ଥ ହୁଏ, ତା'ହେଲେ ସେହି ଦଳ ସଂସଦର ଅନ୍ୟ ଦଳ ମାନଙ୍କର ସହାୟତାରେ ମେଣ୍ଟ ସରକାର ଗଠନ କରିପାରେ । ନିର୍ବାଚନୀୟ ମେଣ୍ଟ ମାନେ ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ ପରସ୍ପର ସହ ଆସନ ବୁଝାମଣା ବନ୍ଦୋବସ୍ତ କରି ମେଣ୍ଟ ଦଳର ପ୍ରାର୍ଥୀ ବିରୁଦ୍ଧରେ ନିଜ ପ୍ରାର୍ଥୀ ଦିଅନ୍ତି ନାହିଁ । ମିଳିତ ଭାବରେ ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ହାସଲ କଲେ, ସରକାର ଗଢନ୍ତି । ସରକାର ସ୍ତରରେ ମେଣ୍ଟର ବିଭିନ୍ନ ପ୍ରତିରୂପ ଥାଏ । ଜରୁରୀ ପରିସ୍ଥିତିରେ ମୁଖ୍ୟ ଦଳଗୁଡିକ ଅଂଶ ଗ୍ରହଣକରି ଏକ ଜାତୀୟ ମେଣ୍ଟ ସରକାର ଗଠନ କରିପାରନ୍ତି । ଅନ୍ୟ ପ୍ରକାର କ୍ଷମତା ଭାଗିଦାରୀର ନମୁନା ହେଲା, ଯେତେବେଳେ ଏକାଧିକ ଦଳ ମିଳିତ ଭାବରେ ସରକାର ଗଠନ କରନ୍ତି । ପୂର୍ବ ବୁଝାମଣା ନଥାଇ ମଧ୍ୟ ସରକାର ଗଠନରେ ପରସ୍ପରକୁ ସହାୟତା କରନ୍ତି । କେନ୍ଦ୍ରର ବିଜେପି ନେତୃତ୍ୱର NDA ସରକାର ଓ କଂଗ୍ରେସ ନେତୃତ୍ୱର UPA ସରକାର ଏହାର ଉଦାହରଣ ।

ମେଣ୍ଟ ରାଜନୀତି



ଆମର ମିଳିତ ସର୍ବନିମ୍ନ କାର୍ଯ୍ୟସୂଚୀ କ'ଣ ?

ଭାରତରେ ମେଣ୍ଟ ସରକାର ୧୯୬୭ ମସିହାର ନିର୍ବାଚନ ପରେ ଆରମ୍ଭ ହୋଇଥିଲା । ଛଅଟି ରାଜ୍ୟରେ ଅଣକଂଗ୍ରେସ ଦଳ ମେଣ୍ଟ କରି କଂଗ୍ରେସକୁ ହରାଇଥିଲେ । କିନ୍ତୁ, ୧୯୭୧ ରେ କଂଗ୍ରେସ କ୍ଷମତାକୁ ଫେରିବାରେ ସକ୍ଷମ ହୋଇଥିଲା । ତା ପରବର୍ତ୍ତୀ ମେଣ୍ଟ ରାଜନୀତିର ଦ୍ୱିତୀୟ ପର୍ଯ୍ୟାୟ ୧୯୭୭ର କଂଗ୍ରେସର ପରାଜୟରୁ ହୋଇଥିଲା । ୧୯୭୫ରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର କଂଗ୍ରେସ ସରକାର ଜାରି କରିଥିବା ଜରୁରୀ ପରିସ୍ଥିତିର

ପ୍ରତିକ୍ରିୟାରେ ବିରୋଧୀ ଦଳ ଏକତ୍ରିତ ହୋଇଥିଲେ ଓ ୧୯୭୭ ଲୋକସଭା ନିର୍ବାଚନରେ କଂଗ୍ରେସକୁ ହରାଇଥିଲେ । ଜନତା ଦଳର ସ୍ଥାପନା ହୋଇ ଶ୍ରୀ ମୋରାରଜୀ ଦେଶାଇ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏକ ମେଣ୍ଟ ସରକାର କେନ୍ଦ୍ରରେ ଦେଖାଦେଇଥିଲା । କିନ୍ତୁ ସେହି ସରକାର ପୁରା ସମୟ କ୍ଷମତାରେ ରହି ପାରିଲା ନାହିଁ । ତା ପରେ ଚୌଧୁରୀ ଚରଣ ସିଂହଙ୍କର ମେଣ୍ଟ ସରକାର ମଧ୍ୟ ଆଦର୍ଶଗତ ଭିନ୍ନତା ଓ ଅନ୍ୟାନ୍ୟ ଅନ୍ତର୍ନିହିତ ଦ୍ୱନ୍ଦ୍ୱ ଯୋଗୁଁ ଅସଫଳ ହୋଇଥିଲା । ମେଣ୍ଟ ରାଜନୀତିର ଦୁର୍ବଳତା କଂଗ୍ରେସକୁ ପୁନର୍ବାର ୧୯୮୦ରେ କ୍ଷମତା ଆରୋହଣ କରାଇଥିଲା । ତଥାପି ସେହି ସମୟରୁ କଂଗ୍ରେସର ସମର୍ଥନର ଭିତ୍ତି ହ୍ରାସ ହେବାରେ ଲାଗିଲା ଯାହାକି ଭାରତର ଭବିଷ୍ୟତର ମେଣ୍ଟ ରାଜନୀତିର ଭିତ୍ତିପ୍ରସ୍ତର ପକାଇଥିଲା । ୧୯୮୦ ରୁ ୧୯୮୯ ପର୍ଯ୍ୟନ୍ତ କେନ୍ଦ୍ରରେ ମେଣ୍ଟ ସରକାର ନଥିଲା, କିନ୍ତୁ ତାମିଲ ନାଡୁ, ତ୍ରିପୁରା, ଜାମ୍ମୁ କାଶ୍ମୀର ଓ ପଶ୍ଚିମ ବଙ୍ଗ ଭଳି ରାଜ୍ୟ ମାନଙ୍କରେ ଥିଲା ।

୧୯୮୯ ପୂର୍ବରୁ ଜନତା ଦଳର ସ୍ଥାପନା ହେଲା ଓ ଏହା କିଛି ଆଞ୍ଚଳିକ ଦଳ, ବାମ ଦଳ ଓ ବିଜେପି ସହିତ ମେଣ୍ଟ କରିଥିଲା । ଅକ୍ଟୋବର ୧୯୮୮ରେ ଏକ ଜାତୀୟ ମଞ୍ଚ ଗଠନ କରାଯାଇଥିଲା । ଏହି ମଞ୍ଚ ୧୯୮୯ର ନିର୍ବାଚନ ଜିଣି ବିଶ୍ୱନାଥ ପ୍ରତାପ ସିଂହଙ୍କ ନେତୃତ୍ୱରେ ସରକାର ଗଠନ କରିଥିଲା । ଉଭୟ ବାମପନ୍ଥୀ ଦଳ ଓ ଦକ୍ଷିଣ ପନ୍ଥୀ ବିଜେପି ସେହି ସରକାରକୁ ମେଣ୍ଟ ବାହାରେ ରହି ସମର୍ଥନ କରିଥିଲେ । କେବଳ କଂଗ୍ରେସ-ବିରୋଧୀ ଲକ୍ଷଣ ବ୍ୟତୀତ ସେହି ମେଣ୍ଟର ୧୯୭୭ ମେଣ୍ଟ ସହିତ କୌଣସି ସାମଞ୍ଜସ୍ୟ ନଥିଲା । ଉଭୟ ନିର୍ବାଚନର ବିଷୟଗୁଡିକ ଅଲଗା ଥିଲା । ୧୯୭୫ର ଜାତୀୟ ଜରୁରୀ ପରିସ୍ଥିତ ଘୋଷଣା, ୧୯୭୭ ନିର୍ବାଚନର ବିଷୟ ହୋଇଥିଲା ଗଣତନ୍ତ୍ରର ପୁନଃସ୍ଥାପନା, ନାଗରିକ ସ୍ୱତନ୍ତ୍ରତାର ସୁରକ୍ଷା ଇତ୍ୟାଦିକୁ ମୁଖ୍ୟ ପ୍ରସଙ୍ଗ କରି ଭିନ୍ନ ଭିନ୍ନ ମତାବଲମ୍ବୀ ଦଳ ମଞ୍ଚରେ ସାମିଲ ହୋଇଥିଲେ । କିନ୍ତୁ, ୧୯୮୯ ମସିହାରେ, ଉଭୟ ଜାତୀୟ ଓ ସ୍ଥାନୀୟ ବିଷୟଗୁଡିକ ଯଥା: ଦୁର୍ନୀତି, ନିର୍ବାଚନୀ ଇସ୍ତାହାରରେ ସ୍ଥାନ ପାଇଥିଲା । ଯଦ୍ୟପି ଏହି ମେଣ୍ଟ ଅତୀତର ଅନ୍ୟ ମେଣ୍ଟ ଗୁଡିକଠାରୁ ଅଲଗା ଥିଲା, ଏହା ଅନ୍ତଃ ଓ ବାହ୍ୟ ସଂକଟର ସଂମୁଖୀନ ହୋଇଥିଲା । ମଣ୍ଡଳ କମିଶନ ପ୍ରସ୍ତାବ ଲାଗୁ କରିବା ନେଇ ହେଉ ବା ରାମ ମନ୍ଦିର ନିର୍ମାଣ ପାଇଁ BJP ପ୍ରାୟୋଜିତ ଆଡଓ୍ୱାନିଙ୍କର ରଥଯାତ୍ରା ପ୍ରସଙ୍ଗରେ ମଞ୍ଚର ସବୁଦଳ ଏକମତ ନଥିଲେ । ଭି.ପି. ସିଂହଙ୍କର ନେତୃତ୍ୱର ମେଣ୍ଟ ସରକାର ବିଜେପିର ସମର୍ଥନ ପ୍ରତ୍ୟାହାର ପରେ ଭାଙ୍ଗିଯାଇଥିଲା । ଜନତା ଦଳରେ ମଧ୍ୟ ଫାଟ ସୃଷ୍ଟିହୋଇ ଜନତା ଦଳ (ଧର୍ମନିରପେକ୍ଷ) ନାମକ ନୂତନ ଦଳ ଜନ୍ମ ନେଲା । ଚନ୍ଦ୍ରଶେଖରଙ୍କ ନେତୃତ୍ୱରେ ଜନତା ଦଳ (ଧର୍ମନିରପେକ୍ଷ)ସରକାର ଗଢିଲା, ଯାହାକୁ କଂଗ୍ରେସ ଦଳ ବାହାରୁ ସମର୍ଥନ ଦେଲେ । ଏହି ସରକାର ମଧ୍ୟ ବେଶି ଦିନ ତିଷ୍ଠିପାରିଲା ନାହିଁ, କାରଣ କଂଗ୍ରେସ ୧୯୯୧ରେ ତାର ସମର୍ଥନ ପ୍ରତ୍ୟାହାର କରିନେଲା । ୧୯୯୧ର ଲୋକସଭା ନିର୍ବାଚନରେ ଯଦ୍ୟପି କଂଗ୍ରେସ ଦଳକୁ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ମିଳି ନଥିଲା, ତଥାପି ନରସିଂହ ରାଓଙ୍କର ନେତୃତ୍ୱରେ ଏକ ମେଣ୍ଟ ସରକାର ଗଠନ ହୋଇଥିଲା ।

୧୯୯୬ ସାଧାରଣ ନିର୍ବାଚନରେ ବିଜେପି ଏକକ ସଂଖ୍ୟା ଗରିଷ୍ଠ ଦଳ ଭାବରେ ଆସିଲା କିନ୍ତୁ ଲୋକ ସଭାରେ ନିଜ ସଂଖ୍ୟା ଗରିଷ୍ଠତା ପ୍ରମାଣ କରିନପାରି ୧୩ ଦିନରେ କ୍ଷମତା ହରାଇଲା । ଦେବେ ଗୌଡାଙ୍କର ନେତୃତ୍ୱରେ ମିଳିତ ମଞ୍ଚ (United Front) କିଛି ଦିନ ସରକାରରେ ରହିବାପରେ ପୁଣି ନେତୃତ୍ୱରେ ପରିବର୍ତ୍ତନ ହେଲା । ଇନ୍ଦ୍ର କୁମାର ଗୁଜରାଲ ପ୍ରଧାନମନ୍ତ୍ରୀ ଭାବରେ ଏହି ମେଣ୍ଟର ସରକାର ଚଳାଇଲେ । United Front ମେଣ୍ଟ ବେଶୀ ଦିନ ଚାଲିପାରିଲା ନାହିଁ, କାରଣ କଂଗ୍ରେସ ୧୯୯୮ ରେ ତା'ର ସମର୍ଥନ ପ୍ରତ୍ୟାହାର କରିନେଇଥିଲା ।

୧୯୯୮ ମସିହାରେ ପୁଣି ପଟ୍ଟ ପରିବର୍ତ୍ତନ ହେଲା । ବିଜେପି ନେତୃତ୍ୱରେ NDA ମେଣ୍ଟ କ୍ଷମତାକୁ ଫେରିଲା । ଏହି ମେଣ୍ଟ ସରକାର ତା'ର ୫ ବର୍ଷର କାର୍ଯ୍ୟକାଳ ପୂରଣ କଲା ଏବଂ ଏହା ପୂର୍ବବର୍ତ୍ତୀ ଅନ୍ୟ ମେଣ୍ଟ ସରକାର ତୁଳନାରେ ଅପେକ୍ଷାକୃତ ସ୍ଥିର ଥିଲା । ଏହି ମେଣ୍ଟରେ ଚାପ ଓ ଦ୍ୱନ୍ଦ୍ୱ ରହିଥିଲେ ମଧ୍ୟ, ସମସ୍ତଙ୍କର ସହମତିରେ ଏହି ସରକାର ଚାଲିପାରିଲା । ସେହି ସମୟରେ ଆଞ୍ଚଳିକ ଦଳଗୁଡିକ ଭାରତୀୟ ରାଜନୀତିରେ ବିଶେଷ ଆଖିଦୃଶିଆ ହୋଇଥିଲେ । ଏହା ମେଣ୍ଟ ରାଜନୀତିର ଏକ ନୂଆ ପର୍ବ ଆରମ୍ଭ କରିଥିଲା । ଯେ ଭାରତର ବର୍ତ୍ତମାନ ରାଜନୀତିରେ କୌଣସି ଏକ ଦଳ ଏକାକୀ ସରକାର ଗଠନ କରିପାରିବ ନାହିଁ, ଏହି ସତ୍ୟକୁ ତାହା ପ୍ରତିପାଦନ କଲା । ମେଣ୍ଟ ରାଜନୀତି ଓ ଆଞ୍ଚଳିକ ଦଳ ଗୁଡିକର କ୍ରମବର୍ଦ୍ଧିଷ୍ଣୁ ଗୁରୁତ୍ୱ ବର୍ତ୍ତମାନର ଭାରତୀୟ ରାଜନୀତିର ରେଖାଙ୍କିତ ଲକ୍ଷଣ ଭାବରେ ପରିଚିତ । ଏକ ଦଳର ଆଧିପତ୍ୟ ବ୍ୟବସ୍ଥା ସ୍ମୃତିରୁ ଭଭେଇଗଲାଣି ।

ମେଣ୍ଟ ରାଜନୀତିର ନକ୍ସା NDA ଠାରୁ UPA-I ଏବଂ II ମାଧ୍ୟମରେ ୨୦୦୪ ରୁ ୨୦୧୪ ପର୍ଯ୍ୟନ୍ତ ଚାଲୁ ରହିଲା । UPA କଂଗ୍ରେସ ନେତୃତ୍ୱର ଏକ ମେଣ୍ଟ । UPA-I ରେ ବାମପନ୍ଥୀ ଦଳ ଗୁଡିକ ସାମିଲ ହୋଇଥିଲେ । ଏହି ମେଣ୍ଟରେ ମଧ୍ୟ ଆଞ୍ଚଳିକ ଦଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ୨୦୦୯ ରେ କଂଗ୍ରେସ ନେତୃତ୍ୱାଧୀନ UPA-II କ୍ଷମତାକୁ ଆସିଥିଲା । ଦୁଇ ଦଶନ୍ଧି ପରେ, ପ୍ରଥମ ଥର ପାଇଁ ଯେଉଁ ସରକାର ପୁରା କାର୍ଯ୍ୟକାଳ କ୍ଷମତାସୀନ ଥିଲା, ପୁଣି ନିର୍ବାଚିତ ହୋଇପାରିଥିଲା ।

୨୦୧୪ ଲୋକସଭା ନିର୍ବାଚନ ପୂର୍ବରୁ ପ୍ରାୟ ଦୁଇ ଦଶନ୍ଧି ଧରି କୌଣସି ରାଜନୈତିକ ଦଳ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରି ଏକାକୀ କେନ୍ଦ୍ରରେ ସରକାର ଗଠନ କରିବାପାଇଁ ସକ୍ଷମ ନଥିଲେ । ଏହା ମେଣ୍ଟ ରାଜନୀତିର ମୂଳଦୁଆ ପକାଇଥିଲା । ଆଞ୍ଚଳିକ ଦଳ ମେଣ୍ଟ ରାଜନୀତିର ଗୁରୁତ୍ୱପୂର୍ଣ୍ଣ ଘଟକ ହୋଇଥିଲେ । ତିନୋଟି ମେଣ୍ଟ ସରକାର ସେମାନଙ୍କର ପୁରା କାର୍ଯ୍ୟକାଳ କ୍ଷମତାରେ ରହିଥିଲେ । ସେଥିପାଇଁ ପର୍ଯ୍ୟବେକ୍ଷକମାନେ ମତ ଦେଇଥିଲେ ଯେ ଭାରତରେ ମେଣ୍ଟ ସରକାର ଓ ରାଜନୀତିର କୌଣସି ବିକଳ୍ପ ନାହିଁ । ମେଣ୍ଟ ରାଜନୀତିର ଅସାଧାରଣ ବିସ୍ତାର ପାଇଁ ଦେଶର ସାମାଜିକ-ଅର୍ଥନୈତିକ ଅନେକତା, ସମାଜର ଅନ୍ତିମ ଅଂଶୀଦାର ଗୋଷ୍ଠୀ ମାନଙ୍କର କ୍ରମବର୍ଦ୍ଧମାନ ଗଣତାନ୍ତ୍ରିକ ସଚେତନତା ଓ ଦାବି ଏବଂ ଆଞ୍ଚଳିକ ଦଳଗୁଡିକର କାୟା ଓ ସଂଖ୍ୟା ବୃଦ୍ଧି ଇତ୍ୟାଦି କାରଣ ଦାୟୀ ।

୨୦୧୪ ଲୋକସଭା ନିର୍ବାଚନରେ ଉଭୟ NDA ମେଣ୍ଟ ଓ UPA ମେଣ୍ଟ ଲଢିଥିଲେ ଏବଂ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ NDA ମେଣ୍ଟ କ୍ଷମତାକୁ ଆସିଥିଲା । ଏବେକାର ମେଣ୍ଟ ଅନ୍ୟ ମେଣ୍ଟ ଗୁଡିକଠାରୁ ଅଲଗା ଅଟେ କାରଣ ଭାରତୀୟ ଜନତାପାର୍ଟି ଏକାକୀ ଲୋକ ସଭାରେ ସଂଖ୍ୟା ଗରିଷ୍ଠତା ହାସଲ କରିଛି । ତଥାପି, ଭାରତୀୟ ଜନତା ପାର୍ଟୀ ନିଜ NDA ଅଂଶୀଦାରମାନଙ୍କ ସହିତ ମେଣ୍ଟ ସରକାର ଗଠନ କରିଛି । କିଛି ଲୋକ ସନ୍ଦେହରେ ଅଛନ୍ତି କାରଣ ସେମାନଙ୍କୁ ଏହା ମେଣ୍ଟ ରାଜନୀତିର ଶେଷ ପର୍ଯ୍ୟାୟର ସୂତ୍ରପାତ ପରି ପ୍ରତୀତ ହେଉଛି । କିନ୍ତୁ ଏପରି ଚିନ୍ତାଧାରା ମଧ୍ୟ ଅତି ସରଳ ଓ ସଅଳ ଅଟେ । କାରଣ ମେଣ୍ଟ ରାଜନୀତି ଭାରତରେ ଦୃଢ ଭାବରେ ସ୍ଥାପନ ହୋଇଛି ଓ ସାମାଜିକ ସ୍ୱୀକୃତି ଆଞ୍ଚଳିକ ଦଳ ହାସଲ କରିସାରିଛି ।

ଭାରତର ରାଜନୈତିକ ଦଳମାନଙ୍କୁ ଭୌଗୋଳିକ ଉପସ୍ଥିତି ଅନୁଯାୟୀ ଜାତୀୟ ବା ଆଞ୍ଚଳିକ ଦଳ ଭାବରେ ଭାଗ କରାଯାଏ । ଭାରତର ନିର୍ବାଚନ କମିଶନ ଏହି ଦୁଇ ମାନଦଣ୍ଡରୁ ଯେ କୌଣସି ଗୋଟିଏ ଅନୁସାରେ ତାହା

ନିର୍ଣ୍ଣୟ ଜାତୀୟ ଓ ଆଞ୍ଚଳିକ ଦଳ ନିର୍ଣ୍ଣୟ କରନ୍ତି । ମାନଦଣ୍ଡ ଦୁଇଟି ହେଉଛି- (୧) ଯଦି କୌଣସି ଦଳ ବିଧାନସଭା ନିର୍ବାଚନରେ ୬% ଭୋଟ ବା ଆସନ ହାସଲ କରିଥିବ, (୨) ଲୋକସଭା ନିର୍ବାଚନରେ ଅତି କମରେ ଚାରୋଟି ରାଜ୍ୟରେ ୬% ଭୋଟ ବା ଆସନ ହାସଲ କରିଥିବ ।

ଜାତୀୟ ଦଳ ଗୁଡିକ ପ୍ରାୟତଃ ଅଧିକାଂଶ ଅଞ୍ଚଳରେ ଦୃଷ୍ଟିଗୋଚର ହୁଅନ୍ତି । ଜାତୀୟ ହିତ ଜାତୀୟବାଦୀ ଦଳଗୁଡ଼ିକର ମୁଖ୍ୟ ଲକ୍ଷ୍ୟ । ସେଗୁଡିକୁ ସର୍ବଭାରତୀୟ ଦଳ ମଧ୍ୟ କୁହାଯାଏ । ସେମାନଙ୍କର ରାଜନୈତିକ ଆଦର୍ଶ, କାର୍ଯ୍ୟସୂଚୀ ଓ ସଂଗଠନରେ ଜାତୀୟ ଦୃଷ୍ଟିକୋଣର ପ୍ରତିଫଳିତ ହୋଇଥାଏ ।

ଆଞ୍ଚଳିକ ଦଳ ଗୋଟିଏ ବା କିଛି ରାଜ୍ୟ ବା ଅଞ୍ଚଳରେ ଦେଖାଯାଆନ୍ତି । ସେଗୁଡିକର ସୃଷ୍ଟି ହେବାର ଭିନ୍ନ ଭିନ୍ନ କାରଣ ରହିଥାଏ । ଯଥା, ଜାତୀୟ ଦଳ ମାନଙ୍କର ଆଞ୍ଚଳିକ ହିତକୁ ସାମିଲ କରିବାରେ ଅସଫଳତା, ବିକାଶ କିମ୍ବା କ୍ଷମତା ଭାଗିଦାରୀ ଦୃଷ୍ଟିରୁ ଏକ ଅଞ୍ଚଳର ଅବହେଳା, ଏକ ଅଞ୍ଚଳର ଆଞ୍ଚଳିକ ଓ ସାଂସ୍କୃତିକ ପରିଚୟର ସୁରକ୍ଷା ପାଇଁ ଆଞ୍ଚଳିକ ଦଳ ଗୁଡିକର ଅଭ୍ୟୁଦୟ ହୋଇଥାଏ । ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କାରଣ ଗୁଡିକ ଆଞ୍ଚଳିକ ଦଳ ଗୁଡିକର ସୃଷ୍ଟି ଓ ବୃଦ୍ଧି ପାଇଁ ଦାୟୀ । ଉପରୋକ୍ତ ଯେ କୌଣସି କାରଣର ଆଖିଦୃଶିଆ ଭୂମିକା ସେ ସମୟର ରାଜନୈତିକ ପରିସ୍ଥିତି ଉପରେ ନିର୍ଭର କରିଥାଏ । ଭାରତ ଗୋଟିଏ ବିଭିନ୍ନତାର ଦେଶ । ଏଠାରେ ବହୁ ଗୁଡିଏ ଭାଷା, ଧର୍ମ, ବର୍ଣ୍ଣର ଲୋକ ବାସ କରନ୍ତି । ଜାତୀୟ ଦଳ ଗୁଡିକ ସମସ୍ତ ବିଭିନ୍ନତାକୁ ଓ ତାର ଅଭିଳାଷ ଗୁଡିକୁ ସାମିଲ କରିବାରେ ଅସମର୍ଥ ହୋଇଥାନ୍ତି ତେଣୁ ବହୁ ଗୋଷ୍ଠୀଙ୍କର ମନରେ କାଳ୍ପନିକ ବା ବାସ୍ତବିକ ଅବହେଳା ଭାବନାର ଉଦ୍ରେକ ହୋଇଥାଏ । ପୁନଶ୍ଚ, ଦେଶର କେତେକ ଅଞ୍ଚଳ ଅତି ବିକଶିତ ହୋଇଥିଲାବେଳେ ଅନେକ ଅଞ୍ଚଳ ଅବିକଶିତ ରହିଛି । ଏପରି ଅସମ ବିକାଶ ଆଞ୍ଚଳିକତା, ଓ ଆଞ୍ଚଳିକ ଦଳ ସୃଷ୍ଟି ହେବାର ମୂଳ କାରଣ ହୋଇଥାଏ । ଅଞ୍ଚଳ, ଜାତି ଇତ୍ୟାଦି ଦୃଷ୍ଟିରୁ, ଏକା ପ୍ରକାର କୁଳୀନ ଗୋଷ୍ଠୀର ଆଧିପତ୍ୟ ଅନ୍ୟମାନଙ୍କର କ୍ଷୋଭ ଓ ଗାତ୍ରଦାହର କାରଣ ହୋଇ ରାଜନୈତିକ ଆଞ୍ଚଳିକତାବାଦକୁ ଜନ୍ମ ଦିଏ । ପକ୍ଷାନ୍ତରେ, ଭାରତୀୟ ସଂଘୀୟ ବ୍ୟବସ୍ଥାର କେନ୍ଦ୍ରୀକରଣ, ରାଜ୍ୟ ମାନଙ୍କର ପ୍ରତ୍ୟନ୍ତକରଣ କରାଇଥାଏ ଏବଂ ଆଞ୍ଚଳିକ ଦଳ ଗଠନର ଯଥାର୍ଥତାକୁ ବଳ ଦେଇଥାଏ ।

ଭାରତର ମୁଖ୍ୟ ଆଞ୍ଚଳିକ ଦଳ ଗୁଡିକ ହେଲା ଦ୍ରାବିଡା ମୁନ୍ନେତ୍ରା କଡଗମ (DMK), ସର୍ବ ଭାରତୀୟ ଦ୍ରାବିଡା ମୁନ୍ନେତ୍ରା କଡଗମ, ଶିରୋମଣି ଅକାଳୀ ଦଳ, ନେସନାଲ କନଫରେନସ୍, ତେଲୁଗୁ ଦେଶମ୍ ପାର୍ଟୀ, ବିଜୁ ଜନତା ଦଳ,ଅହୋମ ଗଣ ସଂଗ୍ରାମ ପରିଷଦ, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା, ଶିବ ସେନା, ତୃଣମୂଳ କଂଗ୍ରେସ, ତେଲେଙ୍ଗାନା ରାଷ୍ଟ୍ରୀୟ ସମିତି ଇତ୍ୟାଦି । ଆଞ୍ଚଳିକ ଦଳ ଗୁଡିକ ସେମାନଙ୍କର ମୂଳଦୁଆ, ବିଚାରଧାରା ଓ କାର୍ଯ୍ୟସୂଚୀରେ ପରସ୍ପରଠାରୁ ଭିନ୍ନ । ଆଞ୍ଚଳିକ ଦଳ ଗୁଡିକର ବିଚାରଧାରା, ଲକ୍ଷ୍ୟ ଓ ରାଜନୈତିକ କୌଶଳକୁ ସେମାନେ କାର୍ଯ୍ୟ କରୁଥିବା ଐତିହାସିକ ପୃଷ୍ଠଭୂମି, ସାମାଜିକ-ସାଂସ୍କୃତିକ ଓ ଅର୍ଥନୈତିକ କାରଣ ଏବଂ ରାଜନୈତିକ ପରିସ୍ଥିତି ପ୍ରଭାବିତ କରିଥାଏ । ତଥାପି, ସେମାନେ ସର୍ବଦା ନିଜର ମୂଳ ସମର୍ଥକଙ୍କୁ ସନ୍ତୁଷ୍ଟ କରି ରଖିବାକୁ ଚେଷ୍ଟା କରିଥାନ୍ତି ।

ବିଜୁ ଜନତା ଦଳ : ଓଡିଶାର ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକଙ୍କ ତିରୋଧାନ ପରେ, ୨୬ ଡିସେମ୍ବର ୧୯୯୭ ମସିହାରେ ବିଜୁ ଜନତା ଦଳର ସ୍ଥାପନା ହୋଇଥିଲା । ଏହି ଦଳ ଓଡିଶାର ହିତ ସାଧନ ପାଇଁ ସଂଘର୍ଷ କରୁଛି ଓ ସେଥିପାଇଁ କେନ୍ଦ୍ର ସରକାର ଦ୍ୱାରା ବିଶେଷ ପାହ୍ୟା ପ୍ରଦେଶ ଭାବରେ ମାନ୍ୟତା ପାଇବାକୁ ଲଢେଇ ଜାରୀ ରଖିଛି । ଗତ ପାଞ୍ଚଟି ନିର୍ବାଚନରେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସଂଖ୍ୟାଗରିଷ୍ଠତା ହାସଲ କରି ଦଳ ଓଡିଶାକୁ ଶାସନ କରୁଛି । ଓଡିଆତ୍ୱ ପରିଚୟ, ପ୍ରଦେଶର ବିସ୍ତୃତ ବିକାଶ; କେନ୍ଦ୍ରରୁ ଅଧିକ ଅନୁଦାନ, ବିଶେଷ ପାହ୍ୟା ପ୍ରଦେଶ ମାନ୍ୟତା ଏବଂ ରାଜ୍ୟଗୁଡିକ ପାଇଁ ସଂଘୀୟ ବ୍ୟବସ୍ଥାରେ ଅଧିକ ସୁବିଧା, ଧର୍ମନିରପେକ୍ଷତା, ନାରୀ ସଶକ୍ତିକରଣ ଇତ୍ୟାଦି ଏହାର ମୁଖ୍ୟ ବିଚାରଧାରାର ଅଂଶ । ମଧୁସୂଦନ ଦାସ, ଗୋପାବନ୍ଧୁ ଦାସ, ରମାଦେବୀ, ମାଳତୀ ଚୌଧୁରୀ ଓ ବିଜୁ ପଟ୍ଟନାୟକଙ୍କ ଭଳି ପ୍ରଖ୍ୟାତ ବ୍ୟକ୍ତିତ୍ୱଙ୍କର ଆଦର୍ଶକୁ ନିଜ କାର୍ଯ୍ୟତାଲିକାରେ ସାମିଲ କରିଛି ।

ଗତ ଚାରି ଦଶନ୍ଧିର ମେଣ୍ଟ ରାଜନୀତି ଆଞ୍ଚଳିକ ଦଳଗୁଡିକୁ ଭାରତୀୟ ରାଜନୀତିର ମୁଖ୍ୟ ରାଜନୈତିକ ମଞ୍ଚରେ ଦଣ୍ଡାୟମାନ କରାଇଛି । ସେହି ପ୍ରକ୍ରିୟା ଯୋଗୁଁ ଉଭୟ ଜାତୀୟ ଓ ଆଞ୍ଚଳିକ ଦଳମାନେ ସରକାର ଗଠନ କରିବା ଉଦ୍ଦେଶ୍ୟରେ ପରସ୍ପରର ଆଭିମୁଖ୍ୟରେ ବୁଝାମଣା କରିଛନ୍ତି । ଆଞ୍ଚଳିକ ଦଳ ସେମାନଙ୍କର ମୂଲଚାଲ କରିବାର ଶକ୍ତି ବୃଦ୍ଧି କରିପାରିଛନ୍ତି । ରାଜନୈତିକ ଦଳମାନଙ୍କ ଉପରେ ମଧ୍ୟବିତ୍ତ ବର୍ଗର କାୟାର ଅଭିବୃଦ୍ଧି, ସାଧାରଣ ଲୋକଙ୍କର ରାଜନୈତିକ ସଚେତନତା ବୃଦ୍ଧି- ବିଶେଷତଃ ବଞ୍ଚିତ ବର୍ଗର ଚାପ ସେମାନଙ୍କର ସମସ୍ୟାଗୁଡିକ ପ୍ରତି ଦୃଷ୍ଟି ଦେବାକୁ ବାଧ କରିଛି । ନୂତନ ଉଦାର ଜଗତୀକରଣ ନୀତିର ଅବଲମ୍ବନ ଦ୍ୱାରା ସୃଷ୍ଟ ଆର୍ଥିକ ଅସମାନତା ମଧ୍ୟ ରାଜନୈତିକ ଦଳ ଗୁଡିକ ଉପରେ ପ୍ରଭାବ ପକାଇଛି । ରାଜନୈତିକ ଦଳ ଗୁଡିକର ଦାୟିତ୍ୱ ଯେ ସେମାନେ ସାଧାରଣ ଲୋକ, ବିଶେଷତଃ ସମାଜର ପ୍ରାନ୍ତସ୍ଥ ଲୋକଙ୍କର ସମସ୍ୟାର ଉପସ୍ଥାପନ ଓ ସମାଧାନ କଥା କହିବେ । ଅନ୍ୟଥା ସେମାନେ ଲୋକଙ୍କର ନିରନ୍ତର ସମର୍ଥନ ପାଇବାରେ ଅସମର୍ଥ ହେବେ । ଉତ୍ତମ ପ୍ରଶାସନ, ସମସ୍ତଙ୍କର ବିକାଶ,ଦାୟୀତ୍ୱବୋଧତା ଆଜିକାଲିକା ରାଜନୈତିକ ଦଳଗୁଡିକ ପାଇଁ ମୁଖ୍ୟ ଆହ୍ୱାନ । କହିବା ବାହୁଲ୍ୟଯେ ଲୋକଙ୍କର ଯେତେ ଅଧିକ ଗଣତାନ୍ତ୍ରିକ ଭାଗୀଦାରୀ ଓ ଗଣତାନ୍ତ୍ରିକ ସଚେତନତା ଆସିବ, ଦଳଗୁଡିକ ଆହୁରି ଗଣତାନ୍ତ୍ରିକ ହେବେ ।

ପୃଥିବୀର ଯେତେ ସଂଘୀୟ ଗଣତନ୍ତ୍ର ଅଛି, ସେଠାରେ ଦୁଇ ପ୍ରକାରର ଦଳ ଦେଖାଯାଆନ୍ତି: କିଛି ଦଳ ଯେଉଁଗୁଡିକ କେବଳ ଗୋଟିଏ ରାଜ୍ୟରେ ଦେଖାଯାଆନ୍ତି, ଓ ଅନ୍ୟ କେତେକ ଦଳ ଯାହା ରାଷ୍ଟ୍ରସଂଘର ବହୁ ରାଜ୍ୟରେ ବା ସମସ୍ତ ରାଜ୍ୟରେ ଦେଖାଯାଅନ୍ତି । ଭାରତରେ ଦ୍ୱିତୀୟ ପ୍ରକାରର ଦଳ ଦେଖାଯାଆନ୍ତି । କେତୋଟି ଦଳ ସାରା ଭାରତରେ ଦେଖାଯାଆନ୍ତି ସେ ଗୁଡିକୁ ଜାତୀୟ ବା ରାଷ୍ଟ୍ରୀୟ ଦଳ କୁହାଯାଏ । ସେପରି ଦଳମାନଙ୍କର ବହୁଗୁଡିଏ ରାଜ୍ୟରେ ଆଞ୍ଚଳିକ ଶାଖା ଥାଏ । ତଥାପି, ସମସ୍ତ ଶାଖା, ଜାତୀୟ ସ୍ତରରେ ଯାହା ନୀତି, କାର୍ଯ୍ୟସୂଚୀ ଓ କୌଶଳ ନିର୍ଦ୍ଧାରଣ ହୁଏ, ତାକୁ ଅନୁସରଣ କରନ୍ତି ।

ପ୍ରତ୍ୟେକ ରାଜନୈତିକ ଦଳ ଭାରତର ନିର୍ବାଚନ କମିଶନ ପାଖରେ ପଞ୍ଜୀକୃତ ହୋଇଥାନ୍ତି । ଯଦ୍ୟପି କମିଶନ ସମସ୍ତ ଦଳକୁ ସମାନ ପ୍ରକାର ଆଚରଣ ଦେଖାନ୍ତି, ପୁରୁଣା ଓ ପ୍ରତିଷ୍ଠିତ ଦଳଗୁଡିକ ପାଇଁ କିଛି ବିଶେଷ

ସୁବିଧା ଦେଇଥାନ୍ତି । ଦଳଗୁଡ଼ିକୁ କିଛି ବିଶିଷ୍ଟ ନିର୍ବାଚନ ଚିହ୍ନ ଦିଅନ୍ତି- ବିଶିଷ୍ଟ ନିର୍ବାଚନ ଚିହ୍ନକୁ କେବଳ ଦଳର ପ୍ରାମାଣିକ ପ୍ରାର୍ଥୀ ବ୍ୟବହାର କରିପାରିବେ । ନିର୍ବାଚନ କମିଶନ ଯେଉଁ ଦଳମାନଙ୍କୁ 'ସ୍ୱୀକୃତି' ଦିଅନ୍ତି ସେହି ଦଳ ଗୁଡ଼ିକହିଁ ବିଶେଷ ସୁବିଧା ପାଇପାରିବେ । ସେଥିପାଇଁ ନିର୍ବାଚନ କମିଶନ ରାଜନୈତିକ ଦଳଗୁଡ଼ିକୁ କେତେ ଅନୁପାତ ଭୋଟ ବା ଆସନ ହାସଲ କଲେ ତାଂ'ର ହକଦାର ହେବେ, ତା'ର ବିଧିବଦ୍ଧ ମାନଦଣ୍ଡ ନିର୍ଦ୍ଧାରଣ କରିଅଛନ୍ତି । ଯେଉଁ ଦଳ ବିଧାନ ସଭା ନିର୍ବାଚନରେ ଅତି କମରେ ସମଗ୍ର ଭୋଟର ୬% ତଥା ଅନ୍ୟୁନ ୨ ଟି ଆସନ ପାଇଥାଆନ୍ତି ସେଗୁଡ଼ିକୁ ରାଜ୍ୟ ଦଳ ଭାବରେ 'ସ୍ୱୀକୃତି' ଦିଆଯାଏ । ଯେଉଁ ଦଳ ଲୋକ ସଭା ବା ଚାରୋଟି ରାଜ୍ୟ ବିଧାନ ସଭା ନିର୍ବାଚନରେ ଅତି କମରେ ସମଗ୍ର ଭୋଟର ୬% ତଥା ଅନ୍ୟୁନ ୪ ଟି ଆସନ ପାଇଥାଆନ୍ତି ତା'ଙ୍କୁ ଜାତୀୟ ଦଳର 'ସ୍ୱୀକୃତି' ମିଳିଥାଏ ।

ଏହି ଶ୍ରେଣୀ ବିଭାଗ ଅନୁସାରେ ଦେଶରେ ୭ ଗୋଟି ଜାତୀୟ ଦଳ ଅଛନ୍ତି । ତା ମଧ୍ୟରୁ ଆମେ ଚାରୋଟି ଦଳ ବିଷୟରେ ସଂକ୍ଷିପ୍ତ ଆଲୋକପାତ କରିବା ।

**ଭାରତୀୟ ଜାତୀୟ କଂଗ୍ରେସ ଦଳ :** ସାଧାରଣରେ କଂଗ୍ରେସ ଦଳ ଭାବରେ ଜଣାଶୁଣା ଏହି ଦଳ ପୃଥିବୀର ସର୍ବ ପୁରାତନ ଦଳମାନଙ୍କ ମଧ୍ୟରୁ ଗୋଟିଏ । ୧୮୮୫ ମସିହାରେ ସ୍ଥାପିତ ଏହି ଦଳ ବହୁବାର ବିଖଣ୍ଡିତ ହୋଇଛି । ଭାରତର ସ୍ୱାଧୀନତା ପରବର୍ତ୍ତୀ ବହୁ ଦଶନ୍ଧି ଧରି ଏହା ଜାତୀୟ ଓ ପ୍ରାଦେଶିକ ସ୍ତରର ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ନେହେରୁଙ୍କର ନେତୃତ୍ୱରେ ଏହି ଦଳ ଭାରତରେ ଏକ ଆଧୁନିକ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ପ୍ରଜାତନ୍ତ୍ର ସ୍ଥାପନ କରିବାକୁ ଚେଷ୍ଟା କରିଥିଲା । ୧୯୫୦ ମସିହାରୁ ୧୯୭୭ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ କେନ୍ଦ୍ରରେ ସରକାର କରିଥିଲା । ପୁନଶ୍ଚ, ୧୯୮୦ରୁ ୧୯୯୯ ପର୍ଯ୍ୟନ୍ତ କେନ୍ଦ୍ରରେ ସରକାର ଗଠନ କରିଥିଲା । ତାପରେ ଏହି ଦଳର ସମର୍ଥନ ହ୍ରାସ ହେବାରେ ଲାଗିଛି । ୨୦୧୪ ନିର୍ବାଚନ ଦଳ ପାଇଁ ସବୁଠାରୁ ଖରାପ ସମୟ ଭାବରେ ଦେଖାଦେଇଛି । ଏହି ଦଳ ମାତ୍ର ୪୫ ଆସନ ପାଇଥିବାରୁ ବିରୋଧୀ ଦଳ ନେତା ପଦବୀ ମଧପାଇନାହିଁ । ପତନ ସତ୍ତ୍ୱେ, ଦେଶର ସମସ୍ତ ଭୌଗୋଳିକ ଅଞ୍ଚଳ ଓ ସମାଜର ସମସ୍ତ ସ୍ତରରେ ଏହାର ଉପସ୍ଥିତି ରହିଛି । ଆଦର୍ଶ ଦୃଷ୍ଟିରୁ ଏହା ଏକ ମଧ୍ୟମ ପନ୍ଥୀ ଦଳ (ଚରମ କି ରକ୍ଷଣଶୀଳ ନୁହେଁ )। ସମାଜର ଦୁର୍ବଳ ଓ ସଂଖ୍ୟାଲଘୁ ଗୋଷ୍ଠୀର ମଙ୍ଗଳ ଏବଂ ଧର୍ମନିରପେକ୍ଷତା କୁ ଦଳ ପୃଷ୍ଠପୋଷକତା କରିଥାଏ । ମାନବିକ ଦୃଷ୍ଟିଭଙ୍ଗୀ ସହ ନୂତନ ଆର୍ଥିକ ସୁଧାର ସପକ୍ଷରେ କହେ ।

**ଭାରତୀୟ ଜନତା ଦଳ :** ପୂର୍ବତନ ଜନସଂଘକୁ ୧୯୮୦ ରେ ପୁନର୍ଜୀବିତ କରାଯାଇ ଭାରତୀୟ ଜନତା ଦଳର ସ୍ଥାପନା ହୋଇଥିଲା । ଏହା ପ୍ରାଚୀନ ସଂସ୍କୃତି ଓ ମୂଲ୍ୟବୋଧରୁ ପ୍ରେରଣା ନେଇ ଭାରତକୁ ଏକ ଆଧୁନିକ ଓ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ଗଠନ କରିବାକୁ ଚାହେଁ । ଭାରତୀୟ ଜାତୀୟତାବାଦ ତତ୍ତ୍ୱ ଓ ରାଜନୀତିରେ ସାଂସ୍କୃତିକ ଜାତୀୟତାବାଦ (ହିନ୍ଦୁତ୍ୱ) ଏହି ଦଳର ବିଚାରଧାରାର ମୌଳିକ ଉପାଦାନ । ଭୌଗୋଳିକ ଓ ରାଜନୈତିକ ଦୃଷ୍ଟିରୁ ଜାମ୍ମୁ ଓ କାଶ୍ମୀରକୁ ଭାରତର ଅଭିନ୍ନ ଅଂଶ ଭାବରେ ଏକୀକରଣ, ସାରା ଭାରତରେ ଧର୍ମ ନିର୍ବିଶେଷରେ ଏକ ଦେୱାନୀ ଆଇନର ପ୍ରଚଳନ ଏବଂ ସମସ୍ତ ପ୍ରକାର ଧର୍ମ ପରିବର୍ତ୍ତନ ଉପରେ ନିଷେଧାଦେଶରେ ବିଶ୍ୱାସ ରଖେ । ୧୯୯୦ ଦଶକରେ ଏହି ଦଳ ପ୍ରତି ଜନ ସମର୍ଥନ ପ୍ରଚୁର ବୃଦ୍ଧି ପାଇଥିଲା । ଯଦ୍ୟପି, ପ୍ରଥମେ ଦେଶର

ଉତ୍ତର ଓ ପଶ୍ଚିମ ଅଂଶ ଓ ସହରାଞ୍ଚଳରେ ଅଭ୍ୟୁଥାନ ହୋଇଥିବା ଏହି ଦଳ ବର୍ତ୍ତମାନ ଦକ୍ଷିଣ-ପୂର୍ବ, ଉତ୍ତର-ପୂର୍ବ ଓ ଗ୍ରାମାଞ୍ଚଳରେ ମଧ୍ୟ ନିଜ ସପକ୍ଷରେ ସମର୍ଥନ ହାସଲ କରିପାରୁଛି । ୧୯୯୮ରେ ପ୍ରଥମେ ଜାତୀୟ ଗଣତାନ୍ତ୍ରିକ ଗୋଷ୍ଠୀର (NDA) ନେତା ହିସାବରେ କେନ୍ଦ୍ରରେ ଓ କେତେକ ରାଜ୍ୟରେ କ୍ଷମତାକୁ ଆସିଥିଲା । ୨୦୦୪ ରେ ନିର୍ବାଚନରେ ସଂଖ୍ୟା ଗରିଷ୍ଠତା ନପାଇ ବିରୋଧୀ ଦଳ ଭାବରେ ଥିଲା । କିନ୍ତୁ ବର୍ତ୍ତମାନ ୨୦୧୪ ନିର୍ବାଚନରେ ୨୭୯ଆସନ ହାସଲ କରି National Democratic Allianceରେ ଅଗ୍ରଣୀ ଦଳ ଭାବରେ କେନ୍ଦ୍ରରେ ଓ ବହୁ ରାଜ୍ୟରେ ଶାସନ କରୁଛି ।

**ବହୁଜନ ସମାଜ ଦଳ:** ୧୯୮୪ ରେ କାଂଶିରାମଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା । ବହୁଜନସମାଜ ଦଳ ଯେଉଁଥିରେ ଦଳିତ, ଆଦିବାସୀ, ପଛୁଆ ବର୍ଗ ଓ ସଂଖ୍ୟାଲଘୁ ଗୋଷ୍ଠୀ ସମ୍ମିଳିତ, ପ୍ରତିନିଧିତ୍ୱ କରି ସେମାନଙ୍କର ରାଜନୈତିକ କ୍ଷମତା ହାସଲ କରାଇବାରେ ସର୍ବଦା ଚେଷ୍ଟିତ । ଏହି ଦଳ ସାହୁ ମହାରାଜ, ମହାତ୍ମା ଫୁଲେ, ପେରିୟାର ରାମସ୍ୱାମୀ ନାଇକର ଓ ବାବା ସାହେବ ଆମ୍ବେଦକର ଇତ୍ୟାଦିଙ୍କର ଆଦର୍ଶ ଓ ରଚନାବଳୀରୁ ଅନୁପ୍ରେରଣା ନେଉଛି । ଏହା ଦଳିତ ଏବଂ ଶୋଷିତ ମାନଙ୍କର ସ୍ୱାର୍ଥ ହାସଲ ଓ ହିତ ସାଧନ କଥା କହିଥାଏ । ଏହାର ମୁଖ୍ୟ ସମର୍ଥନ ଉତ୍ତର ପ୍ରଦେଶରେ ରହିଥିଲେ ମଧ୍ୟ ପଡୋଶୀ ମଃ ପ୍ରଦେଶ, ଛତିଶଗଡ, ଦିଲ୍ଲୀ, ଉତ୍ତରାଖଣ୍ଡ ଓ ପଞ୍ଜାବ ଇତ୍ୟାଦି ରାଜ୍ୟ ମାନଙ୍କରେ ଯଥେଷ୍ଟ ଉପସ୍ଥିତି ରହିଛି । ଉତ୍ତରପ୍ରଦେଶରେ ଏହା ବିଭିନ୍ନ ଦଳମାନଙ୍କର ସହଯୋଗରେ ବହୁବାର ସରକାର ଗଠନ କରିଛି । ୨୦୦୪ ଲୋକ ସଭା ନିର୍ବାଚନରେ ଏହା ୫% ଭୋଟ ଓ ୧୯ ଟି ଆସନ ପାଇଥିଲା । ୨୦୧୪ ନିର୍ବାଚନରେ ଏହି ଦଳ ଗୋଟିଏ ମଧ୍ୟ ଆସନ ପାଇନାହିଁ ।

**ଭାରତୀୟ କମ୍ୟୁନିଷ୍ଟ ଦଳ (ମାର୍କ୍ସବାଦୀ):** ୧୯୬୪ ରେ ସ୍ଥାପିତ ହୋଇଥିଲା । ଏହା ମାର୍କ୍ସବାଦ-ଲେନିନବାଦରେ ବିଶ୍ୱାସ କରେ; ସମାଜବାଦ, ଧର୍ମନିରପେକ୍ଷତାବାଦ ଓ ଗଣତନ୍ତ୍ରରେ ବିଶ୍ୱାସ ରଖେ ଏବଂ ସାମ୍ରାଜ୍ୟବାଦ ଓ ସାମ୍ପ୍ରଦାୟିତାବାଦର ବିରୋଧ କରିଥାଏ; ଭାରତରେ ସାମାଜିକ ଓ ଆର୍ଥିକ ନ୍ୟାୟ ଲକ୍ଷ୍ୟର ହାସଲ ପାଇଁ ଗଣତାନ୍ତ୍ରିକ ନିର୍ବାଚନ ପଦ୍ଧତିର ଉପଯୋଗିତା ଓ ସହାୟତାରେ ବିଶ୍ୱାସ ରଖେ । ତ୍ରିପୁରା, କେରଳ ଓ ପଶ୍ଚିମ ବଙ୍ଗରେ ଏହି ଦଳକୁ, ବିଶେଷକରି ଗରିବ ଲୋକଙ୍କର ସମର୍ଥନ ମିଳିଥାଏ ।

**ବ୍ୟବହୃତ ଶବ୍ଦ:**

*ପ୍ରତ୍ୟନ୍ତ:* ପ୍ରାନ୍ତରେ ଅବସ୍ଥିତ

*ପ୍ରତ୍ୟନ୍ତକରଣ:* ମୁଖ୍ୟଧାରାରୁ ବହିଷ୍କୃତ, ପ୍ରାନ୍ତରେ ସ୍ଥାପିତ ଅବହେଳାର ଶିକାର ହେବା

## ସଂକ୍ଷିପ୍ତ ସୂଚନା

➾ ସମଭାବାପନ୍ନ ବ୍ୟକ୍ତିମାନଙ୍କର ସମାହାରକୁ ରାଜନୈତିକ ଦଳ କୁହାଯାଏ । ସାମାଜିକ, ଅର୍ଥନୈତିକ, ରାଜନୈତିକ ତଥା ସାଂସ୍କୃତିକ ସମସ୍ୟାଗୁଡ଼ିକର ଉତ୍ପତ୍ତି ଓ ସମାଧାନର ମାର୍ଗ ସମ୍ବନ୍ଧରେ ପ୍ରତ୍ୟେକ ରାଜନୈତିକ ଦଳ ସେମାନଙ୍କର ନିର୍ଦ୍ଦିଷ୍ଟ ବିଚାର ରଖିଥାନ୍ତି ।

- ଏହାର ଲକ୍ଷଣଗୁଡ଼ିକ ହେଲା (କ) ନିର୍ଦ୍ଦିଷ୍ଟ ନୀତି, ଆଦର୍ଶ ଏବଂ କାର୍ଯ୍ୟକ୍ରମ (ଖ) ସ୍ଥାୟୀ ସଂଗଠନ (ଗ) ସାମ୍ବିଧାନିକ ମାର୍ଗ (ଘ) କ୍ଷମତାଲାଭ ପାଇଁ ନିରବଚ୍ଛିନ୍ନ ଉଦ୍ୟମ (ଙ) ଉଚ୍ଚ ନେତୃମଣ୍ଡଳୀଙ୍କ ଦ୍ୱାରା ମାର୍ଗ ଦର୍ଶନ (ଚ) ରାଷ୍ଟ୍ରର ସ୍ୱାର୍ଥକୁ ପ୍ରାଥମିକତା ପ୍ରଦାନ କରିବା।
- ଏହାର କାର୍ଯ୍ୟ (କ) ଏହା ଗଣତନ୍ତ୍ରର ପ୍ରଧାନ ଅସ୍ତ୍ର (ଖ) ଜନମତକୁ ସଂଗଠିତ କରିବା (ଗ) ନୀତି/ଆଦର୍ଶ ନିର୍ଦ୍ଧାରଣ କରିବା (ଘ) ରାଜନୈତିକ ସ୍ଥିରତା ରକ୍ଷା କରିବା (ଙ) କ୍ଷମତା ହାସଲ ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଜାରି ରଖିବା (ଚ) ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବା।
- ଦଳୀୟ ବ୍ୟବସ୍ଥା ମାଧ୍ୟମରେ ଗଣତନ୍ତ୍ର କାର୍ଯ୍ୟ କରିଥାଏ। ଏହି ରାଜନୈତିକ ଦଳମାନେ ଏକ ଦଳୀୟ, ଦ୍ୱିଦଳୀୟ ଏବଂ ବହୁଦଳୀୟ ଏହିଭଳି ତିନି ଭାଗରେ ବିଭକ୍ତ ହୋଇଥାନ୍ତି। ଗୋଟିଏ ମୁଖ୍ୟ ରାଜନୈତିକ ଦଳଥିଲେ ତାହାକୁ ଏକ ଦଳୀୟ ବ୍ୟବସ୍ଥା, ଦୁଇଟି ମୁଖ୍ୟ ରାଜନୈତିକ ଦଳ ଥିଲେ ତାହାକୁ ଦ୍ୱିଦଳୀୟ ବ୍ୟବସ୍ଥା ଏବଂ ଦୁଇରୁ ଅଧିକ ରାଜନୈତିକ ଦଳ ଥିଲେ ତାହାକୁ ବହୁଦଳୀୟ ବ୍ୟବସ୍ଥା କୁହାଯାଏ।
- ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ବିରୋଧୀ ଦଳ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଏହା ସରକାରଙ୍କ ଦୋଷ ତ୍ରୁଟି ଦର୍ଶାଇବା ସଙ୍ଗେ ସଙ୍ଗେ ତାହାର ସମାଲୋଚନା ମଧ୍ୟ କରିଥାଏ। ମୁଲତବୀ ପ୍ରସ୍ତାବ, କାଟ ପ୍ରସ୍ତାବ, ଅନାସ୍ଥା ପ୍ରସ୍ତାବ ଆଦି ଜରିଆରେ ସରକାରଙ୍କ କାର୍ଯ୍ୟକୁ ନିୟନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଉତ୍ତରଦାୟୀ ମଧ୍ୟ କରିଥାଏ।
- ଭାରତବର୍ଷର ଐତିହ୍ୟ, ଜାତୀୟ ଆଦର୍ଶ, ସାଂସ୍କୃତିକ ବିଭିନ୍ନତା, ଭୌଗୋଳିକ ପରିବେଶ ଏହାର ଦଳୀୟ ବ୍ୟବସ୍ଥାର କ୍ରମବୃଦ୍ଧିକୁ ବହୁ ପରିମାଣରେ ନିୟନ୍ତ୍ରିତ କରିଛି। ଭାରତ ବର୍ଷରେ ଦଳୀୟ ବ୍ୟବସ୍ଥା ବହୁ ଉତ୍ଥାନ ପତନ ମଧ୍ୟଦେଇ ଆଜି ଏକ ଦୃଢ଼ ବହୁଦଳୀୟ ବ୍ୟବସ୍ଥାରେ ପରିଣତ ହୋଇଛି।

*ଏହି ବ୍ୟବସ୍ଥାର ବୈଶିଷ୍ଟ୍ୟ ହେଲା ଯେ –*

- ପୃଥିବୀର ଅନ୍ୟାନ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରତୁଳନାରେ ଭାରତ ବର୍ଷରେ ବହୁ ଅଧିକ ରାଜନୈତିକ ଦଳ ଦେଖାଯାନ୍ତି।
- ବୈଷମ୍ୟପୂର୍ଣ୍ଣ ଭାରତବର୍ଷରେ ଆଞ୍ଚଳିକ ଦଳର ସଂଖ୍ୟା ବେଶୀ।
- ଅଧିକ ଦଳ ଥିଲେ ମଧ୍ୟ ସେମାନେ ସାଂଗଠନିକ ଦୃଷ୍ଟିରୁ ଦୁର୍ବଳ।
- ଏହି ଦଳମାନଙ୍କରେ ଆଦର୍ଶ ଅପେକ୍ଷା ନେତୃତ୍ୱକୁ ଅଧିକ ଗୁରୁତ୍ୱ ପ୍ରଦାନ କରାଯାଏ।
- ଦଳବଦଳ ରାଜନୀତି ଭାରତୀୟ ଦଳୀୟ ବ୍ୟବସ୍ଥାକୁ ପ୍ରଭାବିତ କରିଛି।
- ଦୃଢ଼ ବିରୋଧୀଦଳର ଅଭାବ ଦଳୀୟ ବ୍ୟବସ୍ଥାର ଅନ୍ୟ ଏକ ଲକ୍ଷଣ।
- ଭାରତବର୍ଷର ଦଳମାନଙ୍କରେ ଆଭ୍ୟନ୍ତରୀଣ ଗଣତନ୍ତ୍ରର ଘୋର ଅଭାବ ଦେଖାଯାଏ।

*ଏକଦଳୀୟ ଆଧିପତ୍ୟ-*

- ସ୍ୱାଧୀନତା ପରବର୍ତ୍ତୀ ଦଳୀୟ ବ୍ୟବସ୍ଥା ବିଶେଷତଃ ପ୍ରଥମ ଦୁଇ ଦଶନ୍ଧିର ରାଜନୈତିକ ପ୍ରକ୍ରିୟାକୁ ଏକଦଳୀୟ ଆଧିପତ୍ୟ ବ୍ୟବସ୍ଥା କହିବା ସମୀଚୀନ କାରଣ ଉଭୟ କେନ୍ଦ୍ର ଏବଂ ପ୍ରାଦେଶିକ ସ୍ତରରେ କଂଗ୍ରେସ ଦଳର ସରକାରର ପ୍ରାଧାନ୍ୟ ଥିଲା ।

⇨ ଭାରତୀୟ ରାଜନୈତିକ ବ୍ୟବସ୍ଥାରେ କଂଗ୍ରେସର ଏକାଧିପତ୍ୟର ମୁଖ୍ୟ କାରଣ ହେଲା ତା'ର ଭିନ୍ନ ଭିନ୍ନ, ଆଉ ମଧ୍ୟ ଅମେଳକ ରାଜନୈତିକ ଗୋଷ୍ଠୀକୁ ଖାପଖୁଆଇ ରଖିପାରିବା ସାମର୍ଥ୍ୟ ଥିଲା ।

⇨ ବିଶାଳ ରାଜନୈତିକ ଦଳ ଭାବରେ ନୁହେଁ ବରଂ ଏକ ଉଦାରଶୀଳ ମେଣ୍ଟ ଭାବରେ ଏହା କାର୍ଯ୍ୟ କରୁଥିଲା । କଂଗ୍ରେସ ଦଳର ଏକାଧିପତ୍ୟ ତିନୋଟି ସ୍ତରରେ ଦୃଷ୍ଟିଗୋଚର ହେଉଥିଲା– କ୍ଷମତା ସ୍ତରରେ, କ୍ଷମତାର ଏକଛତିଆ କାରବାର; ସମାଜ ଓ ରାଷ୍ଟ୍ର ସମ୍ପର୍କର ଆଧାରର ନିୟନ୍ତ୍ରଣ; ଏବଂ ରାଜନୈତିକ ଆଦର୍ଶ ସ୍ତରରେ ଏକ ମଧ୍ୟମପନ୍ଥୀ ଆଦର୍ଶର ପରିପୋଷଣ ।

ମେଣ୍ଟ ରାଜନୀତି –

⇨ ରାଜନୈତିକ ଅର୍ଥରେ ଏହା ରାଜନୈତିକ ଶକ୍ତି ମାନଙ୍କର ସରକାର ଗଠନ ପାଇଁ ଏକ ସାମୟିକ ବୁଝାମଣାକୁ ବୁଝାଏ ।

⇨ ମେଣ୍ଟ ତିନି ପ୍ରକାରର: ସଂସଦୀୟ, ନିର୍ବାଚନୀୟ ଓ ସରକାର ଗଠନ ପାଇଁ ହୋଇଥାଏ ।

*ଆଞ୍ଚଳିକ ଦଳ –*

⇨ ରାଜନୈତିକ ଦଳମାନଙ୍କୁ ଭୌଗୋଳିକ ଉପସ୍ଥିତି ଅନୁଯାୟୀ ଜାତୀୟ ବା ଆଞ୍ଚଳିକ ଦଳ ଭାବରେ ଭାଗ କରାଯାଏ ।

⇨ ଆଞ୍ଚଳିକ ଦଳ ଗୋଟିଏ ବା କିଛି ରାଜ୍ୟ ବା ଅଞ୍ଚଳରେ ଦେଖାଯାଆନ୍ତି । ସେଗୁଡିକର ସୃଷ୍ଟି ହେବାର ଭିନ୍ନ ଭିନ୍ନ କାରଣ ରହିଥାଏ ।

⇨ ରାଜନୈତିକ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ କାରଣ ଗୁଡିକ ଆଞ୍ଚଳିକ ଦଳ ଗୁଡିକର ସୃଷ୍ଟି ଓ ବୃଦ୍ଧି ପାଇଁ ଦାୟୀ ।

⇨ ଅସମ ବିକାଶ ଆଞ୍ଚଳିକତା, ଓ ଆଞ୍ଚଳିକ ଦଳ ସୃଷ୍ଟି ହେବାର ମୂଳ କାରଣ ହୋଇଥାଏ ।

⇨ ଭାରତ ଗୋଟିଏ ବିଭିନ୍ନତାର ଦେଶ ।

⇨ ଦ୍ରାବିଡା ମୁନ୍ନେତ୍ରା କଡଗମ(DMK), ସର୍ବ ଭାରତୀୟ ଦ୍ରାବିଡା ମୁନ୍ନେତ୍ରା କଡଗମ, ଶିରୋମଣି ଅକାଳୀ ଦଳ, ନେସନାଲ କନଫରେନସ୍, ତେଲୁଗୁ ଦେଶମ୍ ପାର୍ଟୀ, ବିଜୁ ଜନତା ଦଳ,ଅହୋମ ଗଣ ସଂଗ୍ରାମ ପରିଷଦ, ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା, ଶିବ ସେନା, ତୃଣମୂଳ କଂଗ୍ରେସ, ତେଲେଙ୍ଗାନା ରାଷ୍ଟ୍ରୀୟ ସମିତି ଇତ୍ୟାଦି । ଆଞ୍ଚଳିକ ଦଳ ଗୁଡିକ ସେମାନଙ୍କର ମୂଳଦୁଆ, ବିଚାରଧାରା ଓ କାର୍ଯ୍ୟସୂଚୀରେ ପରସ୍ପରଠାରୁ ଭିନ୍ନ ।

# ଆଦର୍ଶ ପ୍ରଶ୍ନାବଳୀ

## ବିଭାଗ - କ

**ବିକଳ୍ପ ଉତ୍ତର ଗୁଡିକରୁ ସଠିକ ଉତ୍ତର ଚୟନ :**

୧. କେଉଁଗୁଡିକ ରାଜନୈତିକ ଦଳର କାର୍ଯ୍ୟକଳାପ ନୁହେଁ? ସଠିକ୍ ଉତ୍ତର ବାଛି ସଂକେତ ଅନୁସାରେ ଉତ୍ତର ଦିଅ ।

A. ନିର୍ବାଚନରେ ପ୍ରତିଦ୍ୱନ୍ଦିତା
B. ଜନମତ ଜାଗରଣ
C. ଦେଶର ବଜେଟ ପ୍ରସ୍ତୁତି
D. ଦେଶର ଯୋଜନା ପ୍ରସ୍ତୁତି

ସଂକେତ : (i) AB (ii) BC (iii) CD (iv) DA

୨. ନିମ୍ନରେ ଦଳୀୟ ବ୍ୟବସ୍ଥା ସହିତ ଦେଶର ନାମ ଲେଖାଯାଇଛି । ଦୁଇଟି ଭୁଲ ଓ ଦୁଇଟି ଠିକ୍ । ଠିକ୍‌ଟି ବାଛି ସଂକେତ ଅନୁସାରେ ଉତ୍ତର ଦିଅ ।

| | ଦଳୀୟ ବ୍ୟବସ୍ଥା | | ଦେଶ |
|---|---|---|---|
| A. | ଏକ ଦଳୀୟ | - | ଭାରତ, ଚିନ, ରୁଷିଆ, ଇରାନ୍, ଜାପାନ |
| B. | ଦ୍ୱି-ଦଳୀୟ | - | ଯୁକ୍ତରାଷ୍ଟ୍ର ଆମେରିକା, ଗ୍ରେଟ ବ୍ରିଟେନ |
| C. | ତ୍ରି-ଦଳୀୟ | - | ଭାରତ, ପାକିସ୍ଥାନ, ବଙ୍ଗଳାଦେଶ |
| D. | ବହୁଦଳୀୟ | - | ଭାରତ, ଫ୍ରାନ୍‌ସ, ଜର୍ମାନୀ |

ସଂକେତ : (i) AB (ii) BC (iii) CD (iv) DA

୩. ନିମ୍ନୋକ୍ତ ମଧ୍ୟରୁ କେଉଁ ଦୁଇଟି ଜାତୀୟ ଦଳ ନୁହେଁ? ସଂକେତ ଅନୁସାରେ ଉତ୍ତର ଦିଅ ।

A. କଂଗ୍ରେସ
B. ଶିବସେନା
C. ବିଜେପି
D. ବିଜେଡ଼ି

ସଂକେତ : (i) AB (ii) BC (iii) CD (iv) BD

୪. ଭାରତରେ ଦଳୀୟ ବ୍ୟବସ୍ଥାରେ ବର୍ତ୍ତମାନ କେଉଁ କେଉଁ ଲକ୍ଷଣ ନାହିଁ? ସଂକେତ ଅନୁସାରେ ଉତ୍ତର ଦିଅ।

A. ଦୃଢ଼ ବିରୋଧୀ ଦଳ
B. ମେଣ୍ଟ ରାଜନୀତି

C. ଆଭ୍ୟନ୍ତରୀଣ ଗଣତନ୍ତ୍ର

D. ବହୁଦଳର ଉପସ୍ଥିତି

ସଂକେତ : (i) AB (ii) BC (iii) AC (iv) BD

## ବିଭାଗ-ଖ

**ସଂକ୍ଷେପରେ ଲେଖ :**

୧. 'ରାଜନୈତିକ ଦଳ' କହିଲେ କ'ଣ ବୁଝାଯାଏ ?
୨. 'ଏକକ-ରାଜନୈତିକ ଦଳ'ର ଅର୍ଥ କ'ଣ ?
୩. 'ଦ୍ୱି-ଦଳୀୟ' ବ୍ୟବସ୍ଥା କାହାକୁ କୁହାଯାଏ ?
୪. 'ବହୁଦଳୀୟ' ବ୍ୟବସ୍ଥା କାହାକୁ କୁହାଯାଏ ?
୫. 'ଜାତୀୟ ଦଳ' ବୋଲି କାହାକୁ କୁହାଯାଏ ?
୬. 'ଆଞ୍ଚଳିକ ଦଳ' କହିଲେ କ'ଣ ବୁଝାଯାଏ ?
୭. 'ଦ୍ୱି-ଦଳୀୟ' ବ୍ୟବସ୍ଥା ଥିବା କେତେକ ଦେଶର ନାମ ଉଲ୍ଲେଖ କର ।
୮. ମେଣ୍ଟ ରାଜନୀତି (Coalition Politics) କାହାକୁ କୁହାଯାଏ ?
୯. ଜାତୀୟ ସ୍ତରରେ ଥିବା ଭାରତର ରାଜନୈତିକ ଦଳଗୁଡ଼ିକର ନାମ ଉଲ୍ଲେଖ କର ।
୧୦. ଭାରତରେ ଥିବା ବିଭିନ୍ନ ଲୋକପ୍ରିୟ ଆଞ୍ଚଳିକ ଦଳଗୁଡ଼ିକର ନାମ ଉଲ୍ଲେଖ କର ।

**ଟିପ୍ପଣୀ ଲେଖ :**

୧. ଭାରତୀୟ ଜାତୀୟ କଂଗ୍ରେସ
୨. ଭାରତୀୟ ଜନତା ପାର୍ଟିର ଆଦର୍ଶ
୩. ଏକ ଦଳୀୟ ଆଧିପତ୍ୟ

## ବିଭାଗ-ଗ

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ :**

୧. 'ରାଜନୈତିକ ଦଳ' କାହାକୁ କୁହାଯାଏ ? ଏହାର କାର୍ଯ୍ୟାବଳୀ ସମ୍ପର୍କରେ ଆଲୋକପାତ କର ।
୨. ଏକ ଗଣତନ୍ତ୍ରରେ ରାଜନୈତିକ ଦଳ ଗୁଡ଼ିକର ଭୂମିକା ଦର୍ଶାଅ ।
୩. ଦଳୀୟ ବ୍ୟବସ୍ଥାର ଉଭୟ ସକାରାତ୍ମକ ଏବଂ ନକରାତ୍ମକ ଦିଗ ଉପରେ ସଂକ୍ଷିପ୍ତ ଆଲୋଚନା କର ।
୪. ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧୀ ଦଳର ଭୂମିକା ସମ୍ବନ୍ଧରେ ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କର ।
୫. ଭାରତରେ ପ୍ରଚଳିତ ଥିବା ଦଳୀୟ ବ୍ୟବସ୍ଥାର ପ୍ରକୃତି ଓ ଗୁଣବତ୍ତା ଉପରେ ଏକ ବିଶ୍ଳେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କର ।

❑❑❑

ତୃତୀୟ ଅଧ୍ୟାୟ

# ଭାରତର ସଂଘୀୟ ବ୍ୟବସ୍ଥା

*ସଂଘୀୟ ବ୍ୟବସ୍ଥା ଏକ ରାଜନୈତିକ ସଂରଚନା ଯାହା ମାଧ୍ୟମରେ ଜାତୀୟ ଐକ୍ୟ ଏବଂ କ୍ଷମତା ସହିତ ରାଜ୍ୟମାନଙ୍କର ସତ୍ତ୍ୱସୁରକ୍ଷାର ଆପୋଷ ବୁଝାବଣା ହୋଇଥାଏ ।*

**- ଏ. ଭି. ଡିସେ (Dicey)**

**ପାଠ୍ୟ ବିଷୟ :**

- ସଂଘୀୟ ବ୍ୟବସ୍ଥା : ଲକ୍ଷଣ, କେନ୍ଦ୍ର-ରାଜ୍ୟ ସଂପର୍କ, ସଂଘୀୟ ବ୍ୟବସ୍ଥାର ସାଂପ୍ରତିକ ଗତି ।

**କ'ଣ ଜାଣିବା ?**

- ସଂଘୀୟ ରାଷ୍ଟ୍ରର ବୈଶିଷ୍ଟ୍ୟ ।

**କ'ଣ ପଢ଼ିବା ?**

- ଭାରତୀୟ ସମ୍ବିଧାନର ସଂଘୀୟ ଉପାଦାନ
  - ଐକିକ / ଅର୍ଦ୍ଧ ସଂଘୀୟ ଉପାଦାନ
  - କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବ୍ୟବସ୍ଥାପିକା ସମ୍ପର୍କ
  - ପ୍ରଶାସନିକ ସମ୍ପର୍କ
  - କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆର୍ଥିକ ସମ୍ପର୍କ
  - ସଂଘୀୟ ବ୍ୟବସ୍ଥାର ବର୍ତ୍ତମାନର ସ୍ଥିତି
  - ସହଭାଗୀ ସଂଘୀୟ ବ୍ୟବସ୍ଥା

## ଭାରତରେ ସଂଘୀୟ ବ୍ୟବସ୍ଥା

ଆଧୁନିକ ରାଷ୍ଟ୍ରଗୁଡ଼ିକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରାଯାଇଛି, ଯଥା- (୧) ସଂଘୀୟ ଓ (୨) ଐକିକ। ଏହି ବିଭକ୍ତିକରଣ କେନ୍ଦ୍ର ଓ ପ୍ରାନ୍ତୀୟ ସରକାର ମଧ୍ୟରେ କ୍ଷମତାର ବଣ୍ଟନ ଉପରେ ଆଧାରିତ। ଏକ ଲିଖିତ ସମ୍ବିଧାନ ମାଧ୍ୟମରେ ଯେଉଁଠି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ କ୍ଷମତା ବଣ୍ଟନ ହୋଇଥାଏ, ତାହାକୁ 'ସଂଘୀୟ ରାଷ୍ଟ୍ର' ବା 'ରାଷ୍ଟ୍ରସଂଘ' କୁହାଯାଏ। ଯେଉଁ ବ୍ୟବସ୍ଥାରେ ସମସ୍ତ କ୍ଷମତା କେନ୍ଦ୍ର ସରକାରଙ୍କ ଠାରେ ପୁଞ୍ଜିଭୂତ ହୋଇଥାଏ ଓ ରାଜ୍ୟସରକାରଗୁଡ଼ିକ କେନ୍ଦ୍ର ସରକାରଙ୍କ ଇଚ୍ଛା ଅନୁଯାୟୀ କ୍ଷମତା ଉପଭୋଗ କରନ୍ତି, ତାହାକୁ ଐକିକ ରାଷ୍ଟ୍ର କୁହାଯାଏ।

**ସଂଘୀୟ ରାଷ୍ଟ୍ରର ବୈଶିଷ୍ଟ୍ୟ :**

- ଦୁଇ ସ୍ତରୀୟ ସରକାର
- ଏକ ଲିଖିତ ଓ ଅନମନୀୟ ସମ୍ବିଧାନ ମାଧ୍ୟମରେ ଦୁଇଟି ସରକାରଙ୍କ (କେନ୍ଦ୍ର ଓ ରାଜ୍ୟ) ମଧ୍ୟରେ କ୍ଷମତା ବଣ୍ଟନ।
- ଦୁଇଟି ସରକାରଙ୍କ ମଧ୍ୟରେ ବିବାଦୀୟ ସ୍ଥିତି ଉପୁଜିଲେ, ତହିଁର ସମାଧାନ ଓ ସମ୍ବିଧାନର ତର୍ଜମା ନିମନ୍ତେ ଏକ ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟାଳୟ।
- ଦ୍ୱିସଦନୀୟ ବ୍ୟବସ୍ଥା, ଯେଉଁଠି ଗୋଟିଏ ସଦନ ପ୍ରାନ୍ତୀୟ ସରକାରଙ୍କ ସ୍ୱାର୍ଥରକ୍ଷା ନିମିତ୍ତ ଉଦ୍ଦିଷ୍ଟ।

ରାଷ୍ଟ୍ରର ବିଭିନ୍ନ ସ୍ତର ମଧ୍ୟରେ ସଂଘୀୟ ଧାରଣା ଏକ ସଂଗଠିତ ନୀତି ସ୍ୱରୂପ ଅତି ପ୍ରାଚୀନ। ଗ୍ରୀକ୍ ନଗର ରାଜ୍ୟଗୁଡ଼ିକରେ ଏହି ବ୍ୟବସ୍ଥାର ପ୍ରଚଳନ ଥିଲା। ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର ଉତ୍ତର ଭାରତର ଲିଚ୍ଛବି ରାଜ୍ୟରେ ପ୍ରଚଳିତ ସାଧାରଣତନ୍ତ୍ର ବ୍ୟବସ୍ଥା ଏହାର ଏକ ପ୍ରମୁଖ ଉଦାହରଣ। ଏହି ବ୍ୟବସ୍ଥା ଅଧୁନା ଯୁକ୍ତରାଷ୍ଟ୍ର ଆମେରିକା, ବ୍ରାଜିଲ୍, ମେକ୍ସିକୋ ଓ ଭାରତ ଭଳି ରାଷ୍ଟ୍ରଗୁଡ଼ିକରେ ଏକ ଜନପ୍ରିୟ ବ୍ୟବସ୍ଥା ଭାବେ ବହୁଳ ଆଦୃତ ଓ ପ୍ରଚଳିତ।

ବିଦ୍ୱାନ୍‌ମାନେ ଏହା ସୂଚାଇଛନ୍ତି ଯେ ଅଧୁନା ସାରା ବିଶ୍ୱରେ ଏକ ସଂଘୀୟ ବ୍ୟବସ୍ଥାର ଚିନ୍ତାଧାରା ବହୁଳ ପ୍ରଚଳିତ କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର କୌଣସି ଏକ ନିର୍ଦ୍ଦିଷ୍ଟ ନମୁନା ନାହିଁ। ମଣ୍ଟେସ୍କୁ ଯେତେବେଳେ ଅସଂଲଗ୍ନ ସାଧାରଣତନ୍ତ୍ର ଦ୍ୱାରା ଗଠିତ ହୋଇଥିବା ସାର୍ବଭୌମ ନଗର ରାଜ୍ୟ ସମ୍ପର୍କରେ ଆଲୋକପାତ କରନ୍ତି, ସେତେବେଳେ ଜେମ୍‌ସ୍ ମାଡ଼ିସନ୍‌ଙ୍କ ଭଳି ସଂଘୀୟବାଦୀ ଏକ ଦୃଢ଼ ସାଧାରଣତନ୍ତ୍ର ସମ୍ବନ୍ଧରେ ନିଜର ବଳିଷ୍ଠ ଯୁକ୍ତି ଉପସ୍ଥାପନା କରନ୍ତି ଯାହାକି ଏକ ଶକ୍ତିଶାଳୀ କେନ୍ଦ୍ର ସରକାର ପ୍ରତିଷ୍ଠା ସପକ୍ଷରେ ସୂଚନା ଦିଏ। ଭାରତର ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକର ବିଶ୍ୱାସ କରନ୍ତି ଯେ ଭାରତ ଭଳି ଏକ ସାଂସ୍କୃତିକ, ନୈତିକ ଓ ଭାଷାଗତ ବିବିଧତା ପୂର୍ଣ୍ଣ ରାଷ୍ଟ୍ରରେ ସଂଘୀୟ ବ୍ୟବସ୍ଥା ପ୍ରଚଳିତ ଥିଲେ ସୁଦ୍ଧା ଏଥିରେ ଏକ ଦୃଢ଼ ଐକିକ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଏହି ଚିନ୍ତାଧାରା ପଣ୍ଡିତ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଅନ୍ୟ କେତେକ ନେତାଙ୍କ ଦ୍ୱାରା ଗୃହୀତ ହୋଇଥିଲା ଯାହା ଗାନ୍ଧିଜୀଙ୍କ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ ଥିଲା। ତୃଣମୂଳରୁ ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ କ୍ଷମତାର ବଣ୍ଟନ ଓ ବିକେନ୍ଦ୍ରୀକରଣ ସପକ୍ଷରେ ମହାତ୍ମା ଗାନ୍ଧୀ ଦୃଢ଼ ଯୁକ୍ତି ଉପସ୍ଥାପନା କରିଥିଲେ।

ସଂଘୀୟ ବ୍ୟବସ୍ଥାର ପ୍ରକୃତ ସଫଳତା, ଗଣତନ୍ତ୍ରର ପ୍ରସାର ଓ ଏହାର ଭିତ୍ତିଭୂମିର ଦୃଢ଼ୀକରଣ ଉପରେ ନିର୍ଭର କରେ। ଭାରତ କ୍ଷେତ୍ରରେ, ଏହାର ଭାଷା, ଧର୍ମ, ଜାତି ଓ ସଂସ୍କୃତିଗତ ବିବିଧତାର ସମ୍ମାନ, ଏଠିକାର ରାଜନୈତିକ ଓ ସଭ୍ୟତାର ସ୍ଥିତିକୁ ସୂଚାଏ, ଯାହା ସଂଘୀୟ ବ୍ୟବସ୍ଥାର ପୁଷ୍ଟିକରଣ କରିବା ସଙ୍ଗେ ସଙ୍ଗେ ଦେଶକୁ ମଧ୍ୟ ସୁଦୃଢ଼ କରିଥାଏ। ବୁଦ୍ଧଙ୍କ ସମୟରୁ ପ୍ରଚଳିତ ନୀତି, ଭାରତର ସଂଘୀୟ ବ୍ୟବସ୍ଥାର ମହାନ୍ ପରମ୍ପରାକୁ ଆଗକୁ ନେବାରେ ସକ୍ଷମ ଓ ସହାୟକ ହୋଇପାରିବ।

ଭାରତର ସମ୍ବିଧାନ, ଭାରତକୁ ଏକ ସଂଘୀୟ କିମ୍ବା ଐକିକ ରାଷ୍ଟ୍ର ରୂପେ ବର୍ଣ୍ଣନା କରି ନାହିଁ। ଆମ ସମ୍ବିଧାନର ଧାରା ୧ (ଏକ) କୁହେ ଯେ "ଭାରତ, ରାଜ୍ୟମାନଙ୍କ ଏକ ସମଷ୍ଟି ଅଟେ।" ଏଥିରେ ଉଭୟ ସଂଘୀୟ ଓ ଐକିକ ରାଷ୍ଟ୍ରର ଉପାଦାନ ମିଶ୍ରିତ ହୋଇ ରହିଛି। ଭାରତ, ରାଜ୍ୟମାନଙ୍କ ଏକ ସମଷ୍ଟି, ଏହା ମୁଖ୍ୟତଃ ଦୁଇଟି କାରଣରୁ ପ୍ରାଧାନ୍ୟତା ବହନ କରେ। (୧) ଭାରତୀୟ ସଂଘୀୟ ବ୍ୟବସ୍ଥା ରାଜ୍ୟମାନଙ୍କ ଚୁକ୍ତିରୁ ସୃଷ୍ଟ ନୁହଁ। ଓ (୨) ରାଜ୍ୟମାନେ କୌଣସି ସମୟରେ ଉକ୍ତ ସମ୍ମେଳନରୁ ଅଲଗା ହୋଇପାରିବେ ନାହିଁ। ଏଣୁ ଭାରତ, ରାଜ୍ୟମାନଙ୍କ ଏକ ସ୍ଥାୟୀ ଓ ଅଖଣ୍ଡ ସମ୍ମେଳନ ଅଟେ।

ଡଃ. ଅମ୍ବେଦକର ଯଥାର୍ଥରେ କହିଛନ୍ତି ଯେ, 'ସମଷ୍ଟି' ଶବ୍ଦ ବ୍ୟବହାର ହୋଇଥିବା ସତ୍ତ୍ୱେ ଭାରତୀୟ ସମ୍ବିଧାନ ରାଷ୍ଟ୍ରସଂଘୀୟ ଅଟେ। ଏହି ସମ୍ବଧାନରେ ଦ୍ୱୈତ ସରକାର ବ୍ୟବସ୍ଥା ରହିଛି ଯଥା କେନ୍ଦ୍ର ସ୍ତରରେ କେନ୍ଦ୍ରସରକାର ଓ ଆଞ୍ଚଳିକ ସ୍ତରରେ ରାଜ୍ୟ ସରକାର କାର୍ଯ୍ୟ ନିର୍ବାହ କରନ୍ତି। ଉଭୟ ସରକାରଙ୍କ ମଧ୍ୟରେ କ୍ଷମତା ବିଭାଜନ ହୋଇଛି।

ଅନ୍ୟ କେତେକ ଗବେଷକ, ଭାରତ ଏକ ରାଷ୍ଟ୍ରସଂଘ, ମତକୁ ଗ୍ରହଣ କରିନାହାନ୍ତି । ସମ୍ବିଧାନ ବିଶାରଦ କେ.ସି. ହ୍ୱେୟାର୍ ଭାରତକୁ ଏକ 'ଅର୍ଦ୍ଧ-ସଂଘୀୟ' ରାଷ୍ଟ୍ର ରୂପେ ବର୍ଣ୍ଣନା କରିଛନ୍ତି । ସେ କହିଛନ୍ତି ଯେ, ଭାରତବର୍ଷ କେତେକ ଆନୁସଙ୍ଗିକ ଐକିକ ଉପାଦାନ ସହ ଏକ ରାଷ୍ଟ୍ରସଂଘ ଅପେକ୍ଷା ରାଷ୍ଟ୍ରସଂଘୀୟ ଉପାଦାନ ସହ ଏକ ଐକିକ ରାଷ୍ଟ୍ର ଅଟେ । ଅନ୍ୟ କେତେକ କହନ୍ତି ଯେ ଭାରତର ସମ୍ବିଧାନ ଗୋଟିଏ ଐକିକ-ରାଷ୍ଟ୍ରସଂଘ ଅଟେ । ଏଣୁ, ଭାରତୀୟ ସମ୍ବିଧାନରେ ଉଭୟ ଐକିକ ଓ ରାଷ୍ଟ୍ରସଂଘର ଉପାଦାନ ମିଶ୍ରିତ ଭାବେ ପ୍ରତିଫଳିତ ହୋଇଛି ।

**ଭାରତୀୟ ସମ୍ବିଧାନର ସଂଘୀୟ ଉପାଦାନ :**

**୧. ଦ୍ୱୈତ ସରକାର :** ଭାରତରେ ଦ୍ୱୈତ ସରକାର ବ୍ୟବସ୍ଥା ପ୍ରଚଳିତ । ପ୍ରତ୍ୟେକ ନାଗରିକ ଦୁଇଟି ସରକାରଙ୍କ ଅଧୀନରେ । ଯଥା- (୧) ରାଜ୍ୟସରକାର, ଯେଉଁଠି ସେ ବାସ କରେ ଓ (୨) ଭାରତ ସରକାର । ଆମେ ଉଭୟ ସରକାରଙ୍କ ନିର୍ବାଚନ ପ୍ରକ୍ରିୟାରେ ଅଂଶ ଗ୍ରହଣ କରୁ ଓ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଇନ ମାନିଥାଉ । ଆମ୍ଭେ ମଧ୍ୟ ଉଭୟ ସରକାରଙ୍କୁ କର ପ୍ରଦାନ କରୁ ।

**୨. କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନ :** ଭାରତୀୟ ସମ୍ବିଧାନ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ କ୍ଷମତା ବିଭାଜନ କରିଛି । ସମସ୍ତ କ୍ଷମତା ମୁଖ୍ୟତଃ ତିନି ଭାଗରେ ବିଭକ୍ତି ହୋଇଛି ଯଥା- (କ) କେନ୍ଦ୍ର ତାଲିକା (୯୮ଟି ବିଷୟ, ବର୍ତ୍ତମାନ ୧୦୦ଟି), ଯେଉଁଗୁଡ଼ିକୁ ନେଇ କେନ୍ଦ୍ରସରକାର ହିଁ ଆଇନ୍ ପ୍ରଣୟନ କରିଥାନ୍ତି ଓ ସମଗ୍ର ଦେଶରେ ଏହା ଲାଗୁ ହୋଇଥାଏ । (ଖ) ରାଜ୍ୟ ତାଲିକା, (୬୬ଟି ବିଷୟ, ବର୍ତ୍ତମାନ୬୧) ଯାହା ଉପରେ ରାଜ୍ୟସରକାରମାନେ ଆଇନ ପ୍ରଣୟନ କରି ନିଜ ରାଜ୍ୟରେ କାର୍ଯ୍ୟକାରୀ କରନ୍ତି । (ଗ) ଯୁଗ୍ମ ତାଲିକା (୪୭ଟି ବିଷୟ, ବର୍ତ୍ତମାନ ୫୨), ଯେଉଁ ବିଷୟଗୁଡ଼ିକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଆଇନ ପ୍ରଣୟନ କରିଥାନ୍ତି । ଅବଶିଷ୍ଟ କ୍ଷମତାଗୁଡ଼ିକୁ କେନ୍ଦ୍ରସରକାରଙ୍କୁ ନ୍ୟସ୍ତ କରାଯାଇଛି ।

**୩. ଏକ ଲିଖିତ ଓ ଅନମନୀୟ ସମ୍ବିଧାନ :** ଭାରତରେ ଏକ ଲିଖିତ ଓ ଅନମନୀୟ ସମ୍ବିଧାନ ରହିଛି ଯେଉଁଥିରେ ନିର୍ଦ୍ଦିଷ୍ଟ ଭାବରେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ମଧ୍ୟରେ କ୍ଷତତା ବଣ୍ଟନ ହୋଇଛି । ଭାରତୀୟ ସମ୍ବିଧାନର ଏକାଦଶ (XI) ଓ ଦ୍ୱାଦଶ (XII) ଭାଗରେ (ଧାରା ୨୪୫ ରୁ ଧାରା ୩୦୦) କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା / ପ୍ରଶାସନିକ ଏବଂ ଆର୍ଥିକ ସମ୍ପର୍କରେ ସ୍ପଷ୍ଟ ଭାବେ ଉଲ୍ଲେଖ ହୋଇଛି । ଉଭୟ ସରକାର ସମ୍ବିଧାନରୁ କ୍ଷମତା ପାଇଥାନ୍ତି ଓ ସାମ୍ବିଧାନିକ ନୀତି ଅନୁଯାୟୀ ନିଜ ନିଜର କାର୍ଯ୍ୟ ସମ୍ପାଦନ କରନ୍ତି । ସମ୍ବିଧାନ ହେଉଛି ସର୍ବୋଚ୍ଚ କ୍ଷମତା ଓ କେହି ଏହାକୁ ଅବମାନନା କରିପାରିବେ ନାହିଁ । ଉଚ୍ଚତମ ନ୍ୟାୟାଳୟର ସମ୍ବିଧାନ ସୁରକ୍ଷା ଏବଂ ବ୍ୟାଖ୍ୟା କରିବା କ୍ଷମତା ରହିଛି । ଧାରା ୩୬୮ରେ ଭାରତୀୟ ସମ୍ବିଧାନକୁ ସଂଶୋଧନ କରିବାର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ସଂଘୀୟ ଢାଞ୍ଚା, ଯଥା: କେନ୍ଦ୍ର-ରାଜ୍ୟ ସମ୍ପର୍କ ସଂଶୋଧନ କ୍ଷେତ୍ରରେ ସମ୍ବିଧାନ ଅନମନୀୟ ପଦ୍ଧତି ଅନୁସରଣ କରିଥାଏ । ଯଥା-

(କ) ସଂଶୋଧନ ଜନିତ ପ୍ରସ୍ତାବ ପ୍ରତ୍ୟେକ ଗୃହର ସଂଖ୍ୟାଧିକ ସଦସ୍ୟଙ୍କ ଉପସ୍ଥିତି ଓ ୨/୩ୟାଂଶ ସଦସ୍ୟଙ୍କ ସମର୍ଥନ ।

(ଖ) ସଂସଦର ଉଭୟ ଗୃହରେ ଗୃହୀତ ସମ୍ବିଧାନ ସଂଶୋଧନ ପ୍ରସ୍ତାବ ଅର୍ଦ୍ଧାଧିକ ରାଜ୍ୟ ବିଧାନ ସଭାର ସ୍ୱୀକୃତି ଆବଶ୍ୟକ।

(ଗ) ବାସ୍ତବିକ୍ ଏହା ଏକ କଷ୍ଟସାଧ ଓ କଠୋର ପଦ୍ଧତି ଅଟେ।

**୪. ସ୍ୱାଧୀନ ଏବଂ ନିରପେକ୍ଷ ନ୍ୟାୟାଳୟ:** ଭାରତ ସମ୍ବିଧାନରେ ଏକ ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟାଳୟର ବ୍ୟବସ୍ଥା ରହିଛି ଓ ଉଚ୍ଚତମ ନ୍ୟାୟାଳୟ ଏହାର ଶୀର୍ଷରେ। ଉଚ୍ଚତମ ନ୍ୟାୟାଳୟ ନିମ୍ନଲିଖିତ ସଂଘୀୟ ବିବାଦର ସମାଧାନ କରିଥାଏ। ଯଥା-

(କ) କେନ୍ଦ୍ର ଓ ରାଜ୍ୟ ମଧ୍ୟରେ

(ଖ) ରାଜ୍ୟ ଓ ରାଜ୍ୟ ମଧ୍ୟରେ

(ଗ) କେନ୍ଦ୍ର, ରାଜ୍ୟ ଓ ଏକାଧିକ ରାଜ୍ୟ ମଧ୍ୟରେ

ଉଚ୍ଚତମ ନ୍ୟାୟାଳୟ ସମ୍ବିଧାନର ଯେଉଁ ବ୍ୟାଖ୍ୟା କରନ୍ତି ତାହା ଚୂଡ଼ାନ୍ତ। ଯଦି କୌଣସି ରାଜ୍ୟସରକାର ଓ କେନ୍ଦ୍ରସରକାର ସାମ୍ବିଧାନିକ ନୀତିକୁ ଉଲ୍ଲଂଘନ କରି ଆଇନ ପ୍ରଣୟନ କରନ୍ତି, ତେବେ ସେହିଭଳି ଆଇନକୁ ଉଚ୍ଚତମ ନ୍ୟାୟାଳୟ ଅସମ୍ବିଧାନିକ ଆଳରେ ନାକଚ କରିଦେଇପାରେ।

## ସମ୍ବିଧାନର ଐକିକ / ଅର୍ଦ୍ଧ ସଂଘୀୟ ଉପାଦାନ :

ଭାରତୀୟ ସମ୍ବିଧାନରେ ଶକ୍ତିଶାଳୀ ଐକିକ ଉପାଦାନ ସହ ରାଷ୍ଟ୍ରସଂଘୀୟ ବ୍ୟବସ୍ଥା ରହିଛି। ଏଣୁ କେ.ପି. ମୁଖାର୍ଜୀଙ୍କ ପରି ଗବେଷକ ମତ ପ୍ରକାଶ କରନ୍ତି ଯେ, ଭାରତ ଆଦୌ ଏକ ରାଷ୍ଟ୍ରସଂଘ ନୁହେଁ। ଏପରିକି କେ.ସି. ହ୍ୱେୟାର ମଧ୍ୟ ଭାରତକୁ ଏକ ଅର୍ଦ୍ଧସଂଘୀୟ ରାଷ୍ଟ୍ର ଭାବେ ବର୍ଣ୍ଣନା କରି କହନ୍ତି ଯେ "ଏହା ଦ୍ୱିତୀୟ ଶ୍ରେଣୀର ଐକିକ ଉପାଦାନ ସହ ଏକ ରାଷ୍ଟ୍ରସଂଘ ନୁହେଁ ବରଂ ଦ୍ୱିତୀୟ ଶ୍ରେଣୀର ରାଷ୍ଟ୍ରସଂଘ ଉପାଦାନ ସହ ଏକ ଐକିକ ରାଷ୍ଟ୍ର।"

ଭାରତ ସମ୍ବିଧାନର ଐକିକ ଉପାଦାନଗୁଡ଼ିକ ନିମ୍ନରେ ପ୍ରଦତ୍ତ କରାଗଲା।

**୧. ଏକ ଶକ୍ତିଶାଳୀ କେନ୍ଦ୍ର ସରକାର :** ଭାରତ ସମ୍ବିଧାନର ଐକିକ ଉପାଦାନ ସ୍ୱରୂପ ଏଥିରେ ଏକ ଶକ୍ତିଶାଳୀ କେନ୍ଦ୍ର ସରକାର ପାଇଁ ବ୍ୟବସ୍ଥା କରାଯାଇଛି। ଉଦାହରଣତଃ,..

(କ). କେନ୍ଦ୍ର ତାଲିକା ଭୁକ୍ତ (୧୦୦ଟି ବିଷୟ) ପ୍ରତିରକ୍ଷା, ସାମରିକ ବାହିନୀ, ବୈଦେଶିକ ବ୍ୟାପାର, ଯୁଦ୍ଧ, ଶାନ୍ତି, ରେଳ, ଡାକ ଓ ତାର, ଆମଦାନୀ ରପ୍ତାନୀ, ଯୋଗାଯୋଗ, ନୌବାଣିଜ୍ୟ, ଆନ୍ତର୍ଜାତିକ ବାଣିଜ୍ୟ, ବିମାନ ଚଳାଚଳ, ଆୟକର, ବୃହତ୍ ଶିଳ୍ପ... ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ଏବଂ ଅଧିକ ଲାଭଜାରୀ ବିଭାଗଗୁଡ଼ିକ ଉପରେ ଆଇନ ପ୍ରଣୟନ କ୍ଷମତା କେବଳ କେନ୍ଦ୍ର ସରକାରଙ୍କ ଠାରେ ଉଦ୍ଦିଷ୍ଟ।

(ଖ) ଯୁଗ୍ମ ତାଲିକାଭୁକ୍ତ ୫୨ଟି ବିଷୟ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟସରକାରମାନଙ୍କ ଆଇନ ପ୍ରଣୟନ କ୍ଷେତ୍ରରେ ସମାନ କ୍ଷମତା ରହିଛି କିନ୍ତୁ ଯଦି କୌଣସି ସମୟରେ କେନ୍ଦ୍ର ଆଇନ୍ ଓ ରାଜ୍ୟ ଆଇନ ମଧ୍ୟରେ ବିବାଦ ସୃଷ୍ଟି ହେଲେ, କେନ୍ଦ୍ର ଆଇନ ପ୍ରଭାବ ବିସ୍ତାର କରିଥାଏ ।

(ଗ) ଭାରତ ସମ୍ବିଧାନର ଧାରା ୨୪୮ ଅନୁସାରେ ଅବଶିଷ୍ଟ କ୍ଷମତାଗୁଡ଼ିକୁ କେନ୍ଦ୍ରସରକାରଙ୍କୁ ନ୍ୟସ୍ତ କରାଯାଇଛି ।

**୨. ରାଜ୍ୟ ପୁନର୍ଗଠନ ଏବଂ ରାଜ୍ୟସୀମା ନିର୍ଦ୍ଧାରଣ କ୍ଷମତା :** ସମ୍ବିଧାନର ଧାରା ୩, କେନ୍ଦ୍ର ସରକାରଙ୍କୁ ଏହି କ୍ଷମତା ପ୍ରଦାନ କରିଛି । ଏପରିକି ରାଜ୍ୟମାନଙ୍କର ବିନା ସ୍ୱୀକୃତିରେ କେନ୍ଦ୍ର ଏହି କ୍ଷମତା ପ୍ରୟୋଗ କରିପାରିବ । ୧୯୫୬ ମସିହାରେ କେନ୍ଦ୍ର ସଂସଦ ରାଜ୍ୟ ପୁନଃଗଠନ ଆଇନ ଅନୁସାରେ ରାଜ୍ୟମାନଙ୍କର ସୀମା ପରିବର୍ତ୍ତନ କରିଥିଲା । ଆସାମ ଓ ଉତ୍ତର-ପଶ୍ଚିମ ସୀମାନ୍ତ ପ୍ରଦେଶ (NWFP) ପରିବର୍ତ୍ତେ ଆସାମ, ମେଘାଳୟ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମଣିପୁର, ତ୍ରିପୁରା ଓ ମିଜୋରାମ୍ ପରି ସାତଟି ନୂତନ ପ୍ରଦେଶ ସୃଷ୍ଟି କରାଗଲା । ଗୋଆ ବର୍ତ୍ତମାନ୍ ଗୋଟିଏ ପ୍ରଦେଶ । ପଞ୍ଜାବ ଓ କେନ୍ଦ୍ରଶାସିତ ହିମାଚଳ ପ୍ରଦେଶକୁ ନେଇ ବର୍ତ୍ତମାନ ତିନୋଟି ରାଜ୍ୟ ସୃଷ୍ଟି ହୋଇଛି । ସେସବୁ ହେଲା ପଞ୍ଜାବ, ହିମାଚଳପ୍ରଦେଶ ଓ ହରିଆନା । ଚଣ୍ଡିଗଡ଼ ଏକ କେନ୍ଦ୍ରଶାସିତ ଅଞ୍ଚଳ ହେଲା । ଠିକ୍ ସେହିପରି ଉତ୍ତର ପ୍ରଦେଶ, ବିହାର ଏବଂ ମଧ୍ୟପ୍ରଦେଶର ସୀମା ପରିବର୍ତ୍ତନ କରି ନୂତନ ଭାବେ ଅନ୍ୟ ତିନୋଟି ରାଜ୍ୟ ଯଥା ଉତ୍ତରାଞ୍ଚଳ, ଝାଡ଼ଖଣ୍ଡ ଓ ଛତିଶଗଡ଼ ସୃଷ୍ଟି କରାଗଲା । ଆନ୍ଧ୍ରପ୍ରଦେଶକୁ ଭାଗ କରି ନୂତନ ଭାବେ ତେଲେଙ୍ଗାନା ରାଜ୍ୟ ସୃଷ୍ଟି ହୋଇଛି ।

**୩. ରାଜ୍ୟ ତାଲିକା ଭୁକ୍ତ (୬୧ଟି) ବିଷୟରେ ରାଜ୍ୟମାନଙ୍କୁ କଟକଣା :** ଭାରତୀୟ ସମ୍ବିଧାନ ରାଜ୍ୟମାନଙ୍କୁ ଆଇନ ପ୍ରଣୟନ କରିବା ଏବଂ ପ୍ରଶାସନିକ କାର୍ଯ୍ୟ ତୁଲାଇବା ପାଇଁ ରାଜ୍ୟ ତାଲିକାରେ କେତେକ କ୍ଷମତା ପ୍ରଦାନ କରିଛି । କିନ୍ତୁ ଏଠାରେ ମଧ୍ୟ ଅନେକ ପ୍ରତିବନ୍ଧକ ପରିଲକ୍ଷିତ ହୁଏ । ଯଥା-

(କ) ବିଧାନସଭା ଦ୍ୱାରା ଗୃହୀତ ହୋଇଥିବା ଯେକୌଣସି ବିଠାକୁ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ସଂରକ୍ଷିତ କରିପାରିବେ ।

(ଖ) ଦୁଇ ବା ତତୋଧିକ ରାଜ୍ୟ ବିଧାନସଭାର ଅନୁରୋଧ କ୍ରମେ କେନ୍ଦ୍ର ସଂସଦ ରାଜ୍ୟତାଲିକାଭୁକ୍ତ ସେହି ବିଷୟରେ ଆଇନ ପ୍ରଣୟନ କରିଥାନ୍ତି ।

(ଗ) ଜରୁରୀକାଳୀନ ପରିସ୍ଥିତିରେ କେନ୍ଦ୍ର ସଂସଦ, ରାଜ୍ୟ ତାଲିକାଭୁକ୍ତ ବିଷୟଗୁଡ଼ିକ ଉପରେ ଆଇନ ପ୍ରଣୟନ କରିବା କ୍ଷମତା ପାଇଥାଏ ।

(ଘ) ଧାରା ୨୪୯ ଅନୁଯାୟୀ ଯଦି ରାଜ୍ୟସଭା ୨/୩ୟାଂଶ ସଦସ୍ୟଙ୍କ ସମର୍ଥନ କ୍ରମେ ରାଜ୍ୟତାଲିକାଭୁକ୍ତ ଯେକୌଣସି ବିଷୟକୁ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ କେନ୍ଦ୍ରକୁ ଆଇନ ପ୍ରଣୟନ କରିବାକୁ ଅନୁରୋଧ କରେ ତେବେ ସେହି କ୍ଷେତ୍ରରେ ମଧ୍ୟ ସଂସଦ ଉକ୍ତ ବିଷୟରେ ଆଇନ ପ୍ରଣୟନ କରିଥାଏ ।

(ଙ) ଧାରା ୨୫୩ ଅନୁଯାୟୀ ଆନ୍ତର୍ଜାତିକ ଚୁକ୍ତି ଓ ରାଜିନାମାକୁ ସମ୍ମାନ ପ୍ରଦର୍ଶନପୂର୍ବକ କେନ୍ଦ୍ର ସଂସଦ ଯେକୌଣସି ଆଇନ ପ୍ରଣୟନ କରିପାରନ୍ତି। ଏହି କ୍ଷମତା ସଂସଦର ରହିଛି।

**୪. ଜରୁରୀକାଳୀନ ପରିସ୍ଥିତି:** ସମ୍ବିଧାନର ଭାଗ XVIIIରେ ଜରୁରୀକାଳୀନ ପରିସ୍ଥିତି ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି। ଏହା ପ୍ରକୃତରେ ଐକିକ ରାଷ୍ଟ୍ରର ସ୍ୱରୂପକୁ ସୂଚାଇଥାଏ। ବାହ୍ୟଶତ୍ରୁ ଆକ୍ରମଣ, କିମ୍ବା ଯୁଦ୍ଧ କିମ୍ବା ଅନ୍ତଃ ସଶସ୍ତ୍ର ବିଦ୍ରୋହ ସମୟରେ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବା କ୍ଷମତା ରାଷ୍ଟ୍ରପତିଙ୍କ ଠାରେ ନ୍ୟସ୍ତ (ଧାରା ୩୫୨)। ଏହିଭଳି ପରିସ୍ଥିତିରେ କେନ୍ଦ୍ରସରକାର ଐକିକ ରାଷ୍ଟ୍ର ସ୍ୱରୂପ ଯେ କୌଣସି ନିୟମ ପ୍ରଣୟନ କରିବାକୁ ସକ୍ଷମ ହୋଇଥାନ୍ତି। ଏହି ସମୟରେ ରାଜ୍ୟଗୁଡ଼ିକ କେନ୍ଦ୍ର ନିର୍ଦ୍ଦେଶ ମାନିବାକୁ ବାଧ ହୋଇଥାନ୍ତି। ସେହିଭଳି ଧାରା ୩୫୬ ଅନୁଯାୟୀ ରାଷ୍ଟ୍ରପତି ନିଜେ କିମ୍ବା ରାଜ୍ୟର, ରାଜ୍ୟପାଳଙ୍କ ସୂଚନା କ୍ରମେ ସେହି ରାଜ୍ୟରେ ସାମ୍ବିଧାନିକ ସଂକଟ କାରଣ ଦର୍ଶାଇ ରାଜ୍ୟ ଜରୁରୀ କାଳୀନ ପରିସ୍ଥିତି ଘୋଷଣା କରିପାରନ୍ତି। ଏହିଭଳି ପରିସ୍ଥିତିରେ ଉକ୍ତ ରାଜ୍ୟର ସମସ୍ତ ପ୍ରଶାସନ ରାଷ୍ଟ୍ରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣକୁ ଆସିଥାଏ ଓ ରାଜ୍ୟପାଳ, ରାଷ୍ଟ୍ରପତିଙ୍କ ପ୍ରତିନିଧି ହିସାବରେ ରାଜ୍ୟର ପ୍ରକୃତି କାର୍ଯ୍ୟପାଳିକା ମୁଖ୍ୟ ତୁଲାଇଥାନ୍ତି। କେନ୍ଦ୍ର ସଂସଦ ରାଜ୍ୟତାଲିକାଭୁକ୍ତ ସମଗ୍ର ବିଷୟବସ୍ତୁ ଉପରେ ଆଇନ ପ୍ରଣୟନ କରିଥାଏ। ସେହିଭଳି ଧାରା ୩୬୦ ଅନୁସାରେ ରାଷ୍ଟ୍ରପତି ଆର୍ଥିକ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିପାରନ୍ତି ଓ ଏହି ସମୟରେ ସେ ରାଜ୍ୟମାନଙ୍କୁ ଯେଉଁ ନିର୍ଦ୍ଦେଶ ଦିଅନ୍ତି, ତାହା ରାଜ୍ୟମାନେ ମାନିବାକୁ ବାଧ ହୋଇଥାନ୍ତି।

**୫. ଆନ୍ତଃରାଜ୍ୟ ନଦୀଜଳ ବଣ୍ଟନ ବିବାଦ :** ଧାରା ୨୬୨ ଅନୁଯାୟୀ କେନ୍ଦ୍ର ସଂସଦ ଆନ୍ତଃ ରାଜ୍ୟ ନଦୀ ଜଳ ବଣ୍ଟନ ଓ ବିବାଦର ସମାଧାନ କ୍ଷେତ୍ରରେ କ୍ଷମତା ପାଇଛି। ଏଥିରେ ଉଚ୍ଚତମ ନ୍ୟାୟାଳୟ କିମ୍ବା ଅନ୍ୟ କୌଣସି ନ୍ୟାୟାଳୟ ହସ୍ତକ୍ଷେପ କରିପାରିବେ ନାହିଁ।

**୬. ଏକକ ସମ୍ବିଧାନ :** ଉଭୟ କେନ୍ଦ୍ର ଓ ରାଜ୍ୟମାନଙ୍କ ପାଇଁ ଏକକ ସମ୍ବିଧାନର ବ୍ୟବସ୍ଥା ରହିଛି। କେବଳ ଜାମ୍ମୁ ଓ କଶ୍ମୀର ପାଇଁ ଗୋଟିଏ ଅଲଗା ସମ୍ବିଧାନ ରହିଛି।

**୭. ଏକକ ନାଗରିକତା :** ଭାରତ ସମ୍ବିଧାନରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଏବଂ ଜନ୍ମସ୍ଥାନ ନିର୍ବିଶେଷରେ ସମସ୍ତଙ୍କୁ ଏକକ ନାଗରିକତା ପ୍ରଦାନ କରିବାର ବ୍ୟବସ୍ଥା ରହିଛି।

**୮. ଏକୀଭୂତ ନ୍ୟାୟ ବ୍ୟବସ୍ଥା :** ଆମ ସମ୍ବିଧାନ ଉଭୟ କେନ୍ଦ୍ର ଓ ରାଜ୍ୟମାନଙ୍କ ପାଇଁ ଏକ ପୂର୍ଣ୍ଣାଙ୍ଗ ନ୍ୟାୟିକ ବ୍ୟବସ୍ଥାର ପ୍ରଚଳନ କରିଛି। ଏହା ଗୋଟିଏ ଏକକ ଶ୍ରେଣୀବଦ୍ଧ ବ୍ୟବସ୍ଥା ଯେଉଁଠି ସର୍ବୋଚ୍ଚ ସ୍ତରରେ ଉଚ୍ଚତମ ନ୍ୟାୟାଳୟ, ମଧ୍ୟମ ସ୍ତରରେ ଉଚ୍ଚ ନ୍ୟାୟାଳୟ ଓ ନିମ୍ନସ୍ତରରେ ନିମ୍ନ ଅଦାଲତ ପ୍ରତିଷ୍ଠା କରାଯାଇଛି। ରାଜ୍ୟମାନଙ୍କର ନିଜର ନ୍ୟାୟିକ ବ୍ୟବସ୍ଥା ନାହିଁ।

**୯. ସାଧାରଣ ନିର୍ବାଚନ ଆୟୋଗ :** କେନ୍ଦ୍ର ସଂସଦ ଓ ରାଜ୍ୟ ବିଧାନ ମଣ୍ଡଳର ନିର୍ବାଚନ ପରିଚାଳନା ପାଇଁ ଏକ ସାଧାରଣ ନିର୍ବାଚନ ଆୟୋଗ ରହିଛି। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କ୍ରମେ ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ନିଯୁକ୍ତି ଦିଅନ୍ତି, ଯିଏ କି ସମସ୍ତ ନିର୍ବାଚନକୁ ପରିଚାଳନା କରନ୍ତି। ନିର୍ବାଚନ ସମ୍ବନ୍ଧୀୟ ଆଇନ

ପ୍ରଣୟନ କ୍ଷମତା ସଂସଦଠାରେ ରହିଛି । ରାଜ୍ୟ ମଧ୍ୟ ନିର୍ବାଚନ ପରିଚାଳନା ଦିଗରେ ଆଇନ ପ୍ରଣୟନ କରିପାରେ କିନ୍ତୁ ତାହ କେନ୍ଦ୍ର ଆଇନକୁ ଅବମାନନା କରିପାରିବ ନାହିଁ ।

**୧୦. ସର୍ବଭାରତୀୟ ସେବା :** ଆମ ସମ୍ବିଧାନର ଅନ୍ୟ ଗୋଟିଏ ଐକିକ ଉପାଦାନ ହେଲା ସର୍ବଭାରତୀୟ ସେବା, ଯଥା- ଭାରତୀୟ ପ୍ରଶାସନିକ ସେବା ଓ ଭାରତୀୟ ପୋଲିସ ସେବା । ଏଥିରେ ନିଯୁକ୍ତି ପାଇଥିବା ଅଫିସରମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ପ୍ରଶାସନର ମୁଖ୍ୟ ପ୍ରଶାସନିକ ଦାୟିତ୍ୱ ତୁଲାଇଥାନ୍ତି । ସେମାନେ କେନ୍ଦ୍ରୀୟ ଜନସେବା ଆୟୋଗ ଦ୍ୱାରା ନିଯୁକ୍ତି ପାଇ କେନ୍ଦ୍ର ଘରୋଇ ମନ୍ତ୍ରଣାଳୟ ଦ୍ୱାରା ପ୍ରଶିକ୍ଷଣ ପାଆନ୍ତି କିନ୍ତୁ ରାଜ୍ୟ ଓ କେନ୍ଦ୍ରାଞ୍ଚଳରେ ପ୍ରଶାସନିକ କାର୍ଯ୍ୟ ତୁଲାଇଥାନ୍ତି ।

**୧୧. ମହା ହିସାବ ନିୟନ୍ତ୍ରକ ଓ ସମୀକ୍ଷକ :** ରାଷ୍ଟ୍ରପତି ମହା ହିସାବ ନିୟନ୍ତ୍ରକ ଓ ସମୀକ୍ଷକଙ୍କୁ ନିଯୁକ୍ତି ଦିଅନ୍ତି ଯିଏ କି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ହିସାବ ତଦାରଖ କରିବା ସହ ଆବଶ୍ୟକ ସ୍ଥଳେ ତତ୍‌ଜନିତ ନିୟମ ପ୍ରସ୍ତୁତ କରି ହିସାବରେ ସଠିକ୍ ରକ୍ଷଣାବେକ୍ଷଣ କରିଥାନ୍ତି ।

**୧୨. ରାଜ୍ୟପାଳଙ୍କ ନିଯୁକ୍ତି :** ରାଜ୍ୟପାଳ ହେଉଛନ୍ତି ରାଜ୍ୟର କାର୍ଯ୍ୟପାଳିକା ମୁଖ୍ୟ, ଯିଏ କି ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପାଇଥାନ୍ତି ଓ ରାଷ୍ଟ୍ରପତିଙ୍କ ଇଚ୍ଛାନୁସାରେ କାର୍ଯ୍ୟଭାର ତୁଲାଇଥାନ୍ତି । ଅର୍ଥାତ୍ ରାଜ୍ୟପାଳ କେନ୍ଦ୍ରର ପ୍ରତିନିଧି ରୂପେ ରାଜ୍ୟରେ ଶାସନ କରନ୍ତି । ଧାରା ୩୫୬ ଅନୁଯାୟୀ ସେ ରାଜ୍ୟରେ କୌଣସି ଆରମ୍ଭ କରିପାରନ୍ତି । ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ସେ କିଛି ଚିଠାକୁ ସଂରକ୍ଷଣ କରିପାରନ୍ତି । ଆବଶ୍ୟକସ୍ଥଳେ କେନ୍ଦ୍ର କୌଣସି ଏକ ନିର୍ବାଚିତ ରାଜ୍ୟ ସରକାରକୁ କ୍ଷମତାଚ୍ୟୁତ କରିବା ପାଇଁ ରାଜ୍ୟପାଳଙ୍କୁ ନିଜର ପ୍ରତିନିଧି ରୂପେ ବ୍ୟବହାର କରିପାରେ ।

**୧୩. ରାଜ୍ୟମାନଙ୍କ ଉପରେ ଆର୍ଥିକ ନିୟନ୍ତ୍ରଣ :** ଭାରତର ସମ୍ବିଧାନ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆର୍ଥିକ ସମ୍ପର୍କ ବିଷୟରେ ସ୍ପଷ୍ଟ ଭାବେ ବର୍ଣ୍ଣନା କରିଛି । ଉଭୟ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ପ୍ରାଞ୍ଜଳ ଭାବେ ବିଭିନ୍ନ କର ବଣ୍ଟନ କରାଯାଇଛି କିନ୍ତୁ କେନ୍ଦ୍ର ସର୍ବଦା ରାଜସ୍ୱର ସର୍ବାଧିକ ଭାଗ ଉପଭୋଗ କରିଥାଏ । ତେଣୁ ରାଜ୍ୟମାନେ ସବୁବେଳେ କେନ୍ଦ୍ରର ଆର୍ଥିକ ଅନୁଦାନକୁ ନିର୍ଭର କରିଥାନ୍ତି । ଏହି ପ୍ରକାରେ କେନ୍ଦ୍ର ରାଜ୍ୟଗୁଡ଼ିକୁ ନିୟନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ରାଜ୍ୟର ଆଇନ ପ୍ରଣୟନ କ୍ଷମତାକୁ ପ୍ରଭାବିତ କରିଥାଏ । ପ୍ରତି ପାଞ୍ଚବର୍ଷରେ ଥରେ ରାଷ୍ଟ୍ରପତି ଅର୍ଥ ଆୟୋଗ ନିଯୁକ୍ତି କରିଥାନ୍ତି ଓ ଏହାର ସୁପାରିଶ କ୍ରମେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କର ଓ ରାଜସ୍ୱ ବଣ୍ଟନ ହୋଇଥାଏ । ଏହା ମଧ୍ୟ ରାଜ୍ୟମାନଙ୍କୁ କେନ୍ଦ୍ର ଅନୁଦାନର ନୀତି ନିର୍ଦ୍ଧାରଣ କରିଥାଏ ।

**୧୪. ରାଜ୍ୟମାନଙ୍କ ଉପରେ କେନ୍ଦ୍ରର ନିୟନ୍ତ୍ରଣ :** ଧାରା ୨୫୬ ଅନୁସାରେ ପ୍ରତ୍ୟେକ ରାଜ୍ୟ, କେନ୍ଦ୍ର ଆଇନ ସହାୟତାରେ ପ୍ରଶାସନିକ କାର୍ଯ୍ୟ ସମ୍ପାଦନ କରିବେ । ଏହି କ୍ଷେତ୍ରରେ ଆବଶ୍ୟକ ସ୍ଥଳେ କେନ୍ଦ୍ର ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦେଇପାରେ ଯାହା ରାଜ୍ୟମାନେ ମାନିବାକୁ ବାଧ୍ୟ ହୋଇଥାନ୍ତି । ସେହିଭଳି ଧାରା ୨୫୭ ଅନୁଯାୟୀ, ପ୍ରତ୍ୟେକ ରାଜ୍ୟର କାର୍ଯ୍ୟପାଳିକା କ୍ଷମତା କେନ୍ଦ୍ର କାର୍ଯ୍ୟପାଳିକା କ୍ଷମତାକୁ ଅବମାନନା କରିପାରିବ ନାହିଁ ।

## କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବ୍ୟବସ୍ଥାପିକା ସମ୍ପର୍କ

ଭାରତ ସମ୍ବିଧାନର ଏକାଦଶ (XI) ଭାଗରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ବ୍ୟବସ୍ଥାପିକା ସମ୍ପର୍କ ବର୍ଣ୍ଣିତ ହୋଇଛି। ଆଇନ ତିଆରି କ୍ଷମତା, ଏଇ ଦୁଇଟି ସରକାରଙ୍କ ମଧ୍ୟରେ ବିଭାଜନ ହୋଇଛି। ଭାରତ ଏ କ୍ଷେତ୍ରରେ କାନାଡ଼ାର ଢାଞ୍ଚା ଗ୍ରହଣ କରିଛି ଯାହାକି ସମସ୍ତ କ୍ଷମତାକୁ ମୁଖ୍ୟତଃ ତିନୋଟି ତାଲିକାରେ ବଣ୍ଟନ କରାଯାଇଛି। ଯଥା- (କ) କେନ୍ଦ୍ର ତାଲିକା, (ଖ) ରାଜ୍ୟ ତାଲିକା ଓ (ଗ) ଯୁଗ୍ମ ତାଲିକା। ଅବଶିଷ୍ଟ କ୍ଷମତାଗୁଡ଼ିକୁ କେନ୍ଦ୍ରସରକାରଙ୍କୁ ନ୍ୟସ୍ତ କରାଯାଇଛି।

**କ୍ଷମତାର ବଣ୍ଟନ :**

### (କ) କେନ୍ଦ୍ର ତାଲିକା - ୧୦୦ଟି ବିଷୟବସ୍ତୁ

କେନ୍ଦ୍ର ତାଲିକା, ଜାତୀୟ ପ୍ରାଧାନ୍ୟ ଥିବା ୧୦୦ଟି ବିଷୟ ବସ୍ତୁକୁ ନେଇ ପ୍ରସ୍ତୁତ କରାଯାଇଛି, ଯେଉଁଗୁଡ଼ିକୁ ନେଇ କେନ୍ଦ୍ର ସରକାର ହିଁ ନିୟମ ତିଆରି କରିଥାଏ। ଉଦାହରଣତଃ ପ୍ରତିରକ୍ଷା, ବୈଦେଶିକ ନୀତି, ମୁଦ୍ରା, ଆଣବିକ ଶକ୍ତି, ଯୁଦ୍ଧ ଓ ଶାନ୍ତି ପ୍ରତିଷ୍ଠା, ଜାତୀୟ ସମ୍ବଳ, ଖଣିଜ ତୈଳ, ଡାକ ଓ ତାର ବିଭାଗ, ଜାହାଜ ଓ ବିମାନ ଚଳାଚଳ, ନୌବାଣିଜ୍ୟ, ନିର୍ବାଚନ, ଜନଗଣନା, ଉଚ୍ଚଶିକ୍ଷା... ଇତ୍ୟାଦି।

### (ଖ) ରାଜ୍ୟ ତାଲିକା - ୬୧ଟି ବିଷୟବସ୍ତୁ

ରାଜ୍ୟ ତାଲିକାରେ ଆଞ୍ଚଳିକ ପ୍ରାଧାନ୍ୟ ଥିବା ୬୧ଟି ବିଷୟ ବସ୍ତୁକୁ ନେଇ ପ୍ରସ୍ତୁତ କରାଯାଇଛି, ଯେଉଁଗୁଡ଼ିକ ନେଇ ରାଜ୍ୟ ସରକାରମାନେ ନିୟମ ତିଆରି କରନ୍ତି ଓ ନିଜ ରାଜ୍ୟ ମଧ୍ୟରେ ଲାଗୁ କରନ୍ତି। ଉଦାହରଣତଃ ଶାନ୍ତିଶୃଙ୍ଖଳା, ପୋଲିସ୍, କାରାଗାର, ରାଜ୍ୟ ବିଚାରାଳୟ, ଜନସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ କେନ୍ଦ୍ର, ଜଳସେଚନ, କୃଷି ଓ ମତ୍ସ୍ୟ, ଯାତାୟାତ ବ୍ୟବସ୍ଥା... ଇତ୍ୟାଦି।

### (ଗ) ଯୁଗ୍ମ ତାଲିକା - ୫୨ଟି ବିଷୟବସ୍ତୁ

ଯୁଗ୍ମ ତାଲିକାରେ ଥିବା ବିଷୟବସ୍ତୁଗୁଡ଼ିକରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିୟମ ତିଆରି କରିବାରେ ସମାନ କ୍ଷମତା ପ୍ରଦାନ କରାଯାଇଛି (ତାଲିକା III)। ଉଦାହରଣତଃ, ଫୌଜଦାରୀ ମାମଲା, ପ୍ରତିକାରକ କାରାବନ୍ଦ, ବିବାହ ଓ ଛାଡ଼ପତ୍ର, କୃଷି ଜମି ବ୍ୟତୀତ ଅନ୍ୟ ସମ୍ପତ୍ତି ହସ୍ତାନ୍ତରୀକରଣ, ଅଦାଲତ ଅବମାନନା, ଜଙ୍ଗଲ ଓ ବନ୍ୟଜନ୍ତୁ ସଂରକ୍ଷଣ, ଜନସଂଖ୍ୟା ନିୟନ୍ତ୍ରଣ, ଶିକ୍ଷା, ଶ୍ରମିକ କଲ୍ୟାଣ... ଇତ୍ୟାଦି। ୪୨ତମ ସମ୍ବିଧାନ ସଂଶୋଧନ ପରେ ଏଥିରେ ୧୧କ, ୧୭କ, ୧୭ଖ, ୬୦କ ଓ ୩୩କ, ବିଷୟବସ୍ତୁକୁ ସାମିଲ କରାଯାଇଛି। ତେଣୁ ବର୍ତ୍ତମାନ ଏହି ତାଲିକାରେ ୫୨ଟି ବିଷୟବସ୍ତୁ ଅନ୍ତର୍ଭୁକ୍ତ।

**(ଘ) ଅବଶିଷ୍ଟ କ୍ଷମତା :**

ଧାରା ୨୪୮ ଅନୁଯାୟୀ ଆମ ସମ୍ବିଧାନ ଅବଶିଷ୍ଟ କ୍ଷମତାଗୁଡ଼ିକୁ କେନ୍ଦ୍ରସରକାରଙ୍କୁ ନ୍ୟସ୍ତ କରିଛି। ଯେଉଁସବୁ ବିଷୟବସ୍ତୁ ଉପରୋକ୍ତ ତିନୋଟି ତାଲିକାରେ ଲିପିବଦ୍ଧ ହୋଇନାହିଁ। ଅର୍ଥାତ୍ ଅବଶିଷ୍ଟ ବିଷୟବସ୍ତୁଗୁଡ଼ିକୁ ନେଇ ନିୟମ ତିଆରି କରିବା ସ୍ୱତନ୍ତ୍ର କ୍ଷମତା କେନ୍ଦ୍ର ସରକାରଙ୍କ ଠାରେ ନ୍ୟସ୍ତ।

ଯଦି ଚ ଆଇନ ତିଆରି କରିବା କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ କ୍ଷମତାର ବଣ୍ଟନ ହୋଇଛି, ବାସ୍ତବ କ୍ଷେତ୍ରରେ ଏ ଦିଗରେ କେନ୍ଦ୍ରସରକାରଙ୍କ ପ୍ରାଧାନ୍ୟତା ପରିଲକ୍ଷିତ ହୋଇଥାଏ।

୧୦୦ଟି ଜାତୀୟ ପ୍ରାଧାନ୍ୟ ଥିବା ବିଷୟବସ୍ତୁକୁ ନେଇ କେନ୍ଦ୍ର ତାଲିକା ପ୍ରସ୍ତୁତ କରାଯାଇଛି ଓ ଏହିସବୁ ବିଷୟବସ୍ତୁରେ କେନ୍ଦ୍ର ସରକାର ହିଁ ଆଇନ ତିଆରି କରିଥାନ୍ତି। ଏଥିରେ ରାଜ୍ୟ ସରକାରମାନେ କୌଣସି ପ୍ରକାର ହସ୍ତକ୍ଷେପ କରିପାରନ୍ତି ନାହିଁ। ଯୁଗ୍ମତାଲିକାଭୁକ୍ତ ବିଷୟବସ୍ତୁଗୁଡ଼ିକରେ ଉଭୟ କେନ୍ଦ୍ର ଓ ରାଜ୍ୟସରକାରମାନଙ୍କ ଆଇନ ତିଆରି କ୍ଷେତ୍ରରେ ସମାନ ଅଧିକାର ରହିଛି। କିନ୍ତୁ, ଉକ୍ତ ତାଲିକାଭୁକ୍ତ କୌଣସି ବିଷୟକୁ ନେଇ କେନ୍ଦ୍ର ଆଇନ ଓ ରାଜ୍ୟ ଆଇନ ମଧ୍ୟରେ ଯଦି ଦ୍ୱନ୍ଦ୍ୱ ଉପୁଜେ, ତେବେ କେନ୍ଦ୍ର ଆଇନ ବଳବତ୍ତର ରହେ। ଅବଶିଷ୍ଟ ବିଷୟବସ୍ତୁକୁ ନେଇ ଆଇନ ତିଆରି କରିବାରେ, ଧାରା ୨୪୮ କେନ୍ଦ୍ରସରକାରଙ୍କୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରିଛି।

ରାଜ୍ୟ ତାଲିକାଭୁକ୍ତ (୬୧ଟି) ବିଷୟବସ୍ତୁଗୁଡ଼ିକରେ ଆଇନ ତିଆରି କରିବା କ୍ଷମତା ପ୍ରତ୍ୟେକ ରାଜ୍ୟର ରହିଛି। କିନ୍ତୁ ଏଥିରେ ମଧ୍ୟ କିଛି ସ୍ୱତନ୍ତ୍ରତା ରହିଛି। ଧାରା ୨୪୯ ଅନୁଯାୟୀ, ରାଜ୍ୟସଭାର ଦୁଇ ତୃତୀୟାଂଶ ସଭ୍ୟମାନଙ୍କ ସମ୍ମତି କ୍ରମେ ରାଜ୍ୟତାଲିକାଭୁକ୍ତ ଯେକୌଣସି ବିଷୟବସ୍ତୁକୁ ଜାତୀୟ ପ୍ରାଧାନ୍ୟ ଦେଇ, କେନ୍ଦ୍ରସରକାରଙ୍କୁ ତତ୍‌ଜନିତ ବିଷୟ ଉପରେ ଏକ ବର୍ଷ ପାଇଁ ଆଇନ ତିଆରି କରିବାକୁ ଚିଠା ପ୍ରସ୍ତୁତ କରାଯାଇପାରେ। ରାଜ୍ୟସଭାର ବାରମ୍ବାର ଏଭଳି ଚିଠା ପ୍ରସ୍ତୁତ କରିବାର କ୍ଷମତା ରହିଛି। ସେହିଭଳି, ଜାତୀୟ ଜରୁରୀ କାଳୀନ ପରିସ୍ଥିତିରେ (ଧାରା ୩୫୨) କେନ୍ଦ୍ରସରକାର, ରାଜ୍ୟତାଲିକାଭୁକ୍ତ ବିଷୟଗୁଡ଼ିକୁ ନେଇ ଆଇନ ତିଆରି କରିବା କ୍ଷମତା ପାଇଥାଏ। ଏଭଳି ଜରୁରୀକାଳୀନ ପରିସ୍ଥିତି ଶେଷ ହେବାର ଛଅମାସ ପର୍ଯ୍ୟନ୍ତ ଏହିସବୁ ଆଇନ ବଳବତ୍ତର ରହେ। ଧାରା ୩୫୬ ଅନୁଯାୟୀ ମଧ୍ୟ ରାଷ୍ଟ୍ରପତି ଯଦି କୌଣସି ରାଜ୍ୟରେ, ରାଷ୍ଟ୍ରପତି ଶାସନ ଘୋଷିତ କରନ୍ତି, ତେବେ ସେହି ରାଜ୍ୟର ବିଧାନସଭା ଅଚଳ ହୋଇଯାଏ ଓ କେନ୍ଦ୍ରସରକାର ସେହି ରାଜ୍ୟର ଆଇନ ତିଆରି କ୍ଷମତା ନିଜ ହାତକୁ ନେଇଥାନ୍ତି। ରାଜ୍ୟ ପ୍ରସ୍ତୁତ କରିଥିବା ଏଭଳି କିଛି ଚିଠା ରହିଛି, ଯାହାକି ରାଷ୍ଟ୍ରପତିଙ୍କ ଅନୁମୋଦନ ବିନା ବିଧାନସଭାରେ ଆଗତ ହୋଇପାରେ ନାହିଁ।

ଏହିଭଳି ଅନ୍ୟ କିଛି ରାଜ୍ୟ ପ୍ରସ୍ତୁତି ଚିଠା ରହିଛି, ଯଥା- ଉଚ୍ଚନ୍ୟାୟାଳୟର କ୍ଷମତା ଓ ପରିସର, ଜନସ୍ୱାର୍ଥ ଦୃଷ୍ଟିରୁ ସମ୍ପତ୍ତିଗତ ପରିଚାଳନା, ଉତ୍ତମ ପରିଚାଳନା ଦୃଷ୍ଟିରୁ ଦୁଇ କିମ୍ବା ତତୋଧିକ ନିଗମର ମିଶ୍ରଣ, ଆନ୍ତଃ-ରାଜ୍ୟ ନଦୀ ଜଳ ବଣ୍ଟନ ଓ ତତ୍‌ସଂଲଗ୍ନ ବିଦ୍ୟୁତ୍ କର... ଇତ୍ୟାଦି, ଯାହାକି ରାଜ୍ୟପାଳଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ସଂରକ୍ଷିତ କରାଯାଇଥାଏ। ଯଦି କୌଣସି ସମୟରେ ଦୁଇ କିମ୍ବା ତତୋଧିକ ରାଜ୍ୟ, ରାଜ୍ୟ ତାଲିକାଭୁକ୍ତ ବିଷୟବସ୍ତୁକୁ ନେଇ ଆଇନ ପ୍ରଣୟନ କରିବାକୁ କେନ୍ଦ୍ରସରକାରଙ୍କୁ ଅନୁରୋଧ କରନ୍ତି, ତେବେ ମଧ୍ୟ କେନ୍ଦ୍ରସରକାର

ସେହି ବିଷୟରେ ଆଇନ ପ୍ରଣୟନ କରିଥାନ୍ତି। ସମ୍ବିଧାନର ଧାରା ୨୫୩ ଅନୁଯାୟୀ କୌଣସି ଆନ୍ତର୍ଜାତିକ ଚୁକ୍ତି ଓ ରାଜିନାମାକୁ ଲାଗୁ କରିବା ପାଇଁ କେନ୍ଦ୍ରସରକାର ସାରା ଦେଶରେ କିମ୍ବା ଯେକୌଣସି ଅଞ୍ଚଳରେ ଆଇନ ପ୍ରଣୟନ କରିପାରନ୍ତି।

ପୁନଶ୍ଚ, ଏହା ସୁସ୍ପଷ୍ଟ ଯେ, ରାଜ୍ୟ ବିଧାନ ମଣ୍ଡଳ ଏକ ସଦନୀୟ କିମ୍ବା ଦ୍ୱିସଦନୀୟ ହୋଇପାରେ। କିନ୍ତୁ ପ୍ରକୃତ କ୍ଷେତ୍ରରେ ବିଧାନ ପରିଷଦକୁ (ରାଜ୍ୟ ଉଚ୍ଚ ସଦନ) ସ୍ଥାପନ କିମ୍ବା ଉଚ୍ଛେଦ କରିବା କ୍ଷମତା କେନ୍ଦ୍ର ସଂସଦକୁ ନ୍ୟସ୍ତ କରାଯାଇଛି। ସେହିଭଳି ରାଜ୍ୟମାନଙ୍କ ପରିସୀମା ପରିବର୍ତ୍ତନ ଓ ନୂତନ ରାଜ୍ୟ ସୃଷ୍ଟି କରିବା କ୍ଷମତା ମଧ୍ୟ କେନ୍ଦ୍ରଠାରେ ନ୍ୟସ୍ତ।

ଆମ ସମ୍ବିଧାନର ଧାରା ୨୫୧ ଏହା ସୁସ୍ପଷ୍ଟ କରିଛି ଯେ, କୌଣସି ସମୟରେ ଯଦି କେନ୍ଦ୍ର ଆଇନ ଓ ରାଜ୍ୟ ଆଇନ ମଧ୍ୟରେ ଯଦି କିଛି ଦ୍ୱନ୍ଦ୍ୱ ଉପୁଜେ, ତେବେ କେନ୍ଦ୍ର ଆଇନ ବଳବତ୍ତର ରହେ। ପରିଶେଷରେ ଏହା କୁହାଯାଇପାରେ ଯେ କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ଥିବା ବ୍ୟବସ୍ଥାପିକା ସମ୍ପର୍କରେ କେନ୍ଦ୍ରସରକାରଙ୍କ ପ୍ରମୁଖ ଭୂମିକା ଓ ପ୍ରାଧାନ୍ୟତା ରହିଛି।

## ପ୍ରଶାସନିକ ସମ୍ପର୍କ

ପ୍ରଶାସନିକ ସମ୍ପର୍କ କ୍ଷେତ୍ରରେ ମଧ୍ୟ ସମ୍ବିଧାନ କେନ୍ଦ୍ରକୁ ସ୍ୱତନ୍ତ୍ର ପ୍ରାଧାନ୍ୟ ଦେଇଛି। ପ୍ରତ୍ୟେକ ରାଜ୍ୟର ନିଜର ସରକାର ଓ ପ୍ରଶାସନ ରହିଛି ଏବଂ ରାଜ୍ୟଗୁଡ଼ିକ ରାଜ୍ୟ ତାଲିକାଭୁକ୍ତ ବିଷୟବସ୍ତୁକୁ ନେଇ ନିଜ ନିଜର ଆଇନ ପ୍ରଣୟନ କରି ପ୍ରଶାସନ କରିଥା'ନ୍ତି। ନିଃସନ୍ଦେହରେ ଏହା କୁହାଯାଇପାରେ ଯେ କେନ୍ଦ୍ର ପ୍ରଶାସନିକ କ୍ଷେତ୍ରରେ କେନ୍ଦ୍ର ତାଲିକା ଓ ଅବଶିଷ୍ଟ ବିଷୟବସ୍ତୁ ଉପରେ ନିଜର କ୍ଷମତା ଜାହିର କରିବା ସଙ୍ଗେ ସଙ୍ଗେ ଯୁଗ୍ମ ତାଲିକାଭୁକ୍ତ ବିଷୟବସ୍ତୁ ଗୁଡ଼ିକରେ ମଧ୍ୟ ରାଜ୍ୟଠାରୁ ଅଧିକ ପ୍ରଭାବଶାଳୀ ହୋଇଥାଏ।

କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ପ୍ରଶାସନିକ ସମ୍ପର୍କ ଆମ ସମ୍ବିଧାନର ଭାଗ ଏକାଦଶର ଦ୍ୱିତୀୟ ପରିଚ୍ଛେଦରେ ସ୍ପଷ୍ଟ ଭାବେ ବର୍ଣ୍ଣିତ। ଏହାକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ପ୍ରଶାସନିକ ସମ୍ପର୍କ କ୍ଷେତ୍ରରେ ରାଜ୍ୟମାନଙ୍କ ଅପେକ୍ଷା କେନ୍ଦ୍ର ସ୍ୱତନ୍ତ୍ର ଭୂମିକା ଗ୍ରହଣ କରିଛି।

**୧. ରାଜ୍ୟପାଳଙ୍କ ନିଯୁକ୍ତି:** ରାଜ୍ୟର ମୁଖ୍ୟ ରାଜ୍ୟପାଳ ଯିଏକି ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ହୋଇଥାନ୍ତି। ଯଦିଚ ରାଜ୍ୟପାଳଙ୍କ ନିଯୁକ୍ତି ସମୟରେ ରାଷ୍ଟ୍ରପତି ସେହି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ନେବାର ବ୍ୟବସ୍ଥା ରହିଛି କିନ୍ତୁ ଏହା ବାଧ୍ୟତାମୂଳକ ନୁହଁ। ରାଜ୍ୟପାଳମାନେ ରାଜ୍ୟର ମୁଖ୍ୟ ଭାବେ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ କେନ୍ଦ୍ରର ପ୍ରତିନିଧି ଭାବେ ସେହି ରାଜ୍ୟର କାର୍ଯ୍ୟ ତୁଲାଇଥାନ୍ତି। ରାଷ୍ଟ୍ରପତି ଶାସନ ସମୟରେ ସେ ରାଜ୍ୟର ପ୍ରକୃତ ମୁଖ୍ୟ ଭାବେ କାର୍ଯ୍ୟ କରନ୍ତି।

**୨. ରାଜ୍ୟମାନଙ୍କ ଆନୁଗତ୍ୟ ଓ କେନ୍ଦ୍ରର ନିୟନ୍ତ୍ରଣ :** ସମ୍ବିଧାନର ଧାରା ୨୫୬ ଅନୁଯାୟୀ ପ୍ରତ୍ୟେକ ରାଜ୍ୟର ପ୍ରଶାସନିକ କ୍ଷମତା କେନ୍ଦ୍ର ଆଇନର ସହମତିରେ ପରିଚାଳିତ ହେବା ଦରକାର। ଧାରା ୨୫୭ ଅନୁଯାୟୀ କୌଣସି ରାଜ୍ୟର ପ୍ରଶାସନିକ କ୍ଷମତା କେନ୍ଦ୍ର ପ୍ରଶାସନିକ କ୍ଷମତାକୁ ବିରୁଦ୍ଧାଚରଣ କରିପାରିବ ନାହିଁ। ସମୟାନୁକ୍ରମେ

କେନ୍ଦ୍ର ଏହି ଦିଗରେ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦେଇପାରେ। ଜାତୀୟ ଓ ସାମରିକ ଗୁରୁତ୍ୱ ଦୃଷ୍ଟିରୁ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦେବା କ୍ଷମତା କେନ୍ଦ୍ର ସରକାରଙ୍କ ଠାରେ ରହିଛି।

**୩. କେନ୍ଦ୍ରକୁ ରାଜ୍ୟମାନଙ୍କ କ୍ଷମତା ଅର୍ପଣ :** ରାଜ୍ୟ ସରକାରଙ୍କ ସହମତିକ୍ରମେ ରାଷ୍ଟ୍ରପତି ରାଜ୍ୟର ପ୍ରଶାସନିକ କ୍ଷମତା ସର୍ତ୍ତ କିମ୍ବା ବିନାସର୍ତ୍ତରେ କେନ୍ଦ୍ରକୁ ହସ୍ତାନ୍ତର କରିପାରନ୍ତି।

**୪. ଆନ୍ତଃ ରାଜ୍ୟ ନଦୀଜଳ ବିବାଦ:** ଧାରା ୨୬୨ ଅନୁଯାୟୀ କେନ୍ଦ୍ର ସରକାର ଆନ୍ତଃ-ରାଜ୍ୟ ନଦୀଜଳ ବ୍ୟବହାର ଓ ବଣ୍ଟନ ବିବାଦକୁ ମୀମାଂସା କରିଥାନ୍ତି।

**୫. ରାଜ୍ୟରେ ଥିବା କେନ୍ଦ୍ରୀୟ ସମ୍ପତ୍ତିର ସୁରକ୍ଷା :** ରାଜ୍ୟରେ ଥିବା କେନ୍ଦ୍ରୀୟ ସମ୍ପତ୍ତିର ସୁରକ୍ଷା କରିବା ପ୍ରତ୍ୟେକ ରାଜ୍ୟ ସରକାରଙ୍କ ଦାୟିତ୍ୱ। ଏଥିପାଇଁ କେନ୍ଦ୍ର ସରକାର ଯେକୌଣସି ରାଜ୍ୟରେ କେନ୍ଦ୍ରୀୟ ପୋଲିସ ଆରକ୍ଷୀ କିମ୍ବା ଅର୍ଦ୍ଧସାମରିକ ବାହିନୀ ନିଯୁକ୍ତି କରିପାରନ୍ତି।

**୬. ସର୍ବଭାରତୀୟ ସେବା :** ଭାରତୀୟ ପ୍ରଶାସନିକ ସେବା ଓ ଭାରତୀୟ ପୋଲିସ ସେବା ଅଧିକାରୀମାନେ କେନ୍ଦ୍ର ଜନସେବା ଆୟୋଗ ଦ୍ୱାରା ନିଯୁକ୍ତି ପାଆନ୍ତି କିନ୍ତୁ ସେମାନେ ରାଜ୍ୟମାନଙ୍କରେ କାର୍ଯ୍ୟ କରିଥାନ୍ତି। ସେମାନଙ୍କ ଚାକିରି ସର୍ତ୍ତାବଳୀ କେନ୍ଦ୍ର ଗୃହମନ୍ତ୍ରଣାଳୟ ଦ୍ୱାରା ନିୟନ୍ତ୍ରିତ କିନ୍ତୁ ସେମାନେ ରାଜ୍ୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ସ୍ତରରେ କାର୍ଯ୍ୟନିର୍ବାହ କରନ୍ତି।

**୭. ସର୍ବଭାରତୀୟ ବୃତ୍ତି ସୃଷ୍ଟି ଓ ଉଚ୍ଛେଦ :** ଧାରା ୩୧୨ ଅନୁଯାୟୀ ସର୍ବଭାରତୀୟ ବୃତ୍ତି ନୂତନ ଭାବେ ସୃଷ୍ଟି କରିବା କିମ୍ବା ଉଚ୍ଛେଦ କରିବା କ୍ଷମତା ରାଜ୍ୟସଭାକୁ ନ୍ୟସ୍ତ କରାଯାଇଛି। ରାଜ୍ୟସଭା ଏହାର ଦୁଇ ତୃତୀୟାଂଶ ସଭ୍ୟମାନଙ୍କ ସହମତି ଅନୁଯାୟୀ ଏ ଦିଗରେ କାର୍ଯ୍ୟ ଗ୍ରହଣ କରିପାରେ।

**୮. ରାଜ୍ୟ ଜରୁରୀ କାଳୀନ ପରିସ୍ଥିତି :** ଧାରା ୩୫୬ ଅନୁଯାୟୀ ରାଷ୍ଟ୍ରପତି ନିଜେ କିମ୍ବା କୌଣସି ରାଜ୍ୟର ରାଜ୍ୟପାଳଙ୍କ ସୂଚନା କ୍ରମେ ସେହି ରାଜ୍ୟରେ ଜରୁରୀ କାଳୀନ ପରିସ୍ଥିତି ଘୋଷଣା କରିପାରନ୍ତି। ଏହି ସମୟରେ ରାଜ୍ୟ କାର୍ଯ୍ୟପାଳିକା ନିଜ କ୍ଷମତା ହରାଇଥାଏ। ରାଜ୍ୟ ପ୍ରଶାସନ ରାଷ୍ଟ୍ରପତିଙ୍କ ନିୟନ୍ତ୍ରଣକୁ ଆସିଯାଏ ଓ ରାଜ୍ୟପାଳ କେନ୍ଦ୍ର ପ୍ରତିନିଧି ହିସାବରେ ରାଜ୍ୟର ପ୍ରକୃତ ପ୍ରଶାସନିକ ମୁଖ୍ୟ ଭାବେ କାର୍ଯ୍ୟ ତୁଲାଇଥାନ୍ତି।

**୯. କେନ୍ଦ୍ର ଦ୍ୱାରା ରାଜ୍ୟମାନଙ୍କ ସୁରକ୍ଷା :** ଧାରା ୩୫୫ ଅନୁଯାୟୀ ପ୍ରତ୍ୟେକ ରାଜ୍ୟକୁ ବାହ୍ୟ ଶତ୍ରୁ ଆକ୍ରମଣ ଓ ଆନ୍ତଃ ବିଶୃଙ୍ଖଳାରୁ ସୁରକ୍ଷା ଦେବା ଓ ତତ୍ ସଙ୍ଗେ ସଙ୍ଗେ ରାଜ୍ୟଗୁଡ଼ିକୁ ସାମ୍ବିଧାନିକ ନୀତିନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ସୁଯୋଗ ଦେବା କେନ୍ଦ୍ର ସରକାରଙ୍କ ପ୍ରଧାନ କର୍ତ୍ତବ୍ୟ ଓ ଦାୟିତ୍ୱ। ସେହିଭଳି ଜାତୀୟ ଜରୁରୀକାଳୀନ ପରିସ୍ଥିତି ସମୟରେ ସାଧାରଣତଃ କେନ୍ଦ୍ରର ପ୍ରଶାସନିକ କ୍ଷମତା ସମସ୍ତ ରାଜ୍ୟକୁ ବିସ୍ତାରିତ ହୋଇଥାଏ ଓ କେନ୍ଦ୍ର ଏ ଦିଗରେ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେଇଥାନ୍ତି।

**୧୦. ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ତଦନ୍ତ କମିଶନ ନିଯୁକ୍ତି କ୍ଷମତା :** କେନ୍ଦ୍ର ସରକାରର ଅନ୍ୟ ଏକ ମୁଖ୍ୟ କ୍ଷମତା ହେଉଛି ପ୍ରଶାସନିକ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ତଦନ୍ତ କମିଶନ ନିଯୁକ୍ତି କରିବା। ଯାହାଦ୍ୱାରା ରାଜ୍ୟ କେନ୍ଦ୍ର ନିୟନ୍ତ୍ରଣରେ ରହିପାରିବ। ଏହା ସୁସ୍ପଷ୍ଟ ଯେ ସମ୍ବିଧାନ ଏ କ୍ଷେତ୍ରରେ କେନ୍ଦ୍ରସରକାରଙ୍କୁ ସ୍ୱତନ୍ତ୍ର ସ୍ଥାନ ଦେଇଛି ଯାହାକି ଐକିକ ରାଷ୍ଟ୍ରର ଏକ ଉପାଦାନ।

## କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆର୍ଥିକ ସମ୍ପର୍କ

ଭାରତୀୟ ସମ୍ବିଧାନର ଭାଗ ଦ୍ୱାଦଶର ଅଧ୍ୟାୟ ଏକରେ କେନ୍ଦ୍ର ଓ ରାଜ ମଧ୍ୟରେ ଆର୍ଥିକ ସମ୍ପର୍କ ବର୍ଣ୍ଣିତ ଅଛି। ଏହା ମୁଖ୍ୟତଃ ରାଜସ୍ୱ ବଣ୍ଟନ ସମ୍ବନ୍ଧରେ ସୂଚନା ଦିଏ।

**୧. କେନ୍ଦ୍ର ଦ୍ୱାରା ଧାର୍ଯ୍ୟ କର ଓ ବିଭିନ୍ନ ଶୁଳ୍କ:** ସମ୍ବିଧାନ ଦ୍ୱାରା ପ୍ରଦତ୍ତ କେତେଗୁଡ଼ିଏ ବିଷୟ ଯାହା ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ନିମିତ୍ତ ଉଦ୍ଦିଷ୍ଟ ଅଟେ। ଉଦାହରଣସ୍ୱରୂପ ଆମଦାନୀ ଓ ରପ୍ତାନୀ ଶୁଳ୍କ, ଆୟକର, ଉତ୍ପାଦନ କର, ଅବକାରୀ ଏବଂ କେନ୍ଦ୍ରତାଲିକାଭୁକ୍ତ ଯେକୌଣସି ବିଷୟବସ୍ତୁ।

**୨. ରାଜ୍ୟମାନଙ୍କ ଦ୍ୱାରା ଧାର୍ଯ୍ୟ ଓ ବ୍ୟବହୃତ କର ଓ ଶୁଳ୍କ:** କେତେଗୁଡ଼ିଏ ରାଜସ୍ୱ ସମ୍ପର୍କିତ ବିଷୟ ଯାହା ସମ୍ପୂର୍ଣ୍ଣ ଭାବେ ରାଜ୍ୟସରକାରଙ୍କ ଅଧୀନସ୍ଥ ଅଟେ। ଏଗୁଡ଼ିକ ହେଉଛି ଭୂସମ୍ପତ୍ତି କର, ଭୂ-ରାଜସ୍ୱ, ଦସ୍ତାବିଜ୍ ଶୁଳ୍କ, ଉତ୍ତରାଧିକାରୀ ଶୁଳ୍କ ଇତ୍ୟାଦି ଯାହାକି କେନ୍ଦ୍ର ତାଲିକାଭୁକ୍ତ ନୁହେଁ।

**୩. କେନ୍ଦ୍ରଦ୍ୱାରା ଧାର୍ଯ୍ୟକର ଯାହା ରାଜ୍ୟ ଦ୍ୱାରା ସଂଗୃହୀତ ଓ ବ୍ୟବହୃତ ହୋଇଥାଏ :** କେତେଗୁଡ଼ିଏ ବିଷୟବସ୍ତୁ ଯାହା କେନ୍ଦ୍ର ଦ୍ୱାରା ଧାର୍ଯ୍ୟ ହୋଇଥାଏ କିନ୍ତୁ ରାଜ୍ୟଗୁଡ଼ିକ ଦ୍ୱାରା ସଂଗୃହୀତ ଓ ବିନିଯୋଗ ହୋଇଥାଏ। ଉଦାହରଣସ୍ୱରୂପ-

(କ) ଚିଠା ଅଦଳ ବଦଳ, ଚେକ୍, ଅଙ୍ଗୀକାର ପତ୍ର, ଧାରଦେବା, ଆଦେଶ ପତ୍ର, ଋଣପତ୍ର, ବୀମା ଚୁକ୍ତିପତ୍ର, ଭାଗ ହସ୍ତାନ୍ତର ଇତ୍ୟାଦି।

(ଖ) ଔଷଧ ଓ ପ୍ରସାଧନ ସାମଗ୍ରୀ ପ୍ରସ୍ତୁତ କ୍ଷେତ୍ରରେ ବ୍ୟବହାର ହେଉଥିବା ଅଫିମ ଆଦି ନିଶାଦ୍ରବ୍ୟ ଉପରେ ଅବକାର ଶୁଳ୍କ ଇତ୍ୟାଦି।

**୪. କେନ୍ଦ୍ର ଦ୍ୱାରା ନିର୍ଦ୍ଧାରିତ ଓ ସଂଗୃହୀତ କର ଯାହା ରାଜ୍ୟଗୁଡ଼ିକୁ ପ୍ରଦତ୍ତ :** ଏଭଳି କିଛି ବିଷୟବସ୍ତୁ ଅଛି ଯେଉଁଠି କର ଧାର୍ଯ୍ୟ ଓ ସଂଗ୍ରହ କେନ୍ଦ୍ରସରକାରଙ୍କ ଦ୍ୱାରା ହୋଇଥାଏ କିନ୍ତୁ ସେସବୁ ସମ୍ପୂର୍ଣ୍ଣ ଭାବେ ରାଜ୍ୟଗୁଡ଼ିକୁ ପ୍ରଦାନ କରାଯାଇଥାଏ। ଉଦାହରଣତଃ ପ୍ରାନ୍ତୀୟ କର, ରେଳପଥ, ଜଳପଥ ଓ ଆକାଶପଥ ଦ୍ୱାରା ସଂଗୃହୀତ ଯାତ୍ରୀ ଓ ମାଲ ପରିବହନ କର, କୃଷି ବ୍ୟତୀତ ଅନ୍ୟ ସ୍ଥାବର ସମ୍ପତ୍ତିରୁ ସଂଗୃହୀତ କର ଇତ୍ୟାଦି।

**୫. କେନ୍ଦ୍ର ଦ୍ୱାରା ଧାର୍ଯ୍ୟ ଓ ସଂଗୃହୀତ କର ଯାହା କେନ୍ଦ୍ର ଓ ରାଜ୍ୟଗୁଡିକ ମଧ୍ୟରେ ଆବଣ୍ଟିତ :** ଏଭଳି ଅନ୍ୟ କିଛି ବିଷୟବସ୍ତୁ ଅଛି ଯେଉଁଠି କେନ୍ଦ୍ର ଦ୍ୱାରା କର ଧାର୍ଯ୍ୟ ଓ ସଂଗୃହୀତ ହୋଇଥାଏ ଯାହା ପରବର୍ତ୍ତୀ ସମୟରେ ଏକ ନିର୍ଦ୍ଧାରିତ ନିୟମ ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଭାଗ କରାଯାଇଥାଏ। ଉଦାହରଣ ସ୍ୱରୂପ କୃଷିକର ବ୍ୟତୀତ ଅନ୍ୟାନ୍ୟ ଆୟକର, ଔଷଧ ଓ ପ୍ରସାଧନ ସାମଗ୍ରୀ ପ୍ରସ୍ତୁତି ବ୍ୟତୀତ ଅବକାରୀ କର।

**୬. ରାଜ୍ୟଗୁଡ଼ିକୁ କେନ୍ଦ୍ରୀୟ ଅନୁଦାନ :** ରାଜ୍ୟଗୁଡ଼ିକ ନିଜ ସଂଗୃହୀତ ରାଜସ୍ୱରୁ ନିଜ ଆବଶ୍ୟକ ଖର୍ଚ୍ଚର ଚାହିଦା ମେଣ୍ଟାଇ ପାରନ୍ତି ନାହିଁ। ସେଥିଯୋଗୁଁ ସମ୍ବିଧାନରେ ଅଭାବି ରାଜ୍ୟଗୁଡ଼ିକ ପାଇଁ କେନ୍ଦ୍ର ଦ୍ୱାରା ଅନୁଦାନ ପ୍ରଦାନର ବ୍ୟବସ୍ଥା ରହିଛି। ଉକ୍ତ ଅନୁଦାନ ରାଶି କେନ୍ଦ୍ରଦ୍ୱାରା ନିର୍ଦ୍ଧାରିତ ହୋଇଥାଏ। ଏହା ବ୍ୟତୀତ ରାଜ୍ୟମାନେ

ସେମାନଙ୍କ ସ୍ୱତନ୍ତ୍ର ଯୋଜନା ପାଇଁ ଋଣ କରିବା ବ୍ୟବସ୍ଥା ରହିଛି । ହରିଜନ, ଆଦିବାସୀ ଓ ଅନ୍ୟାନ୍ୟ ପଛୁଆବର୍ଗର ଲୋକଙ୍କ ଉନ୍ନତି ପାଇଁ ସମ୍ବିଧାନର ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି । ଆସାମ, ବିହାର, ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟମାନେ ଝୋଟ ଓ ଝୋଟ ଜାତ ପଦାର୍ଥ କ୍ଷେତ୍ରରେ ରପ୍ତାନୀ ଶୁଳ୍କ ବଦଳରେ କେନ୍ଦ୍ରଠାରୁ ଅନୁଦାନ ପାଇଥାନ୍ତି ।

**୭. ଋଣ ଉଠାଣ କ୍ଷେତ୍ରରେ କେନ୍ଦ୍ରର କ୍ଷମତା :** ସଂସଦ ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁଯାୟୀ, ଜାତୀୟ ଆପଦକାଳୀନ ପାଣ୍ଠିରୁ ଆବଶ୍ୟକ ସ୍ଥଳେ କେନ୍ଦ୍ର ସରକାର ଋଣ ଉଠାଣର ବ୍ୟବସ୍ଥା ଅଛି । ରାଜ୍ୟମାନେ ଭାରତର ଆଭ୍ୟନ୍ତରୀଣ ସୂତ୍ରରୁ ଧାର କରିପାରିବେ । କେନ୍ଦ୍ର ସରକାରଙ୍କ ସ୍ୱୀକୃତି ବିନା କୌଣସି ବୈଦେଶିକ-ସୂତ୍ରରୁ ରାଜ୍ୟମାନେ ଋଣ କରିପାରିବେ ନାହିଁ ।

**୮. ମହା ସମୀକ୍ଷକ ଓ ହିସାବ ରକ୍ଷକଙ୍କ ଦ୍ୱାରା ରାଜ୍ୟଗୁଡ଼ିକ ଉପରେ ନିୟନ୍ତ୍ରଣ :** ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତି ପ୍ରାପ୍ତ ମହାସମୀକ୍ଷକ ଓ ହିସାବରକ୍ଷକ ସମସ୍ତ ରାଜ୍ୟ ଓ କେନ୍ଦ୍ରସରକାରଙ୍କ ଆୟବ୍ୟୟର ସମୀକ୍ଷା କରନ୍ତି । କେଉଁ ପଦ୍ଧତିରେ ରାଜ୍ୟଗୁଡ଼ିକ ନିଜର ଆୟବ୍ୟୟର ଅଟକଳ ପରିଚାଳନା କରିବେ ତାହା ତାଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ହିସାବ ପରିଚାଳନା କ୍ଷେତ୍ରରେ ରାଜ୍ୟମାନେ ତାଙ୍କ ଆଦେଶ ଓ ନିର୍ଦ୍ଦେଶ ମାନିବାକୁ ବାଧ ହୋଇଥାନ୍ତି ।

**୯. ଅର୍ଥ ଆୟୋଗ :** ସମ୍ବିଧାନର ଧାରା ୨୮୦ ଅନୁଯାୟୀ ରାଷ୍ଟ୍ରପତି ପ୍ରତି ପାଞ୍ଚ ବର୍ଷରେ ଥରେ ଅର୍ଥ ଆୟୋଗ ନିଯୁକ୍ତି କରିଥାନ୍ତି । ଏହି ଆୟୋଗ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିଭିନ୍ନ ଆୟ ଓ କରର ବଣ୍ଟନ ନିମନ୍ତେ ସୁପାରିଶ କରିଥାନ୍ତି । ଏହା ମଧ୍ୟ ରାଜ୍ୟମାନଙ୍କୁ ଅନୁଦାନ ଓ ଆର୍ଥିକ ସାହାଯ୍ୟ ଦେବାପାଇଁ ନିଷ୍ପତ୍ତି ନେଇଥାଏ ।

**୧୦. ଆର୍ଥିକ ଜରୁରୀକାଳୀନ ପରିସ୍ଥିତି (ଧାରା ୩୬୦) :** ସମ୍ବିଧାନର ଧାରା ୩୬୦ ଅନୁଯାୟୀ ଆର୍ଥିକ ଜରୁରୀ କାଳୀନ ପରିସ୍ଥିତି ଉପୁଜିଲେ ରାଷ୍ଟ୍ରପତି, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ଅନୁଦାନ ଓ ରାଜସ୍ୱ ବଣ୍ଟନ ବ୍ୟବସ୍ଥାକୁ ବାତିଲ କରିପାରନ୍ତି । ରାଜ୍ୟଗୁଡ଼ିକୁ ରାଜ୍ୟ ତାଲିକାଭୁକ୍ତ ବିଷୟବସ୍ତୁର ସଂଗୃହୀତ ରାଜସ୍ୱ ଉପରେ ନିର୍ଭର କରିବାକୁ ପଡ଼ିଥାଏ ।

ଏହା ସୁସ୍ପଷ୍ଟ ଯେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ଆର୍ଥିକ ସମ୍ପର୍କ କ୍ଷେତ୍ରରେ କେନ୍ଦ୍ର ଏକ ପ୍ରମୁଖ ଓ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଥାଏ ଯାହାକି ଐକିକ ରାଷ୍ଟ୍ର ଚିନ୍ତାଧାରାର ଅନୁପୂରକ ।

## ସଂଘୀୟ ବ୍ୟବସ୍ଥାର ବର୍ତ୍ତମାନର ସ୍ଥିତି

ଆବଶ୍ୟକତା ଦୃଷ୍ଟିରୁ ଭାରତ ଏକ ସଂସଦୀୟ ସଂଘୀୟ ବ୍ୟବସ୍ଥା ଗ୍ରହଣ କରିଛି । ଅଷ୍ଟିନ୍‌ଙ୍କ ମତରେ ଭାରତର ସାମ୍ବିଧାନିକ ସଭା ଏହାର ବିଚିତ୍ରତା ତଥା ସ୍ୱତନ୍ତ୍ର ଆବଶ୍ୟକତାକୁ ନେଇ ଏକ ନୂତନ ପ୍ରକାର ସଂଘୀୟ ବ୍ୟବସ୍ଥା ସୃଷ୍ଟି କରିଛି । ଭାରତର ବିଶାଳତା ଓ ବିଭିନ୍ନତା ମଧ୍ୟରେ ଏକତା, ସହଭାଗୀତା ଓ ସହଯୋଗ ସୃଷ୍ଟି କରିବା ଏକ କଷ୍ଟସାଧ୍ୟ ବ୍ୟାପାର କାରଣ ଏଥିରେ ବିଭିନ୍ନ ସ୍ତରରେ ମୁଖ୍ୟତଃ କେନ୍ଦ୍ରୀୟ, ପ୍ରାଦେଶିକ ଓ ଆଞ୍ଚଳିକ ସରକାରମାନଙ୍କ ମଧ୍ୟରେ ସହଯୋଗ ଓ ସହଭାଗୀତାର ନିତାନ୍ତ ଆବଶ୍ୟକତା ରହିଛି । ଏଠାରେ ତତ୍‌ଜନିତ କିଛି ଘଟଣାର ଆଲୋକପାତ କରାଗଲା ।

ଐତିହାସିକ ଦୃଷ୍ଟିକୋଣରୁ ଏହା କୁହାଇପାରେ ଯେ ଭାରତରେ ସଂଘୀୟ ବ୍ୟବସ୍ଥାର ପସନ୍ଦ ଅପେକ୍ଷା ଆବଶ୍ୟକତା ଅଧିକ ଥିଲା। ପ୍ରଚଳିତ ବିରୋଧାଭାସ ପ୍ରବୃତ୍ତି, ଧାର୍ମିକ ଓ ସାମ୍ପ୍ରଦାୟିକ ଉତ୍ତେଜନା, ଦେଶ ବିଭାଜନ ଏକ କେନ୍ଦ୍ରାଭିମୁଖୀ ସଂଘୀୟ ବ୍ୟବସ୍ଥାର ଆବଶ୍ୟକତାକୁ ଉପଲବ୍ଧି କଲା। ତତ୍କାଳୀନ ବ୍ରିଟିଶ୍ ସରକାର ମଧ୍ୟରେ ଭାରତ ଭଳି ସାଂସ୍କୃତିକ ଓ ଆଞ୍ଚଳିକ ବିବିଧତା ପୂର୍ଣ୍ଣ ଦେଶକୁ ପ୍ରକୃତ ଶାସନ କରିବା କଷ୍ଟକର ଅନୁଭବ କରି ଏକ ସାମ୍ବିଧାନିକ ସଂସ୍କାରର ଆବଶ୍ୟକତାକୁ ଉପଲବ୍ଧି କରିଥିଲେ। ପରବର୍ତ୍ତୀ ସମୟରେ ତାହା ମୋଣ୍ଟେଗୁ ଚେମସ୍‌ଫୋର୍ଡ଼ ବିବରଣୀ (୧୯୧୮) ରୂପେ ପରିଚିତ। ଏଥିରେ ଉଲ୍ଲେଖ କରାଯାଇଥିଲା ଯେ, "ଆମ ଚିନ୍ତାର ଏକ କେନ୍ଦ୍ରୀୟ ଭାରତ ଯେଉଁଠି କି ପ୍ରତ୍ୟେକ ରାଜ୍ୟ ନିଜ ନିଜ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରି ନିଜେ ନିଜର ଆଞ୍ଚଳିକ ସୁବିଧାକୁ ନେଇ ପ୍ରତ୍ୟେକ କ୍ଷେତ୍ରରେ ଶାସନ କରିବେ।" ଏହି ସଂସ୍କାର ବିବରଣୀକୁ ଭିତ୍ତିକରି ଭାରତ ସରକାର ୧୯୧୯ ମସିହାରେ ପ୍ରାଦେଶିକ ସ୍ତରରେ କିଛି କ୍ଷମତା ହସ୍ତାନ୍ତର କଲେ। ପ୍ରାଦେଶିକ ସରକାରମାନେ ତତ୍‌ପରବର୍ତ୍ତୀ ସମୟରେ ଜଳ, ଜଙ୍ଗଲ, କୃଷି, ସ୍ୱାସ୍ଥ୍ୟ, ଜଳସେଚନ, ଜନ କଲ୍ୟାଣ କ୍ଷେତ୍ରରେ ରାଜସ୍ୱ ଆଦାୟ ସହ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କ୍ଷମତା ଲାଭ କଲେ। ଯଦିଚ ଏହି ନିୟମ ଦ୍ୱାରା ପ୍ରାଦେଶିକ ସରକାରମାନେ କିଛି ସ୍ୱତନ୍ତ୍ରତା ପାଇବାରେ ସକ୍ଷମ ହେଲେ କିନ୍ତୁ ବାସ୍ତବ କ୍ଷେତ୍ରରେ ଭାରତ ଏକ ଐକିକ ସରକାର ଢାଞ୍ଚାରେ ରହିଲା।

ସାଇମନ କମିଶନ ବିବରଣୀ ମଧ୍ୟ ୧୯୨୯ ମସିହାରେ ଆର୍ଥିକ କ୍ଷେତ୍ରରେ କ୍ଷମତା ହସ୍ତାନ୍ତର, କେନ୍ଦ୍ର ଓ ପ୍ରାଦେଶିକ ସ୍ତରରେ ଆୟକରର ବଣ୍ଟନ ଭଳି କିଛି ନୂତନ ପ୍ରସ୍ତାବ ଆଗତ କରିଥିଲେ। ପରିଶେଷରେ ଭାରତ ସରକାରଙ୍କ ଆଇନ ୧୯୩୫ ଏହା ନିଶ୍ଚିତ କଲା ଯେ ଭାରତରେ ଏକ ସ୍ୱୟଂ ଶାସିତ ପ୍ରାଦେଶିକ ସରକାରମାନଙ୍କ ସଂଘୀୟ ସମଷ୍ଟି କିନ୍ତୁ ପ୍ରାଦେଶିକ ସରକାରମାନେ ଗଭର୍ଣ୍ଣର ଜେନେରାଲଙ୍କ ନିୟମ ମାନିବାକୁ ବାଧ୍ୟ। ଆବଶ୍ୟକ ସ୍ଥଳେ ଗଭର୍ଣ୍ଣର ଜେନେରାଲ ପ୍ରାଦେଶିକ ସରକାରଙ୍କ କ୍ଷମତାକୁ ସଙ୍କୁଚିତ କରିପାରିବେ। ଏହି ଆଇନରେ ଉଭୟ କେନ୍ଦ୍ରୀୟ ଓ ପ୍ରାଦେଶକ ସରକାରଙ୍କ ଆଇନ ତିଆରି, ଆର୍ଥିକ ଏବଂ ନ୍ୟାୟିକ ପରିସରର କ୍ଷମତା ଉଲ୍ଲେଖ କରାଯାଇଥିଲା କିନ୍ତୁ ପ୍ରାଦେଶିକ ସରକାରମାନେ ଯେଉଁ ସାର୍ବଭୌମ ସ୍ଥିତି ଚାହୁଁଥିଲେ ତାହା ସେମାନେ ପାଇନଥିଲେ। ପୁନଶ୍ଚ କ୍ୟାବିନେଟ୍ ମିଶନ ଯୋଜନା ୧୯୪୬ରେ ମଧ୍ୟ କେତେକ ନିର୍ଦ୍ଦିଷ୍ଟ ଅସଂଲଗ୍ନ, ଅସଙ୍ଗତ ସଂଘୀୟ ବ୍ୟବସ୍ଥାର ଆଲୋକ ପାତ କରାଯାଇଛି। ତତ୍‌କାଳୀନ ଭାରତୀୟ ବିଜ୍ଞ ବ୍ୟକ୍ତିମାନେ, ଯେଉଁମାନେକି ଭାରତରେ ଏକ କେନ୍ଦ୍ରାଭିମୁଖୀ ସଂଘୀୟ ବ୍ୟବସ୍ଥାର ପରିକଳ୍ପନା କରିଥିଲେ, ସେମାନଙ୍କ ପାଇଁ ଏସବୁ ପ୍ରସ୍ତାବଗୁଡ଼ିକ ଗ୍ରହଣଯୋଗ୍ୟ ନ ଥିଲା।

ପରିଶେଷରେ ବ୍ରିଟିଶ୍ ଉପନିବେଶବାଦ୍ ଓ ଜାତୀୟବାଦୀଙ୍କ ମଧ୍ୟସ୍ଥତାର ପ୍ରଭାବରେ ଭାରତରେ ଏକ ଦୃଢ଼ କେନ୍ଦ୍ରାଭିମୁଖୀ ସଂସଦୀୟ ରାଷ୍ଟ୍ରସଂଘର ପ୍ରତିଷ୍ଠା କରାଗଲା। ଏଭଳି ଭାବେ ଭାରତର ସମ୍ବିଧାନ ପ୍ରଣେତାମାନେ ସମ୍ବିଧାନର ଧାରା ୨୪୬ ଓ ସପ୍ତମ ତାଲିକାରେ ଭାରତକୁ ଏକ ରାଷ୍ଟ୍ରସଂଘ ରୂପ ଦେଲେ। ସେମାନେ ଉଦ୍ଦେଶ୍ୟମୂଳକ ଭାବେ 'ରାଷ୍ଟ୍ର ସଂଘ' ଶବ୍ଦର ବ୍ୟବହାର କରିନାହାନ୍ତି। କାରଣ ସେମାନଙ୍କ ମତରେ ଏହି ଶବ୍ଦର ବ୍ୟବହାର ଭବିଷ୍ୟତରେ ଭାରତର ଏକତା ଓ ଅଖଣ୍ଡତାକୁ କ୍ଷୁର୍ଣ୍ଣ କରିପାରେ। ନିଃସନ୍ଦେହରେ ଏହା କୁହାଯାଇପାରେ ଯେ ଭାରତୀୟ ସମ୍ବିଧାନ ଏକ ସଂଘୀୟ ଏବଂ ବିଶ୍ୱର ଅଦ୍ୱିତୀୟ ସମ୍ବିଧାନ ଅଟେ। ଭାରତ ଭଳି ଏକ ବହୁ ଭାଷାଭାଷୀ, ବହୁଜାତି, ବହୁଧର୍ମ ଓ ସାଂସ୍କୃତିକ ବିବିଧତା ଥିବା ଦେଶରେ କେବଳ ସଂଘୀୟ ବ୍ୟବସ୍ଥା ହିଁ ପରସ୍ପର ମଧ୍ୟରେ

ବୁଝାମଣା ଓ ଏକତା ଆଣି ଦେଇପାରିବ। କିନ୍ତୁ ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଏହିସବୁ ବିବିଧତା ଏକ ବଡ଼ ବିରୋଧାତ୍ମକ ପରିବେଶ ସୃଷ୍ଟି କରିଛି।

## ସହଭାଗୀ ସଂଘୀୟ ବ୍ୟବସ୍ଥା

ଆମେ ଏଭଳି ଏକ ସହଭାଗୀ ସଂଘୀୟ ବ୍ୟବସ୍ଥାର ଆଲୋଚନା କରୁଛୁ ଯେଉଁଠି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସଂଘ ସୃଷ୍ଟି କରିବାର ରାଜିନାମା ହୋଇନାହିଁ। ରାଜ୍ୟଗୁଡ଼ିକ ଚୁକ୍ତିନାମାର ଅଂଶବିଶେଷ ନୁହନ୍ତି। ପରନ୍ତୁ ଏସବୁ ସମ୍ବିଧାନ ଦ୍ୱାରା ସୃଷ୍ଟ ଯାହାକି ସମ୍ବିଧାନ ପ୍ରଣୟନ ସଭାଦ୍ୱାରା ପରିକଳ୍ପନା କରାଯାଥିଲା। ଏଇ ସମ୍ବିଧାନ ସଭା କେନ୍ଦ୍ରାଭିମୁଖୀ ଶାସନ ବ୍ୟବସ୍ଥାର ପରିକଳ୍ପନା କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନ କ୍ଷେତ୍ରରେ ସମାନତାର ବ୍ୟବସ୍ଥା କରାଯାଇନାହିଁ। ଏପରିକି ରାଜ୍ୟସଭାରେ (ଉଚ୍ଚସଦନ) ପ୍ରତିନିଧିତ୍ୱ କ୍ଷେତ୍ରରେ ମଧ୍ୟ ରାଜ୍ୟମାନଙ୍କୁ ସମାନତା ଦିଆଯାଇ ନାହିଁ। ଏଠାରେ ଆହୁରିମଧ୍ୟ ଉଲ୍ଲେଖ କରାଯାଇପାରେ ଯେ ସଂଘୀୟ ବ୍ୟବସ୍ଥାରେ ଥିବା ପ୍ରାଦେଶିକ ସରକାରଗୁଡ଼ିକ ସେମାନଙ୍କ ନାମ, ସୀମା, ଭୌଗୋଳିକ ଆୟତନ ଇତ୍ୟାଦି କ୍ଷେତ୍ରରେ (ଯୁଗ୍ମ ତାଲିକାଭୁକ୍ତ) କୌଣସି ନିଷ୍ପତ୍ତି ନେଇପାରବେ ନାହିଁ। ଯୁଗ୍ମ ତାଲିକାଭୁକ୍ତ କୌଣସି ବିଷୟବସ୍ତୁକୁ ନେଇ ଆଇନ ପ୍ରଣୟନ କ୍ଷେତ୍ରରେ ଯଦି କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କୌଣସି ଦ୍ୱନ୍ଦ୍ୱ ଉପୁଜେ, ତେବେ ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ (ଧାରା ୨୪୯) କେନ୍ଦ୍ରୀୟ ଆଇନ ବଳବତ୍ତର ରହେ। ସମ୍ବିଧାନ ଅନ୍ତର୍ଭୁକ୍ତ ଅବଶିଷ୍ଟ କ୍ଷମତା କେନ୍ଦ୍ରଠାରେ ନ୍ୟସ୍ତ (ଧାରା ୨୪୮)। ସେହିଭଳି ଅନ୍ୟାନ୍ୟ କେନ୍ଦ୍ରଭିମୁଖୀ ଚିନ୍ତାଧାରା "ସହଭାଗୀ ସଂଘୀୟ" ବ୍ୟବସ୍ଥାରେ ନିଜର ଗୁରୁତ୍ୱ ବହନ କରେ।

୧୯୮୦ ମସିହା ପର୍ଯ୍ୟନ୍ତ ସଂସଦୀୟ କେନ୍ଦ୍ରୀକରଣ ବ୍ୟବସ୍ଥା ଏକଦଳୀୟ ଆଧିପତ୍ୟ ଦ୍ୱାରା ପ୍ରଭାବିତ ହୋଇଥିଲା। ୧୮୮୯ ମସିହା ସଂସଦ ନିର୍ବାଚନ ପ୍ରଚଳିତ ରାଜନୈତିକ ଧାରାରେ ଏକ ବୃହତ୍ତର ସଂଘୀୟ ବ୍ୟବସ୍ଥାର ସୂତ୍ରପାତ କଲା। ଏହି ପରିବର୍ତ୍ତନର ମୁଖ୍ୟ କାରଣ ହେଲା ଏକ ଦଳୀୟ ଆଧିପତ୍ୟ ବ୍ୟବସ୍ଥାରୁ ବହୁଦଳୀୟ ବ୍ୟବସ୍ଥାକୁ ସ୍ଥାନାନ୍ତରୀକରଣ ଏବଂ ଆଞ୍ଚଳିକ ଦଳମାନଙ୍କ ଉତ୍‌ଥାନ। ଭାରତର ବହୁବିଧ ସାମାଜିକ ସ୍ଥିତି ସଂଘୀୟ ବିବିଧତା ଏବଂ ରାଜନୈତିକ ବ୍ୟବସ୍ଥାର କାର୍ଯ୍ୟକାରିତା କ୍ଷେତ୍ରରେ ଦଳୀୟ ବ୍ୟବସ୍ଥା ଏକ ପ୍ରମୁଖ ଭୂମିକା ନିର୍ବାହ କରୁଛି। ସେଥିଯୋଗୁଁ ଦୀର୍ଘ ଦୁଇ ଦଶନ୍ଧି ଧରି (୧୯୮୯-୨୦୧୪) କେନ୍ଦ୍ରରେ ମିଳିତ ସରକାର କାର୍ଯ୍ୟ କରିଆସୁଛି। କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ରାଜସ୍ୱ ବଣ୍ଟନର ସମସ୍ୟା ଏକ ପ୍ରମୁଖ ଓ ସର୍ବଦା ବିତର୍କିତ ବିଷୟ। ଯଦି ଆମେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ରାଜସ୍ୱ ବଣ୍ଟନର ବିଷୟକୁ ଅନୁଧ୍ୟାନ କରିବା ତେବେ ଏହା ସୂଚାଏ ଯେ ଏହି କ୍ଷେତ୍ରରେ ଏକ ବ୍ୟାପକ ତାରତମ୍ୟ ରହିଛି। ଯଥା-

(୧) ରାଜସ୍ୱ ନିର୍ଦ୍ଧାରଣ ଓ ଅବଣ୍ଟନର କ୍ଷମତା,

(୨) ରାଜ୍ୟଗୁଡ଼ିକ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକାରିତା ଦାୟିତ୍ୱ, ଉଦାହରଣସ୍ୱରୂପ, ସମ୍ବିଧାନର ଧାରା ୨୮୨ ଅନୁଯାୟୀ କେନ୍ଦ୍ର ରାଜ୍ୟଗୁଡ଼ିକୁ ଯୋଜନା ଅନୁଦାନ ସମପରିମାଣରେ ପ୍ରଦାନ କରିଥାଏ, ଯାହା ରାଜ୍ୟଗୁଡ଼ିକର ନିଜସ୍ୱ ଉତ୍ପାଦ ସହ ସମକକ୍ଷ ଅଟେ। ଏହାର ଅର୍ଥ ହେଲା, ଭୌଗୋଳିକ ତାରତମ୍ୟ ହେତୁ ଦେଶର ସମ୍ବଳ, ଭୂମି ଏବଂ ଉନ୍ନତି ପ୍ରୟାସ କ୍ଷେତ୍ରରେ ଅସମାନତାର ପରିପ୍ରକାଶ। ବର୍ତ୍ତମାନର ସରକାର ଯୋଜନା ଆୟୋଗକୁ ପରିବର୍ତ୍ତନ

କରି ଏହାର ନୂତନ ନାମକରଣ ନୀତି ଆୟୋଗ କରିଛନ୍ତି। ନୀତି ଆୟୋଗର ପରିଚାଳନା ପରିଷଦ ରାଜ୍ୟମାନଙ୍କର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକର ଲେଫ୍ଟନାଣ୍ଟ ଗଭର୍ଣ୍ଣରମାନଙ୍କୁ ନେଇ ଗଠିତ।

ଆଞ୍ଚଳିକ ବୈଷମ୍ୟତାକୁ ପରିଲକ୍ଷିତ କରି ଏବଂ ବିଭିନ୍ନ ରାଜ୍ୟର ବିରୋଧୀଦଳ ଗୁଡ଼ିକର କ୍ଷମତାକୁ ଆଗମନର ସୂଚନା, ଅର୍ଥନୈତିକ ବିକେନ୍ଦ୍ରୀକରଣରେ ଜଗତୀକରଣର ଚାପ, ଏସବୁକୁ ନେଇ ନୀତି ଆୟୋଗର ନୀତି ନିର୍ଦ୍ଧାରଣ ହେଲା-

(କ) ରାଜ୍ୟ ଓ ସ୍ଥାନୀୟ ସ୍ୱାୟତ୍ତ ଶାସନ କ୍ଷେତ୍ରରେ ଆଶାନୁରୂପ ଆର୍ଥିକ ସ୍ୱତନ୍ତ୍ରତା ଯୋଗାଇ ଦେବା କେତେଦୂର ସମ୍ଭବ ?

(ଖ) ସହଭାଗୀ ସଂଘୀୟ ବ୍ୟବସ୍ଥାକୁ ଦୃହି ଦେଇ ନୂତନ ଭାବେ ଗଠିତ ହୋଇଥିବା ନୀତି ଆୟୋଗ ତା'ର ଚିର ପ୍ରତୀକ୍ଷିତ ବିକେନ୍ଦ୍ରୀକରଣ ନୀତିର ନୂତନତ୍ୱ ପରିପ୍ରକାଶ କରିବ କିମ୍ବା ପୂର୍ବ ପ୍ରଚଳିତ ଢାଞ୍ଚା ବଜାୟ ରହିବ ?

ଅନିଚ୍ଛା ଓ ଅସଙ୍ଗତ ଭାବେ ଗଠନ କରାଯାଇଥିବା ସଂଘୀୟ ବ୍ୟବସ୍ଥା ପ୍ରଶାସନ ପାଇଁ ସମସ୍ୟା ସୃଷ୍ଟି କରିଛି। ସମ୍ବିଧାନର ଧାରା ୩୭୦ ଜାମ୍ମୁକାଶ୍ମୀର ରାଜ୍ୟକୁ ଅସଙ୍ଗତ ସ୍ଥିତି ପ୍ରଦାନ କରିଛି। ଏହାର ନିଜସ୍ୱ ସମ୍ବିଧାନ, ଏହାର ମୁଖ୍ୟମନ୍ତ୍ରୀ ପଦବୀ ସ୍ଥଳେ ପ୍ରଧାନମନ୍ତ୍ରୀ ପଦର ସୃଷ୍ଟି ସ୍ୱତନ୍ତ୍ର ଭାବେ କାର୍ଯ୍ୟ ସମ୍ପାଦନ କ୍ଷମତା ଇତ୍ୟାଦି। ଧାରା ୩୭୦ରେ ଉଲ୍ଲେଖିତ ଜାମ୍ମୁକାଶ୍ମୀର ରାଜ୍ୟପାଇଁ ଏସବୁ ସାମୟିକ ବ୍ୟବସ୍ଥା ଯାହା ଦୁର୍ଭାଗ୍ୟବଶତଃ ଆଜିଯାଏଁ ପ୍ରଚଳିତ। ସେହିଭଳି ନାଗାଲାଣ୍ଡ ଓ ମିଜୋରାମ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକର ବିକାଶ ପାଇଁ ସମ୍ବିଧାନର ଧାରା ୩୭୧ (କ) ଏବଂ ୩୭୧ (ଛ)ରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ଏସବୁ ସତ୍ତ୍ୱେ ଏହି ଅଞ୍ଚଳବାସୀ ନିଜକୁ ଅନ୍ୟାୟ ଏବଂ ଉପେକ୍ଷିତ ମନେ କରନ୍ତି। ସେମାନଙ୍କ ଅସନ୍ତୋଷ ହେତୁ କେନ୍ଦ୍ରରୁ ଅପସରିଯାଇ ନୂତନ ରାଷ୍ଟ୍ର ସୃଷ୍ଟି କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ସେମାନଙ୍କ ଦାବି ପ୍ରତି କେନ୍ଦ୍ରସରକାରଙ୍କ ଅବହେଳା କ୍ରମଶଃ ଅସନ୍ତୋଷକୁ ଘନୀଭୂତ କରିଛି। କେନ୍ଦ୍ରୀୟ ପ୍ରଶାସନିକ ଦାୟିତ୍ୱହୀନତା ଓ ବୈମାତୃକ ମନୋଭାବ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଆକର୍ଷଣ କରିଛି।

ସମ୍ବିଧାନର ଷଷ୍ଠ ପରିଚ୍ଛେଦରେ ଉଲ୍ଲିଖିତ ଆସାମ, ମେଘାଳୟ, ତ୍ରିପୁରା ଏବଂ ମିଜୋରାମ ରାଜ୍ୟମାନଙ୍କରେ ମଧ୍ୟ ଆଉ ଏକ ଅସଙ୍ଗତ ସଂଘୀୟ ବ୍ୟବସ୍ଥା ସୃଷ୍ଟି କରିଛି। ଏଠାରେ ସ୍ୱୟଂଶାସିତ ଜିଲ୍ଲାଗୁଡ଼ିକୁ ପରିଷଦ ମାଧ୍ୟମରେ ସ୍ୱାୟତ୍ତ ଶାସନର ବ୍ୟବସ୍ଥା ଦିଆଯାଇଛି। ଏହି ରାଜ୍ୟରେ ବସବାସ କରୁଥିବା ଆଦିବାସୀମାନେ ଏକ ତ୍ରିକୋଣୀୟ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯଥା -

(କ) ଆଦିବାସୀଙ୍କୁ ଶାସନ କ୍ଷେତ୍ରରେ ସୀମିତ କ୍ଷମତା, ସ୍ୱଳ୍ପ ଆର୍ଥିକ ବ୍ୟବସ୍ଥା ଏବଂ ରାଜ୍ୟମାନଙ୍କ ସର୍ବକାଳୀନ ହସ୍ତକ୍ଷେପ।

(ଖ) ସୁରକ୍ଷା ଆଳରେ କେନ୍ଦ୍ରର ରାଜନୈତିକ ହସ୍ତକ୍ଷେପ।

(ଗ) ଚୀନ୍, ବଙ୍ଗଳାଦେଶ, ଭୁଟାନ୍, ମିଆଁମାର ଭଳି ପଡ଼ୋଶୀ ଦେଶ ସହିତ ଏହି ଅଞ୍ଚଳଗୁଡ଼ିକର ପ୍ରତିରକ୍ଷା ଦୃଷ୍ଟିରୁ ସମ୍ବେଦନଶୀଳ ଭୌଗୋଳିକ ସ୍ଥିତି।

ଭାରତୀୟ ଅସଂଗତ ସଂଘୀୟ ସମସ୍ୟା ବ୍ୟତୀତ ଆମେ ଆଉ ଅନେକ ପ୍ରକାର ସଂଘୀୟ ସମସ୍ୟାର ସମ୍ମୁଖୀନ ହେଉଛୁ । କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟତୀତ ସହରାଞ୍ଚଳ ତ୍ରିସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଅଛି । ଏହି ସ୍ତର ୫୯୨ ଜିଲ୍ଲାପଞ୍ଚାୟତ, ୬୩୨୧ ଗୋଷ୍ଠୀପଞ୍ଚାୟତ ଏବଂ ୨,୫୩,୧୮୯ ଗ୍ରାମପଂଚାୟତକୁ ନେଇ ଗଠିତ, ଯାହାକି ତିନି ଲକ୍ଷରୁ ଅଧିକ ପ୍ରତିନିଧିଙ୍କୁ ପ୍ରତି ପାଞ୍ଚ ବର୍ଷରେ ଥରେ ନିର୍ବାଚିତ କରେ । ୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନ ଆଇନ ବଳରେ କେନ୍ଦ୍ର ମଧ୍ୟ ନାରୀ ଓ ଦଳିତମାନଙ୍କ ପାଇଁ ସ୍ଥାନୀୟ ଶାସନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାର ନିଶ୍ଚିତ କରିଛି । ଏହି ତୃତୀୟସ୍ତରକୁ ସାମ୍ବିଧାନିକ ସ୍ୱୀକୃତି ଦିଆଯାଇଥିବା ସତ୍ତ୍ୱେ ଏଗୁଡ଼ିକୁ ବାସ୍ତବପକ୍ଷେ ଦାୟିତ୍ୱ ଓ ସମ୍ବଳ ବଣ୍ଟନ କରାଯାଇନାହିଁ । ଏହି ସଂଘୀୟ ବ୍ୟବସ୍ଥାରେ ଏମାନଙ୍କର ସ୍ଥିତି ଏଯାଏଁ ଦ୍ୱନ୍ଦ୍ୱାତ୍ମକ । ବର୍ତ୍ତମାନ ସୁଦ୍ଧା ସେମାନେ କେନ୍ଦ୍ର କିମ୍ବା ରାଜ୍ୟର କାର୍ଯ୍ୟକାରୀ ସଂସ୍ଥାଭାବେ ପରିଚିତ । ଭାରତୀୟ ସଂଘୀୟ ବ୍ୟବସ୍ଥାରେ ରାଜ୍ୟମାନଙ୍କ ସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ତ୍ରିସ୍ତରୀୟ ଶାସନ ବ୍ୟବସ୍ଥା ମଧ୍ୟ ତା'ର ଉପସ୍ଥିତିକୁ ବ୍ୟାପକ କରିଛି । ତେଣୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଯଦି ପଂଚାୟତ ଓ ସ୍ଥାନୀୟ ସରକାରୀ ସଂସ୍ଥାଗୁଡ଼ିକୁ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ମୁଖ୍ୟ ସଂସ୍ଥା ଭାବେ କାର୍ଯ୍ୟ କରିବାକୁ ଦିଆଯାଏ ତେବେ ସେମାନଙ୍କର ପରିସୀମା, କାର୍ଯ୍ୟାବଳୀ ଓ ସମ୍ବଳ ଚିହ୍ନଟ କରିବା ନିତାନ୍ତ ଆବଶ୍ୟକ ।

କେନ୍ଦ୍ରରେ ମିଳିତ ସରକାରର ପର୍ଯ୍ୟାୟ (୧୯୮୯-୨୦୧୪) କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ କ୍ଷମତା ବଣ୍ଟନ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ । ଏହା ମଧ୍ୟ ସଂସଦୀୟ ସଂଘୀୟ ବ୍ୟବସ୍ଥାକୁ ଏକ ନୂଆ ଦିଶା ପ୍ରଦାନ କରିଛି । ମିଳିତ ସରକାରମାନେ ଆନ୍ତଃରାଜ୍ୟ ସମ୍ପର୍କ ସ୍ଥାପନ କରିବାରେ ଯଥେଷ୍ଟ ଗୁରୁତ୍ୱ ଦେଇଛନ୍ତି । ତତ୍‌ସହିତ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରେ ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟକାରିତା କ୍ଷେତ୍ରରେ ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ସମ୍ପର୍କ ସୁଦୃଢ଼ କରିଥାଏ, କିନ୍ତୁ ବାସ୍ତବ କ୍ଷେତ୍ରରେ ମିଳିତ ସରକାରରେ କ୍ଷମତା ସନ୍ତୁଳନ ଭାର ରାଜ୍ୟଗୁଡ଼ିକୁ କିମ୍ବା ଆଞ୍ଚଳିକ ଦଳଗୁଡ଼ିକୁ ସ୍ଥାନାନ୍ତରିତ ହୋଇଥାଏ, ଯାହାକି ସଂଘୀୟ ବ୍ୟବସ୍ଥାକୁ ଦୃଢ଼ୀଭୂତ କରିବା ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀଙ୍କ ସ୍ଥିତିକୁ ଦୁର୍ବଳ କରିଥାଏ । କିନ୍ତୁ ୨୦୧୪ର ସାଧାରଣ ନିର୍ବାଚନ ପୁଣିଥରେ ଗୋଟିଏ ରାଜନୈତିକ ଦଳକୁ କ୍ଷମତା ପ୍ରଦାନ କରିଛି ଓ ମିଳିତ ସରକାରର ଅଗ୍ରଗତିରେ ପରିବର୍ତ୍ତନ ଆଣିଛି । ଏହା ପୂର୍ବ ଅନୁଭୂତିରୁ ସ୍ପଷ୍ଟ ଯେ କେନ୍ଦ୍ରସରକାରଙ୍କ କେନ୍ଦ୍ରାଭିମୁଖୀ କାର୍ଯ୍ୟକଳାପ ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରିଛି । ବର୍ତ୍ତମାନର କେନ୍ଦ୍ରସରକାର ସହଭାଗୀ ସଂଘୀୟ ବ୍ୟବସ୍ଥାକୁ ମଜଭୁତ୍ କରିବା ଦିଗରେ ପ୍ରତିଶ୍ରୁତିବଦ୍ଧ ଓ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ ଏ ଦିଗରେ କିପରି ପଦକ୍ଷେପ ନେବେ ତାହା ରାଜନୈତିକ ପର୍ଯ୍ୟବେକ୍ଷଙ୍କ ମନରେ ଆଶା ଓ ଆଶଙ୍କା ସୃଷ୍ଟି କରିଛି ।

ସଂଘୀୟ ବ୍ୟବସ୍ଥାର ପ୍ରଚଳିତ ପ୍ରଥା ହୁଏତ କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ କ୍ଷମତା ବଣ୍ଟନ ଉପରେ ନିର୍ଭର କରେ କିନ୍ତୁ ବାସ୍ତବ କ୍ଷେତ୍ରରେ ଏହି ପ୍ରଚଳିତ ରାଜନୈତିକ ବ୍ୟବସ୍ଥା କ୍ଷମତା ବିକେନ୍ଦ୍ରୀକରଣ ପ୍ରବାହ ଉପରେ ତିଷ୍ଠି ରହିଛି । ରାଜ୍ୟସରକାରଙ୍କୁ କେନ୍ଦ୍ର ସରକାରର କ୍ଷମତା ହସ୍ତାନ୍ତରିକରଣ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟରେ ଏକ ସୁଶୃଙ୍ଖଳିତ ରାଜନୈତିକ ଦଳର ଉପସ୍ଥିତି ସଂଘୀୟ ବ୍ୟବସ୍ଥାର ଏକ ପ୍ରତିବନ୍ଧକ ରୂପେ କାର୍ଯ୍ୟ କରେ । କୌଣସିମତେ ସଂଘୀୟ ବ୍ୟବସ୍ଥାର ଢାଂଚଗତ ରୂପକୁ ଆମେ ହାସଲ କରି ନେଇଛୁ କିନ୍ତୁ ବାସ୍ତବରେ ଆମର ଆଭ୍ୟନ୍ତରୀଣ ଆଞ୍ଚଳିକ, ଆର୍ଥିକ ଏବଂ ପ୍ରଶାସନିକ ବିବିଧତା କ୍ଷେତ୍ରରେ କୌଣସି ଅଗ୍ରଗତି ହୋଇପାରି ନାହିଁ । ଏଣୁ ଆମ ସଂଘୀୟ ଢାଂଚଗତ ଓ ରାଜନୈତିକ ଦୃଷ୍ଟିକୋଣରୁ ପରିସ୍ଥିତିକୁ ମୁକାବିଲା କରିବା ଏବଂ ଅସଂଖ୍ୟ ଆଞ୍ଚଳିକ

ଚାପକୁ ସମ୍ମୁଖୀନ ହେବା ଏବଂ ଜାତୀୟ ରାଜନୈତିକ ଦଳମାନଙ୍କ କେନ୍ଦ୍ରାଭିମୁଖୀ ପ୍ରୟାସକୁ ଧୈର୍ଯ୍ୟର ସହ ସମ୍ମାନ ଦେବା। ଭାରତରେ ସହଭାଗୀ ସଂଘୀୟ ବ୍ୟବସ୍ଥାକୁ ଗ୍ରହଣ କରିବାକୁ ହେଲେ ଆମର କାର୍ଯ୍ୟ ଶୈଳୀକୁ ପୁନଃ ସଂଗଠିତ କିରବାକୁ ପଡ଼ିବ ଯଦ୍ଦ୍ୱାରା କି ବର୍ତ୍ତମାନର ପ୍ରଚଳିତ କେନ୍ଦ୍ରୀୟ ଆଧିପତ୍ୟଯୁକ୍ତ ସଂଘୀୟ ବ୍ୟବସ୍ଥାକୁ ନମନୀୟ କରିବାକୁ ହେବ।

## ସଂକ୍ଷିପ୍ତ ସୂଚନା

- ଏକ ଲିଖିତ ସମ୍ବିଧାନ ମାଧ୍ୟମରେ ଯେଉଁଠି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ କ୍ଷମତା ବଣ୍ଟନ ହୋଇଥାଏ ତାହାକୁ 'ସଂଘୀୟ ରାଷ୍ଟ୍ର' ବା 'ରାଷ୍ଟ୍ରସଂଘ' କୁହାଯାଏ।
- ଭାରତର ସମ୍ବିଧାନ, ଭାରତକୁ ଏକ ସଂଘୀୟ କିମ୍ବା ଐକିକ ରାଷ୍ଟ୍ର ରୂପେ ବର୍ଣ୍ଣନା କରି ନାହିଁ। ଆମ ସମ୍ବିଧାନର ଧାରା ୦୧ (ଏକ) କୁହେ ଯେ "ଭାରତ, ରାଜ୍ୟମାନଙ୍କ ଏକ ସମଷ୍ଟି ଅଟେ।" ଏଥିରେ ଉଭୟ ସଂଘୀୟ ଓ ଐକିକ ରାଷ୍ଟ୍ରର ଉପାଦାନ ମିଶ୍ରିତ ହୋଇ ରହିଛି।
- ସମ୍ବିଧାନ ବିଶାରଦ କେ.ସି. ହ୍ୱେୟାର୍ ଭାରତକୁ ଏକ 'ଅର୍ଦ୍ଧ-ସଂଘୀୟ' ରାଷ୍ଟ୍ର ରୂପେ ବର୍ଣ୍ଣନା କରିଛନ୍ତି।
- ଭାରତୀୟ ସମ୍ବିଧାନର ସଂଘୀୟ ଉପାଦାନ: ଦ୍ୱୈତ ସରକାର; କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କ୍ଷମତା ବଣ୍ଟନ; ଏକ ଲିଖିତ ଓ ଅନମନୀୟ ସମ୍ବିଧାନ; ସ୍ୱାଧୀନ ଏବଂ ନିରପେକ୍ଷ ନ୍ୟାୟାଳୟ।
- ସମ୍ବିଧାନର ଐକିକ / ଅର୍ଦ୍ଧ ସଂଘୀୟ ଉପାଦାନ: ଏକ ଶକ୍ତିଶାଳୀ କେନ୍ଦ୍ର ସରକାର; ରାଜ୍ୟ ପୁନର୍ଗଠନ ଏବଂ ରାଜ୍ୟସୀମା ନିର୍ଦ୍ଧାରଣ କ୍ଷମତା; ରାଜ୍ୟ ତାଲିକାଭୁକ୍ତ (୬୧ଟି) ବିଷୟରେ ରାଜ୍ୟମାନଙ୍କୁ କଟକଣା; ଜରୁରୀକାଳୀନ ପରିସ୍ଥିତି; ଆନ୍ତଃରାଜ୍ୟ ନଦୀଜଳ ବଣ୍ଟନ ବିବାଦ; ଏକକ ସମ୍ବିଧାନ; ଏକକ ନାଗରିକତା; ଏକୀଭୂତ ନ୍ୟାୟ ବ୍ୟବସ୍ଥା; ସାଧାରଣ ନିର୍ବାଚନ ଆୟୋଗ; ସର୍ବଭାରତୀୟ ସେବା; ମହା ହିସାବ ନିୟନ୍ତକ ଓ ସମୀକ୍ଷକ; ରାଜ୍ୟପାଳଙ୍କ ନିଯୁକ୍ତି; ରାଜ୍ୟମାନଙ୍କ ଉପରେ ଆର୍ଥିକ ନିୟନ୍ତ୍ରଣ; ରାଜ୍ୟମାନଙ୍କ ଉପରେ କେନ୍ଦ୍ରର ନିୟନ୍ତ୍ରଣ।
- କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବ୍ୟବସ୍ଥାପିକା ସମ୍ପର୍କ ଭାରତ ସମ୍ବିଧାନର ଏକାଦଶ ଭାଗରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ବ୍ୟବସ୍ଥାପିକା ସମ୍ପର୍କ ବର୍ଣ୍ଣିତ ହୋଇଛି।
- କେନ୍ଦ୍ର ତାଲିକା – ୧୦୦ଟି ବିଷୟବସ୍ତୁ: ଉଦାହରଣତଃ ପ୍ରତିରକ୍ଷା, ବୈଦେଶିକ ନୀତି, ମୁଦ୍ରା, ଆଣବିକ ଶକ୍ତି, ଯୁଦ୍ଧ ଓ ଶାନ୍ତି ପ୍ରତିଷ୍ଠା, ଜାତୀୟ ସମ୍ବଳ, ଖଣିଜ ତୈଳ ବିଭାଗ, ଡାକ ଓ ତାର ବିଭାଗ, ଜାହାଜ ଓ ବିମାନ ଚଳାଚଳ, ନୌବାଣିଜ୍ୟ, ନିର୍ବାଚନ, ଜନଗଣନା, ଉଚ୍ଚଶିକ୍ଷା... ଇତ୍ୟାଦି।
- ରାଜ୍ୟ ତାଲିକା – ୬୧ଟି ବିଷୟବସ୍ତୁ: ଉଦାହରଣତଃ ଶାନ୍ତିଶୃଙ୍ଖଳା, ପୋଲିସ୍, କାରାଗାର, ରାଜ୍ୟ ବିଚାରାଳୟ, ଜନସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ କେନ୍ଦ୍ର, ଜଳସେଚନ, କୃଷି ଓ ମତ୍ସ୍ୟ, ଯାତାୟାତ ବ୍ୟବସ୍ଥା... ଇତ୍ୟାଦି।

⇨ ଯୁଗ୍ମ ତାଲିକା - ୫୨ଟି ବିଷୟବସ୍ତୁ: ଉଦାହରଣତଃ, ଫୌଜଦାରୀ ମାମଲା, ପ୍ରତିକାରକ କାରାବନ୍ଧ, ବିବାହ ଓ ଛାଡ଼ପତ୍ର, କୃଷି ଜମି ବ୍ୟତୀତ ଅନ୍ୟ ସମ୍ପତ୍ତି ହସ୍ତାନ୍ତରୀକରଣ, ଅଦାଲତ ଅବମାନନା, ଜଙ୍ଗଲ ଓ ବନ୍ୟଜନ୍ତୁ ସଂରକ୍ଷଣ, ଜନସଂଖ୍ୟା ନିୟନ୍ତ୍ରଣ, ଶିକ୍ଷା, ଶ୍ରମିକ କଲ୍ୟାଣ... ଇତ୍ୟାଦି

⇨ ଅବଶିଷ୍ଟ କ୍ଷମତା: କେନ୍ଦ୍ର ସରକାର ହାତରେ ନ୍ୟସ୍ତ ଥାଏ

⇨ ପ୍ରଶାସନିକ ସମ୍ପର୍କ ରାଜ୍ୟପାଳଙ୍କ ନିଯୁକ୍ତି; ରାଜ୍ୟମାନଙ୍କ ଆନୁଗତ୍ୟ ଓ କେନ୍ଦ୍ରର ନିୟନ୍ତ୍ରଣ; କେନ୍ଦ୍ରକୁ ରାଜ୍ୟମାନଙ୍କ କ୍ଷମତା ଅର୍ପଣ; ଆନ୍ତଃ ରାଜ୍ୟ ନଦୀଜଳ ବିବାଦ; ରାଜ୍ୟରେ ଥିବା କେନ୍ଦ୍ରୀୟ ସମ୍ପତ୍ତିର ସୁରକ୍ଷା; ସର୍ବଭାରତୀୟ ସେବା; ସର୍ବଭାରତୀୟ ବୃତ୍ତି ସୃଷ୍ଟି ଓ ଉଚ୍ଛେଦ; ରାଜ୍ୟ ଜରୁରୀ କାଳୀନ ପରିସ୍ଥିତି; କେନ୍ଦ୍ର ଦ୍ୱାରା ରାଜ୍ୟମାନଙ୍କ ସୁରକ୍ଷା; ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ତଦନ୍ତ କମିଶନ ନିଯୁକ୍ତି କ୍ଷମତା ।

⇨ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆର୍ଥିକ ସମ୍ପର୍କ: ଭାରତୀୟ ସମ୍ବିଧାନର ଭାଗ ଦ୍ୱାଦଶର ଅଧ୍ୟାୟ ଏକରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆର୍ଥିକ ସମ୍ପର୍କ ବର୍ଣ୍ଣିତ ଅଛି। ଏହା ମୁଖ୍ୟତଃ ରାଜସ୍ୱ ବଣ୍ଟନ ସମ୍ବନ୍ଧରେ ସୂଚନା ଦିଏ।

⇨ ସଂଘୀୟ ବ୍ୟବସ୍ଥାର ବର୍ତ୍ତମାନର ସ୍ଥିତି : ଆବଶ୍ୟକତା ଦୃଷ୍ଟିରୁ ଭାରତ ଏକ ସଂସଦୀୟ ସଂଘୀୟ ବ୍ୟବସ୍ଥା ଗ୍ରହଣ କରିଛି। ଅଷ୍ଟିନ୍‌ଙ୍କ ମତରେ ଭାରତର ସାମ୍ବିଧାନିକ ସଭା ଏହାର ବିଚିତ୍ରତା ତଥା ସ୍ୱତନ୍ତ୍ର ଆବଶ୍ୟକତାକୁ ନେଇ ଏକ ନୂତନ ପ୍ରକାର ସଂଘୀୟ ବ୍ୟବସ୍ଥା ସୃଷ୍ଟି କରିଛି। ଭାରତର ବିଶାଳତା ଓ ବିଭିନ୍ନତା ମଧ୍ୟରେ ଏକତା, ସହଭାଗୀତା ଓ ସହଯୋଗ ସୃଷ୍ଟି କରିବା ଏକ କଷ୍ଟସାଧ୍ୟ ବ୍ୟାପାର କାରଣ ଏଥିରେ ବିଭିନ୍ନ ସ୍ତରରେ ମୁଖ୍ୟତଃ କେନ୍ଦ୍ରୀୟ, ପ୍ରାଦେଶିକ ଓ ଆଞ୍ଚଳିକ ସରକାରମାନଙ୍କ ମଧ୍ୟରେ ସହଯୋଗ ଓ ସହଭାଗୀତାର ନିତାନ୍ତ ଆବଶ୍ୟକତା ରହିଛି। ଏଠାରେ ତତ୍‌ଜନିତ କିଛି ଘଟଣାର ଆଲୋକପାତ କରାଗଲା।

⇨ ଅନିଚ୍ଛା ଓ ଅସଙ୍ଗତ ଭାବେ ଗଠନ କରାଯାଇଥିବା ସଂଘୀୟ ବ୍ୟବସ୍ଥା ପ୍ରଶାସନ ପାଇଁ ସମସ୍ୟା ସୃଷ୍ଟି କରିଛି।

⇨ ଭାରତୀୟ ଅସଂଗତ ସଂଘୀୟ ସମସ୍ୟା ବ୍ୟତୀତ ଆମେ ଆଉ ଅନେକ ପ୍ରକାର ସଂଘୀୟ ସମସ୍ୟାର ସମ୍ମୁଖୀନ ହେଉଛୁ।

⇨ କୌଣସିମତେ ସଂଘୀୟ ବ୍ୟବସ୍ଥାର ଢାଞ୍ଚାଗତ ରୂପକୁ ଆମେ ହାସଲ କରି ନେଇଛୁ କିନ୍ତୁ ବାସ୍ତବରେ ଆମର ଆଭ୍ୟନ୍ତରୀଣ ଆଞ୍ଚଳିକ, ଆର୍ଥିକ ଏବଂ ପ୍ରଶାସନିକ ବିବିଧତା କ୍ଷେତ୍ରରେ କୌଣସି ଅଗ୍ରଗତି ହୋଇପାରି ନାହିଁ। ଏଣୁ ଆମ ସଂଘୀୟ ବ୍ୟବସ୍ଥା ଢାଞ୍ଚାଗତ ଓ ରାଜନୈତିକ ଦୃଷ୍ଟିକୋଣରୁ ପରିସ୍ଥିତିକୁ ମୁକାବିଲା କରିବା ଏବଂ ଅସଂଖ୍ୟ ଆଞ୍ଚଳିକ ଚାପକୁ ସମ୍ମୁଖୀନ ହେବା ଏବଂ ଜାତୀୟ ରାଜନୈତିକ ଦଳମାନଙ୍କ କେନ୍ଦ୍ରାଭିମୁଖୀ ପ୍ରୟାସକୁ ଧୈର୍ଯ୍ୟର ସହ ସମ୍ମାନ ଦେବା ଆବଶ୍ୟକ। ଭାରତରେ ସହଭାଗୀ ସଂଘୀୟ ବ୍ୟବସ୍ଥାକୁ ଗ୍ରହଣ କରିବାକୁ ହେଲେ ଆମର କାର୍ଯ୍ୟ ଶୈଳୀକୁ ପୁନଃ ସଂଗଠିତ କିରବା ସଙ୍ଗେ ସଙ୍ଗେ ବର୍ତ୍ତମାନର ପ୍ରଚଳିତ କେନ୍ଦ୍ରୀୟ ଆଧିପତ୍ୟଯୁକ୍ତ ସଂଘୀୟ ବ୍ୟବସ୍ଥାକୁ ନମନୀୟ କରିବାକୁ ହେବ।

# ଆଦର୍ଶ ପ୍ରଶ୍ନାବଳୀ

## ବିଭାଗ - କ

**ବିକଳ୍ପ ଉତ୍ତର ଗୁଡିକରୁ ସଠିକ ଉତ୍ତର ଚୟନ :**

୧. ଏକ ସଂଘୀୟ ସରକାରରେ କେଉଁ କେଉଁ ଲକ୍ଷଣ ପରିଦୃଷ୍ଟ ହୋଇଥାଏ ? ସଂକେତ ଅନୁସାରେ ଚିହ୍ନଟ କର ।

A. କ୍ଷମତାର ବଣ୍ଟନ

B. ଏକ ସରକାର

C. ଅନମନୀୟ ସମ୍ବିଧାନ

D. ଉତ୍ତରଦାୟୀ ଏବଂ ଦାୟିତ୍ୱ ସଂପନ୍ନ କାର୍ଯ୍ୟପାଳିକା

ସଂକେତ : (i) AB (ii) BC (iii) CA (iv) DA

୨. ଏକ ସଂଘୀୟ ବ୍ୟବସ୍ଥାରେ କ୍ଷମତା ସବୁ କାହାକାହା ମଧ୍ୟରେ ବଣ୍ଟା ଯାଇଥାଏ ? ସଂକେତ ଅନୁସାରେ ଚିହ୍ନଟ କର ।

A. ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା

B. କାର୍ଯ୍ୟପାଳିକା ଓ ନ୍ୟାୟପାଳିକା

C. କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର

D. ସ୍ଥାନୀୟ ଏବଂ ରାଜ୍ୟ ସରକାର

ସଂକେତ : (i) A (ii) B (iii) C (iv) D

## ବିଭାଗ-ଖ

**ସଂକ୍ଷେପରେ ଲେଖ :**

୧. ସଂଘୀୟ ବ୍ୟବସ୍ଥା କହିଲେ କ'ଣ ବୁଝାଯାଏ ?

୨. କେନ୍ଦ୍ର ଏବଂ ରାଜ୍ୟ ଗୁଡ଼ିକ ମଧ୍ୟରେ କ୍ଷମତାର ବଣ୍ଟନ କିପରି ହୋଇଥାଏ ?

୩. ବ୍ୟବସ୍ଥାପିକ ସମ୍ପର୍କ ଭିତରେ, କେନ୍ଦ୍ର କିପରି ଭାବେ ରାଜ୍ୟ ମାନଙ୍କ ଉପରେ ଆଧିପତ୍ୟ ବିସ୍ତାର କରିଥାଏ ?

୪. ଭାରତକୁ କାହିଁକି ଅର୍ଦ୍ଧ ସଂଘୀୟ (Quasi-Federal) ରାଷ୍ଟ୍ର ବୋଲି କୁହାଯାଏ ?

୫. ଯୁଗ୍ମ ବା ମିଳିତ ତାଲିକା (Concurrent List) କାହାକୁ କୁହାଯାଏ ।

**ଟିପ୍ପଣୀ ଲେଖ :**

୧. ସଂଘୀୟ ରାଷ୍ଟ୍ରର ଉପାଦାନ

୨. ସହଭାଗୀ ସଂଘୀୟ ବ୍ୟବସ୍ଥା

୩. ରାଜ୍ୟ ତାଲିକାଭୁକ୍ତ ବିଷୟ ଗୁଡିକରେ ରାଜ୍ୟମାନଙ୍କ ଉପରେ କଟକଣା

୪. ରାଜ୍ୟ ପୁନର୍ଗଠନ ଏବଂ ରାଜ୍ୟସୀମା ନିର୍ଦ୍ଧାରଣ କ୍ଷମତା
୫. ସମ୍ବିଧାନର କେନ୍ଦ୍ରାଭିମୁଖୀ ଗୁଣାବଳୀ
୬. ୩୫୬ ଧାରାର ଜରୁରୀ ପରିସ୍ଥିତି

## ବିଭାଗ - ଗ

୧. କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଥିବା ବ୍ୟବସ୍ଥାପକ ସମ୍ପର୍କ ଉପରେ ଆଲୋଚନା କର।
୨. କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଥିବା ପ୍ରଶାସନିକ ସମ୍ପର୍କ ଉପରେ ଆଲୋଚନା କର।
୩. ଭାରତୀୟ ସଂଘୀୟ ବ୍ୟବସ୍ଥାରେ ଥିବା କେନ୍ଦ୍ରାଭିମୁଖୀ ଗୁଣାବଳୀର ସ୍ୱରୂପ ସମ୍ପର୍କରେ ଆଲୋଚନା କର।
୪. ଭାରତ ଏକ 'ଅର୍ଦ୍ଧ-ସଂଘୀୟ' ରାଷ୍ଟ୍ର - ଏହା ଉପରେ ମତାମତ ଉପସ୍ଥାପିତ କର।
୫. ଭାରତୀୟ ସଂବିଧାନର ସଂଘୀୟ ରାଷ୍ଟ୍ର ଲକ୍ଷଣ ବିଷୟରେ ସମୀକ୍ଷାମୂଳକ ଆଲୋଚନା କର।
୬. ସହଭାଗୀ ସଂଘୀୟ ବ୍ୟବସ୍ଥାର ମହତ୍ତ୍ୱ ପ୍ରତିପାଦନ କର।
୭. ଭାରତୀୟ ସଂଘୀୟ ବ୍ୟବସ୍ଥାରେ ପରିବର୍ତ୍ତମାନ ପରିସ୍ଥିତି ବିଷୟରେ ଆଲୋଚନା କର।

## ବିଭାଗ - ଘ

୧. ସମ୍ବିଧାନରେ ଦିଆଯାଇଥିବା ତିନୋଟି ତାଲିକାଭୁକ୍ତ: କେନ୍ଦ୍ରୀୟ ତାଲିକା, ରାଜ୍ୟ ତାଲିକା ଓ ଯୁଗ୍ମ ତାଲିକା ବିଷୟ ଗୁଡିକୁ ନିମ୍ନରେ ଦିଆଯାଇଥିବା ଟେବୁଲରେ ସଠିକ୍ ସ୍ଥାନରେ ସଜାଇ ଲେଖ। A. ପ୍ରତିରକ୍ଷା; B. ପୋଲିସ; C. କୃଷି; D. ଶିକ୍ଷା; E. ବ୍ୟାଂକିଙ୍ଗ; F. ଜଙ୍ଗଲ; G. ସୂଚନା ଓ ପ୍ରସାରଣ; H. ବାଣିଜ୍ୟ; I. ବିବାହ

| କେନ୍ଦ୍ରୀୟ ତାଲିକା | ରାଜ୍ୟ ତାଲିକା | ଯୁଗ୍ମ ତାଲିକା |
|---|---|---|
| | | |
| | | |
| | | |
| | | |
| | | |

❑❑❑

চতুর্থ অধ্যায়

# ଭାରତର ସ୍ଥାନୀୟ ପ୍ରଶାସନ

*"ସାଧାରଣ ନାଗରିକଙ୍କ ସ୍ଥାନୀୟ ସଭା ଏକ ସ୍ୱାଧୀନ ଦେଶ ଗଠନର ମଜବୁତ୍ ମୂଳଦୁଆ ପ୍ରଦାନ କରେ । ବିଜ୍ଞାନ ଶିକ୍ଷା ପାଇଁ ଯେମିତି ବିଦ୍ୟାଳୟ ରହିବା ଆବଶ୍ୟକ, ସେମିତି ସ୍ୱାଧୀନତା ବିଷୟରେ ଶିକ୍ଷା ପାଇଁ ସ୍ଥାନୀୟ ସଭାର ଆବଶ୍ୟକ । ସେଗୁଡିକ ଥିଲେ ତା'ର ବିଷୟରେ ଜ୍ଞାନ ଲୋକଙ୍କ ପାଖରେ ସହଜରେ ପହଞ୍ଚିପାରେ; ଉଭୟ, ମଣିଷକୁ ସେହି ଜ୍ଞାନର ହାସଲ କରିବା ଓ ତା'ର ଆନନ୍ଦ ନେବା ଶିକ୍ଷା ଦିଅନ୍ତି । ଯେକୌଣସି ଦେଶ ଏକ ସ୍ୱାଧୀନ ସରକାର ଗଠନ କରିପାରେ, କିନ୍ତୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ବିଚାରଧାରା ପ୍ରସାର ବିନା ସ୍ୱାଧୀନତାର ବିଚାରଧାରା ଦୃଢ ହୋଇପାରିବ ନାହିଁ ।"*

– ଡି ଟକଭିଲ୍

**ପାଠ୍ୟ ବିଷୟ :**

- ଭାରତର ସ୍ଥାନୀୟ ପ୍ରଶାସନ
  - ଗ୍ରାମୀଣ ଓ ସହରାଞ୍ଚଳ ସ୍ଥାନୀୟ ପ୍ରଶାସନିକ ଅନୁଷ୍ଠାନ - ଗଠନ ଓ କାର୍ଯ୍ୟକଳାପ

**କ'ଣ ପଢିବା ?**

- ତ୍ରିସ୍ତରୀୟ ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନ
  - ଗ୍ରାମ ପଞ୍ଚାୟତ
  - ପଞ୍ଚାୟତ ସମିତି
  - ଜିଲ୍ଲା ପରିଷଦ
- ତ୍ରିସ୍ତରୀୟ ସହରାଂଚଳ ସ୍ୱାୟତ୍ତ ଶାସନ
  - ମ୍ୟୁନିସିପାଲ କର୍ପୋରେସନ
  - ମ୍ୟୁନିସିପାଲିଟି
  - ବିଜ୍ଞପିତ ଅଞ୍ଚଳ ପରିଷଦ

## ଭାରତରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥା: ଗଠନ ଓ କାର୍ଯ୍ୟାବଳୀ

ଗଣତନ୍ତ୍ରର ସଫଳ ରୂପାୟନ ମୁଖ୍ୟତଃ କ୍ଷମତାର ବହୁଳ ଓ ନିୟମିତ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ଉପରେ ନିର୍ଭର କରେ। ଜନସାଧାରଣଙ୍କ ସାର୍ବଭୌମତ୍ୱ କ୍ଷମତାର ତୃଣମୂଳ ସ୍ତର ପର୍ଯ୍ୟନ୍ତ ବିକେନ୍ଦ୍ରୀକରଣକୁ ସୂଚାଇଥାଏ। ଅନ୍ୟ ଅର୍ଥରେ ଏହା, ତୃଣମୂଳ ସ୍ତରରେ ଥିବା ସ୍ଥାନୀୟ ଶାସନ ବ୍ୟବସ୍ଥାର ଦକ୍ଷ କାର୍ଯ୍ୟକାରିତା ଉପରେ ପର୍ଯ୍ୟବେସିତ। ଏହାକୁ ସ୍ଥାନୀୟ ସ୍ୱୟତ୍ତଶାସନ ମଧ୍ୟ କୁହାଯାଏ। ଏହି ବ୍ୟବସ୍ଥାରେ ଜନସାଧାରଣ ସ୍ଥାନୀୟ ସମ୍ବଳକୁ ବିନିଯୋଗ କରି ନିଜର ଚାହିଦା ମେଣ୍ଟାଇବାକୁ ପ୍ରତ୍ୟକ୍ଷ ଓ ସକ୍ରିୟଭାବେ ଅଂଶ ଗ୍ରହଣ କରିଥାନ୍ତି। ଏହିଭଳି ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ବ୍ୟବସ୍ଥାରେ ସ୍ଥାନୀୟ ଜନସାଧାରଣ କ୍ଷମତା, ପ୍ରଭୁତ୍ୱ ଓ କାର୍ଯ୍ୟଦକ୍ଷତା ଜାହିର କରିଥାନ୍ତି।

ସ୍ୱାୟତ୍ତଶାସନ ଲୋକମାନଙ୍କୁ ରାଜନୈତିକ ଶିକ୍ଷା ଓ ପ୍ରଶିକ୍ଷଣ ଯୋଗାଇବାର ଏକ ଉତ୍ତମ ମାଧ୍ୟମ। ଗଣତାନ୍ତ୍ରିକ ପ୍ରକ୍ରିୟାରେ ଏହା ସେମାନଙ୍କୁ ଉତ୍ତମ କାର୍ଯ୍ୟକାରିତା ଓ ସକ୍ରିୟ

ଅଂଶଗ୍ରହଣରେ ସାହାଯ୍ୟ କରିଥାଏ। ସ୍ୱାୟତ୍ତଶାସନରେ ସେମାନଙ୍କ ଯୋଗଦାନ ଯୋଗୁଁ ରାଜନୈତିକ ସଚେତନତାର ଅଭିବୃଦ୍ଧି ଘଟେ ଓ ସେମାନେ ସାମାଜିକ ଓ ମାନସିକ ସ୍ତରରେ ଅଂଶଗ୍ରହଣ କରିବା ସୁଯୋଗ ପାଇଥାନ୍ତି। ଆଞ୍ଚଳିକ ସ୍ତରରେ ସେମାନଙ୍କ ସଫଳତା ସେମାନଙ୍କୁ ଦେଶ ଗଠନ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିଥାଏ। ସ୍ୱାୟତ୍ତଶାସନ ବ୍ୟବସ୍ଥା ଲୋକମାନଙ୍କୁ ଉତ୍ତମ ଶିକ୍ଷା ଓ ପ୍ରଶିକ୍ଷଣର ସୁଯୋଗ ଦେଇଥାଏ। ଏଣୁ ସମସ୍ତ ରାଜନୈତିକ ବିଶେଷଜ୍ଞ ଏହି ବ୍ୟବସ୍ଥାକୁ ଗଣତନ୍ତ୍ରର ପ୍ରଶିକ୍ଷଣ କେନ୍ଦ୍ର ରୂପେ ଅଭିହିତ କରିଛନ୍ତି।

ଗଣତନ୍ତ୍ର ହେଉଛି ଜନସାଧାରଣଙ୍କ ସ୍ୱ-ଶାସନ ବ୍ୟବସ୍ଥା ଓ ପ୍ରକ୍ରିୟା। ଏଣୁ ସ୍ୱାୟତ୍ତଶାସନର ଅର୍ଥ ହେଲା ନିଜ ଅଞ୍ଚଳରେ ନିଜ ଲୋକଙ୍କୁ ଶାସନ। ସ୍ଥାନୀୟ ସରକାର ହେଉଛି ସେହି ଅଞ୍ଚଳର ଲୋକମାନଙ୍କ ଏକ ଆଇନ୍‌ଗତ ନିର୍ବାଚିତ ସଂସ୍ଥା ଓ ଏହା ମାଧ୍ୟମରେ ସେମାନେ ନିଜ ସମ୍ବଳକୁ ନେଇ ଆବଶ୍ୟକତା ପୂର୍ଣ୍ଣ କରିଥାନ୍ତି। ଏହି ପ୍ରକ୍ରିୟାରେ ସେମାନେ ଓ ସେମାନଙ୍କର ସ୍ଥାନୀୟ ପ୍ରତିନିଧିମାନଙ୍କ ସକ୍ରିୟ ସହଭାଗିତା ରହିଥାଏ। ରାଜନୈତିକ ବ୍ୟବସ୍ଥାରେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ହାସଲ କରିବା ପାଇଁ ଏହା ଏକ ଉତ୍ତମ ମାଧ୍ୟମ।

ସମ୍ବିଧାନ ପ୍ରଣେତାମାନେ ତୃଣମୂଳ ସ୍ତରରେ ଏକ ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାର ମୌଳିକ ଆବଶ୍ୟକତା ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଥିଲେ। ତେଣୁ ସେମାନେ ସର୍ବସମ୍ମତି କ୍ରମେ ଭାରତରେ ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାର ବ୍ୟାପକ ପ୍ରଚଳନର ନିଷ୍ପତ୍ତି ନେଇଥିଲେ। ଭାରତୀୟ ସମ୍ବିଧାନ ସମସ୍ତ ରାଜ୍ୟଗୁଡ଼ିକୁ ସ୍ଥାନୀୟ ସ୍ୱୟତ୍ତଶାସନର ପ୍ରତିଷ୍ଠା ଓ ତାହାର କାର୍ଯ୍ୟକାରିତା ସମ୍ପର୍କରେ ନିର୍ଦ୍ଦେଶ ଦେବା ସହ ରାଜ୍ୟଗୁଡ଼ିକୁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଏକ ସୁସଙ୍ଗଠିତ ସ୍ଥାନୀୟ ସ୍ୱାୟତ୍ତଶାସନ ଅନୁଷ୍ଠାନ ଗୁଡ଼ିକର ପ୍ରତିଷ୍ଠା ପାଇଁ ସୁଯୋଗ ଦେଇଛି।

## ଭାତରରେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ :

ଭାରତରେ ଗଣତାନ୍ତ୍ରିକ ବ୍ୟବସ୍ଥା ତିନି ସ୍ତରରେ କାର୍ଯ୍ୟକାରୀ ହେଉଛି। (୧) ସର୍ବୋଚ୍ଚ ସ୍ତରରେ କେନ୍ଦ୍ର/ ଜାତୀୟ ସରକାର, (୨) ମଧ୍ୟମ ସ୍ତରରେ ରାଜ୍ୟ/ପ୍ରାଦେଶିକ ସରକାର ଏବଂ (୩) ନିମ୍ନ ସ୍ତରରେ ସ୍ଥାନୀୟ ସରକାର/ସ୍ୱାୟାତ୍ତ ଶାସନ ବ୍ୟବସ୍ଥା ପ୍ରଚଳିତ। ତୃଣମୂଳ ସ୍ତରୀୟ ଗ୍ରାମାଞ୍ଚଳ ଶାସନ ବ୍ୟବସ୍ଥାକୁ ପଞ୍ଚାୟତିରାଜ କୁହାଯାଏ ଓ ସହରାଞ୍ଚଳରେ ପ୍ରଚଳିତ ବ୍ୟବସ୍ଥାକୁ ସହରାଞ୍ଚଳ ସ୍ୱୟାତ୍ତଶାସନ ବ୍ୟବସ୍ଥା କୁହାଯାଏ। ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପ୍ରଚଳିତ ସ୍ୱାୟତ୍ତଶାସନ ବ୍ୟବସ୍ଥା ତ୍ରିସ୍ତରୀୟ ଅଟେ। ଗ୍ରାମାଞ୍ଚଳରେ ପ୍ରଚଳିତ ପଞ୍ଚାୟତରାଜ ବ୍ୟବସ୍ଥାର ସର୍ବନିମ୍ନରେ 'ଗ୍ରାମପଞ୍ଚାୟତ', ମଧ୍ୟମ ବା ବ୍ଲକ୍ ସ୍ତରରେ 'ପଞ୍ଚାୟତ ସମିତି' ଏବଂ ସର୍ବୋଚ୍ଚ ବା ଜିଲ୍ଲା ସ୍ତରରେ 'ଜିଲ୍ଲା ପରିଷଦ' ରହିଛି। ସେହିପରି ସହରାଞ୍ଚଳ ସ୍ୱାୟତ୍ତଶାସନ ବ୍ୟବସ୍ଥାର ମଧ୍ୟ ତିନୋଟି ସ୍ତର ରହିଛି। ସର୍ବନିମ୍ନରେ ଏନ୍.ଏ.ସି./ବିଜ୍ଞାପତି ଅଞ୍ଚଳ ପରିଷଦ, ମଧ୍ୟମ ସ୍ତରରେ ମ୍ୟୁନିସିପାଲିଟି / ପୌରପାଳିକା / ନଗରପାଳିକା ଓ ସର୍ବୋଚ୍ଚ ସ୍ତରରେ ମ୍ୟୁନିସିପାଲ୍ କର୍ପୋରେସନ୍ / ପୌର ନିଗମ / ମହାନଗର ନିଗମ ଅବସ୍ଥିତ। ଭାରତର ସମସ୍ତ ରାଜ୍ୟ ଏକପ୍ରକାର ସ୍ୱାୟତ୍ତଶାସନ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ବାଧ୍ୟ ନୁହନ୍ତି। ସାଧାରଣ ଅର୍ଥରେ କହିବାକୁ ଗଲେ ସରକାରଙ୍କ କ୍ଷୁଦ୍ରତର ଅଂଶଗୁଡ଼ିକ କାର୍ଯ୍ୟଦକ୍ଷ ଅଟନ୍ତି କାରଣ ଏଗୁଡ଼ିକ ଲୋକମାନଙ୍କ ପ୍ରତ୍ୟକ୍ଷ ଭାବେ ସେମାନଙ୍କ ପ୍ରତିନିଧିମାନଙ୍କ କାର୍ଯ୍ୟକଳାପକୁ ତୀକ୍ଷ୍ଣ ନଜରରେ ରଖିବା ସହ, ସେଗୁଡ଼ିକୁ ତଦାରଖ କରିଥାନ୍ତି।

ତେଣୁ, ଏହା କୁହାଯାଏ ଯେ ଗଣତନ୍ତ୍ରର ସଫଳ ରୂପାୟନ ପାଇଁ ସ୍ୱାୟତ୍ତଶାସନ ଏକ ନିଶ୍ଚିତ ବ୍ୟବସ୍ଥା ଅଟେ। ଭାରତ ଏକ ଜନମଙ୍ଗଳ ରାଷ୍ଟ୍ର ହେତୁ ଏଠାରେ ସାମାଜିକ ଓ ଅର୍ଥନୈତିକ ପରିବର୍ତ୍ତନ ପାଇଁ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ଅତ୍ୟନ୍ତ ଆବଶ୍ୟକ।

ଲକ୍ଷଣ :

(୧) ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥା ତ୍ରିସ୍ତରୀୟ ଅଟେ।

(୨) ଏ ସମସ୍ତ ତ୍ରିସ୍ତରୀୟ ବ୍ୟବସ୍ଥା ମୌଳିକ ଭାବେ ପରସ୍ପର ଜଡ଼ିତ।

(୩) ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥା ଶ୍ରେଣୀବଦ୍ଧ ଅଟନ୍ତି।

(୪) ଗ୍ରାମାଞ୍ଚଳଗୁଡ଼ିକ ପଞ୍ଚାୟତରାଜ ବ୍ୟବସ୍ଥା ଦ୍ୱାରା ଓ ସହରାଞ୍ଚଳଗୁଡ଼ିକ ସହରାଞ୍ଚଳ ସ୍ୱାୟତ୍ତଶାସନ ବ୍ୟବସ୍ଥା ଦ୍ୱାରା ଶାସିତ।

(୫) ଜନସାଧାରଣ ସହୃଦୟରେ ଏହି ବ୍ୟବସ୍ଥାରେ ଅଂଶଗ୍ରହଣ କରିଥାନ୍ତି।

(୬) ସ୍ୱାୟତ୍ତଶାସନ ବ୍ୟବସ୍ଥା ପ୍ରତ୍ୟକ୍ଷ ଗଣତନ୍ତ୍ର ଭଳି କାର୍ଯ୍ୟ କରିଥାଏ।

(୭) ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କ୍ଷମତା ଓ ଉତ୍ତରଦାୟିତ୍ୱର ହସ୍ତାନ୍ତରୀକରଣ ଉପରେ ନିର୍ଭର କରେ।

(୮) ଏହି ସଂସ୍ଥାଗୁଡ଼ିକ ସେମାନଙ୍କ କାର୍ଯ୍ୟ ଓ ଉତ୍ତରଦାୟିତ୍ୱ ସମ୍ପାଦନ କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଠାରୁ ସମ୍ବଳ ପାଇଥାନ୍ତି।

(୯) ଅଧିକାଂଶ ସାମାଜିକ ଓ ଆର୍ଥିକ ଯୋଜନାର କାର୍ଯ୍ୟକାରିତା ଏହି ସଂସ୍ଥାମାନଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ।

(୧୦) ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥା ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ଦ୍ୱାରା ପରିଚାଳିତ ଓ ନିୟନ୍ତ୍ରିତ ହୋଇଥାଏ।

(୧୧) ଏହି ବ୍ୟବସ୍ଥାର ସଫଳ ରୂପାୟନ ଅଧିକାଂଶ କ୍ଷମତା ଓ ଉତ୍ତରଦାୟିତ୍ୱର ବଣ୍ଟନ ଓ ହସ୍ତାନ୍ତରୀକରଣ ଉପରେ ନିର୍ଭର କରେ।

ଉପକାରିତା :

(୧) ସ୍ଥାନୀୟ ସମସ୍ୟାର ସମାଧାନ କରି ସ୍ୱାୟତ୍ତଶାସନ ବ୍ୟବସ୍ଥା ଗଣତନ୍ତ୍ରକୁ ସୁଦୃଢ଼ କରିଥାଏ।

(୨) ପ୍ରତ୍ୟେକ ଅଞ୍ଚଳରେ କିଛି ସ୍ୱତନ୍ତ୍ର ସମସ୍ୟା ଓ ଆବଶ୍ୟକତା ଥାଏ, ଯାହା କି ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥା ଦ୍ୱାରା ଦୂରୀଭୂତ ହୋଇଥାଏ।

(୩) ସ୍ୱାୟତ୍ତଶାସନ ବ୍ୟବସ୍ଥା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରଶାସନିକ ଦାୟିତ୍ୱ ଲାଘବ କରିଥାଏ।

(୪) ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ବିକାଶ ସେମାନଙ୍କ ପ୍ରତ୍ୟକ୍ଷ ଅଂଶଗ୍ରହଣ ଦ୍ୱାରା ସମ୍ଭବ ହୋଇଥାଏ।

(୫) ସ୍ୱାୟତ୍ତଶାସନ ବ୍ୟବସ୍ଥା ସ୍ଥାନୀୟ ନେତୃତ୍ୱକୁ ପ୍ରୋତ୍ସାହିତ କରିଥାଏ।

(୬) ଭବିଷ୍ୟତର ନେତୃତ୍ୱ ସୃଷ୍ଟି କରିବାରେ ଏହା ଏକ ପ୍ରଶିକ୍ଷଣ କେନ୍ଦ୍ର ରୂପେ କାର୍ଯ୍ୟ କରିଥାଏ।

(୭) ନୂତନ ଯୋଜନାର କାର୍ଯ୍ୟକାରିତାରେ ଏହା ଏକ ପ୍ରୟୋଗଶାଳା ରୂପେ କାର୍ଯ୍ୟ କରିଥାଏ।

(୮) ସ୍ୱାୟତ୍ତଶାସନ ବ୍ୟବସ୍ଥାରେ ଅଂଶଗ୍ରହଣ ଦ୍ୱାରା ଜନସାଧାରଣଙ୍କ ରାଜନୈତିକ ସଚେତନତା ଅଭିବୃଦ୍ଧି ହୋଇଥାଏ।

(୯) ସ୍ଥାନୀୟ ସ୍ୱାୟତ୍ତ ସରକାର ଆଶୁ ନିଷ୍ପତ୍ତି ଓ ଫଳପ୍ରସୂ କାର୍ଯ୍ୟାନୁଷ୍ଠାନ ନେଇଥାଏ।

(୧୦) ଜନସାଧାରଣଙ୍କ ମାଧ୍ୟମରେ ସହଭାଗିତା ଓ ଉତ୍ତରଦାୟିତ୍ୱରେ ସଚେତନତା ସୃଷ୍ଟି କରିଥାଏ।

**ଅପକାରିତା :**

(୧) ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥା ସଂକୀର୍ଣ୍ଣ ମନୋଭାବ ପୋଷଣ କରିବା ସହ ଜାତୀୟ ଚିନ୍ତାଧାରାର ଅବମୂଲ୍ୟାୟନ କରିଥାଏ।

(୨) ଏହା ପକ୍ଷପାତିତା ଓ ବିରୋଧାଭାଷ ସୃଷ୍ଟି କରିଥାଏ।

(୩) ସ୍ଥାନୀୟ ସ୍ୱାୟତ୍ତଶାସନରେ ଜଡ଼ିତ ଥିବା ନେତୃବର୍ଗ ରାଜ୍ୟ ଓ ଜାତୀୟ ସମସ୍ୟାର ସମାଧାନ କ୍ଷେତ୍ରରେ ଅସମର୍ଥ ହୋଇଥାନ୍ତି।

(୪) ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାରେ ଜାତି, ସମ୍ପ୍ରଦାୟ ଓ ଲିଙ୍ଗ ଇତ୍ୟାଦିକୁ ପ୍ରାଧାନ୍ୟ ଦିଆଯାଇଥାଏ।

(୫) ସାମାଜିକ ଐକ୍ୟ ପ୍ରତିଷ୍ଠା କ୍ଷେତ୍ରରେ ଉକ୍ତ ବ୍ୟବସ୍ଥା ସମସ୍ୟା ସୃଷ୍ଟି କରିଥାଏ।

(୬) ରାଜ୍ୟ ଓ ଜାତୀୟ ସ୍ତରରେ ନେତୃବର୍ଗଙ୍କ ପ୍ରଗତିରେ ଏହିସବୁ ଅନୁଷ୍ଠାନ ବାଧା ସୃଷ୍ଟିକରିଥାଏ।

(୭) ତୃଣମୂଳ ସ୍ତରରେ ଗଣତନ୍ତ୍ରର ଦ୍ୱାୟିତ୍ୱ ଦେଇ ଏହି ଅନୁଷ୍ଠାନଗୁଡ଼ିକ ଅସମର୍ଥ୍ୟତା, ଦୁର୍ନୀତି ଓ ନାଲିଫିତା କାରବାରର ଗନ୍ତାଘର ପାଲଟିଥାନ୍ତି।

(୮) ସ୍ଥାନୀୟ ସ୍ୱାୟତ୍ତଶାସନ ନିର୍ବାଚନରେ ଅର୍ଥ ଓ ବାହୁବଳର ପ୍ରଭାବ ପରିଲକ୍ଷିତ ହୋଇଥାଏ।

(୯) ଜନକୈନ୍ଦ୍ରିକ ଯୋଜନା ପାଇଁ ଏହି ବ୍ୟବସ୍ଥାରେ ଯଥେଷ୍ଟ ସମ୍ବଳ ଓ କ୍ଷମତାର ଅଭାବ ଦେଖା ଦେଇଥାଏ।

**ଭାରତରେ ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥା :**

ଭାରତରେ ଗ୍ରାମୀଣ ସ୍ୱାୟତ୍ତଶାସନ ବ୍ୟବସ୍ଥା 'ପଞ୍ଚାୟତିରାଜ' ନାମରେ ପରିଚିତ। ସ୍ୱାଧୀନତାର ବହୁ ବର୍ଷ ପୂର୍ବରୁ ଏହା ବହୁଳଭାବେ ପ୍ରଚଳିତ ଥିଲା। ଏହା ବିଶ୍ୱାସ କରାଯାଏ ଯେ, ମହାରାଜ ପୃଥୁଙ୍କ ସମୟରୁ ଏହା ଆମ ଦେଶରେ କାର୍ଯ୍ୟକାରୀ ହୋଇଥିଲା। ମନୁସ୍ମୃତି ଓ ମହାଭାରତର 'ଶାନ୍ତିପର୍ବ'ରେ ଏହି ଅନୁଷ୍ଠାନଗୁଡ଼ିକ ସମ୍ବନ୍ଧରେ ବିଷଦ ଭାବେ ବର୍ଣ୍ଣନା କରାଯାଇଛି। ବାଲ୍ମିକୀଙ୍କ 'ରାମାୟଣ', ଶୁକ୍ରାଚର୍ଯ୍ୟଙ୍କ 'ନୀତିସାର' ଏବଂ କୌଟିଲ୍ୟଙ୍କ

'ଅର୍ଥଶାସ୍ତ୍ର' ତତ୍କାଳୀନ ଗଣପଦ ଓ ଗ୍ରାମ୍ୟ ଜନକଲ୍ୟାଣ ଅନୁଷ୍ଠାନଗୁଡ଼ିକର ଚିତ୍ର ପ୍ରଦାନ କରିଥାଏ। ବୈଦିକ ଯୁଗରୁ ଗ୍ରାମଗୁଡ଼ିକ ପ୍ରଶାସନର ମୌଳିକ ଅଂଶ ବିଶେଷ ରୂପେ ପରିଗଣିତ ହୋଇଆସୁଥିଲା। ମେଘାସ୍ଥିନିସ୍ ମଧ୍ୟ ତାଙ୍କ ବିବରଣୀରେ ମୌର୍ଯ୍ୟ ଶାସନକାଳର ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥା ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି। ଏହାର ପରବର୍ତ୍ତୀ ସମୟରେ ମୋଗଲମାନେ ଉଭୟ ସହ ଓ ନଗରରେ ମଧ୍ୟ ଏହା ପ୍ରଚଳନ କରିଥିଲେ।

ଭାରତରେ ବ୍ରିଟିଶ ଶାସନ ସମୟରେ ଲର୍ଡ ରିପନ୍ ୧୮୮୨ ମସିହାରେ ନଗରପାଳିକା ଶାସନ ବ୍ୟବସ୍ଥା ପ୍ରଚଳନ କରିଥିଲେ। ଭାରତୀୟମାନଙ୍କ କ୍ରମବର୍ଦ୍ଧିଷ୍ଣୁ ଚାହିଦାକୁ ଦୃଷ୍ଟିରେ ରଖି ତତ୍କାଳୀନ ଇଂରେଜ ସରକାର ବିକେନ୍ଦ୍ରୀକରଣ ଆଧାରିତ ରାଜକୀୟ ଆୟୋଗ (Royal Commission) ଗଠନ କରିଥିଲେ। ୧୯୦୯ ମସିହାରେ ପ୍ରକାଶିତ ବିବରଣୀରେ ସ୍ୱୟଂଶାସିତ ସ୍ୱାୟତ୍ତଶାସନ ଅନୁଷ୍ଠାନ ସମ୍ବନ୍ଧରେ ଉଲ୍ଲେଖ କରାଯାଇଛି। ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣରେ ମହାତ୍ମାଗାନ୍ଧୀଙ୍କ ଦୃଢ଼ ବିଶ୍ୱାସ ଥିଲା। ପ୍ରଶାସନରେ ଗ୍ରାମଗୁଡ଼ିକ ମୌଳିକ ଏକକ ରହିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ୧୯୦୯-୧୦ ଅଧିବେଶନରେ ଭାରତୀୟ ଜାତୀୟ କଂଗ୍ରେସ ପାରମ୍ପରିକ ପଞ୍ଚାୟତି ବ୍ୟବସ୍ଥାର ପୁନଃଗଠନ ପାଇଁ ନିଷ୍ପତ୍ତି ନେଇଥିଲା। ସ୍ୱାଧୀନତା ପରେ ଭାରତୀୟମାନେ ସ୍ୱାୟତ୍ତଶାସନ ବ୍ୟବସ୍ଥାର ପୁନଃଉତ୍‌ଥାନ ପାଇଁ ସୁଯୋଗ ପାଇଲେ। ଅନେକ ରାଜ୍ୟ ସରକାର ଗ୍ରାମପଞ୍ଚାୟତ ଗଠନରେ ପଦକ୍ଷେପ ନେଇଥିଲେ। ରାଜସ୍ଥାନ ୧୯୫୯ ମସିହାରେ ପ୍ରଥମଥର ପାଇଁ ପଞ୍ଚାୟତରାଜ ବ୍ୟବସ୍ଥା ପ୍ରଚଳନ କରିଥିଲା। ଏହି ଚିନ୍ତାଧାରା ଆମ ଭାରତୀୟ ସମ୍ବିଧାନରେ 'ରାଷ୍ଟ୍ରପତି ନିର୍ଦ୍ଦେଶାବଳୀ' ରୂପେ ପରଚିତ। ୧୯୫୧ ମସିହାର ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକାରିତା ସହ ଏହି ବ୍ୟବସ୍ଥା ଗୋଷ୍ଠୀ ଉନ୍ନୟନ ଯୋଜନା ରୂପେ ପୂର୍ଣ୍ଣ ପ୍ରତିଫଳିତ ହେଲା। ୧୯୫୪ ମସିହାରେ କଂଗ୍ରେସର ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ପଞ୍ଚାୟତରାଜ ବ୍ୟବସ୍ଥାର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଲା। ୧୯୫୨ ମସିହାର ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କାଳରେ ଏହି ବ୍ୟବସ୍ଥାର ଦୃଢ଼ୀକରଣ ପାଇଁ ପ୍ରୟାସ ଜାରି ରହିଲା।

ତଦନୁଯାୟୀ ୧୯୫୨ ମସିହାରେ ଭାରତ ସରକାର ସାରା ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାର ସମସ୍ୟା ଓ କାର୍ଯ୍ୟକାରିତାକୁ ଅଧ୍ୟୟନ ସକାଶେ ବଳବନ୍ତରାୟ ମେହେଟ୍ଟା କମିଟି ନିଯୁକ୍ତି କରିଥିଲେ। ୧୯୫୮ ମସିହାରେ ଜାତୀୟ ଉନ୍ନୟନ ପରିଷଦ, ଉକ୍ତ କମିଟିର ସୁପାରିଶକୁ ସାମାନ୍ୟ ପରିବର୍ତ୍ତନ ସହ ଗ୍ରହଣ କରିଥିଲେ। ପରେ ଆମ ଦେଶରେ ପଞ୍ଚାୟତି ବ୍ୟବସ୍ଥାର ପ୍ରଶାସନିକ ସ୍ତରରେ ଏକତରଫା ଭାବେ ଆମୂଳଚୂଳ ପରିବର୍ତ୍ତନ କରାଗଲା। କିନ୍ତୁ ନୂତନ ଭାବେ ଗୃହୀତ ହୋଇଥିବା ପ୍ରଶାସନିକ ବ୍ୟବସ୍ଥା ନିମ୍ନ ସ୍ତରରୁ ଉଚ୍ଚ ସ୍ତରକୁ ପରିବ୍ୟାପ୍ତ ହେଲା। ଅର୍ଥ ଓ କର୍ତ୍ତୃତ୍ୱର ଅଭାବ ଯୋଗୁଁ ୧୯୭୦ ଦଶକର ଶେଷ ଯାଏ ପଞ୍ଚାୟତିରାଜ ବ୍ୟବସ୍ଥା ସ୍ଥାଣୁ ହୋଇରହିଲା। ସେ ଯାହା ହେଉ, ପରବର୍ତ୍ତୀ ସମୟରେ ଏହି ବ୍ୟବସ୍ଥାକୁ ସଦୃଢ଼ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଗଲା। ପ୍ରଥମଥର ପାଇଁ ପଶ୍ଚିମବଙ୍ଗ ସରକାର ପଞ୍ଚାୟତଗୁଡ଼ିକୁ ଗ୍ରାମାଞ୍ଚଳର ବିକାଶ ପାଇଁ ଅର୍ଥ ଓ କ୍ଷମତାର ହସ୍ତାନ୍ତରୀକରଣ ପକ୍ରିୟା ଆରମ୍ଭ କରିଥିଲା। ପଞ୍ଚାୟତରାଜ ବ୍ୟବସ୍ଥାର ତିନୋଟି ସ୍ତରରେ ଲୋକ ପ୍ରତିନିଧିମାନଙ୍କ ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକୁ ପ୍ରତିଦ୍ୱନ୍ଦ୍ୱିତାର ସୁଯୋଗ ଦିଆଗଲା। ୧୯୮୦ ଦଶକର ମଧ୍ୟ ଭାଗରେ କର୍ଣ୍ଣାଟକ ରାଜ୍ୟ ମଧ୍ୟ ପଞ୍ଚାୟତରାଜ ବ୍ୟବସ୍ଥାର ପୁନଃଉତ୍‌ଥାନ ପାଇଁ ପଦକ୍ଷେପ ନେଇଥିଲା।

୧୯୮୯ ମସିହାରେ ରାଜୀବ ଗାନ୍ଧୀଙ୍କ ସରକାର ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାରେ ପଞ୍ଚାୟତଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ପାଇଁ ପଦକ୍ଷେପ ନେଇଥିଲେ। ଜବାହାର ରୋଜଗାର ଯୋଜନା ମାଧ୍ୟମରେ ଏହା ପ୍ରତ୍ୟକ୍ଷ ଭାବେ ଗ୍ରାମପଞ୍ଚାୟତଗୁଡ଼ିକୁ ଅର୍ଥ ଯୋଗାଣ ସହ ବେରୋଜଗାରୀମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଥିଲା। ରାଜୀବଗାନ୍ଧୀ ସରକାର ୬୪ତମ ସମ୍ବିଧାନ ସଂଶୋଧନ ବିଠା ମାଧ୍ୟମରେ ପ୍ରତି ଗ୍ରାମ, ବ୍ଲକ୍ ଓ ଜିଲ୍ଲା ସ୍ତରରେ ଲୋକ ପ୍ରତିନିଧିମାନଙ୍କୁ ପାଞ୍ଚବର୍ଷ ପାଇଁ ପ୍ରତ୍ୟକ୍ଷ ନିର୍ବାଚନର ବ୍ୟବସ୍ଥା କରିଥିଲେ ଓ ଏହା ସମସ୍ତ ରାଜ୍ୟ ପାଇଁ ବାଧ୍ୟତାମୂଳକ ଥିଲା। ଏହି ବ୍ୟବସ୍ଥାରେ ପଞ୍ଚାୟତଗୁଡ଼ିକୁ ସ୍ଥାନୀୟ ଉନ୍ନତି ସକାଶେ ଅଧିକ ଅର୍ଥ ଓ କ୍ଷମତା ପ୍ରଦାନ କରାଯାଇଥିଲା। ପଞ୍ଚାୟତଗୁଡ଼ିକୁ କ୍ଷମତାର ହସ୍ତାନ୍ତରୀକରଣର ଜନପ୍ରିୟ ଆବେଦନ ସତ୍ତ୍ୱେ ଉକ୍ତ ୬୪ତମ ସମ୍ବିଧାନ ସଂଶୋଧନ ବିଠା ରାଜ୍ୟ ସଭାରେ ଗୃହୀତ ହୋଇପାରି ନଥିଲା।

**ପଞ୍ଚାୟତରାଜ ବ୍ୟବସ୍ଥାର ଲକ୍ଷ୍ୟ :**

ଭାରତରେ ପଞ୍ଚାୟତରାଜର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ଯାହା ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥା ମାଧ୍ୟମରେ ଗ୍ରାମାଞ୍ଚଳର ବିକାଶ କରିବା। ଗ୍ରାମୀଣ ଭାରତର ସାମାଜିକ ଓ ଆର୍ଥିକ ବିକାଶ ପଞ୍ଚାୟତରାଜର ମୁଖ୍ୟ ଲକ୍ଷ୍ୟ ଅଟେ। ଯଥା-

(୧) ଗ୍ରାମାଞ୍ଚଳର ସମସ୍ୟାକୁ ସେମାନଙ୍କ ନିଜ ମାଧ୍ୟମରେ ସମାଧାନ କରିବାକୁ ଉତ୍ସାହିତ କରିବା।

(୨) ଗଣତାନ୍ତ୍ରିକ ପ୍ରକ୍ରିୟାରେ ଜୀବନଧାରଣର ଅଭ୍ୟାସ କରିବା।

(୩) ଭାରତୀୟ ଗଣତନ୍ତ୍ରର ମୂଳଭିତ୍ତିକୁ ସଦୃଢ଼ କରିବା।

(୪) ଗ୍ରାମଗୁଡ଼ିକୁ ସ୍ୱାବଲମ୍ବୀ କରିବା।

(୫) ଗ୍ରାମବାସୀଙ୍କ ମଧ୍ୟରେ ଆତ୍ମ-ପ୍ରତ୍ୟୟ ସୃଷ୍ଟି କରିବା।

(୬) ପ୍ରଶିକ୍ଷଣ କେନ୍ଦ୍ର ରୂପେ କାର୍ଯ୍ୟ କରିବା; ଏବଂ

(୭) ଗ୍ରାମାଞ୍ଚଳ ବିକାଶ ନିମନ୍ତେ ଗୋଷ୍ଠୀଗତ ଉଦ୍ୟମ ଜାରିରଖିବା।

**ଗ୍ରାମାଞ୍ଚଳର କାର୍ଯ୍ୟଧାରା (୧୯୫୪-୧୯୯୨) :**

୧୯୫୯ ମସିହାରେ ବଳବନ୍ତରାୟ ମେହେଟ୍ଟା କମିଟିର ସୁପାରିଶ ଅନୁଯାୟୀ ପଞ୍ଚାୟତରାଜ ବ୍ୟବସ୍ଥାର ପୁନଃଗଠିତ ରୂପରେଖ ପ୍ରଥମଥର ପାଇଁ ରାଜସ୍ଥାନରେ ପ୍ରବର୍ତ୍ତିତ ହୋଇଥିଲା। ଏହାର ପରବର୍ତ୍ତୀ ସମୟରେ ଭାରତର ଅନ୍ୟ ସମସ୍ତ ରାଜ୍ୟଗୁଡ଼ିକରେ ସଂସ୍କାରଯୁକ୍ତ ପଞ୍ଚାୟତରାଜ ବ୍ୟବସ୍ଥାର ପ୍ରଚଳନ କରାଯାଇଥିଲା। ପ୍ରତ୍ୟେକ ରାଜ୍ୟ ଏହି ବ୍ୟବସ୍ଥାର ଫଳପ୍ରସୂ କାର୍ଯ୍ୟକାରିତା ପାଇଁ ନିଜେ ନିଜ ଢଙ୍ଗରେ ଆଇନ ପ୍ରଣୟନ କଲେ। ଯାହାଦ୍ୱାରା ପଞ୍ଚାୟତରାଜ ବ୍ୟବସ୍ଥାରେ ସାମଞ୍ଜସ୍ୟତା ପରିଲକ୍ଷିତ ହୋଇପାରିଲା ନାହିଁ। କିନ୍ତୁ, ଏହି ସମସ୍ତ ଆଇନର ମୂଳ ଆଧାର ବଳବନ୍ତରାୟ ମେହେଟ୍ଟା କମିଟିର ସୁପାରିଶ ଥିଲା। ଅଧିକାଂଶ ରାଜ୍ୟ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା

ଗ୍ରହଣ କରିଥିଲେ। ମହାରାଷ୍ଟ୍ରରେ ସମସ୍ତ ଉନ୍ନତିମୂଳକ କାର୍ଯ୍ୟକଳାପ ଜିଲ୍ଲାପରିଷଦକୁ ନ୍ୟସ୍ତ କରାଯାଇଥିଲା। ଅନ୍ୟ କିଛି ରାଜ୍ୟରେ ଏହିସବୁ ଉନ୍ନତିମୂଳକ କାର୍ଯ୍ୟକଳାପ ପଞ୍ଚାୟତ ସମିତିକୁ ନ୍ୟସ୍ତ କରାଯାଇଥିଲା। କିନ୍ତୁ ଓଡ଼ିଶାରେ ୧୯୬୯ ମସିହାରେ ଜିଲ୍ଲାପରିଷଦକୁ ଉଚ୍ଛେଦ କରି ଜିଲ୍ଲା ଉପଦେଷ୍ଟା ପରିଷଦ ଗଠନ କରାଯାଇଥିଲା।

୧୯୫୯ ମସିହାରୁ ୧୯୯୨ ମସିହା ମଧ୍ୟରେ ପଞ୍ଚାୟତିରାଜ ସଫଳତାର ସହ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ କେତେକାଂଶରେ ତା'ର ଲକ୍ଷ୍ୟ ହାସଲ କରିପାରିଥିଲା। କେତେକ ଦୁର୍ବଳତା ହେତୁ ଏହା ସମ୍ପୂର୍ଣ୍ଣ ସଫଳ ହୋଇପାରି ନଥିଲା। ଗ୍ରାମୀଣ ଭାରତରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ଏହା ବିଫଳ ହୋଇଥିଲା। ଗ୍ରାମାଞ୍ଚଳଗୁଡ଼ିକର ଆଶାନୁରୂପ ଉନ୍ନତି ହୋପାରି ନଥିଲା। ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ଜୀବନଧାରଣର ମାନ ଆଂଶିକ ଭାବେ ଉନ୍ନତି ହେବାର ପରିଲକ୍ଷିତ ହୋଇଥିଲା ଏବଂ ଏହା କିଛି ଅଞ୍ଚଳ ମଧ୍ୟରେ ସୀମିତ ଥିଲା।

**ପଞ୍ଚାୟତରାଜ ବ୍ୟବସ୍ଥାର ସମସ୍ୟା :**

ନିଜର ଢାଞ୍ଚାଗତ ତ୍ରୁଟି ଓ ବିଭିନ୍ନ ପ୍ରତିବନ୍ଧକ ଯୋଗୁଁ ପଞ୍ଚାୟତରାଜ ବ୍ୟବସ୍ଥା ତା'ର ଇପ୍ସିତ ଲକ୍ଷ୍ୟ ହାସଲ କରିବାରେ ଅସମର୍ଥ ହୋଇଛି। ଏହାର ମୁଖ୍ୟ ପ୍ରତିବନ୍ଧକ ଗୁଡ଼ିକ ହେଲା:

**(୧) ନିରକ୍ଷରତା ଓ ଓ ଅଜ୍ଞାନତା :** ପଞ୍ଚାୟତରାଜ ବ୍ୟବସ୍ଥାର ସଫଳ ରୂପାୟନ କ୍ଷେତ୍ରରେ ଗ୍ରାମୀଣ ଲୋକଙ୍କ ନିରକ୍ଷରତା ଓ ଅଜ୍ଞତା ମୁଖ୍ୟ ପ୍ରତିବନ୍ଧକ ଅଟେ।

**(୨) ଅନଭିଜ୍ଞ ପ୍ରତିନିଧି :** ସ୍ଥାନୀୟ ଜନପ୍ରତିନିଧି ପଞ୍ଚାୟତରାଜ ବ୍ୟବସ୍ଥାର କାର୍ଯ୍ୟ ଓ ନୀତିକୁ ବୁଝିବା କ୍ଷେତ୍ରରେ ଅସମର୍ଥ ଓ ଅନଭିଜ୍ଞ। ତେଣୁ ଏହି ବ୍ୟବସ୍ଥାର ସଫଳ ରୂପାୟନ ହୋଇପାରି ନାହିଁ।

**(୩) ରାଜନୈତିକ ସଚେତନତାର ଅଭାବ :** ଗ୍ରାମୀଣ ଦାରିଦ୍ର୍ୟତା, ନିରକ୍ଷରତା ଏବଂ ଅଜ୍ଞତା ସମୂହ ଭାବେ ନିମ୍ନମାନର ରାଜନୈତିକ ସଚେତନତା ପାଇଁ ଦାୟୀ। ସ୍ୱୟଂ ଶାସନ ଓ ବିକାଶ କ୍ଷେତ୍ରରେ ଏହା ବାଧା ସୃଷ୍ଟି କରିଛି।

**(୪) ପାଣ୍ଠିର ଅଭାବ :** ପଞ୍ଚାୟତରାଜ ଅନୁଷ୍ଠାନଗୁଡ଼ିକ ପାଣ୍ଠିର ଅଭାବ ଯୋଗୁଁ ଅନେକ ପ୍ରଗତିମୂଳକ କାର୍ଯ୍ୟ କରିବାରେ ଅସମର୍ଥ। ଏହିସବୁ ଅନୁଷ୍ଠାନଗୁଡ଼ିକ ସର୍ବଦା ଅର୍ଥର ଅଭାବରେ ସରକାରଙ୍କ ଅନୁଦାନ ପ୍ରତି ନିର୍ଭରଶୀଳ ରହନ୍ତି।

**(୫) ଦଳୀୟ ରାଜନୀତି ଓ ଗୋଷ୍ଠୀଗତ ଚିନ୍ତାଧାରା :** ପଞ୍ଚାୟତ ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡ଼ିକ କ୍ଷତିକାରକ ଏବଂ ନାସ୍ତିସୂଚକ ଚିନ୍ତାଧାରା ପୋଷଣ କରିଥାନ୍ତି। ଗ୍ରାମାଞ୍ଚଳଗୁଡ଼ିକରେ ଉକ୍ତ ରାଜନୈତିକ ଦଳଗୁଡ଼ିକ ଗୋଷ୍ଠୀଗତ ବିଦ୍ୱେଷ ସୃଷ୍ଟି କରିଥାନ୍ତି ଓ ତତ୍ ସଙ୍ଗେ ସାଧାରଣ ତିକ୍ତତାକୁ ହିଂସା ରୂପ ଦେଇଥାନ୍ତି।

**(୬) ମୁଷ୍ଟିମେୟଙ୍କ ସ୍ୱାର୍ଥ ସାଧନ :** ଗୋଷ୍ଠୀଗତ ଉଦ୍ୟମ ମାଧ୍ୟମରେ ଗ୍ରାମାଞ୍ଚଳ ଲୋକମାନଙ୍କ ବିକାଶ ପରିବର୍ତ୍ତେ ଏହା ମୁଷ୍ଟିମେୟ ଜମିଦାର ଓ ଉଚ୍ଚବର୍ଗର ଲୋକମାନଙ୍କ ସ୍ୱାର୍ଥସାଧନ କରିଥାଏ। ଧନୀ, ଜମିଦାରମାନେ

ନିର୍ବାଚନରେ ନିଜର ଆଧିପତ୍ୟ ବିସ୍ତାର କରି ସଂଖ୍ୟାଧିକ ଗରୀବ ଲୋକମାନଙ୍କୁ ସେମାନଙ୍କ ପ୍ରାପ୍ୟରୁ ବଞ୍ଚିତ କରାଇଥାନ୍ତି ।

**ଢାଞ୍ଚାଗତ ଦୁର୍ବଳତା :**

ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକର ସାଙ୍ଗଠନିକ ଓ କାର୍ଯ୍ୟକାରିତା କ୍ଷେତ୍ରରେ କେତେକ ଢାଞ୍ଚାଗତ ଦୁର୍ବଳତା ପରିଲକ୍ଷିତ ହୋଇଥାଏ । ଯଥା-

(୧) ପ୍ରଭାବ ବିହୀନ ଗ୍ରାମସଭା ।
(୨) ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦଗୁଡ଼ିକର ମନୋନୟନ ବ୍ୟବସ୍ଥା ।
(୩) ଆବଶ୍ୟକୀୟ କ୍ଷମତାର ଅଭାବ ।
(୪) ଦକ୍ଷ ଓ ପ୍ରଶିକ୍ଷିତ କର୍ମଚାରୀଙ୍କ ଅଭାବ ।
(୫) ମାତ୍ରାଧିକ ସରକାରୀ ହସ୍ତକ୍ଷେପ ଓ ନିୟନ୍ତ୍ରଣ ।
(୬) ପଞ୍ଚାୟତରାଜ ଅନୁଷ୍ଠାନମାନଙ୍କ ସରକାରଙ୍କ ଉପରେ ଆର୍ଥିକ ନିର୍ଭରଶୀଳତା ।
(୭) ନିର୍ବାଚନରେ ଅନିୟମିତତା ।
(୮) ଗ୍ରାମୀଣ ଜନସାଧାରଣ ଏବଂ ପଞ୍ଚାୟତରାଜ କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ତମ ସମ୍ପର୍କର ଅଭାବ ।
(୯) ଜନସାଧାରଣଙ୍କ ଅନୁଷ୍ଠାନ ପରିବର୍ତ୍ତେ ସରକାରୀ ସଂସ୍ଥା ଭାବେ ପଞ୍ଚାୟତରାଜ ବ୍ୟବସ୍ଥାର କାର୍ଯ୍ୟକାରୀତା ।
(୧୦) ବ୍ଲକ୍ ଗୁଡ଼ିକର ସିମୀତ ପରିସର ।

**୭୩ତମ ସମ୍ବିଧାନିକ ସଂଶୋଧନ ଆଇନ୍, ୧୯୯୨ :**

ପଞ୍ଚାୟତରାଜ ବ୍ୟବସ୍ଥାର କାର୍ଯ୍ୟକାରିତାରେ ଥିବା ତ୍ରୁଟିଗୁଡ଼ିକୁ ଦୂରକରି ଏହାକୁ ଅଧିକ ସକ୍ଷମ କରିବା ପାଇଁ ସଂସଦରେ ୭୩ତମ ସମ୍ବିଧାନ ସଂଶୋଧନ ଆଇନ୍, ୧୯୯୨କୁ ପ୍ରଣୟନ କରାଗଲା । ଏହାର ମୂଳ ଉଦ୍ଦେଶ୍ୟ ହେଲା, ଏହି ବ୍ୟବସ୍ଥାକୁ ନିୟମିତ, ଦକ୍ଷ ଓ ସକ୍ରିୟ କରିବା ସହ ଗ୍ରାମୀଣ ଭାରତର ସାମାଜିକ ଓ ଆର୍ଥିକ ବିକାଶ ସାଧନ କରିବା ।

୭୩ତମ ସମ୍ବିଧାନ ସଂଶୋଧନ ଆଇନ୍ ଅନୁଯାୟୀ, ପଞ୍ଚାୟତରାଜ ବ୍ୟବସ୍ଥାର ସଦୃଢ଼ୀକରଣ ନିମନ୍ତେ ସମସ୍ତ ରାଜ୍ୟ ସରକାର ୨୩ ଏପ୍ରିଲ ୧୯୯୪ ମସିହା ସୁଦ୍ଧା ନୂତନ ଭାବେ ଆଇନ୍ ପ୍ରଣୟନ କଲେ ।

୭୩ତମ ସମ୍ବିଧାନ ସଂଶୋଧନ ଆଇନ୍‌ର କାର୍ଯ୍ୟକାରିତା, କ୍ଷମତାର ବିକେନ୍ଦ୍ରୀକରଣ ଓ ହସ୍ତାନ୍ତରୀକରଣର ଏକ ନୂତନ ଯୁଗର ସୂତ୍ରପାତ କଲା । ତୃଣମୂଳ ସ୍ତରରେ ଗଣତାନ୍ତ୍ରିକ ପ୍ରକ୍ରିୟାର ସଦୃଢ଼ୀକରଣ ସକାଶେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

ଉକ୍ତ ଆଇନ୍ ଅନୁସୂଚିତ ଜାତି, ଜନଜାତିମାନଙ୍କ ଜନସଂଖ୍ୟା ଅନୁପାତରେ ସେମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ପ୍ରଦାନ କରିଛି। ଯଥା, ନିର୍ବାଚିତ ମୁଖିଆଙ୍କ (Chair-person) ପାଇଁ ସ୍ଥାନ ସଂରକ୍ଷଣ, ପ୍ରତ୍ୟେକ ପଞ୍ଚାୟତରେ ମହଳିାଙ୍କ ପାଇଁ ଅନ୍ୟୁନ ଏକ ତୃତୀୟାଂଶ ସ୍ଥାନ ସଂରକ୍ଷଣ, ପର୍ଯ୍ୟାୟକ୍ରମେ ଆବର୍ତ୍ତନ ଭିତ୍ତିରେ ନିର୍ବାଚନ ମଣ୍ଡଳୀରେ ସ୍ଥାନ ସଂରକ୍ଷଣ, ପଞ୍ଚାୟତ ସ୍ତରରେ ପ୍ରତ୍ୟକ୍ଷ ନିର୍ବାଚନ, ଗ୍ରାମପଞ୍ଚାୟତ ମୁଖିଆ ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦର ମୁଖିଆମାନଙ୍କ ସହ ସାଂସଦ, ବିଧାୟକ ଓ ବିଧାନ ପରିଷଦର ସଦସ୍ୟମାନଙ୍କ ପାଇଁ ନିର୍ବାଚନର ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି।

**ଓଡ଼ିଶାର ସ୍ୱାୟତ୍ତଶାସନ ବ୍ୟବସ୍ଥା :**

ଓଡ଼ିଶା ପଞ୍ଚାୟତରାଜ ଆଇନ୍ ୧୯୫୯ ମସିହାରେ ପାରିତ କରାଯାଇ ୧୯୬୧ ମସିହା ଜାନୁଆରୀ ୨୬ ତାରିଖ ଠାରୁ କାର୍ଯ୍ୟକାରୀ କରାଯାଇଛି। ଏହାର ପ୍ରଚଳନ ପରେ ଏହାକୁ ଅନେକ ଥର ପରିବର୍ତ୍ତନ କରାଯାଇଛି। ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍ ୧୯୬୪, ଓଡ଼ିଶା ପଞ୍ଚାୟତ ସମିତି ଆଇନ୍ ୧୯୫୯ ଏବଂ ଓଡ଼ିଶା ଜିଲ୍ଲା ପରିଷଦ ଆଇନ୍ ୧୯୯୧ ଯଥାକ୍ରମେ ତ୍ରିସ୍ତରୀୟ ଗ୍ରାମପଞ୍ଚାୟତ, ପାଞ୍ଚାୟତ ସମିତି ଓ ଜିଲ୍ଲାପରିଷଦ କାର୍ଯ୍ୟାବଳୀକୁ ନିୟନ୍ତ୍ରଣ କରୁଛି। ସେହିଭଳି ଓଡ଼ିଶା ମ୍ୟୁନିସିପାଲ କର୍ପୋରେସନ୍ ଆଇନ୍ ୨୦୦୩ ରାଜ୍ୟର ତ୍ରିସ୍ତରୀୟ ସହରାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଯଥା- ବିଜ୍ଞାପିତ ଅଞ୍ଚଳ ପରିଷଦ (N.A.C), ନଗରପାଳିକା (Municipality) ଓ ମହାନଗର ନିଗମ (Municipal Corporation)ର କାର୍ଯ୍ୟାବଳୀକୁ ନିୟନ୍ତ୍ରଣ କରୁଛି। ୧୯୯୨ ମସିହାରେ ସ୍ୱର୍ଗତ ବିଜୁ ପଟ୍ଟନାୟକ ପୌର ନିଗମ, ପୌରପାଳିକା ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ନିର୍ବାଚନରେ ମହିଳାମାନଙ୍କ ପାଇଁ ୩୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ। ଗ୍ରାମାଞ୍ଚଳ ପଞ୍ଚାୟତରାଜ ନିର୍ବାଚନରେ ମଧ୍ୟ ଅନୁରୂପ ବ୍ୟବସ୍ଥା ଲାଗୁ କରାଯାଇଥିଲା। ୭୩ତମ ଓ ୭୪ତମ ସମ୍ବିଧାନ ସଂଶୋଧନ ଆଇନ୍ ଅନୁଯାୟୀ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସ୍ୱାୟତ୍ତଶାସନ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରାଯାଇଥିଲା। କିନ୍ତୁ ପରବର୍ତ୍ତି ସମୟରେ ଉକ୍ତ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତକୁ ବୃଦ୍ଧି କରାଯାଇଛି। ପୁନଶ୍ଚ, ଏହି ଆଇନ୍ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସ୍ୱାୟତ୍ତଶାସନ କ୍ଷେତ୍ରରେ ପ୍ରତି ପାଞ୍ଚବର୍ଷକୁ ଥରେ ନିୟମିତ ନିର୍ବାଚନର ବ୍ୟବସ୍ଥା କରିଛି, ଯାହା କି ରାଜ୍ୟ ନିର୍ବାଚନ ଆୟୋଗ ଦ୍ୱାରା ପରିଚାଳିତ।

ଓଡ଼ିଶାରେ ୫୦,୦୦୦ରୁ ଊର୍ଦ୍ଧ୍ୱ ଗ୍ରାମ ରହିଛି ଏବଂ ପ୍ରତ୍ୟେକ ଗ୍ରାମ କେତୋଟି ୱାର୍ଡ଼ କିମ୍ବା ପଲ୍ଲୀସଭାରେ ବିଭକ୍ତ। ପଲ୍ଲୀସଭା ଗ୍ରାମପଞ୍ଚାୟତର ମୌଳିକ ଏକକ ଏବଂ ଏହା ଏକ ସ୍ଥାୟୀ ସଂସ୍ଥା ଅଟେ। ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଭୋଟରମାନେ ସେହି ୱାର୍ଡ଼ର ପଲ୍ଲୀସଭାର ସଭ୍ୟ ଅଟନ୍ତି। ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହେବାକୁ ଥିବା ସମସ୍ତ ଯୋଜନା ଓ ତା'ର କାର୍ଯ୍ୟସୂଚୀର ରୂପରେଖ ପଲ୍ଲୀସଭାରେ ନିଷ୍ପତ୍ତି ହୋଇଥାଏ। ପଲ୍ଲୀସଭାରେ, ସେହି ୱାର୍ଡ଼ର ନିର୍ବାଚିତ ୱାର୍ଡ଼ମେମ୍ବର ଅଧ୍ୟକ୍ଷତା କରିଥାନ୍ତି। ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଅନୁଯାୟୀ ପଲ୍ଲୀସଭା ଜଙ୍ଗଲ ଜମି ଅଧିକାରୀଙ୍କ ଚୟନ କରିଥାଏ। ପଲ୍ଲୀସଭାର କାର୍ଯ୍ୟଗୁଡ଼ିକୁ ସମୀକ୍ଷା କରିବା ପାଇଁ ବର୍ଷକୁ ଅନ୍ୟୁନ ଦୁଇଥର ସଭା ଆହୂତ ହୋଇଥାଏ ଓ ଏହାର ନିଷ୍ପତ୍ତିକୁ ବିଚାର ପାଇଁ ଗ୍ରାମସଭାକୁ ପଠାଯାଇଥାଏ। ୱାର୍ଡ଼ର ଉନ୍ନତିମୂଳକ କାର୍ଯ୍ୟ ପାଇଁ ପଲ୍ଲୀସଭାର ସୁପାରିଶ ଗ୍ରାମପଞ୍ଚାୟତ ପାଇଁ ବାଧ୍ୟତାମୂଳକ।

ଗ୍ରାମପଞ୍ଚାୟତର ସମସ୍ତ ପଲ୍ଲୀସଭାର ସଭ୍ୟମାନଙ୍କୁ ନେଇ ଗ୍ରାମସଭା ଗଠିତ ହୋଇଥାଏ । ସମସ୍ତ ପଲ୍ଲୀସଭାର ଉନ୍ନୟନମୂଳକ କାର୍ଯ୍ୟକୁ ସଙ୍ଗଠିତ କରିବା ପାଇଁ ବର୍ଷକୁ ଅନ୍ୟୁନ ଦୁଇଥର ଗ୍ରାମସଭାର ବୈଠକ ଆହୁତ ହୋଇଥାଏ । ଗ୍ରାମସଭା ସମସ୍ତ ଯୋଜନା ଓ ବାର୍ଷିକ ଆୟବ୍ୟୟ ଅଟକଳ ପ୍ରସ୍ତୁତ କରି ଗ୍ରାମପଞ୍ଚାୟତର ଅନୁମୋଦନ ପାଇଁ ପଠାଇଥାଏ ।

ଗ୍ରମସଭାର ମୁଖ୍ୟ କାର୍ଯ୍ୟଗୁଡ଼ିକ ହେଲା- (୧) ପାଞ୍ଚାୟତର ବାର୍ଷିକ ହିସାବକୁ ସମୀକ୍ଷା କରିବ, (୨) ପୂର୍ବ ବର୍ଷର ପ୍ରଶାସନିକ ବିବରଣୀକୁ ଉପସ୍ଥାପନା କରିବା, (୩) ଚଳିତ ବର୍ଷ ପାଇଁ ବିଭିନ୍ନ କାର୍ଯ୍ୟ ଖସଡ଼ା ପସ୍ତୁତ କରିବା, (୪) ନୂତନ କର ଧାର୍ଯ୍ୟ ବ୍ୟବସ୍ଥା ସମେତ ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ନିଷ୍ପତ୍ତି ନେବା ଇତ୍ୟାଦି ।

ଗ୍ରାମସଭାର ପ୍ରଥମ ବୈଠକରେ ବାର୍ଷିକ ଆୟବ୍ୟୟ ଚିଠାର ଆଲୋଚନା କରାଯାଇଥାଏ ଏବଂ ଏହାର ଦ୍ୱିତୀୟ ବୈଠକରେ ଗ୍ରାମପଞ୍ଚାୟତର କାର୍ଯ୍ୟ ବିବରଣୀର ସମୀକ୍ଷା କରିବା ସହ ସେହି ଅଞ୍ଚଳର ଉନ୍ନତି ପାଇଁ ଯୋଜନା ପ୍ରସ୍ତୁତ କରାଯାଏ । ଗ୍ରାମସଭା ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥାର ଭିତ୍ତିଭୂମି ଓ ଏହି ଦୃଷ୍ଟିରୁ ଗ୍ରାମସଭା, ଗ୍ରାମପଞ୍ଚାୟତର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ ।

ଓଡ଼ିଶାରେ ୬୨୪୩ଟି ଗ୍ରାମପଞ୍ଚାୟତ ରହିଛି । ଏହା ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବନିମ୍ନ ସୋପାନ । ଏହାର ମୁଖ୍ୟ ହେଉଛନ୍ତି ସରପଞ୍ଚ । ଯିଏ କି ସ୍ଥାନୀୟ ଭୋଟରମାନଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୋଇଥାନ୍ତି । ଗ୍ରାମପଞ୍ଚାୟତର ସମସ୍ତ ବୈଠକରେ ସେ ସଭାପତିତ୍ୱ କରିଥାନ୍ତି ଏବଂ ତାଙ୍କୁ ସାହାଯ୍ୟ କରିବା ପାଇଁ ୱାର୍ଡ଼ମେମ୍ବରମାନଙ୍କ ଦ୍ୱାରା ନିର୍ବାଚିତ ନାଏବ ସରପଞ୍ଚ ଏବଂ ସରକାରଙ୍କ ଦ୍ୱାରା ନିଯୁକ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରହିଥାନ୍ତି । ସରପଞ୍ଚ, ନାଏବ ସରପଞ୍ଚ ଏବଂ ସ୍ଥଳ ବିଶେଷରେ ସର୍ବନିମ୍ନ ୧୧ ଓ ସର୍ବାଧିକ ୨୫ ଜଣ ୱାର୍ଡ଼ମେମ୍ବରଙ୍କୁ ନେଇ ଗ୍ରାମପଞ୍ଚାୟତ ଗଠନ ହୋଇଥାଏ । ଏହାର କାର୍ଯ୍ୟକାଳ ୫ ବର୍ଷ କିନ୍ତୁ ରାଜ୍ୟ ସରକାର ଏହାର କାର୍ଯ୍ୟକାଳ ପୂର୍ଣ୍ଣ ହେବା ଆଗୁ ଯେ କୌଣସି ସମୟରେ ଏହାକୁ ଭାଙ୍ଗିଦେଇପାରନ୍ତି । ସମୟ ସୀମା ବ୍ୟତୀତ ଅନ୍ୟ ସବୁ ଯୋଗ୍ୟତା ରାଜ୍ୟ ବିଧାନସଭାର ସଭ୍ୟଙ୍କ ଯୋଗ୍ୟତା ସହ ସମାନ । ୨୧ ବର୍ଷ କିମ୍ବା ତଦୂର୍ଦ୍ଧ ବୟସର ବ୍ୟକ୍ତି ଗ୍ରାମପଞ୍ଚାୟତର ସଭ୍ୟ ହେବାକୁ ଯୋଗ୍ୟ । ଅନୁସୂଚିତ ଜାତି, ଜନଜାତି ଓ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିଛି ।

**ସରପଞ୍ଚଙ୍କ କ୍ଷମତା ଓ କାର୍ଯ୍ୟ :**

ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ୍‌ର ଅନୁଚ୍ଛେଦ ୧୯ରେ ଏହା ସୂଚୀତ ଯେ 'ଗ୍ରାମପଞ୍ଚାୟତର କାର୍ଯ୍ୟ ନିର୍ବାହ କ୍ଷମତା ସରପଞ୍ଚଙ୍କ ଠାରେ ନ୍ୟସ୍ତ ରହିବ ଓ ତାଙ୍କ ନେତୃତ୍ୱରେ ଗ୍ରାମପଞ୍ଚାୟତ୍‌ର ସମସ୍ତ କାର୍ଯ୍ୟ ପରିଚାଳିତ ହେବ ।'

ସରପଞ୍ଚଙ୍କ ସଭାପତିତ୍ୱରେ ଗ୍ରାମପଞ୍ଚାୟତର ସମସ୍ତ ସଭା ଅନୁଷ୍ଠିତ ହେବା ସହ ସେ ଉକ୍ତ ସଭାଗୁଡ଼ିକର କାର୍ଯ୍ୟକ୍ରମକୁ ପରିଚାଳନା ଓ ନିୟନ୍ତ୍ରଣ କରିଥାନ୍ତି । ସଭାରେ ଆଲୋଚିତ ସମସ୍ତ ତଥ୍ୟକୁ ଲିପିବଦ୍ଧ କରିବା ସହ

ସେଥିରେ ସ୍ୱାକ୍ଷର ପ୍ରଦାନ କରିଥାନ୍ତି। ସମସ୍ତ ବିବରଣୀକୁ ପ୍ରସ୍ତୁତ କରିଥାନ୍ତି। ପଞ୍ଚାୟତର ସମ୍ପତ୍ତିକୁ ରକ୍ଷଣାବେକ୍ଷଣ କରିବା ସହ ଏହାର ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନ କରିବା ଦାୟିତ୍ୱ ବହନ କରନ୍ତି। ଯଦି କୌଣସି ସମୟରେ ବିଶୃଙ୍ଖଳା ସୃଷ୍ଟି ହୁଏ, ତେବେ ସେ ଉପ-ଜିଲ୍ଲାପାଳଙ୍କୁ ଅବଗତ କରିବା ସହ ତାଙ୍କ ନିର୍ଦ୍ଦେଶରେ ପରବର୍ତ୍ତି ପଦକ୍ଷେପ ଗ୍ରହଣ କରନ୍ତି। ସରପଞ୍ଚଙ୍କ ଦ୍ୱାରା ପ୍ରଦତ୍ତ କ୍ଷମତାକୁ ନାଏବ ସରପଞ୍ଚ କାର୍ଯ୍ୟକାରୀ କରିଥାନ୍ତି। ସରପଞ୍ଚଙ୍କ ଅନୁପସ୍ଥିତିରେ ନାଏବ ସରପଞ୍ଚ, ସରପଞ୍ଚଙ୍କ କାର୍ଯ୍ୟ ତୁଲାଇଥାନ୍ତି। ଉଭୟ ସରପଞ୍ଚ ଓ ନାଏବ ସରପଞ୍ଚ ପଦବୀ ଏକସଙ୍ଗେ ଖାଲି ପଡିଲେ, ୱାର୍ଡମେମ୍ବରମାନଙ୍କ ଦ୍ୱାରା ପ୍ରସ୍ତୁତ ତିନିଜଣିଆ ତାଲିକା ମଧ୍ୟରୁ କେହି ଜଣେ ସରପଞ୍ଚଙ୍କ କାର୍ଯ୍ୟ ତୁଲାଇଥାନ୍ତି।

ସରପଞ୍ଚ ଓ ନାଏବ ସରପଞ୍ଚ ଯେ କୌଣସି ସମୟରେ ତାଙ୍କ ନିଜ ପଦବୀରୁ ଇସ୍ତଫା ଦେଇପାରନ୍ତି। ସରପଞ୍ଚ ତାଙ୍କ ଇସ୍ତଫା ପତ୍ର ଉପଜିଲ୍ଲାପାଳଙ୍କୁ ଓ ନାଏବ ସରପଞ୍ଚ ତାଙ୍କ ଇସ୍ତଫା ପତ୍ର ସରପଞ୍ଚଙ୍କୁ ପ୍ରଦାନ କରିଥାନ୍ତି। ଗ୍ରାମପଞ୍ଚାୟତର ୱାର୍ଡମେମ୍ବରମାନେ ଅନାସ୍ଥା ପ୍ରସ୍ତାବ ମାଧ୍ୟମରେ ଦୁଇ ତୃତୀୟାଂଶ ସଦସ୍ୟଙ୍କ ସମ୍ମତି କ୍ରମେ ଉଭୟ ସରପଞ୍ଚ ଓ ନାଏବ ସରପଞ୍ଚଙ୍କୁ ପଦଚ୍ୟୁତ କରିପାରନ୍ତି। ଉପଜିଲ୍ଲାପାଳଙ୍କ ଦ୍ୱାରା ଆହୁତ ଏକ ସ୍ୱତନ୍ତ୍ର ବୈଠକରେ ଏହା ସମ୍ଭବ ହୋଇଥାଏ। ଏହି ପ୍ରକାର ପ୍ରସ୍ତାବ ଉପଜିଲ୍ଲାପାଳଙ୍କ ଦ୍ୱାରା ଜିଲ୍ଲାପାଳଙ୍କୁ ପ୍ରେରିତ କରାଯାଏ ଓ ପରବର୍ତ୍ତୀ ସମୟରେ ଜନସାଧାରଣଙ୍କ ଗୋଚରାର୍ଥେ ଏହା ବିଜ୍ଞପ୍ତି ଫଳକରେ ପ୍ରକାଶ କରାଯାଏ। ବିଜ୍ଞପ୍ତି ପ୍ରକାଶନ ଦିନ ଠାରୁ ଉଭୟ ସରପଞ୍ଚ ଓ ନାଏବ ସରପଞ୍ଚ ନିଜ କାର୍ଯ୍ୟରୁ ଅବ୍ୟାହତି ନେଇଥାନ୍ତି।

**ଗ୍ରାମପଞ୍ଚାୟତର କାର୍ଯ୍ୟ :**

ଓଡ଼ିଶାରେ ଗ୍ରାମପଞ୍ଚାୟତ ଗୁଡ଼ିକର ଦୁଇ ପ୍ରକାର କାର୍ଯ୍ୟ ରହିଛି। ଯଥା- (୧) ବାଧ୍ୟତାମୂଳକ କାର୍ଯ୍ୟ ଓ (୨) ଇଚ୍ଛାଧୀନ କାର୍ଯ୍ୟ।

**(୧) ବାଧ୍ୟତାମୂଳକ କାର୍ଯ୍ୟ :**

- ରାସ୍ତାଘାଟର ନିର୍ମାଣ, ମରାମତି, ରକ୍ଷଣାବେକ୍ଷଣ ଓ ଉନ୍ନତି କରିବା
- ସର୍ବସାଧାରଣ ସ୍ଥାନ ଓ ତତ୍‌ସଂଲଗ୍ନ ରାସ୍ତାଗୁଡ଼ିକର ନିର୍ମାଣ, ରକ୍ଷଣାବେକ୍ଷଣ ଓ ପରିଷ୍କାର ପରିଚ୍ଛନ୍ନ ରଖିବା।
- ଜନସାଧାରଣଙ୍କ ଦ୍ୱାରା ବ୍ୟବହୃତ ଶୌଚାଳୟ, ପରିସ୍ରାଗାର ଓ ନାଳନର୍ଦ୍ଦମାର ନିର୍ମାଣ, ମରାମତି ଓ ସଫାସୁତୁରା ରଖିବା।
- ସର୍ବସାଧାରଙ୍କ ବ୍ୟବହୃତ ରାସ୍ତାଗୁଡ଼ିକର ଆଲୋକିକରଣ।
- ସ୍ୱାସ୍ଥ୍ୟ ସହାୟତା, ପରିମଳ ଓ ରୋଗ ନିରାକରଣ ବ୍ୟବସ୍ଥା କରିବା।
- ଜନସାଧାରଣଙ୍କ ଦ୍ୱାରା ବ୍ୟବହୃତ ନଦୀକୂଳ, ପୋଖରୀ ଓ ଖେଳପଡ଼ିଆର ନିର୍ମାଣ ଓ ରକ୍ଷଣାବେକ୍ଷଣ।

- ଜନଗଣନାର ପ୍ରସ୍ତୁତି, ଗୃହପାଳିତ ପଶୁପକ୍ଷୀଙ୍କ ଗଣନା ଏବଂ ବିକ୍ରି ହେଉଥିବା ପଶୁଙ୍କ ପଞ୍ଜୀକରଣ।
- ଜାନିଯାତ୍ରା, ମେଳା ଓ ପର୍ବପର୍ବାଣୀର ନିୟନ୍ତ୍ରଣ।
- ପ୍ରାଥମିକ ଶିକ୍ଷାର ପ୍ରସାର ବ୍ୟବସ୍ଥା।
- କୃଷି ସମ୍ପ୍ରସାରଣର ବ୍ୟବସ୍ଥା।
- ଗ୍ରାମ୍ୟ ଗୃହନିର୍ମାଣ ପାଇଁ ପଦକ୍ଷେପ।
- ଦାରିଦ୍ର୍ୟ ଦୂରୀକରଣ, ମହିଳା ଓ ଶିଶୁ କଲ୍ୟାଣ ପାଇଁ ପଦକ୍ଷେପ।
- ସାମାଜିକ କଲ୍ୟାଣ, ମାନସିକ ବିକୃତି ଓ ଶାରିରୀକ ବିକଳାଙ୍ଗଙ୍କ ପାଇଁ ଯୋଜନା ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ଇତ୍ୟାଦି।

(୨) ଇଚ୍ଛାଧୀନ କାର୍ଯ୍ୟ :

- ସମବାୟ ଭିତ୍ତିକ କୃଷିର ଉନ୍ନତି ଓ କୃଷିଜାତ ଦ୍ରବ୍ୟର ସୁଷମ ବିକ୍ରୟ।
- ପଶୁପାଳନ, ଗୋଶାଳା ଓ ଦୁଗ୍ଧ ଉତ୍ପାଦନ କେନ୍ଦ୍ର ଓ କାଞ୍ଜିଆହୋଦାର ନିର୍ମାଣ ଓ ରକ୍ଷଣାବେକ୍ଷଣ।
- ବନ୍ୟା, ବାତ୍ୟା, ଦୁର୍ଭିକ୍ଷ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସହାୟତା।
- ଉନ୍ନତ ଧରଣର ପଶୁ ପ୍ରଜନନ କେନ୍ଦ୍ର ପ୍ରତିଷ୍ଠା ଓ ପଶୁ ଚିକିତ୍ସାଳୟର ବ୍ୟବସ୍ଥା।
- ରାସ୍ତାର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ ଓ ଗ୍ରାମ୍ୟ ଜଙ୍ଗଲର ସୁରକ୍ଷା
- କୃଷିର ଉନ୍ନତି ଏବଂ ମୃତ୍ତିକା ସଂରକ୍ଷଣ।
- ଗ୍ରାମ୍ୟ ପାଠାଗାର ଓ ଗ୍ରନ୍ଥାଗାର ନିର୍ମାଣ।,
- କୁଟୀର ଶିଳ୍ପର ବିକାଶ।
- କ୍ଲବ୍ ଓ ଚିତ୍ତବିନୋଦନ କେନ୍ଦ୍ର ନିର୍ମାଣ।
- ଜୁଆ ଓ ନିଶାନିବାରଣ ପାଇଁ ପଦକ୍ଷେପ।
- ବେକାର ଯୁବକଙ୍କ ପରିସଂଖ୍ୟାନ ସଂଗ୍ରହ।
- ଯାତ୍ରୀ ବିଶ୍ରାମାଗାର ଓ ଧର୍ମଶାଳା ନିର୍ମାଣ-ଇତ୍ୟାଦି।

**ଗ୍ରାମପଞ୍ଚାୟତର ଆୟ ପନ୍ଥା:**

ଗ୍ରାମପଞ୍ଚାୟତର ଆୟର ବିଭିନ୍ନ ପନ୍ଥା ରହିଛି। ବିଭିନ୍ନ ପ୍ରକାର କର, ଟିକସ, ଦେୟ ଓ ସରକାରୀ ସହାୟତାରୁ ଏହା ପାଣ୍ଠି ସଂଗ୍ରହ କରିଥାଏ ଯଥା-

- ଜଳକର, ଆଲୋକ କର, ଗୃହକର, ବୃତ୍ତିକର, ଯାନବାହାନ କର ଇତ୍ୟାଦି।
- ଲାଇସେନ୍ସ ଦେୟ, ଗୋ-ପଞ୍ଜୀକରଣ ଦେୟ, ବଜାର ଗୃହ ବ୍ୟବହାର ଦେୟ, ପଶୁହତ୍ୟା ଗୃହରୁ ଆଦାୟ ଅର୍ଥ, ଧର୍ମଶାଳାର ରହଣି କର।
- ଗାଁ ହାଟ, ଘାଟ, ପୋଖରୀ ନିଲାମରୁ ଆଦାୟ ଅର୍ଥ।
- ପଞ୍ଚାୟତରୁ ଆଦାୟ ଜୋରିମାନା।
- ଲୋକଙ୍କ ଠାରୁ ମିଳିଥିବା ଦାନ ଓ
- ସରକାରଙ୍କ ଅନୁଦାନ ଇତ୍ୟାଦି।

**ଗ୍ରାମପଞ୍ଚାୟତ ଉପରେ ନିୟନ୍ତ୍ରଣ ଓ ତତ୍ତ୍ୱାବଧାନ :**

ଓଡ଼ିଶା ସରକାରଙ୍କ ତତ୍ତ୍ୱାବଧାନ ଓ ନିୟନ୍ତ୍ରଣରେ ଗ୍ରାମପଞ୍ଚାୟତଗୁଡ଼ିକ କାର୍ଯ୍ୟନିର୍ବାହ କରିଥାନ୍ତି। ସରକାରଙ୍କ ତରଫରୁ ଜିଲ୍ଲାପାଳ କିମ୍ବା ତାଙ୍କ ଦ୍ୱାରା ନିଯୁକ୍ତ କର୍ମକର୍ତ୍ତା ଗ୍ରାମପଞ୍ଚାୟତଗୁଡ଼ିକୁ ପରିଦର୍ଶନ, ତତ୍ତ୍ୱାବଧାନ ଓ ନିୟନ୍ତ୍ରଣ କରିଥାନ୍ତି। ଏତଦ୍ ଭିନ୍ନ ସ୍ଥାନୀୟ ବିଧାୟକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଏବଂ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମଧ୍ୟ ଗ୍ରାମପଞ୍ଚାୟତ ଗୁଡ଼ିକୁ ପରିଦର୍ଶନ କରିଥାନ୍ତି।

ପରିଶେଷରେ ଏତିକି କୁହାଯାଏ ଯେ ଗ୍ରାମପଞ୍ଚାୟତ ଗୁଡ଼ିକ ଗଣତନ୍ତ୍ରକୁ ଅଧିକ ଜନକେନ୍ଦ୍ରିକ ଓ ଅଂଶୀଦାର ଭିତ୍ତିକ କରିବା ସହ ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ନିକଟତର ହୋଇପାରିଛି। ଅଧୁନା ଗ୍ରାମପଞ୍ଚାୟତଗୁଡ଼ିକ ସାମାଜିକ ଓ ଅର୍ଥନୈତିକ ବୈଷମ୍ୟ ଦୂର କରି ଏକ ପ୍ରଶଂସନୀୟ ଭୂମିକା ଗ୍ରହଣ କରିଛି।

## ପଞ୍ଚାୟତ ସମିତି

ପଞ୍ଚାୟତରାଜ ବ୍ୟବସ୍ଥାର ମଧ୍ୟବର୍ତ୍ତୀ ସ୍ତର ହେଉଛି ପଞ୍ଚାୟତ ସମିତି। ବିଭିନ୍ନ ରାଜ୍ୟରେ ଏହାକୁ ବିଭିନ୍ନ ନାମକରଣ କରାଯାଇଛି। ଅଧିକାଂଶ ରାଜ୍ୟରେ ପଞ୍ଚାୟତ ସମିତି, ବ୍ଲକ୍ ସ୍ତରରେ ପ୍ରତିଷ୍ଠା କରାଯାଇଛି। ଓଡ଼ିଶାରେ ୩୧୪ଟି ପଞ୍ଚାୟତ ସମିତି ରହିଛି। ପ୍ରତ୍ୟେକ ପଞ୍ଚାୟତ ସମିତି ଅନ୍ୟୁନ ୧୦ରୁ ଅଧିକ ଗ୍ରାମପଞ୍ଚାୟତକୁ ନେଇ ଗଠିତ।

**ଗଠନ :**

ପଞ୍ଚାୟତ ସମିତି କେତେକ ସରକାରୀ ଓ ନିର୍ବାଚିତ ସଦସ୍ୟମାନଙ୍କୁ ନେଇ ଗଠିତ। ନିର୍ବାଚିତ ସଦସ୍ୟମାନେ ହେଲେ (୧) ସମିତି ସଭ୍ୟ (ବ୍ଲକ୍ ଅଧିନରେ ଥିବା ଗ୍ରାମପଞ୍ଚାୟତଗୁଡ଼ିକରୁ ଜଣେ ଲେଖାଏଁ ସମିତି ସଭ୍ୟ/ସଭ୍ୟା ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୋଇଥାନ୍ତି।) (୨) ବ୍ଲକ୍ ଅଧୀନରେ ଥିବା ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚ, (୩) ପଞ୍ଚାୟତ ସମିତିର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, (୪) ବ୍ଲକ୍ ଅନ୍ତର୍ଗତ ମ୍ୟୁନିସିପାଲିଟି / ବିଜ୍ଞପତି ଅଞ୍ଚଳ ପରିଷଦର ଅଧ୍ୟକ୍ଷ, (୫) ବ୍ଲକକୁ ପ୍ରତିନିଧିତ୍ୱ କରୁଥିବା ବିଧାୟକ ଓ ଲୋକସଭା ସାଂସଦ।

ପଞ୍ଚାୟତ ସମିତିର ସରକାରୀ ସଦସ୍ୟମାନେ ହେଲେ- (୧) ବ୍ଲକ୍ ଉନ୍ନୟନ ଅଧିକାରୀ (B.D.O.); (୨) ବ୍ଲକ୍ ସ୍ତରୀୟ ରାଜସ୍ୱ, କୃଷି, ସମବାୟ, ପଶୁଚିକିତ୍ସା, ଜଙ୍ଗଲ, ଶିକ୍ଷା ଓ ଶିଳ୍ପ ସଂପ୍ରସାରଣ ଅଧିକାରୀବୃନ୍ଦ; (୩) ଗ୍ରାମସେବକ ଏବଂ ଯାନ୍ତ୍ରିକ କାର୍ଯ୍ୟ ନିର୍ବାହୀ ଅଧିକାରୀ। ପଞ୍ଚାୟତ ସମିତିର ନିର୍ବାଚିତ ଓ ସରକାରୀ ସଦସ୍ୟମାନେ ସମସ୍ତ ଆଲୋଚନାରେ ଭାଗ ନିଅନ୍ତି କିନ୍ତୁ ସରକାରୀ ସଦସ୍ୟମାନଙ୍କ ଭୋଟ ଦେବାର ଅଧିକାର ନାହିଁ। ପଞ୍ଚାୟତ ସମିତିର ମୋଟ ଆସନରୁ ଅର୍ଦ୍ଧେକ ମହିଳାମାନଙ୍କ ପାଇଁ ସଂରକ୍ଷିତ। ପୁନଶ୍ଚ ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗର ଲୋକମାନଙ୍କ ସଂଖ୍ୟା ଅନୁପାତରେ ପଞ୍ଚାୟତ ସମିତିରେ ସେମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି।

ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କୁ ଚେୟାରମ୍ୟାନ୍ କୁହାଯାଏ। ସେ ସମିତି ସଭ୍ୟ ଓ ୧୫ ଜଣ ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି। ଅଧ୍ୟକ୍ଷଙ୍କ ଅନୁପସ୍ଥିତିରେ ଉପାଧ୍ୟକ୍ଷ ଅର୍ଥାତ୍ ଭାଇସ୍ ଚେୟାରମ୍ୟାନ୍ ତାଙ୍କ କାର୍ଯ୍ୟ ତୁଲାଇଥାନ୍ତି। ଭାଇସ୍ ଚେୟାରମ୍ୟାନ୍ ମଧ୍ୟ ସମିତି ସଭ୍ୟ ଓ ସଭ୍ୟାଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି। ସାଧାରଣତଃ ଅଧ୍ୟକ୍ଷ ପଦରେ ଜଣେ ପୁରୁଷ ନିର୍ବାଚିତ ହେଲେ, ଉପାଧ୍ୟକ୍ଷ ପଦବୀରେ ଜଣେ ମହିଳା ନିର୍ବାଚିତ ହୁଅନ୍ତି।

ପଞ୍ଚାୟତ ସମିତିର ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ ସମିତି ସଭ୍ୟ / ସଭ୍ୟାମାନଙ୍କ କାର୍ଯ୍ୟକାଳ ୫ ବର୍ଷ। ଅଧ୍ୟକ୍ଷ ପଦରେ ନିର୍ବାଚିତ ହେବାର ଦୁଇ ବର୍ଷ ମଧ୍ୟରେ ତାଙ୍କ ବିରୁଦ୍ଧରେ କୌଣସି ଅନାସ୍ଥା ପ୍ରସ୍ତାବ ଆଗତ କରାଯାଇ ପାରିବ ନାହିଁ। ଯଦି ତାଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ଗୃହୀତ ନ ହୁଏ, ତେବେ ତାହାର ବର୍ଷକ ମଧ୍ୟରେ ତାଙ୍କ ବିରୁଦ୍ଧରେ ଆଉ ଅନାସ୍ଥା ପ୍ରସ୍ତାବ ଆଗତ ହୋଇପାରିବ ନାହିଁ। ତାଙ୍କ ବିରୁଦ୍ଧରେ ଆଗତ ଅନାସ୍ଥା ପ୍ରସ୍ତାବ ଯଦି ସମିତିର ଦୁଇ ତୃତୀୟାଂଶ ସଦସ୍ୟଙ୍କ ଦ୍ୱାରା ଗୃହୀତ ହୁଏ, ତେବେ ସେ ପଦଚ୍ୟୁତ ହୋଇପାରନ୍ତି। ଉପାଧ୍ୟକ୍ଷଙ୍କ କ୍ଷେତ୍ରରେ ମଧ୍ୟ ସେହି ନିୟମ ଲାଗୁ ହୋଇଥାଏ। ଆଇନ୍ ବିରୋଧୀ କାର୍ଯ୍ୟ ପାଇଁ ମଧ୍ୟ ସରକାର ପଞ୍ଚାୟତ ସମିତିକୁ ଭଙ୍ଗ କରିପାରନ୍ତି। ସମିତି ଭଙ୍ଗ ହେବାର ୬ ମାସ ମଧ୍ୟରେ ନୂତନ ସମିତିର ଗଠନ ବାଧ୍ୟତାମୂଳକ।

ପଞ୍ଚାୟତ ସମିତିର ବୈଠକ ଅନ୍ତତଃ ଦୁଇମାସକୁ ଥରେ ଅର୍ଥାତ୍ ବର୍ଷକୁ ୬ଥର ଆହୂତ ହୋଇଥାଏ। ସମିତିର ଅଧ୍ୟକ୍ଷ ସମସ୍ତ ବୈଠକ ଆହୂତ କରିଥାନ୍ତି। ବୈଠକରେ ସଭାପତିତ୍ୱ ମଧ୍ୟ କରିଥାନ୍ତି। ଆବଶ୍ୟକ ସ୍ଥଳେ ଅଧ୍ୟକ୍ଷ ପଞ୍ଚାୟତ ସମିତିର ଜରୁରୀ ବୈଠକ ଆହ୍ୱାନ କରିପାରିବେ। ସମିତିର ସାଧାରଣ ବୈଠକ ପାଇଁ ମୋଟ ସଭ୍ୟ ସଂଖ୍ୟାର ଏକ ତୃତୀୟାଂଶ ସଭ୍ୟଙ୍କର ଉପସ୍ଥିତି ଆବଶ୍ୟକ। ବିଶେଷ ବୈଠକ ପାଇଁ ଅର୍ଦ୍ଧେକ ସଭ୍ୟଙ୍କ ଉପସ୍ଥିତି ଆବଶ୍ୟକ ହୋଇଥାଏ।

ଚେୟାରମ୍ୟାନ୍ ପଞ୍ଚାୟତ ସମିତିର ମୁଖ୍ୟ ଅଟନ୍ତି। ସେ ପଞ୍ଚାୟତ ସମିତିର ବୈଠକ ଆହୂତ କରିବା ସହ ବୈଠକରେ ଅଧ୍ୟକ୍ଷତା କରନ୍ତି। ସମିତି ବୈଠକରେ ଗୃହୀତ ସମସ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରନ୍ତି। ସମିତିରେ ଯେଉଁସବୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଥାଏ, ସେଗୁଡ଼ିକୁ ତଦାରଖ କରନ୍ତି। ସେ ସମିତିର ଅନ୍ୟାନ୍ୟ କାର୍ଯ୍ୟକୁ ପରିଚାଳନା ଓ ନିୟନ୍ତ୍ରଣ କରନ୍ତି।

ବ୍ଲକ୍ ଉନ୍ନୟନ ଅଧିକାରୀ ହେଉଛନ୍ତି ପଞ୍ଚାୟତ ସମିତିର କାର୍ଯ୍ୟନିର୍ବାହୀ ଅଧିକାରୀ। ସେ ଜଣେ ରାଜ୍ୟ ପ୍ରଶାସନିକ ସେବା ସ୍ତରୀୟ ସରକାରୀ ନିଯୁକ୍ତିପ୍ରାପ୍ତ ଅଧିକାରୀ। ସମସ୍ତ ନୀତିଗତ ନିଷ୍ପତ୍ତିର କାର୍ଯ୍ୟକାରିତା ତାଙ୍କ ଉପରେ ନ୍ୟସ୍ତ ଥାଏ। ସମିତିର ଦୈନନ୍ଦିନ ପ୍ରଶାସନିକ କାର୍ଯ୍ୟ ସମ୍ପାଦନ ପାଇଁ ସେ ଉତ୍ତରଦାୟୀ ଅଟନ୍ତି ଏବଂ ତାଙ୍କୁ ବିଭିନ୍ନ କ୍ଷେତ୍ରରେ ସାହାଯ୍ୟ କରିବା ପାଇଁ ଅନ୍ୟାନ୍ୟ କେତେକ ପଦସ୍ଥ ସରକାରୀ କର୍ମଚାରୀ ରହିଥାନ୍ତି।

**ପଞ୍ଚାୟତ ସମିତିର କାର୍ଯ୍ୟାବଳୀ :**

ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟର ଯୋଜନା, କାର୍ଯ୍ୟକାରିତା ଓ ତଦାରଖ କରିବା ପଞ୍ଚାୟତ ସମିତିର କାର୍ଯ୍ୟ। କେତେକ ମୁଖ୍ୟ କାର୍ଯ୍ୟ ହେଲା– ଗୋଷ୍ଠୀ ଉନ୍ନୟନ ଯୋଜନା, ଟୀକାକରଣ, ଜନ୍ମମୃତ୍ୟୁର ପଞ୍ଜିକରଣ, ଋଣ ଆଦାନ ଓ ପ୍ରଦାନ, ଗ୍ରାମପଞ୍ଚାୟତର କାର୍ଯ୍ୟଗୁଡ଼ିକୁ ତଦାରଖ କରିବା ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ନ୍ୟସ୍ତ କରାଯାଇଥିବା ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ କରିବା ଇତ୍ୟାଦି।

(୧) **କୃଷି** – କୃଷି ଉତ୍ପାଦନର ବୃଦ୍ଧି ସକାଶେ ସମିତି କେତେଗୁଡ଼ିଏ ପଦକ୍ଷେପ ହାତକୁ ନେଇଥାଏ। ଯଥା– (କ) ଉନ୍ନତ କିସମର ବିହନ ବଣ୍ଟନ; (ଖ) ସାର ବଣ୍ଟନ; (ଗ) ଉନ୍ନତ କୌଶଳ ଓ ପ୍ରଣାଳୀର ଜନପ୍ରିୟ କରିବା; (ଘ) ଫଳ ଓ ପନିପରିବାର ଉତ୍ପାଦନ ପାଇଁ ଉତ୍ସାହିତ କରିବା; (ଙ) ମୃତ୍ତିକା ସଂରକ୍ଷଣ; (ଚ) କୃଷିଋଣ ପ୍ରଦାନ; (ଛ) ଜଳସେଚନର ସୁବିଧା; (ଜ) ବୃକ୍ଷରୋପଣ ଇତ୍ୟାଦି।

(୨) **ମତ୍ସ୍ୟ ଓ ପଶୁପାଳନ** – (କ) ଉନ୍ନତ କିସମର ଗାଈ, ଛେଳି, ମେଣ୍ଢା, ଘୁଷୁରି ଓ କୁକୁଡ଼ା ପାଳନର ବ୍ୟବସ୍ଥା; (ଖ) ସଂକ୍ରାମକ ରୋଗର ନିୟନ୍ତ୍ରଣ; (ଗ) ଉନ୍ନତ ଗୋଖାଦ୍ୟ ଯୋଗାଣ; (ଘ) ଦୁଗ୍ଧ ଉତ୍ପାଦନ ଓ ଯୋଗାଣ; (ଙ) ମାଛଚାଷର ବ୍ୟବସ୍ଥା ଇତ୍ୟାଦି।

(୩) **ଗମନା ଗମନ** – ଗ୍ରାମଗୁଡ଼ିକ ମଧ୍ୟରେ ପୋଲ ଓ ରାସ୍ତାଘାଟର ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ।

(୪) **ସମାଜିକ ଶିକ୍ଷା** – (କ) ସୂଚନା, ଲୋକସମ୍ପର୍କ ଓ ଚିତ୍ତ ବିନୋଦନ କେନ୍ଦ୍ର ପ୍ରତିଷ୍ଠା; (ଖ) ଯୁବକ ସଙ୍ଘ, ମହିଳା ମଣ୍ଡଳ ଓ କୃଷକ ସଙ୍ଘ ପ୍ରତିଷ୍ଠା; (ଗ) ପାଠାଗାର ଓ ଗ୍ରନ୍ଥାଗାର ନିର୍ମାଣ; (ଘ) ଶାରୀରିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରୋତ୍ସାହନ; (ଙ) ଗ୍ରାମ ସହାୟକଙ୍କ ପ୍ରଶିକ୍ଷଣ ଇତ୍ୟାଦି।

(୫) **ସ୍ୱାସ୍ଥ୍ୟ ଓ ପରିମଳ** – (କ) ସଂକ୍ରାମକ ରୋଗର ନିୟନ୍ତ୍ରଣ ସହ ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ; (ଖ) ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା; (ଗ) ଔଷଧାଳୟ, ମାତୃମଙ୍ଗଳ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ପରିଦର୍ଶନ, ଜନ୍ମ ନିୟନ୍ତ୍ରଣର ସଚେତନତା, ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ଯୋଗାଣ, ଟୀକାରଣ, ମ୍ୟାଲେରିଆ ନିରାକରଣ ଇତ୍ୟାଦି ପାଇଁ ପଦକ୍ଷେପ।

(୬) **ସମବାୟ**– ସମବାୟ ସମିତି ମାଧ୍ୟମରେ କୃଷି, ଜଳସେଚନ ଓ ଶିଳ୍ପର ପ୍ରତିଷ୍ଠା କରିବା।

(୭) **ଅନ୍ୟାନ୍ୟ କାର୍ଯ୍ୟ** – (କ) ରୋଜଗାର ସୃଷ୍ଟି ପାଇଁ କ୍ଷୁଦ୍ର ଓ କୁଟୀର ଶିଳ୍ପର ପ୍ରତିଷ୍ଠା; (ଖ) ବଜାର, ଘାଟ, ଅମୋଦ ପ୍ରମୋଦ ଉଦ୍ୟାନ ଓ ବିଶ୍ରାମଗାର ଗୁଡ଼ିକର ରକ୍ଷଣାବେକ୍ଷଣ; (ଗ) ଯାତାୟତର ନିୟନ୍ତ୍ରଣ;

(ଘ) ଆଶ୍ରୟଗୃହ ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ; (ଙ) ଜନ୍ମ, ମୃତ୍ୟୁ ଓ ବିବାହ ପଞ୍ଜିକରଣ; (ଚ) କ୍ଷତିକାରକ ଓ ବିପଦଜନକ ବ୍ୟବସାୟର ନିୟନ୍ତ୍ରଣ ଇତ୍ୟାଦି।

**ପଞ୍ଚାୟତ ସମିତିର ଆୟର ପନ୍ଥା :**

ପଞ୍ଚାୟତ ସମିତିର ବିଭିନ୍ନ ପନ୍ଥାରୁ ପାଣ୍ଠି ସଂଗ୍ରହ କରିଥାଏ। ଏହାର ପ୍ରଧାନ ଆୟର ପନ୍ଥା ହେଉଛି ସରକାରୀ ଅନୁଦାନ। ସରକାରୀ ଅନୁଦାନ ବ୍ୟତୀତ ଜମି ହସ୍ତାନ୍ତରୀକରଣରୁ ଆଦାୟ ହେଉଥିବା ଦେୟ, ବିଭିନ୍ନ ଟିକସ ଓ ଶୁଳ୍କରୁ ମଧ୍ୟ ପଞ୍ଚାୟତ ସମିତି ପାଣ୍ଠି ସଂଗ୍ରହ କରିଥାଏ। ଏହା ବ୍ୟତୀତ ଗୋଷ୍ଠୀ ଉନ୍ନୟନ ଯୋଜନା ବାବଦରେ ବିଶେଷ ଅନୁଦାନ, ଜୋରିମାନା, ଦାନ, ଦେବୋତ୍ତର ଓ ଅନ୍ୟାନ୍ୟ ଟ୍ରଷ୍ଟରୁ ମଧ୍ୟ ରାଜସ୍ୱ ସଂଗ୍ରହ କରିଥାଏ।

ପଞ୍ଚାୟତ ସମିତି ପଞ୍ଚାୟତରାଜ ବ୍ୟବସ୍ଥାର ଏକ ମହତ୍ୱପୂର୍ଣ୍ଣ ମଧ୍ୟମ ସ୍ତରୀୟ ସଂସ୍ଥା। ବ୍ଲକ୍ ଅଧୀନରେ ଥିବା ଗ୍ରାମାଞ୍ଚଳର ବିକାଶ ଓ ଅଗ୍ରଗତି ପାଇଁ ଏହାର ମୁଖ୍ୟ ଭୂମିକା ରହିଛି। ବିଭିନ୍ନ ଯୋଜନାର କାର୍ଯ୍ୟକାରୀ ସହ ସାମାଜିକ ପରିବର୍ତ୍ତନରେ ଏହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ପ୍ରକୃତରେ କଳୁଷିତ ଦଳୀୟ ରାଜନୀତି ଏହାର ଲକ୍ଷ୍ୟ ହାସଲ କ୍ଷେତ୍ରରେ ବାଧା ସୃଷ୍ଟି କରୁଛି। ଦୁର୍ନୀତି ମଧ୍ୟ ଏହାର ଅନ୍ୟ ଏକ କାରଣ। ପଞ୍ଚାୟତ ସମିତିକୁ କ୍ରିୟାଶୀଳ ଓ ସଫଳ ଅନୁଷ୍ଠାନ ରୂପେ ପରିଗଣିତ କରିବାକୁ ହେଲେ ଉପରୋକ୍ତ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବାକୁ ପଡିବ।

## ଜିଲ୍ଲା ପରିଷଦ

ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତରକୁ ଜିଲ୍ଲା ପରିଷଦ କୁହାଯାଏ। ଏହା ଜିଲ୍ଲାସ୍ତରରେ କାର୍ଯ୍ୟ କରିବା ସହ ଗ୍ରାମାଞ୍ଚଳର ଉନ୍ନତି ପାଇଁ ଦୃଷ୍ଟି ଦେଇଥାଏ। ଏହା ଏକ ଗୋଷ୍ଠୀଗତ ସଂସ୍ଥା। ସମ୍ପତ୍ତି ଅଧିଗ୍ରହଣ, ବିକ୍ରୟ ଓ ନିଜ ଅଧୀନରେ ରଖିବା କ୍ଷମତା / ଅଧିକାର ଜିଲ୍ଲା ପରିଷଦର ଠାରେ ନ୍ୟସ୍ତ। ଏତଦ୍‌ଭିନ୍ନ ବିଭିନ୍ନ କାର୍ଯ୍ୟ ପାଇଁ ଏହା ଚୁକ୍ତି ସ୍ୱାକ୍ଷର ମଧ୍ୟ କରିଥାଏ।

**ଗଠନ :**

୧୯୫୯ ମସିହାରେ ଓଡ଼ିଶା ପଞ୍ଚାୟତ ସମିତି ଓ ଜିଲ୍ଲାପରିଷଦ ଆଇନ୍ ଗୃହୀତ ହୋଇ ୧୯୬୧ ମସିହା ଜାନୁଆରୀ ୨୬ ତାରିଖରୁ କାର୍ଯ୍ୟକାରୀ ହେଲା। ସେ ଯାହା ହେଉ ୧୯୬୮ ମସିହାରେ ତତ୍କାଳୀନ ଓଡ଼ିଶା ସରକାର ଏହି ଆଇନ୍‌ରେ ପରିବର୍ତ୍ତନ ଆଣି ଜିଲ୍ଲା ପରିଷଦକୁ ଜିଲ୍ଲା ଉପଦେଷ୍ଟା ପରିଷଦରେ ରୂପାନ୍ତରୀତ କଲେ। ପ୍ରତ୍ୟେକ ଜିଲ୍ଲା ଉପଦେଷ୍ଟା ପରିଷଦ ନିମ୍ନଲିଖିତ ସଭ୍ୟମାନଙ୍କୁ ନେଇ ଗଠିତ। ଯଥା- (୧) ଜିଲ୍ଲାପାଳ, (୨) ସମ୍ପୃକ୍ତ ଜିଲ୍ଲାର ବିଧାୟକ, ସାଂସଦ, ସେହି ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତିର ଅଧ୍ୟକ୍ଷ, ସମସ୍ତ ପୌର ସଂସ୍ଥାର ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ, ଭୂବନ୍ଧକ ବ୍ୟାଙ୍କର ଅଧ୍ୟକ୍ଷ, କେନ୍ଦ୍ର ସମବାୟ ବ୍ୟାଙ୍କର ଅଧ୍ୟକ୍ଷ ଏବଂ ସରକାରଙ୍କ ଦ୍ୱାରା ମନୋନୀତ ଅନ୍ୟାନ୍ୟ କର୍ମକର୍ତ୍ତା।

ଜିଲ୍ଲା ଉପଦେଷ୍ଟା ପରିଷଦ, ଜିଲ୍ଲା ପରିଷଦ ରୂପେ କାର୍ଯ୍ୟ କରୁଥିଲା । ୧୯୯୧ ମସିହାରେ ଓଡ଼ିଶା ସରକାର ଜିଲ୍ଲା ଉପଦେଷ୍ଟା ପରିଷଦକୁ ଉଚ୍ଛେଦ କରି ଜିଲ୍ଲା ପରିଷଦ ଆଇନ୍ ଗୃହୀତ କଲେ ଏବଂ ଏହା ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତର ରୂପେ କାର୍ଯ୍ୟ କଲା । ପରବର୍ତ୍ତୀ ସମୟରେ ୭୩ତମ ସମ୍ବିଧାନ ସଂଶୋଧନ ଆଇନ୍‌କୁ ଦୃଷ୍ଟିରେ ରଖି ୧୯୯୩, ୧୯୯୫, ୧୯୯୭, ୨୦୦୧ ଓ ୨୦୦୩ ମସିହାରେ ଏହାକୁ ସଂଶୋଧନ କରାଯାଇଥିଲା ।

## ଜିଲ୍ଲା ପରିଷଦର ଗଠନ :

ଜିଲ୍ଲାପରିଷଦ ତିନି ପ୍ରକାର ସଭ୍ୟଙ୍କୁ ନେଇ ଗଠିତ ହୋଇଥାଏ । (୧) ନିର୍ବାଚିତ ସଭ୍ୟ, (୨) ପଦାଧିକାରୀ ସଭ୍ୟ ଓ (୩) ମନୋନୀତ ସଭ୍ୟ ।

### (୧) ନିର୍ବାଚିତ ସଭ୍ୟ :

(କ) ଜିଲ୍ଲାରେ ଥିବା ପ୍ରତ୍ୟେକ ବ୍ଲକ୍‌ରୁ ଦୁଇ ଜଣ ଲେଖାଏଁ ସଦସ୍ୟ ଜିଲ୍ଲା ପରିଷଦକୁ ପତ୍ୟକ୍ଷ ଭାବେ ନିର୍ବାଚିତ ହୋଇଥାନ୍ତି । ସମୁଦାୟ ନିର୍ବାଚିତ ସଦସ୍ୟଙ୍କ ମଧ୍ୟରୁ ୫୦ ଭାଗ ମହିଳାଙ୍କ ପାଇଁ ସଂରକ୍ଷିତ ।

(ଖ) ଜିଲ୍ଲାରେ ଥିବା ସମସ୍ତ ପଞ୍ଚାୟତ ସମିତିଗୁଡ଼ିକର ଅଧକ୍ଷବୃନ୍ଦ ।

(ଗ) ଜିଲ୍ଲାରେ ଥିବା ସମସ୍ତ ନଗରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧକ୍ଷ ବୃନ୍ଦ ।

(ଘ) ଜିଲ୍ଲାରେ ଥିବା କେନ୍ଦ୍ରୀୟ ସମବାୟ ବ୍ୟାଙ୍କଗୁଡ଼ିକର ସଭାପତିବୃନ୍ଦ ।

(ଙ) ଜିଲ୍ଲାର ବିଧାୟକବୃନ୍ଦ ଓ ସାଂସଦ ।

### (୨) ପଦାଧିକାରୀ ସଭ୍ୟ :

(କ) ଜିଲ୍ଲାପାଳ ।

(ଖ) ଜିଲ୍ଲାର ସମସ୍ତ ଉପଜିଲ୍ଲାପାଳ ।

(ଗ) ଉପଖଣ୍ଡୀୟ ଅଧିକାରୀବୃନ୍ଦ ।

(ଘ) ଜିଲ୍ଲାସ୍ତରୀୟ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଙ୍ଗଲ, ପଞ୍ଚାୟତରାଜ, ପୂର୍ତ୍ତ ଓ ସମବାୟ ବିଭାଗର ଅଧିକାରୀ ।

(ଙ) ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ।

(ଚ) ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ।

(ଛ) ଜିଲ୍ଲା ଉନ୍ନୟନ ଅଧିକାରୀ ।

### (୩) ମନୋନୀତ ସଭ୍ୟ :

ରାଜ୍ୟ ସରକାର କେତେକ ସଭ୍ୟଙ୍କୁ ଜିଲ୍ଲାପରିଷଦକୁ ମନୋନୀତ କରିଥାନ୍ତି । ରାଜ୍ୟ ସରକାରଙ୍କ ଅନୁମତି କ୍ରମେ ଯେ କୌଣସି ସରକାରୀ କର୍ମଚାରୀ ଜିଲ୍ଲା ପରିଷଦର ସଭ୍ୟ ରହିପାରିବେ ।

ନୂତନ ଜିଲ୍ଲା ପରିଷଦ ଆଇନ୍ ଅନୁଯାୟୀ ଜିଲ୍ଲା ପରିଷଦର ନିର୍ବାଚିତ ସଦସ୍ୟଙ୍କ ମଧ୍ୟରୁ ଅର୍ଦ୍ଧେକ ମହିଳାଙ୍କ ପାଇଁ ସଂରକ୍ଷିତ। ସେହିପରି ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗଙ୍କ ପାଇଁ ଜନସଂଖ୍ୟା ଅନୁପାତରେ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ରହିଛି। ଜିଲ୍ଲା ପରିଷଦ ନିର୍ବାଚନରେ ସଦସ୍ୟମାନେ ଦଳୀୟ ସଙ୍କେତରେ ନିର୍ବାଚନ ପ୍ରତିଦ୍ୱନ୍ଦିତା କରିଥାନ୍ତି।

ଜିଲ୍ଲା ପରିଷଦର ଅଧ୍ୟକ୍ଷଙ୍କୁ ସଭାପତି କୁହାଯାଏ ଓ ସେ ଜିଲ୍ଲା ପରିଷଦର ନିର୍ବାଚିତ ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି। ତାଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ଜଣେ ଉପସଭାପତି ଥାଆନ୍ତି ଓ ସେ ମଧ୍ୟ ନିର୍ବାଚିତ ଜିଲ୍ଲା ପରିଷଦରେ ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ। ଜିଲ୍ଲା ପରିଷଦର ସଭାପତି ଜଣେ ପୁରୁଷ ହୋଇଥିଲେ ଉପସଭାପତି ଜଣେ ମହିଳା ହେବା ବାଧ୍ୟତାମୂଳକ। ଜିଲ୍ଲା ପରିଷଦର ସଭାପତିଙ୍କ ଠାରେ ସମସ୍ତ କାର୍ଯ୍ୟନିର୍ବାହ କ୍ଷମତା ନ୍ୟସ୍ତ ଥାଏ ଓ ତାଙ୍କୁ ଅନୁପସ୍ଥିତିରେ ଉପସଭାପତି ତାଙ୍କର ସମସ୍ତ କାର୍ଯ୍ୟ ତୁଲାଇଥାନ୍ତି। ଉଭୟ ସଭାପତି ଓ ଉପସଭାପତି ସରକାରଙ୍କ ଦ୍ୱାରା ସ୍ଥିରିକୃତ ମାସିକ ଭତ୍ତା ପାଇଥାନ୍ତି।

**ଯୋଗ୍ୟତା :** ଜିଲ୍ଲା ପରିଷଦର ସଭ୍ୟ ପାଇଁ ନିମ୍ନଲିଖିତ ଯୋଗ୍ୟତା ଥିବା ଦରକାର। ଯଥା-

(୧) ପ୍ରାର୍ଥୀ ଯେଉଁ ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରୁଥିବେ, ସେ ସେହି ସ୍ଥାନର ଭୋଟର ହୋଇଥିବେ।
(୨) ତାଙ୍କର ବୟସ ୨୧ ବର୍ଷ କିମ୍ବା ତଦୁର୍ଦ୍ଧ ହୋଇଥିବ।
(୩) ସେ ଓଡ଼ିଆ ଭାଷାରେ ଲେଖି ଓ ପଢିପାରୁଥିବେ।
(୪) ତାଙ୍କର ଦୁଇଟିରୁ ଅଧିକ ସନ୍ତାନ ନ ଥିବ।
(୫) ସେ ବିଧାୟକ କିମ୍ବା ସାଂସଦ ହୋଇ ନଥିବେ।
(୬) ସେ ଗ୍ରାମପଞ୍ଚାୟତ କିମ୍ବା ପଞ୍ଚାୟତ ସମିତିର ସଭ୍ୟ ହୋଇ ନଥିବେ।
(୭) ସେ କୌଣସି ସରକାରୀ ଚାକିରି କରୁ ନ ଥିବେ।
(୮) ଅପରାଧୀ କିମ୍ବା ଦେବାଳିଆ ହୋଇ ନଥିବେ।

ସଭାପତି ଜିଲ୍ଲା ପରିଷଦର ଅଧିବେଶନକୁ ଆହୁତ କରିବା ସହ ସଭାପତିତ୍ୱ କରିଥାନ୍ତି। ବର୍ଷକୁ ଚାରି ଥର ଅର୍ଥାତ୍ ପ୍ରତି ୩ ମାସ ବ୍ୟବଧାନରେ ବୈଠକ ଅନୁଷ୍ଠିତ ହୋଇଥାଏ। ଜିଲ୍ଲା ପରିଷଦର କାର୍ଯ୍ୟକାଳ ୫ ବର୍ଷ। ସରକାର ଚାହିଁଲେ ପାଞ୍ଚ ବର୍ଷ ପୂର୍ବରୁ ଏହାକୁ ଭାଙ୍ଗି ଦେଇପାରନ୍ତି। ଯଦି ଜିଲ୍ଲା ପରିଷଦ ପୂର୍ବରୁ ଭାଙ୍ଗିଯାଏ, ତେବେ ଭାଙ୍ଗିଯିବାର ୬ ମାସ ମଧ୍ୟରେ ନୂତନ ଜିଲ୍ଲା ପରିଷଦ ଗଠନ ପାଇଁ ନିର୍ବାଚନ ହେବା ଜରୁରୀ। ଜିଲ୍ଲା ପରିଷଦ ଆଇନ୍ ୧୯୯୧ ଅନୁଯାୟୀ ଜିଲ୍ଲାପାଳ, ଜିଲ୍ଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଲ୍ଲା ଉନ୍ନୟନ ଅଧିକାରୀ ଏହାର ସେକ୍ରେଟାରୀ ଭାବେ କାର୍ଯ୍ୟ କରିଥାନ୍ତି।

ଜିଲ୍ଲା ପରିଷଦ କେତେକ ସ୍ଥାୟୀ କମିଟିକୁ ନେଇ କାର୍ଯ୍ୟ କରିଥାଏ। ମୁଖ୍ୟତଃ ଏହାର ପାଞ୍ଚଟି କମିଟି ରହିଛି। ଯଥା- (୧) ସାଧାରଣ କମିଟି, (୨) ଅର୍ଥ ଯୋଜନା ଓ ହିସାବ ସମୀକ୍ଷା କମିଟି, (୩) ସାମାଜିକ ମଙ୍ଗଳ କମିଟି, (୪) ସ୍ୱାସ୍ଥ୍ୟ ଓ ଶିକ୍ଷା କମିଟି, (୫) କୃଷି ଓ ଶିଳ୍ପ କମିଟି।

ଜିଲ୍ଲା ପରିଷଦର ସଭ୍ୟମାନଙ୍କ ମଧ୍ୟରୁ ପ୍ରତ୍ୟେକ କମିଟିକୁ ୫ ଜଣ ଲେଖାଏଁ ନିର୍ବାଚିତ ହୋଇଥାନ୍ତି ଏବଂ ସଭାପତି ଏ ସମସ୍ତ କମିଟିର ପଦାଧିକାରୀ ସଭ୍ୟ ଅଟନ୍ତି। କୌଣସି ସଭ୍ୟ ଦୁଇଟିରୁ ଅଧିକ କମିଟିର ସଦସ୍ୟ ରହିପାରିବେ ନାହିଁ।

**କ୍ଷମତା ଓ କାର୍ଯ୍ୟ :**

ଜିଲ୍ଲା ପରିଷଦର ପ୍ରମୁଖ କାର୍ଯ୍ୟଗୁଡ଼ିକ ହେଲା- (୧) କୃଷିର ଉନ୍ନତି, (୨) ପନ୍ୟାଗାରର ପ୍ରତିଷ୍ଠା ଓ ରକ୍ଷଣାବେକ୍ଷଣ (୩) କୃଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ, (୪) ଭୂମି ଚାଷୋଦୀକରଣ ଓ ସଂରକ୍ଷଣ (୫) ଜଳସେଚନର ଉନ୍ନତି, (୬) ଆବଶ୍ୟକୀୟ ଦ୍ରବ୍ୟର ବଣ୍ଟନ, (୭) ଗ୍ରାମାଞ୍ଚଳ ବିଦ୍ୟୁତିକରଣ, (୮) ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦର ତଥ୍ୟ ସଂଗ୍ରହ ଓ ପ୍ରକାଶ, (୯) କୃଷିଜାତ ଦ୍ରବ୍ୟର ବଜାର ସୃଷ୍ଟି, (୧୦) ଜଙ୍ଗଲର ସଂରକ୍ଷଣ ଓ ବିକାଶ, (୧୧) ପଶୁପାଳନର ଉନ୍ନତି, (୧୨) ଶୀତଳ ଭଣ୍ଡାର ପ୍ରତିଷ୍ଠା, (୧୩) କ୍ଷୁଦ୍ର ଏବଂ କୁଟୀର ଶିଳ୍ପର ଉନ୍ନତି, (୧୪) ରାସ୍ତା ନିର୍ମାଣ ଓ ମରାମତି, (୧୫) ଜନସ୍ୱାସ୍ଥ୍ୟ ସୁବିଧା, (୧୬) ଗ୍ରାମାଞ୍ଚଳ ଗୃହ ନିର୍ମାଣ, (୧୭) ଶିକ୍ଷାର ପ୍ରସାର, (୧୮) ସମାଜର ଦୁର୍ବଳ ଶ୍ରେଣୀ ଲୋକଙ୍କ ଉନ୍ନତି, (୧୯) ଦାରିଦ୍ର୍ୟ ଦୂରୀକରଣ, (୨୦) ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ, (୨୧) ସାମାଜିକ ସଂସ୍କାର ପାଇଁ ପଦକ୍ଷେପ, (୨୨) ସ୍ୱଳ୍ପ ସଞ୍ଚୟର ପ୍ରୋତ୍ସାହନ, (୨୩) ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନ୍ୟ ସବୁ ଯୋଜନା ଓ କାର୍ଯ୍ୟକ୍ରମର ସମ୍ପାଦନ।

ଏତଦ୍ ବ୍ୟତୀତ ଜିଲ୍ଲା ପରିଷଦକୁ କେତେକ ଉପଦେଶ ଓ ତଦାରଖମୂଳକ କ୍ଷମତା ପ୍ରଦାନ କରାଯାଇଛି। ସେଗୁଡ଼ିକ ହେଲା-

(୧) ସମିତିର ଆୟବ୍ୟୟ ଅଟକଳର ଅନୁଧ୍ୟାନ ଓ ଅନୁମୋଦନ।

(୨) ସରକାରଙ୍କ ତରଫରୁ ଜିଲ୍ଲା ମାଧ୍ୟମରେ ସମିତିଗୁଡ଼ିକୁ ଦିଆଯାଇଥିବା ଅର୍ଥର ବଣ୍ଟନ

(୩) ଜିଲ୍ଲାର ସମସ୍ତ ପଞ୍ଚାୟତ ସମିତିଗୁଡ଼ିକର କାର୍ଯ୍ୟ ତଦାରଖ।

(୪) ବ୍ଲକ୍‌ଗୁଡ଼ିକର ଯୋଜନାଗୁଡ଼ିକୁ ଏକତ୍ରୀତ କରିବା ଓ କାର୍ଯ୍ୟକାରୀ କରିବା। ତତ୍ ସଙ୍ଗେ ସଙ୍ଗେ ଜିଲ୍ଲା ପାଇଁ ଯୋଜନା ପ୍ରସ୍ତୁତ କରିବା।

(୫) ସମସ୍ତ ବ୍ଲକ୍ ପାଇଁ ପଯୁଜ୍ୟ ଯୋଜନା ଓ ପ୍ରକଳ୍ପର କାର୍ଯ୍ୟକାରୀତା ନିଶ୍ଚିତ କରିବା।

(୬) ସମସ୍ତ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ପାଇଁ ସରକାରଙ୍କୁ ଅବଗତ କରିବା।

(୭) ଜିଲ୍ଲାର ପରିସଂଖ୍ୟାନ ଓ ଅନ୍ୟାନ୍ୟ ସୂଚନା ପ୍ରକାଶ କରିବା।

(୮) ସ୍ଥାନୀୟ ସ୍ୱାୟତ୍ତଶାସନ ସଂସ୍ଥାଗୁଡ଼ିକରୁ ତଥ୍ୟ ସଂଗ୍ରହ କରିବା।

(୯) ବୈଷୟିକ, ମାଧ୍ୟମିକ ଓ ଶିଳ୍ପ ତାଲିମ କେନ୍ଦ୍ରର ପ୍ରତିଷ୍ଠା ଓ ରକ୍ଷଣାବେକ୍ଷଣ ଇତ୍ୟାଦି।

**ଜିଲ୍ଲା ପରିଷଦର ପାଣ୍ଠି :**

ଜିଲ୍ଲା ପରିଷଦର ଆବଶ୍ୟକୀୟ ଅର୍ଥକୁ ଜିଲ୍ଲା ପରିଷଦର ପାଣ୍ଠି କୁହାଯାଏ। ଏହା କୋଷାଗାର / ଉପକୋଷାଗାରରେ ରଖାଯାଏ। ସମ୍ପାଦକ, ଜିଲ୍ଲା ପରିଷଦର ସମସ୍ତ ଆର୍ଥିକ କାରବାର କାର୍ଯ୍ୟ ସମ୍ପାଦନ କରିଥାନ୍ତି।

ଜିଲ୍ଲା ପରିଷଦର ବିଭିନ୍ନ ଆୟର ପନ୍ଥା ରହିଛି। ଯଥା-

(୧) କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଅନୁଦାନ।

(୨) ଜିଲ୍ଲା ପରିଷଦର ଅଞ୍ଚଳରୁ ସଂଗୃହୀତ ଭୂରାଜସ୍ୱ।

(୩) କ୍ଷୁଦ୍ର ଓ କୁଟୀର ଶିଳ୍ପର ଉନ୍ନତି ପାଇଁ ସଂଗୃହୀତ ଅନୁଦାନ।

(୪) ଟ୍ରଷ୍ଟମାନଙ୍କ ଠାରୁ ମିଳୁଥିବା ଅର୍ଥ।

(୫) ଋଣ ଉଠାଣ।

(୬) ପଞ୍ଚାୟତ ସମିତି ଏବଂ ଜନସାଧାରଣଙ୍କ ଠାରୁ ସଂଗୃହୀତ ଦାନ।

କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦର ପ୍ରଥମ ବୈଠକରେ ବାର୍ଷିକ ଆୟବ୍ୟୟର ଚିଠା ଉପସ୍ଥାପନା କରିବା ସହ ବିଗତ ବର୍ଷର ବିବରଣୀ ପ୍ରଦାନ କରିଥାନ୍ତି।

ଗଣତାନ୍ତ୍ରିକ କ୍ଷମତାର ବିକେନ୍ଦ୍ରୀକରଣ ମାଧ୍ୟମରେ ନିମ୍ନ ସ୍ତରରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ଓ ଜନସାଧାରଣଙ୍କୁ କ୍ଷମତା ପ୍ରଦାନ କରିବା ପାଇଁ ପଞ୍ଚାୟତରାଜ ଅନୁଷ୍ଠାନମାନ ପ୍ରତିଷ୍ଠା କରାଯାଇଥିଲା। ଏହାର ଅନ୍ୟ ଏକ ଲକ୍ଷ୍ୟ ଥିଲା ଗ୍ରାମ୍ୟ ଉନ୍ନୟନକୁ ତ୍ୱରାନ୍ୱିତ କରିବା। ପଞ୍ଚାୟତରାଜର ମୁଖ୍ୟ ଉଦ୍ଦେଶ୍ୟ ଥିଲା କ୍ଷମତା ମାଧ୍ୟମରେ ତଳସ୍ତରର ଲୋକଙ୍କୁ କ୍ଷମତା ପ୍ରଦାନ ସହ ଗଣତନ୍ତ୍ରକୁ ଲୋକମାନଙ୍କ ଦ୍ୱାର ଦେଶରେ ପହଞ୍ଚାଇବା, ଶାସନରେ ଲୋକମାନଙ୍କ ସହଭାଗିତା ଓ ଦ୍ରୁତ ଗ୍ରାମାଞ୍ଚଳର ବିକାଶ। କିନ୍ତୁ ପ୍ରକୃତରେ ଏହି ସମସ୍ତ ସଫଳତା ହାସଲ ହୋଇପାରି ନାହିଁ। କାରଣ-

(୧) ପଞ୍ଚାୟତିରାଜ ସଂସ୍ଥାମାନଙ୍କର ଆର୍ଥିକ ସମସ୍ୟା।

(୨) ଏହି ସଂସ୍ଥାମାନଙ୍କରେ ତାଲିମପ୍ରାପ୍ତ କର୍ମଚାରୀଙ୍କ ଅଭାବ।

(୩) ମାତ୍ରାଧିକ ଓ ଅନାବଶ୍ୟକ ଅମଲାତାନ୍ତ୍ରିକ ହସ୍ତକ୍ଷେପ।

(୪) ଅତ୍ୟଧିକ ରାଜନୈତିକ ହସ୍ତକ୍ଷେପ।

(୫) ଗ୍ରାମାଞ୍ଚଳ ଲୋକଙ୍କ ଅଜ୍ଞତା, ନିରକ୍ଷରତା ଓ ଜାତିଆଣ ମନୋଭାବ।

(୬) ସଂସ୍ଥାମାନଙ୍କର ଦୁର୍ନୀତି।

## ସହରାଞ୍ଚଳ ସ୍ୱୟତ୍ତ ଶାସନ ବ୍ୟବସ୍ଥା

ଭାରତରେ ୩୦ ପ୍ରତିଶତ ଲୋକେ ସହରାଞ୍ଚଳରେ ବସବାସ କରନ୍ତି। ଏଠାରେ ୨୫୦୦ଟି ସହର ରହିଛି ଏବଂ ପ୍ରତ୍ୟେକ ସହରରେ ସହରାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥା କାର୍ଯ୍ୟକ୍ଷମ। ବଡ ସହର ଗୁଡ଼ିକରେ ମହାନଗର ନିଗମ / ପୌର ନିଗମ (Corporation) ପ୍ରତିଷ୍ଠା କରାଯାଇଛି। ମଧ୍ୟମ ଧରଣର ସହରଗୁଡ଼ିକରେ ମ୍ୟୁନିସିପାଲିଟି / ନଗରପାଳିକା / ପୌରପାଳିକା ଓ ସହରାଭିମୁଖୀ ଜନବହୁଳ ଗ୍ରାମାଞ୍ଚଳଗୁଡ଼ିକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (N.A.C.) ଅନ୍ତର୍ଭୁକ୍ତ କରାଯାଇଛି। ୭୪ ତମ ସମ୍ବିଧାନ ସଂଶୋଧନ ଆଇନ୍ ୧୯୯୨ ପ୍ରଚଳିତ ବ୍ୟବସ୍ଥାରେ କେତେକ ପରିବର୍ତ୍ତନ ଆଣିଛି।

**୭୪ ତମ ସମ୍ବିଧାନ ସଂଶୋଧନ ଆଇନ୍‌ର ଲକ୍ଷଣ :**

(୧) ତ୍ରିସ୍ତରୀୟ ସହରାଞ୍ଚଳ ବ୍ୟବସ୍ଥା- (କ) ସହରାଭିମୁଖୀ ଜନବହୁଳ ଗ୍ରାମାଞ୍ଚଳଗୁଡ଼ିକରେ ବିଜ୍ଞାପିତ ଅଞ୍ଚଳ ପରିଷଦ (N.A.C.), (ଖ) ମଧ୍ୟମ ଧରଣର ସହରଗୁଡ଼ିକରେ ମ୍ୟୁନିସିପାଲିଟି / ପୌରପାଳିକା / ନଗରପାଳିକା ଏବଂ (ଗ) ବଡ ସହରରେ ନଗର ନିଗମ / ପୌର ନିଗମ (Municipal Corporation) ପ୍ରତିଷ୍ଠ ହୋଇଛି।

(୨) ସହରାଞ୍ଚଳ ସ୍ୱାୟତ୍ତ ଶାସନ ପାଇଁ ନିର୍ବାଚିତ ପ୍ରତିନିଧିମାନଙ୍କର କାର୍ଯ୍ୟକାଳ ୫ ବର୍ଷ।

(୩) ପ୍ରତ୍ୟେକ ରାଜ୍ୟରେ ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥାର ନିର୍ବାଚନ ପାଇଁ ଏକ ସ୍ୱତନ୍ତ୍ର ନିର୍ବାଚନ ଆୟୋଗର ନିଯୁକ୍ତି।

(୪) ସ୍ଥାନୀୟ ସ୍ୱାୟତ୍ତଶାସନ ବ୍ୟବସ୍ଥା ସକାଶେ ଏକ ସ୍ୱତନ୍ତ୍ର ଅର୍ଥ ଆୟୋଗର ନିଯୁକ୍ତି।

(୫) ପ୍ରତ୍ୟେକ ରାଜ୍ୟରେ ମହାନଗର କମିଟି ଓ ଜିଲ୍ଲା ଯୋଜନା କମିଟିର ଗଠନ।

(୬) ଅନୁସୂଚିତ ଜାତି, ଜନଜାତି ଓ ପଛୁଆବର୍ଗ ଏବଂ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା।

(୭) ସରକାରୀ ଦପ୍ତରଗୁଡ଼ିକରେ ଅନୁସୂଚିତ ଜାତି, ଜନଜାତି ଓ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା।

୭୪ତମ ସମ୍ବିଧାନ ସଂଶୋଧନ ଆଇନ୍ ଗୃହୀତ ହେବା ପରେ ସମସ୍ତ ରାଜ୍ୟ ସରକାର ନିଜ ରାଜ୍ୟରେ ପ୍ରଚଳିତ ପୌରପାଳିକା ଆଇନ୍‌ର ସଂଶୋଧନ କରିଥିଲେ। ଓଡ଼ିଶା ସରକାର ମଧ୍ୟ ପ୍ରଚଳିତ ଓଡ଼ିଶା ମ୍ୟୁନିସିପାଲିଟି ଆଇନ୍ ୧୯୫୦କୁ ସଂଶୋଧନ କରି ୧୯୯୪ ମସିହାରେ ୭୪ ତମ ସମ୍ବିଧାନ ସଂଶୋଧନ ଆଇନ୍‌କୁ କାର୍ଯ୍ୟକାରୀ କଲେ। ତଦନୁଯାୟୀ ପୌରନିଗମ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ସାମ୍ବିଧାନିକ ମର୍ଯ୍ୟାଦା ହାସଲ କଲା।

## ମହାନଗର ନିଗମ / ପୌର ନିଗମ
## (Municipal Corporation)

ସହରାଞ୍ଚଳ ସ୍ୱାୟତ୍ତଶାସନ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତରକୁ ପୌର ନିଗମ / ମହାନଗର ନିଗମ କୁହାଯାଏ। ପ୍ରତ୍ୟେକ ପୌର ନିଗମ ସମ୍ପୃକ୍ତ ରାଜ୍ୟ ଦ୍ୱାରା ପ୍ରଣିତ ଏକ ସ୍ୱତନ୍ତ୍ର ଆଇନ୍ ଦ୍ୱାରା ପ୍ରତିଷ୍ଠା ହୋଇଥାଏ। ଓଡ଼ିଶାରେ ୫ଟି ପୌର ନିଗମ / ମହାନଗର ନିଗମ ରହିଛି। ସେଗୁଡ଼ିକ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ସମ୍ବଲପୁର ଓ ରାଉରକେଲାରେ ଅବସ୍ଥିତ।

**ଗଠନ :**

ପ୍ରତ୍ୟେକ ପୌର ନିଗମର ସଭ୍ୟସଂଖ୍ୟା, ଜନସଂଖ୍ୟା ଭିତ୍ତିରେ ଏବଂ ରାଜ୍ୟ ବିଧାନସଭା ଦ୍ୱାରା ପ୍ରଣିତ ଆଇନ୍ ଅନୁଯାୟୀ ସ୍ଥିର ହୋଇଥାଏ। ତିନି ଲକ୍ଷରୁ ଅଧିକ ବସବାସ କରୁଥିବା ନଗରମାନଙ୍କରେ ମହାନଗର ନିଗମ / ପୌର ନିଗମ ପ୍ରତିଷ୍ଠା କରାଯାଇଥାଏ। ଏହାର ସଭ୍ୟମାନେ ହେଲେ-

(୧) ପୌର ନିଗମର ସଂପୃକ୍ତ ବିଧାୟକ।

(୨) ପୌର ନିଗମରୁ ପ୍ରତ୍ୟକ୍ଷ ନିର୍ବାଚିତ ସଦସ୍ୟ। ମହାନଗରକୁ କେତେକ ୱାର୍ଡରେ ବିଭକ୍ତ କରାଯାଇଥାଏ ଓ ପ୍ରତ୍ୟେକ ୱାର୍ଡ଼ରୁ ଜଣେ ଲେଖାଏଁ କାଉନ୍‌ସିଲର ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୋଇଥାନ୍ତି। ନଗର ନିଗମର ସମୁଦାୟ ଆସନ ସଂଖ୍ୟାର ୫୦ ପ୍ରତିଶତ ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ ହୋଇଥାଏ। ପୁନଶ୍ଚ ଅନୁସୂଚିତ ଜାତି ଓ ପଛୁଆବର୍ଗର ଲୋକମାନଙ୍କୁ ସେମାନଙ୍କ ଜନସଂଖ୍ୟା ଅନୁପାତରେ ନିଗମରେ ପ୍ରତିନିଧିତ୍ୱ ମିଳିଥାଏ। ଓଡ଼ିଶାରେ ଏହି ୱାର୍ଡ଼ ସଂଖ୍ୟା ୧୧ରୁ ୬୦ ମଧ୍ୟରେ ସିମିତ।

**ଯୋଗ୍ୟତା :**

ମହାନଗର ନିଗମର ସଭ୍ୟ ହେବା ପାଇଁ ନିମ୍ନଲିଖିତ ଯୋଗ୍ୟତା ଥିବା ଦରକାର।

(୧) ସେ ଜଣେ ଭାରତୀୟ ନାଗରିକ ହୋଇଥିବେ।

(୨) ତାଙ୍କ ନାମ ସେହି ନଗରର ଭୋଟରଙ୍କ ତାଲିକାରେ ପଞ୍ଜୀକୃତ ହୋଇଥିବ।

(୩) ତାଙ୍କ ବୟସ ୨୧ ବର୍ଷରୁ କମ୍ ହୋଇ ନଥିବ।

(୪) ସେ କୌଣସି ସରକାରୀ ଲଭଜନକ ପଦପଦବୀରେ ଅଧିଷ୍ଠିତ ହୋଇ ନଥିବେ।

(୫) ସେ କୌଣସି ଫୌଜଦାରୀ ମାମଲାରେ ସମ୍ପୃକ୍ତ ନଥିବେ।

**କାର୍ଯ୍ୟକାଳ :**

ପୌର ନିଗମର କାର୍ଯ୍ୟକାଳ ୫ ବର୍ଷ। ରାଜ୍ୟ ସରକାର ଚାହିଁଲେ ନିମ୍ନୋକ୍ତ କାରଣ ମଧ୍ୟରୁ ଯେ କୌଣସି କାରଣକୁ ଦର୍ଶାଇ ଏହାର କାର୍ଯ୍ୟକାଳ ପୂର୍ଣ୍ଣ ନ ହେବା ଆଗରୁ ଭାଙ୍ଗି ଦେଇପାରନ୍ତି। ସେହିଭଳି ପରିସ୍ଥିତିରେ ନଗର ନିଗମ ଭାଙ୍ଗିବାର ୬ ମାସ ମଧ୍ୟରେ ପୁନଃ ନିର୍ବାଚନ ହେବା ନିତାନ୍ତ ଆବଶ୍ୟକ। କାରଣଗୁଡ଼ିକ ହେଲା-

(୧) ସରକାରଙ୍କ ମତରେ ଯଦି ନିଗମ ଠିକ୍ ଭାବେ କାର୍ଯ୍ୟ କରିବାକୁ ସକ୍ଷମ ନୁହଁ।

(୨) ନିଗମ ଉପରେ ନ୍ୟସ୍ତ ଥିବା କାର୍ଯ୍ୟଗୁଡ଼ିକରେ ନିରନ୍ତର ତ୍ରୁଟି ପରିଲକ୍ଷିତ ହେଲେ, କିମ୍ବା

(୩) ନ୍ୟସ୍ତଥିବା କ୍ଷମତାର ଅପବ୍ୟବହାର ହେଲେ।

**ପୌର ନିଗମର ଅଧ୍ୟକ୍ଷ :**

ପୌର ନିଗମର ଅଧ୍ୟକ୍ଷଙ୍କୁ ମେୟର କୁହାଯାଏ। ତାଙ୍କୁ କାର୍ଯ୍ୟରେ ସହାଯ୍ୟ କରିବା ପାଇଁ ଜଣେ ଡେପୁଟି ମେୟର ଥାଆନ୍ତି। ଉଭୟ ମେୟର ଓ ଡେପୁଟି ମେୟର ନିର୍ବାଚିତ କାଉନ୍‌ସିଲ୍‌ରମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି। ମେୟର ନିଗମର ଅଧ୍ୟକ୍ଷ ତଥା ପ୍ରଧାନ କାର୍ଯ୍ୟନିର୍ବାହୀ ଅଟନ୍ତି। ସେ ନିଗମର ବୈଠକରେ ଅଧ୍ୟକ୍ଷତା କରନ୍ତି। ତାଙ୍କ ଅନୁପସ୍ଥିତିରେ ଡେପୁଟି ମେୟର ବୈଠକକୁ ପରିଚାଳନା କରନ୍ତି। ଦୁଇ ତୃତୀୟାଂଶ କାଉନ୍‌ସିଲରମାନଙ୍କ ଆସ୍ଥା ହରାଇଲେ ଉଭୟ ମେୟର ଓ ଡେପୁଟି ମେୟର ସେମାନଙ୍କ ପଦବୀରୁ ବହିଷ୍କୃତ ହୋଇଥାନ୍ତି। ନିଗମର ମେୟର, ଡେପୁଟି ମେୟର ଓ କାଉନ୍‌ସିଲର ପଦବୀ ପର୍ଯ୍ୟାୟ କ୍ରମେ ବିଭିନ୍ନ ବର୍ଷ ପାଇଁ ସଂରକ୍ଷିତ ହୋଇଥାଏ। ମେୟରଙ୍କ ଅଧ୍ୟକ୍ଷତାରେ ପ୍ରତି ମାସରେ ଥରେ ପୌର ନିଗମର ବୈଠକ ବସିଥାଏ। ଏକ ପଞ୍ଚମାଂଶ କାଉନ୍‌ସିଲରଙ୍କ ଲିଖିତ ଅନୁରୋଧ କ୍ରମେ ୧୪ ଦିନ ମଧ୍ୟରେ ମେୟର ଏକ ସ୍ୱତନ୍ତ୍ର ବୈଠକ ଆହୁତ କରିବା ବ୍ୟବସ୍ଥା ରହିଛି। ଉକ୍ତ ବୈଠକ ପାଇଁ ଅନ୍ତତଃ ୫୦ ପ୍ରତିଶତ କାଉନ୍‌ସିଲରଙ୍କ ଉପସ୍ଥିତି ବାଧ୍ୟତାମୂଳକ। ଅଧିକାଂଶ କାଉନ୍‌ସିଲଙ୍କ ସହମତିରେ ସମସ୍ତ ନିଷ୍ପତ୍ତି ନିଆଯାଇଥାଏ।

**ନିଗମର କମିଶନର୍ :**

ପୌର ନିଗମର ଜଣେ କମିଶନ ଥାଆନ୍ତି। ସେ ନିଗମର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଅଟନ୍ତି ଅର୍ଥାତ୍ ସେ ନିଗମର ପ୍ରଧାନ ପ୍ରଶାସକ। କମିଶନର ନିଗମର ସମସ୍ତ ଶାସନ କାର୍ଯ୍ୟ ଓ ଦାୟିତ୍ୱ ନିର୍ବାହ କରନ୍ତି। ସେ ରାଜ୍ୟ ସରକାରଙ୍କ ଜଣେ ଉଚ୍ଚପଦସ୍ଥ ଅଧିକାରୀ ଅଟନ୍ତି। ସେ ନିଗମର ସମସ୍ତ ବୈଠକରେ ଯୋଗଦେବା ସହ ଆଲୋଚନାରେ ଭାଗ ନିଅନ୍ତି କିନ୍ତୁ ତାଙ୍କର ଭୋଟର ଦେବାର ଅଧିକାର ନାହିଁ। ନିଗମର ସମସ୍ତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଓ ତଦାରଖ କରିବା ତାଙ୍କର ମୁଖ୍ୟ କାର୍ଯ୍ୟ। ନିଗମର ଅନ୍ୟାନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କ ନିୟନ୍ତ୍ରଣରେ କାର୍ଯ୍ୟ କରିଥାନ୍ତି। ରାଜ୍ୟ ସରକାର ଚାହିଁଲେ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରିପାରନ୍ତି। କାଉନ୍‌ସିଲରମାନେ ମଧ ଏକ ସ୍ୱତନ୍ତ୍ର ପ୍ରସ୍ତାବ ମାଧ୍ୟମରେ ତାଙ୍କୁ ପଦରୁ ବହିଷ୍କୃତ କରିପାରିବେ। ନିଗମ ନିଜର କାର୍ଯ୍ୟର ସୁପରିଚାଳନା ପାଇଁ କେତୋଟି କମିଟି ଗଠନ କରିଥାଏ। ସ୍ଥାୟୀ କମିଟି ସମସ୍ତ କାର୍ଯ୍ୟଗୁଡ଼ିକ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ।

ତିନି ଲକ୍ଷରୁ ଉର୍ଦ୍ଧ ଜନସଂଖ୍ୟା ବିଶିଷ୍ଟ ପୌର ନିଗମରେ ମୁଖ୍ୟତଃ ୫ଟି ୱାର୍ଡ଼ କମିଟି ଥାଏ। ୱାର୍ଡ଼ କମିଟି ଅନ୍ତର୍ଭୁକ୍ତ ସମସ୍ତ ୱାର୍ଡ଼ର ନିର୍ବାଚିତ କାଉନ୍‌ସିଲରମାନେ ଏହାର ସଭ୍ୟ ଅଟନ୍ତି ଏବଂ କମିଶନର ଏହାର ପଦାଧିକାରୀ ସଭ୍ୟ ରୂପେ କାର୍ଯ୍ୟ ସମ୍ପାଦନ କରନ୍ତି। ପ୍ରତ୍ୟେକ ୱାର୍ଡ଼ କମିଟିର ଜଣେ ସଭାପତି ଥାଆନ୍ତି ଯିଏ କି କାଉନ୍‌ସିଲରମାନଙ୍କ ମଧ୍ୟରୁ ନିର୍ବାଚିତ ହୋଇଥାନ୍ତି। ୱାର୍ଡ଼ଗୁଡ଼ିକର ସମସ୍ତ କାର୍ଯ୍ୟ ତଦାରଖ କରିବା ୱାର୍ଡ଼ କରମିଟର ପ୍ରଧାନ କାର୍ଯ୍ୟ।

**ନିଗମର କାର୍ଯ୍ୟାବଳୀ :**

ସମ୍ବିଧାନର ଦ୍ୱାଦଶ ସୂଚୀ ଅନୁଯାୟୀ ପୌର ନିଗମଗୁଡ଼ିକୁ ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ ପାଇଁ କ୍ଷମତା ପ୍ରଦାନ କରାଯାଇଛି ଓ ଏହିଗୁଡ଼ିକୁ ରାଜ୍ୟ ସରକାର ଆଇନ୍ ମାଧ୍ୟମରେ ଅନୁମୋଦନ କରିଛନ୍ତି । ଯଥା-

(୧) ସହରାଞ୍ଚଳ ଯୋଜନା ।
(୨) ଭୂମି ଅଧିଗ୍ରହଣ ଓ ଗୃହ ନିର୍ମାଣ ।
(୩) ରାସ୍ତାଘାଟ ଓ ପୋଲି ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ ।
(୪) ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ଯୋଜନା ।
(୫) କୃଷି, ବୈଷୟିକ ଓ ପାନୀୟ ଜଳଯୋଗାଣ, ଜଳଭଣ୍ଡାର ନିର୍ମାଣ କରିବା ।
(୬) ସହରାଞ୍ଚଳ ବନୀକରଣ ଓ ପରିବେଶ ସୁରକ୍ଷା ।
(୭) ଅଗ୍ନି ନିରୋଧକ ବ୍ୟବସ୍ଥା ।
(୮) ସମାଜର ଦୁର୍ବଳ ଶ୍ରେଣୀ ଲୋକଙ୍କ ସ୍ୱାର୍ଥ ସୁରକ୍ଷା ।
(୯) ଶିକ୍ଷା ଓ ସଂସ୍କୃତିର ବିକାଶ ଓ ନଗର ସୌନ୍ଦର୍ଯ୍ୟକରଣ ଓ ଜନ୍ମ ମୃତ୍ୟୁ ପଞ୍ଜିକରଣ ।
(୧୦) ଦାରିଦ୍ର୍ୟ ଦୂରୀକରଣ ।
(୧୧) ଉଦ୍ୟାନ, ପାର୍କ ଓ ଖେଳପଡ଼ିଆର ଉନ୍ନତିକରଣ ।
(୧୨) ଜନସାଧାରଣଙ୍କ ସୁବଧା ନିମନ୍ତେ ବସ୍‌ଷ୍ଟାଣ୍ଡ, ରାସ୍ତାଘାଟ ଓ ମୁଖ୍ୟ ସ୍ଥଳ ଯଥା- ଅତିଥି ଭବନ, ଅନାଥଶାଳର ଆଲୋକିକରଣ ଓ ପରିଷ୍କାର ପରିଚ୍ଛନ୍ନତା ।
(୧୩) ବସ୍ତିଗୁଡ଼ିକର ଉନ୍ନତିକରଣ ।
(୧୪) ପଶୁ ହିଂସା ଦୂରୀକରଣର ପଦକ୍ଷେପ ।
(୧୫) ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ।
(୧୬) କଂସେଇଖାନାର ନିୟନ୍ତ୍ରଣ ।

**ଆୟର ପନ୍ଥା :**

ପୌର ନିଗମ ବିଭିନ୍ନ ପନ୍ଥାରୁ ପାଣ୍ଠି ସଂଗ୍ରହ କରିଥାଏ । ଯଥା-

(୧) **କର :** (କ) ସମ୍ପତ୍ତି କର (ଖ) ଯାନବାହନ କର (ଗ) ଆମୋଦ ପ୍ରମୋଦ କର (ଘ) ଟୋଲ୍ ଆଦାୟ (ଙ) ଅବକାରୀ କର (ଚ) ବୋଇତକର (ଛ) ବିଦ୍ୟୁତ୍ କର ଇତ୍ୟାଦି ।
(୨) **ସରକାରୀ ଅନୁଦାନ :** ପୌର ନିଗମ ବିଭିନ୍ନ ସମୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଠାରୁ ବିଭିନ୍ନ ପ୍ରକାର ଅନୁଦାନ ପାଇଥାଏ । ଏହା ଏକ ମୁଖ୍ୟ ଉତ୍ସ ।
(୩) **ଋଣ :** ଅବଶ୍ୟକ ସ୍ଥଳେ ପୌର ନିଗମ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାଗୁଡ଼ିକରୁ ଋଣ ଗ୍ରହଣ କରିଥାଏ ।

(୪) **ଅନ୍ୟାନ୍ୟ ପନ୍ଥା :** ଯଥା- (କ) ଲାଇସେନ୍ସ ଦେୟ (ଖ) ଗମନାଗମନରୁ ପାଣ୍ଠି ସଂଗ୍ରହ (ଗ) ବିଶ୍ରାମାଗାର ଗୁଡ଼ିକରୁ ଆୟ (ଘ) ଶିକ୍ଷାନୁଷ୍ଠାନ ଓ ଦୋକାନ ବଜାରରୁ ଆୟ (ଙ) ନିୟମ ଉଲଙ୍ଘନକାରୀଙ୍କ ଠାରୁ ଆଦାୟ ଜୋରିମାନା ଇତ୍ୟାଦି।

## ପୌରପାଳିକା / ନିଗର ପାଳିକା
**(Municipality)**

ନଗରପାଳିକା ବା ପୌରପାଳିକା ସହରାଞ୍ଚଳ ସ୍ୱାୟତ୍ତଶାସନ ବ୍ୟବସ୍ଥାର ମଧ୍ୟମସ୍ତର ଅଟେ। ଅପେକ୍ଷାକୃତ କ୍ଷୁଦ୍ର ଓ ମଧ୍ୟମ ଧରଣର ସହରାଞ୍ଚଳରେ ସ୍ୱାୟତ୍ତଶାସନ ପାଇଁ ନଗରପାଳିକା ଗଠନ କରାଯାଇଥାଏ। ପଚିଶ ହଜାରରୁ ଅଧିକ ଓ ତିନି ଲକ୍ଷରୁ କମ୍ ଜନସଂଖ୍ୟ ବିଶିଷ୍ଟ ସହରମାନଙ୍କରେ ନଗରପାଳିକା / ପୌରପାଳିକା ପ୍ରତିଷ୍ଠା କରାଯାଇଛି। ବର୍ତ୍ତମାନ ଓଡ଼ିଶାରେ ୩୭ଟି ନଗରପାଳିକା ରହିଛି ଓ ଏସବୁ ଓଡ଼ିଶା ମ୍ୟୁନିସିପାଲିଟି ଆଇନ୍ ୧୯୫୦ ଅନୁଯାୟୀ ଗଠିତ। ପରବର୍ତ୍ତୀ ସମୟରେ ଆବଶ୍ୟକତା ଅନୁଯାୟୀ ଏହି ଆଇନ୍‌ରେ ସଂଶୋଧନ କରାଯାଇଛି।

ଗଠନ :

ସହରାଞ୍ଚଳର ଜନ୍‌ସଂଖ୍ୟାକୁ ନେଇ ରାଜ୍ୟ ସରକାର ନଗରପାଳିକାର ସଭ୍ୟ ସଂଖ୍ୟା ସ୍ଥିର କରିଥାନ୍ତି। ପ୍ରତ୍ୟେକ ନଗରପାଳିକାରେ ଗୋଟିଏ ଲେଖାଏଁ ନଗରପାଳିକା ପରିଷଦ ବା ପୌର ପରିଷଦ ଥାଏ। ପୌର ପରିଷଦ / ନଗର ପରିଷଦ ନଗରପାଳିକାର ସମସ୍ତ କାର୍ଯ୍ୟ ତୁଲାଇଥାଏ। ପ୍ରତ୍ୟେକ ପୌରପାଳିକାରେ ନିମ୍ନ ପ୍ରକାର ସଭ୍ୟ ଥାଆନ୍ତି। ଯଥା-

(୧) ପୌରାଞ୍ଚଳରୁ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ସଭ୍ୟ।

(୨) ପୌରାଞ୍ଚଳକୁ ପ୍ରତିନିଧିତ୍ୱ କରୁଥିବା ବିଧାୟକ।

(୩) ଅନ୍ୟ କେତେକ ସରକାରୀ କର୍ମଚାରୀ। ସହରର ବିଭିନ୍ନ ୱାର୍ଡ଼ରୁ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ କାଉନ୍‌ସିଲର୍‌ମାନଙ୍କୁ ନେଇ ଏହା ଗଠିତ। ନଗର ପରିଷଦର ମୋଟ ସଭ୍ୟ ସଂଖ୍ୟାର ୫୦ ପ୍ରତିଶତ ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ। ପୁନଶ୍ଚ ନଗରପାଳିକାରେ ଅନୁସୂଚିତ ଜାତି, ପଛୁଆବର୍ଗଙ୍କ ପାଇଁ ଜନସଂଖ୍ୟା ଅନୁପାତରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଛି। ଅନୁସୂଚିତ ଜାତିମାନଙ୍କ ପାଇଁ ସଂରକ୍ଷିତ ମୋଟ ଆସନର ଏକ ତୃତୀୟାଂଶ ସଂରକ୍ଷଣ ବ୍ୟବସ୍ଥା ରହିଛି। ଅନୁସୂଚିତ ଜାତିମାନଙ୍କ ପାଇଁ ସଂରକ୍ଷିତ ମୋଟ ଆସନର ଏକ ତୃତୀୟାଂଶ ଅନୁସୂଚିତ ମହିଳାମାନଙ୍କ ପାଇଁ ସଂରକ୍ଷିତ। ଜନସଂଖ୍ୟା ଓ ଆୟତନ ଅନୁଯାୟୀ ପ୍ରତ୍ୟେକ ନଗରପାଳିକାକୁ କେତୋଟି ୱାର୍ଡ଼ରେ ବିଭକ୍ତ କରାଯାଇଥାଏ ଏବଂ ପ୍ରତି ୱାର୍ଡ଼ରୁ ଜଣେ ଲେଖାଏଁ କାଉନ୍‌ସିଲର ନିର୍ବାଚିତ ହୋଇଥାନ୍ତି। ନଗରପାଳିକାର ମୁଖ୍ୟଙ୍କୁ ନଗରପାଳ ବା ଚେୟାରମ୍ୟାନ୍ କୁହାଯାଏ। ନିର୍ବାଚିତ କାଉନ୍‌ସିଲରମାନେ ସେମାନଙ୍କ ମଧ୍ୟରୁ ଉଭୟ ଚେୟାରମ୍ୟାନ୍ ଓ ଭାଇସ୍ ଚେୟାରମ୍ୟାନ୍ ନିର୍ବାଚିତ କରିଥାନ୍ତି। ଏ ସମସ୍ତଙ୍କ କାର୍ଯ୍ୟକାଳ ୫ ବର୍ଷ।

ପୌର ପରିଷଦର ମୁଖ୍ୟଙ୍କୁ ଚେୟାରମ୍ୟାନ୍ କୁହାଯାଏ, ଯିଏ କି କାଉନ୍‌ସିଲ୍‌ରମାନଙ୍କ ସହାୟତାରେ ସାଧାରଣ ପ୍ରଶାସନର ନୀତି ନିର୍ଦ୍ଧାରଣ କରିବା ସହ ବାର୍ଷିକ ଆୟ ବ୍ୟୟର ଅଟକଳ ଚିଠା ପ୍ରସ୍ତୁତି କରିଥାନ୍ତି। ଏହି କାର୍ଯ୍ୟରେ

ସରକାରଙ୍କ ଦ୍ୱାରା ନିଯୁକ୍ତପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ସରକାରୀ କର୍ମଚାରୀ ସହାୟତା କରିଥାନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ନିର୍ମାଣ ଇତ୍ୟାଦି କାର୍ଯ୍ୟରେ ସହାୟତା ପାଇଁ ଚେୟାରମ୍ୟାନ୍, କାଉନ୍‌ସିଲରମାନଙ୍କୁ ନେଇ ବିଭିନ୍ନ କମିଟି ଗଠନ କରିଥାନ୍ତି। ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅନୁଶୀଳନ ପାଇଁ ଚେୟାରମ୍ୟାନଙ୍କ ଅଧକ୍ଷତାରେ ନିୟମିତ ଭାବେ ବୈଠକ ଆହୁତ ହୋଇଥାଏ। ପୌର ପ୍ରଶାସନର ବିଭିନ୍ନ କାର୍ଯ୍ୟ ଯଥା- ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ନିର୍ମାଣ, ନଗର ଶୁଳ୍କ ଇତ୍ୟାଦି ତଦାରଖ ପାଇଁ ସରକାରୀ ନିଯୁକ୍ତିପ୍ରାପ୍ତ ବିଭାଗୀୟ ଅଧିକାରୀମାନେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସାହାଯ୍ୟ କରଥାନ୍ତି। କାର୍ଯ୍ୟ ନିର୍ବାହୀ ଅଧିକାରୀ, ସରକାର ଏବଂ ପୌର ପରିଷଦ ମଧ୍ୟରେ ଯୋଗସୂତ୍ର ରକ୍ଷାକାରୀ ରୂପେ କାର୍ଯ୍ୟ କରନ୍ତି। ବାସ୍ତବ କ୍ଷେତ୍ରରେ ଜିଲ୍ଲାପାଳମାନଙ୍କ ମାଧ୍ୟମରେ ସରକାର ପୌରପାଳିକାକୁ ନିୟନ୍ତ୍ରଣ କରିଥାନ୍ତି। ଆବଶ୍ୟକ ସ୍ଥଳେ ଜିଲ୍ଲାପାଳ, କୁଶାସନ, ଦୁର୍ନୀତି, ଅସମର୍ଥ ଓ ଅସକ୍ଷମର ଦ୍ୱାହି ଦେଇ ପୌର ପରିଷଦକୁ ଭାଙ୍ଗି ଦେଇପାରନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ପୌରପାଳିକା ଭଙ୍ଗ ହେବାର ୬ ମାସ ମଧ୍ୟରେ ନିର୍ବାଚନ ମାଧ୍ୟମରେ ଏକ ନୂତନ ପୌରପାଳିକା ଗଠିତ ହୋଇଥାଏ।

**ଯୋଗ୍ୟତା :**

ପୌର ପରିଷଦର ସଭ୍ୟ ହେବା ପାଇଁ ନିମ୍ନଲିଖିତ ଯୋଗ୍ୟତାର ଆବଶ୍ୟକ ଯଥା-

(୧) ସେ ଜଣେ ଭାରତୀୟ ନାଗରିକ ହୋଇଥିବେ।
(୨) ସେହି ଅଞ୍ଚଳର ଭୋଟର ତାଲିକାରେ ତାଙ୍କ ନାମ ପଞ୍ଜିକୃତ ହୋଇଥିବା ଦରକାର।
(୩) ତାଙ୍କୁ ୨୧ ବର୍ଷ କିମ୍ବା ତଦୁର୍ଦ୍ଧ ବୟସ ହୋଇଥିବ।
(୪) ସେ କୌଣସି ସରକାରୀ ଲାଭଜନକ ପଦବୀରେ ଅଧିଷ୍ଠିତ ହୋଇ ନଥିବେ।
(୫) ସେ ନିର୍ବାଚନ ପାଇଁ ଅଯୋଗ୍ୟ ଘୋଷିତ ହୋଇ ନଥିବେ।

**ବୈଠକ :**

ପୌର ପରିଷଦର ବୈଠକ ପ୍ରତି ମାସରେ ଥରେ ଅନୁଷ୍ଠିତ ହୋଇଥାଏ। ଏକ ପଞ୍ଚମାଂଶ ସଦସ୍ୟମାନଙ୍କ ଲିଖିତ ଅନୁରୋଧ କ୍ରମେ ୧୪ ଦିନ ମଧ୍ୟରେ ଚେୟାରମ୍ୟାନ୍ ଏକ ସ୍ୱତନ୍ତ୍ର ବୈଠକ ଆହୁତ କରିଥାନ୍ତି। ଉକ୍ତ ବୈଠକ ପାଇଁ ୫୦ ପ୍ରତିଶତ ସଭ୍ୟଙ୍କ ଉପସ୍ଥିତି ଜରୁରୀ। ସଂଖ୍ୟାଗରିଷ୍ଠ ମତ ଅନୁସାରେ ସମସ୍ତ ନିଷ୍ପତ୍ତି ନିଆଯାଇଥାଏ। କୌଣସି ବିଷୟର ଆଲୋଚନା ପରେ ଯଦି ସପକ୍ଷ ଓ ବିପକ୍ଷର ସମ ମତାଦାନ ହୁଏ, ତେବେ ଚେୟାରମ୍ୟାନ୍ ତାଙ୍କ ଭୋଟ ଦାନ କରି ଏହାର ନିଷ୍ପତ୍ତି ନେଇଥାନ୍ତି।

**ପୌର ପରିଷଦର କାର୍ଯ୍ୟାବଳୀ :**

୭୪ ତମ ସମ୍ବିଧାନ ସଂଶୋଧନ ଆଇନର ୧୨ତମ ସୂଚୀ ଅନୁଯାୟୀ ପୌରପାଳିକାକୁ ନିମ୍ନଲିଖିତ ବିଷୟ ନ୍ୟସ୍ତ କରାଯାଇଛି। ସେଗୁଡ଼ିକ ହେଲା-

(୧) ପୌରପାଳିକାର ଉନ୍ନତି ସକାଶେ ଯୋଜନା ପ୍ରସ୍ତୁତ କରିବା ଓ କାର୍ଯ୍ୟକାରୀ କରିବା।
(୨) ସେହି ଅଞ୍ଚଳର ବାସିନ୍ଦାମାନଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ଯୋଜନା କରିବା।

(୩) ଗମନା ଗମନର ସୁବିଧା ପାଇଁ ରାସ୍ତାଘାଟ, ପୋଲ ଇତ୍ୟାଦିର ନିର୍ମାଣ, ମରାମତି ଓ ରକ୍ଷଣାବେକ୍ଷଣ ।
(୪) ଜମିର ଉପଯୁକ୍ତ ବ୍ୟବହାର ଓ କୋଠା ନିର୍ମାଣ ପାଇଁ ଆଇନ୍ ତିଆରି କରିବା ।
(୫) ଶିଳ୍ପ, ବ୍ୟବସାୟୀକ ତଥା ଘରୋଇ ଜଳ ଯୋଗାଣର ବ୍ୟବସ୍ଥା ।
(୬) ସାଧାରଣ ସ୍ୱାସ୍ଥ୍ୟ ଓ ପରିମଳର ବ୍ୟବସ୍ଥା ସହ ଶୌଚାଳୟ, ନାଳ ନର୍ଦ୍ଦମା ସଫା, ଭେଜାଲ୍ ଖାଦ୍ୟର ନିୟନ୍ତ୍ରଣ ଓ ଟୀକାକରଣ ଇତ୍ୟାଦି ।
(୭) ଅଗ୍ନି ନିରୋଧକ ବ୍ୟବସ୍ଥା ।
(୮) ଦୁର୍ବଳଶ୍ରେଣୀ ତଥା ଶାରୀରିକ ଅକ୍ଷମମାନଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ।
(୯) ସହରୀ ବନୀକରଣ, ପରିବେଶର ସୁରକ୍ଷା ଓ ଜୈବ ବିବିଧତାର ଭାରସାମ୍ୟ ।
(୧୦) ସହରାଞ୍ଚଳ ଦାରିଦ୍ର୍ୟ ଦୂରୀକରଣ ।
(୧୧) ପାର୍କ, ଉଦ୍ୟାନ ଓ ଖେଳପଡ଼ିଆର ନିର୍ମାଣ ଓ ରକ୍ଷଣାବେକ୍ଷଣ ।
(୧୨) ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରସାର ।
(୧୩) ଶ୍ମଶାନ ଘାଟର ରକ୍ଷଣାବେକ୍ଷଣ ।
(୧୪) ଜନ୍ମ, ମୃତ୍ୟୁ ଓ ବିବାହ ପଞ୍ଜିକରଣ ।
(୧୫) ପଶୁହିଂସାରୁ ନିବୃତ୍ତ ରହିବା ।
(୧୬) ଜନସାଧାରଣଙ୍କ ସୁବିଧା ପାଇଁ ବସ୍‌ଷ୍ଟାଣ୍ଡ, ବିଶ୍ରାମଗାର, ଯାତ୍ରୀ ନିବାସର ନିର୍ମାଣ ଓ ଆଲୋକିକରଣ ଇତ୍ୟାଦି ।

**ପ୍ରଶାସନିକ କାର୍ଯ୍ୟ :**

ପୌରପାଳିକା କେତେକ ପ୍ରଶାସନିକ କାର୍ଯ୍ୟ ମଧ୍ୟ ତୁଲାଇଥାଏ । ଯାଥା-

(୧) ପୌରପାଳିକାର ପ୍ରଶାସନ ପାଇଁ ନିଜେ ଆଇନ୍ ତିଆରି କରିଥାଏ ।
(୨) ଆଇନ୍ ଅମାନ୍ୟକାରୀଙ୍କ ଠାରୁ ଜୋରିମାନା ଆଦାୟ କରିଥାଏ ।
(୩) ପୌରପାଳିକାର କର୍ମଚାରୀଙ୍କୁ ନିଯୁକ୍ତି ଓ ଛଟେଇ କରିଥାଏ ।
(୪) ଜମି କ୍ରୟ, ବିକ୍ରୟ କରିଥାଏ ।
(୫) ବିପଦସଙ୍କୁଳ କୋଠାବାଡ଼ି ଓ ପୋଲଗୁଡ଼ିକୁ ଭାଙ୍ଗିଦେଇଥାଏ ।
(୬) କର ନ୍ୟସ୍ତ ଓ ଆଦାୟ କରଥାଏ ।

**ପୌର ପରିଷଦର ଆୟର ପନ୍ଥା :**

ପୌର ପରିଷଦ ବିଭିନ୍ନ ମାଧ୍ୟମରେ ପାଣ୍ଠି ସଂଗ୍ରହ କରିଥାଏ । ଯଥା-

**(୧)** କର : (କ) ସମ୍ପତ୍ତି କର (ଖ) ପ୍ରବେଶ କର (ଗ) ଯାନବାହାନ କର (ଘ) ବିଜ୍ଞାପନ (ଙ) ଟୋଲ୍ ଆଦାୟ (ଚ) ବୃତ୍ତିକର (ଛ) ଆମୋଦ ପ୍ରମୋଦ କର ଇତ୍ୟାଦି ।

(୨) **ବିଜୁଳି ଓ ଜଳଯୋଗାଣ :** ପୌରପାଳିକା ଜଳ ଓ ବିଦ୍ୟୁତ୍ ଯୋଗାଣରୁ ମଧ୍ୟ ପାଣ୍ଠି ସଂଗ୍ରହ କରିଥାଏ। ଏହା ବ୍ୟତୀତ, ନିଜ ଦୋକାନ ଘର, ବଜାର ଓ ବିଶ୍ରାମାଗାରରୁ ମଧ୍ୟ ଭଡା ସୂତ୍ରରେ ପାଣ୍ଠି ଆଦାୟ କରିଥାଏ।

(୩) **ସରକାରୀ ଅନୁଦାନ :** ବିଭିନ୍ନ ପ୍ରକାର ସରକାରୀ ଅନୁଦାନ ହେଉଛି ପୌରପାଳିକାର ଆୟର ଏକ ମୁଖ୍ୟ ଉତ୍ସ।

(୪) **ଋଣ :** ସରକାରଙ୍କ ଅନୁମୋଦନ କ୍ରମେ ଏହା ବିଭିନ୍ନ ବ୍ୟାଙ୍କ୍ ଓ ଅର୍ଥପ୍ରଦାନକାରୀ ସଂସ୍ଥା ଠାରୁ ଋଣ ଗ୍ରହଣ କରିଥାଏ।

ରାଜ୍ୟ ସରକାର ବିଭିନ୍ନ ଉପାୟରେ ନଗରପାଳିକା ଉପରେ ନିୟନ୍ତ୍ରଣ ଜାରି କରିଥାଆନ୍ତି। ଏହାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ସରକାର ତଦାରଖ କରିଥାନ୍ତି। କୌଣସି ଅନିୟମିତତା ଦେଖା ଦେଲେ ସରକାର ନଗରପାଳିକାକୁ କୈଫିୟତ ତଲବ କରି ଉପଯୁକ୍ତ ପଦକ୍ଷେପ ନେଇପାରନ୍ତି, ଆବଶ୍ୟକ ସ୍ଥଳେ ଭାଙ୍ଗି ଦେଇପାରନ୍ତି ମଧ୍ୟ।

## ବିଜ୍ଞାପିତ ଅଞ୍ଚଳ ପରିଷଦ
## (Natified Area Council)

ବିଜ୍ଞାପିତ ଅଞ୍ଚଳ ପରିଷଦ ବା N.A.C. ନିମ୍ନ ସ୍ତରୀୟ ସହରାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥା। ଦଶ ହଜାରରୁ ପଚିଶି ହଜାର ଜନସଂଖ୍ୟା ବିଶିଷ୍ଟ ସହରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ହୋଇଥାଏ। ପ୍ରତ୍ୟେକ ବିଜ୍ଞାପିତ ଅଞ୍ଚଳ ପରିଷଦ କେତୋଟି ୱାର୍ଡ଼ରେ ବିଭକ୍ତ ହୋଇଥାଏ ଓ ପ୍ରତ୍ୟେକ ୱାର୍ଡ଼ରୁ ଜଣେ ଲେଖାଏଁ କାଉନ୍‌ସିଲର ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହୋଇଥାନ୍ତି। ସମସ୍ତ କାଉନ୍‌ସିଲ୍‌ର ମିଳିତ ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦର ପରିଚାଳନା କାର୍ଯ୍ୟ ତୁଲାଇଥାନ୍ତି। କାଉନ୍‌ସିଲରମାନେ ସେମାନଙ୍କ ମଧ୍ୟରୁ ଉଭୟ ଚେୟାରମ୍ୟାନ୍ ଓ ଭାଇସ୍‌ଚେୟାରମ୍ୟାନ୍ ନିର୍ବାଚିତ କରିଥାନ୍ତି। ଚେୟାରମ୍ୟାନ୍ ବିଜ୍ଞାପିତ ଅଞ୍ଚଳ ପରିଷଦର ମୁଖ୍ୟ ଅଟନ୍ତି। ସେ ଏହାର ସମସ୍ତ ସଭା ଆହୁତ କରିବା ସହ ଅଧକ୍ଷତା କରନ୍ତି। ସମସ୍ତ ଯୋଜନାର କାର୍ଯ୍ୟକାରୀତା ଓ ତଦାରଖ କ୍ଷମତା ତାଙ୍କ ଠାରେ ନ୍ୟସ୍ତ। ଚେୟାରମ୍ୟାନଙ୍କ ଅନୁପସ୍ଥିତିରେ ଭାଇସ୍ ଚେୟାରମ୍ୟାନ୍ ତାଙ୍କର ସମସ୍ତ କାର୍ଯ୍ୟ ତୁଲାଇଥାନ୍ତି। ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟକାଳ ୫ ବର୍ଷ। ଅନ୍ୟୁନ ଦୁଇ ତୃତୀୟାଂଶ ନିର୍ବାଚିତ କାଉନ୍‌ସିଲର୍‌ଙ୍କ ଅନାସ୍ଥା ପ୍ରସ୍ତାବ ବଳରେ ଉଭୟ ଚେୟାରମ୍ୟାନ୍ ଓ ଭାଇସ୍ ଚେୟାରମ୍ୟାନ୍ ପଦଚ୍ୟୁତ ହୋଇଥାନ୍ତି। କିନ୍ତୁ ଏଥି ସକାଶେ ଏକ ମାସ ପୂର୍ବରୁ ଏକ ତୃତୀୟାଂଶ ସଦସ୍ୟଙ୍କ ସ୍ୱାକ୍ଷର ଥିବା ନୋଟିସ୍ ଦିଆଯିବା ଜରୁରୀ । ପ୍ରତ୍ୟେକ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଜଣେ କାର୍ଯ୍ୟ ନିର୍ବାହୀ ଅଧିକାରୀ ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇଥାନ୍ତି ଓ ତାଙ୍କୁ ସାହାଯ୍ୟ କରିବା ପାଇଁ ଅନ୍ୟ ବିଭାଗୀୟ ଅଧିକାରୀମାନେ ଥାଆନ୍ତି। ସେ ବିଜ୍ଞାପିତ ଅଞ୍ଚଳ ପରିଷଦର ନିଷ୍ପତ୍ତିର କାର୍ଯ୍ୟକାରୀତା ଓ ଦୈନନ୍ଦିନ କାର୍ଯ୍ୟକଳାପ ପାଇଁ ଉତ୍ତରଦାୟୀ ରହନ୍ତି। ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟଗୁଡ଼ିକ ହେଲା- ପ୍ରାଥମିକ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିମଳ, ରାସ୍ତାଘାଟ ଓ କୋଠାବାଡ଼ିର ନିର୍ମାଣ ଓ ରକ୍ଷଣାବେକ୍ଷଣ, ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ,

ରାସ୍ତାଗୁଡ଼ିକର ଆଲୋକିକରଣ, ଜନ୍ମ ଓ ମୃତ୍ୟୁର ପଞ୍ଜିକରଣ ଇତ୍ୟାଦି । କୁହାଯାଇପାରେ ଯେ, ନଗରପାଳିକା ଯେଉଁସବୁ କାର୍ଯ୍ୟ କରେ, ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟ ସେହି ସମସ୍ତ କାର୍ଯ୍ୟ କରିଥାଏ । ଏହାର ରାଜସ୍ୱ ଆଦାୟ ପନ୍ଥା ମଧ୍ୟ ପୌରପାଳିକାର ରାଜସ୍ୱ ଆଦାୟ ପନ୍ଥା ସହ ସମାନ ।

ସରକାର ବିଜ୍ଞାପିତ ଅଞ୍ଚଳ ପରିଷଦ ଉପରେ ଆବଶ୍ୟକୀୟ ନିୟନ୍ତ୍ରଣ ଜାରି କରିଥାନ୍ତି । ଆବାଶ୍ୟକ ସ୍ଥଳେ ସରକାର ଏହାକୁ ଭାଙ୍ଗି ଦେଇପାରନ୍ତି । ଏପରି ସ୍ଥଳେ ଉପଜିଲ୍ଲାପାଳ ଏହାର କାର୍ଯ୍ୟଭାର ଗ୍ରହଣ କରିଥାନ୍ତି ।

**ସହରାଞ୍ଚଳ ସ୍ୱାୟତ୍ତଶାସନର ସମସ୍ୟା :**

(୧) ସରକାରୀ ପାଣ୍ଠି ଉପରେ ନିର୍ଭରଶୀଳ ।

(୨) ନିଜସ୍ୱ ପାଣ୍ଠି ସୃଷ୍ଟି କାରିବାରେ କମ୍ ସୁଯୋଗ ।

(୩) ସମସ୍ୟାଗୁଡ଼ିକର ଆପୋଷ ସମାଧାନ କ୍ଷେତ୍ରରେ ଜନପ୍ରତିନିଧିମାନଙ୍କ ଅସଂଲଗ୍ନ ମନୋଭାବ ।

(୪) ଦଳୀୟ ମତଭେଦ ଓ ରାଜନୈତିକ ସଙ୍ଘର୍ଷ ଏହାର ଅନ୍ୟତମ ସମସ୍ୟା ।

(୫) ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ପୌର ପରିଷଦକୁ ସରକାରଙ୍କ ଭାଙ୍ଗିଦେବା କ୍ଷମତା ବିପଜ୍ଜନକ ଅଟେ ।

(୬) କେତେକ ଅସ୍ଥାୟୀ ଓ ଅନଭିଜ୍ଞ କର୍ମଚାରୀଙ୍କ ରାଜକୋଷ ଲୁଣ୍ଠନ ମନୋଭାବ ।

(୭) ସ୍ଥାନୀୟ ଲୋକଙ୍କ ଅଜ୍ଞତା ଓ ରାଜନୈତିକ ଚେତନାର ଅଭାବ ସ୍ୱାୟତ୍ତଶାସନ ବ୍ୟବସ୍ଥାକୁ ଦୁର୍ବଳ କରିଥାଏ ।

(୮) ସହରାଞ୍ଚଳ ସ୍ୱାୟତ୍ତଶାସନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଅତ୍ୟଧିକ ହସ୍ତକ୍ଷେପ ।

(୯) ଅସାଧୁତା ଓ ଦୁର୍ନୀତି ଏଥିରେ କ୍ଷତି ପହଞ୍ଚାଇଥାଏ ।

(୧୦) ଜାତିବାଦ, ସାମ୍ପ୍ରଦାୟୀକତା ଓ ଆଞ୍ଚଳିକ ମନୋଭାବ ଏହାର ପ୍ରଗତିରେ ବାଧା ସୃଷ୍ଟି କରିଥାଏ ।

ଏହା ଏକ ଗର୍ବର କଥା ଯେ ଭାରତରେ ସ୍ୱାୟତ୍ତଶାସନ ବ୍ୟବସ୍ଥା ଅପହଞ୍ଚ ଇଲାକାରେ ନିଜର ଉପସ୍ଥିତି ଜାହିର କରିପାରିଛି । ଭାରତର ବିଶାଳତା, ବିଭିନ୍ନ ପ୍ରାନ୍ତରେ ଥିବା ସାମାଜିକ ଓ ଅର୍ଥନୈତିକ ବିଭିନ୍ନତା ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ସଫଳ ରୂପାୟନରେ ବାଧକ ସୃଷ୍ଟି କରିଛି । ଗଣତନ୍ତ୍ର ସାଦୃଶ୍ୟ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରକୃତରେ ଆମ୍ଭମାନଙ୍କ ଧୈର୍ଯ୍ୟ ଓ ଅଧ୍ୟବସାୟ ଉପରେ ନିର୍ଭର କରେ । ଲୋକମାନଙ୍କ ସଶକ୍ତିକରଣ ପାଇଁ ଏହା ହିଁ ଏକମାତ୍ର ଉତ୍ତର । ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ କୌଣସି ଯାଦୁ ସମ୍ଭବପର ନୁହେଁ କାରଣ ମନୁଷ୍ୟମାନେ ହିଁ ଏହାର ଯାଦୁକର । ପୃଥିବୀର ସମସ୍ତ ସମାଜରେ ପରିବର୍ତ୍ତନ ସମୟରେ ବିଭିନ୍ନ ଉତ୍ଥାନ ପତନର ଦୃଷ୍ଟିଗୋଚର ହୋଇଥାଏ । ଭାରତ, ଆଧୁନିକ ସମାଜରେ ରୂପାନ୍ତରିତ ହେବାର ଦ୍ୱାର ଦେଶରେ । ବାସ୍ତବରେ କହିବାକୁ ଗଲେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ଅଦ୍ୟାବଧି ସମ୍ପୂର୍ଣ୍ଣ ରୂପେ ଅନୁଭୂତ ହୋଇ ପାରିନାହିଁ । ସେଥିପାଇଁ ଆମ୍ଭମାନଙ୍କୁ ମିଳିତ ପ୍ରୟାସ ଆବଶ୍ୟକ ।

## ସଂକ୍ଷିପ୍ତ ସୂଚନା

⇨ ନିମ୍ନ ବା ସ୍ଥାନୀୟ ସ୍ତରରେ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ବୋଲି କୁହାଯାଇଥାଏ। ଏହି ବ୍ୟବସ୍ଥାରେ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇଥାଏ।

⇨ ଏହାର ଉପକାରିତା (କ) ଏହା ସ୍ଥାନୀୟ ସମସ୍ୟାର ନିରାକରଣ କରିଥାଏ (ଖ) ସ୍ଥାନୀୟ ନେତୃତ୍ୱ ସୃଷ୍ଟି କରିଥାଏ (ଗ) ସ୍ଥାନୀୟ ନାଗରିକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିକରେ (ଘ) ଏହି ବ୍ୟବସ୍ଥା ଏକ ଗଣତାନ୍ତ୍ରିକ ପରୀକ୍ଷାଗାର ଭାବେ କାର୍ଯ୍ୟ କରିଥାଏ।

⇨ ଏହାର ଅପକାରିତା (କ) ଏହା ବହୁ କ୍ଷେତ୍ରରେ ଆଞ୍ଚଳିକତାବାଦ ସୃଷ୍ଟି କରେ (ଖ) ସ୍ଥାନୀୟ ନେତାମାନେ ରାଷ୍ଟ୍ରୀୟ ବା ରାଜ୍ୟସ୍ତରର ସମସ୍ୟାଗୁଡ଼ିକ ହୃଦୟଙ୍ଗମ କରିପାରନ୍ତି ନାହିଁ।

⇨ ଗ୍ରାମାଞ୍ଚଳର ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ପଞ୍ଚାୟତିରାଜ କୁହାଯାଏ। ଏହା ଏକ ତ୍ରିସ୍ତରୀୟ ବ୍ୟବସ୍ଥା – ଗ୍ରାମ ସ୍ତରରେ ଗ୍ରାମ ପଞ୍ଚାୟତ, ବ୍ଲକ ସ୍ତରରେ ପଞ୍ଚାୟତ ସମିତି ଏବଂ ଜିଲ୍ଲାସ୍ତରରେ ଜିଲ୍ଲା ପରିଷଦ, ତୃଣମୂଳ ସ୍ତରରେ କ୍ଷମତା ବିକେନ୍ଦ୍ରୀକରଣ ମାଧ୍ୟମରେ ଗ୍ରାମୀଣ ବିକାଶ ଏହି ବ୍ୟବସ୍ଥାର ସର୍ବଭାରତୀୟ ଲକ୍ଷ୍ୟ।

⇨ ପ୍ରତ୍ୟେକ ଗ୍ରାମରେ ଲୋକମାନେ ଭୋଟ ଦେଇ ଗ୍ରାମ ପାଇଁ ଏକ ଗ୍ରାମପଞ୍ଚାୟତ ନିର୍ବାଚନ କରନ୍ତି। ପଞ୍ଚାୟତ ଏହି ଗ୍ରାମର ବିକାଶ ପାଇଁ ଉଦ୍ୟମ କରନ୍ତି। ନିଜର ଆର୍ଥିକ ପାଣ୍ଠି ଅତ୍ୟନ୍ତ ସୀମିତ ଯୋଗୁଁ ରାଜ୍ୟ ସରକାରଙ୍କ ଅନୁଦାନ ଉପରେ ନିର୍ଭରଶୀଳ। ସେହିଭଳି ବ୍ଲକ ସ୍ତରରେ ପଞ୍ଚାୟତ ସମିତି ମଧ୍ୟ ବ୍ଲକର ଉନ୍ନତି ପାଇଁ କାର୍ଯ୍ୟ କରନ୍ତି ମାତ୍ର ସୀମିତ ସମ୍ବଳ ଯୋଗୁଁ ରାଜ୍ୟ ସରକାରଙ୍କ ଉପରେ ନିର୍ଭର କରିଥାନ୍ତି। ଜିଲ୍ଲା ସ୍ତରରେ ଜିଲ୍ଲା ପରିଷଦ ମୁଖ୍ୟତଃ ଏହି ପଞ୍ଚାୟତ ସମିତି ଏବଂ ଗ୍ରାମ ପଞ୍ଚାୟତର କାର୍ଯ୍ୟକୁ ଅନ୍ୱୟ କରିବା ସହ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଅନୁଦାନକୁ ଆବଶ୍ୟକତା ଅନୁସାରେ ସେମାନଙ୍କୁ ବଣ୍ଟନ କରିଥାନ୍ତି।

⇨ ପଞ୍ଚାୟତିରାଜ ଏକ ଆଦର୍ଶ ବ୍ୟବସ୍ଥା ହେଲେ ମଧ ଭାରତବର୍ଷରେ ଏବଂ ବିଶେଷ କରି ଓଡ଼ିଶାରେ ଏହା ଆଶାନୁରୂପ ସଫଳ ହୋଇ ପାରିନାହିଁ। ଜନସଚେତନତାର ଅଭାବ, ଦାରିଦ୍ର୍ୟ, ଶିକ୍ଷାର ଅଭାବ, ଦଳୀୟ ରାଜନୀତି, କୁସଂସ୍କାର ଯୋଗୁଁ ଏହି ବ୍ୟବସ୍ଥା ସଫଳ ହୋଇପାରୁନାହିଁ। ତଥାପି ମଧ ଏହା ସଂପୂର୍ଣ୍ଣ ଭାବେ ବିଫଳ ହୋଇନାହିଁ। ବହୁ କ୍ଷେତ୍ରରେ ଏହା ସଚେତନତା ସୃଷ୍ଟି କରି ଗ୍ରାମୀଣ ବିକାଶକୁ ତ୍ୱରାନ୍ୱିତ କରିଛି।

⇨ ସହରାଞ୍ଚଳର ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ପୌର ଶାସନ କୁହାଯାଏ। ଏହି ପୌର ଶାସନ ନିଗମ / ପୌରସଭା / ବିଜ୍ଞାପିତ ଅଞ୍ଚଳ ପରିଷଦ ମାଧ୍ୟମରେ କାର୍ଯ୍ୟକାରୀ ହୋଇଥାଏ। ଏହି ତିନି ପ୍ରକାର ସଂସ୍ଥା ଏକ ପ୍ରକାର କାର୍ଯ୍ୟ କଲେ ମଧ ଆକାର ଦୃଷ୍ଟିରୁ ଏମାନଙ୍କର ନାମକରଣରେ ବିଭିନ୍ନତା ଦେଖାଯାଇଥାଏ।

⇨ ଏହି ସଂସ୍ଥାମାନେ ସମସ୍ତ ସ୍ଥାନୀୟ ସମସ୍ୟାଗୁଡ଼ିକ ସହର ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ସମାହିତ କରିଥାଆନ୍ତି ବିଭିନ୍ନ କର ମାଧ୍ୟମରେ ଏହି ପୌର ସଂସ୍ଥାମାନେ ଅର୍ଥ ଆୟ କରିଥାନ୍ତି ମାତ୍ର ତାହା ଯଥେଷ୍ଟ ନ ହେବାରୁ ରାଜ୍ୟ ସରକାରଙ୍କ ଉପରେ ନିର୍ଭରଶୀଳ ହୋଇଥାନ୍ତି।

⇨ ଦାରିଦ୍ର୍ୟ, ଅଶିକ୍ଷା, ଜାତିପ୍ରଥା, ସଚେତନତାର ଅଭାବ ଆଦି ଏହି ବ୍ୟବସ୍ଥାର ଅଗ୍ରଗତିରେ ଅନ୍ତରାୟ ସୃଷ୍ଟି କରୁଛି।

# ଆଦର୍ଶ ପ୍ରଶ୍ନାବଳୀ

## ବିଭାଗ - 'କ'

**ବିକଳ୍ପ ଉତ୍ତର ଗୁଡିକରୁ ସଠିକ ଉତ୍ତର ଚୟନ :**

୧. ଗ୍ରାମାଞ୍ଚଳ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ସଠିକ୍ ସ୍ତରକୁ ସଂକେତ ଅନୁସାରେ ଚିହ୍ନଟ କର ।

A. ବିଜ୍ଞାପିତ ଅଞ୍ଚଳ ପରିଷଦ

B. ଗ୍ରାମପଞ୍ଚାୟତ

C. ଜିଲ୍ଲା ଗ୍ରାମାଞ୍ଚଳ ବିକାଶ ସଂସ୍ଥା

D. ପଞ୍ଚାୟତ ସମିତି

ସଂକେତ : (i) AB (ii) BC (iii) CA (iv) DA

୨. କେଉଁ ସମ୍ବିଧାନ ସଂଶୋଧନ ଆଇନ୍, ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ସାମ୍ବିଧାନିକ ମର୍ଯ୍ୟାଦା ପ୍ରଦାନ କରିଛି ? ( ସଂକେତ ଅନୁସାରେ ଚିହ୍ନଟ କର ।)

A. ୭୧ତମ ସମ୍ବିଧାନ ସଂଶୋଧନ

B. ୭୨ତମ ସମ୍ବିଧାନ ସଂଶୋଧନ

C. ୭୩ତମ ସମ୍ବିଧାନ ସଂଶୋଧନ

D. ୭୪ତମ ସମ୍ବିଧାନ ସଂଶୋଧନ

ସଂକେତ : (i) AB (ii) BC (iii) CA (iv) CD

୩. ନିମ୍ନରେ ଦିଆଯାଇଥିବା କ ସ୍ତମ୍ଭରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାର ସ୍ତର ଓ ଖ ସ୍ତମ୍ଭରେ ସମ୍ପର୍କିତ ପଦବୀ ଲେଖାଯାଇଛି । ଭୁଲଟିକୁ ବାଛି ସଂକେତ ଅନୁସାରେ ଚିହ୍ନଟ କର ।

| | 'କ' | | 'ଖ' |
|---|---|---|---|
| A. | ମ୍ୟୁନିସିପାଲ କର୍ପୋରେସନ | - | ଚେୟାରମ୍ୟାନ |
| B. | ଜିଲ୍ଲା ପରିଷଦ | - | ଚେୟାରମ୍ୟାନ |
| C. | ପଂଚାୟତ ସମିତି | - | ଚେୟାରମ୍ୟାନ |
| D. | ବିଜ୍ଞାପିତ ଅଂଚଳ ପରିଷଦ | - | ମେୟର |

ସଂକେତ : (i) AB (ii) BC (iii) CA (iv) DA

## ବିଭାଗ - 'ଖ'

**ସଂକ୍ଷେପରେ ଲେଖ :**

୧. ପଞ୍ଚାୟତିରାଜ ବ୍ୟବସ୍ଥାର ସର୍ବନିମ୍ନ ସ୍ତର କେଉଁଟି ?

୨. ମ୍ୟୁନିସିପାଲିଟି ଓ ବିଜ୍ଞାପିତ ଅଂଚଳ ପରିଷଦ ମଧ୍ୟରେ ଥିବା ପ୍ରଭେଦ ଦର୍ଶାଅ ।

୩. ଗୋଷ୍ଠୀ ଉନ୍ନୟନ ଅଧିକାରୀ (Block Development Officer) କହିଲେ କିଏ ?

୪. ସହରାଞ୍ଚଳରେ କେଉଁ କେଉଁ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ପ୍ରଚଳିତ ଅଛି ?

୫. ନିଜ କାର୍ଯ୍ୟକାଳର ପରିସମାପ୍ତି ପୂର୍ବରୁ ଜଣେ ସରପଞ୍ଚଙ୍କୁ କିପରି ବରଖାସ୍ତ କରାଯାଇ ପାରିବ ?

୬. 'ଗ୍ରାମ ପଞ୍ଚାୟତ' କିପରି ଗଠନ କରାଯାଇଥାଏ ?

**ଟିପ୍ପଣୀ ଲେଖ :**

୧. ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କର କାର୍ଯ୍ୟାବଳୀ ।

୨. ମେୟରଙ୍କ ନିର୍ବାଚନ ଓ କାର୍ଯ୍ୟାବଳୀ ।

୩. ମ୍ୟୁନିସ୍‌ପାଲିଟିର ର ମୁଖ୍ୟ ଆୟକାରୀ ଉତ୍ସ ।

୪. ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ।

## ବିଭାଗ - 'ଗ'

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ :**

୧. 'ଗ୍ରାମପଞ୍ଚାୟତ'ର ଗଠନ ଏବଂ କାର୍ଯ୍ୟାବଳୀ ଆଲୋଚନା କର ।

୨. ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ଥିବା ମୁଖ୍ୟ ଲକ୍ଷ୍ୟ ଏବଂ ପ୍ରତିବନ୍ଧକ ଗୁଡ଼ିକୁ ଦର୍ଶାଅ ।

୩. 'ପଞ୍ଚାୟତ ସମିତି'ର ଗଠନ ଏବଂ କାର୍ଯ୍ୟାବଳୀ ସବୁ ଆଲୋଚନା କର ।

୪. ମ୍ୟୁନିସିପାଲ କର୍ପୋରେଶନର ଗଠନ ଏବଂ କାର୍ଯ୍ୟାବଳୀ ଆଲୋଚନା କର ।

୫. ବିଜ୍ଞାପିତ ଅଞ୍ଚଳ ପରିଷଦର ଗଠନ ଏବଂ କାର୍ଯ୍ୟାବଳୀ ସବୁ ଆଲୋଚନା କର ।

❑❑❑

পঞ্চম অধ্যায়

# ଜାତି ନିର୍ମାଣର କେତୋଟି ସମସ୍ୟା

*ଯଦି ତାହାର ସ୍ପଷ୍ଟ ନିୟମ ପରିଚାୟକ ପାଠ୍ୟନିର୍ଘଣ୍ଟ ସମାଜରେ ପ୍ରଚଳିତ ନଥିବ ଏକ ବଳିଷ୍ଠ ରାଜନୈତିକ ରାଷ୍ଟ୍ର ସ୍ଥାପନ ହୋଇପାରିବାନାହିଁ। ଶୈଶବାବସ୍ଥାରୁ ଶିଶୁକୁ ଯଦି ପ୍ରଜାତନ୍ତ୍ରୀ ବା ରାଜତନ୍ତ୍ରୀ, କାଥଲିକ ବା ମୁକ୍ତ-ଚିନ୍ତକ ହେବାପାଇଁ ଶିକ୍ଷା ଦିଆନଯାଏ, ତାହେଲେ ରାଷ୍ଟ୍ର କେବେମଧ୍ୟ ଜାତି ହୋଇପାରିବ ନାହିଁ ଏବଂ ତାହା ଅନିଶ୍ଚିତ ଏବଂ ପରିବର୍ତ୍ତନଶୀଳ ମୂଳଦୁଆ ଉପରେ ପର୍ଯ୍ୟବସିତ ହୋଇ ସର୍ବଦା ବିଶୃଙ୍ଖଳା ଓ ପରିବର୍ତ୍ତନର ଶିକାର ହେବ ।*  – ନେପୋଲିୟନ ବୋନାପାର୍ଟ

**ପାଠ୍ୟ ବିଷୟ :**

- ଜାତି ନିର୍ମାଣର ସମସ୍ୟା : ସାମ୍ପ୍ରଦାୟିକତା, ଜାତିଆଣବାଦ, ଆଞ୍ଚଳିକତା, ଆତଙ୍କବାଦ ଓ ସେଗୁଡିକର ପ୍ରତିକାର

**କ'ଣ ଜାଣିବା ?**

- ଜାତି ନିର୍ମାଣର ଅର୍ଥ, ରାଷ୍ଟ୍ର ଏବଂ ଜାତି

**କ'ଣ ପଢ଼ିବା ?**


- ସାମ୍ପ୍ରଦାୟିକତା ଓ ସଂପ୍ରଦାୟବାଦ : କ୍ରମବିକାଶ; ଉପାଦାନ; କାରଣ; ଦୂରୀକରଣର ଉପାୟ
- ଜାତିବାଦ : ମୌଳିକ ଲକ୍ଷଣ; ଜାତିବାଦର ରାଜନୀତିକ ଭୂମିକା
- ଆଞ୍ଚଳିକତାବାଦ : ବିଭିନ୍ନ ପରିପ୍ରକାଶ; ପ୍ରତିକାର ପାଇଁ ଉପାୟ
- ଆତଙ୍କବାଦ : ଅର୍ଥ ଓ ପ୍ରକୃତି; ପ୍ରକାର ଭେଦ; ନିରାକରଣର ଉପାୟ

ଆମ ପାଠ୍ୟ ବିଷୟ ବସ୍ତୁ ସହଜବୋଧ୍ୟ ହେବାପାଇଁ କିଛି ବିଷୟର ମାନେ ଜାଣିବା ଦରକାର । ଜାତି ନିର୍ମାଣ କ'ଣ ଜାଣିବା ପୂର୍ବରୁ ପ୍ରଥମେ ଜାତି (ନେଶନ) ଅର୍ଥ କ'ଣ ଜାଣିବା ଆବଶ୍ୟକ । ରାଷ୍ଟ୍ର ଏବଂ ଜାତି ଆଦୌ ସହଜ ପ୍ରସଙ୍ଗ ନୁହେଁ। ସମାଜ ଏବଂ ଇତିହାସର ତାଳେତାଳେ ଉଭୟ ଭିନ୍ନ ଭିନ୍ନ ରୂପ ନେଇ ଆସିଛନ୍ତି। ସାଧାରଣ ଭାବେ ଦେଖିଲେ ଜାତି, ରାଜ୍ୟ, ରାଷ୍ଟ୍ର ଓ ରାଷ୍ଟ୍ରୀୟତା ଅନ୍ତଃ ପରିବର୍ତ୍ତନଧର୍ମୀ ଶବ୍ଦ ଭଳି ବ୍ୟବହାର ହେଉଥିବାର ମନେହୁଏ। ତେବେ ଶବ୍ଦ ଗୁଡିକ ବିଭିନ୍ନ କ୍ଷେତ୍ରରେ ପରସ୍ପରଠାରୁ ପୃଥକ୍।

ଲାଟିନ୍ ଶବ୍ଦ "ନାଟିଓ' (natio)ରୁ ରାଷ୍ଟ୍ର, ରାଷ୍ଟ୍ରୀୟତା ଓ ରାଷ୍ଟ୍ରବାଦ ପ୍ରଭୃତି ଶବ୍ଦ ସୃଷ୍ଟ। ଏହାର ମୂଳ ଅର୍ଥ ଜନ୍ମ ବା ଜନ୍ମସ୍ଥାନ। ତେବେ ଅନ୍ୟସବୁ ଶବ୍ଦ ଭଳି ଏହା ମୂଳ ଅର୍ଥରେ ଆକ୍ଷରିକ ଭାବେ ବ୍ୟବହାର ନହୋଇ ବାରମ୍ବାର ପରିବର୍ତ୍ତିତ ଓ ପରିବର୍ଦ୍ଧିତ ହୋଇଛି। ସାଧାରଣତଃ ଏହିସବୁ ଶବ୍ଦ ଜାତି ବା ଜାତୀୟତା ସହ ସଂପୃକ୍ତ।

## ରାଷ୍ଟ୍ର ଓ ଜାତୀୟତାର ବିକାଶ

ମୂଳତଃ ଲାଟିନ୍ ଶବ୍ଦ 'ନାଟିଓ' (Natio) ବିଭିନ୍ନ ଜନଜାତି ବା ଆଦିବାସୀ ଗୋଷ୍ଠୀ ମଧ୍ୟରେ ଥିବା ବୈଚିତ୍ର୍ୟକୁ




ଜାତି ନିର୍ମାଣ ପ୍ରଚେଷ୍ଟା ଆମେ ଜାରି ରଖିଛୁ...

ସୂଉଉଥିଲା । ସମୟାନୁସାରେ ସେହିସବୁ ଆଦିବାସୀ ଗୋଷ୍ଠୀର କ୍ରମୋନ୍ନତି ହୋଇ ବୃହତ୍ ଗୋଷ୍ଠୀ ବା ଜନସମୁଦାୟରେ ପରିବର୍ତ୍ତିତ ହେବା ସହ ସେମାନଙ୍କ ଚଳଣି, ପରମ୍ପରା ଓ ଭାଷାରେ ପରିବର୍ତ୍ତନ ହୋଇ ସେମାନେ ଜାତୀୟତାକୁ ଗୁରୁତ୍ୱ ଦେଇଥିଲେ । ଏହି 'ଜାତୀୟତା'ରେ ଗୋଷ୍ଠୀ ବା ଜନତା ଏବଂ ସେମାନେ ବସବାସ କରୁଥିବା ଭୌଗୋଳିକ ଭୂଖଣ୍ଡ ଅନ୍ତର୍ଭୁକ୍ତ ହୋଇଥାଏ । ସମ ଜାତିର ଲୋକେ ପରସ୍ପର ମଧ୍ୟରେ ସାଧାରଣତଃ ନିଜ ଜାତିର ଉତ୍ପତ୍ତି, ପରମ୍ପରା ଓ ବିଶ୍ୱାସ ବିନିମୟ କରୁଥିଲେ । ଗୋଷ୍ଠୀଗତ ଜୀବନଯାପନ ପାଇଁ ଏହିସବୁ ପ୍ରଥା ଓ ପରମ୍ପରା ବିକଶିତ ହେଲା । ତା ସହିତ ସାଧାରଣ ସାମାଜିକ-ଆର୍ଥିକ ବୈଶିଷ୍ଟ୍ୟର ବିକାଶ କରି, ସେମାନେ ଅନ୍ୟ ଜନ ସମୁଦାୟ ବା ଗୋଷ୍ଠୀ ଠାରୁ ନିଜର ସ୍ୱାତନ୍ତ୍ର୍ୟ ଦର୍ଶାଉଥିଲେ । ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀରେ ଏହି ଜାତୀୟତା ବା ଜାତୀୟତାବାଦରୁ ରାଷ୍ଟ୍ର ବିକଶିତ ହୋଇଛି ।

**ଜାତି : ସଂଜ୍ଞା ନିରୂପଣ**

ରାଜନୀତି ବିଜ୍ଞାନୀମାନେ ବିଭିନ୍ନ ଦୃଷ୍ଟିକୋଣରୁ ଜାତିର ସଂଜ୍ଞା ନିରୂପଣ କରିଛନ୍ତି ।

୧. ବାର୍କରଙ୍କ ଭାଷାରେ "ଜାତି ହେଉଛି ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ବସବାସ କରୁଥିବା ଏବଂ ମୌଳିକ ବାସ୍ତବତା ଦୃଷ୍ଟିରୁ ଏକତା ବନ୍ଧନରେ ଚଳୁଥିବା ଏକ ଜନ ସମୂହ" ।

୨. ଲର୍ଡ଼ ବ୍ରାଇସ୍‌ଙ୍କ ଭାଷାରେ ''ସ୍ୱାଧୀନ ହେବା ଆଶାରେ ଏକ ରାଜନୀତିକ ଅସ୍ତିତ୍ୱ ସମ୍ପନ୍ନ ଜାତୀୟତାକୁ ଜାତି କୁହାଯାଏ।''

୩. ଅଧ୍ୟାପକ ବର୍ଗେସ୍‌ଙ୍କ ମତରେ ''ଜନ୍ମଗତ ଐକ୍ୟ ଥାଇ ଏକ ଭୂଖଣ୍ଡରେ ବସବାସ କରୁଥିବା ଜନସମୂହକୁ ଜାତି କୁହାଯାଏ।''

୪. ରାମ୍‌ସେ ମୁରଙ୍କ ଭାଷାରେ, ''କେତେକ ସ୍ୱାଭାବିକ ସମ୍ପର୍କ ଦ୍ୱାରା ନିଜକୁ ଆବଦ୍ଧ ବୋଲି ଭାବୁଥିବା ଏବଂ ଅନ୍ୟର ଅଧୀନତାକୁ ସହ୍ୟ କରିପାରୁ ନଥିବା ମାନବ ଗୋଷ୍ଠୀକୁ ଜାତି କୁହାଯାଏ।''

୫. ଫରାସୀ ଲେଖକ ପ୍ରାଡିମସ୍ ଫେଦେରେ କହନ୍ତି ''ବଂଶ, ଭାଷା, ପରମ୍ପରା, ଚଳିଚଳନ ଓ ଧାର୍ମିକ ଏକତାର ମିଳନରୁ ହିଁ ଜାତିର ସୃଷ୍ଟି।''

ଉପରୋକ୍ତ ସଂଜ୍ଞାଗୁଡ଼ିକୁ ଆଲୋଚନା କଲେ ଜଣାପଡ଼େ ଯେ, ପ୍ରଥମତଃ ଜାତି କେବଳ ଗୋଟିଏ ବଂଶକୁ ନେଇ ଗଠିତ ନୁହେଁ, ବିଭିନ୍ନ ବଂଶର ଲୋକମାନେ ମିଶି ଏକ ଜାତି ଗଠନ କରିପାରନ୍ତି, ଉଦାହରଣ ସ୍ୱରୂପ, ଯୁକ୍ତରାଷ୍ଟ୍ର ଆମେରିକାର ବାସିନ୍ଦାମାନେ ଗୋଟିଏ ବଂଶରୁ ଆସିନାହାନ୍ତି, କିନ୍ତୁ ସେମାନେ ସମସ୍ତେ ନିଜକୁ ଏକ ଜାତି ବୋଲି ଭାବନ୍ତି ଓ ଗର୍ବ ଅନୁଭବ କରନ୍ତି। ଅବଶ୍ୟ, ଏକ ଶ୍ରେଣୀ ବା ବଂଶ, ଏକ ଜାତି ଗଠନରେ ସହାୟକ ହୋଇଥାଏ। ଦ୍ୱିତୀୟତଃ ଏକ ପ୍ରକାର ଭାଷାଭାଷୀ ଲୋକମାନେ ଯେ କେବଳ ଜାତି ଗଠନ କରିପାରିବେ ଏହା ମଧ୍ୟ ଠିକ୍ ନୁହେଁ। ଜାତି କେବଳ ଭାଷା ଉପରେ ନିର୍ଭର କରି ପ୍ରତିଷ୍ଠିତ ନୁହେଁ, ଯେପରି ଆମ ଭାରତରେ ବିଭିନ୍ନ ଭାଷାଭାଷୀ ଲୋକେ ରହିଲେ ମଧ୍ୟ ସେମାନେ ଏକ ଜାତି ଗଠନ କରି ପାରିଛନ୍ତି, ତୃତୀୟରେ ଜାତି ଏକ ରାଷ୍ଟ୍ର ନୁହେଁ, ରାଷ୍ଟ୍ର ଏକ ରାଜନୈତିକ ସମଷ୍ଟି, ଏବଂ ଜାତି ଏକ ଭାବଗତ ସମଷ୍ଟି।

**ରାଷ୍ଟ୍ର ଓ ଜାତି :**

ରାଷ୍ଟ୍ର ଓ ଜାତି ଏକ ଅର୍ଥରେ ବ୍ୟବହୃତ ହେଉଥିଲେ ମଧ୍ୟ ଦୁହେଁ ପରସ୍ପର ଠାରୁ ପୃଥକ୍ ଅଟନ୍ତି। ଉଭୟଙ୍କ ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ରହିଛି। ସେଗୁଡ଼ିକ ହେଲା -

୧. ରାଷ୍ଟ୍ର ଏକ ସୁଚିନ୍ତିତ ଏବଂ ବାସ୍ତବ ରାଜନୀତିକ ସଂଗଠନ। ରାଷ୍ଟ୍ରର ଏକ ଆଇନ-ସମ୍ମତ ସ୍ଥିତି ଅଛି ଏବଂ ଏହା ଐକ୍ୟ ଉପରେ ପ୍ରତିଷ୍ଠିତ। ଜାତି ଏକ ଭାବଗତ ଧାରଣା, ସାଂସ୍କୃତିକ ତଥା ଚିନ୍ତାମୂଳକ ସଂଜ୍ଞା ଉପରେ ଏହା ନିର୍ଭର କରେ।

୨. ରାଷ୍ଟ୍ର ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମା ମଧ୍ୟରେ ଆବଦ୍ଧ। ମାତ୍ର ଜାତି-ଚେତନାର ବ୍ୟାପ୍ତି କୌଣସି ରାଷ୍ଟ୍ରର ସୀମାକୁ ଅତିକ୍ରମ କରିପାରେ। ଗୋଟିଏ ଜାତିର ଲୋକମାନେ ଅନେକ ରାଷ୍ଟ୍ରରେ ବସବାସ କରିପାରନ୍ତି

କିମ୍ବା ଅନେକ ଜାତିର ଲୋକ ଗୋଟିଏ ରାଷ୍ଟ୍ରର ଅଧିବାସୀ ହୋଇପାରନ୍ତି। ଉଦାହରଣସ୍ୱରୂପ - ଭାରତୀୟମାନେ ପୃଥିବୀର ଯେକୌଣସି ରାଷ୍ଟ୍ରରେ ବସବାସ କରିପାରନ୍ତି।

୩. ରାଷ୍ଟ୍ରର ସ୍ଥିତି ପାଇଁ ସାର୍ବଭୌମତ୍ୱ ଏକ ଅପରିହାର୍ଯ୍ୟ ଉପାଦାନ ହୋଇଥିବା ବେଳେ ଜାତିଗଠନ ପାଇଁ ଏହାର କୌଣସି ଆବଶ୍ୟକତା ନାହିଁ।

୪. ଗୋଟିଏ ରାଷ୍ଟ୍ରର ଜନତା ଏକ ସରକାର ଦ୍ୱାରା ଶାସିତ, କିନ୍ତୁ ସେମାନେ ସବୁସମୟରେ ଏକ ଜାତି ସୃଷ୍ଟି କରି ପାରନ୍ତି ନାହିଁ। କାରଣ ଜାତି ଏକ ମନୋଭାବ ହୋଇଥିବା ବେଳେ ରାଷ୍ଟ୍ର ଏକ ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ ଦୃଷ୍ଟିକୋଣ ଉପରେ ପ୍ରତିଷ୍ଠିତ ହୋଇଥାଏ।

୫. ସାର୍ବଭୌମତ୍ୱ ହରାଇଲେ ଏକ ରାଷ୍ଟ୍ର ଧ୍ୱଂସ ଲାଭ କରିଥାଏ। କିନ୍ତୁ ଜାତି ଧ୍ୱଂସ ପାଏ ନାହିଁ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜର୍ମାନୀ ଓ ଜାପାନ ପରାଜିତ ହୋଇ ସେମାନଙ୍କର ସାର୍ବଭୌମତ୍ୱ ହରାଇଥିଲେ ମଧ୍ୟ, ଜାତି ହିସାବରେ ସେମାନେ ତିଷ୍ଠିରହି ପାରିଥିଲେ।

**ରାଷ୍ଟ୍ର ଏବଂ ଜାତୀୟତା ମଧ୍ୟରେ ପ୍ରଭେଦ :**

ଏକ ପ୍ରକାର ଭାଷା, ସଂସ୍କୃତି, ଧର୍ମ ଓ ଐତିହାସିକ ଅନୁଭୂତିର ପ୍ରଭାବ ରାଷ୍ଟ୍ର ଏବଂ ଜାତୀୟତାକୁ ଜନ୍ମ ଦେଇଥାଏ। ଏହା ସର୍ବଦା ପରିବର୍ତ୍ତନଶୀଳ। ରାଷ୍ଟ୍ର ହିଁ ଜାତୀୟତାର ବିକାଶ କରିଥାଏ। ଅର୍ଥାତ୍ ପୃଥକ୍ ଜାତୀୟତା ଗୋଟିଏ ରାଷ୍ଟ୍ରକୁ ଗଠନ କରିବାରେ ସହାୟକ ହୋଇଥାଏ। ଯେତେବେଳେ ଏକ ଜାତୀୟତା ଐତିହାସିକ ଧାରା ବିକଶିତ ହୋଇ ଉଚ୍ଚ ଧରଣର ରାଷ୍ଟ୍ରୀୟ ସଚେତନତା ସୃଷ୍ଟି ଦ୍ୱାରା ଏକ ଜାତୀୟ ରାଷ୍ଟ୍ର (Nation-State)ର ଗଠନ କରିଥାଏ।

**ଜାତି ନିର୍ମାଣ :**

ଜାତି ନିର୍ମାଣ, ରାଷ୍ଟ୍ରର ପରିସୀମା ମଧ୍ୟରେ ବସବାସ କରୁଥିବା ଜନସମୁଦାୟର ସେହି ଏକତ୍ରୀକରଣକୁ ସୂଚାଏ । ଯାହାଦ୍ୱାରା ରାଷ୍ଟ୍ର ରାଜନୈତିକ ଦୃଷ୍ଟିରୁ ଦୀର୍ଘସ୍ଥାୟୀ ହୋଇ ପାରିବ । ନାଗରିକମାନେ ନିଜ ଜାତିର ମାନ୍ୟତା ଓ ସାମାଜିକ ପ୍ରକ୍ରିୟାରେ ଯଥେଷ୍ଟ ଅଂଶ ଗ୍ରହଣ କରି ପରସ୍ପର ଭାବର ଆଦାନ ପ୍ରଦାନ କରିବା ଦ୍ୱାରା ଜାତି ସ୍ଥାୟୀ ହୁଏ । ଯେକୌଣସି ସମାଜରେ ଲୋକଙ୍କୁ ଏକାଠି କରିବାକୁ ଦୁଇଟି ଉପାୟ ବ୍ୟବହାର କରାଯାଏ – ପ୍ରଥମତଃ, ଶିକ୍ଷା (ଏକଭାଷାରେ ଶିକ୍ଷାଦାନ), ଗମନାଗମନର ସୁବିଧାର ନିର୍ମାଣ । ଦ୍ୱିତୀୟତଃ, ବଳପ୍ରୟୋଗ ଦ୍ୱାରା ସମସ୍ତ ସ୍ଥାନୀୟ ସଂସ୍କୃତିର ନିଷେଧାଦେଶ, ଓ ଦରକାର ପଡିଲେ ଗଣହତ୍ୟା ମଧ୍ୟ ।

ପ୍ରଥମ ଉପାୟର ବ୍ୟବହାର ଗଣତନ୍ତ୍ରରେ ଦେଖାଯାଏ ଓ ଦ୍ୱିତୀୟଟି ଅଗଣତାନ୍ତ୍ରୀକ ପ୍ରଭୁତ୍ୱବାଦ ଶାସନରେ । କେତେ ମାତ୍ରାରେ ଓ କେଉଁ ପ୍ରକାରରେ ଜନସାଧାରଣଙ୍କର ଏକୀକରଣର ପ୍ରେରଣା ଆସିବ ତା'ର ବିଚାରଧାରା ଗଣତନ୍ତ୍ର ଓ ପ୍ରଭୁତ୍ୱବାଦରେ ଭିନ୍ନଅଟେ । ବିଦ୍ୱାନମାନେ ଉଭୟ ଶାସନ ବ୍ୟବସ୍ଥାର ଅନୁଧ୍ୟାନ ଓ ତୁଳନା କରନ୍ତି ଓ ପ୍ରଭୁତ୍ୱବାଦରୁ ଗଣତନ୍ତ୍ରକୁ କିପରି ପରିବର୍ତ୍ତନ ହୁଏ ତାହା ମଧ୍ୟ ଅଧ୍ୟୟନ କରନ୍ତି ।

ରାଷ୍ଟ୍ର ନିର୍ମାଣ - ରାଷ୍ଟ୍ର ନିର୍ମାଣ ଏକ ବ୍ୟାପକ ଐତିହାସିକ ପ୍ରକ୍ରିୟା । କୌଣସି ନିର୍ଦ୍ଦିଷ୍ଟ ଭୁଖଣ୍ଡରେ ସାମୂହିକ ମଙ୍ଗଳ ପାଇଁ ଏଭଳି ଅନୁଷ୍ଠାନର ସ୍ଥାପନା, ପୁନଃସ୍ଥାପନା ଓ ସଶକ୍ତିକରଣ ହୋଇଥାଏ । ରାଷ୍ଟ୍ର ନିର୍ମାଣ ପାଇଁ ସାର୍ବଭୌମ କ୍ଷମତା ନିତାନ୍ତ ଆବଶ୍ୟକ । ସାର୍ବଭୌମ କ୍ଷମତାର ମୌଳିକ ପ୍ରତିଫଳନ ହେଲା ସଫଳ ଓ ନିର୍ବିବାଦୀୟ ଓ ଆଇନତଃ ଏକଚାଟିଆ ଶକ୍ତି ପ୍ରୟୋଗର ସାମର୍ଥ୍ୟ ଓ ଅଧିକାର ।

ଜାତି ନିର୍ମାଣ - ଜାତି ନିର୍ମାଣ ଏକ ଆଧୁନିକ ପ୍ରକ୍ରିୟା । ଏକ ନିର୍ଦ୍ଦିଷ୍ଟ ଭୁଖଣ୍ଡରେ ତା'ର ସାର୍ବଭୌମ କ୍ଷମତାକୁ ଆଇନ୍ ସଙ୍ଗତ କରିବା ଏବଂ ଜାତୀୟ ପରିଚୟ ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଷ୍ଟ୍ରର କ୍ଷମତା ବ୍ୟବହାର ପ୍ରକ୍ରିୟାକୁ ଜାତି ନିର୍ମାଣ କୁହାଯାଏ । ଏହା ଏକ ମୌଳିକ ଆଭ୍ୟନ୍ତରୀଣ ପ୍ରକ୍ରିୟା ଯାହା ଦ୍ୱାରା ରାଷ୍ଟ୍ରର ଭବିଷ୍ୟତର ମହତ୍ କାର୍ଯ୍ୟସୂଚୀକୁ ଜନସାଧାରଣଙ୍କୁ ବୋଧଗମ୍ୟ କରାଇଥାଏ । ସେହି ଭୁଖଣ୍ଡର ଅତୀତର ପ୍ରଥା, ପରମ୍ପରା ଓ ଅନୁଷ୍ଠାନ ମାନଙ୍କୁ ଆଦର୍ଶ କରିଥାଏ । ବର୍ତ୍ତମାନର ସାର୍ବଭୌମତ୍ୱ ଓ ବୈଶିଷ୍ଟ୍ୟ ଗୁଡିକର ଯଥାର୍ଥତା ପ୍ରତିପାଦନ କରିବା ପାଇଁ ଅତୀତର ଆଦର୍ଶ ଗୁଡିକର ପୁନଃ ସଂଜ୍ଞା ନିରୂପଣ କରି ସ୍ୱ ଜାତୀୟ ଚରିତ୍ର ଭାବରେ ଉପସ୍ଥାପନ କରେ ।

ରାଷ୍ଟ୍ରର ଅନୁଷ୍ଠାନ ଗୁଡିକୁ ଆଇନସିଦ୍ଧ କରିବାପାଇଁ, ଏକ ସଫଳ ଜାତି ନିର୍ମାଣ ପ୍ରକ୍ରିୟା ଜାତିର ବର୍ତ୍ତମାନ ଉପରେ ଆଧାରିତ ଭବିଷ୍ୟତ ଅବସ୍ଥାର ଏକ ସାଂସ୍କୃତିକ ପ୍ରାକ୍‌ଚିତ୍ରଣ ପ୍ରସ୍ତୁତ କରିଥାଏ ଯେଉଁଥିରେ କିଛି ଧାରଣା, ମାନ୍ୟତା ଓ ବିଶ୍ୱାସକୁ ମୂଳ ଉପାଦାନ ଭାବରେ ବହନ କରିଥାଏ ।

ଜାତି ନିର୍ମାଣ ଅର୍ଥ ରାଷ୍ଟ୍ରର କ୍ଷମତା ବ୍ୟବହାର କରି ଏକ ଜାତୀୟ ପରିଚୟ ସୃଷ୍ଟି ବା ଗଠନ କରିବା । ପଲ ଜେମ୍‌ସଙ୍କ ମତରେ ରାଷ୍ଟ୍ର ବ୍ୟବସ୍ଥା ଠାରୁ ଏହାର ଅର୍ଥ ସଂକୀର୍ଣ୍ଣ । ଜେରେମି ସୁରିଙ୍କ ମତରେ ଜାତି ନିର୍ମାଣରେ ନିମ୍ନଲିଖିତ ପାଞ୍ଚଟି ଆବଶ୍ୟକ ଉପାଦାନ ଥାଏ -

- ଭାଗୀଦାର (Partners) : ଜାତି ନିର୍ମାଣ ସର୍ବଦା ଭାଗୀଦାରୀ ଆବଶ୍ୟକ କରେ । ତୃଣମୂଳସ୍ତରରେ ବସବାସ କରୁଥିବା ଲୋକଙ୍କ ସହିତ ସୁଦୂର ସରକାରୀ କାର୍ଯ୍ୟାଳୟର କର୍ମକର୍ତ୍ତାଙ୍କ ବାର୍ତ୍ତାଳାପ ରହିଲେ ଭାଗୀଦାରିତା ଆସେ ଓ ପରସ୍ପର ନିର୍ମାଣରେ ସହଯୋଗୀ ହୁଅନ୍ତି ।
- ଦୀର୍ଘକାଳୀନ ପ୍ରକ୍ରିୟା (Process): ମାନବ ସମାଜ ଗାଣତିକ ସୂତ୍ର ମାଧ୍ୟମରେ କାର୍ଯ୍ୟକରେନାହିଁ । ଜାତି ନିର୍ମାଣ ଏକ ପ୍ରକ୍ରିୟା ଯାହା ସ୍ୱଷ୍ଟ ଓ ତ୍ୱରିତ ଫଳାଫଳ ଦିଏନାହିଁ । ଏହା ଏକ ଦୀର୍ଘକାଳୀନ ଯୋଜନା ଓ ପ୍ରକ୍ରିୟା ତେଣୁ ରାଷ୍ଟ୍ରନିର୍ମାଣରେ ଧୈର୍ଯ୍ୟର ନିତାନ୍ତ ଆବଶ୍ୟକ ଅଛି ।
- ସମସ୍ୟା ସମାଧାନ (Problem-solving): ଜାତୀୟ ସମସ୍ୟା ଗୁଡିକର ସମାଧାନ ଜାତି ନିର୍ମାଣକୁ ତ୍ୱରାନ୍ୱିତ କରେ । ତେଣୁ ନେତୃତ୍ୱ ପ୍ରଥମେ ମୂଳଭୂତ ସମସ୍ୟାକୁ ସମାଧାନ କରିବାକୁ ଚେଷ୍ଟା କରନ୍ତି । ପରିବର୍ତ୍ତନ ସମୟରେ ମୂଳଭୂତ ସମସ୍ୟାର ସମାଧାନ ଲୋକଙ୍କ ଆସ୍ଥାଭାଜନରେ ସହାୟକ ହୋଇଥାଏ ।

- ଉଦ୍ଦେଶ୍ୟ (**Purpose**) : ପ୍ରଶାସନର ଜନହିତକର ଉଦ୍ଦେଶ୍ୟ ଲୋକଙ୍କ ସମ୍ମୁଖରେ ପରିଷ୍କାର ଭାବରେ ଉପସ୍ଥାପିତ ହେବା ଉଚିତ । ଆରମ୍ଭ ସଂକ୍ଷିପ୍ତ ହେଲେ ମଧ୍ୟ ଉଦ୍ଦେଶ୍ୟ ବୃହତ୍ତର ହେବା ଆବଶ୍ୟକ । ପୁନଶ୍ଚ, କାର୍ଯ୍ୟର ଉପକାରିତା ନାଗରିକ ମାନଙ୍କ ଦୃଷ୍ଟିଗୋଚର ହେବା ଉଚିତ ।
- ଜନସମୂହ (**People**) : ଜାତି ନିର୍ମାଣ ଲୋକଙ୍କ ହିତ ପାଇଁ ହୋଇଥାଏ । ଜନସମୂହକୁ ଅଂଶୀଦାର କଲେ ଜାତି ନିର୍ମାଣ ସଫଳ ହୁଏ । ବିଶାଳ ସେନା ଜାତି ନିର୍ମାଣ କରନ୍ତିନାହିଁ, ଜନସାଧାରଣ ହିଁ କରନ୍ତି ।

ଭାରତ ପୃଥିବୀର ସର୍ବ ବୃହତ୍ ସକ୍ରିୟ ଗଣତନ୍ତ୍ର ଭାବରେ ବିଖ୍ୟାତ । ସ୍ୱାଧୀନତା ପରଠାରୁ ଭାରତ ଆପଣାର ଗଣତାନ୍ତ୍ରିକ ଶାସନ ମାଧ୍ୟମରେ ବଞ୍ଚିଛି ଓ ବଢୁଛି । ସଂବିଧାନ ପ୍ରଣେତାମାନେ ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ ଜାତି ନିର୍ମାଣର ଅନ୍ତରାୟ ଗୁଡିକ ବିଷୟରେ ସଚେତନ ଥିଲେ । ଏବଂ ତାହାର ମୁକାବିଲା ପାଇଁ ଆବଶ୍ୟକ ସାମ୍ବିଧାନିକ ପଦକ୍ଷେପ ମଧ୍ୟ ସୃଷ୍ଟି କରିଥିଲେ । ସାମାଜିକ-ଅର୍ଥନୈତିକ ସମସ୍ୟାର ପୂର୍ବାନୁମାନ କରିବା ସହିତ ସଂବିଧାନର ସେଭଳି ସମସ୍ୟା ସମାଧାନ ପାଇଁ ମଧ ଉପାୟ ସୃଷ୍ଟି କରିଛନ୍ତି । ଅର୍ଥାତ, ସଂବିଧାନ ତା'ର ଉଦ୍ଦେଶ୍ୟ ଗୁଡିକ ନର୍ଦ୍ଦିଷ୍ଟ କରିବା ସଙ୍ଗେସଙ୍ଗେ ତାହା କିପରି ହାସଲ ହେବ ତାହା ମଧ୍ୟ ସୂଚିତ କରିଛି । ଉଦ୍ଦେଶ୍ୟ ଗୁଡିକ ସମ୍ବିଧାନର ପ୍ରାକ୍‌କଥନ ଏବଂ ରାଷ୍ଟ୍ର ନିର୍ଦ୍ଦେଶାତ୍ମକ ସିଦ୍ଧାନ୍ତରେ ବ୍ୟାପକଭାବରେ ଲେଖା ହୋଇଛି ।

ଏହା ସ୍ୱୀକାର କରିବାକୁ ହେବଯେ ସାଂବିଧାନିକ ପ୍ରତିକାର ସତ୍ତ୍ୱେ ବହୁ ସାମାଜିକ-ଅର୍ଥନୈତିକ ସମସ୍ୟା ଭାରତୀୟ ଗଣତନ୍ତ୍ର ସାମ୍ନାରେ ବର୍ତ୍ତମାନ ମଧ୍ୟ ଅଛି । ରାଜନୈତିକ ଦୃଷ୍ଟିକୋଣରୁ ଭାରତୀୟ ଗଣତନ୍ତ୍ର ସଫଳ ପ୍ରତୀୟମାନ ହେଲେ ମଧ୍ୟ ସାମାଜିକ - ଅର୍ଥନୈତିକ ଦୃଷ୍ଟିକୋଣରୁ ସଫଳତା ଆଂଶିକ ଓ ସୀମିତ । ଦାରିଦ୍ର୍ୟ, ନିରକ୍ଷରତା, ବେକାରୀ, ଅବିକଶିତ ଗ୍ରାମାଞ୍ଚଳ,ଏବଂ ଢାଞ୍ଚାନିର୍ମାଣର ମନ୍ଥର ଗତି ଭାରତ ରାଷ୍ଟ୍ର ଓ ତା'ର ଅର୍ଥନୀତିକୁ ବ୍ୟଥିତ କରୁଛି । ସାମାଜିକ-ଅର୍ଥନୈତିକ ବୈଷମ୍ୟ, ଲିଙ୍ଗଭେଦ, ଆଞ୍ଚଳିକ ବୈଷମ୍ୟ, ସାମାଜିକ ଅପକର୍ମ, ଏବଂ ଜାତିପ୍ରଥାର ନିରନ୍ତର ଉପସ୍ଥିତି, ଇତ୍ୟାଦି ମିଳିତଭାବେ ଭାରତର ଜାତି ନିର୍ମାଣରେ ପ୍ରତିବନ୍ଧ ସୃଷ୍ଟି କରିଛି ।

**ଭାରତର ସ୍ୱାଧୀନତା ପରବର୍ତ୍ତୀ ସମସ୍ୟା :**

ରାଜନୀତି ବିଶାରଦଙ୍କ ମତରେ ଭାରତ ଯେଉଁଦିନ ବ୍ରିଟିଶ ଶାସନରୁ ମୁକ୍ତ ହେଲା ତାହା ଏକ ଦୁଃଖର ଦିନ ଯଥାର୍ଥରେ, ୧୪ ଅଗଷ୍ଟ ୧୯୪୭ ରେ ମହାତ୍ମାଗାନ୍ଧୀ କଲିକତାରେ କହିଥିଲେ: "ଆସନ୍ତାକାଲି ଆମେ ବ୍ରିଟିଶ ପ୍ରଭୁତ୍ୱରୁ ମୁକୁଳିବୁ । କିନ୍ତୁ ମଧ୍ୟରାତ୍ରରେ ଭାରତର ବିଭାଜନ ହେବ । ଆସନ୍ତାକାଲି ଗୋଟିଏ ଦିନ ଉଭୟ ହର୍ଷୋଲ୍ଲାସ ଓ ଶୋକର ଦିନ ହେବ" । ହର୍ଷୋଲ୍ଲାସ ଓ ଶୋକର ଏଇ ବିରୋଧାତ୍ମକ ଆବେଗ ସ୍ୱାଧୀନୋତ୍ତର ଭାରତ ଭବିଷ୍ୟତରେ କେଉଁ କେଉଁ ଆହ୍ୱାନ ଓ ସମସ୍ୟା ଗୁଡିକର ସମ୍ମୁଖୀନ ହେବ ତାହା ସୂଚିତ କରୁଥିଲା । ଭାରତର ନୂଆ ଅବତାରର ଜନ୍ମଦିନରେ ତିନୋଟି ମୁଖ୍ୟ ସମସ୍ୟାର ସମ୍ମୁଖୀନ ହୋଇଥିଲା ।

- ପ୍ରଥମ ଓ ତାତ୍କାଳିକ ସମସ୍ୟା - ଏକ ଏକତ୍ରୀତ ଜାତିକୁ ନୂଆ ଆକୃତି ଦେବା ସହ ନୂତନ ସମାଜର ବିଭିନ୍ନତା ବଜାୟ ରଖିବା ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ।

- ଦ୍ୱିତୀୟ ସମସ୍ୟା – ଗଣତନ୍ତର ସ୍ଥାପନା କରିବା।
- ତୃତୀୟ ସମସ୍ୟା – କେବଳ କିଛି ମୁଷ୍ଟିମେୟ ଭାଗ ଲୋକଙ୍କ ଅପେକ୍ଷା ସମଗ୍ର ସମାଜର ବିକାଶ ଓ ମଙ୍ଗଳ କରିବା।

**ଭାରତର ଜାତି ନିର୍ମାଣର ସମସାମୟିକ ସମସ୍ୟା :**

- ପ୍ରଥମତଃ, ସାଂପ୍ରଦାୟୀକତା ରାଷ୍ଟ୍ର ନିର୍ମାଣର ପ୍ରକ୍ରିୟାରଏକ ମୁଖ୍ୟ ସମସ୍ୟା । ବ୍ରିଟିଶରମାନେ ନିଜ ସ୍ୱାର୍ଥ ଚରିତାର୍ଥ କରିବା ପାଇଁ ଅନୁସୃତ "ବିଭାଜନ ଓ ଶାସନ" ସୂତ୍ର ବର୍ତ୍ତମାନ ମଧ୍ୟ ବହୁ ବଳିଷ୍ଠ ଆକାରରେ ସମାଜରେ ବ୍ୟାପି ରହି ଭୟଭୀତ କରୁଛି । ଯାହା ଛୋଟ ବଡ ସାଂପ୍ରଦାୟିକ ଦଙ୍ଗାର ପୁନରାବୃତ୍ତି କରାଇ ଜାତି ନିର୍ମାଣର ସମ୍ଭାବନାକୁ ପରାହତ କରୁଛି ।
- ଦ୍ୱିତୀୟତଃ, ଜାତିଆଣବାଦର ରାଜନୀତି ଭାରତୀୟ ସମାଜର ଅନ୍ତର୍ନିହିତ ସାମାଜିକ ସଂରଚନାର ଅପବ୍ୟବହାର କରୁଛି । ଭୋଟ ପାଇବାପାଇଁ ଜାତିର (ଅପ)ବ୍ୟବହାର ରାଷ୍ଟ୍ର ନିର୍ମାଣର ମାର୍ଗ ଅବରୁଦ୍ଧ କରୁଛି ।
- ତୃତୀୟତଃ, ଆଞ୍ଚଳିକତା ଓ ଉପ-ଆଞ୍ଚଳିକତା ନିରନ୍ତର ମୁଣ୍ଡ ଟେକୁଛି । ଏହା ସତ୍ୟ ଯେ ଭାରତଭଳି ଏକ ସଂସ୍କୃତିବହୁଳ ଦେଶ ଏକାକାର ହୋଇପାରିବ ନାହିଁ । ତଥାପି ମଧ୍ୟ ବିଛିନ୍ନତାବାଦୀ ପ୍ରବୃତ୍ତି ରାଷ୍ଟ୍ରର ପୀଡା ବୃଦ୍ଧି କରୁଛି ।
- ଚତୁର୍ଥତଃ, ହିଂସାର ରାଜନୀତି ବା ଆତଙ୍କବାଦ ଏବଂ ମୁଷ୍ଟିମେୟ ଲୋକଙ୍କ ଗୋଷ୍ଠୀସ୍ୱାର୍ଥ ପାଇଁ ହିଂସାତ୍ମକ ଆନ୍ଦୋଳନ କେବଳ ରାଜନୈତିକ ଶିଷ୍ଟାଚାରର ହାନି କରାଏନାହିଁ ଏହା ଜାତୀୟ ସାମର୍ଥ୍ୟକୁ ଦୁର୍ବଳ କରୁଛି।

ଉପରୋକ୍ତ ଚାରୋଟି ଭାରତରେ ଜାତି ନିର୍ମାଣର ମୁଖ୍ୟ ସମସ୍ୟା । ଏହାଛଡା ଅନ୍ୟ ବାଧା ଗୁଡିକ ହେଲା, ଦାରିଦ୍ର୍ୟ, ନିରକ୍ଷରତା, ଓ ସାମାଜିକ ସମ୍ପଦ ଓ ସେବାର ଅନୁଚିତ ବଣ୍ଟନ । କିନ୍ତୁ ପରବର୍ତ୍ତୀ ପୃଷ୍ଠା ମାନଙ୍କରେ କେବଳ ମୁଖ୍ୟ ସମସ୍ୟା ଗୁଡିକର ଅଲୋଚନା କରିବା ।

## ସମ୍ପ୍ରଦାୟବାଦ ବା ସାମ୍ପ୍ରଦାୟିକତା

**ଉପକ୍ରମ :**

ସାମ୍ପ୍ରଦାୟିକତା ଭାରତର ଜାତି ନିର୍ମାଣ ଓ ଜାତୀୟ ସଂହତିର ଏକ ବଡ ସମସ୍ୟା । ଦେଶର ଜାତି ନିର୍ମାଣ ପ୍ରକ୍ରିୟାର ଏକ ଶକ୍ତ ପ୍ରତିବନ୍ଧକ । ଜାତିର ଜନକ ମହାତ୍ମାଗାନ୍ଧୀ ଏହି ଦୁଷ୍ଟ ଶକ୍ତି ବିରୁଦ୍ଧରେ ଲଢୁଥିଲେ ଓ ନବ ଜନ୍ମିତ ଭାରତରେ ସାମ୍ପ୍ରଦାୟିକ ସଦ୍‌ଭାବନା ଆଣିବା ପାଇଁ ନିଜ ଜୀବନ ଦେଇଥିଲେ ।

ସାମାଜିକ ଦୃଷ୍ଟିକୋଣରୁ ଭାରତର ସମସ୍ତ ପ୍ରକାରର ଧର୍ମ - ସାମାଜିକ ଚଳଣି, ପ୍ରଥା, ପୂଜା ପଦ୍ଧତି, କରଣୀୟ, ଅକରଣୀୟ, ରୀତି ନିତି, ମୂଲ୍ୟବୋଧ ଗୁଡିକରେ- ପରସ୍ପର ଠାରୁ ଭିନ୍ନ । ହିନ୍ଦୁ ଓ ମୁସଲମାନ ଭାରତର ସବୁଠୁ ବଡ଼ ଦୁଇ ଧାର୍ମିକ ଗୋଷ୍ଠୀ । ଗୋଟିଏ ଧର୍ମ ତୁଳନାରେ ଅନ୍ୟ ଏକ ଧର୍ମର ସଦସ୍ୟ ମାନଙ୍କର ଈର୍ଷା ଭାବ ଓ ଅନ୍ୟ ଧର୍ମର ପ୍ରଥା, ପୂଜା ପଦ୍ଧତି, ରୀତି ନିତି, ମୂଲ୍ୟବୋଧ ପ୍ରତି ଘୃଣା ଭାବ ସାମ୍ପ୍ରଦାୟିକତା ସୃଷ୍ଟି କରିଥାଏ ।

### ଅର୍ଥ :

ଇଂରାଜୀର Communalism ( ସମ୍ପ୍ରଦାୟବାଦ) ଶବ୍ଦ ପ୍ରଥମେ ୧୮୯୭ ମସିହାରେ ବ୍ୟବହାର ହୋଇଥିଲା । ଏହା ଇଂରାଜୀର Commune / community ଶବ୍ଦରୁ ଆନିତ । ତେଣୁ ପାଶ୍ଚାତ୍ୟ ଦେଶ ମାନଙ୍କରେ ସମ୍ପ୍ରଦାୟବାଦ କହିଲେ "ଏକ ତତ୍ତ୍ୱ ବା ସରକାର ବ୍ୟବସ୍ଥା ଯାହା ବସ୍ତୁତଃ ସ୍ୱଂୟଶାସିତ ସମାଜ ମାନଙ୍କର ହୁଗୁଳା ସଂଘୀୟ ବ୍ୟବସ୍ଥା କୁ ବୁଝାଏ" । ଏହାର ଅର୍ଥ ନିଜ ସମାଜ ପ୍ରତି ଧର୍ମ ଓ ସଂସ୍କୃତି ଭିତ୍ତିକ ଆନୁଗତ୍ୟ । ରାଜନୈତିକ ତତ୍ତ୍ୱ ଭାବରେ ସମ୍ପ୍ରଦାୟବାଦ ବଜାର ଓ ମୁଦ୍ରା ଉଚ୍ଛେଦ ସହ, ଭୂମି ଓ ଉଦ୍ୟୋଗ ଗୁଡିକୁ ସମାଜ ତତ୍ତ୍ୱାବଧାନରେ ନ୍ୟସ୍ତ କରିବାରେ ବିଶ୍ୱାସ ରଖେ । କିନ୍ତୁ ଭାରତୀୟ ଉପମହାଦେଶରେ ସମ୍ପ୍ରଦାୟବାଦ (ସାମ୍ପ୍ରଦାୟୀକତା) ଶବ୍ଦକୁ ଭିନ୍ନ ଅର୍ଥରେ ବ୍ୟବହାର କରାଯାଏ । ଏହି ପରିପ୍ରେକ୍ଷୀରେ ସାମ୍ପ୍ରଦାୟିକତାର ଅର୍ଥ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଭିନ୍ନ ଭିନ୍ନ ସ୍ଥାନରେ ହେଉଥିବା ଉଦ୍‌ବେଗ, ମନୋମାଳିନ୍ୟ, ଦଙ୍ଗା ଓ ସଂଘର୍ଷ ସହ ଜଡିତ । ତେଣୁ ଅସ୍ତିବାଚକ ସମ୍ପ୍ରଦାୟବାଦ ଦକ୍ଷିଣ ଏସିଆରେ ନାସ୍ତିବାଚକ ସାମ୍ପ୍ରଦାୟିକତା ଅର୍ଥରେ ବ୍ୟବହାର ହେଉଛି ଯାହା ବିଭିନ୍ନ ଧର୍ମ ସମ୍ପ୍ରଦାୟ ଓ ବିଭିନ୍ନ ସାମାଜିକ ଗୋଷ୍ଠୀ ମଧ୍ୟରେ ଥିବା ପ୍ରଭେଦକୁ ବୁଝାଏ । ସାଧାରଣତଃ ଏହି ଶବ୍ଦ ସାମ୍ପ୍ରଦାୟିକ ହିଂସାର ବିଶ୍ଳେଷଣ ରେ ବ୍ୟବହୃତ ହୁଏ ।

ଅନ୍ୟ କିଛି ବିଦ୍ୱାନ ମାନଙ୍କ ମତରେ ସାମ୍ପ୍ରଦାୟିକତା ଧର୍ମନିରପେକ୍ଷତାକୁ ଅସ୍ୱୀକାର କରେ । ସାମ୍ପ୍ରଦାୟିକତା ରାଜନୈତିକ, ଅର୍ଥନୈତିକ ଓ ପ୍ରଶାସନିକ ସମସ୍ୟାଗୁଡିକୁ ଏକ ନିର୍ଦ୍ଦିଷ୍ଟ ଧର୍ମ ସମ୍ପ୍ରଦାୟର ଦୃଷ୍ଟିଭଙ୍ଗୀରେ ଦେଖେ । ସାମ୍ପ୍ରଦାୟିକତା ମାନେ ଧର୍ମର ଅପବ୍ୟବହାର କରି ଧର୍ମ ଅସମ୍ବନ୍ଧିୟ ରାଜନୈତିକ ବା ଅର୍ଥନୈତିକ ଉଦ୍ଦେଶ୍ୟ ହାସଲ କରିବା । ଏହା ଧର୍ମକୁ କ୍ଷମତା ରାଜନୀତିର ଏକ ଅସ୍ତ୍ର ଭାବରେ ବ୍ୟବହାର କରେ ।

ଏକମାତ୍ର ଦକ୍ଷିଣ ଏସିଆରେ ସାମ୍ପ୍ରଦାୟିକତା ଦେଖାଯାଏ ନାହିଁ । ଏହା ଆଫ୍ରିକା, ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ଏସିଆର ଅନ୍ୟ ଦେଶ ମାନଙ୍କରେ ମଧ୍ୟ ଦେଖାଯାଏ । କିନ୍ତୁ ଭାରତ, ପାକିସ୍ତାନ, ବାଙ୍ଗଲାଦେଶ, ନେପାଳ ଓ ମିଆଁମାର ଆଦି ଦେଶ ଗୁଡିକରେ ଏହା ଏକ ମୁଖ୍ୟ ଅର୍ଥନୈତିକ ଓ ରାଜନୈତିକ ସମସ୍ୟା ।

### ସାମ୍ପ୍ରଦାୟିକତା କଣ ?

ସାମ୍ପ୍ରଦାୟିକତା ମାନେ ଏକ ରାଜନୈତିକ ବିଚାରଧାରା ଯାହାର ତିନୋଟି ଉପାଦାନ ଅଛି:

- ଏହା ଏକ ବିଶ୍ୱାସ ଯେ ସମାନ ଧର୍ମ ଅନୁସରଣ କରୁଥିବା ଲୋକଙ୍କ ଧର୍ମନିରପେକ୍ଷ ରୁଚି ମଧ୍ୟ ସମାନ, ଯଥା- ସେମାନଙ୍କର ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ସ୍ୱାର୍ଥ ସମାନ । ସେଥିପାଇଁ ଏକପ୍ରକାର ରାଜନୈତିକ-ଅର୍ଥନୈତିକ ସମ୍ପ୍ରଦାୟବାଦ ଉତ୍ପନ୍ନ ହୁଏ ।

- ଏହା ଏକ ଚିନ୍ତାଧାରା ଯେ ଭାରତଭଳି ବହୁଧର୍ମୀ ସମାଜରେ ଏକ ଧର୍ମ ସମ୍ପ୍ରଦାୟର ସାଧାରଣ ସ୍ୱାର୍ଥ ଅନ୍ୟ ଧର୍ମ ସମ୍ପ୍ରଦାୟର ସାଧାରଣ ସ୍ୱାଥ ଠାରୁ ଭିନ୍ନ ।
- ଏହି ଚିନ୍ତାଧାରାରେ ବିଭିନ୍ନ ଧର୍ମ ସମ୍ପ୍ରଦାୟର ବା ସାମାଜିକ ଗୋଷ୍ଠୀର ସ୍ୱାର୍ଥ ଦେଖାଯିଥା, ପ୍ରତିରୋଧୀ ଓ ପ୍ରତିକୂଳ ହେବା ନିଶ୍ଚିତ ଅଟେ ।

**ଭାରତରେ ସାମ୍ପ୍ରଦାୟିକତାର କ୍ରମବିକାଶ :**

ଭାରତର ଇତିହାସକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏଠାରେ ପ୍ରାଚୀନ ଓ ମଧ୍ୟଯୁଗରେ ସାମାଜିକ ସଦ୍‌ଭାବ ଥିଲା । କୌଣସି ସାମ୍ପ୍ରଦାୟିକ ଗଣ୍ଡଗୋଳ ନଥିଲା । ଲୋକେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣରେ ଜୀବନଯାପନ କରୁଥିଲେ । ଲୋକେ ପରସ୍ପରର ସଂସ୍କୃତି ଓ ଚଳଣିକୁ ସମ୍ମାନ ଜଣାଉଥିଲେ । ଉଦାହରଣ; ଅଶୋକ ଧର୍ମ ସହନଶୀଳତାକୁ ଗ୍ରହଣ କରି କେବଳ ବୌଦ୍ଧ ଧର୍ମ ଉପରେ ମନୋନିବେଶ କରିଥିଲେ । ଆକବର ଥିଲେ ଧର୍ମ ନିରପେକ୍ଷତାର ନୀତି ପ୍ରୟୋଗର ପ୍ରତିମାନ । ସେଥିଯୋଗୁ ସେ ଜିଜିୟା କର ଉଠାଇଦେଇଥିଲେ । ସେ ଏକ ନୂଆ ଧର୍ମ 'ଦିନ୍ ଇଲାହି' ର ଆରମ୍ଭ ଓ ପ୍ରଚାର କରିଥିଲେ । ସେହିଭଳି ଅନ୍ୟମାନଙ୍କ ଧର୍ମ ଓ ପ୍ରଥା ପ୍ରତି ସମ୍ମାନ ସାରା ଭାରତର ଅନ୍ୟ ରାଜ୍ୟ ମାନଙ୍କରେ ଦେଖାଯାଉଥିଲା । ଶାନ୍ତି ଓ ସଂଗତି ସହ ଲୋକେ ବସବାସ କରୁଥିଲେ ।

କେବଳ ସମ୍ପ୍ରଦାୟବାଦୀ ଆଉରଙ୍ଗଜେବଙ୍କର କାର୍ଯ୍ୟକଳାପ ଓ ଅନ୍ୟ ଧର୍ମ ପ୍ରତି ଅସହିଷ୍ଣୁତା ଏକ ବ୍ୟତିକ୍ରମ ଥିଲା । ଅନ୍ୟ ସମ୍ପ୍ରଦାୟମାନଙ୍କ ଧର୍ମାଚାର ପାଇଁ କର ଆଦାୟ, ମନ୍ଦିର ଧ୍ୱଂସ, ବାଧ୍ୟତାମୂଳକ ଧର୍ମ ପରିବର୍ତ୍ତନ, ଶିଖ ଗୁରୁମାନଙ୍କ ହତ୍ୟା, ଇତ୍ୟାଦି ଆଉରଙ୍ଗଜେବଙ୍କର କାର୍ଯ୍ୟ ଯୋଗୁ ଭାରତରେ ସାମ୍ପ୍ରଦାୟିକ ଭାବନା ଉଦ୍ରେକ ହେବା ସହିତ କାଳକ୍ରମେ ବ୍ୟାପକ ହୋଇଛି ।

କିନ୍ତୁ ଏଭଳି ଘଟଣା ସାର୍ବଜନୀନ ନଥିଲା । କାରଣ ଭାରତର ଜନସଂଖ୍ୟାର ବିଶାଳ ଅଂଶ ଗ୍ରାମାଞ୍ଚଳରେ ବସବାସ କରୁଥିଲା ଓ ସେମାନେ ଏଭଳି ଘଟଣାର ପ୍ରଭାବରୁ ନିଜକୁ ଦୂରେଇ ରଖୁଥିଲେ । ସାଧାରଣ ଲୋକେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରୁଥିଲେ । ଯଦ୍ୟପି ବିଭିନ୍ନ ଧର୍ମର ଅନୁଗାମୀ ମାନେ ନିଜ ଧର୍ମର ରୀତିନୀତିଗୁଡ଼ିକୁ ଦୃଢ଼ତାର ସହିତ ପାଳନ କରୁଥିଲେ, ତାହା ଶାନ୍ତିପୂର୍ଣ୍ଣ ସହାବସ୍ଥାନରେ ବାଧକ ନଥିଲା । ପରିଶିଷ୍ଟରେ କହିବାକୁଗଲେ ସେତେବେଳେ ହିନ୍ଦୁ ଓ ମୁସଲମାନଙ୍କର ଅର୍ଥନୈତିକ ଓ ରାଜନୈତିକ ସ୍ୱାର୍ଥ ସମାନ ଥିଲା ।

ଆଧୁନିକ ଭାରତର ସାମ୍ପ୍ରଦାୟିକ ରାଜନୀତି ୧୯୦୫ ମସିହାର ବଙ୍ଗ ପ୍ରଦେଶ ବିଭାଜନ ଏବଂ ଭାରତ ସରକାର ଆଇନ ୧୯୦୯ର ପ୍ରଧାନ ଲକ୍ଷଣ ଭାବରେ "ପୃଥକ ନିର୍ବାଚନ ପଦ୍ଧତି"ରୁ ସୃଷ୍ଟି ହୋଇଥିଲା । ପରବର୍ତ୍ତୀ ସମୟରେ ବ୍ରିଟିଶ ସରକାର ୧୯୩୨ ମସିହାର "କମ୍ୟୁନାଲ ଏୱାର୍ଡ" ମାଧ୍ୟମରେ ବିଭିନ୍ନ ସମ୍ପ୍ରଦାୟର ତୁଷ୍ଟିକରଣ କଲେ । ଗାନ୍ଧିଜୀ ଓ ଅନ୍ୟ ପ୍ରମୁଖ ନେତାମାନେ ଏହାର କଡା ବିରୋଧ କରିଥିଲେ । ଏଭଳି କାର୍ଯ୍ୟ ଦ୍ୱାରା ବ୍ରିଟିଶର ମାନେ ନିଜର ସୁବିଧା ପାଇଁ ମୁସଲମାନ ଓ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟ ମାନଙ୍କର ତୁଷ୍ଟିକରଣ ଆରମ୍ଭ କଲେ । ସେହି ସମୟରୁ ଗ୍ରାସକରିଥିବା ଏହି ରୋଗ ବର୍ତ୍ତମାନ ବହୁ ପରିମାଣରେ ବୃଦ୍ଧିପାଇ ଭାରତୀୟ ସମାଜକୁ ଖଣ୍ଡିଆଖାବରା କରୁଛି । ବର୍ତ୍ତମାନ ସାମ୍ପ୍ରଦାୟିକତା ଭାରତର ରାଷ୍ଟ୍ର ନିର୍ମାଣର ବଡ ଅନ୍ତରାୟ ।

**କମ୍ୟୁନାଲ ଏୱାର୍ଡ ୧୯୩୨ (Communal award in 1932) :** ବ୍ରିଟିଶ ଉପନିବେଶବାଦୀ ସରକାର ସ୍ଥିର କଲେ ଯେ ଭାରତର ଭବିଷ୍ୟତ ରାଜନୈତିକ ବିକାଶ ନିମନ୍ତେ ବିଭିନ୍ନ ସମ୍ପ୍ରଦାୟ, ଯଥା, ହିନ୍ଦୁ, ମୁସଲମାନ, ଶିଖ ଓ ଅନ୍ୟ ଧର୍ମାବଲମ୍ବୀ ମାନଙ୍କର ଅଲଗା ଅଲଗା ନିର୍ବାଚନମଣ୍ଡଳୀ ବ୍ୟବସ୍ଥା ରହିବ । ଅନୁସୂଚିତ ଜାତିମାନଙ୍କ ପାଇଁ ମଧ୍ୟ ଅଲଗା ନିର୍ବାଚନମଣ୍ଡଳୀ ବ୍ୟବସ୍ଥା ରହିବ ।

ପରିଶିଷ୍ଟରେ ଏକଥା କୁହାଯାଇପାରେ ଯେ ଔପନିବେଶିକ ଶାସନ ପ୍ରଭାବରୁ ଭାରତର ଯେଉଁ ସାମାଜିକ ପରିବର୍ତ୍ତନ ଓ ତା'ର ବିରୁଦ୍ଧରେ ସଂଘର୍ଷ ହୋଇଥିଲା, ତାର ଫଳାଫଳ ସ୍ୱରୂପ ସାମ୍ପ୍ରଦାୟିକ ଚେତନା ଜାଗ୍ରତ ହୋଇଥିଲା ।

**ସାମ୍ପ୍ରଦାୟିକତାର ମୁଖ୍ୟ ଉପାଦାନ :**

ସାମ୍ପ୍ରଦାୟିକତା ନିମ୍ନଲିଖିତ ଉପାଦାନ-ଜଡିତ ମାନସିକତା ଉତ୍ପନ୍ନ କରିଥାଏ ।

- ରାଷ୍ଟ୍ରରେ ଏହି ମାନସିକତା ଏକ ନିର୍ଦ୍ଦିଷ୍ଟ ଧର୍ମ ସମ୍ପ୍ରଦାୟକୁ ଅନ୍ୟମାନଙ୍କ ସମ୍ମୁଖରେଏକ ଭିନ୍ନ ପରିଚୟ ଦିଏ ।
- ଏହି ମାନସିକତା ରାଷ୍ଟ୍ରର ସ୍ୱାର୍ଥ ଅପେକ୍ଷା ନିଜ ସମ୍ପ୍ରଦାୟର ସ୍ୱାର୍ଥକୁ ସର୍ବାଗ୍ରେ ରଖେ ।
- ଏହି ମାନସିକତା ଅନ୍ୟାନ୍ୟ ଧର୍ମ ସମ୍ପ୍ରଦାୟ ପ୍ରତି ବୈର ମନୋଭାବ ଉପୁଜାଏ ।
- ସେଥିଯୋଗୁ ଗୋଟିଏ ଧର୍ମସମ୍ପ୍ରଦାୟ ନିଜ ସମର୍ଥକଙ୍କ ଉପରେ ଧାର୍ମିକ କଟକଣା/ ଧାରଣା ଧାର୍ଯ୍ୟ କରି ସେମାନଙ୍କର ସାମାଜିକ ଓ ଧର୍ମ ସମ୍ବନ୍ଧୀୟ ସ୍ୱାଧୀନତା କ୍ଷୁର୍ଣ୍ଣ କରିଥାଏ ।
- ଉପରୋକ୍ତ କାରଣରୁ ଏକ ସମ୍ପ୍ରଦାୟ ଅନ୍ୟ ସମ୍ପ୍ରଦାୟ ମାନଙ୍କ ଉପରେ ନିଜ ମାନଦଣ୍ଡ ଲଦିବା ପାଇଁ ସମସ୍ତ ପନ୍ଥା, ଆବଶ୍ୟକ ସ୍ଥଳେ ବଳ ମଧ୍ୟ, ବ୍ୟବହାର କରିଥାଏ ।
- ସାମ୍ପ୍ରଦାୟିକତା ଧର୍ମକୁ ରାଜନୀତିଠାରୁ ଅଲଗା କରିବାରେ ବିଶ୍ୱାସ କରେନାହିଁ ଏବଂ ସରକାରକୁ ଧର୍ମ ସ୍ଥିରୀକୃତ ନିୟମରେ ଚଳାଇବାକୁ ଚେଷ୍ଟା କରେ ।
- ସାମ୍ପ୍ରଦାୟିକତା ଚରମ ସ୍ତରରେ ସ୍ୱ ସମ୍ପ୍ରଦାୟ ପାଇଂ ଏକ ଅଲଗା ଜାତୀୟ ଓ ସାର୍ବଭୌମ ରାଷ୍ଟ୍ରର ମାନ୍ୟତା ଦାବି କରିଥାଏ । ଉଦାହରଣ - ପାକିସ୍ଥାନ

**ସାମ୍ପ୍ରଦାୟିକତା ସୃଷ୍ଟିର କାରଣ :**

୧. **ଧର୍ମୀୟ ମୂଳତତ୍ତ୍ୱବାଦ ବା ରୁଢ଼ିବାଦ :** ପ୍ରତି ସମ୍ପ୍ରଦାୟରେ ଅଳ୍ପ କିଛିଲୋକ ରକ୍ଷଣଶୀଳ ଓ ଧର୍ମୋନ୍ମାଦ ଅଟନ୍ତି ଏବଂ ଅନ୍ୟ ସମ୍ପ୍ରଦାୟର ଲୋକଙ୍କୁ ଘୃଣା ଓ ଅବିଶ୍ୱାସ କରନ୍ତି । ଲୋକମାନଙ୍କ ମନରେ ଧର୍ମାନ୍ଧତା ସୃଷ୍ଟି କରନ୍ତି । ନିଜର ଧର୍ମୀୟ ପରମ୍ପରା ପ୍ରତି ଅଯଥା ଗୁରୁତ୍ୱ ଆରୋପ କରି ସମାଜରେ ବିଭିନ୍ନ ମତବାଦ

ସୃଷ୍ଟି କରନ୍ତି। ପରମ୍ପରାଗତ ମୌଳତତ୍ତ୍ୱବାଦରେ ସେମାନେ ଅନ୍ଧ ହୋଇ ସାମାନ୍ୟ ବ୍ୟତିକ୍ରମକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ। ଯେକୌଣସି ବ୍ୟକ୍ତି ଧାର୍ମିକ ଆଚରଣରେ ସାମାନ୍ୟ ବ୍ୟତିକ୍ରମ ସୃଷ୍ଟିକରେ, ତାକୁ ବିଭିନ୍ନ ଦଣ୍ଡ ଦେବାପାଇଁ ମୌଳବାଦକୁ ଏକ ଅସ୍ତ୍ରରୂପେ ବ୍ୟବହାର କରନ୍ତି।

୨. **ଧର୍ମର ରାଜନୀତିକରଣ :** ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିର୍ବାଚନ ମାଧ୍ୟମରେ ସଂଖ୍ୟା ଗରିଷ୍ଠ ଦଳ ଶାସନ କ୍ଷମତା ଉପଭୋଗ କରେ। ନିର୍ବାଚନରେ ଦଳୀୟ ସଫଳତା ପାଇଁ ଅନେକ ରାଜନୈତିକ ଦଳ ଧର୍ମୀୟ ଭାବପ୍ରବଣତାକୁ ଆଧାର କରି ପ୍ରଚାର କରିଥାନ୍ତି। ଯାହାଦ୍ୱାରା ଧର୍ମ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ସୃଷ୍ଟି ହୋଇ ରାଜନୀତିକ ବାତାବରଣ ହିଂସାପୂର୍ଣ୍ଣ ହୋଇଥାଏ। ଭାରତର ରାଜନୀତିକ ପ୍ରକ୍ରିୟାରେ ଅନେକ ସାମ୍ପ୍ରଦାୟିକ ଦଳ ଗୁଡ଼ିକ ସାମ୍ପ୍ରଦାୟିକ ରାଜନୀତି କରି ଦେଶର ଏକତା ଓ ସଂହତି ପ୍ରତି ବିପଦ ସୃଷ୍ଟି କରୁଛନ୍ତି।

୩. **ଧର୍ମାନ୍ତରୀକରଣ :** ଭାରତରେ ଧର୍ମାନ୍ତରୀକରଣ ସାମ୍ପ୍ରଦାୟିକ ହିଂସା ସୃଷ୍ଟି କରିବାରେ ଅନ୍ୟତମ ପ୍ରମୁଖ କାରଣ। ଅନେକ ଅଞ୍ଚଳରେ ବିଶେଷ କରି ହରିଜନ ଓ ଆଦିବାସୀ ଅଞ୍ଚଳରେ ମୁସଲମାନ୍ ଧର୍ମଗୁରୁ ଓ ଖ୍ରୀଷ୍ଟିୟାନ ପାଦ୍ରୀମାନେ ଧର୍ମାନ୍ତରୀକରଣ କରୁଛନ୍ତି। ଯଦିଓ ଭାରତର ସମ୍ବିଧାନରେ ପ୍ରତ୍ୟେକ ନାଗରିକକୁ ଯେ କୌଣସି ଧର୍ମ ଗ୍ରହଣ କରିବା ପାଇଁ ସ୍ୱାଧୀନତା ପ୍ରଦାନ କରିଛି। ତଥାପି ଧର୍ମାନ୍ତରୀକରଣ ସାମାଜିକ ସ୍ତରରେ ଉତ୍ତେଜନା, ହିଂସାକାଣ୍ଡ ଓ ସଂଘର୍ଷକୁ ଉତ୍ସାହିତ କରୁଛି।

୪. **ରାଜନୀତିକ ସୁବିଧାବାଦ :** ସମ୍ବିଧାନରେ ଧର୍ମନିରପେକ୍ଷତା ନୀତି ଗୃହୀତ ହୋଇଥିଲେ ମଧ୍ୟ, ରାଜନୀତିକ ସୁବିଧା ହାସଲ ପାଇଁ ବିଭିନ୍ନ ରାଜନୈତିକ ଦଳ ଗୁଡ଼ିକ ସାମ୍ପ୍ରଦାୟିକ ଦଳ ଗୁଡ଼ିକ ସହ କ୍ଷମତା ବଣ୍ଟନ କରୁଛନ୍ତି। ଏପରିକି କଂଗ୍ରେସ ଦଳ ବିଭିନ୍ନ ସମୟରେ ମୁସଲିମ୍ ଲିଗ୍ ପ୍ରଭୃତି ସାମ୍ପ୍ରଦାୟିକ ଦଳ ସହିତ ନିର୍ବାଚନ ବୁଝାମଣା କରିଛି।

୫. **ମୁସଲମାନ ସମ୍ପ୍ରଦାୟର ଅନଗ୍ରସରତା :** ସ୍ୱାଧୀନତା ପୂର୍ବରୁ ହିନ୍ଦୁମାନଙ୍କ ତୁଳନାରେ ମୁସଲମାନମାନେ ଆର୍ଥିକ ଓ ଶିକ୍ଷାଗତ ଦୃଷ୍ଟିରୁ ପଛରେ ଥିଲେ। ସ୍ୱାଧୀନତା ପରେ ମଧ୍ୟ ମୁସଲମାନମାନେ ହିନ୍ଦୁମାନଙ୍କଠାରୁ ସାମାଜିକ ଓ ଅର୍ଥନୀତିକ କ୍ଷେତ୍ରରେ ପଛରେ ଅଛନ୍ତି। ଶିକ୍ଷା ଓ ଚାକିରୀ କ୍ଷେତ୍ରରେ ସେମାନଙ୍କର ବିଶେଷ ଅଗ୍ରଗତି ହୋଇନାହିଁ। ଏହି ବାସ୍ତବତା, ସେମାନଙ୍କ ମନରେ ହିନ୍ଦୁ ସମ୍ପ୍ରଦାୟ ପ୍ରତି ଏକ ଈର୍ଷାଭାବ ସୃଷ୍ଟି କରିଛି। ସେମାନଙ୍କର ଅଭିଯୋଗ, ଭାରତର ରାଷ୍ଟ୍ରୀୟ ବ୍ୟବସ୍ଥାରେ ସେମାନେ ଅବହେଳିତ ହେଉଛନ୍ତି।

୬. **ଇତିହାସରେ ସାମ୍ପ୍ରଦାୟିକତା :** ଭାରତର ଇତିହାସରେ ସ୍ଥାନ ପାଇଥିବା ଅନେକ ଘଟଣା କାଳ୍ପନିକ ଓ କିମ୍ବଦନ୍ତୀ ପ୍ରସୂତ ଅଟେ। ଅନେକ ବିଷୟ ପ୍ରମାଣସିଦ୍ଧ ନୁହେଁ। ଇତିହାସକୁ ସହଜସାଧ କରିବା ଏବଂ ସମୟ ଅନୁସାରେ ସଜାଇବା ପାଇଁ ବିଭିନ୍ନ ବିଭାଗରେ ବିଭକ୍ତ କରାଯାଇଛି ଯଥା- ହିନ୍ଦୁ ଇତିହାସ, ମୁସଲମାନ ଇତିହାସ, ଶିଖ୍ ଇତିହାସ ଓ ବ୍ରିଟିଶ୍ ଇତିହାସ, ଏହାଦ୍ୱାରା ବିଭିନ୍ନ ସମ୍ପ୍ରଦାୟର ଶାସକମାନଙ୍କୁ ଏପରି ଭାବରେ ଚିତ୍ରିତ କରାଯାଇଛି ଯେ, ତାହା ସହଜରେ ସାଧାରଣ ଲୋକଙ୍କ ମନରେ ଧର୍ମ ବିଦ୍ୱେଷ ସୃଷ୍ଟି କରିଥାଏ।

୭. **ବୈଦେଶିକ ସାହାଯ୍ୟ :** ଭାରତରେ ଥିବା ଅନେକ ସାମ୍ପ୍ରଦାୟିକ ସଂସ୍ଥା ଦେଶର ଶାସନ କଳ ପ୍ରତି ଆନୁଗତ୍ୟ ନ ରଖି ବୈଦେଶିକ ଅନୁଷ୍ଠାନ ପ୍ରତି ଆନୁଗତ୍ୟ ରଖନ୍ତି କାରଣ ସେମାନେ ନିଜର ଧର୍ମର ପ୍ରଚାର ପାଇଁ ବହୁପରିମାଣର ବିଦେଶୀ ଆର୍ଥିକ ସାହାଯ୍ୟ ପାଇଥାନ୍ତି । ଉଦାହରଣ ସ୍ୱରୂପ, ଖ୍ରୀଷ୍ଟିଆନ ପାଦ୍ରୀମାନେ ଧର୍ମ ପ୍ରଚାର ପାଇଁ ବିଦେଶୀ ସାହାଯ୍ୟ ପାଉଛନ୍ତି ।

୮. **ପ୍ରଶାସନିକ ବିଫଳତା :** ପ୍ରଶାସନିକ ଦୁର୍ବଳତା ଯୋଗୁଁ ଭାରତରେ ସାମ୍ପ୍ରଦାୟିକତା ବୃଦ୍ଧି ପାଇବାରେ ଲାଗିଛି । ଅମଲାତନ୍ତ୍ର ପୋଲିସ୍, ଅର୍ଦ୍ଧ ସାମରିକ ବାହିନୀ ସମୟୋପଯୋଗୀ ପଦକ୍ଷେପ ନେଉ ନଥିବାରୁ ସାମ୍ପ୍ରଦାୟିକତା ବୃଦ୍ଧି ପାଉଛି । ସାମ୍ପ୍ରଦାୟିକ ଦଙ୍ଗା ଗୁଡ଼ିକ ଆରମ୍ଭ ହେବା ପୂର୍ବରୁ ତାକୁ ଶାନ୍ତିପୂର୍ଣ୍ଣଭାବରେ ସମାଧାନ କରିବାରେ ପ୍ରଶାସନ ବିଫଳ ହୋଇଛି ବୋଲି ବିଶ୍ୱାସ କରାଯାଏ ।

୯. **ମୁସଲମାନମାନଙ୍କର ଦେଶ ଭକ୍ତି ନେଇ ସନ୍ଦେହ :** ଭାରତରେ ଅନେକ ହିନ୍ଦୁ ନାଗରିକ ମୁସଲମାନମାନଙ୍କର ଦେଶଭକ୍ତି ଓ ଦେଶପ୍ରତି ଆନୁଗତ୍ୟ ଉପରେ ସନ୍ଦେହ କରନ୍ତି । ସେମାନଙ୍କର ଆରୋପ ଯେ, ଭାରତୀୟ ମୁସଲମାନମାନେ ଭାରତପ୍ରତି ଆନ୍ତରିକତା ନରଖି ଅନ୍ୟଦେଶ ଗୁଡ଼ିକ ପ୍ରତି ଅଧିକ ଅନୁରକ୍ତ ଅଟନ୍ତି । ଏବଂ ଭାରତରେ ମୁସଲମାନମାନଙ୍କୁ ତୋଷାମଦ କରାଯାଉଛି ।

୧୦. **ଗଣତାନ୍ତ୍ରିକ ଅନୁଷ୍ଠାନର ଅଧୋପତନ :** ଭାରତର ଗଣତାନ୍ତ୍ରିକ ରାଜନୀତିରେ ଅଧୋପତନ ଘଟୁଥିବାର ଲକ୍ଷ୍ୟ କରାଯାଇଛି । ସଂସଦୀୟ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିମାନଙ୍କର ନିର୍ବାଚନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଦେଶର ପ୍ରଚାର ମାଧ୍ୟମ ଗୁଡ଼ିକ ସାମ୍ପ୍ରଦାୟିକତା ଉଦ୍ରେକ କରିବାରେ ସହଯୋଗ କରୁଛନ୍ତି । ଗଣତାନ୍ତ୍ରିକ ଅନୁଷ୍ଠାନ ଗୁଡ଼ିକର ଶକ୍ତି କ୍ଷୟ ହେବା ସଙ୍ଗେ ସଙ୍ଗେ ସେମାନେ ସାମ୍ପ୍ରଦାୟିକ ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରଭାବିତ ହେବାର ଦୃଷ୍ଟାନ୍ତ ମିଳୁଛି ।

**ସାମ୍ପ୍ରଦାୟିକତା ଦୂରୀକରଣର ଉପାୟ :**

ସାମ୍ପ୍ରଦାୟିକତାର ଦୂରୀକରଣ ତଥା ବିଲୋପ ପାଇଁ ବିଭିନ୍ନ ସମୟରେ କମିଶନମାନ ଗଠନ କରାଯାଇଛି । ସେମାନଙ୍କ ଦ୍ୱାରା ପ୍ରସ୍ତୁତ ପରାମର୍ଶଗୁଡ଼ିକୁ କାର୍ଯ୍ୟକାରୀ କଲେ ଏହି ପ୍ରସଙ୍ଗ ଭୟଙ୍କର ରୂପ ଧାରଣ କରିବ ନାହିଁ ।

୧. **ଧର୍ମ ଓ ରାଜନୀତିର ପୃଥକୀକରଣ :** ଯେତେଦିନ ଯାଏ ଧର୍ମ ଓ ରାଜନୀତିକୁ ପୃଥକ କରାନଯାଇଛି ସେ ପର୍ଯ୍ୟନ୍ତ ସାମ୍ପ୍ରଦାୟିକତାର ନିରାକରଣ ସମ୍ଭବ ନୁହେଁ । ଭାରତରେ ଆଇନତଃ ଧର୍ମ ଓ ରାଜନୀତି ପୃଥକ ଅଟେ କିନ୍ତୁ ଧର୍ମରୁ ହିଁ ସାମ୍ପ୍ରଦାୟିକତାର ସୃଷ୍ଟି ଏବଂ ରାଜନୀତିକ ପୃଷ୍ଠପୋଷକତାରେ ଏହା ତୀବ୍ରରୂପ ଧାରଣ କରିଛି । ଏଣୁ ଧର୍ମକୁ ରାଜନୀତିଠାରୁ ବାସ୍ତବ କ୍ଷେତ୍ରରେ ଅଲଗାକରାଯିବା ଉଚିତ ।

୨. **ଅର୍ଥନୈତିକ ବୈଷମ୍ୟ ହ୍ରାସ :** ସ୍ୱାଧୀନତା ପରେ ଯଦି ପ୍ରତ୍ୟେକ ସମ୍ପ୍ରଦାୟ ମଧ୍ୟରେ ଆର୍ଥନୀତିକ ବୈଷମ୍ୟ ଦୂର ହୋଇ ନପାରିଲା ତେବେ ପାରସ୍ପରିକ ସଦ୍‌ଭାବ ସୃଷ୍ଟି ହୋଇ ପାରିବ ନାହିଁ । ଏକ ଯୋଜନାବଦ୍ଧ ଭାବରେ ଦୁର୍ବଳ ସମ୍ପ୍ରଦାୟର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ଦରକାର । ସଂଖ୍ୟାନ୍ୟୁନ ଅନୁନ୍ନତ ସମ୍ପ୍ରଦାୟମାନଙ୍କ ପାଇଁ ଶିକ୍ଷା ଓ ପ୍ରଯୁକ୍ତି କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ଓ ସୁଯୋଗ ତିଆରି କରିବା ଉଚିତ୍ ।

୩. **ସ୍ୱତନ୍ତ୍ର ବିଚାର ସଂସ୍ଥା :** ସାମ୍ପ୍ରଦାୟିକତା ସୃଷ୍ଟି କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନ ଗୁଡ଼ିକୁ ଉଚିତ୍ ଦଣ୍ଡଦେବାପାଇଁ ସ୍ୱତନ୍ତ୍ର ଅଦାଲତ ସ୍ଥାପିତ ହେବା ଉଚିତ। ଏହାଦ୍ୱାରା ମୋକଦ୍ଦମା ଗୁଡ଼ିକ ଶୀଘ୍ର ଫଇସଲା ହୋଇପାରିବ। ଅପରାଧୀମାନଙ୍କୁ ଦିଆ ଯାଉଥିବା ଦଣ୍ଡ ଗୁଡ଼ିକ କଠୋର ଓ ଆଖିଦୃଶିଆ ନହେଲେ ଅପରାଧର ସଂଖ୍ୟା କମିବ ନାହିଁ। ସାଂପ୍ରତିକ ଦଙ୍ଗା ସମ୍ପର୍କରେ ଯେଉଁ ତଦନ୍ତ କମିଶନ୍ ବସାଯାଇଛି, ସେମାନେ ନିରପେକ୍ଷତା ଅବଲମ୍ବନ କରି ରିପୋର୍ଟ ଶୀଘ୍ର ପ୍ରକାଶ କରିବା ଉଚିତ। ପ୍ରଚଳିତ ଆଇନ ବ୍ୟବସ୍ଥାରେ ସଂଶୋଧନ କରି ନୂତନ ଆଇନ କଡ଼ାକଡ଼ି ପ୍ରବର୍ତ୍ତନ ଜରୁରୀ ହୋଇପଡ଼ିଛି। ଏହାଛଡ଼ା ସାମ୍ପ୍ରଦାୟିକ ଦଳ ଓ ସଂଗଠନ ଗୁଡ଼ିକୁ ନିଷିଦ୍ଧ କରାଯିବା ଜରୁରୀ।

- ଦୂରଦର୍ଶନ, ରେଡ଼ିଓ ଓ ବିଭିନ୍ନ ଗଣମାଧ୍ୟମ ଗୁଡ଼ିକୁ ନିରପେକ୍ଷତା ଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦିଆଯିବା ଆବଶ୍ୟକ।
- ଧାର୍ମିକ ଶୋଭାଯାତ୍ରା ଉପରେ ନିୟନ୍ତ୍ରଣ ଜାରି କରିବା ଆବଶ୍ୟକ।
- ରାଜନୀତିକ ସ୍ୱାର୍ଥପାଇଁ ତୁଷ୍ଟିକରଣ ରାଜନୀତିକୁ ବନ୍ଦକରିବା ଜରୁରୀ।
- ସାମ୍ପ୍ରଦାୟିକ ସଦ୍ଭାବ ପ୍ରତିଷ୍ଠା ପାଇଁ ମନୋଭାବର ପରିବର୍ତ୍ତନ କରାଯିବା ଆବଶ୍ୟକ।

**ଉପସଂହାର :**

ସର୍ବ ଶେଷରେ, ଜନସାଧାରଣ ସ୍ୱାଧୀନତା, ସମାନତା, ଭାତୃଭାବ ଏବଂ ଜାତୀୟ ଐକ୍ୟ ଭଳି ଆଦର୍ଶରେ ଅନୁପ୍ରାଣୀତ ହେବା ଉଚିତ। ଭାରତର ଏକ ମିଶ୍ରିତ ସଂସ୍କୃତି, ଧର୍ମ ନିରପେକ୍ଷତା ଆଦର୍ଶ କୁ ଅନ୍ତଃକରଣ କରିବା ଉଚିତ, ତା ଉପରେ ଚର୍ଚ୍ଚା ହେବା ଦରକାର। ଆମ ସମସ୍ତଙ୍କର ଜାଣିବା ଦରକାର ଯେ ଆମେ ଯଦି ସାମ୍ପ୍ରଦାୟିକ ବିଦ୍ୱେଷ ପରିହାର କରିବା ନାହିଁ ତେବେ ସାମାନ୍ୟ ସୁଯୋଗରେ ଏହା ରକ୍ତମୁଖା ହୋଇଉଠିବ ଏବଂ ଆମର ଧର୍ମନିରପେକ୍ଷତା ଏକ ପ୍ରହସନ ତଥା ତୁଚ୍ଛା ସ୍ଲୋଗାନରେ ପରିଣତ ହେବ। ତେଣୁ ରାଷ୍ଟ୍ର ନିର୍ମାଣ ପାଇଁ ସାମ୍ପ୍ରଦାୟିକ ସଦ୍ଭାବର ଆବଶ୍ୟକତା ସାଂପ୍ରତିକ ପରିସ୍ଥିତିରେ ଜରୁରୀ ହୋଇପଡ଼ିଛି।

ଯଦିଓ, ଧର୍ମନିରପେକ୍ଷତା ଆମ ରାଷ୍ଟ୍ରୀୟ ନୀତି ଭାବରେ ସ୍ୱୀକୃତ, ସମ୍ପ୍ରଦାୟିକ ଦଙ୍ଗା ବିଭିନ୍ନ ସମୟରେ ତା'ର କୁରୂପକୁ ପ୍ରକଟିତ କରୁଛି । ଏଭଳି ଧ୍ୱଂସାତ୍ମକ ଗୋଟି ଚାଳନା ପଛରେ କିଛି ଲୋକଙ୍କର ନିହିତ ସ୍ୱାର୍ଥ ଓ ବ୍ୟୁହ ରଚନା ଥାଏ । ଧର୍ମୀୟ ଅସହିଷ୍ଣୁତା ସାମ୍ପ୍ରଦାୟିକ ଉନ୍ମାଦ ର ମୂଳଦୁଆ ଯାହା ରାଷ୍ଟ୍ର ନିର୍ମାଣର ବିରୋଧାଚରଣ କରେ । ଆହୁରି ମଧ୍ୟ,ସାମ୍ପ୍ରଦାୟିକ ଗଣ୍ଡଗୋଳ ବୃଦ୍ଧିପାଇଁ ପ୍ରଗତିଶୀଳ ଜାତୀୟ ଦୃଷ୍ଟିଭଙ୍ଗୀର ଅଭାବ ପରିଲକ୍ଷିତ ହୋଇଥାଏ । ଯେଉଁଥି ପାଇଁ, ଜାତି ନିର୍ମାଣ ବାଧାପ୍ରାପ୍ତ ହୁଏ ।

## ଜାତିଆଣବାଦ

ଜାତି ନିର୍ମାଣର ଦ୍ୱିତୀୟ ସମସ୍ୟା ହେଉଛି ଜାତିଆଣବାଦ । ଭାରତୀୟ ସମାଜର ସଂରଚନା ପ୍ରାୟତଃ ଜାତି ଉପରେ ପର୍ଯ୍ୟବସିତ । ଏହାର ଭୂମିକା ରାଷ୍ଟ୍ରର ରାଜନୈତିକ ଓ ପ୍ରଶାସନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ।

**ଉତ୍ପତ୍ତି ଓ ତାତ୍ପର୍ଯ୍ୟ :**

ଇଂରାଜୀର କେସ୍ଟ (Caste) ଶବ୍ଦ ପର୍ତ୍ତୁଗୀଜ ଶବ୍ଦ କାସ୍ଟାରୁ ଉଦ୍ଭୂତ ଯାହାର ଅର୍ଥ ହେଲା ଜାତି, କୁଳ ବା ରକ୍ତ ସମ୍ପର୍କ । ଭାରତର ହିନ୍ଦୁ ସମାଜ ଜାତି ବର୍ଣ୍ଣାଶ୍ରମ ଧର୍ମ ଉପରେ ପର୍ଯ୍ୟବସିତ । ଯେତେବେଳେ ଭାରତୀୟ ସମାଜର ମୂଳତଃ କୃଷିଭିତ୍ତିକ ଅର୍ଥ ବ୍ୟବସ୍ଥାରେ ମୁଖ୍ୟତଃ ମୁଦ୍ରାର ପ୍ରଚଳନ ନଥିଲା, ଜାତିପ୍ରଥା କର୍ମର ପ୍ରକାରଭେଦରୁ ଆରମ୍ଭ ଓ ବିକଶିତ ହୋଇଥିଲା । କିନ୍ତୁ ବର୍ତ୍ତମାନର ଜାତି ପ୍ରଥା ପ୍ରାଚୀନ ବର୍ଣ୍ଣାଶ୍ରମ ଧର୍ମଠାରୁ ଭିନ୍ନ ଅଟେ । ବର୍ଣ୍ଣାଶ୍ରମ ଧର୍ମରେ ମୁଖ୍ୟତଃ ଚାରୋଟି ଉଦାର ବର୍ଗୀକୃତ ବର୍ଣ୍ଣ ଯଥା, ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ ଓ ଶୁଦ୍ର ଥିଲେ । ପ୍ରଚଳିତ ଏହି ବ୍ୟବସ୍ଥା ସାରା ଭାରତକୁ ଗୋଟିଏ ଢୁଗୁଳା ସାମାଜିକ ବର୍ଗୀକରଣ ବ୍ୟବସ୍ଥାରେ ଯୋଡୁଥିଲା ।

ବର୍ଣ୍ଣାଶ୍ରମ ଧର୍ମରୁ ଜାତିପ୍ରଥାର ଉତ୍ପତ୍ତି ହୋଇଥିଲେ ମଧ୍ୟ ଏହା ତା'ଠାରୁ ଭିନ୍ନ ଅଟେ । ସଂକୀର୍ଣ୍ଣ ଅର୍ଥରେ ଏହାର ମାନେ ହେଲା ବହୁ ଉପଗୋଷ୍ଠୀ ଆଦର୍ଶ ବର୍ଣ୍ଣ ବିଭାଗ ମଧ୍ୟରେ ନିଜକୁ ସ୍ଥାନୀତ କରି ମଧ୍ୟ ଭିନ୍ନ ଭିନ୍ନ ଜାତି ନାମରେ ସାମାଜିକ ପରିଚୟ ଦିଅନ୍ତି । ବର୍ତ୍ତମାନ ଭାରତରେ ପ୍ରାୟ ୩୦୦୦ ଜାତି ଅଛନ୍ତି । ସାରା ଭାରତରେ ଏହି ବ୍ୟବସ୍ଥା ଗୋଟିଏ ପ୍ରକାର ନୁହେଁ ।

> ଶ୍ରେଣୀ – ସେହି ସମାଜ ସଂରଚନା ବ୍ୟବସ୍ଥା ଯେଉଁଥିରେ ଲୋକଙ୍କୁ ଅନୁଭୂତ ସାମାଜିକ ଓ ଅର୍ଥନୈତିକ ସ୍ଥିତି ଅନୁଯାୟୀ ବର୍ଗୀକରଣ କରାଯାଇଥାଏ
>
> ଜାତି – ସାଧାରଣରେ ଏକ ଅଞ୍ଚଳରେ ସୀମିତ, ବଂଶାନୁଗତ ଗୋଷ୍ଠୀ ଯାହାର ପ୍ରଥାନୁସାରେ କୌଣସି ଏକ ବୃତ୍ତିସହ ସମ୍ପର୍କ ଥାଇ ଏବଂ ସ୍ଥାନୀୟ ବର୍ଗୀକୃତ ଜାତି ବ୍ୟବସ୍ଥାରେ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଗ୍ରହଣ କରୁଥାଏ ତାହାକୁ ଜାତି କୁହାଯାଏ । ଜାତି ମାନଙ୍କ ମଧ୍ୟରେ ସମ୍ବନ୍ଧ ପାଳନ କିଛି ପବିତ୍ର ଓ ଅପବିତ୍ର (ଶୁଦ୍ଧ ଓ ଅଶୁଦ୍ଧ) ନିୟମ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ସମ ଜାତି ଗୁଡିକ ମଧ୍ୟରେ ପ୍ରଥାର ବହୁ ସମାନତା ଦେଖାଯାଏ ।

ପ୍ରଫେସର ଘୁରୟେଙ୍କ ମତରେ ଜାତିପ୍ରଥାରେ ନିମ୍ନ ୬ ଟି ଲକ୍ଷଣ ଦେଖାଯାଏ

- ଜାତି ଜନ୍ମରୁ ସ୍ଥିରୀକୃତ ହୋଇଥାଏ । ଏହା ଜନ୍ମଗତ ଓ ଅପରିବର୍ତ୍ତନୀୟ । ମୁଖ୍ୟତଃ ରକ୍ତ ସମ୍ପର୍କ ଉପରେ ଜାତି ପର୍ଯ୍ୟବସିତ । ସ୍ୱଷ୍ଟ ଭାବରେ ଏକ ପ୍ରକାରର ଜୀବନଯାପନ କରୁଥିବା କିଛି ଗୋଷ୍ଠୀର ମିଶ୍ରଣରୁ ଜାତି ତିଆରି ହୋଇଥାଏ ।
- ସେଥିରେ ଶୃଙ୍ଖଳିତ ସାମାଜିକ ପ୍ରାଥମିକତା ଦ୍ୱାରା ସର୍ବୋଚ୍ଚ ସ୍ଥାନ ବର୍ଗୀକୃତ ସମାଜରେ ବ୍ରାହ୍ମଣଙ୍କୁ ନିଶ୍ଚିତ ଦିଆଯାଏ ।
- ସେଥିରେ ଖାଦ୍ୟ ଗ୍ରହଣରେ ଓ ପାରସ୍ପରିକ ସମ୍ପର୍କରେ କଟକଣା ଥାଏ । ଜାତି ବ୍ୟବସ୍ଥାରେ ଖାଦ୍ୟ, ପାନୀୟ, ବିବାହ ଓ ସାମାଜିକ ସମ୍ପର୍କ, ଏକ ନିର୍ଦ୍ଦିଷ୍ଟ ନୀତି ଅନୁସାରେ ପରିଚାଳିତ ହୋଇଥାଏ ।

- ଗୋଟିଏ ଗ୍ରାମର କୌଣସି ଗୋଟିଏ ଜାତି ବା ଗୋଷ୍ଠୀ ଉପରେ ସାମାଜିକ ବାସନ୍ଦ ଥାଇପାରେ ଯଦ୍ୱାରା କିଛି ଲୋକଙ୍କର ନାଗରିକ ସୁବିଧାର ଉଲ୍ଲଙ୍ଘନ ସାରା ଭାରତରେ ହୋଇପାରେ ।
- କିଛି ଜାତିପାଇଁ ବୃତ୍ତିର କଟକଣା ରହିପାରେ । ଜାତିରେ ଜନ୍ମିତ ବ୍ୟକ୍ତିଙ୍କୁ ଅନ୍ୟ ଜାତିର ବୃତ୍ତି ଗ୍ରହଣ କରିବା ବାରଣ କରାଯାଇଥାଏ ।
- ଜାତି ଜାତି ମଧ୍ୟରେ ବିବାହର କଟକଣା ରହିଥାଏ ।

## ଜାତିଆଣବାଦ

ଜାତିବାଦର ନକାରାତ୍ମକ ରୂପ ହେଉଛି ଜାତିଆଣବାଦ । ଭାରତରେ ବହୁଜାତି, ଉପଜାତି ଓ ବିଭିନ୍ନ ଗୋଷ୍ଠୀର ଲୋକେ ବାସ କରନ୍ତି । ବହୁପ୍ରାଚୀନ କାଳରୁ ଜାତିଭେଦ ଓ ଛୁଆଁ ଅଛୁଆଁ ଭାବ ଏହି ମହାନ ଭାରତୀୟ ସମାଜକୁ ଭାଗଭାଗ କରି ବିପଜ୍ଜନକ ଭୂମିକା ଗ୍ରହଣ କରିଛି । ସ୍ୱାଧୀନତା ସଂଗ୍ରାମ କାଳରେ ଅଭିଜ୍ଞ ବ୍ୟକ୍ତିମାନେ ଏହି ମାଟିରୁ ଜାତିଭେଦକୁ ସମୂଳ ଉତ୍ପାଟନ ଦିଗରେ ପଦକ୍ଷେପ ଗ୍ରହଣ କରିଥିଲେ । ଛୁଆଁ ଅଛୁଆଁ ଭାବର ଦୂରୀକରଣ ଓ ସଂକୀର୍ଣ୍ଣ ଜାତିପ୍ରଥାର ଉଚ୍ଛେଦ ଦିଗରେ ଜାତିର ଜନକ ମହାତ୍ମାଗାନ୍ଧୀ ଆପ୍ରାଣ ଉଦ୍ୟମ କରିଥିଲେ । ସାମାଜିକ ସଂସ୍କାର ଉଦ୍ଦେଶ୍ୟରେ ମହାତ୍ମାଗାନ୍ଧୀ ଅସବର୍ଣ୍ଣମାନଙ୍କୁ ହରିଜନ ନାମରେ ନାମିତ କରି ସେମାନଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ଯେଉଁ ଗୋଷ୍ଠୀ ଜାତିପ୍ରଥାର ବାହାରେ ରହିଥିଲେ ସେମାନେ ପ୍ରାୟତଃ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ପଛୁଆ ଶ୍ରେଣୀର । ସେମାନଙ୍କୁ ଆଦିବାସୀ କୁହାଗଲା । ସ୍ୱାଧୀନୋତ୍ତର ଭାରତରେ ଅନଗ୍ରସର ଜାତିଗୁଡ଼ିକୁ ଚିହ୍ନଟ କରାଗଲା । ଏହା ଦ୍ୱାରା ଜାତି ଚେତନା ସୃଷ୍ଟି ହେଲା । ଜାତିଚେତନା ସୃଷ୍ଟି ହେବାଯୋଗୁଁ ଭାରତୀୟ ସମାଜର ଜାତି ନିର୍ମାଣ ବାଧାପ୍ରାପ୍ତ ହେଲା ।

ବର୍ତ୍ତମାନ ଭାରତର ସାମାଜିକ ଓ ରାଜନୈତିକ ଜୀବନରେ ଜାତି ଏକ ମୁଖ୍ୟ ପ୍ରେରଣା ଭାବରେ କାର୍ଯ୍ୟ କରି ଆସୁଛି । ପ୍ରାଚୀନ ଭାରତୀୟ ସମାଜର ଲକ୍ଷଣ ଭାବରେ ତାର ଉପସ୍ଥିତି ବର୍ତ୍ତମାନ ମଧ୍ୟ ସାମାଜିକ ଓ ରାଜନୈତିକ ସଂପର୍କରେ ଅନୁଭୂତ ହୁଏ । ଏକଦା ଜୟପ୍ରକାଶ ନାରାୟଣ କହିଥିଲେ "ଜାତି ଭାରତର ସବୁଠୁ ମୁଖ୍ୟ ରାଜନୈତିକ ଦଳ ଭାବରେ କାର୍ଯ୍ୟ କରୁଛି" । ରାଜନୈତିକ ଅଂଶ ଗ୍ରହଣ, ମତଦାନ-ଆଚରଣ ତଥା ଭାରତୀୟ ରାଜନୀତିର ପ୍ରତ୍ୟେକ କ୍ଷେତ୍ରରେ ଏହା ଏକ ମୁଖ୍ୟ ଘଟକ ।

ରାଜନୈତିକ ନେତା ଏବଂ ରାଜନୈତିକ ଦଳ ସେମାନଙ୍କର ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଜାତିକୁ ବ୍ୟବହାର କରନ୍ତି । ପ୍ରକୃତରେ, ସମସ୍ତ ରାଜନୈତିକ ସଂଗଠନ ଗୁଡ଼ିକର ପ୍ରକୃତି, ସଂସ୍ଥାପନା ଓ କାର୍ଯ୍ୟ, କାର୍ଯ୍ୟଶୈଳୀ ଜାତି ଦ୍ୱାରା ପ୍ରଭାବିତ ହୋଇଥାଏ । ଏହାର ପ୍ରଭାବରୁ ରାଜନୈତିକ ଦଳ, ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ, ବିଧାୟକ, ଏବଂ ଅମଲାତନ୍ତ୍ର କେହି ମୁକ୍ତ ନୁହନ୍ତି । ଜାତି ସର୍ବତ୍ର ବିଦ୍ୟମାନ - ଜାତି ଭିତ୍ତିକ-ମତଦାନ, ଜାତି ଭିତ୍ତିକ -ପ୍ରାର୍ଥୀତ୍ୱ ଓ ପ୍ରାର୍ଥୀ ଚୟନ, ଜାତି-ଭିତ୍ତିକ ଦଙ୍ଗା, ଜାତ-ଭିତ୍ତିକ ସଂଘର୍ଷ, ଜାତିଆଣ ହିଂସା, ଜାତି-ଭିତ୍ତିକ ସଂରକ୍ଷଣ ବନାମ ଅସଂରକ୍ଷଣ । ଭାରତୀୟ ରାଜନୀତିର ସର୍ବଥା ଜାତି ମୁଖ୍ୟ ଘଟକ ଅଟେ ।

ଜାତିବାଦ ପ୍ରକୃତ ଅର୍ଥରେ ଏକ ନକାରାତ୍ମକ ଶବ୍ଦ ନୁହେଁ । ଜାତି ଭିତ୍ତିକ ଆଚରଣ ଓ ଜାତି ଭିତ୍ତିକ ନିର୍ଣ୍ଣୟ ସ୍ୱାଭାବିକ ଭାବରେ ରାଷ୍ଟ୍ର ନିର୍ମାଣର ବା ଗଣତାନ୍ତ୍ରିକ ସଂହତିର ବାଧକ ହେବା କଥାନୁହେଁ । କାରଣ ସ୍ୱାଭାବିକ ଭାବରେ ଲୋକେ ନିଜ ଜ୍ଞାତିଙ୍କର ମଙ୍ଗଳ କାମନା କରନ୍ତି, କିନ୍ତୁ ବହୁସମୟରେ ନିର୍ଦ୍ଦିଷ୍ଟ ଏକ ଜାତି ସ୍ୱଜାତିର ସାମାଜିକ-ଅର୍ଥନୈତିକ ଉନ୍ନତି କଳ୍ପେ ଅନ୍ୟ ସମସ୍ତ ଜାତିର ସ୍ୱାର୍ଥ ବିରୁଦ୍ଧରେ ଯାଆନ୍ତି ସେତେବେଳେ ତାହା ନକାରାତ୍ମକ ହୋଇଥାଏ । ଭାରତରେ ଏହା ପ୍ରାୟତଃ ଘଟୁଛି ।

**ଜାତିଆଣବାଦର ସଜ୍ଞା :**

- ଡି.ଏନ୍. ପ୍ରସାଦ: ଜାତିପ୍ରତି ଆନୁଗତ୍ୟ ରାଜନୀତିରେ ପ୍ରତିଫଳିତ ହେଲେ ଜାତିଆଣବାଦ କୁହାଯାଏ ।
- କାକା କେଲ୍‌କାର: ଜାତିଆଣବାଦ...... ଏକ ଅଧିକ ଗୁରୁତ୍ୱପୂର୍ଣ୍ଣ, ବିବେଚନାହୀନ ଓ ଉଗ୍ର ଆନୁଗତ୍ୟ ଯାହା ନ୍ୟାୟ, ନିଷ୍ପକ୍ଷତା, ଔଚିତ୍ୟ, ସାର୍ବଜନୀନ ଭାତୃଭାବ ଇତ୍ୟାଦି ସୁସ୍ଥ ସାମାଜିକ ପରିମାପକ ଗୁଡିକୁ ଅଣଦେଖା କରିଥାଏ ।
- କେ. ଏମ. ପାନିକ୍କର୍: ଏହି ଭଳି ଭାବରେ ଜାତିବାଦ ଯୋଗୁହିଁ ବଣିଆମାନେ କେବଳ ବଣିଆମାନଙ୍କର ସୁବିଧା ଚାହାନ୍ତି ବା ଯେଉଁ ଜାତିର ଲୋକେ ସେହି ଜାତିର ଲୋକଙ୍କର ସାହାଯ୍ୟ କରିବାକୁ ଆଗେଇ ଆସନ୍ତି ।

ଉପରୋକ୍ତ ସଂଜ୍ଞା ମାନଙ୍କରୁ ସ୍ପଷ୍ଟହୁଏ ଯେ ଜାତିଆଣବାଦ ନିଜ ଜାତି ବା ଉପଜାତି ପ୍ରତି ଏକ ବିବେଚନାହୀନ ଗୋଷ୍ଠୀ ଆନୁଗତ୍ୟ'ଯାହା ଅନ୍ୟ ଜାତି ଓ ତା'ର ସଦସ୍ୟମାନଙ୍କର ସ୍ୱାର୍ଥ ପ୍ରତି ଧ୍ୟାନ ଦିଏନାହିଁ ।

**ଜାତିଆଣବାଦର ମୌଳିକ ଲକ୍ଷଣ :**

- ଜାତିବାଦ ଯୋଗୁଁ ଏକ ଜାତି ଅନ୍ୟ ଜାତିମାନଙ୍କର ସ୍ୱାର୍ଥର ଉପେକ୍ଷା କରେ । ଏହା ଜାତି ବା ଉପଜାତି ପ୍ରତି ଅନ୍ଧାନୁଗତ୍ୟକୁ ଦର୍ଶାଏ ।
- ଏହା ମାନବିକ ମୂଲ୍ୟବୋଧ ଓ ସମାଜ ମଙ୍ଗଳ ଇତ୍ୟାଦିର ଉପେକ୍ଷା କରେ ।
- ଗଣତାନ୍ତ୍ରିକ ଭାବନାକୁ ପ୍ରତିହତ କରେ । ଏହା ଅଗଣତାନ୍ତ୍ରିକ ଅଟେ ।
- ନିର୍ବାଚନରେ ଏହାର ଭୂମିକା ବିପଜ୍ଜନକ ଅଟେ ।
- ଏହାର ସ୍ୱଳ୍ପକାଳୀନ ପ୍ରଭାବରୁ ଦେଶରେ ବହୁ ସମସ୍ୟା ଦେଖାଯାଏ ।
- ଏହା ସମ୍ବିଧାନର ଆଦର୍ଶ ଗୁଡିକର ପରିପନ୍ଥୀ ।

- ଗୋଟିଏ ଗ୍ରାମର କୌଣସି ଗୋଟିଏ ଜାତି ବା ଗୋଷ୍ଠୀ ଉପରେ ସାମାଜିକ ବାସନ୍ଦ ଥାଇପାରେ ଯଦ୍ୱାରା କିଛି ଲୋକଙ୍କର ନାଗରିକ ସୁବିଧାର ଉଲ୍ଲଙ୍ଘନ ସାରା ଭାରତରେ ହୋଇପାରେ ।
- କିଛି ଜାତିପାଇଁ ବୃତ୍ତିର କଟକଣା ରହିପାରେ । ଜାତିରେ ଜନ୍ମିତ ବ୍ୟକ୍ତିଙ୍କୁ ଅନ୍ୟ ଜାତିର ବୃତ୍ତି ଗ୍ରହଣ କରିବା ବାରଣ କରାଯାଇଥାଏ ।
- ଜାତି ଜାତି ମଧ୍ୟରେ ବିବାହର କଟକଣା ରହିଥାଏ ।

## ଜାତିଆଣବାଦ

ଜାତିବାଦର ନକାରାତ୍ମକ ରୂପ ହେଉଛି ଜାତିଆଣବାଦ । ଭାରତରେ ବହୁଜାତି, ଉପଜାତି ଓ ବିଭିନ୍ନ ଗୋଷ୍ଠୀର ଲୋକେ ବାସ କରନ୍ତି । ବହୁପ୍ରାଚୀନ କାଳରୁ ଜାତିଭେଦ ଓ ଛୁଆଁ ଅଛୁଆଁ ଭାବ ଏହି ମହାନ ଭାରତୀୟ ସମାଜକୁ ଭାଗଭାଗ କରି ବିପଜ୍ଜନକ ଭୂମିକା ଗ୍ରହଣ କରିଛି । ସ୍ୱାଧୀନତା ସଂଗ୍ରାମ କାଳରେ ଅଭିଜ୍ଞ ବ୍ୟକ୍ତିମାନେ ଏହି ମାଟିରୁ ଜାତିଭେଦକୁ ସମୂଳ ଉତ୍ପାଟନ ଦିଗରେ ପଦକ୍ଷେପ ଗ୍ରହଣ କରିଥିଲେ । ଛୁଆଁ ଅଛୁଆଁ ଭାବର ଦୂରୀକରଣ ଓ ସଂକୀର୍ଣ୍ଣ ଜାତିପ୍ରଥାର ଉଚ୍ଛେଦ ଦିଗରେ ଜାତିର ଜନକ ମହାତ୍ମାଗାନ୍ଧୀ ଆପ୍ରାଣ ଉଦ୍ୟମ କରିଥିଲେ । ସାମାଜିକ ସଂସ୍କାର ଉଦ୍ଦେଶ୍ୟରେ ମହାତ୍ମାଗାନ୍ଧୀ ଅସବର୍ଣ୍ଣମାନଙ୍କୁ ହରିଜନ ନାମରେ ନାମିତ କରି ସେମାନଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ । ଯେଉଁ ଗୋଷ୍ଠୀ ଜାତିପ୍ରଥାର ବାହାରେ ରହିଥିଲେ ସେମାନେ ପ୍ରାୟତଃ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳରେ ବସବାସ କରୁଥିବା ପଛୁଆ ଶ୍ରେଣୀର । ସେମାନଙ୍କୁ ଆଦିବାସୀ କୁହାଗଲା । ସ୍ୱାଧୀନୋତ୍ତର ଭାରତରେ ଅନଗ୍ରସର ଜାତିଗୁଡ଼ିକୁ ଚିହ୍ନଟ କରାଗଲା । ଏହା ଦ୍ୱାରା ଜାତି ଚେତନା ସୃଷ୍ଟି ହେଲା । ଜାତିଚେତନା ସୃଷ୍ଟି ହେବାଯୋଗୁଁ ଭାରତୀୟ ସମାଜର ଜାତି ନିର୍ମାଣ ବାଧାପ୍ରାପ୍ତ ହେଲା ।

ବର୍ତ୍ତମାନ ଭାରତର ସାମାଜିକ ଓ ରାଜନୈତିକ ଜୀବନରେ ଜାତି ଏକ ମୁଖ୍ୟ ପ୍ରେରଣା ଭାବରେ କାର୍ଯ୍ୟ କରି ଆସୁଛି । ପ୍ରାଚୀନ ଭାରତୀୟ ସମାଜର ଲକ୍ଷଣ ଭାବରେ ତାର ଉପସ୍ଥିତି ବର୍ତ୍ତମାନ ମଧ୍ୟ ସାମାଜିକ ଓ ରାଜନୈତିକ ସଂପର୍କରେ ଅନୁଭୂତ ହୁଏ । ଏକଦା ଜୟପ୍ରକାଶ ନାରାୟଣ କହିଥିଲେ "ଜାତି ଭାରତର ସବୁଠୁ ମୁଖ୍ୟ ରାଜନୈତିକ ଦଳ ଭାବରେ କାର୍ଯ୍ୟ କରୁଛି" । ରାଜନୈତିକ ଅଂଶ ଗ୍ରହଣ, ମତଦାନ-ଆଚରଣ ତଥା ଭାରତୀୟ ରାଜନୀତିର ପ୍ରତ୍ୟେକ କ୍ଷେତ୍ରରେ ଏହା ଏକ ମୁଖ୍ୟ ଘଟକ ।

ରାଜନୈତିକ ନେତା ଏବଂ ରାଜନୈତିକ ଦଳ ସେମାନଙ୍କର ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଜାତିକୁ ବ୍ୟବହାର କରନ୍ତି । ପ୍ରକୃତରେ, ସମସ୍ତ ରାଜନୈତିକ ସଂଗଠନ ଗୁଡ଼ିକର ପ୍ରକୃତି, ସଂସ୍ଥାପନା ଓ କାର୍ଯ୍ୟ, କାର୍ଯ୍ୟଶୈଳୀ ଜାତି ଦ୍ୱାରା ପ୍ରଭାବିତ ହୋଇଥାଏ । ଏହାର ପ୍ରଭାବରୁ ରାଜନୈତିକ ଦଳ, ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ, ବିଧାୟକ, ଏବଂ ଅମଲାତନ୍ତ୍ର କେହି ମୁକ୍ତ ନୁହନ୍ତି । ଜାତି ସର୍ବତ୍ର ବିଦ୍ୟମାନ - ଜାତି ଭିତ୍ତିକ-ମତଦାନ, ଜାତି ଭିତ୍ତିକ -ପ୍ରାର୍ଥୀତ୍ୱ ଓ ପ୍ରାର୍ଥୀ ଚୟନ, ଜାତି-ଭିତ୍ତିକ ଦଙ୍ଗା, ଜାତ-ଭିତ୍ତିକ ସଂଘର୍ଷ, ଜାତିଆଣ ହିଂସା, ଜାତି-ଭିତ୍ତିକ ସଂରକ୍ଷଣ ବନାମ ଅସଂରକ୍ଷଣ । ଭାରତୀୟ ରାଜନୀତିର ସର୍ବଥା ଜାତି ମୁଖ୍ୟ ଘଟକ ଅଟେ ।

ଜାତିବାଦ ପ୍ରକୃତ ଅର୍ଥରେ ଏକ ନକାରାତ୍ମକ ଶବ୍ଦ ନୁହେଁ । ଜାତି ଭିତ୍ତିକ ଆଚରଣ ଓ ଜାତି ଭିତ୍ତିକ ନିର୍ଣ୍ଣୟ ସ୍ୱାଭାବିକ ଭାବରେ ରାଷ୍ଟ୍ର ନିର୍ମାଣର ବା ଗଣତାନ୍ତ୍ରିକ ସଂହତିର ବାଧକ ହେବା କଥାନୁହେଁ । କାରଣ ସ୍ୱାଭାବିକ ଭାବରେ ଲୋକେ ନିଜ ଜ୍ଞାତିଙ୍କର ମଙ୍ଗଳ କାମନା କରନ୍ତି, କିନ୍ତୁ ବହୁସମୟରେ ନିର୍ଦ୍ଦିଷ୍ଟ ଏକ ଜାତି ସ୍ୱଜାତିର ସାମାଜିକ-ଅର୍ଥନୈତିକ ଉନ୍ନତି କଳ୍ପେ ଅନ୍ୟ ସମସ୍ତ ଜାତିର ସ୍ୱାର୍ଥ ବିରୁଦ୍ଧରେ ଯାଆନ୍ତି ସେତେବେଳେ ତାହା ନକାରାତ୍ମକ ହୋଇଥାଏ । ଭାରତରେ ଏହା ପ୍ରାୟତଃ ଘଟୁଛି ।

**ଜାତିଆଣବାଦର ସଜ୍ଞା :**


- ଡି.ଏନ୍. ପ୍ରସାଦ: ଜାତିପ୍ରତି ଆନୁଗତ୍ୟ ରାଜନୀତିରେ ପ୍ରତିଫଳିତ ହେଲେ ଜାତିଆଣବାଦ କୁହାଯାଏ ।
- କାକା କେଲ୍‌କାର: ଜାତିଆଣବାଦ...... ଏକ ଅଧିକ ଗୁରୁତ୍ୱପୂର୍ଣ୍ଣ, ବିବେଚନାହୀନ ଓ ଉଗ୍ର ଆନୁଗତ୍ୟ ଯାହା ନ୍ୟାୟ, ନିଷ୍ପକ୍ଷତା, ଔଚିତ୍ୟ, ସାର୍ବଜନୀନ ଭାତୃଭାବ ଇତ୍ୟାଦି ସୁସ୍ଥ ସାମାଜିକ ପରିମାପକ ଗୁଡିକୁ ଅଣଦେଖା କରିଥାଏ ।
- କେ. ଏମ. ପାନିକ୍କର୍: ଏହି ଭଳି ଭାବରେ ଜାତିବାଦ ଯୋଗୁଁହିଁ ବଣିଆମାନେ କେବଳ ବଣିଆମାନଙ୍କର ସୁବିଧା ଚାହାନ୍ତି ବା ଯେଉଁ ଜାତିର ଲୋକେ ସେହି ଜାତିର ଲୋକଙ୍କର ସାହାଯ୍ୟ କରିବାକୁ ଆଗେଇ ଆସନ୍ତି ।

ଉପରୋକ୍ତ ସଂଜ୍ଞା ମାନଙ୍କରୁ ସ୍ପଷ୍ଟହୁଏ ଯେ ଜାତିଆଣବାଦ ନିଜ ଜାତି ବା ଉପଜାତି ପ୍ରତି ଏକ ବିବେଚନାହୀନ ଗୋଷ୍ଠୀ ଆନୁଗତ୍ୟ ଯାହା ଅନ୍ୟ ଜାତି ଓ ତା'ର ସଦସ୍ୟମାନଙ୍କର ସ୍ୱାର୍ଥ ପ୍ରତି ଧ୍ୟାନ ଦିଏନାହିଁ ।

**ଜାତିଆଣବାଦର ମୌଳିକ ଲକ୍ଷଣ :**

- ଜାତିବାଦ ଯୋଗୁଁ ଏକ ଜାତି ଅନ୍ୟ ଜାତିମାନଙ୍କର ସ୍ୱାର୍ଥର ଉପେକ୍ଷା କରେ । ଏହା ଜାତି ବା ଉପଜାତି ପ୍ରତି ଅନ୍ଧାନୁଗତ୍ୟକୁ ଦର୍ଶାଏ ।
- ଏହା ମାନବିକ ମୂଲ୍ୟବୋଧ ଓ ସମାଜ ମଙ୍ଗଳ ଇତ୍ୟାଦିର ଉପେକ୍ଷା କରେ ।
- ଗଣତାନ୍ତ୍ରିକ ଭାବନାକୁ ପ୍ରତିହତ କରେ । ଏହା ଅଗଣତାନ୍ତ୍ରିକ ଅଟେ ।
- ନିର୍ବାଚନରେ ଏହାର ଭୂମିକା ବିପଜ୍ଜନକ ଅଟେ ।
- ଏହାର ସ୍ୱଳ୍ପକାଳୀନ ପ୍ରଭାବରୁ ଦେଶରେ ବହୁ ସମସ୍ୟା ଦେଖାଯାଏ ।
- ଏହା ସମ୍ବିଧାନର ଆଦର୍ଶ ଗୁଡିକର ପରିପନ୍ଥୀ ।

**ଜାତିଆଣବାଦର କାରଣ :**




**ଜାତିଆଣବାଦର କାରଣ :**

- **ଜାତି ମର୍ଯ୍ୟାଦାର ବୋଧ:** ଅନ୍ୟ ଜାତିଠାରୁ ନିଜ ଜାତିର ଉତ୍କର୍ଷତା ବୋଧ, ଜାତିଆଣବାଦ ବୃଦ୍ଧିର ମୁଖ୍ୟ କାରଣ । ନିଜ ଜାତିର ମର୍ଯ୍ୟାଦାର ବୃଦ୍ଧି କରିବାର ଉଗ୍ର ଇଛାକୁ ଜାତିଆଣବାଦ ଆଗେଇନିଏ । ଏକ ଜାତି ବା ଉପଜାତିର ସଦସ୍ୟମାନଙ୍କର ନିଜ ଜାତି ପ୍ରତି ଆନୁଗତ୍ୟ ବଢ଼ିବାର ପ୍ରବୃତ୍ତି ସର୍ବଦା ରହିଥାଏ । ଯେତେବେଳେ ସୁଯୋଗ ମିଳେ, ଏଭଳି ପ୍ରବୃତ୍ତି ସ୍ୱଜାତିର ସଦସ୍ୟମାନଙ୍କର ଉନ୍ନତିକଳ୍ପେ ଉଦ୍ୟମ କରାଇଥାଏ । ଏହା ଜାତିଆଣବାଦକୁ ଆଗେଇନିଏ ।
- **ସ୍ୱଜାତିରେ ବିବାହ:** ସ୍ୱଜାତିରେ ବିବାହ ଅର୍ଥ ନିଜ ଜାତିର ସ୍ତ୍ରୀ / ପୁରୁଷ ସହିତ ବିବାହ । ସ୍ୱଜାତି ବିବାହ ମଧ୍ୟ ଜାତିଆଣବାଦ ନିରନ୍ତରତାର ଅନ୍ୟଏକ କାରଣ । ଏହି କାରଣରୁ ବ୍ୟକ୍ତିର ଜାତିଆନୁଗତ୍ୟ ପ୍ରବଣତା ବୃଦ୍ଧି ହୋଇଥାଏ । ସ୍ୱଜାତି ବିବାହ ପ୍ରଥା ବ୍ୟକ୍ତିକୁ କ୍ଷୁଦ୍ରମନା କରାଇଥାଏ ।
- **ସହରୀକରଣର ପ୍ରଭାବ:** ସହରୀକରଣ ପ୍ରଚ୍ଛନ୍ନ ଭାବରେ ଜାତିବାଦର ସପକ୍ଷରେ ଯାଇଥାଏ । ଶିଳ୍ପାୟନ ପ୍ରଭାବରୁ ଲୋକେ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ପ୍ରବାସନ କରନ୍ତି । ସେମାନେ ଯେତେବେଳେ ଏକ ନୂଆ ସହରରେ ବସବାସ କରିବାକୁ ଯାଆନ୍ତି, ନିଜ ଜାତି ଲୋକଙ୍କୁ ଖୋଜନ୍ତି । ନିଜ ଜାତିର ଲୋକଙ୍କୁ ସେମାନେ ସେମାନଙ୍କର ସମ୍ଭାବ୍ୟ ବନ୍ଧୁ ଓ ମଙ୍ଗଳକର୍ତ୍ତା ଭାବନ୍ତି । ତେଣୁ ସହରୀକରଣ ଜାତିଆଣ ଭାବନା ଓ ଜାତିଆଣବାଦକୁ ଦୃଢ଼ିଭୂତ କରିଛି ।
- **ଗମନାଗମନର ସୁବିଧା:** ପରିବହନର ବିକାଶ ଓ ଗମନାଗମନର ସୁବିଧା ବୃଦ୍ଧିହେତୁ ଜାତି ସଂଗଠନ ଦୃଢ଼ ହୋଇଛି । ଜାତିଆଣବାଦ ମଧ୍ୟ ସମ୍ବାଦପତ୍ର, ବେତାର ଓ ଟେଲିଭିଜନ୍ ମାଧ୍ୟମରେ ଶୀଘ୍ର ପ୍ରସାରିତ ହୋଇପାରୁଛି ।

- **ନିରକ୍ଷରତା:** ନିରକ୍ଷରତା ବ୍ୟକ୍ତିକୁ କ୍ଷୁଦ୍ରମନା କରାଇଥାଏ । ନିରକ୍ଷର ବ୍ୟକ୍ତିମାନେହିଁ ବହୁଳ ଭାବରେ ଜାତି ଅନୁଗାମୀ ହୋଇଥାନ୍ତି । ଏହା ଜାତିବାଦ କୁ ବୃଦ୍ଧି କରୁଛି ।
- **ଧର୍ମୀୟ ମତାନ୍ଧତା:** ନିରକ୍ଷରତା ଯୋଗୁଁ ବ୍ୟକ୍ତି ମାନେ ଧର୍ମୀୟ ମତାନ୍ଧତା ବା ଅନ୍ଧ ବିଶ୍ୱାସର ଶିକାର ହୁଅନ୍ତି । 'ଜାତି' ଧର୍ମର ପ୍ରଚଳନହେତୁ, ସ୍ୱଜାତି ପ୍ରୀତି ବୃଦ୍ଧିପାଏ । ତାଦ୍ୱାରା ଜାତିଆଣ ଭାବନା ଓ ଜାତିଆଣବାଦ ବଢ଼େ ।
- **ସାମାଜିକ ଦୂରତା:** ବିଶେଷତଃ ଗ୍ରାମାଞ୍ଚଳରେ, ଉଚ୍ଚ ଜାତିର ଲୋକେ ନିଜ ଜାତିର ଲୋକଙ୍କଠାରୁ ଦୂରତା ବଜାୟ ରଖନ୍ତି । ଅଣଜାତି ବିବାହ ଓ ଅନ୍ୟ ଜାତି ସହ ଭୋଜନ ଇତ୍ୟାଦି କଟକଣା ଦ୍ୱାରା ବିଭିନ୍ନ ଜାତି ସହ ଦୂରତା ବଜାୟ ରହେ । ବ୍ୟକ୍ତିର ଆଦର୍ଶ କେବଳ ସ୍ୱଜାତି ରୀତି ଓ ମାନ୍ୟତା ଦ୍ୱାରା ପରିପୁଷ୍ଟ ହୋଇଥାଏ । ଏହା ଜାତିଆଣବାଦକୁ ନିରନ୍ତରତା ଦେଇଥାଏ ।

ପରିଶେଷରେ, ଜାତିପ୍ରଥା ଭିତ୍ତିକ ସମାଜ ସଂରଚନାର ଦୁଇଟି ମୁଖ୍ୟ ଲକ୍ଷଣ ଯାହା ଅନ୍ୟାନ୍ୟ ସଂରଚନା ବ୍ୟବସ୍ଥାଠାରୁ ପୃଥକ । ପ୍ରଥମତଃ, ଜଣକର ବୃତ୍ତି ଜନ୍ମିତ ଜାତି ଦ୍ୱାରା ନିର୍ଣ୍ଣୀତ ହୁଏ । ବୃତ୍ତି ପୃଥକ୍‌କରଣ ଏତେ ଅନମନୀୟଯେ ଜଣେ ବ୍ୟକ୍ତି, ପୂର୍ବଜଙ୍କ ଅନୁସୃତ ଧନ୍ଦା ଛଡା ଅନ୍ୟ କିଛି କରିପାରିବ ନାହିଁ । ଦ୍ୱିତୀୟତଃ, ଏହି ଅନମନୀୟ ବୃତ୍ତି ପୃଥକ୍‌କରଣ ହେତୁ କିଛି ଜାତିକୁ ଉଚ୍ଚ ଓ କିଛି ଜାତିକୁ ନିମ୍ନରେ ରଖାଯାଏ ।

ଯଦ୍ୟପି, ଅତୀତରେ ଜାତିପ୍ରଥା ଭାରତର ସାମାଜିକ ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି, ବର୍ତ୍ତମାନ ଯୁଗରେ ତା'ର ଉପାଦେୟତା ହ୍ରାସ ପାଇଛି । ବର୍ତ୍ତମାନ ଜାତିପ୍ରଥାର ସଂସ୍ଥାପନା ଓ ସଂରଚନା ଦିଗରେ ହୋଇଥିବା ପରିବର୍ତ୍ତନ ଧର୍ମନିରପେକ୍ଷତା, ପାଶ୍ଚାତ୍ୟକରଣ ଓ ସଂସ୍କୃତିକରଣ ହେତୁ ହୋଇଛି । ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବରୁ ଜାତିର ବନ୍ଧନ ଦୁର୍ବଳ ହେଉଛି ।

ବର୍ତ୍ତମାନ ରାଜନୀତିରେ ଜାତି ଏକ ନୂତନ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଜାତିର ରାଜନୀତିକରଣ ତଥା ଜାତିଭିତ୍ତିକ ଭୋଟ-ରାଜନୀତି ବର୍ତ୍ତମାନ ଭାରତୀୟ ରାଜନୀତିକୁ ପରିଚାଳିତ କରୁଛି । ରାଜନୀତିକ ଦଳମାନେ ନିର୍ବାଚନରେ ଜାତିର ପ୍ରୟୋଗକୁ ଅସ୍ୱୀକାର କଲେ ମଧ୍ୟ ଏହା ସତ୍ୟ ଯେ, ସେମାନେ ଖୋଲାଖୋଲି ଭାବେ ଜାତିକୁ ବ୍ୟବହାର କରୁଛନ୍ତି । ନିମ୍ନରେ ତା'ର କେତେକ ଦୃଷ୍ଟାନ୍ତ ଆଲୋଚନା କରାଯାଇଛି ।

ପ୍ରାର୍ଥୀ ବାଛିବା ସମୟରେ ଜାତିକୁ ବିଚାରକୁ ନିଆଯାଏ । ଲୋକମାନେ ମଧ୍ୟ ନିଜ ଜାତିର ପ୍ରାର୍ଥୀଙ୍କୁ ଭୋଟ ଦେବା ଉଚିତ୍ ବୋଲି ଭାବନ୍ତି । ବିଭିନ୍ନ ଜାତିର ଭୋଟଦାତାମାନଙ୍କୁ ପ୍ରଭାବିତ କରିବାକୁ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ବିଭିନ୍ନ କୌଶଳ ପ୍ରସ୍ତୁତ କରିଥାନ୍ତି । ଜାତିଭିତ୍ତିକ ସଂରକ୍ଷଣ ଏହାର ଏକ ଉଦାହରଣ । ସମ୍ବିଧାନ ବ୍ୟବସ୍ଥାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଶ୍ରେଣୀ ପାଇଁ ସରକାରୀ ଚାକିରିରେ ସ୍କୁଲ, କଲେଜରେ ନାମଲେଖାରେ ସ୍ଥାନ ସଂରକ୍ଷଣ ହୋଇଛି । ନବେ ଦଶକରେ ମଣ୍ଡଳ ଆୟୋଗ ରିପୋର୍ଟ ଭିତ୍ତିରେ କେନ୍ଦ୍ର ସରକାରଙ୍କର ଚାକିରିରେ ଅନୁନ୍ନତ ଓ ଅନଗ୍ରସର ଜାତିମାନଙ୍କ ପାଇଁ ୨୭ ପ୍ରତିଶତ ସରକାରୀ ଚାକିରି ସଂରକ୍ଷଣ ବ୍ୟବସ୍ଥା ହୋଇଥିଲା । ଏହା ସାରା ଭାରତରେ ଜାତିଆଣ ବିଦ୍ୱେଷ ଓ ହିଂସା ସୃଷ୍ଟି କରିଥିଲା । ଅନୁନ୍ନତ ଓ ପଛୁଆ ଜାତିମାନେ

ଏହାକୁ ସମର୍ଥନ କରିବା ବେଳେ ଉଚ୍ଚଜାତିର ଲୋକଏହାର ଦୃଢ ବିରୋଧ କରିଥିଲେ। ସମ୍ବିଧାନ ପ୍ରଣେତାମାନେ ଏହି ବ୍ୟବସ୍ଥାକୁ ସ୍ଥାୟୀ କରିବାକୁ ଚାହିଁନଥିଲେ। କିନ୍ତୁ ରାଜନୈତିକ ଦୃଷ୍ଟି କୋଣରୁ ଶାସକ ଦଳ ବାରମ୍ବାର ସେହି ବ୍ୟବସ୍ଥାର ପ୍ରୟୋଗ କରି ଚାଲିଛନ୍ତି। ଏବଂ ଏହି ଜାତି ଓ ସମ୍ପ୍ରଦାୟ ଗୁଡ଼ିକୁ ନିଜର ଭୋଟବ୍ୟାଙ୍କ ରୂପେ ବ୍ୟବହାର କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମୋରିସ୍ ଜୋନସ୍‌ଙ୍କ ମତ ଅବତାରଣା କରାଯାଇପାରେ, ''ଭାରତର ସାଂପ୍ରତିକ ପରିସ୍ଥିତିରେ ଜାତି ପାଇଁ ରାଜନୀତି ଓ ରାଜନୀତି ପାଇଁ ଜାତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।''

ଜାତିଆଣ ରାଜନୀତିର ପ୍ରଭାବ କେନ୍ଦ୍ରୀୟ ସ୍ତରରେ କମ୍ ପରିଦୃଷ୍ଟ ହେଉଥିବା ବେଳେ ରାଜ୍ୟ ଓ ସ୍ଥାନୀୟ ଶାସନ କ୍ଷେତ୍ରରେ ଯଥେଷ୍ଟ ଅଧିକ ପ୍ରଭାବ ଥିବାର ଅନୁଭୂତହେଉଛି। ପ୍ରତ୍ୟେକ ରାଜନୈତିକ ଦଳ ନିମ୍ନ ସ୍ତରରୁ ଜାତିଆଣ ଭିତ୍ତିରେ ନିଜର ସଂଗଠନ ଆରମ୍ଭ କରୁଛନ୍ତି। ମନ୍ତ୍ରିମଣ୍ଡଳ ଗଠନରେ ମଧ୍ୟ ବିଭିନ୍ନ ଜାତିକୁ ପ୍ରତିନିଧିତ୍ୱ ଦିଆ ଯାଉଛି। ଏହାଦ୍ୱାରା ରାଜନୈତିକ ଦ୍ୱନ୍ଦ୍ୱ ସମାଧାନହେବା ସଙ୍ଗେସଙ୍ଗେ ଦଳ ସଂଗଠିତ ହେଉଥିଲେମଧ ଏକ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା ପାଇଁ ଏହା ଗ୍ରହଣୀୟ ନୁହେଁ। ଏହାଦ୍ୱାରା ସାମାଜିକ ସଂହତି ନଷ୍ଟ ହେଉଛି ଏବଂ ଜାତିଗତ ସଂଘର୍ଷ ବୃଦ୍ଧି ପାଉଛି। ତେଣୁ ଗଣତାନ୍ତ୍ରିକ ସଚେତନତା ଓ ଦାୟିତ୍ୱବୋଧ ବଢିଲେ ଜାତିଭେଦର କୁପରିଣାମ ଓ ପ୍ରଭାବ କମିପାରିବ ବୋଲି ଆଶା କରାଯାଏ।

**ଜାତି ଓ ଜାତିଆଣବାଦର ରାଜନୀତିକ ଭୂମିକା :**

- **ଜାତି ଓ ରାଜନୀତିକ ଅନ୍ତଃକରଣ:** ଭିନ୍ନ ଭିନ୍ନ ଜାତିମାନଙ୍କର ଆନୁଗତ୍ୟ ଭିନ୍ନ ଭିନ ରାଜନୈତିକ ଦଳ ଓ ମତବାଦ ସହିତ ଜଡିତ ରହିଥାଏ। ଜଣେ ଭାରତୀୟ ଜନ୍ମରୁ ଗୋଟିଏ ଜାତିର ଉତ୍ତରାଧିକାରୀ ହୋଇଥାଏ ଓ ସଦସ୍ୟ ମଧ୍ୟ। ବାଲ୍ୟକାଳରୁ ନିଜ ରାଜନୈତିକ ମାନ୍ୟତାର ଦିଗ୍‌ବିନ୍ୟାସ, ଧାରଣା, ଓ ମନୋଭାବ ସ୍ୱଭାବତଃ ନିଜ ଜାତିରୁ ଓ ଜାତିଆଣବାଦର ପ୍ରଭାବରୁ ପ୍ରାପ୍ତ ହୋଇଥାଏ। ବ୍ୟକ୍ତିର 'ଜାତି ମାନ୍ୟତା' ଓ 'ଜାତିସ୍ୱାର୍ଥ'ର ଅନ୍ତଃକରଣ ହେତୁ ତା'ର ରାଜନୈତିକ ଚିନ୍ତାଧାରା, ଅନ୍ତର୍ଦୃଷ୍ଟି, ଓ ଅଂଶଗ୍ରହଣ ପ୍ରଭାବିତ ହୁଏ। ସାମାଜିକ ନେତୃତ୍ୱ ଦଖଲ ନେବାପାଇଁ ଓ ସମାଜର ସାରଥୀ ହେବା ପାଇଁ ସେ ଜାତି ସହୃଦୟତା ଉପରେ ନିର୍ଭର କରେ।
- **ଜାତି ଓ ନେତୃତ୍ୱ ଚୟନ:** ନେତୃତ୍ୱ ଚୟନ ପ୍ରକ୍ରିୟାରେ ଜାତିର ପ୍ରଭାବ ଦେଖାଯାଏ। ହରିୟାଣା, ବିହାର, ତାମିଲନାଡୁ, ଓ ଆନ୍ଧ୍ରପ୍ରଦେଶ ଆଦି ପ୍ରଦେଶରେ ନିର୍ଦ୍ଦିଷ୍ଟ ଭାବରେ ଏହା ଦେଖାଯାଏ। ହରିୟାଣାରେ ନେତୃତ୍ୱ ବ୍ରାହ୍ମଣ ବା ବିଷ୍ଣୋଇ ମାନଙ୍କଠାରୁ ଆସିଥାଏ। ଆନ୍ଧ୍ରପ୍ରଦେଶରେ କମ୍ମା ବା ରେଡ୍ଡି, ଓ ବାଲମା, ରାଜ୍ୟକୁ ନେତା ପ୍ରଦାନ କରନ୍ତି। ଏଭଳି ଉଦାହରଣ ପ୍ରାୟ ଅନେକ ରାଜ୍ୟରେ ଦେଖାଯାଏ।
- **ଜାତି ଓ ଦଳୀୟ ରାଜନୀତି:** ଜାତିଆଣ ତତ୍ତ୍ୱ ଭାରତର ଦଳୀୟ ରାଜନୀତିର ଏକ ମୁଖ୍ୟ ଉପାଦାନ। କିଛି ରାଜନୈତିକ ଦଳ ପ୍ରତ୍ୟକ୍ଷ ଭାବରେ ଜାତି ଉପରେ ପର୍ଯ୍ୟବସିତ। ଯଦ୍ୟପି ଅନ୍ୟ ଦଳ ମାନେ ପରୋକ୍ଷଭାବରେ ନିର୍ଦ୍ଦିଷ୍ଟ ଜାତି ଉପରେ ନିର୍ଭରଶୀଳ। ଭାରତୀୟ ଜନତା ପାର୍ଟୀ ବହୁଧା ହିନ୍ଦୁମାନଙ୍କ ଦଳଭାବେ ପରିଗଣିତ। କିଛି ଆଞ୍ଚଳିକ ଦଳ ନିର୍ଦ୍ଦିଷ୍ଟ ଜାତି ତତ୍ତ୍ୱ ଦ୍ୱାରା ପ୍ରବଳ ପ୍ରଭାବିତ ହୋଇଥାନ୍ତି।

ତାମିଲନାଡୁର ଡି.ଏମ୍.କେ ଓ ଏ.ଆଇ.ଡି.ଏମ୍.କେ ଦଳ ଅଣବ୍ରାହ୍ମଣ ବା ବ୍ରାହ୍ମଣ-ବିରୋଧୀ ଦଳ । ପଞ୍ଜାବର ଅକାଳୀ ଦଳ ପ୍ରଧାନତଃ ଶିଖମାନଙ୍କ ଦଳ । ବି.ଏସ୍.ପି ଅନୁସୁଚିତ ଜାତିଙ୍କ ଉପରେ ନିର୍ଭର କରେ । ଭାରତର ସମସ୍ତ ରାଜନୈତିକ ଦଳ ଭୋଟ ପାଇବାକୁ ଜାତିଆଣବାଦକୁ ବ୍ୟବହାର କରନ୍ତି ।

- **ନିର୍ବାଚନୀୟ ରାଜନୀତିରେ ଜାତିର ଭୂମିକା:** ଜାତି ତତ୍ତ୍ୱ ନିର୍ବାଚନୀୟ ରାଜନୀତିରେ ଏକ କାରକ ଭାବରେ ରହି ଆସିଛି । ସମସ୍ତ ରାଜନୈତିକ ଦଳ ପ୍ରାର୍ଥୀ ଚୟନ, ପ୍ରାର୍ଥୀଙ୍କ ନିର୍ବାଚନ ମଣ୍ଡଳୀ ନିର୍ଦ୍ଧାରଣ ଓ ନାମାଙ୍କିତ ପ୍ରାର୍ଥୀଙ୍କ ନିମନ୍ତେ ସମର୍ଥନ ମାଗିବା ପାଇଁ ଭୋଟ ସମୟରେ ଜାତିକୁ ବିଶେଷ ଗୁରୁତ୍ୱ ଦିଅନ୍ତି । ମୁସଲମାନ ବହୁଳ ନିର୍ବାଚନ ମଣ୍ଡଳୀରେ ମୁସଲମାନ ପ୍ରାର୍ଥୀ ଓ ଜାଠ ବହୁଳ ନିର୍ବାଚନ ମଣ୍ଡଳୀରେ ଜାଠ ପ୍ରାର୍ଥୀ ଦିଆଯାଏ । ତଥାକଥିତ ଧର୍ମ ନିରପେକ୍ଷ ଦଳମାନେ ମଧ୍ୟ ପ୍ରାର୍ଥୀ ଦେବା ସମୟରେ ଜାତି ତତ୍ତ୍ୱକୁ ଗୁରୁତ୍ୱ ଦିଅନ୍ତି । ନିର୍ବାଚନ ସମୟରେ ଜାତି ଆଧାରରେ ମତ ଭିକ୍ଷା କରାଯାଏ ।
- **ସରକାର ସଂରଚନାରେ ଜାତିର ଭୂମିକା:** ଯେହେତୁ, ଭାରତୀୟ ସମାଜର ଜାତି ଏକ ମୁଖ୍ୟ ଘଟକ, ଏହା ବିଭିନ୍ନ ରାଜନୀତି ପ୍ରକ୍ରିୟାରେ ମଧ୍ୟ ମୁଖ୍ୟ କାରକ ହେତୁ ଏହା ପ୍ରଶାସନିକ ନିଷ୍ପତ୍ତି ନେବାରେ ନିର୍ଣ୍ଣାୟକ ହୁଏ । ରାଜ୍ୟ ପୁନର୍ଗଠନରେ ମଧ୍ୟ ସେହି ଅଞ୍ଚଳରେ କୌଣସି ଏକ ଜାତି ବା ଗୋଷ୍ଠୀର ଅନୁଚିତ ପ୍ରାବଲ୍ୟ ପ୍ରତିହତ କରିବାକୁ ଚିନ୍ତା କରାଯାଇଥାଏ । ରାଜ୍ୟ ସରକାର ମାନଙ୍କର ନିଷ୍ପତ୍ତି ଗୁଡିକ ଜାତି ତତ୍ତ୍ୱ ଦ୍ୱାରା ପ୍ରଭାବିତ ହୋଇଥାଏ । କ୍ଷମତାସୀନ ଦଳ ନିଷ୍ପତି ନେବା ଶକ୍ତିକୁ, ମୁଖ୍ୟ ଜାତିସମୂହର କୃପାଦୃଷ୍ଟି ପାଇବା ଲକ୍ଷ୍ୟରେ ବ୍ୟବହାର କରନ୍ତି । ଅଧିକାଂଶ ରାଜନୈତିକ ଦଳ ଅନୁସୁଚିତ ଜାତି ମାନଙ୍କୁ ନିଜର ଭୋଟବ୍ୟାଙ୍କ କରିବାକୁ ଯତ୍ନବାନ ହୁଅନ୍ତି । ଦଳିତ-ବ୍ରାହ୍ମଣ ସନ୍ଧି ପନ୍ଥା ବି ଏସ୍ ପି ଆଦରି ନେଇଛି ।
- **ଜାତି ଓ ସ୍ଥାନୀୟ ରାଜନୀତି:** ଗ୍ରାମାଞ୍ଚଳ ପରିପ୍ରେକ୍ଷୀରେ ଜାତି ସଂଘଟନ (mobilization) ଦଳମାନଙ୍କର ମୁଖ୍ୟ ନିତି । ପଂଚାୟତିରାଜ ଓ ଅନ୍ୟାନ୍ୟ ସ୍ୱଂୟଶାସନ ସଂସ୍ଥାମାନଙ୍କରେ ଜାତିର ଭୂମିକା ବିଷୟରେ ସମସ୍ତେ ଅବଗତ । ଏହା କହିବା ଅତିଶୟୋକ୍ତି ହେବନାହିଁ ଯେ ଜାତିବାଦ କ୍ଷୁଦ୍ର ଗୋଷ୍ଠୀବାଦକୁ ପ୍ରୋତ୍ସାହନ ଦେବା ଯୋଗୁଁହିଁ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ସ୍ୱଂୟଶାସନ ସଂସ୍ଥାମାନେ ଠିକ ଭାବରେ କାର୍ଯ୍ୟ କରିପାରୁନାହାନ୍ତି ।
- **ଜାତିଆଣ ହିଂସା:** ସମୟ ସମୟରେ ଜାତିଆଣ ହିଂସା ରାଜନୀତିରେ ଅନୁପ୍ରବେଶ କରିଥାଏ । ପାରମ୍ପାରିକ ସବର୍ଣ୍ଣ ଓ ଅସବର୍ଣ୍ଣ ଭେଦଭାବ ବହୁ ସମୟରେ କ୍ଷମତାର ହିଂସାତ୍ମକ ଓ ଉଗ୍ର ସଂଘର୍ଷରେ ରୂପାନ୍ତରିତ ହୋଇଯାଏ । ଗ୍ରାମାଞ୍ଚଳରେ ଉଚ୍ଚ ଜାତି ଓ କେତେକ ସମୟରେ ମଧ୍ୟମ ସ୍ତର ଜାତି ମାନଙ୍କର ଅସବର୍ଣ୍ଣମାନଙ୍କୁ ଭୀତି ପ୍ରଦର୍ଶନ ଘଟଣାର ବୃଦ୍ଧି ହେବା ଭାରତୀୟ ରାଜନୀତିର ଏକ ଦୁଃଖଦ ସତ୍ୟ । ମହାରାଷ୍ଟ୍ର, ବିହାର, ହରିୟାଣା, ଉତ୍ତରପ୍ରଦେଶ ଓ ରାଜସ୍ଥାନ ଉତ୍ୟାଦି ରାଜ୍ୟରେ ଏହା ସହରାଞ୍ଚଳରେ ମଧ୍ୟ ଦେଖାଯାଉଛି ।

ଜାତି ବର୍ତ୍ତମାନ ରାଜନୀତିରେ ଏକ ନୂତନ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଜାତିର ରାଜନୀତିକରଣ ତଥା ଜାତିଭିତ୍ତିକ ଭୋଟ ରାଜନୀତି ବର୍ତ୍ତମାନ ଭାରତୀୟ ରାଜନୀତିକୁ ପରିଚାଳିତ କରୁଛି । ରାଜନୈତିକ ଦଳମାନେ ନିର୍ବାଚନରେ ଜାତିର ପ୍ରୟୋଗକୁ ଅସ୍ୱୀକାର କଲେ ମଧ ଏହା ସତ୍ୟ ଯେ, ସେମାନେ ଖୋଲାଖୋଲି ଭାବେ ଜାତିକୁ ବ୍ୟବହାର କରୁଛନ୍ତି ।

## ରାଜନୀତିରେ ଜାତିର ବହୁଳ ପ୍ରଭାବର କାରଣ :

କୌଣସି ରାଜନୈତିକ ଦଳର ପକ୍କା ବିଚାରଧାରା ନାହିଁ ବା ସ୍ପଷ୍ଟ ସାମାଜିକ-ଅର୍ଥନୈତିକ କାର୍ଯ୍ୟକ୍ରମ ନାହିଁ । ପ୍ରତ୍ୟେକ ରାଜନୈତିକ ଦଳ ଗାନ୍ଧିବାଦ, ଗଣତନ୍ତ୍ର, ସମାଜବାଦ, ଧର୍ମନିରପେକ୍ଷତା ଓ ଗଣତନ୍ତ୍ରର ଅନ୍ୟାନ୍ୟ ଆଦର୍ଶରେ ବିଶ୍ୱାସ, ସେମାନଙ୍କର ଦଳୀୟ ଘୋଷଣାପତ୍ରରେ ସ୍ଥାନିତ କରନ୍ତି । କିନ୍ତୁ ସେମାନେ ସେହି ଆଦର୍ଶ ଗୁଡ଼ିକୁ କାର୍ଯ୍ୟରେ ହାସଲ କରିବାକୁ ଚେଷ୍ଟା କରନ୍ତି ନାହିଁ । ପ୍ରକୃତ କ୍ଷେତ୍ରରେ ପ୍ରତ୍ୟେକ ରାଜନୈତିକ ଦଳ କେବଳ କ୍ଷମତା ହାସଲରେ ଚେଷ୍ଟିତ । ସେମାନେ ଯଦି ଦଳୀୟ ସଂଗଠନ କେବଳ ରାଜନୈତିକ ଆଦର୍ଶ ଅନୁସାରେ କରନ୍ତି ତାହାହେଲେ ଜାତିବାଦ ଓ ସାଂପ୍ରଦାୟିକ ଶକ୍ତି ଆପେ ଆପେ ଦୁର୍ବଳ ହେବେ ।

ଭାରତୀୟ ରାଜନୈତିକ ବ୍ୟବସ୍ଥା ଅତି ପ୍ରତିଯୋଗିତାମୂଳକ । ସେମାନଙ୍କ କ୍ଷମତା ଅନୁଧାବନରେ ରାଜନୈତିକ ଦଳ ଓ ନେତା ସାମାଜିକ ଗୋଷ୍ଠୀ ସଂଘଟନ ପ୍ରକ୍ରିୟା ମାଧ୍ୟମରେ ସେମାନଙ୍କର ସହଯୋଗ ହାସଲ କରନ୍ତି ଓ ନିଜ ସ୍ଥିତି ଦୃଢ଼ିଭୂତ କରନ୍ତି । ରଜ୍‌ନି କୋଠାରିଙ୍କ ମତରେ "ତଥାକଥିତ ଜାତିଆଣବାଦ କେବଳ ଜାତିର ରାଜନୈତିକିକରଣ ନୁହେଁ । ଏହା ଦ୍ୱାରା ଜାତି କେବଳ ରାଜନୀତି ଉପରେ ପ୍ରାଧାନ୍ୟ ବିସ୍ତାର କରେନାହିଁ, ବରଂ ଜାତିର ମଧ୍ୟ ରାଜନୀତିକରଣ ହୋଇଥାଏ"।

## ରାଜନୀତି ଏବଂ ଜାତି – ଏକ ଗଣତାନ୍ତ୍ରିକ ଯୋଗକ୍ଷେମ :

ଜାତି ଓ ରାଜନୀତି ପରସ୍ପର ଉପରେ ପ୍ରଭାବ ପକାନ୍ତି । ବିଭିନ୍ନ ଜାତିର ରାଜନେତା ଜାତି ମନୋଭାବର ଅପବ୍ୟବହାର କରି ଅନ୍ୟର ହାନି କରାନ୍ତି ଓ ନିଜର ରାଜନୈତିକ ଓ ଅନ୍ୟାନ୍ୟ ସୁବିଧା ହାସଲ କରନ୍ତି । ଜାତି ସଚେତନତା ଓ ପ୍ରତିକୂଳ ମାନସିକତା ଯାହା ସମୂହ ଜନ ମାନସରେ ଥାଏ ତାହାକୁ ରାଜନେତା ଜାତି ଉନ୍ମାଦନାରେ ପରିବର୍ତ୍ତିତ କରି ନିଶ୍ଚିତ-ଭୋଟ ବ୍ୟାଙ୍କ (Vote Bank) କରିବା ପରେ ସୁବିଧାବାଦୀ ରାଜନୀତି କରିଥାନ୍ତି । ବିଭିନ୍ନ ରାଜନୈତିକ ଦଳର ଲୋକଙ୍କର ରାଜନୈତିକ ଚାଲିଚଳନ ଜାତିମାନସିକତା ଦ୍ୱାରା ପ୍ରଭାବିତ ହୋଇଥାଏ ।

ମନେରଖିବାକୁ ହେବଯେ ଜାତିର ପ୍ରଭାବ ସବୁ ସ୍ତରରେ ସମାନ ନୁହେଁ । ନିମ୍ନ ସ୍ତରରେ ଏହା ବିଶେଷ ଭାବରେ ଦୃଶ୍ୟମାନ ହୁଏ । ପଞ୍ଚାୟତିରାଜ ସଂସ୍ଥା ସ୍ତରରେ ଏହାର ପ୍ରଭାବ ବିଶେଷ ଭାବରେ ପରିଲକ୍ଷିତ ହୁଏ । ନିରକ୍ଷରତା କାରଣରୁ ଜାତିମାନସିକତା ସ୍ଥାନୀୟ ନିର୍ବାଚନ ମଣ୍ଡଳୀ ମତଦାତାଙ୍କ ମନରେ ଗଭୀର ଭାବରେ ବସା ବାନ୍ଧିଥିବାରୁ ମତଦାତାଙ୍କୁ ସ୍ଥାନୀୟ ରାଜନେତାମାନେ ସହଜରେ ପ୍ରଭାବିତ କରିଥାନ୍ତି । ରାଜ୍ୟ ଓ ଜାତୀୟ ସ୍ତର ନିର୍ବାଚନରେ ମଧ୍ୟ ଜାତିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ରାଜନୈତିକ ଦଳ ମାନଙ୍କର ନିର୍ବାଚନ ଇସ୍ତାହାର ସର୍ବଦା ତଥାକଥିତ ନିମ୍ନ ଜାତିର ମଙ୍ଗଳକାମନାରେ ପର୍ଯ୍ୟବସିତ ଥିବା ଏହାର ପ୍ରମାଣ ।

ଜାତିବାଦର ଏକ ସମୀକ୍ଷାତ୍ମକ ଅନୁଶୀଳନରୁ ନିମ୍ନ ତଥ୍ୟ ଦୃଷ୍ଟିଗୋଚର ହୁଏ-

- ଜାତିଆଣବାଦ ଜାତୀୟ ସଂହତିକୁ ବିପନ୍ନ କରେ, ପ୍ରତିନିଧିମୂଳକ ଗଣତନ୍ତ୍ରର ନିୟମଣି ଉଲଂଘନ କରେ ଏବଂ ଉପଜାତିମାନଙ୍କ ମଧ୍ୟରେ ଭେଦଭାବର ମୂଳ କାରଣ ହୋଇଥାଏ ।

- ଗଣତାନ୍ତ୍ରିକ ପ୍ରକ୍ରିୟା ଓ ନିରକ୍ଷର ମତଦାତାଙ୍କ ଭିତରେ ଜାତିବାଦ ଯୋଗାଯୋଗର ମାଧ୍ୟମ ଭାବରେ କାର୍ଯ୍ୟ କରେ ।
- ସମସ୍ତ ଦୋଷ ସତ୍ତ୍ୱେ ଜାତିଆଣବାଦ ସର୍ବଜନାଦୃତ ହୋଇଛି । ତେଣୁ ଏହା ସାମାଜିକ ସଂଗଠନ ପ୍ରକ୍ରିୟାର ଏକ ଅଂଶ ବିଶେଷ ।
- ଗଣତନ୍ତ୍ରର ସଫଳତା ପାଇଁ ପ୍ରତିନିଧିତ୍ୱ ଓ ନେତୃତ୍ୱର ଆବଶ୍ୟକତା ରହିଛି । ଅନେକ ଜାତି ମାନଙ୍କର ସଂଘ ଓ କାର୍ଯ୍ୟକଳାପ ଏହି ଦିଗରେ ସହାୟକ ହେଉଛନ୍ତି । ନୂତନ ଭାବରେ ପ୍ରକଟ ହୋଇଥିବା ପଛୁଆ ଜାତି ନିଜ ବହୁଳ ସଂଖ୍ୟା ଯୋଗୁ କ୍ଷମତା ଅଳିନ୍ଦରେ ପ୍ରବେଶ କରିଛନ୍ତି ଓ ଗୁରୁତ୍ୱ ହାସଲ କରିପାରିଛନ୍ତି ।

ତଥାପି ଜାତିବାଦର ରାଜନୀତିରେ ଭୂମିକା ମୂଲ୍ୟାୟନ କରିବା କଷ୍ଟକର । ଗୋଟିଏ ମତରେ ଭାରତୀୟ ସମାଜରେ ଜାତିବାଦ ପ୍ରଗତିଶୀଳ ଭୂମିକା ନିର୍ବାହ କରୁଛି । ଜାତି ରାଜନୀତି ନିମ୍ନଜାତିର ଲୋକମାନଙ୍କୁ, ଉଚ୍ଚ ଲୋକମାନଙ୍କ ସହିତ କ୍ଷମତା ପ୍ରାଙ୍ଗଣରେ ସମକକ୍ଷ କରାଇପାରିଛି । ପୁରାତନ ସାମାଜିକ ବ୍ୟବସ୍ଥାରେ ଥିବା ଜାତିଗତ ବୈଷମ୍ୟକୁ ଦୂର କରିବାରେ ଏହା ସହାୟକ ହୋଇଛି । ଏହା ଆମ ରାଜନୈତିକ ପ୍ରକ୍ରିୟାରେ ଜାତୀୟ ସଂହତି ଓ ସାମାଜିକ ଉନ୍ନୟନରେ ସାହାଯ୍ୟ କରୁଛି । ଅନ୍ୟପକ୍ଷରେ ସ୍ୱାଧୀନୋତ୍ତର ଭାରତର ସାମାଜିକ-ଅର୍ଥନୈତିକ ପରିବର୍ତ୍ତନ ଯୋଗୁ ପଛୁଆ ଜାତି ନିଜ ସଂଖ୍ୟା ବହୁଳତାର ବ୍ୟବହାର କରି ଯଥେଷ୍ଟ ସୁବିଧା ହାସଲ କରି ନିଜ ଗୁରୁତ୍ୱ ବଜାୟ ରଖିଛନ୍ତି । ବହୁ ସମୟରେ ତାହା ସାମାଜିକ ଉତ୍ତେଜନା ଓ ସଂଘର୍ଷ ସୃଷ୍ଟି କରିଛି । ଯୁକ୍ତି କରାଯାଉଛି ଯେ ଜାତି ଏକ ନିର୍ଣ୍ଣାୟକ ଉପାଦାନ ହୋଇ ସାମାଜିକ ଚେତନା ଜାଗ୍ରତ କରୁଛି । ଅନ୍ୟମାନଙ୍କ ମତରେ ଜାତି ଏକ ଅସ୍ୱସ୍ତିକର ଓ ବିଘ୍ନକାରୀ ତତ୍ତ୍ୱ । ଏହି ମତାବଲମ୍ବୀମାନେ କହନ୍ତି ଯେ ଜାତିଭିତ୍ତିକ ରାଜନୀତି ରାଷ୍ଟ୍ର ପ୍ରତି ଆନୁଗତ୍ୟ ଅପେକ୍ଷା ଗୋଷ୍ଠୀ ଆନୁଗତ୍ୟକୁ ପ୍ରାଧାନ୍ୟ ଦେଉଥିବାରୁ ଜାତୀୟ ଐକ୍ୟ ଓ ଜାତି ନିର୍ମାଣ କ୍ଷୁର୍ଣ୍ଣ ହେଉଛି ।

## ଆଞ୍ଚଳିକତା

ବିଭିନ୍ନତା ମଧ୍ୟରେ ଐକ୍ୟ ପ୍ରତିଷ୍ଠା କରିବାପାଇଁ ଭାରତୀୟ ଜାତୀୟ ରାଜନୀତିରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି । ଭାରତରେ ବିଭିନ୍ନ ଜାତି ଧର୍ମ, ଭାଷା ସମ୍ପ୍ରଦାୟ ଥିଲେ ମଧ୍ୟ ଜାତୀୟ ସଂହତି ପ୍ରତିଷ୍ଠା ପାଇଁ ରାଷ୍ଟ୍ର ସର୍ବଦା ଚେଷ୍ଟା କରି ଆସୁଛି । ଆଞ୍ଚଳିକତା ଜାତି ନିର୍ମାଣ ପଥରେ ଏକ ପ୍ରତିବନ୍ଧକ ସୃଷ୍ଟି କରୁଛି ।

### ଆଞ୍ଚଳିକତା କ'ଣ ?

ଗୋଟିଏ ଅଞ୍ଚଳ ବା ପ୍ରଦେଶ ପାଇଁ ଲୋକମାନଙ୍କର ଅହେତୁକ ନିଷ୍ଠାଥିଲେ ତାକୁ ସାଧାରଣତଃ ଆଞ୍ଚଳିକତା କୁହାଯାଏ । ବେଳେବେଳେ ଏକ ଅବହେଳିତ ଅତ୍ୟାଚରିତ ଲୋକଙ୍କର ଶାସକଗୋଷ୍ଠୀ ବିରୁଦ୍ଧରେ ଏକ ସ୍ୱତଃସ୍ଫୁର୍ତ୍ତ ପରିପ୍ରକାଶକୁ ମଧ୍ୟ ଆଞ୍ଚଳିକତା କୁହାଯାଇଥାଏ । ତେବେ ଏହି ବ୍ୟବସ୍ଥା ଦ୍ୱାରା ଲୋକମାନଙ୍କର ଆନୁଗତ୍ୟ ଏକ

ରାଷ୍ଟ୍ର ପ୍ରତି ନ ରହି ଏକ ଅଞ୍ଚଳ ପ୍ରତି ସୀମିତ ରହେ।

ସେଲିଗ୍‌ମାନ ଓ ଜନ୍‌ସନ୍ (Seligman and Johnson) ଙ୍କ ମତରେ,''ଆଞ୍ଚଳିକତା ଅତିରଞ୍ଜିତ ଓ ପିଡାଦାୟକ ଯେକୌଣସି କେନ୍ଦ୍ରୀକରଣ ବ୍ୟବସ୍ଥାର ପ୍ରତିରୋଧ ଅଟେ । (A counter movement to any exaggerated and the oppressive form of Centralisation)

ଡ଼କ୍ଟର ଇକ୍‌ବାଲ୍ ନାରାୟଣଙ୍କ ମତରେ ଭାରତର ଆଞ୍ଚଳିକତାକୁ ଅସ୍ତିସୂଚକ ଓ ନାସ୍ତିସୂଚକ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମରେ ଏହା କୌଣସି ଏକ ଅଞ୍ଚଳର ଲୋକମାନଙ୍କର ଆକାଂକ୍ଷା ପୂରଣ ପାଇଁ ଉଦ୍ୟମ ଓ ଦ୍ୱିତୀୟ ଅର୍ଥରେ ଏହା କେତେକ ଗୁରୁତର ସମସ୍ୟାପ୍ରତି କର୍ତ୍ତୃପକ୍ଷଙ୍କ ଉଦାସୀନତାର ପ୍ରତିରୋଧ କରେ ।

ଆଞ୍ଚଳିକତା




ଏକତା ପାଇଁ ଆମ ଭିତରେ ଲଢେଇ ନତାନ୍ତ ଆବଶ୍ୟକ...

ତେଣୁ ଭାରତ ପରିପ୍ରେକ୍ଷୀରେ, ଦେଶ ମଧ୍ୟରେ ବିଭିନ୍ନ ଗୋଷ୍ଠୀ ଦ୍ୱାରା ସେମାନଙ୍କ ବଂଶଗତ, ଭାଷାଗତ ଓ ଆର୍ଥିକ ସ୍ୱାର୍ଥର ସ୍ୱାତନ୍ତ୍ୟ ବଜାୟ ରଖିବା ପାଇଁ ହେଉଥିବା ଉଦ୍ୟମକୁ ଆଞ୍ଚଳିକତା ବୋଲି କୁହାଯାଇପାରେ।

ଆଞ୍ଚଳିକତାର ଅନ୍ୟ ଦିଗଟି ହେଲା– ନିଜ ଅଞ୍ଚଳର ଉନ୍ନତି ଓ ବିକାଶ ପାଇଁ ଏଠାର ଅଧିବାସୀମାନେ ଅନ୍ୟ ଅଞ୍ଚଳର କ୍ଷତି ଓ ଅମଙ୍ଗଳ ଚିନ୍ତା କରିଥାନ୍ତି। ଉଦାହରଣ ସ୍ୱରୂପ ଭାରତରେ ସର୍ବତ୍ର ବିକାଶର ହାର ସମାନ ନୁହେଁ। କେତେକ ଅଞ୍ଚଳ ଅର୍ଥନୈତିକ ସ୍ତରରେ ଅପେକ୍ଷାକୃତ ଅଧିକ ବିକାଶଶୀଳ। ପଛୁଆ ଅଞ୍ଚଳବାସୀମାନେ ବିକଶିତ ଅଞ୍ଚଳର ଅଧିବାସୀଙ୍କ ପ୍ରତି ସମାନ ମନୋଭାବ ପୋଷଣ କରନ୍ତି ନାହିଁ। ଏହା ଜାତୀୟ ସଂହତି ଓ ରାଷ୍ଟ୍ର ନିର୍ମାଣ ପ୍ରତି ଘୋର ବିପଦ ସୃଷ୍ଟି କରିଥାଏ।

**ଭାରତରେ ଆଞ୍ଚଳିକତାର ପ୍ରକାର ଭେଦ :**

ଭାରତରେ ଆଞ୍ଚଳିକତାର ଜନ୍ମ ଏବେକାର ନୁହେଁ। ପରାଧୀନ ଭାରତରେ ବ୍ରିଟିଶ ଶାସକ ମାନେ ଭାରତକୁ ଭାଗଭାଗ କରି ରଖିବାପାଇଁ ଆଞ୍ଚଳିକତାକୁ ପ୍ରୋତ୍ସାହିତ କରୁଥିଲେ। ବ୍ରିଟିଶ୍ ଶାସକମାନେ ନିଜର ସୁବିଧାପାଇଁ ବିଭାଜନ ଓ ଶାସନ (Divide and Rule) ନୀତି ପ୍ରବର୍ତ୍ତନ କରି ଭାରତୀୟମାନଙ୍କୁ ବିଭାଜିତ କରି ରଖିଥିଲେ। ଯାହାର ଉଦ୍ଦେଶ୍ୟ ଥିଲା, ଭାରତୀୟମାନଙ୍କ ମଧ୍ୟରେ ଏକତାର ଭାବନା ସୃଷ୍ଟି ନହେଉ ଏବଂ ସେମାନଙ୍କର ଶାସନ

ପ୍ରତି କୌଣସି ବିପଦ ନହେଉ । ସ୍ୱାଧୀନତା ପରେ ଏହି ସମସ୍ୟା ଗୁରୁତର ଆକାର ଧାରଣ କରିଛି । ଏହାର ପରିପ୍ରକାଶ ବିଭିନ୍ନ ଉପାୟରେ କରାଯାଇଛି ।

**ଆଞ୍ଚଳିକତାର ବିଭିନ୍ନ ପରିପ୍ରକାଶ :**

**(୧) ବିଚ୍ଛିନ୍ନତାବାଦୀ ଆନ୍ଦୋଳନ :** ଭାରତର କେତେକ ଅଞ୍ଚଳ ର ଅଧିବାସୀମାନଙ୍କର ଏପରି ଏକ ମନୋଭାବ ରହିଛିଯେ, ସେମାନେ ଦେଶରୁ ଅଲଗା ହୋଇ ଅନ୍ୟଏକ ଭିନ୍ନ ସାର୍ବଭୌମ ରାଷ୍ଟ୍ର ଗଠନ କରିପାରିବେ । ଏଥିପାଇଁ ବିଭିନ୍ନ ଦାବି ଓ ଆନ୍ଦୋଳନ ଦ୍ୱାରା ସେମାନେ ଆଞ୍ଚଳିକତାକୁ ଗୁରୁତ୍ୱ ଦେଉଛନ୍ତି । ଏପରି କେତେକ ଆନ୍ଦୋଳନ ହିଂସାତ୍ମକ ଏବଂ ଉଗ୍ର ରୂପ ଧାରଣ କରିଛି ।

ଯଦିଓ ଭାରତ ସମ୍ବିଧାନରେ କୌଣସି ରାଜ୍ୟକୁ ଭାରତର ରାଷ୍ଟ୍ରସଂଘରୁ ଅଲଗା ହୋଇ ଯିବାର ଅଧିକାର ନାହିଁ । ତଥାପି ୧୯୫୬ ମସିହାଠାରୁ ପଞ୍ଜାବର ଅକାଳୀ ଦଳର ଗୋଟିଏ ଗୋଷ୍ଠୀ ଖଲିସ୍ଥାନ ଗଠନ କରିବା ପାଇଁ ଦାବି କରି ଆସୁଛି । ୧୯୬୦ ମସିହାରେ ଦ୍ରାବିଡ଼ ମୁନେତ୍ରା କାଡାଗମ ଦଳ (DMK) ଏକ ସ୍ୱତନ୍ତ୍ର ଦ୍ରାବିଡ଼ ଜାତି ଗଠନ କରିବା ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ । ସେହିପରି ମିଜୋମାନେ ଆସାମ ରାଜ୍ୟର ପାର୍ବତ୍ୟ ଜିଲ୍ଲାମାନଙ୍କୁ ନେଇ ଏକ ସାର୍ବଭୌମ ମିଜୋରାଷ୍ଟ୍ର ଗଠନ ପାଇଁ ଆନ୍ଦୋଳନ କରୁଥିଲେ । ୧୯୫୨ ମସିହାରେ ନାଗାମାନେ ବିଚ୍ଛିନ୍ନତା ମନୋଭାବ ପ୍ରସାର କରି ଭାରତ ବିରୁଦ୍ଧରେ ଗରିଲା ଆକ୍ରମଣ ଚାଲୁ ରଖିଥିଲେ । ୧୯୬୩ ମସିହାରେ ନାଗାଲ୍ୟାଣ୍ଡ ଓ ୧୯୮୭ ମସିହାରେ ମିଜୋରାମ ଗଠିତ ହେଲା । ତଥାପି ଏହିସବୁ ରାଜ୍ୟରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ଭାରତ ବିରୁଦ୍ଧରେ ବିଦ୍ରୋହ ଚାଲୁ ରଖିଛନ୍ତି । ଜାମ୍ମୁ ଓ କାଶ୍ମୀରରେ ୧୯୮୯ ମସିହାଠାରୁ ଏକ ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ଲାଗି ରହିଛି । JKLF (ଜମ୍ମୁ କାଶ୍ମୀର ଲିବରେସନ ଫ୍ରଣ୍ଟ) ଏବଂ ଅନ୍ୟ କେତେକ ସଂଗଠନ ଏହି ଆନ୍ଦୋଳନକୁ ଜୋରଦାର କରି ବିଭିନ୍ନ ସମୟରେ ହିଂସାତ୍ମକ କାର୍ଯ୍ୟକଳାପରେ ଲିପ୍ତ ରହିଛନ୍ତି । ଭାରତ ସରକାର ଦେଶର ସାର୍ବଭୌମତ୍ୱ, ଐକ୍ୟ ଓ ସଂହତି ରକ୍ଷା ପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବାରୁ ଏହି ବିଚ୍ଛିନ୍ନତାବାଦୀ ଶକ୍ତିମାନେ ଯଥେଷ୍ଟ ସମର୍ଥନ ଲାଭ କରି ପାରୁନାହାନ୍ତି ।

**(୨) ସ୍ୱତନ୍ତ୍ର ରାଜ୍ୟ ଗଠନ :** ଆଞ୍ଚଳିକତାର ଅନ୍ୟଏକ ସ୍ୱରୂପ ହେଲା ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଦାବି । ୧୯୫୬ ମସିହା ରାଜ୍ୟ ପୁନର୍ଗଠନ ଆୟୋଗର ସୁପାରିଶ ଅନୁସାରେ ଭାଷାଭିତ୍ତିକ ରାଜ୍ୟ ଗଠନ କରାଗଲା କିନ୍ତୁ ଏହା ସବୁ ସମସ୍ୟାର ସମାଧାନ କରିପାରିଲାନାହିଁ । ବରଂ ପରବର୍ତ୍ତୀ ସମୟରେ ଭାରତର ବିଭିନ୍ନ ଅଞ୍ଚଳରେ ଭାଷା ଓ ସଂସ୍କୃତିର ସ୍ୱାତନ୍ତ୍ର୍ୟରକ୍ଷା କରିବା ପାଇଁ ସ୍ୱତନ୍ତ୍ର ରାଜ୍ୟ ଗଠନ ଦାବି କ୍ରମଶଃ ବଢିବାରେ ଲାଗିଛି । ୧୯୫୬ ମସିହାରେ ୧୬ଟି ଭାଷାଭିତ୍ତିକ ରାଜ୍ୟ ଗଠିତ ହୋଇଥିଲା କିନ୍ତୁ ବର୍ତ୍ତମାନ ଭାରତରେ ରାଜ୍ୟମାନଙ୍କ ସଂଖ୍ୟା ୨୯ରେ ପହଞ୍ଚିଲାଣି ।

୧୯୬୦ ମସିହାରେ ମରାଠୀ ଓ ଗୁଜୁରାଟୀ ଭାଷାର ସ୍ୱାତନ୍ତ୍ର୍ୟ ରଖିବା ପାଇଁ ବମ୍ବେ ପ୍ରଦେଶକୁ ଦୁଇଭାଗକରି ମହାରାଷ୍ଟ୍ର ଓ ଗୁଜୁରାଟ ରାଜ୍ୟ ଗଠିତ ହେଲା । ୧୯୬୬ ମସିହାରେ ପଞ୍ଜାବକୁ ଭାଗ କରାଯାଇ ପଞ୍ଜାବ,

ହରିୟାଣା ପ୍ରଦେଶ ଗଢ଼ା ହେଲା। ତା ସହିତ କେନ୍ଦ୍ର ଶାସିତ ଅଞ୍ଚଳ ଚଣ୍ଡୀଗଡ଼ ମଧ୍ୟ ସୃଷ୍ଟି ହେଲା । ୧୯୬୯ ମସିହାରେ ସଂସଦରେ ଆସାମ ବିଧେୟକ ପାରିତ କରାଯାଇ ମେଘାଳୟକୁ ଆସାମର ଏକ ସ୍ୱାୟତ୍ତ ଅଞ୍ଚଳରେ ପରିଣତ କରାଗଲା ଏବଂ ୧୯୭୨ ମସିହାରେ ଗାରୋ, ଖାସି, ଜୟନ୍ତିଆ ପ୍ରଭୃତି ଜନଜାତିମାନଙ୍କ ପାଇଁ ମେଘାଳୟ ରାଜ୍ୟ ଗଠନ କରାଗଲା। ବିଭିନ୍ନ ଅଞ୍ଚଳର ଭାଷା, ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ସୁରକ୍ଷା ପାଇଁ ଅନେକ ଗୁଡ଼ିଏ ରାଜ୍ୟ ସୃଷ୍ଟି କରାଗଲାଣି। ଗୋଆ, ଅରୁଣାଚଳ ପ୍ରଦେଶ, ହିମାଚଳ ପ୍ରଦେଶ, ତ୍ରିପୁରା, ମଣିପୁର ଓ ସିକିମ ଇତ୍ୟାଦି ଭାରତୀୟ ରାଷ୍ଟ୍ରସଂଘରେ ପୂର୍ଣ୍ଣରାଜ୍ୟମାନଙ୍କର ମର୍ଯ୍ୟାଦା ହାସଲ କରିଛନ୍ତି। ୧୯୮୬ ମସିହାଠାରୁ ସୁବାଷ ଘିସିଂଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଗୁର୍ଖାଲ୍ୟାଣ୍ଡ ଆନ୍ଦୋଳନର ଶାନ୍ତିପୂର୍ଣ୍ଣ ସମାଧାନ ୧୯୮୮ ମସିହାରେ କରାଯାଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣରୂପେ ବନ୍ଦହୋଇ ପାରିନାହିଁ। ୨୦୦୦ ମସିହାରେ ବିହାରରୁ ଏକ ଅଂଶ ନେଇ ଝାଡ଼ଖଣ୍ଡ, ଉତ୍ତରପ୍ରଦେଶର ଏକ ଅଞ୍ଚଳରୁ ଉତ୍ତରାଞ୍ଚଳ, ଏବଂ ମଧ୍ୟ ପ୍ରଦେଶର ଏକ ଅଂଶକୁ ନେଇ ଛତିଶଗଡ଼ ରାଜ୍ୟମାନ ଗଠନ କରାଯାଇଛି। ଅନେକ ରାଜ୍ୟ ରାଜନୀତିକ କାରଣରୁ ଗଠିତ ହେଉଥିବାରୁ ଅନ୍ୟ ରାଜନୈତିକ ଗୋଷ୍ଠୀ ନୂତନ ରାଜ୍ୟ ଗଠନ ପାଇଁ ପ୍ରୋତ୍ସାହିତ ହେଉଛନ୍ତି। ଉଦାହରଣ ସ୍ୱରୂପ- ଆନ୍ଧ୍ରର ଅନୁନ୍ନତ ଅଞ୍ଚଳ ତେଲେଙ୍ଗାନା ପାଇଁ ଏବଂ ଆସାମର କେତେକ ଅଧିବାସୀଙ୍କର ସ୍ୱତନ୍ତ୍ର ବୋଡ଼ୋଲ୍ୟାଣ୍ଡ ପାଇଁ ପୃଥକ୍ ରାଜ୍ୟ ଦାବି। (ବର୍ତ୍ତମାନ ତେଲେଙ୍ଗାନା ଏକ ପୃଥକ୍ ପ୍ରଦେଶ ହୋଇସାରିଛି ।)

**(୩) ପୂର୍ଣ୍ଣ ରାଜ୍ୟପାହ୍ୟା ଦାବି :** ୧୯୫୬ ମସିହାରେ ରାଜ୍ୟ ପୁନର୍ଗଠନ ଆଇନ ଅନୁଯାୟୀ ଭାରତୀୟ ରାଷ୍ଟ୍ରସଂଘରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ନାମରେ ଦୁଇପ୍ରକାର ପ୍ରଶାସନିକ ବ୍ୟବସ୍ଥା ସ୍ଥିର କରାଯାଇଥିଲା । ସମ୍ବିଧାନର ପ୍ରଥମ ଅନୁସୂଚୀ (first schedule)ରେ ଥିବା କେତେକ କେନ୍ଦ୍ର ଶାସିତ ଅଞ୍ଚଳ ପୂର୍ଣ୍ଣରାଜ୍ୟ ପାହ୍ୟା ଦାବିକଲେ। ଏହାକୁ ମଧ୍ୟ ଆଞ୍ଚଳିକତାବାଦର ଏକ ରୂପ ବୋଲି ଗ୍ରହଣ କରାଯାଇପାରେ। ହିମାଚଳ ପ୍ରଦେଶ, ମଣିପୁର, ତ୍ରିପୁରା, ଗୋଆ, ଡ଼ାମନ୍-ଡ଼ିଉ ପ୍ରଭୃତି କେନ୍ଦ୍ରଶାସିତ ଅଞ୍ଚଳ ମାନଙ୍କ ମଧ୍ୟରୁ ହିମାଚଳ ପ୍ରଦେଶ, ମଣିପୁର, ତ୍ରିପୁରା ଓ ପଣ୍ଡିଚେରୀରେ କେନ୍ଦ୍ର ସରକାର ବ୍ୟବସ୍ଥାପକ ସଭା ଗଠନ କଲେ। ଏହାପରେ ୧୯୬୯ ମସିହାରେ ଘୋଷଣାନାମାରେ କୁହାଗଲା ଯେ, କେନ୍ଦ୍ର ଶାସିତ ଅଞ୍ଚଳରେ ନୂଆ ବ୍ୟବସ୍ଥାପକ ସଭା ଗଠିତ ହୋଇପାରିବ ନାହିଁ। ସେମାନେ ସଂଲଗ୍ନ ରାଜ୍ୟ ସହିତ ମିଶିଯାଇ ପାରିବେ କିମ୍ବା ସେମାନଙ୍କୁ ରାଜ୍ୟ ପାହ୍ୟା ଦିଆଯିବ। ଏହା ଫଳରେ ହିମାଚଳ ପ୍ରଦେଶ ମଣିପୁର, ସିକିମ୍, ତ୍ରିପୁରା ଓ ଗୋଆ ପ୍ରଭୃତିକୁ ପୂର୍ଣ୍ଣ ରାଜ୍ୟପାହ୍ୟା ଦିଆ ଯାଇଛି। କେନ୍ଦ୍ର ଶାସିତ ଅଞ୍ଚଳ ଦିଲ୍ଲୀ ମଧ୍ୟ ତା'ର ଜନସଂଖ୍ୟା ଓ ଆର୍ଥିକ ସ୍ଥିତି ଦୃଷ୍ଟିରୁ ଏକ ପୂର୍ଣ୍ଣ ରାଜ୍ୟ ପାହ୍ୟା ଦାବି କରୁଛି। ଅବଶିଷ୍ଟ କେନ୍ଦ୍ର ଶାସିତ ଅଞ୍ଚଳ ଭବିଷ୍ୟତରେ ପୂର୍ଣ୍ଣ ରାଜ୍ୟ ପାହ୍ୟା ଲାଭ କରିପାରନ୍ତି।

**(୪) ହିନ୍ଦୀ ସାମ୍ରାଜ୍ୟବାଦର ବିରୋଧ :** ଭାରତରେ ସରକାରୀ ଭାଷା ହିନ୍ଦୀକୁ କେନ୍ଦ୍ରକରି ପ୍ରବଳ ବିରୋଧାଭାବ ପ୍ରକାଶ ପାଇଛି। ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ପ୍ରଭୃତି ଦକ୍ଷିଣ ରାଜ୍ୟମାନେ ହିନ୍ଦୀର ପ୍ରାଧାନ୍ୟକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ନୁହନ୍ତି। ସେମାନଙ୍କର ହିନ୍ଦୀ ବିରୋଧୀ ମନୋଭାବ କେନ୍ଦ୍ର ସରକାରଙ୍କର ପ୍ରତି ଏକ ଆକ୍ରମଣରେ ପରିଣତ ହୋଇଛି। ପଞ୍ଜାବ, ପଶ୍ଚିମବଙ୍ଗ ଓ ଆସାମ ପ୍ରଭୃତି ରାଜ୍ୟମାନେ ହିନ୍ଦୀପ୍ରତି ସମର୍ଥନ ଜଣାଇଲେ ନାହିଁ। ତେଣୁ ସାରା ଭାରତ ହିନ୍ଦୀ ସପକ୍ଷବାଦୀ ଓ ବିପକ୍ଷବାଦୀ ଗୋଷ୍ଠୀରେ ବିଭକ୍ତ ହୋଇଛି।

**(୫) ରାଜ୍ୟ ମଧ୍ୟରେ ଆଞ୍ଚଳିକ ସ୍ୱାଧୀନତା ପାଇଁ ଦାବି :** କେତେକ ରାଜ୍ୟରେ ଅଞ୍ଚଳ, ଅଞ୍ଚଳ ମଧ୍ୟରେ ଆର୍ଥନୀତିକ ଅନଗ୍ରସରତା ରହିଥିବାରୁ ସେଠାର ଅଧିବାସୀ ମାନଙ୍କ ମନରେ ଜନ ଅସନ୍ତୋଷ ବ୍ୟାପକ ରୂପ ନେଉଛି । ଉଦାହରଣ ସ୍ୱରୂପ, ଓଡ଼ିଶାରେ ଉପକୂଳ ଜିଲ୍ଲା ଗୁଡ଼ିକ ପଶ୍ଚିମ ଓଡ଼ିଶାରୁ ଜିଲ୍ଲାଗୁଡ଼ିକ ଅପେକ୍ଷା ଅଧିକ ଉନ୍ନତ ହୋଇଥିବାରୁ ପଶ୍ଚିମ ଓଡ଼ିଶାର ଅଧିବାସୀମାନେ ଅସନ୍ତୁଷ୍ଟ ଅଛନ୍ତି । ସେମାନଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀ ପଶ୍ଚିମ ଓଡ଼ିଶାରୁ ଏକ ସ୍ୱତନ୍ତ୍ର କୋଶଳ ରାଜ୍ୟରେ ଗଠନ କରିବାର ସପକ୍ଷରେ ଦାବି କରୁଥିବା ବେଳେ ଅନ୍ୟ ଏକ ଗୋଷ୍ଠୀ ଓଡ଼ିଶା ଭିତରେ ପଶ୍ଚିମ ଓଡ଼ିଶା ପାଇଁ ଅଧିକ ସ୍ୱୟଂଶାସନ (Autonomy) ଦାବି କରୁଛନ୍ତି । ଏଥିପାଇଁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ମଧ ଗଠନ କରାଯାଇଛି ।

ଜାମ୍ମୁ ଓ କାଶ୍ମୀରର ଜାମ୍ମୁ ଓ ଲଦାଖ୍ ଅଞ୍ଚଳରେ ଏକ ପ୍ରକାରର ଅବହେଳିତ ଭାବ ଲୋକମାନଙ୍କର ମନରେ ଅଛି ।ତେଣୁ ସ୍ୱାୟତ୍ତତା (Autonomy) ପାଇଁ ଜାମ୍ମୁ ସ୍ୱାୟତ୍ତତା ସାମୁଖ୍ୟ (Jammu Autonomy Front) ଲଦାଖୀମାନେ ଦାବି କରୁଛନ୍ତି ।

**(୬) ଆନ୍ତଃରାଜ୍ୟ ବିବାଦ :** ରାଜ୍ୟମାନଙ୍କ ମଧ୍ୟରେ ସୀମାବିବାଦ ବୃଦ୍ଧି ପାଇଛି । ଆନ୍ତଃରାଜ୍ୟ ସୀମା ଓ ଆନ୍ତଃରାଜ୍ୟ ନଦୀଜଳ ବଣ୍ଟନକୁ ନେଇ ମୁଖ୍ୟତଃ ବିଭିନ୍ନ ରାଜ୍ୟମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହେଉଛି । ଏହି ବିବାଦ ଆଞ୍ଚଳିକ ମନୋଭାବ ସୃଷ୍ଟି କରି ରାଷ୍ଟ୍ରସଂଘ ପ୍ରତି ବିପଦ ସୃଷ୍ଟି କରୁଛି ।

(କ) **ସୀମା ବିବାଦ–** ରାଜ୍ୟ ଗୁଡ଼ିକରେ ଭାଷା ଭିତ୍ତିକ ପୁନର୍ଗଠନ ସତ୍ତ୍ୱେ ଏହି ବିବାଦ ଗୁଡ଼ିକର ସମାଧାନ ହୋଇପାରିନାହିଁ । ଚଣ୍ଡୀଗଡ଼କୁ କେନ୍ଦ୍ରକରି ପଞ୍ଜାବ ଓ ହରିୟାନା ମଧ୍ୟରେ ବିବାଦ ଲାଗିରହିଛି । ପଞ୍ଜାବ ଚଣ୍ଡୀଗଡ଼କୁ ନେବା ପାଇଁ ଚାହୁଁଥିବା ବେଳେ ଫଜଲିକା ଓ ଆବୋହର ଜିଲ୍ଲାର ୧୧୪ଟି ହିନ୍ଦୀ ଭାଷାଭାଷୀ ଗ୍ରାମକୁ ହରିୟାଣା ହସ୍ତାନ୍ତର କରୁନାହିଁ । ବେଲଗାଓଁକୁ ନେଇ ମହାରାଷ୍ଟ୍ର ଓ କର୍ଣ୍ଣାଟକ ମଧ୍ୟରେ ବିବାଦ ଲାଗିରହିଛି । କର୍ଣ୍ଣାଟକ ଓ କେରଳ ମଧ୍ୟରେ କସରଗଡ଼କୁ ନେଇ ବିବାଦ, ପାସିଘାଟ୍ ସବ୍‌ଡ଼ିଭିଜନକୁ ନେଇ ଆସାମ ଓ ଅରୁଣାଚଳ ମଧ୍ୟରେ ବିବାଦ ଗୁଡ଼ିକର ସମାଧାନ ହୋଇପାରିନାହିଁ ।

(ଖ) **ନଦୀଜଳ ବଣ୍ଟନକୁ କେନ୍ଦ୍ର କରି ବିଭିନ୍ନ ରାଜ୍ୟ ମଧ୍ୟରେ ବିବାଦ–** ନଦୀଜଳ ବଣ୍ଟନ ଆର୍ଥିକ ଆଞ୍ଚଳିକତାର ଏକ ରୂପ ହିସାବରେ ମୁଣ୍ଡଟେକିଛି । ନର୍ମଦା ନଦୀଜଳ ବ୍ୟବହାରକୁ ନେଇ ମଧ୍ୟପ୍ରଦେଶ, ରାଜସ୍ଥାନ, ଗୁଜୁରାଟ ଓ ମହାରାଷ୍ଟ୍ର ମଧ୍ୟରେ ବିବାଦ, କ୍ରିଷ୍ଣା ନଦୀର ଜଳ ବଣ୍ଟନକୁ ନେଇ ମହାରାଷ୍ଟ୍ର, କର୍ଣ୍ଣାଟକ ଓ ଆନ୍ଧ୍ର ପ୍ରଦେଶମଧ୍ୟରେ ବିବାଦ, କାବେରୀ ଜଳ ବଣ୍ଟନକୁ କେନ୍ଦ୍ର କରି ତାମିଲନାଡୁ, କେରଳ ଓ କର୍ଣ୍ଣାଟକ ମଧ୍ୟରେ ବିବାଦ, ରାବି ଜଳ ବଣ୍ଟନକୁ ନେଇ ପଞ୍ଜାବ, ଜାମ୍ମୁ କାଶ୍ମୀର, ରାଜସ୍ଥାନ ଓ ହିମାଚଳ ପ୍ରଦେଶ ମଧ୍ୟରେ ବିବାଦ, ମହେନ୍ଦ୍ର ତନୟା ନଦୀ ଜଳ ବ୍ୟବହାର ନେଇ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶର ବିବାଦ ଦ୍ୱାରା ଆଞ୍ଚଳିକ ଉତ୍ତେଜନା ପ୍ରକାଶ ପାଉଛି ।

**(୭) ଭାଷା ଭିତ୍ତିକ ଆଞ୍ଚଳିକତା :** ମାତୃଭାଷା ପ୍ରୀତି ଯଦି ଅନ୍ୟ ଭାଷା ଉପରେ ଆଧିପତ୍ୟ ବିସ୍ତାରର ମନୋଭାବ ରଖି ଅହଙ୍କାର ସୃଷ୍ଟି କରେ ତେବେ, ଭାଷାଗତ ଆଞ୍ଚଳିକତା ସୃଷ୍ଟି ହୁଏ। ୧୯୫୬ ମସିହାରେ ଭାଷା ଭିତ୍ତିକ ରାଜ୍ୟ ଗଠନ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ କୌଣସି ରାଜ୍ୟକୁ ସମ୍ପୂର୍ଣ୍ଣ ଭାବେ ଏକମାତ୍ର ଭାଷାଭାଷୀ ଲୋକମାନଙ୍କୁ ନେଇ ଗଠିତ କରାଯାଇପାରିନାହିଁ। ଫଳ ସ୍ୱରୂପ, ଦୁଇ ଭାଷାଭାଷୀ ଲୋକ ମାନଙ୍କ ମଧ୍ୟରେ ଭାଷା ସଂପର୍କିତ ବିଦ୍ୱେଷ ସୃଷ୍ଟି ହୋଇ ଦଙ୍ଗାର ରୂପ ନେଉଛି। ସଂଖ୍ୟାଲଘୁ ଭାଷା ଗୋଷ୍ଠୀଙ୍କ ଉପରେ ଆଧିପତ୍ୟ ବିସ୍ତାର ଯୋଗୁ ଅନେକ ଆନ୍ଦୋଳନର ସୂତ୍ରପାତ ହେଉଛି। ଅତୀତରେ ବଙ୍ଗାଳୀମାନେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ଓ ବଙ୍ଗଳା ଭାଷାର କନିଷ୍ଠା ବୋଲି କହି ନିଜ ଭାଷାର ଆଧିପତ୍ୟ ବିସ୍ତାର କରିଥିଲେ।

**(୮) ଭୂମିପୁତ୍ର ତତ୍ତ୍ୱ :** ଏହି ତତ୍ତ୍ୱ ଅନୁସାରେ କୌଣସି ପ୍ରଦେଶରେ ସ୍ଥାପିତ କଳକାରଖାନା ବ୍ୟବସାୟ ପ୍ରତିଷ୍ଠାନ ଆଦିରେ କେବଳ ନିଜ ରାଜ୍ୟର ଲୋକଙ୍କୁ ଚାକିରି ଦେବାକୁ ଦାବି କରାଯାଏ ଏବଂ ଅନ୍ୟ ରାଜ୍ୟର ଲୋକ ମାନଙ୍କୁ ଚାକିରି ସୁଯୋଗରୁ ବଞ୍ଚିତ କରାଯାଏ। ମହାରାଷ୍ଟ୍ରର ଶିବସେନା, ଆସାମର ଅହୋମ ଗଣ ସଂଗ୍ରାମ ପରିଷଦ, ମିଜୋ ଜାତୀୟ ସାମୁଖ୍ୟ, ତ୍ରିପୁରାର ଉପଜାତି ଯୁବସମିତି ଇତ୍ୟାଦି ଭୂମିପୁତ୍ର ତତ୍ତ୍ୱକୁ ସମର୍ଥନ କରୁଛନ୍ତି। ଏକଦା ଆସାମରେ ବଙ୍ଗଳା ବିରୋଧୀ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଥିଲା । ଦୁର୍ଭାଗ୍ୟ ବଶତଃ ସମ୍ବିଧାନର ୧୬ (୩) ଧାରା ଏହି ତତ୍ତ୍ୱ ପ୍ରତି ସମର୍ଥନ ପ୍ରଦାନ କରିଛି ଓ ଏହା ବଳରେ ବିଭିନ୍ନ ରାଜ୍ୟମାନେ ରାଜ୍ୟରେ ଚାକିରି ପାଇଁ ସ୍ଥାୟୀ ବାସିନ୍ଦା ଯୋଗ୍ୟତାକୁ ଆଇନଗତ ଛାପ ପ୍ରଦାନ କରିଛନ୍ତି। ଏହା ଦ୍ୱାରା ଆଞ୍ଚଳିକ ମନୋଭାବ ବଢ଼ି ଚାଲିଛି।

**ଆଞ୍ଚଳିକତା ପ୍ରତିକାର ପାଇଁ ଉପାୟ/ପରାମର୍ଶ :**

ଆଞ୍ଚଳିକତା ଜାତି ନିର୍ମାଣ ପଥରେ ଏକ ବଡ଼ ପ୍ରତିବନ୍ଧକ। ଏହାକୁ ଦୂର ନକଲେ ଜାତି ନିର୍ମାଣ ଗତିଶୀଳ ହୋଇପାରିବ ନାହିଁ।

୧. **ବିଚ୍ଛିନ୍ନତାବାଦୀ ଶକ୍ତି ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ** – ବିଚ୍ଛିନ୍ନତାବାଦୀମାନଙ୍କୁ ପ୍ରଥମରୁ ଠିକ୍ ରୂପେ ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଜରୁରୀ ଅଟେ। ତା' ନହେଲେ ଦେଶର ଭୌଗୋଳିକ ଅଖଣ୍ଡତା ଓ ସଂହତି ପ୍ରତି ବିପଦ ସୃଷ୍ଟି ହେବଯାହା ଜାତି ନିର୍ମାଣ ପ୍ରତି ମଧ୍ୟ ବାଧା ସୃଷ୍ଟିକରିବ।

୨. **ଭାଷାର ସମନ୍ୱୟ** – ହିନ୍ଦୀ ଓ ଅଣହିନ୍ଦୀ ଭାଷାଭାଷୀ ଅଞ୍ଚଳ ମଧ୍ୟରେ ତୀବ୍ର ମତପାର୍ଥକ୍ୟ ଦେଖା ଦେଇଛି। ସରକାରୀ ଭାଷାକୁ କେନ୍ଦ୍ର କରି ହେଉଥିବା ଦ୍ୱନ୍ଦ୍ୱର ଅବସାନ ପାଇଁ ଉଦ୍ୟମ ହେବା ଆବଶ୍ୟକ। ଇଂରାଜୀ ଭାଷା ବିଦେଶୀ ହେଲେ ମଧ୍ୟ ସରକାରୀ କାର୍ଯ୍ୟ ପାଇଁ ଏହାର ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯିବା ଉଚିତ ନୁହେଁ। ଅଣହିନ୍ଦୀ ଭାଷୀ ଲୋକଙ୍କ ଉପରେ ହିନ୍ଦୀ ଭାଷାକୁ ଲଦିଦେବା ମଧ୍ୟ ଉଚିତ ନୁହେଁ। ଆଞ୍ଚଳିକତା ଭିତ୍ତିରେ ହିନ୍ଦୀ ଓ ଇଂରାଜୀ ଭାଷା ମଧ୍ୟରେ ସମନ୍ୱୟ ସ୍ଥାପନ କରାଯାଇପାରିଲେ ଆଞ୍ଚଳିକତା ହ୍ରାସ ପାଇପାରନ୍ତା।

୩. **ସମତୁଲ ପ୍ରଗତି** - କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟମାନଙ୍କ ପ୍ରତି ସମାନ ଦୃଷ୍ଟି ଭଙ୍ଗୀ ରଖି ସହାୟତା ଓ ଅନୁଦାନ ପ୍ରଦାନ କରିବା ଆବଶ୍ୟକ। ଏହାଦ୍ୱାରା ବିଭିନ୍ନ ରାଜ୍ୟ ମଧ୍ୟରେ ଆର୍ଥିକ ବିକାଶଗତ ତାରତମ୍ୟ କମିବ ଓ ସମତୁଲ ବିକାଶ ସମ୍ଭବ ହେବ। ଅନୁନ୍ନତ ରାଜ୍ୟମାନଙ୍କ ମଧ୍ୟରେ କେନ୍ଦ୍ର ବିରୋଧୀ ମନୋଭାବ ରହିବ ନାହିଁ।

୪. **ସର୍ବଭାରତୀୟ ଦଳର ଭୂମିକା** - ସର୍ବ ଭାରତୀୟ ରାଜନୀତିକ ଦଳ ଗୁଡ଼ିକ ସେମାନଙ୍କର ନୀତି, ଆଦର୍ଶ, ଆଚରଣ ଓ କାର୍ଯ୍ୟ ପଦ୍ଧତିରେ ପରିବର୍ତ୍ତନ ଆଣିବା ଉଚିତ୍। ରାଜନୈତିକ ସ୍ୱାର୍ଥ ଦ୍ୱାରା ପରିଚାଳିତ ନହୋଇ ରାଷ୍ଟ୍ରୀୟ ସ୍ୱାର୍ଥ ପାଇଁ ଉଦ୍ୟମ କଲେ ଆଞ୍ଚଳିକତା କିଛି ମାତ୍ରାରେ କମି ଯାଇ ପାରିବ।

୫. **ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ** - ଦେଶର ସ୍ୱାଧୀନତା ସଂଗ୍ରାମ ସମୟରେ ମହାତ୍ମାଗାନ୍ଧୀ, ଜବାହରଲାଲ୍ ନେହେରୁ, ସୁଭାଷ ବୋଷ୍‌ଙ୍କ ପରି ନେତୃବୃନ୍ଦ ଥିଲେ ଜାତୀୟବାଦୀ। ସେମାନେ ଜାତି, ଧର୍ମ, ବର୍ଣ୍ଣ, ସମ୍ପ୍ରଦାୟର ଉର୍ଦ୍ଧ୍ୱରେ ରହି ଦେଶକୁ ସ୍ୱାଧୀନ କରିପାରିଥିଲେ। ଆମର ବର୍ତ୍ତମାନର କେନ୍ଦ୍ରୀୟ ନେତୃବୃନ୍ଦ ଯଦି ଅଧିକ ମାତ୍ରାରେ ସାରା ଦେଶର ପ୍ରଗତି ଓ ବିକାଶ ପାଇଁ ଦୃଷ୍ଟିଦେବେ, ତେବେ ଆଞ୍ଚଳିକ ମନୋଭାବ କମିପାରିବ।

୬. **ଗଣମାଧ୍ୟମର ଭୂମିକା** - ଜାତି ନିର୍ମାଣ ନିମନ୍ତେ ଗଣମାଧ୍ୟମର ଏକ ବଳିଷ୍ଠ ଭୂମିକା ରହିଛି। ପ୍ରକୃତ ତଥ୍ୟ ଲୋକମାନଙ୍କ ପାଖରେ ପହଞ୍ଚାଇପାରିଲେ ନ୍ୟସ୍ତ ସ୍ୱାର୍ଥଗୋଷ୍ଠୀ ପଦାରେ ପଡ଼ନ୍ତେ। ଦେଶର ବୃହତ୍ତର ସ୍ୱାର୍ଥ, ଏକତା, ସଂହତି, ଧର୍ମ ନିରପେକ୍ଷତା ଇତ୍ୟାଦିର ବହୁଳ ପ୍ରସାର ଓ ପ୍ରଚାର ଦ୍ୱାରା ଲୋକମାନଙ୍କର ମନୋଭାବର ପରିବର୍ତ୍ତନ ହୋଇପାରିଲେ ଆଞ୍ଚଳିକତାକୁ ମୁକାବିଲା କରାଯାଇ ପାରିବ।

## ଆତଙ୍କବାଦ

**ଉପକ୍ରମ :**

ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ପରେ ପରେ, ପୃଥିବୀର ସାର୍ବଭୌମ ରାଷ୍ଟ୍ରଗୁଡ଼ିକର ଆଧିପତ୍ୟ କ୍ରମଶଃ ହ୍ରାସ ପାଇବାକୁ ଲାଗିଲା। ଏହାର ମୁଖ୍ୟ କାରଣ ହେଲା କେତେକ ଅଣରାଷ୍ଟ୍ର ସକ୍ରିୟ ଗୋଷ୍ଠୀ (Non-State Actors) । ସେମାନେ ହେଲେ କେତେକ ଆତଙ୍କବାଦୀ ସଂଗଠନ, ବହୁ ରାଷ୍ଟ୍ରୀୟ କମ୍ପାନୀ (MNC) ଏବଂ କେତେକ ଧର୍ମୀୟ ସଂଗଠନ। ଆତଙ୍କବାଦୀ ସଂଗଠନ ଗୁଡ଼ିକ ସେମାନଙ୍କର ଉଗ୍ରବାଦୀ କାର୍ଯ୍ୟକଳାପ ପାଇଁ ପ୍ରତ୍ୟେକ ରାଜନୈତିକ ରାଷ୍ଟ୍ର ଗୁଡ଼ିକର ଶାନ୍ତି ଓ ନିରାପତ୍ତାକୁ ବିପନ୍ନ କରି ଚାଲିଛନ୍ତି। ଏଠାରେ ଆମେ ଆତଙ୍କବାଦର ଅର୍ଥ, ପ୍ରକୃତି, ପ୍ରକାର ଏବଂ ବିଭିନ୍ନ ଦିଗ ଉପରେ ଆଲୋଚନା କରିବା।

**ଅର୍ଥ ଓ ପ୍ରକୃତି :**

Terrorism (ଆତଙ୍କବାଦ) ଶବ୍ଦଟି ଫରାସୀ ଶବ୍ଦ 'terrorisme'ରୁ ଆନିତ। ଫରାସୀ ଶବ୍ଦଟି ଲାଟିନ୍ ଶବ୍ଦ 'terrere'ରୁ ଆସିଛି । 'terrere' ଶବ୍ଦର ଅର୍ଥ ହେଲା 'to frighten' ଭୟଭୀତ କରାଇବା । ଯଦ୍ୟପି ଏହି ଶବ୍ଦଟି

ମୂଳତଃ ସରକାରୀ ଦମନଲୀଳା ସହିତ ସମ୍ପୃକ୍ତ, ବର୍ତ୍ତମାନ ସମୟରେ ଏହା ରାଜନୈତିକ ଉଦ୍ଦେଶ୍ୟପାଇଁ ହେଉଥିବା ନିରୀହ ଲୋକଙ୍କ ହତ୍ୟାର ତମାସାକୁ ବୁଝାଏ । ଏଣୁ ଆତଙ୍କବାଦର ଅର୍ଥ ହେଲା ଲୋକଙ୍କୁ କ୍ଷତି ପହଞ୍ଚାଇବା, ଯାହାଦ୍ୱାରା ସେମାନେ ଅତ୍ୟନ୍ତ ଭୟଭୀତ ହୋଇ ଥରିବେ। ଆତଙ୍କବାଦୀମାନେ ସେମାନଙ୍କର ଲକ୍ଷ୍ୟ ହାସଲ କରିବାକୁ ଯାଇ ହିଂସାର ମାର୍ଗକୁ ଆପଣେଇଥାନ୍ତି ଏବଂ ଆଇନ୍‌ସିଦ୍ଧ କର୍ମକର୍ତ୍ତା ଯେଉଁମାନେ କି ଦେଶର ଶାସନମୁଖ୍ୟ ସେମାନଙ୍କୁ ଧମକ୍ ଦେଇ ଭୟଭୀତ କରାଇବାକୁ ଚେଷ୍ଟା କରିଥାନ୍ତି। ପୂର୍ବକାଳରେ ଯେତେବେଳେ ଗୋଟିଏ ରାଜ୍ୟର ଶାସନକର୍ତ୍ତା ନିଜର ଶାସନରେ ବିଫଳତା ଦେଖାଉଥିଲା; ଲୋକମାନଙ୍କର ଆପତ୍ତି ଅଭିଯୋଗ ପ୍ରତି କର୍ଣ୍ଣପାତ କରୁନଥିଲା ଅଥବା ଦମନ ମୂଳକ ଶାସନ ଚଳାଉଥିଲା, ସେତେବେଳେ ହିଁ ଶାସିତ ଗୋଷ୍ଠୀ ହିଂସାର ମାର୍ଗରେ, ବିଭିନ୍ନ ବିଦ୍ରୋହ ମାଧ୍ୟମରେ ଏହାର ପ୍ରତିବିଧାନ କରୁଥିଲେ। ଅତଏବ ଆତଙ୍କବାଦ ଏକ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଭାବନା ଯେଉଁଠାରେ ହିଂସା ହିଁ ହେଉଛି ଲକ୍ଷ୍ୟ ହାସଲର ମୂଳମାର୍ଗ।

ପ୍ରକୃତ ପକ୍ଷରେ, ଆତଙ୍କବାଦ ହେଉଛି ଏକ ସଂଘବଦ୍ଧ ହିଂସାତ୍ମକ ପ୍ରୟୋଗ, ଯାହାକି ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ ସହାୟକ ହୋଇଥାଏ ଏବଂ ତାହା ନିରୀହ ଜନତାଙ୍କ ପ୍ରତି ଘାତକ ସାଜିଥାଏ। ଆତଙ୍କବାଦୀମାନେ ସାଧାରଣ ଜନତାଙ୍କ ମଧ୍ୟରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି କରିଥାନ୍ତି। ଏହି ଆତଙ୍କବାଦକୁ ପ୍ରସାରିତ କରିବା ପାଇଁ ସେମାନେ ଯେତେ ସଂଖ୍ୟକ ନିରୀହ ଜନତାଙ୍କୁ ହତ୍ୟା କରିପାରନ୍ତି ଓ ଯେତେ ପରିମାଣର ଜାତି ନିର୍ମାଣକୁ କ୍ଷତି ପହଂଚାଇ ପାରନ୍ତି। ସେମାନେ ଏଥିପାଇଁ ଲଗାମଛଡ଼ା । ଆତଙ୍କବାଦୀମାନେ ସେମାନଙ୍କର କୁଖ୍ୟାତ ଆତଙ୍କବାଦୀ କାର୍ଯ୍ୟକଳାପର ମାତ୍ରା ଦ୍ୱାରା ନିଜର ପରିଚୟକୁ ବହୁଗୁଣିତ କରିବାକୁ ଚାହିଁଥାନ୍ତି।

ଆତଙ୍କବାଦର ପ୍ରକାର ଭେଦ :

ଆତଙ୍କବାଦର ପରିଚିତି ହେଲା; କୌଣସି ବ୍ୟକ୍ତି, ଗୋଷ୍ଠୀ କିମ୍ବା ସଂଘ ସେମାନଙ୍କର ଉଗ୍ର କାର୍ଯ୍ୟକଳାପ ମାଧ୍ୟମରେ କୌଣସି ରାଜନୈତିକ ପ୍ରତିଷ୍ଠାନକୁ ଅସ୍ଥିର, ବିସ୍ଥାପନ ଅଥବା ପରିବର୍ତ୍ତନ କରିଦେବା। ବିଶ୍ୱସ୍ତରରେ ଆତଙ୍କବାଦର ପ୍ରୟୋଗ ଉପନିବେଶ ବିରୋଧି ସଂଘର୍ଷ ନିମିତ୍ତ, ଉଭୟ ପକ୍ଷରୁ ଅଥବା ଗୋଟିଏ ପକ୍ଷରୁ କରାଯାଉଛି। ଏହାମଧ୍ୟ ବେଳେବେଳେ ୨ଟି ଧର୍ମୀୟ ବିଭାଗ ଯଥା କ୍ୟାଥଲିକ ଏବଂ ପ୍ରୋଟେଷ୍ଟାଣ୍ଟ ମାନଙ୍କ ମଧ୍ୟରେ ଉତ୍ତର ଆୟାରଲ୍ୟାଣ୍ଡରେ ଅଥବା ସଂଘର୍ଷମୟ ବିଦ୍ରୋହୀବଳ ଓ ସ୍ଥାପିତ ସରକାରଙ୍କ ମଧ୍ୟରେ ଯଥା ଇରାନ, ଇରାକ୍,ଇଣ୍ଡୋନେସିଅ. ସିରିୟା ଆଦି ଦେଶ ଗୁଡ଼ିକରେ ଘଟୁଛି।

**ସୀମାପାର ଆତଙ୍କବାଦ:** ଯଦି ଗୋଟିଏ ଦେଶରେ ଉତ୍ପନ୍ନ ଆତଙ୍କବାଦ, ସେହି ଦେଶର ପୃଷ୍ଠପୋଷକତା ଲାଭ କରି ଅନ୍ୟ ଦେଶରେ ହିଂସାର ମାର୍ଗକୁ ପ୍ରୟୋଗ କରି, ସେଠାରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟିକରେ, ତାକୁ ସୀମାପାର ଆତଙ୍କବାଦ ବୋଲି କୁହାଯାଏ। ୧୯୮୦ ଦଶକଠାରୁ ଭାରତରେ ଚାଲିଥିବା ଆତଙ୍କବାଦ, ସଂପୂର୍ଣ୍ଣ ଭାବରେ ପାକିସ୍ଥାନ ପ୍ରଣୋଦିତ ଅଥବା ପାକ୍-ଅଧିକୃତ କାଶ୍ମୀରରୁ ପ୍ରାୟୋଜିତ। ଏହି ସୀମାପାର ଦ୍ୱାରା ଭାରତରେ ହଜାର ହଜାର ନିରୀହ ଜନତା ହତ୍ୟାର ଶିକାର ହେଉଛନ୍ତି।

**ଅନ୍ତର୍ଜାତିକ ଆତଙ୍କବାଦ :** ଯଦି ଆତଙ୍କବାଦୀ କାର୍ଯ୍ୟକଳାପର ପରିସୀମା ଦୁଇ ଅଥବା ତତୋଧିକ ଦେଶକୁ ଆକ୍ରାନ୍ତ କରିଥାଏ, ଏହାକୁ ଅନ୍ତର୍ଜାତିକ ଆତଙ୍କବାଦ କୁହାଯାଏ। ଏହି ଅନ୍ତର୍ଜାତୀୟ ଆତଙ୍କବାଦର ମୁଖ୍ୟ ସାଂଗଠନିକ ସଂସ୍ଥା ଥିଲା ଅଲକାଏଦା । ଓସାମା ବିନ ଲାଦେନ୍‌ର ମୃତ୍ୟୁ ପରେ ବର୍ତ୍ତମାନ ଆଇ ଏସ୍ ଆଇ ଏସ୍ (ISIS) ସେହି ଭୂମିକାରେ ଅଛି। ଏହାଦ୍ୱାରା ବିଶ୍ୱର ଅଧିକାଂଶ ଦେଶ ପ୍ରଭାବିତ ହେଉଛନ୍ତି। ଏହାର କାର୍ଯ୍ୟକଳାପ କୌଣସି ଗୋଟିଏ ଦେଶରେ ସୀମିତ ନରହି ସମଗ୍ର ବିଶ୍ୱକୁ କବଳିତ କରିବାକୁ ଚେଷ୍ଟା କରି ଚାଲିଛି।

**ଆତଙ୍କବାଦର ପ୍ରାୟୋଗିକ ଧାରା :**

- ସମସ୍ତ ଆତଙ୍କବାଦୀ ଗୋଷ୍ଠୀ ଗୁଡ଼ିକର ମୁଖ୍ୟ ପ୍ରାୟୋଗିକ ବିଧି ହେଲା ହିଂସା । କିନ୍ତୁ ଅଧିକାଂଶ ସମୟରେ ବିଭିନ୍ନ ଆତଙ୍କବାଦୀ ସଂଗଠନ, ବିଭିନ୍ନ ପ୍ରକାରର ହିଂସାତ୍ମକ କୌଶଳ ପ୍ରୟୋଗ କରିଥାନ୍ତି। ଏହି ଆତଙ୍କବାଦର ବିଭିନ୍ନ ପ୍ରୟୋଗ ମଧ୍ୟରେ ପାରମ୍ପରିକ ଅସ୍ତ୍ରଶସ୍ତ୍ରର ବ୍ୟବହାରଠାରୁ ଆରମ୍ଭ କରି ଅତ୍ୟାଧୁନିକ ଭୟଙ୍କର ଅସ୍ତ୍ରଶସ୍ତ୍ର ସମେତ ବିଷାକ୍ତ ବାଷ୍ପର ମଧ୍ୟ ପ୍ରୟୋଗ ହୋଇଥାଏ। ବେଳେବେଳେ ସେମାନେ ସାଧାରଣ ବନ୍ଧୁକଠାରୁ ବୋମା ମଧ୍ୟ ଲୋକମାନଙ୍କୁ ଡ଼ରାଇବାକୁ ବ୍ୟବହାର କରିଥାନ୍ତ । କିନ୍ତୁ ୧୯୬୮ ମସିହା ପରଠାରୁ ଆତଙ୍କବାଦୀମାନେ ସେମାନଙ୍କର ଆତଙ୍କ କୌଶଳରେ କେତେଗୁଡ଼ିଏ ଅତ୍ୟାଧୁନିକ ପରିବର୍ତ୍ତନ କରି ଗଣଧ୍ୱଂସୀ ଅସ୍ତ୍ର ଆଦିର ବ୍ୟବହାର କରିବାକୁ ପଛାଉ ନାହାଁନ୍ତି।
- ନିଜର ଲକ୍ଷ୍ୟ ଏବଂ ସମ୍ବଳକୁ ଆଧାରକରି, ଆତଙ୍କବାଦୀ ଗୋଷ୍ଠୀ ଗୁଡ଼ିକ ତାଙ୍କର ଦୃଢ଼ ଲକ୍ଷ୍ୟ ଭେଦୀ କାର୍ଯ୍ୟକ୍ରମମାନ ସ୍ଥିର କରୁଛନ୍ତି। ବେଳେବେଳେ ସେମାନେ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ଯଥା ବଜାର ଘାଟ, ଧାର୍ମିକସ୍ଥଳ ଆଦିରେ ଆଖିବୁଜା ଗୁଳିଚାଳନା କରି ବହୁ ସଂଖ୍ୟକ ନୀରିହ ଲୋକଙ୍କୁ ହତ୍ୟା କରନ୍ତି। ଏଥିପାଇଁ ସାଧାରଣ ଭାବରେ AK-୪୭ ବନ୍ଧୁକର ପ୍ରୟୋଗ ମଧ୍ୟ କରିଥାନ୍ତି। ଭୂତଳ ବୋମାର ବ୍ୟବହାର ଏବେ ଆତଙ୍କବାଦୀମାନଙ୍କ ପାଇଁ ସାଧାରଣ କଥା ହୋଇଗଲାଣି। ନିରବଚ୍ଛିନ୍ନ ବୋମା ବିସ୍ଫୋରଣ ଏବଂ ଭୟଙ୍କର RDX ଆଦି ବାରୁଦର ପ୍ରୟୋଗ ଏକ ବିବେକହୀନ ପଶୁ ପ୍ରକୃତିର ପରିଚାୟକ।
- ନିଜର କାର୍ଯ୍ୟହାସଲ ପାଇଁ ବିମାନ ଅପହରଣ କରି, ପଣବନ୍ଦୀ ମାନଙ୍କୁ ମାନସିକ ନିର୍ଯ୍ୟାତନା ଦେବା ଏବଂ ପରିଶେଷରେ କାର୍ଯ୍ୟହାସଲ ହୋଇ ନପାରିଲେ ସେମାନଙ୍କୁ ହତ୍ୟା କରିବା ହେଉଛି ଆତଙ୍କବାଦୀମାନଙ୍କର ଆଉ ଏକ ଜଘନ୍ୟ କାର୍ଯ୍ୟକଳାପ। ବିମାନ ଅପହରଣ କରି ଏହାକୁ କ୍ଷେପଣାସ୍ତ୍ର ପରି ପ୍ରୟୋଗ କରି ଉଭୟଯାତ୍ରୀ ମାନଙ୍କ ସହ ସର୍ବସାଧାରଣ ସମ୍ପତ୍ତିକୁ ଧ୍ୱଂସ କରିବା, ଏହା ହେଉଛି ଆଲକାଏଦା ସଂଗଠନର ଏକ ଅତ୍ୟାଧୁନିକ ପ୍ରୟୋଗ। ଏହା ଦ୍ୱାରା ଆଲକାଏଦା, ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ରକୁ ଧ୍ୱଂସ କରି ପାରିଥିଲା।
- ଆତ୍ମଘାତୀ କାର୍ଯ୍ୟକଳାପ ଯଥା, ନିଜ ଦେହରେ ବିସ୍ଫୋରକ ସାମଗ୍ରୀ ବାନ୍ଧି ଏବଂ ତାକୁ ବିସ୍ଫୋରଣ କରାଇ ଧ୍ୱଂସର ପରିବେଶ ସୃଷ୍ଟି କରି ନିଜର ଲକ୍ଷ୍ୟହାସଲ କରିବା ହେଉଛି ଏକ ନୂତନ କୌଶଳ। ୧୯୯୧

ମସିହାର ଲୋକସଭା ନିର୍ବାଚନ ସମୟରେ ଜଣେ ମହିଳା ଆତ୍ମଘାତୀ ଆତଙ୍କବାଦୀ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କୁ ହତ୍ୟା କରିବାକୁ ସକ୍ଷମ ହୋଇ ପାରିଥିଲା । ଇସ୍‌ଲାମିକ୍ ଆତ୍ମଘାତୀ ଆତଙ୍କବାଦୀମାନେ ଏହି କୌଶଳକୁ ବହୁଳ ମାତ୍ରାରେ ପ୍ରୟୋଗ କରି ଚାଲିଛନ୍ତି ।

**ଆତଙ୍କବାଦର ବିଭିନ୍ନ ରୂପ :**

ଆତଙ୍କବାଦର ନିମ୍ନ ପ୍ରକାରର ରୂପ ଦେଖିବାକୁ ମିଳିଥାଏ ।

(କ) **ସାମାଜିକ ଦଙ୍ଗା -** ଗୋଟିଏ ଗୋଷ୍ଠୀ ମଧ୍ୟରେ ଥିବା ଶାନ୍ତି ନିରାପତ୍ତା ଓ ସାଧାରଣ ଚଳଣିକୁ ବ୍ୟାହତ କରୁଥିବା ସାମୂହିକ ହିଂସା ।

(ଖ) **ରାଜନୈତିକ ଆତଙ୍କବାଦ -** ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଏକ ଗୋଷ୍ଠୀ ଦ୍ୱାରା ଉଗ୍ର ହିଂସାତ୍ମକ ବ୍ୟବହାରର ପ୍ରୟୋଗ, ଯାହାଦ୍ୱାରା ସାଧାରଣ ଜନତା ଭୟଭୀତ ହେଉଥିବେ ।

(ଗ) **ଅଣ-ରାଜନୈତିକ ଆତଙ୍କବାଦ -** ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ନହେଲେ ମଧ୍ୟ, ଜନସାଧାରଣଙ୍କୁ ଆତଙ୍କିତ ଅବସ୍ଥାରେ ରଖିବାର ପ୍ରୟାସ କରିଥାଏ ।

(ଘ) **ଅର୍ଦ୍ଧ-ଆତଙ୍କବାଦ -** ଏହା ପ୍ରତ୍ୟକ୍ଷ ଆତଙ୍କବାଦ ନହେଲେ ମଧ୍ୟ, ଏଥିରେ ଅପରାଧ ଏବଂ ହିଂସାର ଅବାଧ ପ୍ରୟୋଗ ଥାଏ । ଏହା ପରୋକ୍ଷ ଭାବରେ ସାଧାରଣ ଜନତାଙ୍କୁ ପୀଡ଼ିତ କରାଇଥାଏ ।

(ଙ) **ସୀମିତ ରାଜନୈତିକ ଆତଙ୍କବାଦ -** ଏହା ଏକ ବିଶେଷ ପ୍ରକାରର ଆତଙ୍କବାଦ ଯାହା, ଏକ ଆଦର୍ଶବାଦର ପ୍ରତିଷ୍ଠା ପାଇଁ ପ୍ରୟୋଗ କରାଯାଇଥାଏ ମାତ୍ର ଦେଶର ଶାସନ କ୍ଷମତାକୁ ହାସଲ କରିବା ପାଇଁ ନୁହେଁ । ଉଦାହରଣ- ନକ୍ସଲବାଦ

(ଚ) **ରାଷ୍ଟ୍ର ଆତଙ୍କବାଦ -** ଏହା ଏକ ସଂରଚନାତ୍ମକ ଆତଙ୍କବାଦ, ଯାହାକୁ ରାଷ୍ଟ୍ରନିଜେ ତିଆରି କରିଥାଏ ତାହାର ରାଜନୈତିକ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ, ଏହାକୁ ନିଜର ବିଦେଶନୀତି ମଧ୍ୟରେ ଅନ୍ତର୍ଭୁକ୍ତ କରିଥାଏ ।

**ଆତଙ୍କବାଦ ବିରୁଦ୍ଧରେ ସଂଗ୍ରାମ :** ପ୍ରତ୍ୟେକ ଗଣତାନ୍ତ୍ରିକ ସମାଜରେ ଆତଙ୍କବାଦ ହେଉଛି ଏକ ଅସ୍ଥିରତା ସୃଷ୍ଟିକାରୀ ଉପାଦାନ । ଯେଉଁଠି ସବୁବେଳେ ସରକାର ସେମାନଙ୍କର ନାଗରିକମାନଙ୍କର ଧନଜୀବନକୁ ସୁରକ୍ଷା ପ୍ରଦାନ କରିପାରନ୍ତି ନାହିଁ । ଆତଙ୍କବାଦୀମାନେ ସବୁବେଳେ ନିଜର ନିରାପତ୍ତାକୁ ଏକ ସୁଦୃଢ଼ ବଳୟ ମଧ୍ୟରେ ରଖି ନିଜକୁ ଆତ୍ମଗୋପନ କରି ସେମାନଙ୍କର କାର୍ଯ୍ୟକଳାପ ଚାଲୁରଖିଥାନ୍ତି । ବେଳେବେଳେ ସେମାନଙ୍କୁ ଚିହ୍ନଟ କରିବା ମଧ୍ୟ କଷ୍ଟସାଧ ହୋଇପଡେ ।

ପ୍ରତିଦିନ ବିଭିନ୍ନ ପ୍ରକାରର ଆତଙ୍କବାଦ ଆମ ସାମନାକୁ ଆସିଥାଏ । ଏହାର ବିହିତ ମୁକାବିଲା ପାଇଁ ଆମକୁ ଖୁବ୍ ସତର୍କତାର ସହ ନିଜର ଗୋଇନ୍ଦା ସଂସ୍ଥାକୁ ସୁଦୃଢ଼ କରି ଆତଙ୍କବାଦୀଙ୍କ ଅନୁପ୍ରବେଶ ଉପରେ ସତର୍କ

ନଜର ରଖିବାକୁ ପଡ଼ିବ। ସେମାନଙ୍କ ଗତିବିଧି ଗୁଡ଼ିକୁ ଅନୁଧ୍ୟାନ କରିବାକୁ ପଡ଼ିବ। ଲୋକମାନଙ୍କୁ ଏଥିପାଇଁ ସଚେତନ କରାଇ, ସେମାନଙ୍କୁ ସେମାନଙ୍କର ସୁରକ୍ଷା ପାଇଁ ଯଥେଷ୍ଟ ସୂଚନା ପ୍ରଦାନ କରି ଏବଂ ସେମାନଙ୍କର ସହଯୋଗ କାମନା କରି ଆତଙ୍କବାଦର ଦୃଢ଼ ମୁକାବିଲା କରିବାକୁ ପଡ଼ିବ। ଯଦି ସରକାରଙ୍କ ସମେତ ସମସ୍ତ ସଚେତନ ଜନତା ଏକ ସକାରାତ୍ମକ ଶାନ୍ତି ପ୍ରକ୍ରିୟାର ଭାବଧାରାରେ ଉଦ୍‌ବୁଦ୍ଧ ହୋଇ ସଂଘବଦ୍ଧ ଭାବରେ କାର୍ଯ୍ୟ କରିଚାଲିବେ, ତେବେ ଆତଙ୍କବାଦର କରାଳଛାୟା ଆପେ ଅପସରିଯିବ।

ଆତଙ୍କବାଦର ବିଭିନ୍ନ ଘଟଣାବଳୀ ପ୍ରତି ବିଶ୍ୱ ସମୁଦାୟ ଏବେ ଗଭୀର ଉଦ୍‌ବେଗ ପ୍ରକାଶ କଲେଣି। ଏହାର ଭୟାବହତାକୁ ମର୍ମେ ମର୍ମେ ଉପଲବ୍ଧ କଲେଣି। ଏହାର ଦୃଢ଼ ମୁକାବିଲା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ଏବେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ସମସ୍ତ ଦେଶ ସେମାନଙ୍କର ବିଦେଶରେ ଥିବା ଦୂତାବାସ ଗୁଡ଼ିକର ସୁରକ୍ଷା ପାଇଁ ପ୍ରବଳ ଯତ୍ନବାନ୍ ହେଲେଣି। ଦେଶମାନେ ମଧ୍ୟ ବିମାନ ଅପହରଣକୁ ରୋକିବା ପାଇଁ ମୁକ୍ତାକାଶ ନିରାପତ୍ତା ପରିସର ପାଇଁ ପ୍ରବଳ ଉଦ୍ୟମ ଜାରି ରଖିଛନ୍ତି।

ଭାରତ ସମେତ ବିଶ୍ୱର ଅଧିକାଂଶ ରାଷ୍ଟ୍ର ଏବେ ଆତଙ୍କବାଦର ଶିକାର ହୋଇ ପଡ଼ିଛନ୍ତି। ତେଣୁ ସେମାନେ ଆତଙ୍କବାଦର ସଂପୂର୍ଣ୍ଣ ବିଲୋପ ସାଧନ ପାଇଁ ଅନ୍ତର୍ଜାତିକ ସମୁଦାୟର ସହାୟତା ଲୋଡ଼ି ଏହାର ବିହିତ ପ୍ରତିକାର ପାଇଁ ଉଦ୍ୟମ ଜାରି ରଖିଛନ୍ତି। ମିଳିତ ଜାତିସଂଘ ମଧ୍ୟ ଅନ୍ତର୍ଜାତିକ ଆତଙ୍କବାଦର ଭୟାବହତାକୁ ଉପଲବ୍ଧ କରି ସାରିଛି। ଏହାର ସାଧାରଣ ସଭା, ବିଶ୍ୱ ସମୁଦାୟକୁ ଆହ୍ୱାନ କରିଛି ଯେ, ସମସ୍ତେ ଏକଜୁଟ ହୋଇ ମିଳିତ ଭାବରେ ଏହାର ଦୃଢ଼ ମୁକାବିଲା କର।

କିନ୍ତୁ ଆତଙ୍କବାଦର ସମାଧାନ ଏତେ ସହଜ ନୁହେଁ। ଏହା ଉଭୟ ପ୍ରତ୍ୟେକ ସାର୍ବଭୌମ ରାଷ୍ଟ୍ର ଏବଂ ଅନ୍ତର୍ଜାତିକ ସ୍ତରର ସହାୟତା ଦରକାର କରୁଅଛି। ପ୍ରତ୍ୟେକ ରାଷ୍ଟ୍ର ପ୍ରତ୍ୟେକ ସଂଗଠନ, ନାଗରିକ ସମାଜ, ଅନ୍ତର୍ଜାତିକ ସଂସ୍ଥା ଗୁଡ଼ିକ, ସମସ୍ତେ ସତତ ପ୍ରୟାସ କରି ଏକତ୍ରୀତ ଭାବରେ ଆତଙ୍କବାଦ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲେ ଯାଇ ଏହାର ବିଲୋପ ସାଧନ ହୋଇପାରେ। ଏକ ଦୃଢ଼ଜନମତ ସହ ଆତଙ୍କବାଦ ବିରୋଧ ପାଇଁ ଜନସଚେତନତାର ଅଦମ୍ୟ ଉଦ୍ୟମ ହିଁ ନିହାତି ଦରକାର। ଆଇନ୍ ଭଙ୍ଗକାରିମାନଙ୍କ ପ୍ରତି କୌଣସି ପ୍ରକାର ସାଲିସ୍ କରାଯିବ ନାହିଁ। ଆତଙ୍କବାଦକୁ ପ୍ରତିହତ କରିବା ପାଇଁ କଠୋରରୁ କଠୋରତମ ଆଇନ୍ ପ୍ରଣୀତ ହୋଇ ପ୍ରୟୋଗ ହେବା ଦରକାର। ନାଗରିକମାନେ ଆତଙ୍କବାଦୀମାନଙ୍କୁ କୌଣସି ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ନଦେବା ଦରକାର। ସାମ୍ପ୍ରଦାୟିକ ସଦ୍‌ଭାବ ମଧ୍ୟ ଆତଙ୍କବାଦର ଦୃଢ଼ ମୁକାବିଲା କରିବା ପାଇଁ ଅନ୍ୟ ଏକ ବଳିଷ୍ଠ ଉପାଦାନ।

## ଶବ୍ଦାବଳୀ

*ମାନ୍ୟତା* – ମୂଲ୍ୟବୋଧ

*ଯୋଗକ୍ଷେମ* – ଅଲବ୍ଧ ବସ୍ତୁର ଲାଭ ଏବଂ ଲବ୍ଧ ବସ୍ତୁର ରକ୍ଷଣ

## ସଂକ୍ଷିପ୍ତ ସୂଚନା

⇨ "ଜାତି ନିର୍ମାଣ" ବିଭିନ୍ନତାକୁ ବଜାୟ ରଖି ରାଷ୍ଟ୍ରର କ୍ଷମତା ବ୍ୟବହାର କରି ଏକ ଜାତୀୟ ପରିଚୟ ରଚନା କରିବାକୁ ବୁଝାଇଥାଏ।

⇨ ରାଷ୍ଟ୍ର, ଓ ଜାତି - ଗୋଟିଏ ରାଷ୍ଟ୍ର ଭୌଗୋଳିକ କ୍ଷେତ୍ର, ସାର୍ବଭୌମତ୍ୱ, ସରକାର ଓ ଲୋକସଂଖ୍ୟା ଆବଶ୍ୟକ କରୁଥିବା ବେଳେ ଜାତୀୟତା ସହ ବଂଶାନୁକ୍ରମ ଏବଂ ଲୋକଙ୍କ ବିକାଶ ସଂପୃକ୍ତି।

⇨ ରାଷ୍ଟ୍ରୀୟ ସଚେତନତା ମାଧମରେ ନିଜ ମଧରେ ସମ୍ଭାବ୍ୟ ଏକତା ରଖି ନିଜକୁ ଗୋଟିଏ ଜାତିରେ ପରିଣତ କରିବାରେ ଚେଷ୍ଟା କରନ୍ତି।

⇨ ରାଷ୍ଟ୍ର, ଜାତି ଏବଂ ସରକାର ପରସ୍ପର ମଧରେ ସଂପର୍କିତ ହୋଇଥିଲେ ମଧ ପରସ୍ପରଠାରୁ ପୃଥକ୍ ଶବ୍ଦ।

⇨ ଭାରତରେ ଜାତି ନିର୍ମାଣ ପ୍ରତି ସୃଷ୍ଟି ହେଉଥିବା ଅବରୋଧ ଗୁଡ଼ିକ ହେଲା ଆଞ୍ଚଳିକତାବାଦ, ଜାତିବାଦ, ସାଂପ୍ରଦାୟିକତାବାଦ ଓ ଆତଙ୍କବାଦ। ଯଦି ଜନସାଧାରଣ ସେମାନଙ୍କ ନିଜ ସ୍ୱାର୍ଥ ସହିତ ସମୂହ ସ୍ୱାର୍ଥ ଓ ଦେଶର ବିକାଶ ନିମନ୍ତେ ଯତ୍ନବାନ ନ ହୁଅନ୍ତି, ତେବେ ଜାତି ନିର୍ମାଣ ଅରଣ୍ୟରୋଦନ ପରି ମନେ ହେବ।

⇨ ଜାତି ନିର୍ମାଣ- ଏକ ଆଧୁନିକ ପ୍ରକ୍ରିୟା ଯାହା ରାଷ୍ଟ୍ରର କ୍ଷମତା ବ୍ୟବହାର କରି ନିର୍ଦ୍ଦିଷ୍ଟ ଭୂଖଣ୍ଡରେ ଏକ ଜାତୀୟ ପରିଚୟ ରଚନା କରି ସର୍ବସାଧାରଣ କ୍ଷମତାକୁ ବିଧିସଙ୍ଗତ କରିଥାଏ।

⇨ ଜାତି ନିର୍ମାଣ, ରାଷ୍ଟ୍ର ପରିସୀମା ମଧ୍ୟରେ ବସବାସ କରୁଥିବା ଜନସମୁଦାୟର ସେହି ଏକତ୍ରୀକରଣକୁ ସୂଚାଏ ଯାହାଦ୍ୱାରା ରାଷ୍ଟ୍ର ରାଜନୈତିକ ଦୃଷ୍ଟିରୁ ଦୀର୍ଘସ୍ଥାୟୀ ହୋଇ ପାରିବ।

⇨ ଜାତି ନିର୍ମାଣ ଅର୍ଥ ରାଷ୍ଟ୍ରର କ୍ଷମତା ବ୍ୟବହାର କରି ଏକ ଜାତୀୟ ପରିଚୟ ସୃଷ୍ଟି ବା ଗଠନ କରିବା

⇨ ଜେରେମି ସୁରିଙ୍କ ମତରେ ରାଷ୍ଟ୍ର ନିର୍ମାଣରେ ନିମ୍ନଲିଖିତ ପାଞ୍ଚଟି ଆବଶ୍ୟକ ଉପାଦାନ ଥାଏ - ଭାଗୀଦାର, ପ୍ରକ୍ରିୟା, ସମସ୍ୟା ସମାଧାନ, ଉଦ୍ଦେଶ୍ୟ ଓ ଜନସମୂହ।

⇨ ଭାରତର ଜାତି ନିର୍ମାଣର ସମସାମୟିକ ସମସ୍ୟା- ସାଂପ୍ରଦାୟିକତା, ଜାତିଆଣବାଦ, ଆଞ୍ଚଳିକତା, ଓ ହିଂସାର ରାଜନୀତି ବା ଆତଙ୍କବାଦ।

⇨ ଭାରତରେ ସାମ୍ପ୍ରଦାୟିକତାକୁ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଭିନ୍ନ ଭିନ୍ନ ସ୍ଥାନରେ ହେଉଥିବା ଉଦ୍‌ବେଗ, ମନୋମାଳିନ୍ୟ, ଦଙ୍ଗା ଓ ସଂଘର୍ଷ ସହ ଜଡିତ କରାଯାଏ।

⇨ ସାମ୍ପ୍ରଦାୟିକତା ସୃଷ୍ଟିର କାରଣ- ଧର୍ମୀୟ ମୂଳତତ୍ତ୍ୱବାଦ ବା ଗୁଡ଼ିବାଦ; ଧର୍ମର ରାଜନୀତିକରଣ; ଧର୍ମାନ୍ତରୀକରଣ; ରାଜନୀତିକ ସୁବିଧାବାଦ; ମୁସଲମାନ ସମ୍ପ୍ରଦାୟର ଅନଗ୍ରସରତା; ଇତିହାସରେ ସାମ୍ପ୍ରଦାୟିକତା; ବୈଦେଶିକ ସାହାଯ୍ୟ; ପ୍ରଶାସନିକ ବିଫଳତା; ମୁସଲମାନମାନଙ୍କର ଦେଶ ଭକ୍ତି ନେଇ ସନ୍ଦେହ ଓ ଗଣତାନ୍ତ୍ରିକ ଅନୁଷ୍ଠାନର ଅଧୋପତନ।

- ସାମ୍ପ୍ରଦାୟିକତା ଦୂରୀକରଣର ଉପାୟ – ଧର୍ମ ଓ ରାଜନୀତିର ପୃଥକୀକରଣ; ଅର୍ଥନୈତିକ ବୈଷମ୍ୟ ହ୍ରାସ; ସ୍ୱତନ୍ତ୍ର ବିଚାର ସଂସ୍ଥା
- ଜାତିବାଦର ନକାରାତ୍ମକ ରୂପ ହେଉଛି ଜାତିଆଣବାଦ । ରାଜନୈତିକ ନେତା ଏବଂ ରାଜନୈତିକ ଦଳ ସେମାନଙ୍କର ରାଜନୈତିକ ଉଦ୍ଦେଶ୍ୟ ସାଧନ ପାଇଁ ଜାତିକୁ ବ୍ୟବହାର କରନ୍ତି ।
- ଜାତିଆଣବାଦର କାରଣ- ଜାତି ମର୍ଯ୍ୟାଦାର ବୋଧ; ସ୍ୱଜାତିରେ ବିବାହ; ସହରୀକରଣର ପ୍ରଭାବ; ଗମନାଗମନର ସୁବିଧା; ନିରକ୍ଷରତା; ଧର୍ମୀୟ ମତାନ୍ଧତା; ସାମାଜିକ ଦୂରତା
- ଜାତିଆଣବାଦର ରାଜନୀତିକ ଭୂମିକା- ରାଜନୀତିକ ଅନ୍ତଃକରଣ; ନେତୃତ୍ୱ ଚୟନ; ଦଳୀୟ ରାଜନୀତି; ନିର୍ବାଚନୀୟ ରାଜନୀତି; ସରକାର ସଂରଚନା; ସ୍ଥାନୀୟ ରାଜନୀତି; ଜାତିଆଣ ହିଂସା ।
- ଗୋଟିଏ ଅଞ୍ଚଳ ବା ପ୍ରଦେଶ ପାଇଁ ଲୋକମାନଙ୍କର ଅହେତୁକ ନିଷ୍ଠାଥିଲେ ତାକୁ ସାଧାରଣତଃ ଆଞ୍ଚଳିକତା କୁହାଯାଏ।
- ଭାରତରେ ଆଞ୍ଚଳିକତାର ପ୍ରକାର ଭେଦ- ବିଚ୍ଛିନ୍ନତାବାଦୀ ଆନ୍ଦୋଳନ; ସ୍ୱତନ୍ତ୍ର ରାଜ୍ୟ ଗଠନ; ପୂର୍ଣ୍ଣ ରାଜ୍ୟ ପାହ୍ୟା ଦାବି; ହିନ୍ଦୀ ସାମ୍ରାଜ୍ୟବାଦର ବିରୋଧ; ରାଜ୍ୟ ମଧ୍ୟରେ ଆଞ୍ଚଳିକ ସ୍ୱାଧୀନତା ପାଇଁ ଦାବି; ଆନ୍ତଃରାଜ୍ୟ ବିବାଦ; ସୀମା ବିବାଦ; ନଦୀଜଳ ବଣ୍ଟନକୁ କେନ୍ଦ୍ର କରି ବିଭିନ୍ନ ରାଜ୍ୟ ମଧ୍ୟରେ ବିବାଦ; ଭାଷା ଭିତ୍ତିକ ଆଞ୍ଚଳିକତା; ଭୂମିପୁତ୍ର ତତ୍ତ୍ୱ:
- ପ୍ରତିକାର – ଦୃଢ କାର୍ଯ୍ୟାନୁଷ୍ଠାନ; ଭାଷାର ସମନ୍ୱୟ; ସମତୁଲ ପ୍ରଗତି; ସର୍ବଭାରତୀୟ ଦଳର ଭୂମିକା; ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ; ଗଣମାଧ୍ୟମର ଭୂମିକା ।
- ଆତଙ୍କବାଦ ହେଉଛି ଏକ ସଂଘବଦ୍ଧ ହିଂସାତ୍ମକ ପ୍ରୟୋଗ, ଯାହାକି ରାଜନୈତିକ ଲକ୍ଷ୍ୟ ହାସଲ ପାଇଁ ସହାୟକ ହୋଇଥାଏ ଏବଂ ତାହା ନିରୀହ ଜନତାଙ୍କ ପ୍ରତି ଘାତକ ସାଜିଥାଏ।
- ଆତଙ୍କବାଦର ପ୍ରକାର ଭେଦ- ସୀମାପାର ଆତଙ୍କବାଦ ଅନ୍ତର୍ଜାତିକ ଆତଙ୍କବାଦ।
- ଆତଙ୍କବାଦର ପ୍ରାୟୋଗିକ ଧାରା- ହିଂସା, ନୀରିହ ଲୋକଙ୍କୁ ହତ୍ୟା, ବିମାନ ଅପହରଣ କରିବା, ପଣବନ୍ଦୀ, ହତ୍ୟା, ଆତ୍ମଘାତୀ କାର୍ଯ୍ୟକଳାପ।
- ଆତଙ୍କବାଦର ବିଭିନ୍ନ ରୂପ – ସାମାଜିକ ଦଙ୍ଗା; ରାଜନୈତିକ ଆତଙ୍କବାଦ; ଅଣ-ରାଜନୈତିକ ଆତଙ୍କବାଦ; ଅର୍ଦ୍ଧ-ଆତଙ୍କବାଦ; ସୀମିତ ରାଜନୈତିକ ଆତଙ୍କବାଦ; ରାଷ୍ଟ୍ର ଆତଙ୍କବାଦ।

# ଆଦର୍ଶ ପ୍ରଶ୍ନାବଳୀ

## ବିଭାଗ - 'କ'

**ବିକଳ୍ପ ଉତ୍ତର ଗୁଡିକରୁ ସଠିକ ଉତ୍ତର ଚୟନ :**

୧. ଜେରେମି ସୁରିଙ୍କ ମତରେ ରାଷ୍ଟ୍ର ନିର୍ମାଣରେ ପାଞ୍ଚଟି ଆବଶ୍ୟକ ଉପାଦାନ ଥାଏ । ନିମ୍ନ ମଧରୁ କେଉଁଗୁଡିକ ତା ମଧରେ ନାହିଁ ? ନିମ୍ନ ପ୍ରଦତ୍ତ ସଂକେତ ଅନୁସାରେ ଚିହ୍ନଟ କର

A. ରାଷ୍ଟ୍ର ନିର୍ମାଣ ସର୍ବଦା ଭାଗୀଦାରୀ ଆବଶ୍ୟକ କରେ ।

B. ନେତୃତ୍ୱ ମାମୁଲି ଭାବରେ, ମୂଳଭୂତ ସମସ୍ୟାକୁ ସମାଧାନ କରିବାକୁ ଚେଷ୍ଟା କରନ୍ତି ।

C. ଜନସମୂହକୁ ଅଂଶୀଦାର କଲେ ରାଷ୍ଟ୍ର ନିର୍ମାଣ ସଫଳ ହୁଏ ।

D. ଜାତି ନିର୍ମାଣରେ ବହୁତ ଇଟା, ସିମେଣ୍ଟ ଓ ଲୁହାଛଡ ଆବଶ୍ୟକ ହୋଇଥାଏ ।

E. ଜାତି ନିର୍ମାଣ ସପକ୍ଷରେ କହିବା ପାଇଁ ଭଲ ବକ୍ତାମାନଙ୍କର ଆବଶ୍ୟକ ହୋଇଥାଏ ।

**ସଂକେତ :** (i) AB (ii) BC (iii) ED (iv) DA

୨. ନିମ୍ନ ପ୍ରଦତ୍ତ କେଉଁଗୁଡିକ ଜାତି ନିର୍ମାଣର ଅନ୍ତରାୟ ନୁହଁ ? ନିମ୍ନ ପ୍ରଦତ୍ତ ସଂକେତ ଅନୁସାରେ ଚିହ୍ନଟ କର

A. ସଦନରେ ସରକାରକୁ ବିରୋଧ ।

B. ଆତଙ୍କବାଦ ।

C. ଜାତିଆଣବାଦ ।

D. ବନ୍ଦ ଓ ହରତାଳ ।

**ସଂକେତ :** (i) AB (ii) BC (iii) CD (iv) DA

୩. ଆଞ୍ଚଳିକତା ଜାତି ନିର୍ମାଣ ପଥରେ ଏକ ବଡ଼ ପ୍ରତିବନ୍ଧକ । ନିମ୍ନ ମଧ୍ୟରୁ କେଉଁଗୁଡିକ ଆଞ୍ଚଳିକତାର ପ୍ରତିକାର ଅଟେ ? ନିମ୍ନ ପ୍ରଦତ୍ତ ସଂକେତ ଅନୁସାରେ ଚିହ୍ନଟ କର

A. ପଛୁଆ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପାଇଁ ବିଶେଷ ଆର୍ଥିକ ସୁବିଧା

B. ସମସ୍ୟା ଥିବା ଅଞ୍ଚଳରେ ମାଗଣା ଜିନିଷ ବଣ୍ଟନ

C. ଆଞ୍ଚଳିକ ସମସ୍ୟା ସୃଷ୍ଟି କରୁଥିବା ଗୋଷ୍ଠୀ/ ଦଳ ବିରୁଦ୍ଧରେ ଶକ୍ତ ପଦକ୍ଷେପ

D. ପ୍ରତ୍ୟେକ ଜିଲ୍ଲାକୁ ପ୍ରଦେଶ ଭାବରେ ପରିବର୍ତ୍ତନ

**ସଂକେତ :** (i) AB (ii) BC (iii) CA (iv) DA

## ବିଭାଗ - 'ଖ'

**ସଂକ୍ଷେପରେ ଲେଖ :**

୧. ଜାତି ନିର୍ମାଣର ସଜ୍ଞା ପ୍ରଦାନ କର ।

୨. ଆଞ୍ଚଳିକତା ଅର୍ଥ କ'ଣ ?

୩. ଭୂମିପୁତ୍ର ତତ୍ତ୍ୱ କଣ ?
୪. ସାମ୍ପ୍ରଦାୟିକତା ମାନେ କଣ ?
୫. ଜାତି ନିର୍ମାଣ ଓ ରାଷ୍ଟ୍ର ନିର୍ମାଣର ପାର୍ଥକ୍ୟ ଦର୍ଶାଅ ।
୬. ଜାତିଆଣବାଦ କଣ ?
୭. ସନ୍ତ୍ରାସବାଦ କେତେ ପ୍ରକାରର ?

**ଟିପ୍ପଣୀ ଲେଖ :**

୧. ସାମ୍ପ୍ରଦାୟିକତା ନିରାକରଣର ଉପାୟ ।
୨. ରାଜନୀତିରେ ଜାତିବାଦର ପ୍ରାଧାନ୍ୟର କାରଣ ।
୩. ଆଞ୍ଚଳିକତା ବୃଦ୍ଧିର କାରଣ ।
୪. ଆଞ୍ଚଳିକତା ରୂପ ।
୫. ଆଞ୍ଚଳିକତାକୁ ପ୍ରତିହତ କରିବାର ଉପାୟ ।
୬. ଆତଙ୍କବାଦର ପ୍ରକାର ।
୭. ଆତଙ୍କବାଦର ପ୍ରାୟୋଗିକ ଧାରା ।
୮. ଆତଙ୍କବାଦ ବିରୁଦ୍ଧରେ ପଦକ୍ଷେପ ।
୯. ଜାତି ନିର୍ମାଣରେ ସମସାମୟିକ ସମସ୍ୟା ।
୧୦. ଜାତି ନିର୍ମାଣର ପାଞ୍ଚଟି ନିୟମ ।
୧୧. ସାମ୍ପ୍ରଦାୟିକତାର ମୁଖ୍ୟ ଉପାଦାନ ।
୧୨. ସାମ୍ପ୍ରଦାୟିକତାର ମୁଖ୍ୟ କାରଣ ।
୧୩. ଜାତି ନିର୍ମାଣରେ ସ୍ୱାଧୀନତା ପରବର୍ତ୍ତି ସମସ୍ୟା ।

## ବିଭାଗ - 'ଗ'

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନାବଳୀ :**

୧. ଜାତି ନିର୍ମାଣର ଅର୍ଥ ଓ ଗୁରୁତ୍ୱ ଆଲୋଚନା କର ।
୨. ଜାତି ନିର୍ମାଣରେ ସମସାମୟିକ ସମସ୍ୟା ଗୁଡିକ ଆଲୋଚନା କର ।
୩. ଜାତିଆଣବାଦର ରାଜନୈତିକ ଭୂମିକା ଗୁଡିକ ବିଷଦ୍ ଭାବରେ ଆଲୋଚନା କର ।
୪. ସାମ୍ପ୍ରଦାୟିକତାର ମୁଖ୍ୟ କାରଣ କ'ଣ ? ତାର ନିରାକରଣର କଣ କଣ ଉପାୟ ଲେଖ ।
୫. କେଉଁସବୁ କାରଣରୁ ଆଞ୍ଚଳିକତା ବୃଦ୍ଧି ପାଉଛି ?
୬. ଆଞ୍ଚଳିକତାର ବିଭିନ୍ନ ସ୍ୱରୂପ ଲେଖ ।
୭. ଆତଙ୍କବାଦର ପ୍ରାୟୋଗିକ ଧାରା ସବୁ କ'ଣ ? ଆତଙ୍କବାଦକୁ କିପରି ପ୍ରତିହତ କରାଯାଇପାରିବ ?
୮. ଜାତି ଓ ରାଜନୀତି ପରସ୍ପରକୁ କିପରି ପ୍ରଭାବିତ କରୁଛନ୍ତି ସମୀକ୍ଷାତ୍ମକ ଆଲୋଚନା କର ।

❑❑❑

ଷଷ୍ଠ ଅଧ୍ୟାୟ

# ଭାରତୀୟ ରାଜନୀତିରେ ସମସାମୟିକ ଆଲୋଚ୍ୟ ବିଷୟ

*ସାମାଜିକ ଆନ୍ଦୋଳନ ଏକ ପ୍ରମୁଖ ବାହନ ଯାହା ମାଧ୍ୟମରେ ଲୋକମାନେ ସାର୍ବଜନୀନ ରାଜନୀତିରେ ଅଂଶ ଗ୍ରହଣ କରିଥାନ୍ତି ।*

– ଚାର୍ଲସ ଟିଲ୍ଲୀ

**ପାଠ୍ୟ ବିଷୟ :**

ସାଂପ୍ରତିକ ଆଲୋଚ୍ୟ ବିଷୟ

- ଜନ ଆନ୍ଦୋଳନ
- ନାରୀ ଆନ୍ଦୋଳନ
- ପରିବେଶ ସଂରକ୍ଷଣ ଆନ୍ଦୋଳନ
- ବିକାଶ ଜନିତ ବିସ୍ଥାପନ ଆନ୍ଦୋଳନ

**କ'ଣ ପଢ଼ିବା :**

- ଜନ ଆନ୍ଦୋଳନ
- ନାରୀ ଆନ୍ଦୋଳନ
- ପରିବେଷ ସଂରକ୍ଷଣ ଆନ୍ଦୋଳନ
- ବିକାଶ-ବିସ୍ଥାପନ ଆନ୍ଦୋଳନ

## ଜନାଦୃତ ଆନ୍ଦୋଳନ

୧୯୭୦ ଦଶକରେ ଭାରତରେ ନୂତନ ପ୍ରକାରର ସାମାଜିକ ଆନ୍ଦୋଳନର ସୂତ୍ରପାତ ହେଲା । ଏହାକୁ ଜନାଦୃତ ଆନ୍ଦୋଳନ, ଜନଆନ୍ଦୋଳନ ବା ଲୋକମାନଙ୍କର ଆନ୍ଦୋଳନ ଭାବରେ ମଧ୍ୟ ନାମିତ କରାଗଲା । ଏହିପରି କେତେଗୁଡ଼ିଏ ଆନ୍ଦୋଳନ ହେଲା: ଚିପ୍‌କୋ ଆନ୍ଦୋଳନ, ନର୍ମଦା ବଂଚାଅ ଆନ୍ଦୋଳନ, ନୀରବ ଉପତ୍ୟକା ଆନ୍ଦୋଳନ, ଚିଲିକା ବଂଚାଅ ଆନ୍ଦୋଳନ, ଗନ୍ଧମାର୍ଦ୍ଦନ ବଂଚାଅ ଆନ୍ଦୋଳନ, ଲୋକସଭା ଆନ୍ଦୋଳନ ଇତ୍ୟାଦି । ଏହିସବୁ ଲୋକ ଆନ୍ଦୋଳନ ମୁଖ୍ୟତଃ ପରିବେଶ ସଂରକ୍ଷଣ, ନାରୀଜାଗରଣ, ବାସଚ୍ୟୁତ ଲୋକମାନଙ୍କର ଅଧିକାର ପାଇଁ ଲୋକମାନଙ୍କର ସଂଗ୍ରାମ । ଲୋକ ଆନ୍ଦୋଳନର ଜଣେ ନେତା ଓ ସମୀକ୍ଷକ ସଞ୍ଜୟ ସଂଘବୀଙ୍କ ମତରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଭୂମିହୀନ ଓ ଅଣସଂଗଠିତ ଶ୍ରମିକମାନଙ୍କ ଅଧିକାର, ଆଦିବାସୀ, ଦଳିତ, ବାସଚ୍ୟୁତ, ଚାଷୀ ଓ ସହରାଞ୍ଚଳର ଗରିବମାନଙ୍କର ଅଧିକାରର ସୁରକ୍ଷା ଦେବା ଏହି ଆନ୍ଦୋଳନମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ । ଏଥିରେ ଭରଣପୋଷଣ, ସୁବିଧାସୁଯୋଗ, ସମ୍ମାନ ଓ ବିକାଶକୁ ମୁଖ୍ୟ ବିଷୟ ଭାବରେ ଗ୍ରହଣ କରାଗଲା ।

ଅନେକ ଜନଆନ୍ଦୋଳନ ଗାନ୍ଧୀଙ୍କର ସତ୍ୟାଗ୍ରହ ଓ ଅହିଂସା ପଥକୁ ଅନୁସରଣ କରିଛି । ବିଶେଷକରି ସାମାଜିକ ସକ୍ରିୟତାବାଦୀ ଓ ବେସରକାରୀ ଅନୁଷ୍ଠାନଗୁଡ଼ିକ ଏହି ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥାନ୍ତି । ଏହି ଆନ୍ଦୋଳନଗୁଡ଼ିକର ଏକ ଲକ୍ଷଣ ହେଲା ଯେ ଏମାନେ ରାଜନୈତିକ ଦଳମାନଙ୍କ ଠାରୁ ପ୍ରାୟତଃ ଦୂରେଇ ରୁହନ୍ତି । ଏହି ସାମାଜିକ ଆନ୍ଦୋଳନ କ୍ଷେତ୍ରରେ ନେତୃତ୍ୱ ନେଇଥିବା ଉଲ୍ଲେଖନୀୟ ବ୍ୟକ୍ତିମାନେ ହେଲେ – ସୁନ୍ଦର

ଲାଲ୍ ବହୁଗୁଣା, ମେଧା ପାଟ୍‌କର୍, ବାବା ଆମ୍‌ତେ, ବନ୍ଦନା ଶିବା ଇତ୍ୟାଦି। ଏହି ପରିଚ୍ଛଦରେ ଆମେ ଆମ ଦେଶ ଭାରତରେ ଚାଲିଥିବା ନାରୀ ଆନ୍ଦୋଳନ, ପରିବେଶ ସୁରକ୍ଷା ଆନ୍ଦୋଳନ ଏବଂ ବିକାଶଦ୍ୱାରା ବାସଚ୍ୟୁତଙ୍କର ଆନ୍ଦୋଳନ ବିଷୟରେ ଆଲୋଚନା କରିବା।

## ନାରୀ ଆନ୍ଦୋଳନ

ନାରୀମାନଙ୍କ ପ୍ରତି ପକ୍ଷପାତିତା କରିବା ପ୍ରାୟତଃ ଏକ ସାର୍ବଜନୀନ ଘଟଣା। କେଉଁ ଆବାହମାନ କାଳରୁ ସାମାଜିକ, ଆର୍ଥିକ, ରାଜନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ସେମାନଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରାଯାଉଛି। ନିକଟ ଅତୀତରେ ଏହି ନାରୀ ଅତ୍ୟାଚାର ବିଷୟ ବିକାଶ ପ୍ରକ୍ରିୟାର ଏକ ମୁଖ୍ୟ ଆହ୍ୱାନ। ମହିଳା ଆନ୍ଦୋଳନ, ନାରୀମାନଙ୍କର ବିଭିନ୍ନ ଅଧିକାର ଦାବିରେ ସଂଗଠିତ ହୋଇଥାଏ। ସେଗୁଡ଼ିକ ହେଲା– କାମ କରିବାର ଅଧିକାର, ଭୋଟ ଦେବାର ଅଧିକାର, ସମାନ କାମ ପାଇଁ ସମାନ ମଜୁରୀ ଅଧିକାର ଏବଂ ଯୌନ ନିର୍ଯାତନାରୁ ସୁରକ୍ଷା ଦେବାର ଅଧିକାର। ଏହି ମହିଳା ଆନ୍ଦୋଳନକୁ ନାରୀବାଦୀ ଆନ୍ଦୋଳନ ବୋଲି କୁହାଯାଏ। ନାରୀବାଦ, ରାଜନୈତିକ, ଅର୍ଥନୈତିକ, ବ୍ୟକ୍ତିଗତ ଓ ସାମାଜିକ ସ୍ତରରେ ନାରୀମାନଙ୍କର ଅଧିକାରକୁ ସାବ୍ୟସ୍ତ କରେ। ଏହା ଶିକ୍ଷା ଓ ନିଯୋଜନ କ୍ଷେତ୍ରରେ ନାରୀମାନଙ୍କର ସମାନ ଅଧିକାର ଓ ସୁଯୋଗ ଉପରେ ଗୁରୁତ୍ୱ ପ୍ରଦାନ କରେ। ନାରୀ ଅଧିକାର କ୍ଷେତ୍ରରେ ପ୍ରମୁଖ ଐତିହାସିକ ଓ ସାମାଜିକ ପରିବର୍ତ୍ତନ ଆଣିବାରେ ନାରୀ ଆନ୍ଦୋଳନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ।

୧୮୩୭ ମସିହାରେ ଚାର୍ଲସ୍ ଫୋରିୟର୍ (Charles Fourier) ନାମକ ଜଣେ ଫରାସୀ ସମାଜବାଦୀ ଦାର୍ଶନିକ ପ୍ରଥମେ 'ନାରୀବାଦ' (French-Feminisme) ଶବ୍ଦର ପ୍ରୟୋଗ କରିଥିଲେ। କିନ୍ତୁ ୧୮୯୪-୯୫ ମସିହାରେଇଂରାଜୀ ଭାଷାରେ 'ନାରୀବାଦ' ଶବ୍ଦର ପ୍ରୟୋଗ ପ୍ରଥମେ ହୋଇଥିଲା। ଆଧୁନିକ ପାଶ୍ଚାତ୍ୟ ନାରୀବାଦୀ ଆନ୍ଦୋଳନର ଇତିହାସକୁ ତିନୋଟି ସ୍ତରରେ (wave) ବିଭକ୍ତ କରାଯାଇପାରେ। ପ୍ରତ୍ୟେକ ସ୍ତର ବା ପର୍ଯ୍ୟାୟ (wave) ନାରୀବାଦର ଅଲଗା ଅଲଗା ଦିଗ ଉପରେ ଆଲୋକପାତ କରିଛନ୍ତି। ପ୍ରଥମ ପର୍ଯ୍ୟାୟ (First wave) ରେ ଊନବିଂଶ ଓ ବିଂଶ ଶତାବ୍ଦୀର ପ୍ରାକ୍ କାଳର ଭୋଟ ଅଧିକାର ପାଇଁ

ନାରୀ ଆନ୍ଦୋଳନ




କଥା କ'ଣ କି, ଆମର ସଂଖ୍ୟା କମି ଆସିଲାଣି ତେଣୁ, ୫୦ ପ୍ରତିଶତ ନ ମାଗି ଆମେ ୩୩ ପ୍ରତିଶତ ଆରକ୍ଷଣ ମାଗୁଛୁ!

ନାରୀ ଆନ୍ଦୋଳନ ବିଷୟରେ ଆଲୋଚନା କରଯାଇଛି। ୧୯୬୦ ଦଶକର ନାରୀ ସ୍ୱାଧୀନତା ଆନ୍ଦୋଳନର ଉଦ୍ଦେଶ୍ୟ କାର୍ଯ୍ୟକଳାପ ଦ୍ୱିତୀୟ ପର୍ଯ୍ୟାୟ (second wave)ର ଅନ୍ତର୍ଭୁକ୍ତ। ଏହି ଆନ୍ଦୋଳନ ମହିଳାମାନଙ୍କର ସାମାଜିକ ଓ ଆଇନଗତ ଅଧିକାର ସାବ୍ୟସ୍ତ ପାଇଁ ଉଦ୍ଦିଷ୍ଟ ଥିଲା। ୧୯୯୦ ଦଶକରେ ନାରୀବାଦ ଆନ୍ଦୋଳନର ତୃତୀୟ ପର୍ଯ୍ୟାୟ (Third wave)ର ସୂତ୍ରପାତ ହୋଇଥିଲା। ଏଥିରେ ନାରୀ ଅଧିକାର ଉପରେ ଗୁରୁତ୍ୱ ଦିଆଯିବା ସଙ୍ଗେ ସଙ୍ଗେ ଦ୍ୱିତୀୟ ପର୍ଯ୍ୟାୟ ନାରୀବାଦୀ ଆନ୍ଦୋଳନର ବିଫଳତା ସମ୍ପର୍କରେ ଆଲୋଚନା କରାଯାଇଛି।

## ସଂଗଠିତ ନାରୀ ଆନ୍ଦୋଳନର ଅଭ୍ୟୁତ୍ଥାନ :

୧୮୪୮ ମସିହାରେ ଆମେରିକାରେ ପ୍ରଥମେ ନାରୀ ଆନ୍ଦୋଳନ ଆରମ୍ଭ ହୋଇଥିଲା। ୧୮୫୮-୫୯ ମସିହାରେ ଗ୍ରେଟ୍ ବ୍ରିଟେନ୍‌ରେ ଅନେକ ମହିଳା ଚାପଗୋଷ୍ଠୀର ଆବିର୍ଭାବ ହୋଇଥିଲା। ୧୮୭୧ ମସିହା ସୁଦ୍ଧା ଡେନମାର୍କରେ ମହିଳା ସଂଗଠନ ତିଆରି ହୋଇଥିଲା। ୧୮୭୩ ମସିହାରେ ସ୍ୱିଡ଼େନ୍‌ରେ ବିବାହିତା ମହିଳା ମାନଙ୍କର ସଂଘ ସଂଗଠିତ ହୋଇଥିଲା ଓ ମହିଳା ମାନଙ୍କର ସ୍ୱାର୍ଥ ରକ୍ଷା ଲାଗି ଏକ ସଂଘ ୧୮୮୪ ମସିହାରେ ହେଲା। ଏହି ମହିଳା ସଂଗଠନଗୁଡ଼ିକ ମୁଖ୍ୟତଃ ମଧ୍ୟମ ଶ୍ରେଣୀର ମହିଳାମାନଙ୍କୁ ନେଇ ଗଠିତ ହେଲା ଏବଂ ସେମାନେ ପୁରୁଷମାନଙ୍କ ସହିତ ଏକାଠି ହୋଇ ସେମାନଙ୍କର ଦାବି ହାସଲ ପାଇଁ କାମ କରୁଥିଲେ। ପ୍ରତ୍ୟେକ ଦେଶର ସାମାଜିକ ଓ ରାଜନୈତିକ ପରିସ୍ଥିତି ସେହି ଦେଶର ମହିଳା ଆନ୍ଦୋଳନର ଗତି ଓ ଭାଗ୍ୟକୁ ପ୍ରଭାବିତ କରୁଥିଲା। ଏଣୁ ଏହି ସଂଗଠନ ଗୁଡ଼ିକର ସଫଳତା ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଥିଲା। ଉଦାହରଣ ସ୍ୱରୂପ ଫିନଲ୍ୟାଣ୍ଡ ଓ ନରୱେରେ ମହିଳା ସଂଗଠନର ସଫଳତା ଅଧିକ ଥିଲା। କାରଣ ଏହି ଆନ୍ଦୋଳନ ଆତ୍ମ-ନିର୍ଦ୍ଧାରଣ (Self-Determination) ଆନ୍ଦୋଳନ ଭଳି ଏକ ବୃହତ୍ତର ଆନ୍ଦୋଳନର ଅଂଶବିଶେଷ ଥିଲା। ଇଂଲଣ୍ଡର ଘରୋଇ ରାଜନୀତି ମହିଳା ଭୋଟ ଅଧିକାର କ୍ଷେତ୍ରରେ ଜଟିଳତା ସୃଷ୍ଟି କରିଥିଲା ଓ ଏହାକୁ ବିଳମ୍ବ କରାଇଥିଲା। ରୁଷିଆରେ ୧୯୦୫ ମସିହା ବିପ୍ଳବ ପରେ ଏକ ନିଖିଳ-ରୁଷିଆ ମହିଳା ସଂଗଠନ ତିଆରି ହେଲା ଯାହା ନାରୀମାନଙ୍କର ସମାନ ଅଧିକାର ପାଇଁ ଆନ୍ଦୋଳନ ଆରମ୍ଭ କଲା। କିନ୍ତୁ ଏହି ଆନ୍ଦୋଳନ ଏତେଟା ସଫଳ ହୋଇ ନ ଥିଲା। ୧୯୧୭ ମସିହାର ବୋଲ୍‌ସେଭିକ୍ ବିପ୍ଳବ ମହିଳା ଅଧିକାର ବିଷୟକୁ ସୀମିତ ପ୍ରୋତ୍ସାହନ ଦେଇଥିଲା। ଫ୍ରାନ୍ସ ଓ ଜର୍ମାନୀରେ ମହିଳା ଆନ୍ଦୋଳନର ଭାଗ୍ୟ ଅନେକାଂଶରେ ସାଂସ୍କୃତିକ ଓ ରାଜନୈତିକ ବାଧବତା ଦ୍ୱାରା ପ୍ରଭାବିତ ହୋଇଥିଲା। ଅବଶ୍ୟ ଫରାସୀ ଦାର୍ଶନିକ ମାନେ ପ୍ରଥମେ 'ନାରୀବାଦ' ଶବ୍ଦର ପ୍ରଚଳନ କରିଥିଲେ। ତଥାପି ଫ୍ରାନ୍ସରେ ନାରୀବାଦୀମାନେ ଆମେରିକା ଓ ବ୍ରିଟେନର ନାରୀବାଦୀମାନଙ୍କ ତୁଳନାରେ କମ୍ ସଫଳ ହୋଇଥିଲେ।

ଧୀରେ ଧୀରେ ବିକ୍ଷିପ୍ତ ଭାବରେ ଥିବା ସାରା ବିଶ୍ୱର ମହିଳା ସଂଗଠନ ଗୁଡ଼ିକ ଏକାଠି ହୋଇ ମହିଳା ଆନ୍ଦୋଳନକୁ ଆହୁରି ଜୋର୍‌ରେ ଆଗେଇ ନେଲେ। ତେବେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ବିଭିନ୍ନ ଦେଶରେ ଦେଶାତ୍ମବୋଧକତାର ଆହ୍ୱାନ ତୀବ୍ର ହୋଇଥିବାରୁ ନାରୀ ଆନ୍ଦୋଳନର ନେତ୍ରୀମାନେ ସ୍ୱଳ୍ପକାଳ ପାଇଁ ନିଜର ଦାବିରୁ ନିବୃତ ରହିଥିଲେ। ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସେମାନେ କିଛି ସମୟ ପାଇଁ ଚୁପ୍ ହୋଇଯାଇଥିଲେ। ହେଲେ ବିଶ୍ୱଯୁଦ୍ଧ ସରିବା ପରେ ନାରୀ ଆନ୍ଦୋଳନ ପୁଣି ଜାଗ୍ରତ ହେଲା।

ନାରୀବାଦର କିଛି ଶାଖା ସମାଜର ରାଜନୈତିକ ଚିନ୍ତାଧାରା ଦ୍ୱାରା ପୃଷ୍ଟ ହୋଇଥିଲା । ଯଥା- ଉଦାରବାଦ, ରକ୍ଷଣଶୀଳତାବାଦ, ଚରମ ମାର୍କସବାଦ, ପରିବେଶବାଦ ଇତ୍ୟାଦି । ଉଦାରବାଦୀ ନାରୀବାଦ (Liberal Feminism) ହେଉଛି ବ୍ୟକ୍ତିବାଦ କେନ୍ଦ୍ରିକ । ଏଥିରେ ସମାଜରେ ପୁରୁଷ ସହିତ ନାରୀର ସମାନତା ଉପରେ ଗୁରୁତ୍ୱ ଦିଆଯାଏ । ଉଦାରବାଦୀ ନାରୀ ଆନ୍ଦୋଳନର ନେତ୍ରୀବୃନ୍ଦ ନାରୀମାନଙ୍କର ସମାନତା ଅଧିକାର, ଭୋଟ ଦେବାର ଅଧିକାର, ବ୍ୟକ୍ତିଗତ ସ୍ୱାଧୀନତା, ବିଭିନ୍ନ ପଦବୀରେ ରହିବାର ଅଧିକାର ବିଷୟରେ ଦାବି କରନ୍ତି । ଏହା ପ୍ରଥମ ପର୍ଯ୍ୟାୟ ନାରୀବାଦର ଅନ୍ତର୍ଭୁକ୍ତ । ମାର୍କସବାଦୀ ବା ସମାଜବାଦୀ ନାରୀବାଦୀ (Marxist Feminist) ମାନେ ଯୁକ୍ତି କରନ୍ତି ଯେ ସମାଜର ପୁଂଜିବାଦୀ ଅନୁଷ୍ଠାନ ଓ କାର୍ଯ୍ୟକଳାପ ନାରୀ ନିର୍ଯାତନାର କାରଣ । ସମାଜର ବ୍ୟକ୍ତିଗତ ଘରୋଇ ସମ୍ପତ୍ତି ବ୍ୟବସ୍ଥା ମଧ୍ୟ ନାରୀଶୋଷଣର ଏକ ମାଧ୍ୟମ । ଉଭୟ ଘରେ ଏବଂ କାର୍ଯ୍ୟକ୍ଷେତ୍ରରେ ନାରୀମାନଙ୍କୁ ଶୋଷଣ କରାଯାଏ । ସେମାନଙ୍କର ଶ୍ରମର ଉଚିତ ମୂଲ୍ୟାୟନ କରାଯାଏ ନାହିଁ । ଉଗ୍ରବାଦୀ ନାରୀବାଦ (Radical Feminism) ସମାଜର ଏକ ସମ୍ପୂର୍ଣ୍ଣ ପରିବର୍ତ୍ତନରେ ବିଶ୍ୱାସ କରେ । ସେମାନେ ପିତୃକୈନ୍ଦ୍ରିକ ବ୍ୟବସ୍ଥା (Patriarchy)କୁ ସମ୍ପୂର୍ଣ୍ଣ ଘୃଣା କରନ୍ତି । ସମସ୍ତ ସାମାଜିକ ଓ ଅର୍ଥନୈତିକ ପରିପ୍ରେକ୍ଷୀରୁ ପୁରୁଷର ପ୍ରାଧାନ୍ୟକୁ ଦୂର କରିବା ପାଇଁ ଦାବି କରନ୍ତି । ପ୍ରଚଳିତ ରାଜନୈତିକ ଧାରା ଅପେକ୍ଷା ସାମାଜିକ ବ୍ୟବସ୍ଥାକୁ ଆକ୍ରମଣ କରିଥାନ୍ତି ଏବଂ ଏଥିରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଆହ୍ୱାନ ଦିଅନ୍ତି । ନାରୀ ନିର୍ଯାତନା ବିରୁଦ୍ଧରେ ସମାଜରେ ଜନସଚେତନତା ଆଣିବା ପାଇଁ ଏମାନେ ପ୍ରଗାଢ଼ ଉଦ୍ୟମ କରିଥାନ୍ତି । ସାଧାରଣ ଓ ବ୍ୟକ୍ତିଗତ ଏହି ପ୍ରକାରର ଦ୍ୱିବିଭାଜନର ସମାଲୋଚନା କରନ୍ତି । ପରିବେଶବାଦୀ-ନାରୀବାଦୀ (Eco-feminists) ମାନେ ମତ ଦିଅନ୍ତି ଯେ ଭୂଖଣ୍ଡ ଉପରେ ପୁରୁଷର ନିୟନ୍ତ୍ରଣ ଓ ପ୍ରାକୃତିକ ସମ୍ପଦର ବିନାଶ ହିଁ ନାରୀ ନିର୍ଯାତନାର କାରଣ । ପ୍ରକୃତିର ଶୋଷଣ ଓ ନାରୀ ଶୋଷଣ ମଧ୍ୟରେ ଏକ ସମ୍ପର୍କ ରହିଛି ।

**ଭାରତରେ ନାରୀ ଆନ୍ଦୋଳନ:**

ଭାରତରେ ନାରୀ ଆନ୍ଦୋଳନ ସ୍ୱାଧୀନତାର ପୂର୍ବବର୍ତ୍ତୀ ସମୟରୁ ଆରମ୍ଭ ହୋଇଛି । ଏହି ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟ ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରୁ ଆରମ୍ଭ ହୋଇଥିଲା । ସେ ସମୟରେ ସତୀଦାହ ପ୍ରଥା ବିରୁଦ୍ଧରେ ଆନ୍ଦୋଳନ କରାଯାଇଥିଲା । ଏହି ନାରୀ ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟ ୧୯୧୫ ମସିହାରୁ ସ୍ୱାଧୀନତାର ଠିକ୍ ପୂର୍ବବର୍ତ୍ତୀ ସମୟ ମଧ୍ୟରେ ସୀମିତ ଥିଲା । ଏହି ସମୟ ମଧ୍ୟରେ ମହାତ୍ମାଗାନ୍ଧୀ ନାରୀ ଆନ୍ଦୋଳନକୁ ୧୯୪୨ ମସିହାର ଭାରତଛାଡ଼ ଆନ୍ଦୋଳନ ସହିତ ମିଶାଇ ଦେଇଥିଲେ । ଏହି ସମୟରେ ଅନେକ ମହିଳା ସଂଗଠନ ଭାରତରେ ମୁଣ୍ଡ ଟେକିଥିଲା । ଏହି ପର୍ଯ୍ୟାୟରେ ନାରୀମାନଙ୍କୁ ଘରେ ଓ କର୍ମକ୍ଷେତ୍ରରେ ସମାନ ଅଧିକାର ପ୍ରଦାନ ଓ ରାଜନୈତିକ ସମାନତା ପ୍ରଦାନ ଉପରେ ପ୍ରାଧାନ୍ୟ ଦିଆଯାଇଥିଲା ।

**ଭାରତରେ ନାରୀମାନଙ୍କର ସ୍ଥିତି:**

ଭାରତରେ ମହିଳା ଆନ୍ଦୋଳନର ପ୍ରଗତି ହୋଇଥିବା ସତ୍ତ୍ୱେ ଆମ ସମାଜରେ ଏବେ ବି ନାରୀମାନେ ନିର୍ଯାତିତ ଓ ଅବହେଳିତ । ସେମାନେ ଏବେ ମଧ୍ୟ ଅନେକ କ୍ଷେତ୍ରରେ ଦୟନୀୟ ଅବସ୍ଥାରେ ଅଛନ୍ତି । ଏବେ ମଧ୍ୟ

ଲିଙ୍ଗଗତ ତାରତମ୍ୟ ଆମ ସମାଜରେ ରହିଛି । ଘରେ ଓ କର୍ମକ୍ଷେତ୍ରରେ ନାରୀ ପୁରୁଷ ସହିତ ସମାନ ସ୍ୱାଧୀନତା ପାଇପାରୁ ନାହାଁନ୍ତି । ନାରୀମାନେ ଅଶିକ୍ଷା, ଦାରିଦ୍ର୍ୟ, ରୋଗ ମଧ୍ୟରେ ଗତି କରୁଛନ୍ତି । ଚାକିରି କ୍ଷେତ୍ରରେ ସେମାନଙ୍କୁ ସମାନ ସୁଯୋଗ ମିଳିପାରିନାହିଁ । ସେମାନଙ୍କ ପ୍ରତି ହିଂସା ମନୋଭାବ ଏବେ ମଧ୍ୟ ତିଷ୍ଠି ରହିଛି । ଅନେକ କ୍ଷେତ୍ରରେ ସେମାନଙ୍କୁ ନ୍ୟାୟସଙ୍ଗତ ପ୍ରତିନିଧିତ୍ୱ ମିଳିପାରୁନାହିଁ । ଏହିସବୁ କାରଣବଶତଃ ସେମାନେ ଏବେ ମଧ୍ୟ ଦ୍ୱିତୀୟ ଶ୍ରେଣୀର ନାଗରିକ ଭାବରେ ଜୀବନଯାପନ କରୁଛନ୍ତି ।

ଏବେ ଅନେକ ଆଇନ ଏବଂ ଘୋଷଣାନାମା ସେମାନଙ୍କ ପାଇଁ କରାଯାଉଛି । ହେଲେ ତା'ର ପୂରାପୂରି ବିନିଯୋଗ କରିବାର ସୁଯୋଗରୁ ସେମାନେ ବଞ୍ଚିତ ହେଉଛନ୍ତି । ଏବେ ମଧ୍ୟ ଆମର ସାଂସ୍କୃତିକ ଜୀବନରେ ଅନେକ ନାରୀ-ବିରୋଧୀ ପ୍ରଥା ଓ ଚିନ୍ତାଧାରା ରହିଛି । ଅନେକ ଧର୍ମୀୟ ଆଇନ ଓ ଆଶା ଏବଂ ଏନେକ ନିର୍ଦ୍ଦିଷ୍ଟ ଧର୍ମ ଦ୍ୱାରା ଘୋଷିତ ବ୍ୟକ୍ତିଗତ ଆଇନ (Personal Laws) ନାରୀର ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି । ପିତୃକୈନ୍ଦ୍ରିକ ବ୍ୟବସ୍ଥା ଏବେ ବି ରହିଛି । ଭାରତୀୟ କାର୍ଯ୍ୟକୁଶଳତା ଓ ସକ୍ଷମତା କ୍ଷେତ୍ରରେ ନାରୀମାନଙ୍କର ପ୍ରତିନିଧିତ୍ୱ କମ୍ ରହିଛି । ମଧ୍ୟଇଂରାଜୀ ଓ ପ୍ରାଇମେରୀ ସ୍କୁଲ ଶିକ୍ଷା ସ୍ତରରୁ ଅନେକ ଝିଅ ପାଠ ଛାଡ଼ି ଦେଉଛନ୍ତି । ଏଣୁ ମହିଳାମାନଙ୍କ ମଧ୍ୟରେ ସାକ୍ଷରତା ହାର କମ୍ । ୧୯୯୧ରୁ ୨୦୦୧ ମସିହା ମଧ୍ୟରେ ଭାରତ ଜନସମୁଦାୟରେ ସ୍ତ୍ରୀ-ପୁରୁଷ ଅନୁପାତ କମିଯାଇଥିଲା । ପ୍ରତି ୧୦୦ ପୁଅଙ୍କ ମଧ୍ୟରେ ୯୪.୫ ଝିଅ ଅନୁପାତ ୯୨.୭କୁ କମି ଆସିଥିଲା । ପଞ୍ଜାବ, ହରିଆନା, ମହାରାଷ୍ଟ୍ର ଭଳି ଧନୀ ରାଜ୍ୟମାନଙ୍କରେ ଝିଅଙ୍କ ସଂଖ୍ୟା ଯଥେଷ୍ଟ କମ୍ ଥିଲା । ଏଥିରୁ ଅନୁମେୟ ଯେ ପୁତ୍ର-ସନ୍ତାନମାନଙ୍କ ପ୍ରତି ଆଦର ଏବେବି ଆମ ସମାଜରେ ରହିଛି । ପୁତ୍ରସନ୍ତାନର ଜନ୍ମହାର କନ୍ୟାସନ୍ତାନ ଜନ୍ମହାର ଠାରୁ ଅଧିକ । ଅର୍ଥନୈତିକ କ୍ଷେତ୍ରରେ ମଧ୍ୟ ନାରୀମାନେ ଅବହେଳିତ । ନିମ୍ନବର୍ଗର ଦରିଦ୍ର ଗାଉଁଲି ମହିଳାମାନେ ପ୍ରାୟତଃ ଘରେ କାମ କରନ୍ତି, ଜାଳେଣି ସଂଗ୍ରହ କରନ୍ତି, ଦୂରକୁ ଯାଇ ପାଣି ଆଣନ୍ତି । ଧନୀ ପରିବାରରେ ମଧ୍ୟ ମହିଳାମାନେ ପାରିବାରିକ ବ୍ୟବସାୟ ଚଳାନ୍ତି । କିନ୍ତୁ ସେମାନଙ୍କର ଅବଦାନକୁ ଅଣଦେଖା କରାଯାଇଥାଏ । ସେମାନେ କୃଷି ଓ ଆନୁସଙ୍ଗିକ କାର୍ଯ୍ୟ ଭଳି ସଂଗଠିତ ଓ ଅଣସଂଗଠିତ କାର୍ଯ୍ୟରେ ନିୟୋଜିତ ହୁଅନ୍ତି । ଶିକ୍ଷିତ ମହିଳାମାନେ, ସଂଖ୍ୟା କମ୍ ହେଲେ ମଧ୍ୟ ବରିଷ୍ଠ ପରିଚାଳକ ଭାବରେ ଅନେକ କମ୍ପାନୀରେ ଯୋଗ ଦିଅନ୍ତି । କିନ୍ତୁ ଜଣେ ଚାକିରିଆ ମହିଳା ତା'ର କର୍ମକ୍ଷେତ୍ରର ଦାୟିତ୍ୱ ଓ ପରିବାରର ଜଞ୍ଜାଳ ମଧ୍ୟରେ ଘାଣ୍ଟି ହୋଇଯାଏ । ନିଜ କର୍ମର ଫଳର ଆନନ୍ଦ ନେବା ପାଇଁ ତା' ପାଖରେ ସମୟ ବା ସ୍ୱାଧୀନତା ନଥାଏ । ରାଜନୈତିକ କ୍ଷେତ୍ରରେ ମଧ୍ୟ ତା'ର ଅନୁଭୂତି ସେଇ ଏକ ପ୍ରକାରର । ବ୍ୟବସ୍ଥାପକ ସଭାରେ ମହିଳାମାନଙ୍କର ପ୍ରତିନିଧିତ୍ୱ ଖୁବ୍ କମ୍ । ଏଣୁ ମହିଳା ମାନଙ୍କର ସମସ୍ୟାକୁ ଶୁଣିବା ଓ ସେମାନଙ୍କର ସ୍ୱାର୍ଥ ରକ୍ଷା କରିବାରେ ସମାଜରେ ଏତେଟା ଆଗ୍ରହ ନଥାଏ ।

ସାମାଜିକ ସ୍ତରରେ ଭାରତରେ ମହିଳାମାନଙ୍କର ସ୍ଥିତି ଅତ୍ୟନ୍ତ ଦୟନୀୟ । ଦେଶର ଅନେକ ରାଜ୍ୟରେ ଶିଶୁକନ୍ୟାଙ୍କର ମୃତ୍ୟୁହାର ଅଧିକ । ୧୯୯୮-୯୯ ମସିହାର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁସାରେ ଶତକଡ଼ା ୫୨ ମହିଳାଙ୍କୁ ସେମାନଙ୍କର ସ୍ୱାସ୍ଥ୍ୟ ସମ୍ପର୍କରେ ନିଷ୍ପତ୍ତି ନେବାକୁ ସୁଯୋଗ ଦିଆଯାଇଥାଏ । ମହିଳା ମାନଙ୍କର ହାରାହାରି ଦୈନିକ ମଜୁରି ପୁରୁଷଙ୍କ ମଜୁରିର ଶତକଡ଼ା ୭୫ ଭାଗ ମାତ୍ର । ଅନୁଧ୍ୟାନରୁ ଜଣାଯାଇଛି ଯେ ପରିବାର

ମଧ୍ୟରେ ପୁରୁଷମାନଙ୍କର ସ୍ୱାସ୍ଥ୍ୟର ଯତ୍ନ ମହିଳାମାନଙ୍କ ତୁଳନାରେ ଅଧିକ ନିଆଯାଏ । ସେମାନଙ୍କୁ ଶିକ୍ଷାଗତ ସୁବିଧାରୁ ବଞ୍ଚିତ କରାଯାଏ । ଏହିପରି ଭାବରେ ଅଳ୍ପ ଖାଦ୍ୟ ଖାଇ, ଅଳ୍ପ ଶିକ୍ଷା ପାଇ ଏବଂ ଅବହେଳିତ ହୋଇ ମହିଳାମାନେ ଅର୍ଥନୈତିକ ଓ ସାମାଜିକ ସଂକଟ ନେଇ ଗତି କରୁଛନ୍ତି । ସବୁଠାରୁ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ହେଲା ବର୍ତ୍ତମାନର ସମାଜରେ ମଧ୍ୟ ନାରୀମାନଙ୍କ ପ୍ରତି ହିଂସା ଓ ନିର୍ଯାତନା ବୃଦ୍ଧି ପାଉଛି । ମହିଳାମାନେ ପାରିବାରିକ ହିଂସାର ମଧ୍ୟ ଶିକାର ହେଉଛନ୍ତି । ଏହା ଏକ ଚିନ୍ତା ଓ ପରିତାପର ବିଷୟ ।

**ମହିଳାମାନଙ୍କ ପ୍ରତି ହେଉଥିବା ନିର୍ଯାତନାର କାରଣ:**

୧. ପ୍ରଥମ କଥା ହେଲା ଏହି ହିଂସା ଓ ନିର୍ଯାତନା ରୋକିବା ପାଇଁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନାହିଁ । ଦୋଷୀ ଖୁବ୍ ସହଜରେ ଖସିଯାଉଛି । ଯଦିବା ଦଣ୍ଡ ମିଳୁଛି ତାହା ଖୁବ୍ କୋହଳ । ଏକ ଅନୁଧ୍ୟାନରୁ ଜଣାଯାଇଛି ଯେ, ଯଦିଓ ଦେଶର ରାଜଧାନୀ ଦିଲ୍ଲୀରେ ଯୌତୁକ ନିର୍ଯାତନା ଜନିତ ମୃତ୍ୟୁ ଅତି ଅଧିକ ତଥାପି ଏଥିପାଇଁ ଦଣ୍ଡ ପାଉଥିବା ଦୋଷୀଙ୍କ ସଂଖ୍ୟା ଖୁବ୍ କମ୍ । ଯଦିଓ ନାରୀ ନିର୍ଯାତନାକୁ ପ୍ରତିରୋଧ କରିବା ପାଇଁ ଅନେକ ଆଇନକାନୁନର ବ୍ୟବସ୍ଥା ଅଛି, ସେସବୁକୁ ଠିକ୍ ଭାବରେ ଲାଗୁ କରାଯାଉ ନାହିଁ ।

୨. ଲୋକମାନଙ୍କ ମଧ୍ୟରେ ସଚେତନତା ଓ ସକ୍ରିୟତାର ଅଭାବ ଆଉ ଏକ କାରଣ । ଆମର ଯେଉଁ ପ୍ରକାରର ଅମଲାତନ୍ତ୍ର, ଆରକ୍ଷୀ ଓ ରାଜନୈତିକ ବ୍ୟବସ୍ଥା ଅଛି ସେଥିରେ କେବଳ ଆଇନ ପ୍ରଣୟନ ଯଥେଷ୍ଟ ନୁହେଁ । ଜନଜାଗରଣ ନିହାତି ଆବଶ୍ୟକ ।

୩. ଆମର ନ୍ୟାୟିକ ପ୍ରକ୍ରିୟା ଏତେ ମନ୍ଥର ଯେ ଆସାମୀ ଦଣ୍ଡ ପାଇବାରେ ଓ ପୀଡ଼ିତା ନ୍ୟାୟ ପାଇବାରେ ଅହେତୁକ ବିଳମ୍ବ ଘଟୁଛି । ଏଣୁ ପରିବାର ଅଦାଲତ କ୍ଷିପ୍ର ଭାବରେ ନ୍ୟାୟ ଦେବା ଆବଶ୍ୟକ ।

୪. ମହିଳା ନିର୍ଯାତନା ବଢ଼ିବା ପାଇଁ ଜନସାଧାରଣଙ୍କ ଅନାଗ୍ରହତା ଏବଂ ସାମାଜିକ କୁସଂସ୍କାର ଦାୟୀ ।

**ଭାରତର ନାରୀ ନେତ୍ରୀ :**

ଭାରତର ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିବା ଅନେକ ନାରୀ ନେତ୍ରୀ ମହିଳାମାନଙ୍କର ସ୍ୱାର୍ଥ ପାଇଁ ମଧ୍ୟ ସଂଗ୍ରାମ କରିଛନ୍ତି । ପଣ୍ଡିତ ରମାବାଇ, ଆନି ବେଶାନ୍ତ, ମାର୍ଗାରେଟ୍ ଇ କନ୍‌ସିନ୍‌ସ, ଶାରଳାଦେବୀ ଚନ୍ଦାନି, ବିଜୟଲକ୍ଷ୍ମୀ ପଣ୍ଡିତ, କମଳା ଦେବୀ ଚଟ୍ଟୋପାଧ୍ୟାୟ, ସୀତା ଦେବୀ, କୁସୁମ ତ୍ରିବେଦୀ, ରାଜକୁମାରୀ ଅମ୍ରିତା କାଉର, ସରୋଜିନୀ ନାଇଡୁ, ଦୁର୍ଗାଭାଇ ଦେଶମୁଖ, ରୁସ୍ତମ୍‌ଜୀ ଫରିଦୁନ୍‌ଜୀ ଇତ୍ୟାଦି ନାରୀ ଅଧିକାର ଓ ମୁକ୍ତି ପାଇଁ ସଂଗ୍ରାମ କରିଥିବା ପ୍ରମୁଖ ନାରୀନେତ୍ରୀ । ଏବର ରାଜନୀତିରେ ଇନ୍ଦିରା ଗାନ୍ଧୀ, ନନ୍ଦିନୀ ଶତପଥୀ, ଜୟଲଳିତା, ବସୁନ୍ଧରାରାଜେ ସିନ୍ଧିଆ, ସୁଷମା ସ୍ୱରାଜ, ଉମାଭାରତୀ, ଶୀଲା ଦୀକ୍ଷିତ, ମାୟାବତୀଙ୍କ ପରି ନାରୀନେତ୍ରୀମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି । ରମାଦେବୀ, ମାଳତୀ ଦେବୀ ଚୌଧୁରୀଙ୍କ ପରି ମହିୟସୀ ମହିଳାମାନଙ୍କର ସ୍ୱାଧୀନତା ସଂଗ୍ରାମ ଓ ସାମାଜିକ ଉନ୍ନୟନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି । ପରିବେଶ ସଂରକ୍ଷଣ କ୍ଷେତ୍ରରେ ବନ୍ଦନା ଶିବା ଓ ମେଧା ପାଟକରଙ୍କ ଭଳି ନାରୀନେତ୍ରୀମାନଙ୍କର ଅବଦାନ

ଅତୁଳନୀୟ । ଏହିପରି ସମାଜର ସମସ୍ତ କ୍ଷେତ୍ରରେ ମହିଳା ନେତ୍ରୀମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ଏବଂ ସେମାନେ ପୁରୁଷଙ୍କ ଠାରୁ କୌଣସି ଗୁଣରେ କମ୍ ନୁହନ୍ତି ।

**ଭାରତରେ ନାରୀ ଆନ୍ଦୋଳନର ପ୍ରଭାବ :**


ଭାରତରେ ନାରୀ ଆନ୍ଦୋଳନର ଫଳସ୍ୱରୂପ ସାମାଜିକ, ରାଜନୈତିକ ଓ ବୈଧାନିକ କ୍ଷେତ୍ରରେ ମହିଳାମାନଙ୍କ ଉନ୍ନତି ପାଇଁ ଅନେକ ପରିବର୍ତ୍ତନ ଆସିଛି । ୧୯୫୦ ଦଶକର ଆରମ୍ଭରୁ ମହିଳା ଉନ୍ନୟନ ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । STEP (Support to Training-cum-Employment for women ଆନୁକୂଲ୍ୟରେ ଅନେକ ମହିଳା ଆବାସ ତିଆରି କରାଯାଇଛି । ସେମାନଙ୍କର ପାଇଁ ଅନେକ ସଂକ୍ଷିପ୍ତ ଶୈକ୍ଷିକ ଓ ବୃତ୍ତିଗତ ତାଲିମ୍ ଯୋଜନା ପ୍ରସ୍ତୁତ କରାଯାଇଛି । ଅନେକ ମହିଳା ମଣ୍ଡଳ, ଇନ୍ଦିରା ମହିଳା କେନ୍ଦ୍ର, ମହିଳା ସମୃଦ୍ଧି ଯୋଜନା ଅନ୍ତର୍ଭୁକ୍ତ । ଅନେକ ସ୍ୱୟଂସହାୟିକା ଗୋଷ୍ଠୀ ସୃଷ୍ଟି କରାଯାଇଛି । ସେମାନଙ୍କ ମଧ୍ୟରେ ସାକ୍ଷରତା ବୃଦ୍ଧି ପାଇଁ ଓ ନିଯୋଜନ ସୁବିଧା ସୃଷ୍ଟି କରିବା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ବିଶେଷ କରି ଗ୍ରାମାଞ୍ଚଳ ମହିଳା ମାନଙ୍କର ଉନ୍ନୟନ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି ।

ମହିଳାମାନଙ୍କୁ ଆଇନଗତ ସୁରକ୍ଷା ଯୋଗାଇଦେବା ପାଇଁ ଭାରତ ସରକାର ଅନେକ ଆଇନ ପ୍ରଣୟନ କରିଛନ୍ତି । ଉଦାହରଣ ସ୍ୱରୂପ- ସ୍ୱତନ୍ତ୍ର ବିବାହ ଆଇନ ୧୯୫୪, ହିନ୍ଦୁ ବିବାହ ଆଇନ ୧୯୫୫, ହିନ୍ଦୁ ସଂଖ୍ୟାଲଘୁ ଓ ଅଭିଭାବକତ୍ୱ ଆଇନ ୧୯୫୬, ହିନ୍ଦୁ ପୋଷ୍ୟ ଗ୍ରହଣ ଓ ଭରଣପୋଷଣ ଆଇନ ୧୯୫୬, ଅନୈତିକ କାର୍ଯ୍ୟ ବିରୋଧ ଆଇନ ୧୯୫୬ ଏବଂ ଯୌତୁକ ନିରୋଧ ଆଇନ ୧୯୬୧ । ୧୯୯୨ ମସିହା ଜାନୁଆରୀ ୩୧ ତାରିଖରେ ଜାତୀୟ ମହିଳା ଆୟୋଗ ସ୍ଥାପିତ ହେଲା । ଏହି ଆୟୋଗର ମୁଖ୍ୟ କାର୍ଯ୍ୟ ହେଲା ନାରୀ ଅଧିକାରକୁ ସୁରକ୍ଷିତ କରିବା ଓ ସେମାନଙ୍କୁ ହିଂସା ଓ ନିର୍ଯାତନାରୁ ରକ୍ଷା କରିବା । ଏହି ଆୟୋଗର ସୁପାରିଶକ୍ରମେ ଓ ମହିଳା ଆନ୍ଦୋଳନର ଫଳସ୍ୱରୂପ ଆହୁରି ଅନେକ ଆଇନ ମଧ୍ୟ ତିଆରି ହୋଇଛି । ସେଗୁଡ଼ିକ ହେଲା- ଗର୍ଭପାତ ଆଇନ ୧୯୭୧, ସମାନ ପାରିଶ୍ରମିକ ଆଇନ ୧୯୭୬, ବାଲ୍ୟ ବିବାହ ନିରୋଧ ଆଇନ ୧୯୭୮, ଦଣ୍ଡବିଧି ସଂଶୋଧନ ଆଇନ ୧୯୮୩, ପରିବାର ଅଦାଲତ ସଂଶୋଧନ ଆଇନ ୧୯୮୪, ଯୌତୁକ ନିରୋଧ (ସଂଶୋଧନ) ଆଇନ ୧୯୮୪ ଇତ୍ୟାଦି । ଏହି ଆଇନ ସବୁ ମହିଳାମାନଙ୍କୁ ସୁରକ୍ଷାପ୍ରଦାନ ଓ ସମ୍ମାନ ପ୍ରଦାନ ପାଇଁ ଉଦ୍ଦିଷ୍ଟ । ଭାରତର ବିଭିନ୍ନ ରାଜ୍ୟରେ ମଧ୍ୟ ରାଜ୍ୟ ମହିଳା ଆୟୋଗ ଗଠିତ ହୋଇଛି । ମହିଳାମାନଙ୍କ ପ୍ରତି ହେଉଥିବା ହିଂସା ଓ ଅପରାଧର ମାମଲା ବିଷୟରେ ବୁଝିବା ପାଇଁ ମହିଳା ଥାନା ପ୍ରତିଷ୍ଠା କରାଯାଇଛି । ମହିଳା ମଙ୍ଗଳ ପାଇଁ ସବୁଠାରୁ ବଡ଼ ପଦକ୍ଷେପ ହେଉଛି ୧୯୯୨ ମସିହାର ୭୩ତମ ସମ୍ବିଧାନ ସଂଶୋଧନ ଆଇନ ଓ ୭୪ତମ ସମ୍ବିଧାନ ସଂଶୋଧନ ଆଇନ । ଏହି ଆଇନଗୁଡ଼ିକ ସ୍ଥାନୀୟ ସ୍ୱାୟତ୍ତ ଶାସନରେ ନାରୀମାନଙ୍କର ସ୍ଥିତିକୁ ସୁଦୃଢ଼ କରେ । ୭୩ତମ ସଂଶୋଧନ ଆଇନରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଇଛି ଓ ୭୪ତମ ସଂଶୋଧନ ଆଇନ ସହରାଞ୍ଚଳ ସ୍ୱାୟତ୍ତ ଶାସନରେ ମହିଳାମାନଙ୍କ ପାଇଁ ସ୍ଥାନ ସଂରକ୍ଷିତ କରିଛି । ଏହିପରି ଦେଖିବାକୁ ଗଲେ ମହିଳା ଆନ୍ଦୋଳନ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଉନ୍ନତି ପାଇଁ ଅନେକ ପରିବର୍ତ୍ତନ ଆଣିଛି ।

## ପରିବେଶ ସୁରକ୍ଷା ଆନ୍ଦୋଳନ

ସମଗ୍ର ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ଆଉ ଏକ ଜନ ଆନ୍ଦୋଳନ ହେଲା ପରିବେଶ ସୁରକ୍ଷା ଆନ୍ଦୋଳନ। ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା ପରିବେଶ ସଂରକ୍ଷଣ ଓ ସୁରକ୍ଷା। ପାଣି, ପବନ, ଭୂଖଣ୍ଡ ଏବଂ ଏହା ସହିତ ମଣିଷ ସମାଜ ଓ ଜୀବଜଗତର ସମ୍ପର୍କକୁ ହିଁ ପରିବେଶ କୁହାଯାଏ। ପରିବେଶ ହେଉଛି ଜୀବଜଗତର ମୂଳାଧାର। ଏବେ ଏହି ପରିବେଶ ଧୀରେ ଧୀରେ ଧ୍ୱଂସ ହେବାରେ ଲାଗିଛି। ଏହାର ଅନେକ କାରଣ ରହିଛି। ପରିବେଶ କ୍ଷୟ, ପ୍ରଦୂଷଣ, ସମ୍ବଳକ୍ଷୟ ଏବଂ ଜନସଂଖ୍ୟା ବିସ୍ଫୋରଣ ଯୋଗୁ ଯେଉଁ ସବୁ ସମସ୍ୟା ସୃଷ୍ଟି ହେଉଛି ତା'ର ସମାଧାନ କୌଣସି ଗୋଟିଏ ରାଷ୍ଟ୍ର ଦ୍ୱାରା ହୋଇପାରିବ ନାହିଁ। ଏହାର ସମାଧାନ ଦିଗରେ ବିଶ୍ୱର ସମସ୍ତ ରାଷ୍ଟ୍ର ଚେଷ୍ଟିତ ହେବା ଦରକାର। ଏଣୁ ପରିବେଶ ସମସ୍ୟା ସମଗ୍ର ବିଶ୍ୱ ପାଇଁ ଏକ ଚିନ୍ତା ଓ ଉଦ୍‌ବେଗର କାରଣ।

ଭୂପତନ, ମୃତ୍ତିକାକ୍ଷୟ, ଜଳ ସଂକ୍ରମଣ, ବାୟୁ ପ୍ରଦୂଷଣ, ବିଶ୍ୱ ଉତ୍ତପ୍ତତା, ଓଜନ ନିଃଶେଷକରଣ ଇତ୍ୟାଦି ପ୍ରମୁଖ ପରିବେଶ ସମସ୍ୟା ବିଶ୍ୱବାସୀଙ୍କୁ ଚିନ୍ତିତ କରିଛି। ବିକଶିତ ଓ ବିକାଶଶୀଳ ରାଷ୍ଟ୍ରମାନଙ୍କର ଅନେକ ବିକାଶ ପ୍ରକଳ୍ପ ପରିବେଶକୁ କ୍ଷୁର୍ଣ୍ଣ କରୁଛି। ମଣିଷର ଲୋଭ ତାକୁ ପ୍ରକୃତି ଉପରେ ଅତ୍ୟାଚାର କରି ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ପ୍ରବର୍ତ୍ତାଉଛି। ସହରୀକରଣ ଓ ଶିଳ୍ପାୟନ ପରିବେଶକୁ ଧ୍ୱଂସାଭିମୁଖୀ କରାଉଛି। ବିଶ୍ୱ ସମାଜର ପ୍ରତ୍ୟେକ ସ୍ତରରେ ପରିବେଶକୁ ସୁରକ୍ଷିତ କରିବା ପାଇଁ ଚେତନା ସୃଷ୍ଟି ହୋଇଛି। ବିଶ୍ୱ ରାଜନୀତିର ସବୁଠାରୁ ମୁଖ୍ୟ ଭୂମିକା ହେଲା ରାଷ୍ଟ୍ରମାନଙ୍କର। ବର୍ତ୍ତମାନ ରାଷ୍ଟ୍ରମାନେ ପରିବେଶ ସୁରକ୍ଷା କରିବା ପାଇଁ ଆଗେଇ ଆସିଛନ୍ତି। ପରିବେଶ ସୁରକ୍ଷା ଦିଗରେ ୧୯୭୨ ମସିହାର ମାନବିକ ପରିବେଶ ସମ୍ପର୍କରେ ମିଳିତ ଜାତିସଂଘର ସମ୍ମିଳନୀ (The United Nation Conference on the Human Environment) ହେଉଛି ପ୍ରଥମ ସଂଗଠିତ ପଦକ୍ଷେପ। ଏହା ପରିବେଶ ବିଷୟ ଉପରେ ଏକ ସାର୍ବଜନୀନ ଓ ସର୍ବସାଧାରଣ ଚିନ୍ତାଧାରା ସୃଷ୍ଟି କଲା। ଏହାକୁ ମଧ୍ୟ ଷ୍ଟକ୍‌ହୋମ୍ ସମ୍ମିଳନୀ କୁହାଯାଏ। ଏହା ଅନ୍ତର୍ଜାତିକ ରାଜନୀତିର କାର୍ଯ୍ୟସୂଚୀରେ ପରିବେଶ ବିଷୟକୁ ଅନ୍ତର୍ଭୁକ୍ତ କରାଇଲା। ଏହା ପରିବେଶ ସୁରକ୍ଷା ଦିଗରେ ଭବିଷ୍ୟତ ଚୁକ୍ତିନାମା ପାଇଁ ପରିସର ସୃଷ୍ଟି କଲା। ମିଳିତ ଜାତିସଂଘର ପରିବେଶ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ମିଳିତ ଜାତିସଂଘର ବିଭିନ୍ନ ସଂସ୍ଥାର କାର୍ଯ୍ୟରେ ସମନ୍ୱୟ ସ୍ଥାପନ କରିବା। ପରିବେଶ ଓ ବିକାଶ ଉପରେ ବିଶ୍ୱ ଆୟୋଗ (World Commission on Environment and Development) ତା'ର ଏକ ରିପୋର୍ଟ ପ୍ରଦାନ କରିଛି। ତା'ର ନାମ ହେଲା 'ଆମର ସାମୂହିକ ଭବିଷ୍ୟତ' (Our Common future) ଏହାକୁ ବ୍ରୁଣ୍ଟଲ୍ୟାଣ୍ଡ




ସେ ଗଛଗୁଡ଼ିକୁ 'ଯାଦୁ କି ଝପି' କାହିଁକି ଦେଉଛନ୍ତି ?

ରିପୋର୍ଟ (Brundtland Report) ବୋଲି କୁହାଯାଏ । ଏଥିରେ 'ନିରନ୍ତର ବିକାଶ' (Sustainable Development) ବିଷୟରେ କୁହାଯାଇଛି । ପରିବେଶ ସଂରକ୍ଷଣ ଓ ଅର୍ଥନୈତିକ ବିକାଶକୁ ସମନ୍ୱିତ କରିବା ପାଇଁ ପରାମର୍ଶ ଦିଆଯାଇଛି ।

**ଭାରତର ପରିବେଶ ସୁରକ୍ଷା ଆନ୍ଦୋଳନ :**

ଭାରତ ଏକ ବିକାଶୋନ୍ମୁଖୀ ରାଷ୍ଟ୍ର ହୋଇଥିବାରୁ ଅନେକ ବିକାଶ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଦ୍ରୁତ ଶିଳ୍ପାୟନ ଓ ସହରୀକରଣ ପାଇଁ ଅନେକ ନୀତି କାର୍ଯ୍ୟକାରୀ କରାଯାଉଛି । କିନ୍ତୁ ଏହି ଅର୍ଥନୈତିକ ଉନ୍ନୟନର ସ୍ରୋତରେ ପରିବେଶ ବଳି ପଡୁଛି । ଗଡିଉଠୁଥିବା କଳକାରଖାନା, ଯାନବାହାନର ସଂଖ୍ୟା ବୃଦ୍ଧି, ରାସାୟନିକ ସାରର ପ୍ରୟୋଗ, ଖଣିଜପଦାର୍ଥ ଉତ୍ତୋଳନ ଇତ୍ୟାଦି ପରିବେଶ ପ୍ରଦୂଷଣ ସୃଷ୍ଟି କରୁଛି । ଏହା ସତ୍ୟଯେ ଗତ କିଛି ବର୍ଷ ମଧ୍ୟରେ ଆମର ଶିଳ୍ପ ଉତ୍ପାଦନ ବହୁ ଗୁଣରେ ବଢିଯାଇଛି । କିନ୍ତୁ ବିଭିନ୍ନ କଳକାରଖାନା ହେଉଛନ୍ତି ସବୁଠାରୁ ବଡ ପ୍ରଦୂଷକ । ଏଥିରୁ ନିର୍ଗତ ବିଷାକ୍ତ ବାଷ୍ପ ଓ ଅନ୍ୟାନ୍ୟ ପଦାର୍ଥ ବାୟୁ ଓ ଜଳ ପ୍ରଦୂଷଣ କରୁଛି । ଆମେ ଯେତିକି ସହର ଗଢୁଛୁ ସେତିକି ଯାନବାହାନର ସଂଖ୍ୟାରେ ବୃଦ୍ଧି ଘଟୁଛି । ଯାନବାହାନରୁ ନିର୍ଗତ ଧୂଆଁ ବାୟୁମଣ୍ଡଳକୁ ବିଷାକ୍ତ କରୁଛି ଏବଂ ଅନେକ ରୋଗ ସୃଷ୍ଟି କରୁଛି । ଜନସଂଖ୍ୟା ବୃଦ୍ଧି ଓ ଜୀବନଯାପନ ଶୈଳୀର ପରିବର୍ତ୍ତନ ପରିବେଶ ନଷ୍ଟ କରିବା ଦିଗରେ ସହାୟକ ହେଉଛି । ସହର ବଜାରର ଆବର୍ଜନାର ଉପଯୁକ୍ତ ପରିଚାଳନାର ଅଭାବରୁ ପରିବେଶ ଦୂଷିତ ହେଉଛି । ଖଣି ଖାଦାନ ଅଞ୍ଚଳର ପରିବେଶ ମଧ୍ୟ ନଷ୍ଟ ହେଉଛି । ଭୂପୃଷ୍ଠ ଓ ଭୂତଳ ଜଳ ପ୍ରଦୂଷିତ ହେଉଛି । କୃଷିଜାତ ଦ୍ରବ୍ୟର ଉତ୍ପାଦନ ବୃଦ୍ଧିପାଇଁ ରାସୟନିକ ସାର ବ୍ୟବହାର ଯୋଗୁଁ ମଧ୍ୟ ପ୍ରଦୂଷଣ ବୃଦ୍ଧି ପାଉଛି । ଏହି ପ୍ରକ୍ରିୟାରେ ଖାଦ୍ୟ ଉତ୍ପାଦନରେ ବୃଦ୍ଧି ଘଟି ଖାଦ୍ୟ ସମସ୍ୟା ଅନେକ ପରିମାଣରେ ଦୂର ହୋଇଥିଲେ ମଧ୍ୟ ମୃତ୍ତିକାର ପ୍ରାକୃତିକ ଉର୍ବରତା ନଷ୍ଟ ହେଉଛି । ଏଣୁ ବିଜ୍ଞାନ ଓ ବୈଷୟିକ କୌଶଳ ଆମକୁ ବାହ୍ୟ ସ୍ୱାଚ୍ଛନ୍ଦ୍ୟ ଯୋଗାଇଥିଲେ ମଧ୍ୟ ଏକ ପ୍ରତିକୂଳ ପରିବେଶ ସୃଷ୍ଟି କରି ସୁସ୍ଥ ଓ ନିରାମୟ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି ।

ଆମର ଦେଶ ଭାରତ ପରିବେଶ ସଂକଟର କୁପରିଣାମ ପ୍ରତି ସମ୍ପୂର୍ଣ୍ଣ ସଚେତନ ଅଛି । ଏଣୁ ପରିବେଶର ସୁରକ୍ଷା ଆମର ପ୍ରଧାନ ଉଦ୍ଦେଶ୍ୟ । ସମଗ୍ର ଦେଶର ଜନସାଧାରଣଙ୍କ ମଧ୍ୟରେ ଧୀରେ ଧୀରେ ପରିବେଶ ସଚେତନତା ସୃଷ୍ଟି ହେଉଛି । ଆମେ ଏବେ ହୃଦୟଙ୍ଗମ କରିଛେ ଯେ ପରିବେଶର ସୁରକ୍ଷା ନକଲେ ଆମ ଜୀବନ ବିପନ୍ନ ହୋଇପଡିବ । ଏଣୁ ଅନେକ ସ୍ଥାନରେ ପରିବେଶ ସଂରକ୍ଷଣ ଆନ୍ଦୋଳନ ହେଉଛି ।

ପରିବେଶ ଆନ୍ଦୋଳନ ପରିବେଶର ସୁରକ୍ଷା ଓ ସଂରକ୍ଷଣ ପାଇଁ ଉଦ୍ଦିଷ୍ଟ । ଏହା ପ୍ରାକୃତିକ ସମ୍ପଦର ସମୁଚିତ ପରିଚାଳନା ଉପରେ ଗୁରୁତ୍ୱ ଦିଏ । ଏହି ଆନ୍ଦୋଳନ ପରିବେଶ ପ୍ରତି ସମ୍ବେଦନଶୀଳ ସାଧାରଣ ନୀତି ନିର୍ଦ୍ଧାରଣ ପାଇଁ ସରକାରଙ୍କ ଉପରେ ଚାପ ପ୍ରୟୋଗ କରେ । ଉଭୟ ସଂଗଠିତ ଓ ଅଣସଂଗଠିତ କାର୍ଯ୍ୟକଳାପ ମାଧ୍ୟମରେ ଏହି ଆନ୍ଦୋଳନକୁ ଆଗେଇ ନିଆଯାଇପାରେ । ଅନେକ ବେସରକାରୀ ଅନୁଷ୍ଠାନ ଏହି ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରନ୍ତି । ଏହି ଅନୁଷ୍ଠାନଗୁଡ଼ିକ ସ୍ଥାନୀୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟ କରିଥାନ୍ତି । ଏବେ ଆମେ କେତୋଟି ଗୁରୁତ୍ୱପୂର୍ଣ୍ଣ ପରିବେଶ ସୁରକ୍ଷା ଆନ୍ଦୋଳନ ବିଷୟରେ ଆଲୋଚନା କରିବା ।

**(କ) ଚିପ୍‌କୋ ଆନ୍ଦୋଳନ :** ଉତ୍ତରାଖଣ୍ଡର ଚାମୋଲି ଓ ତେହେରୀ ଗଡ଼ୱାଲ ଜିଲ୍ଲାରେ ଏହି ଆନ୍ଦୋଳନ ହୋଇଥିଲା । ଜଙ୍ଗଲ ଠିକାଦାର ମାନଙ୍କ ହାତରୁ ହିମାଳୟର ତରାଇ ଅଞ୍ଚଳର ଗଛମାନଙ୍କୁ ବଂଚାଇବା ଏହି ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସ୍ଥାନୀୟ ଭାଷାରେ 'ଚିପ୍‌କୋ'ର ଅର୍ଥ କୁଣ୍ଢାଇ ଧରିବା । ଗଛକଟାଳିମାନେ ଗଛ କାଟିବା ପାଇଁ ଆସିବା ବେଳେ ସେ ଅଞ୍ଚଳର ମହିଳାମାନେ ଗଛମାନଙ୍କୁ କୁଣ୍ଢାଇ ଧରିଥିଲେ । ଏଣୁ ଗଛ କଟାଳିମାନେ ଗଛ କାଟିବା ପାଇଁ ସମର୍ଥ ହୋଇନଥିଲେ । ଏଣୁ ଜଙ୍ଗଲକୁ ରକ୍ଷା କରାଯାଇ ପାରିଥିଲା । ସୁନ୍ଦରଲାଲ ବହୁଗୁଣା, ଚଣ୍ଡୀ ପ୍ରସାଦ ଭଟ୍ଟ, ଗୌରୀ ଦେବୀ, ଘନଶ୍ୟାମ ରାତୁରୀ, ସୁଦେଶା ଦେହୀ, ବଚ୍‌ନି ଦେବୀ ପ୍ରଭୃତି ଏ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସେ ସମୟର ସରକାର ଏକ କମିଟି ଗଠନ କରି ପରିସ୍ଥିତିର ଅନୁଧ୍ୟାନ କରିଥିଲେ । ଶେଷରେ ଲୋକମାନଙ୍କର ବିଜୟ ହେଲା ଓ ଜଙ୍ଗଲ ସମ୍ପଦ ରକ୍ଷା କରାଯାଇ ପାରିଥିଲା ।

**(ଖ) ନୀରବ ଉପତ୍ୟକା ଆନ୍ଦୋଳନ :** କେରଳର ପଲକ୍କଡ଼ ଜିଲ୍ଲାରେ ନୀରବ ଉପତ୍ୟକା ଅବସ୍ଥିତ । ଏହି ଉପତ୍ୟକାରେ ପ୍ରବାହିତ ନଦୀରେ ଏକ ଜଳବିଦ୍ୟୁତ୍ ନଦୀବନ୍ଧ ଯୋଜନା କରିବା ଲାଗି କେରଳ ରାଜ୍ୟ ବିଦ୍ୟୁତ ବୋର୍ଡ଼ ପ୍ରସ୍ତାବ ରଖିଥିଲା । କିନ୍ତୁ ସେ ଅଞ୍ଚଳର ଲୋକମାନେ ଆଶଙ୍କା ପ୍ରକାଶ କଲେ ଯେ ଏହି ଯୋଜନା କାର୍ଯ୍ୟକାରୀ ହେଲେ ସେଠାର ଚିରସବୁଜ ଜଙ୍ଗଲ ନଷ୍ଟ ହେବ ଓ ପରିବେଶ ସନ୍ତୁଳନ ବାଧାପ୍ରାପ୍ତ ହେବ । ଅନେକ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ପ୍ରକଳ୍ପକୁ ବିରୋଧ କଲେ ଏବଂ ଲୋକମାନଙ୍କୁ ସଂଗଠିତ କରି ଆନ୍ଦୋଳନର ଡାକରା ଦେଲେ । ୧୯୮୩ ମସିହା ଜୁନ୍ ମାସରେ ସରକାର ପ୍ରଫେସର ଏମ୍.ଜି.କେ. ମେନନ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଶନ ଗଢ଼ି ଏହି ପ୍ରକଳ୍ପର ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଲେ । ଏହି କମିଶନର ସୁପାରିଶକ୍ରମେ ପ୍ରକଳ୍ପକୁ ସ୍ଥଗିତ ରଖାଗଲା । କେରଳ ଶାସ୍ତ୍ର ସାହିତ୍ୟ ପରିଷଦ ଭଳି ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ କବି ଓ ସମାଜସେବୀ ସୁଗତା କୁମାରୀ ଏହି ନୀରବ ଉପତ୍ୟକା ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

**(ଗ) ବିଶ୍ନୋୟୀ ଆନ୍ଦୋଳନ :** ଏହି ବିଶ୍ନୋୟୀ ଆନ୍ଦୋଳନ ରାଜସ୍ଥାନର ମାରୱାର୍ ଅଞ୍ଚଳରେ ସଂଘଟିତ ହୋଇଥିଲା । ୧୭୦୦ ମସିହାରେ ଏହି ଆନ୍ଦୋଳନ ହୋଇଥିଲା । ସେ ସମୟର ରାଜାଙ୍କ ସୈନ୍ୟମାନେ ଏକ ନୂତନ ରାଜପ୍ରାସାଦ ନିର୍ମାଣ ପାଇଁ ପବିତ୍ର ବୃକ୍ଷରାଜିକୁ କାଟିବା ପାଇଁ ଆସିଥିଲେ । ମାରୱାର ଅଞ୍ଚଳର ଖେଜରଲିର ଅମୃତା ଦେବୀ ନାମକ ଜଣେ ନାରୀ ସମାଜସେବୀ ରାଜାଙ୍କର ଏହି ଆଦେଶ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ଓ ସ୍ଥାନୀୟ ବାସିନ୍ଦାମାନଙ୍କୁ ଏକଜୁଟ୍ କରାଇ ଆନ୍ଦୋଳନ କରିଥିଲେ । ବିଶ୍ନୋୟୀ ଧର୍ମ ବୃକ୍ଷ ଓ ଜୀବଜନ୍ତୁଙ୍କ ସୁରକ୍ଷାରେ ବିଶ୍ୱାସ କରେ । ଏହି ଆନ୍ଦୋଳନ ସମୟରେ ପ୍ରାୟ ୩୬୩ ଜଣ ବିଶ୍ନୋୟୀ ଗ୍ରାମବାସୀ ପ୍ରାଣବଳି ଦେଇଥିଲେ । ଶେଷରେ ରାଜା ଲୋକମାନଙ୍କର ଦାବି ଆଗରେ ମୁଣ୍ଡ ନୁଆଇଁଥିଲେ ଓ ଗଛକାଟିବା ପାଇଁ ଯେଉଁ ଆଦେଶ ଦେଇଥିଲେ ତାହା ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲେ । ସେହି ଅଞ୍ଚଳକୁ ଏକ ସଂରକ୍ଷିତ ଅଞ୍ଚଳ ଭାବରେ ଘୋଷଣା କରାଗଲା । ସେହି ଘୋଷଣାନାମା ଏବେ ମଧ୍ୟ ବଳବତ୍ତର ରହିଛି ।

**(ଘ) ଜଙ୍ଗଲ ବଞ୍ଚାଅ ଆନ୍ଦୋଳନ :** ଏହି ଆନ୍ଦୋଳନ ୧୯୮୨ ମସିହାରେ ବିହାରର ସିଂହଭୂମ ଜିଲ୍ଲାରେ ହୋଇଥିଲା । ପ୍ରାକୃତିକ ଶାଳ ଗଛକୁ କାଟି ଉଚ୍ଚମୂଲ୍ୟର ଶାଗୁଆନ ଗଛ ଲଗାଇବା ପାଇଁ ସରକାରୀ ନିଷ୍ପତ୍ତି ବିରୁଦ୍ଧରେ ଏହି ଆନ୍ଦୋଳନ ହୋଇଥିଲା । ଏହି ଆନ୍ଦୋଳନରେ ପ୍ରାୟତଃ ଆଦିବାସୀମାନେ ଅଂଶଗ୍ରହଣ କରିଥିଲେ ।

**(ଙ) ଆପିକୋ ଆନ୍ଦୋଳନ (Appiko movement):** ୧୯୮୩ ମସିହାରେ କର୍ଣ୍ଣାଟକର ଉତ୍ତର କନ୍ନଡ଼ ଓ ସିମୋଗା ଜିଲ୍ଲାରେ ଏହି ଆନ୍ଦୋଳନ ହୋଇଥିଲା। ପାଣ୍ଡୁରଙ୍ଗା ହେଗଡ଼େ ଏହାର ନେତୃତ୍ୱ ନେଇଥିଲେ। ଜଙ୍ଗଲକ୍ଷୟ ଓ ପ୍ରାକୃତିକ ଜଙ୍ଗଲର ବ୍ୟବସାୟିକରଣ ବିରୁଦ୍ଧରେ ଏହି ଆନ୍ଦୋଳନ ମୁଣ୍ଡ ଟେକିଥିଲା। ସ୍ଥାନୀୟ ଲୋକମାନେ ଏହି ଆନ୍ଦୋଳନକୁ 'ଆପିକୋ ଚାଲୁଭାଲି' (Appiko Chaluvali) ବୋଲି କହୁଥିଲେ। ଆନ୍ଦୋଳନକାରୀମାନେ ଚିପ୍‌କୋ ଆନ୍ଦୋଳନକାରୀମାନଙ୍କର କୌଶଳ ଅବଲମ୍ବନ କରିଥିଲେ। ଜଙ୍ଗଲ ଠିକାଦାର କାଠ କଟାଳିମାନଙ୍କୁ ଧରି ଆସିବା ବେଳେ ସେମାନେ ଗଛକୁ କୁଣ୍ଢାଇ ଧରିଥିଲେ। ସେମାନେ ପଦଯାତ୍ରା, ପଥପ୍ରାନ୍ତ ନାଟକ ଓ ଲୋକନୃତ୍ୟ ମାଧ୍ୟମରେ ପରିବେଶ ସଚେତନତା ସୃଷ୍ଟି କରିଥିଲେ ଓ ଜଙ୍ଗଲକୁ ବଞ୍ଚାଇବାରେ ସକ୍ଷମ ହୋଇଥିଲେ। ଏହା ପରିବେଶ ସଂରକ୍ଷଣ ଦିଗରେ ଏକ ସଫଳ ଆନ୍ଦୋଳନ ଥିଲା।

**(ଚ) ନର୍ମଦା ବଞ୍ଚାଅ ଆନ୍ଦୋଳନ:** ନର୍ମଦା ନଦୀବନ୍ଧ ଯୋଜନା ବିରୁଦ୍ଧରେ ୧୯୮୫ ମସିହାରେ ଜନ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ନର୍ମଦାନଦୀ ଗୁଜୁରାଟ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ପ୍ରବାହିତ ହେଉଛି। ଏହି ନଦୀ ଉପରେ ସର୍ଦ୍ଦାର ସରୋବର ବନ୍ଧ ନିର୍ମାଣକୁ ପ୍ରତିରୋଧ କରାଯାଇଥିଲା। ମେଧା ପାଟ୍‌କର, ବାବା ଆମ୍‌ତେ, ଏହି ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଅନେକ ପରିବେଶ ସଂଗଠନ, ମାନବ ଅଧିକାର ସଂଗଠନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ଆନ୍ଦୋଳନକୁ ଆଗେଇ ନେଇଥିଲେ। ଏହି ଆନ୍ଦୋଳନ ଦେଶରେ ଏକ ବଡ଼ବନ୍ଧ ବିରୋଧୀ ମତ ସୃଷ୍ଟି କରିଥିଲା। ବଡ଼ ବନ୍ଧର ଅର୍ଥ ହେଲା ବଡ଼ ବିପର୍ଯ୍ୟୟ। ପରିବେଶ ସୁରକ୍ଷା ସହିତ ଆନ୍ଦୋଳନକାରୀମାନେ ବାସଚ୍ୟୁତମାନଙ୍କର ଥଇଥାନ ଦାବି କରିଥିଲେ। ସରକାରଙ୍କର ତଥାକଥିତ ବିକାଶ-ନୀତିକୁ ସେମାନେ ପ୍ରଶ୍ନ କରିଥିଲେ।

**(ଛ) ତେହରୀ-ବନ୍ଧ ପ୍ରକଳ୍ପ ବିରୁଦ୍ଧରେ ଆନ୍ଦୋଳନ :** ତେହରୀ-ବନ୍ଧ ଯୋଜନା ବିରୁଦ୍ଧରେ ୧୯୯୦ ଦଶକରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିଲା। ସୁନ୍ଦରଲାଲ ବହୁଗୁଣାଙ୍କ ପରି ନେତାମାନେ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏହି ନଦୀବନ୍ଧ ତେହରୀ ଅଞ୍ଚଳରେ ବିରାଟ ଜଙ୍ଗଲର ଅନେକ ଅଂଶକୁ ଜଳପ୍ଲାବିତ କରିବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା ଏବଂ ଭାଗିରଥୀ ନଦୀର ଉଭୟ ପାର୍ଶ୍ୱର ପରିବେଶକୁ ନଷ୍ଟ କରିବ ବୋଲି ମତପ୍ରକାଶ ପାଇଥିଲା। ଏଣୁ ଆନ୍ଦୋଳନକାରୀମାନେ ଏହି ଯୋଜନାକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ।

### ଓଡ଼ିଶାରେ ହୋଇଥିବା କିଛି ପରିବେଶ ଆନ୍ଦୋଳନ :

ଓଡ଼ିଶା ପ୍ରଦେଶ ପ୍ରାକୃତିକ ସମ୍ପଦରେ ଭରପୂର। ଏହାର ସୁଦୀର୍ଘ ସମୁଦ୍ରତଟ ସହିତ ପ୍ରଚୁର ଜଙ୍ଗଲ ରହିଛି ଏବଂ ବିଭିନ୍ନ କିସମର ବୃକ୍ଷଲତା ଓ ଜୀବଜନ୍ତୁ ରହିଛନ୍ତି। ବିଭିନ୍ନ ସମୟରେ ବିକାଶ-ପ୍ରକଳ୍ପ ଯୋଗୁ ଏହାର ପରିବେଶ ପ୍ରତି ସଂକଟ ଆସିଛି। ତାହାକୁ ପ୍ରତିରୋଧ କରିବା ପାଇଁ ପରିବେଶ ସଂରକ୍ଷଣ ଆନ୍ଦୋଳନ ଭଳି ଜନ ଆନ୍ଦୋଳନ ହୋଇଛି। ତନ୍ମଧ୍ୟରୁ କେତୋଟି ପରିବେଶ ଆନ୍ଦୋଳନ ବିଷୟରେ ଆଲୋଚନ କରିବା।

**(କ) ଗନ୍ଧମାର୍ଦ୍ଦନ ବଞ୍ଚାଅ ଆନ୍ଦୋଳନ:** ଗନ୍ଧମାର୍ଦ୍ଦନ ପର୍ବତ ଓ ଜଙ୍ଗଲ ଅଞ୍ଚଳ ଓଡ଼ିଶାର ବରଗଡ଼ ଓ ବଲାଙ୍ଗୀର ଜିଲ୍ଲାରେ ଅବସ୍ଥିତ। ଏହି ଅଞ୍ଚଳରେ ଅନେକ ଔଷଧୀୟ ବୃକ୍ଷ ରହିଛି। ଏହି ଅଞ୍ଚଳରୁ ବକ୍‌ସାଇଟ୍

ଉତ୍ତୋଳନ କରିବା ପାଇଁ ବାଲ୍‌କୋ (Balco) କମ୍ପାନୀକୁ ଅନୁମତି ମିଳିଥିଲା । କିନ୍ତୁ ସରକାରଙ୍କର ଏହି ନିଷ୍ପତ୍ତି ବିରୁଦ୍ଧରେ ଆନ୍ଦୋଳନ ହୋଇଥିଲା । କାରଣ ବକ୍‌ସାଇଟ୍ ଉତ୍ତୋଳନ ଯୋଗୁ ଗନ୍ଧମାର୍ଦ୍ଦନ ଅଞ୍ଚଳର ପରିବେଶ ନଷ୍ଟ ହେଉଥିଲା ଏବଂ ଅନେକ ଔଷଧୀୟ ବୃକ୍ଷ ଧ୍ୱଂସ ପାଉଥିଲା । ଗନ୍ଧମାର୍ଦ୍ଦନ ଯୁବ ପରିଷଦ ଓ ଗନ୍ଧମାର୍ଦ୍ଦନ ବଞ୍ଚାଅ ସମିତି ଭଳି ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ଏହି ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ । ଆନ୍ଦୋଳନକାରୀଙ୍କ ଦାବିକୁ ମାନି ସରକାର ପ୍ରଫେସର ବି.ଡ଼ି. ନାଗଚୌଧୁରୀଙ୍କର ଅଧ୍ୟକ୍ଷତାରେ ଏକ କମିଟି ଗଠନ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି କମିଟିର ସୁପାରିଶ କ୍ରମେ ବାଲ୍‌କୋ ପ୍ରକଳ୍ପକୁ ବନ୍ଦ କରାଯାଇଥିଲା ।

**(ଖ) ଚିଲିକା ବଞ୍ଚାଅ ଆନ୍ଦୋଳନ :** ୧୯୯୦ ଦଶରେ ପରିବେଶବିତ୍ ଶ୍ରୀଯୁକ୍ତ ବାଙ୍କବିହାରୀ ଦାସ ଓ ଓଡ଼ିଶା କୃଷକ ମହାସଂଘର ନେତୃତ୍ୱରେ ଚିଲିକା ବଞ୍ଚାଅ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଚିଲିକା ହ୍ରଦ ଏସିଆ ମହାଦେଶର ସର୍ବବୃହତ୍ ଲବଣ ଜଳଯୁକ୍ତ ହ୍ରଦ । ଏହାର ପ୍ରାକୃତିକ ପରିବେଶ ଅତ୍ୟନ୍ତ ମନୋରମ । ବର୍ଷର ଅନେକ ସମୟରେ ବିଭିନ୍ନ ପ୍ରକାରର ପକ୍ଷୀ ଏହି ହ୍ରଦକୁ ଆସିଥାନ୍ତି । ଏଣୁ ଏହାକୁ 'ମରାଳ ମାଳିନୀ ନୀଳାମ୍ବୁ ଚିଲିକା' ବୋଲି କୁହାଯାଇଛି । ଏହି ହ୍ରଦ ବର୍ତ୍ତମାନର ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ । ଚିଙ୍ଗୁଡ଼ିଚାଷ ପାଇଁ ଟାଟା କମ୍ପାନୀକୁ ଓଡ଼ିଶା ସରକାର ଅନୁମତି ଦେଲା ପରେ ଚିଲିକା ବଞ୍ଚାଅ ଆନ୍ଦୋଳନ ହୋଇଥିଲା । ଚିଲିକା ଚାରିପାଖରେ ମତ୍ସ୍ୟଜୀବୀ ଓ ଅଣମତ୍ସ୍ୟଜୀବୀ ପରିବାରର ଲୋକମାନଙ୍କର ଜୀବନ ଓ ଜୀବିକା ହେଉଛି ଚିଲିକା । ଟାଟା କମ୍ପାନୀର ଏହି ଚିଙ୍ଗୁଡ଼ି ପ୍ରକଳ୍ପ ଦ୍ୱାରା, ଚିଲିକାର ପରିବେଶ ଭୀଷଣ ଭାବରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ପ୍ରକାଶ ପାଇଲା । ଏହି ଆନ୍ଦୋଳନକାରୀମାନେ ଏହି ପ୍ରକଳ୍ପକୁ ବନ୍ଦ କରିବା ପାଇଁ ଦାବି ଜଣାଇଲେ । ଶେଷରେ ସରକାର ଆନ୍ଦୋଳନକାରୀଙ୍କର ଦାବିକୁ ମାନି ନେଇଥିଲେ । ଟାଟା କମ୍ପାନୀ ତା'ର ପ୍ରକଳ୍ପକୁ ବନ୍ଦ ରଖିଲା । ଚିଲିକା ହ୍ରଦକୁ ଦଳମୁକ୍ତ କରିବାକୁ ଏବଂ ଏହାକୁ ପଟୁମାଟି ଦ୍ୱାରା ପୋତିହୋଇ ପଡ଼ିବାରୁ ଉଦ୍ଧାର କରିବା ପାଇଁ ମଧ୍ୟ ଆନ୍ଦୋଳନକାରୀମାନେ 'ଚିଲିକା ବଞ୍ଚାଅ ଆନ୍ଦୋଳନ' ଜରିଆରେ ଦାବି କରିଥିଲେ ।

**(ଗ) ଶିମିଳିପାଳ ଜୀବମଣ୍ଡଳ ସଂରକ୍ଷଣ ଆନ୍ଦୋଳନ :** ଶିମିଳିପାଳ ଜଙ୍ଗଲ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଅବସ୍ଥିତ । ଏହା ବିଭିନ୍ନ ଜୀବଜନ୍ତୁ, ବୃକ୍ଷଲତା ଓ ପ୍ରାକୃତିକ ସମ୍ପଦରେ ଭରପୂର । ଏହାକୁ ଏକ ସଂରକ୍ଷିତ ଜୀବମଣ୍ଡଳ ଭାବେ ଘୋଷଣା କରିବାକୁ ସ୍ଥାନୀୟ ନେତା ଓ ଜନସାଧାରଣ ଦାବି ଜଣାଇଥିଲେ । ଏଥିପାଇଁ ଏକ ଜନଆନ୍ଦୋଳନ ଆରମ୍ଭ ହୋଇଥିଲା । ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଓଡ଼ିଶା ପରିବେଶ ସମିତି ଓ ଶ୍ରୀ ପ୍ରସନ୍ନ କୁମାର ଦାସଙ୍କ ଭଳି ନେତୃସ୍ଥାନୀୟ ବ୍ୟକ୍ତିମାନେ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । କେନ୍ଦ୍ର ସରକାର ଶେଷରେ ଏହାକୁ ଏକ ସଂରକ୍ଷିତ ଜୀବମଣ୍ଡଳ ବୋଲି ଘୋଷଣା କରିଥିଲେ ଏବଂ ଏଠାର ପରିବେଶ ସୁରକ୍ଷା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ । ଏଠାରେ ଏକ ବ୍ୟାଘ୍ର ଅଭୟାରଣ୍ୟ ମଧ୍ୟ ରହିଛି ।

**(ଘ) 'ବୃକ୍ଷଗ୍ରାମ' ଆନ୍ଦୋଳନ :** ଓଡ଼ିଶାର ନୟାଗଡ଼ ଜିଲ୍ଲାର କେଶରପୁର ଓ ଆଖାପାଖ ଅଞ୍ଚଳରେ ଯେଉଁ ସଂରକ୍ଷଣ ଆନ୍ଦୋଳନ ଆରମ୍ଭ ହୋଇଥିଲା ତାର ନାମ ବୃକ୍ଷଗ୍ରାମ ଆନ୍ଦୋଳନ । ଏଠାରେ କୌଣସି ବିକାଶ-ପ୍ରକଳ୍ପ ବିରୁଦ୍ଧରେ ଏହି ଆନ୍ଦୋଳନ ହୋଇ ନଥିଲା । ବରଂ ଏହା ନୂତନ ଜଙ୍ଗଲ ସୃଷ୍ଟି ଓ ପରିବେଶ ସଚେତନତା ସୃଷ୍ଟି କରିବାପାଇଁ ଉଦ୍ଦିଷ୍ଟ ଥିଲା । ଗ୍ରାମବାସୀମାନେ ଉଦବୁଦ୍ଧ ହୋଇ ଖାଲି ଜାଗାମାନଙ୍କରେ ବୃକ୍ଷରୋପଣ କରି

ଜଙ୍ଗଲ ସୃଷ୍ଟି କରିଥିଲେ ଏବଂ ଜଙ୍ଗଲ ଜଗିବାର ଦାୟିତ୍ୱ ନିଜ ହାତକୁ ନେଇଥିଲେ। ଏଣୁ ସବୁଜ ବିପ୍ଳବ ପାଇଁ ଏହି ଆନ୍ଦୋଳନର ଯଥେଷ୍ଟ ଅବଦାନ ରହିଛି। 'ବୃକ୍ଷ ଓ ଜୀବର ବନ୍ଧୁ' ନାମକ ଏକ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲା। ବୁଦ୍ଧିଜୀବୀମାନେ ଏହି ଆନ୍ଦୋଳନର ଦିଗ୍‌ଦର୍ଶକ ଥିଲେ। ପଦଯାତ୍ରା, ପଥପ୍ରାନ୍ତ ସଭା ଓ ନାଟକ ମାଧ୍ୟମରେ ପରିବେଶ ସଚେତନତା କରାଯାଇଥିଲା।

**(ଙ) କ୍ଷେପଣାସ୍ତ୍ରଘାଟି ବିରୋଧୀ ବାଲିଆପାଳ ଜନ ଆନ୍ଦୋଳନ:** ଭାରତ ସରକାର ବାଲେଶ୍ୱର ଜିଲ୍ଲା ବାଲିଆପାଳ ଓ ଭୋଗରାଇ ବ୍ଲକର ୧୦୨ ବର୍ଗ କିଲୋମିଟର ଅଞ୍ଚଳରେ କ୍ଷେପଣାସ୍ତ୍ରଘାଟି ସ୍ଥାପନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ। ଭାରତକୁ ଏକ ଶକ୍ତିଶାଳୀ ସାମରିକ ରାଷ୍ଟ୍ର ଭାବରେ ଗଢିତୋଳିବା ପାଇଁ ଏହି ପ୍ରକଳ୍ପ ଉଦ୍ଦିଷ୍ଟ ଥିଲା। ଏହା ଦ୍ୱାରା ସେହି ଅଞ୍ଚଳର ପ୍ରାୟ ୫୫ଟି ଗ୍ରାମ ପ୍ରଭାବିତ ହୋଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଘୋଷଣା ଜାରି ହେବା ପରେ ପରେ ବାଲିଆପାଳ ଅଞ୍ଚଳର ଏହି କ୍ଷେପଣାସ୍ତ୍ରଘାଟି ପ୍ରକଳ୍ପକୁ ବିରୋଧ କରି ଜନ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସେ ଅଞ୍ଚଳର ଲୋକମାନେ ଜମି ଓ ଜୀବିକା ହରାଇବାର ଓ ପରିବେଶ ନଷ୍ଟର ଆଶଙ୍କା ଥିଲା। ଆନ୍ଦୋଳନ ଏତେ ତୀବ୍ର ହେଲା ଯେ ୧୯୮୬ ମସିହା ଏପ୍ରିଲ ପହିଲା ଦିନ ଆନ୍ଦୋଳାନକାରୀମାନେ ସେହି ଜିଲ୍ଲାର ଜିଲ୍ଲାପାଳଙ୍କୁ ସେହି ଅଞ୍ଚଳରେ ପ୍ରବେଶ କରାଇ ଦେଇ ନଥିଲେ। ଧାନକ୍ଷେତ ଓ ପାନ ବରଜ ନଷ୍ଟର ଆଶଙ୍କା ଥିବାରୁ ଲୋକମାନେ ଗଭୀର ଅସନ୍ତୋଷ ପ୍ରକଟ କରିଥିଲେ। କାରଣ ତାହା ସେମାନଙ୍କର ଜୀବିକା ନିର୍ବାହର ପନ୍ଥା ଥିଲା। ଗଣତନ୍ତ୍ର ଅଧିକାର ପାଇଁ ଲୋକସଂଗଠନ (PUDR) ର ଏକ ପ୍ରଚାରପତ୍ର ମାଧ୍ୟମରେ ଏହି ଆନ୍ଦୋଳନର ଆଭିମୁଖ୍ୟ ଲୋକ ମାନଙ୍କୁ ଅବଗତ କରାଯାଇଥିଲା। ଏହି ଆଭିମୁଖ୍ୟ ହେଲା: ଆମର ମାଟି, ଆମର ପୃଥିବୀ , ଆମର ଆବାସ । ଉତ୍ତର ବାଲେଶ୍ୱର କ୍ଷେପଣାସ୍ତ୍ରଘାଟି ପ୍ରତିରୋଧ ସମିତି ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏହି ଆନ୍ଦୋଳନରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଏଥିରେ ଛାତ୍ର, ଯୁବକ, ମହିଳା ଓ ମତ୍ସ୍ୟଜିବୀମାନେ ସାମିଲ ହେବା ସହିତ ଲୋକମାନଙ୍କୁ ଆନ୍ଦୋଳନର ଉଦ୍ଦେଶ୍ୟ ବିଷୟରେ ସଚେତନ କରାଇଥଲେ। ଏହି ଆନ୍ଦୋଳନ ଉଭୟ ଥଇଥାନ ଓ ପରିବେଶ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇଥିଲା। ଦୀର୍ଘଦିନର ବିରୋଧ ପରେ ଆନ୍ଦୋଳନକାରୀମାନେ ସେମାନଙ୍କର ପ୍ରଚେଷ୍ଟାରେ ସଫଳ ହୋଇଥିଲେ ଏବଂ ଏହି କ୍ଷେପଣାସ୍ତ୍ରଘାଟିକୁ ହ୍ୱିଲର୍ ଦ୍ୱୀପକୁ (ବର୍ତ୍ତମାନର ଅବଦୁଲ କଲାମ୍ ଦ୍ୱୀପ)କୁ ସ୍ଥାନାନ୍ତରିତ କରାଯାଇଥିଲା।

ଏତଦ୍ ବ୍ୟତୀତ ଓଡ଼ିଶା ପ୍ରଦେଶର ବିଭିନ୍ନ ପ୍ରାନ୍ତରରେ ବିଭିନ୍ନ ସମୟରେ ପରିବେଶ ସଂରକ୍ଷଣ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ବ୍ରଜରାଜ ନଗରରେ ଓରିଏଣ୍ଟ କାଗଜକଳ ଦ୍ୱାରା ଇବ୍ ଓ ମହାନଦୀର ଜଳ ପ୍ରଦୂଷିତ ହେଉଥିଲା। ଏହା ବିରୁଦ୍ଧରେ ଜନ ଆନ୍ଦୋଳନ ହୋଇଥିଲା ଏବଂ ଏହି ନଦୀମାନଙ୍କୁ ପ୍ରଦୂଷଣମୁକ୍ତ କରିବା ପାଇଁ ଦାବି ହୋଇଥିଲା। ତାଳଚେର ଓ ଅନୁଗୁଳ ଅଞ୍ଚଳରେ ତାପଜ ବିଦ୍ୟୁତ କାରଖାନା ଓ ନାଲକୋର ଆଲୁମିନା କାରଖାନା ଓ ଖଣିଜ ପଦାର୍ଥ ଉତ୍ତୋଳନ ଦ୍ୱାରା ହେଉଥିବା ପ୍ରଦୂଷଣ ବିରୁଦ୍ଧରେ ଆନ୍ଦୋଳନ ଚାଲୁ ରହିଛି। ବ୍ରାହ୍ମଣୀ ନଦୀର ସୁରକ୍ଷା ପାଇଁ ଦାବି କରାଯାଉଛି। କଳାହାଣ୍ଡିର ନିୟମଗିରିରେ ବେଦାନ୍ତ ପ୍ରକଳ୍ପ ସ୍ଥାପନ ବିରୁଦ୍ଧରେ ଆନ୍ଦୋଳନ ଚାଲୁ ରହିଛି। ନିକଟ ଅତୀତରେ ଜଗତ୍‌ସିଂପୁର ଜିଲ୍ଲାରେ ପୋସ୍କୋ-ବିରୋଧୀ ଆନ୍ଦୋଳନ ହୋଇଥିଲା। ଏଥିରେ ବାସଚ୍ୟୁତମାନଙ୍କ ଅଧିକାର ସହିତ ପରିବେଶ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଆନ୍ଦୋଳନକାରୀଙ୍କ ଦାବି ଯୋଗୁ ଶେଷରେ ପୋସ୍କୋ ତା'ର ପ୍ରକଳ୍ପ ବନ୍ଦ କରିବାକୁ ବାଧ ହୋଇଛି।

**ପରିବେଶ ଆନ୍ଦୋଳନର ସରକାରଙ୍କ ଉପରେ ପ୍ରଭାବ :**

ପରିବେଶ ସଂରକ୍ଷଣ ଆନ୍ଦୋଳନ ଲୋକମାନଙ୍କର ମନୋଭାବ ପରିବର୍ତ୍ତନ କରି ସେମାନଙ୍କୁ ପ୍ରକୃତିର ସୁରକ୍ଷା ପାଇଁ ପ୍ରୋତ୍ସାହିତ କରିବା ସଙ୍ଗେ ସଙ୍ଗେ ସରକାରଙ୍କର ନୀତିକୁ ମଧ୍ୟ ପ୍ରଭାବିତ କରିଛି । ସରକାରଙ୍କ ବିକାଶ-ନୀତିକୁ ପରିବେଶମୁଖୀ କରାଇଛି । ନିରନ୍ତର ବିକାଶ (Sustainable Development) ଆଣିବା ଦିଗରେ ସରକାରଙ୍କୁ ଅଧିକ ଯତ୍ନଶୀଳ କରାଇଛି । ଚତୁର୍ଥ ପଞ୍ଚବାର୍ଷିକ ଯୋଜନାରେ ସରକାର ୧୯୭୨ ମସିହାରେ ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗରେ ପରିବେଶ ଯୋଜନା ଓ ସହଯୋଗ ପାଇଁ ଜାତୀୟ ପରିଷଦ (National Council of Environment Planning and Co-operation) ସୃଷ୍ଟି କରିଛନ୍ତି । ଆଉ ଏକ ପଦକ୍ଷେପ ହେଉଛି ଯେ ସରକାର ୧୯୮୦ ମସିହା ଫେବୃୟାରୀ ୨୯ ତାରିଖରେ ପରିବେଶ ସୁରକ୍ଷା ନିମନ୍ତେ ଏକ କ୍ଷମତାସମ୍ପନ୍ନ କମିଟି ଗଠନ କଲେ । ବ୍ୟବସ୍ଥାପକ ପଦକ୍ଷେପ ଓ ଶାସନଗତ ବ୍ୟବସ୍ଥାର ପରିବେଶ ସଂରକ୍ଷଣ ଦୃଷ୍ଟିକୋଣରୁ ସମୀକ୍ଷା କରିବା ଏହାର କାମ । ଏହି କମିଟିର ଅଧ୍ୟକ୍ଷ ଥିଲେ ଶ୍ରୀ ଏନ୍.ଡି. ତିୱାରୀ (N.D. Tiwari) । ଏହି କମିଟିର ସୁପାରିଶ କ୍ରମେ ୧୯୮୫ ମସିହାରେ ପର୍ଯ୍ୟାବରଣ ଓ ଜଙ୍ଗଲ ମନ୍ତ୍ରଣାଳୟ ପୃଥକ୍ ଭାବରେ ସୃଷ୍ଟି ହେଲା । ପରିବେଶ କାର୍ଯ୍ୟକ୍ରମଗୁଡ଼ିକର ଯୋଜନା ଓ ସମନ୍ୱୟ କରିବା ଏବଂ ଏଥିପାଇଁ ଆବଶ୍ୟକୀୟ ନୀତି ନିର୍ଦ୍ଧାରଣ କରିବା ଏହାର ମୁଖ୍ୟ କାର୍ଯ୍ୟ । ମିଳିତ ଜାତିସଂଘର ପରିବେଶ ସଂପର୍କୀୟ କାର୍ଯ୍ୟକ୍ରମଗୁଡ଼ିକୁ ଦେଶରେ ସଫଳ ରୂପାୟନ କରିବା ଏହି ମନ୍ତ୍ରଣାଳୟର ଆଉ ଏକ ଦାୟିତ୍ୱ । ଜଙ୍ଗଲ ଓ ବନ୍ୟଜନ୍ତୁଙ୍କର ସୁରକ୍ଷା, ବୃକ୍ଷଲତା ଓ ପ୍ରାଣୀମାନଙ୍କର ସଂରକ୍ଷଣ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଏହି ମନ୍ତ୍ରଣାଳୟ ଉଦ୍ଦିଷ୍ଟ । ଏହି ବିଭାଗ ତରଫରୁ ବିଭିନ୍ନ ପ୍ରକଳ୍ପର ପରିବେଶ ପ୍ରଭାବର ମୂଲ୍ୟାୟନ କରାଯାଇଥାଏ । ଏବଂ ପରିବେଶ ଓ ଜଙ୍ଗଲ ସମ୍ବନ୍ଧୀୟ ଗବେଷଣାକୁ ପ୍ରୋତ୍ସାହିତ କରାଯାଇଥାଏ । ଜଳ ପ୍ରଦୂଷଣର ପ୍ରତିରୋଧ ଓ ନିୟନ୍ତ୍ରଣ ଆଇନ (୧୯୭୪), ଏବଂ ବାୟୁ ପ୍ରଦୂଷଣର ପ୍ରତିରୋଧ ଓ ନିୟନ୍ତ୍ରଣ ଆଇନ (୧୯୮୧)କୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଗଠିତ ହେଲା । ପ୍ରଦୂଷଣର ପ୍ରତିରୋଧ ଓ ନିୟନ୍ତ୍ରଣ ପାଇଁ ଏହା କେନ୍ଦ୍ରସରକାରଙ୍କୁ ଉପଦେଶ ଦିଏ ଏବଂ ଏହା ପରିବେଶ ସମ୍ବନ୍ଧୀୟ ଗବେଷଣାକୁ ପ୍ରୋତ୍ସାହନ ଦିଏ ଏବଂ ପରିବେଶ ସଚେତନତା ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରେ । ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମାନଙ୍କରେ ମଧ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓ ପ୍ରଦୂଷଣ ନିୟନ୍ତ୍ରଣ କମିଟି ଗଠନ କରାଯାଇଛି । ସେମାନେ ମଧ୍ୟ ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଥାଆନ୍ତି ।

ବର୍ତ୍ତମାନ ଭାରତରେ ଅନେକ ପରିବେଶ ସୁରକ୍ଷା ଆଇନ ପ୍ରଣୟନ କରାଯାଇଛି । ତନ୍ମଧ୍ୟରୁ କେତୋଟି ପ୍ରମୁଖ ଆଇନ ହେଲା– ବନ୍ୟଜନ୍ତୁ ସଂରକ୍ଷଣ ଆଇନ (୧୯୭୨), ଜଙ୍ଗଲ ସଂରକ୍ଷଣ ଆଇନ (୧୯୮୦), (ଜଳ ପ୍ରଦୂଷଣ ପ୍ରତିରୋଧ ଓ ନିୟନ୍ତ୍ରଣ) ଆଇନ (୧୯୭୪), ବାୟୁ (ପ୍ରଦୂଷଣ ପ୍ରତିରୋଧ ଓ ନିୟନ୍ତ୍ରଣ) ଆଇନ (୧୯୮୧), ମୋଟର ଯାନ ଆଇନ (୧୯୮୮), ଜନସାଧାରଣ ଦାୟିତ୍ୱ ବୀମା ଆଇନ (୧୯୯୧) ଇତ୍ୟାଦି । ପରିବେଶ ସଂରକ୍ଷଣ କ୍ଷେତ୍ରରେ ନ୍ୟାୟପାଳିକା ମଧ୍ୟ ସକ୍ରିୟ ଭୂମିକା ଗ୍ରହଣ କରିଛନ୍ତି । ଶିଳ୍ପ ପାଇଁ ସ୍ଥାନ ପୁନଃନିରୂପଣ ମାମଲା, ବାୟୁ ପ୍ରଦୂଷଣ ମାମଲା ଓ ଜଳ ପ୍ରଦୂଷଣ ମାମଲାର ବିଚାର କରି ସର୍ବୋଚ୍ଚ ନ୍ୟାୟାଳୟ ପରିବେଶ

ସଂରକ୍ଷଣ କ୍ଷେତ୍ରରେ ଐତିହାସିକ ରାୟ ପ୍ରଦାନ କରିଛନ୍ତି। ୨୦୦୪ ମସିହାରେ ଜାତୀୟ ପରିବେଶ ନୀତିରେ ପରିବେଶ ସୁରକ୍ଷା ପାଇଁ ବିସ୍ତୃତ ବ୍ୟବସ୍ଥା କରାଯାଇଛି।

## ବିକାଶ ହେତୁକ ବାସଚ୍ୟୁତ ଆନ୍ଦୋଳନ

ସ୍ୱାଧୀନତା ପରେ ଭାରତ ଯୋଜନାବଦ୍ଧ ବିକାଶ ପାଇଁ ନୀତି ପ୍ରଣୟନ କଲା। ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଅନେକ ବିକାଶ-ପ୍ରକଳ୍ପ ଗଢ଼ିଉଠିଲା। ଅନେକ ନଦୀ ବନ୍ଧ, ବିଦ୍ୟୁତ୍ କେନ୍ଦ୍ର, କଳକାରଖାନା ତିଆରି ହେଲା। ଯଦିଓ ଏସବୁ ଅର୍ଥନୈତିକ ବିକାଶ ଦିଗରେ ସହାୟକ ହେଲା,ଏହା ଅନେକ ମାନବିକ ଅଧିକାର ଜନିତ ସମସ୍ୟା ସୃଷ୍ଟିକଲା। ଏହି ବିକାଶ ପ୍ରକଳ୍ପ ଗୁଡ଼ିକ ଅନେକ ସମୟରେ ସେହି ସ୍ଥାନରେ ମୂଳବାସିନ୍ଦାମାନଙ୍କୁ ବାସଚ୍ୟୁତ କରାଇଲା। କାରଣ ଏହି ପ୍ରକଳ୍ପ ପାଇଁ ଭୂମିର ଆବଶ୍ୟକତା ହେଲା। ଭୂମିଅଧିଗ୍ରହଣ ଯୋଗୁ ଲୋକମାନେ ସେମାନଙ୍କର ଭୂମି ଓ ବାସଗୃହ ହରାଇଲେ। ବିଶେଷ କରି ଗ୍ରାମାଞ୍ଚଳର ଦରିଦ୍ରଲୋକ ଓ ଜଙ୍ଗଲର ଆଦିବାସୀମାନେ ଏହି ପ୍ରକାର ସମସ୍ୟାର ଶିକାର ହେଲେ। ପୁରୁଷ ପୁରୁଷ ଧରି ରହିଆସୁଥିବା ବାସସ୍ଥାନରୁ ତଡ଼ା ଖାଇବା ଜଣେ ବ୍ୟକ୍ତି ପାଇଁ ସବୁଠାରୁ ଦୁଃଖପୂର୍ଣ୍ଣ ଘଟଣା। ସେଠାରୁ ଯାଇ ଆଉ ଏକ ସମ୍ପୂର୍ଣ୍ଣ ଅଜଣା ଅଶୁଣା ଜାଗାରେ ବସତି ସ୍ଥାପନ କରିବା ମଧ୍ୟ ଏକ କଷ୍ଟକର ଅନୁଭୂତି। ବିକାଶ ଆଡକୁ ପାଗଳ ଭଳି ଧାବିତ ହେବା ଫଳରେ ଅନେକ ବ୍ୟକ୍ତି ନିଜର ଜୀବନ ଧାରଣର ଅଧିକାରରୁ ବଞ୍ଚିତ ହେଉଛନ୍ତି। ୧୯୯୦ ମସିହାର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଆୟୋଗର ଅଣତିରିଶତମ ରିପୋର୍ଟରେ କୁହାଯାଇଛି ଯେ ସମୁଦାୟ ଜନସଂଖ୍ୟାର ଶତକଡ଼ା ୭.୫ ଜନଜାତି ହୋଇଥିଲେ ମଧ, ୧୯୯୦ ମସିହା ସୁଦ୍ଧା ବାସଚ୍ୟୁତ ହୋଇଥିବା ଲୋକମାନଙ୍କ ମଧ୍ୟରୁ ଶତକଡ଼ା ୪୦ ଭାଗ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟ। ଅଷ୍ଟମ ପଞ୍ଚବାର୍ଷିକ ଯୋଜନା (୧୯୯୦-୯୫) ସମୟରେ ଜନଜାତିମାନଙ୍କର ବିକାଶ ଓ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଏକ ସରକାରୀ ସଂସ୍ଥା ସେମାନଙ୍କର ପୁନର୍ବସତି ଉପରେ ରିପୋର୍ଟ ପ୍ରଦାନ କରିଥିଲେ। ସେମାନଙ୍କର ରିପୋର୍ଟ ୧୧୦ଟି ବିକାଶ ପ୍ରକଳ୍ପର ଅନୁଧ୍ୟାନକୁ ଆଧାର କରି ତିଆରି ହୋଇଥିଲା। ସେଥିରେ ସେମାନେ ଦର୍ଶାଇଥିଲେ ଯେ ୧.୬୯୪ ନିୟୁତ ବାସଚ୍ୟୁତ ଲୋକମାନଙ୍କ ମଧ୍ୟରୁ ପ୍ରାୟ ଶତକଡ଼ା ୫୦ ଭାଗ (୮୧୪,୦୦୦) ହେଉଛନ୍ତି ଆଦିବାସୀ। ବିକାଶହେତୁକ ବାସଚ୍ୟୁତିର ସବୁଠାରୁ ଦୁର୍ଭାଗ୍ୟଜନକ ପରିଣାମ ହେଉଛି ଯେ ଆଦିବାସୀମାନେ ସେମାନଙ୍କର ବାସଗୃହ, କୃଷିଗତ ଓ ଅନ୍ୟାନ୍ୟ ପାରମ୍ପରିକ ବୃତ୍ତି ହରାଇଥାନ୍ତି। ବିକାଶ ପ୍ରକଳ୍ପ ଅନେକ ଲୋକଙ୍କୁ କ୍ଷତି ପହଞ୍ଚାଇ, ସ୍ୱଳ୍ପ ଲୋକଙ୍କ ପାଇଁ ଲାଭଦାୟକ ହୋଇଥାଏ। ମୂଳବାସିନ୍ଦାମାନେ ଭିଟାମାଟି ହରାଇ ଜୀବନଧାରଣର ଅଧିକାରରୁ ବଞ୍ଚିତ ହୋଇଥାନ୍ତି। ସବୁଠାରୁ ବଡ଼ ସମସ୍ୟା ହେଲା ବାସଚ୍ୟୁତମାନଙ୍କର ପୁନର୍ବସତି ଓ ଥଇଥାନ। ଅନେକ କ୍ଷେତ୍ରରେ ଦୋଷଯୁକ୍ତ ଥଇଥାନ ନୀତି ବାସଚ୍ୟୁତଙ୍କ ମଧ୍ୟରେ କ୍ଷୋଭ ଜାତ କରାଏ। ଅନେକ ସମୟରେ ସେମାନେ ଉପରିସ୍ଥ ଥଇଥାନ ଅଧିକାରୀ ଉପରୁ ଆସ୍ଥା ହରାଇଥାଆନ୍ତି। ଅନେକ କ୍ଷେତ୍ରରେ ସେମାନଙ୍କୁ ନ୍ୟାୟୋଚିତ କ୍ଷତିପୂରଣ ଦିଆଯାଏ ନାହିଁ। ଏଣୁ ଏହି ସମସ୍ୟା ସହିତ ପରିବେଶ ଜନିତ ଓ ଜୀବନ ଧାରଣ ଜନିତ ସମସ୍ୟା ଜଡ଼ିତ। ତା ସହିତ ପୁନର୍ବସତି ଓ ଥାଇଥାନ ସମସ୍ୟା ଏହାକୁ ଦ୍ୱିଗୁଣିତ କରିଥାଏ। ଏଣୁ ସରକାରଙ୍କ ତରଫରୁ ବିହିତ ପଦକ୍ଷେପ ଗ୍ରହଣ କରାନଗଲେ ବାସଚ୍ୟୁତମାନେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିଥାନ୍ତି। ଏହି ପ୍ରକାରର ବାସଚ୍ୟୁତି କ୍ଷେତ୍ରରେ ସମସ୍ୟାର ଶିକାର ହେଉଥିବା ଲୋକମାନେ

ମନସ୍ତାତ୍ତ୍ୱିକ, ସାମାଜିକ ଓ ସାଂସ୍କୃତିକ ଅବସାଦ ମଧ୍ୟରେ ଗତିକରିଥାନ୍ତି। ପାରମ୍ପରିକ ଉତ୍ପାଦନ ବ୍ୟବସ୍ଥା, ପୂର୍ବଜମାନଙ୍କର ପବିତ୍ର ପୂଜାପୀଠ, ସମାଧିସ୍ଥଳ କ୍ଷୁର୍ଣ୍ଣହୁଏ। ପାରିବାରିକ ବ୍ୟବସ୍ଥା ଓ ପାରମ୍ପରିକ ସାମାଜିକ ବ୍ୟବସ୍ଥା ଉଜୁଡ଼ିଯାଏ। ରକ୍ତଗତ ସମ୍ପର୍କ ସବୁ ଛିନ୍‌ଭିନ୍ ହୋଇଯାଏ। ଗବେଷକମାନେ ବାସଚ୍ୟୁତ ମାନଙ୍କର ଅବସ୍ଥାର ଆଠଟି ମାନ ହ୍ରାସ ଆଶଙ୍କା ବିଷୟରେ କହିଛନ୍ତି। ସେଗୁଡ଼ିକ ହେଲା- ଭୂମିହୀନତା, କର୍ମହୀନତା, ଗୃହହୀନତା, ଦାରିଦ୍ର୍ୟ, ଖାଦ୍ୟ ନିରାପତ୍ତା, ବ୍ୟାଧି ଓ ମୃତ୍ୟୁ, ସାଧାରଣ ସମ୍ପତ୍ତିରୁ ବଞ୍ଚିତ ହେବା ଏବଂ ସାମାଜିକ ବିଯୁକ୍ତତା। ଆମେ ଯଦି କିଛି ବାସଚ୍ୟୁତି ଆନ୍ଦୋଳନ ବିଷୟରେ ଆଲୋଚନା କରିବା ତେବେ ବାସଚ୍ୟୁତମାନଙ୍କ ସମସ୍ୟା ବିଷୟରେ ଅଧିକ ଜାଣିପାରିବା।

**(କ) ଦଣ୍ଡକାରଣ୍ୟ ପ୍ରକଳ୍ପ :** ଦେଶ ବିଭାଜନ ପରେ ପୂର୍ବ ପାକିସ୍ତାନ (ବର୍ତ୍ତମାନର ବାଂଲାଦେଶ)ରୁ ଅନେକ ଶରଣାର୍ଥୀ ଭାରତକୁ ପଶି ଆସିଥିଲେ। ପ୍ରଥମ ପର୍ଯ୍ୟାୟରେ ଉଚ୍ଚ ଜାତିର ଧନୀକ ହିନ୍ଦୁ ଏବଂ ଗ୍ରାମାଞ୍ଚଳର ମଧ୍ୟମଶ୍ରେଣୀର କୃଷକ ଏବଂ କର୍ମକାର ଭାରତକୁ ଚାଲିଆସି ପଶ୍ଚିମବଙ୍ଗରେ ଥଇଥାନ ହୋଇଥିଲେ। ୧୯୬୦ ଦଶକରେ ଓ ୧୯୭୦ ଦଶକରେ ପୂର୍ବପାକିସ୍ଥାନରେ ସାମ୍ପ୍ରଦାୟିକ ଦଙ୍ଗା ପରେ ପରେ ନୀଚ ଜାତିର ହିନ୍ଦୁ, ବିଶେଷକରି 'ନାମଶୂଦ୍ର'ମାନେ ଭାରତ ଭୂଖଣ୍ଡକୁ ପଶି ଆସିଥିଲେ। ଏହି ଶରଣାର୍ଥୀମାନଙ୍କର ଦଣ୍ଡକାରଣ୍ୟ ଅଞ୍ଚଳରେ ଥଇଥାନ ବ୍ୟବସ୍ଥା ହେଲା। ଏହି ଦଣ୍ଡକାରଣ୍ୟ ଅଞ୍ଚଳରେ ଚାରୋଟି ମଣ୍ଡଳକୁ ନେଇ ଗଠିତ। ସେଗୁଡ଼ିକ ହେଲା ଓଡ଼ିଶାର ମାଲକାନ୍‌ଗିରି ଓ ଉମରକୋଟ ଏବଂ ଛତିଶଗଡ଼ (ପୂର୍ବର ମଧ୍ୟପ୍ରଦେଶ)ର ପର୍ଲକୋଟ ଓ କୋଣ୍ଡାଗାଁ। ଏହି ଦଣ୍ଡକାରଣ୍ୟ ପ୍ରକଳ୍ପ ଅଞ୍ଚଳର ସଦର ମହକୁମା ଓଡ଼ିଶାର କୋରାପୁଟରେ ଅବସ୍ଥିତ। ଏହି ପ୍ରକଳ୍ପ ୧୯୫୮ ମସିହାରେ ଆରମ୍ଭ ହୋଇଥିଲା। ଏହି ଅଞ୍ଚଳ ପ୍ରାୟତଃ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏହି ପ୍ରକଳ୍ପ ଯୋଗୁ ଆଦିବାସୀମାନେ ବାସଚ୍ୟୁତ ହେଲେ। ଦଣ୍ଡକାରଣ୍ୟ ଉନ୍ନୟନ କର୍ତ୍ତୃପକ୍ଷ ଶରଣାର୍ଥୀମାନଙ୍କ ସ୍ୱାର୍ଥକୁ ରକ୍ଷା କରିବାକୁ ଯାଇ ଏଠାର ମୂଳବାସିନ୍ଦାମାନଙ୍କ ସ୍ୱାର୍ଥକୁ ଅଣଦେଖା କଲେ। ଆଦିବାସୀମାନଙ୍କ ପାଖରେ ଜମିପଟ୍ଟା ନଥିବାରୁ ସେମାନଙ୍କୁ ଜବରଦସ୍ତ ଉଠାଇ ଦିଆଗଲା। ମାଲକାନଗିରି, ଉମରକୋଟ ଓ ରାଇଘରରୁ ବାସଚ୍ୟୁତ ହୋଇଥିବା ଆଦିବାସୀଙ୍କ ମଧ୍ୟରେ ଅନେକ କୋୟା, ଭାତ୍ରା ଓ ଗୋଣ୍ଡ ସମ୍ପ୍ରଦାୟର। ସେମାନେ ଭୂମିହୀନ ହୋଇ ଜଙ୍ଗଲ ଓ ପାହାଡ଼ ଉପରେ ରହିବାକୁ ବାଧ ହେଲେ। ସେମାନଙ୍କ ପାଖରେ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପହଞ୍ଚିପାରିଲା ନାହିଁ। ଶରଣାର୍ଥୀମାନଙ୍କର ଶିକ୍ଷାଗତ ଯୋଗ୍ୟତା ଅଧିକ ଥିବାରୁ ସେମାନେ ଚାକିରିରେ ସୁବିଧା ସୁଯୋଗ ପାଇଲେ। ଆଦିବାସୀମାନେ ସେଥିରୁ ବଞ୍ଚିତ ହେଲେ। ସେମାନଙ୍କୁ ସାଂସ୍କୃତିକ ଧକ୍କା ଲାଗିଲା ଏବଂ ବଳପୂର୍ବକ ସେମାନଙ୍କୁ ବାସଚ୍ୟୁତ କରିବାରୁ ସେମାନଙ୍କର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଅବସ୍ଥାରେ ଘୋର ଅବନତି ଆସିଲା। ଦଣ୍ଡାକାରଣ୍ୟ ଉନ୍ନୟନ କର୍ତ୍ତୃପକ୍ଷ (DDA) ଥଇଥାନ ପାଇଁ ବିଭିନ୍ନ ସୁବିଧା ଘୋଷଣା କରିଥିଲେ ମଧ୍ୟ ତାହା ସେମାନଙ୍କ ପାଇଁ ଯଥେଷ୍ଟ ନ ଥିଲା। ଏହା ସେମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ଜାତ କରାଇଥିଲା ଏବଂ ଜନ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ଶରଣାର୍ଥୀ ଥଇଥାନ ଆଳରେ ଗରିବ ଆଦିବାସୀମାନଙ୍କୁ ବାସଚ୍ୟୁତ ଓ ଶୋଷଣ କରାଯାଇଥିଲା। ଅନେକଙ୍କ ମତରେ ଦଣ୍ଡକାରଣ୍ୟ ପ୍ରକଳ୍ପ ଶରଣାର୍ଥୀ ଥଇଥାନ ଯୋଜନାର ଉତ୍ତମ ଦୃଷ୍ଟାନ୍ତ, କିନ୍ତୁ ଅପରପକ୍ଷେ ଏହା ଆଦିବାସୀଙ୍କର ବାସଚ୍ୟୁତି ଓ ଥାଇଥାନର ସବୁଠାରୁ ମନ୍ଦ ଉଦାହରଣ।

**(ଖ) ଆଣବିକ ଶକ୍ତି ପ୍ରକଳ୍ପ :** ବାସଚ୍ୟୁତି ସମସ୍ୟା ଆଣବିକ ଶକ୍ତିପ୍ରକଳ୍ପ ଅଞ୍ଚଳରେ ମଧ୍ୟ ଦେଖାଯାଏ ଏବଂ ସେହି ଅଞ୍ଚଳରେ ଏହି ପ୍ରକଳ୍ପ ବିରୋଧରେ ଜନ ଆନ୍ଦୋଳନ ଦେଖାଯାଏ। ଶକ୍ତି ପ୍ରକଳ୍ପର ପାଖାପାଖି ଅଞ୍ଚଳର ଲୋକମାନଙ୍କୁ ସେଠାରୁ ହଟାଇ ଦିଆଯାଏ। ତାମିଲନାଡୁର କୁଦାନ୍‌କୁଲମ୍ ଆଣବିକ ଶକ୍ତି ପ୍ରକଳ୍ପ ବିରୋଧରେ ସେଠାରେ ବାସିନ୍ଦାମାନେ ଆନ୍ଦୋଳନ କରିଥିଲେ। ମହାରାଷ୍ଟ୍ରରେ ଆଣବିକ ରିଆକ୍ଟର ପ୍ରତିଷ୍ଠା ସମୟରେ ସେହି ପ୍ରକାର ସମସ୍ୟା ଦେଖାଦେଇଥିଲା। ସେଠାରେ ୫୩ଟି ମତ୍ସ୍ୟଜୀବୀ ପରିବାର ବାସଚ୍ୟୁତ ହୋଇଥିଲେ। ନ୍ୟାୟାଳୟର ହସ୍ତକ୍ଷେପ ଫଳରେ ପ୍ରାୟ ଚାଳିଶ ବର୍ଷ ପରେ ସେମାନଙ୍କୁ ନ୍ୟାୟ ମିଳିଥିଲା। ନ୍ୟାୟାଳୟ ସେହି ବାସଚ୍ୟୁତ ପରିବାରକୁ ଜୀବନଧାରଣର ସୁବିଧା ଯୋଗାଇ ଦେବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମହାରାଷ୍ଟ୍ରର ଯଇତାପୁର ଆଣବିକ ଶକ୍ତି ପ୍ରକଳ୍ପ ମଧ୍ୟ ପାର୍ଶ୍ୱବର୍ତ୍ତୀ ଗ୍ରାମ ମାଧବନ, ନିଭେଲି, କରେଲ, ଉର୍ଲିୱାଡ଼ାର ବାସଚ୍ୟୁତ ଲୋକମାନଙ୍କର ଆନ୍ଦୋଳନର ସମ୍ମୁଖୀନ ହୋଇଥିଲା। ସେସମୟରେ ଆଣବିକ ଶକ୍ତି ବିଭାଗ ଯୁକ୍ତି ଦର୍ଶାଇଥିଲେ ଯେ ପ୍ରକଳ୍ପ ପାଇଁ ଯେଉଁ ଜମି ଅଧିଗ୍ରହଣ କରାଯାଇଥିଲା ତାହା କୃଷିପାଇଁ ଅନୁପଯୁକ୍ତ ଥିଲା। ହେଲେ ଆନ୍ଦୋଳନକାରୀ ଏହି ପ୍ରକାର ଯୁକ୍ତିର ଦୃଢ଼ ବିରୋଧ କରିଥିଲେ। ସେମାନଙ୍କ ମତରେ ସେହି ଜମି କୃଷିକାର୍ଯ୍ୟ ପାଇଁ ସମ୍ପୂର୍ଣ୍ଣ ଉପଯୁକ୍ତ ଥିଲା ଏବଂ ସେମାନଙ୍କର ଜୀବିକାର୍ଜନରେ ସହାୟକ ଥିଲା ଏବଂ ଅର୍ଥନୀତିକୁ ସୁଦୃଢ଼ କରୁଥିଲା। ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲାର କୋଭାଦାରେ ଛଅଟି ରିଆକ୍ଟର ସ୍ଥାପନକୁ ମଧ୍ୟ ସେ ଅଞ୍ଚଳର ଅଧିବାସୀ ବିରୋଧ କରିଥିଲେ। ପଶ୍ଚିମବଙ୍ଗର ହରିପୁର, ହରିୟାନାର ଫତେବାଦ୍, ମଧ୍ୟପ୍ରଦେଶର ଚୁକ୍‌ଡ଼ା ଠାରେ ମଧ୍ୟ ପ୍ରସ୍ତାବିତ ଶକ୍ତି ପ୍ରକଳ୍ପକୁ ବିରୋଧ କରଯାଇଥିଲା। ଆନ୍ଦୋଳନକାରୀଙ୍କର ଯୁକ୍ତି ଥିଲା ଯେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପରିବେଶ ନଷ୍ଟ ସହିତ ବାସଚ୍ୟୁତି ସମସ୍ୟା ସୃଷ୍ଟି ହେବ ଏବଂ ଲୋକମାନଙ୍କର ଜୀବିକାକୁ ଏହା ପ୍ରଭାବିତ କରିବ।

**(ଗ) ଶିଳ୍ପ-ପ୍ରକଳ୍ପ :** ଦ୍ରୁତ ଶିଳ୍ପାୟନ ଫଳରେ ଭୂମି, ଜଳ ଓ ଜଙ୍ଗଲର ଦ୍ରୁତ ଅପଚୟ ହେଉଛି। ଏହା ନିଜ ଭିଟାମାଟିରୁ ଲୋକମାନଙ୍କୁ ବାସଚ୍ୟୁତ କରି ସେମାନଙ୍କର ଜୀବନ ଓ ଜୀବିକାକୁ ବିପନ୍ନ କରୁଛି। ଓଡ଼ିଶାରେ ଇସ୍ପାତ୍ ଓ ଆଲୁମିନା କାରଖାନା ବାସଚ୍ୟୁତି ସମସ୍ୟା ସୃଷ୍ଟି କରିଛି। ଆମ ଦେଶର ଅନେକ ଅଞ୍ଚଳରେ ମଧ୍ୟ ଏହି ପ୍ରକାରର ସମସ୍ୟା ରହିଛି ଏବଂ ସେଠାରେ ଜନ ଅସନ୍ତୋଷ ଆନ୍ଦୋଳନର ରୂପ ନେଇଛି। ଓଡ଼ିଶାରେ ବାସଚ୍ୟୁତମାନଙ୍କର ଆନ୍ଦୋଳନର ସମ୍ମୁଖୀନ ହେଉଥିବା ପ୍ରକଳ୍ପ ଗୁଡ଼ିକ ହେଲା- ଯାଜପୁର ଜିଲ୍ଲା କଳିଙ୍ଗନଗରର ଟାଟା ଷ୍ଟିଲ୍, ଅନୁଗୁଳ ଜିଲ୍ଲାର ଜିନ୍ଦଲ ଇସ୍ପାତ ଓ ଶକ୍ତିକେନ୍ଦ୍ର କଟକ ଜିଲ୍ଲା ନରାଜଠାରେ ଥିବା ଟାଟା ତାପଜ କେନ୍ଦ୍ର, ରାୟଗଡ଼ା ଜିଲ୍ଲାର ଟିକିରିଠାରେ ଥିବା ଆଲୁମିନା କାରଖାନା, ପୁରୀ ନିକଟରେ ବେଦାନ୍ତ ବିଶ୍ୱବିଦ୍ୟାଳୟ, କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ର ଆଲୁମିନା ପ୍ରକଳ୍ପ, ଜଗତସିଂହପୁର ଜିଲ୍ଲାର ପୋସ୍କୋ ପ୍ରକଳ୍ପ ଏବଂ କେନ୍ଦୁଝର ଜିଲ୍ଲା ରାଇସୁଆଁଠାରେ ଥିବା ଷ୍ଟେରଲାଇଟ୍ ଲୌହ ଓ ଇସ୍ପାତ୍ କମ୍ପାନୀ, ଢେଙ୍କାନାଳ ଜିଲ୍ଲା ଗଜମରାର NTPC ଶକ୍ତିକେନ୍ଦ୍ର।

**(ଘ) ଜଳସେଚନ ଓ ଜଳବିଦ୍ୟୁତ ପ୍ରକଳ୍ପ:** ଓଡ଼ିଶାର ହୀରାକୁଦ ନଦୀ ବନ୍ଧ ଯୋଜନା, ରେଙ୍ଗାଲି ପ୍ରକଳ୍ପ ଓ ବାଲିମେଳା ପରି ବଡ଼ ବଡ଼ ପ୍ରକଳ୍ପ ଯୋଗୁ ଅନେକ ଲୋକ ବାସଚ୍ୟୁତ ହୋଇଛନ୍ତି। ଉତ୍ତରାଖଣ୍ଡର ଟେହେରି ନଦୀ ବନ୍ଧ ଯୋଜନା ଓ ଗୁଜୁରାଟର ନର୍ମଦା ଉପତ୍ୟକା ପ୍ରକଳ୍ପ ମଧ୍ୟ ବାସଚ୍ୟୁତମାନଙ୍କର ବିରୋଧର ସମ୍ମୁଖୀନ ହେଉଛନ୍ତି।

ବାସଚ୍ୟୁତି ଓ ଥଇଥାନ ବିଷୟ ନେଇ ହେଉଥିବା ଆନ୍ଦୋଳନର ନେତୃତ୍ୱ ପ୍ରଭାବିତ ଅଞ୍ଚଳର ସ୍ଥାନୀୟ ନେତାମାନେ ନେଉଛନ୍ତି । ସେଠାକାର ସ୍ୱେଚ୍ଛାସେବୀ ସଂସ୍ଥା ଓ ରାଜନୈତିକ ଦଳମାନେ ମଧ୍ୟ ଏହି ଆନ୍ଦୋଳନକୁ ସମର୍ଥନ ଜଣାଉଛନ୍ତି । ଉଭୟ ଆଦିବାସୀ ଓ ଅଣ ଆଦିବାସୀ ଲୋକମାନେ ବାସଚ୍ୟୁତି ଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ଏହି ସମସ୍ୟା ମୁଖ୍ୟତଃ ବିକାଶଜନିତ । ଅନେକ କ୍ଷେତ୍ରରେ ଥଇଥାନର ସୁବିଧା ସୁଯୋଗ ଠିକ୍ ଭାବରେ ଯୋଗାଇ ଦିଆଯାଉନାହିଁ ଏବଂ ତାହା ତୀବ୍ର ଅସନ୍ତୋଷର କାରଣ ହୋଇଛି । ଅନେକ ସ୍ଥାନରେ ଆନ୍ଦୋଳନ ଉଗ୍ରରୂପ ଧାରଣ କରିଛି, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର "ପୁନର୍ବସତି ଓ ଥଇଥାନ ନୀତି ବାସଚ୍ୟୁତ ମାନଙ୍କର ସମସ୍ୟାକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ହେବା ନିହାତି ଜରୁରୀ । ନୀତି ନିର୍ଦ୍ଧାରଣ ସମୟରେ ସେଠାକାର ବାସିନ୍ଦାମାନଙ୍କର ମତାମତ ଗ୍ରହଣ କରାଯିବା ଆବଶ୍ୟକ । ଜମି ଅଧିଗ୍ରହଣ ଆଇନ ଓ କ୍ଷତିପୂରଣ ଆଇନରେ ବାସଚ୍ୟୁତମାନଙ୍କର ସ୍ୱାର୍ଥରକ୍ଷା ଲାଗି ବ୍ୟବସ୍ଥା ରହିବା ଆବଶ୍ୟକ । 'ଓଡ଼ିଶା ଆଦିବାସୀ ମଞ୍ଚ', 'ଅଗ୍ରଗାମୀ', 'ପ୍ରାକୃତିକ ସମ୍ପଦ ସୁରକ୍ଷା ପରିଷଦ', 'ନିୟମଗିରି ସୁରକ୍ଷା ସମିତି', 'ନାଗରିକ ସୁରକ୍ଷା ସମିତି', 'କେନ୍ଦୁଝର ସୁରକ୍ଷା ପରିଷଦ', 'ବେଦାନ୍ତ ବିଶ୍ୱବିଦ୍ୟାଳୟ ବିରୋଧୀ ସଂଘର୍ଷ ସମିତି' ଇତ୍ୟାଦି ଅନେକ ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବାସଚ୍ୟୁତି ଜନିତ ଆନ୍ଦୋଳନରେ ପ୍ରମୁଖ ଅଂଶ ଗ୍ରହଣ କରୁଛନ୍ତି । ଏହି ଆନ୍ଦୋଳନର ଫଳ ସ୍ୱରୂପ ଅନେକ ସ୍ଥାନୀୟ ପ୍ରକଳ୍ପକୁ ବାତିଲ୍ କରିଦିଆଯାଇଛି କିମ୍ବା ପୁନର୍ବସତି ଓ ଥଇଥାନ ନୀତିରେ ବାସଚ୍ୟୁତଙ୍କ ସ୍ୱାର୍ଥକୁ ସୁରକ୍ଷା ଦିଆଯାଇଛି ।

## ସଂକ୍ଷିପ୍ତ ସୂଚନା

- ୧୯୭୦ ଦଶକରେ ନାରୀ ଆନ୍ଦୋଳନ, ପରିବେଶ ସୁରକ୍ଷା ଆନ୍ଦୋଳନ ଓ ବିକାଶଜନିତ ବାସଚ୍ୟୁତି ଆନ୍ଦୋଳନ ଭଳି ଅନେକ ଜନଆନ୍ଦୋଳନ ଆରମ୍ଭ ହୋଇଛି ।
- ମହିଳା, ଭୂମିହୀନ, ଆଦିବାସୀ, କୃଷକ ଓ ବାସଚ୍ୟୁତମାନଙ୍କର ଅଧିକାରକୁ ସୁରକ୍ଷା ଦେବା ଏହି ଆନ୍ଦୋଳନର ମୁଖ୍ୟ ଲକ୍ଷ୍ୟ ।
- ଅନେକ ଆନ୍ଦୋଳନ ଗାନ୍ଧୀଙ୍କର ନୀତି ଓ ଆଦର୍ଶରେ ଅନୁପ୍ରାଣିତ । ସମାଜସେବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବେସରକାରୀ ଅନୁଷ୍ଠାନ ଏହି ଆନ୍ଦୋଳନରେ ସାମିଲ ହୁଅନ୍ତି ।
- ମହିଳା ଆନ୍ଦୋଳନ ଦ୍ୱାରା ସେମାନଙ୍କର ଅଧିକାରରେ ଅନେକ ପରିବର୍ତ୍ତନ ଆସିଛି ।
- ନାରୀବାଦର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ ରହିଛି । ପ୍ରଥମ ପର୍ଯ୍ୟାୟ ମହିଳା ଭୋଟ୍ ଅଧିକାରକୁ ପ୍ରାଧାନ୍ୟ ଦିଏ । ଦ୍ୱିତୀୟ ପର୍ଯ୍ୟାୟରେ ମହିଳାମାନଙ୍କର ସାମାଜିକ ଓ ଆଇନଗତ ଅଧିକାର ବିଷୟରେ ଚର୍ଚ୍ଚା ହୋଇଛି ଓ ତୃତୀୟ ପର୍ଯ୍ୟାୟ ଦ୍ୱିତୀୟ ପର୍ଯ୍ୟାୟର ଦାବିକୁ ଦୋହରାଇଛି ।
- ମହିଳା ଆନ୍ଦୋଳନ ଆମେରିକାରେ ୧୮୪୮ ମସିହା, ଗ୍ରେଟ୍ ବ୍ରିଟେନ୍‌ରେ ୧୮୫୮-୫୯ ମସିହା, ରୁଷିଆରେ ୧୯୧୭ ମସିହାର ବୋଲସେଭିକ୍ ବିପ୍ଳବ ସମୟରେ ଆରମ୍ଭ ହୋଇଥିଲା ।

⇨ ଉଦାରବାଦୀ ନାରୀବାଦୀମାନେ ପୁରୁଷମାନଙ୍କ ସହିତ ସମାନ ଅଧିକାର ଦାବି କରନ୍ତି । ମାର୍କସବାଦୀ ବା ସମାଜବାଦୀ ନାରୀବାଦୀମାନେ ବ୍ୟକ୍ତିଗତ ଘରୋଇ ସମ୍ପତ୍ତି ବ୍ୟବସ୍ଥାକୁ ନିନ୍ଦା କରନ୍ତି । ସେମାନଙ୍କ ମତରେ ଏହା ନାରୀ ନିର୍ଯାତନାର କାରଣ । ନାରୀମାନଙ୍କ ଶ୍ରମର ଉପଯୁକ୍ତ ମୂଲ୍ୟ ଦିଆଯାଏ ନାହିଁ । ଉଗ୍ର ନାରୀବାଦ ପିତୃକେନ୍ଦ୍ରିକ ବ୍ୟବସ୍ଥାର ଘୋର ବିରୋଧ କରେ ଏବଂ ପ୍ରଚଳିତ ସାମାଜିକ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଦାବି କରେ । ପରିବେଶ ସନ୍ନିବେଶିତ ନାରୀବାଦ ପରିବେଶ ସଂରକ୍ଷଣରେ ବିଶ୍ୱାସ କରେ ଏବଂ ଯୁକ୍ତିଦର୍ଶାଏ ଯେ ଭୂମି ଉପରେ ପୁରୁଷ ନିୟନ୍ତ୍ରଣ ଓ ପ୍ରାକୃତିକ ସମ୍ପଦର ଅବକ୍ଷୟ ନାରୀ ନିର୍ଯାତନାର କାରଣ ।

⇨ ସ୍ୱାଧୀନତାର ପୂର୍ବବର୍ତ୍ତୀ ସମୟରୁ ଭାରତରେ ମହିଳା ଆନ୍ଦୋଳନ ଆରମ୍ଭ ହୋଇଛି ।

⇨ ସ୍ୱାଧୀନତାର ପରବର୍ତ୍ତୀ ସମୟରେ ଆମ ଦେଶରେ ଅନେକ ମହିଳା ସଂଗଠନ ସକ୍ରିୟ ହେଲା ଏବଂ ନାରୀମାନେ ଘରେ ଏବଂ କର୍ମକ୍ଷେତ୍ରରେ ପୁରୁଷମାନଙ୍କ ସହିତ ସମାନ ଅଧିକାର ଦାବି କଲେ ।

⇨ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ମହିଳା ନେତ୍ରୀମାନଙ୍କର ଆବିର୍ଭାବ ହେଲା ଏବଂ ସେମାନେ ଘରୋଇ ଓ ସାଧାରଣ କ୍ଷେତ୍ରରେ ନାରୀମାନଙ୍କ ପ୍ରତି ହେଉଥିବା ହିଂସାର ପ୍ରତିବାଦ ଜଣାଇଥିଲେ ।

⇨ ନାରୀ ଆନ୍ଦୋଳନର ଫଳସ୍ୱରୂପ ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ଆଇନଗତ ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆସିଲା ।

⇨ ମହିଳାମାନଙ୍କର ଅଧିକାରକୁ ସୁରକ୍ଷିତ କରିବା ପାଇଁ ସରକାର ଅନେକ ଆଇନ ପ୍ରଣୟନ କଲେ । ଉଭୟ କେନ୍ଦ୍ର ଓ ରାଜ୍ୟରେ ମହିଳା କମିଶନ ସ୍ଥାପନ କରାଗଲା ।

⇨ ମହିଳା ଆନ୍ଦୋଳନ ଯୋଗୁ ମହିଳା ସଶକ୍ତିକରଣ ହେଲା ଏବଂ ସ୍ଥାନୀୟ ସ୍ୱାୟତ୍ତ ଶାସନ ବ୍ୟବସ୍ଥାରେ ନାରୀମାନଙ୍କର ସ୍ଥିତି ସୁଦୃଢ଼ ହେଲା ।

⇨ ପୃଥିବୀର ପରବେଶକୁ ଧ୍ୱଂସ ମୁଖରୁ ରକ୍ଷା କରିବା ପାଇଁ ସବୁଆଡ଼େ ପରିବେଶ ସଂରକ୍ଷଣ ଆନ୍ଦୋଳନ ହେଉଛି ।

⇨ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଭୂମିପତନ, ବିଶ୍ୱ ଉତ୍ତପ୍ତତା ଆଦି ବିଭିନ୍ନ ପାରିପାର୍ଶ୍ୱିକ ସମସ୍ୟା ଉଦ୍‌ବେଗର କାରଣ ହୋଇଛି ।

⇨ ପରିବେଶ ନଷ୍ଟ ପାଇଁ ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ କାର୍ଯ୍ୟକଳାପ ଦାୟୀ ।

⇨ ପରିବେଶ ବିଷୟ ଆଲୋଚନା ପାଇଁ ୧୯୭୨ ମସିହାରେ ପ୍ରଥମେ ମିଳିତ ଜାତିସଂଘ ଆନୁକୂଲ୍ୟରେ ମାନବିକ ପରିବେଶ ଉପରେ ସମ୍ମିଳନୀ ହୋଇଥିଲା ।

⇨ ବ୍ରୁଣ୍ଟଲ୍ୟାଣ୍ଡ ରିପୋର୍ଟ (ଆମର ସାମୂହିକ ଭବିଷ୍ୟତ) ନିରନ୍ତର ବିକାଶ ଉପରେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଉଭୟ ପରିବେଶ ସଂରକ୍ଷଣ ଓ ଅର୍ଥନୈତିକ ବିକାଶର ଆଭିମୁଖ୍ୟ ବିଷୟରେ ଉଲ୍ଲେଖ କରିଥିଲା ।

- ଭାରତରେ ହୋଇଥିବା ପ୍ରମୁଖ ପରିବେଶ ଆନ୍ଦୋଳନଗୁଡ଼ିକ ହେଲା- ଚିପ୍‌କୋ ଆନ୍ଦୋଳନ, ନୀରବ ଉପତ୍ୟକା ଆନ୍ଦୋଳନ, ଜଙ୍ଗଲ ବଞ୍ଚାଅ ଆନ୍ଦୋଳନ, ଆପିକୋ ଆନ୍ଦୋଳନ, ନର୍ମଦା ବଞ୍ଚାଅ ଆନ୍ଦୋଳନ, ଟେହରୀ-ନଦୀବନ୍ଧ ବିରୋଧୀ ଆନ୍ଦୋଳନ ଇତ୍ୟାଦି।
- ଓଡ଼ିଶାର ପ୍ରମୁଖ ପରିବେଶ ଆନ୍ଦୋଳନଗୁଡ଼ିକ ହେଲା ଗନ୍ଧମାର୍ଦ୍ଦନ ବଞ୍ଚାଅ ଆନ୍ଦୋଳନ, ଚିଲିକା-ବଞ୍ଚାଅ ଆନ୍ଦୋଳନ, ଶିମିଳିପାଳ ଜୀବମଣ୍ଡଳ ସଂରକ୍ଷଣ ଆନ୍ଦୋଳନ, ବୁଦ୍ଧଗ୍ରାମ ଆନ୍ଦୋଳନ ଇତ୍ୟାଦି।
- ପରିବେଶ-ସଂରକ୍ଷଣ ଆନ୍ଦୋଳନର ପ୍ରଭାବ ମଧ୍ୟ ଆଇନ-ପ୍ରଣୟନ କ୍ଷେତ୍ରରେ ପରିଲକ୍ଷିତ ହୋଇଥିଲା। ପର୍ଯ୍ୟାବରଣ ଓ ଜଙ୍ଗଲ ମନ୍ତ୍ରଣାଳୟ ପରିବେଶ ସୁରକ୍ଷା ପାଇଁ ଅନେକ ଆଇନ ପ୍ରଣୟନ କରିଛନ୍ତି। କେନ୍ଦ୍ର ଓ ରାଜ୍ୟରେ ପ୍ରଦୂଷଣ ବୋର୍ଡ଼ ଗଠନ ହୋଇଛି।
- ଭାରତରେ ସ୍ୱାଧୀନତା ପରେ ଅନେକ ବିକାଶ-ପ୍ରକଳ୍ପ କାର୍ଯ୍ୟକାରୀ ହେଲା।
- ଏହି ବିକାଶ ପ୍ରକଳ୍ପ ଅର୍ଥନୈତିକ ପ୍ରଗତିରେ ସହାୟକ ଥିଲେ ମଧ୍ୟ ବାସଚ୍ୟୁତି ଭଳି ଅନେକ ସମସ୍ୟାକୁ ନିମନ୍ତ୍ରଣ କରିଥିଲା।
- ଏହାକୁ ବିକାଶ ଜନିତ ବାସଚ୍ୟୁତି ବୋଲି କୁହାଯାଏ।
- ବାସଚ୍ୟୁତ ହୋଇଥିବା ଲୋକମାନେ ଆନ୍ଦୋଳନର ପନ୍ଥା ଗ୍ରହଣ କରିଥିଲେ।
- ବିକାଶ ଜନିତ ବାସଚ୍ୟୁତ ଆନ୍ଦୋଳନ ସୃଷ୍ଟିକାରୀ କିଛି ପ୍ରକଳ୍ପ ହେଲା, ଦଣ୍ଡକାରଣ୍ୟ ପ୍ରକଳ୍ପ, କୁଦନ୍‌କୁଲାମ୍‌ର ଆଣବିକ ଶକ୍ତି ପ୍ରକଳ୍ପ, ଜଇତପୁର ଆଣବିକ ପ୍ରକଳ୍ପ, କଳିଙ୍ଗନଗର ଟାଟା ଇସ୍ପାତ ପ୍ରକଳ୍ପ, ଅନୁଗୁଳର ଜିନ୍ଦଲ ଇସ୍ପାତ୍ ଓ ଶକ୍ତି କେନ୍ଦ୍ର, ଲାଞ୍ଜିଗଡ଼ର ଆଲୁମିନା ପ୍ରକଳ୍ପ, ହୀରାକୁଦ ଓ ରେଙ୍ଗାଲି ନଦୀବନ୍ଧ ଯୋଜନା, ଟେହେରୀ ନଦୀ ବନ୍ଧ ଯୋଜନା ଇତ୍ୟାଦି।
- ଏହିସବୁ ଆନ୍ଦୋଳନ ଯୋଗୁ ଅନେକ ପ୍ରକଳ୍ପ ବନ୍ଦ ହୋଇଥିଲା। ଅନେକ କ୍ଷେତ୍ରରେ ପୁନର୍ବସତି ଓ ଥଇଥାନ ନୀତିରେ ପରିବର୍ତ୍ତନ ଆଣି ସରକାର ବାସଚ୍ୟୁତମାନଙ୍କର ସ୍ୱାର୍ଥକୁ ସୁରକ୍ଷା ପ୍ରଦାନ କରିଥିଲେ।
- ଉପର ଲିଖିତ ଏହିସବୁ ଜନ ଆନ୍ଦୋଳନଗୁଡ଼ିକରେ ମୁଖ୍ୟତଃ ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ ଏବଂ ସ୍ଥାନୀୟ ନେତାମାନେ ଅଂଶଗ୍ରହଣ କରୁଥିଲେ।

## ଆଦର୍ଶ ପ୍ରଶ୍ନାବଳୀ

### 'କ'ବିଭାଗ

**ବିକଳ୍ପ ଉତ୍ତର ଗୁଡିକରୁ ସଠିକ ଉତ୍ତର ଚୟନ :**

୧. ନିମ୍ନୋକ୍ତ କେଉଁ ଉକ୍ତିଟି ଠିକ୍ ?
(କ) ୧୮୩୭ ମସିହାରେ ଚାର୍ଲସ୍ ଫୋରିୟର 'ନାରୀବାଦ' ଶବ୍ଦର ପ୍ରୟୋଗ କରିଥିଲେ ।
(ଖ) ନାରୀବାଦୀମାନେ ପିତୃକୈନ୍ଦ୍ରିକ ବ୍ୟବସ୍ଥା ସପକ୍ଷରେ ମତ ଦିଅନ୍ତି ।
(ଗ) ମେଧା ପାଟ୍‌କର ଚିପ୍‌କୋ ଆନ୍ଦୋଳନ ସହିତ ସଂପୃକ୍ତ ।
(ଘ) ପରିବେଶ କାର୍ଯ୍ୟକ୍ରମର ଯୋଜନା ଓ ସମନ୍ୱୟ କ୍ଷେତ୍ରରେ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ମୁଖ୍ୟ ଭୂମିକା ନିଏ ।
(ଙ) ବିକାଶ ପ୍ରକଳ୍ପ ବାସଚ୍ୟୁତି ସମସ୍ୟା ସୃଷ୍ଟି କରେ ନାହିଁ ।

୨. ନିମ୍ନୋକ୍ତ କେଉଁ ଉକ୍ତିଟି ଭୁଲ ?
(କ) ହୀରାକୁଦ ନଦୀବନ୍ଧ ପ୍ରକଳ୍ପ ଏକ ମୁଖ୍ୟ ଜଳସେଚନ ଓ ଜଳବିଦ୍ୟୁତ୍ ପ୍ରକଳ୍ପ ।
(ଖ) ବନ୍ୟଜନ୍ତୁ ସଂରକ୍ଷଣ ଆଇନ (୧୯୭୨) ପରିବେଶ ସଂରକ୍ଷଣ ଆଇନର ଏକ ଉଦାହରଣ ।
(ଗ) ବେକାରୀ ଓ ଦାରିଦ୍ର୍ୟକୁ ନେଇ ଆପିକୋ ଆନ୍ଦୋଳନ ହୋଇଥିଲା ।
(ଘ) ନର୍ମଦା ନଦୀ ଉପରେ ସର୍ଦ୍ଦାର ସରୋବର ବନ୍ଧ ନିର୍ମିତ ହୋଇଛି ।
(ଙ) ଉଗ୍ର ନାରୀବାଦୀମାନେ ପିତୃକୈନ୍ଦ୍ରିକ ବ୍ୟବସ୍ଥାକୁ ବିରୋଧ କରନ୍ତି ।

୩. ନିମ୍ନୋକ୍ତ କେଉଁ ଗୁଡିକ ବାଲିଆପାଳ ଜନ ଆନ୍ଦୋଳନର ଉଦ୍ଦେଶ୍ୟ ଥିଲା ?
(କ) ଥଇଥାନ ।
(ଖ) ଦାରିଦ୍ର୍ୟ ନିରାକରଣ ।
ଗ) ପରିବେଶ ସଂରକ୍ଷଣ ।
ଘ) ମହିଳା ସଶକ୍ତିକରଣ ।
ସବୁଠାରୁ ଠିକ୍ ଉତ୍ତର ଲେଖ : (୧) କଖ (୨) ଖଗ (୩) କଗ (୪) ଖଘ

### 'ଖ'ବିଭାଗ

**କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ:**

୧. ଜନାଦୃତ ଆନ୍ଦୋଳନ କାହାକୁ କୁହାଯାଏ ?
୨. ମହିଳା ଆନ୍ଦୋଳନ କ'ଣ ?
୩. ପରିବେଶ ସଂରକ୍ଷଣ ଆନ୍ଦୋଳନ କ'ଣ ?

୪. ବିକାଶ ଜନିତ ବାସଚ୍ୟୁତିମାନେ କ'ଣ ?
୫. ଉଦାରବାଦୀ ନାରୀବାଦୀ ମାନଙ୍କର ଆଭିମୁଖ୍ୟ ସଂକ୍ଷେପରେ ବର୍ଣ୍ଣନା କର।
୬. ଉଗ୍ରନାରୀବାଦୀମାନଙ୍କର ଚିନ୍ତାଧାରା ବିଷୟରେ ସଂକ୍ଷେପରେ ଲେଖ।
୭. ପ୍ରଥମ ପର୍ଯ୍ୟାୟ ନାରୀବାଦ କ'ଣ ?
୮. ମହିଳାମାନଙ୍କ ପ୍ରତି ହେଉଥିବା ପାରିବାରିକ ହିଂସା କ'ଣ ?
୯. ଚିପ୍‌କୋ ଆନ୍ଦୋଳନର ମୁଖ୍ୟ ଉଦ୍ଦେଶ୍ୟ କ'ଣ ଥିଲା ?
୧୦. ଥଇଥାନର ଅର୍ଥ କ'ଣ ?

## 'ଗ'ବିଭାଗ

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ:**

୧. ଭାରତରେ ହୋଇଥିବା ନାରୀ ଆନ୍ଦୋଳନ ବିଷୟରେ ଆଲୋଚନା କର।
୨. ସାମାଜିକ, ରାଜନୈତିକ ଓ ଆଇନଗତ କ୍ଷେତ୍ରରେ ମହିଳା ଆନ୍ଦୋଳନର ପ୍ରଭାବ ବିଶ୍ଳେଷଣ କର।
୩. ଭାରତରେ ହୋଇଥିବା ପରିବେଶ ସଂରକ୍ଷଣ ଆନ୍ଦୋଳନ ବିଷୟରେ ଏକ ରଚନା ଲେଖ।
୪. କେତୋଟି ବଡ଼ ବିକାଶଜନିତ ବାସଚ୍ୟୁତି ଆନ୍ଦୋଳନ ବିଷୟରେ ଆଲୋଚନା କର।
୫. ପ୍ରଦୂଷଣ ପ୍ରତିରୋଧ ଓ ନିୟନ୍ତ୍ରଣ ପାଇଁ ଭାରତ ସରକାର ନେଇଥିବା ପଦକ୍ଷେପ ବର୍ଣ୍ଣନା କର।

❑❑❑

সপ্তম অধ্যায়

## ଅନ୍ତର୍ଜାତୀୟ ରାଜନୀତିର କେତୋଟି ପ୍ରସଙ୍ଗ

# ଭାରତର ବିଦେଶ ନୀତି

*"ସେଥିପାଇଁ ମୁଁ କହେଯେ, ଏହି ରାଷ୍ଟ୍ର ବା ସେହି ରାଷ୍ଟ୍ରକୁ ଇଂଲଣ୍ଡର ଚିରନ୍ତନ ବନ୍ଧୁ ବା ଚିରସ୍ଥାୟୀ ଶତ୍ରୁ ଚିହ୍ନଟ କରିବା ଏକ ସଂକୀର୍ଣ୍ଣ ଚିନ୍ତାଧାରା । ଆମ୍ଭର କେହି ଚିରନ୍ତନ ମିତ୍ରରାଷ୍ଟ୍ର ନାହାନ୍ତି ବା ଆମ୍ଭର କେହି ଚିରସ୍ଥାୟୀ ଶତ୍ରୁ ରାଷ୍ଟ୍ର ନୁହେଁ । କେବଳ ଆମର ଦେଶର ହିତ ହେଉଛି ଚିରନ୍ତନ ଓ ଶାଶ୍ୱତ ଏବଂ ତାକୁ ଅନୁସରଣ କରିବା ଆମର କର୍ତ୍ତବ୍ୟ" ।*

- ଲର୍ଡ ପାମରଷ୍ଟୋନ୍ (ହେନ୍ରୀ ଜନ୍ ଟେମ୍ପଲ)

**ପାଠ୍ୟ ବିଷୟ :**

- ଭାରତର ବିଦେଶ ନୀତି: ମୌଳିକ ଲକ୍ଷଣ
- ଭାରତର ପଡୋଶୀ: ପାକିସ୍ଥାନ ଓ ଚୀନ

**କ'ଣ ଜାଣିବା ?**

- ବିଦେଶ ନୀତି ମାନେ କ'ଣ ?
- ତା'ର ବୈଶିଷ୍ଟ୍ୟ କ'ଣ ?

**କ'ଣ ପଢିବା ?**

- ଆମ ପଡୋଶୀ
- ଚୀନ ସହିତ ଆମର ସଂପର୍କ
- ପାକିସ୍ଥାନ ସହିତ ଆମର ସଂପର୍କ



କେହି ଚିରନ୍ତନ ବନ୍ଧୁ ନୁହେଁ କି କେହି ଚୀରସ୍ଥାୟୀ ଶତ୍ରୁ ନୁହେଁ, କେବଳ ଦେଶର ହିତ ହେଉଛି ଚିରନ୍ତନ ଓ ଶାଶ୍ୱତ ।

# ଭାରତର ବିଦେଶ ନୀତି

ଜାତି, ରାଷ୍ଟ୍ର ଓ ଅନ୍ତର୍ଜାତୀୟତାବାଦର ବର୍ତ୍ତମାନ ଯୁଗ ଏମିତି ହୋଇଛି ଯେ ଏହି ସମୟରେ କୋଣସି ଏକ ରାଷ୍ଟ୍ର ଚାହିଁଲେ ମଧ୍ୟ ଅଲଗା ରହିପାରିବ ନାହିଁ । ପ୍ରତ୍ୟେକ ରାଷ୍ଟ୍ର ନିଜ ଜାତିର ହିତ ରକ୍ଷାକରିବା ପାଇଁ ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ସହିତ ଅର୍ଥନୈତିକ, ସମାଜିକ, ରାଜନୈତିକ, ବୈଜ୍ଞାନିକ ଓ ସାଂସ୍କୃତିକ ସମ୍ପର୍କ ସ୍ଥାପନ କରିବା ନିହାତି ଆବଶ୍ୟକ । ଏ କଥାର ସତ୍ୟତା ଏଇ ଯେ ଅନ୍ୟ ରାଷ୍ଟ୍ରଗୁଡ଼ିକ ସହିତ ସମ୍ପର୍କ ସ୍ଥାପନ ପ୍ରତ୍ୟେକ ରାଷ୍ଟ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟାବଶ୍ୟକ କାର୍ଯ୍ୟରେ ପରିଗଣିତ ହେଉଛି ଏବଂ ଜାତୀୟ ସ୍ୱାର୍ଥର ସୁରକ୍ଷା ଓ ସମୃଦ୍ଧି ଉଦ୍ଦେଶ୍ୟରେ ଅନ୍ୟାନ୍ୟ ରାଷ୍ଟ୍ର ଗୁଡ଼ିକ ସହିତ ସମ୍ପର୍କ ସ୍ଥାପନରେ ଏକ ରାଷ୍ଟ୍ର ଦ୍ୱାରା ଅନୁସରଣ କରାଯାଉଥିବା ନୀତି କୁ ବିଦେଶ ନୀତି କୁହାଯାଏ ।

ସରଳ ଭାଷାରେ କହିବାକୁ ଗଲେ, ବୈଦେଶିକ ନୀତି କହିଲେ ସେହି ନୀତି ସମୂହକୁ ବୁଝାଏ ଯାହାକୁ ଆଧାର କରି ଜାତୀୟ ହିତର ସୁରକ୍ଷା ଓ ସମୃଦ୍ଧି ପାଇଁ ଅନ୍ୟାନ୍ୟ ରାଷ୍ଟ୍ର ଓ ଅନ୍ତର୍ଜାତିକ ଅନୁଷ୍ଠାନ ଗୁଡ଼ିକ ସହିତ ସମ୍ପର୍କ ସ୍ଥାପନ ହୋଇଥାଏ । ହାର୍ଟମ୍ୟାନ୍ ଙ୍କ ମତରେ: "ବୈଦେଶିକ ନୀତି ହେଉଛି ଇପ୍ସିତ ଜାତୀୟ ସ୍ୱାର୍ଥର ସୁଚିନ୍ତିତ ଏକ ସୁବ୍ୟବସ୍ଥିତ ବିବୃତ୍ତି ।" ରତ୍ନା ସ୍ୱାମୀ କହନ୍ତି "ବର୍ତ୍ତମାନ ବୈଦେଶିକ ନୀତି ମାନେ ସେହି ନୀତି ଓ ପ୍ରଥାର ସମାହାର ଯାହା ଗୋଟିଏ ରାଷ୍ଟ୍ରର ଅନ୍ୟ ରାଷ୍ଟ୍ରଗୁଡ଼ିକ ସହ ସମ୍ପର୍କକୁ ନିୟନ୍ତ୍ରଣ କରେ" । ତାହାର କେତେକ ମୌଳିକ ବୈଶିଷ୍ଟ୍ୟ ଥାଏ । ବୈଦେଶିକ ନୀତିର ମୁଖ୍ୟ ଦୃଷ୍ଟିଭଙ୍ଗୀ ଅନ୍ତର୍ଜାତୀୟ ପରିସ୍ଥିତିର ପରିବର୍ତ୍ତନ ସହିତ ପରିବର୍ତ୍ତିତ ହୋଇଥାଏ। କିନ୍ତୁ, ସରକାର ପରିବର୍ତ୍ତନରେ ବୈଦେଶିକ ନୀତିରେ ମୌଳିକ ପରିବର୍ତ୍ତନ ନ ହୋଇପାରେ । ଅନ୍ତର୍ଜାତୀୟ ରାଜନୀତିର ଏକ ବିଶିଷ୍ଟ ଲକ୍ଷଣ, ପରସ୍ପର ନିର୍ଭରଶୀଳତାର ବୃଦ୍ଧି ଯୋଗୁଁ ପ୍ରତ୍ୟେକ ରାଷ୍ଟ୍ର ନିଜର ଜାତୀୟ ଲକ୍ଷ୍ୟ ହାସଲପାଇଁ ଅନ୍ୟାନ୍ୟ ରାଷ୍ଟ୍ର ଓ ଅନ୍ତର୍ଜାତୀୟ ସଂଗଠନ ଗୁଡ଼ିକ ସହିତ ଯେ କୌଣସି ପ୍ରକାରର ସମ୍ପର୍କର ସୂତ୍ରପାତ କରିଥାନ୍ତି ।

ପ୍ରତ୍ୟେକ ସ୍ୱାଧୀନ ରାଷ୍ଟ୍ରର ଏକ ବୈଦେଶିକ ନୀତି ରହିଥାଏ । ସେହିପରି ଭାରତର ମଧ୍ୟ ଏକ ବୈଦେଶିକ ନୀତି ଅଛି । ପୃଥିବୀର ଅନ୍ୟ ଦେଶମାନଙ୍କ ତୁଳନାରେ ଭାରତର ବିଦେଶ ନୀତିରେ ଏକ ସ୍ୱାତନ୍ତ୍ର୍ୟ ରହିଛି। ସ୍ୱାଧୀନତା ହାସଲ ପରଠାରୁ ଭାରତ, ବିଶ୍ୱସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ଏକ ସ୍ୱାଧୀନ ବୈଦେଶିକ ନୀତି ପ୍ରଣୟନ କରି କୌଣସି ଗୋଷ୍ଠୀର ଅନ୍ତର୍ଭୁକ୍ତ ହୋଇ ନାହିଁ। ଏହି ଗୋଷ୍ଠୀ ନିରପେକ୍ଷତା ହିଁ ଆମର ବୈଶିଷ୍ଟ୍ୟ। ଭୌଗୋଳିକ ଦୃଷ୍ଟିକୋଣରୁ ଏହି ବିଶାଳ ଭୂଖଣ୍ଡର ସମୁଦ୍ର ସୀମା ହେଉଛି ୩୫୦୦ ମାଇଲ୍, ଏବଂ ସ୍ଥଳ ସୀମା ହେଉଛି ୮୨୦୦ ମାଇଲ୍। ତେଣୁ ଏହାର ଅଖଣ୍ଡତା ଏବଂ ସାର୍ବଭୌମତ୍ୱକୁ ଅକ୍ଷୁଣ୍ଣରଖି ପଡ଼ୋଶୀ ଦେଶମାନଙ୍କ ସହ ଉତ୍ତମ ବୁଝାମଣା ରକ୍ଷା କରିବା ହେଉଛି ଏହାର ପ୍ରଧାନ ଉଦ୍ଦେଶ୍ୟ। ଉତ୍ତରରେ ହିମାଳୟ, ପୂର୍ବରେ ବଙ୍ଗୋପସାଗର, ପଶ୍ଚିମରେ ଆରବସାଗର ଏବଂ ଦକ୍ଷିଣରେ ଭାରତ ମହାସାଗର ଦ୍ୱାରା ଏହାର ସୀମା ଆବଦ୍ଧ। ପଡ଼ୋଶୀ ଦେଶମାନେ ହେଲେ ପାକିସ୍ଥାନ, ବଙ୍ଗଳାଦେଶ, ଚୀନ୍, ନେପାଳ, ଆଫଗାନିସ୍ଥାନ ଏବଂ ମିଆଁମାର। ଏଣୁ ଦକ୍ଷିଣ ଏସିଆରେ ଭାରତ ଉପମହାଦେଶଟି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅବସ୍ଥିତ। ପାକିସ୍ଥାନ ସହ

ଦୁଇଥର ଯୁଦ୍ଧ ଏବଂ ଚୀନ୍ ସହ ଥରେ ଯୁଦ୍ଧରୁ ଆମେ ଅନେକ ସୁରକ୍ଷା ବିଷୟକ ଅନୁଭୂତି ଉପଲବ୍ଧି କରି ସାରିଛୁ। କେବଳ ସୁରକ୍ଷା ଦୃଷ୍ଟିରୁ ନୁହେଁ, ଭାରତର ଭୌଗୋଳିକ ଅବସ୍ଥିତି, ଏହା ତାହାର ପଡ଼ୋଶୀଙ୍କ ସହ ରାଜନୈତିକ, ବାଣିଜ୍ୟିକ ଏବଂ ସାଂସ୍କୃତିକ ସମ୍ପର୍କ ରକ୍ଷା ଦିଗରେ ମଧ୍ୟ ସହାୟକ ହୋଇଛି। ଭାରତର ବିଦେଶ ନୀତି ମଧ୍ୟ ଆମର ଇତିହାସ ଏବଂ ପରମ୍ପରା ସହ ଜଡ଼ିତ। ଆମର ପ୍ରାଚୀନ ସଭ୍ୟତା, ବ୍ରିଟିଶ୍ ଶାସନ କାଳର ବିଶ୍ୱନୀତି, ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ଗାନ୍ଧୀବାଦୀ ଦର୍ଶନ ମଧ୍ୟ ଏଥିପାଇଁ ଖୋରାକ ଯୋଗାଇ ଆସିଛି। ଆର୍ଥିକ ଦୃଷ୍ଟିକୋଣରୁ ଏବେ ବି ଭାରତ ବିକାଶଶୀଳ। ଦେଶ ମଧ୍ୟରୁ ଗରିବୀ ସଂପୂର୍ଣ୍ଣରୂପେ ହଟିନାହିଁ। ଏଣୁ ଦେଶର ଆର୍ଥିକ ପ୍ରଗତି ପାଇଁ, ପଡ଼ୋଶୀଙ୍କ ସହ ଯୁଦ୍ଧର ଘନଘଟାକୁ କୂଟନୈତିକ ସ୍ତରରେ ସମାଧାନ କରିବା ହିଁ ଆମର ଏକମାତ୍ର ବିଜ୍ଞତା। ଭାରତ ଯୁଗଯୁଗ ଧରି ଏକ ଶାନ୍ତିପ୍ରିୟ ଦେଶ। ଗୋଟିଏ ଦେଶର ଜାତୀୟ ହିତ ହିଁ ହେଉଛି ତାର ସବୁକିଛି। ଏହାକୁ ବାଜି ଲଗାଇ କୌଣସି ବି ନୀତି ପ୍ରଣୟନ କରିବା ଜନସ୍ୱାର୍ଥ ବିରୋଧୀ କାର୍ଯ୍ୟ। ସବୁଠାରୁ ମହତ୍ୱପୂର୍ଣ୍ଣ କଥା ହେଲା ଦେଶର ଶାସକଗୋଷ୍ଠୀକୁ ହିଁ ବାଛିବାକୁ ପଡ଼ିବ ଯେ, ବିଭିନ୍ନ ସମୟରେ ଜାତୀୟ ସ୍ୱାର୍ଥର ରକ୍ଷାପାଇଁ କିପରି ବିଦେଶନୀତି ପ୍ରଣୟନ କରିବାକୁ ପଡ଼ିବ। ବିଶେଷତଃ ଦେଶର ବିଦେଶନୀତି ପ୍ରବର୍ତ୍ତନ ପାଇଁ ଶାସକ ଗୋଷ୍ଠୀଙ୍କର ବ୍ୟକ୍ତିତ୍ୱର ମହନୀୟତା ହିଁ ଅନେକାଂଶରେ ଦାୟୀ। ପ୍ରଫେସର ଗାଲବ୍ରେଥଙ୍କ ମତରେ, "ଆଭ୍ୟନ୍ତରୀଣ ନୀତି ଭଳି, ଦେଶର ବିଦେଶ ନୀତିରେ ମଧ୍ୟ ନୀତି ନିର୍ଦ୍ଧାରକ ମାନଙ୍କର ମୌଳିକ ପ୍ରବୃତ୍ତିହିଁ ପ୍ରତିଫଳିତ ହୋଇଥାଏ।" ବିଶ୍ୱସ୍ତରୀୟ ରାଜନୈତିକ ପରିବେଶ ସହିତ ନିଜକୁ ଖାପ ଖୁଆଇ ବିଦେଶ ନୀତି ପ୍ରଣୟନ କରିବା ହିଁ ବୁଦ୍ଧିମାନର କାର୍ଯ୍ୟ। ପାଶ୍ଚାତ୍ୟ ସମାଜ ଏବଂ କମ୍ୟୁନିଷ୍ଟ ସମାଜ ମଧ୍ୟରୁ ଭାରତ ତା'ର ପରିସ୍ଥିତି ଏବଂ ପୃଷ୍ଠଭୂମି ସହିତ ଖାପଖୁଆଇ ଏକ ସମାଜବାଦୀ ବ୍ୟବସ୍ଥାକୁ ଆପଣେଇଛି ଏବଂ ଏଥିସହ ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ମଧ୍ୟ ଶାସନ ଚଳାଇ ଆସିଛି। ନେହେରୁଙ୍କର ଶାସନ ସମୟରେ ଏବଂ ପରେ ଆମର ଆଭ୍ୟନ୍ତରୀଣ ନୀତି ଯଥା, ଗଣତନ୍ତ୍ର, ଆର୍ଥିକ ପ୍ରଗତି ଏବଂ ଧର୍ମନିରପେକ୍ଷତା ହିଁ ଆମ ବିଦେଶନୀତି ପ୍ରଚଳନର ମୁଖ୍ୟ ଆଧାର ପାଲଟିଛି। ବିଶ୍ୱସ୍ତରର ଶୀତଳଯୁଦ୍ଧ ଏବଂ ଏହାର ବିଲୋପ ପରେ ଚାଲିଥିବା ପରମାଣୁ ଅସ୍ତ୍ର ପରୀକ୍ଷଣର ପ୍ରତିଯୋଗିତାକୁ ଆଧାର କରି, ବିଶ୍ୱ ନିରସ୍ତ୍ରୀକରଣ, ବିଭିନ୍ନ ସାମରିକ ସଂଗଠନ ଗୁଡ଼ିକ ସହିତ ନିରପେକ୍ଷ ସମ୍ପର୍କ ସ୍ଥାପନ, ଏବଂ ସମସ୍ତ ଦେଶ ସହିତ ଉତ୍ତମ ମାନବିକ ସହଯୋଗ ହିଁ ଆମ ବିଦେଶନୀତିର ମୂଳଭିତ୍ତି। ଭାରତର ବୈଦେଶିକ ନୀତି ବହୁ ଘଟକ ଦ୍ୱାରା ପ୍ରଭାବିତ ହୋଇଛି, ଯଥା- ଇତିହାସ, ଭୁଗୋଳ, ସଂସ୍କୃତି ଓ ଅର୍ଥନୀତି । ଏହା ନିଜର ଓ ବିଶ୍ୱସ୍ତରରେ ଲୋକଙ୍କର ନିରାପତ୍ତା ଓ ସାମାଜିକ-ଅର୍ଥନୈତିକ ବିକାଶ ହାସଲ ପାଇଁ ଉଦ୍ଦିଷ୍ଟ । ଜଗତୀକରଣ ମଧ୍ୟ ଭାରତର ବୈଦେଶିକ ନୀତିକୁ ପ୍ରଭାବିତ କରିଛି ।

**ଭାରତର ବୈଦେଶିକ ନୀତିର ନିର୍ଣ୍ଣାୟକ ଉପାଦାନ :**

- **ଇତିହାସ, ପ୍ରଥା ଓ ସଂସ୍କୃତି:** ନେହେରୁଙ୍କ ଭାଷାରେ "ଗୋଟିଏ ଦେଶର ବୈଦେଶିକ ନୀତି ତାର ପରମ୍ପରା, ଇଚ୍ଛା, ଓ ଲକ୍ଷ୍ୟରୁ ବିଶେଷ ଭାବରେ ତାର ନିକଟ ଅତୀତରୁ ଉଦ୍‌ଗମ ହୋଇଥାଏ।" ସେହିପରି, ଭାରତର ବୈଦେଶିକ ନୀତି ଭାରତୀୟ ସମାଜର ପାରମ୍ପରିକ ମୂଲ୍ୟବୋଧ, ସ୍ୱାଧୀନତା ସଂଗ୍ରାମ ସମୟର ଆନ୍ଦୋଳନ ଗୁଡ଼ିକର ପ୍ରତିଶ୍ରୁତିର ଫଳାଫଳ। ସେଥିପାଇଁ, ସତ୍ୟ, ଅହିଂସା, ସହିଷ୍ଣୁତା, ପ୍ରେମ ଓ ସମସ୍ତଙ୍କ

ସହ ବନ୍ଧୁତା ଇତ୍ୟାଦି ପ୍ରିୟ ମୂଲ୍ୟବୋଧ, ବେଦ, ଧର୍ମଶାସ୍ତ୍ର, ବୌଦ୍ଧଧର୍ମ ଓ ଜୈନଧର୍ମରୁ ଆହରଣ କରିଛି । ମହାନ ବ୍ୟକ୍ତି ଯଥା, ବିବେକାନନ୍ଦ, ଅରବିନ୍ଦ ଓ ମହାତ୍ମାଗାନ୍ଧୀଙ୍କର ଆଦର୍ଶ ଏବଂ ମୂଲ୍ୟବୋଧ ଭାରତର ବୈଦେଶିକ ନୀତିରେ ପ୍ରତିଫଳିତ ହୋଇଛି ।

ଭାରତର ମହାନ ସାଂସ୍କୃତିକ ପରମ୍ପରା ତାକୁ ରାଜନୈତିକ ପ୍ରଭୁତ୍ୱ ଓ ଆକ୍ରମଣକୁ ବିରୋଧ କରିବାକୁ ପ୍ରେରଣା ଦେଇଥାଏ । ଉପନିବେଶବାଦର ବିରୋଧ ଆମର ମୂଳ ଐତିହାସିକ ଧାରଣା । ସାଧାରଣଭାବରେ ଶାନ୍ତିବାଦ ଓ ବିବାଦ ଗୁଡ଼ିକର ଶାନ୍ତିପୂର୍ଣ୍ଣ ସମାଧାନ ରେ ଆମର ପସନ୍ଦକୁ ଆମେ ଗାନ୍ଧିଜିଙ୍କର ଅହିଂସା ଆଦର୍ଶରୁ ପାଇଛୁ । ଏହା ମଧ କୁହାଯାଏ ଯେ ଆମର ଗୋଷ୍ଠୀ ନିରପେକ୍ଷତା ନୀତି ଆମ ପରମ୍ପରା ଓ ଦର୍ଶନର ଅନୁରୂପ ଅଟେ ।

- **ଭୌଗୋଳିକ ଅବସ୍ଥିତି:** ଭାରତର ଭୁଗୋଳ, ଆକାର, ଅବସ୍ଥିତି, ଭୂସ୍ଥଳରୂପ ଇତ୍ୟାଦି ମଧ ତା'ର ବୈଦେଶିକ ନୀତି ନିର୍ଦ୍ଧାରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି । ଭାରତ ଏସିଆ ମହାଦେଶର ଚାରିଛକରେ ଅବସ୍ଥିତ । ପୃଥିବୀର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଆକାଶ ଓ ସାମୁଦ୍ରିକ ଗମନାଗମନ ପଥ ଭାରତ ଦେଇ ବା ନିକଟରେ ଯାଉଛି । ଭାରତ ଓ ଭାରତ ମହାସାଗର ବିଶ୍ୱ ବ୍ୟାପାର ଓ ବାଣିଜ୍ୟ ପାଇଁ ଏକ ଅପରିହାର୍ଯ୍ୟ କଡ଼ି । ତେଣୁ ତାହାର ଅବସ୍ଥିତି ଆର୍ଥିକ ଓ ସାମରିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।
- **ଆର୍ଥିକ ଓ ସାମରିକ ଶକ୍ତି:** ସ୍ୱାଧୀନତା ପରବର୍ତ୍ତୀ ଦଶକଗୁଡ଼ିକରେ ଭାରତ ଆର୍ଥିକ ସ୍ତରରେ ପଛୁଆ ଓ ସାମରିକ ଦୃଷ୍ଟିରୁ ଦୁର୍ବଳ ଥିଲା । ଅର୍ଥନୈତିକ ପ୍ରଗତିକୁ ତ୍ୱରାନିତ କରିବା ଏବଂ ପ୍ରତିରକ୍ଷା ଶକ୍ତି ବୃଦ୍ଧି କରିବା ପାଇଁ ଭାରତକୁ ଆର୍ଥିକ ଓ କାରିଗରୀ ସହାୟତା ଆବଶ୍ୟକ ପଡୁଥିଲା, ଯାହା ସେ କେବଳ ଧନୀ ଓ ବିକଶିତ ରାଷ୍ଟ୍ରମାନଙ୍କଠାରୁ ପାଇପାରିଥାନ୍ତା । ସେଥିପାଇଁ ପାରସ୍ପରିକ ସହଯୋଗ ଉପରେ ଭାରତର ବୈଦେଶିକ ନୀତି ଆଧାରିତ ।
- **ଅଭ୍ୟନ୍ତରୀଣ ଓ ଅନ୍ତର୍ଜାତୀୟ ପରିସ୍ଥିତି:** ଜର୍ଜ କେନାନଙ୍କ ମତରେ "ବୈଦେଶିକ ନୀତି, ଅନ୍ୟ ସମସ୍ତ ବିଷୟବସ୍ତୁ ଭଳି ଘରୁ ଆରମ୍ଭ ହୋଇଥାଏ ।" ଏକ ଦେଶର ବୈଦେଶିକ ନୀତି ସେହି ଆଭ୍ୟନ୍ତରୀଣ ହିତ ନୀତିର ସଂପ୍ରସାରଣ । ଏହା ଗୋଟିଏ ଦେଶର ଆଭ୍ୟନ୍ତରୀଣ ବ୍ୟାପାରର ପ୍ରତିବିମ୍ବ । ସରଳ ଭାଷାରେ ଏହା ଘରୋଇ ନୀତିର ସମ୍ପ୍ରସାରଣ । କହିବାକୁ ଗଲେ ବୈଦେଶିକ ନୀତି ଏବଂ ସ୍ୱରାଷ୍ଟ୍ର ନୀତି ପରସ୍ପର ସହିତ ଓତପ୍ରୋତ ଭାବରେ ଜଡ଼ିତ ।

  ଅନ୍ତର୍ଜାତୀୟ ଘଟଣାବଳୀ ଯଥା, ଦ୍ୱିମେରୁକରଣ (bipolarity), ମାରଣାସ୍ତ୍ରର ବୃଦ୍ଧି, ଉତ୍ତର-ଦକ୍ଷିଣ ବିଭାଜନ, ନୂତନ ଅଣୁଅସ୍ତ୍ରଧାରୀ ରାଷ୍ଟ୍ରମାନଙ୍କର ଆବିର୍ଭାବ, ଚୀନ୍ ଓ ପାକିସ୍ତାନ ସହ ବିବାଦ, ଇସ୍‌ଲାମୀୟ ଆତଂକବାଦର ବୃଦ୍ଧି ଇତ୍ୟାଦି ମଧ୍ୟ ଭାରତର ବୈଦେଶିକ ନୀତିକୁ ପ୍ରଭାବିତ କରୁଛି ।
- **ବ୍ୟକ୍ତିତ୍ୱ ଓ ରାଜନୀତି:** ଜନ୍ କେନ୍ନେଥ ଗାଲବ୍ରେଥ କହିଛନ୍ତି, "ବୈଦେଶିକ ନୀତି ସ୍ୱରାଷ୍ଟ୍ର ନୀତି ଭଳି କାର୍ଯ୍ୟକର୍ତ୍ତାଙ୍କର ମୌଳିକ ଧାରଣାକୁ ପ୍ରତିବିମ୍ବିତ କରିଥାଏ । କୌଣସି ଏକ ସମୟରେ ଯେ କୌଣସି

ରାଷ୍ଟ୍ରର ବୈଦେଶିକ ନୀତି ସେହିପରି ହୁଏ ଯେଉଁପରି ତା'ର ଶାସକ ଗୋଷ୍ଠୀର ସମସାମୟିକ ଘରୋଇ ଓ ବୈଦେଶିକ ସମସ୍ୟା ପ୍ରତି ଦୃଷ୍ଟିଭଙ୍ଗୀ ଏବଂ ପ୍ରତିକ୍ରିୟା ଥାଏ । ଏହା ନିସନ୍ଦେହରେ କୁହାଯାଇପାରେଯେ ଭାରତର ବୈଦେଶିକ ନୀତିର ଢାଞ୍ଚା ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କର ଅବଦାନ । ତାଙ୍କ ବ୍ୟତିତ ଅନ୍ୟ ଯେଉଁ ବ୍ୟକ୍ତିମାନେ ଭାରତର ବୈଦେଶିକ ନୀତିର ଗଠନରେ ଅବଦାନ ଦେଇଛନ୍ତି, ସେମାନେ ହେଲେ, ସର୍ଦ୍ଦାର ପଟେଲ, କୃଷ୍ଣ ମେନନ, ପାନିକ୍କର ଇତ୍ୟାଦି । ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ମଧ୍ୟ ଡି. ପି. ଧର, ଟି. ଏନ. କାଉଲ, ଓ ପି. ସି. ଆଲକ୍‌ଜାଣ୍ଡାର ଇତ୍ୟାଦିଙ୍କର ଉପଦେଶରେ ବୈଦେଶିକ ନୀତିରେ ଗଭୀର ମନଯୋଗ ଦେଉଥିଲେ । ବର୍ତ୍ତମାନର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ବୈଦେଶିକ ନୀତିକୁ ପ୍ରାଥମିକତା ଦେଉଛନ୍ତି ।

## ଭାରତର ବିଦେଶନୀତିର ମୌଳିକ ତତ୍ତ୍ୱ:

ସ୍ୱାଧୀନ ଭାରତ, ତାର ଲକ୍ଷ୍ୟ ଏବଂ ଜାତୀୟ ସ୍ୱାର୍ଥ ହାସଲ ପାଇଁ କେତେଗୁଡ଼ିଏ ମୌଳିକତତ୍ତ୍ୱ ତା'ର ବିଦେଶ ନୀତିରେ ଅନ୍ତର୍ଭୁକ୍ତ କରିଅଛି । ସେଗୁଡ଼ିକ ହେଲା- (କ) ଅନ୍ତର୍ଜାତିକ ଶାନ୍ତି ଏବଂ ନିରାପତ୍ତାର ସମୃଦ୍ଧି, (ଖ)ଶାନ୍ତିପୂର୍ଣ୍ଣ ସହାବସ୍ଥାନ (ଗ) ଉପନିବେଶବାଦର ବିଲୋପ ସାଧନ (ଘ) ବର୍ଣ୍ଣବୈଷମ୍ୟର ବିଲୟ (ଙ) ବିବାଦ ଗୁଡ଼ିକର ଶାନ୍ତିପୂର୍ଣ୍ଣ ସମାଧାନ (ଚ) ଆର୍ଥିକ ପ୍ରଗତି (ଛ) ଗୋଷ୍ଠୀ ନିରପେକ୍ଷତା ।

- **ବିଶ୍ୱଶାନ୍ତି ଏବଂ ନିରାପତ୍ତା:** ନେହେରୁଙ୍କ ଭାଷାରେ, "ଆମପାଇଁ ଶାନ୍ତି କେବଳ ଏକ ଆବଶ୍ୟକୀୟ ଆଶା ନୁହେଁ, ବରଂ ଏକ ଜରୁରୀ ଆବଶ୍ୟକତା ।" ଭାରତ ପାଇଁ ଶାନ୍ତି ହେଉଛି ଅପରିହାର୍ଯ୍ୟ, କାରଣ ଏହା ବ୍ୟତିରେକ ଦେଶର ପ୍ରଗତି ଅସମ୍ଭବ । ବର୍ତ୍ତମାନର ପାରମାଣବିକ ଯୁଗରେ, ଯଦି ପରମାଣୁ ଅସ୍ତ୍ର ପ୍ରୟୋଗରେ ଯୁଦ୍ଧ ହୁଏ ତେବେ ପୃଥିବୀ ପୃଷ୍ଠରୁ ପ୍ରାୟ ମାନବସମାଜ ଲୋପ ପାଇଯିବ । ଏଣୁ ପାରମ୍ପରିକ ଯୁଦ୍ଧାସ୍ତ୍ରରେ ଯୁଦ୍ଧ କରିବାକୁ କେତେକ କ୍ଷୁଦ୍ର ଦେଶ ଅସମର୍ଥ । ସମସ୍ତ ଦେଶ ବର୍ତ୍ତମାନ ପରମାଣୁ ବୋମାର ଅଧିକାରୀ ହେବାକୁ ଅଧିକ ବ୍ୟଗ୍ର । ଏହି ପରିପ୍ରେକ୍ଷୀରେ ପୃଥିବୀରେ ଯୁଦ୍ଧକୁ ସଂପୂର୍ଣ୍ଣ ପ୍ରତିହତ କରିବା ଦରକାର । ପାରସ୍ପରିକ ସହଯୋଗ ହିଁ ଅଣବିକଶିତ ଏବଂ ବିକାଶଶୀଳ ଦେଶ ପାଇଁ ନିତାନ୍ତ ଜରୁରୀ । ଭାରତୀୟ ଦୃଷ୍ଟିକୋଣରୁ ଶାନ୍ତିର ଅର୍ଥ କେବଳ ଯୁଦ୍ଧର ଅବର୍ତ୍ତମାନ ନୁହେଁ ବରଂ ଏହା ଏକ ଜୀବନ ଅନୁଚିନ୍ତା ଏବଂ କାର୍ଯ୍ୟାବଳୀର ପ୍ରାୟୋଗିକ ପଥ । ଏହା କେବଳ ଅନ୍ତର୍ଜାତିକ ସ୍ତରରେ ଶାନ୍ତିର ବାତାବରଣ ପ୍ରସ୍ତୁତି କରି, ଶାନ୍ତିର ପରିବେଶ ଆଣିବା ଦ୍ୱାରା ହିଁ ସମ୍ଭବ ।

- **ପଞ୍ଚଶୀଳ ନୀତି ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନ:** ଭାରତର ବିଦେଶ ନୀତିର ମୁଖ୍ୟ ଆଧାର ହେଲା ବିଭିନ୍ନ ମତବାଦ, ବିଭିନ୍ନ ଚିନ୍ତାଧାରା ଏବଂ ବିଭିନ୍ନ ପରିବର୍ତ୍ତନ ପ୍ରତି ସହନଶୀଳତା । ଏସବୁ ମହତ୍ ଗୁଣଗୁଡ଼ିକ ଭାରତର ନିଜସ୍ୱ ଆଦର୍ଶବାଦ ଉପରେ ପ୍ରତିଷ୍ଠିତ । ଶାନ୍ତିପୂର୍ଣ୍ଣ ସହାବସ୍ଥାନର ବିପରୀତଧର୍ମୀ ଆଚରଣ ହେଲା ସମୂହ ବିନାଶ । ଏଥିପାଇଁ ଏପ୍ରିଲ ୧୯୫୪ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଚୀନସହ ପଞ୍ଚଶୀଳ ନୀତିର ସନ୍ଧି ସ୍ୱାକ୍ଷର କରିଥିଲେ । ନେହେରୁ ଏବଂ ଚୀନ ଶାସକ ଚାଓ ଏନ୍ ଲାଏଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ପଞ୍ଚଶୀଳ ନୀତିଗୁଡ଼ିକ ହେଲା-

(i) ପ୍ରତ୍ୟେକ ଦେଶର ସୀମାରେଖାର ପରିବ୍ୟାପ୍ତି ଏବଂ ସାର୍ବଭୌମତ୍ୱ ପ୍ରତି ପାରସ୍ପରିକ ସମ୍ମାନ ପ୍ରଦର୍ଶନ।

(ii) ଅନାକ୍ରମଣ (ପରସ୍ପର ପ୍ରତି କୌଣସି ପରିସ୍ଥିତରେ ବି ଆକ୍ରମଣ ହେବ ନାହିଁ)।

(iii) ପରସ୍ପରର ଅଭ୍ୟନ୍ତରୀଣ ବ୍ୟାପାରରେ କେହି ହସ୍ତକ୍ଷେପ କରିବେ ନାହିଁ।

(iv) ସମାନତା ଏବଂ ପାରସ୍ପରିକ ସହଯୋଗ।

(v) ଶାନ୍ତିପୂର୍ଣ୍ଣ ସହାବସ୍ଥାନ।

ବନ୍ଧୁତ୍ୱପୂର୍ଣ୍ଣ ଚିନ୍ତାଧାରା ନେଇ ପ୍ରତ୍ୟେକ ଦେଶ ସହ ଚଳିବା ହେଉଛି ଏହାର ମୁଖ୍ୟଲକ୍ଷ୍ୟ। ମନରୁ ଭୟ, ଘୃଣା ଏବଂ ଆକ୍ରମଣାତ୍ମକ ଭାବକୁ ସଂପୂର୍ଣ୍ଣ ପରିହାର କରିବା, ଶାନ୍ତିପୂର୍ଣ୍ଣ ସହାବସ୍ଥାନର ମୂଳମନ୍ତ୍ର। ୧୯୬୨ ମସିହାରେ ଚୀନ୍ ସହ ଯୁଦ୍ଧପରେ ମଧ, ଶାନ୍ତି ପ୍ରତିଷ୍ଠାର ପ୍ରତିବଦ୍ଧତାରୁ ଭାରତ କେବେ ବି ପଛଘୁଞ୍ଚା ଦେଇନାହିଁ।

- **ଉପନିବେଶବାଦ, ସାମ୍ରାଜ୍ୟବାଦ ଓ ବର୍ଣ୍ଣବୈଷମ୍ୟର ବିରୋଧ:** ଉପନିବେଶବାଦର ପରିସରରୁ ସଂପୂର୍ଣ୍ଣ ମୁକ୍ତହୋଇ ନିଜର ସ୍ୱାଧୀନ ମତବ୍ୟକ୍ତ କରି ଜାତି, ଧର୍ମ, ଅର୍ଥନୈତିକ ବୈଷମ୍ୟ ନିର୍ବିଶେଷରେ ସମସ୍ତଦେଶ ସ୍ୱାଧୀନ ହୋଇ ନିଜର ମୌଳିକ ମାନବିକ ଅଧିକାର ଗୁଡ଼ିକୁ ଉପଭୋଗ କରିବାକୁ ସୁଯୋଗ ଦେବା ହିଁ, ଆମ ବିଦେଶନୀତିର ଅନ୍ୟ ଏକ ଲକ୍ଷ୍ୟ। କାହାର ବା କୌଣସି ଦେଶର ସ୍ୱାଧୀନତାକୁ ଅପମାନିତ କରିବା ହେଉଛି, ଅନ୍ତର୍ଜାତିକ ଶାନ୍ତି ପ୍ରତିଷ୍ଠାର ମୁଖ୍ୟ ପ୍ରତିବନ୍ଧକ। କିନ୍ତୁ ପରାଧୀନ ଦେଶମାନଙ୍କର ତତ୍କାଳ ସ୍ୱାଧୀନତା ପାଇଁ ଭାରତୀୟ ବିଦେଶ ନୀତି ଉହେଁ ନାହିଁ। ଏଥି ପାଇଁ ସମୟ ଓ ସୁଦୃଢ଼ ପରିବେଶ ଓ ପରିସ୍ଥିତି ଦରକାର। କିନ୍ତୁ ସେମାନଙ୍କର ଏହି ପ୍ରୟାସରେ ଭାରତ ନିଜର ଅକୁଣ୍ଠ ସହଯୋଗ ଦେବା ପାଇଁ ସର୍ବଦା ପ୍ରସ୍ତୁତ। ବର୍ଣ୍ଣଭିତ୍ତିକ ବୈଷମ୍ୟକୁ ବ୍ୟବହାର କରି ଅନ୍ତର୍ଜାତିକ ଅସ୍ଥିରତା ସୃଷ୍ଟି କରିବା ବିପକ୍ଷରେ ଭାରତ ସର୍ବଦା ରହି ଆସିଛି। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ହେଉଛି ଆମର ଅନ୍ୟ ଏକ ଲକ୍ଷ୍ୟ। କିନ୍ତୁ ଏଥିପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରି ଶାନ୍ତିପୂର୍ଣ୍ଣ ଉପାୟରେ ଏହାର ସମାଧାନ କରିବା ନିତାନ୍ତ ଜରୁରୀ।

- **ମିଳିତ ଜାତିସଂଘର ସମର୍ଥନ :** ଜାତିସଂଘର ଉଦ୍ୟମରେ ମଧ ଭାରତ ନିଜକୁ ସଂପୂର୍ଣ୍ଣ ସାମିଲ୍ କରି ସାରିଛି। ଅନ୍ତର୍ଜାତୀୟ ସ୍ତରରେ ଶାନ୍ତି ଓ ନିରାପତ୍ତା କାୟମ ରଖିବାରେ ମିଳିତ ଜାତିସଂଘ ବ୍ୟବସ୍ଥାରେ ଭାରତ ପୂର୍ଣ୍ଣ ବିଶ୍ୱାସ ରଖିଛି। ମୂଳ ସଦସ୍ୟ ଭାବରେ ଜାତିସଂଘର ଆଦର୍ଶ ଏବଂ କାର୍ଯ୍ୟରେ ମଧ୍ୟ ଗଭୀର ବିଶ୍ୱାସ ରଖେ। ଏହା ବ୍ୟତିତ, ସଦସ୍ୟଗୁଡ଼ିକ ମଧ୍ୟରେ ଥିବା ମତ ଭିନ୍ନତାକୁ ଆଲୋଚନା ଦ୍ୱାରା ତୁଟାଇବାପାଇଁ ଜାତିସଂଘର ମଧ୍ୟସ୍ଥତାରେ ଆହୁରି ଅଧିକ ସକ୍ରିୟତା ଆଶା କରୁଛି। ବର୍ତ୍ତମାନ ଭାରତ ଅନୁଭବ କରୁଛି ଯେ, ଏକ ପୂନର୍ଗଠିତ ଜାତିସଂଘ ଆହୁରି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିପାରିବ ଏବଂ ସେଥିପାଇଁ ନିରାପତ୍ତା ପରିଷଦର ସଂପ୍ରସାରଣ ଓ ସାଧାରଣ ସଭାର ଗଣତନ୍ତ୍ରିକରଣର ଆଶା ରଖିଛି।

- **ବିବାଦ ଗୁଡ଼ିକର ଶାନ୍ତିପୂର୍ଣ୍ଣ ସମାଧାନ :** ଦେଶଦେଶ ମଧରେ ରହିଥିବା ବିବାଦଗୁଡ଼ିକର ସମାଧାନ ପାଇଁ ଶାନ୍ତିପୂର୍ଣ୍ଣ ବାର୍ତ୍ତାଳାପ ହିଁ ଏକମାତ୍ର ମାଧ୍ୟମ। ଯୁଦ୍ଧ ଦ୍ୱାରା କୌଣସି ବିବାଦର ଅନ୍ତ ଘଟେ ନାହିଁ ବରଂ

ସମସ୍ୟା ବହୁଗୁଣିତ ହୁଏ। ଉଭୟ ପକ୍ଷକୁ ସୁହାଇଲା ଭଳି, ଏକ ସ୍ଥିର ସିଦ୍ଧାନ୍ତରେ ପହଞ୍ଚିବା ହିଁ ପ୍ରକୃତ କୂଟନୈତିକ ସ୍ତରର ଉଦ୍ୟମ। ଏହା ମାଧ୍ୟମରେ ଉଭୟ ସମାନ ଭାବରେ ଉପକୃତ ହୋଇ ପାରିବେ। ନିରପେକ୍ଷତା ହିଁ ଏହି ପ୍ରକ୍ରିୟାର ମୁଖ୍ୟ ଆଧାର। ଏହି ପ୍ରକ୍ରିୟାରେ ହାର୍ ଜିତ୍‌ର ପ୍ରଶ୍ନ କଦାପି ଉଠିପାରେ ନାହିଁ।

- **ଆର୍ଥିକ ପ୍ରଗତି:** ନୂତନ ରୂପେ ସ୍ୱାଧୀନତା ପ୍ରାପ୍ତ ହୋଇଥିବା ଆଫ୍ରୋ-ଏସିଆନ୍ ଦେଶ ଗୁଡ଼ିକର ଆର୍ଥିକ ପ୍ରଗତି ହିଁ ଭାରତ ବିଶେଷ ରୂପେ ଚାହେଁ। ଏହି ଉଦ୍ଦେଶ୍ୟରେ ଭାରତ ତାର ସାମର୍ଥ୍ୟ ଅନୁଯାୟୀ ଯଥା ସମ୍ଭବ ସହଯୋଗ କରିବାକୁ ସବୁବେଳେ ପ୍ରସ୍ତୁତ। ଜାତିସଂଘର ଉଦ୍ୟମରେ ମଧ ଭାରତ ନିଜକୁ ସଂପୂର୍ଣ୍ଣ ସାମିଲ୍ କରି ସାରିଛି। ସମାନତା ଏବଂ ସମ୍ମାନ ଦେବାକୁ ଭାରତ ସମସ୍ତ ବିକାଶଶୀଳ ଏବଂ ଅନୁନ୍ନତ ଦେଶମାନଙ୍କୁ ସାହାଯ୍ୟର ହାତ ବଢ଼ାଇବାକୁ ତତ୍ପର। ଅସ୍ତ୍ର ପ୍ରତିଯୋଗିତାକୁ ପରିହାର କରିବା ପାଇଁ ମିଳିତ ଜାତିସଂଘର ଉଦ୍ୟମକୁ ମଧ ଭାରତ ସମର୍ଥନ କରିଆସିଛି। କାରଣ ଅସ୍ତ୍ର ପ୍ରତିଯୋଗିତା ଦ୍ୱାରା ଦେଶର ଆର୍ଥିକ ପ୍ରଗତି ବାଧାପ୍ରାପ୍ତ ହେବା ନିଶ୍ଚିତ। ବର୍ଣ୍ଣ ବୈଷମ୍ୟକୁ ମଧ ଭାରତ ସବୁବେଳେ ବିରୋଧ କରେ। କୌଣସି ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ଅଯଥା ହସ୍ତକ୍ଷେପ କରି ଯଦି କୌଣସି ଦେଶ ନିଜର ଆଧିପତ୍ୟ ବିସ୍ତାର କରେ, ଭାରତ ସବୁବେଳେ ତାର ନିନ୍ଦା କରିଆସିଛି।
- **ଗୋଷ୍ଠୀ ନିରପେକ୍ଷତା:** ଭାରତର ବିଦେଶ ନୀତିର ମୁଖ୍ୟ ପରିଚୟ ହେଲା 'ଗୋଷ୍ଠୀ ନିରପେକ୍ଷତା'। ସ୍ୱାଧୀନତା ହାସଲର ପରେ ପରେ ନେହେରୁ ଘୋଷଣା କଲେ ଯେ, ଭାରତ ଏକ ସ୍ୱାଧୀନ ରାଷ୍ଟ୍ର ରୂପେ ନିଜର ନୀତି ନିଜେ ନିର୍ଦ୍ଧାରଣ କରିବ; କାହାର ପ୍ରରୋଚନାରେ ପରିଚାଳିତ ହେବ ନାହିଁ। ବିଶ୍ୱ ସମୁଦାୟରେ ଥିବା ମୁଖ୍ୟ ଶକ୍ତିଗୁଡ଼ିକର ମେଣ୍ଟ ସହ କୌଣସିଥିରେ ସାମିଲ୍ ନ ହୋଇ ନିଜକୁ ନିରପେକ୍ଷ ରୂପେ ରଖିବା। ଏହି ନୀତିର ମୁଖ୍ୟ ପ୍ରବର୍ତ୍ତକ ହେଉଛନ୍ତି ନେହେରୁ ନିଜେ। ଏହା ତାଙ୍କ ନିଜର ଚିନ୍ତା ପ୍ରସୂତ। ନେହେରୁଙ୍କ ମତରେ "ଗୋଷ୍ଠୀ ନିପେକ୍ଷତା ହେଉଛି ଗୋଟିଏ ଦେଶର ସ୍ୱାଧୀନତା, ଯାହାଦ୍ୱାରା ଏହା ନିଜର ଆନ୍ତଃ ଓ ବାହ୍ୟ ନୀତିକୁ ନିଜେ ସ୍ୱାଧୀନ ଭାବରେ ଉପସ୍ଥାପିତ କରି କୌଣସି ସାମରିକ ମେଣ୍ଟରେ ସାମିଲ୍ ହେବ ନାହିଁ, ଯେଉଁ ସାମରିକ ମେଣ୍ଟ ସାମ୍ରାଜ୍ୟବାଦୀ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ଥିବ।" ଏହା ଏକ ସକାରାତ୍ମକ ଏବଂ ଗଠନମୂଳକ ନୀତି ଅଟେ। ନିଜ ଦେଶର ଜାତୀୟ ସ୍ୱାର୍ଥ; ଏବଂ ଲକ୍ଷ୍ୟ ହାସଲ ନିମିତ୍ତ ଏହା ଏକ ମୁକ୍ତ ପସନ୍ଦର ଧାରା ଅଟେ। ପୁଣି ନେହେରୁଙ୍କ ମତରେ, "ଏହା ଶୀତଳଯୁଦ୍ଧରେ ଅଂଶଗ୍ରହଣ ନୁହେଁ; ବରଂ ଶାନ୍ତି ପାଇଁ ସଂଗ୍ରାମ, ନିରସ୍ତ୍ରୀକରଣ ପାଇଁ ପ୍ରଚେଷ୍ଟା ଏବଂ ସ୍ୱାଧୀନତା ପାଇଁ ଏକ ଉଦ୍ୟମ ଅଟେ। ଏଥି ସହ ସମସ୍ତ ଦେଶ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନର ମୂଳ ସୂତ୍ର ଅଟେ।" ନିଜ ଦେଶର ସ୍ଥିରତା ଏବଂ ସାର୍ବଭୌମତ୍ୱ ରକ୍ଷା ପାଇଁ ଯଥାସାଧ ଉଦ୍ୟମ କରିବା ସହ ଯୁଦ୍ଧକୁ ସଂପୂର୍ଣ୍ଣ ପରିତ୍ୟାଗ କରିବା ହେଉଛି ଗୋଷ୍ଠୀ ନିରପେକ୍ଷ ବିଦେଶନୀତିର ମୁଖ୍ୟ ଉପଜୀବ୍ୟ।

ଏହି ନୀତି ଦ୍ୱାରା ଭାରତ ବିଶ୍ୱ ସମୁଦାୟରେ ମୁଖ୍ୟ ସ୍ରୋତରୁ ବିଚ୍ୟୁତ ହୋଇ ଏକଘରିକିଆ ହୋଇ ରହି ନାହିଁ। ଜାତିସଂଘର କାର୍ଯ୍ୟାବଳୀରେ ନିଜର ଏହି ମତକୁ ଅନୁପ୍ରବେଶ କରାଇ ଅନ୍ତର୍ଜାତିକ କ୍ଷେତ୍ରରେ ନିଜର

ପ୍ରଭାବ ଏବଂ ପ୍ରତିଷ୍ଠାକୁ ବଢ଼ାଇ ପାରିଛି । ୧୯୪୦ ଏବଂ ୧୯୫୦ ମସିହାରୁ ଚାଲିଥିବା ଶୀତଳଯୁଦ୍ଧ ସମୟରେ ଭାରତର ଏହି ନୀତି ବିଶ୍ୱ ଶକ୍ତିକୁ ସନ୍ତୁଳିତ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରି ଆସିଛି । ୧୯୫୦ ମସିହାରେ କୋରିଆ ସଙ୍କଟ ସମୟରେ ଏହି NAM ଏହାର ପ୍ରତ୍ୟକ୍ଷ କାର୍ଯ୍ୟାବଳୀ ଦ୍ୱାରା, ମିଳିତ ଜାତିସଂଘ ସହ ମିଶି ଏହାର ଶାନ୍ତିପୂର୍ଣ୍ଣ ସମାଧାନ କରିଥିଲା । ୧୯୫୬ ମସିହାର ସୁଏଜ୍ କେନାଲ୍ ବ୍ୟାପାରରେ ମଧ୍ୟ ଭାରତ ଇଜିପ୍ଟ ଉପରେ ଆଙ୍ଗଲୋ-ଫ୍ରେଞ୍ଚ୍ କାର୍ଯ୍ୟାବଳୀକୁ ଘୋର ନିନ୍ଦା କରିଥିଲା । ଭାରତ ନିଜେ ଗୋଷ୍ଠୀ ନିରପେକ୍ଷ ଥାଇ ମଧ୍ୟ ୧୯୬୨ର ଚୀନ୍ ଆକ୍ରମଣ ସମୟରେ ବ୍ରିଟେନ୍ ଏବଂ ଆମେରିକାର ସହଯୋଗ ପାଇଥିଲା । ୧୯୬୫ ମସିହାର ପାକିସ୍ଥାନ ଯୁଦ୍ଧ ସମୟରେ ମଧ୍ୟ ପାକିସ୍ଥାନ ସାମରିକ ମେଣ୍ଟରେ ସାମିଲ୍ ଥାଇ ବି ସେମାନଙ୍କର ସହଯୋଗ ପାଇ ନଥିଲା । ଉଭୟ ସାମରିକ ଶକ୍ତିମେଂଟଣ୍ଟ ଭାରତ ଏବଂ ପାକିସ୍ଥାନକୁ ସମାନ ଦୃଷ୍ଟିରେ ଦେଖିଥିଲେ । ୧୯୭୧ ମସିହାର ବାଙ୍ଗଲାଦେଶ ସଙ୍କଟ ସମୟରେ ଯଦିଓ ପାକିସ୍ଥାନ, ଚୀନ୍ ଏବଂ ଆମେରିକାର ସମର୍ଥନ ପାଇଥିଲା, ତଥାପି ତତ୍କାଳୀନ ସୋଭିଏତ୍ ୟୁନିଅନ୍ ଭାରତକୁ ସମର୍ଥନ କରି ବାଙ୍ଗଲାଦେଶକୁ ସ୍ୱାଧୀନ କରିଥିଲେ । ଏଥିରୁ ସ୍ପଷ୍ଟ ପ୍ରତିପାଦିତ ହୁଏ ଯେ, ଆମେ ଗୋଷ୍ଠୀ ନିରପେକ୍ଷ ଥାଇ ମଧ୍ୟ ବିଶ୍ୱ ସ୍ତରର ସମର୍ଥନକୁ ହାସଲ କରିବାକୁ ସମର୍ଥ ଅଟୁ ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ପରେ ପରେ ପୃଥିବୀରେ ଅନେକ ପରିବର୍ତ୍ତନ ଅହରହ ଘଟି ଚାଲିଛି । ବିଜ୍ଞାନ କାରିଗରୀ ଓ ଯାନ୍ତ୍ରିକ ବିଦ୍ୟା କ୍ଷେତ୍ରରେ ଅନେକ ପ୍ରଗତି ଘଟିଛି । ମହାକାଶ ଗବେଷଣା କ୍ଷେତ୍ରରେ ମଧ୍ୟ ଅନେକ ଅଗ୍ରଗତି ହୋଇଛି । ଗୋଟିଏ ଦେଶ ଅନ୍ୟଦେଶ ଉପରେ ନିର୍ଭର ନକରି ରହିପାରୁ ନାହିଁ ।

ଭାରତ ନିଜର ପ୍ରଗତି ପାଇଁ ଉଭୟ ଆର୍ଥିକ, ପ୍ରାୟୋଗିକ, ଯାନ୍ତ୍ରିକ କୌଶଳ ଏବଂ ବିଜ୍ଞାନ କ୍ଷେତ୍ରରେ ଅନ୍ୟ ବିକଶିତ ଦେଶମାନଙ୍କ ସହଯୋଗ ସର୍ବଦା କାମନା କରେ । ଏଥିପାଇଁ ୩ଟି ଉପାଦାନ ଦାୟୀ ସେଗୁଡ଼ିକ ହେଲା- ଜାତୀୟ ସମୂହ ସ୍ୱାର୍ଥ, ଆଞ୍ଚଳିକ ବାଧ୍ୟବାଧକତା ଏବଂ ସର୍ବୋପରି ଅନ୍ତର୍ଜାତିକ ପରିବର୍ତ୍ତିତ ଘଟଣାବଳୀ । ଏହି ସମସ୍ତ ବିଷୟକୁ ଅଗ୍ରାଧିକାର ଦେଇ ଆମର ବିଦେଶ ନୀତି ପ୍ରଣୀତ ହୋଇ ଚାଲିଛି । ନିଜର ଆଭ୍ୟନ୍ତରୀଣ ଐକ୍ୟ ଯଥା: ରାଜନୈତିକ ସ୍ଥିରତା ଓ ଦୃଢ଼ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଦ୍ୱାରା ହିଁ ଦେଶର ବିଦେଶ ନୀତି ମଜଭୁତ୍ ହୋଇଥାଏ । ଏଥିପାଇଁ ବହୁଦଳୀୟ ଗଣତନ୍ତ୍ରର ଦଳୀୟ ଇସ୍ତାହାର, ରାଜନେତାମାନଙ୍କର ଉଦାରବାଦୀ ବ୍ୟକ୍ତିତ୍ୱ, ଜନସାଧାରଣଙ୍କର ସମୂହ ପରିଭାଷା, ରାଜନୈତିକ ଉପଗୋଷ୍ଠୀଙ୍କର କାର୍ଯ୍ୟକଳାପ ମଧ୍ୟ ବିଦେଶନୀତି ପ୍ରଣୟନ କ୍ଷେତ୍ରରେ ବିଶେଷ ପ୍ରଭାବ ପକାଇଥାଏ ।

ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ, କାର୍ଯ୍ୟପାଳିକା ହିଁ ଦେଶର ବିଦେଶନୀତି ପ୍ରଣୟନ କରିଥାନ୍ତି । ଏକ୍ଷେତ୍ରରେ ଯଦିଓ ନୀତି ନିର୍ଦ୍ଧାରଣ କ୍ଷମତା ସରକାରଙ୍କର, ତଥାପି ସଂସଦ ଏହାର ବିଭିନ୍ନ ଦିଗ ଉପରେ ଆଲୋଚନା କରି ସରକାରଙ୍କୁ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରିଥାଏ । ଭାରତରେ ଏଥିପାଇଁ ଏକ ସଂସଦୀୟ କମିଟି ଗଠିତ ହୋଇଅଛି । ତାର ନାମ ହେଲା- "Consultative Committee on Foreign Affairs"। ପ୍ରକୃତ ବିଦେଶନୀତି ନିର୍ଦ୍ଧାରଣ କ୍ୟାବିନେଟ୍ ଦ୍ୱାରା ହିଁ ହୁଏ । ଭାରତରେ ଏଥିପାଇଁ ସରକାରଙ୍କର 'ବୈଦେଶିକ ବ୍ୟାପାର ବିଭାଗ' (External Affairs Department) ରହିଛି । ଏଥିରେ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କ ସହ ଅନ୍ୟାନ୍ୟ

କୂଟନୀତିଜ୍ଞମାନେ ମଧ୍ୟ ନିଯୁକ୍ତ ହୋଇଛନ୍ତି। ସମଗ୍ର ବିଭାଗରେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ କାର୍ଯ୍ୟରତ। ବିଭିନ୍ନ ଦେଶମାନଙ୍କରେ ଆମର କୂଟନୀତିଜ୍ଞମାନେ ହାଇକମିଶନର, ଆମ୍ବାସଡ଼ର (ରାଷ୍ଟ୍ରଦୂତ), କନ୍‌ସଲ ଜେନେରାଲ୍ ଇତ୍ୟାଦି ନିଯୁକ୍ତ ହୋଇ ଅନ୍ୟ ଦେଶ ସହ ସର୍ବଦା ଯୋଗାଯୋଗ ଓ ସମ୍ପର୍କ ରଖି ଆସୁଛନ୍ତି।

ବର୍ତ୍ତମାନ ବିଶ୍ୱ ଏକ-ମେରୁ (uni-polar) ବିଶିଷ୍ଟ, ଏକ ମହାଶକ୍ତିର ନିର୍ଦ୍ଦେଶରେ ପରିଚାଳିତ । ସର୍ବଶକ୍ତିମାନ ଯୁକ୍ତରାଷ୍ଟ୍ର ଆମେରିକା ରାଜନୈତିକ, ଅର୍ଥନୈତିକ ଏବଂ ସାମରିକ ଶକ୍ତିରେ, ସମଗ୍ର ବିଶ୍ୱରେ ନିଜର ପ୍ରଭାବ ବିସ୍ତାର କରି ସାରିଛି। ଜାତିସଂଘର ନିରାପତ୍ତା ପରିଷଦର ପଞ୍ଚ ମହାଶକ୍ତି ଦେଶ ମଧ୍ୟ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ନିଜର ନୀତି ସବୁ ପ୍ରବର୍ତ୍ତନ କରି ଚାଲିଛନ୍ତି। ଏଥିରେ ସେମାନଙ୍କର ଆନ୍ତରିକତା ଅପେକ୍ଷା, ଆପଣା ସ୍ୱାର୍ଥ ହିଁ ମୁଖ୍ୟତଃ ପ୍ରତିଫଳନ କରାଉଛନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ଭାରତକୁ ଅତ୍ୟନ୍ତ ସତର୍କତାର ସହ ନିଜ ବିଦେଶ ନୀତିକୁ ନିର୍ଦ୍ଧାରଣ କରିବାକୁ ପଡୁଛି। ବିଶ୍ୱରେ ଗଢ଼ି ଉଠୁଥିବା ବିଭିନ୍ନ ସଂଗଠନ ଯଥା - ASEAN, Asia Pacific Region, Organisation of African States, Organisation of South American States ଇତ୍ୟାଦିଙ୍କ ସହ ସମ୍ପର୍କରେ ସମନ୍ୱୟ ରକ୍ଷା ହିଁ ଆମ ବିଦେଶ ନୀତିର ବିଶେଷତ୍ୱ ରହି ଆସୁଛି। ଆମର ପଡ଼ୋଶୀ ଦେଶ ଯଥା - ନେପାଳ, ଭୁଟାନ୍, ମାଳଦ୍ୱୀପ (ମାଲଡ଼ିଭସ୍), ଶ୍ରୀଲଙ୍କା ଏବଂ ଅନ୍ୟାନ୍ୟ ଦକ୍ଷିଣ ଏସୀୟ ରାଷ୍ଟ୍ର ଗୁଡ଼ିକ ସହ ସୁସମ୍ପର୍କ ନିହାତି ଦରକାର। G-୧୫ ଦେଶ ସମୂହ ସହିତ ସହଯୋଗ ବି ଆମ ବିଦେଶ ନୀତିର ଏକ ଅଂଶ ହୋଇ ଆସିଛି। ଆଣବିକ ନିରସ୍ତ୍ରୀକରଣ କ୍ଷେତ୍ରରେ ବିଶ୍ୱସମୁଦାୟକୁ ଭାରତର ବାର୍ତ୍ତା ଅତି ସୁସ୍ପଷ୍ଟ। NPTରେ ଦସ୍ତଖତ କରିବା ପାଇଁ ଭାରତ ଜାତିସଂଘକୁ ପରାମର୍ଶ ଦେଇଥିଲା ଯେ, ଏ କ୍ଷେତ୍ରରେ କୌଣସି ବାଛବିଚାର କରାନଯାଉ। ଜାତିସଂଘର ଶାନ୍ତି ପ୍ରକ୍ରିୟାରେ ସାମିଲ୍ ହୋଇ ୧୯୯୨ ମସିହାରେ ଏହା ଯୁଗୋସ୍ଲୋଭିଆ, ସୋମାଲିଆ, କାମ୍ବୋଡ଼ିଆ ଏବଂ ମୋଜାମ୍ବିକ୍‌ରେ ନିଜର ଶାନ୍ତିସେନାକୁ ପ୍ରେରଣ କରିଥିଲା। ଏଣୁ ଭାରତର ବିଦେଶ ନୀତି, ଅନ୍ୟ ଦେଶ ସହ ସୁସମ୍ପର୍କ ପ୍ରତିଷ୍ଠା ପାଇଁ ପ୍ରତିବଦ୍ଧ, କୌଣସି ଦେଶ ଉପରେ ଅଯଥା ଆକ୍ରମଣ କରି ତାକୁ ନିଜର ଅଧୀନସ୍ଥ କରି ରଖିବା, ଏହି ଲକ୍ଷ୍ୟଠାରୁ ଏହା ବହୁତ ଦୂରରେ। କିନ୍ତୁ ନିଜର ଅଖଣ୍ଡତା ଏବଂ ସାର୍ବଭୌମତ୍ୱ ରକ୍ଷା କରିବା ଲକ୍ଷ୍ୟରେ ଏହା ନିଜର ବିଦେଶ ନୀତିର କିଛିଟା ସମୟୋପଯୋଗୀ ପରିବର୍ତ୍ତନ କରିପାରେ।

## ଭାରତ ଓ ଚୀନ୍ ସମ୍ପର୍କ

ଭାରତ ଏକ ଆଞ୍ଚଳିକ ଶକ୍ତି, ଉଦୀୟମାନ ବିରାଟ ଶକ୍ତି ଏବଂ ସମ୍ଭାବିତ ମହାଶକ୍ତି । ଭାରତର କ୍ରମବର୍ଦ୍ଧିଷ୍ଣୁ ଅନ୍ତର୍ଜାତୀୟ ପ୍ରତିପତ୍ତି ତାକୁ ଜାଗତିକ ଘଟଣାବଳୀରେ ବିଶିଷ୍ଟ ସ୍ଥାନ ଦେଇଛି । ଭାରତ ଏକ ବୁଦ୍ଧିମାନ ବୈଦେଶିକ ନୀତି ଅବଲମ୍ବନ କରିଛି ଯାହା ଦ୍ୱାରା ସେ ଅନ୍ତର୍ଜାତୀୟ ଶାନ୍ତି ଓ ସହଯୋଗର ପ୍ରୋତ୍ସାହନ ପାଇଁ କାର୍ଯ୍ୟ କରୁଛି ଏବଂ ଅନ୍ୟ ସମସ୍ତ ରାଷ୍ଟ୍ରମାନଙ୍କ, ବିଶେଷକରି ନିକଟତମ ପଡୋଶୀ ରାଷ୍ଟ୍ର, ଯଥା- ପାକିସ୍ଥାନ, ବାଙ୍ଗଲାଦେଶ, ଚୀନ, ଭୁଟାନ, ବ୍ରହ୍ମଦେଶ (ମିଆଁମାର) ନେପାଳ ଓ ଶ୍ରୀଲଙ୍କା ଇତ୍ୟାଦି ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବିକାଶରେ ବ୍ରତୀ ହୋଇଛି । ବର୍ତ୍ତମାନ କେବଳ ଦୁଇଟି ବ୍ୟତୀତ, ତାର ସମସ୍ତ ପଡୋଶୀ ରାଷ୍ଟ୍ରମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିଛି: ସେଥିରୁ ଗୋଟିଏ ହେଉଛି ପାକିସ୍ତାନ ଓ ଅନ୍ୟଟି ହେଲା ଚୀନ୍ ।

ଯଦ୍ୟପି ଭାରତ ଚୀନ ସମ୍ପର୍କ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ଆରମ୍ଭ ହୋଇଥିଲା, ଆଧୁନିକ ଯୁଗର ସମ୍ପର୍କ କେବଳ ୧୯୪୯ରୁ ସ୍ଥାପନ ହୋଇଛି । ଦୁଇଟି ଦେଶ ପୃଥିବୀର ସବୁଠାରୁ ଜନବହୁଳ । ଏ ଦୁଇଟି ପୃଥିବୀର ପ୍ରାଚୀନତମ ସଭ୍ୟତା ମଧ୍ୟ । ଏବେକା ସମୟରେ ଏହି ଦୁଇଟି ଦେଶକୁ ଅନ୍ୟମାନେ ଏକବିଂଶ ଶତାବ୍ଦୀର ଉଦୀୟମାନ ଶକ୍ତି ଭାବରେ ଅନୁଭବ କରୁଛନ୍ତି । ଏହି ଦୁଇ ଦେଶ ହେଲେ ଏସିଆର ବିଶାଳକାୟ ଦେଶ । ସ୍ୱଳ୍ପ ଦିନର ହେଲେ ମଧ୍ୟ ଭାରତ ଓ ଚୀନ ସମ୍ପର୍କ ରେ ଉତ୍‌ଥାନ ଓ ପତନ ଦେଖାଦେଇଛି । କିଛିଟା ଭଲ ଦିନ ସହିତ ବହୁ ଖରାପ ସମୟ ମଧ୍ୟ ଆସିଛି ।

ପ୍ରାରମ୍ଭିକ ସମୟରେ, ଭାରତ ହେଉଛି ପ୍ରଥମ ରାଷ୍ଟ୍ର ଯେକି କମ୍ୟୁନିଷ୍ଟ ଚୀନ୍‌କୁ ଏକ ରାଷ୍ଟ୍ରଭାବରେ ମାନ୍ୟତା ଦେଇଥିଲା । ଏବଂ ତାକୁ ମିଳିତ ଜାତିସଂଘର ପୂର୍ଣ୍ଣସଦସ୍ୟତା ଦେବା ଦାବିକୁ ସମର୍ଥନ କରିଥିଲା । ଚୀନ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ନେହେରୁଙ୍କର ଅନ୍ତର୍ଜାତୀୟ ପରିସ୍ଥିତି ପ୍ରତି ସଚେତନତାରୁ ଆସିଥିଲା । ସେ ଭାବୁଥିଲେ ଯେ ଭାରତର ଚୀନ ସହ ସହଯୋଗ ଏସିଆକୁ ବାହ୍ୟ ହସ୍ତକ୍ଷେପରୁ ରକ୍ଷା କରିବ । ପୁଣି, ଭାରତ ତାଇୱାନ ଉପରେ ଚୀନର କର୍ତ୍ତୃତ୍ୱକୁ ସମର୍ଥନ କରିଥିଲା ଏବଂ ଚୀନ ସମ୍ବନ୍ଧୀୟ ଜାପାନ ସହ ସନ୍ଧିରେ ପକ୍ଷ ହେବାପାଇଁ ମନା କରିଥିଲା । ପୁନଶ୍ଚ, ଦୁଇ ରାଷ୍ଟ୍ରର ନେତା ପଞ୍ଚଶୀଳ ନୀତିକୁ ପ୍ରତିପାଦିତ କରିଥିଲେ ଏବଂ ପରସ୍ପରର ସମ୍ପର୍କକୁ ଶ୍ରେଷ୍ଠ ବୁଝାମଣା ଓ ସର୍ତ୍ତ ଭିତ୍ତିରେ ଆରମ୍ଭ କରିଥିଲେ । ୧୯୫୦ ଦଶକର ଶେଷଭାଗରେ ହିନ୍ଦୀ-ଚୀନି ଭାଇ ଭାଇ ସନ୍ଦେଶଟି ବେଶ୍ ଆକର୍ଷଣୀୟ ହୋଇଥିଲା ।

କିନ୍ତୁ, ଦୁଇଟି ଘଟଣା ଭାରତ ଚୀନ୍ ବନ୍ଧୁତାର ବିଶ୍ୱାସର ମୂଳଦୁଆକୁ ଥରାଇ ଦେଇଥିଲା । ପ୍ରଥମଟି ହେଲା ଚୀନ୍‌ର ତିବ୍ବତ୍ ଆକ୍ରମଣ, ଦ୍ୱିତୀୟଟି ହେଲା, କୋରିଆ ଶାନ୍ତି ଚୁକ୍ତି ପୂର୍ବବର୍ତ୍ତୀ ଆଲୋଚନା ।

### ତିବ୍ବତ୍ :

ବ୍ରିଟିଶ ଉପନିବେଶ ସମୟରେ ତିବ୍ବତ୍ ହିମାଳୟର ଉତ୍ତରରେ ଅବସ୍ଥିତ ଏକ ସ୍ୱାଧୀନ ରାଷ୍ଟ୍ର । କିନ୍ତୁ ଚୀନ୍ କୁବ୍‌ଲା ଖାଁଙ୍କର ଆକ୍ରମଣ ପରଠାରୁ ତା ଉପରେ ଆଧିପତ୍ୟ ଦାବି କରୁଛି । ନେହେରୁଙ୍କର ଚୀନ ନୀତି ତା'ର ପ୍ରଥମ ଝଟ୍‌କା ୧୯୫୦ରେ ପାଇଥିଲା ଯେତେବେଳେ ଚୀନ ତିବ୍ବତ୍‌କୁ ଆକ୍ରମଣ ଓ ଦଖଲ କଲା । ଭାରତର ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ ପ୍ରସ୍ତାବକୁ କମ୍ୟୁନିଷ୍ଟ ଚୀନ୍ ନିଜ ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପ ବୋଲି ବିବେଚନା କଲା । ଯେତେବେଳେ ତିବ୍ବତୀୟମାନେ ଚୀନ୍‌ର ଅତ୍ୟାଚାରୀ ଶାସନ ବିରୁଦ୍ଧରେ ବିଦ୍ରୋହ କଲେ, ଚୀନ୍ ଆନ୍ଦୋଳନକୁ ନିଷ୍ଠୁର ଭାବରେ ଦମନ କଲା । ତା ପରେ ପରେ ଚୀନ୍ ତିବ୍ବତ୍‌କୁ ତାର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଘୋଷଣା କଲା । ତିବ୍ବତ୍‌ର ଧାର୍ମିକ-ରାଜନୈତିକ ମୁଖ୍ୟ ଦଲାଇଲାମା ଭାରତକୁ ପଳାୟନ କରିଥିଲେ ଏବଂ ଏଠାରେ ରାଜନୈତିକ ଶରଣ ନେଇଥିଲେ । ତାହା ଚୀନ୍ ପାଇଁ ଅପମାନ ଜନକ ଥିଲା । ଏହି ଘଟଣା ଭାରତ ଚୀନ୍ ସମ୍ପର୍କକୁ ଛିନ୍ନ କରିବା ପରିସ୍ଥିତିକୁ ନେଇଯାଇଥିଲା । ପରେ ପରେ ଭାରତ ତିବ୍ବତ୍ ଉପରେ ଚୀନ୍‌ର ସାର୍ବଭୌମତ୍ୱକୁ ବିଶେଷ ପ୍ରତିବାଦ ନକରି ଗ୍ରହଣ କରିନେଇଛି ।

## କୋରିଆ ଶାନ୍ତି ଚୁକ୍ତି :

କୋରିଆ ଯୁଦ୍ଧ ଶୀତଳ ଯୁଦ୍ଧ ଯୁଗର ବୋଧହୁଏ ସବୁଠାରୁ ବିପଦପୂର୍ଣ୍ଣ ସୈନ୍ୟଚାଳନ ଥିଲା ଯାହା ଆଦର୍ଶଗତ ବିବାଦ ଏବଂ ଭୂରାଜନୀତି ଦ୍ୱାରା ପ୍ରୋତ୍ସାହିତ ହେଉଥିଲା । ୨୫ ଜୁନ ୧୯୫୦ ମସିହାରେ ଉତ୍ତର କୋରିଆ ଦକ୍ଷିଣ କୋରିଆକୁ ଆକ୍ରମଣ କରିଥିଲା ଯେଉଥିପାଇଁ ମିଳିତ ଜାତିସଂଘର ପତାକା ତଳେ ଯୁକ୍ତରାଷ୍ଟ୍ର ଆମେରିକା ଯୁଦ୍ଧକୁ ଅବିଳମ୍ବେ ଲମ୍ଫ ପ୍ରଦାନ କଲା । କୋରିଆ ସଙ୍କଟ ସମୟରେ ଭାରତର ମନୋଭାବ ଚୀନ୍ ସପକ୍ଷରେ ଥିଲା । ଭାରତ ୩୮ତମ ଅକ୍ଷାଂଶ ରେଖାକୁ ମିଳିତ ଜାତିସଂଘ ସେନାନୀ ଦ୍ୱାରା ଉଲଂଘନ ବିରୁଦ୍ଧରେ ଥିଲା ଓ ଅନ୍ୟ ରାଷ୍ଟ୍ର ଗୁଡିକୁ ସେଥିପାଇଁ ସତର୍କ ମଧ କରିଥିଲା । ଭାରତର ଚେତାବନିକୁ ଅଣଦେଖା କରାଯାଇଥିଲା ଓ ଚୀନ୍ ଉତ୍ତର କୋରିଆ ସପକ୍ଷରେ ହସ୍ତକ୍ଷେପ କରିବାରୁ ମିଳିତ ଜାତିସଂଘ ଚୀନ୍‌କୁ ଆକ୍ରମଣକାରୀ ରାଷ୍ଟ୍ର ରୂପେ ଘୋଷଣା କରିବାକୁ ଚେଷ୍ଟା କଲା । ଭାରତ ସେପରି କାର୍ଯ୍ୟକୁ ନାପସନ୍ଦ କରିଥିଲା ଓ ବିରୋଧ ମଧ କରିଥିଲା । କୋରିଆ ସଂକଟ ମଧ୍ୟସ୍ଥି ହିସାବରେ ଭାରତର ଭୂମିକାକୁ ବିଶ୍ୱସ୍ତରରେ ଧ୍ୟାନାକର୍ଷଣ କରାଇଥିଲା ଯାହା ଚୀନ୍‌ର ଗାତ୍ରଦାହର କାରଣ ହୋଇଥିଲା ।

ଦୁଇ ଦେଶର ସମ୍ପର୍କରେ ବାଂଦୁଙ୍ଗ ସୌଜନ୍ୟତା ଓ ଉତ୍ସାହ ସତ୍ତ୍ୱେ, ୧୯୫୦ ଦଶକର ଶେଷ ଭାଗରେ ଭଙ୍ଗା ପଡିଯାଇଥିଲା । ସୀମାରେଖା (ମାକ୍‌ମୋହନ୍ ରେଖା) ଏବଂ ଜାମ୍ମୁ-କାଶ୍ମୀରର ବିବାଦୀୟ ସ୍ଥିତି ଦ୍ୱିପାକ୍ଷିକ ସମ୍ବନ୍ଧରେ କିଛି କାଳ ତିକ୍ତତା ଆଣିଦେଇଥିଲା । ଆକସ୍ମିକ ଭାବରେ ଚୀନ୍ ମାକ୍‌ମୋହନ୍ ରେଖାକୁ ଭାରତ- ଚୀନ୍ ସୀମାରେଖା ମାନ୍ୟତା ପ୍ରତ୍ୟାହାର କରିନେଲା । ଦ୍ୱିତୀୟରେ, ଚିନ କାଶ୍ମୀରର ଅକ୍ସାଇ- ଚୀନ୍ ଅଞ୍ଚଳକୁ ନିଜ ସିଙ୍କିୟାଙ୍ଗ ପ୍ରଦେଶର ମୂଳ ଅଂଶ ଭାବରେ ଦାବି କଲା । ତୃତୀୟରେ, ଭାରତ ସହିତ କାଶ୍ମୀର ସଂଯୋଗକୁ ପ୍ରତ୍ୟାଖ୍ୟାନ କଲା । କାଶ୍ମୀର ବିଷୟରେ ଚୀନ୍ ଦୁଇଟି ଯୁକ୍ତି ରେଖାଙ୍କିତ କଲା- ପ୍ରଥମତଃ, କାଶ୍ମୀର ଏକ ବିବାଦୀୟ ଅଞ୍ଚଳ; ଦ୍ୱିତୀୟତଃ, କାଶ୍ମୀର ବାସିନ୍ଦା ଭାରତ ବା ପାକିସ୍ଥାନ ସହ ସଂଯୋଗ ହେବେ ସେମାନେ ସ୍ୱୟଂ ନିର୍ଦ୍ଧାରଣ କରିବେ । କଟାଘାରେ ଚୂନ ଦେଲାପରି, ସେ ସିଙ୍କିୟାଙ୍ଗ ଓ ତିବତ୍ ମଧରେ ରାସ୍ତା ନିର୍ମାଣ ଆରମ୍ଭ କରିଦେଇଥିଲା । ସାଧାରଣରେ ସେହି ରାସ୍ତା ଅକ୍ସାଇ- ଚୀନ୍ ରାସ୍ତା ଭାବରେ ପରିଚିତ । ସେହି ରାସ୍ତା ପୂର୍ବ ଲଦାଖ୍ ଯାହା ଭାରତର ଭୂଖଣ୍ଡ ମଧଦେଇ ଯାଉଛି । ସେହି ସୀମାରେଖା ବିବାଦ ଏକ ସଂପୂର୍ଣ୍ଣ ଯୁଦ୍ଧରେ ପରିଣତ ହୋଇ ୧୯୬୨ ମସିହାର ୨୦ ଅକ୍ଟୋବର ରୁ ୨୧ ନଭେମ୍ବର ପର୍ଯ୍ୟନ୍ତ ଚାଲିଥିଲା ।

## ୧୯୬୨ର ଚୀନ-ଭାରତ ଯୁଦ୍ଧର ପରିଣାମ :

- ଦେଶ ଭିତରେ ଓ ବାହାରେ, ନେହେରୁଙ୍କର ବ୍ୟକ୍ତିତ୍ୱ ଓ ମର୍ଯ୍ୟାଦାକୁ ଶକ୍ତ ଅଘାତ ଲାଗିଥିଲା । ସାମରିକ ଅପେକ୍ଷା ଭାରତର ରାଜନୈତିକ କ୍ଷତି ଅଧିକ ହୋଇଥିଲା । ପ୍ରକୃତରେ, ଯୁଦ୍ଧ ହାରିବାର ରାଜନୈତିକ ପରିଣାମ ଦୁର୍ଭାଗ୍ୟଜନକ ଥିଲା । ବିଦେଶନୀତି ତୁଲାଇବାରେ ନେହେରୁଙ୍କର ରାଜନୈତିକ ଅସାମର୍ଥ୍ୟତା ଏବଂ ରାଷ୍ଟ୍ରକୁ ସୁରକ୍ଷା ଦେବାର ଅକ୍ଷମତା ପାଇଁ ସମାଲୋଚନା କରାଯାଇଥିଲା । ଅନ୍ତର୍ଜାତିକ ସ୍ତରରେ, ଭାରତର ଭାବମୂର୍ତ୍ତିରେ କଳାଦାଗ ଲାଗିଲା ଯାହା ତୃତୀୟ ବିଶ୍ୱର ଅଗ୍ରଜ ଭୂମିକାର ବିଫଳତାକୁ ଦର୍ଶାଇଲା ।

- ଭାରତର ଗୋଷ୍ଠୀ-ନିରପେକ୍ଷ ନୀତିକୁ ଏକ ଶକ୍ତ ଧକ୍କା ଲାଗିଲା କାରଣ, ନେହେରୁ ବ୍ୟକ୍ତିଗତ ଭାବରେ ଯୁକ୍ତରାଷ୍ଟ୍ର ଆମେରିକାକୁ ସାହାଯ୍ୟ ଦେବାପାଇଁ ଅନୁରୋଧ କରିଥିଲେ ।
- ଶେଷରେ, ଭାରତ ଭୂଖଣ୍ଡର ୩୮୦୦୦ ବର୍ଗ କିଲୋମିଟର ଅଞ୍ଚଳ ଚୀନ୍ କରଗତ ହୋଇଗଲା । ସେଥିରୁ ୩୫,୦୦୦ ବ.କି.ମି. ଉତ୍ତର-ପୂର୍ବାଞ୍ଚଳରେ ଓ ବାକି ୩,୦୦୦ ବ.କି.ମି. ପଶ୍ଚିମ ଅଞ୍ଚଳରେ । ଏହାଛଡା, ଚୀନ୍ ପ୍ରକୃତରେ ଭାରତର ୯୫,୦୦୦ ବ.କି.ମି. ଅଞ୍ଚଳ ନିଜରବୋଲି ଦାବି କରିଆସୁଛି । ଶାନ୍ତିପୂର୍ଣ୍ଣ ଉପାୟରେ ସମସ୍ୟାର ସମାଧାନ ପାଇଁ ଶ୍ରୀଲଙ୍କା ଚେଷ୍ଟା କରିଥିଲା । କିନ୍ତୁ, କଲମ୍ବୋର ପ୍ରସ୍ତାବ ନିରର୍ଥକ ପ୍ରମାଣିତ ହୋଇଥିଲା । ସେହି ଯୁଦ୍ଧ ପରଠାରୁ ଭାରତ-ଚୀନ୍ କୂଟନୈତିକ ସଂପର୍କ ପ୍ରାୟ ନାମକୁ ମାତ୍ର ଥିଲା ।

ତଥାପି, ୧୯୭୦ ଦଶକରେ ଉଭୟ ରାଷ୍ଟ୍ର ପରସ୍ପର ମଧ୍ୟରେ କୂଟନୈତିକ ସମ୍ପର୍କର ଉପଯୋଗିତା ଅନୁଭବ କରିପାରିଥିଲେ । ୧୯୭୬ ସୁଦ୍ଧା ଚୀନ୍ ଓ ଭାରତ ପରସ୍ପର ଦେଶକୁ ଆମ୍ବାସାଡର ପଠାଇଲେ ଓ ସୀମା ବିଷୟରେ ନିୟମିତରୂପେ ବହୁବାର ଚର୍ଚ୍ଚା କରିଥିଲେ । ସପ୍ତମ ଥର ଆଲୋଚନା ପରେ ମଧ୍ୟ ଭାରତର ସୁମଡୋରାଙ୍ଗ ଚୁ ଉପତ୍ୟକାରେ ୧୯୮୭ ଚୀନର ସଶସ୍ତ୍ର ଅନଧିକାର ପ୍ରବେଶ ପୁଣି ବାର୍ତ୍ତାଳାପକୁ ବାଧା ଦେଇଥିଲା । ସେହି ସମୟରେ ଅନ୍ତର୍ଜାତୀୟ ସ୍ତରରେ ଉତ୍କଟ ପରିବର୍ତ୍ତନ ଦେଖାଦେଇଥିଲା; ଉଭୟ ମହାଶକ୍ତି (ଯୁକ୍ତରାଷ୍ଟ୍ର ଆମେରିକା ଓ ସେବେକାର ସୋଭିଏତ ସଂଘ) ଅଭୂତପୂର୍ବ ବୁଝାମଣା ଓ ସହଯୋଗ ଆଡକୁ ପାଦ ବଢାଇଥିଲେ । ଏଭଳି ପରିବର୍ତ୍ତିତ ପରିସ୍ଥିତିରେ ଭାରତ ଓ ଚୀନ ପରସ୍ପରର ସମ୍ପର୍କକୁ ନୂଆ ରୂପରେ ଗଢିବାକୁ ଚେଷ୍ଟା କରିଥିଲେ । ସେଇ ବରଫାବୃତ ସମ୍ବନ୍ଧକୁ ତରଳାଇବାର ଦାୟିତ୍ୱ ରାଜୀବ ଗାନ୍ଧୀ ପ୍ରଥମେ ହାତକୁ ନେଇଥିଲେ । ୧୯୮୮ ମସିହାରେ ସେ ଚୀନ୍‌ରେ ପାଞ୍ଚ ଦିନ ସଫଳ ରହଣି କରି ଫେରିଥିଲେ । ଉଭୟ ରାଷ୍ଟ୍ର କଥାବାର୍ତ୍ତା ମାଧ୍ୟମରେ ସୀମା ବିବାଦର ସମାଧାନ କରିବାକୁ ପ୍ରତିଜ୍ଞା କରିଥିଲେ । ସେହି ଯାତ୍ରା ପରେ ପରେ ଦୁଇ ଦେଶର ବାଣିଜ୍ୟ ମନ୍ତ୍ରୀ ପରସ୍ପର ଦେଶକୁ ଯାଇଥିଲେ ଏବଂ ଭାରତ ଓ ଚୀନ୍ ମଧ୍ୟରେ ବାଣିଜ୍ୟ ସମ୍ପର୍କ ପୁନଃସ୍ଥାପିତ ହୋଇଥିଲା ।

କିନ୍ତୁ, ୧୯୯୮ ମେ ମାସରେ ଭାରତର ପରମାଣୁ ବୋମା ପରୀକ୍ଷଣ ପରେ ଦୁଇ ରାଷ୍ଟ୍ରଙ୍କ ସମ୍ବନ୍ଧ କିଛି ପାଣିଚିଆ ହୋଇଥିଲା । ଆମ ପ୍ରତିରକ୍ଷା ମନ୍ତ୍ରୀ, ଜର୍ଜ ଫର୍ଣ୍ଣାଣ୍ଡେଜଙ୍କ କଥିତ ମନ୍ତବ୍ୟ ଯେ ଚୀନ୍ ହେଉଛି ଭାରତର ସମ୍ଭାବ୍ୟ ବିପଦର ଉତ୍ସ, ଚୀନ୍‌କୁ କ୍ରୋଧିତ କରିଥିଲା । ସେହି ତିକ୍ତତା ବେଶିଦିନ ରହିଲାନାହିଁ । ସର୍ବୋଚ୍ଚ ସ୍ତରରେ ରାଜନୈତିକ ବାର୍ତ୍ତାଳାପ ୧୯୯୦ ଦଶକର ପ୍ରଥମରୁ ଜାରି ରହିଥିଲା । ଉଭୟ ରାଷ୍ଟ୍ରର କାର୍ଯ୍ୟକର୍ତ୍ତାମାନେ ସାମୟିକ ଭାବରେ ଭେଟି ସୀମା ବିବାଦ ସମାଧାନର ବାଟ ଖୋଜୁଥିଲେ । ଭାରତ-ଚୀନ୍ ବାଣିଜ୍ୟ ୧୯୯୯ ରୁ ପ୍ରତିବର୍ଷ ୩୦% ବୃଦ୍ଧି ପାଉଥିବାରୁ ଦୁଇ ରାଷ୍ଟ୍ର ମଧ୍ୟରେ ଏକ ଆହୁରି ସକାରାତ୍ମକ ଦୃଷ୍ଟିଭଙ୍ଗୀର ଉଦୟ ହୋଇଛି । ବର୍ତ୍ତମାନ ଚୀନ୍ ଭାରତର ବୃହତ୍ତମ ବାଣିଜ୍ୟିକ ସହଯୋଗୀ । ଦ୍ୱିରାଷ୍ଟ୍ରୀୟ ବାର୍ଷିକ ବ୍ୟାପାର ପାଞ୍ଚହଜାର କୋଟି ଡଲାରରୁ ଅଧିକ । ଅନୁମାନତଃ, ୨୦୧୫-୧୬ ରେ ଭାରତର ଚୀନ୍‌କୁ ରପ୍ତାନୀ ଥିଲା ୭.୫୬ ହଜାର କୋଟି (USD) ଏବଂ ଆମଦାନୀ ଥିଲା ୫୨.୨୬ ହଜାର କୋଟି (USD)।

କ୍ରମବର୍ଦ୍ଧିଷ୍ଣୁ ଆର୍ଥିକ ଓ ସାମରିକ ସମ୍ବନ୍ଧ ସତ୍ତ୍ୱେ ଭାରତ ଚୀନ ସମ୍ପର୍କରେ ବହୁତ ଗୁଡିଏ ବାଧା ଦୂର କରିବାକୁ ବାକି ରହିଛି । ଭାରତ ସମ୍ମୁଖରେ ବ୍ୟାପାର ଘାଟା ଦୂର କରିବାର ଆବଶ୍ୟକତା ରହିଛି । ସୀମା ବିବାଦ ଏବେ ମଧ୍ୟ ସମାଧାନ ହୋଇନାହିଁ । ଭାରତର ଗଣମାଧ୍ୟମର ସମ୍ବାଦ ଅନୁସାରେ ଭାରତ ଭିତରକୁ ବହୁସ୍ଥାନରେ ଚୀନ୍ ବାରମ୍ବାର ଅନୁପ୍ରବେଶ କରୁଛି । ଉଭୟ ରାଷ୍ଟ୍ର ସୀମାବର୍ତ୍ତୀ ଅଞ୍ଚଳରେ ସାମରିକ ସାଜସଜ୍ଜା ନିୟମିତ ଭାବରେ ବୃଦ୍ଧି କରିଛନ୍ତି । ଏହାଛଡା, ଚୀନ୍ ଭାରତର ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟତାକୁ ଏବଂ ପରମାଣୁ ଗୋଷ୍ଠୀର ସଦସ୍ୟତାକୁ ବିରୋଧ କରୁଛି । ଭାରତର କ୍ଷେପଣାସ୍ତ୍ର ନିୟନ୍ତ୍ରଣ ପ୍ରଶାସନରେ ପ୍ରବେଶକୁ ସମାଲୋଚନା କରୁଛି । ଜୈଶ-ଏ-ମହମ୍ମଦ୍ ମୁଖ୍ୟ ମୌଲାନା ମସୁଦ ଅଜହରକୁ ମିଳିତ ଜାତିସଂଘ ଦ୍ୱାରା ଆତଙ୍କବାଦୀ ଘୋଷଣା ଦାବିକୁ ବାରମ୍ବାର ପ୍ରତିରୋଧ କରୁଛି । ଏ ସବୁ କାର୍ଯ୍ୟକଳାପରୁ ଚୀନ୍‌ର ଭାରତପ୍ରତି ଅସୂୟାଭାବ ଜଣାପଡିଯାଉଛି । ଚୀନ୍‌ର ପ୍ରଶାନ୍ତ ମହାସାଗରରେ କ୍ରମବର୍ଦ୍ଧିଷ୍ଣୁ ପ୍ରଭାବ, ପାକିସ୍ଥାନ ସହ ସଶକ୍ତ ଦ୍ୱିପାକ୍ଷିକ ସାମରିକ ସମ୍ପର୍କ, ଓ ଶେଷରେ ୨୦୧୬ ଗୋଆଠାରେ ହୋଇଥିବା ସମ୍ମିଳନୀରେ ତା'ର ପ୍ରଭାବୀ ଉପସ୍ଥିତି, ଏସବୁ ଘଟଣା ଭାରତର ଗାତ୍ରଦାହ ବୃଦ୍ଧିକରିବାକୁ ଖୋରାକ ଯୋଗାଉଛି ।

ସର୍ବଶେଷରେ, ଭାରତ-ଚୀନ ସମ୍ପର୍କ ଏକ ଚାରିଛକିରେ ଝୁଲି ରହିଛି । ଏହା କେଉଁ ଦିଗକୁ ଯିବ ତାହା ଉଭୟ ଦେଶର ପରସ୍ପର ସମସ୍ୟାର ସମାଧାନ ପାଇଁ ଚିନ୍ତା ଏବଂ ବାକିରହିଥିବା ବିବାଦର ଶୀଘ୍ରାତିଶୀଘ୍ର ସମାଧାନ ଉପରେ ନିର୍ଭର କରିବ । ପରିବର୍ତ୍ତନଶୀଳ ବିଶ୍ୱରେ ଯେହେତୁ ସେମାନଙ୍କର ମର୍ଯ୍ୟାଦା ଓ ଶକ୍ତିର ପରିବର୍ତ୍ତନ ହେଉଛି, ଉଭୟ ଦେଶ ଏକ ସ୍ଥିର, ସକାରାତ୍ମକ ଓ କାର୍ଯ୍ୟକ୍ଷମ ସମ୍ପର୍କ ସ୍ଥାପନ କରିବାକୁ ପଡିବ । ଏସିଆ ମହାଦେଶର ବାକି ରାଷ୍ଟ୍ର ଗୁଡିକ ମଧ୍ୟ ଏକବିଂଶ ଶତାବ୍ଦୀରେ ଏହି ଗୁରୁତ୍ୱପୂର୍ଣ୍ଣ ସମ୍ପର୍କର ଭିତ୍ତିରେ ଶାନ୍ତି ଓ ସ୍ଥିରତାର ଆଶା ରଖିଛନ୍ତି ।

## ଭାରତ ଓ ପାକିସ୍ଥାନ ସମ୍ପର୍କ

ଭାରତ ଓ ପାକିସ୍ଥାନ ଦକ୍ଷିଣ ଏସିଆର ଦୁଇଟି ବୃହତ୍ତର ଦେଶ । ଉଭୟ ଦେଶର ୧୯୪୭ ମସିହା ସ୍ୱାଧୀନତା ପରଠାରୁ, ଦୁହିଙ୍କର ସମ୍ପର୍କରେ ନିରନ୍ତର ପରିବର୍ତ୍ତନ ହୋଇଆସିଛି । ବହୁ ଦଶନ୍ଧି ଧରି ଚାଲିଥିବା ସଶସ୍ତ୍ର ଲଢେଇ, ଦ୍ୱିପାକ୍ଷିକ କଥାବାର୍ତ୍ତା ଏବଂ ବର୍ଦ୍ଧିଷ୍ଣୁ ଅବିଶ୍ୱାସ ଭାରତ ପାକିସ୍ଥାନ ସମ୍ବନ୍ଧର ବିଶେଷ ପ୍ରତିବନ୍ଧକ ଭାବରେ ପରିଗଣିତ ହୋଇଥାଏ । ଯଦ୍ୟପି, ସେମାନଙ୍କର ଭାଷା, ସଂସ୍କୃତି, ଭୌଗୋଳିକ ଗଠନ ଓ ଆର୍ଥିକ ସମ୍ପର୍କ ସମାନ, ସେମାନଙ୍କର ସମ୍ବନ୍ଧ ସଂଘର୍ଷ ଏବଂ ସନ୍ଦେହ ଯୋଗୁଁ ଉଦବେଗପୂର୍ଣ୍ଣ ହୋଇଅସିଛି । ଉଭୟ ଭାରତ ଓ ପାକିସ୍ଥାନ ନିଜ ବିବାଦ ବିଷୟରେ ଭିନ୍ନ ମତ ପୋଷଣ କରନ୍ତି । ପାକିସ୍ଥାନ ମତରେ କାଶ୍ମୀର ହେଉଛି ମୁଖ୍ୟ ସମସ୍ୟା । ଭାରତ ପାଇଁ ମୁଖ୍ୟ ସମସ୍ୟା ହେଉଛି ସୀମାପାର ଆତଙ୍କବାଦ ଯାହା ପାକିସ୍ଥାନ ଦ୍ୱାରା ପ୍ରାୟୋଜିତ । ଭାରତ-ପାକ ବିବାଦ ମଧ୍ୟ ଆର୍ଥିକ ଓ ବାଣିଜ୍ୟିକ କ୍ଷେତ୍ରରେ ସହଯୋଗକୁ ବାଧା ଦେଉଛି ।

ପ୍ରଥମେ ଭାରତ ପାକିସ୍ଥାନର ଇତିହାସକୁ ଜାଣିବା ଆବଶ୍ୟକ । ୧୯୪୭ରେ ବ୍ରିଟିଶର ମାନେ ଭାରତକୁ ସ୍ୱାଧୀନତା ଦେଇଥିଲେ । କିନ୍ତୁ ସେମାନେ ଭାରତକୁ ଦୁଇଭାଗରେ ବାଣ୍ଟି ଦେଇଥିଲେ । ତା ଦ୍ୱାରା ଦୁଇଟି ବିଶାଳ

**କାଶ୍ମୀର ଉପରେ ପାକିସ୍ଥାନର ମତ :** ପାକିସ୍ଥାନ ମତରେ କାଶ୍ମୀର ଏକ ମୁସଲମାନ ବହୁଳ ରାଜ୍ୟ ଏବଂ ଜିନ୍ନାଙ୍କ ଘୋଷିତ ଦ୍ୱି-ଜାତି ତତ୍ତ୍ୱ ଅନୁସାରେ ପ୍ରକୃତିଗତ ଭାବରେ ତାହା ପାକିସ୍ଥାନରେ ରହିବା କଥା । ପାକିସ୍ଥାନ ଏହା ମଧ୍ୟ କହୁଛି ଯେ ତା'ର ତିନୋଟି ମୁଖ୍ୟ ନଦୀ – ସିନ୍ଧୁ, ଝେଲମ୍ ଓ ଚେନାବ୍ – କାଶ୍ମୀରରୁ ଉଦଗମ ହୋଇଛି । ତେଣୁ ପାକିସ୍ଥାନର କୃଷିର ଉପକାର ପାଇଁ କାଶ୍ମୀର, ପାକିସ୍ଥାନରେ ରହିବା ନିତାନ୍ତ ଆବଶ୍ୟକ । ଭାରତ ଏହି ଯୁକ୍ତିକୁ ଖଣ୍ଡନ କରି କହେ ଯେ ଭାରତ କେବେ ମଧ ଜିନ୍ନାଙ୍କର ଦ୍ୱି-ଜାତି ତତ୍ତ୍ୱକୁ ଗ୍ରହଣ କରିନାହିଁ । ଆହୁରି ମଧ ପାକିସ୍ଥାନ ଅପେକ୍ଷା ସ୍ୱାଧୀନ ଭାରତରେ ଅଧିକ ମୁସଲମାନ ବାସ କରୁଛନ୍ତି ।

ଭାରତ ୧୯୪୮ ରେ କାଶ୍ମୀର ବିଷୟ ମିଳିତ ଜାତିସଂଘର ନିରାପତ୍ତା ପରିଷଦରେ ଆଗତ କରିଥିଲା । ସେ ନିରାପତ୍ତା ପରିଷଦକୁ ପାକିସ୍ଥାନକୁ ସମସ୍ୟା ସମାଧାନ କରିବାକୁ ଆବଶ୍ୟକୀୟ ନିର୍ଦ୍ଦେଶ ଦେବା ପାଇଁ ଅନୁରୋଧ କରିଥିଲା । ପାକିସ୍ଥାନ ଦାବି କଲାଯେ ଭାରତରେ କାଶ୍ମୀରର ବିଲୟ ଅନିୟମିତ । ଅନ୍ୟ ପକ୍ଷରେ ନିରାପତ୍ତା ପରିଷଦର ପ୍ରସ୍ତାବ ଭାରତୀୟ ସେନାବାହିନୀର କାଶ୍ମୀର ରାଜ୍ୟକୁ ସୁରକ୍ଷା ଦେବା ଅଧିକାରକୁ ସ୍ୱୀକୃତି ଦେଇଥିଲା । ନିରାପତ୍ତା ପରିଷଦର ପ୍ରସ୍ତାବ ଉଭୟ ଭାରତ ଓ ପାକିସ୍ଥାନ ସର୍ତ୍ତ ପୂରଣ ନକରିବାରୁ କାର୍ଯ୍ୟକାରୀ ହୋଇପାରିଲା ନାହିଁ ।

ପୂର୍ବରୁ ଭାରତର ଏକ ଘୋଷଣା ଓ ଜାତିସଂଘ ପ୍ରସ୍ତାବ କଥା କହି, ପାକିସ୍ଥାନ କାଶ୍ମୀରର ଗଣଭୋଟ ମାଧ୍ୟମରେ ସ୍ୱୟଂ ନିର୍ଦ୍ଧାରଣ ଅଧିକାର କଥାରେ ଅଟଳ ରହିଛି । ଭାରତର ମତ ହେଲାଯେ ସେ ସମୟର ସ୍ୱାଧୀନତା ନୀତି ଅନୁଯାୟୀ ମହାରାଜାଙ୍କ ନିଷ୍ପତ୍ତି ଅନ୍ୟାନ୍ୟ କରଦୀୟ ରାଜ୍ୟ ପରି ସଠିକ୍ ଥିଲା । ଦୀର୍ଘ ସତୁରୀ ବର୍ଷର ନିର୍ବାଚନ ପରେ କାଶ୍ମୀର ଭାରତ ଏକ ଅଭିନ୍ନ ଅଙ୍ଗ ହୋଇଥିଲେ ମଧ୍ୟ କାଶ୍ମୀର ପ୍ରସଙ୍ଗ ବିବାଦୀୟ ହୋଇପଡିଛି । ଏଭଳି ରାଜନୈତିକ ମତଭେଦ ଯୋଗୁଁ ଏହି ବିବାଦ ଦୁଇ ଦେଶ ମଧରେ ୧୯୪୭ ଓ ୧୯୬୫ରେ ଯୁଦ୍ଧର ବିଷୟ ହୋଇଥିଲା ଏବଂ ୧୯୯୯ରେ ଏକ ସୀମିତ ସଂଘର୍ଷ କରାଇଥିଲା । କାଶ୍ମୀର ପ୍ରଦେଶ ନିୟନ୍ତ୍ରଣ ରେଖା ଯାହାକୁ ଆପୋଷ ବୁଝାମଣା ମାଧ୍ୟମରେ ୧୯୪୭ ରେ ଯୁଦ୍ଧବିରତି ରେଖା କୁହାଗଲା । ଭାରତ ଓ ପାକିସ୍ଥାନ, ଏକ ଇତିହାସରେ ଜଡିତ, ଭାଗ୍ୟ ବିପର୍ଯ୍ୟୟରୁ ବିଭାଜିତ ଦୁଇଟି ରାଷ୍ଟ୍ର, ଜ୍ୱଳନଶୀଳ ଉପତ୍ୟକା, କାଶ୍ମୀରର ସମସ୍ୟା ସମାଧାନ ପାଇଁ ଶାନ୍ତି ମାର୍ଗରେ ବହୁଦିନରୁ ଚାଲିବାକୁ ଚେଷ୍ଟା କରୁଛନ୍ତି ।

ଯେତେବେଳେ ଏହି ସମସ୍ୟା ମିଳିତ ଜାତିସଂଘରେ ଉଠିଲା, ଭାରତର ଯୁକ୍ତରାଷ୍ଟ୍ର ଆମେରିକା ଓ ଚୀନ୍ ସହ ସମ୍ପର୍କର ଏହା ଏକ ଗୁରୁତ୍ୱପୂର୍ଣ୍ଣ ନକାରାତ୍ମକ ଉପାଦାନ ହୋଇଗଲା । ୧୯୬୫ ମସିହାରେ ଦୁଇ ରାଷ୍ଟ୍ର ମଧରେ ଏକ ବିପଦପୂର୍ଣ୍ଣ ଯୁଦ୍ଧ ହୋଇଥିଲା । ସେତେବେଳେ ଶ୍ରୀଯୁକ୍ତ ଲାଲ ବାହାଦୁର ଶାସ୍ତ୍ରୀ ଭାରତର ପ୍ରଧାନମନ୍ତ୍ରୀ ଥିଲେ । ଏପ୍ରିଲ ୧୯୬୫ ରେ ପାକିସ୍ଥାନ ଗୁଜୁରାଟର କଚ୍ଛ ନିକଟରେ ଆକ୍ରମଣ କରିଥିଲା । ଏହା ପରେ ପରେ ଅଗଷ୍ଟ-ସେପ୍ଟେମ୍ବରରେ ଜାମ୍ମୁ କାଶ୍ମୀରରେ ଆହୁରି ଗୁରୁତର ଆକ୍ରମଣ ହୋଇଥିଲା । ପାକିସ୍ଥାନ ପ୍ରଶାସନ ସେଠାକାର ସ୍ଥାନୀୟ ଜନତାର ସହାୟତା ପାଇବା ଅଶା ରଖିଥିଲେ, କିନ୍ତୁ ତାହା ହେଲା ନାହିଁ । କାଶ୍ମୀର ସୀମାରୁ ଚାପ ହଟାଇବାପାଇଁ ଶାସ୍ତ୍ରୀଜୀ ଭାରତୀୟ ସେନାକୁ ପଞ୍ଜାବ ସୀମାରେ ଜବାବୀ ଆକ୍ରମଣ ପାଇଁ ନିର୍ଦ୍ଦେଶ ଦେଲେ । ଭୟଙ୍କର ଯୁଦ୍ଧରେ ଭାରତୀୟ ସେନା ଲାହୋର ପାଖାପାଖି ପହଞ୍ଚିଯାଇଥିଲେ । ମିଳିତ ଜାତିସଂଘର ହସ୍ତକ୍ଷେପ

ଯୋଗୁଁ ଯୁଦ୍ଧ ବନ୍ଦ ହୋଇଥିଲା । ୧୯୬୬ ମସିହା ଜାନୁଆରୀ ମାସରେ ଭାରତର ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀ ଓ ପାକିସ୍ଥାନର ସେନା ଶାସକ ଜେନେରାଲ ଆୟୁବ ଖାନ, ରୁଷିଆର ମଧ୍ୟସ୍ଥତାରେ, ତାଷକେଣ୍ଟ ଚୁକ୍ତିନାମାରେ ଦସ୍ତଖତ କରିଥିଲେ । ଯଦ୍ୟପି ୧୯୬୫ର ଯୁଦ୍ଧ ପାକିସ୍ଥାନର ପ୍ରଚୁର ସାମରିକ କ୍ଷତି ଘଟାଇଥିଲା, ତାହା ଭାରତର ଆର୍ଥିକ ସ୍ଥିତିକୁ ଆହୁରି ଖରାପ କରିଥିଲା ।

**ବାଙ୍ଗଲାଦେଶ ଯୁଦ୍ଧ-୧୯୭୧ :**

୧୯୭୦ ମସିହାର ପ୍ରାରମ୍ଭରୁ ପାକିସ୍ଥାନ ତାର ସର୍ବବୃହତ୍ ଅଭ୍ୟନ୍ତରୀଣ ସଂକଟର ସମ୍ମୁଖୀନ ହୋଇଥିଲା । ଦେଶର ପ୍ରଥମ ସାଧାରଣ ନିର୍ବାଚନ ଫଳାଫଳ ଅସ୍ପଷ୍ଟ ପରିଣାମ ଦେଇଥିଲା । ଜୁଲଫିକରଅଲୀଙ୍କ ଦଳ ପଶ୍ଚିମ ପାକିସ୍ଥାନରେ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲାବେଳେ ପୂର୍ବ ପାକିସ୍ଥାନରେ ଶେଖ ମୁଜିବୁର ରହମାନଙ୍କ ଆୱାମି ଲିଗ୍ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା । ପୂର୍ବ ପାକିସ୍ଥାନର ବଙ୍ଗାଳି ଜନସାଧାରଣ ଆୱାମି ଲିଗ୍‌କୁ ଭୋଟ୍‌ଦେଇ ପଶ୍ଚିମ ପାକିସ୍ଥାନ ଦ୍ୱାରା ସେମାନଙ୍କୁ ବହୁବର୍ଷ ଧରି ହେଉଥିବା ଦ୍ୱିତୀୟ ଶ୍ରେଣୀ ନାଗରିକ ଭଳି ବ୍ୟବହାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ପାକିସ୍ଥାନୀ ନେତାଗଣ ଗଣତାନ୍ତ୍ରୀକ ଫଳାଫଳକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ କିମ୍ବା, ଆ ?ମିଲିଗର ସଂଘୀୟ ରାଷ୍ଟ୍ର ଦାବିକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ ।

ବଦଳରେ, ୧୯୭୧ ପ୍ରାରମ୍ଭରେ , ପାକିସ୍ଥାନୀ ସେନା ଶେଖ ମୁଜିବଙ୍କୁ ବନ୍ଦୀ କଲା ଓ ପୂର୍ବ ପାକିସ୍ଥାନର ଲୋକଙ୍କ ଉପରେ ଜୁଲୁମର ଆତଙ୍କରାଜ ଖେଳାଇଦେଇଥିଲା । ଏହାର ପ୍ରତିକ୍ରିୟାରେ ଲୋକେ ବାଙ୍ଗଲାଦେଶକୁ ପାକିସ୍ଥାନଠାରୁ ସ୍ୱାଧୀନ କରିବା ପାଇଁ ଏକ ସଂଗ୍ରାମ ଆରମ୍ଭ କରିଥିଲେ । ୧୯୭୧ରେ ବର୍ଷସାରା ଭାରତ ପ୍ରାୟ ୮୦ ଲକ୍ଷ ଶରଣାର୍ଥୀଙ୍କର ବୋଝ ଉଠାଇଥିଲା, ଯେଉଁମାନେ ପୂର୍ବ ପାକିସ୍ଥାନରୁ ପଳାୟନ କରି ସୀମା ନିକଟବର୍ତ୍ତୀ ଅଞ୍ଚଳରେ ଶରଣ ନେଇଥିଲେ । ଭାରତ ବାଙ୍ଗଲାଦେଶ ମୁକ୍ତି ସଂଗ୍ରାମକୁ ନୈତିକ ଓ ବାସ୍ତବିକ ସହାୟତା ଦେଇଥିଲା । ଭାରତ ତାକୁ ବିଭକ୍ତ କରିଦେବାକୁ ଚେଷ୍ଟା କରୁଛି ବୋଲି ପାକିସ୍ଥାନ ଦୋଷାରୋପ କରିଥିଲା ।

ଚୀନ୍ ଓ ଆମେରିକା ପାକିସ୍ଥାନକୁ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ । ଭାରତ ସୋଭିଏଟ ସଂଘର ସଂପୂର୍ଣ୍ଣ ସହଯୋଗ ପାଇଥିଲା । ମାସମାସ ଧରି ଚାଲିଥିବା ଚାପ ଓ ସମର ସଜ୍ଜା ଶେଷରେ ଡିସେମ୍ବର ୧୯୭୧ ମସିହାରେ ଏକ ସଂପୂର୍ଣ୍ଣ ଯୁଦ୍ଧରେ ପରିଣତ ହେଲା । ପାକିସ୍ଥାନର ବୋମାବର୍ଷୀ ବିମାନ ପଞ୍ଜାବ ଓ ରାଜସ୍ଥାନରେ ଆକ୍ରମଣ କଲାବେଳେ ତା'ର ସେନବାହିନୀ ଜାମ୍ମୁ କାଶ୍ମୀରର ସୀମାରେ ପହଞ୍ଚିଲା । ପାଲଟା ଜବାବରେ ଭାରତ ତ୍ରୀସ୍ତରୀୟ– ଜଳ, ସ୍ଥଳ ଓ ଆକଶମାର୍ଗରୁ ଉଭୟ ପୂର୍ବ ଓ ପଶ୍ଚିମ ସୀମାରେ ଆକ୍ରମଣ କରିଥିଲା । ସ୍ଥାନୀୟ ଲୋକଙ୍କ ସହାୟତା ଓ ସ୍ୱାଗତ ଯୋଗୁଁ ଭାରତ ପୂର୍ବ ପାକିସ୍ଥାନରେ କ୍ଷୀପ୍ର ଗତିରେ ଆଗେଇଗଲା । ଦଶ ଦିନ ମଧ୍ୟରେ ଭାରତୀୟ ସେନାବାହିନୀ ଢାକାକୁ ତିନି ପାର୍ଶ୍ୱରୁ ଘେରିଗଲେ । ପାକିସ୍ଥାନ ସେନାର ପ୍ରାୟ ୯୦,୦୦୦ ସୈନ୍ୟ ଶରଣ ପଶିଲେ । ବାଙ୍ଗଲାଦେଶର ସ୍ୱାଧୀନତା ସହ ଭାରତ ଏକ ପାଖିଆ ଯୁଦ୍ଧ ବିରତି ଘୋଷଣା କରିଥିଲା । ପରେ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଓ ଜୁଲଫିକର ଅଲି ଭୁଟ୍ଟୋ ୩ ଜୁଲାଇ ୧୯୭୨ ମସିହାରେ ଶିମଳା ଶାନ୍ତି ସନ୍ଧି ଦସ୍ତଖତ କରିବାପରେ ଔପଚାରିକ ଶାନ୍ତି ଆସିଲା ।

ଯୁଦ୍ଧରେ ଏକ ନିର୍ଣ୍ଣାୟକ ବିଜୟ ଜାତୀୟ ଉଲ୍ଲାସ ଆଣିଥିଲା । ଭାରତର ବହୁ ଲୋକ ଏହାକୁ ଗୌରବପୂର୍ଣ୍ଣ ମୁହୂର୍ତ୍ତ ଭାବରେ ଓ ଭାରତର କ୍ରମବର୍ଦ୍ଧିଷ୍ଣୁ ସାମରିକ ନିପୁଣତାର ସୂଚକ ଭାବରେ ପରିଗଣିତ କଲେ । ଭାରତ ତାର ସୀମିତ ସଂସାଧନ ସତ୍ତ୍ୱେ ବିକାଶ ଯୋଜନା ଆରମ୍ଭ କରିଥିଲା । କିନ୍ତୁ ପଡୋଶୀ ଦେଶ ମାନଙ୍କ ସହ ବିବାଦରୁ ତାର ପଞ୍ଚବାର୍ଷିକ ଯୋଜନା ପଥହରା ହେଲା । ସ୍ୱଳ୍ପ ସଂସାଧନ ପ୍ରତିରକ୍ଷା କାର୍ଯ୍ୟରେ ନିୟୋଜିତ ହେଲା, ବିଶେଷକରି ୧୯୬୨ ମସିହା ପରଠାରୁ ଭାରତ ସେନାର ଆଧୁନିକିକରଣ ଦିଗରେ ଆଗେଇଲା । ପ୍ରତିରକ୍ଷା ଉତ୍ପାଦନ ବିଭାଗ ନଭେମ୍ବର ୧୯୬୨ରେ, ପ୍ରତିରକ୍ଷା ଯୋଗାଣ ବିଭାଗ ନଭେମ୍ବର ୧୯୬୫ ରେ ସ୍ଥାପିତ ହୋଇଥିଲା । ତୃତୀୟ ପଞ୍ଚବାର୍ଷିକ ଯୋଜନା(୧୯୬୧-୬୬) ପ୍ରଭାବିତ ହୋଇଥିଲା । ତା ପରେ ତିନୋଟି ବାର୍ଷିକ ଯୋଜନା କରାଗଲା । ଚତୁର୍ଥ ପଞ୍ଚବାର୍ଷିକ ଯୋଜନା ୧୯୬୯ ରେ ଆରମ୍ଭ କରାଗଲା । ଭାରତର ପ୍ରତିରକ୍ଷା ଖର୍ଚ୍ଚ ବହୁଳ ଭାବରେ ବୃଦ୍ଧି ପାଇଥିଲା ।

ଜାମ୍ମୁ କାଶ୍ମୀର ବିବାଦ ବ୍ୟତିତ ଭାରତ ପାକିସ୍ଥାନ ମଧ୍ୟରେ ଆହୁରି ଅନେକ ଉତ୍ତେଜକ ବିଷୟ ଅଛି । ସେ ମଧ୍ୟରୁ ନିମ୍ନରେ କିଛି ଉଦାହରଣ ଦିଆଗଲା ।

**ସିଆଚେନ ହିମବାହ:** ସିଆଚେନ ହିମସ୍ରୋତ ନିକଟରୁ ଭାରତୀୟ ସୈନ୍ୟଙ୍କୁ ହଟାଇବା ପାଇଁ ପାକିସ୍ଥାନ ଦାବି କରୁଛି । ଯେହେତୁ ସିଆଚେନ ପ୍ରତିରକ୍ଷା ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ସେଥିପାଇଁ ଭାରତ ସେ ଦାବି ମାନିବାକୁ ରାଜି ନୁହଁ । ତାକୁ ଅସାମରିକ କ୍ଷେତ୍ର ଭାବରେ ଘୋଷଣା କରିବାକୁ ପ୍ରସ୍ତାବ ଆସିଥିଲା । ଭାରତ ଓ ପାକିସ୍ଥାନ ୧୯୯୨ରେ ସେହି ପ୍ରସ୍ତାବକୁ ଆପାତତଃ ଗ୍ରହଣ କରିଥିଲେ । ସିଆଚେନ ଚୁକ୍ତି ଅନୁଯାୟୀ- ନୂଆ ଅକ୍ତିଆରରୁ ପରସ୍ପର ସୈନ୍ୟ ଅପସାରଣ, ସଂପୂର୍ଣ୍ଣ ବେସାମରିକ ଅଞ୍ଚଳର ସୃଷ୍ଟି ଏବଂ ସଂପୂର୍ଣ୍ଣ ଶାନ୍ତି ଓ ପ୍ରଶାନ୍ତ ଅଞ୍ଚଳର ନକ୍ସାଦ୍ୱାରା ଚିହ୍ନଟ ଇତ୍ୟାଦି-ପ୍ରସ୍ତାବ ଥିଲା । ପ୍ରସ୍ତାବ କୌଣସି ବିଧିବଦ୍ଧ ଚୁକ୍ତି ହେବାପୂର୍ବରୁ ବନ୍ଦ ହୋଇଯାଇଥିଲା ।

**ତୁଲବୁଲ / ଉଲ୍ଲାର ଯୋଜନା:** ଏହା ଭାରତ ଓ ପାକିସ୍ଥାନ ମଧ୍ୟରେ ଆଉ ଏକ ସମସ୍ୟା । ଜାମ୍ମୁ କାଶ୍ମୀର ରେ ଉଲ୍ଲାର ହ୍ରଦର ତଳ ଶଯ୍ୟାରେ ଝେଲମ୍ ନଦୀ ଉପରେ ବ୍ୟାରେଜ ନିର୍ମାଣ କରିବାକୁ ଭାରତ ଚାହିଁଥିଲା । ନଦୀ ଗର୍ଭରେ ଉଲ୍ଲାର ଠାରୁ କାଶ୍ମୀରର ବାରମୁଲା ପର୍ଯ୍ୟନ୍ତ ପ୍ରାୟ ୨୦ କିଲୋମିଟର ଦୀର୍ଘ ଅଞ୍ଚଳରେ ନୌଚାଳନା ସୁବିଧା ସୃଷ୍ଟି କରିବାର ଉଦ୍ଦେଶ୍ୟ ଥିଲା । ୧୯୮୪ ମସିହାରେ କାମ ଆରମ୍ଭ ହୋଇଥିଲା । ୧୯୮୭ ରେ ପାକିସ୍ଥାନ ଯୋଜନାଟିକୁ ୧୯୬୦ ମସିହାର ଭାରତ-ପାକ ସିନ୍ଧୁନଦୀ ଜଳ ସନ୍ଧିର ଉଲ୍ଲଘନ କହି ବିରୋଧ କରୁଛି ।

**ସାର୍ ଉପସାଗର ସମସ୍ୟା (Sir Creek Problem):** ସାର କ୍ରୀକ ଗୁଜୁରାଟର କଚ୍ଛ ମରୁଭୂମିର ଏକ ଅଂଶ । ଏହା ୬୦ କିଲୋମିଟର ଦୀର୍ଘ ନଦୀ ମୁହାଣ । ପୂର୍ବଭାଗ ଭାରତର ଗୁଜୁରାଟ ଓ ପଶ୍ଚିମ ଭାଗ ପାକିସ୍ଥାନର ସିନ୍ଧୁ ପ୍ରଦେଶ ଅନ୍ତର୍ଗତ । ସାର୍ ଉପସାଗରର ସୀମାରେଖା ନିଶ୍ଚିତ କରିବା ଭାରତ ଓ ପାକିସ୍ଥାନର ମୁଣ୍ଡବ୍ୟଥାର କାରଣ । ପାକିସ୍ଥାନ ଏହାକୁ ସିନ୍ଧୁ ପ୍ରଦେଶର ଅଂଶ କହୁଛି । ଭାରତୀୟ ମତରେ ଅନ୍ତରାଷ୍ଟ୍ରୀୟ ନଦୀର ମଧ୍ୟଭାଗର

ସର୍ବନିମ୍ନ ଭୂସ୍ତରରୁ ସୀମା ନିର୍ଦ୍ଧାରଣ କରାଯାଇଥାଏ । ଉଭୟ ଦେଶ ପରସ୍ପର ମତରେ ଅଟଳ ରହିଛନ୍ତି । ବିବାଦ ଜାରି ରହିଛି ।

**ଅସ୍ତ୍ର ପ୍ରତିଯୋଗିତା:** ବିକଶିତ ରାଷ୍ଟ୍ରଗୁଡିକ ଭାରତୀୟ ଉପମହାଦେଶ ମଧ୍ୟରେ ହେଉଥିବା ଭୟଙ୍କର ଅସ୍ତ୍ର ଦୌଡ ବିଷୟରେ ବିଶେଷ ଚିନ୍ତା ପ୍ରକଟ କରୁଛନ୍ତି । ଭାରତ ତାର ପ୍ରଥମ ପରମାଣୁ ପରୀକ୍ଷଣ ୧୯୭୪ ରେ କରିଥିଲା । ତାପରେ ପାକିସ୍ଥାନ ତାର ପରମାଣୁ କ୍ଷମତା ଗୁପ୍ତଭାବରେ ବୃଦ୍ଧି କରିବାରେ ଲାଗିଛି ।

**ଆତଙ୍କବାଦ ଓ ନିଶାଦ୍ରବ୍ୟ କାରବାର:** ଆତଙ୍କବାଦୀ କାର୍ଯ୍ୟକଳାପ କୁ ସହାୟତା କରି ପାକିସ୍ଥାନ ସର୍ବଦା କାଶ୍ମୀରରେ ଛାୟାଯୁଦ୍ଧ ଜାରି ରଖିଛି । ଭାରତ ସେହି ବିଷୟ ପ୍ରତି ଅନ୍ତର୍ଜାତିକ ସମାଜର ଦୃଷ୍ଟି ଆକର୍ଷଣ କରିଛି । ପାକିସ୍ଥାନ ସହ ସମ୍ପର୍କରେ ଆତଙ୍କବାଦ ଆମର ମୌଳିକ ଚିନ୍ତାର ବିଷୟ ଏବଂ ଏହାକୁ ପାକିସ୍ଥାନର ସର୍ବୋଚ୍ଚ ସ୍ତରରେ ଉଠାଇଛୁ । ଭାରତ ପାକିସ୍ଥାନଠାରୁ ବିଭିନ୍ନ ଚୁକ୍ତି ଓ ରାଜିନାମା ମାଧ୍ୟମରେ ପାଇଥିବା ପ୍ରତିଶ୍ରୁତିର ପାଳନ କରି ତାର ଅକ୍ତିଆରରେ ଥିବା କାଶ୍ମୀର ଅଞ୍ଚଳରେ ଭାରତ ବିରୁଦ୍ଧ ଆତଙ୍କବାଦୀ ଓ ଅନ୍ୟାନ୍ୟ କାର୍ଯ୍ୟକଳାପକୁ ପ୍ରୋତ୍ସାହନ ନ ଦେବାକୁ ଅନୁରୋଧ କରୁଛୁ ।

କାଶ୍ମୀର ବିବାଦ ଭାରତ ଓ ପାକିସ୍ଥାନ ସରକାର ମଧ୍ୟରେ ସହଯୋଗକୁ ପ୍ରତିରୋଧ କରିନାହିଁ । ଯେଉଁ ମହିଳାମାନେ ବିଭାଜନ ସମୟରେ ଅପହରଣ ହୋଇଥିଲେ ସେମାନଙ୍କୁ ସେମାନଙ୍କର ପରିବାର ପାଖରେ ପହଞ୍ଚାଇବା ପାଇଁ ଉଭୟ ସରକାର ମିଳିତ ଭାବରେ କାର୍ଯ୍ୟ କରିଥିଲେ । ଏକ ଦୀର୍ଘକାଳୀନ ନଦୀଜଳ ବଂଟନ ବିବାଦ ବିଶ୍ୱବ୍ୟାଙ୍କ ମଧ୍ୟସ୍ଥତାରେ ସମାଧାନ ହୋଇଥିଲା । ଭାରତ-ପାକିସ୍ଥାନ ସିନ୍ଧୁନଦୀ ଜଳ ଚୁକ୍ତି ପ୍ରଧାନମନ୍ତ୍ରୀ ନେହେରୁ ଓ ଜେନେରାଲ ଆୟୁବ ଖାଁ'ଙ୍କ ମଧ୍ୟରେ ୧୯୬୦ରେ ଦସ୍ତଖତ ହୋଇଥିଲା । ଭାରତ ଓ ପାକିସ୍ଥାନ ମଧ୍ୟରେ ଥିବା ସମ୍ପର୍କ ଉଠିବା ପଡିବା ସତ୍ତ୍ୱେ ଚୁକ୍ତିଟି ଭଲରେ କାର୍ଯ୍ୟକାରୀ ହୋଇଛି ।

**ଏକ ସାମଗ୍ରୀକ ସଂଳାପ:** ୨୦୦୪ ମସିହାରୁ ୨୦୦୮ ଯାଏଁ ଭାରତ ଓ ପାକିସ୍ଥାନ ମଧ୍ୟରେ ବାକିଥିବା ସମସ୍ତ ବିଷୟରେ ଏକ ସାମଗ୍ରୀକ ଚର୍ଚ୍ଚା ହୋଇଥିଲା । ସେହି ବାର୍ତ୍ତାଳାପର ଚତୁର୍ଥ ପର୍ଯ୍ୟାୟ ସରିଥିଲା । ପଞ୍ଚମ ପର୍ଯ୍ୟାୟ ଆଲୋଚନା ଚାଲିଥିବା ବେଳେ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଯୋଗୁଁ ସ୍ଥଗିତ ରଖାଗଲା । ସେହି ବାର୍ତ୍ତାଳାପର ଉପଲବ୍ଧି ମଧ୍ୟରୁ କେତୋଟି ଭରଷା ଉଦ୍ରେକକାରୀ ଉପାୟ ର ଉଦାହରଣ ଥିଲା; ବସ୍ ଓ ରେଳ ସେବା ମାଧ୍ୟମରେ ଦୁଇ ଦେଶର ଲୋକଙ୍କ ମଧ୍ୟରେ ମିଳାମିଶାର ସୁଯୋଗର ବୃଦ୍ଧି; ୧୬ ବର୍ଷ ପରେ ଦ୍ୱିପାକ୍ଷୀୟ ମିଳିତ ଆୟୋଗର ପୁନର୍ଜାଗରଣ; ପରସ୍ପର ଦେଶ ଜେଲରେ ହଇରାଣ ହେଉଥିବା ସାଧାରଣ ନାଗରିକ ଓ ମତ୍ସ୍ୟଜିବୀ ଙ୍କ ମାନବିକ ଅଧିକାର ବିଷୟ ସମାଧାନ ପାଇଁ ଏକ ନ୍ୟାୟିକ କମିଟିର ସ୍ଥାପନା ; ୨୦୦୪-୨୦୦୮ ମଧ୍ୟରେ ପାରସ୍ପରିକ ବ୍ୟାପାରରେ ୫୫୦ ପ୍ରତିଶତ ବୃଦ୍ଧି, ମୂଲ୍ୟ ହିସାବରେ US $ ୩୪୪.୫ ନିୟୁତରୁ US $ ୨.୨୩ ହଜାର କୋଟିକୁ ବୃଦ୍ଧି ।

**ବ୍ୟାପାର ସ୍ୱାଭାବିକିକରଣ:** ଉଭୟ ପକ୍ଷର ବ୍ୟାପାରୀ ଗୋଷ୍ଠୀର ଭରସା ବଢାଇବାକୁ ଭାରତର ବ୍ୟାପାର ନିୟନ୍ତ୍ରକ ସଂସ୍ଥା ଭାରତ ଓ ପାକିସ୍ଥାନରେ ଛାମୁଆ ବ୍ୟାପାର ଓ ବାଣିଜ୍ୟିକ ସଂଗଠନର ପ୍ରତିନିଧିମାନଙ୍କୁ ଭେଟି ବ୍ୟାପାର ନିୟନ୍ତ୍ରଣ, ମାନକ, ନାମପଟି ଓ ବିକ୍ରୟ ଆବଶ୍ୟକତା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ । ଦୁଇ

ଦେଶ ତିନୋଟି ଚୁକ୍ତିରେ ଦସ୍ତଖତ କରିଥିଲେ: ସୀମାଶୁଳ୍କ ସହଯୋଗ ଚୁକ୍ତି, ପାରସ୍ପରିକ ଅଙ୍ଗୀକାର ଚୁକ୍ତି, ବ୍ୟାପାର ଅଭିଯୋଗ ନିରାମୟ ଚୁକ୍ତି ।

**ବ୍ୟାପାର ବୃଦ୍ଧିପାଇଁ ଢାଞ୍ଚାଗତ ସଂରଚନା :** ଭାରତର ଗୃହମନ୍ତ୍ରୀ, ପାକିସ୍ଥାନ ଓ ଭାରତର ବାଣିଜ୍ୟ ମନ୍ତ୍ରୀ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଏବଂ ଉଭୟ ଦେଶର ପଞ୍ଜାବ ପ୍ରଦେଶର ମୁଖ୍ୟମନ୍ତ୍ରୀ ମାନଙ୍କ ଉପସ୍ଥିତିରେ ୧୩ ଏପ୍ରିଲ ୨୦୧୨ ଅଟ୍ଟାରି ଠାରେ ସମନ୍ୱିତ ତନଖୀ ଫାଟକର (ICP- Integrated Check Post) ଶୁଭାରମ୍ଭ କରିଥିଲେ । ବାଣିଜ୍ୟ ଓ ଯାତାୟାତ ସୁବିଧା ପାଇଁ ଅଟ୍ଟାରି ତନଖି ଫାଟକ (ICP) ଅତି ଉନ୍ନତତର ଢାଞ୍ଚା ଯୋଗାଇଥାଏ । ୧୧୮ ଏକର ପରିବ୍ୟାପ୍ତ, ଏଥିରେ ଯାତ୍ରୀ ସୁବିଧାଗାର ୯୬୦୦ ବର୍ଗ ମିଟର, ସମର୍ପିତ ପଣ୍ୟାଗାର ୪,୭୦୦ ବ.ମି. ଏବଂ ଅଲଗା ଅଲଗା ଆମଦାନି ଓ ରପ୍ତାନି ଗୋଦାମ ଯାହାର ଆକାର ୧୦,୦୦୦ ବର୍ଗ ମିଟର । ତା ସହିତ ୫୦,୦୦୦ ବ.ମି. ପରିବ୍ୟାପ୍ତ ଟ୍ରକ୍ ଇତ୍ୟାଦି ଯାନବାହାନ ରଖିବା ସ୍ଥାନ ଓ ଭବିଷ୍ୟତରେ ବୃଦ୍ଧି ସହିତ ତାଳ ଦେବାପାଇଁ ଆହୁରି ସେତିକି ବିଶାଳ ସ୍ଥାନ ରଖାଯାଇଛି । ଅତି ନିକଟରେ ପାକିସ୍ଥାନର ବିଭିନ୍ନ ସମୁଦାୟ ଆହୁରି ସ୍ଥଳପଥ ରାସ୍ତା ଯଥା: ମୁନାବାଓ–ଖୋଖ୍ରାପାର ରାସ୍ତା ଖୋଲିବା ସପକ୍ଷରେ ମତ ଦେଇଛନ୍ତି ।

**ଅନ୍ୟାନ୍ୟ ପ୍ରଚେଷ୍ଟା :** ଉଭୟ ରାଷ୍ଟ୍ରର ଶିଳ୍ପୋଦ୍ୟୋଗୀଙ୍କ ପ୍ରତିନିଧି ଓ ଅମଲା, ବିଦ୍ୟୁତ ଶକ୍ତି, ପେଟ୍ରୋଲ ଉତ୍ପାଦନ ଓ ତରଳିକୃତ ପ୍ରାକୃତିକ ବାଷ୍ପ ବ୍ୟାପାର ପାଇଁ କଥାବାର୍ତ୍ତା କରିଛନ୍ତି । ଉଭୟ ରାଷ୍ଟ୍ରର କେନ୍ଦ୍ରୀୟ ବ୍ୟାଙ୍କର କର୍ମଚାରୀ ଭେଟି ବ୍ୟାଙ୍କ କାରବାର କ୍ଷେତ୍ରରେ ସହଯୋଗ ବିଷୟରେ ଆଲୋଚନା କରିଥିଲେ । ଭାରତ ସରକାରଙ୍କ ଦ୍ୱାରା ପାକିସ୍ଥାନରୁ ପୁଞ୍ଜିନିବେଶ ସହମତି ଘୋଷଣା (୨୦୧୨) କୁ ପାକିସ୍ଥାନ ସ୍ୱାଗତ କରିଛି । ୟୁରୋପିଆନ ୟୁନିଅନ ର ବ୍ୟାପାର ରିହାତି ସୁବିଧା ହାସଲରେ ଭାରତୀୟ ସମର୍ଥନକୁ ମଧ୍ୟ ପାକିସ୍ଥାନ ପ୍ରଶଂସା କରିଛି ।

## ନିକଟରେ ହୋଇଥିବା ଅଗ୍ରଗତି :

**ଚୀନ୍-ପାକିସ୍ଥାନ ସହ ଆଚରଣ :** ଏକଦା ଇନ୍ଦିରା ଗାନ୍ଧୀ କହିଥିଲେଯେ ସେ ଭବିଷ୍ୟତରେ ପାକିସ୍ଥାନ ସହ ସ୍ୱାଭାବିକ ବା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସମ୍ଭାବନାକୁ ଚିନ୍ତା କରିପାରୁଛନ୍ତି । କିନ୍ତୁ ଚୀନ୍ ସମ୍ପର୍କରେ ସେହି ଆଶା ପୋଷଣ କରିପାରୁନାହାନ୍ତି କାରଣ ଚୀନ୍ ବସ୍ତୁତଃ ଏକ ବିସ୍ତାରବାଦୀ ଶକ୍ତି । ସଦ୍ୟତମ ଘଟଣାବଳୀ ତାଙ୍କର ଅନୁଶୀଳନ ଓ ଭାବନାକୁ ପ୍ରମାଣିତ କରୁଛି ।

ପାକିସ୍ଥାନ ବାବଦରେ ଏହା କୁହାଯାଇପାରେ ଯେ, ଏହା ସର୍ବଜନବିଦିତ ଯେ ସେଠାକାର ସାମରିକ ପ୍ରଶାସନ ଭାରତ ସହ ସମ୍ପର୍କ ସୁଧାରର ସବୁଠୁ ବଡ ବିରୋଧୀ । ପ୍ରକୃତରେ, ଯାହା ଜଣାପଡୁଛି ଭାରତ ଓ ପାକିସ୍ଥାନ ମଧ୍ୟରେ ଉତ୍ତେଜନା କ ଏମ ରଖିବାରେ ତାର ଏକ ନିହିତ ସ୍ୱାର୍ଥ ରହିଛି । ଭାରତ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ପାକିସ୍ଥାନର ଆବଶ୍ୟକାତାରୁ ବହୁ ବିଶାଳକାୟ ସାମରିକ ବାହିନୀର ଉପସ୍ଥିତିର ଭିତ୍ତିକୁ ଦୁର୍ବଳ କରିଦେବ । ସେମାନେ ନିରାପତ୍ତା ନୀତି, ଆଫଗାନିସ୍ତାନ ଓ ଭାରତ ସମ୍ବନ୍ଧୀୟ ନୀତି ଏବଂ ପରମାଣୁ ଅସ୍ତ୍ରଶସ୍ତ୍ର ନୀତି ଉପରେ ନିୟନ୍ତ୍ରଣ ହରାଇବେ । ଅନ୍ୟ ଶବ୍ଦରେ, ସାମରିକ ପ୍ରଶାସନ ରାଜନୈତିକ ପ୍ରଶାସନର ସହାୟକ ହୋଇଯିବ, ଯାହାଫଳରେ ସେମାନେ କେବଳ ସେମାନଙ୍କର ଗୁରୁତ୍ୱ ହରାଇବେ ନାହିଁ, ତାଙ୍କର ସ୍ୱ କୃତ ଲୋକଙ୍କର ଏକମାତ୍ର ରକ୍ଷାକର୍ତ୍ତାର ଛବି ମଧ୍ୟ ଧୂମିଳ ପଡିଯିବ । ଏଥିପାଇଁ ପାକିସ୍ଥାନ ସେନାପାଇଁ ଭାରତ ସହ ସମ୍ପର୍କ ସ୍ୱାଭାବିକ ନହେବା ବୁଦ୍ଧିମତ୍ତାର ପରିଚାୟକ ।

**ସମ୍ପର୍କ ସୁଧାର ପାଇଁ ସହମତି :** ପକ୍ଷ୍ୟାନ୍ତରେ, ପାକିସ୍ଥାନର ମୁଖ୍ୟ ବିରୋଧୀ ଦଳମାନଙ୍କର ନିର୍ବାଚନୀ ଇସ୍ତାହାର ଅନୁଧ୍ୟାନ କଲେ ଜଣାପଡେ ଯେ ସେଠାରେ ସମ୍ପର୍କ ସୁଧାର ସପକ୍ଷରେ ରାଜନେତାମାନଙ୍କର ମତ ବୃଦ୍ଧି ପାଉଛି । ନିର୍ବାଚନୀ ଇସ୍ତାହାର ରେ ଭାରତ-ବିରୋଧୀ ଶବ୍ଦର ବ୍ୟବହାର ହେଉନାହିଁ ଏବଂ ସେମାନେ ଭାରତ ସହ ଶାନ୍ତି ବୃଦ୍ଧି ପାଇଁ ଇଚ୍ଛୁକ ତା'ର ସୂଚନା ଦେଉଛନ୍ତି । ନୱାଜ ସରିଫ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଘୋଷଣା କରିଥିଲେ ଯେ ଭାରତ ପାକିସ୍ଥାନ ମଧ୍ୟରେ ସମସ୍ତ ବ୍ୟାପାରିକ ରାସ୍ତା ଉନ୍ମୁକ୍ତ କରିଦେବେ । ନିର୍ବାଚନ ଜିଣିଲା ପରେ ମଧ୍ୟ ସେ ଭାରତ ସହିତ ଆହୁରି ଭଲ ସମ୍ପର୍କ କଥା କହିଥିଲେ, ଯାହାକୁ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ସ୍ୱାଗତ କରିଥିଲେ । ଇମ୍ରାନ ଖାଁ ଙ୍କର ଦଳ ମଧ୍ୟ କ୍ରମୋନ୍ନତିଶୀଳ ସମ୍ପର୍କ ସୁଧାର କଥା କହୁଛି । ଏହା ସୂଚାଇଦେଉଛି ଯେ ମୁଖ୍ୟ ରାଜନୈତିକ ଧାରା ଭାରତ ସହ ସମ୍ପର୍କ ସୁଧାରରେ ଆବଶ୍ୟକସ୍ଥଳେ ସେନାର ମୁକାବିଲା କରିପାରିବ । ସେପରି ସେମାନେ କରିପାରିବେ କି ନାହିଁ ସମୟ କହିବ । ଅତି କମ୍‌ରେ ସେମାନେ ସର୍ବସମ୍ମୁଖରେ ସେମାନଙ୍କର ଇଚ୍ଛା ଜଣାଇଛନ୍ତି । ବର୍ତ୍ତମାନ ପାକିସ୍ଥାନର ପରିସ୍ଥିତି ଯୋଗୁଁ କିଛି ସଠିକ୍ କହିହେବନାହିଁ ।

ଉପରୋକ୍ତ ଆଲୋଚନାରୁ ଆମେ କହି ପାରିବା କି ପାକିସ୍ଥାନିମାନେ ଭାରତ ସେମାନଙ୍କ ବିରୁଦ୍ଧରେ କୌଣସି ବିଦ୍ୱେଷ ରଖିନାହିଁ ଓ ସେମାନଙ୍କ କୌଣସି ଭୟ କରିବାର କାରଣ ନାହିଁ – ଏଭଳି ଚିନ୍ତାଧାରା ଅଛି । ପାକିସ୍ଥାନର ଜନମତ ସର୍ଭେରୁ ଜଣାପଡେଯେ ଭାରତ ସେମାନଙ୍କପାଇଁ ସବୁଠୁ ଚିନ୍ତାଦାୟକ ବିଷୟ ନୁହେଁ । ସେମାନେ ଜାଣିସାରିଲେଣି ଯେ ସେମାନଙ୍କ ଦେଶ ଅଭ୍ୟନ୍ତରର ଶକ୍ତିଗୁଡିକ ଯେଉଁମାନଙ୍କୁ ତାଙ୍କର ନିଜ ସଂସ୍ଥାମାନେ ପ୍ରତିପୋଷଣ କରୁଛନ୍ତି ସେଇମାନେ ପାକିସ୍ଥାନକୁ ଖଣ୍ଡବିଖଣ୍ଡିତ କରୁଛନ୍ତି । ବ୍ୟାପରୀ ଗୋଷ୍ଠୀ (ନୱାଜ ସରିଫ ମଧ୍ୟ ଜଣେ ବେପାରୀ) ନିଶ୍ଚିତ ଭାବରେ ଭାରତ ସହିତ ବାଣିଜ୍ୟ ଓ ବ୍ୟାପାର ସୁଯୋଗ ହାସଲ କରିବାପାଇଁ ଇଚ୍ଛା କରୁଛନ୍ତି । ପାକିସ୍ଥାନ ଆଜି ପର୍ଯ୍ୟନ୍ତ ଭାରତକୁ ଅତି ପ୍ରିୟ ରାଷ୍ଟ୍ର ମାନ୍ୟତା ଦେଇନାହିଁ । କିନ୍ତୁ ଉଭୟ ପଟର ଘୋଷଣାରୁ ତାହା ଅନୁମେୟ । ପାକିସ୍ଥାନର ବହୁ ଲୋକ ଅନୁଭବ କଲେଣି ଯେ ତାଙ୍କର ଚୀର ସାଥୀ ଚୀନ୍ ସର୍ବଦା ତାଙ୍କୁ ବିପଦରୁ ମୁକ୍ତ କରିପାରିବନାହିଁ । ସେମାନଙ୍କର ଭୁଷୁଡି ପଡୁଥିବା ଅର୍ଥନୀତିକୁ ସକ୍ଷମ କରିବାକୁ ହେଲେ ଭାରତର ସହାୟତା ନିଶ୍ଚୟ ନେବାକୁ ପଡିବ । ବଡ ପ୍ରଶ୍ନ ହେଉଛି, ସେମାନେ ତାଙ୍କ ଦେଶରୁ ପ୍ରାୟୋଜିତ ହେଉଥିବା ଆତଙ୍କବାଦୀ ମାନଙ୍କୁ କେମିତି ଭାରତ ବିରୋଧୀ କାର୍ଯ୍ୟକଳାପରୁ ପ୍ରତିହତ କରାଇବେ ।

**ବର୍ଦ୍ଧିଷ୍ଣୁ ଆକ୍ରମଣାତ୍ମକତା :** ତାର ବିପରୀତ, ଚୀନ୍ ବହୁଧା ଆକ୍ରମଣାତ୍ମକ ହୋଇଯାଇଛି । ଚୀନ୍‌ର ଦୁଇ ଦଶନ୍ଧି ଧରି ହୋଇଥିବା ଅର୍ଥନୈତିକ ପ୍ରଗତି ଯୋଗୁଁ ଚୀନ୍ ଅନୁଭବ କରୁଛି ଯେ ସେ ସାରା ପୃଥିବୀ ସହ ମୁକାବିଲା କରିବାକୁ ସକ୍ଷମ ଅଟେ । ତା'ର ଏଭଳି ଦାମ୍ଭିକତା ଦକ୍ଷିଣ ଚୀନ ସାଗର, ସେଂକାକୁ / ଦିଆୟୁ ଦ୍ୱୀପ ସମୂହରେ ତା'ର କାର୍ଯ୍ୟକଳାପରୁ ଓ ତା'ର ପଡୋଶୀ ରାଷ୍ଟ୍ରଗୁଡିକ ସହ ଜଳ ସମସ୍ୟା ବିଷୟରେ ଆଲୋଚନା କରିବାକୁ ଅନିଚ୍ଛା ଇତ୍ୟାଦିରୁ ଏହା ପରିଲକ୍ଷିତ ହେଉଛି । ବିଶ୍ୱ ଅର୍ଥନୀତିରେ ତାର ବର୍ଦ୍ଧିତ ତାକତକୁ ଚୀନ୍ ନିଜ ସ୍ୱାର୍ଥସାଧନ ପାଇଁ ଅନ୍ୟମାନଙ୍କ ଉପରେ ଲଦିବାକୁ ଚେଷ୍ଟା କରୁଛି । ସେ ୟୁଆନକୁ (ଚୀନ୍‌ର ମୁଦ୍ରା) ବିଶ୍ୱ ବାଣିଜ୍ୟର ବୈକଳ୍ପିକ ମୁଦ୍ରା ଭାବରେ ଗ୍ରହଣ କରାଇବାକୁ ଚେଷ୍ଟା କରୁଛି । ଯୁକ୍ତରାଷ୍ଟ୍ରର ଡଲାରକୁ ଉପେକ୍ଷା କରି, ଅଷ୍ଟ୍ରେଲିଆ ସହ ଚୁକ୍ତି କରି ସିଧା ୟୁଆନ ଓ ତା'ର ଡଲାର୍ ରେ ବ୍ୟାପାର ବିନିମୟ କରିଛି । ଏହା ଚୀନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ।

ଭାରତ ସହ ସମ୍ପର୍କରେ ଚୀନ୍‌ର କୁଟିଳ ମନୋଭାବର ଉଦାହରଣ ବହୁତ ଅଛି । ପାକିସ୍ଥାନ ଅଧିକୃତ କାଶ୍ମୀରରେ ହଜାର ହଜାର ଚୀନ୍ ସୈନ୍ୟମାନଙ୍କର ମୁତୟନ, ବାସ୍ତବିକ ସୀମା ରେଖା ଭିତରକୁ ବାରମ୍ବାର

ଅନଧିକାର ପ୍ରବେଶ ଇତ୍ୟାଦି । ଏଭଳି ମନୋଭାବର ନିଦର୍ଶନ ହେଲା ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଏକ ତରଫା ଘୋଷଣା ଯେ ଭାରତ ସହିତ ଥିବା ସୀମା ବିବାଦ ଏତେ ଶୀଘ୍ର ଠିକ ହୋଇପାରିବନାହିଁ । ତା'ର ଅର୍ଥ ହେଲା ଆସନ୍ତା କିଛି ବର୍ଷରେ ସମାଧାନ ହେବାର ସମ୍ଭାବନା ନାହିଁ ।

ତେଣୁ ଦିଲ୍ଲୀ ଗସ୍ତରେ ଥିବା ଚୀନ୍ କର୍ମଚାରୀଙ୍କ କଥିତ ଘୋଷଣା ଯେ ସୀମା ବିବାଦ ବିଷୟରେ ଚୀନ୍ ଏକ ରୂପରେଖ ଉପରେ ରାଜିନାମା ପାଇଁ ଦୃଷ୍ଟି ଦେବ, ଏହାକୁ ମନରେ ରଖିବାକୁ ପଡିବ । ଅନ୍ତର୍ଜାତୀୟ ସ୍ତରରେ ଜଳବାୟୁ ପରିବର୍ତ୍ତନ ଭଳି ବିଷୟଗୁଡିକରେ ଭାରତ-ଚୀନ୍ ସହଯୋଗର ଆବଶ୍ୟକତା ବିଷୟରେ ଚୀନ୍ ବାରମ୍ବାର ଏଭଳି କୋଳାହଳ କରିଚାଲିଥିବ କିନ୍ତୁ ମିଳିତ ଜାତିସଂଘର ନିରାପତ୍ତା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ଅଭିଳାଷକୁ ଦୃଢଭାବରେ ବିରୋଧ କରିଚାଲିଥିବ । ଚୀନ୍‌ର ପଣ୍ଡିତମାନେ ଭାରତ ବିଷୟରେ ଏହା ସୁଦୂର ୧୯୦୩ ମସିହାରେ କହିଥିଲେ: "ଭାରତୀୟମାନେ ସେମାନଙ୍କର ଇଲାକା କ୍ଷୟରେ କେବେ ମଧ୍ୟ ଚିନ୍ତିତ ହୁଅନ୍ତି ନାହିଁ .... ଚୀନ୍‌ର ଦୃଢତା ଭାରତୀୟମାନଙ୍କ ଠାରୁ ଜୋରଦାର.....ଆମେ ଦେଖିପାରୁଛୁ ଯେ ଭବିଷ୍ୟତରେ ଚୀନ୍‌ର ନିପୁଣତା ଭାରତୀୟ ମାନଙ୍କଠାରୁ ଶ୍ରେଷ୍ଠତର ହେବ ।"

ଭାରତର ସମ୍ପର୍କ ବିଷୟରେ ପାକିସ୍ତାନ ଏବଂ ଚୀନ୍ ସହିତ ତୁଳନା ଏକ କୌତୁହଳପୂର୍ଣ୍ଣ ଦିଗକୁ ସୂଚାଏ । ବହୁବର୍ଷଧରି ଆମେ ପାକିସ୍ତାନକୁ ଚୀନ୍ ସହ ଆମର ସମ୍ପର୍କର ଉଦାହରଣକୁ ଅନୁସରଣ କରିବାକୁ କହୁଛୁ ଯେଉଁଥିରେ ଉଭୟ ଦେଶ ଅଭିଜ୍ଞ ନିଷ୍ପତ୍ତି ନେଇ ସୀମା ବିବାଦକୁ କିଛି ସମୟ ପାଇଁ ଅଲଗା ରଖି ଯେଉଁ ଦ୍ୱିପାକ୍ଷିକ ବିଷୟ ଗୁଡିକରେ ପରସ୍ପରର ଲାଭ ହେଉଥିବ ସେଗୁଡିକ ଉପରେ ଧ୍ୟାନ ଦେଉଛନ୍ତି । ବିଶେଷକରି ବ୍ୟାପାର ସମ୍ବନ୍ଧକୁ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିରେ ବେଶ୍ ସମ୍ଭାବ୍ୟ ବିଷୟଭାବରେ ଚିହ୍ନଟ କରାଯାଉଛି । ବର୍ତ୍ତମାନ ସେପରି ହୋଇଛି କିନ୍ତୁ ଚୀନ୍‌ର ଏକପାଖିଆ ଲାଭ ବଢିବାରେ ଲାଗିଛି ।

ଏହାଛଡା, ଚୀନ୍ ଆମର ମୂଲ୍ୟବାନ ଖଣିଜ ପଦାର୍ଥ ଯଥା ଲୁହାପଥରକୁ ନିଶେଷ କରିଚାଲିଛି, ଯାହା ଭବିଷ୍ୟତରେ ଆମ ଲୌହ-ଇସ୍ପାତ ଉଦ୍ୟୋଗରେ ଲାଗିପାରନ୍ତା । ଆମ ପକ୍ଷରୁ ଚିନ୍ତାଧାରା ଥିଲାଯେ ସମୃଦ୍ଧ ଆର୍ଥିକ ଦ୍ୱିପାକ୍ଷିକ ସମ୍ପର୍କ ଅତି କମ୍‌ରେ ଦୁଇଦେଶ ପାଇଁ ଏଭଳି ଅନୁକୂଳ ପରିବେଶ ସୃଷ୍ଟିକରିବ ଯାହାଦ୍ୱାରା ଉଭୟ ରାଷ୍ଟ୍ର ଗଭୀରତାର ସହ ଓ ବାସ୍ତବିକ ପରିସ୍ଥିତି ମୂଲ୍ୟାୟନ କରି ସୀମା ବିବାଦକୁ ସମାଧାନ କରିପାରିବେ ।

ଅନ୍ୟ ପକ୍ଷରେ ପାକିସ୍ତାନ ଜିଦ୍ ଧରିବସିଲା ଯେ ମୂଳ କାଶ୍ମୀର ସମସ୍ୟା ସମାଧାନ ନହେବା ପର୍ଯ୍ୟନ୍ତ ଅନ୍ୟାନ୍ୟ କୌଣସି ଦ୍ୱିପାକ୍ଷିକ ସମସ୍ୟା ଗୁଡିକର ସମାଧାନରେ କୌଣସି ଅଗ୍ରଗତି ହୋଇପାରିବ ନାହିଁ । ଏ ତୁଳନାରୁ କୌଣସି ନିଶ୍ଚିତ ଉପସଂହାର ବାହାର କରିବା ପିଲାଳିଆମି ହେବ । କାରଣ କିଛି ବର୍ଷ ହେଲା ପାକିସ୍ତାନ ଅନୁଶୋଚନା କରିଛି ଏବଂ ମୂଳ ସୀମା ସମସ୍ୟା ସମାଧାନ ପୂର୍ବରୁ ବ୍ୟାପାର ବୃଦ୍ଧିକରିବାପାଇଁ ରାଜି ହୋଇଛି । ସେନା ବାହିନୀର ସ୍ପଷ୍ଟ ସହମତିରେ, କାଶ୍ମୀର ସମସ୍ୟାର ସମାଧାନ ନହୋଇ ମଧ୍ୟ, ଭାରତକୁ ପରମ ଅନୁଗ୍ରହିତ ରାଷ୍ଟ୍ର ସ୍ଥାନ (Most Favoured Nation Status) ଦେବାକୁ ଚିନ୍ତା କରୁଛି ।

**ଏକ ଅଛିଣ୍ଡା ବାଦାନୁବାଦ :** କେଉଁଟି ଶ୍ରେଷ୍ଠତର ପନ୍ଥା ? ପ୍ରଥମେ ମୂଳ ସମସ୍ୟାଗୁଡିକର ସମାଧାନ କଲାପରେ ସ୍ୱାଭାବିକ ସମ୍ବନ୍ଧ ବା ଆଗ ସ୍ୱାଭାବିକ ସମ୍ପର୍କ ତା'ପରେ ମୂଳ ସମସ୍ୟା ସମାଧାନର ପ୍ରଚେଷ୍ଟା ? ଏହା କେବଳ ଏକ ଅବ୍ୟାବହାରିକ /ପାଠ୍ୟ ସମସ୍ୟା ନୁହେଁ । ଯେଉଁମାନେ ପ୍ରଥମ ଉପାୟ ଅବଲମ୍ବନ ପନ୍ଥା ସପକ୍ଷରେ

ପ୍ରସ୍ତାବ ଦିଅନ୍ତି, ତା'ର ଅର୍ଥ ହେବ ଦ୍ୱିପାକ୍ଷିକ ସମ୍ପର୍କରେ ସ୍ଥାଣୁତା କାରଣ ମୂଳ ବିଷୟଗୁଡିକର ସମାଧାନର ସମ୍ଭାବନା କ୍ଷୀଣ ଯାହା ଉଭୟ ପକ୍ଷର ଅନମନୀୟ ଓ ଅଡୁଆ ରାଜନୈତିକ ଠାଣି ଯୋଗୁଁ ଅସମ୍ଭବ ପରି ଲାଗୁଛି । ପକ୍ଷାନ୍ତରେ, ଯେଉଁମାନେ ଦ୍ୱିତୀୟ ପନ୍ଥା ସପକ୍ଷରେ ଯୁକ୍ତି କରନ୍ତି, ସେମାନେ ଅନିର୍ଦ୍ଦିଷ୍ଟ କାଳ ସ୍ଥିତାବସ୍ଥା ସହିତ ସନ୍ତୁଷ୍ଟ ହୋଇ ରହିବାକୁ ପଡିବା କଥା କହୁଛନ୍ତି, କାରଣ ମୂଳ ବିଷୟକୁ ମୁକାବିଲା କରିବାପାଇଁ କିଛି ପ୍ରୋତ୍ସାହନ ନଥିବ ।

**ପରିଶିଷ୍ଟ:** ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରୀକ ସଂଗଠନ (NDA) ସରକାର ଗଠନ କଲାପରେ ଭାରତ–ଚୀନ୍ ଓ ଭାରତ-ପାକିସ୍ଥାନ ସମ୍ପର୍କରେ ରହସ୍ୟମୟ ମୋଡ ନେଇଛି । ଉଭୟ ଚୀନ୍ ଓ ପାକିସ୍ଥାନ ସହିତ ସମ୍ପର୍କ ସ୍ୱାଭାବିକରଣ ପାଇଁ ସରକାରଙ୍କର ସତତ ଚେଷ୍ଟା ସତ୍ତ୍ୱେ ସେ ଦୁଇ ଦେଶ ଅଧିକ ଆକ୍ରମଣାତ୍ମକ ହୋଇଛନ୍ତି ଏବଂ ତିନି ପଡୋଶୀ ରାଷ୍ଟ୍ରମାନଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି । ସୀମାପାର ଆତଙ୍କବାଦରେ ବୃଦ୍ଧି ଘଟିଛି, ପାକିସ୍ଥାନ ଦ୍ୱାରା ଭାରତୀୟ ସୀମାରେ ବହୁଳ ଭାବରେ ଯୁଦ୍ଧବିରାମର ଉଲଘଂନ ହୋଇଛି । ଠିକଣା ଜବାବରେ ଭାରତ ମଧ୍ୟ "ଆକସ୍ମିକ ପ୍ରହାର" (Surgical Strike) କରିଛି । ଉତ୍ତେଜନା ଆହୁରି ବୃଦ୍ଧି ପାଇଛି କାରଣ ଚୀନ୍ ପାକିସ୍ଥାନକୁ ପ୍ରତ୍ୟେକ ଅନ୍ତରାଷ୍ଟ୍ରୀୟ ବିଷୟରେ ଦୃଢ ସମର୍ଥନ ଦେଉଛି । ତିନି ପଡୋଶୀମାନଙ୍କର ସାମସମୟିକ ସମ୍ପର୍କ ଚିତ୍ର ଅସ୍ଥିର ଏବଂ ପରିବର୍ତ୍ତନଶୀଳ ।

## ସଂକ୍ଷିପ୍ତ ସୂଚନା

⇨ ଅନ୍ୟାନ୍ୟ ଦେଶ ତୁଳନାରେ ଆମର ବିଦେଶନୀତି ଅତ୍ୟନ୍ତ ଉଦାର, ସ୍ୱତନ୍ତ୍ର ଏବଂ ନିରପେକ୍ଷ। ଏହା ବିଶ୍ୱସମୁଦାୟର କୌଣସି ମେଣ୍ଟ ସହ ସାମିଲ୍ ନୁହଁ।

⇨ ବିଶ୍ୱଶାନ୍ତି ପ୍ରତିଷ୍ଠା ସହ ଅନ୍ତର୍ଜାତିକ କ୍ଷେତ୍ରରେ ବନ୍ଧୁତ୍ୱପୂର୍ଣ୍ଣଭାବ ପ୍ରତିଷ୍ଠା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଉପନିବେଶବାଦ ବା ସାମ୍ରାଜ୍ୟବାଦର ବିଲୋପସାଧନ, ସମସ୍ତ ବିବାଦ ଗୁଡ଼ିକର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ଆର୍ଥିକ ପ୍ରଗତି ହିଁ ଆମ ବୈଦେଶିକ ନୀତିର ବୈଶିଷ୍ଟ୍ୟ। ନେହେରୁ ହିଁ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ସ୍ରଷ୍ଟା। ଏହା ମଧ୍ୟ ଆମର ବୈଦେଶିକ ନୀତିର ଅନ୍ତର୍ଭୁକ୍ତ। ସ୍ୱାଧୀନ ମତ ପୋଷଣ କରି, ଏକ ସକାରାତ୍ମକ ଏବଂ ଗଠନମୂଳକ ନୀତି ପ୍ରଣୟନ କରିବା ଏବଂ କୌଣସି ସାମରିକ ମେଣ୍ଟର କରଗତ ନହେବା ହିଁ ଭାରତର ମୁଖ୍ୟଲକ୍ଷ୍ୟ।

⇨ ପରିବର୍ତ୍ତିତ ବିଶ୍ୱରେ ଘଟିଚାଲିଥିବା ରାଜନୀତି, ଅର୍ଥନୀତି, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତିରେ ଅନ୍ୟ ଦେଶ ସହ ସହଯୋଗ ରଖି ଗବେଷଣା ଚାଲୁ ରଖିବା ପାଇଁ ସମସ୍ତଙ୍କ ସହ ସୁସମ୍ପର୍କ ପ୍ରତିଷ୍ଠା ହିଁ ଆମ ବିଦେଶ ନୀତିର ଅନ୍ୟ ଏକ ଅଂଶ।

⇨ ନେହେରୁଙ୍କ ପ୍ରବର୍ତ୍ତିତ 'ପଞ୍ଚଶୀଳ'ର ପ୍ରାସଙ୍ଗିକତା ଏବେ ବି ରହିଛି। ଶାନ୍ତିପ୍ରିୟ ଦେଶ ଭାରତ ତାର ସମସ୍ତ ପଡ଼ୋଶୀଙ୍କ ସହ ସର୍ବଦା ସୁସମ୍ପର୍କ ରଖେଁ, ମାତ୍ର ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ଉପରେ ଆଞ୍ଚ୍ ଆସିଲେ ଅଥବା ବିପଦ ଦେଖାଦେଲେ, ଏହା ତାର ବିଦେଶନୀତିକୁ ସମୟୋପଯୋଗୀ ପରିବର୍ତ୍ତନ କରିପାରେ।

## ଚୀନ୍ ସହିତ ଆମର ସମ୍ପର୍କ:

- ସ୍ୱଳ୍ପ ଦିନର ହେଲେ ମଧ୍ୟ ଭାରତ ଓ ଚୀନ୍ ସମ୍ପର୍କରେ ଉତ୍ଥାନ ଓ ପତନ ଦେଖାଦେଇଛି । କିଛିଟା ଭଲ ଦିନ ସହିତ ବହୁ ଖରାପ ସମୟ ମଧ୍ୟ ଆସିଛି ।
- ଚୀନ୍ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କରୁ ଆରମ୍ଭ ହୋଇଥିଲା ।
- ଦୁଇ ରାଷ୍ଟ୍ରର ନେତା ପଞ୍ଚଶୀଳ ନୀତିକୁ ପ୍ରତିପାଦିତ କରିଥିଲେ ଏବଂ ପରସ୍ପରର ସମ୍ପର୍କକୁ ଶ୍ରେଷ୍ଠ ବୁଝାମଣା ଓ ସର୍ତ୍ତ ଭିତ୍ତିରେ ଆରମ୍ଭ କରିଥିଲେ । ୧୯୫୦ ଦଶକର ଶେଷଭାଗରେ ହିନ୍ଦୀ-ଚୀନି ଭାଇ ଭାଇ ସନ୍ଦେଶଟି ବେଶ୍ ଆକର୍ଷଣୀୟ ହୋଇଥିଲା ।
- ସମ୍ପର୍କରେ ତିକ୍ତତା ତିବତ୍ ବିବାଦରୁ ଆରମ୍ଭ ହୋଇଥିଲା । ଚୀନ୍ ତିବତ୍‌କୁ ତାର ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଘୋଷଣା କଲା । ତିବତ୍‌ର ଧାର୍ମିକ-ରାଜନୈତିକ ମୁଖ୍ୟ ଦଲାଇଲାମା ଭାରତକୁ ପଳାୟନ କରିଥିଲେ ଏବଂ ଏଠାରେ ରାଜନୈତିକ ଶରଣ ନେଇଥିଲେ । ତାହା ଚୀନ୍ ପାଇଁ ଅପମାନ ଜନକ ଥିଲା । ଏହି ଘଟଣା ଭାରତ ଚୀନ୍ ସମ୍ପର୍କକୁ ଛିନ୍ନ କରିବା ପରିସ୍ଥିତିକୁ ନେଇଯାଇଥିଲା ।
- କୋରିଆ ସଂକଟ ମଧ୍ୟସ୍ଥି ହିସାବରେ ଭାରତର ଭୂମିକାକୁ ବିଶ୍ୱସ୍ତରରେ ଧ୍ୟାନାକର୍ଷଣ କରାଇଥିଲା ଯାହା ଚୀନ୍‌ର ଗାତ୍ରଦାହର କାରଣ ହୋଇଥିଲା ।
- ସୀମାରେଖା ବିବାଦ ଏକ ସଂପୂର୍ଣ୍ଣ ଯୁଦ୍ଧରେ ପରିଣତ ହୋଇ ୧୯୬୨ ମସିହାର ୨୦ ଅକ୍ଟୋବର ରୁ ୨୧ ନଭେମ୍ବର ପର୍ଯ୍ୟନ୍ତ ଚାଲିଥିଲା ।
- କ୍ରମବର୍ଦ୍ଧିଷ୍ଣୁ ଆର୍ଥିକ ଓ ସାମରିକ ସମ୍ବନ୍ଧ ସତ୍ତ୍ୱେ ଭାରତ ଚୀନ୍ ସମ୍ପର୍କରେ ବହୁତ ଗୁଡ଼ିଏ ବାଧା ଦୂର କରିବାକୁ ବାକି ରହିଛି । ଭାରତ- ଚୀନ୍ ସମ୍ପର୍କ ଏକ ଚାରିଛକିରେ ଝୁଲି ରହିଛି । ଏହା କେଉଁ ଦିଗକୁ ଯିବ ତାହା ଉଭୟ ଦେଶର ପରସ୍ପର ସମସ୍ୟାର ସମାଧାନ ପାଇଁ ଚିନ୍ତା ଏବଂ ବାକିରହିଥିବା ବିବାଦର ଶୀଘ୍ରାତିଶୀଘ୍ର ସମାଧାନ ଉପରେ ନିର୍ଭର କରିବ ।

## ପାକିସ୍ଥାନ ସହିତ ଆମର ସମ୍ପର୍କ:

- ପାକିସ୍ଥାନ ମତରେ କାଶ୍ମୀର ହେଉଛି ମୁଖ୍ୟ ସମସ୍ୟା ।
- ଭାରତ ପାଇଁ ମୁଖ୍ୟ ସମସ୍ୟା ହେଉଛି ସୀମାପାର ଆତଙ୍କବାଦ ଯାହା ପାକିସ୍ଥାନ ଦ୍ୱାରା ପ୍ରାୟୋଜିତ ।
- ମୁଖ୍ୟ ବିବାଦ: କାଶ୍ମୀର ।
- ବାଙ୍ଗଲାଦେଶ ଯୁଦ୍ଧ-୧୯୭୧ ।
- ସିଆଚୀନ ହିମବାହ ବିବାଦ ।
- ତୁଲବୁଲ / ୱଲ୍ଲାର ଯୋଜନା ବିବାଦ ।
- ସାର୍ ଉପସାଗର ସମସ୍ୟା (Sir Creek Problem) ବିବାଦ ।
- ଅସ୍ତ୍ର ପ୍ରତିଯୋଗିତା ।
- ଆତଙ୍କବାଦ ଓ ନିଶାଦ୍ରବ୍ୟ କାରବାର ।

❑❑❑

## ଆଦର୍ଶ ପ୍ରଶ୍ନାବଳୀ

### ବିଭାଗ - 'କ'

**ଠିକ୍ ଉତ୍ତର ବାଛି ଦିଆଯାଇଥିବା ସଂକେତ ଅନୁସାରେ ଉତ୍ତର ଦିଅ :**

୧. ନିମ୍ନ ପ୍ରଦତ୍ତ କେଉଁଟି "ପଞ୍ଚଶୀଳ ନୀତି"ର ଉପାଦାନ ନୁହେଁ ?

A. ପ୍ରତ୍ୟେକ ଦେଶର ସୀମାରେଖାର ପରିବ୍ୟାପ୍ତି ଏବଂ ସାର୍ବଭୌମତ୍ୱ ପ୍ରତି ପାରସ୍ପରିକ ସମ୍ମାନ ପ୍ରଦର୍ଶନ।

B. ପରସ୍ପରର ଆଭ୍ୟନ୍ତରୀଣ ବ୍ୟାପାରରେ କେହି ହସ୍ତକ୍ଷେପ କରିବେ ନାହିଁ।

C. ସମାନତା ଏବଂ ପାରସ୍ପାରିକ ସହଯୋଗ।

D. ତୁଷ୍ଟିକରଣ

ସଂକେତ : (i) A (ii) B (iii) C (iv) D

୨. ଜାମ୍ମୁ ଓ କାଶ୍ମୀର ବିବାଦ ବ୍ୟତିତ ଭାରତ ଓ ପାକିସ୍ଥାନ ମଧ୍ୟରେ ବହୁତଗୁଡିଏ ଅଛିଣ୍ଡା ସମସ୍ୟା ରହିଛି । ନିମ୍ନ ପ୍ରଦତ୍ତ କେଉଁ ଗୁଡିକ ମୁଖ୍ୟ ଉତ୍ତେଜନାକାରୀ ସମସ୍ୟା ନୁହେଁ ?

A. ସିଆଚୀନ ହିମବାହ

B. ତୁଲବୁଲ-ଉଲ୍ଲାର ଯୋଜନା।

C. କ୍ରିକେଟ ଖେଳର ପୁନରାରମ୍ଭ।

D. ତୁଷ୍ଟିକରଣ।

ସଂକେତ : (i) AB (ii) BC (iii) CD (iv) AD

### ବିଭାଗ - 'ଖ'

**ସଂକ୍ଷେପରେ ଲେଖ :**

୧. ସିଆଚୀନ ହିମବାହ ବିବାଦ।

୨. ସାର୍ ଉପସାଗର ବିବାଦ।

**ଟିପ୍ପଣୀ ଲେଖ :**

୧. ତିବତ୍।

୨. କୋରିଆ ଶାନ୍ତି ଚୁକ୍ତି।

୩. ଜାମ୍ମୁ ଓ କାଶ୍ମୀର ବିବାଦ।

୪. ବଙ୍ଗଳାଦେଶ ଯୁଦ୍ଧ, ୧୯୭୧।

## ବିଭାଗ - 'ଗ'

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ:**

୧. ତୁମେ ଯଦି ଭାରତର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ହୁଅ ତାହାହେଲେ ଭାରତର ବିଦେଶ ନୀତିର କେଉଁ ଦୁଇଟି ମୌଳିକ ତତ୍ତ୍ୱ ରଖିବ ଓ କେଉଁ ଦୁଇଟି ମୌଳିକ ତତ୍ତ୍ୱକୁ ବଦଳାଇବାକୁ ଚାହିଁବ ?

୨. ଭାରତର ବିଦେଶ ନୀତି ଶାନ୍ତି ଏବଂ ସହଯୋଗ ନୀତି ଉପରେ ପର୍ଯ୍ୟବସିତ । କିନ୍ତୁ ଭାରତ ଦଶ ବର୍ଷ, ୧୯୬୨ରୁ ୧୯୭୧ ମଧ୍ୟରେ ତିନୋଟି ଯୁଦ୍ଧ କରିଥିଲା । ଏହା ଭାରତର ବୈଦେଶିକ ନୀତିର ଅସଫଳତା କୁହାଯାଇପାରେକି ? କିମ୍ବା ଏହା ଅନ୍ତରାଷ୍ଟ୍ରୀୟ ପରିସ୍ଥିତିର ପ୍ରତିଫଳନ । କାରଣ ଦର୍ଶାଇ ଉତ୍ତର ଲେଖ ।

୩. ଭାରତର ବୈଦେଶିକ ନୀତି ରେ ତାର ଏକ ଆଞ୍ଚଳିକ ଶକ୍ତି ହେବା ଇଚ୍ଛାର ପ୍ରତିଛବି ମିଳେ କି ? ତୁମ ଯୁକ୍ତିକୁ ବଙ୍ଗଳାଦେଶ ଯୁଦ୍ଧର ଉଦାହରଣରୁ ପୁଷ୍ଟି କର ।

୪. ଭାରତର ବୈଦେଶିକ ନୀତିର ନିର୍ଣ୍ଣାୟକ ଉପାଦାନ ଗୁଡିକ ଲେଖ ।

୫. ଭାରତର ବୈଦେଶିକ ନୀତିର ମୌଳିକ ତତ୍ତ୍ୱ ଗୁଡିକ ଆଲୋଚନା କର ।

୬. ଚୀନ ଓ ଭାରତର ସମ୍ପର୍କର ବିଭିନ୍ନ ଦିଗ ଆଲୋଚନା କର ।

୭. ପାକିସ୍ଥାନ ଓ ଭାରତର ସମ୍ପର୍କର ବିଭିନ୍ନ ଦିଗ ଆଲୋଚନା କର ।

## ବିଭାଗ-ଘ

**ନିମ୍ନଲିଖିତ ବାକ୍ୟ ଗୁଡିକ ଭୁଲ କି ଠିକ୍ ଲେଖ :**

୧. ଗୋଷ୍ଠୀ ନିରପେକ୍ଷତା ଭାରତକୁ ଉଭୟ ଯୁକ୍ତରାଷ୍ଟ୍ର ଓ ସୋଭିଏତ୍ ସଂଘ ଠାରୁ ସହାୟତା ପାଇବାରେ ସହାୟକ ହୋଇଥିଲା ।

୨. ଭାରତର ପଡୋଶୀ ରାଷ୍ଟ୍ରଗୁଡିକ ସହିତ ସମ୍ପର୍କରେ ମନୋମାଳିନ୍ୟ ପ୍ରଥମରୁ ଥିଲା ।

୩. ଶୀତଳ ଯୁଦ୍ଧ ଭାରତ-ପାକିସ୍ଥାନ ସମ୍ବନ୍ଧକୁ ପ୍ରଭାବିତ କରିଥିଲା ।

୪. ୧୯୭୧ ମସିହାର ଶାନ୍ତି ଓ ବନ୍ଧୁତା ସନ୍ଧି ଭାରତ ଯୁକ୍ତରାଷ୍ଟ୍ର ଆମେରିକାର ନିବିଡ ସମ୍ପର୍କରୁ ସମ୍ଭବ ହୋଇଥିଲା ।

୨. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ବିଷୟକୁ ମେଳକର ।

| (କ) | (ଖ) |
|---|---|
| (a) ପଞ୍ଚଶୀଳ ନୀତି | (i) ତିବତ୍‌ର ଧର୍ମଗୁରୁ ଯେ କି ଭାରତରେ ରହନ୍ତି |
| (b) ବାନ୍ଦୁଙ୍ଗ ସମ୍ମିଳନି | (ii) ଶାନ୍ତିପୂର୍ଣ୍ଣ ସହାବସ୍ଥାନର ପାଞ୍ଚଟି ନିୟମ |
| (c) ଦଲାଇଲାମା | (iii) ଗୋଷ୍ଠୀ-ନିରପେକ୍ଷ ରାଷ୍ଟ୍ରସମୂହ ଉତ୍ପତ୍ତିରେ ସହାୟକ ହୋଇଥିଲା |

❑❑❑

ଅଷ୍ଟମ ଅଧ୍ୟାୟ

# ଅନ୍ତର୍ଜାତୀୟ ଅନୁଷ୍ଠାନ: ମିଳିତ ଜାତିସଂଘ

**ପାଠ୍ୟ ବିଷୟ :**

ମିଳିତ ଜାତିସଂଘ

- ମୁଖ୍ୟ ଅଙ୍ଗ: ସାଧାରଣ ସଭା; ନିରାପତ୍ତା ପରିଷଦ; ଅନ୍ତର୍ଜାତୀୟ ନ୍ୟାୟାଳୟ
- ମିଳିତ ଜାତିସଂଘର ସଂସ୍କାର; ମିଳିତ ଜାତିସଂଘରେ ଭାରତର ଭୂମିକା ।
- ଅନ୍ତର୍ଜାତୀୟ ଅର୍ଥନୈତିକ ସଂସ୍ଥା: ବିଶ୍ୱବ୍ୟାଙ୍କ; ଆଇ.ଏମ୍.ଏଫ୍.

**କ'ଣ ଜାଣିବା ?**

- ନ୍ୟାସ ପରିଷଦ; ସଚିବାଳୟ ।

**କ'ଣ ପଢ଼ିବା ?**

- ସାଧାରଣ ସଭା-ଗଠନ ଓ କାର୍ଯ୍ୟ
- ନିରାପତ୍ତା ପରିଷଦ-ଗଠନ ଓ କାର୍ଯ୍ୟ
- ଅନ୍ତର୍ଜାତୀୟ ନ୍ୟାୟାଳୟ-ଗଠନ ଓ କାର୍ଯ୍ୟ
- ମିଳିତ ଜାତିସଂଘର ସଂସ୍କାର
- ମିଳିତ ଜାତିସଂଘରେ ଭାରତର ଭୂମିକା
- ବିଶ୍ୱ ବ୍ୟାଙ୍କ
- ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି

*ଆମେ ପୃଥିବୀବାସୀ ଭବିଷ୍ୟତ ବଂଶଧରମାନଙ୍କୁ ବିନାଶକାରୀ ଯୁଦ୍ଧ, ଯାହା ଆମ ଜୀବନକାଳ ମଧ୍ୟରେ ଦୁଇଥର ମନୁଷ୍ୟ ଜାତିପାଇଁ ଅକଥନୀୟ ଦୁଃଖ ନେଇଆସିଛି, ତା'ର ଅଭିଶାପରୁ ରକ୍ଷା କରିବାପାଇଁ ଓ ମୌଳିକ ମାନବିକ ଅଧିକାରଗୁଡ଼ିକୁ ସ୍ୱୀକୃତି ଦେଇ, ମାନବର ଅନ୍ତର୍ନିହିତ ମୂଲ୍ୟ ଓ ମର୍ଯ୍ୟାଦା, ନାରୀ ଓ ପୁରୁଷ ମଧ୍ୟରେ, ଏବଂ ରାଷ୍ଟ୍ର- କ୍ଷୁଦ୍ର ବା ବିରାଟ- ମଧ୍ୟରେ ସମାନ ଅଧିକାର ପାଇଁ ଏବଂ ସେହି ପରିବେଶ ସୃଷ୍ଟି କରିବା ପାଇଁ ଯେଉଁଥିରେ ନ୍ୟାୟ ଓ ଚୁକ୍ତି ଓ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଆଇନର ଉତ୍ସକୁ ସମ୍ମାନ ବଜାୟ ରଖି ଜନତାଙ୍କ ସାମାଜିକ ଉନ୍ନତି ଓ ଆହୁରି ଅଧିକ ସ୍ୱାତନ୍ତ୍ରତା ରେ ବଞ୍ଚିବା ପରିବେଶ ଦେବ ।*

-ମିଳିତ ଜାତିସଂଘର ପ୍ରସ୍ତାବନାର ପ୍ରଥମ ଅଂଶ

ବସୁଧୈବ କୁଟୁମ୍ବକଂ

# ଅନ୍ତର୍ଜାତୀୟ ଅନୁଷ୍ଠାନ: ମିଳିତ ଜାତିସଂଘ

ଅନ୍ତର୍ଜାତୀୟ ସଂଗଠନଗୁଡ଼ିକର ଇତିହାସ ବେଶି ପୁରୁଣା ନୁହେଁ । ଉନବିଂଶ ଶତାବ୍ଦୀରେ ଏହି ଅନୁଷ୍ଠାନଗୁଡ଼ିକର ମୂଳଦୁଆ ପଡ଼ିଥିଲା । ପ୍ରାରମ୍ଭିକ ପର୍ଯ୍ୟାୟରେ ଏଗୁଡ଼ିକ ଅନ୍ତର୍ଜାତୀୟ ସମ୍ମିଳନୀ ଆକାରରେ ହୋଇଥିଲା । ଏହି ସମ୍ମିଳନୀଗୁଡ଼ିକ ଅନ୍ତର୍ଜାତୀୟ ଆଇନର ବିକାଶରେ ସହାୟକ ହୋଇଥିଲା । ପ୍ରଥମ ବିଶ୍ୱଯୁଦ୍ଧ ପରେ ରାଷ୍ଟ୍ରସଂଘ (League of Nations, 1920) ସୃଷ୍ଟି ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ମିଳିତ ଜାତିସଂଘର (United Nations, 1945) ଆବିର୍ଭାବ ହୋଇଥିଲା । ମିଳିତ ଜାତିସଂଘ ଏକ ପ୍ରମୁଖ ଅନ୍ତର୍ଜାତୀୟ ସଂଗଠନ ହିସାବରେ ଅଦ୍ୟାବଧି କାର୍ଯ୍ୟ କରିଆସୁଛି ।

ଯୁଦ୍ଧ ହେଉଛି ମାନବ ସମାଜ ପାଇଁ ଏକ ଅଭିଶାପ । ଯେ କୌଣସି ଯୁଦ୍ଧଯୋଗୁଁ ଧ୍ୱଂସଲୀଳା ସଂଘଟିତ ହୋଇଥାଏ । ଦୁଇ ଦୁଇଟି ବିଶ୍ୱଯୁଦ୍ଧର ଧ୍ୱଂସଲୀଳାକୁ ଦେଖି ମଣିଷମାନଙ୍କୁ ସଦ୍‌ବୁଦ୍ଧି ଆସିଲା । ମିଳିତ ଭାବରେ ରାଷ୍ଟ୍ରମାନେ ସାରା ବିଶ୍ୱରେ ଶାନ୍ତି ଓ ନିରାପତ୍ତା କାମନା କରି ଉଭୟ ରାଷ୍ଟ୍ରସଂଘ (League of Nations, 1920) ଓ ମିଳିତ ଜାତିସଂଘ (United Nations, 1945)ର ଗଠନ ପ୍ରଥମ ବିଶ୍ୱଯୁଦ୍ଧ ଓ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ କରିଥିଲେ । ଏହା ଯୁଦ୍ଧ ଭୟ ଦୂର କରି ଅନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ପ୍ରତିଷ୍ଠା କରିବା ପାଇଁ ହୋଇଥିଲା ।

ମିଳିତ ଜାତିସଂଘ ଏକ ଆନ୍ତଃସରକାର ସଂଗଠନ । ଏହାକୁ ୨୪ ଅକ୍ଟୋବର ୧୯୪୫ରେ ପ୍ରତିଷ୍ଠା କରାଯାଇଥିଲା ଯେଉଁଥିରେ ୫୧ଟି ରାଷ୍ଟ୍ର ପ୍ରଥମରେ ସଦସ୍ୟ ହୋଇଥିଲେ । ସାନ୍‌ଫ୍ରାନ୍‌ସିସ୍କୋ ସମ୍ମିଳନୀରେ ଏହାର ପ୍ରତିଷ୍ଠା ପ୍ରସ୍ତାବ ଗୃହୀତ ହୋଇଥିଲା । ଯେତେ ସବୁ ଅନ୍ତର୍ଜାତୀୟ ସଂଗଠନ ଆରମ୍ଭ ହୋଇଛି, ସମସ୍ତଙ୍କ ମଧ୍ୟରୁ ଏହା ଏକମାତ୍ର ପ୍ରକୃତ ଜଗଦ୍‌ବ୍ୟାପୀ ଅନୁଷ୍ଠାନ । ମିଳିତ ଜାତିସଂଘ ପ୍ରତିଷ୍ଠାର ମୁଖ୍ୟ ଉଦ୍ଦେଶ୍ୟ ଭବିଷ୍ୟତ ବଂଶଧରମାନଙ୍କୁ ଯୁଦ୍ଧର ଅଭିଶାପରୁ ମୁକ୍ତି ଦେଇ ଅନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ପ୍ରତିଷ୍ଠା କରିବା । ମିଳିତ ଜାତିସଂଘର ଦ୍ୱିତୀୟ ମୁଖ୍ୟ ସଚିବ ଡେଗ ହେମର୍ସକୋଲ୍ଡଙ୍କ ଭାଷାରେ "ମିଳିତ ଜାତିସଂଘ ପ୍ରତିଷ୍ଠା ମାନବ ସମାଜକୁ ସ୍ୱର୍ଗକୁ ନେବାପାଇଁ ନୁହେଁ ସେମାନଙ୍କୁ ନର୍କରୁ ଉଦ୍ଧାର କରିବା ପାଇଁ ପ୍ରତିଷ୍ଠା ହୋଇଥିଲା"। ପ୍ରକୃତରେ ଏହି ସଂଗଠନ ଅତୀବ ଅପରିହାର୍ଯ୍ୟ କାରଣ ଏହା ମାନବ ସମାଜର ଶାନ୍ତି ଓ ଉନ୍ନତିର ଏକମାତ୍ର ଆଶାକୁ ପ୍ରତିନିଧିତ୍ୱ କରୁଛି ।

ବିଶ୍ୱ ଶାନ୍ତି ନିଶ୍ଚିତ କରିବାପାଇଁ ମିଳିତ ଜାତିସଂଘର ପ୍ରତିଷ୍ଠା ପ୍ରଥମ ପ୍ରଚେଷ୍ଟା ନଥିଲା । ତା' ପୂର୍ବରୁ ୧୯୧୯ ମସିହାର ପ୍ୟାରିସ ସମ୍ମିଳନୀ ଏହି ଉଦ୍ଦେଶ୍ୟ - ଯୁଦ୍ଧର ପ୍ରତିରୋଧ - ରଖି ରାଷ୍ଟ୍ରସଂଘର ପ୍ରତିଷ୍ଠା କରିଥିଲା । ପ୍ରାରମ୍ଭିକ ସଫଳତା ସତ୍ତ୍ୱେ ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧକୁ ପ୍ରତିରୋଧ କରିପାରିନଥିଲା । ରାଷ୍ଟ୍ରସଂଘ ନିଜ ନାମର ପ୍ରକୃତ ସାର୍ଥକତା ଆଣିପାରିନଥିଲା । ଏହା କେବେ ମଧ୍ୟ ରାଷ୍ଟ୍ରମାନଙ୍କର ସଂଘ ନଥିଲା । ପୃଥିବୀର କେତେକ ବିଶିଷ୍ଟ ରାଷ୍ଟ୍ର, ବିଶେଷତଃ ଯୁକ୍ତରାଷ୍ଟ୍ର ଆମେରିକା ତା'ର ସଦସ୍ୟତା ନେଇନଥିଲା ଓ ଜାପାନ ଓ ଇଟାଲି ପରବର୍ତ୍ତୀ ସମୟରେ ତାକୁ ଛାଡି ଚାଲିଯାଇଥିଲେ ।

**ପ୍ରତିଷ୍ଠା :**

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରିସମାପ୍ତି ପରେ, ଯୁକ୍ତରାଷ୍ଟ୍ର ଆମେରିକା, ଯୁକ୍ତ ରାଜ୍ୟ, ପୂର୍ବତନ ସୋଭିଏତ ସଂଘ ଏବଂ କେତେକ ମିତ୍ରଶକ୍ତି ଦେଶ ବହୁ ଆଲୋଚନା କରିବା ପରେ ଏଭଳି ଏକ ସଂସ୍ଥା ପ୍ରତିଷ୍ଠା କରିବାକୁ ଚାହିଁଲେ । ମିଳିତ ଜାତିସଂଘର ନାମକରଣ, ଯୁକ୍ତରାଷ୍ଟ୍ର ଆମେରିକାର ସେ ସମୟର ରାଷ୍ଟ୍ରପତି ଫ୍ରାଙ୍କଲିନ୍ ରୁଜଭେଲ୍ଟ କରିଥିଲେ ଏବଂ ଏହି ନାମଟି ୧୯୪୨ ମସିହା ଜାନୁଆରୀ ୧ ତାରିଖରେ ମିଳିତ ଜାତିସଂଘ ସନନ୍ଦରେ ବ୍ୟବହାର କରାଯାଇଥିଲା । ଏହି ସଂଗଠନର ପ୍ରାରମ୍ଭ ୫୧ଟି ରାଷ୍ଟ୍ର ଦ୍ୱାରା ମିଳିତ ଜାତିସଂଘ ସନନ୍ଦରେ ଦସ୍ତଖତରୁ ହୋଇଥିଲା । ଦୁଇ ବିଶ୍ୱଯୁଦ୍ଧ ମଧ୍ୟବର୍ତ୍ତୀକାଳୀନ ସମୟରେ ଯାହା ରାଷ୍ଟ୍ରସଂଘ କରିପାରିନଥିଲା ତାହା କରିବାରେ ଚେଷ୍ଟିତ ।

**ମିଳିତ ଜାତିସଂଘର ଉଦ୍ଦେଶ୍ୟ :**

ସାମୂହିକ ନିରାପତ୍ତା, ଅନ୍ତର୍ଜାତୀୟ କଳହର ସମାଧାନ ଓ ଅସ୍ତ୍ର ବିରତି – ଥିଲା । ବର୍ତ୍ତମାନ ତା'ର ୧୯୩ ଟି ସଦସ୍ୟରାଷ୍ଟ୍ର ଅଛନ୍ତି । ଏହା ଯୁକ୍ତରାଷ୍ଟ୍ର ଆମେରିକାର ନିଉୟର୍କ ନଗରର ୟୁ ଏନ୍ ପ୍ଲାଜାର ପ୍ରଥମ ମାର୍ଗରେ ଅବସ୍ଥିତ । ଅଟ୍ଟାଳିକାଟି ନିଉୟର୍କର ଉପନଗର, ମାନହଟ୍ଟାନ ଦ୍ୱୀପରେ ୧୭ ଏକର ଜମିରେ ନିର୍ମିତ ଯାହା ଜନ୍ ଡି ରକଫେଲର ଦାନ କରିଥିଲେ । ଏହାର ନିଜସ୍ୱ ପତାକାକୁ ୧୯୪୭ ଅକ୍ଟୋବର ୨୦ ତାରିଖରେ ସ୍ୱୀକୃତି ଦିଆଯାଇଥିଲା । ଈଷତ୍‌ନୀଳ ପୃଷ୍ଠଭୂମିରେ ମିଳିତ ଜାତିସଂଘର ଚିହ୍ନ ଏଥିରେ ସ୍ଥାନିତ କରାଯାଇଛି । ଚିହ୍ନଟି ଉତ୍ତର ମେରୁଠାରୁ ଦୃଶ୍ୟ ବିଶ୍ୱ ମାନଚିତ୍ରକୁ ଦୁଇଟି ଅଲିଭ ଡାଳ ମଧ୍ୟରେ ରଖିବା ପରି ପ୍ରତୀୟମାନ ହୁଏ । ମିଳିତ ଜାତିସଂଘରେ ଛଅଟି ଭାଷା ବ୍ୟବହାର କରାଯାଏ: ଆରବୀ, ଇଂରାଜୀ, ଚାଇନିଜ, ଫରାସୀ, ରୁଷୀୟ ଓ ସ୍ପାନିଶ ।

**ମିଳିତ ଜାତିସଂଘର ସନନ୍ଦ :**

ମିଳିତ ଜାତିସଂଘର ସନନ୍ଦ ଅନ୍ୟ କିଛିନୁହେଁ, ତାହା ହେଉଛି ମିଳିତ ଜାତିସଂଘର ସମ୍ବିଧାନ । ୱାସିଙ୍ଗଟନର ଡୁମ୍ବାର୍ଟନ ଓକ୍‌ସ ସମ୍ମିଳନୀରେ ୧୯୪୪ ମସିହା ଅକ୍ଟୋବର ମାସରେ ଏହାକୁ ଲେଖାଯାଇଥିଲା । ସନନ୍ଦର ପ୍ରାକ୍‌କଥନ ୧୯ ପରିଚ୍ଛେଦରେ ୧୧୧ ଗୋଟି ଧାରାରେ ଲିଖିତ । ସେଥିରେ ଲକ୍ଷ, ଉଦ୍ଦେଶ୍ୟ ଓ ନିୟମ ସବୁ ବିସ୍ତୃତଭାବରେ ଲେଖାଯାଇଛି ।

**ମିଳିତ ଜାତିସଂଘର ଲକ୍ଷ :**

a. ଭବିଷ୍ୟତ ବଂଶଧରମାନଙ୍କୁ ଯୁଦ୍ଧର ଅଭିଶାପରୁ ମୁକ୍ତି ଦେଇ ଶାନ୍ତି ଓ ନିରାପତ୍ତା କାୟମ ରଖିବା ।

b. ମୌଳିକ ମାନବିକ ଅଧିକାରର ପୁନଃ ସ୍ୱୀକାରୋକ୍ତି ।

c. ଅନ୍ତର୍ଜାତୀୟ ଆଇନକୁ ସମ୍ମାନ ।

d. ସାମାଜିକ ଉନ୍ନତି ଏବଂ ଅଧିକ ଉଚ୍ଚମାନର ଜୀବନଶୈଳୀର ପ୍ରୋତ୍ସାହନ ।

**ମିଳିତ ଜାତିସଂଘର ଉଦ୍ଦେଶ୍ୟ :**

ମିଳିତ ଜାତିସଂଘର ସନନ୍ଦର ଧାରା ୧ ରେ ଲିପିବଦ୍ଧ କରାଯାଇଛି ।

a. ଅନ୍ତର୍ଜାତୀୟ ଶାନ୍ତି ଏବଂ ନିରାପତ୍ତା ରକ୍ଷା ଓ ଯୁଦ୍ଧ ନହେବା ପାଇଁ ଯଥେଷ୍ଟ ପଦକ୍ଷେପ ନେବା ।

b. ସମାନତା ଭିତ୍ତିରେ ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ପ୍ରତିଷ୍ଠା ।

c. ଅନ୍ତର୍ଜାତୀୟ ସହଯୋଗ ମାଧ୍ୟମରେ ଅନ୍ତର୍ଜାତୀୟ ଅର୍ଥନୈତିକ, ସାଂସ୍କୃତିକ, ସାମାଜିକ ଓ ମାନବୀୟ ସମସ୍ୟାଗୁଡ଼ିକର ସମାଧାନ ।

d. ଏହି ସବୁ ସାଧାରଣ ଲକ୍ଷ ହାସଲ ତଥା ରାଷ୍ଟ୍ରଗୁଡ଼ିକର କାର୍ଯ୍ୟାବଳୀରେ ସମନ୍ୱୟ ପ୍ରତିଷ୍ଠା ପାଇଁ ଜାତିସଂଘକୁ ଏକ କେନ୍ଦ୍ର ରୂପେ ବିବେଚନା କରିବା ।

**ମିଳିତ ଜାତିସଂଘର ନୀତିସମୂହ :**

ମିଳିତ ଜାତିସଂଘ କେତେଗୁଡ଼ିଏ ନୀତିକୁ ଭିତ୍ତିକରି କାର୍ଯ୍ୟ କରିବ ବୋଲି ସନନ୍ଦର ଧାରା ୨ ରେ ଲିପିବଦ୍ଧ କରାଯାଇଛି । ଏହି ନୀତିଗୁଡ଼ିକ ଅନ୍ତର୍ଜାତୀୟ ନୀତିଶାସ୍ତ୍ରର ମୌଳିକ ନିୟମଭାବେ ବର୍ଣ୍ଣନା କରାଯାଇପାରେ ।

a. ଜାତିସଂଘ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସାର୍ବଭୌମ ସମାନତା ନୀତି ଉପରେ ପ୍ରତିଷ୍ଠିତ ହେବ ।

b. ସମସ୍ତ ସଦସ୍ୟ ରାଷ୍ଟ୍ର ମିଳିତ ଜାତିସଂଘ ପ୍ରତି ନିଜ କର୍ତ୍ତବ୍ୟର ପାଳନ ସନନ୍ଦର ବ୍ୟବସ୍ଥା ଅନୁଯାୟୀ କରିବେ ।

c. ସମସ୍ତ ସଦସ୍ୟ ରାଷ୍ଟ୍ର ଶାନ୍ତିପୂର୍ଣ୍ଣ ଉପାୟରେ ପାରସ୍ପରିକ ଅନ୍ତର୍ଜାତୀୟ ବିବାଦର ସମାଧାନ କରିବେ ଯଦ୍ୱାରା ଅନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ରକ୍ଷାକରାଯାଇପାରିବ ।

d. ଗୋଟିଏ ରାଷ୍ଟ୍ର ଅନ୍ୟ ରାଷ୍ଟ୍ରର ଆଞ୍ଚଳିକ ଅଖଣ୍ଡତା କିମ୍ବା ରାଜନୈତିକ ସ୍ୱାଧୀନତାରେ ହସ୍ତକ୍ଷେପ କରିବେନାହିଁ । ଭୟ ବା ଶକ୍ତି ପ୍ରଦର୍ଶନ ନକରି ପରସ୍ପର ସମସ୍ୟାର ସମାଧାନ କରିବେ ।

e. ସମସ୍ତ ସଦସ୍ୟ ରାଷ୍ଟ୍ର ମିଳିତ ଜାତିସଂଘକୁ ସନନ୍ଦ ମୁତବକ କାର୍ଯ୍ୟ କରିବାକୁ ଯେ କୌଣସି କାର୍ଯ୍ୟରେ ଆବଶ୍ୟକୀୟ ସହାୟତା ଦେବେ ।

f. ଜାତିସଂଘର ସଦସ୍ୟ ହୋଇନଥିବା ରାଷ୍ଟ୍ରମାନେ ଅନ୍ତର୍ଜାତୀୟ ଶାନ୍ତି ଏବଂ ନିରାପତ୍ତା ପାଇଁ ସନନ୍ଦର ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବେ ।

g. ଜାତିସଂଘର ସଦସ୍ୟ ରାଷ୍ଟ୍ର ଅନ୍ୟ କୌଣସି ସଦସ୍ୟ ରାଷ୍ଟ୍ରର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରିବନାହିଁ ।

**ମିଳିତ ଜାତିସଂଘର ସଂଗଠନ :**

ମିଳିତ ଜାତିସଂଘର ଛଅଗୋଟି ମୁଖ୍ୟ ଅଙ୍ଗ ରହିଛି, ଯଥା-

A. ସାଧାରଣ ସଭା
B. ନିରାପତ୍ତା ପରିଷଦ
C. ଅର୍ଥନୈତିକ ଓ ସାମାଜିକ ପରିଷଦ
D. ନ୍ୟାସ ପରିଷଦ
E. ଅନ୍ତର୍ଜାତୀୟ ନ୍ୟାୟାଳୟ ଓ
F. ସଚିବାଳୟ

## ସାଧାରଣ ସଭା

**ଗଠନ :**

ଏହା ମିଳିତ ଜାତିସଂଘର ମୁଖ୍ୟ ଆଇନ ଆଲୋଚନା ଅଙ୍ଗ । ଜାତିସଂଘ ସନନ୍ଦର ଧାରା ୭ ଅନୁଯାୟୀ ସାଧାରଣ ସଭା ଜାତିସଂଘର ବିଭାଗ ଗୁଡିକ ମଧ୍ୟରେ ଅନ୍ୟତମ ମୁଖ୍ୟ ଅଙ୍ଗ ଅଟେ । ଏହା ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ରଗୁଡିକୁ ନେଇ ଗଠିତ । ସନନ୍ଦର ଧାରା ୯ ଅନୁଯାୟୀ ପ୍ରତ୍ୟେକ ସଦସ୍ୟ ରାଷ୍ଟ୍ର ପାଞ୍ଚଜଣ ପ୍ରତିନିଧି ସାଧାରଣ ସଭାକୁ ପଠାଇଥାନ୍ତି । କିନ୍ତୁ ଗୋଟିଏ ସଦସ୍ୟ ରାଷ୍ଟ୍ର କେବଳ ଗୋଟିଏ ଭୋଟ ଦେଇଥାନ୍ତି । କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ନିଷ୍ପତ୍ତି ନେବାପାଇଁ ଦୁଇ-ତୃତୀୟାଂଶ ସଦସ୍ୟମାନଙ୍କର ସମର୍ଥନ ଆବଶ୍ୟକ ହୋଇଥାଏ ।

ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସର ତୃତୀୟ ମଙ୍ଗଳବାର ଦିନ ସାଧାରଣ ସଭାର ନିୟମିତ ଅଧିବେଶନ ଆରମ୍ଭହୁଏ ଏବଂ ଡିସେମ୍ବର ମଧ୍ୟଭାଗ ପର୍ଯ୍ୟନ୍ତ ଚାଲେ । ପ୍ରତି ଅଧିବେଶନ ଆରମ୍ଭରେ ସାଧାରଣ ସଭା ଜଣକୁ ସଭାପତି , ୨୧ ଜଣ ଉପସଭାପତି ଏବଂ ମୁଖ୍ୟ ସମିତିର ୭ ଜଣ ଅଧ୍ୟକ୍ଷଙ୍କୁ ନିର୍ବାଚିତ କରିଥାଏ । ନ୍ୟାୟସଂଗତ ଭୌଗୋଳିକ ପ୍ରତିନିଧିତ୍ୱ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ସାଧାରଣ ସଭାର ସଭାପତିତ୍ୱ ପାଞ୍ଚଟି ରାଷ୍ଟ୍ର ଗୋଷ୍ଠୀ: ଆଫ୍ରିକୀୟ, ଏସୀୟ, ପୂର୍ବ ୟୁରୋପୀୟ, ପଶ୍ଚିମ ୟୁରୋପୀୟ, ଲାଟିନ ଆମେରିକୀୟ ଓ ଅନ୍ୟାନ୍ୟ ରାଷ୍ଟ୍ର ମଧରେ ଅଦଳବଦଳ ହୋଇଥାଏ ।

ନିୟମିତ ଅଧିବେଶନ ବ୍ୟତିତ ନିରାପତ୍ତା ପରିଷଦ କିମ୍ବା ଜାତିସଂଘର ସଂଖ୍ୟା ଗରିଷ୍ଠ ସଦସ୍ୟଙ୍କ ଅନୁରୋଧକ୍ରମେ ସାଧରଣ ସଭାର ସ୍ୱତନ୍ତ୍ର ଅଧିବେଶନ ଆହୂତ ହୋଇଥାଏ । ସଦସ୍ୟମାନେ ଜରୁରୀକାଳୀନ ସ୍ୱତନ୍ତ ଅଧିବେଶନ ମଧ୍ୟ ଡାକିପାରନ୍ତି, ସେଥିପାଇଁ ୯ଟି ନିରାପତ୍ତା ପରିଷଦ ସଦସ୍ୟ ବା ସାଧାରଣ ସଭାର ସଂଖ୍ୟା ଗରିଷ୍ଠ ସଦସ୍ୟଗୁଡିକର ସହମତି ଆବଶ୍ୟକ ।

ପ୍ରତ୍ୟେକ ନିୟମିତ ଅଧିବେଶନ ଆରମ୍ଭରେ, ଏକ ଆନୁଷ୍ଠାନିକ ଆଲୋଚନା ହୋଇଥାଏ ଯେଉଁଥିରେ କୌଣସି ରାଷ୍ଟ୍ରର ମୁଖ୍ୟ ବା ସରକାର ମୁଖ୍ୟ ଭାଷଣ ଦେଇପାରନ୍ତି । ସେହି ସମୟରେ ସଦସ୍ୟ ରାଷ୍ଟ୍ରମାନେ ଅତି ଜରୁରୀ ଅନ୍ତର୍ଜାତୀୟ ବିଷୟବସ୍ତୁ ଉପରେ ନିଜ ମତାମତ ରଖି ପାରନ୍ତି ।

**କାର୍ଯ୍ୟ ଓ କ୍ଷମତା :**

ସାଧାରଣ ସଭା ମିଳିତ ଜାତିସଂଘର ସନନ୍ଦ ଅଧିନସ୍ଥ ବିଭିନ୍ନ ବିଷୟରେ ଆଲୋଚନା, ପକ୍ଷ ଉପସ୍ଥାପନା ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥାଏ । ଜାତିସଂଘ ସନନ୍ଦର ଧାରା ୧୦ ରୁ ୧୭ ମଧ୍ୟରେ ସାଧାରଣ ସଭାର କ୍ଷମତା ବର୍ଣ୍ଣନା ହୋଇଛି । ପ୍ରଫେସର ଲିଓନାର୍ଡ ସାଧାରଣ ସଭାର କାର୍ଯ୍ୟ ଓ କ୍ଷମତାକୁ ପାଞ୍ଚଭାଗରେ ବିଭକ୍ତ କରିଛନ୍ତି ଯଥା,

୧. ଆଲୋଚନା ସମ୍ବନ୍ଧୀୟ
୨. ପରିଦର୍ଶନ ସମ୍ବନ୍ଧୀୟ
୩. ଅର୍ଥ ସମ୍ବନ୍ଧୀୟ
୪. ନିର୍ବାଚନ ସମ୍ବନ୍ଧୀୟ
୫. ସଂନନ୍ଦ ସଂଶୋଧନ ସମ୍ବନ୍ଧୀୟ

(୧) **ଆଲୋଚନା ସମ୍ବନ୍ଧୀୟ କାର୍ଯ୍ୟ** - ସାଧାରଣ ସଭା ଜାତିସଂଘର ମୁଖ୍ୟ ଆଲୋଚନାକାରୀ ବିଭାଗ ଅଟେ । ସନନ୍ଦର ଯେକୌଣସି ଧାରା ସମ୍ବନ୍ଧରେ ଏହା ଆଲୋଚନା କରିପାରେ । ଜାତିସଂଘର ଅନ୍ୟ ବିଭାଗ ଗୁଡ଼ିକ ସମ୍ବନ୍ଧରେ ମଧ୍ୟ ଏହା ଆଲୋଚନା କରିଥାଏ । କିନ୍ତୁ ନିରପତ୍ତା ପରିଷଦରେ ଆଲୋଚନା କରାଯାଉଥିବା ବିଷୟ ଗୁଡ଼ିକ ସମ୍ବନ୍ଧରେ ଏହା ଆଲୋଚନା କରେନାହିଁ । ଅନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ସମ୍ବନ୍ଧୀୟ ସାଧାରଣ ନୀତିଗୁଡ଼ିକ ଏହା ନିର୍ଦ୍ଧାରଣ କରିଥାଏ । ପୁନଶ୍ଚ, ଅନ୍ତର୍ଜାତୀୟ ଶାନ୍ତି ଓ ନିରପତ୍ତା ବିପନ୍ନ କରୁଥିବା ପରିସ୍ଥିତ ସମ୍ବନ୍ଧରେ ଏହା ନିରାପତ୍ତା ପରିଷଦକୁ ଅବଗତ କରାଇଥାଏ ।

(୨) **ଆଇନ ପ୍ରଣୟନ କାର୍ଯ୍ୟ** - ସର୍ବୋପରି ଅନ୍ତର୍ଜାତୀୟ ଆଇନର ବିକାଶ ଏବଂ ଏହାର ସୁସଂହତକରଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଇଥାଏ । ସର୍ବ ଜନ ପାଇଁ ମାନବିକ ଅଧିକାର ଓ ମୌଳିକ ସ୍ୱତନ୍ତ୍ରତା ପ୍ରାପ୍ତି ସକାଶେ ପ୍ରଚେଷ୍ଟା କରି ଜାତି, ଧର୍ମ, ବର୍ଣ୍ଣ ଓ ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ସମସ୍ତ କ୍ଷେତ୍ରରେ ଅନ୍ତର୍ଜାତୀୟ ସହେଯାଗର ବାତାବରଣ ସୃଷ୍ଟି କରିଥାଏ ।

(୩) **ଶାନ୍ତିପୂର୍ଣ୍ଣ ଉପାୟରେ ବିବାଦ ସମାଧାନର କାର୍ଯ୍ୟ** – ଯେ କୌଣସି ବିବାଦ ଯାହା ରାଷ୍ଟ୍ର-ରାଷ୍ଟ୍ର ମଧରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କକୁ କ୍ଷୁଣ୍ଣ କରିପାରେ ତା'ର ଶାନ୍ତିପୂର୍ଣ୍ଣ ଉପାୟରେ ସମାଧାନ ପାଇଁ ଅନୁରୋଧ କରିପାରିବ ।

(୪) **ପରିଦର୍ଶନ ସମ୍ବନ୍ଧୀୟ କାର୍ଯ୍ୟ** – ଜାତିସଂଘର ଅନ୍ୟ ବିଭାଗ ଅନ୍ୟାନ୍ୟ ବିଶେଷ ସଂସ୍ଥା ଗୁଡ଼ିକର କାର୍ଯ୍ୟକୁ ସାଧାରଣ ସଭା ତଦାରଖ କରିଥାଏ । ବିଶେଷଭାବେ, ଅର୍ଥନୈତିକ ଓ ସାମାଜିକ ପରିଷଦ ଏବଂ ନ୍ୟାସ ପରିଷଦର କାର୍ଯ୍ୟକୁ ସାଧାରଣ ସଭା ଯଥେଷ୍ଟ ପରିମାଣରେ ନିୟନ୍ତ୍ରଣ କରିଥାଏ । ନିରାପତ୍ତା ପରିଷଦ ଓ ଜାତିସଂଘର ଅନ୍ୟ ବିଭାଗ ଗୁଡ଼ିକ ସାଧାରଣ ସଭାରେ ସେମାନଙ୍କର ବାର୍ଷିକବିବରଣୀ ଉପସ୍ଥାପନ କରନ୍ତି । ସାଧାରଣ ସଭା ଏହି ବିବରଣୀ ଉପରେ ବିଚାର ବିମର୍ଶ କରିଥାଏ । ଏହା ମଧ୍ୟ ମହାସଚିବଙ୍କୁ କେତେକ ପରିମାଣରେ ନିୟନ୍ତ୍ରଣ କରିଥାଏ ।

(୫) **ଅର୍ଥ ସମ୍ବନ୍ଧୀୟ କାର୍ଯ୍ୟ** - ସାଧାରଣ ସଭା ଗୁରୁତ୍ୱପୂର୍ଣ୍ଣ ଅର୍ଥ ସମ୍ବନ୍ଧୀୟ କାର୍ଯ୍ୟ ସମ୍ପାଦନ କରିଥାଏ । ଏହା ଜାତିସଂଘର ବଜେଟକୁ ବିଚାର ବିମର୍ଷ ମାଧ୍ୟମରେ ଅନୁମୋଦନ କରିଥାଏ । ଜାତିସଂଘର ଖର୍ଚ୍ଚକୁ କେଉଁ ରାଷ୍ଟ୍ର କେତେ ବହନ କରିବେ – ତାହା ସାଧରଣ ସଭା ନିର୍ଣ୍ଣୟ କରିଥାଏ । ଏହା ମଧ୍ୟ ବିଶେଷ ସଂସ୍ଥାଗୁଡ଼ିକର ବଜେଟ ଓ ଅନ୍ୟାନ୍ୟ ଆର୍ଥିକ ବ୍ୟବସ୍ଥାକୁ ଅନୁମୋଦନ କରିଥାଏ । ସୁତରାଂ, ତହବିଲ ରଜ୍ଜୁ ଧରିଥିବାରୁ, ସାଧାରଣ ସଭା ଜାତିସଂଘର ପ୍ରଭାବଶାଳୀ ଭୂମିକାରେ ଅବତୀର୍ଣ୍ଣ ହୋଇଛି ।

(୬) **ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ** - ସାଧାରଣ ସଭା ଦୁଇପ୍ରକାରର ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ କରିଥାଏ, ଯଥା- (କ) ଜାତିସଂଘକୁ ନୂତନ ରାଷ୍ଟ୍ରର ପ୍ରବେଶ ସମ୍ବନ୍ଧୀୟ ନିର୍ବାଚନ; ଏବଂ (ଖ) ଅନ୍ୟାନ୍ୟ ବିଭାଗର ସଦସ୍ୟ ପାଇଁ ହେଉଥିବା ନିର୍ବାଚନ । ସାଧାରଣ ସଭା ପ୍ରଥମ ପ୍ରକାରର ନିର୍ବାଚନ ମାଧ୍ୟମରେ ନୂତନ ରାଷ୍ଟ୍ରକୁ ଜାତିସଂଘର ପରିସରକୁ ଆଣେ ଏବଂ ସେହି ନୂତନ ରାଷ୍ଟ୍ର ଜାତିସଂଘର ସଦସ୍ୟ ହୁଅନ୍ତି । ଏଥିପାଇଁ ଦୁଇ-ତୃତୀୟାଂଶ ସଦସ୍ୟ ରାଷ୍ଟ୍ରଗୁଡ଼ିକର ସମର୍ଥନ ଆବଶ୍ୟକ । ଅନ୍ୟାନ୍ୟ ବିଭାଗର ସଦସ୍ୟମାନଙ୍କୁ ନିର୍ବାଚନ କଲାବେଳେ ସାଧାରଣ ସଭା ନିମ୍ନଲିଖିତ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ କରିଥାଏ । ନିରାପତ୍ତା ପରିଷଦର ଅସ୍ଥାୟୀ ସଦସ୍ୟ, ଅର୍ଥନୈତିକ ଓ ସାମାଜିକ ପରିଷଦର ସଦସ୍ୟ ଏବଂ ନ୍ୟାସ ପରିଷଦର ନିର୍ବାଚିତ ସଦସ୍ୟ ମାନଙ୍କର ନିର୍ବାଚନ କରିଥାଏ । ନିରାପତ୍ତା ପରିଷଦ ସହିତ ମିଳିତ ଭାବରେ ଅନ୍ତର୍ଜାତୀୟ ନ୍ୟାୟାଳୟର ବିଚାରପତି ନିର୍ବାଚନ ଏବଂ ମିଳିତ ଜାତିସଙ୍ଘର ମୁଖ୍ୟ ସଚିବଙ୍କର ନିଯୁକ୍ତି କରିଥାଏ ।

(୭) **ସଂନନ୍ଦ ସଂଶୋଧନ ସମ୍ବନ୍ଧୀୟ କାର୍ଯ୍ୟ** - ସାଧାରଣ ସଭା ଜାତିସଂଘର ସନନ୍ଦ ସଂଶୋଧନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ସନନ୍ଦର ଯେ କୌଣସି ବ୍ୟବସ୍ଥା ସଂଶୋଧନ ପାଇଁ ସାଧାରଣ ସଭା ସଦସ୍ୟଗୁଡ଼ିକର ଦୁଇ-ତୃତୀୟାଂଶ ସମର୍ଥନ ଓ ଅନୁମୋଦନ ଅବଶ୍ୟକ ହୋଇଥାଏ ।

ସାଧାରଣ ସଭାର କାର୍ଯ୍ୟାବଳୀର ଆଲୋଚନାରୁ ଅନୁମିତ ହେଉଛି ଯେ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ତଥା ମାନବିକ ଅଧିକାର କ୍ଷେତ୍ରରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି । ବିଶ୍ୱ ବ୍ୟବସ୍ଥାପିକା ଭୂମିକାରେ ଅବତୀର୍ଣ୍ଣ ହେବାପାଇଁ ଏହା ବିଶ୍ୱ ଜନମତର ସମର୍ଥନ ଲୋଡୁଛି ।

## ନିରାପତ୍ତା ପରିଷଦ

ନିରାପତ୍ତା ପରିଷଦ ଜାତିସଂଘର ସର୍ବାଧିକ କ୍ଷମତାଶାଳୀ ଅଙ୍ଗ ଅଟେ । ଏହା ଜାତିସଂଘର କାର୍ଯ୍ୟପାଳିକା ଅଙ୍ଗ ହିସାବରେ କାର୍ଯ୍ୟ କରେ ବୋଲି ଅନେକ ବିଶାରଦ ମତ ପ୍ରକାଶ କରିଛନ୍ତି । ଅନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ରକ୍ଷା ଦାୟିତ୍ୱ ମୁଖ୍ୟତଃ ନିରାପତ୍ତା ପରିଷଦ ଉପରେ ନ୍ୟସ୍ତ ।

ଗଠନ :

ନିରାପତ୍ତା ପରିଷଦ ମୋଟ ୧୫ ଗୋଟି ସଦସ୍ୟରାଷ୍ଟ୍ରଙ୍କୁ ନେଇ ଗଠିତ । ଏହି ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ- ଯଥା: ପାଞ୍ଚଟି ରାଷ୍ଟ୍ର ସ୍ଥାୟୀ ସଦସ୍ୟ, ଯୁକ୍ତରାଷ୍ଟ୍ର ଆମେରିକା, ରୁଷିଆ, ଚୀନ,

ବ୍ରିଟେନ ଓ ଫ୍ରାନ୍ସ; ଅସ୍ଥାୟୀ ସଦସ୍ୟ – ୧୦ ଗୋଟି ଅସ୍ଥାୟୀ ସଦସ୍ୟ ଦୁଇ ବର୍ଷ ପାଇଁ ସାଧାରଣ ସଭା ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ନଅଗୋଟି ଆସ୍ଥାସୂଚକ ଭୋଟ ସହିତ ପାଞ୍ଚଟି ସ୍ଥାୟୀ ସଦସ୍ୟଙ୍କର ଆସ୍ଥାସୂଚକ ଭୋଟ ମିଳିତ ହେଲେ ଗୁରୁତ୍ୱପୂର୍ଣ୍ଣ ବିଷୟରେ ନିଷ୍ପତ୍ତି ନିଆଯାଇଥାଏ । ପରିଷଦର ସଭାପତିତ୍ୱ ପ୍ରତିମାସରେ ଅଦଳବଦଳ ହୁଏ । ଇଂରାଜୀ ବର୍ଣ୍ଣମାଳାର ଅକ୍ଷର କ୍ରମରେ ତାହା ପରିବର୍ତ୍ତନ ହୋଇଥାଏ ।

ପ୍ରତ୍ୟେକ ସଦସ୍ୟଙ୍କର ଗୋଟିଏ ଭୋଟ ଥାଏ । ପଦ୍ଧତିଗତ ବିଷୟ ଉପରେ ନିଷ୍ପତ୍ତି ନେବାକୁ ଅତିକମ୍‌ରେ ପନ୍ଦରରୁ ନଅଗୋଟି ଆସ୍ଥାସୂଚକ ଭୋଟ ଆବଶ୍ୟକ ହୁଏ । କିନ୍ତୁ ମୌଳିକ ବିଷୟରେ ନିଷ୍ପତ୍ତି ନେବାପାଇଁ ସମସ୍ତ ସ୍ଥାୟୀ ସଦସ୍ୟଙ୍କ ସହମତି ସହ ନଅଗୋଟି ଭୋଟ ଆବଶ୍ୟକ ହୋଇଥାଏ । ଏହି ବ୍ୟବସ୍ଥା ଶକ୍ତିଶାଳୀ ରାଷ୍ଟ୍ରଗୁଡିକର ଏକତାର ଆବଶ୍ୟକତାକୁ ସୂଚାଏ ଓ ଏହି ପରିପ୍ରେକ୍ଷୀରେ ଭିଟୋ କ୍ଷମତା ପ୍ରାସଙ୍ଗିକ ହୋଇଥାଏ ।

**କ୍ଷମତା :**

ନିରାପତ୍ତା ପରିଷଦର କ୍ଷମତାକୁ ମୁଖ୍ୟତଃ ଚାରି ଭାଗରେ ବିଭକ୍ତ କରାଯାଇଛି: ଅନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ରକ୍ଷା, ନିର୍ବାଚନ କ୍ଷମତା, ପରିଦର୍ଶନ ସମ୍ବନ୍ଧୀୟ କ୍ଷମତା ଏବଂ ସନନ୍ଦ ସଂଶୋଧନ କ୍ଷମତା

**ଅନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ରକ୍ଷା କ୍ଷମତା** – ଜାତିସଂଘର ନୀତି ଓ ଆଦର୍ଶ ଅନୁଯାୟୀ ନିରାପତ୍ତା ପରିଷଦ ଅନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ରକ୍ଷାପାଇଁ ସର୍ବଦା ପ୍ରୟାସ କରିଥାଏ । ଏହା ଅନ୍ତର୍ଜାତୀୟ ବିବାଦଗୁଡିକର ଅନୁସନ୍ଧାନ କରିଥାଏ ଓ ସେଗୁଡିକର ସମାଧାନ ପାଇଁ ଆବଶ୍ୟକୀୟ କାର୍ଯ୍ୟପନ୍ଥା ସୁପାରିଶ କରିଥାଏ । ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ନିୟନ୍ତ୍ରଣ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥାଏ । ଆକ୍ରମଣକାରୀ ବା ଅନ୍ତର୍ଜାତୀୟ ଆଇନ ଉଲଂଘନକାରୀ ରାଷ୍ଟ୍ର ବିରୁଦ୍ଧରେ ଅର୍ଥନୈତିକ ବାସନ୍ଦ ବ୍ୟବସ୍ଥା ଗ୍ରହଣ କରିବାକୁ ଏହା ଜାତିସଂଘ ସଦସ୍ୟ ରାଷ୍ଟ୍ରଗୁଡିକୁ ଆହ୍ୱାନ ଦେଇଥାଏ । ଏସବୁ ବ୍ୟବସ୍ଥା ଫଳପ୍ରଦ ନ ହେଲେ ଆକ୍ରମଣକାରୀ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଏ । ଜାତିସଂଘରେ ଏକ ନୂଆ ରାଷ୍ଟ୍ର ପ୍ରବେଶପାଇଁ ନିରାପତ୍ତା ପରିଷଦର ସୁପାରିଶ କ୍ରମେ ସାଧାରଣ ସଭା ଶେଷ ନିଷ୍ପତ୍ତି ନେଇଥାଏ ।

**ନିର୍ବାଚନ ସମ୍ବନ୍ଧୀୟ କ୍ଷମତା** - ନିରାପତ୍ତା ପରିଷଦର କେତେକ ନିର୍ବାଚନ ସମ୍ବନ୍ଧୀୟ କ୍ଷମତା ଉପଭୋଗ କରିଥାଏ । ନିରାପତ୍ତା ପରିଷଦ ଓ ସାଧାରଣ ସଭା ପୃଥକ୍ ଭାବରେ ଅନ୍ତର୍ଜାତୀୟ ନ୍ୟାୟାଳୟର ନ୍ୟାୟାଧୀଶ ମାନଙ୍କୁ ନିର୍ବାଚିତ କରିଥାନ୍ତି । ଏହାଛଡା ଜାତିସଂଘର ମହାସଚିବଙ୍କ ନିଯୁକ୍ତିକୁ ମଧ୍ୟ ନିରାପତ୍ତା ପରିଷଦ ସୁପାରିଶ କରିଥାଏ ।

**ପରିଦର୍ଶନ ସମ୍ବନ୍ଧୀୟ କ୍ଷମତା** – ସାଧାରଣ ସଭା ଠାରୁ ନିରାପତ୍ତା ପରିଷଦର ପରିଦର୍ଶନ କ୍ଷମତା କମ୍ ଥିଲେ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଜାତିସଂଘର କୌଣସି ସଦସ୍ୟକୁ ବହିଷ୍କାର କରିବା କ୍ଷମତା ସାଧରଣ ସଭା ସହିତ ନିରାପତ୍ତା ପରିଷଦକୁ ଦିଆଯାଇଛି । ସୁତରାଂ, ନିରାପତ୍ତା ପରିଷଦ ଏହି କ୍ଷମତା ମାଧ୍ୟମରେ ଜାତିସଂଘର ସବୁ ରାଷ୍ଟ୍ରଗୁଡିକର କାର୍ଯ୍ୟର ତଦାରଖ କରିଥାଏ । ପୁନଶ୍ଚ, ନିଲମ୍ବିତ ହୋଇଥିବା ରାଷ୍ଟ୍ରର ଅଧିକାରକୁ ପୁନଃ ପ୍ରତିଷ୍ଠା ମଧ୍ୟ ନିରାପତ୍ତା ପରିଷଦ କରିପାରେ । ଆଉ ମଧ୍ୟ କେତେକ ସମ୍ବେଦନଶୀଳ ଅଞ୍ଚଳରେ ନ୍ୟାସ ପରିଷଦର କାର୍ଯ୍ୟକୁ ତଦାରଖ କରିବା ସହିତ ଏହା ଉପରେ ନିରାପତ୍ତା ପରିଷଦ କର୍ତ୍ତୃତ୍ୱ ଜାହିର କରିଥାଏ ।

**ସଂନନ୍ଦ ସଂଶୋଧନ କ୍ଷମତା** – ସଂନନ୍ଦ ସଂଶୋଧନ ବ୍ୟାପାରରେ ନିରାପତ୍ତା ପରିଷଦ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସନନ୍ଦର ୧୦୮ ଧାରା ଅନୁଯାୟୀ ଅନ୍ୟ ବ୍ୟବସ୍ଥା ସହିତ ନିରାପତ୍ତା ପରିଷଦର ସମସ୍ତ ସ୍ଥାୟୀ ସଦସ୍ୟଗୁଡ଼ିକର ସହମତ ବ୍ୟତୀତ ଜାତିସଂଘର ସନନ୍ଦରେ କୌଣସି ସଂଶୋଧନ ଅଣାଯାଇପାରିବନାହିଁ । ଏଣୁ, ସନନ୍ଦ ସଂଶୋଧନ ମାମଲାରେ ନିରାପତ୍ତା ପରିଷଦ ସାଧାରଣ ସଭା ତୁଳନାରେ ଅଧିକ କ୍ଷମତାର ଅଧିକାରୀ । କୌଣସି ଗୋଟିଏ ସ୍ଥାୟୀ ସଦସ୍ୟ ଭିଟୋ ପ୍ରୟୋଗ କଲେ, ଜାତିସଂଘର ସନନ୍ଦ ସଂଶୋଧିତ କଦାପି ହୋଇପାରିବନାହିଁ ।

- ଯେତେବେଳେ ଶାନ୍ତି ଓ ନିରାପତ୍ତା ପ୍ରତି ବିପଦ ଆସେ କେବଳ ନିରପତ୍ତା ପରିଷଦ ସେତେବେଳେ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଚେଷ୍ଟା କରିଥାଏ । କେବଳ ନିରାପତ୍ତା ପରିଷଦ ୟୁ.ଏନ୍. ଶାନ୍ତି ସେନା ମୁତୟନ କରିଥାଏ ଓ ତା'ର ଅବସ୍ଥିତି ନିର୍ଣ୍ଣୟ କରିଥାଏ । ନିରାପତ୍ତା ପରିଷଦ କେବଳ କୌଣସି ବିବାଦ ଯାହା ଯୁଦ୍ଧ ଆଡ଼କୁ ଯାଇପାରେ ତା'ର ବିଷୟରେ ତଦନ୍ତ କରିପାରିବ । ଯୁଦ୍ଧ ହେଲେ କିପରି ସାମୂହିକ ସାମରିକ କାର୍ଯ୍ୟ କରାଯିବ ସେ ବିଷୟରେ ନିଷ୍ପତ୍ତି ନେଇ ପାରିବ, ଉଦାହରଣ- କୋରିଆ ସମସ୍ୟା (୧୯୫୦) ଇରାକ-କୁଏତ ସମସ୍ୟା (୧୯୯୦-୯୧)
- ଅନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ରକ୍ଷା କରିବା ନିରାପତ୍ତା ପରିଷଦର ପ୍ରାଥମିକ ଦାୟିତ୍ୱ । ସେଥିପାଇଁ ତା'ର ସଂଗଠନ ଏମିତି କରାଯାଇଛି ଯେ ତାହା ସବୁ ସମୟରେ କାର୍ଯ୍ୟରତ ରହିବ ଓ ସମସ୍ତ ପ୍ରତିନିଧି ସର୍ବଦା ଉପସ୍ଥିତ ରହିବେ ।
- ଆପତ୍ତି ଆସିଲେ ପ୍ରାଥମିକ ଭାବରେ ନିରାପତ୍ତା ପରିଷଦ ବାଦୀ ପ୍ରତିବାଦୀଙ୍କୁ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଅନୁରୋଧ କରିଥାଏ । ଆବଶ୍ୟକ ପଡ଼ିଲେ ତଦନ୍ତ ଓ ମଧ୍ୟସ୍ଥତା କାର୍ଯ୍ୟ ମଧ କରିପାରେ । ଅନ୍ୟମାନଙ୍କୁ ମଧ୍ୟସ୍ଥତା କରିବାପାଇଁ ଅନୁରୋଧ କରିପାରେ, ବା ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ନିୟମ ବତାଇପାରେ ।
- ବିବାଦ ଯୁଦ୍ଧରେ ରୂପାନ୍ତରିତ ହେଲେ ନିରାପତ୍ତା ପରିଷଦ ଶୀଘ୍ରାତିଶୀଘ୍ର ତା'କୁ ସମାପ୍ତ କରିବା ଚିନ୍ତା କରେ । ବହୁ ସମୟରେ ତା'ର ଯୁଦ୍ଧ-ବନ୍ଦ ପାଇଁ ନିର୍ଦ୍ଦେଶ ବିବାଦକୁ ସୀମିତ କରିବାରେ ସହାୟକ ହୋଇଥାଏ ।
- ଅଶାନ୍ତ ଅଞ୍ଚଳରେ ଉତ୍ତେଜନା ହ୍ରାସ ପାଇଁ ଶାନ୍ତିସେନା ମୁତୟନ କରେ, ପ୍ରତିଦ୍ୱନ୍ଦୀମାନଙ୍କୁ ପରସ୍ପରଠାରୁ ଦୂରେଇ ରଖେ ଓ ଶାନ୍ତି ବହାଲ କରି ବିବାଦର ଶାନ୍ତିପୂର୍ଣ୍ଣ ଉପାୟ ଖୋଜେ ।
- ଆଇନ ଉଲଂଘନକାରୀ ରାଷ୍ଟ୍ର ବିରୁଦ୍ଧରେ ଅର୍ଥନୈତିକ ବାସନ୍ଦ ବ୍ୟବସ୍ଥା ଗ୍ରହଣ କରିବାକୁ ପଦକ୍ଷେପ ନେଇପାରେ ।
- ନିରାପତ୍ତା ପରିଷଦ କୌଣସି ଆଇନ ଉଲଂଘନକାରୀ ରାଷ୍ଟ୍ରକୁ ନିଲମ୍ବିତ ବା ବହିଷ୍କରଣ ପାଇଁ ସାଧାରଣ ସଭାକୁ ଅନୁରୋଧ କରିପାରେ ।
- ଅଣ-ସଦସ୍ୟ ରାଷ୍ଟ୍ରକୁ ତା'ର ଆଲୋଚନାରେ ଭାଗନେବାପାଇଁ ଅନୁମତି ଦେଇପାରେ ।

ମିଳିତ ଜାତିସଂଘର ସମସ୍ତ ସଦସ୍ୟ ନିରାପତ୍ତା ପରିଷଦର ସୁପାରିଶ ଗୁଡିକୁ ମାନିବାକୁ ସହମତି ଦେଇଛନ୍ତି । ଯଦ୍ୟପି ଅନ୍ୟ ବିଭାଗ ଗୁଡିକ ସଦସ୍ୟ ମାନଙ୍କୁ ଅନୁରୋଧ କରନ୍ତି, ପରିଷଦର ହିଁ କେବଳ ନିର୍ଣ୍ଣୟ କ୍ଷମତା ଅଛି ଯାହା ସଦସ୍ୟ ରାଷ୍ଟ୍ରମାନେ କର୍ତ୍ତବ୍ୟ ଭାବେ ମାନିବେ ।

## ଅନ୍ତର୍ଜାତୀୟ ନ୍ୟାୟାଳୟ

ଜାତିସଂଘ ସନନ୍ଦର ୯୨ ଧାରା ଅନୁଯାୟୀ ଅନ୍ତର୍ଜାତୀୟ ନ୍ୟାୟାଳୟ ଜାତିସଂଘର ପ୍ରମୁଖ ନ୍ୟାୟିକ ଅଙ୍ଗ ଭାବରେ ପ୍ରସିଦ୍ଧି ଲାଭ କରିଛି । ନେଦରଲ୍ୟାଣ୍ଡର ହେଗ ସହରର ଶାନ୍ତି ମହଲରେ (ପିସ୍ ପ୍ୟାଲେସ୍) ଏହା ଅବସ୍ଥିତ । ଏହା ୧୯୪୬ ରୁ କାର୍ଯ୍ୟ କରିଆସୁଛି । ଏହା ବିଧି ଅନୁଯାୟୀ କାର୍ଯ୍ୟକରେ ଯାହା ସନନ୍ଦର ଅବିଚ୍ଛେଦ୍ୟ ଅଂଶ ଅଟେ । ସନନ୍ଦର ୯୩ ଧାରା ଅନୁଯାୟୀ ଜାତିସଂଘର ସମସ୍ତ ସଦସ୍ୟ ଏହି ଅନ୍ତର୍ଜାତୀୟ ନ୍ୟାୟାଳୟ ବିଧିର ପକ୍ଷ ହୋଇଥାନ୍ତି । ଜାତିସଂଘର ସଦସ୍ୟ ହୋଇନଥିବା ରାଷ୍ଟ୍ର ମଧ୍ୟ ନିରାପତ୍ତା ପରିଷଦର ସୁପାରିଶ କ୍ରମେ ଏହି ନ୍ୟାୟାଳୟର ବିଧିର ପକ୍ଷ ହୋଇପାରିବ । ଏହି ବିଧିର ସର୍ବମୋଟ ୭୦ଟି ଧାରା ରହିଛି ।

ଗଠନ :

ଅନ୍ତର୍ଜାତୀୟ ନ୍ୟାୟାଳୟ ୧୫ ଜଣ ବିଚାରପତିଙ୍କୁ ନେଇ ଗଠିତ । ସାଧାରଣ ସଭା ଓ ନିରାପତ୍ତା ପରିଷଦ, ପୃଥକ୍ ଭାବେ ଭୋଟଦେଇ, ଏହି ବିଚାରପତିମାନଙ୍କୁ ନିର୍ବାଚିତ କରିଥାନ୍ତି । ଏହି ବିଚାରପତିମାନେ ଉଚ୍ଚମାନର ଯୋଗ୍ୟତା ଓ ନୈତିକ ଚରିତ୍ର ଭିତ୍ତିରେ ନଅ ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି । ପୁନଃ ନିର୍ବାଚିତ ହେବାପାଇଁ ମଧ୍ୟ ସେମାନଙ୍କ ପାଇଁ କୌଣସି ପ୍ରତିବନ୍ଧକ ବ୍ୟବସ୍ଥା କରାଯାଇନାହିଁ । ପରମ୍ପରା ଅନୁଯାୟୀ ପାଞ୍ଚଜଣ ବିଚାରପତି ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ଦେଶଗୁଡିକରୁ ଆସିଥାନ୍ତି । ପୁନଶ୍ଚ ଲାଟିନ ଆମେରିକା, ୟୁରୋପ, ଆଫ୍ରିକା, ଏସିଆ ପ୍ରଭୃତି ଅଞ୍ଚଳ ଅନ୍ତର୍ଜାତୀୟ ନ୍ୟାୟାଳୟରେ ପ୍ରତିନିଧିତ୍ୱ ପାଇଲାଭଳି ବ୍ୟବସ୍ଥା ମଧ୍ୟ କରାଯାଇଥାଏ । ଗୋଟିଏ ରାଷ୍ଟ୍ରରୁ ଏକ ସମୟରେ ଦୁଇଜଣ ବିଚାରପତି ଅନ୍ତର୍ଜାତୀୟ ନ୍ୟାୟାଳୟକୁ ନିର୍ବାଚିତ ହୋଇପାରିବେନାହିଁ ବୋଲି ବ୍ୟବସ୍ଥା ଅଛି ।

ଭୂମିକା :

ଅନ୍ତର୍ଜାତୀୟ ନ୍ୟାୟାଳୟ ଭୂମିକା ଦୁଇ ପ୍ରକାରର – ବିବାଦର ସମାଧାନ ଓ ପରାମର୍ଶ ଦାନ । ପ୍ରଥମତଃ, ଅନ୍ତର୍ଜାତୀୟ ଆଇନ ଅନୁସାରେ ରାଷ୍ଟ୍ରମାନଙ୍କ ଦ୍ୱାରା ରୁଜୁ ହୋଇଥିବା ଆଇନଗତ ମୋକଦ୍ଦମାର ବିଚାର କରି ଏହା ନିଷ୍ପତ୍ତି ଦେଇଥାଏ ।

ଦ୍ୱିତୀୟତଃ, ଆବଶ୍ୟକ ସ୍ଥଳେ ସାଧାରଣ ସଭା, ନିରାପତ୍ତା ପରିଷଦ ଓ ଅନ୍ୟ ସହାୟକ ସଂସ୍ଥାଗୁଡିକୁ ଆଇନଗତ ପରାମର୍ଶ ଦେଇଥାଏ ।

**ବିବାଦର ସମାଧାନ :** ଅନ୍ତର୍ଜାତୀୟ ନ୍ୟାୟାଳୟ ବିଧିର ୩୬ ଧାରା ଅନୁଯାୟୀ ନ୍ୟାୟାଳୟରେ ରୁଜୁ କରାଯାଇଥିବା ସମସ୍ତ ମୋକଦ୍ଦମାର ବିଚାର କରି ଏହା ନିଷ୍ପତ୍ତି ଦେଇଥାଏ; କିନ୍ତୁ ନିଷ୍ପତ୍ତିକୁ ବା ନିଷ୍ପତ୍ତିଗୁଡିକୁ

ଗ୍ରହଣ କରିବାକୁ ପକ୍ଷଗୁଡିକ ବାଧ୍ୟ ନୁହନ୍ତି । ସାଧରଣତଃ ଉଭୟ ପକ୍ଷ ପାରସ୍ପରିକ ସୁବିଧା ପାଇଁ ନ୍ୟାୟାଳୟର ନିଷ୍ପତ୍ତିକୁ ମାନିଥାନ୍ତି । ସର୍ବୋପରି, ନ୍ୟାୟାଳୟର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଦାୟିତ୍ୱ ନିରାପତ୍ତା ପରିଷଦଠାରେ ନ୍ୟସ୍ତ ।

**ପରାମର୍ଶଦାନ:** ଅନ୍ତର୍ଜାତୀୟ ନ୍ୟାୟାଳୟ ଆବଶ୍ୟକ ସ୍ଥଳେ ସାଧାରଣ ସଭା, ନିରାପତ୍ତା ପରିଷଦ ଓ ଅନ୍ୟ ସହାୟକ ସଂସ୍ଥାଗୁଡିକୁ ଆଇନଗତ ପରାମର୍ଶ ଦେଇଥାଏ । ଏଥିପାଇଁ ସଂପୃକ୍ତ ଅନୁଷ୍ଠାନ ନ୍ୟାୟାଳୟକୁ ଲିଖିତଭାବେ ଅନୁରୋଧ କରିଥାନ୍ତି । ଏଥିରୁ ସୂଚିତ ହୁଏଯେ ନ୍ୟାୟାଳୟ ସ୍ୱତଃସ୍ଫୂର୍ତ୍ତଭାବେ ପରାମର୍ଶ ଦେଇପାରିବ ନାହିଁ । ପୁନଶ୍ଚ, ନ୍ୟାୟାଳୟର ପରାମର୍ଶକୁ ମାନିବାକୁ କୌଣସି ଅଙ୍ଗ ବା ସଂସ୍ଥା ବାଧ୍ୟ ନୁହନ୍ତି ।

ଅନ୍ତର୍ଜାତୀୟ ନ୍ୟାୟାଳୟ ସେଭଳି ବିବାଦ /ମକଦ୍ଦମାର ବିଚାର କରିଥାଏ ଯାହା ବାଦୀ ବା ପ୍ରତିବାଦୀ ରାଷ୍ଟ୍ରଗୁଡିକ ରୁଜୁ କରିଥାନ୍ତି । ଗତବର୍ଷ (୨୦୧୬) ଅନ୍ତର୍ଜାତୀୟ ନ୍ୟାୟାଳୟକୁ ଆସିଥିବା ଚୀନ ଓ ଫିଲିପାଇନ୍ସ ମଧ୍ୟରେ ଦକ୍ଷିଣ ଚୀନ ସମୁଦ୍ର ସ୍ଥିତ କେତେକ ଦ୍ୱୀପକୁ ନେଇ ବିବାଦର ନିଷ୍ପତି ପ୍ରଶଂସନୀୟ ହୋଇଥିଲା । ପୁନଶ୍ଚ, ଏହା ଆଇନଗତ ସମସ୍ୟାର ସମାଧାନ କରିଥାଏ ଓ ଅନ୍ତର୍ଜାତୀୟ ଆଇନର ତର୍ଜମା କରିଥାଏ ।

ସମସ୍ତ ପ୍ରକାର ସୀମାବନ୍ଧନ ସତ୍ତ୍ୱେ, ବିବାଦର ସମାଧାନ, ଅନ୍ତର୍ଜାତୀୟ ଆଇନର ବିକାଶ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ଆଇନ ଶାସନ ପ୍ରତିଷ୍ଠା ପାଇଁ ପ୍ରୟାସ କ୍ଷେତ୍ରରେ ଅନ୍ତର୍ଜାତୀୟ ନ୍ୟାୟାଳୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ।

## ଅର୍ଥନୈତିକ ଓ ସାମାଜିକ ପରିଷଦ

ଅର୍ଥନୈତିକ ଓ ସାମାଜିକ ପରିଷଦ ଅର୍ଥନୈତିକ ଓ ସାମାଜିକ ଉନ୍ନତି, ବିକାଶ ଏବଂ ସମସ୍ତଙ୍କର ଜୀବନଧାରଣର ମାନରେ ଉନ୍ନତି ପାଇଁ କାର୍ଯ୍ୟ କରିଥାଏ । ଏହି ପରିଷଦର ୫୪ ଗୋଟି ସଦସ୍ୟ ରାଷ୍ଟ୍ର ଅଛନ୍ତି ଓ ସେମାନେ ତିନି ବର୍ଷ ପାଇଁ ନିର୍ବାଚିତ ହୋଇଥାନ୍ତି । ପ୍ରତିବର୍ଷ ଅର୍ଥନୈତିକ ଓ ସାମାଜିକ ପରିଷଦର ମୋଟ ସଦସ୍ୟର ଏକ–ତୃତୀୟାଂଶ ସାଧାରଣ ସଭା ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ପ୍ରତ୍ୟେକ ସଦସ୍ୟ ଏହି ପରିଷଦରେ ତିନି ବର୍ଷପାଇଁ କାର୍ଯ୍ୟ କରିଥାନ୍ତି । ପ୍ରତ୍ୟେକ ସଦସ୍ୟ ଜଣେ ଲେଖାଏଁ ପ୍ରତିନିଧି ପରିଷଦକୁ ପଠାଇଥାନ୍ତି । ଗୋଟିଏ ସଦସ୍ୟର ଗୋଟିଏ ମାତ୍ର ଭୋଟ ଅଧିକାର ଥାଏ । ସଂଖ୍ୟାଗରିଷ୍ଠ ସଦସ୍ୟଙ୍କ ସମର୍ଥନରେ ନିଷ୍ପତ୍ତି ନିଆଯାଇଥାଏ ।

ଏହା ଜାତିସଂଘକୁ ପୃଥିବୀର ଯାବତୀୟ ସାମାଜିକ-ଅର୍ଥନୈତିକ ସମସ୍ୟା ସମାଧାନରେ ସାହାଯ୍ୟ କରିଥାଏ । ଜାତିସଂଘ ଏବଂ ଏହାର ସ୍ୱତନ୍ତ୍ର ସଂସ୍ଥାଗୁଡିକର ଅର୍ଥନୈତିକ ଓ ସାମାଜିକ କାର୍ଯ୍ୟରେ ସମନ୍ୱୟ ରକ୍ଷାପାଇଁ ଅର୍ଥନୈତିକ ଓ ସାମାଜିକ ପରିଷଦ ଗଠନ ହୋଇଛି । ବିକାଶଶୀଳ ରାଷ୍ଟ୍ରଗୁଡିକର ଅର୍ଥନୈତିକ ପ୍ରଗତିରେ ସହାୟକ ହେବା ସହିତ ଏହା ବିକାଶ ଓ ମାନବୀୟ ପ୍ରକଳ୍ପଗୁଡିକର ପରିଚାଳନା କରିଥାଏ । ମାନବିକ ଅଧିକାରର ପ୍ରୋତ୍ସାହନ, ବିଜ୍ଞାନ ଓ ବୈଷୟିକ ବିଦ୍ୟାର ଲାଭର ପ୍ରସାର ସହ ଉନ୍ନତ ମାନର ବାସଗୃହ, ପରିବାର ନିୟନ୍ତ୍ରଣ ଓ ଅପରାଧ ନିବାରଣ ଇତ୍ୟାଦି କ୍ଷେତ୍ରରେ ବିଶ୍ୱ ସହଯୋଗିତା ସୃଷ୍ଟି କରିବାକୁ ଯତ୍ନବାନ ହୋଇଥାଏ ।

ଅର୍ଥନୈତିକ ଓ ସାମାଜିକ ପରିଷଦ ଜାତିସଂଘର ୧୪ ଗୋଟି ବିଶେଷ ସଂସ୍ଥା, ୧୦ ଗୋଟି କ୍ରିୟାଶୀଳ କମିଶନ ଓ ପାଞ୍ଚଟି ଆଞ୍ଚଳିକ କମିଶନ ଗୁଡିକର କାର୍ଯ୍ୟକୁ ସମନ୍ୱିତ କରିଥାଏ । ଏତଦ୍‌ବ୍ୟତିତ, ୧୧ଟି ଜାତିସଂଘ ପାଣ୍ଠି ଓ କାର୍ଯ୍ୟକ୍ରମର ବିବରଣ ଗ୍ରହଣ କରିଥାଏ, ଏବଂ ଜାତିସଂଘର ଅନ୍ୟ ଅଙ୍ଗ ଓ ସଦସ୍ୟରାଷ୍ଟ୍ର ଗୁଡିକୁ ନୀତି ସୁପାରିଶ କରିଥାଏ । ବିଶେଷ ଭାବରେ, ଏହାର କ୍ଷମତା ପରିସରଭୁକ୍ତ ବିଭିନ୍ନ ବିଷୟବସ୍ତୁ ସଂପର୍କରେ ଏକ ବିବରଣୀ ପ୍ରସ୍ତୁତ କରି ସାଧାରଣ ସଭାକୁ ପ୍ରଦାନ କରିଥାଏ । ଏହି ବିବରଣୀରେ ସମସ୍ତ ଅନ୍ତର୍ଜାତୀୟ ସମ୍ମିଳନୀରେ ଗୃହୀତ ହୋଇଥିବା ନିଷ୍ପତ୍ତି ଗୁଡିକ ରହିଥାଏ ।

ନିଜର ବିଧିସଙ୍ଗତ କାର୍ଯ୍ୟ କରିବା ପାଇଁ ଅର୍ଥନୈତିକ ଓ ସାମାଜିକ ପରିଷଦ ଶିକ୍ଷକ, ବ୍ୟବସାୟ ପ୍ରତିଷ୍ଠାନର ପ୍ରତିନିଧି ଏବଂ ୨୧୦୦ ରୁ ଅଧିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡିକ ସହ ଆଲୋଚନା କରିଥାଏ । ସାଧାରଣ ସଭାର ଅନୁମୋଦନ କ୍ରମେ ଜାତିସଂଘର କୌଣସି ସଦସ୍ୟଙ୍କର ବା ବିଶେଷ ସଂସ୍ଥାର ଅନୁମୋଦନ କ୍ରମେ ଏହା କେତେକ ନିର୍ଦ୍ଦିଷ୍ଟ ସେବା ପ୍ରଦାନ କରିଥାଏ ।

ବିଶ୍ୱରୁ ଦାରିଦ୍ର୍ୟ ଓ ବେକାରୀ ବିଲୋପସାଧନ କରି ଲୋକମାନଙ୍କର ଅର୍ଥନୈତିକ ଓ ସାମାଜିକ ଅବସ୍ଥାରେ ଉନ୍ନତି ଆଣିବାପାଇଁ ଅର୍ଥନୈତିକ ଓ ସାମାଜିକ ପରିଷଦ ଅହରହ ଉଦ୍ୟମ କରୁଛି ।

## ନ୍ୟାସ ପରିଷଦ

**(Trusteeship Council)**

ଜାତିସଂଘ ସନନ୍ଦର ୭୫ ଧାରା ଅନୁଯାୟୀ ନ୍ୟାସ ଅଞ୍ଚଳ ଗୁଡିକର ପ୍ରଶାସନ ତଥା ତତ୍ତ୍ୱାବଧାନ ପାଇଁ ନ୍ୟାସ ପରିଷଦ ଗଠିତ ହୋଇଥିଲା । ଜାତିସଂଘର ଛଅଗୋଟି ଅଙ୍ଗ ମଧ୍ୟରୁ ଏହା ଅନ୍ୟତମ ଅଙ୍ଗ ହୋଇଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ନ୍ୟାସ ପରିଷଦ ସଧାରଣ ସଭାର ସାହାଯ୍ୟକାରୀ ସଂସ୍ଥା ରୂପେ କାର୍ଯ୍ୟ କରିଥାଏ ।

ନ୍ୟାସ ପରିଷଦକୁ ୧୧ଟି ନ୍ୟାସ ଅଞ୍ଚଳର ପ୍ରଶାସନିକ ଦାୟୀତ୍ୱ ଦିଆଯାଇଥିଲା । ସେଗୁଡିକ ପଛୁଆ କିମ୍ବା ବିବାଦୀୟ ଅଞ୍ଚଳ ରହିଥିଲା । ସେହି ଅଞ୍ଚଳ ଗୁଡିକର ଉତ୍ତମ ଶାସନ ଓ ବିକାଶ ଦାୟୀତ୍ୱ ମିଳିତ ଜାତିସଂଘ ଆହରଣ କରିନେଇଥିଲା । କିନ୍ତୁ ସମୟକ୍ରମେ ସେହି ଅଞ୍ଚଳଗୁଡିକ ସ୍ୱାଧୀନ ରାଷ୍ଟ୍ର ହୋଇଯିବାପରେ ୧୯୯୪ରୁ ନ୍ୟାସ ପରିଷଦର କରିବାକୁ କୌଣସି କାମ ନାହିଁ । ଜାତିସଂଘର ମହାସଚିବ ତା'ର ବିଲୋପନ କରିବାକୁ ସୁପାରିଶ କରିଛନ୍ତି ।

ଶେଷ ନ୍ୟାସ ଭୂଖଣ୍ଡ ପାଲାଉର ୧ ଅକ୍ଟୋବର ୧୯୯୪ ସ୍ୱାଧୀନତା ପରେ, ନ୍ୟାସ ପରିଷଦ ନଭେମ୍ବର ୧, ୧୯୯୪ ମସିହାରୁ କାର୍ଯ୍ୟ ବନ୍ଦ କରିଛି । ୨୫ ମଇ ୧୯୯୪ ର ଏକ ପ୍ରସ୍ତାବ ମାଧ୍ୟମରେ ପରିଷଦ ତାର ପଦ୍ଧତି ନିୟମରେ ସଂଶୋଧନ କରି ପ୍ରତି ବର୍ଷ ସଭା ଆହୁତ କରିବାର ଦାୟିତ୍ୱ କୁ ବଦଳାଇ ଆବଶ୍ୟକତା ଅନୁସାରେ ବସିବାର ନିୟମ କରିଛି ଯାହା ତାର ନିଜର, ସଭାପତିଙ୍କର ବା ନିରାପତ୍ତା ପରିଷଦର ନିଷ୍ପତ୍ତି ଅନୁସାରେ ହୋଇପାରେ ।

ଗଠନ :

ଜାତିସଂଘ ସନନ୍ଦର ୮୬ ଧାରା ଅନୁଯାୟୀ ଜାତିସଂଘର ନିମ୍ନଲିଖିତ ସଦସ୍ୟଗୁଡ଼ିକୁ ନେଇ ନ୍ୟାସ ପରିଷଦ ଗଠିତ ହୋଇଥାଏ । ନ୍ୟାସ ଅଞ୍ଚଳକୁ ଶାସନ କରୁଥିବା ଜାତିସଂଘର ସଦସ୍ୟଗୁଡ଼ିକ ଏହି ନ୍ୟାସ ପରିଷଦର ସଦସ୍ୟ ଅଟନ୍ତି । ନିରାପତ୍ତା ପରିଷଦର ସମସ୍ତ ସ୍ଥାୟୀ ସଭ୍ୟ ଏହାର ସଦସ୍ୟ । ପୁନଶ୍ଚ, ନ୍ୟାସ ଅଞ୍ଚଳ ପ୍ରଶାସନ ଦାୟିତ୍ୱରେ ଥିବା ସଦସ୍ୟ ଓ ଦାୟିତ୍ୱରେ ନଥିବା ସଦସ୍ୟଗୁଡ଼ିକ ମଧ୍ୟରେ ସମତା ରକ୍ଷା କରିବା ପାଇଁ ସାଧାରଣ ସଭା ତିନ ବର୍ଷ ପାଇଁ ନିର୍ଦ୍ଦିଷ୍ଟ ସଂଖ୍ୟକ ସଭ୍ୟ ନିର୍ବାଚିତ କରିଥାଏ ।

**କ୍ଷମତା ଓ କାର୍ଯ୍ୟ :**

ନ୍ୟାସ ଅଞ୍ଚଳର ପ୍ରଶାସନ ଦାୟିତ୍ୱରେ ଥିବା ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ବିବରଣୀ ଉପରେ ଏହା ବିଚାର ବିମର୍ଶ କରିଥାଏ ।

ଏହା ଆବେଦନ ଗ୍ରହଣ କରି ତାର ପରୀକ୍ଷା କରିଥାଏ ଏବଂ ସମସ୍ୟା ସମାଧାନ ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାଏ । ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ପରାମର୍ଶ କ୍ରମେ ଏହା ନ୍ୟାସ ଅଞ୍ଚଳ ଗୁଡ଼ିକୁ ପରିଦର୍ଶନ କରିଥାଏ । ଅର୍ଥନୈତିକ ଓ ସାମାଜିକ ପରିଷଦ ବା ଅନ୍ୟ ସ୍ୱତନ୍ତ୍ର ସଂସ୍ଥାର ସାହାଯ୍ୟ ନ୍ୟାସ ପରିଷଦ ସମୟେ ସମୟେ ନେଇଥାଏ । ଫଳରେ ସମସ୍ୟାର ସମାଧାନ ପାଇଁ ଆବଶ୍ୟକୀୟ ସାହାଯ୍ୟ ଏହା ପାଇଥାଏ । ନ୍ୟାସ ପରିଷଦ ପ୍ରତ୍ୟେକ ନ୍ୟାସ ଅଞ୍ଚଳ ପାଇଁ ପ୍ରଶ୍ନାବଳୀ ପ୍ରସ୍ତୁତ କରିଥାଏ ଏବଂ ଏହି ପ୍ରଶ୍ନାବଳୀ ଭିତ୍ତିରେ ସାଧାରଣ ସଭାକୁ ବିବରଣୀ ପ୍ରଦାନ କରିଥାଏ ।

## ସଚିବାଳୟ

ଜାତିସଂଘର ଯେଉଁ ଅଙ୍ଗଟି ଦୈନନ୍ଦିନ କାର୍ଯ୍ୟ ତଦାରଖ କରେ ତାହାହେଲା ସଚିବାଳୟ । ଏହା ମହାସଚିବ ଏବଂ ଆବଶ୍ୟକ ହେଉଥିବା ଅନ୍ୟ କର୍ମଚାରୀଗଣଙ୍କୁ ନେଇ ଗଠିତ । ଏହା ଜାତିସଂଘର ଅନ୍ୟାନ୍ୟ ଅଙ୍ଗ ଓ ସଂସ୍ଥାକୁ ସେବା ପ୍ରଦାନ କରିଥାଏ । ଏହାର ମୁଖ୍ୟ ପଦାଧିକାରୀ  ମହାସଚିବ ନିରାପତ୍ତା ପରିଷଦର ସୁପାରିଶ କ୍ରମେ ସାଧାରଣ ସଭା ଦ୍ୱାରା ନିଯୁକ୍ତି ପାଇଥାନ୍ତି । ଅନ୍ୟ କର୍ମଚାରୀମାନେ ମହାସଚିବଙ୍କ ଦ୍ୱାରା ନିଯୁକ୍ତି ପାଇଥାନ୍ତି । ଜାତିସଂଘର ମୁଖ୍ୟ ଦପ୍ତରଭାବେ କାର୍ଯ୍ୟ କରୁଥିବା ସଚିବାଳୟ ଯୁକ୍ତରାଷ୍ଟ୍ର ଆମେରିକାର ନିୟୁର୍କ ସହରରେ ଅବସ୍ଥାପିତ । ଆଦିସ୍ ଆବାବା, ବେଂକକ୍, ଜେନେଭା, ନାଇରୋବି, ସାଂଟ୍ରିଆଗୋ ଓ ଭିଏନ୍ନା ଠାରେ ମଧ୍ୟ ଏହାର ଅନ୍ୟ ଶାଖାଗୁଡ଼ିକ ରହିଛି । କର୍ମଚାରୀମାନେ ପ୍ରାୟ ୧୬୦ ରାଷ୍ଟ୍ରରୁ ଆସିଥାନ୍ତି । ବର୍ତ୍ତମାନ ସେଥିରେ ୪୪,୦୦୦ରୁ ଅଧିକ କର୍ମଚାରୀ କାର୍ଯ୍ୟରତ ।

ଏହାର କର୍ମଚାରୀମାନେ ବିଭିନ୍ନ ରାଷ୍ଟ୍ରରୁ ଆସିଥାନ୍ତି ଓ ସାରା ବିଶ୍ୱରେ ଜାତିସଂଘର ଦୈନନ୍ଦିନ କାର୍ଯ୍ୟରେ ରତ ଥାଆନ୍ତି । ସଚିବାଳୟ କାର୍ଯ୍ୟକାରୀ କରୁଥିବା ଦାୟିତ୍ୱଗୁଡ଼ିକ ଜାତିସଂଘ କରୁଥିବା ବିବିଧ କାର୍ଯ୍ୟପରି । ସେ ଗୁଡ଼ିକରେ ଶାନ୍ତିରକ୍ଷାଠାରୁ ଆରମ୍ଭକରି ଅନ୍ତର୍ଜାତୀୟ ବିବାଦରେ ମଧ୍ୟସ୍ଥତା, ଅର୍ଥନୈତିକ ଓ ସାମାଜିକ ଧାରା ଓ

ସମସ୍ୟାଗୁଡିକର ନିରୀକ୍ଷଣ ଏବଂ ମାନବିକ ଅଧିକାର ଓ ନିରନ୍ତର ବିକାଶର ଅଧ୍ୟୟନର ପ୍ରସ୍ତୁତି ପ୍ରଭୃତି ସମ୍ମିଳିତ ଥାଏ ।

ସାଧାରଣ ସଭା, ନିରାପତ୍ତା ପରିଷଦ, ଏବଂ ଅର୍ଥନୈତିକ ଓ ସାମାଜିକ ପରିଷଦ ଇତ୍ୟାଦି ବିବେଚନା ଓ ନିର୍ଣ୍ଣୟକାରୀ ଅଙ୍ଗ ଗୁଡିକର କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରିବାରେ ସଚିବାଳୟର ଭୂମିକା ମହତ୍ତ୍ୱପୂର୍ଣ୍ଣ । ଏହା ସେହି ସଂସ୍ଥା ଗୁଡିକର ନିର୍ଣ୍ଣୟଗୁଡିକୁ କାର୍ଯ୍ୟକାରୀ କରିଥାଏ ।

କାର୍ଯ୍ୟ :

ସଚିବାଳୟ ମୁଖ୍ୟତଃ ନିମ୍ନଲିଖିତ କାର୍ଯ୍ୟଗୁଡିକ ସଂପାଦନ କରିଥାଏ

(୧) ବିବରଣୀ ଓ ଅନ୍ୟାନ୍ୟ ଦଲିଲ ପ୍ରସ୍ତୁତି
(୨) ଜାତିସଂଘର ଅନ୍ୟାନ୍ୟ ଅଙ୍ଗ ଓ ସଂସ୍ଥାକୁ ସେବା ପ୍ରଦାନ
(୩) କୌଣସି ଅନ୍ତର୍ଜାତୀୟ ସମସ୍ୟାର ସମାଧାନ ପାଇଁ ଅନ୍ତର୍ଜାତୀୟ ସମ୍ମିଳନୀର ଆୟୋଜନ ।
(୪) ଅନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ରକ୍ଷା କାର୍ଯ୍ୟର ପରିଦର୍ଶନ ।
(୫) ମାନବିକ ଅଧିକାର, ନିରସ୍ତୀକରଣ ଓ ବିକାଶ ସମ୍ବନ୍ଧରେ ଅଧ୍ୟୟନ ।
(୬) ଗଣମାଧ୍ୟମକୁ ଜାତିସଂଘର କାର୍ଯ୍ୟାବଳୀ ସମ୍ବନ୍ଧରେ ସୂଚନା ପ୍ରଦାନ ।

ଏତଦ୍ ଭିନ୍ନ, ସଚିବାଳୟର କର୍ମଚାରୀମାନେ କୂଟନୈତିକ ସ୍ତରରେ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଥାନ୍ତି । ମଧ୍ୟସ୍ଥତାର ଭୂମିକା ଗ୍ରହଣକରି ରାଷ୍ଟ୍ରଗୁଡିକ ମଧ୍ୟରେ ଥିବା ବିବାଦର ସମାଧାନ କରିବାକୁ ପ୍ରୟାସ କରିଥାନ୍ତି ।

## ମିଳିତ ଜାତିସଂଘର ସଂସ୍କାର

ପରିବର୍ତ୍ତନଶୀଳ ପରିବେଶରେ କାର୍ଯ୍ୟ କରୁଥିବା ଯେ କୌଣସି ସଂସ୍ଥାରେ, ସଂସ୍କାର ଓ ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ଅବଶ୍ୟକତା ଅଟେ । ଜାତିସଂଘ ସେଥିରୁ ବାଦ୍ ପଡିବ ନାହିଁ । ଜାତିସଂଘ ଆରମ୍ଭ ହେବାର ବହୁବର୍ଷ ହୋଇଗଲାଣି । ଏହି ମହାନ୍ ଅନୁଷ୍ଠାନ କିଛି ସଂସ୍କାର ଆବଶ୍ୟକ କରୁଛି । କେତେକଙ୍କ ମତରେ ଏକବିଂଶ ଶତାବ୍ଦୀର ସମସ୍ୟା ଗୁଡିକୁ ସମ୍ମୁଖୀନ ହେବାପାଇଁ ମିଳିତ ଜାତିସଂଘର, ବିଶେଷତଃ ନିରାପତ୍ତା ପରିଷଦର ପୁନର୍ଗଠନର ସମୟ ଆସିଯାଇଛି । ଅନ୍ୟ କେତେକଙ୍କ ମତରେ ଅନୁଷ୍ଠାନ ନୁହେଁ, କିଛି ପଦ୍ଧତିରେ ପରିବର୍ତ୍ତନ ଆବଶ୍ୟକ ।

ଯେଉଁଭଳି ଭାବରେ ଜାତିସଂଘକୁ ସଂଗଠିତ କରାଯାଇଥିଲା ଏବଂ ଯେପରି କାର୍ଯ୍ୟ କରିଆସୁଛି, ତାହା ସେସମୟର ଆବଶ୍ୟକତା ଅନୁଯାୟୀ ହୋଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ଅନ୍ତର୍ଜାତୀୟ ସମୁଦାୟ ଶୀତଳଯୁଦ୍ଧର ପ୍ରଭାବକୁ ନିୟନ୍ତ୍ରଣ କରିବାରେ ଚେଷ୍ଟିତ ଥିଲା । ଅନ୍ୟ ପକ୍ଷରେ, ବିଂଶ ଶତାବ୍ଦୀର ଶେଷ ଦଶକରେ ମଧ୍ୟ ବଡ ପରିବର୍ତ୍ତନ ହୋଇଥିଲା । ଏକଦା ମହା ଶକ୍ତିଶାଳୀ ସୋଭିଏତ ସଂଘ ବାଲିଘର ପରି ଭୁଷୁଡି ପଡି ଯୁକ୍ତରାଷ୍ଟ୍ର ଆମେରିକାକୁ ଅନ୍ତର୍ଜାତୀୟ ରାଜନୀତିର ଏକାଙ୍ଗଚକ୍ରବର୍ତ୍ତୀ ହେବାପାଇଁ ବାଟ ଛାଡିଦେଇଥିଲା । ଯୁଗପତ୍, ଚୀନ ନେତୃତ୍ୱରେ ଏସିଆର ଅର୍ଥନୀତି ଅଭୂତପୂର୍ବ ଗତିରେ ବୃଦ୍ଧି ହୋଇଥିଲା । ଏହା ବ୍ୟତିରେକେ, ନୂତନ

ସମସ୍ୟାଗୁଡ଼ିକ ମୁଣ୍ଡ ଟେକିଲା – ଗଣହତ୍ୟା, ଗୃହଯୁଦ୍ଧ, ପ୍ରଜାତି ସଂଘର୍ଷ, ଇସ୍‌ଲାମୀୟ ଆତଙ୍କବାଦ, ପରମାଣୁ ଅସ୍ତ୍ର ବୃଦ୍ଧି, ଜଳବାୟୁ ପରିବର୍ତ୍ତନ, ପରିବେଶ ନଷ୍ଟ, ରୋଗ-ସ୍ୱାସ୍ଥ୍ୟ ସମସ୍ୟା ଇତ୍ୟାଦି । ପରିବର୍ତ୍ତମାନ ପରିସ୍ଥିତି ଆହୁରି ପ୍ରଭାବଶାଳୀ ଏକ ଜାତିସଂଘ ଆବଶ୍ୟକ କରୁଛି ଯାହା କେବଳ ସଂସ୍କାରରେ ସମ୍ଭବ ହେବ ।

ନିରାପତ୍ତା ପରିଷଦ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଂସ୍ଥା ଯାହାର ସଂସ୍କାର ନିତାନ୍ତ ଆବଶ୍ୟକ । ଯେତେବେଳେ ଜାତିସଂଘର ସଭ୍ୟ ସଂଖ୍ୟା ୫୧ ଥିଲା, ସେତେବେଳେ ନିରାପତ୍ତା ପରିଷଦର ସଭ୍ୟ ସଂଖ୍ୟା ୫ ଥିଲା । ବର୍ତ୍ତମାନ ମିଳିତ ଜାତିସଂଘର ସଦସ୍ୟ ସଂଖ୍ୟା ୧୯୩ । କିନ୍ତୁ ନିରାପତ୍ତା ପରିଷଦର ସ୍ଥାୟୀ ସଭ୍ୟ ସଂଖ୍ୟା ସେତିକିରେ ଅଟକି ଯାଇଛି । ଅବଶ୍ୟ ୧୯୬୫ ମସିହାରେ ଅସ୍ଥାୟୀ ସଦସ୍ୟଙ୍କ ସଂଖ୍ୟା ୬ ରୁ ୧୦ କୁ ବୃଦ୍ଧି କରାଯାଇଛି । ବର୍ତ୍ତମାନ ନିରାପତ୍ତା ପରିଷଦର ସଭ୍ୟ ସଂଖ୍ୟା ବୃଦ୍ଧି କରିବା ପ୍ରକୃଷ୍ଟ ସମୟ । ଜାପାନ ଓ ଜର୍ମାନୀ ଭଳି ବିକଶିତ ରାଷ୍ଟ୍ର ଏବଂ ଭାରତ, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକା ଭଳି ବିକାଶଶୀଳ ରାଷ୍ଟ୍ର ନିରାପତ୍ତା ପରିଷଦରେ ସ୍ଥାୟୀ ସଭ୍ୟପଦ ଚାହୁଁଛନ୍ତି । ଅପରିବର୍ତ୍ତୀତ ନିରାପତ୍ତା ପରିଷଦ ଆହୁରି ବିବିଧତାପୂର୍ଣ୍ଣ ହେବା ଉଚିତ । ଆହୁରି ମଧ୍ୟ, ପରିଷଦରେ ମହାଦେଶ ଗୁଡ଼ିକର ସମାନ ପ୍ରତିନିଧିତ୍ୱ ନାହିଁ । ଦକ୍ଷିଣ ଆମେରିକା ଓ ଆଫ୍ରିକା ମହାଦେଶର କୌଣସି ରାଷ୍ଟ୍ର ସ୍ଥାୟୀ ସଭ୍ୟ ଭାବରେ ପ୍ରତିନିଧିତ୍ୱ ପାଉନାହାନ୍ତି । ସେଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବା ଉଚିତ ।

କେତେକ ପ୍ରସ୍ତାବ ଦିଅନ୍ତି ଯେ ସ୍ଥାୟୀ ସଭ୍ୟମାନେ ଉପଭୋଗ କରୁଥିବା ଭିଟୋ କ୍ଷମତା ଉଚ୍ଛେଦ କରି ସମସ୍ତ ସଭ୍ୟଙ୍କ ସଂଖ୍ୟାଗରିଷ୍ଠ ମତ ଅନୁସାରେ ନିଷ୍ପତ୍ତି ନିଆଯିବା ଭଲ । ଏହା ଜାତିସଂଘର ଗଣତାନ୍ତ୍ରିକ ଚରିତ୍ରକୁ ଆହୁରି ଶକ୍ତଶାଳୀ କରିବ । ତାହା କେବଳ ଜାତିସଂଘ ସନନ୍ଦର ସଂଶୋଧନରେ ସମ୍ଭବ ହୋଇପାରିବ ।

ଆହୁରି ମଧ୍ୟ ଦୋଷାରୋପ କରାଯାଉଛିଯେ ସାଧାରଣ ସଭା ଏକ ତର୍କ ସଭାରେ ପରିଣତ ହୋଇଯାଇଛି । ତାକୁ ଶକ୍ତିଶାଳୀ କରିବା ଜରୁରୀ ଏବଂ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ବିଷୟବସ୍ତୁ ଓ ଘଟଣାର ଆଲୋଚନା କେନ୍ଦ୍ରରେ ରୂପାନ୍ତରିତ କରିବାକୁ ପଡ଼ିବ ।

ମିଳିତ ଜାତିସଂଘ ଶିଳ୍ପ ବିକାଶ ଅନୁଷ୍ଠାନ (UNIDO) ଓ ନ୍ୟାସ ପରିଷଦର ଉଚ୍ଛେଦ ହେବା ଉଚିତ କାରଣ ବର୍ତ୍ତମାନ ଏଗୁଡ଼ିକର କୌଣସି କାର୍ଯ୍ୟ ନାହିଁ ।

ଯେହେତୁ ଅର୍ଥନୈତିକ ଓ ସାମାଜିକ ପରିଷଦ ତାକୁ ଦିଆଯାଇଥିବା ଦାୟିତ୍ୱ ସୂଚାରୁରୂପେ ତୁଲାଇ ପାରୁନାହିଁ ପ୍ରସ୍ତାବ ଦିଆଯାଉଛି ଯେ ତା ପରିବର୍ତ୍ତେ ଏକ ଅର୍ଥନୈତିକ ସୁରକ୍ଷା ପରିଷଦ (Economic Security Council) ଗଠନ ହେବା ଉଚିତ । ପ୍ରସ୍ତାବିତ ଅର୍ଥନୈତିକ ସୁରକ୍ଷା ପରିଷଦ ଅନ୍ୟାନ୍ୟ କାର୍ଯ୍ୟ ବ୍ୟତିତ ଅର୍ଥନୈତିକ ଜରୁରୀ ପରିସ୍ଥିତି, ଅଣସାମରିକ ବିପଦ, ଯଥା – ପରିବେଶ ନଷ୍ଟ, ବିଶ୍ୱ ଦାରିଦ୍ର୍ୟ, ବେକାରୀ, ଖାଦ୍ୟ ନିରାପତ୍ତା, ନିଶା-ଦ୍ରବ୍ୟ କାରବାର, ପ୍ରବାସନ (ବିବାସନ) ଇତ୍ୟାଦି, ପ୍ରତି ଧ୍ୟାନ ଦେବ । ଅର୍ଥନୈତିକ ସୁରକ୍ଷା ପରିଷଦର ସଭ୍ୟ ସଂଖ୍ୟା ୨୫ ଭିତରେ ରହିବ ଓ ନିଷ୍ପତ୍ତି ସମସ୍ତଙ୍କ ସହମତିରେ ହେବ ।

ଅନ୍ତର୍ଜାତୀୟ ବିକାଶ ବ୍ୟାଙ୍କ ଓ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିକୁ ଜାତିସଂଘର ଅଙ୍ଗ କରିବାକୁ ହେବ । ବର୍ତ୍ତମାନ ଏ ଦୁଇଟି ନାମକୁ ମାତ୍ର ଜାତିସଂଘର ବିଶେଷ ସଂସ୍ଥା ଅଟନ୍ତି । ପ୍ରକୃତରେ ଏହି ଦୁଇ ସଂସ୍ଥା ଜାତିସଂଘକୁ ସେମାନଙ୍କ

ସଭାଗୁଡିକର ପୂର୍ଣ୍ଣ ବିବରଣୀ ଦିଅନ୍ତି ନାହିଁ ଏବଂ ଜାତିସଂଘକୁ ସେମାନଙ୍କର ବଜେଟ ମିଟିଙ୍ଗରେ ସାମିଲ କରନ୍ତି ନାହିଁ। ଏଭଳି ପରିସ୍ଥିତି ଉପୁଜିବାର କାରଣ ହେଲା ଶିଳ୍ପବିକଶିତ ଦେଶ ମାନଙ୍କର ଏହି ସଂସ୍ଥାମାନଙ୍କରେ ପ୍ରାଧାନ୍ୟ ।

ଶେଷରେ ଏହା କୁହାଯାଇପାରେ ଯେ ଜାତିସଂଘ ପାଇଁ ଅର୍ଥ ସହାୟତା ସମସ୍ତ ସଦସ୍ୟ ରାଷ୍ଟ୍ର ପାଇଁ ବାଧ୍ୟତାମୂଳକ ହେବା ଉଚିତ ।

ଯଦି ଏଭଳି ସକାରାତ୍ମକ ସଂରଚନା ପ୍ରସ୍ତାବ ଅନୁଯାୟୀ ଜାତିସଂଘର ପୁନର୍ଗଠନ କରାନଯାଏ, ତାହାହେଲେ ପରିବର୍ତ୍ତମାନ ସମୟରେ ତାର କାର୍ଯ୍ୟକାରିତାରେ ବିଶେଷ ଉନ୍ନତି ହୋଇପାରିବନାହିଁ। ଶାନ୍ତି ଓ ନିରାପତ୍ତା କାର୍ଯ୍ୟରେ ଯଦ୍ୟପି କିଛି ରାଷ୍ଟ୍ର ଜାତିସଂଘର ବୃହତ୍ତର ଭୂମିକା ଆଶା ରଖନ୍ତି, ଅନ୍ୟ ରାଷ୍ଟ୍ରଗୁଡିକ ଏହାର ଭୂମିକାକୁ କେବଳ ମାନବୀୟ ଓ ବିକାଶ କାର୍ଯ୍ୟ, ଯଥା- ସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ, ଜନସଂଖ୍ୟା ନିୟନ୍ତ୍ରଣ, ମାନବିକ ଅଧିକାର, ସମାଜିକ ନ୍ୟାୟ ଓ ଲିଙ୍ଗଗତ ନ୍ୟାୟ କ୍ଷେତ୍ରରେ ସୀମିତ କରିବାକୁ ଚାହାନ୍ତି ।

## ମିଳିତ ଜାତିସଂଘରେ ଭାରତର ଭୂମିକା

ମୂଳ ପ୍ରତିଷ୍ଠାତା ରାଷ୍ଟ୍ର ହିସାବରେ ଭାରତ ଜାତିସଂଘର ଉଦ୍ଦେଶ୍ୟ ଓ ନିୟମ ଗୁଡିକୁ ଦୃଢ ସମର୍ଥନ ଦିଏ ଏବଂ ସନନ୍ଦର ଲକ୍ଷ୍ୟ ହାସଲ ପାଇଁ ମହତ୍ୱପୂର୍ଣ୍ଣ ଯୋଗଦାନ କରିଛି । ଭାରତ ପ୍ରାରମ୍ଭିକ ସଦସ୍ୟ ଭାବରେ ୧ ଜାନୁଆରୀ ୧୯୪୨ ମସିହାରେ ୱାସିଙ୍ଗଟନ୍ ରେ ଜାତିସଂଘର ସନନ୍ଦ ଦସ୍ତଖତ କରିଥିଲା ଏବଂ ନିଜେ ବ୍ରିଟେନର ଉପନିବେଶ ହୋଇ ମଧ୍ୟ, ସାନ୍ ଫ୍ରାନ୍ସିସ୍କୋ ରେ ହୋଇଥିବା ମିଳିତ ଜାତିସଂଘ ସମ୍ମିଳନିରେ ୨୫ ରୁ ୨୬ ଜୁନ, ୧୯୪୫ ମସିହାରେ ଅଂଶଗ୍ରହଣ କରିଥିଲା । ଜାତିସଂଘର ପ୍ରାରମ୍ଭିକ ସନନ୍ଦ ସଦସ୍ୟ ଭାବରେ ତାର ବିଶେଷିକୃତ ସଂସ୍ଥା ଏବଂ ଅନୁଷ୍ଠାନ ଗୁଡିକରେ ଅଂଶ ଗ୍ରହଣ କରିଆସୁଛି । ଭାରତ ସର୍ବଦା ମିଳିତ ଜାତିସଂଘ ଅଭିଯାନକୁ ପ୍ରୋତ୍ସାହନ ଦେଇଛି, ଓ ଆବଶ୍ୟକ ବେଳେ ତାକୁ ସହଯୋଗ କରିଛି । ଆହୁରି ମଧ୍ୟ ଭାରତର ବୈଦେଶିକ ନୀତି ମିଳିତ ଜାତିସଂଘର ଉଦ୍ଦେଶ୍ୟ ଓ ନିୟମ ପାଇଁ ଦୃଢ ସମର୍ପିତ ।

ଯେତେବେଳେ ମଧ୍ୟ ମିଳିତ ଜାତିସଂଘ ଶାନ୍ତି ପାଇଁ ସେନା ଆବଶ୍ୟକ କରିଥାଏ, ଭାରତ ତାର ସେବା ଯୋଗାଇଥାଏ । ପ୍ରାରମ୍ଭିକ ବର୍ଷ ମାନଙ୍କରେ କୋରିଆ, ମିଶର (ଇଜିପ୍ଟ) ଓ କଙ୍ଗୋ ଇତ୍ୟାଦି ସଂକଟକାଳୀନ ପରିସ୍ଥିତିରେ ପଠାଯାଇଥିବା ମିଳିତ ଜାତିସଂଘର ଶାନ୍ତି-ରକ୍ଷା ସେନାକୁ ଭାରତ ସୈନ୍ୟ ଯୋଗାଇଥିଲା ଏବଂ ପରବର୍ତ୍ତୀ ସମୟରେ ସୋମାଲିଆ, ଆଙ୍ଗୋଲା, ହାଇଟି, ଲାଇବେରିଆ, ଲେବାନନ, ର୍ୱାଣ୍ଡା, ଦକ୍ଷିଣ ସୁଡାନ ଇତ୍ୟାଦି ସଂକଟରେ ମଧ୍ୟ ଅନୁରୂପ ସହାୟତା ଦେଇଥିଲା । ଏବେ ସୁଦ୍ଧା ଚାରୋଟି ମହାଦେଶରେ ହୋଇଥିବା ୩୫ ଗୋଟି ଜାତିସଂଘର ଶାନ୍ତି ରକ୍ଷା ଅଭିଯାନରେ ଭାରତ ଭାଗନେଇସାରିଛି । ବର୍ତ୍ତମାନ ଭାରତ ମିଳିତ ଜାତିସଂଘକୁ ସୈନ୍ୟ ଯୋଗାଇବା ରାଷ୍ଟ୍ର ଗୁଡିକ ମଧ୍ୟରେ ସର୍ବାଗ୍ରେ ପରିଗଣିତ ହେଉଛି ।

ମିଳିତ ଜାତିସଂଘର ବର୍ଣ୍ଣ ବୈଷମ୍ୟ ବିରୋଧ ଏବଂ ଉପନିବେଶ ଉଚ୍ଛେଦ ପଦକ୍ଷେପଗୁଡିକରେ ଭାରତ ଦୃଢ଼ ସମର୍ଥନ ଜଣାଇଛି । ଗୋଷ୍ଠୀ-ନିରପେକ୍ଷ ରାଷ୍ଟ୍ର ଭାବରେ ମିଳିତ ଜାତିସଂଘ ମାଧ୍ୟମରେ ଦୁଇ ପରସ୍ପର

ବିରୋଧୀ କ୍ଷମତା ଗୋଷ୍ଠୀ ମଧ୍ୟରେ ହେଉଥିବା ଉତ୍ତେଜନା ହ୍ରାସକରିବା ପ୍ରଚେଷ୍ଟାରେ ଭାରତ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଏହା ବ୍ୟତିତ, ଭାରତ ନିରାପତ୍ତା ପରିଷଦକୁ ୭ ଥର ନିର୍ବାଚିତ ହୋଇ ୧୪ ବର୍ଷ ଅସ୍ଥାୟୀ ସଭ୍ୟ ଭାବରେ କାର୍ଯ୍ୟ କରିଛି । ସେଥିରେ ସେ ସ୍ୱ କାର୍ଯ୍ୟ ସୂଚାରୁରୂପେ ସଂପାଦନ କରିଛି । ବର୍ତ୍ତମାନ ଭାରତ, ଜାପାନ, ଜର୍ମାନୀ ଓ ବ୍ରାଜିଲ ସହିତ ଜି-୪ ରାଷ୍ଟ୍ରଗୋଷ୍ଠୀର ସଭ୍ୟ ଅଛି । ଏହି ଗୋଷ୍ଠୀର ସଭ୍ୟମାନେ ନିରାପତ୍ତା ପରିଷଦରେ ସ୍ଥାୟୀ ସଭ୍ୟପଦ ପାଇବାରେ ପରସ୍ପରକୁ ସମର୍ଥନ କରୁଛନ୍ତି ଏବଂ ସଂସ୍କାର ଦ୍ୱାରା ମିଳିତ ଜାତିସଂଘର ଗଣତାନ୍ତ୍ରୀକରଣ ଓ ନିରାପତ୍ତା ପରିଷଦର ସଂସ୍କାର ସପକ୍ଷରେ ମତ ବ୍ୟକ୍ତ କରୁଛନ୍ତି ।

**ଉପସଂହାର :**

ସମୟକ୍ରମେ ଏହି ମହାନ ଅନୁଷ୍ଠାନର ମର୍ଯ୍ୟାଦା କମିଆସୁଛି । ତା'ର ହଜିଯାଉଥିବା ମର୍ଯ୍ୟାଦାକୁ ବର୍ତ୍ତମାନ ଫେରାଇଆଣିବା ସମୟ ଆସିଯାଇଛି । ତା'ର କାର୍ଯ୍ୟକାରିତାକୁ ବୃଦ୍ଧି କରିବାକୁ ହେଲେ ସଶକ୍ତିକରଣ ଆବଶ୍ୟକ । ମାନବିକ ଅଧିକାର ସୁରକ୍ଷା, ସାମାଜିକ-ଅର୍ଥନୈତିକ ବିକାଶ, ମାନବୀୟ ସହାୟତା ଏବଂ ବିଜ୍ଞାନ ଓ କାରିଗରୀ ବିଦ୍ୟା ପ୍ରସାରଣ ଇତ୍ୟାଦିରେ ଜାତସଂଘର ଭୂମିକା ଅତି ପ୍ରଶଂସନୀୟ । ଅନ୍ତର୍ଜାତିକ ସମାଜ ଏହି ଅନୁଷ୍ଠାନରୁ ଆହୁରି ଅଧିକ ଆଶା ରଖୁଛି । ସେମାନେ ଏହାକୁ ସାମରିକ ଓ ଅର୍ଥନୈତିକ ଦୃଷ୍ଟିରୁ ଆହୁରି ସମର୍ଥ କରିବାକୁ ଚାହାନ୍ତି ଯାହାଦ୍ୱାରା ଅନୁଷ୍ଠାନଟି ଆହୁରି କାର୍ଯ୍ୟକ୍ଷମ ହୋଇପାରିବ । ଏହା ବ୍ୟତିତ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିପତ୍ତି ହ୍ରାସ କରିବାକୁ ଚେଷ୍ଟା କରିବାକୁ ଅନ୍ୟମାନେ ଚାହାନ୍ତି, କାରଣ ସେହି ଦେଶ ଜାତିସଂଘକୁ ସବୁଠୁ ଅଧିକ ଅର୍ଥ ସାହାଯ୍ୟ କରିଥାଏ । ସ୍ୱଚ୍ଛ ପୁନର୍ଗଠନ ଓ ଗଣତାନ୍ତ୍ରୀକରଣ ମାଧ୍ୟମରେ ଏହି ଅନୁଷ୍ଠାନଟି ଏକବିଂଶ ଶତାବ୍ଦୀରେ ମହାନ ଭୂମିକା ନେଇପାରିବ ।

## ଅନ୍ତର୍ଜାତୀୟ ଅର୍ଥନୈତିକ ସଂସ୍ଥା

ଦ୍ୱିତୀୟ ବିଶ୍ୱଯୁଦ୍ଧପରେ ବହୁତଗୁଡିଏ ଅର୍ଥନୈତିକ ଅନୁଷ୍ଠାନର ଅଭ୍ୟୁଦୟ ହୋଇଥିଲା । କିନ୍ତୁ ବିଂଶ ଶତାବ୍ଦୀର ଶେଷ ଦଶକରେ ଜଗତୀକରଣର ଆବିର୍ଭାବ ଯୋଗୁଁ ସେଗୁଡିକ ଅନ୍ତର୍ଜାତିକ ବାଣିଜ୍ୟ ଓ ଅର୍ଥନୈତିକ କାରବାରରେ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଥିଲେ । ଏହି ଅନୁଷ୍ଠାନ ଗୁଡିକ ହେଲେ ବିଶ୍ୱବ୍ୟାଙ୍କ, ଅନ୍ତର୍ଜାତିକ ମୁଦ୍ରାପାଣ୍ଠି ଏବଂ GATT । ଏହି ସଂସ୍ଥାଗୁଡିକୁ ବ୍ରେଟନଉଡ୍ ବ୍ୟବସ୍ଥା କୁହାଯାଏ । ବ୍ରେଟନଉଡ୍ ଏକ ବହୁପାକ୍ଷୀୟ ଚୁକ୍ତିର ଉଦାହରଣ । କିନ୍ତୁ, ୧୯୭୦ ଦଶକରେ ଯୁକ୍ତରାଷ୍ଟ୍ର ଆମେରିକାର ଆଧିପତ୍ୟ ଯୋଗୁଁ ଏହି ବ୍ୟବସ୍ଥା ଦୁର୍ବଳ ହୋଇପଡିଥିଲା । କାରଣ ଯୁକ୍ତରାଷ୍ଟ୍ର ଏ ବ୍ୟବସ୍ଥାର ନିୟମ କାନୁନକୁ ମାନିବାକୁ ପ୍ରସ୍ତୁତ ନଥିଲା ।

## ବିଶ୍ୱବ୍ୟାଙ୍କ

ବିଶ୍ୱବ୍ୟାଙ୍କ ୧୯୪୪ରେ ପ୍ରତିଷ୍ଠା ହୋଇଥିବା ଏକ ଆନ୍ତଃସରକାର ସଂଗଠନ । ଏହି ସଂଗଠନର ମୁଖ୍ୟ ଦପ୍ତର ୱାସିଙ୍ଗଟନ୍ ଡିସି ରେ ଅବସ୍ଥିତ । ବର୍ତ୍ତମାନ ଏହି ବ୍ୟାଙ୍କର ୧୮୯ ଗୋଟି ସଦସ୍ୟ ଅଛନ୍ତି । ପ୍ରଥମରେ ବିଶ୍ୱବ୍ୟାଙ୍କ ଯୁଦ୍ଧପରାନ୍ତ ପୁନର୍ଗଠନ ଓ ପୁନର୍ବସତି ଉପରେ ଗୁରୁତ୍ୱାରୋପ କରିଥିଲା । କିନ୍ତୁ ସମୟକ୍ରମେ ବିକାଶକୁ ପ୍ରାଥମିକତା ଦେଇଥିଲା । ବର୍ତ୍ତମାନ ଏହା ବିକାଶ ଓ ଦାରିଦ୍ର୍ୟ ଦୂରୀକରଣରେ ଅଧିକ ଜଡିତ ।

ଏହା ଏକ ବ୍ୟାଙ୍କ ଯାହା ବିଭିନ୍ନ ରାଷ୍ଟ୍ରକୁ ଋଣପ୍ରଦାନ, ବିତ୍ତୀୟ ଓ କାରିଗରୀ ସହାୟତା ପ୍ରଦାନ କରିଥାଏ । ସେଠାକର ଦାରିଦ୍ର୍ୟତା ହ୍ରାସ ଏବଂ ଜୀବନର ଗୁଣାତ୍ମକ ମାନବୃଦ୍ଧି ଉଦ୍ଦେଶ୍ୟରେ ଏହାର କ୍ରମ ବର୍ଦ୍ଧମାନ ପ୍ରଚେଷ୍ଟାରେ ଏହା ବିକାଶଶୀଳ ରାଷ୍ଟ୍ରମାନଙ୍କୁ ପ୍ରାଥମିକତା ଦେଇଥାଏ । ସଂକ୍ଷେପରେ, ଆମେ କହିପାରିବା ଯେ ଏହି ବ୍ୟାଙ୍କ ମାନବ ସମ୍ବଳ ବିକାଶ, ବିଶେଷତଃ, ସ୍ୱାସ୍ଥ୍ୟ ଓ ଶିକ୍ଷା; କୃଷି ଓ ଗ୍ରାମ୍ୟ ବିକାଶ; ପରିବେଶ ସୁରକ୍ଷା ସହିତ ପ୍ରଦୂଷଣ ନିୟନ୍ତ୍ରଣ ନିୟମର ସଠିକ୍ ପାଳନ ଇତ୍ୟାଦି ପାଇଁ କାର୍ଯ୍ୟରତ । ଏହା ବ୍ୟତିତ, ସଂରଚନାର ବିକାଶ, ଯଥା- ରାସ୍ତା ନିର୍ମାଣ, ସହରାଞ୍ଚଳ ପୁନରଉତ୍‌ଥାନ, ବିଦ୍ୟୁତ ଉତ୍ପାଦନ ଓ ସରବରାହ, ପ୍ରଶାସନିକ ସ୍ତରରେ ଦୁର୍ନୀତି ନିବାରଣ ସହିତ ଆଇନସମ୍ମତ ଶାସନର ବିକାଶ କାର୍ଯ୍ୟରେ ମଧ୍ୟ ରାଷ୍ଟ୍ର ଗୁଡିକୁ ସହାୟତା ଦେଇଥାଏ । ଏସବୁ ସୁବିଧାଗୁଡିକର ବିକାଶପାଇଁ ଏହା ସଦସ୍ୟ ରାଷ୍ଟ୍ରଗୁଡିକୁ ଋଣପ୍ରଦାନ ଓ ଆର୍ଥିକ ସହାୟତା କରିଥାଏ ।

ଗଠନ :

ବ୍ୟାଙ୍କର ଜଣେ ସଭାପତି ଓ ଏକ ନିର୍ଦ୍ଦେଶକ ମଣ୍ଡଳୀ ରହିଛି । ସଭାପତି ବ୍ୟାଙ୍କର ସର୍ବାଙ୍ଗୀନ ପରିଚାଳନା ଦାୟିତ୍ୱରେ ରହନ୍ତି । ନିର୍ଦ୍ଦେଶକ ମଣ୍ଡଳୀ ଋଣ ଅନୁମୋଦନ ଓ ଜମାନତ, ନୂତନ ନୀତି ନିର୍ଦ୍ଧାରଣ, ବଜେଟ ଓ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପ୍ରଦାନ ଇତ୍ୟାଦି କାର୍ଯ୍ୟ କରନ୍ତି । ବ୍ୟାଙ୍କର ନିଷ୍ପତ୍ତିରେ ସଦସ୍ୟମାନଙ୍କର ଭୋଟର ମୂଲ୍ୟ, ସଦସ୍ୟ ଦେଶର ଅନୁଦାନ ରାଶି ଉପରେ ନିର୍ଭର କରିଥାଏ ।

୧୯୮୦ ଦଶକରୁ ବିଶ୍ୱବ୍ୟାଙ୍କ ଅନ୍ତର୍ଜାତିକ ମୁଦ୍ରା ପାଣ୍ଠିର ସହଯୋଗରେ ସଂରଚନାତ୍ମକ ସୁଧାର କୌଶଳ ଅବଲମ୍ବନ କରିଥିଲା କାରଣ ବିକାଶଶୀଳ ଦେଶଗୁଡିକ ବର୍ଦ୍ଧିତ ଋଣ ପରିଶୋଧ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ସଂରଚନାତ୍ମକ ସମାଯୋଜନ କାର୍ଯ୍ୟକ୍ରମ (Structural adjustment programmes- SAPs) ଋଣ ଓ ଅନ୍ୟାନ୍ୟ ସହାୟତାକୁ କେତେକ ସର୍ତ୍ତ, ଯଥା – ଗୁଡିଏ ବଜାର ସୁଧାର ସୂତ୍ରର ଅଙ୍ଗୀକରଣ ଓ ପରବର୍ତ୍ତୀ ସମୟରେ ରାଜନୈତିକ ପରିବେଶର ମଧ୍ୟ ସୁଧାର କଥା ରହିଛି । ଏହିପରିଭାବରେ ବିଶ୍ୱବ୍ୟାଙ୍କ ବିକାଶଶୀଳ ରାଷ୍ଟ୍ରମାନଙ୍କ ଅର୍ଥନୈତିକ ନୀତି ଉପରେ ନିୟନ୍ତ୍ରଣ ଜାହିର କରିଥାଏ । ସେଇଥିପାଇଁ ଏହାକୁ ଋଣପ୍ରଦାନ ମାଧ୍ୟମରେ ଗରିବ ରାଷ୍ଟ୍ରଗୁଡିକର ଅର୍ଥନୈତିକ କାର୍ଯ୍ୟକ୍ରମ ଉପରେ ନିୟନ୍ତ୍ରଣ କରି ବଜାର ସୁଧାର ଇତ୍ୟାଦି କଠୋର ସର୍ତ୍ତ ରଖିଥାଏ ବୋଲି ସମାଲୋଚନା କରାଯାଏ ।

## ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି

### (International Monetary Fund)

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ମିଳିତ ଜାତିସଂଘ ବ୍ୟବସ୍ଥାର ଏକ ବିଶେଷିକୃତ ଅନୁଷ୍ଠାନ । ଏହାର ମୁଖ୍ୟ ଉଦ୍ଦେଶ୍ୟଗୁଡିକ ହେଲା, ଅନ୍ତର୍ଜାତୀୟ ସହଯୋଗର ପ୍ରୋତ୍ସାହନ, ଅନ୍ତର୍ଜାତୀୟ ବାଣିଜ୍ୟର ସୁଗମ ବିସ୍ତୃତି ଏବଂ ସୁଷମ ବୃଦ୍ଧି, ମୁଦ୍ରା ବିନିମୟରେ ସ୍ଥିରତା, ନେଣଦେଣ ସୁବିଧାରେ ବ୍ୟାପକତା ଓ ଯେଉଁ ସଦସ୍ୟମାନଙ୍କର ନେଣଦେଣର ସମସ୍ୟାଥାଏ ସେମାନଙ୍କୁ ବିତ୍ତୀୟ ସହାୟତା ଦେବା । ବର୍ତ୍ତମାନ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ୧୮୯ ଜଣ ସଭ୍ୟ ଅଛନ୍ତି ଯେଉଁମାନଙ୍କର ବିଶ୍ୱ ବାଣିଜ୍ୟରେ ଶତକଡା ୮୦ ଭାଗ ଅଂଶ ଅଛି । ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର

ସଦସ୍ୟତା ବିଶ୍ୱବ୍ୟାଙ୍କ ସଦସ୍ୟତାର ଏକ ସର୍ତ୍ତ । କହିବାକୁଗଲେ ଦୁଇ ଅର୍ଥନୈତିକ ସଂଗଠନ ମଧ୍ୟରେ ନିବିଡ ସଂପର୍କ ରହିଛି ।

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ସଦସ୍ୟମାନଙ୍କର ଗୁରୁତ୍ୱ ସମାନ ନୁହେଁ । ଶୀର୍ଷ ଦଶଜଣ ସଭ୍ୟମାନେ ୫୫% ଭୋଟର ଅଧିକାରୀ । ସେମାନେ ହେଲେ ଜି-୮ର ସଦସ୍ୟ (ଯୁକ୍ତରାଷ୍ଟ୍ର ଆମେରିକା, ଯୁକ୍ତରାଜ୍ୟ, ଫ୍ରାନ୍ସ, ଜର୍ମାନୀ, କାନାଡା, ଜାପାନ, ଇଟାଲୀ ଓ ରୁଷିଆ), ସାଉଦି ଆରବ ଓ ଚୀନ୍ । କେବଳ ଯୁକ୍ତରାଷ୍ଟ୍ର ଆମେରିକା ହାତରେ ୧୭.୪% ଭୋଟ ଅଧିକାର ଅଛି ।

ଗଠନ :

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି, ଗଭର୍ଣ୍ଣର ପରିଷଦ, କାର୍ଯ୍ୟନିର୍ବାହୀ ପରିଷଦ ଓ ପରିଚାଳନା ନିର୍ଦ୍ଦେଶକଙ୍କୁ ନେଇ ଗଠିତ । ପ୍ରତ୍ୟେକ ସଭ୍ୟ ରାଷ୍ଟ୍ର ଗଭର୍ଣ୍ଣର ପରିଷଦକୁ ଜଣେ ଲେଖାଏଁ ଗଭର୍ଣ୍ଣର ପଠାଇଥାନ୍ତି । ଏହା ପାଣ୍ଠିର ସର୍ବୋଚ୍ଚ ପ୍ରଶାସକ । ଗଭର୍ଣ୍ଣର ପରିଷଦର ବାର୍ଷିକ ଅଧିବେଶନ ବସିଥାଏ । ଗୋଟିଏ ସଭ୍ୟ ରାଷ୍ଟ୍ରର ଭୋଟ କ୍ଷମତା ତାର ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ବିତ୍ତୀୟ ଅଂଶଧନ ଉପରେ ନିର୍ଭର କରିଥାଏ ଯାହାକି ସେ ରାଷ୍ଟ୍ରର ଅନ୍ତର୍ଜାତିକ ଅର୍ଥନୀତିରେ ତାର ଆପେକ୍ଷିକ କାୟା ଦ୍ୱାରା ପ୍ରଭାବିତ ହୋଇଥାଏ । ଗଭର୍ଣ୍ଣର ପରିଷଦ ତା'ର ସମସ୍ତ କ୍ଷମତା କାର୍ଯ୍ୟନିର୍ବାହୀ ପରିଷଦକୁ, ଯେକି ପାଣ୍ଠିର ଦୈନନ୍ଦିନ କାର୍ଯ୍ୟ ତୁଲାଇଥାଏ, ହସ୍ତାନ୍ତର କରିଦେଇଥାଏ । କାର୍ଯ୍ୟନିର୍ବାହୀ ପରିଷଦରେ ପରିଚାଳନା ନିର୍ଦ୍ଦେଶକ ସଭାପତିତ୍ୱ କରନ୍ତି ।

ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ସମ୍ବଳ ସଭ୍ୟମାନଙ୍କର ଅଂଶଧନ ବା ଋଣରୁ ଆସିଥାଏ । ପ୍ରତ୍ୟେକ ସଭ୍ୟ ତାର ସ୍ଥିରୀକୃତ ଅଂଶ ଅନୁପାତରେ ସମ୍ବଳ ଯୋଗାଇଥାନ୍ତି । ପ୍ରତ୍ୟେକ ସଭ୍ୟ ସ୍ଥିରୀକୃତ ଅଂଶ ଅନୁସାରେ ଧନ ଦେଇ Special Drawing Rights (SDRs) ପାଇଥାନ୍ତି । ରାଷ୍ଟ୍ରମାନେ ନିଜର ଦେଣନେଣ ଆବଶ୍ୟକତା ଅନୁଯାୟୀ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିରୁ ବିଭିନ୍ନ ନୀତି ଓ ସୁବିଧା ଅନୁସାରେ କରଜ ନେଇଥାନ୍ତି । ଯେଉଁ ରାଷ୍ଟ୍ରମାନେ ମୁଦ୍ରା ପାଣ୍ଠିରୁ କରଜ ନିଅନ୍ତି, ସେହି ରାଷ୍ଟ୍ରଗୁଡିକୁ କେତେକ ନିର୍ଦ୍ଦିଷ୍ଟ ସମୟ ପାଇଁ, ପରିଶୋଧର ବ୍ୟବହାର୍ଯ୍ୟ ଭାରସାମ୍ୟପାଇଁ କିଛି ଆର୍ଥିକ ନୀତି ଓ କାର୍ଯ୍ୟକ୍ରମ ମାନିବାକୁ ପଡିଥାଏ । ଏହାକୁ ସର୍ତ୍ତାବଳୀ କୁହାଯାଏ । ସର୍ତ୍ତାବଳୀ ସେହି ନୀତିର ପ୍ରତିଫଳନ ଯେ ଅର୍ଥଯୋଗାଣ ଓ ଆର୍ଥିକ ସୁଧାର ଏକ ସଙ୍ଗରେ ହେବାକୁ ପଡିବ । ଏହି ସର୍ତ୍ତାବଳୀ ଓ ଢାଞ୍ଚାଗତ ସାମଞ୍ଜସ୍ୟ କାର୍ଯ୍ୟକ୍ରମ ବିକାଶଶୀଳ ରାଷ୍ଟ୍ରଗୁଡିକରେ ସମାଲୋଚନାର ବିଷୟବସ୍ତୁ ହୋଇଯାଇଛି । ଏହି ସର୍ତ୍ତାବଳୀ ସମ୍ମିଳିତ କାର୍ଯ୍ୟକ୍ରମରେ - ଆର୍ଥିକ ସହାୟତାର ପ୍ରତ୍ୟାହାର, ଚଳନ୍ତି ମୁଦ୍ରାର ଅବମୂଲ୍ୟାୟନ, ଅର୍ଥନୀତିର ଘରୋଇକରଣ ଇତ୍ୟାଦି ରହିଥାଏ । ଏହା ବହୁ ସମୟରେ ବେକାରୀ ସମସ୍ୟା ବଢାଏ ଓ ସମାଜର ଅଧିକ ଗରିବ ଲୋକଙ୍କ ଉପରେ ବିପଦାପନ୍ନ ପ୍ରଭାବ ପକାଇଥାଏ ।

## ସଂକ୍ଷିପ୍ତ ସୂଚନା

- ମିଳିତ ଜାତିସଂଘ ଏକ ଆନ୍ତଃସରକାର ସଂଗଠନ । ଏହାକୁ ୨୪ ଅକ୍ଟୋବର ୧୯୪୫ରେ ପ୍ରତିଷ୍ଠା କରାଯାଇଥିଲା ଯେଉଁଥିରେ ୫୧ଟି ରାଷ୍ଟ୍ର ପ୍ରଥମରେ ସଦସ୍ୟ ହୋଇଥିଲେ ।
- ମିଳିତ ଜାତିସଂଘର ଉଦ୍ଦେଶ୍ୟ- ସାମୂହିକ ନିରାପତ୍ତା, ଅନ୍ତର୍ଜାତୀୟ କଳହର ସମାଧାନ ଓ ଅସ୍ତ୍ର ବିରତି - ଥିଲା । ବର୍ତ୍ତମାନ ତା'ର ୧୯୩ଟି ସଦସ୍ୟରାଷ୍ଟ୍ର ଅଛନ୍ତି । ଏହା , ଯୁକ୍ତରାଷ୍ଟ୍ର ଆମେରିକାର ନିଉୟର୍କ ନଗରର ୟୁ ଏନ୍ ପ୍ଲାଜାର ପ୍ରଥମ ମାର୍ଗରେ ଅବସ୍ଥିତ ।
- ମିଳିତ ଜାତିସଂଘର ସନନ୍ଦ ହେଉଛି ମିଳିତ ଜାତିସଂଘର ସମ୍ବିଧାନ ।
- ମିଳିତ ଜାତିସଂଘର ଛଅଗୋଟି ମୁଖ୍ୟ ଅଙ୍ଗ ରହିଛି, ଯଥା- ସାଧାରଣ ସଭା, ନିରାପତ୍ତା ପରିଷଦ, ଅର୍ଥନୈତିକ ଓ ସାମାଜିକ ପରିଷଦ, ନ୍ୟାସ ପରିଷଦ, ଅନ୍ତର୍ଜାତୀୟ ନ୍ୟାୟାଳୟ ଓ ସଚିବାଳୟ
- ସାଧାରଣ ସଭା: ଏହା ମିଳିତ ଜାତିସଂଘର ମୁଖ୍ୟ ଆଇନ ଆଲୋଚନା ଅଙ୍ଗ । ପ୍ରଫେସର ଲିଓନାର୍ଡ ସାଧାରଣ ସଭାର କାର୍ଯ୍ୟ ଓ କ୍ଷମତାକୁ ପାଞ୍ଚଭାଗରେ ବିଭକ୍ତ କରିଛନ୍ତି ଯଥା: ଆଲୋଚନା ସମ୍ବନ୍ଧୀୟ, ପରିଦର୍ଶନ ସମ୍ବନ୍ଧୀୟ, ଅର୍ଥ ସମ୍ବନ୍ଧୀୟ, ନିର୍ବାଚନ ସମ୍ବନ୍ଧୀୟ ଏବଂ ସଂନନ୍ଦ ସଂଶୋଧନ ସମ୍ବନ୍ଧୀୟ
- ନିରାପତ୍ତା ପରିଷଦ ଜାତିସଂଘର ସର୍ବାଧିକ କ୍ଷମତାଶାଳୀ ଅଙ୍ଗ ଅଟେ । ଏହା ଜାତିସଂଘର କାର୍ଯ୍ୟପାଳିକା ଅଙ୍ଗ ହିସାବରେ କାର୍ଯ୍ୟ କରେ ବୋଲି ଅନେକ ବିଶାରଦ ମତ ପ୍ରକାଶ କରିଛନ୍ତି । ଅନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତା ରକ୍ଷା ଦାୟିତ୍ୱ ମୁଖ୍ୟତଃ ନିରାପତ୍ତା ପରିଷଦ ଉପରେ ନ୍ୟସ୍ତ । ଏହାର ଦୁଇ ପ୍ରକାର ସଦସ୍ୟ ଅଛନ୍ତି: ସ୍ଥାୟୀ ସଦସ୍ୟ, ଅସ୍ଥାୟୀ ସଦସ୍ୟ । ଭିଟୋ ବ୍ୟବସ୍ଥା ଶକ୍ତିଶାଳୀ ରାଷ୍ଟ୍ରଗୁଡିକର ଏକତାର ଆବଶ୍ୟକତାକୁ ସୂଚାଏ ଓ ଏହି ପରିପ୍ରେକ୍ଷୀରେ ତାହା ପ୍ରାସଙ୍ଗିକ ହୋଇଥାଏ । ଯେତେବେଳେ ଶାନ୍ତି ଓ ନିରାପତ୍ତା ପ୍ରତି ବିପଦ ଆସେ କେବଳ ନିରପତ୍ତା ପରିଷଦ ସେତେବେଳେ ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଚେଷ୍ଟା କରିଥାଏ । ଆପତ୍ତି ଆସିଲେ ପ୍ରାଥମିକ ଭାବରେ ନିରାପତ୍ତା ପରିଷଦ ବାଦୀ ପ୍ରତିବାଦୀଙ୍କୁ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଅନୁରୋଧ କରିଥାଏ । ଅଶାନ୍ତ ଅଞ୍ଚଳରେ ଉତ୍ତେଜନା ହ୍ରାସ ପାଇଁ ଶାନ୍ତିସେନା ମୁତୟନ କରେ, ପ୍ରତିଦ୍ୱନ୍ଦୀମାନଙ୍କୁ ପରସ୍ପରଠାରୁ ଦୁରେଇ ରଖେ ଓ ଶାନ୍ତି ବହାଲ କରି ବିବାଦର ଶାନ୍ତିପୂର୍ଣ୍ଣ ଉପାୟ ଖୋଜେ ।
- ଜାତିସଂଘ ସନନ୍ଦର ୯୨ ଧାରା ଅନୁଯାୟୀ ଅନ୍ତର୍ଜାତୀୟ ନ୍ୟାୟାଳୟ ଜାତିସଂଘର ପ୍ରମୁଖ ନ୍ୟାୟିକ ଅଙ୍ଗ ଭାବରେ ପ୍ରସିଦ୍ଧି ଲାଭ କରିଛି । ନେଦରଲ୍ୟାଣ୍ଡର ହେଗ ସହରର ଶାନ୍ତି ମହଲରେ (ପିସ ପ୍ୟାଲେସ) ଏହା ଅବସ୍ଥିତ । ଏହା ୧୯୪୬ରୁ କାର୍ଯ୍ୟ କରିଆସୁଛି । ଏହା ବିଧି ଅନୁଯାୟୀ କାର୍ଯ୍ୟକରେ ଯାହା ସନନ୍ଦର ଅବିଚ୍ଛେଦ୍ୟ ଅଂଶ ଅଟେ । ସନନ୍ଦର ୯୩ ଧାରା ଅନୁଯାୟୀ ଜାତିସଂଘର ସମସ୍ତ ସଦସ୍ୟ ଏହି ଅନ୍ତର୍ଜାତୀୟ ନ୍ୟାୟାଳୟ ବିଧିର ପକ୍ଷ ହୋଇଥାନ୍ତି । ଜାତିସଂଘର ସଦସ୍ୟ ହୋଇନଥିବା ରାଷ୍ଟ୍ର ମଧ୍ୟ ନିରାପତ୍ତା ପରିଷଦର ସୁପାରିଶ କ୍ରମେ ଏହି ନ୍ୟାୟାଳୟର ବିଧିର ପକ୍ଷ ହୋଇପାରିବ । ଏହି ବିଧିର ସର୍ବମୋଟ ୭୦ଟି ଧାରା

ରହିଛି । ଅନ୍ତର୍ଜାତୀୟ ନ୍ୟାୟାଳୟ ୧୫ ଜଣ ବିଚାରପତିଙ୍କୁ ନେଇ ଗଠିତ । ଅନ୍ତର୍ଜାତୀୟ ନ୍ୟାୟାଳୟ ଭୂମିକା ଦୁଇ ପ୍ରକାରର– ବିବାଦର ସମାଧାନ ଓ ପରାମର୍ଶ ଦାନ । ପ୍ରଥମତଃ, ଅନ୍ତର୍ଜାତୀୟ ଆଇନ ଅନୁସାରେ ରାଷ୍ଟ୍ରମାନଙ୍କ ଦ୍ୱାରା ରୁଜୁ ହୋଇଥିବା ଆଇନଗତ ମୋକଦ୍ଦମାର ବିଚାର କରି ଏହା ନିଷ୍ପତ୍ତି ଦେଇଥାଏ । ଦ୍ୱିତୀୟତଃ, ଆବଶ୍ୟକ ସ୍ଥଳେ ସାଧାରଣ ସଭା, ନିରାପତ୍ତା ପରିଷଦ, ଓ ଅନ୍ୟ ସହାୟକ ସଂସ୍ଥାଗୁଡ଼ିକୁ ଆଇନଗତ ପରାମର୍ଶ ଦେଇଥାଏ ।

⇨ ବିଶ୍ୱବ୍ୟାଙ୍କ ୧୯୪୪ରେ ପ୍ରତିଷ୍ଠା ହୋଇଥିବା ଏକ ଆନ୍ତଃସରକାର ସଂଗଠନ । ପ୍ରଥମରେ ବିଶ୍ୱବ୍ୟାଙ୍କ ଯୁଦ୍ଧପରାନ୍ତ ପୁନର୍ଗଠନ ଓ ପୁନର୍ବସତି ଉପରେ ଗୁରୁତ୍ୱାରୋପ କରିଥିଲା । କିନ୍ତୁ ସମୟକ୍ରମେ ବିକାଶକୁ ପ୍ରାଥମିକତା ଦେଇଥିଲା । ବର୍ତ୍ତମାନ ଏହା ବିକାଶ ଓ ଦାରିଦ୍ର୍ୟ ଦୂରୀକରଣରେ ଅଧିକ ଜଡ଼ିତ ।

⇨ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ମିଳିତ ଜାତିସଂଘ ବ୍ୟବସ୍ଥାର ଏକ ବିଶେଷୀକୃତ ଅନୁଷ୍ଠାନ । ଏହାର ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ହେଲା, ଅନ୍ତର୍ଜାତୀୟ ସହଯୋଗର ପ୍ରୋତ୍ସାହନ, ଅନ୍ତର୍ଜାତୀୟ ବାଣିଜ୍ୟର ସୁଗମ ବିସ୍ତୃତି ଏବଂ ସୁଷମ ବୃଦ୍ଧି, ମୁଦ୍ରା ବିନିମୟରେ ସ୍ଥିରତା, ନେଣଦେଣ ସୁବିଧାରେ ବ୍ୟାପକତା ଓ ଯେଉଁ ସଦସ୍ୟମାନଙ୍କର ନେଣଦେଣର ସମସ୍ୟାଥାଏ ସେମାନଙ୍କୁ ବିତ୍ତୀୟ ସହାୟତା ଦେବା ।

## ବ୍ୟବହୃତ ଶବ୍ଦ

*ଭିଟୋ କ୍ଷମତା* : ଭିଟୋ କ୍ଷମତା ମିଳିତ ଜାତିସଂଘର ନିରାପତା ପରିଷଦର ୫ଟି ସ୍ଥାୟୀ ସଦସ୍ୟ (ଯୁକ୍ତରାଷ୍ଟ୍ର ଆମେରିକା, ଯୁକ୍ତରାଜ୍ୟ, ଚୀନ, ଫ୍ରାନ୍ସ ଓ ରୁଷିଆ) ମାନଙ୍କୁ ଦିଆଯାଇଥିବା ବିଶେଷ କ୍ଷମତା ଯାହାଦ୍ୱାରା ମୌଳିକ ବିଷୟରେ ନିଷ୍ପତ୍ତି ନେବାବେଳେ ସେମାନେ ନାସ୍ତିସୂଚକ ଭୋଟ ଦେଇ ଯେ କୌଣସି ପ୍ରସ୍ତାବକୁ ନାକଚ କରିଦେଇପାରିବେ ।

## ନିରାପତ୍ତାର ମହତ୍ତ୍ୱ

ନିରାପତ୍ତା ବ୍ୟକ୍ତିର ଜୀବନର ଏକ ବିଶେଷ ମାନ୍ୟତା ବା ମୂଲ୍ୟବୋଧ । ତେଣୁ ନିରାପତ୍ତାର ମହତ୍ତ୍ୱକୁ ବ୍ୟକ୍ତି, ପରିବାର, ରାଷ୍ଟ୍ର ଓ ତା'ର ଅନ୍ୟ ଉପଭୋକ୍ତାମାନେ (ଅଣ-ରାଷ୍ଟ୍ରୀୟ ସଂଗଠନ) ମଧ୍ୟ ଅନୁଭବ କରନ୍ତି । ଏ ସମସ୍ତ ଚରିତ୍ର କେବଳ ନିରାପତ୍ତାର ମହତ୍ତ୍ୱକୁ ଅନୁଭବକରନ୍ତି ନାହିଁ , ତା ଅନୁଯାୟୀ କାର୍ଯ୍ୟ ମଧ୍ୟ କରନ୍ତି । କିନ୍ତୁ ଏହି ମାନ୍ୟତାକୁ ଅତିଶୟ ପ୍ରାଧାନ୍ୟ ଦେବାହେତୁ ଅନ୍ୟ ମାନ୍ୟତାଗୁଡିକୁ ଅଣଦେଖା କରିଦିଅନ୍ତି । ସେଥିପାଇଁ ପ୍ରଶ୍ନ ଉଠେ ଅନ୍ୟ ମାନ୍ୟତା ତୁଳନାରେ ନିରାପତ୍ତାର ଆପେକ୍ଷିକ ମହତ୍ତ୍ୱ କେତେ ? ଏହି ପ୍ରଶ୍ନର ଉତ୍ତର ତିନୋଟି ଦୃଷ୍ଟିକୋଣରୁ ଦିଆଯାଇପାରେ–

**ମୁଖ୍ୟ ମାନ୍ୟତା ଦୃଷ୍ଟିକୋଣ:** ନିରାପତ୍ତା ଅନ୍ୟ ମାନ୍ୟତା, ଯଥା - ଅଧିକାର, ସ୍ୱାଧୀନତା, ସମୃଦ୍ଧି ଇତ୍ୟାଦି ସୁଖଦାୟକ ମାନ୍ୟତାର ମୌଳିକ ଆବଶ୍ୟକତା ଅଟେ । କାରଣ ନିରାପତ୍ତା ନଥିଲେ ଅଧିକାର, ସ୍ୱାଧୀନତା, ସମୃଦ୍ଧି ଇତ୍ୟାଦି ମୂଲ୍ୟବୋଧ ମୂଲ୍ୟହୀନ ହୋଇଯିବ ।

**ଅନ୍ତର୍ନିହିତ ମାନ୍ୟତା ଦୃଷ୍ଟିକୋଣ:** ଏହି ଦୃଷ୍ଟିକୋଣ ନିରାପତ୍ତା ମାନ୍ୟତା କୁ ଗୁରୁତ୍ୱ ଦିଏ । କିନ୍ତୁ ଏହି ଦୃଷ୍ଟିକୋଣର ପୃଷ୍ଠପୋଷକ ମାନଙ୍କ ମତରେ, ଅଧିକାର, ସ୍ୱାଧୀନତା, ସମୃଦ୍ଧି ମାନ୍ୟତାଗୁଡିକ ମଧ୍ୟ ନିରାପତ୍ତା ଭଳି ଗୁରୁତ୍ୱପୂର୍ଣ୍ଣ ।

**ପ୍ରାନ୍ତୀୟ ମାନ୍ୟତା ଦୃଷ୍ଟିକୋଣ:** ଜୀବନର ସମସ୍ତ ମାନ୍ୟତା କ୍ରମହ୍ରାସମାନ ପ୍ରାନ୍ତୀୟ ଉପଯୋଗିତା ସୂତ୍ର ଦ୍ୱାରା ନିୟନ୍ତ୍ରଣାଧୀନ । ତେଣୁ ତୃତୀୟ ମତ ଅନୁସାରେ ନିରାପତ୍ତା ମଧ୍ୟ  ସେହି ସୂତ୍ରର ଅନୁଗତ । କେତେକ ବିଦ୍ୱାନଙ୍କ ମତରେ କ୍ରମହ୍ରାସମାନ ଉପଯୋଗିତା ଦୃଷ୍ଟିକୋଣ ଅନ୍ୟ ଦୁଇ ଦୃଷ୍ଟିକୋଣ ଠାରୁ ଅଧିକ ଗ୍ରହଣୀୟ ।

ବର୍ତ୍ତମାନ ପଶ୍ନ ହେଉଛି - ଉପଯୋଗିତା କ୍ରମହ୍ରାସମାନ ସୂତ୍ର ସହିତ ନିରାପତ୍ତାର ସମ୍ପର୍କ କଣ ? ସମାଜର ସଂସାଧନ ସବୁବେଳେ ସୀମିତ । ସୀମିତ ସଂସାଧନର ସୁଷମ ବଣ୍ଟନ ସମସ୍ୟାର ସମାଧାନ, ଏହି ସୂତ୍ର ଯୋଗାଇଥାଏ । ପ୍ରକାରାନ୍ତରେ ଏହି ମତ ନିରାପତ୍ତାର ଆପେକ୍ଷିକ ଉପଯୋଗିତା ଉପରେ ଗୁରୁତ୍ୱ ଦେଇଥାଏ । କାରଣ ନିରାପତ୍ତାର ଉପଯୋଗିତା ବ୍ୟକ୍ତି ଠାରୁ ବ୍ୟକ୍ତି, ପରିସ୍ଥିତି ଠାରୁ ପରିସ୍ଥିତି ମଧ୍ୟରେ ଭିନ୍ନ ହୋଇଥାଏ । ଜଳ, ଖାଦ୍ୟ ଓ ବାୟୁ ପରି ଅନ୍ୟାନ୍ୟ ମୌଳିକ ଆବଶ୍ୟକତା ଠାରୁ ନିରାପତ୍ତା ଆବଶ୍ୟକତା ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ । ପ୍ରତ୍ୟେକ ଆବଶ୍ୟକତାର କିଛି ନ୍ୟୁନତମ ପରିମାଣ ବଞ୍ଚିବା ପାଇଁ ଆବଶ୍ୟକ । କିନ୍ତୁ, ନ୍ୟୁନତମ ସମସ୍ତଙ୍କ ପାଇଁ ସମାନ ମହତ୍ତ୍ୱ ରଖେନାହିଁ । ଯେପରି, ଗୋଟିଏ ଗ୍ଲାସ ଜଳର ଉପାଦେୟତା ଏକ ମରୁଭୂମିରେ ଅସହାୟ ଅବସ୍ଥାରେ ପଡିଥିବା ବ୍ୟକ୍ତି ଓ ଗଭୀର ହ୍ରଦରେ ବୁଡିଯାଉଥିବା ବ୍ୟକ୍ତି ମଧ୍ୟରେ ସମାନ ନୁହେଁ । କୌଣସି ବସ୍ତୁର ଉପାଦେୟତାର ହ୍ରାସ-ବୃଦ୍ଧି ସେହି ବ୍ୟକ୍ତି ପାଖରେ ଥିବା ପରିମାଣ ଉପରେ ନିର୍ଭର କରେ । ସେହିପରି, ଯେକୌଣସି ଦେଶର ସରକାର ବହୁ ଜନମଙ୍ଗଳକାରୀ ଲକ୍ଷ୍ୟ ରଖି କାର୍ଯ୍ୟ କରନ୍ତି । ଲକ୍ଷ୍ୟ ଗୁଡିକ ଦୁର୍ମୂଲ୍ୟ ସଂସାଧନ ପାଇଁ ପ୍ରତିଯୋଗିତା ରତ ଓ ଉପଯୋଗିତା କ୍ରମହ୍ରାସମାନ ସୂତ୍ରର ଅଧୀନସ୍ଥ । କ୍ରମହ୍ରାସମାନ ଉପଯୋଗିତା ଦୃଷ୍ଟିକୋଣ ଅନୁସାରେ ନିରାପତ୍ତା ସରକାରୀ ନୀତିର ବହୁ ଲକ୍ଷ୍ୟ ମଧ୍ୟରୁ ଗୋଟିଏ । ପୁନଶ୍ଚ, ଗୋଟିଏ ଦେଶର ନିରାପତ୍ତାର ଗୁରୁତ୍ୱର ସାମୟିକ ହ୍ରାସ-ବୃଦ୍ଧି ଅନ୍ୟ ଦେଶ ବା

ଦେଶଗୁଡ଼ିକ ମଧ୍ୟରେ ଅଥବା ସେହିଦେଶର ଏକ ଐତିହାସିକ ପୃଷ୍ଠଭୂମିଠାରୁ ଅନ୍ୟ ପୃଷ୍ଠଭୂମିରେ ପୃଥକ୍ ହୋଇଥାଏ, ଯାହା ସେହି ଦେଶର ନିରାପତ୍ତା କେତେ ପରିମାଣରେ ଅଛି ଓ କେତେ ଆବଶ୍ୟକ ତା ଉପରେ ନିର୍ଭର କରେ । ବୁଦ୍ଧିମାନ ନୀତି ନିର୍ଦ୍ଧାରକ ନିରାପତ୍ତା ପାଇଁ ସଂସାଧନର ଯୋଗାଣ ସେପର୍ଯ୍ୟନ୍ତ କରିବେ ଯେପର୍ଯ୍ୟନ୍ତ ନିରାପତ୍ତା ବାବଦ ଖର୍ଚ୍ଚର କ୍ରମହ୍ରାସମାନ ପ୍ରାନ୍ତୀୟ ଉପାଦେୟତା ଅନ୍ୟାନ୍ୟ ଆବଶ୍ୟକତା ବାବଦ ଖର୍ଚ୍ଚର ଉପାଦେୟତା ଠାରୁ ଅଧିକ ହେଉଥିବ ।

ନିରାପତ୍ତା ସରକାରୀ ନୀତିର ବହୁ ଲକ୍ଷ୍ୟ - ଯେଉଁ ଗୁଡିକ ଦୁର୍ମୂଲ୍ୟ ସଂସାଧନ ପାଇଁ ପ୍ରତିଯୋଗିତା ରତ ଓ ଉପାଦେୟତା କ୍ରମହ୍ରାସମାନ ସୂତ୍ରର ଅଧୀନସ୍ଥ - ମଧ୍ୟରୁ ଗୋଟିଏ । ଏପରି ଚିନ୍ତାଧାରା ନୂଆ ନୁହେଁ । ବର୍ତ୍ତମାନ କିଛି ରାଜନୀତି ଶାସ୍ତ୍ରୀ ଏ ଦୃଷ୍ଟିକୋଣକୁ ଆପଣେଇଛନ୍ତ; ପ୍ରତିରକ୍ଷା ଓ ଅର୍ଥନୀତି ବିଶାରଦ ବହୁଦିନରୁ ଏହାର ପୃଷ୍ଠପୋଷକ ଅଟନ୍ତି ।

ନିରାପତ୍ତା ଯେ ବହୁ ପ୍ରକାରର, ଏହି ଚିନ୍ତାଧାରା ନୂଆ ନୁହେଁ । ଅର୍ଥନୈତିକ ନିରାପତ୍ତା, ପରିବେଶ ନିରାପତ୍ତା, ପରିଚୟ ନିରାପତ୍ତା, ସାମାଜିକ ନିରାପତ୍ତା, ଏବଂ ସାମରିକ ନିରାପତ୍ତା ଇତ୍ୟାଦି ନିରାପତ୍ତାର ପୃଥକ୍ ପୃଥକ୍ ରୂପ । ମୌଳିକଭାବରେ ଅଲଗା ତତ୍ତ୍ୱ ନୁହେଁ । ପ୍ରତ୍ୟେକକୁ ରୂପ ଅନୁସାରେ ସ୍ପଷ୍ଟ ବର୍ଣ୍ଣନା କରିହେବ । ବିଶ୍ୱର ପରିବର୍ତ୍ତନଶୀଳ ପରିସ୍ଥିତି ଓ ନୂଆ ବିଷୟର ଉଦ୍ରେକ ନୂଆ ତତ୍ତ୍ୱ ଆବଶ୍ୟକ କରେନାହିଁ ।

**ନିରାପତ୍ତାର ସଂକ୍ଷିପ୍ତ ଇତିହାସ :**

ନିରାପତ୍ତା ଚିନ୍ତା ମାନବ ସମାଜ ପରି ପୁରାତନ । ଇତିହାସ ଓ ପୁରାଣ ବହିରୁ ଆମେ ଯୁଦ୍ଧ, ସମରସଜ୍ଜା, ଅସ୍ତ୍ରଶସ୍ତ୍ର, ସୈନ୍ୟସାମନ୍ତ, ଦୁର୍ଗ, ଗଡଖାଇ, ଯୁଦ୍ଧପୋତ ଏବଂ ଅନ୍ୟାନ୍ୟ ବହୁ ବିଷୟରେ ପାଠକରିଥାଉ । ଏ ସମସ୍ତ ନିରାପତ୍ତା ଚିନ୍ତାର ଉଦାହରଣ । ନିରାପତ୍ତା ମାନେ ରାଷ୍ଟ୍ରର ଭୂଖଣ୍ଡ, ଜନସାଧାରଣ ଓ ସମ୍ପତ୍ତିର ନିରାପତ୍ତା । ପାରମ୍ପାରିକ ଭାବରେ ନିରାପତ୍ତାର ମୁଖ୍ୟ ଉପାଦାନ ଥିଲା ଅସ୍ତ୍ର ଉତ୍ପାଦନ ଓ ସାମରିକ ପ୍ରସ୍ତୁତି । ପରବର୍ତ୍ତୀ ସମୟରେ ଆସିଲା ଅନ୍ୟ ରାଷ୍ଟ୍ରମାନଙ୍କ ସହିତ ବନ୍ଧୁତା ସ୍ଥାପନ ଓ ସନ୍ଧି । ପରସ୍ପରକୁ ଆକ୍ରମଣ ନ କରିବାକୁ ଓ ଅନ୍ୟ ଶତ୍ରୁ ରାଷ୍ଟ୍ର ସହିତ ଯୁଦ୍ଧ ରେ ସାହାଯ୍ୟ ଇତ୍ୟାଦି । ୟୁରୋପରେ ଏହା ବହୁ ବର୍ଷ ଧରି ଚାଲିଆସୁଥିଲା, ଯେତେବେଳ ପର୍ଯ୍ୟନ୍ତ ଶକ୍ତିଶାଳୀ ଦାବିଦାର ଭାବରେ ବିଶ୍ୱ ଶକ୍ତି ପ୍ରତିଯୋଗିତା କ୍ଷେତ୍ରରେ ସ୍ୱ ଉପନିବେଶ ଆହରଣ ପରେ ରାଜନୈତିକ ଓ ଔପନିବେଶିକ ଫାଇଦା ପାଇଁ ଜର୍ମାନୀ ଓ ଇଟାଲୀର ଅଭ୍ୟୁଦୟ ହୋଇନଥିଲା । ଜର୍ମାନୀ ନିଜ ଅର୍ଥନୈତିକ ସୁବିଧା ପାଇଁ ଯଥେଷ୍ଟ ସ୍ଥାନ ଖୋଜିଲା ।

ଅସ୍ତ୍ର ପ୍ରତିଯୋଗିତା ଆଧୁନିକ ମର୍ମରେ ଊନବିଂଶ ଶତାବ୍ଦୀର ଶେଷ ଦଶକରେ ଆରମ୍ଭ ହୋଇଛି । ଯେତେବେଳେ ଉପନିବେଶ ଆହରଣ ଆଶାୟୀ / ପ୍ରତିଦ୍ୱନ୍ଦୀ ରାଷ୍ଟ୍ରମାନଙ୍କ ଅସ୍ତ୍ର ପ୍ରତିଯୋଗିତା ଚରମ ସୀମାରେ ପହଞ୍ଚିଲା, ଆରମ୍ଭ ହେଲା ଦୁଇଟି ବିଶ୍ୱଯୁଦ୍ଧ । ଦୁଇ ପ୍ରଳୟଙ୍କରୀ ଯୁଦ୍ଧର ଧ୍ୱଂସଲୀଳା ଦେଖି ଉଭୟ ବିଜିତ ଓ ପରାଜିତ ରାଷ୍ଟ୍ରମାନେ ଅସ୍ତ୍ର ଉତ୍ପାଦନ ଏବଂ ବ୍ୟବହାର ଉପରେ କଟକଣା କଥା ଚିନ୍ତା କଲେ ।

## 'ଖ'ବିଭାଗ

ସଂକ୍ଷେପରେ ଲେଖ :

1. ଭିଟୋ କ୍ଷମତା ମାନେ କଣ ?
2. ମିଳିତ ଜାତିସଂଘର କେଉଁ ସଭ୍ୟମାନେ ଭିଟୋ କ୍ଷମତା ବ୍ୟବହାର କରିପାରିବେ ?
3. ମିଳିତ ଜାତିସଂଘର ମୁଖ୍ୟ ଦପ୍ତର କେଉଁଠାରେ ଅବସ୍ଥିତ ?
4. ଅନ୍ତର୍ଜାତୀୟ ନ୍ୟାୟାଳୟରେ କେତେଜଣ ବିଚାରପତି ଅଛନ୍ତି ?
5. ଅନ୍ତର୍ଜାତୀୟ ନ୍ୟାୟାଳୟରେ ବିଚାରପତି ମାନଙ୍କୁ କେମିତି ନିଯୁକ୍ତି ଦିଆଯାଏ ?

ଟିପ୍ପଣୀ ଲେଖ :

1. ମିଳିତ ଜାତିସଂଘର ଉତ୍ପତ୍ତି
2. ମିଳିତ ଜାତିସଂଘର ଲକ୍ଷ
3. ମିଳିତ ଜାତିସଂଘର ଉଦ୍ଦେଶ୍ୟ
4. ମିଳିତ ଜାତିସଂଘର ନୀତି ସମୂହ
5. ନିରାପତ୍ତା ପରିଷଦର ଗଠନ
6. ବିଶ୍ୱବ୍ୟାଙ୍କର ସଂଗଠନ
7. ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି
8. ଅନ୍ତର୍ଜାତୀୟ ନ୍ୟାୟାଳୟର ଗଠନ
9. ମିଳିତ ଜାତିସଂଘରେ ଭାରତର ଭୂମିକା

## 'ଗ'ବିଭାଗ

ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :

1. ବିଶ୍ୱବ୍ୟାଙ୍କ ଓ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିର ଗଠନ, ଓ କାର୍ଯ୍ୟର ତୁଳନାତ୍ମକ ଆଲୋଚନା କର ।
2. ସାଧାରଣ ସଭାର ଗଠନ ଏବଂ କାର୍ଯ୍ୟାବଳୀ ବିଷୟରେ ଲେଖ ।
3. ନିରାପତ୍ତା ପରିଷଦର ଗଠନ ଏବଂ କାର୍ଯ୍ୟାବଳୀ ଆଲୋଚନା କର ।
4. ଅନ୍ତର୍ଜାତୀୟ ନ୍ୟାୟାଳୟର ଗଠନ ଏବଂ କାର୍ଯ୍ୟାବଳୀ ବର୍ଣ୍ଣନା କର ।
5. ମିଳିତ ଜାତିସଂଘର ସଂସ୍କାରର ଆବଶ୍ୟକତା ବୁଝାଇଲେଖ ।

❑❑❑

ନବମ ଅଧ୍ୟାୟ

# ନିରାପତ୍ତାର ପରିବର୍ତ୍ତମାନ ପରିସର

*ମାନବ ନିରାପତ୍ତା ମାନବ ଜୀବନର ସୁରକ୍ଷା କରିବା ସଙ୍ଗେ ସଙ୍ଗେ ମଣିଷର ସ୍ୱାଧୀନତା ଓ ଆତ୍ମ ସନ୍ତୋଷ ସହିତ ଜଡ଼ିତ । ମାନବ ନିରାପତ୍ତା ମଣିଷର ମୌଳିକ ସ୍ୱତନ୍ତ୍ରତାର ରକ୍ଷା ସହିତ ମୂଳସୂତ୍ରର ସୁରକ୍ଷା; ଲୋକଙ୍କୁ ପିଡାଦାୟକ ଏବଂ ସଙ୍କଟାପନ୍ନ ପରିସ୍ଥିତିରୁ ରକ୍ଷା କରିବା ସଙ୍ଗେ ସଙ୍ଗେ ଲୋକଙ୍କ ଭିତରେ ସାମର୍ଥ୍ୟ ଓ ଉଚ୍ଚାଭିଳାଷ ଗଠନ କରିବା ମାନବ ନିରାପତ୍ତାର କାର୍ଯ୍ୟ; ଜନଚେତନାରେ ରାଜନୈତିକ, ସାମାଜିକ, ପରିବେଶଜନୀତ, ଅର୍ଥନୈତିକ, ସାମରିକ ଏବଂ ସାଂସ୍କୃତିକ ବ୍ୟବସ୍ଥା ସୃଷ୍ଟି କରିବା ସହିତ ସାମୂହିକ ଭାବରେ ଲୋକଙ୍କୁ ବଞ୍ଚିବା, ଜୀବିକା ନିର୍ବାହ କରିବା ଓ ମର୍ଯ୍ୟାଦା ହାସଲର ମୂଳ-ସାଧନ ଯୋଗାଇଦେବ ।"*

- ମିଳିତ ଜାତିସଂଘ ମାନବ ସୁରକ୍ଷା ଆୟୋଗର ମାନବ ସୁରକ୍ଷା ଉପରେ ବିଗତ ଦିନର ବିବୃତି

**ପାଠ୍ୟ ବିଷୟ :**

ସାମସମୟିକ ବିଶ୍ୱରେ ନିରାପତ୍ତାର ପରିବର୍ତ୍ତମାନ ପରିସର :

- ପାରମ୍ପାରିକ ନିରାପତ୍ତା ଚିନ୍ତା: ଅସ୍ତ୍ର ଦୌଡ଼; ଅସ୍ତ୍ର ବିରତି ।
- ଅଣପାରମ୍ପାରିକ ନିରାପତ୍ତା ଚିନ୍ତା: ମାନବ ନିରାପତ୍ତା; ବିଶ୍ୱ ଦରିଦ୍ରତା; ଅସମାନତା; ସ୍ୱାସ୍ଥ୍ୟ ଓ ଶିକ୍ଷା ।

**କ'ଣ ଜାଣିବା ?**

- ନିରାପତ୍ତାର ମହତ୍ତ୍ୱ

**କ'ଣ ପଢ଼ିବା ?**

- ଅସ୍ତ୍ର ଦୌଡ଼ ଓ ଅସ୍ତ୍ର ବିରତି
- ମାନବ ନିରାପତ୍ତା
- ବିଶ୍ୱ ଦରିଦ୍ରତା
- ଅସମାନତା
- ସ୍ୱାସ୍ଥ୍ୟ ଓ ଶିକ୍ଷା

## ନିରାପତ୍ତା

ଅନ୍ତର୍ଜାତୀୟ ରାଜନୀତି ବା ରାଷ୍ଟ୍ରୀୟ ରାଜନୀତି ବିଷୟ ଚର୍ଚ୍ଚା କଲାବେଳେ ଆମେ ନିରାପତ୍ତା ଶବ୍ଦଟିକୁ ବହୁସମୟରେ ବ୍ୟବହାର କରିଥାଉ । ଜାତୀୟ ନିରାପତ୍ତା ପ୍ରସଙ୍ଗରେ ବହୁ ଜିନିଷ ଆଲୋଚନା ପରିସରକୁ ଆସେନାହିଁ କାରଣ ତାହା ଆମ ରାଷ୍ଟ୍ରୀୟ ସୁରକ୍ଷା ସହ ଜଡ଼ିତ । ସାଧାରଣ ଚର୍ଚ୍ଚାରେ ନଥିବା ବିଷୟକୁ ଆମେ ବୁଝିପାରିଛୁ ଭାବିଥାଉ, କିନ୍ତୁ ଆମେ କଣ ତାହା ପ୍ରକୃତରେ ବୁଝିପାରିଥାଉ ? ତେଣୁ ଏ ଅଧ୍ୟାୟରେ ଆମେ ନିରାପତ୍ତାର ଅର୍ଥ ବୁଝିବାକୁ ଚେଷ୍ଟା କରିବା ଓ ତାର ପରିବର୍ତ୍ତୀତ ପରିସରକୁ ଜାଣିବାକୁ ଚେଷ୍ଟା କରିବା ।

ସାଧାରଣ ଅର୍ଥରେ ନିରାପତ୍ତା ମାନେ ସୁରକ୍ଷା: ବିପଦରୁ ରକ୍ଷା ପାଇବା ବା ଭୟରୁ ମୁକ୍ତି । ଅନ୍ତର୍ଜାତୀୟ ରାଜନୀତିରେ ମଧ୍ୟ ଏହାକୁ ସମାନ ଅର୍ଥରେ ବ୍ୟବହାର କରାଯାଏ । କିନ୍ତୁ, ଅନ୍ତର୍ଜାତୀୟ ରାଜନୀତିରେ ଏହାର ବିଭିନ୍ନ ସ୍ତର ଦେଖିବାକୁ ମିଳେ । ଯଥା:– ଜାତୀୟ ନିରାପତ୍ତା, ଅନ୍ତରାଷ୍ଟ୍ରୀୟ ନିରାପତ୍ତା ଓ ମାନବିକ ନିରାପତ୍ତା ।

# ଆଦର୍ଶ ପ୍ରଶ୍ନାବଳୀ

## 'କ' ବିଭାଗ

**ବିକଳ୍ପ ଉତ୍ତର ଗୁଡିକରୁ ସଠିକ ଉତ୍ତର ଚୟନ :**

1. ନିମ୍ନଲିଖିତ କେଉଁ ଦୁଇଟି ମିଳିତ ଜାତିସଂଘର ଲକ୍ଷ୍ୟ ନୁହଁ ? ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଗୁଡିକୁ ବାଛି ସଂକେତ ଅନୁସାରେ ଉତ୍ତର ଦିଅ ।

A. ଭବିଷ୍ୟତ ବଂଶଧରମାନଙ୍କୁ ଯୁଦ୍ଧର ଅଭିଶାପରୁ ମୁକ୍ତି ଦେଇ ଶାନ୍ତି ଓ ନିରାପତ୍ତା କାୟମ ରଖିବା ।

B. ଅଲମ୍ପିକ ଖେଳକୁଦ ପ୍ରତିଯୋଗିତାକୁ ତା'ର ପ୍ରକୃତ ବିଚାରଧାରାରେ ପରିଚାଳନା କରିବା ।

C. ଅନ୍ତର୍ଜାତୀୟ କ୍ରିକେଟ କାଉନସିଲର ତଦାରଖ କରିବା ।

D. ସାମାଜିକ ଉନ୍ନତି ଏବଂ ଅଧିକ ଉଚ୍ଚମାନର ଜୀବନଶୈଳୀକୁ ପ୍ରୋତ୍ସାହନ କରିବା ।

ସଂକେତ : (i) AB (ii) BC (iii) CD (iv) DA

2. ନିମ୍ନଲିଖିତ କେଉଁ ଦୁଇଟି ମିଳିତ ଜାତିସଂଘର ଉଦ୍ଦେଶ୍ୟ ନୁହଁ ? ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଗୁଡିକୁ ବାଛି ସଂକେତ ଅନୁସାରେ ଉତ୍ତର ଦିଅ ।

A. ଅନ୍ତର୍ଜାତୀୟ ଶାନ୍ତି ଏବଂ ନିରାପତ୍ତା ରକ୍ଷା ଓ ଯୁଦ୍ଧ ନହେବା ପାଇଁ ଯଥେଷ୍ଟ ପଦକ୍ଷେପ ନେବା ।

B. ମୌଳିକ ମାନବିକ ଅଧିକାରର ପୁନଃ ସ୍ୱୀକାରୋକ୍ତି ।

C. ଅନ୍ତର୍ଜାତୀୟ ସହଯୋଗ ମାଧ୍ୟମରେ ଅନ୍ତର୍ଜାତୀୟ ଅର୍ଥନୈତିକ, ସାଂସ୍କୃତିକ, ସାମାଜିକ ଓ ମାନବୀୟ ସମସ୍ୟାଗୁଡିକର ସମାଧାନ ।

D. ଅନ୍ତର୍ଜାତୀୟ ଆଇନ ପ୍ରତି ସମ୍ମାନ ବଜାୟ ରଖିବା ।

ସଂକେତ : (i) AB (ii) BD (iii) CA (iv) DA

3. ନିମ୍ନଲିଖିତ କେଉଁ ଦୁଇଟି ମିଳିତ ଜାତିସଂଘର ନୀତିସମୂହରେ ସାମିଲ ହୋଇଛି ? ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଗୁଡିକୁ ବାଛି ସଂକେତ ଅନୁସାରେ ଉତ୍ତର ଦିଅ ।

A. ସମସ୍ତ ସଦସ୍ୟ ରାଷ୍ଟ୍ର ମିଳିତ ଜାତିସଂଘ ପ୍ରତି ନିଜ କର୍ତ୍ତବ୍ୟର ପାଳନ ସନନ୍ଦର ବ୍ୟବସ୍ଥା ଅନୁଯାୟୀ କରିବେ ।

B. ସମସ୍ତ ସଦସ୍ୟ ରାଷ୍ଟ୍ର ଯେକୌଣସି ଉପାୟରେ ପାରସ୍ପରିକ ଅନ୍ତର୍ଜାତୀୟ ବିବାଦର ସମାଧାନ କରିବେ ।

C. ସମସ୍ତ ସଦସ୍ୟ ରାଷ୍ଟ୍ର ମିଳିତ ଜାତିସଂଘକୁ ସନନ୍ଦ ମୁତବକ କାର୍ଯ୍ୟ କରିବାକୁ ଯେ କୌଣସି କାର୍ଯ୍ୟରେ ଆବଶ୍ୟକୀୟ ସହାୟତା ଦେବେ ।

D. ଗୋଟିଏ ରାଷ୍ଟ୍ର ଅନ୍ୟ ରାଷ୍ଟ୍ରର ଆଞ୍ଚଳିକ ଅଖଣ୍ଡତା କିମ୍ବା ରାଜନୈତିକ ସ୍ୱାଧୀନତାରେ ହସ୍ତକ୍ଷେପ କରିବେ ନାହିଁ । ଭୟ ବା ଶକ୍ତି ପ୍ରଦର୍ଶନ କରି ପରସ୍ପର ସମସ୍ୟାର ସମାଧାନ କରିବେ ।

ସଂକେତ : (i) AB (ii) BD (iii) CA (iv) DA

4. ମିଳିତ ଜାତିସଂଘର ଛଅଟି ମୁଖ୍ୟ ଅଙ୍ଗ ଅଛି । ନିମ୍ନରେ ଦିଆଯାଇଥିବା ତାଲିକାରୁ ଦୁଇଟି ମୁଖ୍ୟ ଅଙ୍ଗ ବାଛ । ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ସଂକେତ ଅନୁସାରେ ଉତ୍ତର ଦିଅ ।

A. ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି

B. ନିରାପତ୍ତା ପରିଷଦ

C. ବିଶ୍ୱବ୍ୟାଙ୍କ

D. ସାମାଜିକ ଓ ଅର୍ଥନୈତିକ ପରିଷଦ

ସଂକେତ : (i) AB (ii) BD (iii) CA (iv) DA

5. ନିମ୍ନଲିଖିତ କେଉଁ ଦୁଇଟି ସାଧାରଣ ସଭାର କାର୍ଯ୍ୟାବଳୀରେ ଅନ୍ତର୍ଗତ ? ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଉତ୍ତରଗୁଡ଼ିକୁ ବାଛି ସଂକେତ ଅନୁସାରେ ଉତ୍ତର ଦିଅ ।

A. ଅନ୍ତର୍ଜାତୀୟ ଶାନ୍ତି ଏବଂ ନିରାପତ୍ତା ରକ୍ଷା କରିବା ଏହାର ପ୍ରାଥମିକ କାର୍ଯ୍ୟ ।

B. ନିରାପତ୍ତା ପରିଷଦର ଅସ୍ଥାୟୀ ସଦସ୍ୟ, ଅର୍ଥନୈତିକ ଓ ସାମାଜିକ ପରିଷଦର ସଦସ୍ୟ ଏବଂ ନ୍ୟାସ ପରିଷଦର ନିର୍ବାଚିତ ସଦସ୍ୟ ମାନଙ୍କର ନିର୍ବାଚନ କରିଥାଏ ।

C. ମିଳିତ ଜାତିସଂଘ ଶାନ୍ତିସେନାକୁ ଶାନ୍ତି ଓ ନିରାପତ୍ତା ରକ୍ଷା କରିବା ପାଇଁ ମୁତୟନ ଓ ପରିଚାଳନା କରିଥାଏ ।

D. ନିରାପତ୍ତା ପରିଷଦ ସହ ମିଳିତ ଭାବରେ ଅନ୍ତର୍ଜାତୀୟ ନ୍ୟାୟାଳୟର ବିଚାରପତି ନିର୍ବାଚନ କରିଥାଏ ଏବଂ ନିରାପତ୍ତା ପରିଷଦର ଉପଦେଶ କ୍ରମେ ମହାସଚିବଙ୍କୁ ନିଯୁକ୍ତି ଦେଇଥାଏ ।

ସଂକେତ : (i) AB (ii) BD (iii) CA (iv) DA

6. ନିମ୍ନଲିଖିତ କେଉଁ ଦୁଇଟି ନିରାପତ୍ତା ପରିଷଦର କାର୍ଯ୍ୟ ନୁହେଁ ? ଦିଆଯାଇଥିବା ବିକଳ୍ପ ମଧ୍ୟରୁ ଉତ୍ତରଗୁଡ଼ିକୁ ବାଛି ସଂକେତ ଅନୁସାରେ ଉତ୍ତର ଦିଅ ।

A. ଏହା ଜାତିସଂଘର ବଜେଟକୁ ବିଚାର ବିମର୍ଷ ମାଧ୍ୟମରେ ଅନୁମୋଦନ କରିଥାଏ । ଜାତିସଂଘର ଖର୍ଚ୍ଚକୁ କେଉଁ ରାଷ୍ଟ୍ର କେତେ ବହନ କରିବେ ତାହା ନିଶ୍ଚିତ କରିଥାଏ ।

B. ଯେତେବେଳେ କୌଣସି ଅଞ୍ଚଳରେ ଶାନ୍ତି ଓ ସୁରକ୍ଷା ପ୍ରତି ବିପଦ ଦେଖାଦିଏ, ଏହା ରାଷ୍ଟ୍ର ଗୁଡିକୁ ପ୍ରଥମେ ଶାନ୍ତିପୂର୍ଣ୍ଣ ଉପାୟରେ ପାରସ୍ପରିକ ଅନ୍ତର୍ଜାତୀୟ ବିବାଦର ସମାଧାନ କରିବାକୁ ଅନୁରୋଧ କରିଥାଏ ।

C. ସାଧାରଣ ସଭା ଓ ଜାତିସଂଘର ଅନ୍ୟାନ୍ୟ ଅଙ୍ଗଗୁଡିକର ବିବରଣୀ ଗ୍ରହଣ କରିଥାଏ ।

D. ବିବାଦ ଉପୁଜୁଥିବା ଅଞ୍ଚଳକୁ ଉତ୍ତେଜନା ହ୍ରାସକରିବା ପାଇଁ ଶାନ୍ତିସେନା ପଠାଇଥାଏ ।

ସଂକେତ : (i) AB (ii) BD (iii) CA (iv) DA

କଟକଣା କଥା ଚିନ୍ତାକରି ମଧ୍ୟ ଦୁଇ ଭିନ୍ନ ପ୍ରକାରର ରାଷ୍ଟ୍ରବ୍ୟବସ୍ଥା ଏବଂ ତତ୍ ସମ୍ବନ୍ଧୀୟ ଦର୍ଶନର ପ୍ରତିଦ୍ୱନ୍ଦ୍ୱିତା- ପୁଞ୍ଜିବାଦ ବନାମ ସାମ୍ୟବାଦ, ଯୁକ୍ତରାଷ୍ଟ୍ର ଆମେରିକା ବନାମ ସୋଭିଯେତ ସଂଘ- ଅସ୍ତ୍ର ପ୍ରତିଯୋଗିତାକୁ ବହୁଗୁଣରେ ବୃଦ୍ଧି କରାଇଲା । ତଥାପି ସମୟ ସମୟରେ ଉଭୟ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀର ସୁବୁଦ୍ଧି ଉଦୟ ସମୟରେ ସେମାନେ ନିରାପତ୍ତାର ଅନ୍ୟ ଉପାୟ କଥା ଚିନ୍ତା କଲେ: ନିରସ୍ତ୍ରୀକରଣ ବା ଅସ୍ତ୍ର ବିରତି ।

ପରିବର୍ତ୍ତମାନ ପରିସର :

ନିରାପତ୍ତାର ବିଷୟବସ୍ତୁ ଯୁଗ ଓ ପରିସ୍ଥିତି ଅନୁସାରେ ପରିବର୍ତ୍ତନ ହୋଇଥାଏ । ଉଦାହରଣ ସ୍ୱରୂପ ୧୯୩୦ ଦଶକ ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ର ଆମେରିକାରେ ନିରାପତ୍ତା କହିଲେ କେବଳ ଅର୍ଥନୈତିକ ନିରାପତ୍ତା ବୁଝାଯାଉଥିଲା । କିନ୍ତୁ ଶୀତଳଯୁଦ୍ଧ ସମୟରେ ତାହା ପରିବର୍ତ୍ତନ ହୋଇ ସାମରିକ ନିରାପତ୍ତାକୁ ପ୍ରାଧାନ୍ୟ ଦିଆଗଲା । ୧୯୬୦ ଦଶକର ଶେଷ ଭାଗରେ ନିରାପତ୍ତା ବାବଦରେ ସେହି ସମୟର ବିଶ୍ୱ ବ୍ୟାଙ୍କର ସଭାପତି ରବର୍ଟ ମାକ୍‌ନାମାରା ନିରାପତ୍ତାର ଅର୍ଥ ସାମରିକ ସୁରକ୍ଷାଠାରୁ 'ଅଧିକ କିଛି' କରିବାର ପ୍ରସ୍ତାବ ଦେଇଥିଲେ । ୧୯୭୦ ଓ ୧୯୮୦ ଦଶକରେ ବିକଶିତ ଓ ବିକାଶଶୀଳ ଦେଶ ମାନଙ୍କରେ ନିରାପତ୍ତାର ଧାରଣା ଧୀରେ ଧୀରେ ବ୍ୟାପକ ହେଲା । ୟୁରୋପରେ ହେଲ୍‌ସିଂକି ପ୍ରକ୍ରିୟା ଏବଂ ବ୍ୟାପକ ନିରାପତ୍ତାର ଧାରଣା ଶନୈଃ ଶନୈଃ ବାସ୍ତବିକ ହେବାକୁ ଲାଗିଲା । ଆଫ୍ରିକାର ଆଗଧାଡିର ରାଷ୍ଟ୍ର ଗୁଡିକ ଅର୍ଥନୈତିକ ଓ ସାମାଜିକ ନିରାପତ୍ତାକୁ ସେମାନଙ୍କର ନିରାପତ୍ତା କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ସନ୍ନିବେଶିତ କଲେ । ପ୍ରାରମ୍ଭରେ ସେଥିରେ ଥିଲା ବର୍ଣ୍ଣବୈଷମ୍ୟ ଓ ସାମରିକ ଅସ୍ଥିରତାର ବିରୋଧ । ଆଫ୍ରିକାର ଆଗଧାଡିର ରାଷ୍ଟ୍ର ଗୁଡିକ ପ୍ରଥମେ ଦକ୍ଷିଣ ଆଫ୍ରିକୀୟ ବିକାଶ ସମନ୍ୱୟ ସମ୍ମିଳନୀ (Southern African Development Co-ordination Conference or SADCC) ଗଠନ କଲେ ଯାହା ବର୍ତ୍ତମାନ ଦକ୍ଷିଣ ଆଫ୍ରିକୀୟ ବିକାଶ ଗୋଷ୍ଠୀ (Southern African Development Community or the SADC ) ନାମରେ ପରିଚିତ । ୧୯୮୦ରେ ନ୍ୟାସ ହୋଇଥିବା ଏହି ସଂସ୍ଥା ନିରାପତ୍ତା ଏବଂ ବିକାଶର ସଂଯୋଗର ପ୍ରଥମ ଉଦାହରଣ ଭାବରେ ଜଣାଶୁଣା । ତଥାପି ନିରାପତ୍ତାର ମୂଳଅର୍ଥ ଯେ ଭୟରୁ ମୁକ୍ତି ତାହା ବର୍ତ୍ତମାନ ମଧ୍ୟ ଅପରିବର୍ତ୍ତିତ ରହିଛି।

ସାମସମୟିକ ନିରାପତ୍ତା ଧାରଣାର ବହୁ ଦିଗ ଅଛି ଏବଂ ମାନବ ନିରାପତ୍ତା ତା'ର ମୁଖ୍ୟ ପ୍ରସଙ୍ଗ ଅଟେ । ତଥାପି ମଧ୍ୟ ଏହା କୁହାଯାଇ ନପାରେଯେ ଏହା 'ସାମରିକ ନିରାପତ୍ତାର ବିଲୟ'। କାରଣ ନିରାପତ୍ତାର ବିଷୟବସ୍ତୁ ଯୁଗ ଓ ପରିସ୍ଥିତି ଅନୁସାରେ ପରିବର୍ତ୍ତନ ହୋଇଥାଏ । ମାନବ୍ ନିରାପତ୍ତା ଶବ୍ଦର ବ୍ୟବହାର ଅପେକ୍ଷାକୃତ ସ୍ୱଳ୍ପ ବର୍ଷରୁ ହୋଇଥାଇପାରେ କିନ୍ତୁ ତା'ର ମୂଳଧାରଣା ନୂଆନୁହେଁ । ପାଖାପାଖି ଦେଢ଼ଶହ ବର୍ଷରୁ ପୂର୍ବରୁ, ୧୮୬୦ ମସିହାରେ ଅନ୍ତରାଷ୍ଟ୍ରୀୟ ରେଡକ୍ରସ୍ ସମିତିର ସ୍ଥାପନା ଠାରୁ, 'ଜନସାଧାରଣଙ୍କ ନିରାପତ୍ତା' ମତର ମହତ୍ତ୍ୱ ଅନୁଭୂତ ହୋଇଥିଲା । ଏହି ମତବାଦର ମୂଳ ଉପାଦାନ ୧୯୪୦ ଦଶକରେ ମିଳିତ ଜାତିସଂଘର ସନନ୍ଦ, ସାର୍ବଜନୀନ ମାନବିକ ଅଧିକାର ଘୋଷଣା ପତ୍ର ଏବଂ ଜେନେଭା ଚୁକ୍ତିସମୂହ ଦ୍ୱାରା ବିଧିସଙ୍ଗତ ହୋଇଥିଲା ।

"ମାନବ ନିରାପତ୍ତା" ନିର୍ଦ୍ଦିଷ୍ଟ ପଦଟି ମିଳିତ ଜାତିସଂଘର ୧୯୯୪ ମସିହାର ମାନବ ବିକାଶ ବିବୃତ୍ତି (Human Development Report) ସହିତ ସାଧାରଣଭାବେ ଜଡିତ କରାଯାଇଥାଏ । ଶୀତଳ ଯୁଦ୍ଧ ପରିସମାପ୍ତିର

ଲାଭକୁ କରଗତ କରିବା ଏବଂ ଶୀତଳ ଯୁଦ୍ଧରୁ ମୁକ୍ତ, ସମ୍ବଳର ପୁନଃ ସଞ୍ଚାଳନ କରିବା ପ୍ରଚେଷ୍ଟାକୁ ମିଳିତ ଜାତିସଂଘ ବିକାଶ ପରିଯୋଜନା (UNDP) ଦ୍ୱାରା ପ୍ରକାଶିତ ବିବୃତ୍ତି ରୂପାୟିତ କରିଥିଲା ।

ସେହି ସମୟରୁ ମାନବ ନିରାପତ୍ତା, ହିଂସାତ୍ମକ ସଂଗ୍ରାମର ମାନବୀୟ କ୍ଷତିକୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ କଲା । ପ୍ରଥମେ ନିରାପତ୍ତା ପାଇଁ କାର୍ଯ୍ୟ ହେଲା, ତା'ର ପ୍ରାସଙ୍ଗିକ ତତ୍ତ୍ୱ ପରେ ସୃଷ୍ଟି କରାଗଲା । ବିଶେଷତଃ ଦୁଇଟି କାର୍ଯ୍ୟର ସୂତ୍ରପାତ ଏହି କ୍ରମକୁ ତ୍ୱରାନ୍ୱିତ କଲା – (୧) ଲ୍ୟାଣ୍ଡମାଇନ୍ (ଭୂତଳ ବୋମା) ନିଷେଧ ଅଭିଯାନ ଓ (୨) ଅନ୍ତରାଷ୍ଟ୍ରୀୟ ଫୌଜଦାରି ଅଦାଲତ ସୃଷ୍ଟି କରିବା ପ୍ରଚେଷ୍ଟା । ଫଳତଃ ମାନବକୈନ୍ଦ୍ରିକ ନିରାପତ୍ତାର ପନ୍ଥା ଅଧିକ ଉଜ୍ଜ୍ୱଳ ହେଲା ।

ନିରାପତ୍ତା ରାଜନୀତିର ଅତି ଗଭୀର ଓ ଚିରସ୍ଥାୟୀ ବିଷୟବସ୍ତୁ । ଜନସାଧାରଣ କିପରି ବିପଦ, ଧମକ, ଭୟ ଓ ହିଂସା ଶୂନ୍ୟ ଏକ ସୁଖମୟ ଜୀବନଯାପନ କରି ପାରିବେ, ଜୀବନର ଉଦ୍ଦେଶ୍ୟ ହାସଲ କରିପାରିବେ- ଏହା ହେଉଛି ନିରାପତ୍ତା ସମ୍ବନ୍ଧିତ ମୁଖ୍ୟ ପ୍ରଶ୍ନ । ସାର୍ବଭୌମ ରାଷ୍ଟ୍ରର ଉପସ୍ଥିତି ତା'ର ଆଭ୍ୟନ୍ତରୀଣ କ୍ଷେତ୍ରକୁ ସ୍ଥିରତା ଦେଇଥାଏ ଓ ସେଠାରେ ଆଇନତଃ ଶାସନ ଚାଲେ । କିନ୍ତୁ ଅନ୍ତର୍ଜାତୀୟ କ୍ଷେତ୍ର ଯେହେତୁ ବସ୍ତୁତଃ ବିଶୃଙ୍ଖଳିତ ସେଥିପାଇଁ ସେଠାରେ ଭୀତି ଏବଂ ଅସ୍ଥିରତା ସର୍ବଦା ଦେଖାଯାଏ । ଉପରୋକ୍ତ ବିଶୃଙ୍ଖଳିତ ପରିସ୍ଥିତି, ନିରାପତ୍ତାକୁ ଏକ ଅତ୍ୟାବଶ୍ୟକୀୟ ଅନ୍ତରାଷ୍ଟ୍ରୀୟ ବିଷୟ ଭାବେ ସ୍ୱୀକୃତ କରାଏ । ବାସ୍ତବବାଦୀଙ୍କ ମତରେ, ଯେହେତୁ ଅନ୍ତରାଷ୍ଟ୍ରୀୟ ବ୍ୟବସ୍ଥାରେ ରାଷ୍ଟ୍ର ହିଁ ପ୍ରକୃତ କାରକ, ନିରାପତ୍ତା ମାନେ ବିଶେଷତଃ ରାଷ୍ଟ୍ରର ନିରାପତ୍ତାକୁ ବୁଝାଏ । ବର୍ତ୍ତମାନ ବିଶ୍ୱର ସ୍ୱ-ସହାୟକ ରାଷ୍ଟ୍ର ବ୍ୟବସ୍ଥାରେ ଅନ୍ତର୍ଜାତୀୟ ରାଜନୀତିର ପରିସ୍ଥିତି ଏକ ଇଂରାଜୀ ରହସ୍ୟ ଉପନ୍ୟାସର ଉଦ୍ଧୃତିରେ ପ୍ରସ୍ଫୁଟିତ – "each one for himself and the devil takes the hindmost" । ଅର୍ଥାତ୍, ଯେ ଯାହାର ନିଜ କଥା ବୁଝ ଏବଂ ଶଇତାନ ନେବ ବଡଭାଗ । କହିବାକୁ ଗଲେ, ନିଜ ନିରାପତ୍ତା ପାଇଁ ପ୍ରତ୍ୟେକ ରାଷ୍ଟ୍ର ଅତି କମ୍‌ରେ ଅନ୍ୟ ରାଷ୍ଟ୍ରମାନଙ୍କର ସମ୍ଭାବ୍ୟ ଆକ୍ରମଣର ମୁକାବିଲା କରବା ପାଇଁ ନିଜ ନିରାପତ୍ତାର ପ୍ରସ୍ତୁତି ଦୃଢ଼ କରିବ । ଯେ ସବୁଠୁ ଶକ୍ତିଶାଳୀ, (ଉଦାହରଣ-ଯୁକ୍ତରାଷ୍ଟ୍ର ଆମେରିକା) ତା'ପାଇଁ କୌଣସି ନିୟମ ବା ନିୟନ୍ତ୍ରଣ ନାହିଁ । ଜାତୀୟ ନିରାପତ୍ତା ସେଥିପାଇଁ ସାମରିକ ଶକ୍ତି ଉପରେ ପ୍ରାଧାନ୍ୟ ଦେଉଛି । "ଯାହାର ସାମରିକ ଶକ୍ତି ଯେତେ, ସେ ସେତିକି ସୁରକ୍ଷିତ ରହିବାର ସମ୍ଭାବନା" – ଚିନ୍ତାଧାରାର ଏହା ଏକ ପ୍ରତିଫଳନ । ସାମରିକ ଶକ୍ତି ଠୁଳ ଯୋଗୁଁ ରାଷ୍ଟ୍ର ମାନଙ୍କ ମଧ୍ୟରେ ସଂପର୍କ ଅହରହ ପ୍ରତିଯୋଗିତାମୂଳକ ହୋଇଯାଏ, ଯାହାକୁ ନିରାପତ୍ତାର ଦ୍ୱିଧା କୁହାଯାଏ । ସମସ୍ୟାହେଲା, ନିରାପତ୍ତା ପାଇଁ ଯେ କୌଣସି ଏକ ରାଷ୍ଟ୍ରର ସାମରିକ ଶକ୍ତି ବୃଦ୍ଧିହେଲେ, ଅନ୍ୟ ରାଷ୍ଟ୍ରମାନେ ଆକ୍ରମଣ ବା ସମ୍ଭାବ୍ୟ ଆକ୍ରମଣ ପାଇଁ ପ୍ରସ୍ତୁତି ଅର୍ଥରେ, ବୁଝନ୍ତି । ଯେଉଁଥିପାଇଁ ପ୍ରତିଆକ୍ରମଣର ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇପାରେ । ନିରାପତ୍ତାର ଦ୍ୱିଧା ଅନ୍ତର୍ଜାତୀୟ ରାଜନୀତିର ମର୍ମସ୍ଥଳକୁ ପ୍ରବେଶ କରେ ଓ ତାହା ଅନ୍ତରାଷ୍ଟ୍ରୀୟ ରାଜନୀତିର ମୁଖ୍ୟ ଦ୍ୱିଧା ହୋଇଯାଏ । ଅନ୍ତରାଷ୍ଟ୍ରୀୟ ରାଜନୀତିର ଅରାଜକତା ସ୍ଥିତିରେ ଆତଯାତ ରାଷ୍ଟ୍ର ମାନଙ୍କ ପାଇଁ ଅସୁରକ୍ଷାର ଭାବନା ଅନିବାର୍ଯ୍ୟ ହୋଇଥାଏ ।

ତଥାପି, ରାଷ୍ଟ୍ରକୈନ୍ଦ୍ରିକ ନିରାପତ୍ତା ଧାରଣା ଓ ଅନିବାର୍ଯ୍ୟ ନିରାପତ୍ତା ଦ୍ୱିଧାକୁ ବିରୋଧ ମଧ୍ୟ କରାଯାଇଥାଏ । ଉଦାହରଣ ସ୍ୱରୂପ ଉଦାରବାଦୀ ତତ୍ତ୍ୱ ଦୀର୍ଘଦିନରୁ 'ସାମୂହିକ ନିରାପତ୍ତା ବିଶ୍ୱାସ' ଉପରେ ଗୁରୁତ୍ୱ ଦେଇଆସିଛି-

ଯେ ବହୁଗୁଡ଼ିଏ ରାଷ୍ଟ୍ରମାନଙ୍କ ମିଳିତ ଉଦ୍ୟମ ଅନ୍ୟ ଶତ୍ରୁ ଦେଶର ଆକ୍ରମଣକୁ ପ୍ରତିହତ କରିବାର ଶ୍ରେଷ୍ଠ ପନ୍ଥା । ଏଭଳି ମତ, ରାଷ୍ଟ୍ରୀୟ ନିରାପତ୍ତା ରୁ ଅନ୍ତରାଷ୍ଟ୍ରୀୟ ନିରାପତ୍ତା ଭଳି ବଳିଷ୍ଠ ବିଚାରଆଡକୁ ଧ୍ୟାନାକର୍ଷଣ କରେ । ଆହୁରିମଧ ଅନ୍ତରାଷ୍ଟ୍ରୀୟ ରାଜନୀତିର ନିରାପତ୍ତା ସମ୍ବନ୍ଧୀୟ କାର୍ଯ୍ୟତାଲିକା ବହୁଳଭାବରେ ପରିବର୍ତ୍ତିତ ହୋଇଛି । ଗୋଟିଏ ପାଖରେ ଅଛି "ଶାନ୍ତି-ବଳୟର" ବିସ୍ତାର, ଯେଉଁଠାରେ ନିରାପତ୍ତାର ଦ୍ୱିଧା ନଥାଏ, ସେଥିପାଇଁ ସମ୍ଭାବ୍ୟ କଳହ ଓ ଆକ୍ରମଣର ଅଂକୁରୋଦ୍‌ଗମ ସେଠାରେ ହୁଏନାହିଁ । ତେଣୁ, ନିରାପତ୍ତା ଶାସନ ପ୍ରଣାଳୀ ବା ନିରାପତ୍ତା ଗୋଷ୍ଠୀର ବିକାଶ ଦ୍ୱାରା କଳହର ସମାଧାନ ଓ ଯୁଦ୍ଧର ପରିହାର ହୋଇପାରୁଛି । ଏହା ଜଗତୀକରଣ ଓ ଗଣତାନ୍ତ୍ରୀକ ପ୍ରକ୍ରିୟାର ଅଗ୍ରଗତିରୁ ପରସ୍ପରର ଅର୍ଥନୈତିକ ନିର୍ଭରଶୀଳତା ବୃଦ୍ଧିକୁ ସୂଚାଉଛି । ପକ୍ଷାନ୍ତରେ, ୨୦୦୧ ମସିହା ସେପ୍ଟେମ୍ବର ୧୧ ରେ ବିଶ୍ୱ ବାଣିଜ୍ୟ କେନ୍ଦ୍ରରେ ଆଲ୍ କାଏଦାର ଆକ୍ରମଣ ବିଷୟବସ୍ତୁର ଜଟିଳତାକୁ ବଢ଼ାଇ ଦେଇଛି । ଆତଙ୍କବାଦର ଆଶଙ୍କା ଓ ଭୟ, ଅନ୍ତରାଷ୍ଟ୍ରୀୟ ନିରାପତ୍ତାର ନୂତନ ଓ ଜଟିଳ ବାଧାବିଘ୍ନପ୍ରତି ଅଲୋକପାତ କରୁଛି । କାରଣ, ରାଷ୍ଟ୍ରୀୟ ନିରାପତ୍ତାକୁ ବିପଦ ଅଣ-ରାଷ୍ଟ୍ର ଚରିତ୍ରମାନଙ୍କଠାରୁ ଆସୁଛି ଯେଉଁମାନେ ଆଧୁନିକ ବିଶ୍ୱର ରାଷ୍ଟ୍ର ଗୁଡିକର ପରସ୍ପର ସଂଯୋଗ-ବହୁଳତାର ଅପବ୍ୟବହାର କରୁଛନ୍ତି । ଅନ୍ତରାଷ୍ଟ୍ରୀୟ ନିରାପତ୍ତା ବର୍ତ୍ତମାନ 'ଜଗତ୍' ନିରାପତ୍ତାକୁ ପରିବର୍ତ୍ତିତ ହୋଇଯାଇଛି । ଏକ ନୂତନ ଚିନ୍ତାଧାରା ନିରାପତ୍ତା ଧାରଣାକୁ ଆହୁରି ଗଭୀର ଭାବରେ ପୁନଃଅନୁଧ୍ୟାନ କରୁଛି ଯାହା 'ମାନବ' ନିରାପତ୍ତା ସହିତ ଜଡିତ ।

ଦୁଇଟି କାରଣରୁ 'ମାନବ' ନିରାପତ୍ତାର ଆକର୍ଷଣ ବୃଦ୍ଧି ପାଇଛି । **ପ୍ରଥମତଃ,** ଶୀତଳଯୁଦ୍ଧପରାନ୍ତ ରାଷ୍ଟ୍ର ମାନଙ୍କ ମଧ୍ୟରେ ବହିଃଯୁଦ୍ଧର ହ୍ରାସ ହୋଇଛି: ହିଂସାତ୍ମକ ସଂଘର୍ଷର ଆଶଂକା, ବିଦ୍ରୋହ, ବିପ୍ଳବ, ନାଗରିକ କନ୍ଦଳ ଇତ୍ୟାଦି ପ୍ରାୟତଃ ରାଷ୍ଟ୍ର ଅଭ୍ୟନ୍ତରରେ ସୀମିତ । **ଦ୍ୱିତୀୟତଃ,** ଆଧୁନିକ ପୃଥିବୀର ଲୋକଙ୍କ ଜୀବନ ଓ ସୁରକ୍ଷାକୁ ସାମରିକ ଭୟ ଅପେକ୍ଷା ଅଣ-ସାମରିକ କ୍ଷେତ୍ରରୁ ବିପଦ ଆଶଂକା ଓ ଭୟ ଅଧିକ ହେଉଛି । ଅଣ-ସାମରିକ ଭୟ ମାନେ:- ପରିବେଶର ଧ୍ୱଂସ ସାଧନ, ରୋଗବ୍ୟାଧି, ଶରଣାର୍ଥୀ ସମସ୍ୟା ଓ ସଂସାଧନର ଦୁର୍ଲଭତା ।

**ଅନ୍ତର୍ଜାତୀୟ ନିରାପତ୍ତା:** ଅର୍ଥାତ, ସେହି ପରିସ୍ଥିତି ଯେଉଁଥିରେ ରାଷ୍ଟ୍ର ମାନଙ୍କର ପରସ୍ପର ବୁଝାମଣାରୁ ନିଆଯାଇଥିବା ପଦକ୍ଷେପ ଯୋଗୁ ଅନ୍ତର୍ଜାତୀୟ ଆଇନ ଅନୁସାରେ ଆକ୍ରମଣର ନିବାରଣ ବା ଦଣ୍ଡବିଧାନ ହୋଇପାରୁଥିବ ।

**ନିରାପତ୍ତା ଶାସନ ପ୍ରଣାଳୀ:** ରାଷ୍ଟ୍ର ମାନଙ୍କ ଏବଂ ଅନ୍ୟ ଅଣ-ରାଷ୍ଟ୍ର କର୍ତ୍ତାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ସହଯୋଗ ମାଧ୍ୟମରେ ଶାନ୍ତିପୂର୍ଣ୍ଣ ଉପାୟରେ କଳହର ନିରାକରଣ ବା ସମାଧାନ ।

## ନିରାପତ୍ତା ଦ୍ୱିଧା :

ନିରାପତ୍ତା ଦ୍ୱିଧା ସେହି ଅବସ୍ଥାକୁ ବୁଝାଏ ଯେଉଁଥିରେ ଗୋଟିଏ ଦେଶର ସରକାର ଜାତୀୟ ନିରାପତ୍ତାର ବୃଦ୍ଧି ପାଇଁ କରୁଥିବା କାର୍ଯ୍ୟ ଅନ୍ୟ ରାଷ୍ଟ୍ରଗୁଡିକର ସରକାରଗୁଡିକୁ ଆକ୍ରମଣାତ୍ମକ ଲାଗିପାରେ ଓ ସେଥିପାଇଁ ସେମାନେ ପ୍ରତ୍ୟାକ୍ରମଣ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇପାରନ୍ତି । ଏହି ଦ୍ୱିଧାର ଦୁଇଟି ଉପାଦାନ ପ୍ରତିଫଳିତ ହୁଏ ।

ପ୍ରଥମତଃ, **ବ୍ୟାଖ୍ୟାର ଦ୍ୱିଧା**- ସାମରିକ କ୍ଷମତା ବଢ଼ାଇବାରେ ଅନ୍ୟମାନଙ୍କର ଇଚ୍ଛା, ଉଦ୍ଦେଶ୍ୟ କଣ ? ସାମର୍ଥ୍ୟ କେତେ ? ଇତ୍ୟାଦି । ଯେହେତୁ ଅସ୍ତ୍ରଶସ୍ତ୍ର ସହଜାତ ଭାବରେ ଏକ ଅସ୍ପଷ୍ଟ ଓ ଅନେକାର୍ଥକ ପ୍ରତୀକ (ସେଗୁଡ଼ିକ ଉଭୟ ଆତ୍ମରକ୍ଷା ବା ଆକ୍ରମଣ ପାଇଁ ବ୍ୟବହାର ହୋଇପାରେ), ତେଣୁ ନିରାପତ୍ତା ବିଷୟଟି ଅସମାହିତ, ଅନିଶ୍ଚିତତାରେ ପରିପୂର୍ଣ୍ଣ ।

ଦ୍ୱିତୀୟତଃ, **ପ୍ରତିକ୍ରିୟାର ଦ୍ୱିଧା**- ସାମରିକ ଶକ୍ତି ମାଧ୍ୟମରେ ମୁକାବିଲା କରାଯିବ ? ନା ସଂକେତ ମାଧ୍ୟମରେ ଉତ୍ତେଜନା ହ୍ରାସ ସୂଚନା ଦେଇ ଆଶ୍ୱସ୍ତ କରାଯିବ ? ଏପରି ପରିସ୍ଥିତିର ଭୁଲବୁଝାମଣା ହୁଏତ ଅନିଚ୍ଛାସତ୍ତ୍ୱେ ଅସ୍ତ୍ର ପ୍ରତିଯୋଗିତା ବା ଜାତୀୟ ବିପତ୍ତି ଆଡ଼କୁ ଟାଣି ନେଇପାରେ ।

ତଥାପି, ଅନ୍ୟତ୍ର ସୂଚାଇଥିବା ବିଶ୍ୱ ବାଣିଜ୍ୟ କେନ୍ଦ୍ରରେ ଆଲ୍ କାଏଦାର ଆକ୍ରମଣ ପରେ **ଅନ୍ତର୍ଜାତୀୟ ନିରାପତ୍ତା** ଏକ ନୂଆ ଅଧ୍ୟାୟର ସୂତ୍ରପାତ କରିବା କଥା । କିନ୍ତୁ ତାଦ୍ୱାରା କିଛି ପରିବର୍ତ୍ତନ ନହୋଇ ପ୍ରଥମରୁ ଯାହା ଥିଲା ସେମିତି କାର୍ଯ୍ୟ ଚାଲିଛି । ବିଶେଷତଃ ଜଗତୀକୃତ ବିଶ୍ୱରେ 'ଅନ୍ତର୍ଜାତୀୟ ନିରାପତ୍ତା' ବା 'ଜାଗତିକ ନିରାପତ୍ତା' ଅପେକ୍ଷା 'ଜାତୀୟ ନିରାପତ୍ତା'ର ଗୁରୁତ୍ୱ ବହୁଗୁଣିତ ହୋଇଯାଇଛି । ନିରାପତ୍ତାର ନୂଆ ସମସ୍ୟାଗୁଡ଼ିକ, ପ୍ରଧାନତଃ ରାଷ୍ଟ୍ରପାର ଆତଙ୍କବାଦ, ବହିଃଶତ୍ରୁ ଆକ୍ରମଣରୁ ନାଗରିକ ମାନଙ୍କର ଧନଜୀବନ ସୁରକ୍ଷା, ରାଷ୍ଟ୍ରର ମୁଖ୍ୟ ଭୂମିକାକୁ ପୁନଃଗୁରୁତ୍ୱ ଦେଇଛି । ରାଷ୍ଟ୍ରର ଗୁରୁତ୍ୱ ଉତ୍ତରୋତ୍ତର ଭାବରେ ହ୍ରାସହେବା ଅପେକ୍ଷା, ୯/୧୧ ଆଲ୍ କାଏଦାର ଆକ୍ରମଣ, ରାଷ୍ଟ୍ରର ମହତ୍ତ୍ୱକୁ ପୁନର୍ଜୀବିତ କରିଛି । ଉଦାହରଣସ୍ୱରୂପ, ଯୁକ୍ତରାଷ୍ଟ୍ର ଆମେରିକା, ଉଭୟ ଅଭ୍ୟନ୍ତରୀଣ କ୍ଷେତ୍ର (ଅନ୍ତର୍ଦେଶୀୟ ନିରାପତ୍ତା ବୃଦ୍ଧି ମାଧ୍ୟମରେ) ଓ ବିଦେଶକ୍ଷେତ୍ରରେ ( ସାମରିକ ଖର୍ଚ୍ଚ ବୃଦ୍ଧି, ଇରାକ୍ ଓ ଆଫଗାନିସ୍ତାନ୍ ଆକ୍ରମଣ) ରାଷ୍ଟ୍ରର ଶକ୍ତିବର୍ଦ୍ଧନ କରିଛି । ତା'ର ବିଦେଶ ନୀତିରେ ଏକତରଫା ପ୍ରବୃତ୍ତିର ମଧ୍ୟ ବୃଦ୍ଧି ସୁସ୍ପଷ୍ଟ ହୋଇଛି । ପୁନଶ୍ଚ, କିଛି ସମୟହେଲା ବିଭିନ୍ନ ଅନ୍ତର୍ଜାତୀୟ ସଂଗଠନ ସହିତ ବା ମାଧ୍ୟମରେ କାର୍ଯ୍ୟ କରିବାକୁ ଯୁକ୍ତରାଷ୍ଟ୍ର ଆମେରିକା କୁଣ୍ଠିତଥିବା ଦେଖାଯାଇଛି । ଆତଙ୍କବାଦ ଅଧ୍ୟୁଷିତ ଅନ୍ୟ ରାଷ୍ଟ୍ରମାନେ ମଧ୍ୟ ଯୁକ୍ତରାଷ୍ଟ୍ର ଆମେରିକା ଭଳି ପ୍ରବୃତ୍ତି ପ୍ରଦର୍ଶନ କରିଛନ୍ତି- ଯାହା ନାଗରିକ ସ୍ୱାଧୀନତା ଓ ରାଜନୈତିକ ସ୍ୱତନ୍ତ୍ରତା ଭଳି ବିଷୟକୁ ଧ୍ୟାନ ଦେବା ଅପେକ୍ଷା ରାଷ୍ଟ୍ରୀୟ ନିରାପତ୍ତାକୁ ଅତ୍ୟଧିକ ଗୁରୁତ୍ୱ ଦେଉଛି । ୯/୧୧ର ସ୍ମୃତି ଆମକୁ ପ୍ରମାଣ କରାଇଦେଉଛିଯେ ରାଷ୍ଟ୍ର-ପର୍ଯ୍ୟବସିତ ଅନ୍ତର୍ଜାତୀୟ ରାଜନୀତି ବର୍ତ୍ତମାନ ମଧ୍ୟ ଜୀବିତ ଓ କାର୍ଯ୍ୟରତ ।

ଜାଗତିକ ରାଜନୀତିର ପରିସର ପରିବର୍ତ୍ତନଶୀଳ । ପରିବର୍ତ୍ତନର ଗତି ସମୟକ୍ରମେ ଦ୍ରୁତତର ହୋଇଛି । ଶକ୍ତିର ପ୍ରକୃତି ପରିବର୍ତ୍ତନ ଏବଂ ଜାଗତିକ ରାଜନୀତିର ପରିବର୍ତ୍ତନଶୀଳ ସଂରଚନା ବିଷୟରେ ବାଦାନୁବାଦର ଉତ୍ଥାନ ହୋଇଛି ଯଥା: ଯେ ଅନ୍ତରାଷ୍ଟ୍ରୀୟ ନିରାପତ୍ତା, ଜାଗତିକ ନିରାପତ୍ତା କିମ୍ବା ମାନବୀୟ ନିରାପତ୍ତା ଦ୍ୱାରା ଜାତୀୟ ନିରାପତ୍ତା ସ୍ଥାନଚ୍ୟୁତ ହୋଇଛି କି ? 'ନ୍ୟାୟର ସନ୍ଦର୍ଭ'କୁ ବର୍ତ୍ତମାନ ଜାତୀୟ, ଜାଗତିକ ନା ସର୍ବବ୍ୟାପୀ ଭାବରେ ବିଚାର କରାଯିବ ? ମାନବୀୟ ନିରାପତ୍ତା ବାବଦରେ ବହୁଳ ଅଲୋଚନା କାହିଁକି ?

**ନିରାପତ୍ତାର ନୂତନ ସମସ୍ୟା :**

ରାଷ୍ଟ୍ର ମାନଙ୍କ ମଧ୍ୟରେ ଯୁଦ୍ଧର ହ୍ରାସ ହୋଇଥିଲେ ମଧ୍ୟ ଏହା ବୁଝିବା ଉଚିତ ନୁହେଁଯେ ପୃଥିବୀ ଏକ ସୁରକ୍ଷିତ ସ୍ଥାନ ହୋଇଯାଇଛି । ବରଂ ନୂତନ. ପରିସ୍ଥିତିରେ ଅନେକାଂଶରେ ଆହୁରି ଭୟଙ୍କର ସମସ୍ୟା ଉତ୍ପନ୍ନ

ହେଉଛି । ଏଭଳି ସମସ୍ୟା ଆତଙ୍କବାଦ କ୍ଷେତ୍ରରେ ସର୍ବାଧିକ । ଯାହା ୯/୧୧ (୨୦୦୧) ଓ ଅନ୍ୟ ସେପରି ଘଟଣା ଦ୍ୱାରା ପ୍ରମାଣିତ ହୋଇଛି । ଆତଙ୍କବାଦ ଦର୍ଶାଇଦେଉଛିଯେ ଜଗତୀକରଣ କିପରି ବିଶ୍ୱକୁ ଆହୁରି ବିପଜ୍ଜନକ କରିଦେଉଛି, କାରଣ ଆତଙ୍କବାଦୀଙ୍କୁ ଧ୍ୱଂସାତ୍ମକ ଅସ୍ତ୍ର ସହଜଲଭ୍ୟ ହୋଇଛି ଓ ସେମାନେ ରାଷ୍ଟ୍ରପାର ବା ଜାଗତିକ ସ୍ତରରେ ସେମାନଙ୍କ କାର୍ଯ୍ୟ ଚାଲୁ ରଖିପାରିଛନ୍ତି । ଏପରି ଆଶଙ୍କା/ଭୟ ରାଷ୍ଟ୍ରମାନଙ୍କୁ ଆହୁରି ପ୍ରଗତିଶୀଳ ସାମରିକ କୌଶଳ ବିକାଶ ଆବଶ୍ୟକତାକୁ ପ୍ରୋତ୍ସାହିତ କରିଛି । ଉଭୟ ଆଭ୍ୟନ୍ତରୀଣ କ୍ଷେତ୍ରରେ କଡା ନିରାପତ୍ତା ସୁନିଶ୍ଚିତ କରିବା ଓ ଅନ୍ୟପକ୍ଷରେ ବୈଦେଶିକ ଆତଙ୍କବାଦୀ ଶିବିର ବା ସେମାନଙ୍କୁ ଶରଣ ଦେଉଥିବା ବିଦେଶି ରାଷ୍ଟ୍ରକୁ ଆକ୍ରମଣ କରିବାକୁ ପ୍ରୋତ୍ସାହିତ କରୁଛି ।

## ପାରମ୍ପାରିକ ନିରାପତ୍ତା ଚିନ୍ତା

**ଅସ୍ତ୍ର ପ୍ରତିଯୋଗିତା :**

ଏକ ଅଲଗା ଧାରଣା ଭାବରେ ଅସ୍ତ୍ର ପ୍ରତିଯୋଗିତା ଊନବିଂଶ ଶତାବ୍ଦୀର ଶେଷ ଓ ବିଂଶ ଶତାବ୍ଦୀର ଆରମ୍ଭରେ ଦେଖା ଦେଇଥିଲା । ମୂଳତଃ, ଅସ୍ତ୍ର ପ୍ରତିଯୋଗିତାର ଅର୍ଥ ହେଲା ଦୁଇ ବା ତତୋଧିକ ରାଷ୍ଟ୍ର ମାନଙ୍କ ମଧ୍ୟରେ ଶ୍ରେଷ୍ଠ ସାମରିକ ବାହିନୀ ଗଢ଼ିବା ପାଇଁ ପ୍ରତିଦ୍ୱନ୍ଦ୍ୱିତା । ପ୍ରତ୍ୟେକ ରାଷ୍ଟ୍ର ଅନ୍ୟ ରାଷ୍ଟ୍ର ଅପେକ୍ଷା ଅସ୍ତ୍ର ସଂଖ୍ୟା ଓ ସେନା ବାହିନୀର ସଂଖ୍ୟା ବୃଦ୍ଧି, ସାମରିକ ଯାନ୍ତ୍ରିକ କୌଶଳରେ ନିବେଶ ଓ ପ୍ରବୀଣତା ହାସଲ କରିବା ପାଇଁ ଚେଷ୍ଟା କରିଥାନ୍ତି । ଅନ୍ତର୍ଜାତୀୟ ସ୍ତରର ସମର ବିଶେଷଜ୍ଞ ଟେରେସା କ୍ଲେର ସ୍ମିଥ୍ ଙ୍କ ମତରେ ଅସ୍ତ୍ର ପ୍ରତିଯୋଗିତା କହିଲେ "ଦୁଇ ବା ତତୋଧିକ ରାଷ୍ଟ୍ର ମାନଙ୍କର ପ୍ରତିଦ୍ୱନ୍ଦ୍ୱୀ ଭାବରେ ପ୍ରତୀକ ଅଂଶଗ୍ରହଣ ବା ପାରସ୍ପରିକ ସମ୍ପର୍କରେ ଯୁଦ୍ଧ ସାମଗ୍ରୀର / ସୈନ୍ୟସାମନ୍ତଙ୍କର ପରିମାଣ ବା ଗୁଣାତ୍ମକ ବୃଦ୍ଧି ଅଟେ" ।

ଅନ୍ୟ ଅର୍ଥରେ, ଏହା ଗୋଟିଏ ରାଷ୍ଟ୍ର ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରଠାରୁ ଅଧିକ ଶକ୍ତିଶାଳୀ ହେବା ପ୍ରଚେଷ୍ଟାକୁ ବର୍ଣ୍ଣନା କରେ । ଏହା ଅର୍ଥନୀତିର କେବଳ ଗୋଟିଏ ଶାଖା- ସାମରିକ ଶିଳ୍ପ ଉଦ୍ୟୋଗରେ ହେଉଥିବା ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା କୁ ବୁଝାଏ । ଏହି ଦିଗରେ ଶ୍ରେଷ୍ଠତା ପ୍ରତ୍ୟେକ ଦେଶ ଓ ସେମାନଙ୍କ ସୈନ୍ୟବାହିନୀର ଧ୍ୟେୟ ହୋଇଥାଏ । ନୂତନ ଅସ୍ତ୍ରର ବିକାଶ ଓ ନୂତନ ରଣ କୌଶଳରେ ତାର ପ୍ରୟୋଗ, ଅସ୍ତ୍ର ପ୍ରତିଯୋଗିତାର ଅନ୍ତର୍ଭୁକ୍ତ । ଏହା ଯୁଦ୍ଧପୋତ, ମାରଣାସ୍ତ୍ର ବ୍ୟବସ୍ଥା, ବୋମାବର୍ଷୀ ବ୍ୟୋମଯାନ, ଆଣବିକ ଅସ୍ତ୍ର ଓ ମହାକାଶଯାନ ନିର୍ମାଣର ଦୌଡପ୍ରତିଯୋଗିତା ପରି ପ୍ରତୀତ ହୁଏ ।

**ସଂକ୍ଷେପରେ ଆଧୁନିକ ଅସ୍ତ୍ର ପ୍ରତିଯୋଗିତା :**

ପ୍ରଥମ ବିଶ୍ୱଯୁଦ୍ଧର ପୂର୍ବବର୍ତ୍ତୀ ସମୟରେ ଅସ୍ତ୍ର ପ୍ରତିଯୋଗିତା ଜର୍ମାନୀ ଓ ଗ୍ରେଟ ବ୍ରିଟେନ, ଏବଂ କିଛି ଦକ୍ଷିଣ ଆମେରିକୀୟ ଦେଶ ମାନଙ୍କ ମଧ୍ୟରେ ସୀମିତ ଥିଲା । ୧୮୯୧ରୁ ୧୯୧୪ ପର୍ଯ୍ୟନ୍ତ ଜର୍ମାନୀ ଓ ଗ୍ରେଟ ବ୍ରିଟେନ ଯୁଦ୍ଧଯାହାଜ ଓ ନୌସେନାବାହିନୀ କ୍ଷେତ୍ରରେ ପ୍ରତିଯୋଗିତା କରୁଥିଲେ । ଜର୍ମାନୀର ନୌସେନାବାହିନୀର ଅଭିବୃଦ୍ଧି ଦେଖି ଗ୍ରେଟ ବ୍ରିଟେନ ବ୍ୟୟବହୁଳ ଡ୍ରେଡନଟ-ଶ୍ରେଣୀର ଯୁଦ୍ଧପୋତ ନିର୍ମାଣ ଅସ୍ତ୍ର ପ୍ରତିଯୋଗିତାକୁ ପ୍ରବଳତର କଲା । ଏହି ଉଦ୍‌ବେଗଜନକ ଅସ୍ତ୍ର ପ୍ରତିଯୋଗିତା ୧୯୧୪ର ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ପର୍ଯ୍ୟନ୍ତ ଚାଲିଥିଲା ।

ବିଶ୍ୱଯୁଦ୍ଧପରବର୍ତ୍ତୀ ସମୟରେ ଅସ୍ତ୍ର ପ୍ରତିଯୋଗିତା ବିଜୟୀ ବନ୍ଧୁ ଦେଶ ମାନଙ୍କ ମଧ୍ୟରେ ହିଁ ସୂତ୍ରପାତ ହୋଇଥିଲା ଯାହାକି ୱାସିଂଟନ ନୌସେନା ସନ୍ଧି (୧୯୨୧-୧୯୨୨) ଯୋଗୁଁ ସାମୟିକ ଭାବରେ ବନ୍ଦ ହୋଇଥିଲା । ଏହି ସନ୍ଧି ପ୍ରଥମ ବିଶ୍ୱଯୁଦ୍ଧରେ ମୁଖ୍ୟ ବିଜୟୀ ଦେଶ ମାନଙ୍କ ମଧ୍ୟରେ ଯୁଦ୍ଧପୋତ ନିର୍ମାଣ ପ୍ରତିଯୋଗିତା ନିବାରଣ କଲା । ଜର୍ମାନ ଓ ଗ୍ରେଟ ବ୍ରିଟେନ ବ୍ୟତିରେକ ଏଭଳି ପ୍ରତିଦ୍ୱନ୍ଦ୍ୱିତା କମ୍ ଶକ୍ତିଶାଳୀ ରାଷ୍ଟ୍ର ଯଥା- ରୁଷିଆ ଓ ତୁର୍କୀ ସାମ୍ରାଜ୍ୟ, ତୁର୍କୀ ସାମ୍ରାଜ୍ୟ ଓ ଗ୍ରୀସ, ଫ୍ରାନ୍ସ ଓ ଇଟାଲୀ, ଯୁକ୍ତରାଷ୍ଟ୍ର ଆମେରିକା ଓ ଜାପାନ ଏବଂ ବ୍ରାଜିଲ, ଆର୍ଜେଣ୍ଟିନା ଓ ଚିଲି ମଧ୍ୟରେ ଚାଲିଥିଲା ।

**ପରମାଣୁ ଅସ୍ତ୍ର ପ୍ରତିଯୋଗିତା:** ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି ପରେ ପରମାଣୁ ଅସ୍ତ୍ର ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ଏହା ଶୀତଳ ଯୁଦ୍ଧର ସମୟ । ସେଥିରେ ସୋଭିଏତ ସଂଘ, ଯୁକ୍ତରାଷ୍ଟ୍ର ଆମେରିକା ଓ ଅନ୍ୟ କିଛି ଦେଶ ଭାଗନେଇଥିଲେ । ଏହା ମଧ୍ୟ ଶୀତଳ ଯୁଦ୍ଧର ଏକ ମୁଖ୍ୟ ପରିଣାମ । ଉଭୟ ପକ୍ଷକୁ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀ ରାଷ୍ଟ୍ରର ଅନୁମାନିକ ସୁବିଧା (କ୍ଷେପଣାସ୍ତ୍ର "ବ୍ୟବଧାନ"), ଖର୍ଚ୍ଚବହୁଳ ଅସ୍ତ୍ରଶସ୍ତ୍ର ନିର୍ମାଣ ଓ ଅସ୍ତ୍ରଶସ୍ତ୍ର ଗଚ୍ଛିତ କରିବାକୁ ପ୍ରୋତ୍ସାହିତ କଲା । ସାରା ପୃଥିବୀରେ ପ୍ରତୀକାତ୍ମକ ଯୁଦ୍ଧ ଲଢ଼ାଗଲା, ଉଦାହରଣ- ମଧ୍ୟପ୍ରାଚ୍ୟ, କୋରିଆ ଓ ଭିଏତନାମ, ଯେଉଁଠାରେ ଦୁଇ 'ମହାଶକ୍ତି' ରାଷ୍ଟ୍ରର ପାରମ୍ପାରିକ ଅସ୍ତ୍ରଶସ୍ତ୍ରକୁ ମୁହାଁମୁହିଁ କରାଗଲା । ପରବର୍ତ୍ତୀ ସମୟରେ,ସୋଭିଏତ ସଂଘର ବିଲୟ ପରେ, ଶୀତଳ ଯୁଦ୍ଧର ଅବର୍ତ୍ତମାନରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଯୁଦ୍ଧଖୋର ଗୋଷ୍ଠୀର, ସମ୍ପର୍କରେ ଉତ୍ତେଜନା ହ୍ରାସ ହେଲା ଓ ଦୁଇ ମହାଶକ୍ତିଙ୍କର ପରମାଣୁ ଅସ୍ତ୍ରସମ୍ଭାର କମିବାରେ ଲାଗିଲା ।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଅସ୍ତ୍ର ପ୍ରତିଯୋଗିତା ମୂଳତଃ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପର୍କିତ । ଯୁଦ୍ଧକୁ ନିର୍ଣ୍ଣାୟକ ସମାପ୍ତି ଦେବାପାଇଁ ଜାପାନ ଉପରେ ୧୯୪୫ ମସିହାରେ ପରମାଣୁ ବୋମା ବିସ୍ଫୋରଣ କରି ଯୁକ୍ତରାଷ୍ଟ୍ର ଆମେରିକା ରଣକୌଶଳରେ ନିପୁଣତା ସାବ୍ୟସ୍ତ କରିଥିଲା । ଯୁକ୍ତରାଷ୍ଟ୍ର ଆମେରିକାର ସେ ସମୟର ଦାମ୍ଭିକତା ଓ ସୋଭିଏତ ସଂଘର ହିନମନ୍ୟତା ଶୀତଳଯୁଦ୍ଧ ସୂତ୍ରପାତର କାରଣ । କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ପରମାଣୁ ଅସ୍ତ୍ରଶସ୍ତ୍ରରେ ପ୍ରାଧାନ୍ୟ ମାତ୍ର ଚାରି ବର୍ଷ ରହିଥିଲା । ୧୯୪୯ ରେ ସୋଭିଏତ ସଂଘ ପ୍ରଥମ ପରମାଣୁ ବୋମା ପରୀକ୍ଷା କଲା ଯାହା ଆଂଗ୍ଲୋ-ୟୁରୋପୀୟ ଦେଶମାନଙ୍କୁ ଚକିତ କରିଥିଲା । ପରେପରେ ସୋଭିଏତ ସଂଘ ଉଦ୍ଯାନ ବୋମା ମଧ୍ୟ ବିକାଶ କରିଥିଲା ।

ଅସ୍ତ୍ର ପ୍ରତିଯୋଗିତାର କେତୋଟି ବିଶେଷ ଲକ୍ଷଣ ପ୍ରଣିଧାନ ଯୋଗ୍ୟ:

(୧) ପ୍ରଥମତଃ, ଅସ୍ତ୍ର ପ୍ରତିଯୋଗିତାରେ ଅତ୍ୟଧିକ ଆର୍ଥିକ ସମ୍ବଳ ପ୍ରୟୋଜନ ହୁଏ ।

(୨) ଦ୍ୱୀତିୟତଃ, ବିଭିନ୍ନ ପ୍ରକାର ଅସ୍ତ୍ରଶସ୍ତ୍ର ଉତ୍ପାଦନ ଛଡା, ଅସ୍ତ୍ର ପ୍ରତିଯୋଗିତାର ପ୍ରାକ୍ଧାରଣା ଏକ ବିଶେଷ ଅର୍ଥନୈତିକ ବ୍ୟବସ୍ଥାର ଆବଶ୍ୟକତା ଦର୍ଶାଏ ଯେଉଁଥିରେ ଉତ୍ପାଦନ ଓ ପ୍ରଯୁକ୍ତି ବିଦ୍ୟା ନିରାପତ୍ତାର ଚାହିଦା ମେଣ୍ଟାଇବାକୁ ଅହରହ ପ୍ରସ୍ତୁତ ଥାଏ ।

(୩) ତୃତୀୟତଃ, ଉଚ୍ଚଗୁଣବତ୍ତା ଶିକ୍ଷାବ୍ୟବସ୍ଥା, ବିଶେଷତଃ ମୂଳ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଚାହିଦା ଅସ୍ତ୍ର ପ୍ରତିଯୋଗିତାରେ ଅତ୍ୟଧିକ ।

(୪) ଚତୁର୍ଥତଃ, ଅହରହ ସାମରିକ ପ୍ରସ୍ତୁତି ଅର୍ଥନୀତିର ଅନ୍ୟ କ୍ଷେତ୍ରରେ ଅବହେଳା କରାଏ । ବିଭିନ୍ନ ଅର୍ଥନୈତିକ ଓ ସାମାଜିକ କ୍ଷେତ୍ରରେ ସମନ୍ୱୟର ଅଭାବ ଅସ୍ତ୍ର ପ୍ରତିଯୋଗିତା ନୀତି ଓ ବ୍ୟବହାରିକତାକୁ ଅସଫଳତାର ଶେଷ ସ୍ତରକୁ ନେଇଥାଏ । କେବଳ ପ୍ରତିଯୋଗିତାର ବିଫଳତା ନୁହେଁ ଏହା ରାଷ୍ଟ୍ରର ସଂରଚନାରେ ମଧ୍ୟ ବିପଦପୂର୍ଣ୍ଣ ପରିବର୍ତ୍ତନ କରିପାରେ । ବୋଧହୁଏ ଯୁକ୍ତରାଷ୍ଟ୍ର ଆମେରିକା ସହିତ ଅସ୍ତ୍ର ପ୍ରତିଯୋଗିତା ସୋଭିଏତ ସଂଘର ପତନର କାରଣ ।

**ଅସ୍ତ୍ର ପ୍ରତିଯୋଗିତାର ପ୍ରଭାବ :**

ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ ସଂଘରେ ପରମାଣୁ ଅସ୍ତ୍ରଠୁଳ ଏତେ ଅଧିକ ହେଲାଯେ ଯେକୌଣସି ସାମରିକ ପ୍ରକ୍ରିୟା ବା ଘୋଷିତ ଯୁଦ୍ଧଯୋଗୁ ପୃଥିବୀ ସଂପୂର୍ଣ୍ଣ ଧ୍ୱଂସ ହୋଇଯାଇଥାନ୍ତା । ସେହିପରି ଗଣହତ୍ୟା ଉଦ୍ଦିଷ୍ଟ ଅସ୍ତ୍ରର ଉତ୍ପାଦନ ଓ ସାଇତିବା ପାଇଁ ପ୍ରଚୁର ଧନର ଆବଶ୍ୟକ । ଆହୁରିମଧ୍ୟ, ଶାନ୍ତି ସମୟରେ ଅସ୍ତ୍ର ସାଇତିବା ବ୍ୟୟବହୁଳ ବ୍ୟାପାର । ଯେତେବେଳେ ଗୋଟିଏ ଦେଶ କୌଣସି ନୂତନ ଅସ୍ତ୍ର ଉତ୍ପାଦନ ବା ବିକାଶ କରେ, ପ୍ରତିଦ୍ୱନ୍ଦ୍ୱୀ ଦେଶ ମଧ୍ୟ ଆର୍ଥିକ ଓ ଅନ୍ୟ ସମସ୍ତ ସାଧନ ବ୍ୟୟ କରି ସେତିକି ବା ତତୋଧିକ ସ୍ତର ହାସଲ କରିବାକୁ ଚେଷ୍ଟା କରିଥାଏ ।

ଯଦ୍ୟପି ଅସ୍ତ୍ର ପ୍ରତିଯୋଗିତାଯୋଗୁଁ ବୈଷୟିକ ଜ୍ଞାନ ଓ ସାମରିକ କ୍ଷେତ୍ରରେ ପ୍ରଭୂତ ଉନ୍ନତି ଆସିଥିଲା, ଆଭ୍ୟନ୍ତରୀଣ ରାଜନୀତିରେ ଅବନତି ଘଟିଥିଲା । ଉଦାହରଣ- ଯୁକ୍ତରାଷ୍ଟ୍ର ଆମେରିକା ଅପେକ୍ଷା ସୋଭିଏତ ସଂଘରେ ତା'ର ନକାରାତ୍ମକ ପ୍ରଭାବ ଅଧିକ ଥିଲା; ସୋଭିଏତ ସଂଘର ଅର୍ଥନୀତି ଭୁଷୁଡି ପଡିଲା । କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକା ନୂତନ ଜ୍ଞାନବିଜ୍ଞାନ ଓ କୌଶଳର ନିପୁଣ ବ୍ୟବହାର କରି ଅଗ୍ରଣୀ ଦେଶ ହେଲା ।

ଚାଳିଶରୁ ଅଧିକ ବର୍ଷ ଅସ୍ତ୍ର ପ୍ରତିଯୋଗିତାରୁ ଉଭୟ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ ସଂଘ ରେ ଅତିଶୟ ଯୁଦ୍ଧୋନ୍ମାଦକରଣ ହୋଇଥିଲା । କିନ୍ତୁ ସୋଭିଏତ ସଂଘର ସାଧାରଣ ଜନତା ଥିଲେ ଆର୍ଥିକ ସଂକଟରେ । ଅସ୍ତ୍ର ପ୍ରତିଯୋଗିତାରୁ ତାର ଆର୍ଥିକ ଅବସ୍ଥା ବିପର୍ଯ୍ୟସ୍ତ ହୋଇଗଲା । ସମଗ୍ର ଶିଳ୍ପ ଉତ୍ପାଦନର ୮୦% ବ୍ୟୟ କେବଳ ସାମରିକ କ୍ଷେତ୍ରରେ ହେଉଥିଲା । ନାଗରିକ ସୁବିଧା ଓ କୃଷି କ୍ଷେତ୍ର, ସାମରିକ ଶିଳ୍ପର ଏକ ଉପାଙ୍ଗ ମାତ୍ର ହୋଇଥିଲା । ୧୯୭୦ ଦଶକର ପୂର୍ବଭାଗରେ ତାହା ଅର୍ଥନୀତିର ସ୍ୱଳ୍ପ ବିକାଶର କାରଣ ହୋଇଥିଲା । ସେଥିପାଇଁ ସୋଭିଏତ ସଂଘର ସାମରିକ ଓ ସାଧାରଣ ଶିଳ୍ପ କ୍ଷେତ୍ରର ମାନହ୍ରାସ ଏବଂ ଅନ୍ତର୍ଜାତୀୟ ସ୍ତରରେ ସମ୍ମାନହାନି ହୋଇଥିଲା । ଅର୍ଥବ୍ୟବସ୍ଥାର ଅନ୍ୟାନ୍ୟ କ୍ଷେତ୍ରର ଅବହେଳାର ନକାରାତ୍ମକ ପ୍ରଭାବ ସୋଭିଏତ ସଂଘ ଓ ତାର ବନ୍ଧୁ ରାଷ୍ଟ୍ରମାନଙ୍କ ଉପରେ ପଡିଥିଲା । ଫଳରେ ସେଗୁଡିକର ଅର୍ଥ ବ୍ୟବସ୍ଥା ଭୁଷୁଡି ପଡିଥିଲା

**ଉପସଂହାର :**

ପାରମ୍ପାରିକ ନିରାପତ୍ତା ଧାରଣାର ଏକ ଅଂଶ ଭାବରେ ଅସ୍ତ୍ର ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଉପନିବେଶବାଦ ଓ ଶୀତଳ ଯୁଦ୍ଧ । ଅସ୍ତ୍ର ପ୍ରତିଯୋଗିତା ପଦଟି କୌଣସି ନିଶ୍ଚିତ ଲକ୍ଷ୍ୟ ନଥିବା ଯେ କୌଣସି ଅସ୍ତ୍ର

ପ୍ରତିଯୋଗିତାକୁ ବୁଝାଏ । କେବଳ ତୁଳନାତ୍ମକ (ଆପେକ୍ଷିକ) ଭାବରେ ପ୍ରତିଦ୍ୱନ୍ଦ୍ୱୀ ମାନଙ୍କଠାରୁ ସାମରିକ ଓ ବୈଷୟିକ କ୍ଷେତ୍ରରେ ଆଗରେ ରହିବା । ପ୍ରକାରାନ୍ତରେ, ଅସ୍ତ୍ର ପ୍ରତିଯୋଗିତା ଏକ ନିଷ୍ଫଳ ପ୍ରୟାସ । କାରଣ ପ୍ରତିଯୋଗୀମାନେ ଯାହା ଅର୍ଥ ଓ ସମୟ ଖର୍ଚ୍ଚ କଲେମଧ୍ୟ ଯଥା ପୂର୍ବଂ ତଥା ପରଂ ପରିସ୍ଥିତିରେ ରହନ୍ତି । ଅସ୍ତ୍ର ପ୍ରତିଯୋଗିତା ବ୍ୟବସ୍ଥାର କ୍ରମବିକାଶ ପ୍ରତିଯୋଗୀ ରାଷ୍ଟ୍ରମାନଙ୍କ ବୃଥା ମାନସିକ ଆସ୍ଫାଳନ ଛଡା କିଛିନୁହେଁ ଓ ନିରାପତ୍ତାକୁ ଏକ ସ୍ୱୟଂ ସଂପୂର୍ଣ୍ଣ ସାମଗ୍ରିକ ତତ୍ତ୍ୱ ଭାବରେ ଗ୍ରହଣ କରାଯାଇନପାରେ ।

### ନିରସ୍ତ୍ରୀକରଣ ବା ଅସ୍ତ୍ର ବିରତି :

ନିରସ୍ତ୍ରୀକରଣ ବା ଅସ୍ତ୍ର ବିରତି ମାନେ ଅସ୍ତ୍ର ସଂଖ୍ୟା ହ୍ରାସ, ନିୟନ୍ତ୍ରଣ ଓ ବିଲୟ ପ୍ରକ୍ରିୟାକୁ ବୁଝାଏ: ରାଷ୍ଟ୍ରର ସେନାବାହିନୀର ସଂଖ୍ୟା ବା ନିର୍ଦ୍ଦିଷ୍ଟ କିସମର ଅସ୍ତ୍ର ହ୍ରାସ କରିବା ନିରସ୍ତ୍ରୀକରଣର ମୁଖ୍ୟ ଲକ୍ଷ୍ୟ । ବହୁ ସମୟରେ ଅସ୍ତ୍ର ବିରତି ମାନେ ହେଉଛି, ଗଣହତ୍ୟାକାରକ ଅସ୍ତ୍ର, ଯଥା -ପରମାଣୁ ଅସ୍ତ୍ର- ଗୁଡିକର ସଂପୂର୍ଣ୍ଣ ବିଲୟ । ସାଧାରଣ ଓ ସଂପୂର୍ଣ୍ଣ ଅସ୍ତ୍ର ବିରତିକୁ ମିଳିତ ଜାତିସଂଘର ସାଧାରଣ ସଭା ସଂଜ୍ଞାନୁସାରେ- ସମସ୍ତ ଗଣହତ୍ୟାକାରକ ଅସ୍ତ୍ରର ବିଲୟ ସହିତ "ସେନାବାହିନୀର ଓ ପାରମ୍ପାରିକ ଅସ୍ତ୍ରର ସୁଷମ ହ୍ରାସ, ଏବଂ ସାମରିକ ସ୍ତରରେ ସ୍ଥିରତାରେ ଉନ୍ନତି ବା ବୃଦ୍ଧି ଦୃଷ୍ଟିକୋଣରୁ ସମସ୍ତ ସଂଶ୍ଳିଷ୍ଟ ରାଷ୍ଟ୍ର ମାନଙ୍କର ନିରାପତ୍ତା କମ ହେଉନଥିବା ଉଦ୍ଦିଷ୍ଟ ସୂତ୍ର ଉପରେ ପର୍ଯ୍ୟବସିତ"।

ଅସ୍ତ୍ର ପ୍ରତିଯୋଗିତା ବିଶ୍ୱ ଶାନ୍ତିର ସବୁଠୁ ବଡ ବିପଦ । ତଥାପି, ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ର ସେଥିରେ ସାମିଲ । ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ଅଧ୍ୟାୟରେ, ପରମାଣୁ ଅସ୍ତ୍ରର କେବଳ ମାଲିକ ଯୁକ୍ତରାଷ୍ଟ୍ର ଆମେରିକା ପରମାଣୁ ଅସ୍ତ୍ରର ବିକାଶ କରି ତା'ର ବିଧ୍ୱଂସୀ ପ୍ରଭାବରେ ଯୁଦ୍ଧ ପରିସମାପ୍ତି କରିବାକୁ ଚାହିଁଥିଲା । ବର୍ତ୍ତମାନ କିନ୍ତୁ, ରୁଷିଆ, ଗ୍ରେଟ ବ୍ରିଟେନ, ଫ୍ରାନ୍‌ସ, ଓ ଚୀନ ପରମାଣୁ ଅସ୍ତ୍ରର ବିକାଶ କରିସାରିଛନ୍ତି ।

ବିକାଶଶୀଳ ରାଷ୍ଟ୍ର ମାନେ ବେଶି ପଛରେ ରହିନାହାନ୍ତି । ସେମାନେ ମଧ୍ୟ ଏହି ପ୍ରତିଯୋଗିତାରେ ଯୋଗ ଦେଲେଣି । ଭାରତ, ଏକ ଶାନ୍ତିପ୍ରିୟ ରାଷ୍ଟ୍ର ହୋଇମଧ୍ୟ ଲୋକଙ୍କ ନିରାପତ୍ତା ସଂଶୟ ଦୂର କରିବାକୁ, ୧୯୯୮ ମସିହାରେ ବାଧ୍ୟହୋଇ ସେ ଦୌଡରେ ସାମିଲ ହୋଇଛି । ଅସ୍ତ୍ର ସରଞ୍ଜାମ ଦୌଡ ଅନ୍ତର୍ଜାତୀୟ ନିରାପତ୍ତାର ବଡ ସମସ୍ୟା । ଏହା ବିଶ୍ୱକୁ ବଡ ସଂକଟକୁ ଟାଣିନେଉଛି ।

### ନିରସ୍ତ୍ରୀକରଣର ଆବଶ୍ୟକତା :

ନିରସ୍ତ୍ରୀକରଣର ଆବଶ୍ୟକତା ଆଲୋଚନା ପୂର୍ବରୁ ରାଷ୍ଟ୍ରନୀତି ନିର୍ଦ୍ଧାରକଙ୍କ ବିଷୟରେ କୁହାଯାଏ । ଦେଶ ମାନଙ୍କରେ ଦୁଇ ଜାତିର ନୀତି-ନିର୍ଦ୍ଧାରକ ଦେଖାଯାଆନ୍ତି, ଯଥା-ଛଂଚଣ ଓ କପୋତ । ଛଂଚଣ (ଯୁଦ୍ଧ ଖୋର) ପରି ନୀତି ନିର୍ଦ୍ଧାରକ ଆସନରେ ବସିଲେ, ରାଷ୍ଟ୍ର ସର୍ବଦା ଯୁଦ୍ଧପାଇଁ ପ୍ରସ୍ତୁତ ରହିଥାଏ । କିନ୍ତୁ କପୋତ (ଶାନ୍ତିକାମୀ) ନୀତି ନିର୍ଦ୍ଧାରକ ଯଦି ଦାୟିତ୍ୱ ନିଅନ୍ତି, ସେମାନେ ଶାନ୍ତି ପ୍ରୟାସ ପାଇଁ ଯତ୍ନବାନ ହୁଅନ୍ତି । ତେଣୁ, ଯୁଦ୍ଧଜନିତ କ୍ଷତି ଏତେ ବେଶିଯେ ଛଂଚଣ ମାନେ ଉପେକ୍ଷିତ ହୋଇରହିବା ଉଚିତ । ତେଣୁ, ନିରସ୍ତ୍ରୀକରଣର ଲାଭ ସାଧାରଣ ଲୋକ ଅନୁଭବ କରିପାରିଲେ ଛଞ୍ଚାଣ ମାନଙ୍କୁ ପ୍ରତିହତ କରିହେବ ।

ସମସ୍ତ ରାଷ୍ଟ୍ର ଉପରେ ଅସ୍ତ୍ର ପ୍ରତିଯୋଗିତାର ଆର୍ଥିକ ବୋଝ ଭୟାନକ କିନ୍ତୁ, ଅତି ଦରିଦ୍ରରାଷ୍ଟ୍ରମାନଙ୍କ ପାଇଁ ଏହି ଭାରବହନ ଅସହ୍ୟ ହୋଇଥାଏ । ସାମାଜିକ ମଙ୍ଗଳ କାର୍ଯ୍ୟକ୍ରମ ଏବଂ ଶିକ୍ଷା ଓ ସ୍ୱାସ୍ଥ୍ୟ- ଯାହା ଉପରେ ନାଗରିକ, ବିଶେଷକରି ନିରାଶ୍ରୟ ଜନତା ନିର୍ଭର କରନ୍ତି-ଜନମଙ୍ଗଳ ସରକାରର ଏହା ମୁଖ୍ୟ ଲକ୍ଷ୍ୟ । କିନ୍ତୁ ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତାକୁ ଦୃଷ୍ଟିରେ ରଖି ଏମାନେ ଜନମଙ୍ଗଳକୁ କାଣ୍ଟଛାଣ୍ଟ କରି ଯୁଦ୍ଧାସ୍ତ୍ର ସଂଗ୍ରହକୁ ପ୍ରାଥମିକତା ଦିଅନ୍ତି ।

## ନିରସ୍ତ୍ରୀକରଣ ସହିତ ମାନବିକ ନିରାପତ୍ତାର ସମ୍ପର୍କ କଣ ?

ମାନବିକ ନିରାପତ୍ତା ହାସଲ କରିବାକୁ ଅସ୍ତ୍ରବିରତ ପାଇଁ ଆହୁରି ପ୍ରଗାଢ ଉଦ୍ୟମ କରିବାକୁ ପଡିବ । କାରଣ ଅସ୍ତ୍ରବିରତିର ଗୁରୁତ୍ୱପୂର୍ଣ୍ଣ ପ୍ରଚେଷ୍ଟା ବ୍ୟତିରେକ, ମାନବୀୟ ନିରାପତ୍ତା, ନିଶ୍ଚିତ ପୂର୍ଣ୍ଣ ସଫଳତାପ୍ରାପ୍ତ ହୋଇପାରିବ ନାହିଁ । ଯେଉଁ ସମାଜରେ ବହୁସଂଖ୍ୟକ ବେଆଇନ ବନ୍ଧୁକ ମିଳିଲେ, ସେଠାକାର ସାଧାରଣଲୋକଙ୍କ ନିରାପତ୍ତା ବସ୍ତୁତଃ କମ ହେବ । ଯେଉଁ ରାଷ୍ଟ୍ରରେ -ଟ୍ୟାଙ୍କ, ଭୂତଳ ବୋମା, ଗୁଚ୍ଛ ବୋମା, ଯୁଦ୍ଧ ବ୍ୟୋମଯାନ- ଭରପୁର ମାତ୍ରାରେ ଥାଏ ଏବଂ ସମ୍ଭବତଃ ସେଗୁଡିକ ବହିଃଶତ୍ରୁ ବା ସ୍ୱ ନାଗରିକଙ୍କ ବିରୁଦ୍ଧରେ ବ୍ୟବହାର ହୋଇପାରେ, ଲୋକଙ୍କ ପାଇଁ ସେ ଦେଶ କମ ନିରାପଦ ହେବ ବା ହୋଇପାରିବ । ହଜାର ହଜାର ସଂଖ୍ୟକ ପରମାଣୁ ଅସ୍ତ୍ର, ଦୂରଗାମୀ ଅବ୍ୟର୍ଥଲକ୍ଷଭେଦୀ ଲକ୍ଷାଧିକ କ୍ଷେପଣାସ୍ତ୍ରରେ ଭରପୁର ସାରା ବିଶ୍ୱ ତା'ର ଅଧିବାସୀଙ୍କୁ ନିରାପଦ ବାସସ୍ଥାନ ଦେବା ସମ୍ଭାବନା କ୍ଷୀଣ ।

ଏହା କେବଳ ଅସ୍ତ୍ରଶସ୍ତ୍ରର ପ୍ରସଙ୍ଗରେ ସୀମିତ ନୁହେଁ । ଅସଲ ପ୍ରସଙ୍ଗ ହେଉଛି, ଆର୍ଥିକ ଓ ମାନବିକ ସଂସାଧନ, ଯାହା ଅସ୍ତ୍ରଶସ୍ତ୍ରର ବିକାଶ, ନିର୍ମାଣ, ରକ୍ଷଣାବେକ୍ଷଣ, ଦରକାର ପଡିଲେ ଅସ୍ତ୍ର ନଷ୍ଟ ବା ସମାପ୍ତ କରିବା ପାଇଁ ଆବଶ୍ୟକ । ଆମେ ଏପର୍ଯ୍ୟନ୍ତ ଅନ୍ୟ ଏକ ସମୀକରଣ ପ୍ରସଙ୍ଗକୁ ନେଇନାହୁଁ । ତାହା ହେଲା - ଯୁଦ୍ଧ ଓ ଅହରହ ହିଂସା ଦ୍ୱାରା ଧ୍ୱସ୍ତବିଧ୍ୱସ୍ତ ସମାଜ ଯାହାର ପୁନଃନିର୍ମାଣରେ କୋଟି କୋଟି ଡଲାର ଖର୍ଚ୍ଚ ହେଉଛି ଓ ଭବିଷ୍ୟତରେ ଆବଶ୍ୟକ ହେବ ।

- ଯୁଦ୍ଧର ଆର୍ଥିକ କ୍ଷତିଠାରୁ ବଡ କ୍ଷତି ହେଉଛି ଜୀବନ ହାନି- ଲକ୍ଷାଧିକ ଲୋକଙ୍କ ମୃତ୍ୟୁ ବା ବିକଳାଙ୍ଗ ଅବସ୍ଥା; ଯେଉଁ କ୍ଷତିର କଳନା କରିହେବନାହିଁ ।
- ପରମାଣୁ ଅସ୍ତ୍ର ଆକସ୍ମିକ ବିସ୍ଫୋରଣ ହେବାର ସମ୍ଭାବନା ଥାଏ କିମ୍ବା ମନୁଷ୍ୟକୃତ ବା ଯାନ୍ତ୍ରୀକ ତ୍ରୁଟି ଯୋଗୁ ଯୁଦ୍ଧ ହେବାର ସମ୍ଭାବନା ମଧ୍ୟ ରହିଥାଏ ।
- ଅନୁମାନତଃ ବର୍ତ୍ତମାନ ସାରା ବିଶ୍ୱରେ ଏତେ ପରମାଣୁ ଅସ୍ତ୍ର ଗଚ୍ଛିତ ଅଛିଯେ ତାହା ଆମ ପୃଥିବୀକୁ ଶତାଧିକବାର ସମୂଳେ ବିନାଶ କରିପାରିବ ।
- ଏପରି ପରିସ୍ଥିତିରେ ଶାନ୍ତି ବିନା ଅନ୍ୟ ପନ୍ଥା ନାହିଁ । ତେଣୁ ନିରସ୍ତ୍ରୀକରଣ ମାନବ ସମାଜର ଏକମାତ୍ର ଭରଷା । ମନୁଷ୍ୟ ସମାଜ ବଞ୍ଚି ରହିବା ପାଇଁ ନିରସ୍ତ୍ରୀକରଣ ନିତାନ୍ତ ଆବଶ୍ୟକ ।

- କଦବା ନିରସ୍ତୀକରଣ କିଛି ସାମ୍ରାଜ୍ୟବାଦୀ ଷଡଯନ୍ତ୍ରକାରୀ ରାଷ୍ଟ୍ରଙ୍କୁ ନିୟନ୍ତ୍ରଣରେ ରଖିବା ପାଇଁ ଆବଶ୍ୟକ ।

ଭାରତ ଅସ୍ତ୍ର ଦୌଡ଼ର ସପକ୍ଷରେ କେବେ ନଥିଲା । ନିରସ୍ତୀକରଣ ତା'ର ବିଦେଶ ନୀତିର ଏକ ମୂଳ ଉପାଦାନ । ଭାରତ ଅସ୍ତ୍ରଶସ୍ତ୍ରର ହ୍ରାସ ଓ ପରମାଣୁ ଅସ୍ତ୍ରର ବିଲୟରେ ସମସ୍ତ ରାଷ୍ଟ୍ରମାନଙ୍କର ଅଂଶ ଗ୍ରହଣରେ ପକ୍ଷପାତୀ । ସେଥିପାଇଁ ଭାରତ ବ୍ୟାପକ ପରୀକ୍ଷଣ ନିଷେଧ ଚୁକ୍ତି (CTBT) ଦସ୍ତଖତ କରିନାହିଁ, କାରଣ ସେ ଚୁକ୍ତି ସଂପୂର୍ଣ୍ଣ ପରମାଣୁ ଅସ୍ତ୍ର ନିରସ୍ତୀକରଣର ସମୟସୀମା ନିର୍ଦ୍ଧାରଣ କରିନାହିଁ ।

ବର୍ତ୍ତମାନ ଆମର ପ୍ରୟୋଜନ ବିଶ୍ୱ ଶାନ୍ତି ଏବଂ ଅନ୍ତର୍ଜାତୀୟ ସ୍ଥିରତା । ଯଦି ରାଷ୍ଟ୍ରମାନେ ନିରସ୍ତୀକରଣ ନୀତି ଅନୁସରଣ ନକରନ୍ତି, କୌଣସି କଲ୍ୟାଣମୟ କାର୍ଯ୍ୟ ହାସଲହୋଇପାରିବ ନାହିଁ । ଯଦିଓ ନିଃସନ୍ଦେହରେ କୁହାଯାଇପାରେଯେ, କିଛି ଅଗ୍ରଗତି କାଗଜକଲମ ପ୍ରସ୍ତାବରେ ବା କଥାବାର୍ତ୍ତା ସ୍ତରରେ ହୋଇଛି, ତଥାପି ଅସ୍ତ୍ର ପ୍ରତିଯୋଗିତା ଅପ୍ରତିହତ ରହିଛି । ଏହାହିଁ ନିରସ୍ତୀକରଣର ସଂଶୟ ।

ବାସ୍ତବ ଶାନ୍ତି କାମନା ହେତୁ ପ୍ରଥମେ ସମସ୍ତ ରାଷ୍ଟ୍ର ମାନଙ୍କ ଚିତ୍ତବୃତ୍ତିରେ ପରିବର୍ତ୍ତନ କରିବା ଆବଶ୍ୟକ । ପ୍ରଥମେ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଥିବା ଭୟ ଓ ଘୃଣା ଲୋପ ହେବାକଥା । ଏହା ସତ୍ୟଯେ ବିଶ୍ୱ ଶାନ୍ତି ସ୍ଥାପନା ଦିନେ ବା ଦୁଇଦିନରେ ହୋଇପାରିବନାହିଁ । ତାହା ଧୀରେ ଧୀରେ ଓ କ୍ରମଶଃ ହେବ । ବିଶ୍ୱ ସମାଜ ଉପରେ ତାହା ନିର୍ଭର କରେ । ଯଦି ପ୍ରତ୍ୟେକ ରାଷ୍ଟ୍ର ଶାନ୍ତିର ହାତ ବଢ଼ାନ୍ତି ତା'ହେଲେ ଦିନେ ନା ଦିନେ ବିଶ୍ୱ ଭାତୃଭାବ ନିଶ୍ଚୟ ସାକାର ହେବ । ସେତେବେଳେ ଯୁଦ୍ଧ, ଅସ୍ତ୍ରଶସ୍ତ୍ର ଏବଂ ହିଂସା ଆଉ ରହିବ ନାହିଁ ।

ନିରସ୍ତୀକରଣ ରାଷ୍ଟ୍ରମାନଙ୍କୁ କିଛି ନିଶ୍ଚିତ କିସମର ଅସ୍ତ୍ର ତ୍ୟାଗ କରିବାକୁ କହେ । ଯଥା: ୧୯୭୨ ମସିହାର ଜୀବାଣୁ ଅସ୍ତ୍ର ଚୁକ୍ତି (Biological Weapons Convention, ସଂକ୍ଷିପ୍ତରେ- BWC) ଓ ୧୯୯୨ ମସିହାର ରାସାୟନିକ ଅସ୍ତ୍ର ଚୁକ୍ତି (Chemical Weapons Convention, ସଂକ୍ଷିପ୍ତରେ- CWC) । ଏହି ଦୁଇ ଚୁକ୍ତି ଜୀବାଣୁ ଓ ରାସାୟନିକ ଅସ୍ତ୍ରଶସ୍ତ୍ରର ଉତ୍ପାଦନ ଓ ଜମା କରିବା ନିଷେଧ କରିଛି । ୧୫୫ ରୁ ଅଧିକ ଦେଶ BWC ରେ ଓ ୧୮୧ ଦେଶ CWC ରେ ସାମିଲ ହୋଇଛନ୍ତି । ଉଭୟ ଚୁକ୍ତିରେ ସମସ୍ତ ଶକ୍ତିଶାଳୀ ରାଷ୍ଟ୍ର ସମ୍ମିଳିତ ଥିଲେ । କିନ୍ତୁ, ଦୁଇ ମହାଶକ୍ତି – ଯୁକ୍ତରାଷ୍ଟ୍ର ଓ ସୋଭିଏତ ସଂଘ – ତୃତୀୟ ପ୍ରକାରର, ଗଣ-ହତ୍ୟାକାରୀ ଅସ୍ତ୍ରଶସ୍ତ୍ର, ଯଥା: ପରମାଣୁ ଅସ୍ତ୍ର ତ୍ୟାଗ କରିବାକୁ ଇଚ୍ଛା କଲେନାହିଁ । ତେଣୁ ସେମାନେ ଅସ୍ତ୍ର ନିୟନ୍ତ୍ରଣକୁ ଆପଣାଇଲେ ।

**ଅସ୍ତ୍ର ନିୟନ୍ତ୍ରଣ :**

ଅସ୍ତ୍ରଶସ୍ତ୍ରର ଉଦ୍ଭାବନ ଓ ବିକାଶ କୁ ନିୟନ୍ତ୍ରଣ କରେ । ୧୯୭୨ ମସିହାର ଦୂରଭେଦୀ କ୍ଷେପଣାସ୍ତ୍ର ନିରୋଧୀ ଚୁକ୍ତି (The Anti-ballistic Missile Treaty, ସଂକ୍ଷିପ୍ତରେ- ABM) ଯୁକ୍ତରାଷ୍ଟ୍ର ଓ ସୋଭିଏତ ସଂଘକୁ ପରମାଣୁ ଅସ୍ତ୍ର ଆକ୍ରମଣ କରିବାପାଇଁ ଦୂରଭେଦୀ କ୍ଷେପଣାସ୍ତ୍ରକୁ ପ୍ରତିରକ୍ଷା କବଚରୂପେ ବ୍ୟବହାରକୁ ବାରଣ କରିଥିଲା । ଏହି ଚୁକ୍ତି ଯଦିଓ ଉଭୟ ଦେଶକୁ ସୀମିତ ସଂଖ୍ୟକ ପ୍ରତିରୋଧକ କବଚ ବ୍ୟବସ୍ଥା ବିନିଯୋଗ କରିବାକୁ ଅନୁମତି ଦେଇଥିଲା, ତଥାପି ସେପରି ବ୍ୟବସ୍ଥାର ବହୁଳ ଉତ୍ପାଦନକୁ ବାରଣ କରିଛି ।

ଯୁକ୍ତରାଷ୍ଟ୍ର ଓ ସୋଭିଏତ ସଂଘ ଅନ୍ୟାନ୍ୟ ଅସ୍ତ୍ର ନିୟନ୍ତ୍ରଣ ଚୁକ୍ତିରେ ସହମତି ଦେଇଛନ୍ତି । ତା ମଧ୍ୟରୁ ମହତ୍ତ୍ୱପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ପ୍ରତିବନ୍ଧନ ଚୁକ୍ତି (Strategic Arms Limitations Treaty II ବା SALT II) ଓ ମହତ୍ତ୍ୱପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ହ୍ରାସକରଣ ସନ୍ଧି (Strategic Arms Reduction Treaty ବା START) ଉଲ୍ଲେଖଯୋଗ୍ୟ । ୧୯୬୮ ମସିହାର ପରମାଣୁ ପ୍ରସାର ନିରୋଧ ସନ୍ଧି(The Nuclear Non-Proliferation Treaty ବା NPT)କୁ ଅସ୍ତ୍ର ନିୟନ୍ତ୍ରଣ ଚୁକ୍ତି ଭାବରେ ନିଆଯାଇପାରେ କାରଣ ତାହା ପରମାଣୁ ଅସ୍ତ୍ରଶସ୍ତ୍ର ଉତ୍ପାଦନ ଉପରେ କଟକଣା କରିଥିଲା । ଯେଉଁ ଦେଶଗୁଡିକ ୧୯୬୭ ମସିହା ପୂର୍ବରୁ ପରମାଣୁ ଅସ୍ତ୍ର ଉତ୍ପାଦନ କରିସାରିଥିଲେ ସେମାନେ ସେହି ଅସ୍ତ୍ର ଗଚ୍ଛିତ ରଖିପାରିବେ ଏବଂ ଯେଉଁମାନେ ତା' ପରଠାରୁ ଉତ୍ପାଦନ କରିଥିବେ ସେହି ଦେଶମାନେ ଉତ୍ପାଦନର ଅଧିକାର ତ୍ୟାଗ କରିବେ । NPT ପରମାଣୁ ଅସ୍ତ୍ରଶସ୍ତ୍ରର ପରିସମାପ୍ତି କରିନଥିଲା ବରଂ ଯେଉଁକିଛି ମୁଷ୍ଟିମେୟ ରାଷ୍ଟ୍ର ତାକୁ ରଖିପାରିବେ ତାର ସଂଖ୍ୟା ସୀମିତ କରିଥିଲା ।

ଉପସଂହାର :

- ଏଦିଗରେ ମିଳିତ ଜାତିସଂଘର ସାଧୁ ଉଦ୍ୟମ ଆନ୍ତରିକତାର ସହ ନିରନ୍ତର ଚାଲୁରହିଛି । ତାର ଉଦ୍ଦେଶ୍ୟ ନିରସ୍ତ୍ରୀକରଣ, ଯାହା ଅସଫଳ ନହେବାକଥା କାରଣ ତାହା ଶାନ୍ତିପୂର୍ଣ୍ଣ ସହାବସ୍ଥାନର ମୂଳଦୁଆ ।
- ନିରସ୍ତ୍ରୀକରଣ ମାନେ କେବଳ ଅସ୍ତ୍ରଶସ୍ତ୍ରର ମୂଳୋତ୍ପାଟନ ନୁହେଁ ବରଂ ନୂତନ ପନ୍ଥା ମାଧ୍ୟମରେ ନିରାପତ୍ତା ଅନୁଚିନ୍ତା ପାଇଁ ସୁଯୋଗ ସୃଷ୍ଟି କରିବା, ଆମ ଆୟବ୍ୟୟ ଅଟକଳର ପ୍ରାଥମିକତାର ପୁନଃନିର୍ଦ୍ଧାରଣ କରିବା ଓ ସର୍ବୋପରି ନୂଆ ଚିନ୍ତାଧାରା ଆରମ୍ଭ କରିବା ଯେ ଆମେ ସମସ୍ତ ରାଷ୍ଟ୍ର ଏକ ଅନ୍ତରାଷ୍ଟ୍ରୀୟ ସମାଜର ଅଂଶ ।

## ଅଣପାରମ୍ପାରିକ ନିରାପତ୍ତା ଚିନ୍ତା

ମାନବ ନିରାପତ୍ତା :

ପୂର୍ବାଲୋଚନାରୁ ଆମେ ଜାଣିପାରିଲୁ ଯେ ପାରମ୍ପାରିକ ଧାରଣାରେ ନିରାପତ୍ତାର ବ୍ୟାଖ୍ୟା ସଂକୀର୍ଣ୍ଣ । ନିରାପତ୍ତା ମାନେ-

- ପ୍ରଥମତଃ, ବହିଃଶତ୍ରୁ ଆକ୍ରମଣରୁ ଭୂଖଣ୍ଡର ସୁରକ୍ଷା ।
- ଦ୍ୱିତିୟତଃ, ବୈଦେଶିକ ନୀତିରେ ଜାତୀୟ ସ୍ୱାର୍ଥର ସୁରକ୍ଷା ।
- ତୃତୀୟତଃ, ଜାଗତିକ ନିରାପତ୍ତା ଦୃଷ୍ଟିରୁ ପରମାଣୁ ଅସ୍ତ୍ର ବ୍ୟବହାରଜନିତ ଧ୍ୱଂସ ଆଶଂକାରୁ ମୁକ୍ତି ।

ଏହା ସାଧାରଣ ମାନବ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର-ସ୍ୱାର୍ଥ ସହିତ ଅଧିକ ଜଡିତ ଥିଲା । ସେଥିପାଇଁ ଲୋକଙ୍କର ଆଇନଗତ ସମସ୍ୟାଗୁଡିକୁ ତଥା ସେମାନଙ୍କର ଦୈନନ୍ଦିନ ବ୍ୟକ୍ତିଗତ ନିରାପତ୍ତାର ଅନ୍ୱେଷଣରେ-ରୋଗ, ଅନାହାର, ବେକାରୀ, ଅପରାଧ, ସାମାଜିକ କଳହ, ରାଜନୈତିକ ଦମନ ଏବଂ ପରିବେଶ କ୍ଷୟ- ଇତ୍ୟାଦି ବିପଦରୁ ମୁକ୍ତିଦେବା ଦାୟୀତ୍ୱକୁ ରାଷ୍ଟ୍ର ଭୁଲିଯାଉଥିଲା । କିନ୍ତୁ ମର୍ମତଃ ମାନବ ନିରାପତ୍ତା ସର୍ବଦା ଆଧୁନିକ ରାଷ୍ଟ୍ରଗୁଡିକ ମଧ୍ୟରେଥିବା ସମ୍ପର୍କରେ ଅନ୍ତନିର୍ହିତ ଥାଏ ।

ଯାହାହେଉ, ଶୀତଳ ଯୁଦ୍ଧର ପରିସମାପ୍ତି ପରେ ମାନବିକ ନିରାପତ୍ତା ତତ୍ତ୍ୱ ଓ ତତ୍‌ଜଡିତ କୂଟନୀତି ଉପରେ ଯଥେଷ୍ଟ ଦୃଷ୍ଟି ଦିଆଯାଉଛି । ଶୀତଳଯୁଦ୍ଧୋତ୍ତର ଯୁଗରେ ଏହା ପ୍ରମାଣିତ ହେଉଛିଯେ ସଂଘର୍ଷର କାରଣ ବହୁଧା ରାଷ୍ଟ୍ରମାନଙ୍କ ବାହାର ଅପେକ୍ଷା ଅଭ୍ୟନ୍ତରରେ ଥାଏ । ଅଧିକାଂଶ ଲୋକଙ୍କର ଅସୁରକ୍ଷାର ଚିନ୍ତା, ଅନ୍ୟ ରାଷ୍ଟ୍ରର ସାମରିକ ଆକ୍ରମଣ ଅପେକ୍ଷା ନିତିଦିନିଆ ଜୀବନସଂଗ୍ରାମ ପ୍ରକ୍ରିୟାରୁ ଆସୁଛି –ଜୀବନ, ଜୀବିକା ଓ ସୁଖ ପ୍ରାପ୍ତିର ଆଶାରୁ ଜାତ ଅସୁରକ୍ଷା ତା ପାଇଁ ଅଧିକ ଚିନ୍ତାଦାୟକ ।

ମିଳିତ ଜାତିସଂଘ ବିକାଶ ପରିଯୋଜନାର ମାନବିକ ବିକାଶ ବିବୃତି ୧୯୯୪ ରେ ନିରାପତ୍ତାର ମାନବ ନିରାପତ୍ତା ଦୃଷ୍ଟିକୋଣର ପରିସରକୁ ପ୍ରଥମେ ସ୍ପଷ୍ଟ ଭାବରେ ବ୍ୟକ୍ତ କରାଯାଇଥିଲା । ସେହି ସମୟରୁ ମାନବିକ ନିରାପତ୍ତା ତତ୍ତ୍ୱ ଅନ୍ତରାଷ୍ଟ୍ରୀୟ କ୍ଷେତ୍ରରେ ବହୁ ଆଲୋଚନା ଚକ୍ରରେ ଅଧିକରୁ ଅଧିକ ଦୃଷ୍ଟି ଆକର୍ଷଣ କରୁଛି । ଯଦ୍ୟପି, ମନୁଷ୍ୟ ଜୀବିତ ରହିବା ଓ ତା'ର ମଙ୍ଗଳ ବାବଦରେ ସମସ୍ତେ ଏକମତ, କିନ୍ତୁ ସେ ବିଷୟରେ ଏକ ସ୍ପଷ୍ଟ ଧାରଣା ବା ପ୍ରକୃତ ସଂଜ୍ଞାର ଅଭ୍ୟୁଦୟ ଆଜିପର୍ଯ୍ୟନ୍ତ ହୋଇପାରିନାହିଁ । ତଥାପି, ବର୍ତ୍ତମାନ ବା ଭବିଷ୍ୟତରେ ହେବାକୁଥିବା କିଛି କାର୍ଯ୍ୟଧାରାର ଯଥାର୍ଥତା ପ୍ରତିପାଦନ କରିବାପାଇଁ ମାନବ ନିରାପତ୍ତା ପଦଟି ବିଭିନ୍ନ ପ୍ରସଙ୍ଗରେ ବ୍ୟବହାର କରାଯାଉଛି ।

### ମାନବିକ ନିରାପତ୍ତା କ'ଣ ?

ମାନବିକ ନିରାପତ୍ତା ତତ୍ତ୍ୱ ଅନ୍ତରାଷ୍ଟ୍ରୀୟ ସମ୍ପର୍କକୁ ଅନୁଧ୍ୟାନ କରିବାର ଏକ ଦୃଷ୍ଟିକୋଣ । ଏଥିରେ ରାଷ୍ଟ୍ର ଅପେକ୍ଷା ବ୍ୟକ୍ତିର ନିରାପତ୍ତାକୁ ଅଧିକ ଗୁରୁତ୍ୱ ଦିଆଯାଏ । ସହଜଅର୍ଥରେ, ମାନବିକ ନିରାପତ୍ତା ମାନେ ହିଂସାତ୍ମକ ବା ହିଂସାରହିତ ବିପଦରୁ ବ୍ୟକ୍ତିକୁ ନିରାପଦ ରଖିବା । ଯଦି ଆମେ ଏହି ସଂଜ୍ଞାକୁ ଗ୍ରହଣ କରିନେବା, ଅନ୍ତରାଷ୍ଟ୍ରୀୟ ଘଟଣାବଳୀର ମାନବିକ ନିରାପତ୍ତା ଉପରେ ପ୍ରଭାବ ଓ ତା'ର ଅନ୍ତର୍ନିହିତ ଅର୍ଥକୁ ନିରୀକ୍ଷଣ କରିବାକୁ ପଡିବ । ଆମେ ପ୍ରଶ୍ନ କରିବାକୁ ପଡିବ ଯେ ଏକ ଦେଶର ବା ବିଶ୍ୱ ସମାଜର କାର୍ଯ୍ୟଗୁଡିକ ମାନବିକ ନିରାପତ୍ତାକୁ ବୃଦ୍ଧି କରୁଛି କି ହ୍ରାସ କରୁଛି ?

### ମାନବିକ ନିରାପତ୍ତାର ମୁଖ୍ୟ ଲକ୍ଷଣ କଣ ?

ମାନବ ନିରାପତ୍ତା ଅଧିକାର ଓ ବିକାଶ ଆଦି ନିରାପତ୍ତାର 'ମାନବୀୟ ଉପାଦାନଗୁଡିକୁ' ସଂଯୁକ୍ତ କରେ । ସେଥିପାଇଁ ଏହା ଏକ ବହୁ-ବିଷୟ ସମ୍ବନ୍ଧିତ ତତ୍ତ୍ୱ । ମାନବୀୟ ନିରାପତ୍ତାର ନିମ୍ନଲିଖିତ ଲକ୍ଷଣ ଦେଖାଯାଏ:

- ଏହା ମାନବକେନ୍ଦ୍ରୀକ
- ଏହା ବହୁ ଶାଖା ବିଶିଷ୍ଟ
- ବହୁ ବ୍ୟାପକ
- ଏହା ପ୍ରସଙ୍ଗ ନିର୍ଦ୍ଦିଷ୍ଟ ରହେ
- ମାନବିକ ପୀଡା ନିରାକରଣ ଅନୁକୂଳ

## ମାନବ ନିରାପତ୍ତାର ଅର୍ଥ ଓ ବିଭିନ୍ନ ରୂପ :

ଶୀତଳଯୁଦ୍ଧର ଅବସାନ ପରେ ଅନ୍ତରାଷ୍ଟ୍ରୀୟ ବ୍ୟବସ୍ଥାରେ ପରିବର୍ତ୍ତମାନ ଘଟଣାବଳୀ ବୁଝିବା ଓ ଅନୁଶୀଳନ କରିବାର ଏକ ନୂଆ ପଦ୍ଧତି ହେଉଛି ମାନବିକ ନିରାପତ୍ତା । ସ୍ପଷ୍ଟ ଭାବରେ କହିବାକୁଗଲେ, ଅନ୍ତରାଷ୍ଟ୍ରୀୟ ସମସ୍ୟା ଓ ବିପଦ ଗୁଡିକୁ ଚିହ୍ନିବା, ତଦ୍‌ଅନୁସାରେ ସମାଧାନ ବାହାରକରି ଶାନ୍ତି ଓ ସୁରକ୍ଷା ନିଶ୍ଚିତ କରିବାପାଇଁ ମାନବିକ ନିରାପତ୍ତା ହେଉଛି ଦୃଷ୍ଟିକୋଣର ଏକ ଅପସରଣ ।

ବ୍ୟକ୍ତିର ସୁରକ୍ଷା ଓ ଅନ୍ତର୍ଜାତୀୟ ସମାଜର ନିରାପତ୍ତା ପ୍ରତିଥିବା ବିପଦ ଗୁଡିକ ଏପରିଯେ ତାହା ଅନ୍ତର୍ଜାତୀୟ ଶାନ୍ତି ଓ ନିରାପତ୍ତାକୁ ପ୍ରତ୍ୟକ୍ଷଭାବରେ ବ୍ୟାଘାତ କରେ । ଆହୁରି ମଧ୍ୟ, ଶୀତଳଯୁଦ୍ଧୋତ୍ତର ଅନ୍ତର୍ଜାତୀୟ ବ୍ୟବସ୍ଥା ଅତ୍ୟଧିକ ଅସ୍ଥିରତା ଓ ଅତ୍ୟଚ୍ଚ ପ୍ରତ୍ୟାଶା, ଚକ୍ରବ୍ୟୁହରେ ବ୍ୟତିବ୍ୟସ୍ତ ହୋଇରହିଛି ।

## ନିରାପତ୍ତା ପ୍ରତି ବିପଦର ଲକ୍ଷଣ :

ଅନ୍ତରାଷ୍ଟ୍ରୀୟ ଶାନ୍ତି ଓ ନିରାପତ୍ତା ପ୍ରତି ବିପଦ ଗୁଡିକ ବହୁ ପ୍ରସାରୀ ଓ ବହୁ ରୂପରେ ଦେଖାଯାଏ । କିନ୍ତୁ, ବିପଦର ପ୍ରକୃତି ଓ ଉତ୍ସ ବଦଳିଯାଇଛି । ପ୍ରାଥମିକ ଭାବରେ, ବର୍ତ୍ତମାନ ବ୍ୟକ୍ତି ଓ ସମାଜର ନିରାପତ୍ତା ଓ ସୁଖ ପ୍ରତି, ସମସ୍ୟା ଓ ବିପଦ ଅଧିକ ଓ ସ୍ପଷ୍ଟ ।

- ଯେଉଁ କିଛି ପୁରାତନ ବିପଦ ଓ ସଂଘର୍ଷ ଦୁଇ ମହାଶକ୍ତି ମାନଙ୍କ ଅତ୍ୟଧିକ ଚାପ ଗ୍ରସ୍ତ ପ୍ରତିଦ୍ୱନ୍ଦ୍ୱିତାଯୋଗୁ ପରଦା ଆଢୁଆଳରେ ରହିଯାଉଥିଲା ତାହା ବର୍ତ୍ତମାନ ଅତି ସ୍ପଷ୍ଟଭାବରେ ଦୃଷ୍ଟିଗୋଚର ହେଉଛି । ସାଂସ୍କୃତିକ, ବଂଶଗତ ଓ ଜନ-ଜାତିଗତ ଶତ୍ରୁଭାବାପନ୍ନତା, ଶୀତଳଯୁଦ୍ଧୋତ୍ତର ସମୟରେ ରାଷ୍ଟ୍ର ଅଭ୍ୟନ୍ତରରେ ସଂଘର୍ଷ ଏବଂ ରାଜନୈତିକ ବିଦ୍ରୋହର ଆକାର ନେଇଛି ।
- ଆତଙ୍କବାଦ, ଧର୍ମୀୟମୌଳବାଦ, ନିଶାଦ୍ରବ୍ୟ କାରବାର ଏବଂ ମୁଦ୍ରା ସମ୍ବନ୍ଧିତ ଅପରାଧ ନିଃସୃତ ହିଂସା ଓ କଳହର ପ୍ରକାର ଏବଂ ଉତ୍ସ, ପରିବର୍ତ୍ତିତ ହୋଇ ଆହୁରି ଉଗ୍ରରୂପ ଧାରଣ କରିଛି ।
- ଆହୁରିମଧ୍ୟ ଏପରି କଳହର ତୀବ୍ରତା "ପ୍ରଜାତି ନିର୍ମୂଳ", "ଦ୍ୱେଷ ଅଭିଯାନ" ଓ "ଜାତୀୟ ଉନ୍ମାଦ" ଇତ୍ୟାଦି କାର୍ଯ୍ୟକଳାପରେ ପ୍ରତିଫଳିତ ହେଉଛି । ଏହା କହିବା ବାହୁଲ୍ୟଯେ ଏଭଳି ଅଭ୍ୟନ୍ତରୀଣ ସଂଘର୍ଷ କେବଳ ମାନବିକ ସୁରକ୍ଷା ନୁହେଁ ବରଂ ରାଷ୍ଟ୍ରର ନିରାପତ୍ତାକୁ ମଧ୍ୟ ବିପଦରେ ପକାଏ ।
- ଗୁରୁତ୍ୱପୂର୍ଣ୍ଣ କଥାହେଲା ଆଜିକାଲିର ଏପରି ସଂଘର୍ଷ ରାଷ୍ଟ୍ରର ବାହ୍ୟ ଅପେକ୍ଷା ଅନ୍ତଃ ଦ୍ୱନ୍ଦ୍ୱରୁ ଆରମ୍ଭ ହେଉଛି । ଏପରି ସଂଘର୍ଷର ଅଲଗା ଲକ୍ଷଣ ମଧ୍ୟ ଅଛି । ତା'ହେଲା ଅଭ୍ୟନ୍ତରୀଣ ସଂଘର୍ଷରେ ସୈନ୍ୟସାମନ୍ତ ଅପେକ୍ଷା ସାଧାରଣ ନାଗରିକ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି । ୧୯୯୭ରେ ନଥି ହୋଇଥିବା ମୋଟ ୮୬ଟି ସଶସ୍ତ୍ର ସଂଘର୍ଷରୁ ୮୪ଟି ଅଭ୍ୟନ୍ତରୀଣ କଳହରୁ ହୋଇଥିଲା ।
- ସାଂପ୍ରତିକ ସଂଘର୍ଷରେ ମୃତାହତ ଦଶଜଣରୁ ଆଠଜଣ ହେଉଛନ୍ତି ସାଧାରଣ ନାଗରିକ । ଅଭ୍ୟନ୍ତରୀଣ ସଂଘର୍ଷରେ ମୃତ୍ୟୁ ବରଣ କରୁଥିବା ଲୋକଙ୍କ ସଂଖ୍ୟା, ରାଷ୍ଟ୍ର ବନାମ ରାଷ୍ଟ୍ର ଯୁଦ୍ଧ ଠାରୁ ଅଧିକ ।

- ଆଉ ମଧ୍ୟ ନିରସ୍ତୀକରଣର ଯେକୌଣସି ଆଲୋଚନା ବାହାରେ ରହୁଥିବା ସହଜଲଭ୍ୟ କ୍ଷୁଦ୍ର ମାରଣାସ୍ତ୍ରର ବ୍ୟବହାର ଦ୍ୱାରା ହେଉଥିବା ମୃତାହତ ସଂଖ୍ୟା ଅଧିକ । ଆଜିକାଲି ପାଖାପାଖି ୫୦ କୋଟି ଅସାଧାରଣ ଓ ଦୀର୍ଘକାଳକ୍ଷମ କ୍ଷୁଦ୍ର ମାରଣାସ୍ତ୍ର ବ୍ୟବହାର ହେଉଛି । ଅଥବା ସେହିଭଳି ମାରଣାସ୍ତ୍ର ଯଥା- ଆଣ୍ଟି ପର୍ସନେଲ ଲ୍ୟାଣ୍ଡମାଇନ, ଶସ୍ତା ଓ ବହୁଳ ଉପଲବ୍ଧ ହୋଇଥିବାରୁ ଆତଙ୍କବାଦୀ, ବିଦ୍ରୋହୀ ଓ ସେପରି ଗୋଷ୍ଠୀ ବାରମ୍ବାର ଏହାକୁ ବ୍ୟବହାର କରୁଛନ୍ତି ।
- ସବୁଠୁ ଦୁଃଖଦ କଥା ହେଲା ଏଭଳି ଯୁଦ୍ଧରେ ଅନେକାଂଶରେ ବାଳ-ସୈନିକ ଲଢୁଛନ୍ତି । ୧୯୯୦ ଦଶକରେ ହୋଇଥିବା ଅନ୍ତଃସଂଘର୍ଷ ସମୟରେ, ଶିଶୁ ମାନଙ୍କୁ ସଶସ୍ତ୍ରଯୋଦ୍ଧା ଏବଂ ଆତ୍ମଘାତି ବିସ୍ଫୋଟକର୍ତ୍ତା ଭାବରେ ନିୟୋଜନ ସମୟରେ ବିଶ୍ୱ ନୀରବଦ୍ରଷ୍ଟା ସାଜିଥିଲା ।
- ଅନ୍ୟ ଏକ ଉଲ୍ଲେଖନୀୟ ଲକ୍ଷଣ ହେଲା ଯେ ସଂଘର୍ଷ ଗୁଡିକ ସ୍ଥାନୀୟ ହେଲେ ମଧ୍ୟ ସେଗୁଡିକର ଆଞ୍ଚଳିକ ଓ ଅନ୍ତର୍ଜାତୀୟ ରୂପ ଥାଇପାରେ ।
- ଅବୈଧ ଅସ୍ତ୍ର, ମୁଦ୍ରାପରାଧ ଓ ନିଶାଦ୍ରବ୍ୟ କାରବାର କରୁଥିବା ଅନ୍ତରାଷ୍ଟ୍ରୀୟ ନେଟଓ୍ୱାର୍କ ଗୁଡିକର ସ୍ଥାନୀୟ ପ୍ରତୀୟମାନ କଳହ ସହିତ ମଧ୍ୟ ପ୍ରଛନ୍ନ ସମ୍ପର୍କ ଥାଏ । କେବଳ ଏତିକି ନୁହେଁ, ପ୍ରଜାତି ନିର୍ମୂଳ ଅଭିଯାନ, ଆତଙ୍କବାଦୀ ହିଂସା, ଅସ୍ତ୍ର ସଂଗ୍ରହ ଓ ମୁଦ୍ରା ସ୍ଥାନାନ୍ତରଣ ଇତ୍ୟାଦି କାର୍ଯ୍ୟ କରିବାପାଇଁ ପ୍ରବାସୀ ଗୋଷ୍ଠୀମାନଙ୍କର ସମର୍ଥନ ଲୋଡାଯାଏ ।
- ମାନବୀୟ ନିରାପତ୍ତା ପ୍ରତି ବିପଦର ଦ୍ୱିତୀୟ ଉତ୍ସ ହେଉଛି ବେଲଗାମ 'ଅର୍ଥନୈତିକ ଜଗତୀକରଣ' ପ୍ରକ୍ରିୟା । ଜଗତୀକରଣର ଉଭୟ ସକାରାତ୍ମକ ଓ ନକାରାତ୍ମକ ପାର୍ଶ୍ୱ ଅଛି । ଆଜିକାଲି ଯାହା ଦୃଷ୍ଟିଗୋଚର ହେଉଛି ତାହା ଅନେକାଂଶରେ ଜଗତୀକରଣର ନକାରାତ୍ମକ ଦିଗ ।
- ବିଶେଷତଃ ବିକାଶଶୀଳ ଅର୍ଥବ୍ୟବସ୍ଥାଗୁଡିକ ଏହାଦ୍ୱାରା ପ୍ରତିକୂଳ ଭାବରେ ପ୍ରଭାବିତ ହେଉଛନ୍ତି । ଯେତେବେଳେ ଜାତୀୟ ଅର୍ଥବ୍ୟବସ୍ଥା ଗୁଡିକ ଜାଗତିକ ବଜାର ବଳ ସହିତ ଏକିଭୂତ ହେଉଛନ୍ତି, ପାରମ୍ପାରିକ ଉତ୍ପାଦନ ବ୍ୟବସ୍ଥା ନଷ୍ଟ ବା ଭ୍ରଷ୍ଟ ହୋଇଯାଉଛି । ଜଗତୀକରଣ ମଧ୍ୟ ବହୁ ଲୋକଙ୍କର ଦାରିଦ୍ର୍ୟ ଓ ସ୍ଥାନଚ୍ୟୁତିର କାରଣ ।
- ଅର୍ଥ ବିନିଯୋଗର ଢାଞ୍ଚା ଏବଂ ବୃହଦାକାୟ-ବିକାଶ ପରିଯୋଜନା ଯଥା, ଜଳ-ବିଦ୍ୟୁତ ଯୋଜନା ଓ ସରକାରଙ୍କ ରପ୍ତାନି ପ୍ରୋତ୍ସାହନର ନୀତି, ପରିବେଶର ଅବନତି ଓ ବିନାଶପାଇଁ ପ୍ରତ୍ୟକ୍ଷଭାବରେ ଦାୟୀ ।
- ବହୁ ରାଷ୍ଟ୍ରର ବିଶାଳ ଜନସଂଖ୍ୟା, ବିଶେଷତଃ, ମୂଳନିବାସୀମାନେ ସେମାନଙ୍କର ଜିବୀକା ହରାଇଛନ୍ତି । ସେମାନେ ବାଧ୍ୟ ହୋଇ ଅନ୍ୟତ୍ର, ବହୁସମୟରେ ଦେଶ ବାହାରକୁ ଚାଲିଯାଉଛନ୍ତି ।
- ବୃହତ୍ ପରିମାଣର ଫଟକା ପୁଞ୍ଜି (Speculative capital) ଅନ୍ତର୍ଜାତୀୟ ବିତ୍ତୀୟ ବ୍ୟବସ୍ଥା ମାଧ୍ୟମରେ କାର୍ଯ୍ୟ କରୁଛି । ନୂତନ ଅନ୍ତର୍ଜାତୀୟ ବ୍ୟାଙ୍କ କାରବାର ଫଟକା ପୁଞ୍ଜିକୁ ରାଷ୍ଟ୍ରୀୟ ସୀମା ଏବଂ ଆର୍ଥିକ

ପ୍ରତିବନ୍ଧକକୁ କ୍ଷିପ୍ରଗତିରେ ଅତିକ୍ରମ କରିଦେଉଛି । ବିଦେଶୀ ପୁଞ୍ଜିର ମନଇଚ୍ଛା ଉଠାଣ ଓ ଲଗାଣ କ୍ଷୁଦ୍ର ଓ ବିକାଶଶୀଳ ଅର୍ଥବ୍ୟବସ୍ଥାଗୁଡ଼ିକୁ ଦୁର୍ବଳ କରୁଛି । ଜାତୀୟ ନିୟନ୍ତ୍ରଣ ଓ ରାଷ୍ଟ୍ରୀୟ ସାର୍ବଭୌମତ୍ୱ ନିଷ୍ଫଳ ହୋଇଯାଇଛି । ଅନ୍ତର୍ଜାତୀୟ ପୁଞ୍ଜିନିବେଶକଙ୍କ ମନମୁଖୀ କାରବାର ଗରିବ ଦେଶ ମାନଙ୍କର ଆର୍ଥିକ ଅନଟନ ଓ ମାନବୀୟ ତଥା ଜାତୀୟ ନିରାପତ୍ତା କ୍ଷୁର୍ଣ୍ଣ ହେବାର କାରଣ ହୋଇଛି।

ମାନବିକ ନିରାପତ୍ତା ତତ୍ତ୍ୱର ଗୁରୁତ୍ୱ ବୃଦ୍ଧି ଜଗତୀକରଣରୁ ହେଉଥିବା ଅସୁବିଧାଗୁଡ଼ିକୁ ଦୂର କରିବା ପାଇଁ ଉଦ୍ଦିଷ୍ଟ । ଏହା ବ୍ୟକ୍ତିକୁ ଆଲୋଚନାର ମୁଖ୍ୟାଂଶ ଭାବରେ ଗ୍ରହଣକରିଛି । ତା'ର ସୁରକ୍ଷାକୁ ଜବକାଚ ଭାବରେ ବ୍ୟବହାର କରି, ରାଜନୀତି, ଅର୍ଥନୀତି, ପରିବେଶ ଓ ସମାଜକୁ ନିରୀକ୍ଷା କରୁଛି । ଅର୍ଥାତ, ମାନବିକ ନିରାପତ୍ତା ତତ୍ତ୍ୱ ଏକ ଜାଗତିକ ସମାଜ ସୃଷ୍ଟି କରିବାର ପ୍ରଚେଷ୍ଟା ଯେଉଁଠାରେ ବ୍ୟକ୍ତିର ସୁରକ୍ଷା ପ୍ରାଥମିକ, ଯେଉଁଠାରେ ଜାଗତିକ, ଆଞ୍ଚଳିକ ଓ ଦ୍ୱିପାକ୍ଷିକ ସମସ୍ତ ଅନୁଷ୍ଠାନର ସୃଷ୍ଟି ଏବଂ ସାଜସଜ୍ଜାର ଉଦ୍ଦେଶ୍ୟ, ମାନବୀୟ ନିରାପତ୍ତାର ବୃଦ୍ଧି ।

ଶୀତଳଯୁଦ୍ଧ ସମାପ୍ତ ହେବାପରେ ମାନବ ନିରାପତ୍ତା ତତ୍ତ୍ୱକୁ ଯଥେଷ୍ଟ ପ୍ରାଧାନ୍ୟ ମିଳିଛି । ଅର୍ଥାତ, ଉଭୟ ମଣିଷ ଓ ସାମାଜିକ ଗୋଷ୍ଠୀକୁ ହିଂସାତ୍ମକ ଏବଂ ହିଂସାରହିତ ବିପଦରୁ ସୁରକ୍ଷା ଓ ରାଷ୍ଟ୍ରୀୟ ନିରାପତ୍ତା ଅପେକ୍ଷା ବ୍ୟକ୍ତି ନିରାପତ୍ତାକୁ ଅଧିକ ଗୁରୁତ୍ୱ ଦିଏ । ମାନବ ନିରାପତ୍ତା ବିଚାରଧାରାକୁ ପ୍ରାଧାନ୍ୟ ଦେବା ମାନେ ବିଶ୍ୱବ୍ୟାପୀ ଏକ ସମାଜ ସୃଷ୍ଟି କରିବାର ପ୍ରଚେଷ୍ଟା । ଯେଉଁଠାରେ ବ୍ୟକ୍ତି ନିରାପତ୍ତା ପ୍ରାଥମିକ । ବ୍ୟକ୍ତି ନିରାପତ୍ତାକୁ କେବଳ କଥାରେ କହିଲେ ହେବନାହିଁ, ବ୍ୟକ୍ତି ସୁରକ୍ଷା ବୃଦ୍ଧି ପାଇଁ ମଧ୍ୟ ସମର୍ପିତ ଅନୁଷ୍ଠାନ ତିଆରି ହେବା ଆବଶ୍ୟକ ।

ବ୍ୟକ୍ତି ନିରାପତ୍ତା ତତ୍ତ୍ୱକୁ ପ୍ରାଧାନ୍ୟ ଦେବାର ଅର୍ଥ ନୁହେଁଯେ ରାଷ୍ଟ୍ର ନିରାପତ୍ତା ଓ ବ୍ୟକ୍ତି ନିରାପତ୍ତା ପରସ୍ପରଠାରୁ ସ୍ୱତନ୍ତ୍ର ବା ଭିନ୍ନ । ପୁନଶ୍ଚ, ବ୍ୟକ୍ତି ନିରାପତ୍ତା ମଧ୍ୟ ରାଷ୍ଟ୍ରର ସାର୍ବଭୌମତ୍ୱକୁ ସୀମିତ କରେନାହିଁ । ପକ୍ଷାନ୍ତରେ, ବ୍ୟକ୍ତି ନିରାପତ୍ତା ତତ୍ତ୍ୱକୁ ଏକମାତ୍ର ରାଷ୍ଟ୍ର-ପୃଷ୍ଠଭୂମିରେ ବୁଝିହେବନାହିଁ । କାରଣ ବର୍ତ୍ତମାନର ଅନ୍ତରାଷ୍ଟ୍ରୀୟ ବ୍ୟବସ୍ଥାରେ ଉପୁଜୁଥିବା ସମସ୍ୟାଗୁଡ଼ିକୁ ଗୋଟିଏ ରାଷ୍ଟ୍ର ସମାଧାନ କରିପାରିବ ନାହିଁ । ସେଥିପାଇଁ ମାନବ ନିରାପତ୍ତା ତତ୍ତ୍ୱ ରାଷ୍ଟ୍ର ମାନଙ୍କର ପରସ୍ପର ନିର୍ଭରଶୀଳତା ଉପରେ ପର୍ଯ୍ୟବସିତ ଯାହା ଜଗତୀକରଣ ପ୍ରକ୍ରିୟା ଏବଂ ନାଗରିକ ସମାଜର ଅଭ୍ୟୁଦୟ ଯୋଗୁ ଆହୁରି ଗଭୀର ହେଉଛି ।

**ମାନବିକ ନିରାପତ୍ତା ତତ୍ତ୍ୱର କାର୍ଯ୍ୟକାରିତା ସମ୍ବନ୍ଧରେ କିଛି ଦ୍ୱିଧା:**

- ମାନବ ନିରାପତ୍ତା ବିସ୍ତୃତ କର୍ମଯୋଗ ଓ ଗୁଡାଏ ସଂସାଧନର ଆବଶ୍ୟକତାର ପ୍ରସ୍ତାବ ଦିଏ । ଏହା ନିଶ୍ଚିତଭାବରେ କେବଳ ମାନବିକତାର କାର୍ଯ୍ୟକ୍ରମ ନୁହେଁ । ଏହା ନିରାପତ୍ତାବିହୀନତାର ମୂଳ କାରଣକୁ ଖୋଜିବା ସହିତ ରାଷ୍ଟ୍ରକୁ ନୂତନ କାର୍ଯ୍ୟରେ ସକ୍ଷମ କରିବାକୁ ପ୍ରସ୍ତାବ ଦିଏ ।
- ମାନବ ନିରାପତ୍ତା କାର୍ଯ୍ୟସୂଚୀର ଅନୁସରଣ ଏକ ଅଣପାରମ୍ପାରିକ ରାଜନୈତିକ ପ୍ରକ୍ରିୟା ଯାହା ନୂତନ କୁଟନୈତିକ ସାଧନର ବ୍ୟବହାର ଏବଂ ଅନ୍ତରାଷ୍ଟ୍ରୀୟ ସମ୍ପର୍କ ନିର୍ବାହରେ ଅନ୍ତର୍ଜାତୀୟ ନାଗରିକ ସମାଜର ସକ୍ରୀୟ ଅଂଶଗ୍ରହଣ ଆବଶ୍ୟକ କରେ ।

- ଆମେ ମାନବ ନିରାପତ୍ତା ନିୟମ ଗୁଡିକ ସହିତ ଏକମତ ହେଲେ ମଧ୍ୟ ତା'ର ବାସ୍ତବିକ କାର୍ଯ୍ୟକାରିତାରେ କିଛି ଅସୁବିଧା ଦେଖିପାରୁ । ତା'ର ବ୍ୟବସ୍ଥାପତ୍ର ଓ କଳ୍ପନା, ବିକାଶଶୀଳ ଦେଶମାନଙ୍କ ପାଇଁ ଅବାସ୍ତବ ଲାଗିପାରେ ଯେହେତୁ ସେମାନେ ଏହାକୁ ନିଜର ସାର୍ବଭୌମତ୍ୱ, ଭୂଖଣ୍ଡ ସଂହତି ଓ ରାଷ୍ଟ୍ର ନିର୍ମାଣର ବିପଦ ମଣନ୍ତି ।
- ବର୍ତ୍ତମାନ ରାଷ୍ଟ୍ର ମାନଙ୍କ ପରସ୍ପର ସମ୍ପର୍କ କିଛି ପରମ୍ପରାଗତ ଧାରଣା– ରାଷ୍ଟ୍ର ସାର୍ବଭୌମତ୍ୱ ଏବଂ ନିରଂକୁଶ– ରାଷ୍ଟ୍ରୀୟ ନିୟମ ଓ ପ୍ରଥା– ଦ୍ୱାରା ପରିଚାଳିତ । ସେଥିପାଇଁ ବହୁ ବିକାଶଶୀଳ ଦେଶ ସେମାନଙ୍କ ନିରାପତ୍ତା ବ୍ୟବସ୍ଥାର ଶେଷ ଅସ୍ତ୍ର ଭାବରେ ମାନବୀୟ ହସ୍ତକ୍ଷେପର ବ୍ୟବହାରକୁ ଗ୍ରହଣ କରିପାରୁନାହାନ୍ତି ।

## ମାନବିକ ନିରାପତ୍ତାର ନୂତନ ପରିସର :

ଆତଙ୍କବାଦ, ବିଶ୍ୱ ଦାରିଦ୍ର୍ୟ, ଅସମାନତା, ସ୍ୱାସ୍ଥ୍ୟ ଓ ଶିକ୍ଷା ହେଉଛି ନିରାପତ୍ତାର ଅଣପାରମ୍ପାରିକ ସମସ୍ୟା । ଏହା ଉଭୟ ମାନବୀୟ ନିରାପତ୍ତା ଓ ଜାଗତିକ ନିରାପତ୍ତାର ପରିବର୍ତ୍ତମାନ ପ୍ରକୃତିକୁ ସ୍ପଷ୍ଟ କରିଥାଏ । ନିମ୍ନରେ ଆମେ ଉପରଲିଖିତ ବିପଦଗୁଡିକୁ ଆଲୋଚନା କରିବା

ନିରାପତ୍ତାର ଅଣପାରମ୍ପାରିକ ସମସ୍ୟାଗୁଡିକୁ ଅଲଗା ଅଲଗା ଆଲୋଚନା କଲେମଧ୍ୟ ବିଷୟବସ୍ତୁକୁ ସାମଗ୍ରିକ ଭାବରେ ବୁଝିବାକୁ ପଡିବ । କାରଣ ଉପାଦାନଗୁଡିକ ପରସ୍ପରଠାରୁ ଭିନ୍ନ ଦେଖାଗଲେ ବି ପ୍ରକୃତରେ ଅନ୍ତରଙ୍ଗ ଭାବରେ ଜଡିତ । ନିରାପତ୍ତାର ନୂତନ ସମସ୍ୟାସମୂହକୁ ଗଭୀର ଭାବରେ ବୁଝିବାକୁ ସେମାନଙ୍କର ପାରସ୍ପରିକ ଯୋଗସୂତ୍ର ଜାଣିବାକୁ ପଡିବ ।

## ଆତଙ୍କବାଦ :

- ଆମେ ପଞ୍ଚମ ଅଧ୍ୟାୟରେ ଆତଙ୍କବାଦ ବିଷୟରେ ବିଷଦ୍ ଆଲୋଚନା କରିଛୁ । ସେଥିପାଇଁ ଆତଙ୍କବାଦ ବିଷୟ ଏଠାରେ ସ୍ୱଳ୍ପରେ ଆଲୋଚନା କରାଯାଇଛି । ଆତଙ୍କବାଦ ଏକ ପ୍ରକାର ରାଜନୈତିକ ହିଂସାକୁ ବୁଝାଏ । ଯେଉଁଥିରେ ଅପ୍ରତ୍ୟାଶିତ ଭାବରେ ସାଧାରଣ ନାଗରିକଙ୍କୁ ଆକ୍ରମଣ କରାଯାଇଥାଏ । ଅନ୍ତର୍ଜାତୀୟ ଆତଙ୍କବାଦରେ ଏକାଧିକ ଦେଶ ବା ଦେଶର ନାଗରିକ ସାମିଲ ହୋଇଥାନ୍ତି । ଆତଙ୍କବାଦୀ ଗୋଷ୍ଠୀ ଯେଉଁ ରାଜନୈତିକ ପୃଷ୍ଠଭୂମି ବା ପରିସ୍ଥିତି ସେମାନଙ୍କୁ ଭଲ ଲାଗେନାହିଁ ସେଠାରେ ବଳପୂର୍ବକ ବା ଭୟ ଦେଖାଇ ପରିବର୍ତ୍ତନ କରିବାକୁ ଚେଷ୍ଟା କରିଥାନ୍ତି । ସେମାନେ ପ୍ରାୟତଃ ସର୍ବସାଧାରଣ ସ୍ଥାନକୁ ଲକ୍ଷ୍ୟ କରନ୍ତି ଯାହାଦ୍ୱାରା ସାଧାରଣ ନାଗରିକ ଭୟ ପାଇବ । ସରକାର ବା ସଂଘର୍ଷର ଅନ୍ୟ ପକ୍ଷମାନଙ୍କ ବିରୁଦ୍ଧରେ ଆତଙ୍କବାଦୀମାନେ, ଲୋକଙ୍କ ଅସନ୍ତୋଷକୁ ଅସ୍ତ୍ରଭାବରେ ବ୍ୟବହାର କରିଥାନ୍ତି ।

ଆତଙ୍କବାଦର ବିଶେଷ ଉଦାହରଣ ହେଉଛି – ଉଡାଯାହାଜ ଅପହରଣ, ରେଳଧାରଣା ବା ରେଳଡବା, ହୋଟେଲ, ବଜାର ଇତ୍ୟାଦି ଜନଗହଳିପୂର୍ଣ୍ଣ ସ୍ଥାନରେ ବୋମା ରୋପଣ । ଆତଙ୍କବାଦ ନୂଆ ନୁହେଁ, କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ବିଶ୍ୱ ବାଣିଜ୍ୟ କେନ୍ଦ୍ର ଉପରେ ୨୦୦୧ ସେପ୍ଟେମ୍ବର ୧୧ ତାରିଖ ଆତଙ୍କବାଦୀ ଆକ୍ରମଣ

ପରଠାରୁ ଅନ୍ୟ ଦେଶର ସରକାର ଓ ସାଧାରଣ ବ୍ୟକ୍ତି ଆତଙ୍କବାଦ ବିଷୟରେ ଅଧିକ ସଚେତନ ହେଲେଣି । କାରଣ ଅତୀତରେ ଅଧିକାଂଶ ଆତଙ୍କବାଦୀ ଆକ୍ରମଣ କେବଳ ମଧ୍ୟପ୍ରାଚ୍ୟ, ୟୁରୋପ, ଦକ୍ଷିଣ ଆମେରିକା ଓ ଦକ୍ଷିଣ ଏସିଆରେ ସଂଘଟିତ ହେଉଥିଲା ।

**ବିଶ୍ୱ ଦରିଦ୍ରତା :**

ଦରିଦ୍ରତା ସଂଘର୍ଷର ଉତ୍ସ । ସମୀକ୍ଷକ ମାନଙ୍କ ମତରେ ଦୁର୍ଲଭ ସଂସାଧନ ଆହରଣର ପ୍ରତିଯୋଗୀତା ଯୋଗୁହିଁ ଇସ୍ରାଏଲ ଓ ତା'ର ଆରବ ପଡୋଶୀ ଦେଶମାନଙ୍କ, ଭାରତ ଓ ପାକିସ୍ଥାନ, ତୁର୍କୀ ଓ ସିରିଆ, ଇଜିପ୍ଟ ଓ ଇଥିଓପିଆ ମଧ୍ୟରେ ସଂଘର୍ଷର ସମ୍ଭାବନା ରହିଛି ।

ଯେଉଁ ଦେଶମାନେ ଗରିବ ସେମାନଙ୍କର ଜନସଂଖ୍ୟା ବୃଦ୍ଧି ପରିମାଣ ସେତେ ଅଧିକ । କାରଣ ସେ ଦେଶମାନଙ୍କରେ ଶିଶୁ ମୃତ୍ୟୁହାର ଅତ୍ୟଧିକ ହେଉଥିବାରୁ ତାର ପୂରଣ ପାଇଁ ଓ ଭବିଷ୍ୟତରେ ଅଧିକ ସଂଖ୍ୟା ଯୋଗୁ ଆୟର ସମ୍ଭାବନା ଅଧିକ ଥିବାରୁ ସେଠାକାର ଜନସଂଖ୍ୟା ଅଧିକ ପରିମାଣରେ ବୃଦ୍ଧି ହେଉଛି । ଯାହା ୧୯୫୦ ଓ ୧୯୯୮ ମଧ୍ୟରେ ଦ୍ୱିଗୁଣିତ ହୋଇଛି ।

ତେଣୁ କୁହାଯାଇପାରେ ଯେ ବିଶ୍ୱ ଦରିଦ୍ରତା ଅସୁରକ୍ଷାର ଅନ୍ୟ ଏକ ଉତ୍ସ । ବର୍ତ୍ତମାନ ପୃଥିବୀର ଜନସଂଖ୍ୟା ୬୫୦ କୋଟିରୁ ଅଧିକ । ଭବିଷ୍ୟତ ୨୫ ବର୍ଷ ପରେ ଏହା ୭୦୦ କୋଟିରୁ ୮୦୦ କୋଟିକୁ ନିଶ୍ଚୟ ବଢ଼ି ଶେଷରେ ୯୦୦ ରୁ ୧୦୦୦ କୋଟିରେ ପହଞ୍ଚିପାରେ । ବର୍ତ୍ତମାନ ସମୟରେ ପୃଥିବୀର ଅଧା ଜନସଂଖ୍ୟା ବୃଦ୍ଧି କେବଳ ଛଅଟି ଦେଶରେ ହେଉଛି – ଭାରତ, ଚୀନ, ପାକିସ୍ଥାନ, ନାଇଜେରିଆ, ବାଙ୍ଗଲାଦେଶ ଓ ଇଣ୍ଡୋନେସିଆ । ଭବିଷ୍ୟତ ପଚାଶ ବର୍ଷରେ ବିଶ୍ୱର ସବୁଠୁ ଦରିଦ୍ରତମ ଦେଶ ମାନଙ୍କର ଜନସଂଖ୍ୟା ତ୍ରିଗୁଣିତ ହେବାର ସମ୍ଭାବନା ଦେଖାଯାଉଛି, ଯଦ୍ୟପି ବିକଶିତ ଦେଶ ମାନଙ୍କରେ ସେହି ସମୟରେ ଜନସଂଖ୍ୟା ସଂକୁଚିତ ହେବାର ସମ୍ଭାବନା ଦେଖା ଯାଉଛି । ମୁଣ୍ଡପିଛା ଉଚ୍ଚ ଆୟ ଓ ନ୍ୟୁନ ଜନସଂଖ୍ୟା ବୃଦ୍ଧି ଧନୀକ ରାଷ୍ଟ୍ର ଓ ଗୋଷ୍ଠୀମାନଙ୍କୁ ଅଧିକ ଧନୀ କରୁଛି । କମ ଆୟ ଓ ପ୍ରଖର ଜନସଂଖ୍ୟା ବୃଦ୍ଧି ପରସ୍ପରକୁ ବଳବତ୍ତର କରି ଗରିବ ରାଷ୍ଟ୍ର ସମୁଦାୟକୁ ଆହୁରି ଦରିଦ୍ର କରୁଛି ।

ଦୁନିଆସାରା ଏହି ବୈଷମ୍ୟ ଧନୀ ଉତ୍ତର ଓ ଗରିବ ଦକ୍ଷିଣ ଦେଶମାନଙ୍କର ତାରତମ୍ୟକୁ ପ୍ରୋତ୍ସାହିତ କରୁଛି । କିଛି ଗରିବ ଦେଶ ଜନସଂଖ୍ୟା ବୃଦ୍ଧିକୁ ରୋକିବାରେ ଓ ଆୟ ବୃଦ୍ଧି କରିବାରେ ସମର୍ଥ ହୋଇପାରିଥିବାରୁ ଓ ଅନ୍ୟାନ୍ୟ ଗରିବ ଦେଶ ତାହା ନକରିପାରିଥିବା କାରଣରୁ ଦକ୍ଷିଣୀ ଦେଶ ମାନଙ୍କ ମଧ୍ୟରେ ଥିବା ପାର୍ଥକ୍ୟ ମଧ୍ୟ ଆହୁରି ସ୍ପଷ୍ଟତର ହେଉଛି । ଉଦାହରଣ ସ୍ୱରୂପ, ପୃଥିବୀର ଅଧିକାଂଶ ସଶସ୍ତ୍ର ସଂଘର୍ଷ ସାହାରା ମରୁଭୂମିର ପାଶ୍ୱବର୍ତ୍ତୀ ଅଞ୍ଚଳରେ ଘଟୁଛି ଯାହାକି ପୃଥିବୀର ଦରିଦ୍ରତମ ଅଞ୍ଚଳଭାବରେ ପରିଗଣିତ ହୁଏ । ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ ସାରା ପୃଥିବୀ ତୁଳନାରେ ଏହି ଅଞ୍ଚଳର ଯୁଦ୍ଧରେ ମୃତକଙ୍କ ସଂଖ୍ୟା ସର୍ବାଧିକ ଥିଲା ।

ଜନସଂଖ୍ୟା ବୃଦ୍ଧି ଯୋଗୁଁ ସଂସାଧନ ଓ ପରିବେଶ ଉପରେ ଚାପ ପଡେ ଯାହା ଯୁଦ୍ଧର କାରଣ ହୁଏ । ଉଦାହରଣତଃ, ଦକ୍ଷିଣ ଏସିଆ, ଯାହା ପୃଥିବୀର ସବୁଠୁ ଦରିଦ୍ର ଓ ଜନବହୁଳ ଅଞ୍ଚଳ । ଏଠାରେ ଜଳାଭାବ ଦୂର

କରିବାକୁ ତୀବ୍ର ପ୍ରତିଯୋଗିତା ଦେଖାଯାଏ ଓ ସେଥିଯୋଗୁଁ ସଂଘର୍ଷର ସମ୍ଭାବନା ଅଧିକ । ଉଦାହରଣ – ଉଲାର ବ୍ୟାରେଜ ପାଇଁ ଭାରତ ଓ ପାକିସ୍ଥାନ, ଫରକ୍କା ବ୍ୟାରେଜ ପାଇଁ ବାଙ୍ଗଲାଦେଶ ଓ ଭାରତ, ମହାକାଳୀ ନଦୀ ପାଇଁ ଭାରତ ନେପାଳ ମଧ୍ୟରେ ସଂଘର୍ଷର ସମ୍ଭାବନା ରହିଛି ।

ଯଦ୍ୟପି, ଦରିଦ୍ରତା ଓ ଅତଙ୍କବାଦର ସିଧା ସମ୍ପର୍କର ପ୍ରମାଣ ପାଇବା ଦୁରୁହ , ବହୁ ସମୟରେ ଆତଙ୍କବାଦୀମାନେ ଦରିଦ୍ର ଓ ସୁବିଧାରୁ ବଞ୍ଚିତଙ୍କୁ ନିଜ ଉଦ୍ଦେଶ୍ୟ ସିଦ୍ଧିପାଇଁ ଜନ ଅଶାନ୍ତି ସୃଷ୍ଟି କରିବାରେ ବ୍ୟବହାର କରିଥାନ୍ତି । ଯଥା– ସୋମାଲିଆ ଭଳି ଭଙ୍ଗୁର ରାଷ୍ଟ୍ର ଓ ଆଫଗାନିସ୍ଥାନର ଅଗଣତାନ୍ତ୍ରିକ ସରକାର ବିରୁଦ୍ଧରେ ଜନ ସଂଘର୍ଷ ହେଉଛି ।

ମାନବ ନିରାପତ୍ତାର ପ୍ରବକ୍ତା ମାନେ ମଧ୍ୟ ନିଜେ ନିଶ୍ଚିତ ନୁହନ୍ତି ଯେ ମାନବ ନିରାପତ୍ତାର ମାନେ କଣ- ଭୟରୁ ମୁକ୍ତି ନା ଅଭାବରୁ ମୁକ୍ତି । ଭୟରୁ ମୁକ୍ତିର ପ୍ରବକ୍ତା ମାନେ ସର୍ବସାଧାରଣଙ୍କୁ ହିଂସାରୁ ସୁରକ୍ଷା ଦେବା କଥା ଚିନ୍ତା କରନ୍ତି, ଯେଉଁଥିରେ ଭୂତଳ ବୋମା (Landmine) ଓ ଶିଶୁ ସୈନିକ(Child Soldier) ବ୍ୟବହାର ଉପରେ ନିଷେଧାଦେଶ ବ୍ୟବସ୍ଥା ଥିବ । ଅଭାବରୁ ମୁକ୍ତି ପ୍ରବକ୍ତାମାନଙ୍କପାଇଁ ମାନବ ନିରାପତ୍ତା ଏକ ଉଦାରବାଦୀ ମତବାଦ ଯାହା ଜନତାର ସୁଖ ପ୍ରତି ଥିବା ବିପଦ ଯଥା, ରୋଗ ଓ ଦରିଦ୍ରତାର ହ୍ରାସ ଉପରେ ବିଶ୍ୱାସ କରେ । ଉଭୟ ପକ୍ଷର ତର୍କ ଯାହାହେଲେ ମଧ୍ୟ, ପ୍ରକୃତରେ, ଉଭୟ ପ୍ରବକ୍ତା ଏକମତ ଯେ ମାନବ ନିରାପତ୍ତା ମାନେ ବ୍ୟକ୍ତିର ନିରାପତ୍ତା, ରାଷ୍ଟ୍ରର ନୁହେଁ, ଏବଂ ଲୋକଙ୍କ ସୁରକ୍ଷା ମାନେ ରାଷ୍ଟ୍ର ସାର୍ବଭୌମତ୍ୱୋପରି ଚିନ୍ତାଧାରା ।

ଦକ୍ଷିଣ ଦେଶ ଗୁଡିକର ଦରିଦ୍ରତା ସେ ଦେଶ ଲୋକଙ୍କର ଉନ୍ନତତର ଜୀବନ ବା ଅର୍ଥନୈତିକ ସୁଯୋଗ ପରିକଳ୍ପେ ଉତ୍ତର ଗୋଲାର୍ଦ୍ଧସ୍ଥ ଦେଶଗୁଡିକୁ ପ୍ରବାସନର ମୁଖ୍ୟ କାରଣ । ଏହା ଅନ୍ତର୍ଜାତୀୟ ରାଜନୀତିରେ ଉଦ୍‌ବେଗ ସୃଷ୍ଟିର ଏକ କାରଣ । ଅନ୍ତର୍ଜାତୀୟ ଆଇନ ଓ ପ୍ରଥା ପ୍ରବାସୀ(ଯେଉଁମାନେ ନିଜ ଦେଶକୁ ସ୍ୱେଚ୍ଛାକୃତ ଭାବରେ ଛାଡନ୍ତି) ଓ ଶରଣାର୍ଥୀ (ଯେଉଁମାନେ ନିଜ ଦେଶରୁ ଯୁଦ୍ଧ, ଦୈବୀ ଦୁର୍ବିପାକ ବା ରାଜନୈତିକ ତାଡନ ଯୋଗୁ ପଳାୟନ କରିଥାନ୍ତି)ମାନଙ୍କ ମଧ୍ୟରେ ପାର୍ଥକ୍ୟ କରେ ।

ରାଷ୍ଟ୍ରମାନେ ସାଧାରଣତଃ ଶରଣାର୍ଥୀ ମାନଙ୍କୁ ସ୍ୱାଗତ କରିବା କଥା । କିନ୍ତୁ ପ୍ରବାସୀମାନଙ୍କୁ ନୁହେଁ । ଯେଉଁମାନେ ନିଜ ଦେଶ ଛାଡି ପଳାୟନ କରନ୍ତି ସେମାନଙ୍କୁ ଶରଣାର୍ଥୀ କୁହାଯାଏ କିନ୍ତୁ ଯେଉଁମାନେ ଦେଶ ବାହାରକୁ ନଯାଇ ନିଜ ଭିଟାମାଟି ଛାଡି ଅନ୍ୟତ୍ର ବସବାସ କରନ୍ତି ସେମାନଙ୍କୁ ଆଭ୍ୟନ୍ତରୀଣ ବାସଚ୍ୟୁତ କୁହାଯାଏ । ୧୯୯୦ ଦଶକରେ କାଶ୍ମୀରରୁ ପଳାୟନ କରିଥିବା 'ପଣ୍ଡିତ' ମାନେ ଆଭ୍ୟନ୍ତରୀଣ ବାସଚ୍ୟୁତର ଏକ ଉଦାହରଣ ।

ପୃଥିବୀର ଶରଣାର୍ଥୀ ମାନଚିତ୍ର ଏବଂ ସଂଘର୍ଷର ମାନଚିତ୍ର ପ୍ରାୟ ନିଖୁଣ ଭାବରେ ମେଳ ଖାଏ କାରଣ ଦକ୍ଷିଣୀ ଦେଶଗୁଡିକ ମଧରେ ଚାଲିଥିବା ଯୁଦ୍ଧ ଓ ସଶସ୍ତ୍ର ଲଢେଇ ଲକ୍ଷ ଲକ୍ଷ ଶରଣାର୍ଥୀ ସୃଷ୍ଟି କରିଛି ଯେଉଁମାନେ ନିରାପଦ ବାସସ୍ଥାନ ଖୋଜୁଛନ୍ତି । ୧୯୯୦ ରୁ ୧୯୯୫ ମଧ୍ୟରେ ୭୦ ଟି ରାଷ୍ଟ୍ର ୯୩ ଟି ଲଢ଼େଇରେ ସାମିଲ ହୋଇଥିଲେ ଯେଉଁଥିରେ ପ୍ରାୟ ୫୫ ଲକ୍ଷ ଲୋକ ପ୍ରାଣ ହରାଇଥିଲେ । ଫଳରେ କି ବ୍ୟକ୍ତି, କି ପରିବାର, ବେଳେବେଳେ ସମ୍ପୂର୍ଣ୍ଣ ସମୁଦାୟ ବାସଚ୍ୟୁତ ହେବାକୁ ବାଧ୍ୟ ହୋଇଥିଲେ । କାରଣ ହିଂସାର ବାତାବରଣରେ

ବିପଦ, ଜୀବନ-ଜୀବିକା ପ୍ରତି ବିପଦ, ପରିଚୟ ପ୍ରତି ବିପଦ, ଓ ପରିବେଶ ନଷ୍ଟ ହେବାର ଆଂଶକା ସେମାନଙ୍କୁ ଅସ୍ତବ୍ୟସ୍ତ କରୁଥିଲା । ଯୁଦ୍ଧ ଓ ଶରଣାର୍ଥୀ ପ୍ରବାସନ ସମ୍ପର୍କର ଅନୁଧ୍ୟାନ ଦର୍ଶାଏ ଯେ ୧୯୯୦ ଦଶକରେ ୬୦ ସଂଘର୍ଷରୁ ୩ ବ୍ୟତୀତ ବାକି ଶରଣାର୍ଥୀ ସ୍ରୋତ ଆଭ୍ୟନ୍ତରୀଣ ସଶସ୍ତ୍ର କଳହ ସ୍ଥାନ ସହିତ ମେଳ ଖାଉଛି ।

**ସ୍ୱାସ୍ଥ୍ୟ ଓ ବ୍ୟାଧି :**

ସଶସ୍ତ୍ର ଲଢ଼େଇ ଓ ନିରାପତ୍ତା ପ୍ରତି ଅହିଂସାତ୍ମକ ବିପଦ ଯଥା- ଦରିଦ୍ରତା ଓ ରୋଗ, ମଧ୍ୟରେ ପରସ୍ପର ସମ୍ପର୍କ ରହିଛି । ଯୁଦ୍ଧ ଓ ଆଭ୍ୟନ୍ତରୀଣ ସଶସ୍ତ୍ର ସଂଘର୍ଷ ଦରିଦ୍ରତା, ବ୍ୟାଧି ପ୍ରାଦୁର୍ଭାବ, ଓ ପରିବେଶ ଧ୍ୱଂସ ଆଡକୁ ନେଇପାରେ । ଅନ୍ୟ ପକ୍ଷରେ, ଦାରିଦ୍ରତା, ଅସମାନତା ଓ ପରିବେଶର ଅବନତି ରାଷ୍ଟ୍ରକୁ ଦୁର୍ବଳ ବା ଚୁରମାର କରିଦେଇପାରେ । ମାନବ ନିରାପତ୍ତା ସମ୍ପର୍କରେ ଅନୁଧ୍ୟାନ କଲାବେଳେ ଗବେଷକ, କେବଳ କଳହର ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ପ୍ରଭାବ ଅଧ୍ୟୟନ କରିବା ଅନୁଚିତ । ବିଭିନ୍ନ ପ୍ରକାରର ସାମାଜିକ-ଅର୍ଥନୈତିକ, ରାଜନିତିକ ଓ ପରିବେଶ ସମ୍ବନ୍ଧୀୟ କାରଣ ଗୁଡିକ ସଂଘର୍ଷ ଉପୁଯାଇବାରେ ଅବଦାନ ମଧ ଅଧ୍ୟୟନ ସାପେକ୍ଷ । ମାନବ ନିରାପତ୍ତାର ସେଭଳି ଜ୍ଞାନ "ଭୟରୁ ମୁକ୍ତି ନା ଅଭାବରୁ ମୁକ୍ତି" ଦ୍ୱନ୍ଦ୍ୱର ସମାଧାନର ବାଟ ଫିଟାଇବ ।

ସଂକ୍ରାମକ ବ୍ୟାଧି, ଯଥା- HIV-AIDS, ବାର୍ଡ ଫ୍ଲୁ, ମାରାତ୍ମକ ଉତ୍କଟ ଶ୍ୱାସନଳୀୟ ସଂଲକ୍ଷଣ (severe acute respiratory syndrome -SARS), ପ୍ରବାସନ, ବ୍ୟାପାର, ପର୍ଯ୍ୟଟନ ଓ ସମର ଅଭିଯାନ ମାଧ୍ୟମରେ ତୀବ୍ର ଗତିରେ ସଂକ୍ରମିତ ହୋଇଥାଏ । ଏକ ରାଷ୍ଟ୍ରର ସଂକ୍ରାମକ ରୋଗର ନିୟନ୍ତ୍ରଣର ଅସଫଳତା ଅନ୍ୟ ରାଷ୍ଟ୍ରମାନଙ୍କରେ ରୋଗ ପ୍ରସାର କରିଥାଏ ।

ଅନୁମାନିକ ହିସାବ ମୁତାବକ, ୨୦୦୩ ମସିହା ସୁଦ୍ଧା ସାରା ପୃଥିବୀର ପ୍ରାୟ ୪ କୋଟି ଲୋକ HIV-AIDS ରୋଗରେ ପୀଡିତ ହୋଇଛନ୍ତି । ଯାହାର ଦୁଇତୃତୀୟାଂଶ କେବଳ ଆଫ୍ରିକାରେ ଓ ବଳକା ସଂଖ୍ୟାର ଅଧା ଦକ୍ଷିଣ ଏସିଆରେ । ଉତ୍ତର ଆମେରିକା ଓ ଅନ୍ୟାନ୍ୟ ଶିଳ୍ପବିକଶିତ ରାଷ୍ଟ୍ରରେ ନୂଆ ଔଷଧ-ଚିକିତ୍ସା ବିକାଶରୁ ୧୯୯୦ ଦଶକରେ ଏହି ରୋଗରୁ ମୃତ୍ୟୁସଂଖ୍ୟାରେ ଚମତ୍କାର ହ୍ରାସ ଘଟିଛି । କିନ୍ତୁ ଏପରି ଚିକିତ୍ସା ବ୍ୟୟବହୁଳ ହୋଇଥିବାରୁ ଆଫ୍ରିକା ଭଳି ଦରିଦ୍ର ଅଞ୍ଚଳର ଲୋକଙ୍କର କାମରେ ଆସୁନାହିଁ । ଯଦ୍ୱାରା ସେହି ଅଞ୍ଚଳର ଲୋକେ ଆହୁରି ଦ୍ରରିଦ୍ରତା ଆଡକୁ ଟାଣିହୋଇଥିବା ପ୍ରମାଣିତ ହେଉଛି ।

ଅନ୍ୟାନ୍ୟ ନୂତନ ଓ ଅଜଣା ରୋଗ ଯଥା- ଇବୋଲା ଭାଇରସ୍, ହାନ୍ତାଭାଇରସ୍ ଓ ହେପାଟାଇଟିସ୍-ସି ଇତ୍ୟାଦିର ଅଭ୍ୟୁଦୟ ହୋଇଥିବାବେଳେ, ପୁରୁଣା ସଂକ୍ରାମକ ରୋଗ- ମ୍ୟାଲେରିଆ, ଯକ୍ଷ୍ମା, ଡେଙ୍ଗି ଜ୍ୱର ଓ ହଇଜା ଜୀବାଣୁ ଜୈବ ପରିବର୍ତ୍ତିତ ହୋଇ ଔଷଧ ପ୍ରତିରୋଧୀ ହେବା ଯୋଗୁ ଚକିତ୍ସା ପ୍ରତିକୂଳ ହୋଇଛନ୍ତି । ପଶୁମାନଙ୍କର ସଂକ୍ରାମକ ରୋଗର ମଧ୍ୟ ଗଭୀର ଅର୍ଥନୈତିକ ପ୍ରଭାବ ରହିଛି ।

ବାର୍ଡ ଫ୍ଲୁ ଓ ମ୍ୟାଡ୍ କାଓ ଡିଜିଜ ନିୟନ୍ତ୍ରଣରେ ବିଭିନ୍ନ ରାଷ୍ଟ୍ରର ଶହ ଶହ କୋଟି ଡଲାର ବ୍ୟୟ ହୋଇଛି । ସେଭଳି ସଂକ୍ରାମକ ରୋଗ ପ୍ରମାଣ କରୁଛି ରାଷ୍ଟ୍ରର ପାରମ୍ପାରିକ ପରିସୀମାର ନିଷ୍ଫଳତା ଓ ରାଷ୍ଟ୍ରମାନଙ୍କ ମଧ୍ୟରେ ପରସ୍ପର ନିର୍ଭରଶୀଳତାର ଆବଶ୍ୟକତା ।

ନିରାପତ୍ତା ତତ୍ତ୍ୱର ପରିସର ବ୍ୟାପକ ହେଲେ ମଧ୍ୟ ଆମେ ଯେ କୌଣସି ବ୍ୟାଧି ବା କଷ୍ଟକୁ ନିରାପତ୍ତାରେ ସାମିଲ କରିବା ଅନୁଚିତ । ଯଦି ଆମେ ସେପରି କରିବା ନିରାପତ୍ତା ତତ୍ତ୍ୱଟିର ବୋଧଗମ୍ୟତା ନଷ୍ଟ ହେବ । ପ୍ରତ୍ୟେକ ବିଷୟ ନିରାପତ୍ତାରେ ଯୋଗ ହୋଇଯିବ । ବିଷୟଟିରେ ସେଥିପାଇଁ ଅତି କମ୍‌ରେ ନିରାପତ୍ତାର କିଛି ସାଧାରଣ ଲକ୍ଷଣ ଥିବା ଆବଶ୍ୟକ ଯଥା: ଆପତ୍ତି କର୍ତ୍ତାର (ରାଷ୍ଟ୍ର ବା ଜନସମଷ୍ଟି) ବଞ୍ଚି ରହିବାରେ ବିପଦ ଥିଲେ । ଯଦ୍ୟପି ସଠିକ୍ ବିପଦ ଅଲଗା ଅଲଗା ହୋଇପାରେ । ଉଦାହରଣ ସ୍ୱରୂପ, ଜାଗତିକ ଉଷ୍ଣତାରୁ ସମୁଦ୍ରର ଜଳସ୍ତର ବୃଦ୍ଧି ହେବାଦ୍ୱାରା ବିସ୍ତୀର୍ଣ୍ଣ ସ୍ଥଳଭାଗ ବୁଡିଲେ ମାଳଦ୍ୱୀପର ବିପଦ ବଢ଼ିବ । କିନ୍ତୁ ଆଫ୍ରିକାର ଦକ୍ଷିଣସ୍ଥ ରାଷ୍ଟ୍ରଗୁଡ଼ିକରେ ଜଳସ୍ତର ବୃଦ୍ଧି ଅପେକ୍ଷା HIV-AIDS ସାଂଘାତିକ ବିପଦର କାରଣ ଅଟେ । ସେଠାରେ, ବୟସ୍କମାନଙ୍କ ମଧ୍ୟରୁ ଛଅ ଜଣରୁ ଜଣେ ଏହି HIV-AIDS ରୋଗାକ୍ରାନ୍ତ (ବୋତ୍‌ସୱାନାରେ ସର୍ବାଧିକ ତିନିଜଣରୁ ଜଣେ) । ୧୯୯୪ରେ ତୁତ୍‌ସି ଜନଜାତି ତା'ର ସତ୍ତା ହରାଇବା ପରିସ୍ଥିତିରେ ଥିବା କାରଣ, ତା'ର ପାଞ୍ଚଲକ୍ଷ ଲୋକଙ୍କୁ ହୁତୁ ଜନଜାତିର ଲୋକେ ଏକ ସପ୍ତାହରେ ହତ୍ୟା କରିଦେଇଥିଲେ । ଏହା ଦର୍ଶାଉଛି ଯେ ଅଣପାରମ୍ପାରିକ ନିରାପତ୍ତା, ପାରମ୍ପାରିକ ନିରାପତ୍ତା ଭଳି ସମୟ ଓ ପରିସ୍ଥିତି ଅନୁସାରେ ପରିବର୍ତ୍ତନଶୀଳ ।

**ବ୍ୟାଧି ବିଷୟରେ ଜାଣିବା କଥା :**

ଯେଉଁମାନେ ନିରାପତ୍ତାର ଏକ ଉଦାରବାଦୀ ସଂଜ୍ଞାରେ ବିଶ୍ୱାସ କରନ୍ତି, ସେମାନେ ଲୋକଙ୍କ ସତ୍ତା ଓ ଜୀବନର ନିରାପତ୍ତାକୁ କେବଳ ହିଂସାତ୍ମକ ସଂଘର୍ଷରୁ ଉପୁଜୁଥିବା ବିପଦ ଦୃଷ୍ଟିରୁ ନୁହେଁ ବରଂ ହିଂସାବିହୀନ କାରଣ ଯଥା: ବ୍ୟାଧି, ପରିବେଶର ଅବକ୍ଷୟ ଓ ଦୈବୀ ଦୁର୍ବିପାକ ପରିପ୍ରେକ୍ଷୀରେ ଦେଖନ୍ତି । ନିମ୍ନରେ ରୋଗ-ବ୍ୟାଧି ବିଷୟକ କିଛି ମୁଖ୍ୟ ତଥ୍ୟ ଉପସ୍ଥାପନ କରାଯାଇଛି:-

- ବିଗତ ତିରିଷ ବର୍ଷରେ ୩୦ ପ୍ରକାର ନୂତନ ସଂକ୍ରାମକ ବ୍ୟାଧି ଚିହ୍ନଟ ହୋଇଛି । ପୂର୍ବରୁ ଚିହ୍ନିତ ୨୦ ଟି ପୁରାତନ ରୋଗର ପୁନଃ ଔଷଧ-ପ୍ରତିରୋଧୀ ପ୍ରାଦୁର୍ଭାବ ଲକ୍ଷ୍ୟ କରାଯାଇଛି ।
- ଆଫ୍ରିକାରେ HIV ସଂକ୍ରମଣ ମୃତ୍ୟୁର ମୁଖ୍ୟ କାରଣ ଓ ସାରା ପୃଥିବୀରେ ଚତୁର୍ଥ ମୁଖ୍ୟ କାରଣ । ବିଶ୍ୱରେ ପ୍ରାୟ ୪ କୋଟି ଲୋକ HIV ଦ୍ୱାରା ଆକ୍ରାନ୍ତ । ହିସାବ ଅନୁସାରେ, ଏହି ରୋଗରେ ଅତ୍ୟଧିକ ସଂକ୍ରମିତ ରାଷ୍ଟ୍ରମାନଙ୍କର, ମୁଣ୍ଡପିଛା ଆୟ ଯଥେଷ୍ଟ କମିଛି ଓ ମୁଣ୍ଡପିଛା ବ୍ୟୟ ମଧ୍ୟ ନିଶ୍ଚିତ କମିଥିବ ।
- ମ୍ୟାଲେରିଆରୁ ସଂକ୍ରମିତ ହେଉଥିବା ଲୋକଙ୍କ ସଂଖ୍ୟା ପ୍ରାୟ ୩ କୋଟି ୫୦ ଲକ୍ଷରୁ ୪ କୋଟି ଓ ମୃତ୍ୟୁ ମୁଖରେ ପଡୁଥିବା ଲୋକଙ୍କ ସଂଖ୍ୟା ଦେଢ଼ କୋଟି । ମ୍ୟାଲେରିଆ ନିୟନ୍ତ୍ରଣ ପାଇଁ କେବଳ ଆଫ୍ରିକା ପ୍ରତିବର୍ଷ ୧୨୦୦ କୋଟି ଡଲାର ମୂଲ୍ୟର ଖର୍ଚ୍ଚ କରିଥାଏ ।
- ଯକ୍ଷ୍ମା ରୋଗ ପୀଡିତଙ୍କ ସଂଖ୍ୟା ୮୦ ଲକ୍ଷ ଓ ସେହି ରୋଗରୁ ମୃତକଙ୍କ ସଂଖ୍ୟା ୨୦ ଲକ୍ଷ । ବର୍ତ୍ତମାନ ପ୍ରଜନନ କ୍ଷମ ମହିଳାମାନଙ୍କର ସଂକ୍ରାମକ ରୋଗଜନୀତ ସର୍ବାଧିକ ମୃତ୍ୟୁର କାରଣ ହେଉଛି ଯକ୍ଷ୍ମା ।

**ଅସମାନତା :**

ନୋବେଲ ପୁରସ୍କାର ବିଜେତା କୈଳାଶ ସତ୍ୟାର୍ଥୀଙ୍କ କହିବାନୁସାରେ "ଅର୍ଥନୈତିକ ଅସମାନତା ଓ ଆୟର ଫରକ ବିଶ୍ୱ ନିରାପତ୍ତା ଓ ସାମାଜିକ ଶାନ୍ତି ପାଇଁ ସବୁଠାରୁ ବଡ ବିପଦ"। "ଆୟର ପାର୍ଥକ୍ୟ କ୍ରମଶଃ ବଢ଼ିବାରେ ଲାଗିଛି । .... କେବଳ ଆଠଜଣ ଲୋକଙ୍କ ସମ୍ପତ୍ତି ସାରା ବିଶ୍ୱର ଅର୍ଦ୍ଧାଧିକ ଲୋକଙ୍କ ସମ୍ପତ୍ତି ସହିତ ସମାନ" ।

**ସଂଜ୍ଞା :**

ଯେତେବେଳେ ସମାଜରେ ସୁଯୋଗ ଓ ପାରିତୋଷିକ ପଦ ଓ ସ୍ଥିତିଅନୁସାରେ ଲୋକଙ୍କ ପାଇଁ ଭିନ୍ନ ହୋଇଥାଏ ତାହାକୁ ସାମାଜିକ ଅସମାନତା କୁହାଯାଏ । ଅସମାନତାର ଆକାର ଭିନ୍ନ, ସ୍ତର ଅନୁସାରେ ମଧ୍ୟ ଅଲଗା ।

**ଅସମାନତାର ପ୍ରକାରଭେଦ :**

(୧) **ଆୟର ଅସମାନତା:** ବେତନ ବା ପାରିଶ୍ରମିକ ଅସମତା ଅର୍ଥ ବିଭିନ୍ନ କାମପାଇଁ ଭିନ୍ନ ବା ସମାନ କାମପାଇଁ ଅସମାନ ମଜୁରୀ ପାଇବା ।

(୨) **ବ୍ୟୟରେ ଅସମାନତା:** ଲୋକମାନଙ୍କର ଖାଦ୍ୟ, ବସନ ଓ ଉପଯୋଗି ବସ୍ତୁରେ ବା ସେଗୁଡ଼ିକର ଗୁଣରେ ଅସମତା ଦେଖାଯାଏ ।

(୩) **ସ୍ୱତନ୍ତ୍ରତାରେ ଅସମାନତା:** ଧନୀ ଓ ଦରିଦ୍ର, କ୍ଷମତାଶାଳୀ ଓ ଅକ୍ଷମ ଲୋକଙ୍କର ସ୍ୱତନ୍ତ୍ରତାର ଅସମତା ଦେଖାଯାଏ । କିଛି ପ୍ରତିପତ୍ତିଶାଳୀ ବ୍ୟକ୍ତି ଦୋଷ କରି ନିର୍ଦ୍ଦୋଷ ପ୍ରମାଣିତ ହେଲାବେଳେ ନିର୍ଦ୍ଦୋଷ ଗରିବ ବ୍ୟକ୍ତି ଅର୍ଥାଭାବରୁ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ପାଇଯାଏ ।

(୪) **ନିରାପତ୍ତାରେ ଅସମାନତା:** ମୁଷ୍ଟିମେୟ ଲୋକ ସବୁ ଦୃଷ୍ଟିରୁ ନିରାପଦ ରହନ୍ତି ହେଲେ ସଂଖ୍ୟାଗରିଷ୍ଠ ଅସୁରକ୍ଷିତ ହୋଇଥାନ୍ତି ।

(୫) **ସାମାଜିକ ମର୍ଯ୍ୟାଦାରେ ଅସମାନତା:** ପଦବୀ ଓ ଧନ କିଛି ଲୋକଙ୍କ ମର୍ଯ୍ୟାଦା ବଢାଏ ଅନ୍ୟ ପକ୍ଷରେ ନିର୍ଧନ ଓ ଭାରତରେ ଇତର ଜାତିର ଲୋକମାନଙ୍କ କୌଣସି ମର୍ଯ୍ୟାଦା ନଥାଏ ।

(୬) **ସାମର୍ଥ୍ୟରେ ଅସମାନତା:** ଜନ୍ମ, ପରିପାଳନ ଓ ପରିସ୍ଥିତି ଅନୁସାରେ ଲୋକଙ୍କ ସାମର୍ଥ୍ୟରେ ଅସମତା ଦେଖାଯାଏ ।

ଏସବୁ ଅସମାନତା ସମସ୍ୟା କରାଇଥାଏ । 'ଆୟ' ଭଳି ମୂଳ ଅସମତାରୁ ଆମେ ଯେତେବେଳେ ଅନ୍ୟ ଅସମତା, ଯଥା-ସ୍ୱତନ୍ତ୍ରତା, ନିରାପତ୍ତା, ମର୍ଯ୍ୟାଦା ଓ ପରିଶେଷରେ ସାମର୍ଥ୍ୟ, କଥା ଚିନ୍ତାକରୁ ଅସମାନତା ଆହୁରି ଚିନ୍ତାଜନକ (ଅନ୍ୟାୟ କାରକ) ହୋଇଯାଏ ।

ବର୍ତ୍ତମାନ ଆମେ ଅସମାନତାକୁ ନିରାପତ୍ତା ପ୍ରସଙ୍ଗରେ ଆଲୋଚନା କରିବା । ଉପର ବର୍ଣ୍ଣିତ ଅସମାନତା ଦୁଇ ପ୍ରକାରର– ଉର୍ଦ୍ଧ୍ୱଧାର (Vertical) ଏବଂ ଆନୁଭୂମିକ (horizontal) । ଉର୍ଦ୍ଧ୍ୱଧାର ଅସମାନତା ମାନେ ବ୍ୟକ୍ତି

ବା ପରିବାର - ବ୍ୟକ୍ତିଗତ ସ୍ତରର ଅସମତା । ଆନୁଭୂମିକ ଅସମାନତା ମାନେ ଗୋଷ୍ଠୀ ବା ସମୁଦାୟ ମାନଙ୍କ ମଧ୍ୟରେ ଥିବା ଅସମତା - ଯଥା, ଜାତିଗତ, ଧର୍ମ ଓ ବର୍ଣ୍ଣର, ଗୋଷ୍ଠୀଗତ ଅସମାନତା । ଆନୁଭୂମିକ ଅସମାନତା- ଅର୍ଥନୈତିକ, ସାମାଜିକ ବା ଅନ୍ୟାନ୍ୟ - ଯାହା ବୁଦ୍ଧି, ସୌନ୍ଦର୍ଯ୍ୟ ବା ଦକ୍ଷତା ଭଳି ଅନ୍ତର୍ନିହିତ ଗୁଣରୁ ଆହରଣ ହୋଇନଥାଏ । ସମାଜ ବିଜ୍ଞାନ ଦୃଷ୍ଟିରୁ ଏହା ଏକ ବାଧ୍ୟତାମୂଳକ ଅସମାନତା ଯାହା ଏକ ସମାଜରେ ବସବାସ କରୁଥିବା ଉପସାଂସ୍କୃତିକଗୋଷ୍ଠୀ ମାନଙ୍କ ମଧ୍ୟରେ ଦେଖାଯାଏ । ଅର୍ଥନୀତି ଦୃଷ୍ଟିରୁ ଆନୁଭୂମିକ ଅସମାନତା ସେତେବେଳେ ଦେଖାଯାଏ ଯେତେବେଳେ ଏକା ପୃଷ୍ଠଭୂମିରୁ ଜନ୍ମିତ ଓ ଧୀସମ୍ପନ୍ନ ହେଲେମଧ୍ୟ ବ୍ୟକ୍ତିମାନେ ଏକାପ୍ରକାରର ସଫଳତା ନପାଇ ବିଭିନ୍ନ ମଜୁରୀ, ସମ୍ପତ୍ତି ଓ ମର୍ଯ୍ୟାଦା ପାଇଥାନ୍ତି । ତଥାପି ବିଷୟଟିକୁ ସଠିକ୍ ବୁଝିହୁଏନାହିଁ ।

ବିଦ୍ୱାନ ମାନଙ୍କ ମତରେ ମାନବିକ ନିରାପତ୍ତା ପ୍ରତି ଅଧିକ ବିପଦ ଉର୍ଦ୍ଧ୍ୱଧାର ଅସମାନତା ଅପେକ୍ଷା ଆନୁଭୂମିକ ଅସମାନତାରୁ ଆସିଥାଏ । କାରଣ କଣ ?

ସମାଜରେ ସଂଘର୍ଷ ସର୍ବଦା ନିରାପତ୍ତା ପ୍ରତି ବିପଦ । ପରିବର୍ତ୍ତନଶୀଳ ସମାଜରେ ଯାହା ଦୃଷ୍ଟିଗୋଚର ହେଉଛି, ଗୋଷ୍ଠୀ ସଂଘଟନରେ ଉଦ୍ଦିଷ୍ଟ ପ୍ରୋତ୍ସାହନ ସଂଘର୍ଷର ମୂଳ କାରଣ । ସଂଘର୍ଷ ମୂଳତଃ ଗୋଷ୍ଠୀ କାର୍ଯ୍ୟକଳାପରୁ ଆସେ, ଯାହା ସାଧାରଣରେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । ବିଭିନ୍ନ ଦେଶରେ, ଭିନ୍ନ ଭିନ୍ନ ସମୟରେ ଗୋଷ୍ଠୀ ଗଠନ ହୋଇଥାଏ । କିନ୍ତୁ, ବିଭାଜନ ସାଧାରଣତଃ ସଂସ୍କୃତି, ଭାଷା, ସହାବସ୍ଥାନ ଇତ୍ୟାଦି ସମାନ ଲକ୍ଷଣ ଉପରେ ପର୍ଯ୍ୟବସିତ । କିଛି ସମୟରେ ରାଜନେତାମାନେ ଉପର ସ୍ତରରୁ ଏଭଳି କାର୍ଯ୍ୟକ୍ରମ ଆରମ୍ଭ କରିଥାନ୍ତି, କିନ୍ତୁ ନିମ୍ନସ୍ତରର ଲୋକଙ୍କୁ ମତାଇବାପାଇଁ ସାଧାରଣ ଲୋକଙ୍କୁ ପ୍ରଲୋଭନ ଦେଖାଇଥାନ୍ତି ଯାହା କ୍ଷମତା ଓ ସଂସାଧନର ବିଷମତା ଉପରେ ଆଧାରିତ ହୋଇଥାଏ । ଲୋକେ ଯେତେବେଳେ ସଂସ୍କୃତି ଆଧାରରେ ସଂଘର୍ଷ କରନ୍ତି, ପ୍ରାୟତଃ ସମାନେ ମୂଳତଃ ଅର୍ଥନୈତିକ, ରାଜନୈତିକ ବା ଉଭୟ କ୍ଷମତାର ବଣ୍ଟନ ଓ ଉପଯୋଗ ପୃଷ୍ଠଭୂମିରେ କରନ୍ତି । ଏହି ଦୃଷ୍ଟିରୁ ଆନୁଭୂମିକ ଅସମାନତା ମାନବିକ ନିରାପତ୍ତା ବିଷୟ ଅନୁଶୀଳନରେ ବ୍ୟବହୃତ ହୁଏ ।

ଜଟିଳ ମାନବିକ ଜରୁରୀ ପରିସ୍ଥିତିର ସଦ୍ୟ ଗବେଷଣାରୁ ଜଣାଯାଉଛି ଯେ ଗୋଷ୍ଠୀଗତ "ଆନୁଭୂମିକ ଅସମାନତା" ନିମ୍ନ ପ୍ରକାରର ହୋଇପାରେ, ଯଥା- ସାମାଜିକ, ସାଂପ୍ରଦାୟିକ ଓ ଧାର୍ମିକ । ଏଗୁଡିକ ବର୍ତ୍ତମାନ ସମୟର ନାଗରିକ ଗୋଷ୍ଠୀବିବାଦର ମୂଳ କାରଣ । ଏହା କେବଳ ଆୟର ଅସମାନତା ଓ ଅସୁରକ୍ଷା କଥା ନୁହେଁ । ଏହା ରହିଥାଏ ରାଜନୈତିକ ଅଂଶଗ୍ରହଣରେ (ସଂସଦ, ମନ୍ତ୍ରିମଣ୍ଡଳ, ସେନାବାହିନୀ ଓ ସ୍ଥାନୀୟ ଶାସନ), ଅର୍ଥନୈତିକ ସମ୍ପଦରେ(ଭୂମି, ମାନବ ସଂସାଧନ ଓ ଯୌଥ ସମ୍ପଦ) ଏବଂ ସାମାଜିକ ପରିବେଶରେ(ଶିକ୍ଷା, ଗୃହନିର୍ମାଣ ଓ କର୍ମସଂସ୍ଥାନ) ।

କିଛି ଗବେଷକ ଗୋଷ୍ଠୀ, ଦେଶ, ଓ ଅଞ୍ଚଳ ମାନଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଅସମାନତାକୁ ଜଗତୀକରଣର ବିଶ୍ଳିଷ୍ଟ ପ୍ରକ୍ରିୟା ଉପରେ ଅସମାନ ପ୍ରଭାବକୁ ମଧ୍ୟ ଦାୟୀ କରନ୍ତି । ଯାହା ବାସ୍ତବରେ ମାନବିକ ନିରାପତ୍ତାକୁ ମଧ୍ୟ ପ୍ରଭାବିତ କରୁଛି । ଯେତେବେଳେ କ୍ଷମତାଶାଳୀ ଓ ପ୍ରାନ୍ତସ୍ଥ ସମୁଦାୟ ମଧ୍ୟରେ ଅତିଶୟ ଅସମାନତା ଥାଏ

ସେତେବେଳେ ସାମାଜିକ ସଂଘର୍ଷର ସୂତ୍ରପାତ ହୋଇଥାଏ । ଇଣ୍ଡୋନେସିଆର ଘଟଣା ଦର୍ଶାଏଯେ ଅର୍ଥନୈତିକ ସଂକଟ କିପରି ଜାତିଭିତ୍ତିକ ପ୍ରଚ୍ଛନ୍ନ ସାମାଜିକ ଉତ୍ତେଜନାକୁ ଧନୀ ଓ ଦରିଦ୍ର ମଧ୍ୟରେ ସଂଘର୍ଷରେ ପରିବର୍ତ୍ତନ କରିପାରେ । ବିଗତ ଦୁଇ ଦଶନ୍ଧିରେ ଦେଶ ମାନଙ୍କର ଯୁଦ୍ଧ ଅପେକ୍ଷା ଆଭ୍ୟନ୍ତରୀଣ ସଂଘର୍ଷରୁ ଅଧିକ ଲୋକ ମୃତାହତ ହୋଇଛନ୍ତି ।

ଏ ପର୍ଯ୍ୟନ୍ତ ଅସଲଗ୍ନ ଦର୍ଶାଯାଉଥିବା ଜୀବନର ତିନୋଟି କ୍ଷେତ୍ର ମଧ୍ୟରେ ଏକ ଜଟିଳ କିନ୍ତୁ ମହତ୍ତ୍ୱପୂର୍ଣ୍ଣ ସମ୍ପର୍କ ରହିଛି: ହିଂସାତ୍ମକ ରାଜନୈତିକ ସଂଘର୍ଷ, ସମାଜ ଓ ଅର୍ଥନୀତି କ୍ଷେତ୍ର, ଏବଂ ଗଣତନ୍ତ୍ର(ନାଗରିକ ଓ ରାଜନୈତିକ ଅଧିକାର) । ଯେଉଁ ଦେଶରେ ଗୃହଯୁଦ୍ଧ ଦେଖାଯାଉଛି, ଏହି ତିନୋଟି କ୍ଷେତ୍ରୀୟ ପ୍ରକ୍ରିୟାକୁ ମିଳିତ ଭାବରେ ସାମନା କରିବାକୁ ପଡିବ । ଯଦ୍ୟପି ବର୍ତ୍ତମାନ ବ୍ୟବସ୍ଥାରେ ଅନ୍ତର୍ଜାତୀୟ ସହଯୋଗ ନିମନ୍ତେ ସେଗୁଡିକର ମୁକାବିଲା ଅଲଗା ଅଲଗା କରାଯାଉଛି । ଏତଦ୍ୱାରା ବହୁସମୟରେ ସଂଘର୍ଷ ସମାଧାନ(ରାଜନୈତିକ), ଲୋକଙ୍କ ଥଇଥାନ (ମାନବିକ) ଓ ବିକାଶ (ଦୀର୍ଘସୂତ୍ରୀ ସାମାଜିକ-ଅର୍ଥନୈତିକ, ଓ ରାଜନୈତିକ ବିକାଶ) ମଧ୍ୟରେ ଯେଉଁଥିପାଇଁ ଫାଙ୍କ ରହିଯାଉଛି । ନୂଆ ପ୍ରକାରର ଅନୁଷ୍ଠାନ ସଂରଚନା ସେପରି ଫାଙ୍କକୁ ବନ୍ଦ କରିପାରିବ ।

**ଗୋଲକଧନ୍ଦାରୁ ମୁକୁଳିବାର ବାଟ :**

ଏହି ସାମାଜିକ ଅସମାନତାର ଗୋଲକଧନ୍ଦାରୁ ମୁକୁଳିବାକୁ ବହୁ ଉପାୟ ଦେଖାଯାଉଛି । ସେଗୁଡିକ ନିମ୍ନ ପ୍ରକାରର-

- ଦେଖିବାକୁ ହେବ ଯେ ଉଚ୍ଚ ମାନର ଶିକ୍ଷା ବ୍ୟବସ୍ଥା ସମସ୍ତଙ୍କୁ ମିଳିପାରୁଥିବ ଓ ଆର୍ଥିକ ସ୍ୱଚ୍ଛଳତା ନଥାଇ ମଧ୍ୟ ସମସ୍ତେ ଶିକ୍ଷା ପାଇପାରୁଥିବେ;
- ଦେଖିବାକୁ ହେବ ଯେ ଉଚ୍ଚ ମାନର ସ୍ୱାସ୍ଥ୍ୟ ସେବା ସମସ୍ତଙ୍କୁ ମିଳିପାରୁଥିବ ଓ ଆର୍ଥିକ ସ୍ୱଚ୍ଛଳତା ନଥାଇ ମଧ୍ୟ ସ୍ୱାସ୍ଥ୍ୟ ସେବା ସମସ୍ତେ ପାଇପାରୁଥିବେ;
- ଦରମା ବା ମଜୁରୀରେ ବିଶେଷ ତାରତମ୍ୟ ନଥିବ । ଯାହା ଜଣାପଡୁଛି ହାରାହାରି ମୂଳ ମଜୁରୀ କମିଯାଉଥିଲେ ମଧ୍ୟ ବଡବଡିଆଙ୍କ ଦରମା ବଢିଛି । ବର୍ତ୍ତମାନ ଏଭଳି ଅସମାନତାର ସମାଧାନ ଅତ୍ୟାବଶ୍ୟକ ।
- ଭଲ ଋକିରି ସହିତ ମଝିରେ ମଝିରେ ନୂଆ ନୂଆ କୌଶଳ ଶିଖିବାର ତାଲିମ ମଧ୍ୟ ଦେବା ଉଚିତ ହେବ ।
- ସାରା ଦେଶରେ ବହୁଳ ନୂଆ କର୍ମଯୋଗାଣ ବ୍ୟବସ୍ଥା କରିବାକୁ ପଡିବ ।
- ଶେଷରେ, ନ୍ୟାୟୋଚିତ ଟିକସ ବ୍ୟବସ୍ଥା ହେବା ସହ ନିମ୍ନ ଆୟଧାରୀଙ୍କ ପାଇଁ ରିହାତି ବ୍ୟବସ୍ଥା ରହିବା ଉଚିତ ।

**ଶିକ୍ଷା ବ୍ୟବସ୍ଥା :**

ଆଜିକାର ମନ୍ତ୍ର ହେଲା **"ନିରାପତ୍ତା ବିନା ବିକାଶ ଅସମ୍ଭବ, ବିକାଶ ବ୍ୟତିରେକ ନିରାପତ୍ତା ଅସମ୍ଭବ"।**

ବହୁଲୋକ ଶିକ୍ଷା ସହିତ ଜାତୀୟ ନିରାପତ୍ତା ଆବଶ୍ୟକତାର ସମ୍ପର୍କ ବୁଝିପାରନ୍ତି ନାହିଁ । ବର୍ତ୍ତମାନ ଦେଖାଯାଉଛିଯେ ଶିକ୍ଷା ଜାଗତିକ ନିରାପତ୍ତା ସମସ୍ୟା ମୁକାବିଲାର ଏକ ମୁଖ୍ୟ ସୂତ୍ର । ରାଷ୍ଟ୍ର ଓ ତା'ର ଅନୁଷ୍ଠାନଗୁଡିକ ଶିକ୍ଷାକୁ ଯଦି ପ୍ରାଥମିକତା ଦିଅନ୍ତି, ତା'ହେଲେ କେବଳ ନିରନ୍ତର ଜାଗତିକ ସୁରକ୍ଷା ଉପଲବ୍ଧି ହୋଇପାରିବ । ଏହାର ବାସ୍ତବିକତା ଅନୁଭବ କରିପାରିଲେ ଦାରିଦ୍ର୍ୟ, ଅସମାନତା, ଅସୁରକ୍ଷା ଓ ବ୍ୟାଧି ବିରୁଦ୍ଧ ଲଢ଼େଇରେ ଶିକ୍ଷା ଏକ ମୂଲ୍ୟବାନ ଅସ୍ତ୍ର ହୋଇପାରିବ ।

ବିକାଶ ସହିତ ଶିକ୍ଷାକୁ ଯୋଡିବା ଏକ ନୁଆ ଚିନ୍ତାଧାରା ଯେଉଁଥିରେ ସାରା ପୃଥିବୀର ସାଂସ୍କୃତିକ, ଧର୍ମୀୟ ଓ ଆଦର୍ଶଗତ ବିଭିନ୍ନତାକୁ ପ୍ରୋତ୍ସାହନ ଓ ସମ୍ମାନ ମିଳିବ । "ଅନ୍ୟମାନଙ୍କ" ବିଷୟରେ ଯେତେବେଳେ ମଧ୍ୟ ଆଲୋଚନା କରାଯିବ, 'ସେମାନେ' ଯେମିତି ଅନାଦୃତ ବା ଅବାଞ୍ଛିତ ଅନୁଭବ ନକରିବେ, ସେଥିପାଇଁ ଆମେ ଅଧିକତମ ସଂବେଦନଶୀଳତା, ସମ୍ମାନ ଓ ସହନଶୀଳତା ଅବଲମ୍ବନ କରିବା । ଆହୁରି ମଧ୍ୟ ଶିକ୍ଷା ଆମକୁ ଚେତାଇଦିଏଯେ ବିଭିନ୍ନ ସମାଜରେ ବହୁପ୍ରକାରର ନୈତିକ ମୂଲ୍ୟବୋଧ ଅଛି, ଯାହା ଜୀବନକୁ ବିଭିନ୍ନ ଦୃଷ୍ଟିକୋଣରୁ ଅନୁଧ୍ୟାନ କରେ । କିନ୍ତୁ ସେଗୁଡିକ ଏକୁ ଆରେକ ଠାରୁ ଅଧିକ ସତ୍ୟ ବୋଲି କୁହାଯାଇପାରିବନାହିଁ । ଶିକ୍ଷାର ଏହା ଏକ ବୈକଳ୍ପିକ ଦୃଷ୍ଟିକୋଣ । ସାର୍ବଜନୀନ ଶିକ୍ଷାର ଅତ୍ୟାବଶ୍ୟକତାର ଅନୁଭବ ଏକ ସୁଶିକ୍ଷିତ, ସହନଶୀଳ, ଓ ଶାନ୍ତିପୂର୍ଣ୍ଣ ବିଶ୍ୱ ଗଠନ କରିବ ଯାହା ଅଧିକତମ ନିରାପତ୍ତା ନିଶ୍ଚିତ କରିବ ।

**ଶିକ୍ଷା ତିନୋଟି ସ୍ତରରେ ନିରାପତ୍ତା ସହ ନିବିଡ ଭାବରେ ଜଡିତ ଥାଏ : ବ୍ୟକ୍ତିଗତ, ଜାତୀୟ ଓ ଅନ୍ତର୍ଜାତୀୟ ।**

**ବ୍ୟକ୍ତି ନିରାପତ୍ତା ଓ ଶିକ୍ଷା:** ପରିବର୍ତ୍ତନ ଓ ଅନିଶ୍ଚିତତା ସମୟରେ ମାନବିକ ନିରାପତ୍ତା, ମାନବିକ ଦକ୍ଷତା ବିକାଶ ସହିତ ନିବିଡ ଭାବରେ ଜଡିତ । ଏହା କୁହାଯାଏଯେ ପ୍ରଯୁକ୍ତି ବିଦ୍ୟା ମାନବିକ ସାମର୍ଥ୍ୟ ବିକାଶର ମୂଳ ଉପାଦାନ ଏବଂ ତାହା ଶିକ୍ଷା ମାଧ୍ୟମରେ ହିଁ ହୋଇପାରିବ । ସମାଜର କାର୍ଯ୍ୟ ହେଉଛି ବ୍ୟକ୍ତି ସ୍ୱତନ୍ତ୍ରତା ବଜାୟ ରଖିବା । ସେଥିପାଇଁ ସାମର୍ଥ୍ୟ ନଥିଲେ ସ୍ୱତନ୍ତ୍ରତାର ଆନନ୍ଦ ଉପଭୋଗ ଅର୍ଥହୀନ ହୋଇଯିବ । ସମସ୍ତଙ୍କ ପାଇଁ ନିଃଶୁଳ୍କ ଓ ବାଧ୍ୟତାମୂଳକ ମୌଳିକ ଶିକ୍ଷା ସାମର୍ଥ୍ୟ ବିକାଶରେ ସାହାଯ୍ୟ କରିଥାଏ । ଏହାଦ୍ୱାରା ଚାକିରି ଓ ରୋଜଗାରର ଅନ୍ୟାନ୍ୟ ପନ୍ଥା ମିଳେ, ଆୟବୃଦ୍ଧି ହୁଏ । ଲାଭଜନକ ରୋଜଗାର ସୁଯୋଗ ଥିଲେ ଲୋକେ ବ୍ୟକ୍ତିଗତ ଭାବରେ ନିଜକୁ ନିରାପଦ ମନେ କରନ୍ତି । ନିଶ୍ଚିତ କର୍ମଯୋଗାଣ / ଆୟ ବ୍ୟକ୍ତିକୁ ଦାରିଦ୍ର୍ୟ, ରୋଗ ଓ ଅନ୍ୟାନ୍ୟ ଅନିଶ୍ଚିତ ବିପଦ ରେ ନିରାପତ୍ତା ଦେଇପାରିବ । ସେହିପରି, ଶିକ୍ଷା ମାଧ୍ୟମରେ ବ୍ୟକ୍ତି ସାମରିକ ବାହିନୀ, ପୋଲିସ ଓ ସୁରକ୍ଷା ବଳରେ ଯୋଗ ଦେଇପାରିବ ଯାହାଦ୍ୱାରା ନିରାପତ୍ତା ଆହୁରି ବୃଦ୍ଧି ହେବ । ପକ୍ଷ୍ୟାନ୍ତରେ, ଅଶିକ୍ଷା /କମ ଶିକ୍ଷା ତା'କୁ ଅନ୍ୟମାନଙ୍କ ଉପରେ ସର୍ବଦା ନିର୍ଭରଶୀଳ କରାଇବ ଏବଂ ନିଜ ସମସ୍ୟା ଓ ଆବଶ୍ୟକତା ପ୍ରକାଶ କରିବାକୁ ଅସମର୍ଥ ହେବ ।

**ଜାତୀୟ ନିରାପତ୍ତା ଓ ଶିକ୍ଷା:** ଜାତୀୟ ନିରାପତ୍ତା ଏବଂ ଶିକ୍ଷା ଅଙ୍ଗାଙ୍ଗୀ ଭାବେ ଜଡିତ । ଜାତୀୟ ନିରାପତ୍ତାର ଦୁଇଟି ଦିଗ ଅଛି- ପ୍ରଥମ, ଅଭ୍ୟନ୍ତରୀଣ ଓ ବାହ୍ୟ ହିଂସାରୁ ବ୍ୟକ୍ତିଙ୍କୁ ସାମରିକ ଓ ପୋଲିସ ବାହିନୀ ସହାୟତାରେ ସୁରକ୍ଷା, ଦ୍ୱିତୀୟ, ରାଷ୍ଟ୍ରର ସୀମାର ସୁରକ୍ଷା ଏବଂ ଆଇନଶୃଙ୍ଖଳା କାଏମ କରିବା ଯାହାଦ୍ୱାରା ଲୋକ ସକୁଶଳ ଓ ନିରାପଦରେ ରହିପାରିବେ । ନିରାପତ୍ତାର ନୂତନ ପରିସର ନିର୍ଦ୍ଦିଷ୍ଟ କରେଯେ କେବଳ ଶାରିରୀକ ନିରାପତ୍ତା ଯଥେଷ୍ଟ ନୁହେଁ । ଲୋକଙ୍କୁ ଦାରିଦ୍ର୍ୟତା, ନିରକ୍ଷରତା, ରୋଗ ଓ ଅସମାନତା ଇତ୍ୟାଦି ପୀଡାରୁ ମୁକ୍ତି । ସର୍ବଜନ ଶିକ୍ଷା ଏ ସମସ୍ତ ପୀଡାର ପ୍ରାଥମିକ ଉପଚାର ।

ଏକଥା ପ୍ରମାଣିତ ଯେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାରେ ରାଷ୍ଟ୍ରର ବ୍ୟୟ ଅନ୍ତତଃ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କର ପ୍ରଦର୍ଶନ ସୁଧାରେ । ଯାହା ଭବିଷ୍ୟତରେ ରାଷ୍ଟ୍ରର ମୁଣ୍ଡପିଛା ଆୟ ବୃଦ୍ଧି କରିଥାଏ । ଶିକ୍ଷା ଅର୍ଥନୈତିକ ବିକାଶର ଏକ ବୁଦ୍ଧିମାନ ନୀତି । ସେଥିପାଇଁ ଆମେ ପ୍ରସ୍ତାବ ଦେଉଯେ ସର୍ବଜନ ଶିକ୍ଷା ଜାତୀୟ ନିରାପତ୍ତା ନୀତିରେ ପ୍ରାଥମିକତା ପାଇବା ଉଚିତ । ଶିକ୍ଷା ପ୍ରାପ୍ତିର ସୁଯୋଗ ଅର୍ଥନୀତିକୁ ସୁଦୃଢ଼ କରିବ, ତା'ର ବୃଦ୍ଧି ନିଶ୍ଚିତ କରିବ, ପ୍ରତ୍ୟେକ ଶିଳ୍ପଦ୍ୟୋଗରେ ବୈଷୟିକ ଉଦ୍ଭାବନ ଓ ଉନ୍ନତି ଆଣିବ, ଓ ଶିକ୍ଷା ସୃଷ୍ଟ ବୈଷମ୍ୟରୁ ଜାତ ସାମାଜିକ-ଅର୍ଥନୈତିକ ସମସ୍ୟାଗୁଡିକ ଦୂର କରିବାକୁ ନାଗରିକ ମାନଙ୍କୁ ସକ୍ଷମ କରିବ । ଆଜିକାର ବିଜ୍ଞାନ ଓ କାରିଗରୀ ଛାତ୍ର କାଲିକାର ଡାକ୍ତର, ଯନ୍ତ୍ରୀ ହୋଇ ନୂଆ କୌଶଳ ଓ ଉଦ୍ଭାବନ କରି ସମାଜର ଭବିଷ୍ୟତ ସମସ୍ୟା ସମାଧାନ କରିବ । ନୂଆ କୌଶଳର ବ୍ୟବହାର କରି ଲୋକଙ୍କ ଜୀବନରକ୍ଷା କରିବ । ଶିକ୍ଷାରେ ନିବେଶ କେବଳ ରାଷ୍ଟ୍ରର ମଙ୍ଗଳ କରିବ ନାହିଁ, ବରଂ ତାହା ଭବିଷ୍ୟତର ନେତା ଓ ସମସ୍ୟା ନିବାରକ ସୃଷ୍ଟି କରିବାରେ ସହାୟକ ହେବ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭବିଷ୍ୟତର ଅର୍ଥନୈତିକ ସଫଳତା ଓ ଯୌଥ ସମୃଦ୍ଧି ପାଇଁ ରାଷ୍ଟ୍ରର ନିବେଶ ଉପାୟଗୁଡିକ ନାଗରିକଙ୍କର ଉତ୍ପାଦନ କ୍ଷମତା ବୃଦ୍ଧି କରାଇବ । ସେହି ଉପାୟଗୁଡିକ ମଧ୍ୟରୁ ଶିକ୍ଷା ହେଉଛି ଅନ୍ୟତମ । ସଠିକ ଶିକ୍ଷା ପାଇଥିବା ଜନବଳ ରାଷ୍ଟ୍ରର ନିରାପତ୍ତା ଓ ସମୃଦ୍ଧିରେ ସହାୟକ ହେବ ।

**ଅନ୍ତର୍ଜାତୀୟ ନିରାପତ୍ତା ଓ ଶିକ୍ଷା:** ଅନ୍ତର୍ଜାତୀୟ ସ୍ତରରେ ନିରାପତ୍ତା ପ୍ରସଙ୍ଗ କେବଳ ସାମରିକ କାର୍ଯ୍ୟପଦ୍ଧତି ଓ କୌଶଳରେ ସୀମିତ ନୁହେଁ । ଅନ୍ୟ କାର୍ଯ୍ୟକର୍ତ୍ତା (ରାଷ୍ଟ୍ର ଓ ଅଣରାଷ୍ଟ୍ର ଅନୁଷ୍ଠାନ) ତୁଳନାରେ ଜାତୀୟ ନିରାପତ୍ତା ନିଶ୍ଚିତ କରିବା ନିମିତ୍ତ ନୂତନ ଦୃଷ୍ଟିକୋଣର ଆବଶ୍ୟକତା ଅଛି । ବର୍ତ୍ତମାନର ଦୃଷ୍ଟିକୋଣ ପୁରାତନକୁ ଛାଡି କିଛି ନୂଆ ଚିନ୍ତାଧାରା- ନିରାପତ୍ତା ଏବଂ ବିକାଶର ମିଳନ, ଦେଉଛି । ଶୀତଳ ଯୁଦ୍ଧର ପରିସମାପ୍ତି ପରେ ଅନ୍ତର୍ଜାତୀୟ ସ୍ତରରେ ନିରାପତ୍ତା କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆସିଛି ଓ ତାହା ଶିକ୍ଷା ସହିତ ନିବିଡ ଭାବରେ ଜଡିତ । ଜାତୀୟ ନୀତି ନିର୍ଦ୍ଧାରକମାନେ ନିରାପତ୍ତା ସହିତ ବିକାଶ ଓ ଶିକ୍ଷାକୁ ଯୋଡିବା ପାଇଁ ବାଟ ଖୋଜୁଛନ୍ତି ।

ଆମେ ପ୍ରଥମେ ଅନ୍ତର୍ଜାତୀୟ ବିକାଶ ଓ ସଂଘର୍ଷର ସଂପର୍କ ବିଷୟରେ ଆଲୋଚନା କରିବା । ନ୍ୟୁୟର୍କର ପୃଥିବୀ ବାଣିଜ୍ୟ କେନ୍ଦ୍ରର ଦୁର୍ଘଟଣା ପରେ ବୋଧ କରାଗଲା ଯେ ସ୍ୱଳ୍ପଆୟ ଦେଶଗୁଡିକର ବିକାଶର ଅସଫଳତା ଅତିଶିଳ୍ପବିକଶିତ ରାଷ୍ଟ୍ରଗୁଡିକରେ କେମିତି ଭୟାବହ ଫଳାଫଳ ଦେଖାଉଛି । ଆହୁରି ମଧ୍ୟ, ଅନ୍ତର୍ଜାତୀୟ ବିକାଶ ମାଧ୍ୟମରେ କିପରି "ହୃଦୟ ଓ ମନ ଜୟ କରିହେବ", ଏପରି ଚିନ୍ତାଧାରାର ପୁନଃ ଉତ୍ଥାପନ ଦେଖିବାକୁ ମିଳୁଛି । ଶିକ୍ଷା ଉପରେ ଦୃଷ୍ଟିନିବେଶ ପ୍ରାଥମିକ ଭାବରେ ମାନବିକ ଅଧିକାର କାର୍ଯ୍ୟସୂଚୀ ଅନ୍ତର୍ଗତ ଥିଲା । ଅନ୍ତର୍ଜାତୀୟ

ନୀତି ନିର୍ଦ୍ଧାରକମାନେ ଅନୁଭବ କଲେ ଯେ 'ସମସ୍ତଙ୍କ ପାଇଁ ଶିକ୍ଷା' (EFA - Education for All)ର ଲକ୍ଷ୍ୟ ହାସଲ, ସଂଘର୍ଷରତ ଭୂଖଣ୍ଡଗୁଡ଼ିକୁ ଅଣଦେଖାକଲେ ଅସମ୍ଭବ ହେବ । ଯେତେବେଳେ ଅନ୍ତର୍ଜାତୀୟ ମାନବୀୟ ହସ୍ତକ୍ଷେପ ବିସ୍ତାରିତ ହେଲା ସେତେବେଳେ ସଂଘର୍ଷରତ ଓ ସଂଘର୍ଷୋତ୍ତର ଭୂଖଣ୍ଡଗୁଡ଼ିକରେ ଶିକ୍ଷା ପ୍ରସାରର ଗୁରୁତ୍ୱ ଅନୁଭବ କରାଗଲା । ଖାଦ୍ୟ ଓ ବାସଗୃହ ପରି ଆସ୍ତେ ଆସ୍ତେ ଶିକ୍ଷା ମାନବୀୟ ବିକାଶର ମଧ୍ୟ ଅନ୍ତରଙ୍ଗ ନିର୍ମାଣ ଉପାଦାନ ହେଲା ଏବଂ ସଂଘର୍ଷ ପରିସ୍ଥିତିରେ ଏକ ଅତ୍ୟାବଶ୍ୟକୀୟ ଓ ଶ୍ରେଷ୍ଠ ମାନବିକ ପ୍ରତିକ୍ରିୟା ଭାବରେ ପରିଗଣିତ ହେଲା ।

ବର୍ତ୍ତମାନ ସମସ୍ତେ ଅନୁଭବ କରୁଛନ୍ତିଯେ ସଂଘର୍ଷରତ ଓ ସଂଘର୍ଷୋତ୍ତର-ପରିସ୍ଥିତିରେ ଶିକ୍ଷାର ଭୂମିକା ସମ୍ଭାବ୍ୟ ଉତ୍ପ୍ରେରକ ଓ ପ୍ରତିଷେଧକ ଭାବରେ କାର୍ଯ୍ୟ କରିପାରିବ । ମଧ୍ୟପ୍ରାଚ୍ୟର କେତେକ ରାଷ୍ଟ୍ରରେ ଓ ଆମ ପଡୋଶୀ ରାଷ୍ଟ୍ର ପାକିସ୍ଥାନରେ ଉଗ୍ରବାଦୀ ମଦ୍ରାସାଗୁଡ଼ିକ ଆତଂକବାଦୀ ପ୍ରଶିକ୍ଷଣ କେନ୍ଦ୍ରଭାବରେ କାର୍ଯ୍ୟ କରୁଛନ୍ତି ଓ ଅପାଠୁଆ / ଅଳ୍ପପାଠୁଆ ଛାତ୍ର, ଯୁବକମାନଙ୍କୁ ଆତଂକବାଦୀ ଗୋଷ୍ଠୀରେ ସାମିଲ କରୁଛନ୍ତି । ଏଭଳି ଭୀଷଣ ପରିସ୍ଥିତିଯୋଗୁଁ ନିରାପତ୍ତା ବିଶେଷଜ୍ଞ, ନୀତି ନିର୍ଦ୍ଧାରକ ଏବଂ ଅନ୍ତର୍ଜାତୀୟ ବିକାଶ ଅନୁଷ୍ଠାନଗୁଡ଼ିକ, ସଂଘର୍ଷ ଘଟୁଥିବା ସ୍ଥାନରେ ଶିକ୍ଷାର ମହତ୍ତ୍ୱ ବୁଝିପାରୁଛନ୍ତି । ତେଣୁ, ନିଜ ରାଷ୍ଟ୍ରର ଶିକ୍ଷା ସହିତ ବିଦେଶରେ ଶିକ୍ଷାଦାନ "ହୃଦୟ ଓ ମନ ଜୟ କରି" ବିଦ୍ରୋହ ପଶମିତ କରିବା ଏକ "ନରମ ଶକ୍ତି" (Soft power) ବା ଉପାୟ ଭାବରେ ଗ୍ରହଣ କରାଯାଉଛି ।

ନିମ୍ନରେ ଆମେ ଅନ୍ତର୍ଜାତୀୟ ନିରାପତ୍ତା ପ୍ରସଙ୍ଗରେ ଶିକ୍ଷାର ଉପଯୋଗିତା ଆଲୋଚନା କରିବା । ଆମେ ଶିକ୍ଷା ସହିତ ନିରାପତ୍ତା / ବିକାଶର ସଂପର୍କ ତିନୋଟି ଦିଗରୁ ତର୍ଜମା କରିବା – (୧) ମାନବିକ ଅଧିକାର ଓ ମାନବିକ ନିରାପତ୍ତା; (୨) ବିଦ୍ରୋହ ପ୍ରଶମନ ନୀତି ଭାବରେ ଏବଂ (୩) ବିଦ୍ରୋହ ପ୍ରଶମନ ସିଦ୍ଧାନ୍ତ ଭାବରେ ।

**(୧) ମାନବିକ ଅଧିକାର ଓ ମାନବିକ ନିରାପତ୍ତା:** ଏହି ଦୃଷ୍ଟିକୋଣ ମିଳିତ ଜାତିସଂଘର ଅନୁଷ୍ଠାନ ଓ ବେସରକାରୀ ସଂସ୍ଥା ଗୁଡ଼ିକର ଅବଦାନ । ଏହା ନିରାପତ୍ତାକୁ ଏକ ବିସ୍ତୃତ ପରିପୂର୍ଣ୍ଣ ତତ୍ତ୍ୱ ହିସାବରେ ଦେଖେ – ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟ ସୁରକ୍ଷା, ପରିବେଶ ସୁରକ୍ଷା, ଗୋଷ୍ଠୀ ନିରାପତ୍ତା, ବ୍ୟକ୍ତିଗତ ସୁରକ୍ଷା ଇତ୍ୟାଦି । ଏହା ମୂଳତଃ ମାନବିକ ଅଧିକାର ଆଇନ ଉପରେ ପର୍ଯ୍ୟବସିତ ଯେଉଁଥିରେ ଶିକ୍ଷା ଅଧିକାର ଲିପିବଦ୍ଧ ହୋଇଛି । ମାନବିକ ନିରାପତ୍ତା-ଶିକ୍ଷା ପଦ୍ଧତି ଚାରୋଟି ଶବ୍ଦରେ ଦୃଷ୍ଟିନିବେଶ କରେ– ସୁଗମତା, ସମାଯୋଜିତା, ସହଜଲଭ୍ୟତା ଓ ସ୍ୱୀକାର୍ଯ୍ୟତା (the four '**A**'s of education- accessibility, adaptability, availability and acceptability) । ଜାତିସଂଘ ପ୍ରାୟୋଜିତ "ମାନବିକ ହସ୍ତକ୍ଷେପ" ନୀତିରେ ମାନବିକ ନିରାପତ୍ତା ସପକ୍ଷବାଦୀମାନେ କେତେକ ନିର୍ଦ୍ଧାରିତ ନିୟମ ଓ ମାନ୍ୟତା ଅନୁସରଣ କରନ୍ତି ଯାହା ନିରନ୍ତର ବିକାଶ ଓ ଶିକ୍ଷାକୁ ଏକିକୃତ ଦୃଷ୍ଟିକୋଣରେ ଦେଖିବାକୁ ଗୁରୁତ୍ୱ ଦିଏ ।

**(୨) ବିଦ୍ରୋହ ପ୍ରଶମନ ନୀତି ଓ ମାନବିକ ନିରାପତ୍ତା ତତ୍ତ୍ୱ:** ଏହି ଦୃଷ୍ଟିକୋଣ ଶିକ୍ଷା ଓ ବିକାଶାର୍ଥେ ସହାୟତା ପଶ୍ଚିମା ଦାତା ରାଷ୍ଟ୍ରଗୁଡ଼ିକର ନିରାପତ୍ତାରେ କିପରି ସହାୟକ ହେଉଛି, ତା ଉପରେ ଦୃଷ୍ଟିନିବେଶ କରୁଛନ୍ତି । UNDP ବିବୃତି ଏହି ସମ୍ପର୍କକୁ ଚିହ୍ନଟ କରିଛି: "ଗରିବ ରାଷ୍ଟ୍ରଗୁଡ଼ିକର ବିକାଶ ବିଶ୍ୱ ଶାନ୍ତି ଓ ସାମୂହିକ

ନିରାପତ୍ତା ଉଦ୍ଦେଶ୍ୟ ସଂଗ୍ରାମରେ ଆଗଧାଡିର ସୁରକ୍ଷା କବଚ । .......ଯଦ୍ୟପି ଦାରିଦ୍ର୍ୟ ଓ ଗୃହ ଯୁଦ୍ଧର କୌଣସି ସ୍ୱତଃପ୍ରବୃତ୍ତ ସଂପର୍କ ଦେଖାଯାଉନାହିଁ, ହିଂସାତ୍ମକ ଫଳାଫଳ ସେହିସ୍ଥାନରେ ଦେଖାଯିବାର ସମ୍ଭାବନା ଅଧିକ ଯେଉଁଠାରେ ସମାଜଗୁଡିକ ଗଭୀର ଗୋଷ୍ଠୀବାଦ, ଦୁର୍ବଳ ପ୍ରଶାସନ ଓ ଦୀର୍ଘକାଳୀନ ନିର୍ଦ୍ଧନତା ଦେଖାଯାଏ । ଆତଂକବାଦର ବିପଦ ଆଶଂକା ଏକ ଜାଗତିକ ପ୍ରତିକ୍ରିୟା ଆବଶ୍ୟକ କରେ । ଏକ ବିସ୍ତୃତ ଅର୍ଥରେ ମାନବିକ ଅସୁରକ୍ଷା ର ଭୟ ଓ ଆଶଂକା ସେହିପରି ପ୍ରତିକ୍ରିୟା ଅବଶ୍ୟକ କରେ । ପ୍ରକୃତରେ, ଆତଂକବାଦ ବିରୁଦ୍ଧ ଯୁଦ୍ଧ କେବେବି ଜୟ କରାଯାଇପାରିବ ନାହିଁ ଯଦି ମାନବିକ ନିରାପତ୍ତାକୁ ବିସ୍ତୃତ ଓ ଶକ୍ତିଶାଳୀ କରାଯିବନାହିଁ । ଏଭଳି ଚିନ୍ତାଧାରା ସଂଘର୍ଷର ଅନ୍ତର୍ନିହିତ କାରଣକୁ ଦୃଷ୍ଟିକୁ ଆଣେ ।

**(୩) ବିଦ୍ରୋହ ପ୍ରଶମନ ସିଦ୍ଧାନ୍ତ ଓ ମାନବିକ ନିରାପତ୍ତା ତତ୍ତ୍ୱ:** ବିଦ୍ରୋହ ପ୍ରଶମନ ସିଦ୍ଧାନ୍ତ ଭାବରେ ଏହା ନମ୍ର ଓ ଶକ୍ତ କ୍ଷମତାର (Soft Power and Hard Power) ମିଶ୍ରଣ କରିଥାଏ ଏବଂ ଉଭୟ ନାଗରିକଙ୍କର ଓ ବିଦ୍ରୋହୀ ମାନଙ୍କର ନିୟନ୍ତ୍ରଣ ଲକ୍ଷ୍ୟ ରଖିଥାଏ । "ନରମ କ୍ଷମତା" ଭାବରେ ଓ "ହୃଦୟ ଓ ମନ ଜୟ କରିବାର" କାର୍ଯ୍ୟସୂଚୀରେ ଶିକ୍ଷାର ସ୍ଥାନ ମହତ୍ତ୍ୱପୂର୍ଣ୍ଣ । ଏଭଳି ଚିନ୍ତାଧାରା ଯାହାର ସୂତ୍ର ହେଉଛି, ଶିକ୍ଷା+ନିରାପତ୍ତା+ବିକାଶ, ସେଥିରେ ଶିକ୍ଷା ବିଦ୍ରୋହ ପ୍ରଶମନ ପ୍ରକ୍ରିୟାରେ ଏକ ମୁଖ୍ୟ ଅସ୍ତ୍ର ଭାବରେ କାର୍ଯ୍ୟକରେ: ବିଦ୍ରୋହମୁଖୀ ଯୁବକମାନଙ୍କୁ ବିଦ୍ୟାଳୟ ମରାମତି କାର୍ଯ୍ୟକ୍ରମ, ଉଗ୍ରବାଦ ନିବାରଣ କୌଶଳ ଉପଯୋଗ, ବୈଷୟିକ ଶିକ୍ଷା ପ୍ରଦାନ ଇତ୍ୟାଦି ମାଧ୍ୟମରେ ଆକୃଷ୍ଟ କରି ବିଦ୍ରୋହ ପ୍ରତି ବିତୃଷ୍ଣା ଜାଗୃତ ସମ୍ଭାବନା ଥାଏ । ସାମରିକ କାର୍ଯ୍ୟ ବା ସ୍ଥାନୀୟ ଲୋକଙ୍କୁ ସନ୍ତୁଷ୍ଟ କରିବାପାଇଁ ଶିକ୍ଷା ଏକ ପାରଦର୍ଶୀ ମାଧମ । ପାଶ୍ଚାତ୍ୟ ସେନାର ନିରାପତ୍ତାରେ ଶିକ୍ଷାର ବ୍ୟବହାର ହେଉଛି । ଏହା କ୍ଷଣିକ ଲାଭ ଦେଇପାରେ, କିନ୍ତୁ ଭବିଷ୍ୟତରେ ଏହା ଦୀର୍ଘକାଳୀନ ଓ ନିରନ୍ତର ବିକାଶ ପ୍ରତି କ୍ଷତିକାରକ ହୋଇପାରେ ।

| ନିରାପତ୍ତାର ପ୍ରକାର | ମୁଖ୍ୟ ବିପଦର ଉଦାହରଣ |
|---|---|
| ଅର୍ଥନୈତିକ ନିରାପତ୍ତା | ଚୀର ଦାରିଦ୍ର୍ୟ, ବେକାରୀ |
| ଖାଦ୍ୟ ନିରାପତ୍ତା | କ୍ଷୁଧା, ମରୁଡି |
| ସ୍ୱାସ୍ଥ୍ୟ ନିରାପତ୍ତା | ମାରାତ୍ମକ ସଂକ୍ରାମକ ରୋଗ, ଅସୁରକ୍ଷିତ ଖାଦ୍ୟ, କୁପୋଷଣ, ସ୍ୱାସ୍ଥ୍ୟର ସର୍ବନିମ୍ନ ସୁବିଧାର ଅଭାବ |
| ପରିବେଶ ନିରାପତ୍ତା | ପର୍ଯ୍ୟାବରଣୀୟ ଦୁର୍ଦ୍ଦଶା, ସଂସାଧନର କ୍ଷୟ (କ୍ଷରଣ), ଦୈବୀ ଦୁର୍ବିପାକ, ପ୍ରଦୂଷଣ |
| ବ୍ୟକ୍ତିଗତ ନିରାପତ୍ତା | ଶାରିରୀକ କ୍ଷତି, ଅପରାଧ, ଆତଙ୍କବାଦ, ଘରୋଇ ହିଂସା, ଶିଶୁ ଶ୍ରମ |
| ଗୋଷ୍ଠୀ ନିରାପତ୍ତା | ସାଂସ୍କୃତିକ, ଧର୍ମୀୟ ଓ ଅନ୍ୟାନ୍ୟ ପରିଚୟ ପର୍ଯ୍ୟବସିତ ଉତ୍ତେଜନା |
| ରାଜନୈତିକ ନିରାପତ୍ତା | ରାଜନୈତିକ ଦମନ ଓ ମାନବିକ ଅଧିକାରର ଦୁରୁପଯୋଗ |

ଉପଯୋଗିତା ଓ ପରିସର ବାବଦ ଚର୍ଚ୍ଚା ଯାହା ହେଉନା କାହିଁକି ପାରମ୍ପାରିକ ନିରାପତ୍ତା ଧାରଣା ଯାହା ରାଷ୍ଟ୍ର ସାର୍ବଭୌମତ୍ୱ ଉପରେ ଦୃଷ୍ଟିନିବଦ୍ଧ କରିଥାଏ, ବର୍ତ୍ତମାନ ମାନବିକ ନିରାପତ୍ତା ତତ୍ତ୍ୱ, ତାହା ଯଥେଷ୍ଟ ନୁହେଁ କହୁଛି, ମାନବ ନିରାପତ୍ତା ତତ୍ତ୍ୱ ଏବଂ ବିଶ୍ୱ ସମାଜ ଜଗତୀକରଣ ଯୁଗରେ ଲୋକଙ୍କର ଅନ୍ତର୍ଦେଶୀୟ ବିପଦରୁ ସୁରକ୍ଷା ନିଶ୍ଚିତ କରିବା ପାଇଁ ନୂତନ ଉତ୍ତର ସବୁର ବିକାଶ କରିବା ଉଚିତ ବୋଲି ମଧ୍ୟ କହୁଛି । ମାନବିକ ନିରାପତ୍ତା ବିଶ୍ୱ ସମାଜକୁ ମାନବର ନିରାପତ୍ତା ସକାଶେ ନୂଆ ନୂଆ କୌଶଳ ଆବିଷ୍କାର କରିବାକୁ ଆହ୍ୱାନ ଦେଉଛି । ଯାହା ଆଗନ୍ତୁକ ଜଟିଳ ଅନ୍ତର୍ଦେଶୀୟ ବିପଦଗୁଡ଼ିକୁ ସମ୍ମୁଖୀନ ହେବାପାଇଁ ଏକ ମାଧ୍ୟମ ହେବ । କାରଣ ସେ ବିପଦଗୁଡ଼ିକର ପ୍ରଭାବ ପାରମ୍ପାରିକ ଯୁଦ୍ଧ ଅପେକ୍ଷା ଆହୁରି ମାରାତ୍ମକ ହେବ ।

ପାରମ୍ପାରିକ ଅର୍ଥରେ, ନିରାପତ୍ତାକୁ କେବଳ ରାଷ୍ଟ୍ରକୁ ସାମରିକ ବିପଦରୁ ରକ୍ଷା କରିବା ବୁଝାଯାଉଥିଲା । ଆସ୍ତେ ଆସ୍ତେ ନିରାପତ୍ତା ତତ୍ତ୍ୱ କିଛି ନୂତନ ପ୍ରକ୍ରିୟାକୁ ପ୍ରତିବିମ୍ବିତ କରୁଛି । ଅର୍ଥନୈତିକ ପ୍ରଗତିର ପରମ୍ପରାଗତ ଅର୍ଥକୁ ବିରୋଧ କରି ତା ବଦଳରେ ମାନବ ବିକାଶକୁ ସାମିଲ କରିବାର ପ୍ରୟାସରୁ ଏହି ପ୍ରକ୍ରିୟା ଆହୁରି ଶାଣିତ ହୋଇଛି । ୟୁରୋପରେ ଗଣହତ୍ୟା, ୧୯୯୭ର ଏସିଆରେ ଅର୍ଥନୈତିକ ସଂକଟ ଓ ଜାଗତିକ ସଂକ୍ରାମକ ରୋଗର ପ୍ରାଦୁର୍ଭାବ ଦେଖାଗଲା ପରେ ମାନବିକ ନିରାପତ୍ତା କଥାକୁ ଗୁରୁତ୍ୱ ଦିଆଯାଇଛି । ବର୍ତ୍ତମାନ ପ୍ରଚଳିତ ମାନବ ନିରାପତ୍ତା ତତ୍ତ୍ୱ ଏକ ପ୍ରଚେଷ୍ଟା ଯେଉଁଥିରେ ବ୍ୟକ୍ତିକୁ ରାଷ୍ଟ୍ରୀୟ ଓ ଅନ୍ତର୍ଜାତୀୟ ନିରାପତ୍ତା ଚିନ୍ତାର କେନ୍ଦ୍ରବିନ୍ଦୁ କରାଯାଇଛି । ଆସୁଥିବା ବିପଦଗୁଡ଼ିକର ବୋଧଗମ୍ୟତାକୁ ବିସ୍ତର କରାଯାଇ, ଯୁଦ୍ଧ ସହିତ ସାମାଜିକ, ଅର୍ଥନୈତିକ ତଥା ପ୍ରାକୃତିକ ଦୁର୍ଦ୍ଦଶାଗୁଡ଼ିକୁ ସଂଯୋଜିତ କରି ମାନବିକ ନିରାପତ୍ତା ପ୍ରତି ଆହ୍ୱାନ ଗୁଡ଼ିକୁ ସମ୍ମୁଖୀନ ହେବାକୁ ଚେଷ୍ଟା କରୁଛି । ପ୍ରକୃତରେ ମାନବିକ ନିରାପତ୍ତାକୁ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ, ଏକ ସର୍ବଜନାଦୃତ ତତ୍ତ୍ୱ ବା ନୀତି ନିର୍ଦ୍ଧାରଣ ପନ୍ଥା ଭାବରେ ଗ୍ରହଣୀୟ ହେବାପାଇଁ ଆହୁରି ସମୟ ଲାଗିବ ।

ଯୁଦ୍ଧ, ଦାରିଦ୍ର୍ୟ, ରୋଗ ଓ ପରିବେଶର ପରସ୍ପର ସମ୍ପର୍କର ଯୋଜକଗୁଡ଼ିକୁ ଏ ପର୍ଯ୍ୟନ୍ତ ସଠିକ ଭାବରେ ବୁଝାଯାଇନାହିଁ । ସେଥିପାଇଁ ତା'ର ସ୍ପଷ୍ଟିକରଣ ଓ ପୁଙ୍ଖାନୁପୁଙ୍ଖ ଆଲୋଚନାର ଆବଶ୍ୟକତା ରହିଛି । ତଥାପି ଏହା କୁହାଯାଇପାରେଯେ, ମାନବିକ ନିରାପତ୍ତା ପ୍ରକୃତରେ ଭୟରୁ ମୁକ୍ତି ହେଉ ବା ଅଭାବରୁ ମୁକ୍ତି, ଉଭୟ ଦୃଷ୍ଟିକୋଣ, ବିଶ୍ୱବାସୀଙ୍କ ପାଇଁ ଆହ୍ୱାନ ଯାହାକୁ ଆମେ ଦ୍ୱନ୍ଦ୍ୱାତ୍ମକ ମତ କହି ଦୃଷ୍ଟିରୁ ଅପସାରଣ ବା ନାକଚ କରିପାରିବାନାହିଁ ।

**ମାନବିକ ନିରାପତ୍ତା ତତ୍ତ୍ୱର କେତେକ ସମାଲୋଚନା ନିମ୍ନ ଭାବରେ କରାଯାଇଥାଏ:**

(୧) ମାନବିକ ନିରାପତ୍ତା ଏତେ ବ୍ୟାପକ ଯେ, ବିଶ୍ଳେଷଣ ପଦ୍ଧତି ଭାବରେ ଏହା ମୂଲ୍ୟହୀନ କିମ୍ବା ନୀତି ନିର୍ଦ୍ଧାରଣ ପାଇଁ ଆଧାରହୀନ ।

(୨) ଏହା ହିଂସା ପୀଡିତଙ୍କ ମନରେ ସହାୟତାର ମିଥ୍ୟା ଆଶାର ସଞ୍ଚାର କରିଥାଏ ଯାହା ଅନ୍ତର୍ଜାତୀୟ ସମୁଦାୟ ଦେବାକୁ ଅକ୍ଷମ ବା ଇଚ୍ଛା କରିବନାହିଁ ।

(୩) ଏହି ତତ୍ତ୍ୱ ନାଗରିକ ମାନଙ୍କର ନିରାପତ୍ତାରେ ରାଷ୍ଟ୍ରର ଭୂମିକାକୁ ଉପେକ୍ଷା କରିଥାଏ ।

## ବ୍ୟବହୃତ ଶବ୍ଦ

ବାସ୍ତବବାଦୀ – ଅନ୍ତର୍ଜାତୀୟ ରାଜନୀତିରେ ଯେଉଁ ପଣ୍ଡିତମାନେ ରାଷ୍ଟ୍ର ଏବଂ ତା'ର କ୍ଷମତାକୁ ଆଲୋଚନାର ଆଧାରବିନ୍ଦୁ କରିଥାନ୍ତି ।

ଡ୍ରେଡନଟ – ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ଯୁଦ୍ଧ ଯାହାଜ ।

ମାନ୍ୟତା – ମୂଲ୍ୟବୋଧ ।

ଉତ୍ତର ଓ ଦକ୍ଷିଣ ରାଷ୍ଟ୍ର – ସାଧାରଣତଃ ପୃଥିବୀର ଧନୀ ରାଷ୍ଟ୍ରଗୁଡିକ ବିଷୁବ ରେଖାର ଉତ୍ତରରେ ଓ ଗରିବ ରାଷ୍ଟ୍ରଗୁଡିକ ଦକ୍ଷିଣରେ ଅବସ୍ଥିତ ।

ଅସ୍ତ୍ରଦୌଡ – ବିଭିନ୍ନ ରାଷ୍ଟ୍ର ମାନଙ୍କ ମଧ୍ୟରେ ହେଉଥିବା ଅସ୍ତ୍ର ପ୍ରତିଯୋଗିତା ।

କ୍ଷେପଣାସ୍ତ୍ର ବ୍ୟବଧାନ (Missile Gap) – ପ୍ରତିଯୋଗୀ ରାଷ୍ଟ୍ର ମାନଙ୍କ ମଧ୍ୟରେ ଥିବା କାଳ୍ପନିକ ବା ବାସ୍ତବିକ ମାରାତ୍ମକ କ୍ଷେପଣାସ୍ତ୍ର ସାମର୍ଥ୍ୟର ବ୍ୟବଧାନ ।

ମହାଶକ୍ତି – ଶୀତଳ ଯୁଦ୍ଧ ସମୟର ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ ସଂଘ ପୃଥିବୀର ସମସ୍ତ ରାଷ୍ଟ୍ର ତୁଳନାରେ ଅଧିକ ଶକ୍ତିଶାଳୀ ଥିଲେ ।

ନିରାପତ୍ତା ଦ୍ୱିଧା – ମନରେ ସଂଶୟ, ଯୁଦ୍ଧ ବନାମ ଶକ୍ତି ପ୍ରଦର୍ଶନ, ଅଧିକ ଅସ୍ତ୍ର ଉତ୍ପାଦନ ବନାମ କମ୍ ଅସ୍ତ୍ର ଇତ୍ୟାଦି ।

ଦ୍ୱେଷ ଅଭିଯାନ (hate campaigns) - କୌଣସି ଦେଶ ବା ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ଜାତି ବା ବର୍ଣ୍ଣର ବିରୁଦ୍ଧରେ ଘୃଣାର ବାତାବରଣ ସୃଷ୍ଟି କରିବା ।

ଜାତୀୟ ଉନ୍ମାଦ (nationalist xenophobia) – କୌଣସି ଦେଶରେ ଏକ ନିର୍ଦ୍ଦିଷ୍ଟ ବିଷୟରେ ଅତ୍ୟଧିକ ଦେଶଭକ୍ତିର ପ୍ରଦର୍ଶନ ମାଧ୍ୟମରେ ଅଶାଳୀନ ଓ ଅନୈତିକ କାର୍ଯ୍ୟକୁ ସମର୍ଥନ ଦେବା ।

ପ୍ରଜାତି ନିର୍ମୂଳ (ethnic cleansings) – କୌଣସି ଦେଶ ବା ଅଞ୍ଚଳରେ ଏକ ନିର୍ଦ୍ଦିଷ୍ଟ ଜାତି ବା ବର୍ଣ୍ଣର ଗଣହତ୍ୟା ମାଧ୍ୟମରେ ମୂଳୋତ୍ପାଟନ ।

ଉତ୍ପ୍ରେରକ – catalyst

ଡେଙ୍ଗି ଜ୍ୱର (dengue fever) – ଓଡିଆରେ ଆମେ ଡେଙ୍ଗୁ କହୁ କିନ୍ତୁ ଇଂରାଜୀ ଉଚ୍ଚାରଣ ହେଉଛି ଡେଙ୍ଗି ।

ଶୀତଳଯୁଦ୍ଧ – ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଯୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ ସଂଘ ମଧ୍ୟରେ ଥିବା ମନୋମାଳିନ୍ୟ ଓ ଉଦ୍‌ବେଗପୂର୍ଣ୍ଣ ସମ୍ପର୍କ ଯୁଦ୍ଧ ନଥାଇ ଯୁଦ୍ଧର ପ୍ରସ୍ତୁତି ରହୁଥିଲା । ଦୁଇ ଦେଶ ପରସ୍ପର ବିରୁଦ୍ଧରେ ଛାୟାଯୁଦ୍ଧରେ ଲିପ୍ତ ରହୁଥିଲେ ।

ପ୍ରବାସ – ଲୋକମାନଙ୍କର ନିଜ ଭିଟାମାଟିରୁ ଦୂର ସ୍ଥାନକୁ ଯାଇ ସେଠାରେ ସ୍ଥାୟୀ ବସବାସ କରିବା । ଏହା ପ୍ରାୟତଃ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ମଧ୍ୟ ହୋଇପାରେ ।

# ଆଦର୍ଶ ପ୍ରଶ୍ନାବଳୀ

## ବିଭାଗ - 'କ'

୧. ନିମ୍ନ ପ୍ରଦତ୍ତ କେଉଁ ଗୁଡିକ "ପାରମ୍ପାରିକ ନିରାପତ୍ତା" ତତ୍ତ୍ୱର ଉପାଦାନ ନୁହେଁ ? ଦିଆଯାଇଥିବା ସଂକେତ ଅନୁସାରେ ଉତ୍ତର ଚିହ୍ନଟ କର ।

A. ଅସ୍ତ୍ରଦୌଡ

B. ଅସମାନତାର ହ୍ରାସ

C. ନିରସ୍ତ୍ରୀକରଣ

D. ସାର୍ବଜନୀନ ଓ ଉଚ୍ଚମାନର ଶିକ୍ଷା

ସଂକେତ : (i) A B (ii) BD (iii) BC (iv) AC

୨. ନିମ୍ନ ପ୍ରଦତ୍ତ କେଉଁ ଗୁଡିକ ଅଣପାରମ୍ପାରିକ ନିରାପତ୍ତା ତତ୍ତ୍ୱର ଉପାଦାନ ଅଟେ ? ଦିଆଯାଇଥିବା ସଂକେତ ଅନୁସାରେ ଉତ୍ତର ଚିହ୍ନଟ କର ।

A. ରୋଗ ନିୟନ୍ତ୍ରଣରେ ବିଶ୍ୱବ୍ୟାପି ସହଯୋଗ

B. ନିରସ୍ତ୍ରୀକରଣ

C. ଉଚ୍ଚମାନର ଯୁଦ୍ଧଜାହାଜ ନିର୍ମାଣ

D. ଦାରିଦ୍ର୍ୟ ଉଚ୍ଛେଦନ

ସଂକେତ : (i) A B (ii) BD (iii) BC (iv) AC

୩. ନିମ୍ନ ପ୍ରଦତ୍ତ କେଉଁଗୁଲଡିକ ଅସ୍ତ୍ରଦୌଡର ବିଶେଷ ଲକ୍ଷଣ ନୁହେଁ ? ଦିଆଯାଇଥିବା ସଂକେତ ଅନୁସାରେ ଉତ୍ତର ଚିହ୍ନଟ କର ।

A. ଅସ୍ତ୍ରଦୌଡ ଖର୍ଚ୍ଚ ବହୁଳ

B. ଅସ୍ତ୍ରଦୌଡ ଏପରି ଅର୍ଥ ବ୍ୟବସ୍ଥା ଆବଶ୍ୟକ କରେ ଯେଉଁଥିରେ ସମସ୍ତ ପକ୍ଷ ଧନୀ ହୋଇଥିବେ ।

C. ଜନସଂଖ୍ୟା ହ୍ରାସ କରି ଆୟ ବୃଦ୍ଧି କରାଏ

D. ଅତି ଉଚ୍ଚ ମାନର ବିଜ୍ଞାନ ଓ ବୈଷୟିକ ଶିକ୍ଷା ବ୍ୟବସ୍ଥା ଆବଶ୍ୟକ କରେ ।

ସଂକେତ : (i) AB (ii) BC (iii) CD (iv) DA

## ବିଭାଗ - 'ଖ'

**ସଂକ୍ଷେପରେ ଲେଖ :**

୧. ନିରାପତ୍ତାର ଦ୍ୱିଧା ମାନେ କ'ଣ ?
୨. "ମାନବିକ ନିରାପତ୍ତା"ର ଅର୍ଥ କ'ଣ ?
୩. ମାନବିକ ନିରାପତ୍ତାର କାର୍ଯ୍ୟସୂଚୀ ରାଷ୍ଟ୍ର ସାର୍ବଭୌମତ୍ୱକୁ କ୍ଷୁର୍ଣ୍ଣ କରେକି ?
୪. ମାନବିକ ନିରାପତ୍ତାର କାର୍ଯ୍ୟକ୍ରମ କେଉଁ ପ୍ରକାର ଅନ୍ତରାଷ୍ଟ୍ରୀୟ ବ୍ୟବସ୍ଥା ଆବଶ୍ୟକ କରୁଛି ?
୫. ମାନବିକ ନିରାପତ୍ତାକୁ ପାରଦର୍ଶୀ କରିବା ପାଇଁ ଅନ୍ତରାଷ୍ଟ୍ରୀୟ ବ୍ୟବସ୍ଥାରେ କି ପ୍ରକାର ସଂସ୍କାର ଆବଶ୍ୟକ ?
୬. ମାନବିକ ନିରାପତ୍ତାର କାର୍ଯ୍ୟକ୍ରମର କଣ କଣ ମୁଖ୍ୟ ସଫଳତା ଦୃଷ୍ଟିଗୋଚର ହେଉଛି ?
୭. ମାନବିକ ନିରାପତ୍ତାର ଭବିଷ୍ୟତ ସଫଳତା ବିଷୟରେ ଲେଖ ।
୮. ଶୀତଳଯୁଦ୍ଧ

**ଟିପ୍ପଣୀ ଦିଅ :**

୧. ଅସ୍ତ୍ର ପ୍ରତିଯୋଗିତାର କେତୋଟି ବିଶେଷ ଲକ୍ଷଣ
୨. ନିରାପତ୍ତା ଦ୍ୱିଧା
୩. ସୋଭିଏତ ସଂଘ ଉପରେ ଅସ୍ତ୍ର ପ୍ରତିଯୋଗିତାର ନକାରାତ୍ମକ ପ୍ରଭାବ
୪. ପାରମ୍ପାରିକ ଓ ଅଣ-ପାରମ୍ପାରିକ ନିରାପତ୍ତା ମଧ୍ୟରେ ପ୍ରଭେଦ
୫. ଅସ୍ତ୍ରଦୌଡର ପ୍ରମୁଖ ଲକ୍ଷଣ
୬. ମାନବିକ ନିରାପତ୍ତା ତତ୍ତ୍ୱର ସମାଲୋଚନା

## ବିଭାଗ-ଗ

୧. ସ୍ୱାସ୍ଥ୍ୟ ସହିତ ନିରାପତ୍ତାର ସମ୍ପର୍କ ଆଲୋଚନା କର ।
୨. ରାଷ୍ଟ୍ରୀୟ ନିରାପତ୍ତାର ପାରମ୍ପାରିକ ଓ ଅଣ-ପାରମ୍ପାରିକ ପରିସର ବିଷୟରେ ଆଲୋକପାତ କର ।
୩. ଶିକ୍ଷା ଓ ନିରାପତ୍ତା କିପରି ଅଙ୍ଗାଙ୍ଗୀ ଭାବରେ ଜଡିତ ବିଷଦ୍ ଭାବରେ ଲେଖ ।
୪. ନିରାପତ୍ତାର ପାରମ୍ପାରିକ ଚିନ୍ତାଧାରା ବିଷୟରେ ଆଲୋଚନା କର ।
୫. ନିର୍ଦ୍ଧନତା ସହିତ ନିରାପତ୍ତାର ସମ୍ପର୍କ ବ୍ୟାଖ୍ୟା କର ।
୬. ସାମ୍ପ୍ରତିକ ଭାରତରେ କେଉଁ ନିରାପତ୍ତାକୁ (ପାରମ୍ପାରିକ ଓ ଅଣ-ପାରମ୍ପାରିକ) କେତେ ଗୁରୁତ୍ୱ ଦିଆଯାଉଛି ଉଦାହରଣ ସହ ଆଲୋଚନା କର ।
୭. ମାନବିକ ଦୃଷ୍ଟିଭଙ୍ଗୀରୁ ନିରାପତ୍ତାର ପୁନଃ ସଂଜ୍ଞା ନିରୂପଣ ରାଷ୍ଟ୍ରର ନିତି ନିର୍ଦ୍ଧାରଣରେ କିପରି ଉପଯୋଗୀ ହୋଇପାରିବ ?

## ବିଭାଗ - 'ଘ'

୧. 'କ' ସ୍ତମ୍ଭ ସହିତ 'ଖ' ସ୍ତମ୍ଭ ମେଳ କର

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ବିଶ୍ୱାସ ଗଠନର ଉପାୟ | କେଉଁ ପ୍ରକାର ଅସ୍ତ୍ର ତ୍ୟାଗକରାଯାଏ |
| A. ଅସ୍ତ୍ର ନିୟନ୍ତ୍ରଣ | ସାମରିକ ଆକ୍ରମଣରୁ ରକ୍ଷା ପାଇବା ପ୍ରତିହତ କରିବା ଉଦ୍ଦେଶ୍ୟରେ ଗଠିତ ରାଷ୍ଟ୍ରଗୁଡ଼ିକର ମେଣ୍ଟ |
| B. ମେଣ୍ଟ /ସନ୍ଧି | ନୂତନ ଅସ୍ତ୍ର ଉଦ୍ଭାବନ ଓ ଆହରଣ ଉପରେ ନିୟନ୍ତ୍ରଣ |
| C. ନିରସ୍ତ୍ରୀକରଣ | ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପ୍ରତିରକ୍ଷା ବାବଦ ସୂଚନାର ନିୟମିତ ଆଦାନପ୍ରଦାନ |

୨. ନିମ୍ନରେ ଦିଆଯାଇଥିବା ବିଷୟଗୁଡ଼ିକୁ କେଉଁ ପ୍ରକାର ନିରାପତ୍ତା ଚିନ୍ତା ରେ ସାମିଲ କରିବା ?– ପାରମ୍ପାରିକ, ଅଣପାରମ୍ପାରିକ ବା ମୋଟେ ନୁହେଁ ?

A. ଚିକନ ଗୁନିୟା / ଡେଙ୍ଗି ଜ୍ୱରର ପ୍ରସାରଣ –

B. ପଡୋଶୀ ଦେଶର ବହୁ ଦିନ ମଜୁରିଆଙ୍କ ଆଗମନ –

C. ନିଜ ଅଞ୍ଚଳକୁ ସ୍ୱାଧୀନ ରାଷ୍ଟ୍ର ଗଠନ କରିବା ପାଇଁ ଗୋଟିଏ ଗୋଷ୍ଠୀର ଦାବି –

D. ନିଜ ଅଞ୍ଚଳକୁ ସ୍ୱାୟତ୍ତ ଶାସନ ପ୍ରଦାନ କରିବା ପାଇଁ ଗୋଟିଏ ଗୋଷ୍ଠୀର ଦାବି –

E. ଏକ ସମ୍ବାଦପତ୍ର ଯାହା ଦେଶର ସେନାବାହିନୀକୁ ସମାଲୋଚନା କରୁଛି –

F. ଆତଂକବାଦୀ ଆକ୍ରମଣ –

❑❑❑

ଦଶମ ଅଧ୍ୟାୟ

# ପରିବେଶ ଓ ପ୍ରାକୃତିକ ସମ୍ପଦ

*"ଜୀବ ଜଗତର ସଂହତି, ସ୍ଥିରତା ଓ ସୌନ୍ଦର୍ଯ୍ୟ ରକ୍ଷାରେ ସହାୟକ କାର୍ଯ୍ୟହିଁ ଯଥୋଚିତ କାର୍ଯ୍ୟ । ଅନ୍ୟଥା ତାହା ଅନୁଚିତ ।"*

-ଆଲ୍‌ଡେଲା ଲିଓପୋଲ୍‌ଡ

**ପାଠ୍ୟ ବିଷୟ :**

- ବିଶ୍ୱ ପରିବେଶ ଜନୀତ ଉଦ୍‌ବେଗ; ବିକାଶ ଓ ପରିବେଷ, ବିଶ୍ୱ ଉଷ୍ଣତା ଓ ଜଳବାୟୁ ପରିବର୍ତ୍ତନ

**କ'ଣ ଜାଣିବା ?**

- ବିଶ୍ୱ ପରିବେଶ ଜନୀତ ଉଦ୍‌ବେଗ

**କ'ଣ ପଢ଼ିବା ?**

- ବିଭିନ୍ନ ପ୍ରକାରର ପ୍ରଦୂଷଣ
- ବିକିରଣ ପ୍ରଦୂଷଣ
- ବିକାଶ ଓ ପରିବେଶ
- ବିଶ୍ୱ ଉତ୍ତପ୍ତତା ଏବଂ ଜଳବାୟୁ ପରିବର୍ତ୍ତନ

ପରିବେଶ ଆନ୍ଦୋଳନ




କାହାକୁ ସମର୍ଥନ ଦେବି ? ଶିଳ୍ପକୁ ନା ପରିବେଶକୁ ?

## ବିଶ୍ୱ ପାରିପାର୍ଶ୍ୱିକ ଉଦ୍‌ବେଗ

ଜୀବଜଗତର ବିଭିନ୍ନ ପ୍ରାଣୀମାନଙ୍କ ମଧ୍ୟରେ ଥିବା ସମ୍ପର୍କ ଏବଂ ସେମାନଙ୍କର ପରିବେଶ ସହିତ ଥିବା ସମ୍ପର୍କର ବୈଜ୍ଞାନିକ ଅଧ୍ୟୟନକୁ ମୋଟାମୋଟି ଭାବରେ ପରିବେଶ ବିଜ୍ଞାନ କୁହାଯାଏ । ବ୍ୟକ୍ତି, ଜନସଂଖ୍ୟା ଏବଂ ସମାଜ ମଧ୍ୟରେ ଥିବା ଜୈବିକ ସମ୍ପର୍କକୁ ନେଇ ଏହି ବିଜ୍ଞାନ ଗଠିତ । ଏହି ବିଜ୍ଞାନ ଜୀବଜଗତ ଓ ଜଡ଼ ଜଗତର ଅନ୍ତଃସମ୍ପର୍କ ବିଷୟରେ ମଧ୍ୟ ଆଲୋକପାତ କରିଥାଏ । ପରିବେଶ ଯେ କେବଳ ଜୀବଜଗତ ସହିତ ସମ୍ପୃକ୍ତ - ଏ ପ୍ରକାରର ଏକ ପାରମ୍ପରିକ ଧାରଣାକୁ ଏବେ ପ୍ରତ୍ୟାଖ୍ୟାନ କରାଯାଉଛି । ପରିବେଶ ବିଜ୍ଞାନ ଯେ କେବଳ ଜୀବ ବିଜ୍ଞାନୀମାନେ ଅଧ୍ୟୟନ କରିପାରିବେ - ଏହି ପ୍ରକାର ଧାରଣା ମଧ୍ୟ ଆଉ ଆଦୃତ ନୁହେଁ । ପରିବେଶ ବିଜ୍ଞାନରେ

ଅନେକ ସାମାଜିକ ଉପାଦାନ ରହିଛି। ଏହି ସାମାଜିକ ଦିଗଟି ଦୀର୍ଘଦିନ ଧରି ଉପେକ୍ଷିତ ଥିଲା। କିନ୍ତୁ ଅଧୁନା ପରିବେଶ ବିଜ୍ଞାନର ଏହି ଦିଗ ଉପରେ ପ୍ରାଧାନ୍ୟ ଦିଆଯାଉଛି। ପରିବେଶ ବିଜ୍ଞାନ ସାମାଜିକ ବିଜ୍ଞାନ ଓ ଅନ୍ୟାନ୍ୟ ବ୍ୟାବହାରିକ ବିଜ୍ଞାନ ସହିତ ସନ୍ନିବେଶିତ। ଇତିହାସ, ସମସାୟିକ ଘଟଣା ଏବଂ ଭବିଷ୍ୟତ ସମ୍ଭାବନାକୁ ଦୃଷ୍ଟିରେ ରଖି ପରିବେଶ ବିଜ୍ଞାନ ମଣିଷ ଓ ତା'ର ପରିପାର୍ଶ୍ୱ ସମ୍ପର୍କିତ ଜ୍ଞାନର ସଂହତି ରକ୍ଷା କରେ। ମୋଟା ମୋଟି ଭାବରେ କହିବାକୁ ଗଲେ ପରିବେଶ ବିଜ୍ଞାନ ହେଉଛି ଜୀବବିଜ୍ଞାନ ଓ ସମାଜ ବିଜ୍ଞାନର ଏକ ସମ୍ମିଳିତ ପ୍ରତିଫଳନ।

୧୯୬୦ ଓ ୧୯୭୦ ଦଶକରେ ପରିବେଶ ସମ୍ପର୍କରେ ଅନେକ ରଚନା ଓ ପୁସ୍ତକ ପ୍ରକାଶିତ ହେଲା। ମଣିଷ ଜୀବନର ସ୍ଥିତି ଓ ପରିବେଶ ମଧ୍ୟରେ ଥିବା ନିବିଡ଼ତା ଦୃଷ୍ଟିରୁ ସେହିସବୁ ଲେଖାଗୁଡ଼ିକ ଲୋକମାନଙ୍କ ମନରେ ଯଥେଷ୍ଟ ପ୍ରଭାବ ପକାଇଥିଲା। ସମଗ୍ର ବିଶ୍ୱରେ ପରିବେଶ ପାଇଁ ପଦଯାତ୍ରା, ଧାରଣା ଓ ପୃଥିବୀ-ଦିବସ (Earth Days) ଅନୁଷ୍ଠିତ ହେଲା। ପରିବେଶ ବିପର୍ଯ୍ୟୟ ମାନବ ଜୀବନ ପ୍ରତି ବିପଦ ଆଣିଥିବାରୁ ସାରା ବିଶ୍ୱରେ ପରିବେଶ ସମସ୍ୟା ନେଇ ଉଦ୍‌ବେଗ ପ୍ରକାଶ ପାଇଲା ଏବଂ ପରିବେଶକୁ ସୁରକ୍ଷିତ ରଖିବା ପାଇଁ ବିଶ୍ୱବାସୀ ଯତ୍ନଶୀଳ ହେଲେ। ବିଶ୍ୱର ଉଭୟ ବିକଶିତ ଓ ବିକାଶଶୀଳ ରାଷ୍ଟ୍ରର ନାୟକମାନେ ହୃଦୟଙ୍ଗମ କଲେ ଯେ ପୃଥିବୀକୁ ଧ୍ୱଂସମୁଖରୁ ବଞ୍ଚାଇବା ନିହାତି ଆବଶ୍ୟକ ଏବଂ ଏହା ପରିବେଶ ସୁରକ୍ଷା ମାଧ୍ୟମରେ ହିଁ ସମ୍ଭବ।

ପରିବେଶର ସଂଜ୍ଞା ବିଭିନ୍ନ ଭାବରେ ନିରୂପଣ କରାଯାଇପାରେ। ଏହା ଆମ ଚାରିପାଖର ସାମାଜିକ, ଅର୍ଥନୈତିକ, ଜୈବିକ, ଭୌତିକ ଓ ରାସାୟନିକ ଉପାଦାନର ସମଷ୍ଟିକୁ ବୁଝାଏ। ସି.ସି. ପାର୍କ (C.C. Park)ଙ୍କ ମତରେ 'ଏକ ନିର୍ଦ୍ଦିଷ୍ଟ ଅବସ୍ଥିତି ଓ ସମୟରେ ମଣିଷ ଚାରିପାଖର ଅବସ୍ଥାର ସମଷ୍ଟିକୁ ହିଁ ପରିବେଶ ଆଖ୍ୟା ଦିଆଯାଇପାରେ। ଏ. ଗାଉଚେ (A. Gouche)ଙ୍କ ମତରେ ପୃଥିବୀର ଭୌତିକ ଉପାଦାନ ସମୂହର ପ୍ରତିନିଧି ହେଉଛି ଆମର ପରିବେଶ ଏବଂ ଏହାକୁ ପ୍ରଭାବିତ କରୁଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଲା 'ମଣିଷ'। ଆକ୍ଷରିକ ଅର୍ଥରେ କହିବାକୁ ଗଲେ ପରିବେଶର ଅର୍ଥ ହେଲା ପ୍ରାଣୀମାନଙ୍କ ପରିପାର୍ଶ୍ୱ ଯାହା ଉପରେ ସେମାନେ ନିଜର ସ୍ଥିତି ପାଇଁ ସବୁବେଳେ ନିର୍ଭର କରନ୍ତି ଏବଂ ତା' ସହିତ ଖାପଖୁଆଇ ରହିଥାନ୍ତି। ଏଣୁ ଏଥିରୁ ସ୍ପଷ୍ଟ ଯେ ଆମେ ବସବାସ କରୁଥିବା ସ୍ଥାନ, ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଆବଶ୍ୟକୀୟ ପବନ, ଆମର ଖାଦ୍ୟ ଓ ପାନୀୟ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ପ୍ରାକୃତିକ ସମ୍ପଦ ଆମେ ପରିବେଶରୁ ହିଁ ସଂଗ୍ରହ କରିଥାଉ। ପ୍ରାଣୀଜଗତର ପ୍ରାକୃତିକ ପରିବେଶକୁ ଆମେ ତିନି ଭାଗରେ ବିଭକ୍ତ କରିପାରିବା। ସେଗୁଡ଼ିକ ହେଲା- (କ) ଜୈବିକ ଉପାଦାନ, (ଖ) ଅଣଜୈବିକ ଉପାଦାନ ଏବଂ (ଗ) ଶକ୍ତି ଉପାଦାନ। ସମସ୍ତ ଜୀବଜଗତ ଏହାର ଜୈବିକ ଉପାଦାନରେ ଅନ୍ତର୍ଭୁକ୍ତ। ପାଣି, ପବନ ଓ ମୃତ୍ତିକାକୁ ନେଇ ଅଣ ଜୈବିକ ଉପାଦାନ ଗଠିତ। ସୌର ଶକ୍ତି, ତାପଜ ଓ ବୈଦ୍ୟୁତିକ ଶକ୍ତି, ଜଳ-ବିଦ୍ୟୁତ ଶକ୍ତି ଓ ଆଣବିକ ଶକ୍ତି ଇତ୍ୟାଦିକୁ ନେଇ ଶକ୍ତି ଉପାଦାନ ଗଠିତ। ପ୍ରାୟତଃ ଚାରୋଟି ପାରିପାର୍ଶ୍ୱିକ ଉପାଦାନ ଆମର ପରିବେଶକୁ ପ୍ରଭାବିତ କରିଥାଏ। ସେଗୁଡ଼ିକ ହେଲା- (୧) ଭୌତିକ ଉପାଦାନ (Physiographic) (୨) ଜଳବାୟୁ ଜନିତ ଉପାଦାନ (climate factor) (୩) ମୃତ୍ତିକା ରସାୟନ ସମ୍ପର୍କିତ ଉପାଦାନ (edaphic factor) ଏବଂ (୪) ଜୈବିକ ଉପାଦାନ (Biotic factor)। ଯେହେତୁ ମଣିଷ ତା'ର ସ୍ଥିତି ପାଇଁ ପରିବେଶ ଉପରେ ନିର୍ଭରଶୀଳ, ଏହାର ରକ୍ଷଣାବେକ୍ଷଣ ତାହାର ପ୍ରଧାନ କର୍ତ୍ତବ୍ୟ।

ଆମେ ଜାଣିଲେ ଯେ ପରିବେଶ ବିଜ୍ଞାନ ଜୀବଜଗତରେ ପାରିପାର୍ଶ୍ୱିକ ଅବସ୍ଥାକୁ ଅଧ୍ୟୟନ କରେ। ପରିବେଶ ବିଜ୍ଞାନ ବା ecology ଦୁଇଟି ଗ୍ରୀକ୍ ଶବ୍ଦ Oikos (ଓଇକୋସ) ଓ Logos (ଲୋଗୋସ)ରୁ ଆନୀତ । ୧୮୬୫ ମସିହାରେ ଜର୍ମାନୀ ଜୀବବିଜ୍ଞାନୀ ଏନ୍. ରିଟର (N. Reiter) ଏହି ଶବ୍ଦକୁ ପ୍ରଥମେ ବ୍ୟବହାର କରିଥିଲେ ଏବଂ ଆଉ ଜଣେ ଜର୍ମାନୀ ଜୀବବିଜ୍ଞାନୀ ଯର୍ଣ୍ଣେଷ୍ଟ ହେକେଲ୍ (Ernest Haeckel) ଏହାର ସଂଜ୍ଞା ପ୍ରଥମେ ନିରୂପଣ କରିଥିଲେ। ତାଙ୍କ ମତରେ ପରିବେଶ ବିଜ୍ଞାନ ହେଉଛି ପ୍ରକୃତିର ମିତବ୍ୟୟିତା ସମ୍ପର୍କିତ ଜ୍ଞାନ; ପ୍ରାଣୀଜଗତ ସହିତ ଏହାର ଜୈବିକ ଓ ଅଣଜୈବିକ ପରିବେଶ ସମ୍ପର୍କର ଏକ ଅନୁଶୀଳନ। ଏହା ଉଭୟ ବନ୍ଧୁତ୍ୱପୂର୍ଣ୍ଣ ଓ ବିରୁଦ୍ଧାତ୍ମକ ସମ୍ପର୍କକୁ ମଧ୍ୟ ଅନୁଧ୍ୟାନ କରିଥାଏ। ବ୍ରିଟିଶ ପରିବେଶବିତ୍ ଚାର୍ଲସ ଏଲଟନ (Charles Elton) ଙ୍କ ମତରେ ପରିବେଶ ବିଜ୍ଞାନ ହେଉଛି ବୈଜ୍ଞାନିକ ପ୍ରାକୃତିକ ଇତିହାସ ଏବଂ ଏହା ପ୍ରାଣୀମାନଙ୍କର ସମାଜ ବିଜ୍ଞାନ ଓ ଅର୍ଥନୀତି ସହିତ ଜଡ଼ିତ। ଆମେରିକୀୟ ପରିବେଶ ବିଜ୍ଞାନୀ କ୍ଲେମେଣ୍ଟସ୍ (Clements) ପରିବେଶ ବିଜ୍ଞାନକୁ ଏକ ସମାଜର ବିଜ୍ଞାନ ଭାବରେ ବର୍ଣ୍ଣନା କରିଛନ୍ତି ଏବଂ ଉଡ୍‌ବୁରି (Woodbury) ମଧ୍ୟ କହିଛନ୍ତି ଯେ ଏହା ଜୀବଜଗତ ସହିତ ତାହାର ପରିପାର୍ଶ୍ୱର ଥିବା ସମ୍ପର୍କକୁ ଅନୁସନ୍ଧାନ କରେ। ଏଣୁ ପରିବେଶ ବିଜ୍ଞାନ ଓ ପରିବେଶ ନିବିଡ଼ ଭାବେ ଜଡ଼ିତ।

ଆମର ଜୀବନ ପାଇଁ ପ୍ରାକୃତିକ ଜଗତର ଆବଶ୍ୟକତା ଅପରିହାର୍ଯ୍ୟ। ମଣିଷ ଓ ଅନ୍ୟ ଜୀବଜନ୍ତୁ ସେମାନଙ୍କ ଜୀବନଧାରଣ ପାଇଁ ପ୍ରକୃତି ଉପରେ ନିର୍ଭର କରନ୍ତି। ପରିବେଶର ଗୁଣାତ୍ମକ ମାନ ମଣିଷ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ। ପରିବେଶର ଗୁଣାତ୍ମକମାନର ଅର୍ଥ ନୁହେଁ ଅଧିକ ବିଦ୍ୟୁତ, ଅଧିକ ଶ୍ରମ-ଲାଘବକରୀ ଯନ୍ତ୍ରପାତି କିମ୍ବା ଅଧିକ ଶୀତତାପ ନିୟନ୍ତ୍ରକ ଯନ୍ତ୍ର। ଏହା ଅର୍ଥ ହେଉଛି ଉତ୍ତମ ବାୟୁ, ପରିଷ୍କାର ପାଣି ଓ ମୃତ୍ତିକା ଭଳି ପ୍ରାକୃତିକ ସମ୍ପଦ ଏବଂ ଏକ ସ୍ୱାସ୍ଥ୍ୟପ୍ରଦ ବାସସ୍ଥଳୀ। ଉଦ୍ଭିଦ ଓ ଜୀବଜଗତ ସମେତ ପୃଥିବୀ ପୃଷ୍ଠରେ ବସବାସ କରୁଥିବା ସମସ୍ତ ପ୍ରାଣୀମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ମଙ୍ଗଳ ସାଧନ ପାଇଁ ସ୍ୱଚ୍ଛ ଓ ଅନୁକୂଳ ପରିବେଶର ଆବଶ୍ୟକତା ଯଥେଷ୍ଟ ଅଧିକ।

ଆମେ ସବୁଆଡ଼େ ଦୃଷ୍ଟି ପକାଇଲେ ଜାଣିପାରିବା ଯେ ସମଗ୍ର ବିଶ୍ୱରେ ଏବେ ପରିବେଶଜନିତ ସମସ୍ୟା ଦେଖାଦେଇଛି। ଶକ୍ତି ସମସ୍ୟା, ଜନସଂଖ୍ୟା ସମସ୍ୟା, ଖାଦ୍ୟ ସମସ୍ୟା ଇତ୍ୟାଦି ଅନେକ ସମସ୍ୟା ବଢ଼ି ବଢ଼ି ଚାଲିଛି। ଦ୍ରୁତ ଗତିରେ ଜଙ୍ଗଲକ୍ଷୟ ଘଟୁଛି। ଦ୍ରୁତ ଶିଳ୍ପାୟନ ଏବଂ ସହରୀକରଣ ଯୋଗୁ ବାୟୁପ୍ରଦୂଷଣ, ଜଳ ପ୍ରଦୂଷଣ ଓ ଶବ୍ଦ ପ୍ରଦୂଷଣ ସଂଘଟିତ ହେଉଛି। ପ୍ରାକୃତିକ ସମ୍ପଦର ପ୍ରଚୁର ଅବକ୍ଷୟ ଘଟୁଛି। ସୀମିତ ପ୍ରାକୃତିକ ସମ୍ବଳ ଅସୁମାରୀ ଜନସମୁଦ୍ରର ଚାହିଦା ମେଣ୍ଟାଇବାରେ ଅସମର୍ଥ ହେଉଛି। ମଣିଷର ଲୋଭ ଓ ସ୍ୱାର୍ଥପର କାର୍ଯ୍ୟକଳାପ ପରିବେଶକୁ ବିପର୍ଯ୍ୟସ୍ତ ଅବସ୍ଥାରେ ପହଞ୍ଚାଇଛି। ଏଣୁ ବର୍ତ୍ତମାନ ପୃଥିବୀର ସବୁ କୋଣରେ ପାରିପାର୍ଶ୍ୱିକ ସମସ୍ୟା ନେଇ ଘୋର ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରାକୃତିକ ସମ୍ପଦର ଉପଯୁକ୍ତ ସୁରକ୍ଷା ନ କଲେ ଆମେ ନିଶ୍ଚିତ ଭାବରେ ନିଶ୍ଚିହ୍ନ ହୋଇଯିବା। ବୈଜ୍ଞାନିକ ଓ ଗବେଷକମାନେ ଚେତାବନୀ ଦେଇସାରିଲେଣି ଯେ ପ୍ରାକୃତିକ ସମ୍ପଦର ଉପଯୁକ୍ତ ଯତ୍ନ ସଂରକ୍ଷଣ ବିନା ଆମ ପୃଥିବୀ ଗ୍ରହ ବିପଦଗ୍ରସ୍ତ ହେବାର ସମ୍ଭାବନା ସ୍ପଷ୍ଟ ଏବଂ ମାନବ ଜାତି ଧ୍ୱଂସ ପାଇଯିବ। ଏଣୁ ପ୍ରକୃତିର ଉପଯୁକ୍ତ ବିନିଯୋଗର ସମୟ ଆସିଯାଇଛି। ମହାତ୍ମାଗାନ୍ଧୀ ଯଥାର୍ଥରେ କହିଥିଲେ-

'ମଣିଷର ଆବଶ୍ୟକତା ମେଣ୍ଟାଇବା ପାଇଁ ପ୍ରକୃତି ପାଖରେ ଯଥେଷ୍ଟ ସମ୍ବଳ ରହିଛି। ହେଲେ ମଣିଷର ଲୋଭ ମେଣ୍ଟାଇବା ପାଇଁ ଏହା ଯଥେଷ୍ଟ ନୁହେଁ।' ଲୋଭଯୁକ୍ତ ମଣିଷ ପ୍ରକୃତି ଉପରେ ଅତ୍ୟାଚାର କରୁଛି ଏବଂ ତା'ର ପରିଣାମ ସ୍ୱରୂପ ପରିବେଶ ସଂକଟ ଦେଖା ଦେଉଛି। ପରିବେଶ ପ୍ରଦୂଷଣ ପ୍ରାକୃତିକ ସମ୍ବଳର ଦୁରୂପଯୋଗର ଏକ ପରିଣାମ। ବିଜ୍ଞାନ ଓ କାରିଗରୀ କୌଶଳ ପ୍ରକୃତି ଉପରେ ଦମନଲୀଳାକୁ ଆହୁରି ପ୍ରୋତ୍ସାହିତ କରୁଅଛି। ସହରୀକରଣ ଓ ଶିଳ୍ପାୟନ ପରିସ୍ଥିତିକୁ ଆହୁରି ଖରାପ କରୁଛି। ଅମ୍ଳ ବୃଷ୍ଟି, ମାରାତ୍ମକ ବିଷାକ୍ତ ବାଷ୍ପର ବୃଦ୍ଧି, ବିଶ୍ୱ ଉତ୍ତପ୍ତତା, ବାୟୁ ଓ ଜଳ ପ୍ରଦୂଷଣ ପରିବେଶ ପ୍ରତି ପ୍ରତିକୂଳ ଅବସ୍ଥା ସୃଷ୍ଟି କରୁଛି। ଏହି ଅବସ୍ଥା ଉଭୟ ପରିବେଶ ବିଜ୍ଞାନୀ ଓ ବୈଜ୍ଞାନିକମାନଙ୍କ ପାଇଁ ଗଭୀର ଚିନ୍ତାର ବିଷୟ ହୋଇଛି। ପ୍ରତିକୂଳ ପାରିପାର୍ଶ୍ୱିକ ସମସ୍ୟା ନେଇ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରର ଜନନାୟକ, ଓ ରାଷ୍ଟ୍ରନୀତିଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଆମେ ଏଠାରେ ଆମ ପୃଥିବୀ ସମ୍ମୁଖୀନ ହୋଇଥିବା କେତୋଟି ନିର୍ଦ୍ଦିଷ୍ଟ ପାରିପାର୍ଶ୍ୱିକ ସମସ୍ୟା ବିଷୟରେ ଆଲୋଚନା କରିବା। ଆମେରିକାର ବିଜ୍ଞାନ ଉପଦେଷ୍ଟା ମଣ୍ଡଳୀ ୧୯୬୫ ମସିହାରେ ଦର୍ଶାଇଥିଲେ ଯେ ଆମ ପରିବେଶର ସମ୍ପୂର୍ଣ୍ଣ ବା ଆଂଶିକ ପ୍ରତିକୂଳ ପରିବର୍ତ୍ତନ ଯୋଗୁ ପରିବେଶ ପ୍ରଦୂଷଣ ହୋଇଥାଏ। ମଣିଷର ପ୍ରତ୍ୟକ୍ଷ ବା ପରୋକ୍ଷ କାର୍ଯ୍ୟାବଳୀ ଦ୍ୱାରା ଏହି ପରିବର୍ତ୍ତନ ଶକ୍ତିର ପ୍ରକାରଭେଦ, ବିକିରଣ ସ୍ତର, ରାସାୟନିକ ଓ ଭୌତିକ ପ୍ରକ୍ରିୟା ଓ ଜୈବିକ ପ୍ରାଚୁର୍ଯ୍ୟ ମାଧ୍ୟମରେ ହୋଇଥାଏ। ଓଡ଼ମ୍ (Odum)ଙ୍କ ମତରେ ପାଣି, ପବନ ଓ ମୃତ୍ତିକାର ଭୌତିକ, ରାସାୟନିକ ଓ ଜୈବିକ ଉପାଦାନରେ ଅବାଞ୍ଛିତ ପରିବର୍ତ୍ତନ ହିଁ ପ୍ରଦୂଷଣ। ଏହା ଜୀବଜଗତ ପ୍ରତି କ୍ଷତିକାରକ ହୋଇଥାଏ ଏବଂ ସୁସ୍ଥ ଜୀବନ ପ୍ରତି ହାନିକାରକ ହୁଏ। ପ୍ରଦୂଷଣ ଦୁଇ ପ୍ରକାରର। - *ପ୍ରାକୃତିକ ପ୍ରଦୂଷଣ* ଓ *କୃତ୍ରିମ ପ୍ରଦୂଷଣ*। ପ୍ରାକୃତିକ ପ୍ରଦୂଷଣ ପ୍ରାକୃତିକ ଉପାୟରେ ସଂଘଟିତ ହୁଏ ଏବଂ କୃତ୍ରିମ ପ୍ରଦୂଷଣ ପ୍ରାୟତଃ ମନୁଷ୍ୟକୃତ ଯାହାକୁ କମାଯାଇପାରିବ।

## ବିଭିନ୍ନ ପ୍ରକାରର ପ୍ରଦୂଷଣ :

**(କ) ବାୟୁ ପ୍ରଦୂଷଣ :** ପରିବେଶର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଲା ବାୟୁ। ସ୍ୱଚ୍ଛ ନିର୍ମଳ ବାୟୁ ଦ୍ୱାରା ହିଁ ସୁସ୍ଥ ଜୀବନ ସମ୍ଭବ। ଏବେ ବିଶ୍ୱର ଅନେକ ବଡ଼ ବଡ଼ ସହରରେ ଏବଂ ଗ୍ରାମାଞ୍ଚଳରେ ମଧ୍ୟ ବାୟୁ ପ୍ରଦୂଷଣ ଦେଖା ଦେଇଛି। ଯାନବାହନର ଅହେତୁକ ବୃଦ୍ଧି, କଳକାରଖାନାର ବୃଦ୍ଧି ଇତ୍ୟାଦି ବାୟୁ ପ୍ରଦୂଷଣର ମୁଖ୍ୟ କାରଣ। ବାୟୁ ପ୍ରଦୂଷଣ ଯୋଗୁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେଉଛି। ଏହି ପ୍ରଦୂଷଣ ଯୋଗୁ ସହରାଞ୍ଚଳର ବାସିନ୍ଦାମାନଙ୍କ ମଧ୍ୟରେ ଶ୍ୱାସ ଜନିତ ରୋଗ, ଯକ୍ଷ୍ମା ଇତ୍ୟାଦି ରୋଗ ବୃଦ୍ଧି ପାଉଛି। କାର୍ବନ୍ ମନକ୍‌ସାଇଡ୍ (Carbon Monoxide), ସଲଫର୍ ଡାଇଅକ୍‌ସାଇଡ୍ (Sulfur dioxide) ଇତ୍ୟାଦି ବାୟୁ ପ୍ରଦୂଷଣର କାରଣ ଏବଂ ଏମାନେ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଯାନବାହାନ ଓ କଳକାରଖାନାରୁ ନିର୍ଗତ ଧୂଆଁ, ଆମୋନିଆ ଓ କ୍ଲୋରୋଫ୍ଲୁରୋ କାରବାନ୍ (Chlorofluro carbon), ଓଜୋନ୍ (Ozone), ତମାଖୁ ଧୂଆଁ, କୀଟନାଶକ ଔଷଧ, ଯୁଦ୍ଧ ସମୟରେ ନିୟୋଜିତ ବିସ୍ଫୋରକ, ଧୂମାୟିତ କୁହୁଡ଼ି (Smog) ଏବଂ ଖଣିଜ ପଦାର୍ଥ ଉତ୍ତୋଳନ ସମୟର କାର୍ଯ୍ୟକଳାପ ବାୟୁ ପ୍ରଦୂଷଣର ମୁଖ୍ୟ କାରଣ।

**(ଖ) ଜଳ ପ୍ରଦୂଷଣ :** ଅନ୍ୟ ଏକ ପ୍ରକାରର ପାରିପାର୍ଶ୍ୱିକ ପ୍ରଦୂଷଣ ହେଲା ଜଳ ପ୍ରଦୂଷଣ। ଏହି ପ୍ରକାରର ପ୍ରଦୂଷଣ ଉଭୟ ଭୂପୃଷ୍ଠ ଓ ଭୂତଳ ଜଳରେ ହୋଇଥାଏ। ଜଳ ପ୍ରଦୂଷକ ବିଭିନ୍ନ ଉତ୍ସରୁ ଆସିଥାଏ। ଘରୋଇ ବର୍ଜ୍ୟବସ୍ତୁ, ଚାଷପାଇଁ ଉଦ୍ଦିଷ୍ଟ ରାସାୟନିକ ସାର ଏବଂ କଳକାରଖାନାରୁ ନିର୍ଗତ ଆବର୍ଜନା ଜଳ ପ୍ରଦୂଷଣ ପାଇଁ ମୁଖ୍ୟତଃ ଦାୟୀ। ଜଳ ପ୍ରଦୂଷଣ ଏକ ଅର୍ଥନୈତିକ ଓ ଭେଷଜ ସମସ୍ୟାରେ ପରିଣତ ହୋଇଛି। ଜୀବାଣୁ ଓ ଭୂତାଣୁ ସଂକ୍ରମଣ ଦ୍ୱାରା ଜଳ-ବାହିତ ରୋଗର ବୃଦ୍ଧି ଘଟିଥାଏ। ପାଣି ଜାହାଜରୁ ନିର୍ଗତ ଅଶୋଧିତ ତୈଳ, ତୈଳ ବାହୀ ଯାନବାହାନରୁ ବୋହୁଥିବା ତୈଳ ଜଳଭାଗକୁ ପ୍ରଦୂଷିତ କରିଥାଏ।

**(ଗ) ମୃତ୍ତିକା ପ୍ରଦୂଷଣ :** ପୃଥିବୀ ପୃଷ୍ଠରେ ଜୀବଜଗତର ସ୍ଥିତି ପାଇଁ ମୃତ୍ତିକାର ଯଥେଷ୍ଟ ଆବଶ୍ୟକତା ରହିଛି। ଆମର ଭୂଖଣ୍ଡ, ବିଭିନ୍ନ ଭାବରେ ପ୍ରଦୂଷିତ ହୋଇଥାଏ। କଳାକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ, ଅଣଜୈବିକ ଓ ରାସାୟନିକ ସାର, ଘରୋଇ ଆବର୍ଜନା, ରାସ୍ତାଘାଟରେ ମଳତ୍ୟାଗ କରିବାର ଅସ୍ୱାସ୍ଥ୍ୟକର ଅଭ୍ୟାସ ମୁଖ୍ୟତଃ ମୃତ୍ତିକା ପ୍ରଦୂଷଣ ପାଇଁ ଦାୟୀ।

**(ଘ) ଶବ୍ଦ ପ୍ରଦୂଷଣ :** ଦ୍ରୁତ ସହରୀକରଣ ଓ ଶିଳ୍ପାୟନ ଯୋଗୁ ଶବ୍ଦ ପ୍ରଦୂଷଣ ହୋଇଥାଏ। ଶବ୍ଦ ବିଜ୍ଞାନରେ ମାତ୍ରାଧିକ ଶବ୍ଦକୁ ଅବାଞ୍ଛିତ କୁହାଯାଇଛି। ଏକ ନିର୍ଦ୍ଦିଷ୍ଟ ସୀମା ପରେ ଶବ୍ଦର ତୀବ୍ରତା କୋଳାହଳ ସୃଷ୍ଟି କରେ। ଏହି କୋଳାହଳ ବିରକ୍ତିଭାବ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଶାରୀରିକ ଓ ମାନସିକ ରୋଗ ଉତ୍ପନ୍ନ କରେ। ଏହି କୋଳାହଳ ଶିଳ୍ପ ଓ ଅଣ-ଶିଳ୍ପ ଉତ୍ସରୁ ସୃଷ୍ଟି ହୋଇପାରେ। କଳକାରଖାନା ମାନଙ୍କର ଭାରୀ ଯନ୍ତ୍ରପାତିରୁ ମାତ୍ରାଧିକ ଶବ୍ଦ ଉତ୍ପନ୍ନ ହୋଇପାରେ। ଜନଗହଳି ପୂର୍ଣ୍ଣ ସହରାଞ୍ଚଳ, ରାସ୍ତା ଉପରେ ଗଡୁଥିବା ଯାନବାହନର ବୃଦ୍ଧି, ଘରୋଇ ଯନ୍ତ୍ରପାତି ଓ ଉପକରଣରୁ ଜାତ ଶବ୍ଦ, ବଡ଼ ବଡ଼ କୋଠାବାଡ଼ି ଭଙ୍ଗା ସମୟର ଶବ୍ଦ ମଧ୍ୟ ଶବ୍ଦ ପ୍ରଦୂଷଣ ସୃଷ୍ଟି କରିପାରେ। ଏଗୁଡ଼ିକ ଶବ୍ଦ ପ୍ରଦୂଷଣର ଅଣ-ଶିଳ୍ପ ଉତ୍ସ। ଶବ୍ଦ ପ୍ରଦୂଷଣ ମଧ୍ୟ ଅନେକ ରୋଗ ସୃଷ୍ଟି କରିଥାଏ। ସେଗୁଡ଼ିକ ହେଲା ସ୍ନାୟବିକ ସମସ୍ୟା, ମୁଣ୍ଡବ୍ୟଥା, ଉଚ୍ଚରକ୍ତଚାପ, ବିସ୍ମରଣ ଏବଂ ଶ୍ରବଣଶକ୍ତି ହ୍ରାସ ଇତ୍ୟାଦି।

**ବିକିରଣ ପ୍ରଦୂଷଣ :**

ବିକିରଣ ଏକ ପ୍ରକ୍ରିୟା ଯାହା ମାଧ୍ୟମରେ ତେଜିୟାନ୍ ଶକ୍ତି ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ରୂପରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାଇଥାଏ। ଉଚ୍ଚଶକ୍ତି ସମ୍ପନ୍ନ ବିକିରଣ ଜୀବନ୍ତ ବସ୍ତୁ ପାଇଁ କ୍ଷତିକାରକ ହୋଇଥାଏ। ବିକିରଣ ପ୍ରାୟତଃ ପ୍ରାକୃତିକ ଉପାୟରେ ସଂଘଟିତ ହୋଇଥାଏ। ଅନେକ ସମୟରେ ବିକିରଣ ମଧ୍ୟ ମନୁଷ୍ୟ ସୃଷ୍ଟ ହୋଇପାରେ। ଆଣବିକ ବିସ୍ଫୋରଣ, ଆଣବିକ ଶକ୍ତି କାରଖାନା ଏବଂ ଆଣବିକ ଅପଚୟ ପ୍ରଦୂଷଣ ସୃଷ୍ଟି କରେ। ବିକିରଣ ପ୍ରଦୂଷଣ କର୍କଟ ଭଳି ମାରାତ୍ମକ ରୋଗ ସୃଷ୍ଟି କରେ।

ଏହିପରି ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଶିଳ୍ପଜନିତ ପ୍ରଦୂଷଣ, ଆଣବିକ ପ୍ରଦୂଷଣ, ତାପଜ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ ଇତ୍ୟାଦି ଅନେକ ପ୍ରକାରର ପ୍ରଦୂଷଣ ଆଜି ପୃଥିବୀରେ ଦେଖାଦେଇଛି ଏବଂ ପରିବେଶକୁ ବିପର୍ଯ୍ୟସ୍ତ କରୁଛନ୍ତି। ଜୀବ ଓ ଉଦ୍ଭିଦ ଜଗତ ପାଇଁ ଏମାନେ ଭୟଙ୍କର ଭାବରେ କ୍ଷତିକାରକ। ଆଜି ସମଗ୍ର ବିଶ୍ୱରେ ଏଥିପାଇଁ ଉଦ୍‌ବେଗ ପ୍ରକାଶ ପାଇଛି। ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଗାଢ଼ ଉଦ୍ୟମ କରୁଛନ୍ତି।

ପ୍ରଦୂଷଣ ସମସ୍ୟା କୌଣସି ରାଷ୍ଟ୍ରର ଭୌଗୋଳିକ ସୀମାରେଖା ମଧ୍ୟରେ ସୀମିତ ନୁହେଁ। ପୃଥିବୀର ଯେ କୌଣସି କୋଣରେ ଘଟୁଥିବା ପରିବେଶ ପ୍ରଦୂଷଣ ସମଗ୍ର ବିଶ୍ୱକୁ ବ୍ୟାପିଥାଏ। ଏଣୁ ଆଜି ଉଭୟ ବିକଶିତ ଓ ବିକାଶଶୀଳ ସମସ୍ତ ରାଷ୍ଟ୍ର ବିଭିନ୍ନ ସମ୍ମିଳନୀରେ ମିଳିତ ହୋଇ ପରିବେଶ ସୁରକ୍ଷା ବିଷୟରେ ଚିନ୍ତା କରୁଛନ୍ତି ଓ ପରିବେଶ ସୁରକ୍ଷା ଦିଗରେ ବିଭିନ୍ନ ପଦକ୍ଷେପ ନେଉଛନ୍ତି।

**ବିକାଶ ଓ ପରିବେଶ :**

ପୃଥିବୀ ପୃଷ୍ଠରେ ଜୀବନର ଇତିହାସ ହେଉଛି ଜୀବନ୍ତ ବସ୍ତୁ ଓ ତାହାର ପରିପାର୍ଶ୍ୱ ମଧ୍ୟରେ ଥିବା ସମ୍ପର୍କର ଇତିହାସ। ଏଣୁ ପରିବେଶ ଉପରେ ଆଧିପତ୍ୟ ବିସ୍ତାର କରାଯାଏ ନାହିଁ। ବରଂ ମଣିଷ ଓ ମଣିଷ ସମାଜ ସମେତ ପ୍ରତ୍ୟେକ ଜୀବନ୍ତ ବସ୍ତୁର କ୍ରମ ବିବର୍ତ୍ତନରେ ପରିବେଶ ଏକ ସକ୍ରିୟ ଅଂଶୀଦାର। ଆମର ପରିବେଶ ଆମକୁ ଖାଦ୍ୟ, ପାନୀୟ, ଆଶ୍ରୟ ଓ ଶକ୍ତି ଯୋଗାଉଛି ଏବଂ ଏହା ଆମ ଜୀବନର ମୂଳାଧାର। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହା ଆମର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ଜୀବନକୁ ପ୍ରଭାବିତ କରେ। ବିକାଶ ପାଇଁ ଆବଶ୍ୟକୀୟ ସମ୍ବଳର ଉତ୍ସ ହେଲା ପରିବେଶ। ବିନା ପରିବେଶରେ ବିକାଶ ପାଇଁ ଉଦ୍ୟମ ବ୍ୟର୍ଥ ହୋଇଥାଏ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଯେଉଁ ପରିବେଶ ବିକାଶ ପାଇଁ ଆବଶ୍ୟକୀୟ ସମ୍ବଳ ଯୋଗାଇଥାଏ, ତାହାକୁ ବିକାଶ ଯୋଜନାରେ ଏ ପର୍ଯ୍ୟନ୍ତ ଉପେକ୍ଷା କରାଯାଇଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏସିଆ ଓ ଆଫ୍ରିକା ମହାଦେଶର ଅନେକ ନୂତନ ସ୍ୱାଧୀନ ରାଷ୍ଟ୍ର ବିକାଶ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେମାନଙ୍କର ସୀମିତ ସମ୍ବଳ ଥିଲା ଏବଂ ଖୁବ୍ ଅଳ୍ପ ସମୟ ମଧ୍ୟରେ କିପରି ଅର୍ଥନୈତିକ ବିକାଶ ଘଟିବ ସେଥିପାଇଁ ଚେଷ୍ଟିତ ଥିଲେ। ଏଣୁ ସୀମିତ ସମ୍ବଳ ମଧ୍ୟରେ ତ୍ୱରାନ୍ୱିତ ଅର୍ଥନୈତିକ ବିକାଶ ପାଇଁ ସେହି ରାଷ୍ଟ୍ର ଗୁଡ଼ିକ ବିଭିନ୍ନ ବିକାଶର ପ୍ରତିରୂପ (Development models) ର ସନ୍ଧାନରେ ଥିଲେ। କେତୋଟି ବିକାଶର ପ୍ରତିରୂପ ବିଷୟରେ ଆମେ ଏଠାରେ ଆଲୋଚନା କରିବା।

**୧. ପୁଞ୍ଜିବାଦୀ ପ୍ରତିରୂପ (Capitalistic model) :** ଏହି ପ୍ରକାରର ମଡ଼େଲ ବା ପ୍ରତିରୂପ ଅନେକ ପାଶ୍ଚାତ୍ୟ ଦେଶରେ ପ୍ରଚଳିତ ଥିଲା। ଏହାକୁ ପାଶ୍ଚାତ୍ୟ ମଡ଼େଲ ବୋଲି ଅନେକ କହିଥାନ୍ତି। ଏହି ମଡ଼େଲ ବିକାଶର ବୈଷୟିକ-ଅର୍ଥନୈତିକ ବିଭାବ ଉପରେ ଗୁରୁତ୍ୱ ଆରୋପ କରିଥାଏ। ଏହା ଉଚ୍ଚତର ବୈଷୟିକ କୌଶଳ ଏବଂ ବିଦେଶୀ ପୁଞ୍ଜିକୁ ପାଥେୟ କରି ଶିଳ୍ପାୟନ ମାଧ୍ୟମରେ ଉତ୍ପାଦନ ଓ ଉପଭୋଗକୁ ବଢ଼ାଇବା ଉପରେ ଗୁରୁତ୍ୱ ଦିଏ। ଏହି ମଡ଼େଲରେ ବିକାଶକୁ ମୁଣ୍ଡ ପିଛା ଆୟ (Per capita Income) ଓ ମୋଟ ଜାତୀୟ ଉତ୍ପନ୍ନ ଦ୍ରବ୍ୟ (Gross National Product) ଅନୁସାରେ ମପା ଯାଇଥାଏ।

**୨. ମାର୍କ୍ସବାଦୀ ପ୍ରତିରୂପ (ମଡ଼େଲ) :** କାର୍ଲ ମାର୍କସ ଓ ଏନ୍‌ଜେଲସ୍ (Marx and Engels)ଙ୍କର ନୀତି ଉପରେ ଏହି ମଡ଼େଲ୍ ପର୍ଯ୍ୟବସିତ। ଏହି ମଡ଼େଲ୍‌ରେ ଅର୍ଥନୈତିକ ପ୍ରଭାବ ବହୁ ଭାବରେ ଉପଲବ୍ଧ। ଉତ୍ପାଦନର ବଳ ଓ ଉତ୍ପାଦନର ସମ୍ପର୍କ ଏହି ମଡ଼େଲର ପୃଷ୍ଠପୋଷକତା କରେ। ଏହି ପ୍ରତିରୂପର ପ୍ରବକ୍ତାଙ୍କ ମତରେ ସମାଜରେ ଅର୍ଥନୀତି ହିଁ ମୂଳଦୁଆ (Substructure)। ଆଉ ଅନ୍ୟସବୁ ଯଥା- ରାଜନୀତି, ସଂସ୍କୃତି ଇତ୍ୟାଦି ସମାଜର ଅଧିସଂରଚନା (Superstructure)। ଅର୍ଥନୀତି ଅନ୍ୟସବୁକୁ ପ୍ରଭାବିତ କରେ। ଅର୍ଥନୈତିକ ସ୍ତରରେ କୌଣସି

ପରିବର୍ତ୍ତନ ଆସିଲେ ତାହା ଅନ୍ୟାନ୍ୟ ସ୍ତର ଯଥା- ରାଜନୀତି ଓ ସଂସ୍କୃତି ଇତ୍ୟାଦିକୁ ପ୍ରଭାବିତ କରେ। କିନ୍ତୁ ବିଂଶ ଶତାବ୍ଦୀର ଶେଷ ଭାଗରେ ସମାଜବାଦର ପତନ ପରେ ଏହି ମଡ଼େଲର ଗୁରୁତ୍ୱ ବାଧାପ୍ରାପ୍ତ ହେଲା ଏବଂ ଏହାର ଆଦର କମିବାରେ ଲାଗିଲା।

**୩. ନୂତନ-ମାର୍କସ୍‌ବାଦୀ ମଡ଼େଲ :** ଏହି ମଡ଼େଲ୍‌କୁ ମଧ ଲାଟିନ୍-ଆମେରିକାନ୍ ମଡ଼େଲ୍ କୁହାଯାଏ। ଏହା ମାର୍କସ୍‌ବାଦ ତତ୍ତ୍ୱରେ ବିଶ୍ୱାସ କଲେ ମଧ ଲେନିନ୍‌ଙ୍କ ଦର୍ଶନ ଉପରେ ପର୍ଯ୍ୟବସିତ। ନିର୍ଭରଶୀଳତା ତତ୍ତ୍ୱରେ (Dependency theories) ଏହି ପ୍ରତିରୂପ (ମଡ଼େଲ)ର ବିଶେଷ ପ୍ରତିଫଳନ ଘଟିଥାଏ। ଏହି ମଡ଼େଲର ପ୍ରବକ୍ତାମାନେ କେନ୍ଦ୍ର (Centre) ଓ ଉପାନ୍ତ (Periphery) ଇତ୍ୟାଦି ଧାରଣା ସବୁକୁ ଅଲଗା ଭାବରେ ଦେଖେ। ଏହାର ପ୍ରବକ୍ତମାନଙ୍କ ମତରେ - ପୁଞ୍ଜିବାଦକୁ ରାଷ୍ଟ୍ରର ନିୟନ୍ତ୍ରଣରେ ରଖିଲେ ତାହା ବିକାଶ ଦିଗରେ ଦ୍ୱାରକୁ ଉନ୍ମୁକ୍ତ କରିପାରିବ। ସେମାନେ ମତ ଦିଅନ୍ତି ଯେ ଏ ପ୍ରକାରର ମଡ଼େଲ୍ ଦକ୍ଷିଣ କୋରିଆ, ତାଇୱାନ୍, ହଂକଂ ଓ ସିଙ୍ଗାପୁର ଭଳି ଦକ୍ଷିଣ-ପୂର୍ବ ଏସୀୟ ଦେଶମାନଙ୍କରେ ପ୍ରଚଳିତ।

**୪. ଜଗତୀକରଣ ମଡ଼େଲ :** ଏହି ପ୍ରକାରର ମଡ଼େଲ୍ ବର୍ତ୍ତମାନ ପ୍ରଚଳିତ। ଏହାର ପ୍ରବକ୍ତାଙ୍କ ମତରେ ସମଗ୍ର ବିଶ୍ୱ ଏକ ଗ୍ରାମ ଭଳି। କାରଣ ସଞ୍ଚାର କ୍ଷେତ୍ରରେ ନୂତନ ଉଦ୍ଭାବନ ଯୋଗୁଁ ବିଶ୍ୱର ପ୍ରତ୍ୟେକ ଅଞ୍ଚଳ ନିକଟତର ହୋଇ ଆସୁଛନ୍ତି। କୌଣସି ଏକ କୋଣର ଘଟଣା ସମଗ୍ର ବିଶ୍ୱକୁ ପ୍ରଭାବିତ କରିପାରୁଛି। ଭୌଗୋଳିକ ଓ ସାଂସ୍କୃତିକ ଦୂରତ୍ୱ କମି କମି ଯାଉଛି। ବିଶ୍ୱବାସୀଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସହଜରେ ହୋଇପାରୁଛି। ଏକ ବିଶ୍ୱସ୍ତରୀୟ ବ୍ୟବହାର ବା ଉପଭୋଗ ଚିନ୍ତାଧାରା (consumption pattern) ସୃଷ୍ଟି ହୋଇଛି। ଏକ ବିଶ୍ୱସ୍ତରୀୟ ସଂସ୍କୃତି ସୃଷ୍ଟି ହେବା ଯୋଗୁ ରାଷ୍ଟ୍ର ମାନଙ୍କର ସୀମା ସଂକୁଚିତ ହୋଇଛି ଏବଂ ରାଷ୍ଟ୍ର ସାର୍ବଭୌମତ୍ୱରେ ଅବନତି ଘଟିଛି। ଦେଶ ଦେଶ ମଧ୍ୟରେ ଭାବ ଓ ସମ୍ପଦର ଆଦାନପ୍ରଦାନ ସହିତ ବିଭିନ୍ନ ଦ୍ରବ୍ୟ, ପୁଞ୍ଜି ଓ ବୈଷୟିକ ଜ୍ଞାନକୌଶଳର ଅବାଧ ଆଦାନପ୍ରଦାନ ଘଟିଛି।

**୫. ପରିବେଶୀୟ ମଡ଼େଲ (Ecological model):** ଉପରଲିଖିତ ମଡ଼େଲମାନଙ୍କ ସମ୍ପର୍କରେ ଆଲୋଚନାରୁ ଗୋଟିଏ କଥା ସ୍ପଷ୍ଟ ଯେ ମାର୍କସ୍‌ବାଦୀ ଓ ପୁଞ୍ଜିବାଦୀ ପ୍ରତିରୂପମାନଙ୍କରେ ଅର୍ଥନୈତିକ ଚିନ୍ତାଧାରାକୁ ପ୍ରାଧାନ୍ୟ ଦିଆଯାଇଛି। ଏସବୁ ମଡ଼େଲଗୁଡ଼ିକୁ ଅର୍ଥନୈତିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରଯାଇଛି। ଏହା ସାମଗ୍ରିକ ନୁହେଁ। ଏବେ ମିଳିତ ଜାତିସଂଘ ବିକଳ୍ପ ପ୍ରତିରୂପ (model) ବିଷୟରେ ଚିନ୍ତା କରିଛି। ଏହି ମଡ଼େଲରେ ସର୍ବନିମ୍ନ ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଉଛି ଏବଂ ପରିବେଶ ଉନ୍ନୟନକୁ ମଧ ପ୍ରାଧାନ୍ୟ ଦିଆଯାଇଛି। ମାର୍କ୍ସବାଦୀ ଓ ପୁଞ୍ଜିବାଦୀ ମଡ଼େଲ ଆଧୁନିକବାଦର ଉପଶାଖା ହୋଇଥିବା ବେଳେ ପରିବେଶ-ମଡ଼େଲ ଆଧୁନିକବାଦର ପରବର୍ତ୍ତୀ ସମୟର ଏକ ଚିନ୍ତାଧାରା।

ଏହି ବିକାଶ ସମ୍ବନ୍ଧୀୟ ପରିବେଶ ପ୍ରତିରୂପ (model)ରେ କେବଳ ଅର୍ଥନୈତିକ ଦିଗକୁ ବିଶ୍ଳେଷଣ କରାଯାଇନାହିଁ। ଏଥିରେ ବିକାଶର ଅର୍ଥ ଏକ ଉନ୍ନତତର, ପରିପକ୍ୱ ଓ ସମ୍ପୂର୍ଣ୍ଣ ଅବସ୍ଥା। ଏଥିରେ ବିକାଶର ସଂଜ୍ଞା କେବଳ ଅର୍ଥନୈତିକ ଉନ୍ନତିକୁ ବୁଝାଏ ନାହିଁ। ପରିପୁଷ୍ଟି ବଦଳରେ ଜନମଙ୍ଗଳ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଇଅଛି। ଏହି 'ଜନମଙ୍ଗଳ' ଜୀବନର ଗୁଣାତ୍ମକମାନ ଉପରେ ଅଧିକ ଗୁରୁତ୍ୱ ଦିଏ। ଯେଉଁ ରାଷ୍ଟ୍ର ପରିବେଶ ସଚେତନ ସେହି ରାଷ୍ଟ୍ର ଏହି ପ୍ରକାର ମଡ଼େଲ୍‌କୁ ଅନୁସରଣ କରିଥାଏ। ଏହି ମଡ଼େଲ୍‌ର ଉଦ୍ଦେଶ୍ୟ ହେଲା 'ନିରନ୍ତର

ବିକାଶ' (Sustainable development) । ଏବେ ଗବେଷକ ଓ ବିଶାରଦ ମାନଙ୍କ ମଧ୍ୟରେ ଏହି ଶବ୍ଦଟି ବେଶ୍ ଆଦୃତ । ଅର୍ଥନୀତିଜ୍ଞ, ପରିବେଶବିତ୍ ଓ ରାଷ୍ଟ୍ରନାୟକମାନେ ଏହି ପ୍ରକାରର ବିକାଶ ଉପରେ ଆଲୋଚନା କରୁଛନ୍ତି । ପୂର୍ବବର୍ତ୍ତୀ ବର୍ଷମାନଙ୍କରେ ହୋଇଥିବା ଶିଳ୍ପ ଓ ବୈଷୟିକ ଉନ୍ନତି ଏବଂ ଅର୍ଥନୈତିକ ଉନ୍ନତି ବାସ୍ତବ କ୍ଷେତ୍ରରେ ମାନବ ସମାଜ ପାଇଁ ଉନ୍ନତି ଆଣିନାହିଁ । ବରଂ ଏ ପ୍ରକାର ବିକାଶ ବେଳେ ବେଳେ ବିପଦକୁ ଡାକିଆଣିଛି । ବିକାଶ ନାମରେ ପ୍ରାକୃତିକ ସମ୍ପଦର ଅସଦ୍ ବିନିଯୋଗ କରାଯାଇଛି ଏବଂ ଏହା ଦ୍ୱାରା ପରିବେଶ ନଷ୍ଟ ହୋଇ ପୃଥିବୀକୁ ବିନାଶ ଆଡ଼କୁ ଟାଣି ନେଇଛି । ଏଣୁ ପ୍ରତ୍ୟେକ ବୁଦ୍ଧିଜୀବୀ, ରାଜନୀତିଜ୍ଞ ଓ ଅର୍ଥନୀତିଜ୍ଞ ବିକାଶର ପରିବେଶ ସମ୍ମତ ସଂଜ୍ଞା ନିରୂପଣ କରିବା ପାଇଁ ଚେଷ୍ଟିତ ଅଛନ୍ତି ।

ଆଜି ବିଶ୍ୱର ବିକଶିତ ଓ ବିକାଶୋନ୍ମୁଖୀ ରାଷ୍ଟ୍ରମାନେ 'ନିରନ୍ତର ବିକାଶ' (Sustainable Development)କୁ ନିଜର ଆଭିମୁଖ୍ୟ ଭାବରେ ଗ୍ରହଣ କରିଛନ୍ତି । ଶିଳ୍ପ ଭିତ୍ତିକ ଓ ଭିତ୍ତି ସଂରଚନା ସମ୍ପର୍କିତ ପ୍ରକଳ୍ପଗୁଡ଼ିକର ଉପାଦେୟତା ଓ କାର୍ଯ୍ୟକାରିତାକୁ କେବଳ ଅର୍ଥନୈତିକ ଦୃଷ୍ଟିକୋଣରୁ ବିଚାର କଲେ ହେବ ନାହିଁ । ଏହା ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ହେଲେ ମଧ୍ୟ ଉପାଦେୟ ହୋଇନପାରେ । ଏଣୁ ବର୍ତ୍ତମାନ ସମୟ ଆସିଛି, ଏହି ପ୍ରକଳ୍ପଗୁଡ଼ିକୁ ଜନମଙ୍ଗଳ ଦୃଷ୍ଟିକୋଣରୁ ବିଚାର କରାଯିବ । ଏହା ସାମାଜିକ – ଆର୍ଥିକ ଦୃଷ୍ଟିରୁ ଲାଭଦାୟକ ହେବା ସଙ୍ଗେ ସଙ୍ଗେ ପରିବେଶ ସଂରକ୍ଷଣ ପାଇଁ ଦୃଷ୍ଟି ଦେବା ବିଧେୟ । ପରିବେଶକୁ ନଷ୍ଟ ନ କରି କିମ୍ୱା ପରିବେଶର ଖୁବ୍ କମ୍ କ୍ଷତି ଘଟାଇ ମାନବ ସମାଜର ମଙ୍ଗଳ ସାଧନ ଦିଗରେ ଏମାନେ ଚେଷ୍ଟିତ ହେବା ଦରକାର । ମିଳିତ ଜାତିସଂଘ ଆନୁକୂଲ୍ୟରେ 'ପରିବେଶ ଓ ବିକାଶ କମିଶନ' ୧୯୮୭ ମସିହାରେ ଏହି 'ନିରନ୍ତର ବିକାଶ' (Sustainable Development)କୁ ପ୍ରୋତ୍ସାହନ ଦେଇଥିଲା । ବ୍ରୁଣ୍ଟଲାଣ୍ଡ ରିପୋର୍ଟ (Brundtland Report) ମାଧ୍ୟମରେ ଏହି ପ୍ରକାର ବିକାଶ ସପକ୍ଷରେ କୁହାଯାଇଥିଲା । ଏହି ରିପୋର୍ଟର ଶିରୋନାମା ଥିଲା 'ଆମର ସାମୂହିକ ଭବିଷ୍ୟତ' (Our Common Future) । ଏହି ରିପୋର୍ଟରେ 'ନିରନ୍ତର ବିକାଶ'ର ଏକ ନିର୍ଦ୍ଦିଷ୍ଟ ସଂଜ୍ଞା ନିରୂପିତ ହୋଇଥିଲା । ତାହା ହେଲା– 'ସେହି ବିକାଶକୁ ଆମେ ନିରନ୍ତର ବିକାଶ କହିବା ଯେଉଁଥିରେ ବର୍ତ୍ତମାନର ମାନବସମାଜର ଆବଶ୍ୟକତାକୁ ପୂରଣ କରାଯିବା ଓ ତା ସହିତ ଭବିଷ୍ୟତ ବଂଶଧରମାନଙ୍କର ସେମାନଙ୍କର ଆବଶ୍ୟକତା ପୂରଣ ପାଇଁ ସକ୍ଷମତାକୁ ଜଳାଞ୍ଜଳି ଦିଆଯିବ ନାହିଁ ।' ଏଣୁ ଏହି ପ୍ରକାର ବିକାଶ ବର୍ତ୍ତମାନ ସମାଜର ସ୍ୱାର୍ଥ ରକ୍ଷା ସହିତ ଭବିଷ୍ୟତ ପିଢ଼ିର ମାନବ ସମାଜର ସ୍ୱାର୍ଥକୁ ମଧ୍ୟ ରକ୍ଷା କରେ । ପରିବେଶ ଉପରେ ପର୍ଯ୍ୟବସିତ ବିକାଶ – ପ୍ରତିରୂପ ଏହି ନୀତି ଉପରେ ଆଧାରିତ । ଏଥିରେ ମଧ୍ୟ ମାନବ ସମାଜ ସହିତ ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଜଗତର କଲ୍ୟାଣକୁ ଧ୍ୟାନ ଦିଆଯାଏ । କାରଣ ମଣଷର ସ୍ଥିତି ଓ ଜୀବନ ଅନ୍ୟାନ୍ୟ ପ୍ରାଣୀ ଓ ଉଦ୍ଭିଦ ଜଗତ ସହିତ ଜଡ଼ିତ ।

**ବିଶ୍ୱ ଉତ୍ତପ୍ତତା ଏବଂ ଜଳବାୟୁପରିବର୍ତ୍ତନ (Global worming and Climate change) :**

ବର୍ତ୍ତମାନ ବିଶ୍ୱର ସବୁଠାରୁ ଉଦ୍‌ବେଗ ଜନକ ବିଷୟ ହେଉଛି ବିଶ୍ୱ ଉତ୍ତପ୍ତତା ଓ ଜଳବାୟୁ ପରିବର୍ତ୍ତନ । ଏହି ବିଷୟ ନେଇ ପରିବେଶବିତ, ରାଷ୍ଟ୍ରନାୟକ, ରାଷ୍ଟ୍ରନୀତିଜ୍ଞ ଓ ଅର୍ଥନୀତିଜ୍ଞ ସମସ୍ତେ ଚିନ୍ତିତ । ବିଶ୍ୱ ଉତ୍ତପ୍ତତା ପ୍ରଧାନ କାରଣ ହେଲା ପରିବେଶକ୍ଷୟ । ଏକ ସମୀକ୍ଷାରୁ ଜଣାଯାଇଛି ଯେ, ପୃଥିବୀର ଉତ୍ତାପ ବିଗତ ଶତାବ୍ଦୀରେ ପ୍ରାୟ ୦.୬° ସେଣ୍ଟିଗ୍ରେଡ୍ ବୃଦ୍ଧି ପାଉଛି ଏବଂ ବୈଜ୍ଞାନିକମାନେ ଆଶଙ୍କା ପ୍ରକାଶ କରୁଛନ୍ତି ଯେ ଏହି ଚଳିତ ଶତାବ୍ଦୀର ଶେଷ ବେଳକୁ ଏହା ପ୍ରାୟ ୪° ସେଣ୍ଟିଗ୍ରେଡ୍ ବୃଦ୍ଧି ପାଇବ । ପୃଥିବୀର ଉତ୍ତାପ ବଢ଼ିବା ହେତୁ ଜଳବାୟୁରେ

ମଧ୍ୟ ପରିବର୍ତ୍ତନ ଦେଖା ଦେଇଛି । ଜଳବାୟୁ ପରିବର୍ତ୍ତନର ଅନୁଧ୍ୟାନ କରିବା ପାଇଁ ପଚାଶଟି ରାଷ୍ଟ୍ରର ପ୍ରାୟତଃ ଦୁଇହଜାର ବୈଜ୍ଞାନିକଙ୍କୁ ନେଇ ଏକ ଆନ୍ତଃ-ସରକାରୀ ମଣ୍ଡଳୀ (Inter government panel for climate change) ଗଠନ କରା ଯାଇଥିଲା । ଏହି IPCC ର ଏକ ମୂଲ୍ୟାୟନ ରିପୋର୍ଟ ୧୯୯୫ ମସିହା ଡିସେମ୍ବର ମାସରେ ପ୍ରକାଶିତ ହୋଇଥିଲା । ଏହି ରିପୋର୍ଟରେ ବିଶ୍ୱ ଉତ୍ତପ୍ତତା ଓ ଜଳବାୟୁ ପରିବର୍ତ୍ତନର ଭୟାବହ ପରିଣାମ ବିଷୟରେ ସତର୍କ କରାଯାଇଛି । ମିଳିତ ଜାତିସଂଘ ଆନୁକୂଲ୍ୟରେ ବିଭିନ୍ନ ପରିବେଶ ସମ୍ପର୍କିତ ଗବେଷଣା, ରିଓ ସମ୍ମିଳନୀ, ଦକ୍ଷିଣ କୋରିଆରେ ଅନୁଷ୍ଠିତ ପୃଥିବୀ ସମ୍ମିଳନୀ (Earth summit) ଏବଂ କ୍ୟୋଟୋ ଆଚାରସଂହିତା (Kyoto Protocol) ରେ ମଧ୍ୟ ବିଶ୍ୱ ଉତ୍ତପ୍ତତା ଓ ଜଳବାୟୁ ପରିବର୍ତ୍ତନ ନେଇ ଉଦ୍‌ବେଗ ପ୍ରକାଶ ପାଇଛି ।

**ସବୁଜଗୃହ ପ୍ରଭାବ (Green house effect) ଏବଂ ବିଶ୍ୱ ଉତ୍ତପ୍ତତା :**

ପ୍ରାକୃତିକ ସମ୍ପଳର ଦୁରୁପଯୋଗ ଯୋଗୁ ପରିବେଶ ନଷ୍ଟ ହେଉଛି ଏବଂ ତା'ର ଏକ ପ୍ରତିଫଳନ ହେଉଛି ସବୁଜଗୃହ ପ୍ରଭାବ । ମଣିଷର କୃଷି ଓ ଶିଳ୍ପଜନିତ କାର୍ଯ୍ୟକଳାପ ଯୋଗୁ ପରିବେଶ ସନ୍ତୁଳନ ନଷ୍ଟ ହୋଇଛି । ଜଙ୍ଗଲକ୍ଷୟ ଏବଂ ଜୀବାଶ୍ମ ଜାଳେଣି (Fossil fuel)ର ଅତ୍ୟଧିକ ବ୍ୟବହାର ଯୋଗୁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବଢ଼ିବାରେ ଲାଗିଛି । ଏହି ଅଙ୍ଗାରକାମ୍ଳ (Carbon dioxide) ଏକ ସବୁଜଗୃହ ଗ୍ୟାସ୍ ବା ଉତ୍ତପ୍ତ ଗୃହ ଗ୍ୟାସ୍ । ଅନ୍ୟାନ୍ୟ ସବୁଜଗୃହ ଗ୍ୟାସ୍ ହେଲା ମିଥେନ, ନାଇଟ୍ରସ୍ ଅକ୍‌ସାଇଡ୍, କ୍ଲୋରୋଫ୍ଲୁରୋ କାରବନ୍ (chloroflurocarbon) ଇତ୍ୟାଦି । ବିଭିନ୍ନ କଳକାରଖାନା ଓ ତାପଜ କେନ୍ଦ୍ରରୁ ଏହିସବୁ ଗ୍ୟାସ୍ ବାହାରିଥାଏ । ଏହି ସବୁ ଗ୍ୟାସ୍‌ର ମାତ୍ରା ଅଧିକ ହେଲେ ଉତ୍ତପ୍ତତା ବଢ଼ିଥାଏ ଏବଂ ଆଜି ପୃଥିବୀରେ ତାହାହିଁ ଘଟିଛି ।

**ବିଶ୍ୱ ଉତ୍ତପ୍ତତାର କ୍ଷତିକାରକ ପ୍ରଭାବ :**

ବିଶ୍ୱ ଉତ୍ତପ୍ତତାର କୁପ୍ରଭାବ ବିଭିନ୍ନ ଭାବରେ ପରିଲକ୍ଷିତ ହୁଏ । ଏହାଦ୍ୱାରା ଜଳବାୟୁରେ ପରିବର୍ତ୍ତନ ଘଟେ । ସମୁଦ୍ରର ଜଳସ୍ତର ବଢ଼ିଥାଏ; କୃଷିଜାତ ଦ୍ରବ୍ୟର ଉତ୍ପାଦନରେ ହ୍ରାସ ଘଟେ; ଏବଂ ଉତ୍ତପ୍ତତା ହେତୁ ବାୟୁମଣ୍ଡଳର ଜଳକଣା ଧାରଣର କ୍ଷମତା ବଢ଼ିଥାଏ । ଟ୍ରୋପୋସ୍ଫିୟର (Troposphere)ର ଉତ୍ତାପ ଏହାର ଉପରେ ଥିବା ଷ୍ଟ୍ରାଟୋସ୍ଫିୟର (Stratosphere)ର ଉତ୍ତାପ ଅପେକ୍ଷା ଅଧିକ ରୁହେ ।

(i) ଏଥିଯୋଗୁ ବୃଷ୍ଟିପାତରେ ପରିବର୍ତ୍ତନ ଦେଖାଦିଏ । ନଦୀ ବଢ଼ି ଓ ମରୁଡ଼ିର ସମ୍ଭାବନା ଅଧିକ ହୁଏ ।

(ii) ଏହି ପରିବର୍ତ୍ତନର ପ୍ରଭାବରେ ମଣିଷ ମଧ୍ୟ ଅନେକ ପ୍ରକାର ରୋଗର ଶିକାର ହୁଏ । ଏହି ଉତ୍ତପ୍ତତା ଯୋଗୁ ପୃଥିବୀର ମେରୁ ଅଞ୍ଚଳରେ ବରଫ ତରଳିବାକୁ ଆରମ୍ଭ କରେ ଏବଂ ଅଧିକ ଜଳ ସମୁଦ୍ରକୁ ପ୍ରବାହିତ ହୋଇ ସମୁଦ୍ରର ଜଳ ପତନ ବୃଦ୍ଧି କରାଏ । ଏଣୁ ସମୁଦ୍ର ତଟରେ ଥିବା ଜନଜୀବନ ପ୍ରଭାବିତ ହୁଏ । ଉଦ୍ଭିଦ ଜଗତ ମଧ୍ୟ ଏହାର କୁପ୍ରଭାବରୁ ବାଦ୍ ପଡ଼େ ନାହିଁ ।

(iii) କୃଷିଜାତ ଦ୍ରବ୍ୟର ଉତ୍ପାଦନରେ ହ୍ରାସ ଘଟିଥାଏ । ଉଦ୍ଭିଦମାନେ ମଧ୍ୟ ରୋଗାକ୍ରାନ୍ତ ହୋଇପଡ଼ନ୍ତି । ଅନାବନା ତୃଣ ବୃଦ୍ଧି ପାଆନ୍ତି ।

(iv) ବିଶ୍ୱର ତାପମାତ୍ରାରେ ପରିବର୍ତ୍ତନ ଆସିବା ଦ୍ୱାରା ଜୀବଜଗତ ପ୍ରଭାବିତ ହୁଅନ୍ତି । ଏହାର ପ୍ରଭାବରେ ଅନେକ ଜୀବଜନ୍ତୁ ଓ ବୃକ୍ଷଲତା ଧ୍ୱଂସାଭିମୁଖୀ ହୁଅନ୍ତି । ଯେଉଁ ପ୍ରାଣୀ ଓ ଉଦ୍ଭିଦ ଜଳବାୟୁ ପରିବର୍ତ୍ତନ ସହିତ ଖାପଖୁଆଇ ପାରନ୍ତି ନାହିଁ ସେମାନେ ପୃଥିବୀ ପୃଷ୍ଠରୁ ନିଶ୍ଚିହ୍ନ ହୁଅନ୍ତି ।

**ବିଶ୍ୱ ଉତ୍ତପ୍ତତାର ପ୍ରତିକାର:**

ଏହି ବିଶ୍ୱ ଉତ୍ତପ୍ତତା ସମସ୍ୟା ଏକ ବିଶ୍ୱବ୍ୟାପୀ ସମସ୍ୟା ହୋଇଥିବା ହେତୁ ସମସ୍ତ ରାଷ୍ଟ୍ର ଏହାର ନିରାକରଣ ପାଇଁ ଚେଷ୍ଟିତ । ବିଭିନ୍ନ ସ୍ତରରେ ଏ ସମସ୍ୟାର ସମାଧାନ ପାଇଁ ପ୍ରଚେଷ୍ଟା ଜାରୀ ରହିଛି । ଆନ୍ତର୍ଜାତିକ ସ୍ତରରେ ଉଭୟ ବିକାଶଶୀଳ ଓ ବିକଶିତ ରାଷ୍ଟ୍ର ସବୁଜଗୃହ ଗ୍ୟାସ୍‌ର ନିଃସରଣ ଉପରେ କଟକଣା ଲଗାଇବା ପାଇଁ ଉଦ୍ୟମ କରୁଛନ୍ତି । ବୈଷୟିକ କ୍ଷେତ୍ରରେ ଯେଉଁ ରାଷ୍ଟ୍ରମାନେ ସମୃଦ୍ଧ ସେମାନେ ପ୍ରଦୂଷଣ ସ୍ତରକୁ ନିୟନ୍ତିତ କରିବା ପାଇଁ ନୂଆ ନୂଆ କୌଶଳ ଉଦ୍ଭାବନ କରୁଛନ୍ତି । ଉଭୟ ଧନୀ ଓ ଗରିବ ରାଷ୍ଟ୍ର ପ୍ରଦୂଷଣ ନିୟନ୍ତଣ ପାଇଁ ବ୍ୟବସ୍ଥାମାନ ଗ୍ରହଣ କରୁଛନ୍ତି । ଶକ୍ତି ଉତ୍ପାଦନ କ୍ଷେତ୍ରରେ ସୌର ଶକ୍ତି, ପବନ ଶକ୍ତି ଏବଂ ଭୂତାପଜ ଶକ୍ତି ଭଳି ନବୀକରଣୀୟ ଶକ୍ତିଉତ୍ସ ଉପରେ ନିର୍ଭର କରାଯାଉଛି । ଉଦାହରଣ ସ୍ୱରୂପ ୨୦୦୭ ମସିହାରେ ଆୟରଲ୍ୟାଣ୍ଡରେ ସାମୁଦ୍ରିକ ଢ଼ୁଆରରୁ ଶକ୍ତି ଉତ୍ପନ୍ନ ପାଇଁ ଏକ ଟର୍‌ବାଇନ୍ ସ୍ଥାପିତ ହୋଇଥିଲା । ଏଥିରୁ ୧.୨ ମେଗାୱାଟ୍ ଶକ୍ତି ଉତ୍ପନ୍ନ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ସେହିପରି ବ୍ରିଟିଶ୍ ପେଟ୍ରୋଲିୟମ୍ ଘର ଛାତ ଉପରେ ୧ ନିୟୁତ ସୌର କୋଷ ସ୍ଥାପନ କରିଥିଲା ଏବଂ ଏଥିରୁ ସୌରଶକ୍ତି ଉତ୍ପନ୍ନ ହେଉଥିଲା । IPCC ଓ କ୍ଲିଣ୍ଟନ୍ ଜଳବାୟୁ ସତର୍କତା ଯୋଜନା (Clinton climate watch plan) ର ମିଳିତ ଉଦ୍ୟମରେ ୩୫୦୦ ମେଗାୱାଟ୍ କ୍ଷମତା ସମ୍ପନ୍ନ ଦୁଇଟି ସୌର ତାପଜ ଶକ୍ତି କେନ୍ଦ୍ର ନିର୍ମାଣ ହେବାର ଯୋଜନା ଥିଲା । ଏହିପରି ଅନ୍ତର୍ଜାତିକ ସ୍ତରରେ ଅନେକ ପ୍ରକଳ୍ପ ବିଶ୍ୱଉତ୍ତାପ ନିୟନ୍ତଣ ପାଇଁ ଆରମ୍ଭ ହୋଇଥିଲା । ନିର୍ବିଚାର ସହରୀକରଣ ଓ ଶିଳ୍ପାୟନ ପାଇଁ ହେଉଥିବା ଜଙ୍ଗଲକ୍ଷୟ ଓ ଭୂମି ନଷ୍ଟକୁ ରୋକିବା ପାଇଁ ଜାତୀୟ ସ୍ତରରେ ଅନେକ ନୀତି ପ୍ରଣୟନ କରାଯାଉଛି । ସରକାର ପ୍ରଦୂଷଣ ନିୟନ୍ତଣ ବୋର୍ଡ଼ ଗଠନ କରିଛନ୍ତି ଏବଂ ଏମାନଙ୍କର କାମ ହେଲା ପରିବେଶ ପ୍ରଦୂଷଣ ରୋକିବା ଲାଗି ବିହିତ ପଦକ୍ଷେପମାନ ନେବା । ଯେଉଁ ଦେଶରେ ତୈଳର ଅଭାବ ସେମାନେ ଚାରିଚକିଆ ଓ ଦୁଇଚକିଆ ଯାନର ବ୍ୟବହାରରେ ଅଙ୍କୁଶ ଲଗାଇଛନ୍ତି । ସ୍ଥାନୀୟ ସ୍ତରରେ ପରିବେଶ ସଂରକ୍ଷଣ ଲାଗି ଅନେକ ବ୍ୟବସ୍ଥା ଗ୍ରହଣ କରାଯାଉଛି । ବଡ଼ ଆକାରରେ ବୃକ୍ଷରୋପଣ କରାଯାଉଛି । ଚାଷଜମିର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉଛି । ଅନେକ ଦେଶରେ ସ୍ଥାନୀୟ ସରକାର ଘର ପିଛା ଶକ୍ତି ବ୍ୟବହାରରେ କଟକଣା ଜାରି କରିଛନ୍ତି । ଲୋକମାନଙ୍କ ମଧ୍ୟରେ ପରିବେଶ ସଚେତନତାର ବୃଦ୍ଧି ନିମନ୍ତେ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ପଦଯାତ୍ରା, ସଭାସମିତି, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ପରିବେଶ ସଂରକ୍ଷଣର ବାର୍ତ୍ତା ଦିଆଯାଉଛି ।

ବ୍ୟକ୍ତିଗତ ସ୍ତରରେ ମଧ୍ୟ ପରିବେଶ ସୁରକ୍ଷା ପାଇଁ ଉଦ୍ୟମ କରାଯାଇପାରିବ । ଯଥାର୍ଥରେ କୁହାଯାଇଛି, ବିଶ୍ୱସ୍ତରୀୟ ଚିନ୍ତା କର ଏବଂ ସ୍ଥାନୀୟ ସ୍ତରରେ କାର୍ଯ୍ୟକର (Think globlally and act locally) । ଲୋକମାନେ ଚାହିଁଲେ ପରିବେଶର ପ୍ରକୃତ ବନ୍ଧୁ ହୋଇପାରିବେ । ଏବେ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସ୍ୱୟଂ-ସହାୟକ ଗୋଷ୍ଠୀ ବିଶେଷକରି ଅଳ୍ପ-ରୋଜଗାରକ୍ଷମ ପରିବାରର ମୌଳିକ ଆବଶ୍ୟକତାକୁ ପୂରଣ କରିବାକୁ ପ୍ରୟାସ କରୁଛନ୍ତି ଏବଂ ଲୋକମାନଙ୍କୁ ସରଳ ଜୀବନ ଯାପନ ପାଇଁ ଉତ୍ସାହିତ କରୁଛନ୍ତି । ଲୋକମାନେ ଚାହିଁଲେ ଘରୋଇ-ସ୍ତରରେ

ଶକ୍ତିସଂରକ୍ଷଣ କରିପାରିବେ। ଶୀତତାପ ନିୟନ୍ତ୍ରଣ ଯନ୍ତ୍ର ଏବଂ ଅନ୍ୟାନ୍ୟ ପରିବେଶକୁ ଦୂଷିତ କରୁଥିବା ସାମଗ୍ରୀ ଓ ଯନ୍ତ୍ରପାତିର ବ୍ୟବହାରକୁ ଏଡ଼ାଇପାରିବେ। ପ୍ଲାଷ୍ଟିକ୍ ସାମଗ୍ରୀର ବ୍ୟବହାରକୁ କମାଇ ପାରିବେ। ନିଜର ସରଳ, ନିରାଡ଼ମ୍ବର ଜୀବନ ଯାପନ ମାଧ୍ୟମରେ ପରିବେଶ ସନ୍ତୁଳନ ରକ୍ଷା କରିପାରିବେ। ଯଦି ଅନ୍ତର୍ଜାତିକ, ଜାତୀୟ, ସ୍ଥାନୀୟ ଓ ବ୍ୟକ୍ତିଗତ ସ୍ତରରେ ସାବଧାନତା ଅବଲମ୍ବନ କରାଯିବ ତେବେ ବିଶ୍ୱ ଉତ୍ତପ୍ତତାକୁ ପ୍ରତିରୋଧ କରିହେବ ଏବଂ ପୃଥିବୀକୁ ପାରିପାର୍ଶ୍ୱିକ ବିପଦରୁ ରକ୍ଷା କରିହେବ।

**ଉପସଂହାର :**

ଦେଶ ପାଇଁ ବିକାଶ ଯୋଜନାର ଆବଶ୍ୟକତା ନିଶ୍ଚିତ ଭାବରେ ରହିଛି। କିନ୍ତୁ ବିକାଶ ପ୍ରକଳ୍ପ କଥା ଭାବିବା ସହିତ ଏହାର ପାରିପାର୍ଶ୍ୱିକ ଦିଗଟିକୁ ମଧ୍ୟ ଯତ୍ନର ସହିତ ବିଚାରକୁ ନେବା ଆବଶ୍ୟକ। ୧୯୫୭ ମସିହାରେ ଆମ ଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହେରୁ ଲେଖିଥିଲେ– "ଆମ ଇଞ୍ଜିନିୟରମାନେ ଅତି ଯତ୍ନର ସହିତ ଅନେକ ନଦୀ ଉପତ୍ୟକା ପ୍ରକଳ୍ପ କରିଛନ୍ତି। ହେଲେ ଏହି ପ୍ରକଳ୍ପରୁ କାର୍ଯ୍ୟକାରୀ କରିବା ପୂର୍ବରେ ସେହି ଅଞ୍ଚଳର ପରିବେଶ ବିଷୟରେ କେତେ ଧ୍ୟାନ ଦେଇଛନ୍ତି ତାହା ଭାବିବା କଥା। ଏହି ପ୍ରକଳ୍ପ ଦ୍ୱାରା ସେହି ଅଞ୍ଚଳର ନିଷ୍କାସନ ବ୍ୟବସ୍ଥା ଏବଂ ଜୀବଜନ୍ତୁ ଓ ବୃକ୍ଷଲତା କେତେଦୂର ପ୍ରଭାବିତ ହେଇଛନ୍ତି ସେ ବିଷୟରେ ଚିନ୍ତା କରିବା ଦରକାର। ପ୍ରତ୍ୟେକ ପ୍ରକଳ୍ପ ଦ୍ୱାରା ସେହି ଅଞ୍ଚଳର ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ଜୀବଜନ୍ତୁ ଓ ବୃକ୍ଷଲତା କେତେଦୂର ପ୍ରଭାବିତ ହୋଇଛନ୍ତି ସେ ବିଷୟରେ ଚିନ୍ତା କରିବା ଦରକାର। ପ୍ରତ୍ୟେକ ପ୍ରକଳ୍ପକୁ ଆରମ୍ଭ କରିବା ପୂର୍ବରୁ ସେହି ଅଞ୍ଚଳର ପରିବେଶ ସଂରକ୍ଷଣ ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ। ତେବେ ଯାଇ ଆମେ ପ୍ରାକୃତିକ ଅସନ୍ତୁଳନକୁ ଏଡ଼ାଇ ପାରିବା।" ପ୍ରକୃତିର ମାତ୍ରାଧିକ ବ୍ୟବହାର ବାଞ୍ଛନୀୟ ନୁହେଁ। ଏହାକୁ ଯତ୍ନର ସହିତ ବ୍ୟବହାର କରିବା ବିଧେୟ। ପରିବେଶର ଅବନତି ମାନବ ସମାଜର ଅନେକ କ୍ଷତି ଘଟାଇଥାଏ। ବିଶ୍ୱ ଉତ୍ତପ୍ତତା ଓ ଜଳବାୟୁ ପରିବର୍ତ୍ତନ ତନ୍ମଧ୍ୟରୁ ଗୋଟିଏ। ରାଷ୍ଟ୍ରର ବିକାଶ ନୀତି ପରିବେଶ ସଂରକ୍ଷଣକୁ ଆଖି ଆଗରେ ରଖି ପ୍ରସ୍ତୁତ ହେବା ଉଚିତ। ଅର୍ଥନୈତିକ ପ୍ରଗତି ଓ ପରିବେଶ ସଂରକ୍ଷଣ ହାତ ଧରାଧରି ହୋଇ ଚାଲିବା ଆବଶ୍ୟକ। ନିରନ୍ତର ବିକାଶ (Sustainable Development) ପ୍ରତ୍ୟେକ ରାଷ୍ଟ୍ରର ଆଭିମୁଖ୍ୟ ହେବା ଜରୁରୀ। ପରିବେଶକୁ କ୍ଷତି ପହଞ୍ଚାଇ ବିଶ୍ୱ ଉତ୍ତପ୍ତତା ଭଳି ପାରିପାର୍ଶ୍ୱିକ ସମସ୍ୟାକୁ ନିମନ୍ତ୍ରଣ କରୁଥିବା ମାନବିକ କାର୍ଯ୍ୟକଳାପକୁ ରାଷ୍ଟ୍ର କଠୋର ଆଇନ ପ୍ରଣୟନ କରି ନିୟନ୍ତ୍ରଣ କରିବା ଆବଶ୍ୟକ। ତେବେ ଯାଇ ଆମେ ଆମର ଏ ସୁନ୍ଦର ପୃଥିବୀକୁ ରକ୍ଷା କରିପାରିବା।

## ସଂକ୍ଷିପ୍ତ ସୂଚନା

- ⇨ ସମଗ୍ର ବିଶ୍ୱରେ ପରିବେଶ ସଂକଟ ଦେଖାଦେଇଛି।
- ⇨ ଶକ୍ତି ସମସ୍ୟା, ଖାଦ୍ୟ ସମସ୍ୟା, ଜନସଂଖ୍ୟା ସମସ୍ୟା, ଜଙ୍ଗଲକ୍ଷୟ, ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ ଭଳି ପରିବେଶ ଜନିତ ସମସ୍ୟା ନେଇ ସମଗ୍ର ବିଶ୍ୱରେ ଉଦ୍‌ବେଗ ପ୍ରକାଶ ପାଇଛି।
- ⇨ ବୈଜ୍ଞାନିକ ଓ ପରିବେଶବିତ୍‌ମାନେ ଚେତାବନୀ ଦେଇସାରିଲେଣି ଯେ ପରିବେଶର ଉପଯୁକ୍ତ ଯତ୍ନ ନ ନେଲେ ଆମର ପୃଥିବୀ ବିପନ୍ନ ହେବ ଏବଂ ତତ୍‌ସହିତ ଆମର ସ୍ଥିତି ପ୍ରତି ବିପଦ ସୃଷ୍ଟି ହେବ।

⇨ ପ୍ରକୃତି ଉପରେ ଅତ୍ୟାଚାର ହିଁ ପରିବେଶ ପ୍ରଦୂଷଣର ମୁଖ୍ୟ କାରଣ। ଏଣୁ ଏହାକୁ ଉପଯୁକ୍ତ ଭାବରେ ବିନିଯୋଗ କରିବା ଆବଶ୍ୟକ।

⇨ ବିକାଶ ଓ ପରିବେଶ ଉପରେ ଆଲୋଚନା ଓ ପର୍ଯ୍ୟାଲୋଚନା ହେଉଛି।

⇨ ଯେକୌଣସି ବିକାଶ ପ୍ରକଳ୍ପର ସମ୍ବଳାଧାର ହେଉଛି ପରିବେଶ।

⇨ ମାର୍କସ୍‌ବାଦୀ ଓ ପୁଞ୍ଜିବାଦୀ ମଡ଼େଲ ଭଳି ବିକାଶ ମଡ଼େଲ ଗୁଡ଼ିକ ବିକାଶର ଅର୍ଥନୈତିକ ପ୍ରଭାବ ଉପରେ ହିଁ ଗୁରୁତ୍ୱ ଦେଇଥାନ୍ତି ଏବଂ ଅର୍ଥନୈତିକ ଦୃଷ୍ଟିକୋଣରୁ ଏହାର ବିଶ୍ଳେଷଣ କରନ୍ତି।

⇨ ବର୍ତ୍ତମାନ ସମୟ ଆସିଛି, ଆମେ ନିରନ୍ତର ବିକାଶ (Sustainable Development) ବିଷୟରେ ହିଁ ଚିନ୍ତା କରିବା ଦରକାର। ଏହାର ଅର୍ଥ ହେଲା ଆମେ ପ୍ରାକୃତିକ ସମ୍ବଳକୁ ଆମର ବିକାଶ ପାଇଁ ବିନିଯୋଗ କଲାବେଳେ ଭବିଷ୍ୟତ ବଂଶଧରମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖିବା। ଆମେ ଏପରି କିଛି କରିବା ନାହିଁ ଯାହାଦ୍ୱାରା କି ଭବିଷ୍ୟତ ପିଢ଼ିର ଲୋକମାନେ ଏଥିରୁ ବଞ୍ଚିତ ହେବେ।

⇨ ପ୍ରକୃତ ବିକାଶ ଓ ପରିବେଶ ସଂରକ୍ଷଣ ଏକାଠି ଚାଲନ୍ତି। ସେମାନଙ୍କର ସମ୍ପର୍କ ସୌହାର୍ଦ୍ଦ୍ୟପୂର୍ଣ୍ଣ।

⇨ ବିଶ୍ୱବାସୀଙ୍କ ପାଇଁ ସବୁଠାରୁ ଚିନ୍ତାର ବିଷୟ ହେଉଛି ବିଶ୍ୱଉତ୍ତପ୍ତତା ଓ ଜଳବାୟୁ ପରିବର୍ତ୍ତନ।

⇨ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଗ୍ୟାସ୍, ମିଥେନ୍, ନାଇଟ୍ରସ୍ ଅକ୍‌ସାଇଡ୍ ଭଳି ସବୁଜ ଗୃହ ଗ୍ୟାସ୍‌ର ବୃଦ୍ଧି ହେତୁ ପୃଥିବୀର ତାପମାତ୍ରା ବଢ଼ି ବଢ଼ି ଯାଉଛି। ଏହା ଯୋଗୁ ଜଳବାୟୁରେ ପରିବର୍ତ୍ତନ ଘଟୁଛି ଏବଂ ଜୀବଜଗତ ଉପରେ ତା'ର କୁପ୍ରଭାବ ପରିଲକ୍ଷିତ ହେଉଛି।

⇨ ବିଶ୍ୱ ଉତ୍ତପ୍ତତା ଓ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟାର ସମାଧାନ ପାଇଁ ଅନ୍ତର୍ଜାତୀକ, ଜାତୀୟ, ସ୍ଥାନୀୟ ଓ ବ୍ୟକ୍ତିଗତ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି।

⇨ ପରିବେଶ ସଂରକ୍ଷଣକୁ ଦୃଷ୍ଟିରେ ରଖି ବିକାଶ ଯୋଜନା କରାଗଲେ ଆମେ ପରିବେଶର ଉପଯୁକ୍ତ ସଂରକ୍ଷଣ ସହିତ ଆମର ପ୍ରିୟ ପୃଥିବୀକୁ ଧ୍ୱଂସମୁଖରୁ ବଞ୍ଚାଇ ପାରିବା।

## ବ୍ୟବହୃତ ଶବ୍ଦ

ସବୁଜଗୃହ ପ୍ରଭାବ- ଅଙ୍ଗାରକାମ୍ଳ, କ୍ଲୋରୋଫ୍ଲୋରୋକାର୍ବନ, ମିଥେନ, ନାଇଟ୍ରିକ ଅକ୍ସାଇଡ ଭଳୀ ସବୁଜଗୃହ ଗ୍ୟାସର ବୃଦ୍ଧି ଯୋଗୁଁ ବାୟୁମଣ୍ଡଳ ଉତ୍ତପ୍ତ ହେବା ।

ପରିବେଶ ବିଜ୍ଞାନ- ପ୍ରଣୀଜଗତ ସହିତ ଜୈବିକ ଅଣଜୈବିକ ପରିବେଶ ସମ୍ପର୍କରେ ଅଧ୍ୟୟନ ।

ପ୍ରତିରୂପ- ଅନୁକରଣୀୟ ଉଦାହରଣ ।

ସହରୀକରଣ- ଏହା ଏକ ପ୍ରଣାଳୀ ଯେଉଁଥିରେ ସହରାଞ୍ଚଳର ବୃଦ୍ଧି ଘଟିବ ।

## ଆଦର୍ଶ ପ୍ରଶ୍ନାବଳୀ

### 'କ' ବିଭାଗ

୧. ନିମ୍ନୋକ୍ତ କେଉଁ ଉକ୍ତିଟି ଠିକ୍ :

(କ) ବିକାଶର ପୁଞ୍ଜିବାଦୀ ମଡ଼େଲ ନିରନ୍ତର ବିକାଶ (Sustainable Development) ଉପରେ ଗୁରୁତ୍ୱ ଦିଏ।

(ଖ) ନୂତନ ମାର୍କ୍ସବାଦୀୟ ବିକାଶ ମଡ଼େଲ 'ନିରନ୍ତର ବିକାଶ' ଉପରେ ଗୁରୁତ୍ୱ ଦିଏ।

(ଗ) ପରିବେଶୀୟ ମଡ଼େଲ୍ 'ନିରନ୍ତର ବିକାଶ' ଉପରେ ଗୁରୁତ୍ୱ ଆରୋପ କରେ।

(ଘ) ମାର୍କ୍ସବାଦୀ ମଡ଼େଲ 'ନିରନ୍ତର ବିକାଶ' ଉପରେ ପ୍ରାଧାନ୍ୟ ଦେଇଥାଏ।

(ଙ) ଜଗତୀକରଣ ମଡ଼େଲ 'ନିରନ୍ତର ବିକାଶ' ଉପରେ ଗୁରୁତ୍ୱ ଦିଏ।

୨. ନିମ୍ନୋକ୍ତ କେଉଁ ଉକ୍ତିଟି ଭୁଲ୍।

(କ) ଗାନ୍ଧିଜୀ କହିଥିଲେ ଯେ 'ମଣିଷର ଆବଶ୍ୟକତା ପୂରଣ ପାଇଁ ପ୍ରକୃତି ପାଖରେ ଯଥେଷ୍ଟ ଅଛି ହେଲେ ତା'ର ଲୋଭକୁ ମେଣ୍ଟାଇବାକୁ ନୁହେଁ।

(ଖ) ଜଙ୍ଗଲ କ୍ଷୟ ଯୋଗୁ ବିଶ୍ୱ ଉତ୍ତପ୍ତତା ଘଟେ।

(ଗ) ଅଜୈବିକ ସାର ବ୍ୟବହାର କରିବା ଦ୍ୱାରା ଭୂଖଣ୍ଡୀୟ ପ୍ରଦୂଷଣ ହୁଏ।

(ଘ) ନିରନ୍ତର ବିକାଶ (Sustainable Development) କେବଳ ବର୍ତ୍ତମାନର ପିଢ଼ିର ଲୋକମାନଙ୍କର ଚାହିଦା ମେଣ୍ଟାଏ। କିନ୍ତୁ ଭବିଷ୍ୟତ ବଂଶଧରମାନଙ୍କର ଆବଶ୍ୟକତାକୁ ଅବହେଳା କରେ।

(ଙ) ମଣିଷ ସମାଜ ଅନ୍ୟ ପ୍ରାଣୀ ଓ ଉଦ୍ଭିଦ ଜଗତ ଉପରେ ନିର୍ଭରଶୀଳ।

### 'ଖ' ବିଭାଗ

**କ୍ଷୁଦ୍ର ଉତ୍ତର ମୂଳକ ପ୍ରଶ୍ନ :**

୧. ପରିବେଶର ସଂଜ୍ଞା ନିରୂପଣ କର।

୨. ବାୟୁ ପ୍ରଦୂଷଣ କ'ଣ ?

୩. ଜଳ ପ୍ରଦୂଷଣ କ'ଣ ?

୪. ଶବ୍ଦ ପ୍ରଦୂଷଣ କ'ଣ ?

୫. ସବୁଜଗୃହ ପ୍ରଭାବ କ'ଣ ?

୬. ବିଶ୍ୱ ଉତ୍ତପ୍ତତା କ'ଣ ?

୭. ନିରନ୍ତର ବିକାଶର ଅର୍ଥ କ'ଣ ?

୮. ଜଳବାୟୁ ପରିବର୍ତ୍ତନ କ'ଣ ?

୯. ପରିବେଶ ବିଜ୍ଞାନର ସଂଜ୍ଞା ନିରୂପଣ କର।

## 'ଗ' ବିଭାଗ

**ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ :**

୧. ପରିବେଶ ପ୍ରଦୂଷଣ କାରଣ ସବୁର ଆଲୋଚନା କର।

୨. ବିକାଶର ବିଭିନ୍ନ ପ୍ରତିରୂପ (ମଡ଼େଲ) ବିଷୟରେ ଆଲୋଚନା କର।

୩. ଜଳବାୟୁ ପରିବର୍ତ୍ତନ କ'ଣ ? ଏହାର ପ୍ରଭାବ ସମ୍ପର୍କରେ ଲେଖ।

୪. ବିଶ୍ୱ ତାପମାତ୍ରାକୁ ନିୟନ୍ତ୍ରଣ କରିବାର ବିଭିନ୍ନ ପଦକ୍ଷେପ ବିଷୟରେ ଲେଖ।

୫. ପରିବେଶ ସଂରକ୍ଷଣର ଗୁରୁତ୍ୱ ଆଲୋଚନା କର।

❑❑❑